# ଶ୍ରୀଶ୍ରୀରାମକୃଷ୍ଣ କଥାମୃତ

ଶ୍ରୀମ–କଥିତ

## ଚତୁର୍ଥ ଭାଗ

''ତବ କଥାମୃତଂ ତପ୍ତ ଜୀବନଂ କବିଭିରୀଡ଼ିତଂ କଲ୍ମଷାପହମ୍ ।
ଶ୍ରବଣମଙ୍ଗଳଂ ଶ୍ରୀମଦାତତଂ ଭୁବି ଗୃଣନ୍ତି ଯେ ଭୁରିଦା ଜନାଃ ।।''
–ଶ୍ରୀମଭାଗବତ, ଗୋପୀଗୀତା

ରାମକୃଷ୍ଣ ମଠ
ଭୁବନେଶ୍ୱର

ପ୍ରକାଶକ
**ସ୍ୱାମୀ ଆତ୍ମପ୍ରଭାନନ୍ଦ**
ଅଧ୍ୟକ୍ଷ, ରାମକୃଷ୍ଣ ମଠ
ବିବେକାନନ୍ଦ ମାର୍ଗ
ଭୁବନେଶ୍ୱର-୭୫୧୦୦୨
ଫୋନ : (୦୬୭୪) ୨୪୩୦୦୫୯, ୨୪୩୨୦୨୮
Email : bhubaneswar@rkmm.org

**ସର୍ବସ୍ୱତ୍ୱ ସଂରକ୍ଷିତ**

**ଦ୍ୱିତୀୟ ସଂସ୍କରଣ : ୧୦ ଫେବୃଆରୀ ୨୦୦୮**
**ଦ୍ୱିତୀୟ ପୁନର୍ମୁଦ୍ରଣ : ୧୯ ଅକ୍ଟୋବର ୨୦୧୭**
ଶ୍ରୀଶ୍ରୀକାଳୀପୂଜା
୧୦୦୦

ଅନୁବାଦକ : **ସ୍ୱାମୀ ଭକ୍ତ୍ୟାନନ୍ଦ**

**ମୂଲ୍ୟ – ଟ. ୧୨୦.୦୦**

ମୁଦ୍ରାକର:
ହିନ୍ଦୁସ୍ଥାନ ପ୍ରିଣ୍ଟିଙ୍ଗ୍ ଏଣ୍ଡ୍ ବାଇଣ୍ଡିଂ ୱାର୍କସ୍
ଏ/୪୮, ରାମେଶ୍ୱର ପାଟଣା
ଭୁବନେଶ୍ୱର – ୨

***SRISRIRAMAKRISHNA KATHAMRUTA Vol. IV*** ; Published by Ramakrishna Math, Vivekananda Marg, Bhubaneswar-751 002; 2nd Edition 2nd Reprint on 19th October 2017; **Price: ₹. One Hundred & Twenty Only**.

# ଦ୍ୱିତୀୟ ସଂସ୍କରଣର ନିବେଦନ

ଭଗବାନ ଶ୍ରୀରାମକୃଷ୍ଣଦେବଙ୍କ କୃପାରୁ ତାଙ୍କର ମୁଖନିଃସୃତ ଭାଗବତୀ ବାଣୀ 'ଶ୍ରୀଶ୍ରୀରାମକୃଷ୍ଣ କଥାମୃତ' ପୁସ୍ତକର ଚତୁର୍ଥ ଭାଗର ତୃତୀୟ ସଂସ୍କରଣ ପ୍ରକାଶିତ ହେଲା । ସ୍ୱାମୀ ଭକ୍ତ୍ୟାନନ୍ଦ ଏହି ପୁସ୍ତକଟିକୁ ମୂଳ ବଙ୍ଗଳାରୁ ଓଡ଼ିଆ ଭାଷାରେ ଅନୁବାଦ କରି ଓଡ଼ିଶାବାସୀଙ୍କର ଯଥାର୍ଥ କଲ୍ୟାଣକାରୀ ହୋଇଛନ୍ତି ।

ଶ୍ରୀଶ୍ରୀରାମକୃଷ୍ଣ କଥାମୃତ ବର୍ତ୍ତମାନ ପୃଥିବୀର ପ୍ରାୟ ସମସ୍ତ ପ୍ରଧାନ ଭାଷାରେ ଅନୂଦିତ ହୋଇ ଅତ୍ୟନ୍ତ ଜନପ୍ରିୟ ଗ୍ରନ୍ଥରୂପେ ପରିଚିତ । ଓଡ଼ିଶାର ଜନସାଧାରଣ ଓ ଭକ୍ତମାନଙ୍କ ନିକଟରେ ଏହି ଭାଗଟି ବିଶେଷ ଆଦୃତ ହେବ ବୋଲି ଆମର ଦୃଢ଼ ବିଶ୍ୱାସ ।

ଭକ୍ତ ଶ୍ରୀମତୀ ନମିତ୍ରି ବିଶ୍ୱାଳ ପୁସ୍ତକର ପ୍ରଚ୍ଛଦପଟ ପାଇଁ ଅର୍ଥ ଦାନ କରିଛନ୍ତି । ଏହି ପରିମାର୍ଜିତ ସଂସ୍କରଣର ପ୍ରକାଶନରେ ଯେଉଁମାନେ ସହଯୋଗ କରିଛନ୍ତି, ସେମାନଙ୍କର ଉତ୍ତରୋତ୍ତର ଆଧ୍ୟାତ୍ମିକ ଉନ୍ନତି ପାଇଁ ଶ୍ରୀଭଗବାନଙ୍କ ନିକଟରେ ଆମେ ଆନ୍ତରିକ ପ୍ରାର୍ଥନା କରୁଛୁ ।

କାଗଜ, ମୁଦ୍ରଣ ଓ ଆନୁସଙ୍ଗିକ ଖର୍ଚ୍ଚର ବୃଦ୍ଧି ସତ୍ତ୍ୱେ ପୁସ୍ତକର ମୂଲ୍ୟ ଯଥାସମ୍ଭବ କମ୍ ରଖାଯାଇଛି ।

ସମସ୍ତଙ୍କର କଲ୍ୟାଣ ହେଉ—ଏହା ହିଁ ଭଗବାନଙ୍କ ନିକଟରେ ଆନ୍ତରିକ ପ୍ରାର୍ଥନା ।

ସ୍ୱାମୀ ତ୍ରିଗୁଣାତୀତାନନ୍ଦ ଜୟନ୍ତୀ
୧୦ ଫେବୃୟାରୀ ୨୦୦୮

॥ ଇତି ॥
**ପ୍ରକାଶକ**

# ସୂଚୀପତ୍ର


| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| ୧ | ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତମାନଙ୍କ ସଙ୍ଗରେ ଶ୍ରୀରାମକୃଷ୍ଣ | ୧ |
| ୨ | ଠାକୁର ଶ୍ରୀରାମକୃଷ୍ଣଙ୍କର ପ୍ରହ୍ଲାଦଚରିତ୍ରାଭିନୟ ଦର୍ଶନ | ୧୬ |
| ୩ | ଦକ୍ଷିଣେଶ୍ୱରରେ ଠାକୁର ଶ୍ରୀରାମକୃଷ୍ଣ ଓ 'ଦେବୀ ଚୌଧୁରାଣୀ' ପାଠ | ୨୬ |
| ୪ | ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣଙ୍କର ଜନ୍ମମହୋତ୍ସବ, ନରେନ୍ଦ୍ରାଦି ଭକ୍ତମାନଙ୍କ ସହିତ କୀର୍ତ୍ତନାନନ୍ଦ | ୩୭ |
| ୫ | ଗିରିଶଙ୍କ ବାସଭବନରେ ଜ୍ଞାନଭକ୍ତିସମନ୍ୱୟ କଥା | ୪୯ |
| ୬ | ଦୋଳଯାତ୍ରା ଦିନ ଦକ୍ଷିଣେଶ୍ୱରରେ ଭକ୍ତମାନଙ୍କ ଗହଣରେ ଶ୍ରୀରାମକୃଷ୍ଣ | ୬୦ |
| ୭ | ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ଭକ୍ତମାନଙ୍କ ଗହଣରେ | ୭୦ |
| ୮ | ଶ୍ରୀରାମକୃଷ୍ଣଙ୍କର ଭକ୍ତଗୃହକୁ ଆଗମନ ଓ ଭକ୍ତମାନଙ୍କର ଆନନ୍ଦ | ୮୨ |
| ୯ | କଲିକତାରେ ଭକ୍ତଙ୍କ ଗୃହରେ ଶ୍ରୀରାମକୃଷ୍ଣ | ୧୦୩ |
| ୧୦ | ଠାକୁର ଶ୍ରୀରାମକୃଷ୍ଣ ବଳରାମଙ୍କ ମନ୍ଦିରରେ ଭକ୍ତମାନଙ୍କ ଗହଣରେ | ୧୧୨ |
| ୧୧ | ଶ୍ରୀରାମକୃଷ୍ଣଙ୍କ କଲିକତାର ଭକ୍ତମାନଙ୍କ ଘରକୁ ଆଗମନ, ଶ୍ରୀଯୁକ୍ତ ଗିରିଶ ଘୋଷଙ୍କ ଘରେ ଉତ୍ସବ | ୧୩୫ |
| ୧୨ | ଶ୍ରୀରାମକୃଷ୍ଣ କଲିକତାରେ ବଳରାମ ବସୁଙ୍କ ମନ୍ଦିରରେ | ୧୪୬ |
| ୧୩ | ଶ୍ରୀରାମକୃଷ୍ଣ ରାମଙ୍କ ଗୃହରେ ଭକ୍ତମାନଙ୍କ ଗହଣରେ | ୧୫୯ |
| ୧୪ | ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱରରେ କ୍ୟାପ୍‌ଟେନ୍ ଓ ନରେନ୍ଦ୍ର ପ୍ରଭୃତିଙ୍କ ଗହଣରେ | ୧୬୪ |
| ୧୫ | ବଳରାମଙ୍କ ମନ୍ଦିରରେ ଶ୍ରୀଶ୍ରୀରଥଯାତ୍ରା | ୧୮୪ |
| ୧୬ | ଶ୍ରୀରାମକୃଷ୍ଣ କଲିକତା ନଗରୀରେ ଭକ୍ତମାନଙ୍କ ସଙ୍ଗରେ | ୨୦୭ |
| ୧୭ | ଭକ୍ତମନ୍ଦିରରେ ଶ୍ରୀରାମକୃଷ୍ଣ | ୨୧୭ |
| ୧୮ | ଦକ୍ଷିଣେଶ୍ୱରରେ ରାଖାଲ, ମାଷ୍ଟର, ମହିମାଚରଣ ପ୍ରଭୃତି ଭକ୍ତମାନଙ୍କ ଗହଣରେ | ୨୨୪ |
| ୧୯ | ମୌନାବଲମ୍ବୀ ଶ୍ରୀରାମକୃଷ୍ଣ ଓ ମାୟାଦର୍ଶନ | ୨୩୪ |
| ୨୦ | ଦକ୍ଷିଣେଶ୍ୱର ମନ୍ଦିରରେ ଜନ୍ମାଷ୍ଟମୀ ଦିନ ଭକ୍ତମାନଙ୍କ ଗହଣରେ | ୨୪୨ |
| ୨୧ | ଠାକୁର ଶ୍ରୀରାମକୃଷ୍ଣ ଶ୍ୟାମପୁକୁର ଘରେ ଭକ୍ତମାନଙ୍କ ଗହଣରେ | ୨୫୫ |
| ୨୨ | ଶ୍ରୀରାମକୃଷ୍ଣ, ଈଶାନ, ଡାକ୍ତର ସରକାର, ଗିରିଶ ପ୍ରଭୃତି ଭକ୍ତମାନଙ୍କ ଗହଣରେ ଶ୍ୟାମପୁକୁର ଘରେ ଆନନ୍ଦ ଓ କଥୋପକଥନ | ୨୬୬ |
| ୨୩ | ଶ୍ୟାମପୁକୁର ଘରେ ଡାକ୍ତର ସରକାର, ନରେନ୍ଦ୍ର, ଶଶୀ, ଶରତ୍, ମାଷ୍ଟର, ଗିରିଶ ପ୍ରଭୃତି ଭକ୍ତମାନଙ୍କ ଗହଣରେ | ୨୮୨ |
| ୨୪ | ଶ୍ୟାମପୁକୁର ଘରେ ନରେନ୍ଦ୍ର, ଡାକ୍ତର ସରକାର ଆଦିଙ୍କ ଗହଣରେ | ୨୯୧ |

# ଶ୍ରୀଶ୍ରୀରାମକୃଷ୍ଣ କଥାମୃତ

## ପ୍ରଥମ ପରିଚ୍ଛେଦ

### ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତମାନଙ୍କ ସଙ୍ଗରେ ଶ୍ରୀରାମକୃଷ୍ଣ

### (୧)

### ସନ୍ନ୍ୟାସୀ ସଞ୍ଚୟ କରିବେ ନାହିଁ

### ଠାକୁର 'ମଦ୍‌ଗତ ଅନ୍ତରାତ୍ମା'

ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ଅଛନ୍ତି । ସେ ନିଜ ଘରେ ଛୋଟ ଖଟଟି ଉପରେ ପୂର୍ବାସ୍ୟ ହୋଇ ବସିଛନ୍ତି । ଭକ୍ତଗଣ ତଳେ ବସିଛନ୍ତି । ଆଜି କାର୍ତ୍ତିକ ମାସର କୃଷ୍ଣା ସପ୍ତମୀ ୨୫ ଦିନ, ଇଂରାଜୀ ୯ ନଭେମ୍ବର ୧୮୮୪ ଖ୍ରୀଷ୍ଟାବ୍ଦ ।

ସମୟ ପ୍ରାୟ ଦୁଇ ପ୍ରହର । ମାଷ୍ଟର ଆସି ଦେଖିଲେ, ଭକ୍ତମାନେ କ୍ରମେ କ୍ରମେ ଆସୁଛନ୍ତି । ଶ୍ରୀଯୁକ୍ତ ବିଜୟକୃଷ୍ଣ ଗୋସ୍ୱାମୀଙ୍କ ସଙ୍ଗରେ କେତେଜଣ ବ୍ରାହ୍ମ ଭକ୍ତ ଆସିଛନ୍ତି । ପୂଜାରୀ ରାମ ଚକ୍ରବର୍ତ୍ତୀ ମଧ୍ୟ ଅଛନ୍ତି । କ୍ରମେ ମହିମାଚରଣ, ନାରାୟଣ, କିଶୋରୀ ଆସିଲେ । ଟିକିଏ ପରେ ଆଉ କେତେଜଣ ଭକ୍ତ ଆସିଲେ ।

ଶୀତର ପ୍ରାରମ୍ଭ । ଠାକୁରଙ୍କର ଜାମାର ପ୍ରୟୋଜନ ହୋଇଥିଲା, ତେଣୁ ମାଷ୍ଟରଙ୍କୁ ଆଣିବା ପାଇଁ କହିଥିଲେ । ସେ ଲଙ୍ଗ୍‌କ୍ଲଥର ଜାମା ଓ ଗୋଟିଏ ଜିନ୍‌ର ଜାମା ଆଣିଥିଲେ; କିନ୍ତୁ ଠାକୁର ଜିନ୍‌ର ଜାମା ଆଣିବାକୁ କହିନଥିଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ତୁମେ ବରଂ ଗୋଟିଏ ନେଇଯାଅ । ତୁମେ ନିଜେ ପିନ୍ଧିବ । ସେଥିରେ ଦୋଷ ନାହିଁ । ଆଚ୍ଛା, ତୁମକୁ କିପରି ଜାମା କଥା କହିଥିଲି ?

ମାଷ୍ଟର - ଆଜ୍ଞା, ଆପଣ ସାଦାସିଧା ଜାମା କଥା କହିଥିଲେ, ଜିନ୍‌ର ଜାମା ଆଣିବାକୁ କହି ନ ଥିଲେ ।

ଶ୍ରୀରାମକୃଷ୍ଣ —ତେବେ ଜିନ୍‌ଟାକୁ ଫେରାଇ ନେଇଯାଅ ।

(ବିଜୟାଦିଙ୍କ ପ୍ରତି)—''ଦେଖ, ଦ୍ୱାରିକାବାବୁ ବନାତ ଦେଉଥିଲେ । ପୁଣି ହିନ୍ଦୁସ୍ଥାନୀମାନେ ମଧ୍ୟ ଆଣିଲେ । ନେଲି ନାହିଁ ।''– ଠାକୁର ଆଉ କିଛି କହିବାକୁ ଯାଉଥିଲେ । ଏପରି ସମୟରେ ବିଜୟ କଥା କହିଲେ ।

ବିଜୟ—ଆଜ୍ଞା, ତାହା ଛଡ଼ା ଉପାୟ କଅଣ ! ଯାହା ଦରକାର ତାହା ନେବାକୁ ହୁଏ । ଜଣକୁ ତ ଦେବାକୁ ପଡ଼ିବ । ମନୁଷ୍ୟ ଛଡ଼ା ଆଉ କିଏ ଦେବ?

ଶ୍ରୀରାମକୃଷ୍ଣ—ଦେବା ଲୋକ କେବଳ ଈଶ୍ୱର! ଶାଶୁ କହିଲେ, 'ଆଲୋ ବୋହୂ, ସମସ୍ତଙ୍କୁ ସେବା କରିବାର ଲୋକ ଅଛନ୍ତି, ତୋର କେହି ପାଦ ଚିପିଦେଲେ ଭଲ ହୁଅନ୍ତା ।' ବୋହୂ କହିଲା, 'ମା, ମୋ ପାଦ ହରି ଚିପିବେ, ମୋର ଅନ୍ୟ କେହି ଦରକାର ନାହିଁ ।' ସେ ଭକ୍ତିଭାବରେ ଏହି କଥା କହିଲା ।

''ଜଣେ ଫକୀର ସମ୍ରାଟ ଆକ୍‌ବରଙ୍କ ପାଖକୁ କିଛି ଟଙ୍କା ମାଗିବାକୁ ଯାଇଥିଲେ । ବାଦଶାହା ସେତେବେଳେ ନମାଜ ପଢୁ ପଢୁ କହୁଥିଲେ, 'ହେ ଖୋଦା, ମୋତେ ଧନ ଦିଅ, ଦୌଲତ ଦିଅ ।' ଫକୀର ସେତେବେଳେ ଫେରିଆସିବାକୁ ଉଦ୍ୟତ ହେଲେ; କିନ୍ତୁ ଆକ୍‌ବର ତାଙ୍କୁ ଇସାରା ଦେଲେ । ନମାଜ ପରେ ପ୍ରଶ୍ନ କଲେ, 'ତୁମେ କାହିଁକି ଚାଲିଯାଉଥିଲ?' ସେ କହିଲେ, 'ଆପଣ କହୁଥିଲେ, ଧନ ଦିଅ, ଦୌଲତ ଦିଅ । ତେଣୁ ଭାବିଲି, ଯଦି ମାଗିବାକୁ ହୁଏ, ଭିକାରି ପାଖରେ କାହିଁକି—ଖୋଦାଙ୍କ ପାଖରେ ମାଗିବି' ।''

ବିଜୟ—ଗୟାରେ ସାଧୁ ଦେଖିଥିଲି, ନିଜ ପାଇଁ ଚେଷ୍ଟା ନାହିଁ । ଦିନେ ଭକ୍ତମାନଙ୍କୁ ଖୁଆଇବାର ଇଚ୍ଛା ହେଲା । ଦେଖିଲି କେଉଁଠାରୁ ଜଣେ ମଇଦା ଘିଅ ଧରି ଆସି ପହଞ୍ଚିଲା । କିଛି ଫଳ ମଧ୍ୟ ଆସିଲା ।

## ସଞ୍ଚୟ ଓ ତିନି ଶ୍ରେଣୀର ସାଧୁ

ଶ୍ରୀରାମକୃଷ୍ଣ (ବିଜୟ ପ୍ରଭୃତିଙ୍କ ପ୍ରତି)—ସାଧୁ ତିନି ଶ୍ରେଣୀର : ଉତ୍ତମ, ମଧ୍ୟମ ଓ ଅଧମ । ଉତ୍ତମ ଯେଉଁମାନେ ନିଜର ଖାଇବା ଚିନ୍ତା କରନ୍ତି ନାହିଁ । ମଧ୍ୟମ ଓ ଅଧମ, ଯେପରି ଦଣ୍ଡୀ-ଫଣ୍ଡୀ । ମଧ୍ୟମ ଯେଉଁମାନେ ''ନମୋ ନାରାୟଣ'' କହି ଠିଆହୁଅନ୍ତି । ଯେଉଁମାନେ ଅଧମ ସେମାନେ ନ ଦେଲେ ଝଗଡ଼ା କରନ୍ତି । (ସମସ୍ତଙ୍କର ହସ)

''ଉତ୍ତମ ଶ୍ରେଣୀ ସାଧୁଙ୍କର ଅଜଗର ବୃତ୍ତି । ବସିରହିଲେ ମଧ୍ୟ ଖାଇବାକୁ ପାଇବେ । ଅଜଗର ହଲେ ନାହିଁ । ଜଣେ ଯୁବକ ସାଧୁ—ବାଳ ବ୍ରହ୍ମଚାରୀ, ଭିକ୍ଷା କରିବାକୁ ଯାଇଥିଲା, ଗୋଟିଏ କନ୍ୟା ଆସି ଭିକ୍ଷା ଦେଲା । ତା'ର ବକ୍ଷରେ ସ୍ତନ ଦେଖି ମନେକଲା ବଥ ହୋଇଛି, ସେଥିପାଇଁ ପ୍ରଶ୍ନ କଲା । ତେଣୁ ଘରର ସ୍ତ୍ରୀମାନେ ବୁଝାଇଦେଲେ ଯେ, ତାହାର ଗର୍ଭରେ ସନ୍ତାନ ହେବ ବୋଲି ଈଶ୍ୱର ସ୍ତନରେ ଦୁଗ୍ଧ ଦେବେ; ସେଥିପାଇଁ ଈଶ୍ୱର ଆଗରୁ ତା'ର ବନ୍ଦୋବସ୍ତ କରୁଛନ୍ତି । ଏହି କଥା ଶୁଣି ସାଧୁଟି ଅବାକ୍ । ସେତେବେଳେ ସେ କହିଲା, ତେବେ ମୋର ଭିକ୍ଷା କରିବା ଦରକାର ନାହିଁ; ମୋ ପାଇଁ ମଧ୍ୟ ଖାଦ୍ୟ ଅଛି ।''

ଭକ୍ତମାନେ କେହି କେହି ମନେ କରୁଛନ୍ତି, ତେବେ ଆମମାନଙ୍କର ମଧ୍ୟ ଚେଷ୍ଟା ନ କଲେ ଚଳିବ ।

ଶ୍ରୀରାମକୃଷ୍ଣ—ଯେ ମନେ କରୁଛି ଚେଷ୍ଟା କରିବା ଦରକାର, ତାକୁ ଚେଷ୍ଟା କରିବାକୁ ହିଁ ହେବ ।

ବିଜୟ—ଭକ୍ତମାଳ ଗ୍ରନ୍ଥରେ ଗୋଟିଏ ସୁନ୍ଦର ଗଳ୍ପ ଅଛି ।

ଶ୍ରୀରାମକୃଷ୍ଣ—ତୁମେ କହ ତ ।

ବିଜୟ—ନା, ଆପଣ କହନ୍ତୁ ।

ଶ୍ରୀରାମକୃଷ୍ଣ— ନା, ନା, ତୁମେ କହ । ମୋର ଏତେ ମନେ ନାହିଁ । ପ୍ରଥମେ ପ୍ରଥମେ ଶୁଣିବାକୁ ହୁଏ । ସେସବୁ ଆଗେ ଶୁଣୁଥିଲି ।

## ଠାକୁରଙ୍କ ଅବସ୍ଥା—ଏକମାତ୍ର ରାମଚିନ୍ତା । ପୂର୍ଣ୍ଣଜ୍ଞାନ ଓ ପ୍ରେମର ଲକ୍ଷଣ

ଶ୍ରୀରାମକୃଷ୍ଣ—ମୋର ବର୍ତ୍ତମାନ ସେପରି ଅବସ୍ଥା ହୁହେଁ । ହନୁମାନ କହିଥିଲେ, ମୁଁ ତିଥି ନକ୍ଷତ୍ର ଜାଣେ ନାହିଁ, ଏକମାତ୍ର ରାମଙ୍କୁ ଚିନ୍ତା କରେ ।

"ଚାତକ ପକ୍ଷୀ କେବଳ ଆକାଶର ଜଳକୁ ଚାହିଁ ରହିଥାଏ, ଶୋଷରେ ପ୍ରାଣ ଯିବାକୁ ବସିଛି, ଉପରକୁ ମୁହଁକରି ଆକାଶର ଜଳ ପାନ କରିବାକୁ ଚାହେଁ । ଗଙ୍ଗା ଯମୁନା ସାତସମୁଦ୍ର ଜଳରେ ପୂର୍ଣ୍ଣ; ସେ କିନ୍ତୁ ପୃଥିବୀର ଜଳ ପିଇବ ନାହିଁ ।"

"ରାମ ଲକ୍ଷ୍ମଣ ପମ୍ପା ସରୋବରକୁ ଯାଇଥିଲେ । ଲକ୍ଷ୍ମଣ ଦେଖିଲେ ଗୋଟିଏ କୁଆ ବ୍ୟାକୁଳ ହୋଇ ଥରକୁ ଥର ପାଣି ପିଇବାକୁ ଯାଉଛି, କିନ୍ତୁ ପିଉ ନାହିଁ । ରାମଙ୍କୁ ପ୍ରଶ୍ନ କରିବାରୁ ସେ କହିଲେ, ଭାଇ, ଏ କୁଆ ପରମ ଭକ୍ତ । ଅହର୍ନିଶି ରାମନାମ ଜପ କରୁଛି । ଏଣେ ଜଳତୃଷ୍ଣାରେ ହଂସା ଉଡ଼ିଯାଉଛି; କିନ୍ତୁ ପିଇପାରୁନାହିଁ । ଭାବୁଛି, ପିଇବା ସମୟରେ ରାମ ନାମ ଜପ ବାଦ୍ ପଡ଼ିଯିବ! ହଳଧାରୀଙ୍କୁ ପୂର୍ଣ୍ଣମୀ ଦିନ କହିଲି, ଭାଇ! ଆଜି କ'ଣ ଅମାବାସ୍ୟା?" (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ (ସହାସ୍ୟ)—ହଁ ହେ, ଶୁଣିଥିଲି, ଯେତେବେଳେ ଅମାବାସ୍ୟା-ପୂର୍ଣ୍ଣିମା ଜ୍ଞାନ ରହେନାହିଁ, ସେତେବେଳେ ପୂର୍ଣ୍ଣଜ୍ଞାନ ହୁଏ । ହଳଧାରୀ ଏହା ବିଶ୍ୱାସ କରିବେ କାହିଁକି? ହଳଧାରୀ କହିଲେ, ବର୍ତ୍ତମାନ କଳିକାଳ । ଏହାକୁ ପୁଣି ଲୋକମାନେ ମାନନ୍ତି! ଯାହାର ଅମାବାସ୍ୟା ପୂର୍ଣ୍ଣିମା ଜ୍ଞାନ ନାହିଁ! ଠାକୁର ଏହି କଥା କହୁଛନ୍ତି, ଏପରି ସମୟରେ ମହିମାଚରଣ ଆସି ଉପସ୍ଥିତ ହେଲେ ।

ଶ୍ରୀରାମକୃଷ୍ଣ (ସସମ୍ଭ୍ରମରେ)—ଆସନ୍ତୁ, ଆସନ୍ତୁ! ବସନ୍ତୁ । (ବିଜୟାଦି ଭକ୍ତଙ୍କ ପ୍ରତି)- ଏ ଅବସ୍ଥାରେ 'ନିର୍ଦ୍ଦିଷ୍ଟ ଦିନ' ବୋଲି କିଛି ମନେ ରହେନାହିଁ । ସେ ଦିନ ବେଣୀ ପାଲଙ୍କ ଉଦ୍ୟାନରେ ଉତ୍ସବ—ଦିନ ଭୁଲ ହୋଇଗଲା । 'ଅମୁକ ଦିନ ସଂକ୍ରାନ୍ତି, ଭଲ କରି ହରିନାମ କରିବି' ଏ ସବୁ ଆଉ ଠିକ୍ ରହେ ନାହିଁ । (କିଛିକ୍ଷଣ ଚିନ୍ତା ପରେ) ତେବେ ଅମୁକ ଲୋକ ଆସିବେ କହିଲେ ମନେ ରହେ ।

## ଶ୍ରୀରାମକୃଷ୍ଣଙ୍କର ମନପ୍ରାଣ କେଉଁଠାରେ—
## ଈଶ୍ୱରଲାଭ ଓ ଉଦ୍ଦୀପନା

''ଈଶ୍ୱରଙ୍କଠାରେ ଷୋଳଅଣା ମନ ରହିଲେ ଏହି ଅବସ୍ଥା । ରାମ ପ୍ରଶ୍ନ କଲେ, ହନୁମାନ, ତୁମେ ସୀତାଙ୍କର ସଂବାଦ ଆଣିଛ; କିପରି ତାଙ୍କୁ ଦେଖି ଆସିଲ, ମୋତେ କହ । ହନୁମାନ କହିଲେ, ରାମ ! ଦେଖିଲି ସୀତାଙ୍କର ଶରୀର କେବଳ ପଡ଼ିରହିଛି । ଭିତରେ ମନ ପ୍ରାଣ ନାହିଁ । ସେ ତାଙ୍କର ମନପ୍ରାଣ ତ ତୁମ ପାଦପଦ୍ମରେ ସମର୍ପଣ କରିଛନ୍ତି; ତେଣୁ କେବଳ ଶରୀର ପଡ଼ିରହିଛି । ଆଉ କାଳ (ଯମ) ଯିବା ଆସିବା କରୁଛି; କିନ୍ତୁ କଅଣ କରିବ ? କେବଳ ଶରୀର ରହିଛି, ମନପ୍ରାଣ ସେଥିରେ ନାହିଁ ।

''ଯାହାଙ୍କୁ ଚିନ୍ତା କରିବ ତାଙ୍କର ଗୁଣ ଲାଭ କରିବ । ଅହର୍ନିଶି ଈଶ୍ୱରଚିନ୍ତା କଲେ ଈଶ୍ୱରୀୟ ଗୁଣ ଲାଭ ହୁଏ । ଲୁଣର ପିତୁଳା ସମୁଦ୍ର ମାପିବାକୁ ଯାଇ ତାହା ହିଁ ହୋଇଗଲା । ବହି ବା ଶାସ୍ତ୍ରର କ'ଣ ଉଦ୍ଦେଶ୍ୟ ? ଈଶ୍ୱର ଲାଭ । ସାଧୁଙ୍କ ପୋଥି ଜଣେ ଖୋଲି ଦେଖିଲେ, ପ୍ରତ୍ୟେକ ପୃଷ୍ଠାରେ କେବଳ 'ରାମ' ନାମ ଲେଖାଅଛି; ଅନ୍ୟ କିଛି ନାହିଁ ।''

ଶ୍ରୀରାମକୃଷ୍ଣ—ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଆସିଲେ ଅଳ୍ପକରେ ଉଦ୍ଦୀପନ ହୁଏ । ସେତେବେଳେ ଥରେମାତ୍ର ରାମନାମ କଲେ କୋଟିଏ ସନ୍ଧ୍ୟାର ଫଳ ମିଳେ ।

''ମେଘ ଦେଖିଲେ ମୟୂରର ଉଦ୍ଦୀପନ ହୁଏ, ଆନନ୍ଦରେ ପୁଚ୍ଛ ଟେକି ନୃତ୍ୟ କରେ । ଶ୍ରୀମତୀଙ୍କର ମଧ ସେହିପରି ହେଉଥିଲା । ମେଘ ଦେଖିବାମାତ୍ରକେ କୃଷ୍ଣ ମନେ ପଡୁଥିଲେ ।''

''ଚୈତନ୍ୟଦେବ ମେଡ଼ ଗ୍ରାମର ପାଖ ଦେଇ ଯାଉଥିଲେ । ଶୁଣିଲେ ଏହି ଗ୍ରାମର ମାଟିରେ ଖୋଳ ତିଆରି ହୁଏ । ସଙ୍ଗେ ସଙ୍ଗେ ଭାବରେ ବିହ୍ୱଳ ହେଲେ—କାହିଁକି ନା ହରିନାମ ସଂକୀର୍ତ୍ତନ ସମୟରେ ଖୋଳ ବଜାଯାଏ ।

''କାହାର ଉଦ୍ଦୀପନ ହୁଏ ? ଯାହାର ବିଷୟ-ବୁଦ୍ଧି-ତ୍ୟାଗ ହୋଇଛି । ବିଷୟରସ ଯାହାର ଶୁଖିଯାଏ, ତାହାର ଅଳ୍ପକରେ ଉଦ୍ଦୀପନ ହୁଏ । ଦିଆସିଲି କାଠି ଓଦା ରହିଲେ ହଜାର ଥର ଘଷ; ଜଳିବ ନାହିଁ । ପାଣି ଯଦି ଶୁଖିଯାଏ, ତାହାହେଲେ ଟିକିଏ ଘଷିବା ମାତ୍ରେ ଦପ୍‌କରି ଜଳିଉଠେ ।

## ଈଶ୍ୱରଲାଭ ପରେ ଦୁଃଖରେ ବା ମୃତ୍ୟୁ ସମୟରେ
## ସ୍ଥିରବୁଦ୍ଧି ଓ ଆତ୍ମସମର୍ପଣ

ଶ୍ରୀରାମକୃଷ୍ଣ—''ଦେହର ସୁଖଦୁଃଖ ତ ରହିଛି । ଯାହାର ଈଶ୍ୱରଲାଭ ହୋଇଛି ସେ ମନ, ପ୍ରାଣ, ଦେହ, ଆତ୍ମା ସମସ୍ତ ତାଙ୍କଠାରେ ସମର୍ପଣ କରେ । ପମ୍ପା ସରୋବରରେ ସ୍ନାନ ସମୟରେ ରାମ ଲକ୍ଷ୍ମଣ ସରୋବର ନିକଟରେ ମାଟିରେ ଧନୁଶର ପୋତି ରଖିଲେ । ସ୍ନାନପରେ ଲକ୍ଷ୍ମଣ ଧନୁକୁ ଟେକି ଦେଖନ୍ତି ଯେ, ଧନୁଶର ରକ୍ତାକ୍ତ ହୋଇଯାଇଛି । ରାମ ଦେଖି କହିଲେ, 'ଭାଇ, ଦେଖ ଦେଖ । ବୋଧହୁଏ କୌଣସି ଜୀବହିଂସା ହେଲା ।' ଲକ୍ଷ୍ମଣ

ମାଟି ଖୋଳି ଦେଖନ୍ତି, ଗୋଟିଏ ବଡ଼ ବ୍ରାହ୍ମଣୀ ବେଙ୍ଗ । ମୁମୂର୍ଷୁ ଅବସ୍ଥା । ରାମ କରୁଣ ସ୍ୱରରେ କହିବାକୁ ଲାଗିଲେ, 'କାହିଁକି ତୁ ଶବ୍ଦ କଲୁ ନାହିଁ, ଆମେମାନେ ତୋତେ ବଞ୍ଚାଇବାକୁ ଚେଷ୍ଟା କରିଥାଆନ୍ତୁ! ଯେତେବେଳେ ସାପ ଧରେ, ସେତେବେଳେ ତ ଖୁବ୍ ଚିତ୍କାର କରୁ!' ବେଙ୍ଗ କହିଲା, 'ରାମ ! ଯେତେବେଳେ ସାପ ଧରେ ସେତେବେଳେ ମୁଁ ଏହା କହି ଚିତ୍କାର କରେ, ରାମ ରକ୍ଷା କର, ରାମ ରକ୍ଷା କର । ବର୍ତ୍ତମାନ ଦେଖୁଛି, ରାମ ହିଁ ମୋତେ ମାରୁଛନ୍ତି । ସେଥିପାଇଁ ଚୁପ୍ ହୋଇ ରହିଛି ।''

## (୨)

## ସ୍ୱସ୍ୱରୂପରେ କିପରି ରହିବ—ଜ୍ଞାନଯୋଗ କାହିଁକି କଠିନ

ଠାକୁର ଟିକିଏ ନୀରବ ରହି ମହିମାଦି ଭକ୍ତମାନଙ୍କୁ ଦେଖୁଛନ୍ତି ।

ଠାକୁର ଶୁଣିଥିଲେ ଯେ, ମହିମାଚରଣ ଗୁରୁ ମାନନ୍ତି ନାହିଁ । ଏଥର ଠାକୁର କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଗୁରୁବାକ୍ୟରେ ବିଶ୍ୱାସ କରିବା ଉଚିତ । ଗୁରୁଙ୍କ ଚରିତ୍ର ପ୍ରତି ଦୃଷ୍ଟି ଦେବା ଦରକାର ନାହିଁ । 'ଯଦ୍ୟପି ମୋର ଗୁରୁ ଶୁଣ୍ଡୀ ଘରେ ଯାଏ, ତଥାପି ସେ ମୋର ଗୁରୁ ନିତ୍ୟାନନ୍ଦ ରାଏ ।'

''ଜଣେ ଚଣ୍ଡୀ ଭାଗବତ ଶୁଣାଉଥିଲେ । ସେ କହିଲେ, ଝାଡୁ ଅସ୍ପୃଶ୍ୟ ସତ, କିନ୍ତୁ ସ୍ଥାନକୁ ଶୁଦ୍ଧ କରେ ।''

ମହିମାଚରଣ ବେଦାନ୍ତ ଚର୍ଚ୍ଚା କରନ୍ତି, ଉଦ୍ଦେଶ୍ୟ ବ୍ରହ୍ମଜ୍ଞାନ ଲାଭ । ଜ୍ଞାନୀର ପଥ ଅବଲମ୍ବନ କରିଛନ୍ତି ଓ ସର୍ବଦା ବିଚାର କରନ୍ତି ।

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି)—ଜ୍ଞାନୀଙ୍କର ଉଦ୍ଦେଶ୍ୟ ସ୍ୱସ୍ୱରୂପକୁ ଜାଣିବା । ଏହାର ନାମ ଜ୍ଞାନ, ଏହାର ନାମ ହିଁ ମୁକ୍ତି । ପରଂବ୍ରହ୍ମ, ଏ ହେଉଛନ୍ତି ନିଜର ସ୍ୱରୂପ । ମୁଁ ଏବଂ ପରଂବ୍ରହ୍ମ ଏକ, ମାୟା ଯୋଗୁଁ ଜାଣି ହୁଏ ନାହିଁ । ହରିଶକୁ କହିଲି, ଆଉ କିଛି ନୁହେଁ, ସୁନା ଉପରେ କେତେ ଝୁଡ଼ି ମାଟି ପଡ଼ିଛି, ସେହି ମାଟିକୁ ଉଠାଇଦେବା ।

''ଭକ୍ତମାନେ 'ମୁଁ' ଭାବକୁ ରଖନ୍ତି; ଜ୍ଞାନୀମାନେ ରଖନ୍ତି ନାହିଁ । କିପରି ସ୍ୱସ୍ୱରୂପରେ ରହିବାକୁ ହୁଏ ଲଙ୍ଗୁଳୀ (ତୋତାପୁରୀ) ଉପଦେଶ ଦେଉଥିଲେ—ମନକୁ ବୁଦ୍ଧିରେ ଲୟ କର, ବୁଦ୍ଧିକୁ ଆତ୍ମାରେ ଲୟ କର, ତେବେ ସ୍ୱସ୍ୱରୂପରେ ରହିବ ।''

''କିନ୍ତୁ 'ମୁଁ' ରହିବ ହିଁ ରହିବ; ଯିବ ନାହିଁ । ଯେପରି ଅନନ୍ତ ଜଳରାଶି; ଉପରେ ତଳେ, ସମ୍ମୁଖରେ ପଛରେ, ଡାହାଣରେ ବାମରେ ଜଳ ପରିପୂର୍ଣ୍ଣ । ସେହି ଜଳ ମଧ୍ୟରେ ଗୋଟିଏ ଜଳପୂର୍ଣ୍ଣ କୁମ୍ଭ ଅଛି । ଭିତରେ ବାହାରେ ଜଳ, କିନ୍ତୁ ତେବେ ମଧ୍ୟ କୁମ୍ଭଟି ଅଛି । 'ମୁଁ' ରୂପକ କୁମ୍ଭ ।''

## ପୂର୍ବକଥା—କାଳୀମନ୍ଦିରରେ ବଜ୍ରପାତ—
## ବ୍ରହ୍ମଜ୍ଞାନୀର ଶରୀର ଓ ଚରିତ୍ର

''ଜ୍ଞାନୀର ଶରୀର ଯେପରି ସେହିପରି ରହେ, ତେବେ ଜ୍ଞାନାଗ୍ନିରେ କାମାଦି ରିପୁ ଦଗ୍ଧ ହୋଇଯାଏ । କାଳୀମନ୍ଦିରରେ ଅନେକ ଦିନ ପୂର୍ବେ ଝଡ଼ବୃଷ୍ଟି ହୋଇ ବଜ୍ରପାତ ହୋଇଥିଲା । ଆମେମାନେ ଯାଇ ଦେଖିଲୁ । କବାଟଗୁଡ଼ିକର କିଛି ହୋଇନାହିଁ, ସ୍କ୍ରୁ ଗୁଡ଼ିକର ଉପର ଅଂଶ ଭାଙ୍ଗିଯାଇଥିଲା । କବାଟଗୁଡ଼ିକ ଯେପରି ଶରୀର, କାମାଦି ଆସକ୍ତି ଯେପରି ସବୁ ସ୍କ୍ରୁ ।''

''ଜ୍ଞାନୀ କେବଳ ଈଶ୍ୱରଙ୍କ କଥା ଭଲପାଏ । ବିଷୟ କଥା ହେଲେ ତାକୁ ଭାରି କଷ୍ଟ ହୁଏ । ବିଷୟୀମାନେ ଅଲଗା ଲୋକ । ସେମାନଙ୍କର ଅବିଦ୍ୟା-ପଗଡ଼ି ଖସେ ନାହିଁ । ସେଥିପାଇଁ ବାରମ୍ବାର ଏହି ବିଷୟ କଥା ଆଣି ପକାନ୍ତି ।''

''ବେଦରେ ସପ୍ତଭୂମିର କଥା ଅଛି । ପଞ୍ଚମ ଭୂମିକୁ ଯେତେବେଳେ ଜ୍ଞାନୀ ଉଠେ, ସେତେବେଳେ ଈଶ୍ୱରଙ୍କ କଥା ବ୍ୟତୀତ ଅନ୍ୟ କିଛି ଶୁଣିପାରେ ନାହିଁ ଆଉ କହି ମଧ୍ୟ ପାରେ ନାହିଁ । ସେତେବେଳେ ତା' ମୁଖରୁ କେବଳ ଜ୍ଞାନ ଉପଦେଶ ବାହାରେ ।''

ଏହିସବୁ କଥା ମାଧ୍ୟମରେ ଶ୍ରୀରାମକୃଷ୍ଣ କଅଣ ନିଜର ଅବସ୍ଥା ବର୍ଣ୍ଣନା କରୁଛନ୍ତି? ଠାକୁର ପୁଣି କହୁଛନ୍ତି—''ବେଦରେ ଅଛି 'ସଚ୍ଚିଦାନନ୍ଦ ବ୍ରହ୍ମ' । ବ୍ରହ୍ମ ଏକ ନୁହେଁ କି ଦୁଇ ମଧ୍ୟ ନୁହେଁ । ଏକ ଓ ଦୁଇ ମଧ୍ୟରେ, ଅସ୍ତି କୁହାଯାଏ ନାହିଁ, ନାସ୍ତି ମଧ୍ୟ କୁହାଯାଏ ନାହିଁ । ତେବେ ଅସ୍ତି ନାସ୍ତିର ମଝିରେ ।''

## ଶ୍ରୀରାମକୃଷ୍ଣ ଓ ଭକ୍ତିଯୋଗ—
## ରାଗଭକ୍ତି ହେଲେ ଈଶ୍ୱରଲାଭ ହୁଏ

ଶ୍ରୀରାମକୃଷ୍ଣ—ରାଗଭକ୍ତି ହେଲେ, ଅର୍ଥାତ୍ ଈଶ୍ୱରଙ୍କୁ ଭଲପାଇପାରିଲେ, ତାଙ୍କୁ ଲାଭ କରାଯାଏ । ବୈଧୀ ଭକ୍ତି ହେବାକୁ ଯେପରି, ଯିବାକୁ ମଧ୍ୟ ସେପରି । ଏତେ ଜପ, ଏତେ ଧ୍ୟାନ କରିବ, ଏତେ ଯାଗ-ଯଜ୍ଞ କରିବ, ଏଇ ଏଇ ଉପଚାରରେ ପୂଜା କରିବ, ପୂଜା ସମୟରେ ଏଇ ଏଇ ମନ୍ତ୍ର ପାଠ କରିବ, ଏହି ସମସ୍ତର ନାମ ବୈଧୀ ଭକ୍ତି । ହେବାକୁ ଯେପରି, ଯିବାକୁ ମଧ୍ୟ ସେପରି । କେତେ ଲୋକ କହନ୍ତି, 'ଆରେ ଭାଇ, କେତେ ହବିଷ କଲି, କେତେ ଥର ଘରେ ପୂଜା କଲି, କିନ୍ତୁ କଅଣ ହେଲା ?' ରାଗଭକ୍ତିର କିନ୍ତୁ ପତନ ନାହିଁ । କାହାର ରାଗଭକ୍ତି ହୁଏ ? ଯେଉଁମାନଙ୍କର ପୂର୍ବଜନ୍ମରେ ଅନେକ କାର୍ଯ୍ୟ କରାହୋଇଛି, ଅଥବା ଯେଉଁମାନେ ନିତ୍ୟସିଦ୍ଧ । ଯେପରି ଅନେକ ଦିନରୁ ପଡ଼ିଯାଇଥିବା ଘରର ବଣ ଜଙ୍ଗଲ କାଟୁ କାଟୁ ପାଣି ପାଇପ୍ ଗୋଟାଏ ଦେଖାଗଲା । ମାଟି ଓ ସୁରୁକିରେ ଢାଙ୍କି ହୋଇ ଯାଇଥିଲା, ସେଗୁଡ଼ିକୁ କାଢ଼ିଦେବା ମାତ୍ରେ ଝର ଝର ହୋଇ ଜଳ ବାହାରିବାକୁ ଲାଗିଲା ।

"ଯେଉଁମାନଙ୍କର ରାଗଭକ୍ତି ସେମାନେ ଏପରି କଥା କହନ୍ତି ନାହିଁ, 'ଭାଇ କେତେ ହବିଷ କଲି—କିନ୍ତୁ କଅଣ ହେଲା ?'' ଯେଉଁମାନେ ନୂତନ ଚାଷ କରନ୍ତି, ସେମାନଙ୍କର ଯଦି ଫସଲ ନ ହୁଏ, ଜମି ଛାଡ଼ିଦିଅନ୍ତି । ଖାନ୍‌ଦାନ ଚଷା ଫସଲ ହେଉ ବା ନ ହେଉ, ଚାଷ କରିବ ହିଁ କରିବ । ସେମାନଙ୍କର ବାପା ଗୋସାଇଁବାପା ଚାଷକାମ କରିଆସିଛନ୍ତି, ସେମାନେ ଜାଣନ୍ତି ଯେ, ଚାଷକରି ଖାଇବାକୁ ହେବ ।

"ଯେଉଁମାନଙ୍କର ରାଗଭକ୍ତି, ସେମାନଙ୍କର ଆନ୍ତରିକତା ଅଛି । ଈଶ୍ୱର ସେମାନଙ୍କର ଭାର ନିଅନ୍ତି । ହାସ୍‌ପାତାଳରେ ନାମ ଲେଖାଇଲେ, ଆରୋଗ୍ୟ ନ ହେବା ପର୍ଯ୍ୟନ୍ତ ଡାକ୍ତର ଛାଡ଼େ ନାହିଁ । ଈଶ୍ୱର ଯାହାଙ୍କୁ ଧରିଛନ୍ତି, ସେମାନଙ୍କର କୌଣସି ଭୟ ନାହିଁ । କ୍ଷେତର ବନ୍ଧ ଉପରେ ଯାଉ ଯାଉ ଯେଉଁ ପୁଅ ବାପକୁ ଧରିଥାଏ, ସେ ପଡ଼ିଲେ ପଡ଼ିପାରେ-ଯଦି ଅନ୍ୟମନସ୍କ ହୋଇ ହାତ ଛାଡ଼ିଦିଏ । କିନ୍ତୁ ବାପ ଯେଉଁ ପୁଅକୁ ଧରିଥାଏ ସେ ପଡ଼େ ନାହିଁ ।"

## ରାଗଭକ୍ତି ହେଲେ କେବଳ ଈଶ୍ୱରଙ୍କ କଥା—
## ସଂସାରତ୍ୟାଗ ଓ ଗୃହସ୍ଥ

ଶ୍ରୀରାମକୃଷ୍ଣ—ବିଶ୍ୱାସରେ କଅଣ ନ ହୋଇପାରେ ? ଯାହାର ଠିକ୍ ଠିକ୍, ତାହାର ସବୁଥିରେ ବିଶ୍ୱାସ ହୁଏ—ସାକାର, ନିରାକାର, ରାମ, କୃଷ୍ଣ, ଭଗବତୀ ।

"କାମାରପୁକୁର ଗ୍ରାମକୁ ଯିବା ସମୟରେ ରାସ୍ତାରେ ଝଡ଼ ବର୍ଷା ଆସିଲା । ପଡ଼ିଆ ମଝିରେ ପୁଣି ଡକାଏତର ଭୟ । ସେତେବେଳେ ସବୁ ପ୍ରକାରେ ଡାକିଲି—ରାମ, କୃଷ୍ଣ, ଭଗବତୀ, ପୁଣି କହିଲି ହନୁମାନ ! ଆଚ୍ଛା, ସବୁ କହିଗଲି, ଏହାର ମାନେ କଅଣ ?''

"କଅଣ ଜାଣ, ଯେତେବେଳେ ଚାକର ବା ଦାସୀ ବଜାର ପାଇଁ ପଇସା ନିଏ, ସେତେବେଳେ କହି କହି ନିଏ, ଏଇଟା ଆଳୁର ପଇସା, ଏଇଟା ବାଇଗଣର ପଇସା, ଏତକ ମାଛର ପଇସା । ସବୁ ଅଲଗା, ସବୁ ହିସାବ କରିନେଇ ତାହାପରେ ମିଶାଇଦିଏ ।''

ଶ୍ରୀରାମକୃଷ୍ଣ—ଈଶ୍ୱରଙ୍କୁ ଭଲପାଇପାରିଲେ କେବଳ ତାଙ୍କ କଥା କହିବାକୁ ଇଚ୍ଛା ହୁଏ । ଯେ ଯାହାକୁ ଭଲପାଏ ତାକୁ ତାହାର କଥା ଶୁଣିବାକୁ ଓ କହିବାକୁ ଭଲଲାଗେ । ନିଜ ପୁଅ କଥା କହୁ କହୁ ସଂସାରୀ ଲୋକର ଜିଭରେ ଲାଳଆସେ । ଯଦି କେହି ପୁଅର ପ୍ରଶଂସା କରେ, ତାହାହେଲେ ସଙ୍ଗେ ସଙ୍ଗେ ସେ କହିବ, ଆରେ ତୋର ଦାଦାଙ୍କ ଗୋଡ଼ ଧୋଇବା ପାଇଁ ପାଣି ଆଣ ।

"ଯେଉଁମାନେ ପାରା ଭଲପାଆନ୍ତି, ତାଙ୍କ ପାଖରେ ପାରାର ପ୍ରଶଂସା କଲେ ଭାରି ଖୁସୀ । ଯଦି କେହି ପାରାକୁ ନିନ୍ଦା କରେ, ତାହାହେଲେ କହିବେ ତୋର ବାପ ଚଉଦ ପୁରୁଷ କେବେ କଅଣ ପାରା ପୋଷିଛନ୍ତି ?''

ଠାକୁର ମହିମାଚରଣଙ୍କୁ କହୁଛନ୍ତି । କାରଣ ମହିମାଚରଣ ସଂସାରୀ ।

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି)—ସଂସାର ଏକାବେଳକେ ତ୍ୟାଗ କରିବା କଅଣ

ଦରକାର ? ଆସକ୍ତି ଗଲେ ହିଁ ହେଲା । ତେବେ ସେଥିପାଇଁ ସାଧନା ଦରକାର । ଇନ୍ଦ୍ରିୟମାନଙ୍କ ସଙ୍ଗରେ ଯୁଦ୍ଧ କରିବାକୁ ହୁଏ ।

''କିଲ୍ଲା ଭିତରେ ଥାଇ ଯୁଦ୍ଧ କରିବାଟା ବେଶୀ ସୁବିଧା—କିଲ୍ଲାରୁ ଅନେକ ସାହାଯ୍ୟ ମିଳେ । ସଂସାର ଭୋଗର ସ୍ଥାନ, ଗୋଟିଏ ଗୋଟିଏ ଜିନିଷ ଭୋଗ କରି ସଙ୍ଗେ ସଙ୍ଗେ ତ୍ୟାଗ କରିବାକୁ ହୁଏ । ମୋର ଇଚ୍ଛା ଥିଲା, ସୁନାର ଗୋଠ ପିନ୍ଧିବି । ଶେଷରେ ତାହା ମଧ ମିଳିଲା, ସୁନାର ଗୋଠ ପିନ୍ଧିଲି, ପିନ୍ଧିବା ପରେ କିନ୍ତୁ ଅଳ୍ପକ୍ଷଣ ପରେ ଖୋଲିବାକୁ ହେଲା ।''

''ପିଆଜ ଖାଇଲି ଆଉ ବିଚାର କରିବାକୁ ଲାଗିଲି—ମନ, ଏହାରି ନାମ ପିଆଜ । ତାହା ପରେ ମୁଖ ଭିତରେ ଥରେ ଏପଟେ ଥରେ ସେପଟେ କରି ପକାଇଦେଲି ।''

## (୩)
## ସଂକୀର୍ତ୍ତନାନନ୍ଦରେ

ଆଜି ଜଣେ ଗାୟକ ଆସିବେ, ନିଜ ଦଳକୁ ନେଇ କୀର୍ତ୍ତନ କରିବେ ।

ଠାକୁର ଶ୍ରୀରାମକୃଷ୍ଣ ମଝିରେ ମଝିରେ ଭକ୍ତମାନଙ୍କୁ ପଚାରୁଛନ୍ତି, କାହିଁ କୀର୍ତ୍ତନ କାହିଁ ? ମହିମା କହୁଛନ୍ତି, 'ଆମେମାନେ ବେଶ୍ ଅଛୁ ।'

ଶ୍ରୀରାମକୃଷ୍ଣ—ନାହିଁ ହେ, ଏ ତ ଆମମାନଙ୍କର ବାରମାସ ଅଛି ।

ନେପଥ୍ୟରେ ଜଣେ କହୁଛନ୍ତି, 'କୀର୍ତ୍ତନ ଆସିଛି, କୀର୍ତ୍ତନ ଆସିଛି !'

ଶ୍ରୀରାମକୃଷ୍ଣ ଆନନ୍ଦରେ ପୂର୍ଣ୍ଣ ହୋଇ କେବଳ କହିଲେ, 'ଆଚ୍ଛା, ଆସିଛି ?'

ଘରର ଦକ୍ଷିଣପୂର୍ବ ଲମ୍ବା ବାରଣ୍ଡାରେ ସପ ପକାଗଲା । ଶ୍ରୀରାମକୃଷ୍ଣ କହୁଛନ୍ତି, 'ଗଙ୍ଗାଜଳ ଟିକିଏ ପକାଇଦିଅ, କେତେ ବିଷୟୀ ଲୋକ ପାଦ ଦେଉଛନ୍ତି ।'

ବାଲିଖାଲନିବାସୀ ପ୍ୟାରୀବାବୁଙ୍କ ସ୍ତ୍ରୀ ଓ କନ୍ୟାମାନେ କାଳୀମନ୍ଦିର ଦର୍ଶନ କରିବାକୁ ଆସିଛନ୍ତି; କୀର୍ତ୍ତନ ହେବାର ଆୟୋଜନ ଦେଖି ସେମାନଙ୍କର ଶୁଣିବାକୁ ଇଚ୍ଛା ହେଲା । ଜଣେ ଠାକୁରଙ୍କୁ ଆସି କହୁଛନ୍ତି, ''ସେମାନେ ପଚାରୁଛନ୍ତି, ଘରେ କଅଣ ଜାଗା ହେବ ? ସେମାନେ କଅଣ ବସିପାରିବେ ?'' ଠାକୁର କୀର୍ତ୍ତନ ଶୁଣୁ ଶୁଣୁ କହୁଛନ୍ତି, 'ନାଁ, ନାଁ, (ଅର୍ଥାତ୍ ଘରେ) ଜାଗା କାହିଁ ?' ଏପରି ସମୟରେ ନାରାୟଣ ଆସି ଉପସ୍ଥିତ ହେଲେ ଓ ଠାକୁରଙ୍କୁ ପ୍ରଣାମ କଲେ ।

ଠାକୁର କହୁଛନ୍ତି, ''ତୁ କାହିଁକି ଆସିଛୁ ? ତୋତେ ଘରଲୋକ ଏତେ ମାରିଛନ୍ତି!'' ନାରାୟଣ ଠାକୁରଙ୍କ ଘର ଭିତରକୁ ଯାଉଛନ୍ତି ଦେଖି ଠାକୁର ବାବୁରାମଙ୍କୁ ଇଙ୍ଗିତ କଲେ, ''ଏହାକୁ ଖାଇବାକୁ ଦିଅ ।''

ନାରାୟଣ ଘର ଭିତରକୁ ଗଲେ । ହଠାତ୍ ଠାକୁର ଉଠି ଘରେ ପ୍ରବେଶ କଲେ । ନାରାୟଣଙ୍କୁ ନିଜ ହାତରେ ଖୁଆଇବେ । ଖୁଆଇବା ପରେ ପୁଣି କୀର୍ତ୍ତନ ସ୍ଥାନରେ ଆସି ବସିଲେ ।

## (୪)
## ଭକ୍ତମାନଙ୍କ ସଙ୍ଗରେ ସଂକୀର୍ତ୍ତନାନନ୍ଦ

ଅନେକ ଭକ୍ତ ଆସିଛନ୍ତି । ଶ୍ରୀଯୁକ୍ତ ବିଜୟ ଗୋସ୍ୱାମୀ, ମହିମାଚରଣ, ନାରାୟଣ, ଅଧର, ମାଷ୍ଟର, ଛୋଟ ଗୋପାଳ ପ୍ରଭୃତି । ରାଖାଲ, ବଳରାମ ସେତେବେଳେ ଶ୍ରୀବୃନ୍ଦାବନଧାମରେ ଅଛନ୍ତି ।

ସମୟ ଅପରାହ୍ଣ ୩/୪ଟା ବାଜିଛି । ଠାକୁର ଶ୍ରୀରାମକୃଷ୍ଣ ବାରଣ୍ଡାରେ କୀର୍ତ୍ତନ ଶୁଣୁଛନ୍ତି । ପାଖରେ ନାରାୟଣ ଆସି ବସିଲେ । ଅନ୍ୟାନ୍ୟ ଭକ୍ତମାନେ ଚତୁର୍ଦ୍ଦିଗରେ ବସିଛନ୍ତି ।

ଏପରି ସମୟରେ ଅଧର ଆସି ଉପସ୍ଥିତ ହେଲେ । ଅଧରଙ୍କୁ ଦେଖି ଠାକୁର ଯେପରି ବ୍ୟସ୍ତ ହେଲେ । ଅଧର ପ୍ରଣାମ କରି ଆସନ ଗ୍ରହଣ କଲେ; ଠାକୁର ତାଙ୍କୁ ପାଖରେ ବସିବାକୁ ଇଙ୍ଗିତ କଲେ ।

କୀର୍ତ୍ତନୀୟା କୀର୍ତ୍ତନ ସମାପ୍ତ କଲେ । ଆସର ଭଙ୍ଗ ହେଲା । ଉଦ୍ୟାନ ମଧ୍ୟରେ ଭକ୍ତମାନେ ଏଣେତେଣେ ବୁଲୁଛନ୍ତି । କେହି କେହି ମା' କାଳୀଙ୍କର ଓ ରାଧାକାନ୍ତଙ୍କ ମନ୍ଦିରରେ ଆଳତି ଦର୍ଶନ କରିବାକୁ ଗଲେ ।

ସନ୍ଧ୍ୟା ପରେ ଠାକୁରଙ୍କ ଘରକୁ ଭକ୍ତମାନେ ଆସିଲେ । ତାଙ୍କ ଘର ଭିତରେ ପୁଣି କୀର୍ତ୍ତନ ହେବାର ଉଦ୍ୟୋଗ ହେଉଅଛି । ଠାକୁରଙ୍କର ଖୁବ୍ ଉତ୍ସାହ; ସେ କହୁଛନ୍ତି, "ଏ ଦିଗରେ ଗୋଟିଏ ବତି ଦିଅ ।" ଦୁଇଟା ବତି ଜାଳିଦେବାରେ ଖୁବ୍ ଆଲୁଅ ହେଲା ।

ଠାକୁର ବିଜୟଙ୍କୁ କହୁଛନ୍ତି, "ତୁମେ ଏପରି ଜାଗାରେ କାହିଁକି ବସିଲ ? ଏ ପାଖକୁ ଘୁଞ୍ଚି ଆସ ।" ଏଥର ସଂକୀର୍ତ୍ତନ ଖୁବ୍ ଜମିଗଲା ।

ଠାକୁର ଉନ୍ମତ୍ତ ହୋଇ ନୃତ୍ୟ କରୁଛନ୍ତି । ଭକ୍ତମାନେ ତାଙ୍କୁ ବେଢ଼ି ଖୁବ୍ ନୃତ୍ୟ କରୁଛନ୍ତି । ବିଜୟ ନୃତ୍ୟ କରୁ କରୁ ଦିଗମ୍ବର ହୋଇପଡ଼ିଛନ୍ତି । ହୋସ୍ ନାହିଁ ।

କୀର୍ତ୍ତନାନ୍ତେ ବିଜୟ ଚାବି ଖୋଜୁଛନ୍ତି, କେଉଁଠାରେ ପଡ଼ିଯାଇଛି । ଠାକୁର କହୁଛନ୍ତି, "ଏଥିରେ ମଧ୍ୟ ଗୋଟାଏ ହରିବୋଲ ଦରକାର ।" ଏହା କହି ହସୁଛନ୍ତି । ବିଜୟଙ୍କୁ ଆଉ ମଧ୍ୟ କହୁଛନ୍ତି, "ସେସବୁ ଆଉ କାହିଁକି !" (ଅର୍ଥାତ୍ ଆଉ ଚାବି ସଙ୍ଗରେ କି ସମ୍ପର୍କ !) କିଶୋରୀ ପ୍ରଣାମ କରି ବିଦାୟ ନେଉଛନ୍ତି । ଠାକୁର ଯେପରି ଅତି ସ୍ନେହରେ ତାଙ୍କ ବକ୍ଷରେ ହାତ ଦେଇ କହିଲେ, "ତେବେ ଆସ ।" କଥାଗୁଡ଼ିକ ଯେପରି କରୁଣାପୂର୍ଣ୍ଣ । କିଛିକ୍ଷଣ ପରେ ମଣି ଓ ଗୋପାଳ ପାଖକୁ ଆସି ପ୍ରଣାମ କଲେ— ସେମାନେ ବିଦାୟ ନେବେ । ପୁଣି ସେହି ସ୍ନେହପୂର୍ଣ୍ଣ କଥା । କଥାଗୁଡ଼ିକରୁ ଯେପରି ମହୁ ଝରୁଛି । କହୁଛନ୍ତି, "କାଲି ସକାଳୁ ଉଠି ଯିବ, ନ ହେଲେ ଅଣ୍ଡା ଧରିବ ?"

### ଭକ୍ତମାନଙ୍କ ସଙ୍ଗରେ—ଭକ୍ତମାନଙ୍କ କଥା ପ୍ରସଙ୍ଗରେ

ମଣି ଏବଂ ଗୋପାଳଙ୍କର ଆଉ ଯିବା ହେଲା ନାହିଁ; ସେମାନେ ଆଜି ରାତିରେ

ରହିବେ । ସେମାନେ ଓ ଆଉ ଜଣେ ଦୁଇଜଣ ଭକ୍ତ ମଧ୍ୟ ତଳେ ବସିଛନ୍ତି । ଅଳ୍ପକ୍ଷଣ ପରେ ଠାକୁର ଶ୍ରୀଯୁକ୍ତ ରାମ ଚକ୍ରବର୍ତ୍ତୀଙ୍କୁ କହୁଛନ୍ତି, ''ରାମ, ଏଠାରୁ ଆଉ ଖଣ୍ଡେ ପାପୋଛ କୁଆଡ଼େ ଗଲା ?''

ଠାକୁର ଦିନସାରା ଅବସର ପାଇ ନାହାନ୍ତି—ଟିକିଏ ବିଶ୍ରାମ ମଧ୍ୟ କରିପାରି ନାହାନ୍ତି । ଭକ୍ତମାନଙ୍କୁ ଛାଡ଼ି କେଉଁଆଡ଼େ ଯିବେ ! ଏଥର ଥରେ ବାହାରକୁ ଯାଉଛନ୍ତି । ଘରକୁ ଫେରିଆସି ଦେଖିଲେ ଯେ, ମଣି ରାମଲାଲଙ୍କ ନିକଟରୁ ଗୀତ ଲେଖି ନେଉଛନ୍ତି—

''ତାର ତାରିଣି ! ଏଥର ତ୍ୱରିତ କରି ତପନ-ତନୟ-ତ୍ରାସେ-ତ୍ରାସିତ''—ଇତ୍ୟାଦି ॥

ଠାକୁର ମଣିଙ୍କୁ ପଚାରୁଛନ୍ତି, ''କଅଣ ଲେଖୁଛ ?'' ଗୀତ କଥା ଶୁଣି କହିଲେ, ''ଏତେ ବଡ଼ ଗୀତ !''

ରାତିରେ ଠାକୁର ଟିକିଏ ସୁଜିର ପାୟସ ଓ ଖଣ୍ଡେ କି ଦୁଇଖଣ୍ଡ ଲୁଚି ଖାଆନ୍ତି । ଠାକୁର ରାମଲାଲଙ୍କୁ ପଚାରୁଛନ୍ତି, ''ସୁଜି ପାୟସ ଅଛି ?''

ଧାଡ଼ିଏ ଦୁଇଧାଡ଼ି ଗୀତ ଲେଖି ମଣି ଲେଖା ବନ୍ଦ କଲେ ।

ଠାକୁର ତଳେ ଆସନରେ ବସି ପାୟସ ଖାଉଛନ୍ତି ।

ଠାକୁର ପୁଣି ଛୋଟ ଖଟ ଉପରେ ବସିଲେ । ମାଷ୍ଟର ଖଟ ପାଖରେ ପାପୋଛ ଉପରେ ବସି ଠାକୁରଙ୍କ ସହିତ କଥା କହୁଛନ୍ତି । ଠାକୁର ନାରାୟଣଙ୍କ କଥା କହୁ କହୁ ଭାବସ୍ଥ ହେଉଛନ୍ତି ।

ଶ୍ରୀରାମକୃଷ୍ଣ—ଆଜି ନାରାୟଣକୁ ଦେଖିଲି ।

ମାଷ୍ଟର—ଆଜ୍ଞା ହଁ, ଆଖିରେ ଲୁହ । ମୁହଁକୁ ଅନାଇଁ କାନ୍ଦ ମାଡ଼ିଲା ।

ଶ୍ରୀରାମକୃଷ୍ଣ—ତାକୁ ଦେଖିଲେ ଯେପରି ବାତ୍ସଲ୍ୟ ଭାବ ଆସେ । ଏଠାକୁ ଆସେ ବୋଲି ତାକୁ ଘରେ ମାରନ୍ତି । ତା' ପାଇଁ କହିବ ଏପରି କେହି ନାହିଁ । 'କୁବ୍‌ଜା ତୁମକୁ କୁମନ୍ତ୍ରଣା ଦିଏ, ରାଧାଙ୍କ ସପକ୍ଷରେ କହିବାକୁ ଏପରି କେହି ନାହିଁ ।

ମାଷ୍ଟର (ସହାସ୍ୟ)—ହରିପଦଙ୍କ ଘରେ ବହିପତ୍ର ରଖି ଆପଣଙ୍କ ପାଖକୁ ପଳାଇ ଆସିଥିଲେ ।

ଶ୍ରୀରାମକୃଷ୍ଣ—ଏଇଟା ଭଲ କରି ନାହିଁ ।

ଠାକୁର ନୀରବ ହୋଇ ବସିଛନ୍ତି । କିଛିକ୍ଷଣ ପରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଦେଖ, ତା' ଭିତରେ ଖୁବ୍ ସାର ଅଛି । ତାହା ନ ହେଲେ କଅଣ କୀର୍ତ୍ତନ ଶୁଣୁ ଶୁଣୁ ତା'ପ୍ରତି ଆକୃଷ୍ଟ ହୋଇଥାଆନ୍ତି ! ମୋତେ ଘର ଭିତରକୁ ଚାଲିଆସିବାକୁ ପଡ଼ିଲା । କୀର୍ତ୍ତନ ଛାଡ଼ି ଚାଲିଆସିବା ଏପରି ମୋର କେବେ ହୋଇନାହିଁ ।

ଠାକୁର ଟିକିଏ ନୀରବ ରହି ପୁଣି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଭାବସ୍ଥ ହୋଇ ତାକୁ ପ୍ରଶ୍ନ କରିଥିଲି ।

''ସେ ସଙ୍ଗେ ସଙ୍ଗେ କହିଲା—'ମୁଁ ଆନନ୍ଦରେ ଅଛି ।' (ମାଷ୍ଟରଙ୍କ ପ୍ରତି) ତୁମେ ତାକୁ କିଛି କିଣି ମଝିରେ ମଝିରେ ଖୁଆଅ—ବାତ୍ସଲ୍ୟ ଭାବରେ ।''

ଠାକୁର ଶ୍ରୀରାମକୃଷ୍ଣ ତେଜଚନ୍ଦ୍ରଙ୍କ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଥରେ ତାଙ୍କୁ ପଚାରି ଦେଖ ତ ମୋ ବିଷୟରେ ସେ କଅଣ କହନ୍ତି; ଜ୍ଞାନୀ ନା ଆଉ କଅଣ ? ଶୁଣିଲି ତେଜଚନ୍ଦ୍ର ବେଶୀ କଥା କହନ୍ତି ନାହିଁ । (ଗୋପାଳଙ୍କ ପ୍ରତି) ଦେଖ, ତେଜଚନ୍ଦ୍ରଙ୍କୁ ଶନି କିମ୍ବା ମଙ୍ଗଳବାର ଦିନ ଆସିବାକୁ କହ । ତଳେ ଆସନ ଉପରେ ଠାକୁର ଉପବିଷ୍ଟ । ସୁଜି ପାୟସ ଖାଉଛନ୍ତି । ପାଖରେ ଗୋଟିଏ ରୁଖା ଉପରେ ଦୀପ ଜଳୁଛି । ଠାକୁରଙ୍କ ପାଖରେ ମାଷ୍ଟର ବସିଛନ୍ତି । ଠାକୁର ପଚାରୁଛନ୍ତି, ''କିଛି ମିଠା ଅଛି ?'' ମାଷ୍ଟର ନୂଆ ଗୁଡ଼ର ସନ୍ଦେଶ ଆଣିଥିଲେ । ରାମଲାଲଙ୍କୁ କହିଲେ, ସନ୍ଦେଶ ଥାକ ଉପରେ ଅଛି ।

ଶ୍ରୀରାମକୃଷ୍ଣ—କାହିଁ, ଆଣ ନା ।

ମାଷ୍ଟର ବ୍ୟସ୍ତ ହୋଇ ଥାକ ଖୋଜିଲେ । ଦେଖିଲେ ସନ୍ଦେଶ ନାହିଁ । ବୋଧହୁଏ ଭକ୍ତଙ୍କର ସେବାରେ ଖରଚ ହୋଇଯାଇଛି ! ଅପ୍ରସ୍ତୁତ ହୋଇ ଠାକୁରଙ୍କ ନିକଟକୁ ଫେରିଆସି ବସିଲେ । ଠାକୁର କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ଥରେ ତୁମ ସ୍କୁଲକୁ ଯାଇ ଦେଖିବି—

ମାଷ୍ଟର ଭାବୁଛନ୍ତି, ଠାକୁର ନାରାୟଣଙ୍କୁ ଦେଖିବା ପାଇଁ ସ୍କୁଲକୁ ଯିବାକୁ ଇଚ୍ଛା କରୁଛନ୍ତି । ସେ କହିଲେ, ଆମ ବସାରେ ଯାଇ ଅପେକ୍ଷା କଲେ ଚଳିବ !

ଶ୍ରୀରାମକୃଷ୍ଣ— ନା, ଗୋଟାଏ କାରଣ ଅଛି । କଅଣ ଜାଣ, ଅନ୍ୟ କେହି ପିଲା ଅଛନ୍ତି କି ନାହିଁ ଥରେ ଦେଖନ୍ତି ।

ମାଷ୍ଟର— ଆପଣ ନିଶ୍ଚୟ ଯିବେ । ଅନ୍ୟ ଲୋକମାନେ ଦେଖିବାକୁ ଯାଆନ୍ତି । ସେହିପରି ଆପଣ ମଧ୍ୟ ଯିବେ ।

ଠାକୁର ଆହାରାନ୍ତେ ଛୋଟ ଖଟ ଉପରେ ଯାଇ ବସିଲେ । ଜଣେ ଭକ୍ତ ହୁକା ସଜାଡ଼ିଦେଲେ । ଠାକୁର ହୁକା ଟାଣୁଛନ୍ତି । ଇତିମଧ୍ୟରେ ମାଷ୍ଟର ଓ ଗୋପାଳ ବାରଣ୍ଡାରେ ବସି ରୁଟି ଓ ଡାଲି ଇତ୍ୟାଦି ଜଳଖିଆ ଖାଇଲେ । ସେମାନେ ନହବତ ଘରେ ଶୋଇବାକୁ ଠିକ୍ କରିଛନ୍ତି ।

ଖାଇବା ପରେ ମାଷ୍ଟର ଖଟ ପାଖରେ ଥିବା ପାପୋଛରେ ଆସି ବସିଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ନହବତରେ ଯଦି ହାଣ୍ଡିକୁଣ୍ଡେଇ ଥାଏ ? ଏଠାରେ ଶୋଇବ ? ଏହି ଘରେ ?

ମାଷ୍ଟର—ଆଜ୍ଞା ହଁ ।

## (୫)
## ସେବକ ସଙ୍ଗରେ

ରାତି ୧୦ଟା, ୧୧ଟା ହେଲା । ଠାକୁର ଛୋଟ ଖଟ ଉପରେ ତକିଆ ଭରାଦେଇ ବିଶ୍ରାମ କରୁଛନ୍ତି । ମଣି ତଳେ ବସିଛନ୍ତି । ମଣିଙ୍କ ସହିତ ଠାକୁର କଥା କହୁଛନ୍ତି । ଘରର କାନ୍ଥ ପାଖରେ ସେହି ରୁଖା ଉପରେ ପ୍ରଦୀପ ଜଳୁଛି ।

ଠାକୁର ଅହେତୁକ କୃପାସିନ୍ଧୁ । ମଣିଙ୍କର ସେବା ନେବେ ।

ଶ୍ରୀରାମକୃଷ୍ଣ—ଦେଖ, ମୋର ପାଦଟା ବିନ୍ଧୁଛି । ଟିକିଏ ହାତ ବୁଲାଇ ଦିଅ ତ ! ମଣି ଠାକୁରଙ୍କର ଛୋଟ ଖଟ ଉପରେ ପାଦ ପାଖରେ ବସିଲେ ଓ ପାଦ ଦୁଇଟି ତାଙ୍କର କୋଳକୁ ନେଇ ଆସ୍ତେ ଆସ୍ତେ ହାତରେ ଆଉଁସୁଛନ୍ତି । ଠାକୁର ମଝିରେ ମଝିରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆଜି ସବୁ କିପରି କଥା ହେଲା ?

ମଣି—ଆଜ୍ଞା, ଖୁବ୍ ଭଲ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆକବର ବାଦଶାହାଙ୍କ ବିଷୟରେ କିପରି କଥା ହେଲା ?

ମଣି—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—କଅଣ କହ ଦେଖି ?

ମଣି—ଜଣେ ଫକୀର ଆକବର ବାଦଶାହାଙ୍କ ସଙ୍ଗରେ ଦେଖା କରିବାକୁ ଆସିଥିଲେ । ଆକବର ସେତେବେଳେ ନମାଜ ପଢୁଥିଲେ । ନମାଜ ପଢୁ ପଢୁ ଈଶ୍ୱରଙ୍କ ପାଖରେ ଧନସମ୍ପତ୍ତି ଚାହୁଁଥିଲେ; ସେତେବେଳେ ଫକୀର ଆସ୍ତେ ଆସ୍ତେ ଘରୁ ଚାଲିଯିବାକୁ ବସିଲେ । ପରେ ଆକବର ପ୍ରଶ୍ନ କରିବାରୁ ସେ କହିଲେ, ଯଦି ଭିକ୍ଷା କରିବାକୁ ହୁଏ, ଭିଖାରୀ ପାଖରେ କାହିଁକି କରିବି !

ଶ୍ରୀରାମକୃଷ୍ଣ—ଆଉ କଅଣ କଥା ହୋଇଥିଲା ?

ମଣି—ସଞ୍ଚୟ କଥା ପଡ଼ିଥିଲା ।

ଶ୍ରୀରାମକୃଷ୍ଣ (ସହାସ୍ୟ)—କଅଣ କଅଣ ହେଲା ?

ମଣି—ଚେଷ୍ଟା କରିବାକୁ ହେବ—ଏହି ବୋଧ ଥିବା ପର୍ଯ୍ୟନ୍ତ ଚେଷ୍ଟା କରିବାକୁ ପଡ଼େ । ସଞ୍ଚୟ କଥା ସିଁଥିଠାରେ କିପରି କହିଥିଲେ !

ଶ୍ରୀରାମକୃଷ୍ଣ—କଅଣ କହିଥିଲି ?

ମଣି—ଯେ ତାଙ୍କ ଉପରେ ପୂର୍ଣ୍ଣ ନିର୍ଭର କରେ, ତାହାର ଦାୟିତ୍ୱ ସେ ନିଅନ୍ତି; ନାବାଳକର ଯେପରି ଅଭିଭାବକ ସବୁ ଦାୟିତ୍ୱ ନିଏ । ଆଉ ଗୋଟିଏ କଥା ଶୁଣିଥିଲି, ନିମନ୍ତ୍ରଣ ଘରେ ଛୋଟ ପିଲା ନିଜେ ବସିବାକୁ ଜାଗା କରିପାରେ ନାହିଁ । ତାକୁ ଖାଇବା ଜାଗାରେ କେହି ବସାଇଦିଏ ।

ଶ୍ରୀରାମକୃଷ୍ଣ—ନା । ଠିକ୍ ହେଲା ନାହିଁ; ବାପ ପୁଅର ହାତ ଧରି ନେଇଗଲେ ସେ

ପୁଅ ଆଉ ପଢ଼େ ନାହିଁ ।

ମଣି—ଆଉ ଆଜି ଆପଣ ତିନି ପ୍ରକାର ସାଧୁଙ୍କ କଥା କହିଥିଲେ । ଉତ୍ତମ ସାଧୁ, ଯେ ବସିଲେ ମଧ୍ୟ ଖାଇବାକୁ ପାଆନ୍ତି । ଆପଣ ବାଳକ ସାଧୁଟିର କଥା କହିଲେ । କନ୍ୟାର ସ୍ତନ ଦେଖି କହିଲା; ଛାତିରେ ବଥ ହୋଇଛି କାହିଁକି ? ଏହିପରି ଅନେକ ଚମତ୍କାର ଚମତ୍କାର କଥା କହିଲେ; ସବୁ ଶେଷ କଥା ।

ଶ୍ରୀରାମକୃଷ୍ଣ (ସହାସ୍ୟ)—କଅଣ ସବୁ କଥା ?

ମଣି—ସେହି ପମ୍ପା ସରୋବରର କାକ କଥା । ରାମନାମ ଅହର୍ନିଶି ଜପ କରୁଛି; ତେଣୁ ପାଣି ପାଖକୁ ଯାଉଛି, କିନ୍ତୁ ପିଇପାରୁ ନାହିଁ । ପୁଣି ସେହି ସାଧୁଙ୍କର ପୋଥି କଥା— ସେଥିରେ କେବଳ ''ଓଁ ରାମ'', ଏହା ହିଁ ଲେଖା ଅଛି ।

ଆଉ ହନୁମାନ ରାମଙ୍କୁ ଯାହା କହିଥିଲେ—

ଶ୍ରୀରାମକୃଷ୍ଣ—କଅଣ କହିଥିଲେ ?

ମଣି—ସୀତାଙ୍କୁ ଦେଖି ଆସିଲି । ମାତ୍ର ଦେହଟି ପଡ଼ିରହିଛି; ମନ ପ୍ରାଣ ସବୁ ଆପଣଙ୍କ ପାଦତଳେ ସମର୍ପଣ କରିଛନ୍ତି ।

ଆଉ ଚାତକର କଥା—ବର୍ଷାଜଳ ବ୍ୟତୀତ ଅନ୍ୟ ଜଳ ପିଇବ ନାହିଁ ।

ଆଉ ଜ୍ଞାନଯୋଗ ଓ ଭକ୍ତିଯୋଗ କଥା ।

ଶ୍ରୀରାମକୃଷ୍ଣ—କଅଣ ?

ମଣି—ଯେତେକ୍ଷଣ 'କୁମ୍ଭ'-ଜ୍ଞାନ, ସେତେକ୍ଷଣ 'ମୁଁ-କୁମ୍ଭ' ରହିବ ହିଁ ରହିବ । ଯେପର୍ଯ୍ୟନ୍ତ 'ମୁଁ'-ଜ୍ଞାନ ସେପର୍ଯ୍ୟନ୍ତ 'ମୁଁ ଭକ୍ତ,-ତୁମେ ଭଗବାନ ।'

ଶ୍ରୀରାମକୃଷ୍ଣ—ନା, 'କୁମ୍ଭ'-ଜ୍ଞାନ ଥାଉ କିମ୍ବା ନ ଥାଉ 'କୁମ୍ଭ' ଯାଏ ନାହିଁ । 'ମୁଁ' ଯିବ ନାହିଁ । ହଜାରେ ବିଚାର କର, ତାହା ଯିବ ନାହିଁ ।

ମଣି କିଛିକ୍ଷଣ ଚୁପ୍ ହୋଇ ରହିଲେ । ପୁଣି କହୁଛନ୍ତି । କାଳୀମନ୍ଦିରଠାରେ ଈଶାନ ମୁଖାର୍ଜୀଙ୍କ ସଙ୍ଗରେ କଥା ହେଉଥିଲା—ଭାଗ୍ୟକୁ ସେତେବେଳେ ଆମେମାନେ ସେଠାରେ ଥିଲୁ ଓ ଶୁଣିପାରିଥିଲୁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ହଁ, କଅଣ ସବୁ କଥା କହ ଦେଖି ।

ମଣି—ସେହି କଥା କହିଥିଲେ, କର୍ମକାଣ୍ଡ ହେଉଛି ଆଦିକାଣ୍ଡ । ଶମ୍ଭୁ ମଲ୍ଲିକଙ୍କୁ କହିଥିଲେ, ଯଦି ଈଶ୍ୱର ତୁମ ନିକଟକୁ ଆସନ୍ତି, ତା' ହେଲେ କଅଣ କେତେଗୁଡ଼ିଏ ହାସ୍‌ପାତାଳ ଓ ଡିସ୍‌ପେନ୍‌ସରୀ ଚାହିଁବ ?

''ଆଉ ଗୋଟିଏ କଥା ହୋଇଥିଲା—ଯେପର୍ଯ୍ୟନ୍ତ କର୍ମରେ ଆସକ୍ତି ଥାଏ ସେପର୍ଯ୍ୟନ୍ତ ଈଶ୍ୱର ଦେଖା ଦିଅନ୍ତି ନାହିଁ । କେଶବ ସେନଙ୍କୁ ସେହି କଥା କହିଥିଲେ ।''

ଶ୍ରୀରାମକୃଷ୍ଣ—କଅଣ ?

ମଣି—ଯେତେବେଳ ଯାଏ ପୁଅ ଚୁଚୁମା ଧରି ଭୁଲିଥାଏ ସେତେବେଳ ଯାଏଁ ମା'

ରନ୍ଧାବଢ଼ା କରନ୍ତି । ଚୁଚୁମା ପକାଇ ଯେତେବେଳେ ପୁଅ ଚିତ୍କାର କରେ, ସେତେବେଳେ ମା' ଭାତହାଣ୍ଡି ଓହ୍ଲାଇ ପୁଅ ପାଖକୁ ଯାଆନ୍ତି ।

''ଅନ୍ୟ ଗୋଟିଏ କଥା ସେଦିନ ହୋଇଥିଲା । ଲକ୍ଷ୍ମଣ ପଚାରିଥିଲେ—ଭଗବାନଙ୍କୁ କେଉଁ କେଉଁଠାରେ ଦର୍ଶନ କରାଯାଇପାରେ ? ରାମ ଅନେକ କଥା କହି ଶେଷରେ କହିଲେ —ଭାଇ, ଯେଉଁ ମନୁଷ୍ୟଠାରେ ଉର୍ଜ୍ଜିତା ଭକ୍ତି ଦେଖିବାକୁ ପାଇବ—'ହସେ କାନ୍ଦେ ନାଚେ ଗାଏ—ପ୍ରେମରେ ଉନ୍ମତ୍ତ'—ସେହିଠାରେ ଜାଣିବ ଯେ ମୁଁ (ଭଗବାନ) ଅଛି ।''

ଶ୍ରୀରାମକୃଷ୍ଣ—ଆହା ! ଆହା ! ଠାକୁର କିଛିକ୍ଷଣ ନୀରବ ରହିଲେ ।

ମଣି—ଈଶାନଙ୍କୁ କେବଳ ନିବୃତ୍ତିର କଥା କହିଥିଲେ । ସେହିଦିନଠାରୁ ଅନେକଙ୍କର ଅକଲ ହୋଇଛି । କର୍ତ୍ତବ୍ୟ କର୍ମ କମାଇବା ପାଇଁ ଆଗ୍ରହ । କହିଥିଲେ— ''ଲଙ୍କାରେ ରାବଣ ମଲା, ବେହୁଲା କାନ୍ଦି ଆକୁଳ ହେଲା ।''

ଠାକୁର ରାମକୃଷ୍ଣ ଏହି କଥା ଶୁଣି ଉଚ୍ଚହାସ୍ୟ କଲେ ।

ମଣି (ଅତି ବିନୀତ ଭାବରେ)—ଆଚ୍ଛା, କର୍ତ୍ତବ୍ୟ କର୍ମ ହାଙ୍ଗାମା—କମାଇବା ତ ଭଲ ?

ଶ୍ରୀରାମକୃଷ୍ଣ—ହଁ, ତେବେ ସମ୍ମୁଖରେ କେହି ପଡ଼ିଲା ସେ ଅଲଗା କଥା । ସାଧୁ କିମ୍ବା ଗରିବ ଲୋକ ସମ୍ମୁଖରେ ପଡ଼ିଲେ ସେମାନଙ୍କର ସେବା କରିବା ଉଚିତ୍ ।

ମଣି—ଆଉ ସେଦିନ ଈଶାନ ମୁଖାର୍ଜୀଙ୍କୁ ଖୋସାମତର କଥା ବେଶ୍ କହିଥିଲେ । ମଡ଼ାଉପରେ ଯେପରି ଶାଗୁଣା ବସନ୍ତି । ସେହି କଥା ଆପଣ ପଣ୍ଡିତ ପଦ୍ମଲୋଚନଙ୍କୁ କହିଥିଲେ ।

ଶ୍ରୀରାମକୃଷ୍ଣ—ନା, ଉଲୋର ବାମନ ଦାସଙ୍କୁ ।

କିଛିକ୍ଷଣ ପରେ ମଣି ଖଟ ପାଖରେ ପାପୋଛ ନିକଟରେ ବସିଲେ । ଠାକୁରଙ୍କର ତନ୍ଦ୍ରା ଆସୁଅଛି । ସେ ମଣିଙ୍କୁ କହୁଛନ୍ତି—ତୁମେ ଯାଇ ଶୁଅ । ଗୋପାଳ କୁଆଡ଼େ ଗଲା ? ତୁମେ ଦ୍ୱାର ଆଉଜାଇ ଦିଅ ।

ପରଦିନ (୧୦ ନଭେମ୍ବର) ସୋମବାର । ଶ୍ରୀରାମକୃଷ୍ଣ ବିଛଣାରୁ ଅତି ପ୍ରତ୍ୟୁଷରୁ ଉଠିଛନ୍ତି ଓ ଈଶ୍ୱରଙ୍କ ନାମ କରୁଛନ୍ତି; ମଝିରେ ମଝିରେ ଗଙ୍ଗା-ଦର୍ଶନ କରୁଛନ୍ତି । ଏଣେ ମା' କାଳୀଙ୍କର ଓ ଶ୍ରୀଶ୍ରୀରାଧାକାନ୍ତଙ୍କର ମନ୍ଦିରରେ ମଙ୍ଗଳାଳତି ହେଉଅଛି । ମଣି ଠାକୁରଙ୍କ ଘରେ ତଳେ ଶୋଇଥିଲେ । ସେ ମଧ୍ୟ ଶଯ୍ୟାରୁ ଉଠି ସମସ୍ତ ଦର୍ଶନ କରୁଛନ୍ତି ଓ ଶୁଣୁଛନ୍ତି ।

ପ୍ରାତଃକୃତ୍ୟ ପରେ ସେ ଠାକୁରଙ୍କ ପାଖରେ ଆସି ବସିଲେ ।

ଠାକୁର ସ୍ନାନ କଲେ । ସ୍ନାନାନ୍ତେ କାଳୀମନ୍ଦିରକୁ ଯାଉଛନ୍ତି । ମଣି ସଙ୍ଗରେ ଅଛନ୍ତି । ଠାକୁର ତାଙ୍କୁ ଘରେ ତାଲା ପକାଇବାକୁ କହିଲେ ।

କାଳୀମନ୍ଦିରକୁ ଯାଇ ଠାକୁର ଆସନରେ ଉପବିଷ୍ଟ ହେଲେ ଓ ଫୁଲ ନେଇ କେତେବେଳେ ନିଜ ମସ୍ତକରେ ଅଥବା କେତେବେଳେ ମା' କାଳୀଙ୍କ ପାଦପଦ୍ମରେ

ଦେଉଛନ୍ତି; ତା'ପରେ ଚାମର ନେଇ ବ୍ୟଜନ କଲେ ଓ ପୁଣି ନିଜ ଘରକୁ ଫେରିଆସିଲେ । ମଣିଙ୍କୁ ପୁଣି ତାଲା ଖୋଲିବାକୁ କହିଲେ । ଘରେ ପ୍ରବେଶ କରି ଛୋଟ ଖଟ ଉପରେ ବସିଲେ । ବର୍ତ୍ତମାନ ଭାବରେ ବିଭୋର —ଠାକୁର ନାମ କରୁଛନ୍ତି । ମଣି ତଳେ ଏକାକୀ ଉପବିଷ୍ଟ ।

ଏଥର ଠାକୁର ଗୀତ ଗାଉଛନ୍ତି । ଭାବରେ ଉନ୍ମତ୍ତ ହୋଇ ଗୀତ ମାଧ୍ୟମରେ ମଣିଙ୍କୁ କଅଣ ଶିଖାଉଛନ୍ତି ଯେ, **କାଳୀ ହିଁ ବ୍ରହ୍ମ**, କାଳୀ ନିର୍ଗୁଣା ପୁଣି ସଗୁଣା, ଅରୂପା ପୁଣି ଅନନ୍ତରୂପିଣୀ ।

ଗୀତ : କିଏ ଜାଣେ ମା କାଳୀ କିପରି, ଷଡ଼ଦର୍ଶନେ...। ଇତ୍ୟାଦି ।

ଗୀତ : ଏସବ କ୍ଷେପା ମେୟେର ଖେଲା ।...ଇତ୍ୟାଦି ।

ଗୀତ : କାଳୀ କେ ଜାନେ ତୋମାୟ ମା (ତୁମି ଅନନ୍ତରୂପିଣୀ) !
ତୁମି ମହାବିଦ୍ୟା ଅନାଦି ଅନାଦ୍ୟା, ଭବବନ୍ଧେର ବନ୍ଧନହାରିଣୀ ତାରିଣୀ !
ଗିରିଜା ଗୋପଜା, ଗୋବିନ୍ଦମୋହିନୀ, ସାରଦେ ବରଦେ ନଗେନ୍ଦ୍ରନନ୍ଦିନୀ,
ଜ୍ଞାନଦେ ମୋକ୍ଷଦେ, କାମାକ୍ଷା କାମଦେ ଶ୍ରୀରାଧା ଶ୍ରୀକୃଷ୍ଣହୃଦିବିଳାସିନୀ ।

ଗୀତ : ତାର ତାରିଣୀ ! ଏବାର ତ୍ୱରିତ କରିୟେ,
ତପନ-ତନୟ-ତ୍ରାସେ ତ୍ରାସିତ ପ୍ରାଣ ଯାୟ ।
ଜଗତ୍-ଅମ୍ବେ ଜନପାଳିନୀ, ଜନ-ମୋହିନୀ ଜଗତଜନନୀ,
ଯଶୋଦା ଜଠରେ ଜନମ ଲଇୟେ, ସହାୟ ହରି ଲୀଳାୟ ॥
ବୃନ୍ଦାବନେ ରାଧାବିନୋଦିନୀ, ବ୍ରଜବଲ୍ଲଭ ବିହାରକାରିଣୀ,
ରାସରଙ୍ଗିନୀ ରସମୟୀ ହୟେ, ରାସ କରିଲେ ଲୀଳାପ୍ରକାଶ ॥
ଗିରିଜା ଗୋପଜା ଗୋବିନ୍ଦମୋହିନୀ, ତୁମି ମା ଗଙ୍ଗେ ଗତିଦାୟିନୀ,
ଗାନ୍ଧର୍ବିକେ ଗୌରବରଣୀ ଗାଓୟେ ଗୋଲକେ ଗୁଣ ତୋମାର ॥
ଶିବେ ସନାତନୀ ସର୍ବାଣୀ ଈଶାନୀ, ସଦାନନ୍ଦମୟୀ, ସର୍ବସ୍ୱରୂପିଣୀ,
ସଗୁଣା ନିର୍ଗୁଣା ସଦାଶିବ ପ୍ରିୟା, କେ ଜାନେ ମହିମା ତୋମାର ॥

ମଣି ମନେ ମନେ ଭାବୁଛନ୍ତି, ଠାକୁର ଯଦି ଥରେ ଏହି ଗୀତଟି ଗାଆନ୍ତେ—'ଆଉ ଭୁଲାଇଲେ ନ ଭୁଲିବି ମାଗୋ ! ଦେଖିଛି ତୁମର ରଙ୍ଗା ଚରଣ ।'

କି ଆଶ୍ଚର୍ଯ୍ୟ ! ଭାବୁ ନ ଭାବୁଣୁ ଠାକୁର ଏହି ଗୀତଟି ଗାଉଛନ୍ତି । ଟିକିଏ ପରେ ଠାକୁର ପଚାରୁଛନ୍ତି ''ଆଚ୍ଛା, ମୋର ବର୍ତ୍ତମାନ କିପରି ଅବସ୍ଥା ବୋଲି ତୁମର ବୋଧହୁଏ !

ମଣି (ସହାସ୍ୟ)—ଆପଣଙ୍କର **ସହଜାବସ୍ଥା** । ଠାକୁର ନିଜ ମନକୁ ମନ ଗୀତରୁ ପଦେ ଗାଇଲେ ''ସହଜ ମଣିଷ ନ ହେଲେ ସହଜରେ ନ ଯାଏ ଚିହ୍ନା ।

# ଦ୍ୱିତୀୟ ପରିଚ୍ଛେଦ

## ଠାକୁର ଶ୍ରୀରାମକୃଷ୍ଣଙ୍କର ପ୍ରହ୍ଲାଦଚରିତ୍ରାଭିନୟ ଦର୍ଶନ

### (୧)

### ଶ୍ରୀରାମକୃଷ୍ଣ ସମାଧିମନ୍ଦିରରେ

ଶ୍ରୀରାମକୃଷ୍ଣ ଆଜି ଷ୍ଟାର ଥିଏଟର୍‌ରେ ପ୍ରହ୍ଲାଦ ଚରିତ୍ର ଅଭିନୟ ଦେଖିବାକୁ ଆସିଛନ୍ତି । ସଙ୍ଗରେ ମାଷ୍ଟର, ବାବୁରାମ ଓ ନାରାୟଣ ପ୍ରଭୃତି ଅଛନ୍ତି । ଷ୍ଟାର୍ ଥିଏଟର୍ ସେତେବେଳେ ବିଡ଼ନ ଷ୍ଟ୍ରୀଟ୍‌ରେ । ଏହି ରଙ୍ଗମଞ୍ଚରେ ପରେ ଏମାରଲ୍ଡ଼ ଥିଏଟର୍ ଓ କ୍ଲାସିକ୍ ଥିଏଟର୍‌ର ଅଭିନୟ ସଂପନ୍ନ ହେଉଥିଲା ।

ଆଜି ରବିବାର । ୧୯ ଦିନ ମାର୍ଗଶିର କୃଷ୍ଣା ଦ୍ୱାଦଶୀ ତିଥି, ୧୪ ଡିସେମ୍ବର ୧୮୮୪ ଖ୍ରୀଷ୍ଟାବ୍ଦ । ଶ୍ରୀରାମକୃଷ୍ଣ ଗୋଟିଏ ବକ୍‌ସରେ ଉତ୍ତରାସ୍ୟ ହୋଇ ବସିଛନ୍ତି । ରଙ୍ଗାଳୟ ଆଲୋକାକୀର୍ଣ୍ଣ । ପାଖରେ ମାଷ୍ଟର, ବାବୁରାମ ଓ ନାରାୟଣ ବସିଛନ୍ତି । ଗିରିଶ ଆସିଛନ୍ତି । ଅଭିନୟ ବର୍ତ୍ତମାନ ମଧ୍ୟ ଆରମ୍ଭ ହୋଇନାହିଁ । ଠାକୁର ଗିରିଶଙ୍କ ସଙ୍ଗରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ବାଃ, ତୁମେ ବେଶ୍ ସବୁ ଲେଖିଛ !

ଗିରିଶ—ମହାଶୟ, ଧାରଣା କାହିଁ ? କେବଳ ଲେଖିଯାଇଛି ।

ଶ୍ରୀରାମକୃଷ୍ଣ—ନା, ତୁମର ଧାରଣା ଅଛି । ସେଦିନ ତ ତୁମକୁ କହିଲି, ଭିତରେ ଭକ୍ତି ନ ଥିଲେ ଝୋଟିଚିତ୍ର ଅଙ୍କାଯାଏ ନାହିଁ—

"ଧାରଣା ଦରକାର । କେଶବଙ୍କ ଘରେ ନବ ବୃନ୍ଦାବନ ନାଟକ ଦେଖିବାକୁ ଯାଇଥିଲି । ଦେଖିଲି ଜଣେ ଡେପୁଟି ୮୦୦ ଟଙ୍କା ଦରମା ପାଆନ୍ତି । ସମସ୍ତେ କହିଲେ ଖୁବ୍ ପଣ୍ଡିତ । କିନ୍ତୁ ଗୋଟିଏ ପୁଅ ସକାଶେ ବ୍ୟତିବ୍ୟସ୍ତ ! ପୁଅଟି କିପରି ଭଲ ଜାଗାରେ ବସିବ, କିପରି ଅଭିନୟ ଦେଖିପାରିବ, ଏଥିପାଇଁ ବ୍ୟାକୁଳ ! ଏଣେ ଈଶ୍ୱରୀୟ କଥା ହେଉଛି, ଶୁଣିବେ ନାହିଁ । ପୁଅ କେବଳ ପଚାରୁଛି, ବାପା ଏଇଟା କ'ଣ, ବାପା ସେଇଟା କ'ଣ ?—ସେ ମଧ୍ୟ ପୁଅ ସକାଶେ ବ୍ୟତିବ୍ୟସ୍ତ । କେବଳ ବହିପଢ଼ିଛନ୍ତି ମାତ୍ର । କିନ୍ତୁ ଧାରଣା ହୋଇନାହିଁ ।

ଗିରିଶ—ଭାବୁଛି ଆଉ ଥିଏଟର କରିବି ନାହିଁ ।

ଶ୍ରୀରାମକୃଷ୍ଣ—ନା, ନା, ସେପରି ଭାବନାହିଁ, ଏଥିରେ ଲୋକଶିକ୍ଷା ହେବ ।

ଅଭିନୟ ଆରମ୍ଭ ହୋଇଛି । ପ୍ରହ୍ଲାଦ ପାଠଶାଳାରେ ଅଧ୍ୟୟନ କରିବାକୁ ଆସିଛନ୍ତି । ପ୍ରହ୍ଲାଦଙ୍କୁ ଦର୍ଶନ କରି ଠାକୁର ସସ୍ନେହରେ 'ପ୍ରହ୍ଲାଦ' 'ପ୍ରହ୍ଲାଦ' ଏହି କଥା କହୁ କହୁ ଏକାବେଳକେ ସମାଧିସ୍ଥ ହୋଇଗଲେ ।

ପ୍ରହ୍ଲାଦଙ୍କୁ ହସ୍ତୀର ପଦତଳେ ଦେଖି ଠାକୁର କାନ୍ଦୁଛନ୍ତି । ଅଗ୍ନିକୁଣ୍ଡରେ ଯେତେବେଳେ

ପକାଇଦେଲେ ସେତେବେଳେ ମଧ୍ୟ ଠାକୁର କାନ୍ଦୁଛନ୍ତି । ସେହି ଦୃଶ୍ୟ ଦେଖି ଠାକୁର ପୁଣି **ସମାଧିସ୍ଥ ହେଲେ ।**

## (୨)

## ଭକ୍ତମାନଙ୍କ ସହିତ ଈଶ୍ୱରୀୟ କଥାପ୍ରସଙ୍ଗ । ଈଶ୍ୱରଦର୍ଶନର ଲକ୍ଷଣ ଓ ଉପାୟ—ତିନି ପ୍ରକାର ଭକ୍ତ

ରଙ୍ଗାଳୟରେ ଗିରିଶ ଯେଉଁ ଘରେ ବସନ୍ତି ସେଠାକୁ ଅଭିନୟାନ୍ତେ ଠାକୁରଙ୍କୁ ନେଇଗଲେ । ଗିରିଶ କହିଲେ, 'ବିବାହ ବିଭ୍ରାଟ' ଦେଖିବେ କି ?

ଠାକୁର କହିଲେ, ''ନା, ପ୍ରହ୍ଲାଦ ଚରିତ୍ର ପରେ ସେସବୁ କଅଣ ? ମୁଁ ସେଥିପାଇଁ ଓଡ଼ିଶାର ଗୋପାଳ ଯାତ୍ରାଦଳକୁ କହିଥିଲି, ' ଯାତ୍ରା ଶେଷରେ ତୁମେମାନେ କିଛି ଈଶ୍ୱରୀୟ ପ୍ରସଙ୍ଗକୁ କର ।' ବେଶ୍ ଈଶ୍ୱରଙ୍କ କଥା ହେଉଥିଲା, ପୁଣି ବିବାହ ବିଭ୍ରାଟ—ସଂସାରର କଥା !—'ଯାହା ଥିଲି ତାହା ହିଁ ହେଲି ।' ପୁଣି ସେହି ପୂର୍ବର ଭାବ ଆସି ଯାଏ । ଠାକୁର ଗିରିଶାଦିଙ୍କ ସହିତ ଈଶ୍ୱରୀୟ କଥା କହୁଛନ୍ତି । ଗିରିଶ କହୁଛନ୍ତି, ମହାଶୟ, କିପରି ଦେଖିଲେ ?

ଶ୍ରୀରାମକୃଷ୍ଣ—ଦେଖିଲି ସାକ୍ଷାତ୍ ସେହି କେବଳ ସବୁ ହୋଇଛନ୍ତି । ଯେଉଁମାନେ ସାଜିଛନ୍ତି ସେମାନଙ୍କୁ ଦେଖିଲି, ସାକ୍ଷାତ୍ ଆନନ୍ଦମୟୀ ମାଆ । ଯେଉଁମାନେ ଗୋଲକରେ ଗୋପାଳ ସାଜିଛନ୍ତି ସେମାନଙ୍କୁ ଦେଖିଲି—ସାକ୍ଷାତ୍ ନାରାୟଣ । ସେ ହିଁ ସବୁ ହୋଇଛନ୍ତି । ତେବେ ଠିକ୍ ଈଶ୍ୱରଦର୍ଶନ ହେଉଛି କି ନାହିଁ ତାହାର ଲକ୍ଷଣ ଅଛି । ଗୋଟିଏ ଲକ୍ଷଣ ଆନନ୍ଦ । ସଂକୋଚ ରହେ ନାହିଁ । ଯେପରି ସମୁଦ୍ର ଉପରେ ହିଲ୍ଲୋଳ, କଲ୍ଲୋଳ, ତଳେ ଗଭୀର ଜଳ । ଯାହାର ଭଗବାନ ଦର୍ଶନ ହୋଇଛି, ସେ କେତେବେଳେ ପାଗଳ ପରି, କେତେବେଳେ ବା ପିଶାଚ ପରି—ଶୁଚି ଅଶୁଚି ଭେଦ-ଜ୍ଞାନ ନାହିଁ । କେତେବେଳେ ବା ଜଡ଼ପରି । କାହିଁକି ନା, ଭିତରେ ବାହାରେ ଈଶ୍ୱରଙ୍କୁ ଦର୍ଶନ କରି ସେ ଅବାକ୍ ହୋଇ ରହେ । କେତେବେଳେ ବାଳକପରି —କୌଣସିଥିରେ ଆଣ୍ଟ ନାହିଁ, ବାଳକ ଯେପରି କାଖରେ ଲୁଗା ଜାକି ବୁଲେ । ଏହି ଅବସ୍ଥାରେ କେତେବେଳେ ବାଲ୍ୟଭାବ, କେତେବେଳେ କିଶୋର ଭାବ—ଥଟ୍ଟା ତାମସା କରେ । କେତେବେଳେ ଯୁବକର ଭାବ—ଯେତେବେଳେ କର୍ମ କରେ ଲୋକଶିକ୍ଷା ଦିଏ, ସେତେବେଳେ ସିଂହତୁଲ୍ୟ ।

ଶ୍ରୀରାମକୃଷ୍ଣ—ଜୀବର ଅହଙ୍କାର ଅଛି ବୋଲି ସେ ଈଶ୍ୱରଙ୍କୁ ଦେଖିପାରେ ନାହିଁ । ମେଘ ଉଠିଲେ ଆଉ ସୂର୍ଯ୍ୟ ଦେଖାଯାଆନ୍ତି ନାହିଁ । କିନ୍ତୁ ଦେଖାଯାଉ ନାହିଁ ବୋଲି କଅଣ ସୂର୍ଯ୍ୟ ନାହାନ୍ତି ? ସୂର୍ଯ୍ୟ ଠିକ୍ ଅଛନ୍ତି ।

''ତେବେ 'ବାଳକ ମୁଁ'—ଏଥିରେ ଦୋଷ ନାହିଁ, ବରଂ ଉପକାର ଅଛି । ଶାଗ ଖାଇଲେ ବେମାର ହୁଏ, କିନ୍ତୁ ହିଡ଼ିମିଚା ଶାଗ ଖାଇଲେ ଉପକାର ହୁଏ । ହିଡ଼ିମିଚା ଶାଗ ଶାଗ ମଧ୍ୟରେ ନୁହେଁ । ମିଶ୍ରି ମିଠା ମଧ୍ୟରେ ନୁହେଁ । ଅନ୍ୟ ମିଠାରେ ଖରାପ ହୁଏ, କିନ୍ତୁ ମିଶ୍ରିରେ କଫଦୋଷ ରହେ ନାହିଁ ।''

''ସେଥିପାଇଁ କେଶବ ସେନଙ୍କୁ କହିଥିଲି, 'ଆଉ ଅଧିକ କହିଲେ ଦଳ ଫଳ ରହିବ ନାହିଁ ।' କେଶବ ଡରିଗଲା । ମୁଁ ସେତେବେଳେ କହିଲି, 'ବାଳକ ମୁଁ', 'ଦାସ ମୁଁ' ଏଥିରେ ଦୋଷ ନାହିଁ ।''

ଶ୍ରୀରାମକୃଷ୍ଣ—ଯେ ଈଶ୍ୱର ଦର୍ଶନ କରିଛନ୍ତି ସେ ଦେଖନ୍ତି ଯେ, ଈଶ୍ୱର ହିଁ ଜୀବଜଗତ୍ ହୋଇଛନ୍ତି । ସମସ୍ତ ହିଁ ସେ । ଏହାର ନାମ ଉତ୍ତମ ଭକ୍ତ ।

ଗିରିଶ (ସହାସ୍ୟ)—ସବୁ ହିଁ ସେ, ତେବେ ଟିକିଏ ମୁଁ ରହେ—ସେଥିରେ କଫ ଦୋଷ ନାହିଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ହଁ, ସେଥିରେ କ୍ଷିତି ନାହିଁ । ସେ ମୁଁ ଟିକକ ସମ୍ଭୋଗ ପାଇଁ । 'ମୁଁ ଜଣେ, ତୁମେ ଜଣେ' ହେଲେ ଆନନ୍ଦ ଉପଭୋଗ କରାଯାଏ । ସେବ୍ୟସେବକର ଭାବ ।

''ପୁଣି ମଧ୍ୟମ ଶ୍ରେଣୀର ଭକ୍ତ ଅଛନ୍ତି । ସେ ଦେଖେ ଯେ, ଈଶ୍ୱର ସର୍ବଭୂତରେ ଅନ୍ତର୍ଯ୍ୟାମୀ ରୂପରେ ରହିଛନ୍ତି । ଅଧମ ଶ୍ରେଣୀର ଭକ୍ତ କହେ—ଈଶ୍ୱର ଅଛନ୍ତି, ଉପରେ ଈଶ୍ୱର—ଅର୍ଥାତ୍ ଆକାଶ ଉପରେ !'' (ସମସ୍ତଙ୍କର ହସ)

''ଗୋଲକର ଗୋପାଳ ବାଳକ ଦେଖି ମୋର ବୋଧହେଲା, ସେ ହିଁ (ଈଶ୍ୱର ହିଁ) ସବୁ ହୋଇଛନ୍ତି । ଯେ ଈଶ୍ୱର ଦର୍ଶନ କରିଛନ୍ତି, ତାଙ୍କର ଠିକ୍ ବୋଧହୁଏ, ଈଶ୍ୱର ହିଁ କର୍ତ୍ତା, ସେ ହିଁ ସବୁ କରୁଛନ୍ତି ।''

ଗିରିଶ—ଆଜ୍ଞା, ମୁଁ କିନ୍ତୁ ଠିକ୍ ବୁଝିଛି, ସେ ହିଁ ସବୁ କରୁଛନ୍ତି ।

ଶ୍ରୀରାମକୃଷ୍ଣ—ମୁଁ କହେ, 'ମା, ମୁଁ ଯନ୍ତ୍ର ତୁମେ ଯନ୍ତ୍ରୀ, ମୁଁ ଜଡ଼ ତୁମେ ଚୈତନ୍ୟଦାୟିନୀ, ଯେପରି କରାଅ ସେପରି କରେ, ଯେପରି କୁହାଅ ସେପରି କହେ ।' ଯେଉଁମାନେ ଅଜ୍ଞାନ ସେମାନେ କହନ୍ତି, କିଛି ମୁଁ କରୁଛି, କିଛି ସେ କରୁଛନ୍ତି !

## କର୍ମଯୋଗରେ ଚିତ୍ତଶୁଦ୍ଧି ହୁଏ । ସର୍ବଦା ପାପ ପାପ କାହିଁକି ? ଅହୈତୁକୀ ଭକ୍ତି

ଗିରିଶ—ଆଜ୍ଞା, ମୁଁ ଆଉ କଅଣ କରୁଛି, ପୁଣି କର୍ମ ବା କାହିଁକି ?

ଶ୍ରୀରାମକୃଷ୍ଣ—ନାହିଁ ହେ, କର୍ମ ଭଲ । ଜମି ଚାଷ କରାହେଲେ ଯାହା ରୋଇବ ତାହା ଉଠିବ । ତେବେ କର୍ମ ନିଷ୍କାମ ଭାବରେ କରିବାକୁ ହୁଏ ।

ପରମହଂସ ଦୁଇ ପ୍ରକାରର । ଜ୍ଞାନୀ ପରମହଂସ ଆଉ ପ୍ରେମୀ ପରମହଂସ । ଯେ ଜ୍ଞାନୀ, ସେ ଆପ୍ତସାର—'ମୋର ହେଲେ ହେଲା ।' ଯେ ପ୍ରେମୀ, ଯେପରି ଶୁକଦେବାଦି, ଈଶ୍ୱରଙ୍କୁ ଲାଭ କରିସାରି ପୁଣି ଲୋକଶିକ୍ଷା ଦିଅନ୍ତି । କେହି ଆମ୍ବ ଖାଇ ମୁହଁ ପୋଛି ପକାଏ, କେହି ପାଞ୍ଚ ଜଣଙ୍କୁ ଦିଏ । କେହି କୂଅ ଖୋଳିବା ସମୟରେ—ଝୁଡ଼ି କୋଦାଳ ଆଣେ, ଖୋଳା ହୋଇଗଲେ ଝୁଡ଼ି ଓ କୋଦାଳ ସେହି କୂଅରେ ଫିଙ୍ଗିଦିଏ । କେହି ଝୁଡ଼ି କୋଦାଳ ରଖିଦିଏ, କାଳେ ପଡ଼ାରେ ଆଉ କାହାର ଦରକାର ହେବ । ଶୁକଦେବାଦି

ଅନ୍ୟମାନଙ୍କ ପାଇଁ ଝୁଡ଼ି କୋଦାଳ ସାଇତି ରଖିଦେଇଥିଲେ । (ଗିରିଶଙ୍କ ପ୍ରତି) ତୁମେ ପର ପାଇଁ ରଖିବ ।

ଗିରିଶ—ଆପଣ ତେବେ ଆଶୀର୍ବାଦ କରନ୍ତୁ ।

ଶ୍ରୀରାମକୃଷ୍ଣ—ତୁମେ ମାଆଙ୍କ ନାମରେ ବିଶ୍ୱାସ କର, ହୋଇଯିବ ।

ଗିରିଶ—ମୁଁ ତ ପାପୀ ।

ଶ୍ରୀରାମକୃଷ୍ଣ—ଯେ ସବୁବେଳେ ପାପୀ ପାପୀ ବୋଲି କହେ,ସେ ଶଳା ପାପୀ ହୋଇଯାଏ ।

ଗିରିଶ—ଆଜ୍ଞା, ମୁଁ ଯେଉଁଠାରେ ବସେ ସେ ମାଟି ଅଶୁଦ୍ଧ !

ଶ୍ରୀରାମକୃଷ୍ଣ—ଏ ଗୋଟାଏ କଥା ! ହଜାରେ ବର୍ଷର ଅନ୍ଧକାର ଘରକୁ ଯଦି ଆଲୁଅ ଆସେ, ତେବେ ତାହା କଅଣ ଟିକିଏ ଟିକିଏ କରି ଆଲୋକିତ ହୁଏ, ନା ଏକାବେଳକେ ଦପ୍ କରି ଆଲୋକିତ ହୁଏ ?

ଗିରିଶ—ଆପଣ ଆଶୀର୍ବାଦ କରନ୍ତୁ ।

ଶ୍ରୀରାମକୃଷ୍ଣ—ତୁମର ଯଦି ଆନ୍ତରିକତା ଥାଏ, ମୁଁ କଅଣ କରିବି ! ମୁଁ ଖାଏ ପିଏ, ଆଉ ତାଙ୍କର ଗୁଣଗାନ କରେ ।

ଗିରିଶ—ଆନ୍ତରିକତା ନାହିଁ, ତେଣୁ ସେହି ଟିକକ ଆପଣ ଦେବେ ।

ଶ୍ରୀରାମକୃଷ୍ଣ—ମୁଁ କିଏ ? ନାରଦ, ଶୁକଦେବ ଏମାନେ ହୁଅନ୍ତେ, ତେବେ—

ଗିରିଶ—ନାରଦାଦିଙ୍କୁ ତ ଦେଖିପାରୁ ନାହିଁ । ଯାହାଙ୍କୁ ସାକ୍ଷାତ୍‌ରେ ପାଉଛି ତାଙ୍କୁ ହିଁ କହୁଛି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆଚ୍ଛା, ବିଶ୍ୱାସ !

କିଛି ସମୟ ସମସ୍ତେ ଚୁପ୍ ରହିଛନ୍ତି । ପୁଣି କଥାବାର୍ତ୍ତା ହେଉଛନ୍ତି ।

ଗିରିଶ—ଏକମାତ୍ର ଇଚ୍ଛା, ଅହୈତୁକୀ ଭକ୍ତି ।

ଶ୍ରୀରାମକୃଷ୍ଣ—ଅହୈତୁକୀ ଭକ୍ତି ଈଶ୍ୱରକୋଟିଙ୍କର ହୁଏ । ଜୀବକୋଟିଙ୍କର ହୁଏ ନାହିଁ । ସମସ୍ତେ ନୀରବ ରହିଛନ୍ତି । ଠାକୁର ଭାବସ୍ଥ ହୋଇ ଗୀତ ଗାଇଲେ, ଦୃଷ୍ଟି ଉର୍ଦ୍ଧ୍ୱମୁଖ—

''ସମସ୍ତେ କି ଶ୍ୟାମା ଧନ ପାଆନ୍ତି , (ସମସ୍ତେ କି କାଳୀ ଧନ ପାଆନ୍ତି)
ଅବୋଧ ମନ ବୁଝେନା ଏଇ କି ଭ୍ରାନ୍ତି ।
ଶିବଙ୍କ ଅସାଧ ସାଧନ ମନ ରଙ୍ଗାପୟରେ ମନାନ୍ତି,
ଇନ୍ଦ୍ରାଦି ସମ୍ପଦ ସୁଖ ତୁଚ୍ଛ ହୁଏ ଯିଏ ମାଆଙ୍କୁ ଭାବନ୍ତି ।
ସଦାନନ୍ଦ ସୁଖେ ଭାଷେ, ଶ୍ୟାମା ଯଦି ଫେରି ଚାହାଁନ୍ତି,
ଯୋଗୀନ୍ଦ୍ର ମୁନିନ୍ଦ୍ର ଇନ୍ଦ୍ର ଯେ ଚରଣ ଧ୍ୟାନେ ନ ପାଆନ୍ତି,
ନିର୍ଗୁଣ କମଳାକାନ୍ତ ତେବେ ଲଭନ୍ତି ସେ ଚରଣେ ଶାନ୍ତି ।।''

ଗିରିଶ—ନିର୍ଗୁଣ କମଳାକାନ୍ତ ତଥାପି ସେହି ଚରଣ ଚାହେଁ !''

## (୩)
## ଈଶ୍ୱରଦର୍ଶନର ଉପାୟ—ବ୍ୟାକୁଳତା

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ତୀବ୍ର ବୈରାଗ୍ୟ ହେଲେ ତାଙ୍କୁ ଲାଭ କରାଯାଏ । ପ୍ରାଣ ବ୍ୟାକୁଳ ହେବା ଦରକାର । ଶିଷ୍ୟ ଗୁରୁଙ୍କୁ ପଚାରିଲେ କିପରି ଭଗବାନଙ୍କୁ ପାଇବି ? ଗୁରୁ କହିଲେ, ମୋ ସାଙ୍ଗରେ ଆସ । ଏହା କହି ଗୋଟିଏ ପୋଖରୀକୁ ତାଙ୍କୁ ଡାକି ନେଇ ଯାଇ ବୁଡ଼ାଇ ଧରିଲେ । କିଛିକ୍ଷଣ ପରେ ପାଣିରୁ ଉଠାଇ ଆଣିଲେ ଓ ପଚାରିଲେ, ତୁମକୁ ପାଣି ଭିତରେ କିପରି ଲାଗୁଥିଲା ? ଶିଷ୍ୟ କହିଲେ, ମୋର ଭାରୀ କଷ୍ଟ ହେଉଥିଲା, ସତେ ଯେପରି ପ୍ରାଣ ଛାଡ଼ିଯିବ । ଗୁରୁ କହିଲେ, ଦେଖ, ଏହିପରି ଭଗବାନଙ୍କ ପାଇଁ ଯଦି ତୁମର ପ୍ରାଣ ଛଟପଟ ହୁଏ, ତେବେ ଯାଇ ତୁମେ ଈଶ୍ୱରଙ୍କୁ ଲାଭ କରିପାରିବ ।

''ସେଥିପାଇଁ କହୁଛି, ତିନିଟାଣ ଏକତ୍ର ହେଲେ ତାଙ୍କୁ ଲାଭ କରାଯାଏ । ବିଷୟୀର ବିଷୟ ପ୍ରତି ଟାଣ, ସତୀର ପତିଠାରେ ଟାଣ, ମାଆର ସନ୍ତାନଠାରେ ଟାଣ—ଏହି ତିନି ପ୍ରେମ ଏକତ୍ର କରି କେହି ଯଦି ଈଶ୍ୱରଙ୍କ ପ୍ରତି ଦେଇପାରେ, ତାହାହେଲେ ତତ୍‌କ୍ଷଣାତ୍ ତାଙ୍କର ସାକ୍ଷାତ୍‌କାର ହୁଏ ।''

''ଡାକ ଦେଖି ମନ ଡାକିଲା ଭଳି, କିପରି ଶ୍ୟାମା ମା' ପାରିବ ରହି! ସେହିପରି ବ୍ୟାକୁଳ ହୋଇ ଡାକିପାରିଲେ ତାଙ୍କର ଦେଖା ନିଶ୍ଚୟ ମିଳିବ ।''

## ଜ୍ଞାନଯୋଗ ଓ ଭକ୍ତିଯୋଗର ସମନ୍ୱୟ—
## କଳିଯୁଗରେ ନାରଦୀୟ ଭକ୍ତି

''ସେଦିନ ତୁମକୁ ଯାହା କହିଲି—ଭକ୍ତିର ଅର୍ଥ କଅଣ ? ଏହାର ଅର୍ଥ ହେଉଛି, କାୟ-ମନ-ବାକ୍ୟରେ ତାଙ୍କର ଭଜନ । କାୟ—ଅର୍ଥାତ୍ ହାତଦ୍ୱାରା ତାଙ୍କର ପୂଜା ଓ ସେବା, ପାଦରେ ତାଙ୍କର ସ୍ଥାନକୁ ଯିବା, କାନରେ ତାଙ୍କର ଭାଗବତ ଶୁଣିବା ଓ ନାମଗୁଣ କୀର୍ତ୍ତନ ଶୁଣିବା, ଚକ୍ଷୁରେ ତାଙ୍କର ବିଗ୍ରହ ଦର୍ଶନ କରିବା । ମନ—ଅର୍ଥାତ୍ ସର୍ବଦା ତାଙ୍କର ଧ୍ୟାନ-ଚିନ୍ତନ କରିବା, ତାଙ୍କର ଲୀଳା ସ୍ମରଣମନନ କରିବା । ବାକ୍ୟ—ଅର୍ଥାତ୍ ତାଙ୍କର ସ୍ତବ ସ୍ତୁତି, ତାଙ୍କର ନାମଗୁଣ କୀର୍ତ୍ତନ, ଏହିସବୁ କରିବା ।''

''କଳିରେ ନାରଦୀୟ ଭକ୍ତି—ସର୍ବଦା ତାଙ୍କର ନାମଗୁଣ କୀର୍ତ୍ତନ କରିବାକୁ ହେବ । ଯେଉଁମାନଙ୍କର ସମୟ ନାହିଁ, ସେମାନେ ଯେପରି ସନ୍ଧ୍ୟାବେଳେ ହାତ ତାଳି ଦେଇ ଏକମନରେ ହରିବୋଲ ହରିବୋଲ କହି ତାଙ୍କର ଭଜନ କରନ୍ତି ।''

''ଭକ୍ତିର 'ମୁଁ'ରେ ଅହଂକାର ହୁଏ ନାହିଁ । ଏହା ଅଜ୍ଞାନ କରେ ନାହିଁ, ବରଂ ଈଶ୍ୱରଲାଭ କରାଏ । ଏପରି 'ମୁଁ' ମଧ୍ୟରେ ନୁହେଁ । ଯେପରି ହିଡ଼ିମିଚା ଶାଗ ଶାଗ ମଧ୍ୟରେ ନୁହେଁ, ଅନ୍ୟ ଶାଗରେ ବେମାର ହୁଏ, କିନ୍ତୁ ହିଡ଼ିମିଚା ଶାଗ ଖାଇଲେ ପିତ୍ତନାଶ ହୁଏ, ଉପକାର

ହୁଏ । ମିଶ୍ରି ମିଠା ମଧ୍ୟରେ ନୁହେଁ, ଅନ୍ୟ ମିଠା ଖାଇଲେ ଅପକାର ହୁଏ, କିନ୍ତୁ ମିଶ୍ରି ଖାଇଲେ ଅମ୍ଳନାଶ ହୁଏ ।''

''ନିଷ୍ଠା ପରେ ଭକ୍ତି । ଭକ୍ତି ଦୃଢ଼ ହେଲେ ଭାବ ହୁଏ । ଭାବ ଘନୀଭୂତ ହେଲେ ମହାଭାବ ହୁଏ । ସର୍ବଶେଷରେ ପ୍ରେମ ।''

''ପ୍ରେମ ରଜ୍ଜୁସ୍ୱରୂପ । ପ୍ରେମ ହେଲେ ଭକ୍ତ ନିକଟରେ ଈଶ୍ୱର ବନ୍ଧା ପଡ଼ନ୍ତି, ଆଉ ପଳାଇ ଯାଇପାରନ୍ତି ନାହିଁ । ସାଧାରଣ ଜୀବର ଭାବ ପର୍ଯ୍ୟନ୍ତ ହୁଏ । ଈଶ୍ୱରକୋଟୀ ନ ହେଲେ ମହାଭାବ ବା ପ୍ରେମ ହୁଏ ନାହିଁ, ଚୈତନ୍ୟଦେବଙ୍କର ହୋଇଥିଲା ।

''ଜ୍ଞାନଯୋଗ କଅଣ ? ଯେଉଁ ପଥଦେଇ ସ୍ୱ-ସ୍ୱରୂପକୁ ଜଣାଯାଏ । ବ୍ରହ୍ମ ହିଁ ମୋର ସ୍ୱରୂପ, ଏହି ବୋଧ ।

''ପ୍ରହ୍ଲାଦ ବେଳେ ବେଳେ ସ୍ୱ-ସ୍ୱରୂପରେ ରହୁଥିଲେ । ଯେତେବେଳେ ଦେଖୁଥିଲେ 'ମୁଁ ଅଲଗା ଓ ତୁମେ ଅଲଗା' ସେତେବେଳେ ଭକ୍ତିଭାବରେ ରହୁଥିଲେ ।

''ହନୁମାନ କହିଥିଲେ, 'ରାମ ! କେତେବେଳେ ଦେଖେ ତୁମେ ପୂର୍ଣ୍ଣ, ମୁଁ ଅଂଶ; କେତେବେଳେ ଦେଖେ ତୁମେ ପ୍ରଭୁ, ମୁଁ ଦାସ; ଆଉ ରାମ, ଯେତେବେଳେ ତତ୍ତ୍ୱଜ୍ଞାନ ହୁଏ —ସେତେବେଳେ ଦେଖେ, ତୁମେ ହିଁ ମୁଁ, ମୁଁ ହିଁ ତୁମେ ।''

ଗିରିଶ—ଆହା !

### ସଂସାରରେ କ'ଣ ଈଶ୍ୱର ଲାଭ ହୁଏ ?

ଶ୍ରୀରାମକୃଷ୍ଣ—ସଂସାରରେ ହେବ ନାହିଁ କାହିଁକି ? ତେବେ ବିବେକ-ବୈରାଗ୍ୟ ଦରକାର । ଈଶ୍ୱର ବସ୍ତୁ ଆଉ ସବୁ ଅନିତ୍ୟ, ଦୁଇଦିନ ପାଇଁ—ଏହି ବିଚାର ପୁରା ବୋଧ ହେବା ଦରକାର । ଉପରେ ଉପରେ ଭାସିଲେ ହେବ ନାହିଁ, ବୁଡ଼ିବାକୁ ହେବ !

ଏହା କହି ଠାକୁର ଗୀତ ଗାଉଛନ୍ତି—

''ବୁଡ଼ଦିଅ ରୂପସାଗରେ ମୋହର ମନ ।
ତଳେ, ପାତାଳେ ପାଇବ ପ୍ରେମ-ରତ୍ନଧନ ॥
ଖୋଜିଲେ ପାଇବ ଅନ୍ତରରେ ବୃନ୍ଦାବନ ।
ଦିକ୍ ଦିକ୍ କରି ହୃଦୟ ଜଳିବ ଜ୍ଞାନବତୀ ଅନୁକ୍ଷଣ ॥
ମାଟି ଉପରେ ଚଳାଏ ଡଙ୍ଗା କିଏ ସେ ଜନ ।
କୁବୀର କହେ ଶୁଣ ଶୁଣ, ଧ୍ୟାୟ ଗୁରୁ ଶ୍ରୀଚରଣ ॥

''ଆଉ ଗୋଟିଏ କଥା । କାମାଦି କୁମ୍ଭୀରଙ୍କର ଭୟ ଅଛି ।''

ଗିରିଶ—କିନ୍ତୁ ମୋର ଯମକୁ ସୁଦ୍ଧା ଡର ନାହିଁ ।

ଶ୍ରୀରାମକୃଷ୍ଣ—ନା, କାମାଦି କୁମ୍ଭୀରଙ୍କର ଭୟ ଅଛି । ସେଥିପାଇଁ ହଳଦୀ ବୋଳିହୋଇ ବୁଡ଼ିବାକୁ ହୁଏ । ବିବେକ-ବୈରାଗ୍ୟ-ରୂପକ ହଳଦୀ !

''କାହାର କାହାର ସଂସାରରେ ଜ୍ଞାନ ହୁଏ । ସେଥିପାଇଁ ଦୁଇ ଶ୍ରେଣୀର ଯୋଗୀଙ୍କର କଥା ଅଛି । ଗୁପ୍ତ ଯୋଗୀ ଓ ବ୍ୟକ୍ତ ଯୋଗୀ । ଯେଉଁମାନେ ସଂସାର ତ୍ୟାଗ କରିଛନ୍ତି, ସେମାନେ ବ୍ୟକ୍ତ ଯୋଗୀ, ସେମାନଙ୍କୁ ସମସ୍ତେ ଚିହ୍ନନ୍ତି । ଗୁପ୍ତ ଯୋଗୀର ବାହ୍ୟ ପ୍ରକାଶ ନାହିଁ । ଯେପରି ଦାସୀ ସବୁ କର୍ମ କରୁଛି, କିନ୍ତୁ ନିଜ ଗ୍ରାମରେ ରହୁଥିବା ପିଲାପିଲିଙ୍କଠାରେ ମନ ପଡ଼ିରହିଛି । ଆଉ ତୁମକୁ ଯେପରି କହିଛି— ନଷ୍ଟା ସ୍ତ୍ରୀ ସଂସାରର ସବୁ କାର୍ଯ୍ୟ ଉତ୍ସାହର ସହିତ କରେ, କିନ୍ତୁ ସର୍ବଦା ଉପପତିଠାରେ ମନ ରହିଥାଏ । ବିବେକ ବୈରାଗ୍ୟ ହେବା ଦୁଷ୍କର, 'ମୁଁ—କର୍ତ୍ତା, ଆଉ ଏହିସବୁ ଜିନିଷ ମୋର' ଏହି ବୋଧ ସହଜରେ ଯାଏ ନାହିଁ । ଜଣେ ଡେପୁଟିଙ୍କୁ ଦେଖିଲି, ୮୦୦ ଟଙ୍କା ଦରମା ପାଉଛନ୍ତି, ଈଶ୍ୱରୀୟ କଥା ହେଉଛି, କିନ୍ତୁ ସେଆଡ଼କୁ ଟିକିଏ ହେଲେ ମନ ଦେଲେ ନାହିଁ । ପୁଅଟିକୁ ସାଙ୍ଗରେ ଧରି ଆସିଥିଲେ, ତାକୁ ଥରେ ଏଠାରେ ବସାନ୍ତି ତ ଆଉଥରେ ସେଠାରେ ବସାନ୍ତି । ଆଉ ଜଣଙ୍କୁ ମୁଁ ଜାଣେ, ନାମ କହିବି ନାହିଁ । ସେ ଖୁବ୍ ଜପ କରନ୍ତି, କିନ୍ତୁ ଦଶହଜାର ଟଙ୍କା ପାଇଁ ମିଥ୍ୟା ସାକ୍ଷ୍ୟ ଦେଇଥିଲେ । ସେଥିପାଇଁ କହୁଛି, ବିବେକବୈରାଗ୍ୟ ଥିଲେ ସଂସାରରେ ରହି ମଧ୍ୟ ଜ୍ଞାନଲାଭ ହୁଏ ।''

## ପାପୀତାପୀ ଓ ଠାକୁର ଶ୍ରୀରାମକୃଷ୍ଣ

ଗିରିଶ—ଏ ପାପୀର କଅଣ ହେବ ?

ଠାକୁର ଊର୍ଦ୍ଧ୍ୱଦୃଷ୍ଟି ହୋଇ କରୁଣ ସ୍ୱରରେ ଗାଇଲେ—

''ଭାବ ଶ୍ରୀକାନ୍ତ ନରକାନ୍ତ କାରୀରେ, ନିତାନ୍ତ କୃତାନ୍ତ ଭୟାନ୍ତ ହେବୁ,
ଭାବିଲେ ଭବ-ଭାବନା ମିଳେରେ ।
ତରେ ତରଙ୍ଗେ ଭୂଭଙ୍ଗେ ତ୍ରିଭଙ୍ଗେ ଯେବା ଭାବେ,
ଆସିଲି କିଭାବେ ମର୍ତ୍ତ୍ୟେ ।
କୁତ୍ସିତ କୁବୃତ୍ତି କରିଲେ କି ହେବରେ,
ବୁଡ଼ିବା ଉଚିତ ନୁହେଁ ଦାଶରଥୀରେ
କର ଏ ଚିତ୍ତ ପ୍ରାୟଶ୍ଚିତ୍ତ, ସେ ନିତ୍ୟ ପଦ ଭାବିରେ ।''

(ଗିରିଶଙ୍କ ପ୍ରତି)—''ତରେ ତରଙ୍ଗେ ଭୂଭଙ୍ଗେ ତ୍ରିଭଙ୍ଗେ ଯେବା ଭାବେ ।''

## ଆଦ୍ୟାଶକ୍ତି ମହାମାୟାଙ୍କର ପୂଜା ଓ ଓକିଲାତିନାମ ବା ଓକିଲାତିନାମା

''ମହାମାୟା ଦ୍ୱାର ଛାଡ଼ିଲେ ତାଙ୍କର ଦର୍ଶନ ହୁଏ । ମହାମାୟାଙ୍କର ଦୟା ଦରକାର । ତେଣୁ ଶକ୍ତିର ଉପାସନା । ଦେଖୁନ, ଭଗବାନ ଅତି ନିକଟରେ ରହିଛନ୍ତି, ତଥାପି ତାଙ୍କୁ ଜାଣିବାର ଶକ୍ତି ନାହିଁ । ମଝିରେ ମହାମାୟା ଅଛନ୍ତି ବୋଲି । ରାମ, ସୀତା, ଲକ୍ଷ୍ମଣ

ଯାଉଛନ୍ତି । ଆଗରେ ରାମ, ମଝିରେ ସୀତା, ସମସ୍ତଙ୍କ ପଛରେ ଲକ୍ଷ୍ମଣ । ରାମ ଅଢ଼େଇ ହାତ ଦୂରରେ ରହିଛନ୍ତି, ତଥାପି ଲକ୍ଷ୍ମଣ ଦେଖିପାରୁ ନାହାନ୍ତି ।''

''ତାଙ୍କର ଉପାସନା କରିବାକୁ ହେଲେ ଗୋଟିଏ ଭାବ ଆଶ୍ରୟ କରିବାକୁ ହୁଏ । ମୋର ତିନିପ୍ରକାର ଭାବ—ସନ୍ତାନ-ଭାବ, ଦାସୀ-ଭାବ ଆଉ ସଖୀ-ଭାବ । ଦାସୀ-ଭାବ ଓ ସଖୀ-ଭାବରେ ଅନେକ ଦିନ ଥିଲି । ସେତେବେଳେ ସ୍ତ୍ରୀଙ୍କ ପରି ଲୁଗା, ଗହଣା ଓ ଓଢ଼ଣା ବ୍ୟବହାର କରୁଥିଲି । ସନ୍ତାନଭାବ ଖୁବ୍ ଭଲ ।

''ବୀରଭାବ ଭଲ ନୁହେଁ । ଲଣ୍ଡାଲାଣ୍ଡୀଙ୍କର, ଭୈରବ-ଭୈରବୀଙ୍କର ବୀରଭାବ । ଅର୍ଥାତ୍ ପ୍ରକୃତିକୁ ସ୍ତ୍ରୀ-ରୂପରେ ଦେଖିବା ଏବଂ ରମଣଦ୍ୱାରା ପ୍ରସନ୍ନ କରିବା, ଏପରି ଭାବରେ ପ୍ରାୟ ପତନ ହୁଏ ।''

ଗିରିଶ—ମୋର ଗୋଟିଏ ସମୟରେ ଏହି ଭାବ ଆସିଥିଲା ।

ଠାକୁର ଶ୍ରୀରାମକୃଷ୍ଣ ଚିନ୍ତିତ ହୋଇ ଗିରିଶଙ୍କୁ ଦେଖିବାକୁ ଲାଗିଲେ ।

ଗିରିଶ—ଏହି ଆଦ୍ଧୁଆଳ ଟିକକ ଅଛି; ବର୍ତ୍ତମାନ ଉପାୟ କ'ଣ କୁହନ୍ତୁ ?

ଶ୍ରୀରାମକୃଷ୍ଣ (କିଛିକ୍ଷଣ ଚିନ୍ତାପରେ)—ତାଙ୍କୁ ଓକିଲାତିନାମା ଦିଅ—ସେ ଯାହା କରିବାର କରନ୍ତୁ ।

## (୪)

## ସତ୍ତ୍ୱଗୁଣ ଆସିଲେ ଈଶ୍ୱରଲାଭ—ସଚ୍ଚିଦାନନ୍ଦ ନା କାରଣାନନ୍ଦ

ଠାକୁର ଶ୍ରୀରାମକୃଷ୍ଣ ବାଳକ ଭକ୍ତମାନଙ୍କ ସଙ୍ଗରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଗିରିଶାଦିଙ୍କ ପ୍ରତି)—ଧ୍ୟାନ କରୁ କରୁ ସେମାନଙ୍କର ସବୁ ଲକ୍ଷଣ ଦେଖେ । 'ଘର କରିବି' ଏ ବୁଦ୍ଧି ସେମାନଙ୍କର ନାହିଁ । ସ୍ତ୍ରୀ-ସୁଖର ଇଚ୍ଛା ନାହିଁ । ଯାହାଙ୍କର ସ୍ତ୍ରୀ ଅଛି, ଏକ ସଙ୍ଗରେ ଶୁଅନ୍ତି ନାହିଁ । କଅଣ ଜାଣ—ରଜୋଗୁଣ ନ ଗଲେ, ଶୁଦ୍ଧ ସତ୍ତ୍ୱ ନ ଆସିଲେ, ଭଗବାନଙ୍କଠାରେ ମନ ସ୍ଥିର ହୁଏ ନାହିଁ । ତାଙ୍କ ଉପରେ ଶ୍ରଦ୍ଧା ଆସେ ନାହିଁ, ତାଙ୍କୁ ଲାଭ କରାଯାଇପାରେ ନାହିଁ ।

ଗିରିଶ—ଆପଣ ମୋତେ ଆଶୀର୍ବାଦ କରନ୍ତୁ !

ଶ୍ରୀରାମକୃଷ୍ଣ—କିପରି ! ତେବେ କହିଛି ଆନ୍ତରିକତା ଥିଲେ ହୋଇଯିବ । କଥା କହୁ କହୁ ଠାକୁର 'ଆନନ୍ଦମୟୀ ! ଆନନ୍ଦମୟୀ !' ଏହି ନାମ ଉଚ୍ଚାରଣ କରି ସମାଧିସ୍ଥ ହେଉଛନ୍ତି । ସମାଧିସ୍ଥ ଅବସ୍ଥାରେ ଅନେକ ସମୟ ରହିଲେ । ଟିକିଏ ପ୍ରକୃତିସ୍ଥ ହୋଇ କହୁଛନ୍ତି, ''ଶଳା ସବୁ ଗଲେ କୁଆଡ଼େ ?'' ମାଷ୍ଟର ବାବୁରାମଙ୍କୁ ଡାକି ଆଣିଲେ ।

ଠାକୁର ବାବୁରାମ ଓ ଅନ୍ୟାନ୍ୟ ଭକ୍ତମାନଙ୍କ ଆଡ଼କୁ ଅନାଇଁ ପ୍ରେମରେ ଉନ୍ମତ୍ତ ହୋଇ କହୁଛନ୍ତି, ''ସଚ୍ଚିଦାନନ୍ଦ ହିଁ ଭଲ ! ଆଉ କାରଣାନନ୍ଦ ?'' ଏହା କହି ଠାକୁର ଗୀତ

ଗାଇଲେ—

"ଏଥର ମୁହିଁ ଭଲ ଭାବିଛି,
ଭଲ ଭାବୀର ପାଖେ ଭାବ ପାଇଛି ॥
ଯେ ଦେଶେ ରଜନୀ ନାହିଁ, ସେ ଦେଶେ ଜଣେ ଲୋକ ପାଇଛି ।
ମୁହିଁ କିବା ରାତ୍ର କିବା ଦିବା, ସନ୍ଧ୍ୟାରେ ବନ୍ଧ୍ୟା କରିଛି ॥
ଘୁମ ଭାଙ୍ଗିଛିଆଉକି ଘୁମାଏ, ଯୋଗେ ଯାଗେ ଯାଗି ଅଛି ।
ଯୋଗ ନିଦ୍ରାରେ ତୁମକୁ ପାଇ ମା', ନିଦ୍ରାକୁ ଶୁଆଇ ଦେଇଛି ॥
ସୋହାଗ ଗନ୍ଧକ ଦେଇ ଖାସାରଙ୍ଗ ଚଢ଼ାଇଛି ।
ମଣି ମନ୍ଦିର ମେଜ ପରେ ରଖି ମଥା, ଆଖି ଦୁଇ କରେ ବୁଜିଛି ॥
ପ୍ରସାଦ ବୋଲେ ଭକ୍ତି ମୁକ୍ତି ଉଭୟ ଶିରେ ଧରିଛି ।
(ମୁହିଁ) କାଳୀବ୍ରହ୍ମ ଜାଣି ମର୍ମ ଧର୍ମାଧର୍ମ ସବୁ ଛାଡ଼ିଛି ॥"

ଠାକୁର ପୁଣି ଗୀତ ଗାଇଲେ—

"ଗଙ୍ଗାଗୟା ପ୍ରଭାସାଦି କାଶୀ କାଞ୍ଚୀ କେବା ଚାହେଁ
କାଳୀ କାଳୀ କାଳୀ ବୋଲି ଅଜପା ଯେ ହଜିଯାଏ ॥
ତ୍ରିସନ୍ଧ୍ୟା ଯେ ଜପେ କାଳୀ ପୂଜା ସନ୍ଧ୍ୟା ସେ କି ଚାହେଁ,
ସନ୍ଧ୍ୟା ତା'ର ସନ୍ଧାନେ ଘୂରେ କେଭେ ସନ୍ଧି ନାହିଁ ପାଏ ॥
ଦୟାବ୍ରତ ଦାନ ଆଦି ଆଉ କିଛି ନା ମନେ ନିଏ,
ମଦନର ଜାଗଯଜ୍ଞ ବ୍ରହ୍ମମୟୀର ପାଦେ ରହେ ॥
କାଳୀନାମର ଏତେ ଗୁଣ ଜାଣିପାରେ ବା ତାହା କିଏ,
ଦେବାଦିଦେବ ମହାଦେବ ଯାର ପଞ୍ଚମୁଖେ ଗୁଣ ଗାଏ ॥"

"ମୁଁ ମାଆଙ୍କ ପାଖରେ ପ୍ରାର୍ଥନା କରୁ କରୁ କହିଥିଲି, ମା ଆଉ କିଛି ଚାହେଁ ନାହିଁ, ମୋତେ ଶୁଦ୍ଧା ଭକ୍ତି ଦିଅ ।"

ଗିରିଶଙ୍କର ଶାନ୍ତଭାବ ଦେଖି ଠାକୁର ପ୍ରସନ୍ନ ହୋଇଛନ୍ତି ଏବଂ କହୁଛନ୍ତି, "ତୁମର ଏହି ଅବସ୍ଥାଟି ଭଲ, ସହଜ ଅବସ୍ଥା, ଉତ୍ତମ ଅବସ୍ଥା ।"

ଠାକୁର ନାଟ୍ୟାଳୟର ମ୍ୟାନେଜରଙ୍କ ଘରେ ବସିଛନ୍ତି । ଜଣେ ଆସି କହିଲେ, "ଆପଣ ବିବାହ ବିଭ୍ରାଟ ଦେଖିବେ ? ବର୍ତ୍ତମାନ ଅଭିନୟ ହେଉଛି ।"

ଠାକୁର ଗିରିଶଙ୍କୁ କହୁଛନ୍ତି, "ଏ କଅଣ କଲ ? ପ୍ରହ୍ଲାଦ ଚରିତ୍ର ପରେ ବିବାହ ବିଭ୍ରାଟ ? ଆଗେ ପାୟସ ତା'ପରେ ପିଠା !"

### ଦୟାସିନ୍ଧୁ ଶ୍ରୀରାମକୃଷ୍ଣ ଓ ବାରାଙ୍ଗନା

ଅଭିନୟାନ୍ତେ ଗିରିଶଙ୍କର ଉପଦେଶାନୁଯାୟୀ ନଟୀମାନେ ଠାକୁରଙ୍କୁ ପ୍ରଣାମ କରିବାକୁ

ଆସିଛନ୍ତି । ସେମାନେ ସମସ୍ତେ ଭୂମିଷ୍ଠ ହୋଇ ପ୍ରଣାମ କଲେ । ଭକ୍ତମାନେ କେହି ଠିଆ ହୋଇ, କେହି ବସି ବସି ଦେଖୁଛନ୍ତି । ସେମାନେ ଦେଖି ଅବାକ୍ ଯେ, ସେମାନଙ୍କ ମଧ୍ୟରୁ କେହି କେହି ଠାକୁରଙ୍କ ପାଦରେ ହାତ ଦେଇ ପ୍ରଣାମ କରୁଛନ୍ତି । ପାଦରେ ହାତ ଦେବା ସମୟରେ ଠାକୁର କହୁଛନ୍ତି, "ମା, ଥାଉ ଥାଉ; ମା, ଥାଉ ଥାଉ ।" କଥାଗୁଡ଼ିକ କରୁଣାବୋଳା ।

ସେମାନେ ପ୍ରଣାମ କରି ଚାଲିଯିବାପରେ ଠାକୁର ଭକ୍ତମାନଙ୍କୁ କହୁଛନ୍ତି—"ସବୁ ହିଁ ସେ, ଏକ ଏକ ରୂପରେ ।"

ଏଥର ଠାକୁର ଗାଡ଼ିରେ ବସିଲେ । ଗିରିଶାଦି ଭକ୍ତମାନେ ତାଙ୍କ ସହିତ ଯାଇ ଗାଡ଼ିରେ ଚଢ଼ାଇ ଦେଲେ ।

ଗାଡ଼ିରେ ବସୁ ନ ବସୁଣୁ ଠାକୁର ଗଭୀର ସମାଧିରେ ମଗ୍ନ ହୋଇଗଲେ । ଗାଡ଼ି ଭିତରକୁ ନାରଣ ପ୍ରଭୃତି ଭକ୍ତମାନେ ଉଠିଲେ । ଗାଡ଼ି ଦକ୍ଷିଣେଶ୍ୱର ଅଭିମୁଖେ ଚାଲିଲା ।

❖ ❖ ❖

# ତୃତୀୟ ପରିଚ୍ଛେଦ

## (୧)

### ଦକ୍ଷିଣେଶ୍ୱରରେ ଠାକୁର ଶ୍ରୀରାମକୃଷ୍ଣ ଓ 'ଦେବୀ ଚୌଧୁରାଣୀ' ପାଠ

ଆଜି ଶନିବାର, ୨୭ ଡିସେମ୍ବର, ୧୮୮୪ ଖ୍ରୀଷ୍ଟାବ୍ଦ, ପୌଷ ଶୁକ୍ଳ ସପ୍ତମୀ ତିଥି । ଯୀଶୁଖ୍ରୀଷ୍ଟଙ୍କର ଜନ୍ମ ଉପଲକ୍ଷେ ଭକ୍ତମାନଙ୍କୁ ଅବସର ମିଳିଛି । ଅନେକେ ଠାକୁର ଶ୍ରୀରାମକୃଷ୍ଣଙ୍କୁ ଦେଖିବାକୁ ଆସିଛନ୍ତି । ସକାଳେ କେହି କେହି ଉପସ୍ଥିତ ହୋଇଛନ୍ତି । ମାଷ୍ଟର ଓ ପ୍ରସନ୍ନ ଆସି ଦେଖିଲେ, ଠାକୁର ତାଙ୍କ ଘରର ଦକ୍ଷିଣ ପଟ ଅଗଣାରେ ଅଛନ୍ତି । ସେମାନେ ଆସି ତାଙ୍କର ଚରଣବନ୍ଦନା କଲେ ।

ଠାକୁର ଶ୍ରୀରାମକୃଷ୍ଣଙ୍କୁ ଶ୍ରୀଯୁକ୍ତ ସାରଦା ପ୍ରସନ୍ନ ଆଜି ପ୍ରଥମ ଦର୍ଶନ କଲେ । ଠାକୁର ମାଷ୍ଟରଙ୍କୁ କହିଲେ, ''କାହିଁକି ବଙ୍କିମକୁ ଆଣିଲ ନାହିଁ ?''

ବଙ୍କିମ ଗୋଟିଏ ସ୍କୁଲପିଲା । ଠାକୁର ବାଗ୍‌ବଜାରରେ ତାକୁ ଦେଖିଥିଲେ । ଦୂରରୁ ଦେଖି କହିଥିଲେ, ପିଲାଟି ଭଲ ।

କିୟତକ୍ଷଣ ପରେ ଠାକୁର ଭକ୍ତମାନଙ୍କ ସାଙ୍ଗରେ ପଞ୍ଚବଟୀରେ ଯାଇ ବସିଲେ । ଭକ୍ତମାନେ ଚତୁର୍ଦ୍ଦିଗରେ ତାଙ୍କୁ ଘେରି ରହିଛନ୍ତି, କେହି ବସିଛନ୍ତି, କେହି ବା ଠିଆ ହୋଇଛନ୍ତି । ଠାକୁର ପଞ୍ଚବଟୀ ମୂଳରେ ଇଟା ତିଆରି ଚାନ୍ଦିନୀ ଉପରେ ଦକ୍ଷିଣ ପଶ୍ଚିମ କୋଣକୁ ମୁହଁ କରି ବସିଛନ୍ତି । ସହାସ୍ୟ, ମାଷ୍ଟରଙ୍କୁ କହିଲେ, ''ବହି ଖଣ୍ଡକ କଅଣ ଆଣିଛ ?''

ମାଷ୍ଟର—ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ—ଟିକିଏ ପଢ଼ି ଆମକୁ ଶୁଣାଅ ତ !

### ଶ୍ରୀରାମକୃଷ୍ଣ ଓ ରାଜାର କର୍ତ୍ତବ୍ୟ

ଭକ୍ତମାନେ ଆଗ୍ରହର ସହିତ ଦେଖୁଛନ୍ତି କି ବହି । ପୁସ୍ତକର ନାମ 'ଦେବୀ ଚୌଧୁରାଣୀ' । ଠାକୁର ଶୁଣିଛନ୍ତି ଯେ ଦେବୀ ଚୌଧୁରାଣୀରେ ନିଷ୍କାମ କର୍ମର କଥା ଅଛି । ଲେଖକ ଶ୍ରୀଯୁକ୍ତ ବଙ୍କିମଚନ୍ଦ୍ରଙ୍କର ପ୍ରଶଂସା ମଧ୍ୟ ଶୁଣିଥିଲେ । ପୁସ୍ତକରେ ସେ କଅଣ ଲେଖିଅଛନ୍ତି, ତାହା ଶୁଣିଲେ ତାଙ୍କର ମନର ଭାବଟି ଠିକ୍ ବୁଝିପାରିବେ । ମାଷ୍ଟର କହିଲେ, ''ଝିଅଟି ଡକାୟତ ହାତରେ ପଡ଼ିଥିଲା । ଝିଅଟିର ନାମ ପ୍ରଫୁଲ୍ଲ, ପରେ ହେଲା ଦେବୀ ଚୌଧୁରାଣୀ । ଯେଉଁ ଡକାୟତ ହାତରେ ପଡ଼ିଥିଲା, ତାର ନାମ ଭବାନୀ ପାଠକ । ଡକାୟତଟି ଭଲ ଲୋକ । ସେ ପ୍ରଫୁଲ୍ଲକୁ ଅନେକ ସାଧନ ଭଜନ କରାଇଥିଲା । ଆଉ କିପରି ଭାବରେ ନିଷ୍କାମ କର୍ମ କରିବାକୁ ହୁଏ ତାହା ଶିଖାଇଥିଲା । ଡକାୟତଟି ଦୁଷ୍ଟ ଲୋକମାନଙ୍କ ପାଖରୁ ଟଙ୍କା ପଇସା ଛଡ଼ାଇ ଆଣି ଗରୀବ ଦୁଃଖୀମାନଙ୍କୁ ଖୁଆଏ ଏବଂ

ସେମାନଙ୍କୁ ଦାନ କରେ । ପ୍ରଫୁଲ୍ଲକୁ କହିଥିଲା, ମୁଁ ଦୁଷ୍ଟର ଦମନ, ଶିଷ୍ଟର ପାଳନ କରେ।''

ଶ୍ରୀରାମକୃଷ୍ଣ—ସେ ତ ରାଜାର କର୍ତ୍ତବ୍ୟ !

ମାଷ୍ଟର—ଆଉ ଗୋଟିଏ ଜାଗାରେ ଭକ୍ତିର କଥା ଅଛି ।

ଭବାନୀ ଠାକୁର ପ୍ରଫୁଲ୍ଲ ପାଖରେ ରହିବା ପାଇଁ ଜଣେ ବାଳିକାକୁ ପଠାଇ ଦେଇଥିଲେ । ତା'ର ନାମ ନିଶି । ସେ ବାଳିକାଟି ଖୁବ୍ ଭକ୍ତିମତୀ । ସେ କହୁଥିଲା, ଶ୍ରୀକୃଷ୍ଣ ମୋର ସ୍ୱାମୀ । ପ୍ରଫୁଲ୍ଲର ବିବାହ ହୋଇଥିଲା । ତା'ର ବାପ ନ ଥିଲା । ମା ଥିଲା । ମିଛରେ ଗୋଟିଏ ବଦ୍‌ନାମ ଉଠାଇ ସାହିର ଲୋକମାନେ ସେମାନଙ୍କୁ ଏକଘରିଆ କରିଦେଇଥିଲେ । ତେଣୁ ଶ୍ୱଶୁର ପ୍ରଫୁଲ୍ଲକୁ ଘରକୁ ନେଇ ନାହାନ୍ତି । ପୁଅକୁ ଆଉ ଦୁଇଟି ଜାଗାରେ ବିବାହ ଦେଇଥିଲେ । ପ୍ରଫୁଲ୍ଲର କିନ୍ତୁ ସ୍ୱାମୀ ପ୍ରତି ଗଭୀର ଶ୍ରଦ୍ଧା ଥିଲା । ଏହି ଅଂଶଟି ଶୁଣିଲେ ବେଶ୍ ବୁଝାଯିବ ।

ନିଶି—ମୁଁ ତାଙ୍କର (ଭବାନୀ ଠାକୁରଙ୍କର) କନ୍ୟା, ସେ ମୋର ପିତା । ସେ ହିଁ ମୋତେ ଏକ ପ୍ରକାର ବିବାହ ଦେଇଛନ୍ତି ।

ପ୍ରଫୁଲ୍ଲ—ଏକ ପ୍ରକାର କଅଣ ?

ନିଶି—ସର୍ବସ୍ୱ ଶ୍ରୀକୃଷ୍ଣଙ୍କଠାରେ !

ପ୍ରଫୁଲ୍ଲ—କିପରି ?

ନିଶି—ରୂପ, ଯୌବନ ଓ ପ୍ରାଣ !

ପ୍ରଫୁଲ୍ଲ—ସେ କ'ଣ ତୁମର ସ୍ୱାମୀ ?

ନିଶି—ହଁ, କାହିଁକି ନା, ଯାହାଙ୍କର ସଂପୂର୍ଣ୍ଣ ରୂପେ ମୋ ଉପରେ ଅଧିକାର ଅଛି, ସେ ହିଁ ମୋର ସ୍ୱାମୀ ।

ପ୍ରଫୁଲ୍ଲ ଦୀର୍ଘ ନିଃଶ୍ୱାସ ତ୍ୟାଗ କରି କହିଲା, ଏହା ଠିକ୍ ବୋଲି କହିପାରୁ ନାହିଁ କାରଣ କେବେହେଲେ ତୁମେ ସ୍ୱାମୀଙ୍କୁ ଦେଖିନାହଁ, ତେଣୁ ଏପରି କହୁଛ—ସ୍ୱାମୀଙ୍କୁ ଦେଖିଲେ କେବେ ଶ୍ରୀକୃଷ୍ଣଙ୍କ ଆଡ଼କୁ ମନ ଯାଆନ୍ତା ନାହିଁ ।

ମୂର୍ଖ ବ୍ରଜେଶ୍ୱର (ପ୍ରଫୁଲ୍ଲ ସ୍ୱାମୀ) ଏ କଥା ଜାଣି ନ ଥିଲା !

ନିଶି କହିଲା—ଶ୍ରୀକୃଷ୍ଣଙ୍କ ପ୍ରତି ସବୁଲୋକଙ୍କର ମନ ଆକୃଷ୍ଟ ହୋଇପାରେ, କାରଣ ତାଙ୍କର ରୂପ ଅନନ୍ତ, ଯୌବନ ଅନନ୍ତ, ଐଶ୍ୱର୍ଯ୍ୟ ଅନନ୍ତ, ଗୁଣ ଅନନ୍ତ ।

ଏହି ଯୁବତୀ ଭବାନୀ ଠାକୁରଙ୍କର ଶିଷ୍ୟା, କିନ୍ତୁ ପ୍ରଫୁଲ୍ଲ ନିରକ୍ଷର—ଏ କଥାର ଉତ୍ତର ଦେଇପାରିଲା ନାହିଁ । ହିନ୍ଦୁଧର୍ମର ପ୍ରଣେତାମାନେ ଏହାର ଉତ୍ତର ଜାଣିଥିଲେ; ଈଶ୍ୱର ଅନନ୍ତ ଠିକ୍, କିନ୍ତୁ ଅନନ୍ତଙ୍କୁ କ୍ଷୁଦ୍ର ହୃଦୟପିଞ୍ଜରରେ ରଖିହୁଏ ନାହିଁ । ସାନ୍ତକୁ ରଖିହୁଏ । ତେଣୁ ଅନନ୍ତ ଜଗଦୀଶ୍ୱର ହିନ୍ଦୁର ହୃତ୍‌ପିଞ୍ଜରରେ ସାନ୍ତ ଶ୍ରୀକୃଷ୍ଣ । ସ୍ୱାମୀ ଆହୁରି ଅଧିକ ଭାବରେ ସାନ୍ତ । ଏଥିପାଇଁ ପ୍ରେମ ପବିତ୍ର ହେଲେ ସ୍ୱାମୀ ଈଶ୍ୱରଲାଭ ପଥରେ ପ୍ରଥମ ସୋପାନ । ତେଣୁ ହିନ୍ଦୁ କନ୍ୟା ପକ୍ଷରେ ପତି ହିଁ ଦେବତା । ଜଗତରେ ଅନ୍ୟ ସବୁ

ସମାଜ ହିନ୍ଦୁ ସମାଜ ନିକଟରେ ଏହି ଦୃଷ୍ଟିରୁ ନିକୃଷ୍ଟ ।

ପ୍ରଫୁଲ୍ଲ ମୂର୍ଖ ଝିଅ, କିଛି ବୁଝିପାରିଲା ନାହିଁ । କହିଲା, ସାଙ୍ଗ, ମୁଁ ଏତେ କଥା ବୁଝିପାରୁ ନାହିଁ । ତୁମର ନାଆଁ କଅଣ, ଏ ପର୍ଯ୍ୟନ୍ତ ତ କହିଲ ନାହିଁ ?

ନିଶି କହିଲା, ''ଭବାନୀ ଠାକୁର ମୋର ନାମ ରଖିଥିଲେ ନିଶି । ମୁଁ ଦିବାର ଭଉଣୀ ନିଶି । ଦିବାକୁ ଦିନେ ଆଳାପ କରିବାକୁ ନେଇ ଆସିବି । କିନ୍ତୁ ଯାହା କହୁଥିଲି ଶୁଣ । ଈଶ୍ୱର ହିଁ ପରମ ସ୍ୱାମୀ । ସ୍ତ୍ରୀ-ଲୋକର ପତି ହିଁ ଦେବତା, ଶ୍ରୀକୃଷ୍ଣ ସମସ୍ତଙ୍କର ଦେବତା । ଦୁଇଟି ଦେବତା କାହିଁକି ଭଉଣୀ ? ଦୁଇ ଈଶ୍ୱର ? ଏହି କ୍ଷୁଦ୍ର ପ୍ରାଣର ସାମାନ୍ୟ ଭକ୍ତିକୁ ଦୁଇଭାଗ କଲେ ଅବଶିଷ୍ଟ କେତେ ଟିକିଏ ରହେ ?

ପ୍ରଫୁଲ୍ଲ—ସ୍ତ୍ରୀଲୋକର ଭକ୍ତିର କ'ଣ ଶେଷ ଅଛି ?

ନିଶି—ସ୍ତ୍ରୀଲୋକଙ୍କର ଭଲପାଇବା ଗୁଣର ଶେଷ ନାହିଁ । ଭକ୍ତି ଗୋଟିଏ; ଭଲ ପାଇବା ଆଉ ଗୋଟିଏ ।

## ଆଗେ ଈଶ୍ୱରସାଧନ ନା ଲେଖାପଢ଼ା

ମାଷ୍ଟର—ଭବାନୀ ଠାକୁର ପ୍ରଫୁଲ୍ଲକୁ ସାଧନ ଆରମ୍ଭ କରାଇଲେ ।

ପ୍ରଥମ ବର୍ଷ ଭବାନୀ ଠାକୁର ପ୍ରଫୁଲ୍ଲର ଘରକୁ କୌଣସି ପୁରୁଷକୁ ଆସିବାକୁ ଦେଉ ନ ଥିଲେ ବା ଘରର ବାହାରେ ତାହାକୁ କୌଣସି ପୁରୁଷ ସହିତ କଥାବାର୍ତ୍ତା କରାଇ ଦେଉ ନ ଥିଲେ । ଦ୍ୱିତୀୟ ବର୍ଷ କଥାବାର୍ତ୍ତା ସମ୍ବନ୍ଧରେ କଟକଣା ଉଠାଇଦେଲେ । କିନ୍ତୁ ତା' ଘରକୁ କୌଣସି ପୁରୁଷକୁ ଆସିବାକୁ ଦେଲେ ନାହିଁ । ପରେ ତୃତୀୟ ବର୍ଷରେ ଯେତେବେଳେ ପ୍ରଫୁଲ୍ଲ ମୁଣ୍ଡ ଲଣ୍ଡା ହେଲା, ସେତେବେଳେ ଭବାନୀ ଠାକୁର ବଛା ବଛା ଶିଷ୍ୟମାନଙ୍କୁ ସଙ୍ଗରେ ନେଇ ପ୍ରଫୁଲ୍ଲ ନିକଟକୁ ଗଲେ । ପ୍ରଫୁଲ୍ଲ ଲଣ୍ଡା ମୁଣ୍ଡରେ ମୁହଁ ତଳକୁ କରି ସେମାନଙ୍କ ସଙ୍ଗରେ ଶାସ୍ତ୍ରୀୟ ଆଳାପ କଲା ।

ତା'ପରେ ପ୍ରଫୁଲ୍ଲର ବିଦ୍ୟାଶିକ୍ଷା ଆରମ୍ଭ ହେଲା । ବ୍ୟାକରଣ ପଢ଼ା ହେଲା । ରଘୁବଂଶ, କୁମାରସମ୍ଭବ,ନୈଷଧ, ଶକୁନ୍ତଳା, କିଛି ସାଂଖ୍ୟ, କିଛି ବେଦାନ୍ତ, କିଛି ନ୍ୟାୟ ବି ପଢ଼ା ହେଲା ।

ଶ୍ରୀରାମକୃଷ୍ଣ—ଏହାର ମାନେ କ'ଣ ଜାଣ ? ପଢ଼ାଲେଖା ନ କଲେ ଜ୍ଞାନ ହୁଏ ନାହିଁ ବୋଲି ଯେଉଁ ଲୋକ ଲେଖିଛନ୍ତି, ସେପରି ଲୋକଙ୍କର ଉପରୋକ୍ତ ମତ । ଏମାନେ ଭାବନ୍ତି, ଆଗେ ଲେଖାପଢ଼ା, ତାହାପରେ ଈଶ୍ୱର; ଈଶ୍ୱରଙ୍କୁ ଜାଣିବାକୁ ହେଲେ ଲେଖାପଢ଼ା ଆବଶ୍ୟକ । କିନ୍ତୁ ଯଦୁ ମଲ୍ଲିକଙ୍କୁ ଯଦି ସାକ୍ଷାତ୍ କରିବାକୁ ହୁଏ, ତାହାହେଲେ ତାଙ୍କର କେତୋଟି ଘର, କେତେ ଟଙ୍କା, କେତେ କମ୍ପାନୀର କାଗଜ, ପ୍ରଥମରୁ ଏହିସବୁ ଖବରରେ ମୋର କଅଣ ଦରକାର ? ଯେ କୌଣସି ଉପାୟରେ, ପ୍ରାର୍ଥନା କରି ହେଉ, ଦରୱାନ୍‌ମାନଙ୍କର ଧକ୍‌କା ଖାଇ ହେଉ, ଜୋର୍ କରି ଘର ଭିତରକୁ ଯାଇ ଯଦୁ ମଲ୍ଲିକଙ୍କର ଦେଖା କରିବାକୁ ହୁଏ । ଆଉ ଯଦି ଟଙ୍କା କଉଡ଼ି ପ୍ରଭୃତି ଐଶ୍ୱର୍ଯ୍ୟର ଖବର ଜାଣିବାକୁ ଇଚ୍ଛା ହୁଏ, ତାହାହେଲେ ଯଦୁ ମଲ୍ଲିକଙ୍କୁ ପଚାରିଲେ ହୋଇଯିବ । ଖୁବ୍ ସହଜରେ ହୋଇଯିବ ।

ଆଗେ ରାମ, ତା'ପରେ ରାମଙ୍କର ଐଶ୍ୱର୍ଯ୍ୟ—ଜଗତ୍ । ସେଥିପାଇଁ ବାଲ୍ମୀକି—'ମରା' ମନ୍ତ୍ର ଜପ କରିଥିଲେ । 'ମ' ଅର୍ଥାତ୍ ଈଶ୍ୱର, ତାପରେ 'ରା' ଅର୍ଥାତ୍ ଜଗତ୍—ତାଙ୍କର ଐଶ୍ୱର୍ଯ୍ୟ ।

ଭକ୍ତମାନେ ଅବାକ୍ ହୋଇ ଠାକୁରଙ୍କର କଥାମୃତ ପାନ କରୁଛନ୍ତି ।

## (୨)

## ନିଷ୍କାମ କର୍ମ ଓ ଶ୍ରୀରାମକୃଷ୍ଣ—ଫଳସମର୍ପଣ ଓ ଭକ୍ତି

ମାଷ୍ଟର—ଅଧ୍ୟୟନ ଶେଷ ହେଲା ଏବଂ ଅନେକ ଦିନ ସାଧନ ପରେ ଭବାନୀ ଠାକୁର ପ୍ରଫୁଲ୍ଲ ସଙ୍ଗରେ ପୁଣି ଦେଖା କରିବାକୁ ଆସିଲେ । ଏଥର ନିଷ୍କାମ କର୍ମର ଉପଦେଶ ଦେବେ । ଗୀତାରୁ ଶ୍ଳୋକ କହିଲେ—

ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।
ଅସକ୍ତୋ ହ୍ୟାଚରନ୍ କର୍ମ ପରମାପ୍ନୋତି ପୂରୁଷଃ ॥*

ଅନାସକ୍ତିର ତିନୋଟି ଲକ୍ଷଣ କହିଲେ—

(୧) ଇନ୍ଦ୍ରିୟସଂଯମ (୨) ନିରହଂକାର (୩) ଶ୍ରୀକୃଷ୍ଣଙ୍କଠାରେ ଫଳ ସମର୍ପଣ । ନିରହଂକାର ବ୍ୟତୀତ ଧର୍ମାଚରଣ ହୁଏ ନାହିଁ । ଗୀତାରୁ ପୁଣି ଗୋଟିଏ ଶ୍ଳୋକ କହିଲେ-

ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।
ଅହଂକାରବିମୂଢ଼ାତ୍ମା କର୍ତ୍ତାହମିତି ମନ୍ୟତେ ॥**

ତାହାପରେ ସର୍ବକର୍ମଫଳ ଶ୍ରୀକୃଷ୍ଣଙ୍କଠାରେ ସମର୍ପଣ । ପୁଣି ଗୀତାରୁ କହିଲେ—

ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍ ॥***

ନିଷ୍କାମ କର୍ମର ଏହି ତିନୋଟି ଲକ୍ଷଣ କହିଛନ୍ତି ।

ଶ୍ରୀରାମକୃଷ୍ଣ—ଏ ବେଶ୍ । ଗୀତାର କଥା । ଅକଟ୍ୟ । ତେବେ ଆଉ ଗୋଟିଏ କଥା ଅଛି । ଶ୍ରୀକୃଷ୍ଣଙ୍କଠାରେ ଫଳ ସମର୍ପଣ କଥା କହିଛି । ଶ୍ରୀକୃଷ୍ଣଙ୍କଠାରେ ଭକ୍ତି କଥା କହି ନାହିଁ ।

---

* ଅତଏବ ଅନାସକ୍ତ ହୋଇ ସର୍ବଦା କର୍ତ୍ତବ୍ୟ କର୍ମ ସମ୍ପାଦନ କରିବାକୁ ହେବ । କାରଣ ଅନାସକ୍ତ ହୋଇ କାର୍ଯ୍ୟ କଲେ ପୁରୁଷ ସେହି ଶ୍ରେଷ୍ଠ ଭଗବତ୍-ପଦଲାଭ କରନ୍ତି । ଗୀତା—୩, ୧୯

** ସମୁଦାୟ କର୍ମ ହିଁ ପ୍ରକୃତିର ଗୁଣସମୂହ ଦ୍ୱାରା କୃତ ହେଉଅଛି । କିନ୍ତୁ ଅହଂକାର-ବିମୁଗ୍ଧ ବ୍ୟକ୍ତି ଆପଣାକୁ କର୍ତ୍ତା ବୋଲି ମନେ କରେ । ଗୀତା—୩, ୨୭

*** ଯାହା କିଛି କର, ଯାହା ଖାଅ, ଯାହା ହୋମ କର, ଯାହା ଦାନ କର, ଯାହା ତପସ୍ୟା କର, ତାହା ସବୁ ମୋତେ ସମର୍ପଣ କର । ଗୀତା—୯,୨୭

## ହିସାବୀ ବୁଦ୍ଧିରେ ହୁଏ ନାହିଁ । ଏକାଥରକେ ଲମ୍ଫ

ତାହାପରେ ଧନର କିପରି ବ୍ୟବହାର କରିବାକୁ ହେବ, ଏହି କଥା ହେଲା । ପ୍ରଫୁଲ୍ଲ କହିଲା, ଏ ସମସ୍ତ ଧନ ଶ୍ରୀକୃଷ୍ଣଙ୍କଠାରେ ଅର୍ପଣ କଲି ।

ପ୍ରଫୁଲ୍ଲ—ଯେତେବେଳେ ମୁଁ ସମସ୍ତ କର୍ମ ଶ୍ରୀକୃଷ୍ଣଙ୍କଠାରେ ଅର୍ପଣ କଲି, ସେତେବେଳେ ମୋର ଏ ସବୁ ଧନକୁ ମଧ୍ୟ ଶ୍ରୀକୃଷ୍ଣଙ୍କଠାରେ ଅର୍ପଣ କଲି, ସେତେବେଳେ ମୋର ଏ ସବୁ ଧନକୁ ମଧ୍ୟ ଶ୍ରୀକୃଷ୍ଣଙ୍କଠାରେ ଅର୍ପଣ କଲି ।

ଭବାନୀ—ସବୁ ?

ପ୍ରଫୁଲ୍ଲ—ହଁ ସବୁ ।

ଭବାନୀ—ତଥାପି କର୍ମ ଅନାସକ୍ତ ହେଲା ନାହିଁ । ଆପଣା ଆହାର ନିମିତ୍ତ ଯଦି ତୁମକୁ ଚେଷ୍ଟିତ ହେବାକୁ ହୁଏ, ତାହାହେଲେ ଆସକ୍ତି ଜନ୍ମିବ । ଅତଏବ ତୁମକୁ ହୁଏତ ଭିକ୍ଷାବୃତ୍ତି କରିବାକୁ ହେବ, ନୋହିଲେ ଏହି ଧନରୁ ଦେହରକ୍ଷା କରିବାକୁ ହେବ । ଭିକ୍ଷାରେ ମଧ୍ୟ ଆସକ୍ତି ଅଛି । ଅତଏବ ସେହି ଧନରୁ ନିଜର ଦେହ ରକ୍ଷା କରିବ ।

ମାଷ୍ଟର (ଶ୍ରୀରାମକୃଷ୍ଣଙ୍କ ପ୍ରତି, ସହାସ୍ୟ)—ଟିକିଏ ହିସାବୀ ବୁଦ୍ଧି ।

ଶ୍ରୀରାମକୃଷ୍ଣ—ହଁ, ଟିକିଏ ହିସାବୀ ବୁଦ୍ଧି । ଯେ ଭଗବାନଙ୍କୁ ଚାହେଁ, ସେ ଏକାବେଳକେ ଲମ୍ଫ ଦେବ । ଦେହରକ୍ଷା ପାଇଁ ଟିକିଏ ରହିଲା, ଏପରି ହିସାବ କରିବ ନାହିଁ ।

ମାଷ୍ଟର—ତା'ପରେ ଅଛି । ଭବାନୀ ପ୍ରଶ୍ନ କଲେ, ଧନ ନେଇ ଶ୍ରୀକୃଷ୍ଣଙ୍କଠାରେ କିପରି ଅର୍ପଣ କରିବ ? ପ୍ରଫୁଲ୍ଲ କହିଲା, ଶ୍ରୀକୃଷ୍ଣ ସର୍ବଭୂତରେ ଅଛନ୍ତି । ଅତଏବ ସର୍ବଭୂତରେ ଧନ ବିତରଣ କରିବ । ଭବାନୀ କହିଲେ, ଠିକ୍ ଠିକ୍ । ପୁଣି ଗୀତାରୁ ଶ୍ଳୋକ ବୋଲିବାକୁ ଲାଗି—

> ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।
> ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ।।
> ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
> ସର୍ବଥା ବର୍ତମାନୋଽପି ସ ଯୋଗୀ ମୟି ବର୍ତତେ ।।
> ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।
> ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ।।*

ଶ୍ରୀରାମକୃଷ୍ଣ—ଏଗୁଡ଼ିକ ଉତ୍ତମ ଭକ୍ତର ଲକ୍ଷଣ ।

---

* ଗୀତା-୬/୩୦,୩୧,୩୨,

ଅର୍ଥାତ୍—ଯେଉଁ ବ୍ୟକ୍ତି ମୋତେ ସର୍ବତ୍ର ଦେଖେ ଏବଂ ସକଳ ବସ୍ତୁକୁ ମୋଠାରେ ଦେଖୁଥାଏ, ତାହା ନିକଟରେ ମୁଁ କେବେହେଲେ ଅଦୃଷ୍ଟ ରହେ ନାହିଁ, ସେ କେବେହେଲେ ମୋର ଅଦୃଶ୍ୟ ହୁଏ ନାହିଁ । ଯେଉଁ ବ୍ୟକ୍ତି ଜୀବ ଓ ବ୍ରହ୍ମ ମଧ୍ୟରେ ଅଭେଦଦର୍ଶୀ ହୋଇ ସର୍ବଭୂତସ୍ଥିତ ମୋତେ ଭଜନା କରେ, ସେ ଯେ କୌଣସି ଅବସ୍ଥାରେ ରହୁନା କାହିଁକି, ସେହି ଯୋଗୀ ମୋଠାରେ ଅବସ୍ଥାନ କରେ । ସେହି ଯୋଗୀ ହିଁ ମୋ ମତରେ ସର୍ବଶ୍ରେଷ୍ଠ ।

### ବିଷୟୀ ଲୋକ ଓ ସେମାନଙ୍କର କଥା—ସ୍ୱଭାବ ଅନୁଯାୟୀ ବାକ୍ୟ

ମାଷ୍ଟର ପଢ଼ିବାକୁ ଲାଗିଲେ । ସର୍ବଭୂତରେ ଦାନ ପାଇଁ ଅନେକପରି ଶ୍ରମର ପ୍ରୟୋଜନ । କିଛି ବେଶବିନ୍ୟାସ, କିଛି ଭୋଗବିଳାସ, ପରିପାଟୀ ଦରକାର । ଭବାନୀ ତାହା ହିଁ କହିଲେ, ବେଳେ ବେଳେ କିଛି ଦୋକାନଦାରୀ ଦରକାର ।

ଶ୍ରୀରାମକୃଷ୍ଣ (ବିରକ୍ତ ହୋଇ)—ଦୋକାନଦାରୀ ଦରକାର ! ଯେପରି ସ୍ୱଭାବ ସେପରି କଥା ମଧ୍ୟ ବାହାରେ । ରାତିଦିନ ବିଷୟ ଚିନ୍ତା, ଲୋକଙ୍କ ସଙ୍ଗରେ କପଟତା, ଏହିସବୁ କରି କରି କଥାଗୁଡ଼ାକ ମଧ୍ୟ ଏହିପରି ହୋଇଯାଏ । ମୂଳା ଖାଇଲେ ମୂଳାର ହାକୁଟି ଉଠେ । 'ଦୋକାନଦାରୀ' କଥାଟା ନ କହି ଅନ୍ୟ ଭାବରେ କହିଥିଲେ ହୋଇଥାଆନ୍ତା; ନିଜକୁ ଅକର୍ତ୍ତା ଜାଣି କର୍ତ୍ତା ପରି କାର୍ଯ୍ୟ କରିବା । ସେଦିନ ଜଣେ ଗୀତ ଗାଉଥିଲା । ସେ ଗୀତ ଭିତରେ 'ଲାଭ, କ୍ଷତି' ଏହିପରି ଅନେକ କଥା ଥିଲା । ଗୀତ ଗାଇବାକୁ ମୁଁ ମନା କଲି । ଯାହା ରାତିଦିନ ଭାବିବ ସେହି କଥା ହିଁ ବାହାରେ ।

(୩)

### ଈଶ୍ୱରଦର୍ଶନର ଉପାୟ—ଶ୍ରୀମୁଖକଥିତ ଚରିତାମୃତ

ପୁସ୍ତକ ପାଠ ଚାଲିଲା । ଏଥର ଈଶ୍ୱର-ଦର୍ଶନର କଥା । ପ୍ରଫୁଲ୍ଲ ଏବେ ଦେବୀ ଚୌଧୁରାଣୀ ହୋଇଛି । ବୈଶାଖ ଶୁକ୍ଳ ସପ୍ତମୀ ତିଥି । ଦେବୀ ନୌକା ଉପରେ ବସି ଦିବା ସହିତ କଥାବାର୍ତ୍ତା କରୁଛି । ଚନ୍ଦ୍ର ଉଠିଛି । ଗଙ୍ଗାରେ ଡଙ୍ଗାର ଲଙ୍ଗର ପଡ଼ିଛି । ନୌକା ଉପରେ ଦେବୀ ଓ ସଖୀଦ୍ୱୟ ଅଛନ୍ତି । ଈଶ୍ୱର କଅଣ ପ୍ରତ୍ୟକ୍ଷ ହୁଅନ୍ତି, ଏହି ଆଲୋଚନା ହେଉଛି । ଦେବୀ କହିଲେ, ଯେପରି ଫୁଲର ଗନ୍ଧ ପ୍ରତ୍ୟକ୍ଷ, ସେହିପରି ଈଶ୍ୱର ମନର ପ୍ରତ୍ୟକ୍ଷ ହୁଅନ୍ତି । 'ଈଶ୍ୱର ମାନସ ପ୍ରତ୍ୟକ୍ଷର ବିଷୟ ।'

ଶ୍ରୀରାମକୃଷ୍ଣ—ମନର ପ୍ରତ୍ୟକ୍ଷ ! ଏ ମନର ନୁହେଁ । ଶୁଦ୍ଧ ମନର । ଏ ମନ ରହେ ନାହିଁ । ବିଷୟାସକ୍ତି ଏତେ ଟିକିଏ ଥିଲେ ହୁଏ ନାହିଁ । ମନ ଯେତେବେଳେ ଶୁଦ୍ଧ ହୁଏ, ଶୁଦ୍ଧ ମନ କହିପାର, ଶୁଦ୍ଧ ଆତ୍ମା ମଧ୍ୟ କହିପାର ।

### ଯୋଗ-ଦୂରବୀକ୍ଷଣ—ପାତିବ୍ରତ୍ୟ ଧର୍ମ ଓ ଶ୍ରୀରାମକୃଷ୍ଣ

ମାଷ୍ଟର— ମନଦ୍ୱାରା ଯେ ସହଜରେ ପ୍ରତ୍ୟକ୍ଷ ହୁଏ ନାହିଁ, ଏକଥା ଟିକିଏ ପରେ ଅଛି । କହିଛି, ପ୍ରତ୍ୟକ୍ଷ କରିବାକୁ ଦୂରବୀକ୍ଷଣ ପ୍ରୟୋଜନ । ଏହି ଦୂରବୀକ୍ଷଣର ନାମ ଯୋଗ । ତା'ପରେ ଯେପରି ଗୀତାରେ କୁହାଯାଇଛି, ଯୋଗ ତିନି ପ୍ରକାର-- ଜ୍ଞାନଯୋଗ, ଭକ୍ତିଯୋଗ, କର୍ମଯୋଗ । ଏହି ଯୋଗ-ଦୂରବୀକ୍ଷଣ ମାଧ୍ୟମରେ ଈଶ୍ୱରଙ୍କୁ ଦେଖାଯାଏ ।

ଶ୍ରୀରାମକୃଷ୍ଣ— ଏ ଅତି ଭଲ କଥା । ଗୀତାର କଥା ।

ମାଷ୍ଟର— ଶେଷରେ ଦେବୀ ଚୌଧୁରାଣୀଙ୍କର ସ୍ୱାମୀଙ୍କ ସଙ୍ଗରେ ଦେଖା ହେଲା । ସ୍ୱାମୀଙ୍କ ଉପରେ ଭାରି ଭକ୍ତି । ସ୍ୱାମୀଙ୍କୁ କହିଲେ, 'ତୁମେ ମୋର ଦେବତା । ମୁଁ ଅନ୍ୟ ଦେବତାଙ୍କର ଅର୍ଚ୍ଚନା କରିବାକୁ ଶିଖୁଥିଲି— ଶିଖିପାରିଲି ନାହିଁ; ତୁମେ ସବୁ ଦେବତାଙ୍କର ସ୍ଥାନ ଅଧିକାର କରିଛ ।'

ଶ୍ରୀରାମକୃଷ୍ଣ (ସହାସ୍ୟ)—'ଶିଖିପାରି ନାହିଁ ।' ଏହାର ନାମ ପତିବ୍ରତାର ଧର୍ମ, ଏପରି ମଧ୍ୟ ଅଛି ।

ପାଠ ସମାପ୍ତ ହେଲା । ଠାକୁର ହସୁଛନ୍ତି । ଭକ୍ତମାନେ ଚାହିଁଛନ୍ତି, ଠାକୁର ପୁଣି କଅଣ କହିବେ ।

ଶ୍ରୀରାମକୃଷ୍ଣ (ସହାସ୍ୟ, କେଦାର ଓ ଅନ୍ୟାନ୍ୟ ଭକ୍ତମାନଙ୍କ ପ୍ରତି)—ଏହା ଏକଭାବରେ ମନ୍ଦ ନୁହେଁ । ପତିବ୍ରତା- ଧର୍ମ । ପ୍ରତିମାରେ ଈଶ୍ୱରଙ୍କର ପୂଜା ହୁଏ, ଆଉ ଜୀବନ୍ତ ମନୁଷ୍ୟ ମଧ୍ୟରେ କଅଣ ହେବ ନାହିଁ ? ସେ ହିଁ ମନୁଷ୍ୟ ହୋଇ ଲୀଳା କରୁଛନ୍ତି ।

**ପୂର୍ବକଥା । ଠାକୁରଙ୍କର ବ୍ରହ୍ମଜ୍ଞାନୀର ଅବସ୍ଥା ଓ ସର୍ବଭୂତରେ ଈଶ୍ୱର ଦର୍ଶନ**

''କିପରି ଅବସ୍ଥା ଯେ ଯାଇଛି ! ହରଗୌରୀ ଭାବରେ କେତେଦିନ ଥିଲି । ପୁଣି କିଛି ଦିନ ରାଧାକୃଷ୍ଣ ଭାବରେ । କେତେବେଳେ ସୀତାରାମଙ୍କ ଭାବରେ । ରାଧାଙ୍କ ଭାବରେ କୃଷ୍ଣ କୃଷ୍ଣ କହୁଥିଲି, ସୀତାଙ୍କ ଭାବରେ ରାମ ରାମ କହୁଥିଲି ।''

''ତେବେ ଲୀଳାର ମଧ୍ୟ ଶେଷ ନାହିଁ । ଏହିସବୁ ଭାବ ପରେ କହିଲି, 'ମା, ଏ ସବୁଥିରେ ବିଚ୍ଛେଦ ଅଛି । ଯେଉଁଥିରେ ବିଚ୍ଛେଦ ନାହିଁ , ସେପରି ଅବସ୍ଥା କରିଦେ !' ତେଣୁ କେତେଦିନ ଅଖଣ୍ଡ ସଚ୍ଚିଦାନନ୍ଦ ଭାବରେ ରହିଲି । ଦେବଦେବୀଙ୍କ ଛବି ଘରୁ କାଢ଼ିଦେଲି ।''

''ତାଙ୍କୁ ସର୍ବଭୂତରେ ଦର୍ଶନ କରିବାକୁ ଲାଗିଲି ! ପୂଜା ଉଠିଗଲା ! ଏହି ବେଲଗଛ, ବେଲପତ୍ର ତୋଳିବାକୁ ଆସେ । ଦିନେ ପତ୍ର ତୋଳୁ ତୋଳୁ ଟିକିଏ ବକଳ ଉଠିଗଲା । ଦେଖିଲି, ଗଛ ଚୈତନ୍ୟମୟ ! ମନକଷ୍ଟ ହେଲା ! ଦୁବ ତୋଳିବାକୁ ଯାଇ ଦେଖିଲି, ଆଉ ପୂର୍ବପରି ତୋଳିପାରୁନାହିଁ । ସେତେବେଳେ ଜୋର୍ କରି ତୋଳିବାକୁ ଲାଗିଲି ।''

''ମୁଁ ଲେମ୍ବୁ କାଟିପାରୁ ନ ଥିଲି । ଦିନେ ବହୁ କଷ୍ଟରେ, 'ଜୟ କାଳୀ' କହି ତାଙ୍କ ସମ୍ମୁଖରେ ବଳି ବୋଲି ଭାବି କାଟି ପାରିଥିଲି । ଦିନେ ଫୁଲ ତୋଳିବା ବେଳେ ଦେଖାଇ ଦେଲେ—ଗଛରେ ଫୁଲ ଫୁଟିଛି, ଯେପରି ସମ୍ମୁଖରେ ବିରାଟଙ୍କର ପୂଜା ହୋଇଯାଇଛି, ବିରାଟଙ୍କ ମସ୍ତକରେ ଫୁଲତୋଡ଼ା । ଆଉ ଫୁଲତୋଳା ହେଲା ନାହିଁ ।''

ସେ ମନୁଷ୍ୟ ହୋଇ ମଧ୍ୟ ଲୀଳା କରୁଛନ୍ତି । ମୁଁ ଦେଖେ, ସାକ୍ଷାତ୍ ନାରାୟଣ । କାଠକୁ ଘଷିଲେ ଯେପରି ନିଆଁ ବାହାରେ, ଭକ୍ତିର ଜୋର୍ ରହିଲେ ମନୁଷ୍ୟଠାରେ ହିଁ ଈଶ୍ୱରଦର୍ଶନ ହୁଏ । ଭଲ ଥୋପ ହେଲେ ବଡ଼ ବଡ଼ ରୋହି ଭାକୁର ଖପ୍ କରି ଖାଆନ୍ତି । ପ୍ରେମୋନ୍ମାଦ ହେଲେ ସର୍ବଭୂତରେ ସାକ୍ଷାତ୍କାର ହୁଏ । ଗୋପୀମାନେ ସର୍ବଭୂତରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିଥିଲେ । ସର୍ବତ୍ର କୃଷ୍ଣମୟ ଦେଖିଥିଲେ । କହିଥିଲେ, 'ମୁଁ କୃଷ୍ଣ !' ସେତେବେଳେ ଉନ୍ମାଦ ଅବସ୍ଥା । ଗଛ ଦେଖି କହନ୍ତି, 'ଏମାନେ ତପସ୍ୱୀ, ଶ୍ରୀକୃଷ୍ଣଙ୍କର ଧ୍ୟାନ କରୁଛନ୍ତି ।' ତୃଣ ଦେଖି କହନ୍ତି, 'ଶ୍ରୀକୃଷ୍ଣଙ୍କୁ ସ୍ପର୍ଶ କରି କିପରି ପୃଥିବୀର ରୋମାଞ୍ଚ ହୋଇଛି ଦେଖ !'

''ପତିବ୍ରତା-ଧର୍ମ, ସ୍ୱାମୀ ଦେବତା । ତାହା ହେବ ନାହିଁ କାହିଁକି ? ପ୍ରତିମାରେ ପୂଜା ହୁଏ, ଆଉ ଜୀବନ୍ତ ମନୁଷ୍ୟ ହେବ ନାହିଁ !''

## ପ୍ରତିମାରେ ଆବିର୍ଭାବ—ମନୁଷ୍ୟଠାରେ ଈଶ୍ୱର-ଦର୍ଶନ କେତେବେଳେ ? ନିତ୍ୟସିଦ୍ଧ ଓ ସଂସାର

"ପ୍ରତିମାରେ ଆବିର୍ଭାବ ହେବା ପାଇଁ ତିନୋଟି ଜିନିଷ ଦରକାର – ପ୍ରଥମ ପୂଜାରୀର ଭକ୍ତି, ଦ୍ୱିତୀୟ ସୁନ୍ଦର ପ୍ରତିମା, ତୃତୀୟ ଗୃହସ୍ୱାମୀର ଭକ୍ତି ! ବୈଷ୍ଣବଚରଣ କହିଥିଲା, ଶେଷରେ ନରଲୀଳାରେ ହିଁ ମନ ନିବିଷ୍ଟ ହୋଇ ଯାଏ ।"

"ତେବେ ଗୋଟିଏ କଥା ଅଛି—ତାଙ୍କୁ ସାକ୍ଷାତ୍‌କାର ନ କଲେ ଏପରି ଲୀଳାଦର୍ଶନ ହୁଏ ନାହିଁ । ସାକ୍ଷାତ୍‌କାରର ଲକ୍ଷଣ କଅଣ ଜାଣ ? ବାଳକସ୍ୱଭାବ ହୁଏ । କାହିଁକି ବାଳକ ସ୍ୱଭାବ ହୁଏ ? କାରଣ ଈଶ୍ୱରଙ୍କର ବାଳକ-ସ୍ୱଭାବ କାରଣ ! ତେଣୁ ଯେ ତାଙ୍କୁ ଦର୍ଶନ କରନ୍ତି, ତାଙ୍କର ମଧ୍ୟ ବାଳକସ୍ୱଭାବ ହୋଇଯାଏ ।"

## ଈଶ୍ୱରଦର୍ଶନର ଉପାୟ—ତୀବ୍ର ବୈରାଗ୍ୟ ଓ ସେ ଆପଣାର ପିତା ଏହି ବୋଧ

"ଏହି ଦର୍ଶନ ହେବା ବାଞ୍ଛନୀୟ । ସୁତରାଂ ତାଙ୍କର ସାକ୍ଷାତ୍‌କାର କିପରି ହେବ ? ତୀବ୍ର ବୈରାଗ୍ୟ । ଏପରି ହେବା ଦରକାର, ଯେପରି କହିବ, 'କଅଣ ! ହେ ଜଗତ୍‌ପିତା —ମୁଁ କଅଣ ଜଗତ୍ ବାହାରେ ? ମୋତେ ତୁମେ ଦୟା କରିବ ନାହିଁ ? ଶଳା '!"

ଯେ ଯାହାକୁ ଚିନ୍ତା କରେ, ସେ ତାର ସତ୍ତା ପାଏ । ଶିବପୂଜା କଲେ ଶିବଙ୍କର ସତ୍ତା ମିଳେ । ଜଣେ ରାମଙ୍କର ଭକ୍ତ, ସେ ସାରାଦିନ ହନୁମାନଙ୍କର ଚିନ୍ତା କରନ୍ତି ! ଭାବନ୍ତି, ମୁଁ ହନୁମାନ ହୋଇଛି । ଶେଷରେ ତାଙ୍କର ଧ୍ରୁବ ବିଶ୍ୱାସ ହେଲା ଯେ, ତାଙ୍କର ଟିକିଏ ଲାଞ୍ଜ ମଧ୍ୟ ବାହାରିଛି !

"ଶିବ-ଅଂଶରେ ଜ୍ଞାନ ହୁଏ, ବିଷ୍ଣୁ-ଅଂଶରେ ଭକ୍ତି ହୁଏ । ଯାହାଙ୍କର ଶିବ-ଅଂଶ ସେମାନଙ୍କର ଜ୍ଞାନୀର ସ୍ୱଭାବ, ଯାହାଙ୍କର ବିଷ୍ଣୁ ଅଂଶ, ସେମାନଙ୍କର ଭକ୍ତର ସ୍ୱଭାବ ।"

## ଚୈତନ୍ୟଦେବ ଅବତାର । ସାମାନ୍ୟ ଜୀବ ଦୁର୍ବଳ

ମାଷ୍ଟର- ଚୈତନ୍ୟଦେବ ? ଆପଣ କହିଥିଲେ, ତାଙ୍କର ତ ଜ୍ଞାନ ଓ ଭକ୍ତି ଉଭୟ ଥିଲା ।

ଶ୍ରୀରାମକୃଷ୍ଣ (ବିରକ୍ତ ହୋଇ)—ତାଙ୍କ କଥା ଅଲଗା । ସେ ଈଶ୍ୱରଙ୍କର ଅବତାର । ଜୀବ ଓ ତାଙ୍କ ଭିତରେ ବହୁତ ପାର୍ଥକ୍ୟ । ତାଙ୍କ ଏପରି ବୈରାଗ୍ୟ ଯେ, ସାର୍ବଭୌମ ଯେତେବେଳେ ତାଙ୍କ ଜିଭରେ ଚିନି ରଖିଦେଲେ, ଚିନି ପବନରେ ଫର୍ ଫର୍ ହୋଇ ଉଡ଼ିଗଲା, ଓଦା ହେଲା ନାହିଁ । ସର୍ବଦା ହିଁ ସମାଧିସ୍ଥ । କେତେବଡ଼ କାମଜୟୀ ! ଜୀବ ସହିତ ତାଙ୍କର ତୁଳନା ! ସିଂହ ବାର ବର୍ଷରେ ଥରେ ରମଣ କରେ, କିନ୍ତୁ ମାଂସ ଖାଏ; ଘରଚଟିଆ ଖୁଦ ଖାଏ, କିନ୍ତୁ ରାତିଦିନ ରମଣ କରେ । ସେହିପରି ଅବତାର ଆଉ ଜୀବ । ଜୀବ କାମ ତ୍ୟାଗ କରେ, ପୁଣି ହୁଏତ ଦିନେ ରମଣ ହୋଇଯାଏ; ସମ୍ଭାଳିପାରେ ନାହିଁ । (ମାଷ୍ଟରଙ୍କ ପ୍ରତି) ଲଜ୍ଜା କାହିଁକି ? ଯେ ଜ୍ଞାନୀ ସେ କାହାକୁ ଭୟ କରନ୍ତି ନାହିଁ ।

'ଲଜ୍ଜା, ଘୃଣା ଓ ଭୟ', ଏହି ତିନୋଟି ଥିବା ପର୍ଯ୍ୟନ୍ତ ଧର୍ମ ସାଧନରେ ମନୁଷ୍ୟ କୃତକାର୍ଯ୍ୟ ହୋଇପାରେ ନାହିଁ । ଏଗୁଡ଼ିକ ହେଉଛି ପାଶ । 'ଅଷ୍ଟପାଶ' ଅଛି ତ?

ଯେ ନିତ୍ୟସିଦ୍ଧ, ତାର ସଂସାରରେ ଭୟ କ'ଣ ? ଯେ ଭଲ ଖେଳାଳୀ ତା'ର କୌଣସି ଭୟ ନ ଥାଏ । ନିତ୍ୟସିଦ୍ଧ ମନେ କଲେ ସଂସାରରେ ମଧ୍ୟ ରହିପାରେ । କେହି କେହି ଦୁଇଟି ତରବାରୀ ଧରି ଖେଳି ପାରନ୍ତି । ଏପରି ଖେଳାଳୀ ଯେ, ଢେଲା ପଡ଼ିଲେ ତରବାରୀରେ ବାଜି ଭାଙ୍ଗିଯାଏ ।

## ଦର୍ଶନର ଉପାୟ ଯୋଗ । ଯୋଗୀର ଲକ୍ଷଣ

ଭକ୍ତ—ଆଜ୍ଞା, କିପରି ଅବସ୍ଥା ହେଲେ ଈଶ୍ୱରଙ୍କୁ ଦର୍ଶନ କରାଯାଏ ?

ଶ୍ରୀରାମକୃଷ୍ଣ—ମନକୁ ସବୁଆଡୁ ଟାଣି ନ ଆଣିଲେ କ'ଣ ହୁଏ ? ଭାଗବତରେ ଶୁକଦେବଙ୍କର କଥା ଅଛି—ରାସ୍ତାରେ ଯାଉଛନ୍ତି, ଯେପରି ନିଶା ଖାଇ ଭୋଳ । କୌଣସି ଆଡ଼କୁ ଦୃଷ୍ଟି ନାହିଁ । ଏକ ଲକ୍ଷ୍ୟ—କେବଳ ଭଗବାନଙ୍କଠାରେ ଦୃଷ୍ଟି । ଏହାର ନାମ ଯୋଗ ।

''ଚାତକ କେବଳ ବର୍ଷାଜଳ ପାନ କରେ । ଗଙ୍ଗା, ଯମୁନା, ଗୋଦାବରୀ ପ୍ରଭୃତି ନଦୀ ଜଳରେ ପରିପୂର୍ଣ୍ଣ, ସାତ ସମୁଦ୍ର ଭରପୂର, ତଥାପି ସେ ସେଥିରୁ ପିଇବ ନାହିଁ । ବର୍ଷା ଜଳ ପଡ଼ିବ, ତେବେ ଯାଇ ସେ ପିଇବ ।''

''ଯାହାର ଏପରି ଯୋଗ ହୋଇଛି, ତାହାର ଈଶ୍ୱରଦର୍ଶନ ହୋଇପାରେ । ଥିଏଟର୍‌କୁ ଗଲେ ଯେପର୍ଯ୍ୟନ୍ତ ପର୍ଦ୍ଦା ନ ଉଠିଛି, ସେପର୍ଯ୍ୟନ୍ତ ଲୋକମାନେ ବସି ବସି ବହୁ ପ୍ରକାରର ଗପ କରୁଥାନ୍ତି—ଘର କଥା, ଅଫିସ୍ କଥା, ସ୍କୁଲ୍ କଥା ଏହିସବୁ । ଯେତେବେଳେ ପର୍ଦ୍ଦା ଉଠିଯାଏ, ସଙ୍ଗେ ସଙ୍ଗେ କଥାବାର୍ତ୍ତା ସବୁ ବନ୍ଦ । ଯେଉଁ ନାଟକ ହେଉଛି, ଏକ ଦୃଷ୍ଟିରେ ତାହା ହିଁ ଦେଖନ୍ତି । କିଛି ସମୟ ପରେ ପଦେ ଅଧେ କଥା ଯଦି କହନ୍ତି, ତାହା ଏହି ନାଟକ ସମ୍ବନ୍ଧୀୟ କଥା ।''

''ମାତାଲ ମଦ ଖାଇବା ପରେ କେବଳ ଆନନ୍ଦର କଥା କହେ ।''

## (୪)

## ପଞ୍ଚବଟୀମୂଳରେ ଶ୍ରୀରାମକୃଷ୍ଣ—ଅବତାରଙ୍କର 'ଅପରାଧ' ନାହିଁ

ନିତ୍ୟଗୋପାଳ ସମ୍ମୁଖରେ ଉପବିଷ୍ଟ । ସର୍ବଦା ଭାବସ୍ଥ, ମୁହଁରେ କଥା ନାହିଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଗୋପାଳ ! ତୁ ଯେ ଖାଲି ଚୁପ୍ ହୋଇ ରହିଛୁ !

ନିତ୍ୟ (ବାଳକ ପରି)—ମୁଁ- ଜାଣେ-ନାହିଁ ।

ଶ୍ରୀରାମକୃଷ୍ଣ—କିଛି କହୁନାହୁଁ କାହିଁକି, ବୁଝିଛି ! ଅପରାଧ ?

ଠିକ୍ କଥା । ଜୟ ବିଜୟ ନାରାୟଣଙ୍କର ଦ୍ୱାରୀ ଥିଲେ, ସନକ ସନାତନାଦି ଋଷିମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ । ସେହି ଅପରାଧରେ ତାଙ୍କୁ ତିନି ଥର ଏହି ସଂସାରରେ ଜନ୍ମଗ୍ରହଣ କରିବାକୁ ପଡ଼ିଥିଲା ।

ଶ୍ରୀଦାମ ଗୋଲକରେ ବିରଜାଙ୍କର ଦ୍ୱାରୀ ଥିଲେ । ଶ୍ରୀମତୀ କୃଷ୍ଣଙ୍କୁ ବିରଜାଙ୍କ

ମନ୍ଦିରରେ ଭେଟିବାକୁ ଯାଇ ଭିତରେ ପ୍ରବେଶ କରିବାକୁ ଚାହିଁଥିଲେ । ଶ୍ରୀଦାମ ଭିତରକୁ ଛାଡ଼ିଲେ ନାହିଁ । ସେଥିପାଇଁ ଶ୍ରୀମତୀ ଅଭିଶାପ ଦେଲେ, ତୁ ଯାଇ ମର୍ତ୍ତ୍ୟରେ ଅସୁର ହୋଇ ଜନ୍ମିବୁ । ଶ୍ରୀଦାମ ମଧ୍ୟ ଅଭିଶାପ ଦେଇଥିଲେ । (ସମସ୍ତଙ୍କର ଈଷତ୍ ହସ)

ଗୋଟିଏ କଥା ଅଛି, ପୁଅ ଯଦି ବାପର ହାତ ଧରେ, ତାହାହେଲେ ଖାଲରେ ପଡ଼ିଲେ ପଡ଼ିପାରେ, କିନ୍ତୁ ବାପ ଯାହାର ହାତ ଧରିଥାଏ, ତାହାର ଭୟ କଅଣ !

"ଶ୍ରୀଦାମଙ୍କ କଥା ବ୍ରହ୍ମବୈବର୍ତ୍ତ ପୁରାଣରେ ଅଛି ।"

କେଦାର (ଚାଟାର୍ଜୀ) ବର୍ତ୍ତମାନ ଢାକାରେ ରହନ୍ତି, ସେ ସରକାରୀ କାମ କରନ୍ତି । ଆଗେ କର୍ମସ୍ଥଳ କଲିକତାରେ ଥିଲା, ଆଜିକାଲି ଢାକାରେ । ସେ ଠାକୁରଙ୍କର ପରମଭକ୍ତ । ଢାକାରେ ଅନେକ ଭକ୍ତ ଜୁଟିଛନ୍ତି । ସେମାନେ ତାଙ୍କ ପାଖକୁ ସର୍ବଦା ଆସନ୍ତି ଓ ଉପଦେଶ ଗ୍ରହଣ କରନ୍ତି । ଖାଲି ହାତରେ ଭକ୍ତ ଦର୍ଶନକୁ ଆସିବା ଉଚିତ ନୁହେଁ । ଅନେକ ଫଳ ମିଠା ଆଦି ଆଣନ୍ତି ଓ କେଦାରଙ୍କୁ ନିବେଦନ କରନ୍ତି ।

**ବିଭିନ୍ନ ଲୋକଙ୍କ ପାଇଁ ଶ୍ରୀରାମକୃଷ୍ଣଙ୍କର ନାନା ପ୍ରକାର ଭାବ ଓ ଅବସ୍ଥା**

କେଦାର (ଅତି ବିନୀତ ଭାବରେ)—ସେମାନଙ୍କର ଜିନିଷ କ'ଣ ଖାଇବି ?

ଶ୍ରୀରାମକୃଷ୍ଣ—ଯଦି ଈଶ୍ୱରଙ୍କଠାରେ ଭକ୍ତି କରି ଦିଅନ୍ତି, ତାହାହେଲେ ଦୋଷ ନାହିଁ । କାମନା ରଖି ଦେଲେ ସେ ଜିନିଷ ଭଲ ନୁହେଁ ।

କେଦାର—ମୁଁ ସେମାନଙ୍କୁ କହିଛି, ମୁଁ ନିଶ୍ଚିନ୍ତ । କହିଛି, ଯେ ମୋତେ କୃପା କରିଛନ୍ତି, ସେ ସବୁ ଜାଣନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ସେ କଥା ସତ । ଏଠାକୁ ସବୁ ପ୍ରକାର ଲୋକ ଆସନ୍ତି, କାରଣ ସେମାନେ ଏଠାରେ ସବୁ ପ୍ରକାର ଭାବ ଦେଖିବାକୁ ପାଆନ୍ତି ।

କେଦାର—ମୋର ନାନା ପ୍ରକାର ବିଷୟ ଜାଣିବା ଦରକାର ନାହିଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ନାହିଁ ହେ, ସବୁଥିରୁ ଟିକିଏ ଟିକିଏ ଦରକାର । ଯଦି କେହି ତେଜରାତି ଦୋକାନ କରେ, ସବୁ ପ୍ରକାର ଜିନିଷ ରଖିବାକୁ ହୁଏ—କିଛି ମସୁର ଡାଲି ମଧ୍ୟ ଦରକାର, କିଛି ତେନ୍ତୁଳି ମଧ୍ୟ —ଏହିପରି ସବୁ ରଖିବାକୁ ହୁଏ ।

"ଯେ ବଜାଇବାରେ ଓସ୍ତାଦ୍ ସେ ସବୁ ପ୍ରକାର ବାଜା କିଛି କିଛି ବଜାଇପାରେ ।"

ଠାକୁର ଝାଉଁବଣକୁ ପୋଖରୀପାଣି ଗଲେ । ଜଣେ ପାଣିଢ଼ାଳ ନେଇ ସେଠାରେ ରଖିଦେଇ ଆସିଲେ ।

ଭକ୍ତମାନେ ଏଣେତେଣେ ବୁଲୁଛନ୍ତି । କେହି କେହି ଠାକୁରଙ୍କ ଘର ଆଡ଼କୁ ଗଲେ, କେହି କେହି ପଞ୍ଚବଟୀକୁ ଫେରିଆସୁଛନ୍ତି । ଠାକୁର ସେଠାକୁ ଆସି କହିଲେ—'ଦୁଇ ତିନି ଥର ପୋଖରୀପାଣି ଗଲି । ମଲ୍ଲିକଙ୍କ ଘରେ ଖିଆ ହୋଇଛି—ଘୋର ବିଷୟୀ । ପେଟ ଗରମ ହୋଇଛି ।"

**ସମାଧିସ୍ଥ ପୁରୁଷ ଶ୍ରୀରାମକୃଷ୍ଣଙ୍କର ପାନ ଡବା ସ୍ମରଣ**

ଠାକୁରଙ୍କର ପାନ ଡବା ପଞ୍ଚବଟୀର ଚାନ୍ଦିନୀରେ ବର୍ତ୍ତମାନ ମଧ୍ୟ ପଡ଼ିରହିଛି । ଆହୁରି ଗୋଟାଏ ଦୁଇଟା ଜିନିଷ ରହିଛି ।

ଶ୍ରୀରାମକୃଷ୍ଣ ମାଷ୍ଟରଙ୍କୁ କହିଲେ, ''ପାନ ଡବା ଓ ଆଉ କଅଣ କଅଣ ଅଛି, ଘରକୁ ନେଇଆସ ।'' ଏହା କହି ଠାକୁର ଶ୍ରୀରାମକୃଷ୍ଣ ନିଜ ଘର ଆଡ଼କୁ ଆସିବାକୁ ଲାଗିଲେ । ଭକ୍ତମାନେ ପଛେ ପଛେ ଆସୁଛନ୍ତି । କାହା ହାତରେ ପାନଡ଼ବା, କାହା ହାତରେ ଡାଳ ଇତ୍ୟାଦି ।

ଠାକୁର ମଧ୍ୟାହ୍ନ ପରେ ଟିକିଏ ବିଶ୍ରାମ କରିଛନ୍ତି । ଦୁଇ ଚାରିଜଣ ଭକ୍ତ ଆସି ବସିଲେ । ଠାକୁର ଛୋଟ ଖଟଟିରେ ଗୋଟିଏ ଛୋଟ ତକିଆରେ ଭରାଦେଇ ବସିଛନ୍ତି । ଜଣେ ଭକ୍ତ ପଚାରିଲେ—

**ଜ୍ଞାନୀ ଓ ଭକ୍ତର ଭାବ କଅଣ ଏକାଧାରରେ ହୁଏ ?**

**ସାଧନାର ପ୍ରୟୋଜନ**

''ମହାଶୟ, ଜ୍ଞାନଦ୍ୱାରା କ'ଣ ଈଶ୍ୱରଙ୍କର (attributes) ଗୁଣ ଜଣାଯାଏ ?''

ଠାକୁର କହିଲେ, ''ତାହା ଏହି ଜ୍ଞାନଦ୍ୱାରା ହୁଏ ନାହିଁ । ତାଙ୍କୁ କଅଣ ସହଜରେ ଜଣାଯାଏ ? ସାଧନା କରିବାକୁ ହୁଏ । ଆଉ ଯେ କୌଣସି ଗୋଟିଏ ଭାବ ଆଶ୍ରୟ କରିବାକୁହୁଏ । ଦାସ୍ୟଭାବ । ଋଷିମାନଙ୍କର ଶାନ୍ତଭାବ ଥିଲା । ଜ୍ଞାନୀମାନଙ୍କର କିପରି ଭାବ ଜାଣ ? ସ୍ୱ-ସ୍ୱରୂପକୁ ଚିନ୍ତା କରିବା । (ଜଣେ ଭକ୍ତଙ୍କ ପ୍ରତି, ସହାସ୍ୟ)--ତୁମର କଅଣ ?

ଭକ୍ତଟି ନୀରବ ରହିଲେ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ତୁମର ଦୁଇଟି ଭାବ । ସ୍ୱ-ସ୍ୱରୂପକୁ ଚିନ୍ତା କରିବା, ପୁଣି ସେବ୍ୟ-ସେବକ ଭାବ ମଧ୍ୟ ଅଛି । କଅଣ ଠିକ୍ ନା ନାହିଁ ?

ଭକ୍ତ (ସହାସ୍ୟ ଓ କୁଣ୍ଠିତ ଭାବରେ)—ଆଜ୍ଞା,ହଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ତେଣୁ ହାଜରା କହେ, ତୁମେ ମନକଥା ସବୁ ବୁଝିପାର । ଖୁବ୍ ଆଗେଇ ଗଲେ ଏହିପରି ଭାବ ହୁଏ । ପ୍ରହ୍ଲାଦଙ୍କର ହୋଇଥିଲା ।

କିନ୍ତୁ ଏହି ଭାବ ସାଧନ ପାଇଁ କର୍ମର ପ୍ରୟୋଜନ ।

''ଜଣେ କୋଳିଗଛର କଣ୍ଟାଡ଼ାଳ ହାତରେ ଧରିଛି—ହାତରୁ ଝର ଝର ରକ୍ତ ବୋହୁଛି, କିନ୍ତୁ କହୁଛି, ମୋର କିଛି ହୋଇନାହିଁ, କଷ୍ଟ ହେଉନାହିଁ । ପଚାରିଲେ କହେ—'ଠିକ୍ ଅଛି, ଠିକ୍ ଅଛି ।' ଏପରି କଥା କେବଳ ମୁହଁରେ କହିଲେ କଅଣ ହେବ ? ଭାବ ସାଧନ କରିବାକୁ ପଡ଼େ ।''

ଭକ୍ତମାନେ ଠାକୁରଙ୍କର କଥାମୃତ ପାନ କରୁଛନ୍ତି ।

❖ ❖ ❖

# ଚତୁର୍ଥ ପରିଚ୍ଛେଦ

## (୧)

### ଦକ୍ଷିଣେଶ୍ୱରରେ ଶ୍ରୀରାମକୃଷ୍ଣଙ୍କର ଜନ୍ମମହୋତ୍ସବ
### ନରେନ୍ଦ୍ରାଦି ଭକ୍ତମାନଙ୍କ ସହିତ କୀର୍ତ୍ତନାନନ୍ଦ

ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ଉତ୍ତର-ପୂର୍ବ ଲମ୍ବା ବାରଣ୍ଡାରେ ଗୋପୀଗୋଷ୍ଠ ଓ ସୁବଳ-ମିଳନ କୀର୍ତ୍ତନ ଶୁଣୁଛନ୍ତି । ନରୋତ୍ତମ କୀର୍ତ୍ତନ କରୁଛନ୍ତି । ଆଜି ରବିବାର ୨୨ ଫେବୃୟାରୀ ୧୮୮୫ ଖ୍ରୀ:, ଫାଲ୍‌ଗୁନ ; ଶୁକ୍ଳାଷ୍ଟମୀ । ଭକ୍ତମାନେ ତାଙ୍କର ଜନ୍ମମହୋତ୍ସବ ପାଳନ କରୁଛନ୍ତି । ଗତ ସୋମବାର ଫାଲ୍‌ଗୁନ ଶୁକ୍ଳା ଦ୍ୱିତୀୟା ତିଥିରେ ତାଙ୍କର ଜନ୍ମଦିନ ପଡ଼ିଥିଲା । ନରେନ୍ଦ୍ର, ରାଖାଲ, ବାବୁରାମ, ଭବନାଥ, ସୁରେନ୍ଦ୍ର, ଗିରୀନ୍ଦ୍ର, ବିନୋଦ, ହାଜରା, ରାମଲାଲ, ରାମ, ନୃତ୍ୟଗୋପାଳ, ମଣି ମଲ୍ଲିକ, ଗିରିଶ, ସିଁଥିର ମହେନ୍ଦ୍ର କବିରାଜ ପ୍ରଭୃତି ବହୁ ଭକ୍ତମାନଙ୍କର ସମାଗମ ହୋଇଛି । ବଡ଼ିଭୋରରୁ କୀର୍ତ୍ତନ ଚାଲିଛି, ବର୍ତ୍ତମାନ ସମୟ ସକାଳ ୮ଟା ହେବ । ମାଷ୍ଟର ଆସି ପ୍ରଣାମ କଲେ । ଠାକୁର ଇଙ୍ଗିତ କରି ପାଖରେ ବସିବାକୁ କହିଲେ ।

କୀର୍ତ୍ତନ ଶୁଣୁ ଶୁଣୁ ଠାକୁର ଭାବାବିଷ୍ଟ ହୋଇଛନ୍ତି । ଶ୍ରୀକୃଷ୍ଣଙ୍କର ଗୋଚାରଣରେ ଯିବାକୁ ଡେରି ହେଉଅଛି । ଜଣେ ଗୋପାଳ କହୁଛି, ମାଆ ଯଶୋଦା ଛାଡ଼ୁ ନାହାନ୍ତି । ବଳରାମ ଜିଦ୍ କରି କହୁଛିନ୍ତି, ମୁଁ ଶିଙ୍ଗା ବଜାଇ କହ୍ନାଇକୁ ଆଣିବି । ବଳରାମଙ୍କର ଅଗାଧ ପ୍ରେମ ।

କୀର୍ତ୍ତନୀୟା ପୁଣି ଗାଉଛନ୍ତି । ଶ୍ରୀକୃଷ୍ଣ ବଂଶୀଧ୍ୱନୀ କରୁଛନ୍ତି । ଗୋପୀମାନେ, ଗୋପାଳମାନେ ବଂଶୀସ୍ୱନ ଶୁଣୁଛନ୍ତି; ସେମାନଙ୍କ ମଧ୍ୟରେ ନାନା ପ୍ରକାର ଭାବର ଉଦୟ ହେଉଅଛି ।

ଠାକୁର ଭକ୍ତମାନଙ୍କ ସହିତ ବସି କୀର୍ତ୍ତନ ଶୁଣୁଛନ୍ତି । ହଠାତ୍ ନରେନ୍ଦ୍ରଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ନରେନ୍ଦ୍ର ପାଖରେ ବସିଥିଲେ; ଠାକୁର ଠିଆ ହୋଇ ସମାଧିସ୍ଥ ହେଲେ । ନରେନ୍ଦ୍ରଙ୍କ ଜାନୁରେ ଗୋଟିଏ ପାଦ ସ୍ପର୍ଶକରି ଠିଆ ହୋଇଛନ୍ତି ।

ଠାକୁର ପ୍ରକୃତିସ୍ଥ ହୋଇ ପୁଣି ବସିଲେ । ନରେନ୍ଦ୍ର ସଭାରୁ ଉଠିଗଲେ । କୀର୍ତ୍ତନ ଚାଲିଛି ।

ଶ୍ରୀରାମକୃଷ୍ଣ ବାବୁରାମଙ୍କୁ ଆସ୍ତେ ଆସ୍ତେ କହିଲେ, ''ଘରେ କ୍ଷୀର ଅଛି, ଯାଅ ନରେନ୍ଦ୍ରକୁ ଦେଇଆସ ।''

ଠାକୁର କଅଣ ନରେନ୍ଦ୍ରଙ୍କ ଭିତରେ ସାକ୍ଷାତ୍ ନାରାୟଣଙ୍କୁ ଦର୍ଶନ କରୁଥିଲେ !

କୀର୍ତ୍ତନାନ୍ତେ ଶ୍ରୀରାମକୃଷ୍ଣ ନିଜ ଘର ଭିତରକୁ ଆସି ନରେନ୍ଦ୍ରଙ୍କୁ ଆଦର କରି ମିଠାଇ ଖୁଆଉଛନ୍ତି ।

ଗିରିଶଙ୍କର ବିଶ୍ୱାସ ଯେ, ଈଶ୍ୱର ଶ୍ରୀରାମକୃଷ୍ଣଙ୍କ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି ।

ଗିରିଶ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆପଣଙ୍କର ସବୁ କାର୍ଯ୍ୟ ଶ୍ରୀକୃଷ୍ଣଙ୍କ ପରି । ଶ୍ରୀକୃଷ୍ଣ ଯେପରି ଯଶୋଦାଙ୍କ ପାଖରେ ଢଙ୍ଗ କାଢୁଥିଲେ ।

ଶ୍ରୀରାମକୃଷ୍ଣ—ହଁ, ଶ୍ରୀକୃଷ୍ଣ ଯେ ଅବତାର ! ନରଲୀଳାରେ ଏପରି ହୁଏ । ସେ ଗୋବର୍ଦ୍ଧନ ଗିରି ଧାରଣ କରିଥିଲେ, ଅଥଚ ନନ୍ଦଙ୍କ ପାଖରେ ଦେଖାଉଛନ୍ତି, ପିଢ଼ାଟିଏ ଟେକି ନେଇ ଯିବାକୁ କଷ୍ଟ ହେଉଛି ।

ଗିରିଶ– ବୁଝିଛି, ଆପଣଙ୍କୁ ବର୍ତ୍ତମାନ ବୁଝୁଛି ।

## ଜନ୍ମୋତ୍ସବରେ ନବବସ୍ତ୍ର ପରିଧାନ, ଭକ୍ତମାନଙ୍କସେବା, ସମାଧି

ଠାକୁର ଛୋଟ ଖଟଟି ଉପରେ ବସିଛନ୍ତି । ସମୟ ପୂର୍ବାହ୍ନ ୧୧ଟା ହେବ । ରାମ ପ୍ରଭୃତି ଭକ୍ତମାନେ ଠାକୁରଙ୍କୁ ନବବସ୍ତ୍ର ପିନ୍ଧାଇଦେବେ । ଠାକୁର କହୁଛନ୍ତି—"ନା, ନା ।" ଜଣେ ଇଂରାଜୀ ପଢ଼ା ଲୋକଙ୍କୁ ଦେଖାଇ କହୁଛନ୍ତି, "ସେ କଅଣ କହିବେ !" ଭକ୍ତମାନେ ଜିଦ୍ କରିବାରୁ ଠାକୁର କହିଲେ, "ତୁମେମାନେ କହୁଛ, ପିନ୍ଧୁଛି ।"

ଭକ୍ତମାନେ ଏହି ଘରେ ଠାକୁରଙ୍କର ଅନ୍ନାଦି ଆହାରର ଆୟୋଜନ କରୁଛନ୍ତି । ଠାକୁର ନରେନ୍ଦ୍ରଙ୍କୁ ଗୀତ ଗାଇବାକୁ କହିଲେ । ନରେନ୍ଦ୍ର ଗାଉଛନ୍ତି—

ନିବିଡ଼ ଅନ୍ଧାରେ ମା'ଗୋ ଚମକେ ତୋ ରୂପରାଶି ।
ତେଣୁ ଯୋଗୀ ଧ୍ୟାନ କରେ ହୋଇ ଗିରିଗୁହାବାସୀ ।।
ଅନନ୍ତ ଅନ୍ଧାର କୋଳେ, ମହାନିର୍ବାଣହିଲ୍ଲୋଳେ ।
ଚିରଶାନ୍ତି ପରିମଳ ଅବିରଳ ଯାଏ ଭାସି ।।
ମହାକାଳ ରୂପ ଧରି, ଅନ୍ଧାର ବସନ ଘେରି
ସମାଧିମନ୍ଦିରେ ମାଗୋ କିଏ ଅଛ ଏକା ବସି ।।
ଅଭୟ ପଦକମଳେ ପ୍ରେମର ବିଜୁଳି ଜଳେ,
ଚିନ୍ମୟ ମୁଖମଣ୍ଡଳେ ଶୋଭେ ଅଟ୍ଟ ଅଟ୍ଟହାସି ।

ନରେନ୍ଦ୍ର ଯେତେବେଳେ ଗାଇଲେ 'ସମାଧିମନ୍ଦିରେ ମାଗୋ କିଏ ଅଛ ଏକା ବସି ।' ସଙ୍ଗେ ସଙ୍ଗେ ଠାକୁର ବାହ୍ୟଜ୍ଞାନ, ଶୂନ୍ୟହୋଇ, ସମାଧିସ୍ଥ ହେଲେ । ବହୁ ସମୟ ପରେ ସାମଧିଭଙ୍ଗ ହେବାରୁ ଭକ୍ତମାନେ ଠାକୁରଙ୍କୁ ଆହାର କରିବା ପାଇଁ ଆସନରେ ବସାଇଲେ । ଏବେ ସୁଦ୍ଧା ଭାବର ଆବେଶ ରହିଛି । ଭାତ ଖାଉଛନ୍ତି, କିନ୍ତୁ ଦୁଇ ହାତରେ । ଭବନାଥଙ୍କୁ କହୁଛନ୍ତି, "ତୁ ଖୁଆଇ ଦେ !" ଭାବର ଆବେଶ ରହିଛି, ତେଣୁ ନିଜେ ଖାଇପାରୁ ନାହାନ୍ତି । ଭବନାଥ ତାଙ୍କୁ ଖୁଆଇ ଦେଉଛନ୍ତି ।

ଠାକୁର ଅଳ୍ପ ପରିମାଣରେ ଆହାର କଲେ । ଆହାରାନ୍ତେ ରାମ କହୁଛନ୍ତି, "ନିତ୍ୟଗୋପାଳ ଆପଣଙ୍କ ଥାଳିରେ ଖାଇବ ।"

ଶ୍ରୀରାମକୃଷ୍ଣ—ମୋ ଥାଳିରେ କାହିଁକି ?

ରାମ—ଆପଣ ଏ କଥା ପଚାରୁଛନ୍ତି ! ଆପଣଙ୍କ ଥାଳିରେ ଖାଇବନି ?

ନିତ୍ୟଗୋପାଳଙ୍କୁ ଭାବାବିଷ୍ଟ ଦେଖି ଠାକୁର ତାଙ୍କୁ ଗୁଣ୍ଡାଏ ଦୁଇଗୁଣ୍ଡା ଖୁଆଇ ଦେଲେ ।

କୋନ୍ନଗରର ଭକ୍ତଗଣ ଏଥର ନୌକାରେ ଆସିଛନ୍ତି । ସେମାନେ କୀର୍ତ୍ତନ କରୁ କରୁ ଠାକୁରଙ୍କ ଘରେ ପ୍ରବେଶ କଲେ । କୀର୍ତ୍ତନ ପରେ ସେମାନେ ଜଳଖିଆ କରିବାକୁ ବାହାରି ଗଲେ । ନରୋତ୍ତମ କୀର୍ତ୍ତନୀୟା ଠାକୁରଙ୍କ ଘରେ ବସିଛନ୍ତି । ଠାକୁର ନରୋତ୍ତମ ଓ ଅନ୍ୟ ଭକ୍ତମାନଙ୍କୁ କହୁଛନ୍ତି, ''ତୁମମାନଙ୍କର କୀର୍ତ୍ତନ କାହିଁକି ଜମୁନାହିଁ ? କୀର୍ତ୍ତନ ଏପରି ହେବ ଯେ ସମସ୍ତେ ନାଚିବେ ! ଏହିପରି କୀର୍ତ୍ତନ ଗାଇବା ଉଚିତ—

ନଦିଆକୁ ଟଳମଳ କରେ ଟଳମଳ କରେ
ଗୌର-ପ୍ରେମର ହିଲ୍ଲୋଳ ରେ ।

(ନରୋତ୍ତମଙ୍କ ପ୍ରତି) ''ତାହା ସହିତ ଏଇଟି ଗାଇବାକୁ ହୁଏ--

ଯାହାଙ୍କର ହରି କହୁ କହୁ ନୟନ ଝରେ, ଆସିଛନ୍ତ ସେହି ଦୁଇଭାଇ ରେ ।
ମାଡ଼ ଖାଇ ଯିଏ ଯାଚନ୍ତି ପ୍ରେମ, ଆସିଛନ୍ତି ସେହି ଦୁଇଭାଇ ରେ ।
ନିଜେ କାନ୍ଦି ଯିଏ କନ୍ଦାନ୍ତି ଜଗତ, ଆସିଛନ୍ତି ସେହି ଦୁଇଭାଇ ରେ ॥
ନିଜେ ମାତି ଯିଏ ମତାନ୍ତି ଜଗତ, ଆସିଛନ୍ତି ସେହି ଦୁଇଭାଇ ରେ ॥
ଅଚାଣ୍ଡାଳେ ଯିଏ ଦିଅନ୍ତି କୋଳ, ଆସିଛନ୍ତି ସେହି ଦୁଇଭାଇ ରେ ॥

ଆଉ ଏପରି ମଧ୍ୟ ଗାଇବାକୁ ହୁଏ--

ଗୌର ନିତାଇ ତୁମେ ଦୁଇଭାଇ, ପରମ ଦୟାଳୁ ହେ ପ୍ରଭୁ !
ଶୁଣି ସେହି କଥା ଆସିଛି ହେ ନାଥ;
ତୁମେ ପରା ଅଚାଣ୍ଡାଳେ ଦିଅ କୋଳ,
କୋଳ ଦେଇ କୁହ ଗାଇବାକୁ ହରିବୋଲ ।''

## (୨)
## ଜନ୍ମୋତ୍ସବ ଦିବସରେ ଭକ୍ତସମ୍ଭାଷଣ

ଏଥର ଭକ୍ତମାନେ ପ୍ରସାଦ ପାଉଛନ୍ତି । ସେମାନେ ଚୁଡ଼ା ମିଷ୍ଟାନ୍ନାଦି ବିଭିନ୍ନ ପ୍ରକାର ପ୍ରସାଦ ପାଇ ତୃପ୍ତିଲାଭ କଲେ । ଠାକୁର ମାଷ୍ଟରଙ୍କୁ କହୁଛନ୍ତି, ''ମୁଖାର୍ଜୀଙ୍କୁ ଡାକି ନାହଁ ? ସୁରେନ୍ଦ୍ରଙ୍କୁ କହ, ସେ ବାଉଲମାନଙ୍କୁ ଖାଇବା ପାଇଁ କହିବେ ।''

ଶ୍ରୀଯୁକ୍ତ ବିପିନ ସରକାର ଆସିଛନ୍ତି । ଭକ୍ତମାନେ କହିଲେ, ''ଏହାଙ୍କ ନାମ ବିପିନ ସରକାର ।'' ଠାକୁର ଉଠି ବସିଲେ ଓ ବିନୀତ ଭାବରେ କହିଲେ, ''ଏହାଙ୍କୁ ଆସନ ଏବଂ ପାନ ଦିଅ ।'' ତାଙ୍କୁ କହୁଛନ୍ତି, ''ଆପଣଙ୍କ ସହିତ କଥାବାର୍ତ୍ତା ହେଲା ନାହିଁ; ଭାରୀ ଭିଡ଼ ।''

ଗିରୀନ୍ଦ୍ରଙ୍କୁ ଦେଖି ଠାକୁର ବାବୁରାମଙ୍କୁ କହିଲେ, ''ଏହାଙ୍କୁ ଖଣ୍ଡିଏ ଆସନ ଦିଅ ।'' ନିତ୍ୟଗୋପାଳ ତଳେ ବସିଥିବାର ଦେଖି ଠାକୁର କହିଲେ, ''ଏହାଙ୍କୁ ମଧ୍ୟ ଖଣ୍ଡିଏ ଆସନ ଦିଅ ।''

ସିଁଥିର ମହେନ୍ଦ୍ର କବିରାଜ ଆସିଛନ୍ତି । ସହାସ୍ୟ ଠାକୁର ରାଖାଲଙ୍କୁ ଠାରି କହୁଛନ୍ତି, ''ହାତ ଦେଖାଅ ।''

ଶ୍ରୀଯୁକ୍ତ ରାମଲାଲଙ୍କୁ କହୁଛନ୍ତି, ''ଗିରିଶ ଘୋଷଙ୍କ ସହିତ ବନ୍ଧୁତା କର, ତା'ହେଲେ ମାଗଣାରେ ଥିଏଟର ଦେଖିପାରିବ ।'' (ହସ)

ନରେନ୍ଦ୍ର ହାଜରାଙ୍କ ସହିତ ବାହାର ବାରଣ୍ଡାରେ ବହୁତ ସମୟ ହେଲା ଗପ କରୁଥିଲେ । ପିତୃବିୟୋଗ ପରେ ନରେନ୍ଦ୍ରଙ୍କର ଖୁବ୍ ଅର୍ଥାଭାବ ହୋଇଛି ।

ନରେନ୍ଦ୍ର ଆସି ଘର ଭିତରେ ବସିଲେ ।

## ନରେନ୍ଦ୍ରଙ୍କ ପ୍ରତି ଠାକୁରଙ୍କର ନାନା ଉପଦେଶ

ଶ୍ରୀରାମକୃଷ୍ଣ (ନରେନ୍ଦ୍ରଙ୍କ ପ୍ରତି)—ତୁ କ'ଣ ହାଜରା ପାଖରେ ବସିଥିଲୁ ? ତୁ ବିଦେଶିନୀ ସେ ବିରହିଣୀ ! ହାଜରାର ମଧ୍ୟ ଦେଢ଼ ହଜାର ଟଙ୍କା ଦରକାର । (ହସ)

''ହାଜରା କହେ, 'ନରେନ୍ଦ୍ରର ଷୋଳଅଣା ସତ୍ତ୍ୱଗୁଣ ହୋଇଛି, କିନ୍ତୁ ଅଳ୍ପ ଟିକିଏ ଲାଲ ରଙ୍ଗର ରଜଃଗୁଣ ଅଛି । ମୋର ବିଶୁଦ୍ଧ ସତ୍ତ୍ୱ ସତର ଅଣା' ।'' (ସମସ୍ତଙ୍କର ହସ)

ମୁଁ ଯେତେବେଳେ କହେ, 'ତୁମେ କେବଳ ବିଚାର କରୁଛ ତେଣୁ ଶୁଷ୍କ', ସେ କହେ, 'ମୁଁ ସୌରସୁଧା ପାନ କରୁଛି, ସେଥିପାଇଁ ଶୁଷ୍କ ।'

''ମୁଁ ଯେତେବେଳେ ଶୁଦ୍ଧା ଭକ୍ତିର କଥା କହେ, ଶୁଦ୍ଧ ଭକ୍ତ ଟଙ୍କା ପଇସା ଐଶ୍ୱର୍ଯ୍ୟ କିଛି ଚାହେଁ ନାହିଁ ବୋଲି କହେ, ସେତେବେଳେ ସେ କହେ, 'ଈଶ୍ୱରଙ୍କର କୃପାବନ୍ୟା ହେଲେ ନଦୀ ତ ଉଛୁଳିବ, ଗାଡ଼ିଆ ପୋଖରୀ ମଧ୍ୟ ଭର୍ତ୍ତି ହୋଇଯିବ । ସେହିପରି ଶୁଦ୍ଧା ଭକ୍ତି ତ ହୁଏ, ପୁଣି ଷଡ଼ୈଶ୍ୱର୍ଯ୍ୟ ଓ ଟଙ୍କାପଇସା ମଧ୍ୟ ହୁଏ' ।''

ଠାକୁରଙ୍କ ଘରେ ନରେନ୍ଦ୍ର ଓ ଅନେକ ଭକ୍ତ ବସିଛନ୍ତି; ସେମାନଙ୍କ ନିକଟରେ ଗିରିଶ ଆସି ବସିଲେ ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)–ମୁଁ ନରେନ୍ଦ୍ରକୁ ଆତ୍ମସ୍ୱରୂପ ଦେଖେ; ଆଉ ମୁଁ ଆସି ବସିଲେ ।

ଗିରିଶ–ଆପଣ କାହାର ବା ଅନୁଗତ ନୁହନ୍ତି !

## ଅଖଣ୍ଡଘରେ ନରେନ୍ଦ୍ରଙ୍କ ସ୍ଥାନ

ଶ୍ରୀରାମକୃଷ୍ଣ (ସହାସ୍ୟ)—ନରେନ୍ଦ୍ରର ମରଦ-ଭାବ (ପୁରୁଷଭାବ) ମୋର ସ୍ତ୍ରୀ-ଭାବ (ପ୍ରକୃତିଭାବ) । (ଆଧ୍ୟାତ୍ମିକ ଜଗତରେ) ନରେନ୍ଦ୍ରର ଉଚ୍ଚଘର, ଅଖଣ୍ଡଘର ।

ଗିରିଶ ହୁକା ଟାଣିବାକୁ ବାହାରକୁ ଗଲେ ।

ନରେନ୍ଦ୍ର (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଗିରିଶ ଘୋଷଙ୍କ ସହିତ ପରିଚୟ ହେଲା, ଖୁବ୍ ବଡ଼ ଲୋକ । (ମାଷ୍ଟରଙ୍କ ପ୍ରତି)—ଆପଣଙ୍କ କଥା ହେଲା ।

ଶ୍ରୀରାମକୃଷ୍ଣ—କଅଣ କଥା ?

ନରେନ୍ଦ୍ର—ଆପଣ ଲେଖାପଢ଼ା ଜାଣି ନାହାନ୍ତି, ଆମେ ସବୁ ପଣ୍ଡିତ, ଏହିପରି କଥା ପଡ଼ିଥିଲା । (ହସ)

### ଶ୍ରୀରାମକୃଷ୍ଣ ଓ ନରେନ୍ଦ୍ର—ପାଣ୍ଡିତ୍ୟ ଓ ଶାସ୍ତ୍ର

ମଣି ମଲ୍ଲିକ (ଠାକୁରଙ୍କ ପ୍ରତି)—ଆପଣ ନ ପଢ଼ି ପଣ୍ଡିତ ।

ଶ୍ରୀରାମକୃଷ୍ଣ (ନରେନ୍ଦ୍ର ପ୍ରଭୃତିଙ୍କ ପ୍ରତି)—ସତ କହୁଛି, ମୁଁ ବେଦାନ୍ତ ପ୍ରଭୃତି ଶାସ୍ତ୍ର ପଢ଼ି ନାହିଁ ବୋଲି ମନରେ ଟିକିଏ ହେଲେ ଦୁଃଖ ହୁଏ ନାହିଁ । ମୁଁ ଜାଣେ, ବେଦାନ୍ତର ସାର, ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା । ଆଉ ଗୀତାର ସାର କଅଣ ? ଗୀତା ଦଶଥର କହିଲେ ଯାହା ହୁଏ, ଅର୍ଥାତ୍ ତ୍ୟାଗୀ ତ୍ୟାଗୀ !

''ଶାସ୍ତ୍ରର ସାର ଗୁରୁଙ୍କ ମୁହଁରୁ ଜାଣିନେବାକୁ ହୁଏ । ତା'ପରେ ସାଧନ ଭଜନ । ଜଣେ ଚିଠି ଲେଖିଥିଲା । ଚିଠିଖଣ୍ଡିକ ପଢ଼ା ହୋଇନି, ହଜିଗଲା । ସେଥିପାଇଁ ସମସ୍ତେ ମିଶି ଖୋଜିବାକୁ ଲାଗିଲେ । ଶେଷରେ ଚିଠି ଖଣ୍ଡିକ ମିଳିଗଲାରୁ ପଢ଼ାଗଲା । ସେଥିରେ ଲେଖାଅଛି 'ପାଞ୍ଚସେର ସନ୍ଦେଶ ଆଉ ଖଣ୍ଡିଏ ଲୁଗା ପଠାଇବ ।' ତା'ପରେ ଚିଠିଟିକୁ ଫିଙ୍ଗି ଦେଲେ । ପାଞ୍ଚସେର ସନ୍ଦେଶ ଏବଂ ଖଣ୍ଡିଏ ଲୁଗାର ଯୋଗାଡ଼ରେ ଲାଗିଲେ । ସେହିପରି ଶାସ୍ତ୍ରର ସାର ଜାଣିନେବା ପରେ ବହି ପଢ଼ିବା କଅଣ ଦରକାର ? ଏଣିକି ସାଧନ ଭଜନ ।''*

ଗିରିଶ ଏଥର ଘର ଭିତରକୁ ଆସିଲେ ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ହଇହେ, ମୋ ବିଷୟରେ ତୁମେମାନେ କଅଣ କଥାବାର୍ତ୍ତା ହେଉଥିଲ ? ମୁଁ ତ ଖାଇପିଇ ନିଶ୍ଚିନ୍ତରେ ଅଛି ।

ଗିରିଶ—ଆପଣଙ୍କ କଥା ଆମେ କଅଣ ଆଉ କହିବୁ ! ଆପଣ କ'ଣ ସାଧୁ ?

ଶ୍ରୀରାମକୃଷ୍ଣ—ନା, ସାଧୁ ଫାଧୁ ନୁହଁ । ପ୍ରକୃତରେ ତ ମୋର ସାଧୁବୋଧ ନାହିଁ ।

ଗିରିଶ—ଥଟ୍ଟା ତାମସାରେ ବି ଆପଣଙ୍କୁ ପାରିଲି ନାହିଁ ।

ଶ୍ରୀରାମକୃଷ୍ଣ—ମୁଁ ନାଲିଧଡ଼ିଆ ଲୁଗା ପିନ୍ଧି ଜୟଗୋପାଳ ସେନ୍‌ଙ୍କ ବଗିଚାକୁ ଯାଇଥିଲି । କେଶବ ସେନ୍ ସେଠାରେ ଥିଲା । କେଶବ ନାଲିଧଡ଼ିଆ ଲୁଗା ଦେଖି କହିଲା, 'ବାଃ ଆଜି ତ ଖୁବ୍ ବେଶ, ନାଲି ଧଡ଼ିର ବାହାର୍ ! ମୁଁ କହିଲି, 'କେଶବର ମନ ଭୁଲାଇବାକୁ ହେବ, ତେଣୁ ଏପରି ବାହାର୍ ।'

ନରେନ୍ଦ୍ର ପୁଣି ଗୀତ ଗାଇବେ । ଶ୍ରୀରାମକୃଷ୍ଣ ମାଷ୍ଟରଙ୍କୁ କାନ୍ଥରେ ଟଙ୍ଗା ହୋଇଥିବା ତାନ୍‌ପୁରାଟିକୁ କାଢ଼ି ଆଣିବାକୁ କହିଲେ । ନରେନ୍ଦ୍ର ବହୁତ ସମୟ ଧରି ତାନ୍‌ପୁରାଟିକୁ ବାନ୍ଧୁଛନ୍ତି । ଠାକୁର ଏବଂ ଅନ୍ୟମାନେ ଅଧୈର୍ଯ୍ୟ ହେଲେଣି ।

---

* ତମେବ ଧୀରୋ ବିଜ୍ଞାୟ ପ୍ରଜ୍ଞାଂ କୁର୍ବୀତ ବ୍ରାହ୍ମଣଃ ।
ନାନୁଧ୍ୟାୟାଦ୍ ବହୁଞ୍ଛବ୍ଦାନ୍ ବାଚୋ ବିଗ୍ଲାପନଂ ହି ତତ୍ । ବୃହଦାରଣ୍ୟକୋପନିଷଦ୍—୪,୪,୨୧

ବିନୋଦ କହୁଛନ୍ତି, ଆଜି ତାନ୍‌ପୁରା ବନ୍ଧାଯିବ, ଆଉ ଦିନେ ଗୀତ ବୋଲାଯିବ । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ ହସି ହସି କହିଲେ, ''ତାନ୍‌ପୁରାଟାକୁ ଭାଙ୍ଗି ଦେବାକୁ ଇଚ୍ଛା ହେଉଛି । କଅଣ ଖାଲି ଟଂ ଟଂ—ପୁଣି ତାନା ନାନା ନେରେ ନୁମ୍ ଚାଲିବ ।''

ଭବନାଥ—ଯାତ୍ରା ଆରମ୍ଭରେ ଏପରି ବିରକ୍ତି ଲାଗେ ।

ନରେନ୍ଦ୍ର (ତାନ୍‌ପୁରା ବାନ୍ଧୁ ବାନ୍ଧୁ)—ନ ବୁଝିପାରିଲେ ସେମିତି ଲାଗେ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଦେଖିଲ ତ ଆମର ସବୁ କଥା ଉଡ଼ାଇଦେଲା ।

## ନରେନ୍ଦ୍ରଙ୍କର ଗୀତ ଓ ଶ୍ରୀରାମକୃଷ୍ଣଙ୍କର ଭାବାବେଶ— ଅନ୍ତର୍ମୁଖ ଓ ବହିର୍ମୁଖ—ସ୍ଥିର ଜଳ ଓ ତରଙ୍ଗ

ନରେନ୍ଦ୍ର ଗୀତ ଗାଉଛନ୍ତି । ଠାକୁର ଛୋଟ ଖଟଟି ଉପରେ ବସି ଶୁଣୁଛନ୍ତି । ନିତ୍ୟଗୋପାଳ ପ୍ରଭୃତି ଭକ୍ତମାନେ ତଳେ ବସି ଶୁଣୁଛନ୍ତି ।

୧ । ଅନ୍ତରେ ଜାଗିଛ ଗୋ ମା ଅନ୍ତରଯାମିନୀ,
କୋଳେ ଧରିଅଛ ମୋର ଦିବସ ଯାମିନୀ;

୨ । ଗାଅରେ ଆନନ୍ଦମୟୀଙ୍କ ନାମ
ସେ ଯେ ମୋର ଏକତନ୍ତ୍ରୀ ପ୍ରାଣର ଆରାମ ।

୩ । ନିବିଡ଼ ଅନ୍ଧାରେ ମା ଗୋ ଚମକେ ତୋ ରୂପରାଶି ।
ତେଣୁ ଯୋଗୀ ଧ୍ୟାନ କରେ ହୋଇ ଗିରିଗୁହାବାସୀ ।।

ଠାକୁର ଭାବାବିଷ୍ଟ ହୋଇ ଖଟ ଉପରୁ ଓହ୍ଲାଇ ଆସି ନରେନ୍ଦ୍ରଙ୍କ ପାଖରେ ବସିଲେ । ଭାବାବିଷ୍ଟ ହୋଇ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଗୀତ ଗାଇବି ? ଥୁ-ଥୁ । (ନିତ୍ୟ ଗୋପାଳଙ୍କ ପ୍ରତି)—ତୁ କଅଣ କହୁଛୁ ? ଉଦ୍ଦୀପନ ପାଇଁ ଶୁଣିବାକୁ ହୁଏ; ତା' ପରେ କଅଣ ହେଲା ଆଉ କଅଣ ଗଲା ।

''ନିଆଁ ଜଳାଇ ଦେଲା, ବେଶ୍ ହେଲା ! ତା'ପରେ ଚୁପ୍ । ଭଲ ଭଲ, ମୁଁ ତ ଚୁପ୍ ରହିଛି, ତୁ ବି ଚୁପ୍ ହୋଇ ରହ ।

''ଆନନ୍ଦରସରେ ମଗ୍ନ ହେବା କଥା ।''

''ଗୀତ ଗାଇବି ? ଗାଇଲେ ବି ହୁଏ । ପାଣି ସ୍ଥିର ଥିଲେ ପାଣି, ଆଉ ହଲ ଚଲ ହେଲେ ବି ପାଣି ।''

## ନରେନ୍ଦ୍ରଙ୍କୁ ଶିକ୍ଷା—''ଜ୍ଞାନ-ଅଜ୍ଞାନର ଅତୀତ ହୁଅ''

ନରେନ୍ଦ୍ର ଠାକୁରଙ୍କ ପାଖରେ ବସିଛନ୍ତି । ତାଙ୍କ ଘରେ ଅର୍ଥକଷ୍ଟ, ତେଣୁ ସେ ସର୍ବଦା ଚିନ୍ତିତ ରହୁଛନ୍ତି । ସାଧାରଣ ବ୍ରାହ୍ମସମାଜକୁ ସେ ଯିବାଆସିବା କରୁଥିଲେ । ଏବେ ମଧ୍ୟ ସର୍ବଦା ଜ୍ଞାନଚର୍ଚ୍ଚା କରନ୍ତି, ବେଦାନ୍ତାଦି ଗ୍ରନ୍ଥ ପଢ଼ିବାକୁ ଖୁବ୍ ଇଚ୍ଛା, ତାଙ୍କର ବର୍ତ୍ତମାନ ବୟସ ୨୩ ବର୍ଷ ହେବ । ଠାକୁର ନରେନ୍ଦ୍ରଙ୍କୁ ଏକ ଦୃଷ୍ଟିରେ ଦେଖୁଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ, ନରେନ୍ଦ୍ରଙ୍କ ପ୍ରତି)—ତୁ ତ 'ଖ' (ଆକାଶବତ୍); ତେବେ ଯଦି ଟ୍ୟାକ୍ସ (ଅର୍ଥାତ୍ ଘରଚିନ୍ତା) ନ ଥାଆନ୍ତା । (ସମସ୍ତଙ୍କର ହସ)

''କୃଷ୍ଣକିଶୋର କହେ 'ମୁଁ ଖ' । ଦିନେ ତା' ଘରକୁ ଯାଇ ଦେଖିଲି, ସେ ଚିନ୍ତିତ ହୋଇ ବସିଛି; ବେଶୀ କଥା କହୁନାହିଁ । ମୁଁ ପଚାରିଲି କିହେ କଅଣ ହୋଇଛି, ଏପରି ଚିନ୍ତିତ ହୋଇ ବସିଛ କାହିଁକି ? ସେ କହିଲା—ଟ୍ୟାକ୍ସବାଲା ଆସିଥିଲା; ସେ କହିଯାଇଛି, ଟଙ୍କା ନ ଦେଲେ ଘରଦ୍ୱାର ସବୁ ନିଲାମ କରି ନେଇଯିବ; ତେଣୁ ଭାରୀ ଚିନ୍ତାରେ ପଡ଼ିଛି । ମୁଁ ହସି ହସି କହିଲି—ଏତେ ଚିନ୍ତା କାହିଁକି ? ତୁମେ ତ 'ଖ' 'ଆକାଶବତ୍' । ନିଅନ୍ତୁ ଶଳେ, ହାଣ୍ଡି କୁଣ୍ଡେଇ ନେଇ ଯାଆନ୍ତୁ, ତୁମର କଅଣ ଯାଏ ଆସେ !

''ତେଣୁ ତୋତେ କହୁଛି, ତୁ ତ 'ଖ'—ଏତେ ଭାବନା କାହିଁକି ? କଅଣ ଜାଣୁ, ଶ୍ରୀକୃଷ୍ଣ କହିଥିଲେ, 'ଅର୍ଜୁନ, ଅଷ୍ଟସିଦ୍ଧି ମଧ୍ୟରୁ ଗୋଟିଏ ବି ସିଦ୍ଧି ରହିଲେ, କିଛି ଶକ୍ତି ହୋଇପାରେ, କିନ୍ତୁ ମୋତେ ପାଇପାରିବ ନାହିଁ ।' ସିଦ୍ଧିଦ୍ୱାରା ଶକ୍ତି, ବଳ, ଟଙ୍କା ଏସବୁ ମିଳିପାରେ, କିନ୍ତୁ ଈଶ୍ୱରଲାଭ ହେବ ନାହିଁ ।''

''ଆଉ ଗୋଟିଏ କଥା—'ଜ୍ଞାନ-ଅଜ୍ଞାନର ଆରପାରିକୁ ଚାଲିଯାଅ ।' ଲୋକମାନେ କହନ୍ତି, ଅମୁକ ଲୋକ ଖୁବ୍ ଜ୍ଞାନୀ, ବସ୍ତୁତଃ ତାହା ନୁହେଁ । ବଶିଷ୍ଠ ଏଡ଼େ ଜ୍ଞାନୀ, ପୁତ୍ରଶୋକରେ ଅଧୀର ହୋଇଯାଇଥିଲେ । ତାହା ଦେଖି ଲକ୍ଷ୍ମଣ କହିଲେ, 'ହେ ରାମ, ଏ ତ ବଡ଼ ଆଶ୍ଚର୍ଯ୍ୟ କଥା ! ଏ ମଧ୍ୟ ଏପରି ଶୋକାର୍ତ୍ତ !' ରାମ କହିଲେ, 'ଭାଇ, ଯାହାର ଜ୍ଞାନ ଅଛି; ତାହାର ଅଜ୍ଞାନ ମଧ୍ୟ ଅଛି; ଯାହାର ଆଲୋକ-ବୋଧ ଅଛି, ତାହାର ଅନ୍ଧକାର-ବୋଧ ମଧ୍ୟ ଅଛି ଯାହାର ଭଲ-ବୋଧ ଅଛି, ତାହାର ମନ୍ଦ-ବୋଧ ମଧ୍ୟ ଅଛି, ଯାହାର ସୁଖ-ବୋଧ ଅଛି, ତାହାର ଦୁଃଖ-ବୋଧ ମଧ୍ୟ ଅଛି । ଭାଇ, ତୁମେ ଉଭୟକୁ ପାରି ହୋଇଯାଅ, ସୁଖ-ଦୁଃଖକୁ ପାରି ହୋଇଯାଅ, ଜ୍ଞାନ-ଅଜ୍ଞାନକୁ ପାରି ହୋଇଯାଅ ।' ତେଣୁ ତୋତେ କହୁଛି, ଜ୍ଞାନ-ଅଜ୍ଞାନକୁ ଅତିକ୍ରମ କର ।''

## (୩)

## ଭକ୍ତମାନଙ୍କ ଗହଣରେ ଶ୍ରୀରାମକୃଷ୍ଣ—ସୁରେନ୍ଦ୍ରଙ୍କ ପ୍ରତି ଉପଦେଶ—ଗୃହସ୍ଥ ଓ ଦାନଧର୍ମ—ମନୋଯୋଗ ଓ କର୍ମଯୋଗ

ଠାକୁର ଶ୍ରୀରାମକୃଷ୍ଣ ପୁଣି ଆସି ଛୋଟ ଖଟ ଉପରେ ବସିଛନ୍ତି । ଭକ୍ତମାନେ ଏବେ ସୁଦ୍ଧା ତଳେ ବସିଛନ୍ତି । ସୁରେନ୍ଦ୍ର ତାଙ୍କ ପାଖରେ ବସିଛନ୍ତି । ଠାକୁର ତାଙ୍କ ଆଡ଼କୁ ସସ୍ନେହ ଦୃଷ୍ଟିପାତ କରୁଛନ୍ତି ଓ କଥା ଛଳରେ ତାଙ୍କୁ ନାନା ଉପଦେଶ ଦେଉଛନ୍ତି ।

ଶ୍ରୀରାମକୃଷ୍ଣ (ସୁରେନ୍ଦ୍ରଙ୍କ ପ୍ରତି)—ମଝିରେ ମଝିରେ ଆସିବ । ଲଙ୍ଗ୍‌ଟୀ (ତୋତାପୁରୀ) କହୁଥିଲା, ଲୋଟା ପ୍ରତିଦିନ ମାଜିବାକୁ ହୁଏ, ତା' ନ ହେଲେ କଳଙ୍କି ଲାଗିବ । ସାଧୁସଙ୍ଗ ସଦା ସର୍ବଦା ଦରକାର ।

''ସନ୍ନ୍ୟାସୀଙ୍କ ପକ୍ଷରେ କାମିନୀ-କାଞ୍ଚନ ତ୍ୟାଗ; ତୁମମାନଙ୍କ ପକ୍ଷରେ ତାହା ନୁହେଁ ।

ତୁମେମାନେ ମଝିରେ ମଝିରେ ନିର୍ଜନକୁ ଯାଇ ବ୍ୟାକୁଳ ହୋଇ ଈଶ୍ୱରଙ୍କୁ ଡାକିବ ଏବଂ ମନରେ ତ୍ୟାଗ କରିବ ।''

'' ବୀର ଭକ୍ତ ନହେଲେ ଦୁଇ ଦିଗ ସମ୍ଭାଳି ହୁଏ ନାହିଁ; ଜନକ ରାଜା ସାଧନ ଭଜନ କରି ସିଦ୍ଧ ହେବା ପରେ ସଂସାରରେ ଥିଲେ । ସେ ଦୁଇଖଣ୍ଡ ତରବାରୀ ଘୂରାଉଥିଲେ, ଜ୍ଞାନର ଏବଂ କର୍ମର ।''

ଏହା କହି ଠାକୁର ଗୀତ ଗାଉଛନ୍ତି—

ଏ ସଂସାର ମଜାର କୋଠି
ମୁଁ ଯେ ଖାଇ ପିଇ ନିଏ ମଜା ଲୁଟି ॥
ଜନକ ରାଜା ମହାତେଜା ତାର କାହିଁରେ ଥିଲା ତ୍ରୁଟି !
ସେ ଯେ ଏପାଖ ସେପାଖ ଦିପାଖ ରଖି ପିଇଥିଲା ଦୁଧ-ବାଟି ॥

ତୁମମାନଙ୍କ ପକ୍ଷରେ ଚୈତନ୍ୟଦେବ ଯାହା କହିଥିଲେ, ଜୀବେ ଦୟା, ଭକ୍ତସେବା ଓ ନାମ ସଂକୀର୍ତ୍ତନ ।

''ତୁମକୁ କହୁଛି କାହିଁକି ? ତୁମେ ବେପାରୀ ଘରେ କାମ କର । ଆଉ ଅନେକ କାର୍ଯ୍ୟ କରିବାକୁ ହୁଏ । ତେଣୁ କହୁଛି ।''

ତୁମେ ଅଫିସ୍‌ରେ ମିଥ୍ୟା କଥା କହୁଛ, ତଥାପି ତୁମର ଜିନିଷ ଖାଉଛି କାହିଁକି ? କାରଣ ତୁମର ଦାନଧ୍ୟାନ ଶ୍ରଦ୍ଧା ଅଛି; ତୁମର ଯାହା ଆୟ ତା'ଠାରୁ ଅଧିକ ଦାନ କର; 'ବାରହାତ କାକୁଡ଼ିର ତେରହାତ ମଞ୍ଜି' ।

କୃପଣର ଜିନିଷ ଖାଇପାରେ ନାହିଁ । ସେମାନଙ୍କର ଧନ ନାନାଭାବରେ ଉଡ଼ିଯାଏ: ୧ମ— ମାଲି ମକଦ୍ଦମାରେ; ୨ୟ— ଚୋରି ଡକାୟତିରେ ୩ୟ— ଡାକ୍ତର ଖର୍ଚ୍ଚରେ; ୪ର୍ଥ—ମନ୍ଦସ୍ୱଭାବ ପୁଅମାନେ ସବୁ ଟଙ୍କା ଉଡ଼ାଇଦିଅନ୍ତି; ଏହିପରି ।

''ତୁମେ ଯେଉଁ ଦାନଧ୍ୟାନ କରୁଛ ତାହା ଖୁବ୍ ଭଲ । ଯେଉଁମାନଙ୍କର ଟଙ୍କା ଅଛି ସେମାନଙ୍କର ଦାନ କରିବା ଉଚିତ । କୃପଣର ଧନ ଉଡ଼ିଯାଏ; ଦାତାର ଧନ ସୁରକ୍ଷିତ ହୁଏ, ସତ୍‌କାର୍ଯ୍ୟରେ ଲାଗେ । କାମାରପୁକୁର ଗ୍ରାମାଞ୍ଚଳରେ ଚାଷୀମାନେ ନାଳ ଖୋଳି କ୍ଷେତକୁ ପାଣି ଆଣନ୍ତି । ବେଳେ ବେଳେ ପାଣିର ସୁଅ ଏତେ ପ୍ରବଳ ହୁଏ ଯେ କ୍ଷେତର ହିଡ଼ସବୁ ଭାଙ୍ଗିଯାଇ ପାଣି ବାହାରିଯାଏ ଓ ଫସଲ ନଷ୍ଟ ହୁଏ । ସେଥିପାଇଁ ଚାଷୀମାନେ ହିଡ଼ର ମଝିରେ ମଝିରେ କଣା କରି ରଖନ୍ତି, ତାକୁ ନଳା କହନ୍ତି । ସେହି ନଳା ମଧ୍ୟରେ ଅଳ୍ପ ଅଳ୍ପ ପାଣି ଯାଏ ଏବଂ ସୁଅରେ ହିଡ଼ ଭାଙ୍ଗିଯାଏ ନାହିଁ । ବରଂ କ୍ଷେତ ଉପରେ ପଟୁ ପଡ଼େ । ପଟୁ ପଡ଼ିବା ଫଳରେ କ୍ଷେତ ଉର୍ବର ହୋଇ ଭଲ ଫସଲ ହୁଏ । ଯେ ଦାନ ଧ୍ୟାନ କରେ ସେ ବହୁ ଫଳ ପାଏ; ଚତୁର୍ବର୍ଗ ଫଳ ।''

ଭକ୍ତମାନେ ଠାକୁରଙ୍କ ଶ୍ରୀମୁଖରୁ ଏହିପରି ଦାନଧର୍ମ କଥା ମନଦେଇ ଶୁଣୁଛନ୍ତି ।

ସୁରେନ୍ଦ୍ର—ମୋର ଧ୍ୟାନ ଭଲ ହୁଏ ନାହିଁ । ବେଳେ ବେଳେ ମାଆ ମାଆ କହେ;

ଶୋଇବା ବେଳେ ମାଆ ମାଆ କହୁ କହୁ ଶୋଇପଡ଼େ ।

ଶ୍ରୀରାମକୃଷ୍ଣ—ତାହାହେଲେ ହେଲା । ସ୍ମରଣ ମନନ ତ ରହିଛି ।

ମନୋଯୋଗ ଓ କର୍ମଯୋଗ । ପୂଜା, ତୀର୍ଥ, ଜୀବସେବା ଇତ୍ୟାଦି ଗୁରୁଙ୍କ ଉପଦେଶ ଅନୁଯାୟୀ କର୍ମ କରିବାର ନାମ କର୍ମଯୋଗ । ଜନକ ରାଜା ଯେଉଁ କର୍ମ କରୁଥିଲେ ତାହାର ନାମ କର୍ମଯୋଗ । ଯୋଗୀମାନେ ଯେଉଁ ସ୍ମରଣ ମନନ କରନ୍ତି ତାହାର ନାମ ମନୋଯୋଗ ।

''ପୁଣି ମା କାଳୀଙ୍କ ମନ୍ଦିରକୁ ଯାଇ ଭାବେ, ମା ତୁମେ ହିଁ ତ ମନ ! ସୁତରାଂ ଶୁଦ୍ଧ ମନ, ଶୁଦ୍ଧ ବୁଦ୍ଧି ଓ ଶୁଦ୍ଧ ଆତ୍ମା ଏକା ଜିନିଷ ।''

ସନ୍ଧ୍ୟା ହୋଇ ଆସୁଛି; ଭକ୍ତମାନଙ୍କ ମଧ୍ୟରୁ ଅନେକେ ଠାକୁରଙ୍କୁ ପ୍ରଣାମ କରି ଘରକୁ ଫେରିଯାଉଛନ୍ତି । ଠାକୁର ପଶ୍ଚିମପଟ ବାରଣ୍ଡାକୁ ଗଲେ । ସଙ୍ଗରେ ଭବନାଥ ଓ ମାଷ୍ଟର ଅଛନ୍ତି ।

ଶ୍ରୀରାମକୃଷ୍ଣ (ଭବନାଥଙ୍କ ପ୍ରତି)—ତୁ ଏତେ ଡେରି କରି କାହିଁକି ଆସୁଛୁ ?

ଭବନାଥ (ସହାସ୍ୟ)—ଆଜ୍ଞା, ମୁଁ ପନ୍ଦର ଦିନରେ ଥରେ ଆସି ଦେଖାକରେ, କିନ୍ତୁ ସେଦିନ ରାସ୍ତାରେ ଆପଣ ନିଜେ ଦେଖା ଦେଲେ, ତେଣୁ ଆଉ ଆସିଲି ନାହିଁ ।

ଶ୍ରୀରାମକୃଷ୍ଣ— ସେ କି କଥା ? ଖାଲି ଦର୍ଶନରେ କଅଣ କିଛି ହୁଏ ? ସ୍ପର୍ଶ, ଆଳାପ, ଏସବୁ ମଧ୍ୟ ଦରକାର ।

## (୪)

## ଜନ୍ମୋତ୍ସବ ରାତିରେ ଗିରିଶ ପ୍ରଭୃତି ଭକ୍ତମାନଙ୍କ ଗହଣରେ ପ୍ରେମାନନ୍ଦରେ

ସଂଧ୍ୟା ହେଲା । କ୍ରମେ ମନ୍ଦିରମାନଙ୍କରେ ଆଳତି ହେବା ଶବ୍ଦ ଶୁଣାଯାଉଛି । ଆଜି ଫାଲ୍‌ଗୁନ ଶୁକ୍ଳାଷ୍ଟମୀ; ୬/ ୭ ଦିନ ପରେ ଦୋଳ ପୂର୍ଣ୍ଣମୀ ମହୋତ୍ସବ ହେବ । ମନ୍ଦିରଚୂଡ଼ା, ପ୍ରାଙ୍ଗଣ, ଉଦ୍ୟାନଭୂମି, ବୃକ୍ଷଶୀର୍ଷ ସମସ୍ତ ଚନ୍ଦ୍ରାଲୋକରେ ମନୋହର ରୂପ ଧାରଣ କରିଛି । ଏହି ସମୟରେ ଗଙ୍ଗା ଉତ୍ତରବାହିନୀ ଓ ଜ୍ୟୋସ୍ନାମୟୀ ହୋଇ ଯେପରି ଆନନ୍ଦରେ ପ୍ରବାହିତ ହେଉଛନ୍ତି । ଠାକୁର ଶ୍ରୀରାମକୃଷ୍ଣ ନିଜ ଘରର ଛୋଟ ଖଟ ଉପରେ ବସି ନିଃଶବ୍ଦରେ ଜଗନ୍ନାଥଙ୍କୁ ଚିନ୍ତା କରୁଛନ୍ତି ।

ଉତ୍ସବ ପରେ ଏବେ ମଧ୍ୟ କେତେଜଣ ଭକ୍ତ ରହିଛନ୍ତି । ନରେନ୍ଦ୍ର ପୂର୍ବରୁ ଚାଲି ଯାଇଛନ୍ତି ।

ଆଳତି ଶେଷ ହେଲା । ଠାକୁର ଭାବାବିଷ୍ଟ ହୋଇ ଦକ୍ଷିଣ-ପୂର୍ବ ଲମ୍ବା ବାରଣ୍ଡାରେ ପଦଚାରଣ କରୁଛନ୍ତି । ମାଷ୍ଟର ମଧ୍ୟ ସେଠାରେ ଦଣ୍ଡାୟମାନ ହୋଇ ଠାକୁରଙ୍କୁ ଦର୍ଶନ କରୁଛନ୍ତି । ଠାକୁର ହଠାତ୍ ମାଷ୍ଟରଙ୍କୁ ସମ୍ବୋଧନ କରି କହୁଛନ୍ତି, ''ଆହା, ନରେନ୍ଦ୍ରର କି ସୁନ୍ଦର ଗୀତ !''

## ତନ୍ତ୍ରରେ ମହାକାଳୀଙ୍କର ଧ୍ୟାନ—ଏହାର ଗଭୀର ଅର୍ଥ

ମାଷ୍ଟର—ଆଜ୍ଞା, 'ନିବିଡ଼ ଅନ୍ଧାରେ' ଏହି ଗୀତଟି ?

ଶ୍ରୀରାମକୃଷ୍ଣ—ହଁ, ଏହି ଗୀତର ଅର୍ଥ ଅତି ଗଭୀର । ମୋର ମନକୁ ଏପର୍ଯ୍ୟନ୍ତ ଯେପରି ଟାଣି ରଖିଛି ।

ମାଷ୍ଟର—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ତନ୍ତ୍ର ଅନୁସାରେ ଅନ୍ଧାରରେ ଧ୍ୟାନ । ସେତେବେଳେ ସୂର୍ଯ୍ୟାଲୋକ କାହିଁ ?

ଶ୍ରୀଯୁକ୍ତ ଗିରିଶ ଘୋଷ ଆସି ଠିଆହେଲେ; ଠାକୁର ଗାଉଛନ୍ତି—

"ମା କି ମୋର କଳାରେ,
କଳାରୂପ ଦିଗମ୍ବରୀ ହୃଦପଦ୍ମ କରେ ଉଜ୍ଜ୍ୱଳରେ ।।"

ଠାକୁର ବିଭୋର ହୋଇ ଠିଆ ହେବା ଅବସ୍ଥାରେ ଗିରିଶଙ୍କ ଉପରେ ହାତ ରଖି ଗାଉଛନ୍ତି—

"ଗଙ୍ଗାଗୟା ପ୍ରଭାସାଦି କାଶୀ କାଞ୍ଚୀ କେବା ଚାହେଁ,
କାଳୀ କାଳୀ କାଳୀ ବୋଲି ଅଜପା ଯେ ହଜିଯାଏ ।।
ତ୍ରିସନ୍ଧ୍ୟା ଯେ ଜପେ କାଳୀ ପୂଜା ସନ୍ଧ୍ୟା ସେ କି ଚାହେଁ,
ସନ୍ଧ୍ୟା ତା'ର ସନ୍ଧାନେ ଘୂରେ କେଭେ ସନ୍ଧି ନାହିଁ ପାଏ ।।
ଦୟାବ୍ରତ ଦାନ ଆଦି ଆଉ କିଛି ନା ମନେ ନିଏ ,
ମଦନର ଜାଗଯଜ୍ଞ ବ୍ରହ୍ମମୟୀର ପାଦେ ରହେ ।।
କାଳୀନାମର ଏତେ ଗୁଣ ଜାଣିପାରେ ବା ତାହା କିଏ ,
ଦେବାଦିଦେବ ମହାଦେବ ଯାର ପଞ୍ଚମୁଖେ ଗୁଣ ଗାଏ ।।"

ଗୀତ—"ଏଥର ମୁହିଁ ଭଲ ଭାବିଛି,
ଭଲ ଭାବୀର ପାଖେ ଭାବ ପାଇଛି ।।
ଯେ ଦେଶେ ରଜନୀ ନାହିଁ, ସେ ଦେଶେ ଜଣେ ଲୋକ ପାଇଛି ।
ମୁହିଁ କିବା ରାତ୍ର କିବା ଦିବା, ସନ୍ଧ୍ୟାରେ ବନ୍ଧ୍ୟା କରିଛି ।।
ଘୁମ ଭାଙ୍ଗିଛିଆଉକି ଘୁମାଏ, ଯୋଗେ ଯାଗେ ଯାଗି ଅଛି ।
ଯୋଗ ନିଦ୍ରାରେ ତୁମକୁ ପାଇ ମା', ନିଦ୍ରାକୁ ଶୁଆଇ ଦେଇଛି ।।
ସୋହାଗ ଗନ୍ଧକ ଦେଇ ଖାସାରଙ୍ଗ ଚଢ଼ାଇଛି ।
ମଣି ମନ୍ଦିର ମେଜ ପରେ ରଖି ମଥା, ଆଖି ଦୁଇ କରେ ବୁଜିଛି ।।
ପ୍ରସାଦ ବୋଲେ ଭକ୍ତି ମୁକ୍ତି ଉଭୟ ଶିରେ ଧରିଛି ।
(ମୁହିଁ) କାଳୀବ୍ରହ୍ମ ଜାଣି ମର୍ମ ଧର୍ମାଧର୍ମ ସବୁ ଛାଡ଼ିଛି ।।"

ଗିରିଶଙ୍କୁ ଦେଖୁ ଦେଖୁ ଠାକୁରଙ୍କର ଯେପରି ଭାବୋଲ୍ଲାସ ଅଧିକ ବଢ଼ୁଛି । ସେ ଠିଆ ହୋଇ ପୁଣି ଗାଉଛନ୍ତି—

"ଅଭୟ ପଦେ ପ୍ରାଣ ସମ୍ପିଛି,
ଯମକୁ ମୁଁ କ'ଣ ଆଉ ଡରିଛି !
କାଳୀନାମ କଳ୍ପତରୁ ହୃଦୟେ ରୋପଣ କରିଛି ।
ମୁଁ ଯେ ଦେହ ବିକି ଏ ଭବହାଟେ ଶ୍ରୀଦୁର୍ଗାନାମ କିଣି ଆଣିଛି ।।
ଦେହ ମଧ୍ୟେ ଅଛି ଯେଉଁ ସୁଜନ ତା' ସହିତ ମୁହିଁ ଘର କରିଛି ।
ଯମ ଯଦି ଆସେ ଖୋଲି ଦେଇ ହୃଦ ଦେଖାଇବି ବୋଲି ବସି ରହିଛି ।।
କାଳୀନାମ ମହାମନ୍ତ୍ରକୁ ଶିଖାରେ ମୋ ବାନ୍ଧିରଖିଛି ।
ପ୍ରସାଦ କହେ ଶ୍ରୀଦୁର୍ଗା ଜପି ଯାତ୍ରା ପାଇଁ ଗୋଡ଼ କାଢ଼ିଛି ।।"

ଠାକୁର ଭାବବିହ୍ୱଳ ହୋଇ ପୁଣି ଗାଇଲେ—

"ମୁଁ ଯେ ଦେହ ବିକି ଏ ଭବହାଟେ ଶ୍ରୀଦୁର୍ଗାନାମ କିଣି ଆଣିଛି ।"

(ଗିରିଶାଦି ଭକ୍ତଙ୍କ ପ୍ରତି)—ଭାବେତେ ଭରଲ ତନୁ ହରଲ ଗେୟାନ । ଏଠାରେ ଜ୍ଞାନ ଅର୍ଥ ବାହ୍ୟଜ୍ଞାନ । ତତ୍ତ୍ୱଜ୍ଞାନ, ବ୍ରହ୍ମଜ୍ଞାନ ଏସବୁ ଦରକାର ।

## ଶ୍ରୀରାମକୃଷ୍ଣ କଅଣ ଅବତାର—ପରମହଂସ ଅବସ୍ଥା

ଭକ୍ତି ହିଁ ସାର । ସକାମ ଭକ୍ତି ଅଛି, ପୁଣି ନିଷ୍କାମ ଭକ୍ତି, ଶୁଦ୍ଧା ଭକ୍ତି, ଅହୈତୁକୀ ଭକ୍ତି ମଧ୍ୟ ଅଛି । କେଶବ ସେନ ଓ ତାଙ୍କ ଦଳର ଭକ୍ତମାନେ ଅହୈତୁକୀ ଭକ୍ତି ଜାଣି ନ ଥିଲେ । ଏପରି ଭକ୍ତିରେ କାମନା ନାହିଁ, କେବଳ ଈଶ୍ୱରଙ୍କ ପାଦପଦ୍ମରେ ଭକ୍ତି ଲୋଡ଼ା ।

ଏହା ବ୍ୟତୀତ ଊର୍ଜିତା ଭକ୍ତି ଅଛି । ଏଥିରେ ଭକ୍ତି ଯେପରି ଉଛୁଳି ପଡୁଛି । 'ଭାବରେ ହସେ କାନ୍ଦେ ନାଚେ ଗାଏ ।' ଯେପରି ଚୈତନ୍ୟଦେବଙ୍କର ହେଉଥିଲା । ରାମ ଲକ୍ଷ୍ମଣଙ୍କୁ କହିଲେ, ଭାଇ, ଯେଉଁଠାରେ ଊର୍ଜିତା ଭକ୍ତି ଦେଖିବ, ଜାଣିବ ସେଠାରେ ମୁଁ ସ୍ୱୟଂ ବିଦ୍ୟମାନ ।"*

ଠାକୁର କଅଣ ନିଜର ଅବସ୍ଥା ଇଙ୍ଗିତ କରୁଛନ୍ତି ? ଠାକୁର କଅଣ ଚୈତନ୍ୟଦେବଙ୍କ ପରି ଅବତାର ? ଜୀବକୁ ଭକ୍ତି ଶିଖାଇବା ପାଇଁ ଅବତୀର୍ଣ୍ଣ ହୋଇଛନ୍ତି !

ଗିରିଶ—ଆପଣଙ୍କର କୃପା ହେଲେ ସବୁ ହୋଇଯିବ । ମୁଁ କଅଣ ଥିଲି, କଅଣ ହୋଇଛି !

ଶ୍ରୀରାମକୃଷ୍ଣ—ଆହେ, ତୁମର ସଂସ୍କାର ଥିଲା, ତେଣୁ ହୋଇଛ । ସମୟ ନ ହେଲେ ହୁଏ ନାହିଁ । ରୋଗ ଭଲ ହୋଇଆସିଲା ବେଳକୁ କବିରାଜ କହିଲେ, ଏହି ପତ୍ରକୁ ଗୋଲମରିଚ

---

* ଶ୍ରଦ୍ଧାଳୁରତ୍ୟୂର୍ଜିତଭକ୍ତିଲକ୍ଷଣେ ।
ଯସ୍ତସ୍ୟ ଦୃଶ୍ୟୋଽହମହର୍ନିଶଂ ହୃଦି ।।—ଅଧ୍ୟାତ୍ମରାମାୟଣ, ରାମଗୀତା

ସହ ବାଟି ଖାଇବ । ଏପରି ଖାଇବାରୁ ରୋଗ ପୂରାପୂରି ଭଲ ହୋଇଗଲା । ତାହାହେଲେ ଗୋଲମରିଚ ସହ ଔଷଧ ଖାଇବାରୁ ରୋଗ ଭଲ ହେଲା ନା, ମନକୁ ମନ ଭଲ ହେଲା, ଏକଥା କିଏ କହିବ ?

ଲକ୍ଷ୍ମଣ ଲବକୁଶଙ୍କୁ କହିଲେ, ତୁମେ ଦୁହେଁ ପିଲାଲୋକ, ରାମଚନ୍ଦ୍ରଙ୍କୁ ଜାଣ ନାହିଁ । ତାଙ୍କ ପାଦସ୍ପର୍ଶରେ ପାଷାଣୀ ଅହଲ୍ୟା ମାନବୀ ହୋଇଗଲେ । ଲବକୁଶ କହିଲେ, ଆଜ୍ଞା, ଏକଥା ଆମେ ଜାଣୁ ଓ ଶୁଣିଛୁ । ପାଷାଣୀ ଯେ ମାନବୀ ହେଲେ, ଏହା ପଛରେ ମୁନିଙ୍କର ଭବିଷ୍ୟତବାଣୀ ଥିଲା । ଗୌତମ ମୁନି କହିଥିଲେ, ତ୍ରେତାଯୁଗରେ ରାମଚନ୍ଦ୍ର ଏହି ଆଶ୍ରମ ପାଖ ଦେଇ ଯିବେ; ତାଙ୍କ ପାଦସ୍ପର୍ଶରେ ତୁମେ ପୁଣି ମାନବୀ ହେବ । ସୁତରାଂ ଏଠାରେ ରାମଙ୍କ ଗୁଣରେ ନା ମୁନିବାକ୍ୟରେ ଏକଥା ହେଲା, କିଏ କହିବ !

"ସବୁ ହିଁ ଈଶ୍ୱରଙ୍କର ଇଚ୍ଛା । ସେହିପରି ଯଦି ତୁମର ଚୈତନ୍ୟ ହୋଇଥାଏ, ତାହାହେଲେ ଜାଣିବ ମୁଁ କେବଳ ନିମିତ୍ତମାତ୍ର । ଜହ୍ନମାମୁଁ ସମସ୍ତଙ୍କର ମାମୁଁ । ଈଶ୍ୱରଙ୍କ ଇଚ୍ଛାରେ ସବୁ ହେଉଛି ।"

ଗିରିଶ (ସହାସ୍ୟ)—ଈଶ୍ୱରଙ୍କ ଇଚ୍ଛାରେ ତ ? ମୁଁ ତ ସେଇଆ କହୁଛି ! (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)— ସରଳ ହେଲେ ଶୀଘ୍ର ଈଶ୍ୱରଲାଭ ହୁଏ । କେତେଜଣଙ୍କର ଜ୍ଞାନ ହୁଏ ନାହିଁ । ଯଥା—୧ମ, ଯାହାର କୁଟିଳ ମନ, ସରଳ ନୁହେଁ ; ୨ୟ, ଯାହାର ଶୁଚିବାୟୁ ଅଛି; ୩ୟ, ଯେଉଁମାନେ ସଂଶୟାତ୍ମା ।

ଠାକୁର ନିତ୍ୟଗୋପାଳଙ୍କ ଭାବାବସ୍ଥାର ପ୍ରଶଂସା କରୁଛନ୍ତି ।

ଏବେ ସୁଦ୍ଧା ତିନିଚାରିଜଣ ଭକ୍ତ ଦକ୍ଷିଣ-ପୂର୍ବ ଲମ୍ବା ବାରଣ୍ଡାରେ ଠାକୁରଙ୍କ ପାଖରେ ଠିଆହୋଇ ଏହିସବୁ କଥା ଶୁଣୁଛନ୍ତି । ପରମହଂସଙ୍କର ଅବସ୍ଥା ଠାକୁର ବର୍ଣ୍ଣନା କରୁଛନ୍ତି, କହୁଛନ୍ତି, ପରମହଂସଙ୍କର ସର୍ବଦା ଏହି ବୋଧ ଥାଏ—ଈଶ୍ୱର ହିଁ ସତ୍ୟ ଆଉ ସବୁ ଅନିତ୍ୟ । ହଂସର ଏକ ପ୍ରକାର ଶକ୍ତି ଅଛି, ପାଣିରୁ ଦୁଧକୁ ଅଲଗା କରିପାରେ । ଦୁଧ ଓ ପାଣି ଯଦି ମିଶି ଯାଇଥାଏ, ତା' ଜିଭରେ ଯେଉଁ ଖଟାରସ ଅଛି ସେଥିରେ ପାଣି ଅଲଗା ଓ ଦୁଧ ଅଲଗା ହୋଇଯାଏ । ପରମହଂସଙ୍କର ମଧ୍ୟ ସେହିପରି ଏକ ଖଟାରସ ଅଛି, ପ୍ରେମାଭକ୍ତି । ପ୍ରେମାଭକ୍ତି ଥିଲେ ନିତ୍ୟ ଅନିତ୍ୟ ବିବେକ ହୁଏ; ଈଶ୍ୱରାନୁଭୂତି ହୁଏ, ଈଶ୍ୱରଦର୍ଶନ ହୁଏ ।

❖ ❖ ❖

# ପଞ୍ଚମ ପରିଚ୍ଛେଦ

## (୧)

### ଗିରିଶଙ୍କ ବାସଭବନରେ ଜ୍ଞାନଭକ୍ତି ସମନ୍ୱୟ କଥା

ଠାକୁର ଶ୍ରୀରାମକୃଷ୍ଣ ଗିରିଶ ଘୋଷଙ୍କର ବସୁପଡ଼ାସ୍ଥିତ ବାସଭବନରେ ବସି ଭକ୍ତମାନଙ୍କ ସହିତ ଈଶ୍ୱରୀୟ କଥା କହୁଛନ୍ତି । ସମୟ ୩ଟା । ମାଷ୍ଟର ଆସି ଭୂମିଷ୍ଠ ହୋଇ ପ୍ରଣାମ କଲେ । ଆଜି ବୁଧବାର, ଫାଲ୍‌ଗୁନ ୧୫ ଦିନ, ଶୁକ୍ଳପକ୍ଷ ଏକାଦଶୀ, ୨୫ ଫେବୃୟାରୀ ୧୮୮୫ ଖ୍ରୀଷ୍ଟାବ୍ଦ । ଗତ ରବିବାର ଦିନ ଦକ୍ଷିଣେଶ୍ୱରଠାରେ ଶ୍ରୀରାମକୃଷ୍ଣଙ୍କର ଜନ୍ମମହୋତ୍ସବ ପାଳିତ ହୋଇଯାଇଛି । ଠାକୁର ଗିରିଶ ଘୋଷଙ୍କ ଘର ହୋଇ ଷ୍ଟାର୍ ଥିଏଟର୍‌ରେ ବୃଷକେତୁ ଅଭିନୟ ଦେଖିବାକୁ ଯିବେ ।

ଠାକୁର ଅଳ୍ପ କିଛି ସମୟ ଆଗରୁ ଆସିଛନ୍ତି । କାମ ସାରି ଆସୁ ଆସୁ ମାଷ୍ଟରଙ୍କର ଡେରି ହୋଇଯାଇଛି । ସେ ଆସି ଦେଖିଲେ ଠାକୁର ଉତ୍ସାହର ସହିତ ବ୍ରହ୍ମଜ୍ଞାନ ଓ ଭକ୍ତିତତ୍ତ୍ୱର ସମନ୍ୱୟ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଗିରିଶ ପ୍ରଭୃତି ଭକ୍ତମାନଙ୍କ ପ୍ରତି)—ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି—ଜୀବର ଏହି ତିନୋଟି ଅବସ୍ଥା ।

"ଯେଉଁମାନେ ଜ୍ଞାନ ବିଚାର କରନ୍ତି ସେମାନେ ଜୀବର ଏହି ତିନୋଟି ଅବସ୍ଥାକୁ ମିଥ୍ୟା ବୋଲି ଉଡ଼ାଇ ଦିଅନ୍ତି । ସେମାନେ କହନ୍ତି, ବ୍ରହ୍ମ ଏହି ତିନି ଅବସ୍ଥାର ଅତୀତ । ସେ ସ୍ଥୂଳ, ସୂକ୍ଷ୍ମ, କାରଣ—ଏହି ତିନି ଦେହର ଅତୀତ; ସତ୍ତ୍ୱ, ରଜଃ, ତମ—ଏହି ତିନି ଗୁଣର ଅତୀତ । ସବୁକିଛି ମାୟା, ଯେପରି ଦର୍ପଣରେ ପ୍ରତିବିମ୍ବ ପଡ଼ିଛି, ପ୍ରତିବିମ୍ବ କିଛି ନୁହେଁ; ବ୍ରହ୍ମ ହିଁ ବସ୍ତୁ ଆଉ ସବୁ ଅବସ୍ତୁ ।"*

" ବ୍ରହ୍ମଜ୍ଞାନୀମାନେ ଆହୁରି କହନ୍ତି, ଦେହାତ୍ମ-ବୁଦ୍ଧି ଥିବାଯାଏ ଦୁଇଟା ଦେଖାଯାଏ । ପ୍ରତିବିମ୍ବ ମଧ୍ୟ ସତ୍ୟ ବୋଲି ମନେ ହୁଏ । ଏହିପରି ବୁଦ୍ଧି ଚାଲିଗଲେ,ସୋଽହଂ ' ମୁଁ ସେହି ବ୍ରହ୍ମ' ଏହି ଅନୁଭୂତି ହୁଏ । "

ଜଣେ ଭକ୍ତ—ତାହାହେଲେ କଅଣ ଆମେସବୁ ବିଚାରମାର୍ଗରେ ଯିବୁ ?

### ଦୁଇପଥ ଓ ଗିରିଶ-ବିଚାର ଓ ଭକ୍ତି-ଜ୍ଞାନଯୋଗ ଓ ଭକ୍ତିଯୋଗ

ଶ୍ରୀରାମକୃଷ୍ଣ—ବିଚାର ହେଉଛି ଗୋଟିଏ ପଥ, ବେଦାନ୍ତବାଦୀଙ୍କର ପଥ । ଆଉ ଗୋଟିଏ ପଥ ଅଛି, ତାହା ହେଉଛି ଭକ୍ତିପଥ । ଭକ୍ତ ଯଦି ବ୍ରହ୍ମଜ୍ଞାନ ପାଇଁ ବ୍ୟାକୁଳ ହୋଇ କାନ୍ଦେ, ତା' ହେଲେ ସେ ତାହା ମଧ୍ୟ ପାଏ । ଦୁଇଟି ପଥ ଜ୍ଞାନଯୋଗ ଓ ଭକ୍ତିଯୋଗ ।

---

* ମାଣ୍ଡୁକ୍ୟ-ଉପନିଷଦ୍ ।

ଉଭୟ ପଥରେ ବ୍ରହ୍ମଜ୍ଞାନ ଲାଭ ହେବ । କେହି କେହି ବ୍ରହ୍ମଜ୍ଞାନ ଲାଭ ପରେ ଲୋକ-ଶିକ୍ଷା ପାଇଁ ଭକ୍ତିଭାବ ଆଶ୍ରୟ କରି ରହନ୍ତି, ଯେପରି ଅବତାର ପୁରୁଷମାନେ ।

ଦେହାତ୍ମ-ବୁଦ୍ଧି, 'ମୁଁ ବୁଦ୍ଧି' କିନ୍ତୁ ସହଜରେ ଯାଏ ନାହିଁ । ତେବେ ଈଶ୍ୱରଙ୍କ କୃପାରେ ସାଧକର ସମାଧି ହେଲେ ଯାଏ—ନିର୍ବିକଳ୍ପ ସମାଧି, ଜଡ଼ ସମାଧି ।

ସମାଧି ପରେ ଅବତାରମାନଙ୍କର 'ମୁଁ' ଫେରିଆସେ—'ବିଦ୍ୟାର ମୁଁ, ଭକ୍ତର ମୁଁ'; ଏହି 'ବିଦ୍ୟାର ମୁଁ' ଦ୍ୱାରା ଲୋକଶିକ୍ଷା ହୁଏ । ଶଙ୍କରାଚାର୍ଯ୍ୟ 'ବିଦ୍ୟାର ମୁଁ' ରଖିଥିଲେ ।

ଚୈତନ୍ୟଦେବ ଏହି 'ଭକ୍ତର ମୁଁ' ଦ୍ୱାରା ଭକ୍ତି ଆସ୍ୱାଦନ କରୁଥିଲେ, ଭକ୍ତି ଭକ୍ତ ନେଇ ରହୁଥିଲେ, ଈଶ୍ୱରୀୟ କଥା କହୁଥିଲେ ଓ ନାମସଂକୀର୍ତ୍ତନ କରୁଥିଲେ ।

ମୁଁ ତ ସହଜରେ ଯାଏ ନାହିଁ, ତେଣୁ ଭକ୍ତ ଜାଗ୍ରତ ସ୍ୱପ୍ନ ପ୍ରଭୃତି ଅବସ୍ଥା ଅସ୍ୱୀକାର କରେ ନାହିଁ । ଭକ୍ତ ସବୁ ଅବସ୍ଥା ସ୍ୱୀକାର କରେ; ସତ୍ତ୍ୱ, ରଜଃ, ତମଃ ତିନିଗୁଣ ମଧ୍ୟ ମାନେ । ଭକ୍ତ ଦେଖେ ଯେ, ଈଶ୍ୱର ହିଁ ଚତୁର୍ବିଂଶତି ତତ୍ତ୍ୱ ହୋଇଛନ୍ତି, ଜୀବ-ଜଗତ ହୋଇ ରହିଛନ୍ତି, ପୁଣି ଦେଖେ ଯେ ସେ ସାକାର ଚିନ୍ମୟରୂପରେ ଦର୍ଶନ ଦିଅନ୍ତି ।

ଭକ୍ତ ବିଦ୍ୟାମାୟା ଆଶ୍ରୟ କରି ରହେ । ସାଧୁସଙ୍ଗ, ତୀର୍ଥ, ଜ୍ଞାନ, ଭକ୍ତି, ବୈରାଗ୍ୟ ଏସବୁକୁ ଆଶ୍ରୟ କରି ରହେ । ସେ କହେ, ଯଦି 'ମୁଁ' ସହଜରେ ଯିବ ନାହିଁ ତା'ହେଲେ ଶଳା 'ଦାସ' 'ଭକ୍ତ' ହୋଇ ରହିଥାଉ ।

ଭକ୍ତର ମଧ୍ୟ ଏକାକାର ଜ୍ଞାନ ହୁଏ । ସେ ଦେଖେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କିଛି ନାହିଁ । 'ସ୍ୱପ୍ନବତ୍' ବୋଲି କହେ ନାହିଁ; ସେ କହେ ସେ ହିଁ ଏହିସବୁ ହୋଇଛନ୍ତି; ଯେପରି ମହମ-ବଗିଚାରେ ସବୁ କିଛି ମହମରେ ତିଆରି, ତେବେ ବିଭିନ୍ନ ରୂପ ।

ଭକ୍ତି ଦୃଢ଼ ହେଲେ ଭକ୍ତର ଏହିପରି ବୋଧହୁଏ । ପିତ୍ତାଧିକ୍ୟ ହେଲେ କାମଳ ରୋଗ ହୁଏ, ସେତେବେଳେ ସବୁ ଜିନିଷ ତାକୁ ହଳଦିଆ ଦିଶେ । ଶ୍ୟାମଙ୍କୁ ଚିନ୍ତା କରି କରି ଶ୍ରୀମତୀ ସବୁ ଶ୍ୟାମମୟ ଦେଖୁଥିଲେ, ଏପରିକି ନିଜକୁ ମଧ୍ୟ ଶ୍ୟାମସ୍ୱରୂପ ବୋଲି ବୋଧ ହେଲା । ପାରଦର ହ୍ରଦରେ ଖଣ୍ଡେ ସୀସା ଅନେକ ଦିନ ଧରି ରହିଲେ ଶେଷରେ ପାରଦ ପାଲଟି ଯାଏ । ଅସରପାକୁ କୁମରେପୋକା ଧରିଲେ ଅସରପା ତାକୁ ଭାବି ଭାବି ସ୍ଥିର ହୋଇଯାଏ, ଆଉ ହଲଚଲ ହୋଇପାରେ ନାହିଁ; ଶେଷକୁ ନିଜେ କୁମରେପୋକା ହୋଇଯାଏ । ସେହିପରି ଭକ୍ତ ଈଶ୍ୱରଙ୍କୁ ଚିନ୍ତା କରି କରି ଅହଂଶୂନ୍ୟ ହୋଇଯାଏ । ସେ ଅନୁଭବ କରେ ଯେ; 'ସେ ହିଁ ମୁଁ', 'ମୁଁ ହିଁ ସେ' । ଅସରପା କାଚପୋକ ହୋଇଯିବା ପରେ ଆଉ କିଛି ରହେ ନାହିଁ । ସେତେବେଳେ ହିଁ ମୁକ୍ତି ।

## ନାନା ଭାବରେ ପୂଜା ଓ ଗିରିଶ—'ମୋର ମାତୃଭାବ'

''ଯେପର୍ଯ୍ୟନ୍ତ ସେ 'ମୁଁ ଭାବ' ରଖିଦେଇଛନ୍ତି, ସେପର୍ଯ୍ୟନ୍ତ ଗୋଟିଏ ଭାବକୁ ଆଶ୍ରୟ କରି ତାଙ୍କୁ ଡାକିବାକୁ ହୁଏ—ଶାନ୍ତ, ଦାସ୍ୟ, ବାତ୍ସଲ୍ୟ ପ୍ରଭୃତି ଭାବ ।

ମୁଁ ବର୍ଷେକାଳ ଦାସୀ ଭାବରେ ଥିଲି—ବ୍ରହ୍ମମୟୀଙ୍କର ଦାସୀ । ସ୍ତ୍ରୀଲୋକମାନଙ୍କ ପରି ଲୁଗାପଟା ପିନ୍ଧୁଥିଲି । ସେତେବେଳେ ନୋଥ ମଧ୍ୟ ପିନ୍ଧୁଥିଲି । ସ୍ତ୍ରୀ-ଭାବରେ ରହିଲେ କାମ- ଜୟ ହୁଏ ।

ଆଦ୍ୟାଶକ୍ତିଙ୍କୁ ପୂଜା କରି ପ୍ରସନ୍ନ କରିବାକୁ ହୁଏ । ସେ ହିଁ ସ୍ତ୍ରୀମାନଙ୍କର ରୂପ ଧାରଣ କରି ରହିଛନ୍ତି । ତେଣୁ ମୁଁ ସ୍ତ୍ରୀଲୋକଙ୍କୁ ମାତୃରୂପରେ ଦେଖେ । ମୋର ମାତୃଭାବ । ମାତୃଭାବ ହେଉଛି ଅତିଶୁଦ୍ଧ ଭାବ । ତନ୍ତ୍ରରେ ବାମାଚାରର କଥା ରହିଛି, କିନ୍ତୁ ଏ ପଥ ଭଲ ନୁହେଁ, ଏଥିରେ ପତନ ହୁଏ । ଭୋଗ ରହିଲେ ହିଁ ଭୟ ।

ମାତୃଭାବ ନିର୍ଜଳା ଏକାଦଶୀ ପରି, କୌଣସି ଭୋଗର ଗନ୍ଧ ନାହିଁ । ଆଉ ଗୋଟିଏ ପ୍ରକାର ଏକାଦଶୀ ଅଛି । ଏଥିରେ ଫଳ, ମୂଳ ଖାଇ ହେବ । ପୁଣି ଏକ ପ୍ରକାର ଏକାଦଶୀ, ଯେଉଁଥିରେ ଲୁଚି ତରକାରୀ ଖିଆଯାଏ । ମୋର କିନ୍ତୁ ନିର୍ଜଳା ଏକାଦଶୀ । ମୁଁ ମାତୃଭାବରେ ଷୋଡ଼ଶୀ ପୂଜା କରିଥିଲି । ଦେଖିଲି ସ୍ତନ ମାତୃସ୍ତନ, ଯୋନି ମାତୃଯୋନି ।

ଏହି ମାତୃଭାବ—ସାଧନାର ଶେଷ କଥା—'ତୁମେ ମୋର ମାଆ, ମୁଁ ତୁମର ସନ୍ତାନ' — ଏହା ହେଉଛି ଆଧ୍ୟାତ୍ମିକ ସାଧନାର ଶେଷ କଥା ।

## ସନ୍ନ୍ୟାସୀଙ୍କର କଠିନ ନିୟମ—ଗୃହସ୍ଥର କର୍ତ୍ତବ୍ୟ ଓ ଗିରିଶ

ସନ୍ନ୍ୟାସୀର ନିର୍ଜଳା ଏକାଦଶୀ; ସେ ଯଦି ଭୋଗ କାମନା କରେ ତା'ହେଲେ ବିପଦ ଅବଶ୍ୟମ୍ଭାବୀ । ତାଙ୍କ ପକ୍ଷରେ କାମିନୀକାଞ୍ଚନ ଭୋଗ ହେଉଛି ଛେପ ପକାଇ ପୁଣି ସେହି ଛେପକୁ ଖାଇବା । ଟଙ୍କା କଉଡ଼ି, ମାନ ଯଶ, ଇନ୍ଦ୍ରିୟସୁଖ ଏହିସବୁ ଭୋଗ । ସନ୍ନ୍ୟାସୀଙ୍କର ଭକ୍ତିମତୀ ସ୍ତ୍ରୀଲୋକଙ୍କ ସାଙ୍ଗରେ ବସିବା ବା ଆଳାପ କରିବା ଭଲ ନୁହେଁ । ଏଥିରେ ନିଜର କ୍ଷତି ହୁଏ, ଅନ୍ୟର ମଧ୍ୟ କ୍ଷତି ହୁଏ । ଅନ୍ୟମାନଙ୍କର ଶିକ୍ଷା ହୁଏ ନାହିଁ—ଅର୍ଥାତ୍ ଅନ୍ୟମାନେ ତାଙ୍କଠାରୁ କିଛି ଶିଖିପାରନ୍ତି ନାହିଁ । ଲୋକଶିକ୍ଷା ପାଇଁ ସନ୍ନ୍ୟାସୀର ଦେହ-ଧାରଣ ।

ସ୍ତ୍ରୀଲୋକମାନଙ୍କ ସାଙ୍ଗରେ ବସିବା କିମ୍ବା ବେଶୀ ସମୟ କଥାବାର୍ତ୍ତା କରିବାକୁ ମଧ୍ୟ ରମଣ ବୋଲି କୁହାଯାଇଛି । ରମଣ ଆଠ ପ୍ରକାର ।* ସ୍ତ୍ରୀମାନଙ୍କର କଥା ଶୁଣି ଆନନ୍ଦ ପାଇବା ହେଉଛି ଏକ ପ୍ରକାର ରମଣ । ସ୍ତ୍ରୀମାନଙ୍କ ବିଷୟରେ କଥା କହିବା (କୀର୍ତ୍ତନମ୍) ଆଉ ଏକ ପ୍ରକାର ରମଣ । ସେମାନଙ୍କର ସହିତ ନିର୍ଜନରେ ଚୁପ୍ ଚୁପ୍ କଥାବାର୍ତ୍ତା କରିବା ଆଉ ଏକ ପ୍ରକାର । ସେମାନଙ୍କର କୌଣସି ଜିନିଷ ପାଖରେ ରଖି ଆନନ୍ଦ ପାଇବା ଆଉ ଏକ ପ୍ରକାର । ସ୍ପର୍ଶ କରିବା ଆଉ ଏକ ପ୍ରକାର । ସେଥିପାଇଁ ଗୁରୁ ପତ୍ନୀ ଯୁବତୀ ହୋଇଥିଲେ ପାଦ ସ୍ପର୍ଶ କରିବା ଉଚିତ ନୁହେଁ । ସନ୍ନ୍ୟାସୀମାନଙ୍କ ପାଇଁ ଏହିସବୁ ନିୟମ ।

---

* ସ୍ମରଣଂ କୀର୍ତ୍ତନଂ କେଳିଃ ପ୍ରେକ୍ଷଣଂ ଗୁହ୍ୟଭାଷଣମ୍ ।
ସଂକଳ୍ପୋଽଧ୍ୟବସାୟଶ୍ଚ କ୍ରିୟାନିଷ୍ପତ୍ତିରେବ ଚ । ଏତନ୍ମୈଥୁନମଷ୍ଟାଙ୍ଗମ୍ ।

ସଂସାରୀମାନଙ୍କର କଥା ଅଲଗା । ଗୋଟିଏ ଦୁଇଟି ସନ୍ତାନ ହେବା ପରେ ସ୍ୱାମୀ ସ୍ତ୍ରୀ ଭାଇ-ଭଉଣୀ ପରି ରହିବା ଉଚିତ । ଅନ୍ୟ ସାତପ୍ରକାର ରମଣରେ ସେମାନଙ୍କ ପାଇଁ ସେତେ ଦୋଷ ନାହିଁ ।

ଗୃହସ୍ଥଙ୍କର ଋଣ ରହିଛି । ଦେବଋଣ, ପିତୃଋଣ, ଋଷିଋଣ, ଆହୁରି ମଧ୍ୟ ସ୍ତ୍ରୀଋଣ । ସ୍ତ୍ରୀର ଗୋଟିଏ ଦୁଇଟି ସନ୍ତାନ ହେଲେ ଓ ସେ ସତୀ ସାଧ୍ୱୀ ହୋଇଥିଲେ ତା'ର ଭରଣ ପୋଷଣ କରିବା ଉଚିତ ।

ସଂସାରୀଲୋକମାନେ ବୁଝିପାରନ୍ତି ନାହିଁ, କିଏ ଭଲ ସ୍ତ୍ରୀ ଓ କିଏ ମନ୍ଦ ସ୍ତ୍ରୀ, କିଏ ବିଦ୍ୟାଶକ୍ତି, କିଏ ଅବିଦ୍ୟାଶକ୍ତି । ଯେ ଭଲ ସ୍ତ୍ରୀ, ବିଦ୍ୟାଶକ୍ତି, ତାର କାମ କ୍ରୋଧ ପ୍ରଭୃତି ଅଳ୍ପ ଦେଖାଯାଏ, ନିଦ୍ରା ଅଳ୍ପ । ସେ ସ୍ୱାମୀର ମୁଣ୍ଡକୁ ଠେଲି ଦିଏ । ବିଦ୍ୟାଶକ୍ତିଠାରେ ସ୍ନେହ, ଦୟା, ଭକ୍ତି, ଲଜ୍ଜା ଗୁଣଗୁଡ଼ିକ ଦେଖିବାକୁ ମିଳେ । ସେ ବାତ୍ସଲ୍ୟ ଭାବରେ ସମସ୍ତଙ୍କର ସେବା କରେ । ଏବଂ ସ୍ୱାମୀର କିପରି ଭଗବାନଙ୍କଠାରେ ଭକ୍ତି ହେବ ସେଥିପାଇଁ ଚେଷ୍ଟା କରେ । ସେ ବେଶୀ ଖର୍ଚ୍ଚ କରେ ନାହିଁ । କାରଣ କାଳେ ସ୍ୱାମୀକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ ଏବଂ ସେ ଈଶ୍ୱରଚିନ୍ତା କରିବାକୁ ଅବସର ପାଇବ ନାହିଁ ।

''ଯେଉଁ ସ୍ତ୍ରୀଲୋକଙ୍କଠାରେ ପୁରୁଷ ଲକ୍ଷଣ ଦେଖାଯାଏ, ସେମାନଙ୍କର କିଛି କିଛି ଖରାପ ଚିହ୍ନ ଥାଏ । ଖରାପ ଚିହ୍ନ ଅର୍ଥାତ୍ ଟେରା ଆଖି, କୋରଡ଼ ଆଖି, ପଞ୍ଜରା ହାଡ଼ ବାହାରକୁ ବାହାରିଥାଏ, ବିରାଡ଼ି ଆଖି,ବାଛୁରୀ ଗାଲ ।''

### ସମାଧିରତତ୍ତ୍ୱ ଓ ଗିରିଶ—ଈଶ୍ୱରଲାଭର ଉପାୟ—ଗିରିଶଙ୍କର ପ୍ରଶ୍ନ

ଗିରିଶ—ଆମମାନଙ୍କର ଉପାୟ କଅଣ ?

ଶ୍ରୀରାମକୃଷ୍ଣ—ଭକ୍ତି ହିଁ ସାର । ଭକ୍ତିରେ ବିଭିନ୍ନତା ରହିଛି । ସାତ୍ତ୍ୱିକ ଭକ୍ତି, ରାଜସିକ ଭକ୍ତି ଓ ତାମସିକ ଭକ୍ତି ।

ସାତ୍ତ୍ୱିକ ଭକ୍ତିରେ ଦୀନହୀନଭାବ । ତାମସିକ ଭକ୍ତିରେ ଡକାଏତ ଭଳି ଭାବ—'ମୁଁ ତାଙ୍କର ନାମ ଜପ କରୁଛି ମୋର ପୁଣି ପାପ ! ତୁମେ ମୋର ନିଜର ମା', ମୋତେ ଦେଖା ଦେବାକୁ ହିଁ ପଡ଼ିବ' ।''

ଗିରିଶ (ସହାସ୍ୟ)—ଆପଣ ତ ତାମସିକ ଭକ୍ତି ଶିଖାଉଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଈଶ୍ୱରଦର୍ଶନର କିନ୍ତୁ କେତେକ ଲକ୍ଷଣ ଅଛି । ଦର୍ଶନ ହେଲେ ସମାଧି ହୁଏ । ସମାଧି ପାଞ୍ଚ ପ୍ରକାର । ୧ମ, ପିମ୍ପୁଡ଼ିର ଗତି ପରି ମହାବାୟୁ ଊର୍ଦ୍ଧ୍ୱଗାମୀ ହୁଏ । ୨ୟ, ଜଳରେ ମୀନ ଯେପରି ଗତି କରେ ସେହିପରି ଅନୁଭବ ହୁଏ । ୩ୟ, ତୀର୍ଯ୍ୟକ୍ ଗତି, ସର୍ପ ଯେପରି ଗତି କରେ । ୪ର୍ଥ, ପକ୍ଷୀର ଗତି ଅର୍ଥାତ୍ ପକ୍ଷୀ ଯେପରି ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଉଡ଼ିବୁଲେ । ୫ମ, କପିବତ୍, ମହାବାୟୁ ମର୍କଟ ପରି ଲମ୍ଫ ପ୍ରଦାନ କରି ମସ୍ତକକୁ ଉଠେ ଓ ସମାଧି ହୋଇଯାଏ ।

ଏହା ବ୍ୟତୀତ ଅନ୍ୟ ଦୁଇ ପ୍ରକାର ସମାଧି ଅଛି : ୧ମ, ସ୍ଥିତ ସମାଧି । ସାଧକ

ଏଥିରେ ଏକାବେଳକେ ବାହ୍ୟଜ୍ଞାନଶୂନ୍ୟ ହୋଇ ବହୁ ସମୟ ଅଥବା ଅନେକ ଦିନ ରହିଥାଏ । ୨ୟ, ଉନ୍ମନା ସମାଧି । ଏଥିରେ ସାଧକ ହଠାତ୍ ବିକ୍ଷିପ୍ତ ମନକୁ ଚାରିଆଡୁ ଗୋଟାଇ ଆଣି ଈଶ୍ୱରଙ୍କ ସହିତ ଯୋଗ କରିଦିଏ ।''

### ଉନ୍ମନା-ସମାଧି ଓ ମାଷ୍ଟର

(ମାଷ୍ଟରଙ୍କ ପ୍ରତି)—''ତୁମେ ଏହା ବୁଝିପାରୁଛ ?''

ମାଷ୍ଟର—ଆଜ୍ଞା ହଁ ।

ଗିରିଶ—ଈଶ୍ୱରଙ୍କୁ କଅଣ ସାଧନାଦ୍ୱାରା ଲାଭ କରାଯାଏ ?

ଶ୍ରୀରାମକୃଷ୍ଣ—ଲୋକମାନେ ନାନା ଉପାୟରେ ତାଙ୍କୁ ପାଆନ୍ତି କେହି ଅନେକ ତପସ୍ୟା ଓ ସାଧନ ଭଜନ କରି ପାଆନ୍ତି; ତାଙ୍କୁ ସାଧନସିଦ୍ଧ କହନ୍ତି । କେହି ଜନ୍ମାବଧି ସିଦ୍ଧ ଯେପରି ନାରଦ, ଶୁକଦେବ ପ୍ରଭୃତି; ଏମାନଙ୍କୁ ନିତ୍ୟସିଦ୍ଧ କହନ୍ତି । ପୁଣି ଅଛନ୍ତି, ହଠାତ ସିଦ୍ଧ; ଏମାନେ ଈଶ୍ୱରଙ୍କୁ ହଠାତ୍ ଲାଭ କରିଛନ୍ତି । ଯେପରି ଆଗରୁ ଆଦୌ ଆଶା ନ ଥିଲା, ହଠାତ୍ ଜଣେ ନନ୍ଦ ବସୁ ପରି ସମ୍ପତ୍ତି ପାଇଗଲା ।

### (୨)

### ଗିରିଶଙ୍କର ଶାନ୍ତ ଭାବ, କଳିରେ ଶୂଦ୍ରର ଭକ୍ତି ଓ ମୁକ୍ତି

ଶ୍ରୀରାମକୃଷ୍ଣ—ଆହୁରି ମଧ୍ୟ ଅଛି –ସ୍ୱପ୍ନସିଦ୍ଧ ଓ କୃପାସିଦ୍ଧ ।

ଏହା କହି ଠାକୁର ଭାବବିହ୍ୱଳ ହୋଇ ଗୀତ ଗାଉଛନ୍ତି—

''ସମସ୍ତେ କି ଶ୍ୟାମା ଧନ ପାଆନ୍ତି , (ସମସ୍ତେ କି କାଳୀ ଧନ ପାଆନ୍ତି)
ଅବୋଧ ମନ ବୁଝେନା ଏଇ କି ଭ୍ରାନ୍ତି ।
ଶିବଙ୍କ ଅସାଧ୍ୟ ସାଧନ ମନ ରଙ୍ଗାପୟରେ ମନାନ୍ତି,
ଇନ୍ଦ୍ରାଦି ସମ୍ପଦ ସୁଖ ତୁଚ୍ଛ ହୁଏ ଯିଏ ମାଆଙ୍କୁ ଭାବନ୍ତି ।
ସଦାନନ୍ଦ ସୁଖେ ଭାଷେ, ଶ୍ୟାମା ଯଦି ଫେରି ଚାହାଁନ୍ତି,
ଯୋଗୀନ୍ଦ୍ର ମୁନିନ୍ଦ୍ର ଇନ୍ଦ୍ର ଯେ ଚରଣ ଧ୍ୟାନେ ନ ପାଆନ୍ତି,
ନିର୍ଗୁଣ କମଳାକାନ୍ତ ତେବେ ଲଭନ୍ତି ସେ ଚରଣେ ଶାନ୍ତି ।।''

ଠାକୁର କିଛି ସମୟ ଭାବାବିଷ୍ଟ ହୋଇ ରହିଛନ୍ତି । ଗିରିଶ ଓ ଅନ୍ୟ ଭକ୍ତମାନେ ସମ୍ମୁଖରେ ଅଛନ୍ତି । କିଛିଦିନ ପୂର୍ବେ ଗିରିଶ ଷ୍ଟାର୍ ଥିଏଟର୍‌ରେ ଠାକୁରଙ୍କୁ ବହୁ କଟୁବାକ୍ୟ କହିଥିଲେ କିନ୍ତୁ ଏବେ ତାଙ୍କର ଶାନ୍ତଭାବ ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ତୁମର ଏହି ଶାନ୍ତଭାବଟି ଭଲ । ମୁଁ ମା'ଙ୍କୁ କହିଥିଲି, 'ମା ଏହାକୁ ଶାନ୍ତ କରିଦିଅ, ତା'ହେଲେ ମୋତେ ଯାହା ତାହା କହିବ ନାହିଁ ।'

ଗିରିଶ (ମାଷ୍ଟରଙ୍କ ପ୍ରତି)—ମୋର ଜିଭକୁ କେହି ଯେପରି ଟାଣି ଧରିଛି, କଥା କୁହାଇ ଦେଉନାହିଁ ।

ଶ୍ରୀରାମକୃଷ୍ଣ ଏବେ ମଧ୍ୟ ଭାବସ୍ଥ ଓ ଅନ୍ତର୍ମୁଖ । ନିକଟରେ ଥିବା ଲୋକମାନଙ୍କୁ ଓ ବସ୍ତୁସବୁକୁ ଧୀରେ ଧୀରେ ଭୁଲିଯାଉଛନ୍ତି । ସାମାନ୍ୟ ପ୍ରକୃତିସ୍ଥ ହୋଇ ମନକୁ ବହିର୍ଜଗତ ପ୍ରତି ଆଣିବାକୁ ଚେଷ୍ଟା କରୁଛନ୍ତି । ଭକ୍ତମାନଙ୍କୁ ପୁଣି ଦେଖୁଛନ୍ତି । (ମାଷ୍ଟରଙ୍କ ପ୍ରତି)—''ଏମାନେ ସବୁ ଦକ୍ଷିଣେଶ୍ୱର ଯାଆନ୍ତି—ଗଲେ ଯାଆନ୍ତୁ, ମା' ସବୁ ଜାଣନ୍ତି ।''

(ଜଣେ ପ୍ରତିବେଶୀ ଯୁବକଙ୍କ ପ୍ରତି)—''ଆଚ୍ଛା, ତୁମେ କଅଣ ଭାବୁଛ ? ମନୁଷ୍ୟର କଅଣ କର୍ତ୍ତବ୍ୟ ?''

ସମସ୍ତେ ନୀରବ ଅଛନ୍ତି । ଠାକୁର କଅଣ କହୁଛନ୍ତି ଯେ ଈଶ୍ୱରଲାଭ ହିଁ ଜୀବନର ଉଦ୍ଦେଶ୍ୟ ?

ଶ୍ରୀରାମକୃଷ୍ଣ (ନାରାୟଣ ପ୍ରତି)—ତୁ ପରୀକ୍ଷାରେ ପାସ୍ କରିବୁ ନାହିଁ ? ଜାଣି ରଖ, ପାଶମୁକ୍ତ ଶିବ, ପାଶବଦ୍ଧ ଜୀବ ।

ଠାକୁରଙ୍କର ଏବେ ମଧ୍ୟ ଭାବାବସ୍ଥା ରହିଛି । ପାଖରେ ଗ୍ଲାସରେ ପାଣି ଥିଲା, ପିଇଲେ । ସେ ମନକୁମନ କହୁଛନ୍ତି, ''ଭାବାବସ୍ଥାରେ ପାଣି ତ ପିଇଲି !''

## ଶ୍ରୀରାମକୃଷ୍ଣ ଓ ଶ୍ରୀଯୁକ୍ତ ଅତୁଳ—ବ୍ୟାକୁଳତା

ସନ୍ଧ୍ୟା ପୂର୍ବରୁ ଠାକୁର ଗିରିଶଙ୍କ ଭ୍ରାତା ଶ୍ରୀଯୁକ୍ତ ଅତୁଳଙ୍କ ସହିତ କଥା କହୁଛନ୍ତି । ଅତୁଳ ଭକ୍ତମାନଙ୍କ ସହ ତାଙ୍କ ସମ୍ମୁଖରେ ବସିଛନ୍ତି । ଜଣେ ବ୍ରାହ୍ମଣ ପ୍ରତିବେଶୀ ସେଠାରେ ବସିଛନ୍ତି । ଅତୁଳ ହାଇକୋର୍ଟର ଓକିଲ ।

ଶ୍ରୀରାମକୃଷ୍ଣ (ଅତୁଳଙ୍କ ପ୍ରତି)—ମୁଁ ଆପଣମାନଙ୍କୁ ଏତିକି କହୁଛି ଯେ, ଆପଣମାନେ ଦୁଇକଥା କରିବେ; ସଂସାର କରିବେ ଓ ଈଶ୍ୱରଙ୍କଠାରେ ଯେପରି ଭକ୍ତି ହେବ ତାହା ମଧ୍ୟ କରିବେ ।

ବ୍ରାହ୍ମଣ ପ୍ରତିବେଶୀ—ବ୍ରାହ୍ମଣ ନ ହେଲେ କଅଣ କେହି ସିଦ୍ଧ ହୁଅନ୍ତି ?

ଶ୍ରୀରାମକୃଷ୍ଣ—କାହିଁକି ? କଳିରେ ଶୂଦ୍ରର ଭକ୍ତି କଥା ରହିଛି । ଶବରୀ, ରୁଇଦାସ, ଗୁହକ ଚଣ୍ଡାଳ, ଏମାନଙ୍କର କଥା ଅଛି ।

ନାରାୟଣ (ସହାସ୍ୟ)—ବ୍ରାହ୍ମଣ, ଶୂଦ୍ର ସମସ୍ତେ ଏକ ।

ବ୍ରାହ୍ମଣ—ଗୋଟିଏ ଜନ୍ମରେ କଅଣ ହୁଏ ?

ଶ୍ରୀରାମକୃଷ୍ଣ—ତାଙ୍କର ଦୟା ହେଲେ କଅଣ ନ ହୁଏ ! ହଜାର ବର୍ଷର ଅନ୍ଧାର ଘରକୁ ଯଦି ଆଲୁଅ ଆଣିବ, ତା'ହେଲେ କଅଣ ଟିକିଏ ଟିକିଏ ହୋଇ ଅନ୍ଧକାର ଦୂର ହେବ ? ଏକାବେଳକେ ଆଲୁଅ ହେବ ।

(ଅତୁଳଙ୍କ ପ୍ରତି)—''ତୀବ୍ର ବୈରାଗ୍ୟ ଦରକାର—ଯେପରି କୋଷମୁକ୍ତ ତରବାରୀ । ଏପରି ବୈରାଗ୍ୟ ହେଲେ ଆତ୍ମୀୟସ୍ୱଜନ କାଳସର୍ପ ପରି ଲାଗନ୍ତି ଓ ଘର କୂଅ ଭଳି ମନେ ହୁଏ ।

"ଆନ୍ତରିକ ବ୍ୟାକୁଳ ହୋଇ ଈଶ୍ୱରଙ୍କୁ ଡାକିବାକୁ ହୁଏ । ଆନ୍ତରିକ ଡାକ ସେ ଶୁଣିବେ ହିଁ ଶୁଣିବେ ।"

ସମସ୍ତେ ନୀରବରେ ବସିଛନ୍ତି । ଠାକୁର ଯାହା କହିଲେ ମନଯୋଗ ଦେଇ ଶୁଣି ସେହିସବୁ କଥା ଚିନ୍ତା କରୁଛନ୍ତି ।

ଶ୍ରୀରାମକୃଷ୍ଣ (ଅତୁଳଙ୍କ ପ୍ରତି)—କଅଣ ଭାବୁଛ ? ଏପରି ବ୍ୟାକୁଳତା କଅଣ ସମ୍ଭବ ନୁହେଁ ?

ଅତୁଳ—କାହିଁ ? ମନ କଅଣ ଲାଗି ରହୁଛି ?

ଶ୍ରୀରାମକୃଷ୍ଣ—ଅଭ୍ୟାସ ଯୋଗ ! ପ୍ରତିଦିନ ତାଙ୍କୁ ଡାକିବା ଅଭ୍ୟାସ କରିବାକୁ ହୁଏ । ଦିନକରେ ହୁଏ ନାହିଁ । ପ୍ରତିଦିନ ଡାକୁ ଡାକୁ ବ୍ୟାକୁଳତା ଆସେ ।

"ଦିନରାତି କେବଳ ବିଷୟ କର୍ମ କଲେ ବ୍ୟାକୁଳତା କିପରି ଆସିବ ? ଯଦୁ ମଲ୍ଲିକ ପ୍ରଥମେ ପ୍ରଥମେ ଈଶ୍ୱରୀୟ କଥା ଶୁଣୁଥିଲେ, ନିଜେ ମଧ୍ୟ ବେଶ୍ କହିପାରୁଥିଲେ । କିନ୍ତୁ ଆଜିକାଲି ପୂର୍ବଭଳି ଆଗ୍ରହ ପ୍ରକାଶ କରୁନାହାନ୍ତି; ଦିନରାତି ତୋଷାମଦିଆ ଲୋକଙ୍କୁ ନେଇ ରହିଛନ୍ତି ଏବଂ କେବଳ ବିଷୟ-ସମ୍ପତ୍ତିର କଥା ।"

## ସନ୍ଧ୍ୟାରେ ଠାକୁରଙ୍କର ପ୍ରାର୍ଥନା—ତେଜଚନ୍ଦ୍ର

ସଂନ୍ଧ୍ୟା ହେବାରୁ ଘରେ ଦୀପ ଜାଳି ଦିଆଗଲା । ଶ୍ରୀରାମକୃଷ୍ଣ ଈଶ୍ୱରଙ୍କ ନାମ ନେଉଛନ୍ତି, ଗୀତ ଗାଉଛନ୍ତି ଓ ପ୍ରାର୍ଥନା କରୁଛନ୍ତି ।

କହୁଛନ୍ତି, 'ହରିବୋଲ, ହରିବୋଲ, ହରିବୋଲ' । ପୁଣି 'ରାମ ରାମ ରାମ'; ପୁଣି 'ନିତ୍ୟଲୀଳାମୟୀ !' 'ହେ ମା, ଉପାୟ କହିଦିଅ !' 'ଶରଣାଗତ ଶରଣାଗତ, ଶରଣାଗତ !'

ଅସ୍ଥିର ଗିରିଶଙ୍କୁ ଦେଖି ଠାକୁର କିଛି ସମୟ ନୀରବ ରହିଲେ । ତେଜଚନ୍ଦ୍ରଙ୍କୁ କହୁଛନ୍ତି, "ତୁ ଟିକିଏ ପାଖକୁ ଆସି ବସ ।"

ତେଜଚନ୍ଦ୍ର ପାଖରେ ଆସି ବସିଲେ । କିଛି ସମୟ ପରେ ମାଷ୍ଟରଙ୍କ କାନରେ ଧୀରେ ଧୀରେ କହୁଛନ୍ତି, 'ମୁଁ ଏବେ ଯିବି ।'

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ସେ କଅଣ କହୁଛି ?

ମାଷ୍ଟର—ସେ ଘରକୁ ଯିବେ, ସେହି କଥା କହୁଚନ୍ତି ।

ଶ୍ରୀରାମକୃଷ୍ଣ—ମୁଁ ଏମାନଙ୍କୁ କାହିଁକି ଟାଣେ ଜାଣ ? ଏମାନେ ନିର୍ମଳ ଆଧାର—ବିଷୟବୁଦ୍ଧି ପଶିନାହିଁ । ବିଷୟବୁଦ୍ଧି ଥିଲେ ଉପଦେଶର ଧାରଣା ହୁଏ ନାହିଁ । ନୂଆ ହାଣ୍ଡିରେ ଦୁଧ ରଖାଯାଏ, କିନ୍ତୁ ଦହିବସା ହାଣ୍ଡିରେ ଦୁଧ ରଖିଲେ ତାହା ନଷ୍ଟ ହୋଇଯାଏ ।

"ଯେଉଁ ବାଟିରେ ରସୁଣ ଗୋଳା ଯାଇଛି, ସେହି ବାଟିକୁ ହଜାର ଥର ଧୋଇଲେ ବି ରସୁଣଗନ୍ଧ ଯାଏ ନାହିଁ ।"

## (୩)
## ଷ୍ଟାର୍ ଥିଏଟର୍‌ରେ ଶ୍ରୀରାମକୃଷ୍ଣ—ବୃଷକେତୁ ଅଭିନୟ ଦର୍ଶନ—ନରେନ୍ଦ୍ର ପ୍ରଭୃତିଙ୍କ ସଙ୍ଗରେ

ଠାକୁର ଶ୍ରୀରାମକୃଷ୍ଣ ବୃଷକେତୁ ଅଭିନୟ ଦର୍ଶନ କରିବାକୁ ଆସିଛନ୍ତି । ବିଡ଼ନ ଷ୍ଟ୍ରୀଟରେ ଯେଉଁଠାରେ ପରେ ମନମୋହନ ଥିଏଟର୍ ହେଲା, ପୂର୍ବେ ସେହିଠାରେ ଷ୍ଟାର୍-ଥିଏଟର୍‌ର ଅଭିନୟ ହେଉଥିଲା । ଥିଏଟର୍‌କୁ ଆସି ଠାକୁର ଦକ୍ଷିଣ ଦିଗକୁ ମୁଖ କରି ବସିଛନ୍ତି । ମାଷ୍ଟର ଓ ଅନ୍ୟାନ୍ୟ ଭକ୍ତମାନେ ପାଖରେ ବସିଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ନରେନ୍ଦ୍ର ଆସିଛି ?

ମାଷ୍ଟର—ଆଜ୍ଞା ହଁ ।

ଅଭିନୟ ଆରମ୍ଭ ହେଲା । କର୍ଣ୍ଣ ଓ ତାଙ୍କର ସ୍ତ୍ରୀ ପଦ୍ମାବତୀ ପୁତ୍ର ବୃଷକେତୁଙ୍କୁ କରତରେ କାଟି ବଳି ପ୍ରଦାନ କଲେ । ପଦ୍ମାବତୀ କାନ୍ଦି କାନ୍ଦି ମାଂସ ରନ୍ଧନ କଲେ ।

ଏହି ସମୟରେ ବୃଦ୍ଧ ବ୍ରାହ୍ମଣ ଅତିଥି ଆନନ୍ଦରେ କର୍ଣ୍ଣଙ୍କୁ କହୁଛନ୍ତି, 'ଆସନ୍ତୁ, ଏକ ସଙ୍ଗରେ ବସି ଆମେ ରନ୍ଧା ହୋଇଥିବା ମାଂସ ଭୋଜନ କରିବା । କର୍ଣ୍ଣ ପୁତ୍ରର ମାଂସ ଖାଇ ପାରିବେ ନାହିଁ ବୋଲି କହିଲେ ।

ଜଣେ ଭକ୍ତ ଏହି କରୁଣ ଦୃଶ୍ୟ ଦେଖି କାନ୍ଦି ପକାଇଲେ । ଠାକୁର ମଧ୍ୟ ଏଥିରେ ଦୁଃଖ ପ୍ରକାଶ କଲେ । ଅଭିନୟ ଶେଷ ହେବାରୁ ଠାକୁର ରଙ୍ଗମଞ୍ଚର ବିଶ୍ରାମାଗାରକୁ ଗଲେ । ସେଠାରେ ଗିରିଶ ଓ ନରେନ୍ଦ୍ର ପ୍ରଭୃତି ଭକ୍ତମାନେ ଥିଲେ । ଶ୍ରୀରାମକୃଷ୍ଣ ସେଠାରେ ପ୍ରବେଶ କରି ନରେନ୍ଦ୍ରଙ୍କ ନିକଟରେ ଠିଆ ହେଲେ ଏବଂ ନରେନ୍ଦ୍ରଙ୍କୁ କହିଲେ, 'ମୁଁ ଆସିଛି ।'

### କନସର୍ଟ ବା ସହାନାଇ ଶବ୍ଦରେ ଠାକୁର ଭାବାବିଷ୍ଟ

ଠାକୁର ଆସନ ଗ୍ରହଣ କଲେ । ଏହି ସମୟରେ କନସର୍ଟ ବାଜି ଉଠିଲା ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)— ଏହି ଯନ୍ତ୍ର ସଙ୍ଗୀତ ଶୁଣି ମୋତେ ଆନନ୍ଦ ଲାଗୁଛି । ଦକ୍ଷିଣେଶ୍ୱରଠାରେ ଯେତେବେଳେ ସାହାନାଇ ବାଜୁଥିଲା, ମୁଁ ଭାବାବିଷ୍ଟ ହୋଇଯାଉଥିଲି; ଜଣେ ସାଧୁ ମୋର ଅବସ୍ଥା ଦେଖି କହୁଥିଲେ, ଏହା ବ୍ରହ୍ମଜ୍ଞାନର ଲକ୍ଷଣ ।

### ଗିରିଶ ଓ 'ମୁଁ, ମୋର' ଭାବ

କନସର୍ଟ ସଙ୍ଗୀତ ବନ୍ଦ ହେବା ପରେ ଶ୍ରୀରାମକୃଷ୍ଣ ପୁଣି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ଏହି ଥିଏଟର୍ କଅଣ ତୁମର ନା ତୁମମାନଙ୍କର ?

ଗିରିଶ—ଆଜ୍ଞା, ଆମମାନଙ୍କର !

ଶ୍ରୀରାମକୃଷ୍ଣ—ଆମମାନଙ୍କର ବୋଲି କହିବା ଭଲ; ମୋର ବୋଲି କହିବା ଭଲ ନୁହେଁ । 'ମୁଁ ନିଜେ ଆସିଛି' ବୋଲି କେହି କେହି କହନ୍ତି; ହୀନବୁଦ୍ଧି ଲୋକମାନେ ଅହଙ୍କାରରେ ଏପରି କହିଥାଆନ୍ତି ।

## ନରେନ୍ଦ୍ର ପ୍ରଭୃତିଙ୍କ ସହିତ ଶ୍ରୀରାମକୃଷ୍ଣ

ନରେନ୍ଦ୍ର—ସବୁ ହିଁ ଥିଏଟର୍ ।

ଶ୍ରୀରାମକୃଷ୍ଣ—ହିଁ ଠିକ୍ ଠିକ୍ । ତେବେ କେଉଁଠାରେ ବିଦ୍ୟାର ଖେଳ, ଆଉ କେଉଁଠାରେ ଅବିଦ୍ୟାର ଖେଳ ।

ନରେନ୍ଦ୍ର—ସବୁ ହିଁ ବିଦ୍ୟାର ।

ଶ୍ରୀରାମକୃଷ୍ଣ—ସେ କଥା ଠିକ୍, ତେବେ ବ୍ରହ୍ମଜ୍ଞାନ ହେଲେ ଏପରି ବୋଧ ହୁଏ । କିନ୍ତୁ ଭକ୍ତି ଭକ୍ତ ପକ୍ଷରେ ଦୁଇଟିଯାକ ଥାଏ, ବିଦ୍ୟା ମାୟା, ଅବିଦ୍ୟା ମାୟା !

ଶ୍ରୀରାମକୃଷ୍ଣ—ତୁ ଗୋଟିଏ ଗୀତ ଗାଆ ତ !

ନରେନ୍ଦ୍ର ଗୀତ ଗାଉଛନ୍ତି—

ଚିଦାନନ୍ଦସିନ୍ଧୁନୀରେ ପ୍ରେମାନନ୍ଦେର ଲହରୀ ।
ମହାଭାବ ରାସଲୀଳା କି ମାଧୁରୀ ମରି ମରି ।
ବିବିଧ ବିଳାସ ରଙ୍ଗ ପ୍ରସଙ୍ଗ, କତ ଅଭିନବ ଭାବ-ତରଙ୍ଗ ,
ଡୁବିଛେ ଉଠିଛେ କରିଛେ ରଙ୍ଗ ନବୀନ ନବୀନ ରୂପ ଧରି ।
(ହରି ହରି ବ'ଲେ)
ମହାଯୋଗେ ସମୁଦାୟ ଏକାକାର ହଇଲ,
ଦେଶ କାଳ, ବ୍ୟବଧାନ, ଭେଦାଭେଦ ଘୁଚିଲ
(ଆଶା ପୂରିଲରେ, ଆମାର ସକଳ ସାଧ ମିଟେଗେଲ)
ଏଖନ ଆନନ୍ଦେ ମାତିୟା ଦୁବାହୁ ତୁଲିୟା ବଲରେ ମନ ହରି ହରି ।

ଯେତେବେଳେ ନରେନ୍ଦ୍ର ଗାଉଛନ୍ତି, 'ମହାଯୋଗେ ସମୁଦାୟ ଏକାକାର ହୋଇଲା' ସେତେବେଳେ ଶ୍ରୀରାମକୃଷ୍ଣ କହୁଛନ୍ତି, ''ବ୍ରହ୍ମଜ୍ଞାନ ହେଲେ ଏପରି ଅବସ୍ଥା ହୁଏ; ତୁ ଯାହା କହୁଥିଲୁ ଯେ ସବୁ ହିଁ ବିଦ୍ୟାର ଖେଳ ।''

ପୁଣି ନରେନ୍ଦ୍ର ଯେତେବେଳେ ଗାଇଲେ; 'ଆନନ୍ଦେ ମାତିୟା ଦୁବାହୁ ତୁଲିୟା ବଲରେ ମନ ହରି ହରି', ସେତେବେଳେ ଶ୍ରୀରାମକୃଷ୍ଣ ନରେନ୍ଦ୍ରଙ୍କୁ କହୁଛନ୍ତି, ''ଏହି ପଦଟି ଦୁଇଥର ଗାଅ ।''

ଗୀତ ଶେଷ ହେବାରୁ ଠାକୁର ଭକ୍ତମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି ।

ଗିରିଶ୍—ଦେବେନ୍ଦ୍ର ବାବୁ ଆସି ନାହାନ୍ତି; ସେ ଅଭିମାନରେ କହନ୍ତି, ଆମ ଭିତରେ ତ ଖୁଆ ପୁର ନାହିଁ, ବିରିଡାଲି ପୁର । ଆମେ ଆସି କଅଣ କରିବୁ ?

ଶ୍ରୀରାମକୃଷ୍ଣ (ବିସ୍ମିତ ହୋଇ)—କାହିଁ, ପୂର୍ବେ ସେ ତ ଏପରି କହୁ ନ ଥିଲେ ?

ଠାକୁରଙ୍କୁ କିଛି ଜଳଖିଆ ଦିଆଗଲା । ଖାଇବା ବେଳେ ଠାକୁର ନରେନ୍ଦ୍ରଙ୍କୁ କିଛି ଦେଲେ ।

ଯତୀନ ଦେବ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—'ନରେନ୍ଦ୍ର ଖାଅ' 'ନରେନ୍ଦ୍ର ଖାଅ' ବୋଲି

ଆପଣ କହୁଛନ୍ତି, ଆମେମାନେ କଅଣ ଭାସି ଆସିଛୁ ?

ଯତୀନଙ୍କୁ ଠାକୁର ଖୁବ୍ ଭଲ ପାଉଥିଲେ । ସେ ମଝିରେ ମଝିରେ ଦକ୍ଷିଣେଶ୍ୱରକୁ ଯାଇ ତାଙ୍କୁ ଦର୍ଶନ କରୁଥିଲେ; କେବେ କେବେ ରାତିରେ ରହିଯାଉଥିଲେ । ସେ ଶୋଭାବଜାରର ରାଜାଘର ସନ୍ତାନ (ରାଧାକାନ୍ତ ଦେବଙ୍କ ପରିବାର) ।

ଶ୍ରୀରାମକୃଷ୍ଣ (ସହାସ୍ୟ, ନରେନ୍ଦ୍ରଙ୍କ ପ୍ରତି)—ଆରେ, ଯତୀନ ତୋ କଥା କହୁଛି ।

ଠାକୁର ହସି ହସି ଯତୀନଙ୍କର ଓଠ ଧରି ସ୍ନେହରେ କହିଲେ, "ଆରେ ସେଠାକୁ ଚାଲ, ଗଲେ ଖାଇବ ।" ଅର୍ଥାତ୍ ଦକ୍ଷିଣେଶ୍ୱରକୁ ଆସ ! ଠାକୁର ଏହାପରେ ବିବାହ ବିଭ୍ରାଟ ଅଭିନୟ ଦେଖିବେ, ତେଣୁ ଯାଇ ବକ୍ସରେ ବସିଲେ । ଦାସୀର କଥାବାର୍ତ୍ତା ଶୁଣି ହସିବାକୁ ଲାଗିଲେ ।

### ଗିରିଶଙ୍କର ଅବତାରବାଦ—ଶ୍ରୀରାମକୃଷ୍ଣ କଅଣ ଅବତାର ?

କିଛି ସମୟ ଅଭିନୟ ଦେଖିବାପରେ ଠାକୁର ଭାବସ୍ଥ ହେଲେ । (ମାଷ୍ଟରଙ୍କ ସହିତ ଆସ୍ତେ ଆସ୍ତେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଆଚ୍ଛା, ଗିରିଶ ଘୋଷ ଯାହା କହୁଛନ୍ତି, (ଅର୍ଥାତ୍ ଅବତାର) ତାହା କଅଣ ସତ୍ୟ ?

ମାଷ୍ଟର—ଆଜ୍ଞା, ଏହା ଠିକ୍ କଥା; ତା' ନ ହେଲେ ସମସ୍ତଙ୍କ ମନକୁ ଛୁଉଁଛି କାହିଁକି ?

ଶ୍ରୀରାମକୃଷ୍ଣ—ଦେଖ, ଏବେ ଗୋଟିଏ ପ୍ରକାର ଅବସ୍ଥା ଆସିଛି; ପୂର୍ବ ଅବସ୍ଥା ବଦଳି ଯାଉଛି । ଧାତୁଦ୍ରବ୍ୟ ଛୁଇଁପାରୁ ନାହିଁ ।

ମାଷ୍ଟର ଅବାକ୍ ହୋଇ ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ—ଏହି ଯେଉଁ ନୂଆ ଅବସ୍ଥା ହୋଇଛି, ଏହାର ଗୋଟିଏ ଅତି ଗୁହ୍ୟ ଅର୍ଥ ଅଛି ।

ଠାକୁର କୌଣସି ଧାତୁଦ୍ରବ୍ୟ ସ୍ପର୍ଶ କରି ପାରୁନାହାନ୍ତି । ଅବତାରମାନେ କଅଣ ସାଂସାରିକ ଐଶ୍ୱର୍ଯ୍ୟ କିଛି ଭୋଗ କରିପାରନ୍ତି ନାହିଁ । ସେଥିପାଇଁ କଅଣ ଠାକୁର ଏହିସବୁ କଥା କହୁଛନ୍ତି ?

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)— ଆଚ୍ଛା, ମୋ ଭିତରେ କିଛି ପରିବର୍ତ୍ତନ ଦେଖିପାରୁଛ ?

ମାଷ୍ଟର—ଆଜ୍ଞା, କେଉଁ ବିଷୟରେ ପରିବର୍ତ୍ତନ ?

ଶ୍ରୀରାମକୃଷ୍ଣ—କାମରେ ?

ମାଷ୍ଟର—ଆପଣଙ୍କୁ ଯେତେ ବେଶୀ ଲୋକ ଜାଣିପାରୁଛନ୍ତି, ସେତେ କାମ ବଢୁଛି ।

ଶ୍ରୀରାମକୃଷ୍ଣ—ଦେଖୁଛ, ପୂର୍ବେ ଯାହା କହୁଥିଲି, ବର୍ତ୍ତମାନ ତାହା ସତକୁ ସତ ଫଳୁଛି ?

ଠାକୁର କିଛି ସମୟ ନୀରବ ରହି ହଠାତ୍ କହୁଛନ୍ତି, "ପଲ୍ଟୁର ଭଲ ଧ୍ୟାନ ହେଉନାହିଁ କାହିଁକି ?"

## ଗିରିଶ କଅଣ ରସୁଣଗୋଳା ବାଟି ? ପାପୀତାପୀଙ୍କ ପାଇଁ ଈଶ୍ୱରଙ୍କର ଆଶା-ବାଣୀ

ଏଥର ଠାକୁର ଦକ୍ଷିଣେଶ୍ୱର ଯିବେ ବୋଲି ପ୍ରସ୍ତୁତ ହେଉଛନ୍ତି ।

ଠାକୁର କୌଣସି ଭକ୍ତଙ୍କ ନିକଟରେ ଗିରିଶଙ୍କ ସମ୍ବନ୍ଧରେ କହିଥିଲେ, "ରସୁଣ ଗୋଳା ହୋଇଥିବା ବାଟିକୁ ହଜାର ଥର ଧୋଇଲେ ମଧ୍ୟ ରସୁଣର ଗନ୍ଧ କଅଣ ପୂରାପୂରି ଯାଏ ?" ଗିରିଶ ସେଥିପାଇଁ ମନେ ମନେ ଅଭିମାନ କରିଛନ୍ତି; ଠାକୁର ଯିବା ବେଳେ ଗିରିଶ ତାଙ୍କୁ କିଛି କହୁଛନ୍ତି ।

ଗିରିଶ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ରସୁଣର ଗନ୍ଧ କଅଣ ଯିବ ?

ଶ୍ରୀରାମକୃଷ୍ଣ—ହଁ ଯିବ ।

ଗିରିଶ—ଆପଣ ତାହାହେଲେ କହୁଛନ୍ତି ଯିବ ?

ଶ୍ରୀରାମକୃଷ୍ଣ— ନିଆଁରେ ବେଶୀ ଜଳିଲେ ଗନ୍ଧ ପଳାଇଥାଏ ! ରସୁଣ-ବାଟି ପୋଡ଼ି ନେଲେ ଆଉ ଗନ୍ଧ ରହେ ନାହିଁ, ନୂଆ ଗିନା ହୋଇଯାଏ ।

ଯେଉଁ ଲୋକ କହେ ଯେ, ସେ ପାରିବ ନାହିଁ, ବାସ୍ତବିକ ତାର ହୁଏ ନାହିଁ । ମୁକ୍ତ ଅଭିମାନୀ ମୁକ୍ତ ହୋଇଯାଏ ଏବଂ ବଦ୍ଧ-ଅଭିମାନୀ ବଦ୍ଧ ହୋଇଯାଏ । ଯେଉଁ ଲୋକ ଜୋର୍ କରି କହେ, 'ମୁଁ ମୁକ୍ତ ହୋଇଛି', ସେ ନିଶ୍ଚୟ ମୁକ୍ତ ହୁଏ । ଯେଉଁ ଲୋକ ଦିନରାତି 'ମୁଁ ବଦ୍ଧ' ବୋଲି କହେ, ସେ ବଦ୍ଧ ହିଁ ହୋଇଯାଏ ।"

❖ ❖ ❖

# ଷଷ୍ଠ ପରିଚ୍ଛେଦ

## ଦୋଳଯାତ୍ରା ଦିନ ଦକ୍ଷିଣେଶ୍ୱରରେ ଭକ୍ତମାନଙ୍କ ଗହଣରେ ଶ୍ରୀରାମକୃଷ୍ଣ

### (୧)

### ଦୋଳଯାତ୍ରା, ଶ୍ରୀରାମକୃଷ୍ଣ ଓ ଭକ୍ତିଯୋଗ

ଆଜି ଦୋଳଯାତ୍ରା, ଶ୍ରୀଶ୍ରୀମହାପ୍ରଭୁଙ୍କର ଜନ୍ମଦିନ, ୧୯ ଫାଲ୍‌ଗୁନ, ପୂର୍ଣ୍ଣିମା, ରବିବାର, ୧ ମାର୍ଚ୍ଚ, ୧୮୮୫ । ଶ୍ରୀରାମକୃଷ୍ଣ ତାଙ୍କ ଘରର ଛୋଟ ଖଟ ଉପରେ ବସିଛନ୍ତି । ସମାଧିସ୍ଥ । ଭକ୍ତମାନେ ତଳେ ବସି ତାଙ୍କୁ ଏକଦୃଷ୍ଟିରେ ଦେଖୁଛନ୍ତି । ମହିମାଚରଣ, ରାମ (ଦତ୍ତ), ମନମୋହନ, ନବାଇ ଚୈତନ୍ୟ, ନରେନ୍ଦ୍ର ଓ ମାଷ୍ଟର ପ୍ରଭୃତି ଅନେକେ ଉପସ୍ଥିତ ଅଛନ୍ତି ।

ସମାଧିଭଙ୍ଗ ହେଲା । କିନ୍ତୁ ଭାବ ପୂର୍ଣ୍ଣମାତ୍ରାରେ ରହିଛି । ଠାକୁର ମହିମାଚରଣଙ୍କୁ କହୁଛନ୍ତି—ବାବୁ, ହରିଭକ୍ତି କଥା !

ମହିମା–ଆରାଧିତୋ ଯଦି ହରିସ୍ତପସା ତତଃ କିମ୍ ।
ନାରାଧିତୋ ଯଦି ହରିସ୍ତପସା ତତଃ କିମ୍ ॥
ଅନ୍ତର୍ବହିର୍ଯଦି ହରିସ୍ତପସା ତତଃ କିମ୍ ।
ନାନ୍ତର୍ବହିର୍ଯଦି ହରିସ୍ତପସା ତତଃ କିମ୍ ॥
ବିରମ ବିରମ ବ୍ରହ୍ମନ୍ କିଂ ତପସ୍ୟାସୁ ବତ୍ସ ।
ବ୍ରଜ ବ୍ରଜ ଦ୍ୱିଜ ଶୀଘ୍ରଂ ଶଙ୍କରଂ ଜ୍ଞାନସିନ୍ଧୁମ୍ ॥
ଲଭ ଲଭ ହରିଭକ୍ତିଂ ବୈଷ୍ଣବୋକ୍ତାଂ ସୁପକ୍ୱାମ୍ ।
ଭବନିଗଡ଼ନିବନ୍ଧଚ୍ଛେଦନୀଂ କର୍ତ୍ତରୀଂ ଚ ॥

"ନାରଦପଞ୍ଚରାତ୍ରରେ ଅଛି, ନାରଦ ତପସ୍ୟା କରୁଥିଲେ, ଦୈବବାଣୀ ହେଲା—'ହରିଙ୍କୁ ଯଦି ଆରାଧନା କରାଯାଏ, ତା'ହେଲେ ତପସ୍ୟାର କଅଣ ପ୍ରୟୋଜନ ? ଆଉ ହରିଙ୍କୁ ଯଦି ଆରାଧନା କରାନଯାଏ, ତା'ହେଲେ ମଧ୍ୟ ତପସ୍ୟାର କଅଣ ପ୍ରୟୋଜନ ? ହରି ଯଦି ଅନ୍ତରରେ ଓ ବାହାରେ ରହିଛନ୍ତି, ତା'ହେଲେ ତପସ୍ୟାର କଅଣ ପ୍ରୟୋଜନ ? ହରି ଯଦି ଅନ୍ତରରେ ଓ ବାହାରେ ନ ଥାଆନ୍ତି, ତା'ହେଲେ ତପସ୍ୟାର କଅଣ ପ୍ରୟୋଜନ ? ଅତଏବ ହେ ବ୍ରହ୍ମନ୍, ବିରତ ହୁଅ, ହେ ବତ୍ସ, ତପସ୍ୟାରେ କଅଣ ପ୍ରୟୋଜନ ? ଜ୍ଞାନ-ସିନ୍ଧୁସ୍ୱରୂପ ଶଙ୍କରଙ୍କ ନିକଟକୁ ଗମନ କର । ବୈଷ୍ଣବମାନେ ଯେଉଁ ହରିଭକ୍ତିର କଥା କହିଯାଇଛନ୍ତି, ସେହି ସୁପକ୍ୱ ଭକ୍ତି ଲାଭ କର, ଅବଶ୍ୟ ଲାଭ କର । ଏହି ଭକ୍ତି—ଏକମାତ୍ର ଏହି ଭକ୍ତି–କତୁରି ଦ୍ୱାରା ଭବବନ୍ଧନ ଛିନ୍ନ ହେବ ।"

## ଈଶ୍ୱରକୋଟି—ଶୁକଦେବଙ୍କର ସମାଧିଭଙ୍ଗ—ହନୁମାନ, ପ୍ରହ୍ଲାଦ

ଶ୍ରୀରାମକୃଷ୍ଣ—ଜୀବକୋଟି ଓ ଈଶ୍ୱରକୋଟି । ଜୀବକୋଟିଙ୍କର ଭକ୍ତି ବୈଧୀ ଭକ୍ତି । ଏତେ ଉପଚାରରେ ପୂଜା କରିବାକୁ ହେବ, ଏତେ ସଂଖ୍ୟାରେ ଜପ କରିବାକୁ ହେବ, ଏତେ ସମୟ ପୁରଶ୍ଚରଣ କରିବାକୁ ହେବ, ଏଗୁଡ଼ିକ ବୈଧୀ ଭକ୍ତିର ଅଙ୍ଗ । ଏହି ବୈଧୀଭକ୍ତି ପରେ ଜ୍ଞାନଲାଭ ହୁଏ । ଜ୍ଞାନଲାଭ ପରେ ମନରେ ଲୟ ହୁଏ ଅର୍ଥାତ୍ ସମାଧି ହୁଏ । ସମାଧି ହେଲେ (ଜୀବକୋଟି ସାଧକ ଏହି ଜାଗତିକ ସ୍ତରକୁ) ଆଉ ଫେରେ ନାହିଁ ।

''ଈଶ୍ୱରକୋଟିଙ୍କର କଥା ଅଲଗା—ଯେପରି ଅନୁଲୋମ ବିଲୋମ । ସେ 'ନେତି' 'ନେତି' କରି ଛାତରେ ପହଞ୍ଚନ୍ତି, ପହଞ୍ଚି ଦେଖନ୍ତି ଯେ ଛାତ ଯେଉଁ ଜିନିଷରେ ତିଆରି—ଇଟା, ଚୁନ, ସୁରକି—ପାହାଚ ମଧ୍ୟ ସେହି ଜିନିଷରେ ତିଆରି । ସେତେବେଳେ ସେ ଛାତରେ ରହିପାରନ୍ତି, ପୁଣି ଚଢ଼ିବା ଓହ୍ଲାଇବା ମଧ୍ୟ କରିପାରନ୍ତି ।

ଶୁକଦେବ ସମାଧିସ୍ଥ ଥିଲେ । ନିର୍ବିକଳ୍ପ ସମାଧି—ଜଡ଼ ସମାଧି । କିନ୍ତୁ ଶୁକଦେବ ରାଜା ପରୀକ୍ଷିତଙ୍କୁ ଭାଗବତ ଶୁଣାଇବାର କଥା । ନାରାୟଣ ନାରଦଙ୍କୁ ପଠାଇଦେଲେ । ସେ ଯାଇ ଦେଖିଲେ ଯେ ଶୁକଦେବ ବାହ୍ୟଜ୍ଞାନ ହରାଇ ଜଡ଼ପରି ବସିରହିଛନ୍ତି । ସେତେବେଳେ ସେ ବୀଣା ବଜାଇ ଚାରିଗୋଟି ଶ୍ଳୋକରେ ହରିଙ୍କର ରୂପ ବର୍ଣ୍ଣନା କରିବାକୁ ଲାଗିଲେ । ପ୍ରଥମ ଶ୍ଳୋକରେ ଶୁକଦେବଙ୍କର ରୋମାଞ୍ଚ ହେଲା । କ୍ରମେ ପ୍ରେମାଶ୍ରୁ, ତା'ପରେ ହୃଦୟରେ ହରିଙ୍କର ଚିନ୍ମୟରୂପ ଦର୍ଶନ କରିବାକୁ ଲାଗିଲେ । ତେବେ ଦେଖାଯାଉଛି, ଜଡ଼ ସମାଧି ପରେ ରୂପ ଦର୍ଶନ ମଧ୍ୟ ହେଲା । ଶୁକଦେବ ଈଶ୍ୱରକୋଟି ଥିଲେ ।

''ହନୁମାନ ସାକାର ନିରାକାର ଉଭୟ ସାକ୍ଷାତ୍କାର କରି ରାମମୂର୍ତ୍ତିଙ୍କଠାରେ ନିଷ୍ଠା ରଖି ରହିଥିଲେ । ଚିଦ୍‌ଘନ ଆନନ୍ଦର ମୂର୍ତ୍ତି—ରାମମୂର୍ତ୍ତି ।

''ପ୍ରହ୍ଲାଦ କେତେବେଳେ ସୋଽହଂ ଦେଖୁଥିଲେ ତ କେତେବେଳେ ଦାସଭାବରେ ରହୁଥିଲେ । ଭକ୍ତି ଛଡ଼ା ଅନ୍ୟ କଅଣ ନେଇ ରହିବ ? ତେଣୁ ସେବ୍ୟସେବକ ଭାବ ଆଶ୍ରୟ କରିବାକୁ ପଡ଼େ—ତୁମେ ପ୍ରଭୁ, ମୁଁ ଦାସ । ଏଥିରେ ହରିରସ ଆସ୍ୱାଦନ କରାଯାଏ । ରସ-ରସିକର ଭାବ—ହେ ଈଶ୍ୱର, ତୁମେ ରସ, ମୁଁ ରସିକ ।*

''ଭକ୍ତିର ମୁଁ, ବିଦ୍ୟାର ମୁଁ, ବାଳକର ମୁଁ—ଏଥିରେ ଦୋଷ ନାହିଁ । ଶଙ୍କରାଚାର୍ଯ୍ୟ 'ବିଦ୍ୟାର ମୁଁ' ରଖିଥିଲେ, ଲୋକଙ୍କୁ ଶିକ୍ଷାଦେବା ପାଇଁ । 'ବାଳକର ମୁଁ'ରେ ଆଣ୍ଟ ନାହିଁ । ବାଳକ ଗୁଣାତୀତ-କୌଣସି ଗୁଣର ବଶ ନୁହେଁ । ହଠାତ୍ ରାଗିଗଲା, କିଛି ସମୟ ପରେ ରାଗର ଚିହ୍ନ ନାହିଁ । ଖେଳଘର କଲା, ଟିକିଏ ପରେ ଭୁଲିଗଲା; ଖେଳସଙ୍ଗୀମାନଙ୍କୁ ଭଲପାଉଛି, କିଛିଦିନ ସେମାନଙ୍କୁ ନ ଦେଖିଲେ ସବୁ ଭୁଲିଯିବ । ବାଳକ ସତ୍ତ୍ୱ, ରଜଃ ଓ ତମଃ କୌଣସି ଗୁଣର ବଶ ନୁହେଁ ।

---

* ରସୋ ବୈ ସଃ । ରସଂ ହ୍ୟେବାୟଂ ଲବ୍ଧ୍ୱାନନ୍ଦୀ ଭବତି ।
କୋ ହ୍ୟେବାନ୍ୟାତ୍ କଃ ପ୍ରାଣ୍ୟାତ୍ । ଯଦେଷ ଆକାଶ ଆନନ୍ଦୋ ନ ସ୍ୟାତ୍ ।

"ତୁମେ ଈଶ୍ୱର, ମୁଁ ଭକ୍ତ— ଭକ୍ତର ଏହିପରି ଭାବ; ଏପରି ମୁଁ 'ଭକ୍ତିର ମୁଁ'। କାହିଁକି ଭକ୍ତିର ମୁଁ ରଖନ୍ତି ? ତାର ତାତ୍ପର୍ଯ୍ୟ ଅଛି। 'ମୁଁ' ତ କେବେ ଯିବ ନାହିଁ, ତା'ହେଲେ ଥାଉ ଶଳା 'ଦାସ ମୁଁ' 'ଭକ୍ତ ମୁଁ' ହୋଇ।

ଯେତେ ବିଚାର କର, ମୁଁ ଯାଏ ନାହିଁ। ମୁଁ-ରୂପକ କୁମ୍ଭ। ବ୍ରହ୍ମ ଯେପରି ସମୁଦ୍ର— ସବୁକିଛି କେବଳ ଜଳ। କୁମ୍ଭଟି ସମୁଦ୍ର ଭିତରେ ଥିଲେ ତାହାର ଭିତରେ ଓ ବାହାରେ ଜଳ ଭର୍ତ୍ତି। ତଥାପି କୁମ୍ଭ ତ ଅଛି। ଏହା ହିଁ 'ଭକ୍ତର ମୁଁ'ର ସ୍ୱରୂପ। କୁମ୍ଭ ଥିବାଯାଏ 'ମୁଁ' ଓ 'ତୁମେ' ଭାବ ଅଛି; ତୁମେ ଭଗବାନ ମୁଁ ଭକ୍ତ; ତୁମେ ପ୍ରଭୁ ମୁଁ ଦାସ—ଏହି ଭାବ ରହିବ। ହଜାରେ ବିଚାର କର, ଏହି 'ମୁଁ'କୁ ଛାଡ଼ିବାର ଉପାୟ ନାହିଁ। କୁମ୍ଭ ନ ଥିଲେ ସେ କଥା ଅଲଗା।"

## (୨)

## ସନ୍ନ୍ୟାସ ସମ୍ବନ୍ଧରେ ନରେନ୍ଦ୍ରଙ୍କୁ ଶ୍ରୀରାମକୃଷ୍ଣଙ୍କର ଉପଦେଶ।

ନରେନ୍ଦ୍ର ଆସି ପ୍ରଣାମ କରି ବସିଲେ। ଶ୍ରୀରାମକୃଷ୍ଣ ନରେନ୍ଦ୍ରଙ୍କ ସହିତ କଥା କହୁଛନ୍ତି। କଥା କହୁ କହୁ ତଳେ ଆସି ବସିଲେ। ତଳେ ସପ ପଡ଼ିଛି। ଇତ୍ୟବସରରେ ଘରଟି ଲୋକରେ ପୂର୍ଣ୍ଣ ହୋଇଯାଇଛି। ଭକ୍ତମାନେ ଅଛନ୍ତି, ବାହାରର ଲୋକମାନେ ମଧ୍ୟ ଆସିଛନ୍ତି।

ଶ୍ରୀରାମକୃଷ୍ଣ (ନରେନ୍ଦ୍ରଙ୍କ ପ୍ରତି)—ଭଲ ଅଛୁ ? ତୁ କୁଆଡ଼େ ଗିରିଶ ଘୋଷ ଘରକୁ ପ୍ରାୟ ଯାଉଛୁ ?

ନରେନ୍ଦ୍ର—ଆଜ୍ଞା ହଁ, ମଝିରେ ମଝିରେ ଯାଏ।

ଗିରିଶ ଘୋଷ ଠାକୁର ଶ୍ରୀରାମକୃଷ୍ଣଙ୍କ ନିକଟକୁ କେତେମାସ ହେଲା ଯିବା ଆସିବା କରୁଛନ୍ତି। ଠାକୁର କହନ୍ତି, ଗିରିଶର ବିଶ୍ୱାସକୁ କୁଣ୍ଠ ପାଏ ନାହିଁ। ଯେପରି ବିଶ୍ୱାସ ସେପରି ଅନୁରାଗ। ଘରେ ଠାକୁରଙ୍କ ଚିନ୍ତାରେ ସର୍ବଦା ବିହ୍ୱଳ ହୋଇ ରହିଥାଆନ୍ତି। ନରେନ୍ଦ୍ର ପ୍ରାୟ ଯାଆନ୍ତି; ହରିପଦ, ଦେବେନ୍ଦ୍ର ଓ ଅନ୍ୟ ଭକ୍ତମାନେ ତାଙ୍କ ଘରକୁ ପ୍ରାୟ ଯାଆନ୍ତି; ଗିରିଶ ସେମାନଙ୍କ ସହିତ କେବଳ ଠାକୁରଙ୍କ କଥା ହିଁ କହନ୍ତି। ଗିରିଶ ସଂସାରରେ ଅଛନ୍ତି, କିନ୍ତୁ ଠାକୁର ଦେଖୁଛନ୍ତି ଯେ ନରେନ୍ଦ୍ର ସଂସାରରେ ରହିବେ ନାହିଁ—କାମିନୀ-କାଞ୍ଚନ ତ୍ୟାଗ କରିବେ। ଠାକୁର ନରେନ୍ଦ୍ରଙ୍କ ସହିତ କଥା କହୁଛନ୍ତି—

ଶ୍ରୀରାମକୃଷ୍ଣ—ତୁ ଗିରିଶ ଘୋଷ ପାଖକୁ ବେଶୀ ଯାଉଛୁ ?

## ସନ୍ନ୍ୟାସର ଅଧିକାରୀ—କୌମାର-ବୈରାଗ୍ୟ—ଗିରିଶ କେଉଁ ଥାକର —ରାବଣ ଓ ଅସୁରମାନଙ୍କ ପ୍ରକୃତିରେ ଯୋଗ ଓ ଭୋଗ

"କିନ୍ତୁ ରସୁଣ ଗୋଳା ହୋଇଥିବା ବାଟିକୁ ଯେତେ ଧୁଅ ନା କାହିଁକି, ଗନ୍ଧ ଟିକିଏ ରହିବ ହିଁ ରହିବ। ପିଲାମାନେ ଶୁଦ୍ଧ ଆଧାର। କାମିନୀ-କାଞ୍ଚନ ସ୍ପର୍ଶ କରିନାହିଁ; ବହୁ ଦିନ ଧରି କାମିନୀ-କାଞ୍ଚନ ଘାଣ୍ଟିଲେ ରସୁଣର ଗନ୍ଧ ହୁଏ।

"ଯେପରି କାଉଖୁମ୍ପା ଆମ୍ବ—ଦିଅଁ ଦେବତାଙ୍କୁ ଦିଆଯାଏ ନାହିଁ, ନିଜର ମଧ୍ୟ ସନ୍ଦେହ।

ନୂଆ ହାଣ୍ଡି ଓ ଦହିବସା ହାଣ୍ଡି । ଦହିବସା ହାଣ୍ଡିରେ ଦୁଧ ରଖିବାକୁ ଭୟ ହୁଏ, କାରଣ ପ୍ରାୟ ଏଥିରେ ଦୁଧ ନଷ୍ଟ ହୋଇଯାଏ ।

''ଗିରିଶ ପ୍ରଭୃତିଙ୍କର ଅଲଗା ଥାକ । ସେମାନଙ୍କର ଯୋଗ ଓ ଭୋଗ ଉଭୟ ଅଛି । ଯେପରି ରାବଣର ଭାବ—ନାଗକନ୍ୟା ଦେବକନ୍ୟାଙ୍କୁ ବି ନେବ, ରାମଙ୍କୁ ମଧ୍ୟ ଲାଭ କରିବ ।

''ଅସୁରମାନେ ନାନାପ୍ରକାର ଭୋଗ କରନ୍ତି, ପୁଣି ନାରାୟଣଙ୍କୁ ମଧ୍ୟ ଲାଭ କରନ୍ତି ।

ନରେନ୍ଦ୍ର—ଗିରିଶ ଘୋଷ ପୂର୍ବସଙ୍ଗ ଛାଡ଼ି ଦେଇଛନ୍ତି ।

ଶ୍ରୀରାମକୃଷ୍ଣ—ଡେରିରେ ବଳଦ ହୋଇଛି; ମୁଁ ବର୍ଦ୍ଧମାନରେ ଦେଖିଥିଲି । ଗୋଟିଏ ଦାମୁଡ଼ିକୁ ଗାଈଙ୍କ ପଛରେ ଯାଉଥିବାର ଦେଖି ମୁଁ ପଚାରିଲି, କଥା କଅଣ ? ଏଇଟା ତ ବଳଦ ! ଶଗଡ଼ିଆ ବୁଝାଇଦେଲା, ଆଜ୍ଞା, ଏହାକୁ ବେଶୀ ବୟସରେ ଖାସୁ କରାଯାଇଥିଲା । ସେଥିପାଇଁ ପୂର୍ବର ସଂସ୍କାର ଯାଇନାହିଁ ।

''ଗୋଟିଏ ସ୍ଥାନରେ କେତେଜଣ ସନ୍ନ୍ୟାସୀ ବସିଥିଲେ—ସେହି ବାଟ ଦେଇ ଜଣେ ସ୍ତ୍ରୀଲୋକ ଚାଲିଯାଉଥିଲା । ସମସ୍ତେ ଈଶ୍ୱରଚିନ୍ତା କରୁଥିଲେ, ଜଣେ ସେହି ସ୍ତ୍ରୀଲୋକଟିକୁ କଣେଇ ଚାହିଁ ଦେଖିଲା । ସେ ତିନୋଟି ସନ୍ତାନ ହେବା ପରେ ସନ୍ନ୍ୟାସୀ ହୋଇଥିଲା ।

''ଗୋଟିଏ ବାଟିରେ ଯଦି ରସୁଣ ଗୋଳା ହୁଏ, ତା'ହେଲେ ରସୁଣର ଗନ୍ଧ କଅଣ ଯାଏ ? ପଣସ ଗଛରେ କଅଣ ଆମ୍ବ ଫଳେ ? ତେବେ ହୋଇପାରେ ଯଦି କୌଣସି ଅଲୌକିକ ସାଧନା କରି ସିଦ୍ଧିଲାଭ ହୋଇଥାଏ । ସେପରି ସିଦ୍ଧି କଅଣ ସମସ୍ତଙ୍କର ହୁଏ ?

''ସଂସାରୀ ଲୋକଙ୍କର ଫୁରୁସତ୍ କାହିଁ ? ଜଣକର ଭାଗବତ ପଣ୍ଡିତ ଦରକାର ଥିଲା; ତା'ର ବନ୍ଧୁ କହିଲା—ହଁ ଜଣେ ଉତ୍ତମ ଭାଗବତ ପଣ୍ଡିତ ଅଛି । କିନ୍ତୁ ତା'ର ଟିକିଏ ଅସୁବିଧା ଅଛି । ନିଜର ବହୁତ ଚାଷବାସ କାମ ତାକୁ ଦେଖିବାକୁ ପଡ଼େ । ଚାରିଖଣ୍ଡ ଲଙ୍ଗଳ, ଆଠଟା ବଳଦ । ସବୁବେଳେ ତଦାରଖ କରିବାକୁ ହୁଏ, ଅବସର ନାହିଁ । ଯାହାର ପଣ୍ଡିତ ଦରକାର ଥିଲା, ସେ କହିଲା, 'ମୋର ଅବସର ନ ଥିବା ଏପରି ପଣ୍ଡିତ ଦରକାର ନାହିଁ । ହଳ, ବଳଦବାଲା ଭାଗବତ ପଣ୍ଡିତ ମୁଁ ଖୋଜୁ ନାହିଁ । ମୋର ଏପରି ପଣ୍ଡିତ ଦରକାର, ଯେ ମୋତେ ଭାଗବତ ଶୁଣାଇପାରିବ ।'

''ଜଣେ ରାଜା ପ୍ରତିଦିନ ଭାଗବତ ଶୁଣୁଥିଲେ । ପଣ୍ଡିତ ପଢ଼ା ଶେଷ କରି ରାଜାଙ୍କୁ ପଚାରୁଥିଲେ, 'ଆଜ୍ଞା, ବୁଝିଲେ?' ରାଜା ପ୍ରତିଦିନ ଉତ୍ତର ଦେଉଥିଲେ, 'ତୁମେ ଆଗେ ବୁଝ ।' ପଣ୍ଡିତ ଘରକୁ ଯାଇ ଭାବୁଥିଲେ, 'ରାଜା କାହିଁକି ଏପରି କହୁଛନ୍ତି 'ତୁମେ ଆଗେ ବୁଝ ।' ପଣ୍ଡିତ ଜଣକ ସାଧନଭଜନ କରୁଥିଲେ—କ୍ରମେ ଚୈତନ୍ୟ ହେଲା । ବୁଝିପାରିଲେ ଯେ ହରିପାଦପଦ୍ମ ହିଁ ସାର, ଆଉ ସବୁ ମିଥ୍ୟା । ତାଙ୍କର ବୈରାଗ୍ୟ ଆସିଲା ଓ ସେ ସଂସାର ଛାଡ଼ି ସନ୍ନ୍ୟାସୀ ହୋଇଗଲେ । କେବଳ ଜଣେ ଲୋକଙ୍କ ହାତରେ ରାଜାଙ୍କୁ ଖବର

ଦେଲେ ଯେ—'ରାଜା, ମୁଁ ଏଇଥର ବୁଝିଛି ।'

"ତାହାହେଲେ ମୁଁ କଅଣ ଏମାନଙ୍କୁ ଘୃଣା କରେ ? ତାହା ନୁହେଁ, ସେତେବେଳେ ବ୍ରହ୍ମଜ୍ଞାନ ଆଣେ । ସେ ହିଁ ସବୁ ହୋଇଛନ୍ତି—ସମସ୍ତେ ନାରାୟଣ । ସବୁ ଯୋନି ହିଁ ମାତୃଯୋନି; ସେତେବେଳେ ବେଶ୍ୟା ଓ ସତୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି ପ୍ରଭେଦ ଦେଖେ ନାହିଁ ।

## ସବୁଲୋକ ବିରିଡାଲିର ଗ୍ରାହକ—ରୂପ ଓ ଐଶ୍ୱର୍ଯ୍ୟର ବଶ

"କଅଣ ଆଉ କହିବି ? ଦେଖୁଛି, ସମସ୍ତେ ବିରିଡାଲିର ଗରାଖ । କାମିନୀ-କାଞ୍ଚନ ଛାଡ଼ିବାକୁ କେହି ଚାହୁଁ ନାହାନ୍ତି । ମନୁଷ୍ୟ ସ୍ତ୍ରୀଲୋକଙ୍କ ରୂପରେ ଭୁଲିଯାଏ, ଅର୍ଥ ଐଶ୍ୱର୍ଯ୍ୟରେ ଭୁଲିଯାଏ; କିନ୍ତୁ ଈଶ୍ୱରଙ୍କ ରୂପ ଦର୍ଶନ କଲେ ବ୍ରହ୍ମପଦ ମଧ୍ୟ ତୁଚ୍ଛ ହୋଇଯାଏ ।

ଜଣେ ରାବଣକୁ ପଚାରିଲା, ତୁମେ ଅନେକ ରୂପ ଧରି ସୀତାଙ୍କ ନିକଟକୁ ଯାଉଛ, ରାମରୂପ ଧରି ଯାଉନାହଁ କାହିଁକି ? ରାବଣ କହିଲା, ହୃଦୟରେ ଥରେ ରାମରୂପ ଦର୍ଶନ କଲେ ରମ୍ଭା ଓ ତିଳୋତ୍ତମା ପ୍ରଭୃତିଙ୍କୁ ଚିତାଭସ୍ମ ଭଳି ବୋଧ ହୁଏ, ବ୍ରହ୍ମପଦ ତୁଚ୍ଛ ହୋଇଯାଏ, ପର ସ୍ତ୍ରୀ ତ ଛାର କଥା ।

ସମସ୍ତେ ବିରିଡାଲିର ଗ୍ରାହକ । ଶୁଦ୍ଧ ଆଧାର ନ ହେଲେ ଈଶ୍ୱରଙ୍କଠାରେ ଶୁଦ୍ଧା ଭକ୍ତି ହୁଏ ନାହିଁ—ଏକ ଲକ୍ଷ୍ୟ ହୁଏ ନାହିଁ, ନାନା ବିଷୟରେ ମନ ରହେ ।

## ନେପାଳୀ ଝିଅ, ଈଶ୍ୱରଙ୍କ ଦାସୀ—ସଂସାରୀଙ୍କର ଦାସତ୍ୱ

(ମନମୋହନଙ୍କ ପ୍ରତି)—"ତୁମେ ରାଗିଲେ ରାଗ ପଛକେ—ମୁଁ ରାଖାଲକୁ କହିଲି, ଦେଖ, ଈଶ୍ୱରଲାଭ ପାଇଁ ଗଙ୍ଗାରେ ବୁଡ଼ି ମରିଛୁ ବୋଲି ବରଂ ଶୁଣିବି, କିନ୍ତୁ କାହାର ଦାସତ୍ୱ କରୁଛୁ, ଚାକିରୀ କରୁଛୁ, ଏ କଥା ଯେପରି ମୁଁ ନ ଶୁଣେ ।

"ଗୋଟିଏ ନେପାଳୀ ଝିଅ ଆସିଥିଲା । ସେ ଏସ୍‌ରାଜ ବଜାଇ ଭଲ ଗୀତ ଗାଇଲା । ଭକ୍ତିସଙ୍ଗୀତ । ଜଣେ ପଚାରିଲା—'ତୁମର ବିବାହ ହୋଇଛି ?' ସେ ଉତ୍ତର ଦେଲା, 'ପୁଣି ଆଉ କାହାର ଦାସୀ ହେବି ?' ମୁଁ ଏକମାତ୍ର ଭଗବାନଙ୍କର ଦାସୀ ।'

କାମିନୀ-କାଞ୍ଚନ ଭିତରେ ରହି କେମିତି ହେବ ? ଅନାସକ୍ତ ହେବା ଦୁଷ୍କର । ପ୍ରଥମେ ସ୍ତ୍ରୀର ଦାସ, ପୁଣି ଟଙ୍କାର ଦାସ, ସେପଟେ ମାଲିକର ଦାସ, ସେମାନଙ୍କୁ ଚାକିରୀ କରିବାକୁ ପଡ଼େ ।

ଜଣେ ଫକିର ବଣରେ କୁଡ଼ିଆ କରି ରହୁଥିଲେ । ସେତେବେଳେ ଦିଲ୍ଲୀର ବାଦ୍‌ଶାହା ଥିଲେ ଆକ୍‌ବର । ଫକିରଙ୍କ ପାଖକୁ ଅନେକ ଲୋକ ଆସୁଥିଲେ । ଅତିଥି ସତ୍କାର କରିବାକୁ ତାଙ୍କର ଭାରୀ ଇଚ୍ଛା । ଦିନେ ଭାବିଲେ—ଟଙ୍କା ପଇସା ନ ହେଲେ ଅତିଥିସତ୍କାର କିପରି ହେବ ? ତେଣୁ ସେ ଆକବର ବାଦ୍‌ଶାହାଙ୍କ ନିକଟକୁ ଗଲେ । ସେଠାରେ ସାଧୁ ଫକିରମାନଙ୍କ ପାଇଁ ଅବାରିତ ଦ୍ୱାର । ଆକବର ବାଦ୍‌ଶାହାଙ୍କ ସେହି ସମୟରେ ନମାଜ ପଢୁଥିଲେ ।

ଫକିର ନମାଜ ଘରେ ଯାଇ ବସିଲେ । ଶୁଣିଲେ ନମାଜ ଶେଷରେ ଆକବର କହୁଛନ୍ତି, ହେ ଆଲ୍ଲା, ଧନ ଦିଅ, ଦୌଲତ ଦିଅ, ଆହୁରି କେତେ କଅଣ । ଏହା ଶୁଣି ଫକିର ଜଣକ ଚାଲିଯିବାକୁ ବସିଲେ । ବାଦ୍‌ଶାହ ବସିବାକୁ ଇଙ୍ଗିତ କଲେ । ନମାଜ ଶେଷ ହେବାରୁ ସେ ଫକିରଙ୍କୁ ପଚାରିଲେ—ଆପଣ ଆସି ବସିଥିଲେ, ପୁଣି ଚାଲିଯାଉଥିଲେ କାହିଁକି ? ଫକିର କହିଲେ, 'ସେ କଥା ଶୁଣିବା ଦରକାର ନାହିଁ, ମୁଁ ଯାଉଛି ।' ବାଦ୍‌ଶାହ ଜିଦ୍ କରିବାରୁ ଫକିର କହିଲେ, 'ମୋ ପାଖକୁ ଅନେକ ଆସନ୍ତି । ସେମାନଙ୍କ ପାଇଁ କିଛି ଧନ ମାଗିବାକୁ ଆସିଥିଲି ।' ଆକବର କହିଲେ—ତା'ହେଲେ ଚାଲି ଯାଉଥିଲେ କାହିଁକି ? ଫକିର କହିଲେ, 'ଦେଖିଲି ଆପଣ ମଧ୍ୟ ଧନଦୌଲତର ଭିଖାରୀ, ତେଣୁ ଭାବିଲି ଭିଖାରୀ ପାଖରୁ ଧନ ମାଗି କଅଣ ହେବ ? ମାଗିବି ତ ଆଲ୍ଲାଙ୍କୁ ମାଗିବି ।'

### ପୂର୍ବକଥା—ହୃଦୟ ମୁଖାର୍ଜୀଙ୍କର ଦୁର୍ବ୍ୟବହାର—ଠାକୁରଙ୍କର ସତ୍ତ୍ୱଗୁଣର ଅବସ୍ଥା

ନରେନ୍ଦ୍ର—ଗରିଶ ଘୋଷ ଆଜିକାଲି କେବଳ ଏହିସବୁ କଥା ଚିନ୍ତା କରନ୍ତି ।

ଶ୍ରୀରାମକୃଷ୍ଣ—ଭାରୀ ଭଲ କଥା । ତେବେ ଏତେ ଗାଳିଗୁଲଜ କରି ମୁହଁ କାହିଁକି ଖରାପ କରେ ? ମୋର ସେପରି ଅବସ୍ଥା ନୁହେଁ । ବଜ୍ର ପଡ଼ିଲେ ଘରର ବଡ଼ ବଡ଼ ଜିନିଷ ସେତେ ହଲେ ନାହିଁ, କିନ୍ତୁ କାଚଝରକା ଧଡ୍ ଧଡ୍ ହୁଏ । ମୋର ସେଭଳି ଅବସ୍ଥା ନୁହେଁ । ସତ୍ତ୍ୱଗୁଣ ଅବସ୍ଥାରେ ହୋ-ହଲ୍ଲା ସହି ହୁଏ ନାହିଁ । ସେଥିପାଇଁ ହୃଦୟ ଚାଲିଗଲା, ମା ରଖିଲେ ନାହିଁ । ଶେଷ ଆଡ଼କୁ ଭାରୀ ଉତ୍ପାତ ହେଉଥିଲା । ମୋତେ ଗାଳି ଗୁଲଜ କରି ଦୁର୍ବ୍ୟହାର କରୁଥିଲା ।

### ନରେନ୍ଦ୍ର କଅଣ ଅବତାର ବୋଲି କହନ୍ତି ? ନରେନ୍ଦ୍ର ତ୍ୟାଗୀ ଶ୍ରେଣୀର ଆଧାର—ନରେନ୍ଦ୍ରଙ୍କର ପିତୃବିୟୋଗ

ଗିରିଶ ଘୋଷ ଯାହା କହେ ତାହା କଅଣ ତୋ ମତ ସାଙ୍ଗରେ କିଛି ମେଳ ଖାଇଲା ?

ନରେନ୍ଦ୍ର—ମୁଁ କିଛି କହି ନାହିଁ; କିନ୍ତୁ ସେ କହିଲେ ତାଙ୍କର ଆପଣଙ୍କୁ ଅବତାର ବୋଲି ବିଶ୍ୱାସ ।

ଶ୍ରୀରାମକୃଷ୍ଣ—ତାର ଖୁବ୍ ବିଶ୍ୱାସ ! ଦେଖିଛୁ ?

ଠାକୁର ଟିକିଏ ନୀରବ ରହି ନରେନ୍ଦ୍ରଙ୍କୁ ସ୍ନେହ ଦୃଷ୍ଟିରେ ଦେଖୁଛନ୍ତି ।

ଟିକିଏ ପରେ ନରେନ୍ଦ୍ରଙ୍କୁ କହିଲେ, ''ବାବା, କାମିନୀ-କାଞ୍ଚନ ତ୍ୟାଗ ନ କଲେ ହେବ ନାହିଁ ।'' କହୁ କହୁ ସେ ଭାବବିହ୍ୱଳ ହୋଇଉଠିଲେ । ସେହି କରୁଣାର୍ଦ୍ର ସ୍ନେହଦୃଷ୍ଟି, ସେଥିରେ ଭାବବିହ୍ୱଳ ହୋଇ ଗାଇଉଠିଲେ—

କଥା କହିବାକୁ ଡରଇ, ନ କହିଲେ ବି ଡରଇ ,
ମନେ ସନ୍ଦେହ ହୁଏ କାଳେ ତୁମକୁ ହରାଏ ଗୋ ରାଇ ।

ମୁଁ ଜାଣେ ଯେ ମନ ତୋର, ଦେଲି ତୋତେ ସେଇ ମନତୋର ,
ଏବେସେହି ମନ ତୋର, ମୁଁ ଯେଉଁ ମନ୍ତ୍ରେ ବିପଦରୁ ତରି ତାରଇ ।

ଶ୍ରୀରାମକୃଷ୍ଣ ଯେପରି ଭୟ କରୁଛନ୍ତି, କାଳେ ନରେନ୍ଦ୍ର ତାଙ୍କର ନହୋଇ ଆଉ କାହାର ହୋଇଯିବ ! ନରେନ୍ଦ୍ର ଅଶ୍ରୁପୂର୍ଣ୍ଣ ଲୋଚନରେ ଚାହିଁଅଛନ୍ତି ।

ଜଣେ ନୂଆ ଭକ୍ତ ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥିଲେ । ସେ ମଧ୍ୟ ପାଖରେ ବସି ସମସ୍ତ ଦେଖୁଥିଲେ ଓ ଶୁଣୁଥିଲେ ।

ଭକ୍ତ—ଆଜ୍ଞା, କାମିନୀ-କାଞ୍ଚନ ଯଦି ତ୍ୟାଗ କରିବାକୁ ହେବ, ତେବେ ଗୃହସ୍ଥମାନେ କଅଣ କରିବେ ?

ଶ୍ରୀରାମକୃଷ୍ଣ—ତୁମେ ଭୋଗ କରିପାର ! ଆମ ଭିତରେ ଏପରି ଗୋଟାଏ କଥା ହୋଇଗଲା ।

## ଗୃହସ୍ଥ ଭକ୍ତଙ୍କୁ ଅଭୟ ପ୍ରଦାନ

ମହିମାଚରଣ ଚୁପ୍ ହୋଇ ବସିଛନ୍ତି, ମୁହଁରେ କଥା ନାହିଁ ।

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି)—**ଆଗେଇ ଯାଅ** ! ଆହୁରି ଆଗେଇ ଯାଅ, ଚନ୍ଦନ କାଠ ପାଇବ; ଆହୁରି ଆଗକୁ ଯାଅ, ରୂପାର ଖଣି ପାଇବ; ଆହୁରି ଆଗକୁ ଯାଅ, ସୁନାର ଖଣି ପାଇବ; ଆହୁରି ଆଗେଇ ଯାଅ, ହୀରା ମାଣିକ ପାଇବ । ଆଗେଇ ଯାଅ ।

ମହିମା—ଆଜ୍ଞା, ଟାଣି ରଖେ ଯେ, ଆଗେଇବାକୁ ଦିଏ ନାହିଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—କାହିଁକି, ଲଗାମକୁ କାଟି ପକା, ତାଙ୍କର ନାମଗୁଣରେ କାଟ । କାଳୀ ନାମରେ କାଳପାଶ ଛିଣ୍ଡିଯାଏ ।

ନରେନ୍ଦ୍ର ପିତୃବିୟୋଗ ପରେ ସଂସାରରେ ଭାରୀ କଷ୍ଟ ପାଉଛନ୍ତି । ତାଙ୍କ ଉପରେ ଅନେକ ବୋଝ, ବିପଦ । ଠାକୁର ମଝିରେ ମଝିରେ ନରେନ୍ଦ୍ରଙ୍କୁ ଦେଖୁଛନ୍ତି । ଠାକୁର କହୁଛନ୍ତି, ତୁ କଅଣ ଚିକିତ୍ସକ ହୋଇଛୁ ?

ଶତମାରୀ ଭବେଦ୍‌ବୈଦ୍ୟଃ । ସହସ୍ରମାରୀ ଚିକିତ୍ସକଃ ।'' (ସମସ୍ତଙ୍କର ହସ)

ଠାକୁର କଅଣ କହୁଛନ୍ତି, ନରେନ୍ଦ୍ରଙ୍କର ଏହି ବୟସରେ ଅନେକ ଅଭିଜ୍ଞତା ହେଲା, ସୁଖଦୁଃଖ ସଙ୍ଗରେ ଖୁବ୍ ପରିଚୟ ହେଲା !

ନରେନ୍ଦ୍ର ମୃଦୁ ହସି ନୀରବ ଚୁପ୍ ହୋଇ ରହିଲେ ।

## (୩)

## ଦୋଳଯାତ୍ରା—ଶ୍ରୀରାମକୃଷ୍ଣଙ୍କର ଶ୍ରୀଶ୍ରୀରାଧାକାନ୍ତ, ମା କାଳୀ ଓ ଭକ୍ତମାନଙ୍କ ଦେହରେ ଅବିର ପ୍ରଦାନ

ନବାଇ ଚୈତନ୍ୟ ଗୀତ ଗାଉଛନ୍ତି । ଭକ୍ତମାନେ ସମସ୍ତେ ବସିଛନ୍ତି । ଠାକୁର ଛୋଟ ଖଟଟିରେ ବସିଥିଲେ, ହଠାତ୍ ଉଠିଲେ । ଘରର ବାହାରକୁ ଗଲେ । ଭକ୍ତମାନେ ସମସ୍ତେ ବସି ରହିଲେ, ଗୀତ ଚାଲିଛି ।

ମାଷ୍ଟର ଠାକୁରଙ୍କ ସଙ୍ଗରେ ଗଲେ । ଠାକୁର ପକ୍କା ଅଗଣା ଦେଇ କାଳୀମନ୍ଦିର ଆଡ଼କୁ ଯାଉଛନ୍ତି । ଶ୍ରୀଶ୍ରୀରାଧାକାନ୍ତଙ୍କ ମନ୍ଦିରକୁ ପ୍ରଥମେ ଗଲେ । ଭୂମିଷ୍ଠ ହୋଇ ପ୍ରଣାମ କଲେ । ତାଙ୍କୁ ପ୍ରଣାମ କରିବା ଦେଖି ମାଷ୍ଟର ମଧ୍ୟ ପ୍ରଣାମ କଲେ । ଦିଅଁଙ୍କ ଆଗରେ ଥାଳିରେ ଅବିର ଥିଲା । ଆଜି ଦୋଳଯାତ୍ରା—ଶ୍ରୀରାମକୃଷ୍ଣ ତାହା ଭୁଲିନାହାନ୍ତି । ଥାଳିରୁ ଅବିର ନେଇ ଶ୍ରୀଶ୍ରୀରାଧାଶ୍ୟାମଙ୍କୁ ଦେଲେ । ପୁଣି ପ୍ରଣାମ କଲେ ।

ଏବେ କାଳୀମନ୍ଦିରକୁ ଯାଉଛନ୍ତି । ପ୍ରଥମ ସାତୋଟି ପାହାଚ ଉଠି ଚଟାଣରେ ଠିଆ ହେଲେ, ମାଆଙ୍କୁ ଦର୍ଶନ କରି ଭିତରେ ପ୍ରବେଶ କଲେ । ମାଆଙ୍କୁ ଅବିର ଦେଲେ । ପ୍ରଣାମ କରି କାଳୀମନ୍ଦିରରୁ ଫେରି ଆସୁଛନ୍ତି । ମନ୍ଦିର ସମ୍ମୁଖସ୍ଥ ମଣ୍ଡପରେ ଠିଆ ହୋଇ ମାଷ୍ଟରଙ୍କୁ କହୁଛନ୍ତି—ବାବୁରାମଙ୍କୁ ଆଣିଲ ନାହିଁ କାହିଁକି ?

ଠାକୁର ପୁଣି ପକ୍କା ଅଗଣା ଦେଇ ଯାଉଛନ୍ତି । ସଙ୍ଗରେ ମାଷ୍ଟର ଓ ଆଉଜଣେ ଅବିର ଥାଳି ହାତରେ ଧରି ଯାଉଛନ୍ତି । ଘରେ ପ୍ରବେଶ କରି ସବୁ ଛବିରେ ଅବିର ଦେଲେ —ଗୋଟିଏ ଦୁଇଟି ଛବି ଛାଡ଼ି—ନିଜର ଛବି ଓ ଯୀଶୁଖ୍ରୀଷ୍ଟଙ୍କ ଛବି । ଏଥର ବାରଣ୍ଡାକୁ ଆସିଲେ । ନରେନ୍ଦ୍ର ଦ୍ୱାର ଆଗ ବାରଣ୍ଡାରେ ବସିଛନ୍ତି । ଜଣେ ଅଧେ ଭକ୍ତଙ୍କ ସହିତ କଥା କହୁଛନ୍ତି । ଠାକୁର ନରେନ୍ଦ୍ରଙ୍କ ଦେହରେ ଅବିର ଲଗାଇଦେଲେ । ଘରେ ପ୍ରବେଶ କରୁଛନ୍ତି, ମାଷ୍ଟର ସାଙ୍ଗରେ ଆସୁଛନ୍ତି, ଠାକୁର ତାଙ୍କ ଦେହରେ ମଧ୍ୟ ଅବିର ଲଗାଇଦେଲେ ।

ଘର ଭିତରକୁ ଆସିଲେ । ସବୁ ଭକ୍ତଙ୍କ ଦେହରେ ଅବିର ଲଗାଇଦେଲେ । ସମସ୍ତେ ପ୍ରଣାମ କଲେ ।

ଅପରାହ୍ଣ ହେଲା । ଭକ୍ତମାନେ ଏଣେତେଣେ ବୁଲାବୁଲି କଲେ । ଠାକୁର ମାଷ୍ଟରଙ୍କ ସହିତ ଆସ୍ତେ ଆସ୍ତେ କଥା କହୁଛନ୍ତି । ପାଖରେ କେହି ନାହାନ୍ତି । ଯୁବକ ଭକ୍ତମାନଙ୍କ କଥା କହୁଛନ୍ତି । କହୁଛନ୍ତି, "ଆଚ୍ଛା, ସମସ୍ତେ କହନ୍ତି ଭଲ ଧ୍ୟାନ ହୁଏ; ପଲ୍ଟୁର ଧ୍ୟାନ ହୁଏ ନାହିଁ କାହିଁକି ?

ନରେନ୍ଦ୍ରକୁ ତୁମର କିଭଳି ମନେ ହୁଏ ? ବେଶ୍ ସରଳ, ତେବେ ସଂସାରର ବହୁତ ବୋଝ ପଡ଼ିଛି; ତେଣୁ ଟିକିଏ ଦବିଯାଇଛି, ସେ ରହିବ ନାହିଁ ।

ଠାକୁର ମଝିରେ ମଝିରେ ବାରଣ୍ଡାକୁ ଉଠି ଯାଉଛନ୍ତି, ନରେନ୍ଦ୍ର ଜଣେ ବେଦାନ୍ତବାଦୀଙ୍କ ସଙ୍ଗରେ ବିଚାର କରୁଛନ୍ତି ।

କ୍ରମେ ଭକ୍ତମାନେ ପୁଣି ଘରେ ଆସି ବସିଛନ୍ତି । ମହିମାଚରଣଙ୍କୁ ସ୍ତବପାଠ କରିବାକୁ କହିଲେ । ସେ ମହାନିର୍ବାଣତନ୍ତ୍ର, ତୃତୀୟ ଉଲ୍ଲାସରୁ ସ୍ତବ ପଢୁଛନ୍ତି—

ହୃଦୟକମଳମଧ୍ୟେ ନିର୍ବିଶେଷଂ ନିରୀହମ୍ ,<br>
ହରିହରବିଧିବେଦ୍ୟଂ ଯୋଗିଭିର୍ଧ୍ୟାନଗମ୍ୟମ୍ ।<br>
ଜନନମରଣଭୀତିଭ୍ରଂସି ସଚ୍ଚିଦ୍‌ସ୍ୱରୂପମ୍ ,<br>
ସକଳଭୁବନବୀଜଂ ବ୍ରହ୍ମଚୈତନ୍ୟମୀଡ଼େ ॥

## ଗୃହସ୍ଥଙ୍କ ପ୍ରତି ଅଭୟ

ଆଉ ଗୋଟିଏ ଦୁଇଟି ସ୍ତବ ପରେ ମହିମାଚରଣ ଶଙ୍କରାଚାର୍ଯ୍ୟଙ୍କର ସ୍ତବ ପଢ଼ୁଛନ୍ତି; ସେଥିରେ ସଂସାର-କୂପର, ସଂସାର-ଗହନର କଥା ଅଛି । ମହିମାଚରଣ ସଂସାରୀଭକ୍ତ ।

"ହେ ଚନ୍ଦ୍ରଚୂଡ଼ ମଦନାନ୍ତକ ଶୂଳପାଣେ, ସ୍ଥାଣୋ ଗିରୀଶ ଗିରିଜେଶ ମହେଶ ଶମ୍ଭୋ ।
ଭୂତେଶ ଭୀତଭୟସୂଦନ ମାମନାଥଂ, ସଂସାରଦୁଃଖଗହନାଜ୍ଜଗଦୀଶ ରକ୍ଷ ॥
ହେ ପାର୍ବତୀ-ହୃଦୟବଲ୍ଲଭ ଚନ୍ଦ୍ରମୌଳେ, ଭୂତାଧିପ ପ୍ରମଥନାଥ ଗିରିଶଜାପ ।
ହେ ବାମଦେବ ଭବ ରୁଦ୍ର ପିନାକପାଣେ, ସଂସାରଦୁଃଖଗହନାଜ୍ଜଗଦୀଶ ରକ୍ଷ ॥"

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି)—ସଂସାର କୂପ, ସଂସାର ଗହନ କାହିଁକି ? ଏସବୁ ପ୍ରଥମେ ପ୍ରଥମେ କୁହାଯାଏ । ତାଙ୍କୁ ଧରିଲେ ଆଉ ଭୟ କଅଣ ? ସେତେବେଳେ—

ଏ ସଂସାର ମଜାର କୋଠି ।
ମୁଁ ଯେ ଖାଇ ପିଇ ନିଏ ମଜା ଲୁଟି ॥
ଜନକ ରାଜା ମହାତେଜା ତାର କାହିଁରେ ଥିଲା ତ୍ରୁଟି !
ସେ ଯେ ଏପାଖ ସେପାଖ ଦିପାଖ ରଖି ପିଇଥିଲା ଦୁଧ-ବାଟି ॥

ଭୟ କ'ଣ ? ତାଙ୍କୁ ଧର । କଣ୍ଟାବଣ ହେଉ ପଛେ, ପାଦରେ ଜୋତା ପିନ୍ଧି କଣ୍ଟା-ବଣରେ ଚାଲିଯାଅ । କାହାକୁ ଡର ? ଯେ ବୁଢ଼ୀକୁ ଛୁଏଁ ସେ କଅଣ ଆଉ ଚୋର ହୁଏ ।

ଜନକ ରାଜା ଦୁଇଟା ତରବାରୀ ଘୂରାଉଥିଲେ । ଗୋଟେ ଜ୍ଞାନର, ଆଉ ଗୋଟିଏ କର୍ମର । ଓସ୍ତାଦ୍ ଖେଳାଳୀର କିଛି ଭୟ ନାହିଁ ।

ଏହିପରି ଈଶ୍ୱରୀୟ କଥା ଚାଲିଛି । ଠାକୁର ଛୋଟ ଖଟଟିରେ ବସିଛନ୍ତି । ଖଟ ପାଖରେ ମାଷ୍ଟର ବସିଛନ୍ତି ।

ଠାକୁର (ମାଷ୍ଟରଙ୍କୁ)—ସେ ଯାହା ଆବୃତ୍ତି କଲେ , ସେଥିରେ ମୋ ମନ ଟାଣି ହୋଇ ରହିଛି ।

ଠାକୁର ମହିମାଚରଣଙ୍କ କଥା କହୁଛନ୍ତି । ନବାଇ ଚୈତନ୍ୟ ଓ ଅନ୍ୟାନ୍ୟ ଭକ୍ତମାନେ ପୁଣି ଗାଉଛନ୍ତି । ଏଥର ଠାକୁର ଯୋଗଦାନ କଲେ ଏବଂ ଭାବରେ ମଗ୍ନ ହୋଇ ସଂକୀର୍ତ୍ତନ ମଧ୍ୟରେ ନୃତ୍ୟ କରିବାକୁ ଲାଗିଲେ ।

କୀର୍ତ୍ତନାନ୍ତେ ଠାକୁର କହୁଛନ୍ତି, "ଏହା ହିଁ ସାର କାମ, ଆଉ ସବୁ ମିଥ୍ୟା । ପ୍ରେମ ଭକ୍ତି ବସ୍ତୁ, ଆଉ ସବୁ ଅବସ୍ତୁ ।"

## (୪)

## ଦୋଳଯାତ୍ରା ଦିନ ଶ୍ରୀରାମକୃଷ୍ଣ—ଗୁହ୍ୟ କଥା

ସମୟ ଅପରାହ୍ନ । ଠାକୁର ପଞ୍ଚବଟୀ ଆଡ଼େ ଯାଇଛନ୍ତି । ମାଷ୍ଟରଙ୍କୁ ବିନୋଦ ବିଷୟରେ ପଚାରୁଛନ୍ତି । ବିନୋଦ ମାଷ୍ଟରଙ୍କ ସ୍କୁଲରେ ପଢ଼ନ୍ତି । ଈଶ୍ୱର ଚିନ୍ତା କରି ବିନୋଦଙ୍କର

ବେଳେବେଳେ ଭାବାବସ୍ଥା ହୁଏ । ତେଣୁ ଠାକୁର ଶ୍ରୀରାମକୃଷ୍ଣ ତାଙ୍କୁ ଭଲ ପାଆନ୍ତି ।

ଏଥର ଠାକୁର ମାଷ୍ଟରଙ୍କ ସହିତ କଥା କହୁ କହୁ ଘରକୁ ଫେରୁଛନ୍ତି । ବଉଳତଳ ଘାଟ ପାଖକୁ ଆସି କହିଲେ—"ଆଚ୍ଛା, କେହି କେହି ଯେ ଅବତାର ବୋଲି କହୁଛନ୍ତି, ତୁମର କଅଣ ମନେ ହୁଏ ?"

କଥା କହୁ କହୁ ଘରେ ଆସି ପହଞ୍ଚିଲେ । ଜୋତା ଖୋଲି ଛୋଟ ଖଟଟିରେ ବସିଲେ । ଖଟର ପୂର୍ବ ପାଖରେ ଗୋଟିଏ ପାପୋଛ ପଡ଼ିଛି । ମାଷ୍ଟର ସେଥିରେ ବସି କଥା କହୁଛନ୍ତ । ଠାକୁର ସେହି କଥା ପୁଣି ପଚାରୁଛନ୍ତି । ଅନ୍ୟାନ୍ୟ ଭକ୍ତମାନେ ଟିକିଏ ଦୂରରେ ବସିଛନ୍ତି । ସେମାନେ ଏସବୁ କଥା କିଛି ବୁଝିପାରୁ ନାହାନ୍ତି ।

ଶ୍ରୀରାମକୃଷ୍ଣ—ତୁମେ କଅଣ କହୁଛ ?

ମାଷ୍ଟର—ଆଜ୍ଞା, ମୋର ବି ସେଇ କଥା ମନେ ହୁଏ । ଯେପରି ଚୈତନ୍ୟଦେବ ଥିଲେ ।

ଶ୍ରୀରାମକୃଷ୍ଣ—ପୂର୍ଣ୍ଣ, ନା ଅଂଶ, ନା କଳା ? ଓଜନ କୁହ !

ମାଷ୍ଟର—ଆଜ୍ଞା, ଓଜନ ବୁଝିପାରୁ ନାହିଁ । ତେବେ ତାଙ୍କର ଶକ୍ତି ଧରି ଅବତୀର୍ଣ୍ଣ ହୋଇଛନ୍ତି । ସେ ତ ରହିଛନ୍ତି ।

ଶ୍ରୀରାମକୃଷ୍ଣ—ହଁ ଚୈତନ୍ୟଦେବ ଶକ୍ତି ଚାହିଁଥିଲେ ।

ଠାକୁର କିଛି ସମୟ ନୀରବ ରହିଲେ । ପରେ କହୁଛନ୍ତି, କିନ୍ତୁ ଷଡ଼୍‌ଭୁଜ ?

ମାଷ୍ଟର ଭାବୁଛନ୍ତି, ଚୈତନ୍ୟଦେବ ଷଡ଼୍‌ଭୁଜ ହୋଇଥିଲେ, ଭକ୍ତମାନେ ଦେଖିଥିଲେ । ଠାକୁର ଏ କଥା କାହିଁକି କହିଲେ ?

### ପୂର୍ବକଥା—ଠାକୁରଙ୍କ ମାଆଙ୍କ ପାଖରେ କ୍ରନ୍ଦନ—ତର୍କ ବିଚାର ଭଲ ଲାଗେ ନାହିଁ

ଭକ୍ତମାନେ ଘର ଭିତରେ ବସିଛନ୍ତି । ନରେନ୍ଦ୍ର ବିଚାର କରୁଛନ୍ତି । ରାମ (ଦତ୍ତ) ଏବେ ମାତ୍ର ରୋଗରୁ ଉଠିଛନ୍ତି, ସେ ମଧ୍ୟ ନରେନ୍ଦ୍ରଙ୍କ ସହିତ ଘୋରତର ତର୍କ କରୁଛନ୍ତି । ଠାକୁର ଦେଖୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଏସବୁ ବିଚାର ମୋତେ ଭଲ ଲାଗେ ନାହିଁ । (ରାମଙ୍କ ପ୍ରତି)—ରହ ! ତୁମର ତ ଦେହ ଖରାପ ! ଆଚ୍ଛା, ଆସ୍ତେ ଆସ୍ତେ । (ମାଷ୍ଟରଙ୍କ ପ୍ରତି)—ମୋତେ ଏସବୁ ଭଲ ଲାଗେ ନାହିଁ । ମୁଁ କାନ୍ଦୁଥିଲି ଆଉ କହୁଥିଲି, 'ମା, ଏ କହୁଛି ଗୋଟେ ପ୍ରକାର, ସେ କହୁଛି ଆଉ ଗୋଟେ ପ୍ରକାର । କେଉଁଟା ଠିକ୍ ତୁ କହିଦେ !'

❖ ❖ ❖

# ସପ୍ତମ ପରିଚ୍ଛେଦ

## (୧)

### ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର କାଳୀମନ୍ଦିରରେ ଭକ୍ତମାନଙ୍କ ଗହଣରେ

ଶ୍ରୀରାମକୃଷ୍ଣ ଭକ୍ତଙ୍କ ଗହଣରେ ଆନନ୍ଦରେ ବସିଛନ୍ତି । ବାବୁରାମ, ଛୋଟ ନରେନ୍, ପଲ୍ଟୁ, ହରିପଦ, ମୋହିନୀମୋହନ ପ୍ରଭୃତି ଭକ୍ତମାନେ ତଳେ ବସିଛନ୍ତି । ଜଣେ ବ୍ରାହ୍ମଣ ଯୁବକ ଦୁଇ ତିନି ଦିନ ହେଲା ଠାକୁରଙ୍କ ପାଖରେ ରହିଛନ୍ତି । ସେ ମଧ୍ୟ ବସିଛନ୍ତି, ଆଜି ଶନିବାର, ୨୫ ଫାଲଗୁନ୍, ୭ ମାର୍ଚ୍ଚ ୧୮୮୫, ସମୟ ଅପରାହ୍ଣ ତିନିଟା । ଚୈତ୍ର-କୃଷ୍ଣା ସପ୍ତମୀ ।

ଶ୍ରୀଶ୍ରୀମା ଆଜି କାଲି ନହବତରେ ରହନ୍ତି । ବେଳେବେଳେ ସେ ଠାକୁରଙ୍କ ଘରକୁ ଆସନ୍ତି—ଶ୍ରୀରାମକୃଷ୍ଣଙ୍କର ସେବା ପାଇଁ । ମୋହିନୀମୋହନଙ୍କ ସଙ୍ଗରେ ତାଙ୍କ ସ୍ତ୍ରୀ, ନବୀନବାବୁଙ୍କର ମା ଗାଡ଼ିରେ ଆସିଛନ୍ତି ।

ସ୍ତ୍ରୀଲୋକମାନେ ନହବତକୁ ଯାଇ ଶ୍ରୀଶ୍ରୀମା'ଙ୍କୁ ଦର୍ଶନ ଓ ପ୍ରଣାମ କରି ସେଠାରେ ଅଛନ୍ତି । ଭକ୍ତମାନେ ବାହାରକୁ ଗଲେ ଠାକୁରଙ୍କୁ ଆସି ପ୍ରଣାମ କରିବେ । ଠାକୁର ଛୋଟ ଖଟଟିରେ ବସିଛନ୍ତି, ଯୁବକ ଭକ୍ତମାନଙ୍କୁ ଦେଖୁଛନ୍ତି ଓ ଆନନ୍ଦରେ ବିଭୋର ହେଉଛନ୍ତି ।

ରାଖାଲ ବର୍ତ୍ତମାନ ଦକ୍ଷିଣେଶ୍ୱରରେ ରହୁ ନାହାନ୍ତି । କେତେ ମାସ ହେଲା ବଳରାମଙ୍କ ସହିତ ବୃନ୍ଦାବନରେ ଥିଲେ । ଫେରିଆସି ବର୍ତ୍ତମାନ ଘରେ ଅଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ରାଖାଲ ବର୍ତ୍ତମାନ ପେନ୍‌ସନ୍ ପାଉଛି । ବୃନ୍ଦାବନରୁ ଆସି ବର୍ତ୍ତମାନ ଘରେ ରହେ; ଘରେ ସ୍ତ୍ରୀ ଅଛି; କିନ୍ତୁ କହୁଛି, ହଜାର ଟଙ୍କା ଦରମା ଦେଲେ ମଧ୍ୟ ଚାକିରୀ କରିବ ନାହିଁ ।

''ଏଠାରେ ଶୋଇ ଶୋଇ କହୁଥିଲା—'ତୁମକୁ ମଧ୍ୟ ଭଲ ଲାଗୁନାହିଁ'—ଏପରି ଗୋଟିଏ ଅବସ୍ଥା ତା'ର ହୋଇଥିଲା ।

''ଭବନାଥ ବିବାହ କରିଛି, କିନ୍ତୁ ସମସ୍ତ ରାତ୍ରି ସ୍ତ୍ରୀ ସହିତ କେବଳ ଧର୍ମକଥା କହେ । ଈଶ୍ୱରଙ୍କ କଥା ନେଇ ଦୁଇଜଣ ରହନ୍ତି, ମୁଁ କହିଲି, ସ୍ତ୍ରୀ ସଙ୍ଗରେ ଟିକିଏ ଆମୋଦ ପ୍ରମୋଦ କରିବୁ; ସେତେବେଳେ ରାଗି ଯାଇ କହିଲା, 'କଅଣ ! ଆମେ ବି ଆମୋଦ ପ୍ରମୋଦ ନେଇ ରହିବୁ' ?

ଠାକୁର ଏଥର ନରେନ୍ଦ୍ରଙ୍କ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)— କିନ୍ତୁ ନରେନ୍ଦ୍ର ପାଇଁ ଯେତେ ବ୍ୟାକୁଳତା ହୋଇଥିଲା, ଏହା ପାଇଁ (ଛୋଟ ନରେନ୍ ପାଇଁ) ସେତେ ହୋଇନାହିଁ ।

(ହରିପଦଙ୍କ ପ୍ରତି)—ତୁ ଗିରିଶ ଘୋଷ ଘରକୁ ଯାଉଛୁ ?

ହରିପଦ—ଆମ ଘର ପାଖରେ ଘର, ପ୍ରାୟ ଯାଏ ।

ଶ୍ରୀରାମକୃଷ୍ଣ—ନରେନ୍ଦ୍ର ଯାଏ ?

ହରିପଦ—ହଁ, ବେଳେବେଳେ ତାଙ୍କୁ ଦେଖେ ।

ଶ୍ରୀରାମକୃଷ୍ଣ—ଗିରିଶ ଘୋଷ ଯାହା କହେ (ଅର୍ଥାତ୍ 'ଅବତାର' ବୋଲି) ସେଥିରେ ସେ କଅଣ କହେ ?

ହରିପଦ—ତର୍କରେ ହାରିଯାଇଛନ୍ତି ।

ଶ୍ରୀରାମକୃଷ୍ଣ—ନା, ସେ (ନରେନ୍ଦ୍ର) କହିଲା, 'ଗିରିଶ ଘୋଷଙ୍କର ଏବେ ଏତେ ବିଶ୍ୱାସ —ମୁଁ କାହିଁକି କିଛି କହିବି ?'

ଜଜ୍ ଅନୁକୂଳ ମୁଖୋପାଧ୍ୟାୟଙ୍କ ଜାମାତାଙ୍କର ଭାଇ ଆସିଛନ୍ତି ।

ଶ୍ରୀରାମକୃଷ୍ଣ—ତୁମେ ନରେନ୍ଦ୍ରଙ୍କୁ ଜାଣ ?

ଜାମାତାଙ୍କର ଭାଇ—ଆଜ୍ଞା, ହଁ । ନରେନ୍ଦ୍ର ବୁଦ୍ଧିମାନ ପିଲା ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ଏ ଭଲ ଲୋକ, କାରଣ ନରେନ୍ଦ୍ରର ପ୍ରଶଂସା କଲେ । ସେଦିନ ନରେନ୍ଦ୍ର ଆସିଥିଲା । ତ୍ରୈଲୋକ୍ୟ ସହିତ ସେଦିନ ଗୀତ ଗାଇଲା । କିନ୍ତୁ ସେଦିନ ଗୀତଟା ଭଲ ଲାଗିଲା ନାହିଁ ।

## ବାବୁରାମ ଓ 'ଦୁଇ ଦିଗ ରଖିବା'—ଜ୍ଞାନ-ଅଜ୍ଞାନକୁ ପରପାରିକୁ ଯାଅ

ଠାକୁର ବାବୁରାମଙ୍କ ଆଡ଼କୁ ଚାହିଁ କଥା କହୁଛନ୍ତି । ମାଷ୍ଟର ଯେଉଁ ସ୍କୁଲରେ ଅଧ୍ୟାପନା କରନ୍ତି, ବାବୁରାମ ସେହି ସ୍କୁଲରେ ଏଣ୍ଟ୍ରାନ୍ସ କ୍ଲାସ୍‌ରେ ପଢ଼ନ୍ତି ।

ଶ୍ରୀରାମକୃଷ୍ଣ (ବାବୁରାମଙ୍କ ପ୍ରତି)—ତୋର ବହି କାହିଁ ? ପଢ଼ାପଢ଼ି କରିବୁ ନାହିଁ ? (ମାଷ୍ଟରଙ୍କ ପ୍ରତି) ଏ ଦୁଇ ଦିଗ ରଖିବାକୁ ଚାହେଁ ।

ଭାରୀ କଠିନ ପଥ, ତାଙ୍କୁ ଟିକିଏ ଜାଣିଲେ କଅଣ ହେବ ! ବଶିଷ୍ଠଦେବ, ତାଙ୍କର ପୁଣି ପୁତ୍ରଶୋକ ହେଲା ! ଲକ୍ଷ୍ମଣ ତାହା ଦେଖି ଅବାକ୍ ହୋଇ ରାମଙ୍କୁ ପଚାରିଲେ । ରାମ କହିଲେ, ଭାଇ ଏଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ? ଯାହାର ଜ୍ଞାନ ଅଛି, ତା'ର ଅଜ୍ଞାନ ମଧ୍ୟ ଅଛି । ଭାଇ, ତୁମେ ଜ୍ଞାନ-ଅଜ୍ଞାନକୁ ଡେଇଁଯାଅ । ପାଦରେ କଣ୍ଟା ଫୁଟିଲେ, ଆଉ ଗୋଟିଏ କଣ୍ଟା ଯୋଗାଡ଼ କରିବାକୁ ହୁଏ; ସେହି କଣ୍ଟାଦ୍ୱାରା ପ୍ରଥମ କଣ୍ଟାଟିକୁ ବାହାର କରିବାକୁ ହୁଏ, ତା'ପରେ ଦୁଇଟିଯାକ କଣ୍ଟା ଫିଙ୍ଗି ଦିଆଯାଏ । ତେଣୁ ଅଜ୍ଞାନ-କଣ୍ଟାକୁ କାଢ଼ିବା ପାଇଁ ଜ୍ଞାନ-କଣ୍ଟା ଯୋଗାଡ଼ କରିବାକୁ ହୁଏ । ତାପରେ ଜ୍ଞାନ-ଅଜ୍ଞାନର ପରପାରିକୁ ଯିବାକୁ ହୁଏ ।

ବାବୁରାମ (ସହାସ୍ୟ)—ମୁଁ ଏହା ହିଁ ଚାହେଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆରେ, ଦୁଇ ନାଆରେ ଗୋଡ଼ ରଖିଲେ କଅଣ ହୁଏ ? ଏହା ଯଦି ଚାହୁଁଛୁ ତେବେ ଚାଲିଆ !

ବାବୁରାମ (ସହାସ୍ୟ)—ଆପଣ ନେଇ ଆସନ୍ତୁ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ରାଖାଲ କଥା ଅଲଗା, ତାର ବାପାଙ୍କର ମତ ଥିଲା । ଏମାନେ ରହିଲେ ସମସ୍ୟା ହେବ ।

(ବାବୁରାମଙ୍କ ପ୍ରତି)— ତୁ ଦୁର୍ବଳ ! ତୋର ସାହାସ କମ୍ ! ଦେଖିଲୁ ଛୋଟ ନରେନ୍ କିପରି କହୁଛି, 'ମୁଁ ଏକାବେଳକେ ଆସି ରହିବି !'

ଏହା ଭିତରେ ଠାକୁର ଆସି ବାଳକ ଭକ୍ତଙ୍କ ମଝିରେ ତଳେ ସଉପ ଉପରେ ବସିଛନ୍ତି । ମାଷ୍ଟର ତାଙ୍କ ପାଖରେ ବସିଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କୁ)—ମୁଁ କାମିନୀ କାଞ୍ଚନ ତ୍ୟାଗୀ ଖୋଜୁଛି । ଭାବେ ଏ ବୋଧେ ରହିବ । ସମସ୍ତେ କିଛି ନା କିଛି ଅସୁବିଧା ଦେଖାନ୍ତି ।

" ଗୋଟାଏ ଭୂତ ସାଙ୍ଗ ଖୋଜୁଥିଲା । ଶନି କି ମଙ୍ଗଳବାରରେ ଅପଘାତ ମୃତ୍ୟୁ ହେଲେ ଭୂତ ହୁଅନ୍ତି; ସେଥିପାଇଁ କେହି ଗଛରୁ ପଡ଼ିଗଲେ କି କେହି ଝୁଣ୍ଟିପଡ଼ି ମୂର୍ଚ୍ଛା ଗଲେ ସେ ଭୂତ'ଟା ସଙ୍ଗେ ସଙ୍ଗେ ଦୌଡ଼ିଯାଏ, ଭାବିନିଏ ଯେ ଏହାର ଅପଘାତ ମୃତ୍ୟୁ ହୋଇଛି, ଏଥର ଭୂତ ହେବ, ଆଉ ମୋର ସାଙ୍ଗ ହେବ । କିନ୍ତୁ ତା'ର କପାଳ ଏମିତି ଯେ ସବୁ ଶଳେ ବଞ୍ଚି ଉଠନ୍ତି ! ସାଙ୍ଗ ଜୁଟନ୍ତି ନାହିଁ ।

" ଦେଖୁନାହଁ, ରାଖାଲ ତା'ର ସ୍ତ୍ରୀ ପାଇଁ ଚିନ୍ତିତ । କହେ, ମୋ ସ୍ତ୍ରୀର କଅଣ ହେବ ?

ନରେନ୍ଦ୍ରର ଛାତିରେ ତ ହାତ ଦେବାମାତ୍ରେ ସେ ବେହୋସ୍ ହୋଇଯାଇଥିଲା; ସେତେବେଳେ କହିଲା, ଆହେ, ତୁମେ ମୋର ଏ କଅଣ କଲ ! ମୋର ଯେ ବାପା ମା ଅଛନ୍ତି !

ମୋତେ ସେ ଏ ଅବସ୍ଥାରେ ରଖିଅଛନ୍ତି କାହିଁକି ? ଚୈତନ୍ୟଦେବ ସନ୍ନ୍ୟାସ ଗ୍ରହଣ କଲେ—ସମସ୍ତେ ପ୍ରଣାମ କରିବେ ବୋଲି; ଯେଉଁମାନେ ଥରେ ନମସ୍କାର କରିବେ ସେମାନେ ଉଦ୍ଧାର ହୋଇଯିବେ ।"

ଠାକୁରଙ୍କ ପାଇଁ ମୋହିନୀମୋହନ ଚାଙ୍ଗୁଡ଼ିରେ ସନ୍ଦେଶ ଆଣିଛନ୍ତି ।

ଶ୍ରୀରାମକୃଷ୍ଣ—ଏ ସନ୍ଦେଶ କାହାର ?

ବାବୁରାମ ମୋହିନୀଙ୍କୁ ଦେଖାଇଦେଲେ ।

ଠାକୁର ପ୍ରଣବ ଉଚ୍ଚାରଣ କରି ସନ୍ଦେଶ ସ୍ପର୍ଶ କଲେ ଓ କିଞ୍ଚିତ ଗ୍ରହଣ କରି ପ୍ରସାଦ କରିଦେଲେ । ତାପରେ ସେହି ସନ୍ଦେଶ ନେଇ ଭକ୍ତଙ୍କୁ ଦେଉଛନ୍ତି । କି ଆଶ୍ଚର୍ଯ୍ୟ, ଛୋଟ ନରେନ୍‌ଙ୍କୁ ଓ ଅନ୍ୟ ଜଣେ ଦୁଇଜଣ ବାଳକ ଭକ୍ତଙ୍କୁ ନିଜେ ଖୁଆଇ ଦେଉଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଏହାର ଗୋଟିଏ ଅର୍ଥ ଅଛି । ନାରାୟଣ ଶୁଦ୍ଧାତ୍ମାଙ୍କ ଭିତରେ ବେଶୀ ପ୍ରକାଶ । କାମାରପୁକୁରକୁ ଯେତେବେଳେ ଯାଉଥିଲି, ଏହିପରି ପିଲାମାନଙ୍କ ମଧ୍ୟରୁ କାହାକୁ କାହାକୁ ନିଜେ ଖୁଆଇ ଦେଉଥିଲି । ଚିନା ଶଙ୍ଖାରୀ କହୁଥିଲା, 'ସେ ଆମକୁ କାହିଁକି ଖୁଆଇ ଦେଉନାହାନ୍ତି !' କିପରି ଦେବି, କାହାର ଭାଉଜ ସଙ୍ଗରେ କୁସମ୍ପର୍କ ତ ଆଉ କାହାର ଅନ୍ୟ ସଙ୍ଗରେ କୁସମ୍ପର୍କ, ଏଥିରେ କିଏ ଖୁଆଇଦେବ !

(୨)

## ସମାଧି—ମନ୍ଦିରରେ ଭକ୍ତମାନଙ୍କ ସମ୍ବନ୍ଧରେ ମହାବାକ୍ୟ

ଠାକୁର ଶ୍ରୀରାମକୃଷ୍ଣ ଶୁଦ୍ଧାତ୍ମା ଭକ୍ତମାନଙ୍କୁ ପାଇ ଆନନ୍ଦରେ ବିଭୋର ହେଉଛନ୍ତି ଓ ଛୋଟ ଖଟଟି ଉପରେ ବସି ବସି ସେମାନଙ୍କୁ ନାରୀ କୀର୍ତ୍ତନୀୟାଙ୍କ ଅଭିନୟ ଦେଖାଇ ହସାଉଛନ୍ତି । କୀର୍ତ୍ତନୀୟା ବେଶ ପିନ୍ଧି ନିଜ ଦଳ ଲୋକଙ୍କ ସହିତ ଗୀତ ଗାଉଛନ୍ତି । କୀର୍ତ୍ତନୀୟା ଠିଆ ହୋଇଛନ୍ତି, ହାତରେ ରଙ୍ଗୀନ୍ ରୁମାଲ, ମଝିରେ ମଝିରେ ଢଙ୍ଗ କରି କାଶୁଛନ୍ତି ଓ ନୋଥ ଟେକି ଛେପ ପକାଉଛନ୍ତି । ପୁଣି ଯଦି କୌଣସି ବିଶିଷ୍ଟ ବ୍ୟକ୍ତି ଆସି ଯାଆନ୍ତି, ଗୀତ ଗାଉ ଗାଉ ତାଙ୍କୁ ଅଭ୍ୟର୍ଥନା କରି ଓ କହୁଛନ୍ତି 'ଆସନ୍ତୁ' । ମଝିରେ ମଝିରେ ହାତରୁ ଲୁଗା ଟେକି ତାବିଜ, ଅନନ୍ତ ବାହୁଟି ଇତ୍ୟାଦି ଅଳଙ୍କାର ଦେଖାଉଛନ୍ତି ।

ଅଭିନୟ ଦେଖି ଭକ୍ତମାନେ ସମସ୍ତେ ହୋ ହୋ କରି ହସୁଛନ୍ତି । ପଲ୍ଟୁ ହସିହସି ଗଡ଼ି ଯାଉଛନ୍ତି । ଠାକୁର ପଲ୍ଟୁଙ୍କୁ ଚାହିଁ ମାଷ୍ଟରଙ୍କୁ କହୁଛନ୍ତି—''ପିଲାଲୋକ ତ, ହସି ହସି ଗଡ଼ି ଯାଉଛି ।'

ଶ୍ରୀରାମକୃଷ୍ଣ (ପଲ୍ଟୁ ପ୍ରତି, ସହାସ୍ୟ)—ତୋ ବାପାଙ୍କୁ ଏସବୁ କଥା କହିବୁ ନାହିଁ ଯାହା ଟିକିଏ (ମୋ ପ୍ରତି) ଟାଣ ଥିଲା ତାହା ମଧ୍ୟ ଚାଲିଯିବ । ସେମାନେ ଯେ ଇଂଲିଶମ୍ୟାନ ଲୋକ ।

## ଆହ୍ନିକ, ଜପ ଓ ଗଙ୍ଗାସ୍ନାନର ସମୟ

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ଅନେକେ ଆହ୍ନିକ କରିବା ବେଳେ ସାରା ଦୁନିଆର କଥା କହନ୍ତି, କିନ୍ତୁ କଥା କହିବା ଠିକ୍ ନୁହେଁ, ସେଥିପାଇଁ ମୁହଁ ବନ୍ଦ କରି ଯେତେ ପ୍ରକାର ଇସାରା କରୁଥାଆନ୍ତି । ଏଇଟା ନେଇ ଆସ, ସେଇଟା ନେଇ ଆସ, ହୁଁ ଉଁ ହୁଁ—ଏହିସବୁ କରନ୍ତି । (ହାସ୍ୟ)

ପୁଣି କେହି ମାଳା ଜପ କରନ୍ତି, ତା' ଭିତରେ ମାଛ ଦର ମଧ୍ୟ କରନ୍ତି । ଜପ କରୁ କରୁ ହୁଏତ ଅଙ୍ଗୁଳି ଦେଇ ଦେଖାଇ ଦିଅନ୍ତି—'ଏହି ମାଛଟା ।' ଯେତେ ହିସାବ ସବୁ ସେହି ସମୟରେ । (ସମସ୍ତଙ୍କର ହାସ୍ୟ)

କେହି ହୁଏତ ଗଙ୍ଗାସ୍ନାନ କରିବାକୁ ଆସିଛି । ସେତେବେଳେ ଭଗବାନଙ୍କ ଚିନ୍ତା କରିବା ଛାଡ଼ି, ଗପ କରିବାକୁ ବସିଗଲା । ଯେତେ ରାଜ୍ୟର ଗପ । 'ତୋ ପୁଅର ବିବାହ ହେଲା, କଅଣ କଅଣ ଗହଣା ଦେଲେ ? 'ଅମୁକର ଖୁବ୍ ବେମାରୀ', 'ଅମୁକ ଶ୍ୱଶୁର ଘରୁ ଆସିଛି ତ', 'ଅମୁକ କନ୍ୟା ଦେଖିବାକୁ ଯାଇଥିଲା, ତେବେ ସେ ଖୁବ୍ ଦେବା ନେବା କରି ଆମୋଦ ପ୍ରମୋଦ କରିବ', 'ମୋ ହରିଶ ବଡ଼ ଅଝଟିଆ, ମୋତେ ଛାଡ଼ି ଦଣ୍ଡେ ରହିପାରେ ନାହିଁ', 'ଏତେ ଦିନ ଆସିପାରି ନାହିଁ ମା—ଅମୁକ କନ୍ୟାର ପକା ଦେଖା, ଭାରୀ ବ୍ୟସ୍ତ ଥିଲି ।'

''ଦେଖ ଦେଖି, ଗଙ୍ଗାସ୍ନାନ କରିବାକୁ ଆସିଛି । ଯେତେ ସବୁ ସଂସାରର କଥା ।''

ଠାକୁର ଛୋଟ ନରେନ୍ଙ୍କୁ ଏକ ଦୃଷ୍ଟିରେ ଦେଖୁଛନ୍ତି । ଦେଖୁ ଦେଖୁ ସମାଧିସ୍ଥ ହେଲେ । ଶୁଦ୍ଧାତ୍ମା ଭକ୍ତ ଭିତରେ ଠାକୁର କଅଣ ନାରାୟଣ ଦର୍ଶନ କରୁଛନ୍ତି । ଭକ୍ତମାନେ ଏକ ଦୃଷ୍ଟିରେ ସେହି ସମାଧି ଅବସ୍ଥା ଦେଖୁଛନ୍ତି । ଏତେ ହସଖୁସି ହେଉଥିଲା, ଏବେ ସମସ୍ତେ ନିଃଶବ୍ଦ, ଘରେ ଯେପରି କୌଣସି ଲୋକ ନାହାନ୍ତି । ଠାକୁରଙ୍କର ଶରୀର ନିସ୍ପନ୍ଦ, ଚକ୍ଷୁ ସ୍ଥିର, ହାତ ଯୋଡ଼ି ଚିତ୍ରବତ୍ ବସିଛନ୍ତି ।

କିଛିକ୍ଷଣ ପରେ ସମାଧିଭଙ୍ଗ ହେଲା । ଠାକୁରଙ୍କର ବାୟୁ ସ୍ଥିର ହୋଇଯାଇଥିଲା । ଏଥର ଦୀର୍ଘ ନିଃଶ୍ୱାସ ତ୍ୟାଗ କଲେ । କ୍ରମେ ବହିର୍ଜଗତକୁ ମନ ଆସୁଛି । ଭକ୍ତମାନଙ୍କ ଆଡ଼କୁ ଦୃଷ୍ଟିପାତ କରୁଛନ୍ତି ।

ଏବେ ମଧ୍ୟ ଭାବସ୍ଥ ହୋଇ ରହିଛନ୍ତି । ଏଥର ପ୍ରତ୍ୟେକ ଭକ୍ତକୁ ସମ୍ବୋଧନ କରି କାହାର କଅଣ ହେବ ଓ କାହାର କିପରି ଅବସ୍ଥା କିଛି କିଛି କହୁଛନ୍ତି । (ଛୋଟ ନରେନ୍, ପ୍ରତି) ''ତୋତେ ଦେଖିବା ପାଇଁ ବ୍ୟାକୁଳ ହୋଇଥିଲି । ତୋର ହେବ । ଥରେ ଥରେ ଆସିବୁ । —ଆଚ୍ଛା ତୋତେ କଅଣ ଭଲ ଲାଗେ ? ଜ୍ଞାନ ନା ଭକ୍ତି ?''

ଛୋଟ ନରେନ୍—କେବଳ ଭକ୍ତି ।

ଶ୍ରୀରାମକୃଷ୍ଣ—ନ ଜାଣିଲେ ଭକ୍ତି କାହାକୁ କରିବୁ ? (ମାଷ୍ଟରଙ୍କୁ ଦେଖାଇ ସହାସ୍ୟ) ଏହାଙ୍କୁ ଯଦି ନ ଜାଣୁ, କିପରି ଏହାଙ୍କୁ ଭକ୍ତି କରିବୁ ? (ମାଷ୍ଟରଙ୍କ ପ୍ରତି) ତେବେ ଶୁଦ୍ଧାତ୍ମା ଯେତେବେଳେ କହିଛି—'କେବଳ ଭକ୍ତି ଚାହେଁ'—ଏହାର ଅବଶ୍ୟ ଅର୍ଥ ଅଛି । ସଂସ୍କାର ନ ଥିଲେ ଭକ୍ତି ସ୍ୱତଃ ଆସେ ନାହିଁ । ଏହା ପ୍ରେମା-ଭକ୍ତିର ଲକ୍ଷଣ । ଜ୍ଞାନଭକ୍ତି—ସବିଚାର ଭକ୍ତି ।

(ଛୋଟ ନରେନ୍ଙ୍କ ପ୍ରତି)—''ଦେଖି, ତୋର ଦେହ ଦେଖି, ଜାମା ଖୋଲିଲୁ । ବେଶ୍ ଚଉଡ଼ା ଛାତି ତ—ତା' ହେଲେ ହେବ । ମଝିରେ ମଝିରେ ଆସିବୁ ।''

ଠାକୁର ଏବେ ମଧ୍ୟ ଭାବସ୍ଥ । ଅନ୍ୟାନ୍ୟ ଭକ୍ତମାନଙ୍କୁ ସ୍ନେହରେ ଜଣ ଜଣକୁ ସମ୍ବୋଧନ କରି ପୁଣି କହୁଛନ୍ତି ।

(ପଲ୍ଟୁ ପ୍ରତି) ''ତୋର ମଧ୍ୟ ହେବ । ତେବେ ଟିକିଏ ଡେରିରେ ହେବ ।''

(ବାବୁରାମଙ୍କ ପ୍ରତି) ''ତୋତେ ଟାଣୁ ନାହିଁ କାହିଁକି ? କାଳେ କଅଣ ଗୋଟାଏ ସମସ୍ୟା ହେବ ।''

(ମୋହିନୀମୋହନଙ୍କ ପ୍ରତି) ''ତୁମେ ମଧ୍ୟ ଠିକ୍ ଅଛ ।—ଟିକିଏ ବାକି ଅଛି—ସେହି ଟିକକ ଗଲେ କାମଦାମ ସଂସାର କିଛି ରହିବ ନାହିଁ । ସବୁ ଯିବାଟା କଅଣ ଭଲ ?''

ଏହା କହି ତାଙ୍କ ଆଡ଼କୁ ଏକଦୃଷ୍ଟିରେ ସ୍ନେହରେ ଚାହିଁ ରହିଲେ, ଯେପରି ତାଙ୍କ ହୃଦୟର ଅନ୍ତରତମ ପ୍ରଦେଶର ସମସ୍ତ ଭାବ ଦେଖୁଛନ୍ତି । ମୋହିନୀମୋହନ କଅଣ ଭାବୁଥିଲେ ଈଶ୍ୱରଙ୍କ ପାଇଁ ସବୁ ଯିବା ହିଁ ଭଲ ? କିଛିକ୍ଷଣ ପରେ ଠାକୁର ପୁଣି କହୁଛନ୍ତି—''ଭାଗବତ ପଣ୍ଡିତକୁ ଗୋଟିଏ ପାଶ ଦେଇ ଈଶ୍ୱର ରଖିଦିଅନ୍ତି, ତାହା ନ ହେଲେ କିଏ

ଭାଗବତ ଶୁଣାଇବ !—ରଖିଦିଅନ୍ତି ଲୋକଶିକ୍ଷା ପାଇଁ । ମା ସେଥିପାଇଁ ସଂସାରରେ ରଖିଛନ୍ତି ।''

ଏଥର ବ୍ରାହ୍ମଣ ଯୁବକଟିକୁ ସମ୍ବୋଧନ କରି କହୁଛନ୍ତି ।

**ଜ୍ଞାନଯୋଗ ଓ ଭକ୍ତିଯୋଗ—ବ୍ରହ୍ମଜ୍ଞାନୀର ଅବସ୍ଥା ଓ 'ଜୀବନ୍ମୁକ୍ତ'**

ଶ୍ରୀରାମକୃଷ୍ଣ (ଯୁବକ ପ୍ରତି)—ତୁମେ ଜ୍ଞାନଚର୍ଚ୍ଚା ଛାଡ଼—ଭକ୍ତି ନିଅ—ଭକ୍ତି ହିଁ ସାର—ଆଜିକୁ ତୁମର କଅଣ ତିନିଦିନ ହେଲା ?

ବ୍ରାହ୍ମଣ ଯୁବକ (ହାତ ଯୋଡ଼ି)—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—**ବିଶ୍ୱାସ କର । ନିର୍ଭର କର—ତାହାହେଲେ ନିଜକୁ କିଛି କରିବାକୁ ପଡ଼ିବ ନାହିଁ । ମା କାଳୀ ସବୁ କରିବେ ।**

''ଜ୍ଞାନ ସଦର ମହଲ ପର୍ଯ୍ୟନ୍ତ ଯାଇପାରେ । ଭକ୍ତି ଅନ୍ଦର ମହଲକୁ ଯାଏ ।''

ଶୁଦ୍ଧାତ୍ମା ନିର୍ଲିପ୍ତ; ତାଙ୍କ ଭିତରେ ବିଦ୍ୟା, ଅବିଦ୍ୟା ଦୁଇଟିଯାକ ଅଛି, କିନ୍ତୁ ସେ ନିର୍ଲିପ୍ତ । ବାୟୁରେ କେତେବେଳେ ସୁଗନ୍ଧ କେତେବେଳେ ମଧ୍ୟ ଦୁର୍ଗନ୍ଧ ମିଳେ, କିନ୍ତୁ ବାୟୁ ନିର୍ଲିପ୍ତ । ବ୍ୟାସଦେବ ଯମୁନା ପାର ହେଉଥିଲେ, ଗୋପୀମାନେ ସେଠାରେ ଥିଲେ । ସେମାନେ ମଧ୍ୟ ପାର ହେବେ— ଦହି, ଦୁଧ, ଲହୁଣୀ ବିକ୍ରୀ କରିବାକୁ ଯାଉଛନ୍ତି, କିନ୍ତୁ ନୌକା ନଥିଲା, କିପରି ପାର ହେବେ-ସମସ୍ତେ ଭାବୁଛନ୍ତି । ''ଏପରି ସମୟରେ ବ୍ୟାସଦେବ କହିଲେ, ମୋତେ ଭାରି ଭୋକ ଲାଗୁଛି । ସେତେବେଳେ ଗୋପୀମାନେ ତାଙ୍କୁ କ୍ଷୀର,ସର ଓ ଲହୁଣୀ ସବୁ ଖୁଆଇବାକୁ ଲାଗିଲେ । ବ୍ୟାସଦେବ ପ୍ରାୟ ସବୁଯାକ ଖାଇନେଲେ ।''

ସେତେବେଳେ ବ୍ୟାସଦେବ ଯମୁନାକୁ ସମ୍ବୋଧନ କରି କହିଲେ—'ଯମୁନେ ! ମୁଁ ଯଦି କିଛି ଖାଇ ନ ଥାଏ, ତାହା ହେଲେ ତୁମର ଜଳ ଦୁଇଭାଗ ହୋଇଯିବ, ଆଉ ମଝି ରାସ୍ତା ଉପରେ ଆମେସବୁ ଚାଲିଯିବୁ ।' ଠିକ୍ ତାହା ହିଁ ହେଲା । ଯମୁନା ଦୁଇଭାଗ ହୋଇଗଲା, ମଝିରେ ସେପାରିକୁ ଯିବାର ରାସ୍ତା । ସେହିବାଟେ ବ୍ୟାସଦେବ ଓ ଗୋପୀମାନେ ସମସ୍ତେ ପାରି ହୋଇଗଲେ ।

''ମୁଁ ଖାଇ ନାହିଁ—ଏହାର ମାନେ ଏହି ଯେ ମୁଁ ସେହି ଶୁଦ୍ଧାତ୍ମା, **ଶୁଦ୍ଧାତ୍ମା ନିର୍ଲିପ୍ତ**-ପ୍ରକୃତିର ଅନ୍ୟପାରିରେ । ତାଙ୍କର କ୍ଷୁଧା ତୃଷ୍ଣା ନାହିଁ, ଜନ୍ମ ମୃତ୍ୟୁ ନାହିଁ—ଅଜର ଅମର ସୁମେରୁବତ୍ ।

''ଯାହାର ଏପରି ବ୍ରହ୍ମଜ୍ଞାନ ହୋଇଛି, ସେ ଜୀବନ୍ମୁକ୍ତ । ସେ ଠିକ୍ ବୁଝିପାରେ ଯେ ଆତ୍ମା ଅଲଗା ଓ ଦେହ ଅଲଗା । ଭଗବାନଙ୍କୁ ଦର୍ଶନ କରିବା ପରେ ଦେହାତ୍ମବୁଦ୍ଧି ଆଉ ରହେ ନାହିଁ । ଦୁଇଟି ଅଲଗା । ଯେପରି ନଡ଼ିଆରୁ ପାଣି ଶୁଖି ଗଲେ ଶସ ଅଲଗା ଓ ଷଢ଼େଇ ଅଲଗା ହୋଇଯାଏ । ଆତ୍ମାଟି ଯେପରି ଦେହ ଭିତରେ ଖଡ଼ ଖଡ଼ ହୁଏ । ସେହିପରି ବିଷୟ-ବୁଦ୍ଧିରୂପକ ଜଳ ଶୁଖିଗଲେ ଆତ୍ମଜ୍ଞାନ ହୁଏ । ଆତ୍ମା ଅଲଗା ଓ ଦେହ ଅଲଗା ବୋଧ ହୁଏ । କଞ୍ଚା ଗୁଆ ବା କଞ୍ଚା ବାଦାମର ଭିତରର ମଞ୍ଜିରୁ ଚୋପାକୁ ଅଲଗା

କରିହୁଏ ନାହିଁ ।

କିନ୍ତୁ ପାକଳ ଅବସ୍ଥାରେ ଗୁଆ ବା ବାଦାମ ଅଲଗା ଓ ଚୋପା ଅଲଗା ହୋଇଯାଏ । ପାକଳ ଅବସ୍ଥାରେ ରସ ଶୁଖିଯାଏ । ବ୍ରହ୍ମଜ୍ଞାନ ହେଲେ ବିଷୟ-ରସ ଶୁଖିଯାଏ ।

କିନ୍ତୁ ସେପରି ଜ୍ଞାନ ବଡ଼ ଦୁଃସାଧ୍ୟ । କେବଳ ମୁହଁରେ କହିଦେଲେ ବ୍ରହ୍ମଜ୍ଞାନ ହୋଇଯାଏ ନାହିଁ କେହି ଜ୍ଞାନର ଛଳନା କରେ । (ସହାସ୍ୟ) ଜଣେ ଖୁବ୍ ମିଥ୍ୟା କଥା କହୁଥିଲା । କିନ୍ତୁ ଏଣେ କହୁଥିଲା—ମୋର ବ୍ରହ୍ମଜ୍ଞାନ ହୋଇଛି । କୌଣସି ଲୋକ ତାକୁ ତିରସ୍କାର କରିବାରୁ ସେ କହିଲା, 'କାହିଁକି, ଜଗତ ତ ସ୍ୱପ୍ନବତ୍, ସବୁ ହିଁ ଯଦି ମିଥ୍ୟା ହେଲା, ସତ୍ୟ କଥାଟା କଅଣ ଠିକ୍ ! ମିଥ୍ୟାଟା ବି ମିଥ୍ୟା, ସତ୍ୟଟା ମଧ୍ୟ ମିଥ୍ୟା ।'' (ସମସ୍ତଙ୍କର ହସ)

## (୩)

## ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ—ଗୁହ୍ୟ କଥା

ଶ୍ରୀରାମକୃଷ୍ଣ ଭକ୍ତଙ୍କ ସହିତ ତଳେ ଶପ ଉପରେ ବସିଛନ୍ତି । ସହାସ୍ୟ ବଦନ । ଭକ୍ତମାନଙ୍କୁ କହୁଛନ୍ତି, ମୋ ପାଦରେ ଟିକିଏ ହାତ ବୁଲାଇ ଦିଅ ତ । ଭକ୍ତମାନେ ପଦସେବା କରୁଛନ୍ତି । (ମାଷ୍ଟରଙ୍କ ପ୍ରତି ସହାସ୍ୟ) ''ଏହାର (ପଦସେବାର) ଅନେକ ତାତ୍ପର୍ଯ୍ୟ ଅଛି ।''

ପୁଣି ନିଜ ହୃଦୟରେ ହାତ ରଖି କହୁଛନ୍ତି, ''ଏହା ଭିତରେ ଯଦି କିଛି ଥାଏ, (ପଦସେବା କଲେ) ଅଜ୍ଞାନ ଅବିଦ୍ୟା ସଂପୂର୍ଣ୍ଣ ରୂପେ ଚାଲିଯାଏ ।''

ହଠାତ୍ ଶ୍ରୀରାମକୃଷ୍ଣ ଗମ୍ଭୀର ହୋଇଗଲେ, ଯେପରି କଅଣ ଗୁହ୍ୟ କଥା କହିବେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଏଠାରେ ଅନ୍ୟ ଲୋକ କେହି ନାହାନ୍ତି । ସେଦିନ ହରିଶ ପାଖରେ ଥିଲା—ଦେଖିଲି—ଖୋଳଟିକୁ (ଦେହଟିକୁ) ଛାଡ଼ି ସଚ୍ଚିଦାନନ୍ଦ ବାହାରକୁ ଆସିଲେ, ଆସି କହିଲେ ମୁଁ ଯୁଗେ ଯୁଗେ ଅବତାର । ସେତେବେଳେ ଭାବିଲି, ବୋଧହୁଏ ମନର ଖିଆଲରେ ଏହିସବୁ କଥା କହୁଛି । ତାହା ପରେ ଚୁପ୍‌ଚାପ୍ ରହି ଦେଖିଲି—ସେତେବେଳେ ସେ ନିଜେ କହିଲେ, ଚୈତନ୍ୟ ମଧ୍ୟ ଶକ୍ତିର ଆରାଧନା କରିଥିଲେ ।

ଭକ୍ତମାନେ ସମସ୍ତେ ଅବାକ୍ ହୋଇ ଶୁଣୁଛନ୍ତି । କେହି କେହି ଭାବୁଛନ୍ତି—ସଚ୍ଚିଦାନନ୍ଦ ଭଗବାନ କଅଣ ଶ୍ରୀରାମକୃଷ୍ଣଙ୍କର ରୂପ ଧାରଣ କରି ଆମମାନଙ୍କ ପାଖରେ ବସିଛନ୍ତି ! ଭଗବାନ କଅଣ ପୁଣି ଅବତୀର୍ଣ୍ଣ ହୋଇଛନ୍ତି !

ଶ୍ରୀରାମକୃଷ୍ଣ କଥା କହୁଛନ୍ତି । ମାଷ୍ଟରଙ୍କୁ ସମ୍ବୋଧନ କରି ପୁଣି କହୁଛନ୍ତି—'' ଦେଖିଲି ପୂର୍ଣ୍ଣ ଆବିର୍ଭାବ । ତେବେ ସତ୍ତ୍ୱଗୁଣର ଐଶ୍ୱର୍ଯ୍ୟ ।''

ଭକ୍ତମାନେ ଅବାକ୍ ହୋଇ ଏହି ସମସ୍ତ କଥା ଶୁଣୁଛନ୍ତି ।

### ଯୋଗମାୟା ଆଦ୍ୟାଶକ୍ତି ଓ ଅବତାର-ଲୀଳା

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ବର୍ତ୍ତମାନ ମାଆଙ୍କୁ କହୁଥିଲି ଆଉ ବକର ବକର

କରିପାରୁ ନାହିଁ । ଆଉ କହୁଥିଲି, 'ମା, ଯେପରି ଥରେ ଛୁଇଁ ଦେଲେ ଲୋକଙ୍କର ଚୈତନ୍ୟ ହୁଏ ।' ଯୋଗମାୟାଙ୍କର ଏପରି ମହିମା— ସେ ଭେଳିକି ଲଗାଇ ଦେଇପାରନ୍ତି । ବୃନ୍ଦାବନଲୀଳାରେ ଯୋଗମାୟା ଭେଳିକି ଲଗାଇଦେଲେ । ତାଙ୍କରି ବଳରେ ସୁବଳ କୃଷ୍ଣଙ୍କ ସଙ୍ଗରେ ଶ୍ରୀମତୀଙ୍କର ମିଳନ କରି ଦେଇଥିଲେ । ଯୋଗମାୟା—ଯେ କି ଆଦ୍ୟାଶକ୍ତି—ତାଙ୍କର ଗୋଟିଏ ଆକର୍ଷଣୀ ଶକ୍ତି ରହିଛି । ମୁଁ ଏହି ଶକ୍ତିଙ୍କର ଆରୋପ କରିଥିଲି ।

"ଆଚ୍ଛା, ଯେଉଁମାନେ ଆସନ୍ତି, ସେମାନଙ୍କର କଅଣ କିଛି ହେଉଛି ?"

ମାଷ୍ଟର—ଆଜ୍ଞା ହଁ, ନିଶ୍ଚୟ ହେଉଛି ।

ଶ୍ରୀରାମକୃଷ୍ଣ—କିପରି ଜାଣିଲ ?

ମାଷ୍ଟର (ସହାସ୍ୟ)—ସମସ୍ତେ କହୁଛନ୍ତି, ତାଙ୍କ ପାଖକୁ ଯେଉଁମାନେ ଯାଆନ୍ତି ସେମାନେ ଆଉ ଫେରନ୍ତି ନାହିଁ !

ଶ୍ରୀରାମକୃଷ୍ଣ (ସହାସ୍ୟ)—ଗୋଟିଏ ବ୍ରାହ୍ମଣୀ ବେଙ୍ଗ ଥରେ ଧଣ୍ଡ ସାପ ହାବୁଡ଼ରେ ପଡ଼ିଥିଲା । ବେଙ୍ଗଟାକୁ ସେ ଗିଳିପାରୁ ନାହିଁ, କି ଛାଡ଼ିପାରୁ ନାହିଁ । ଏଥିରେ ବ୍ରାହ୍ମଣୀବେଙ୍ଗର ଯନ୍ତ୍ରଣା— କ୍ରମାଗତ ଡାକ ଛାଡୁଛି ! ଧଣ୍ଡ ସାପଟାର ବି ଯନ୍ତ୍ରଣା । କିନ୍ତୁ ନାଗ ସାପ ହାବୁଡ଼ରେ ଯଦି ପଡ଼ିଥାଆନ୍ତା, ତା'ହେଲେ ଗୋଟେ ଦୁଇଟା ଡାକରେ ସବୁ ସରି ଯାଇଥାଆନ୍ତା । (ସମସ୍ତଙ୍କର ହସ)

(ଯୁବକ ଭକ୍ତମାନଙ୍କ ପ୍ରତି)—"ତୁମେମାନେ ତ୍ରୈଲୋକ୍ୟର ସେହି ବହିଖଣ୍ଡକ ପଢ଼ — ଭକ୍ତିଚୈତନ୍ୟଚନ୍ଦ୍ରିକା । ତା' ପାଖରୁ ଖଣ୍ଡେ ମାଗି ନିଅ । ଚୈତନ୍ୟଦେବଙ୍କର କଥା ଅଛି ।"

ଜଣେ ଭକ୍ତ—ସେ କଅଣ ଦେବେ ?

ଶ୍ରୀରାମକୃଷ୍ଣ (ସହାସ୍ୟ)—କାହିଁକି, କାକୁଡ଼ି କିଆରିରେ ଯଦି ବହୁତ କାକୁଡ଼ି ଫଳିଥାଏ, ତେବେ ମାଲିକ ଦୁଇ ତିନିଟା ବାଣ୍ଟି ଦେଇପାରେ ! (ସମସ୍ତଙ୍କର ହସ) । ମାଗଣା କଅଣ ଦେବ ନାହିଁ—କଅଣ କହୁଛ ?

ଶ୍ରୀରାମକୃଷ୍ଣ (ପଲ୍‌ଟୁ ପ୍ରତି)—ଥରେ ଥରେ ଏଠାକୁ ଆସିବୁ ।

ପଲ୍‌ଟୁ—ସୁବିଧା ହେଲେ ଆସିବି ।

ଶ୍ରୀରାମକୃଷ୍ଣ—କଲିକତାର ଯେଉଁଠାକୁ ଯିବି, ସେଠାକୁ ଯିବୁ ?

ପଲ୍ଟୁ—ଯିବି, ଚେଷ୍ଟା କରିବି ।

ଶ୍ରୀରାମକୃଷ୍ଣ—ଏଇଟା ହିସାବୀ ବୁଦ୍ଧି !

ପଲ୍‌ଟୁ—'ଚେଷ୍ଟା କରିବି' ନ କହିଲେ ଯେ ମିଛ କଥା ହେବ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଏମାନଙ୍କର ମିଛ କଥା ଧରେ ନାହିଁ, ଏମାନେ ସ୍ୱାଧୀନ ନୁହଁନ୍ତି । ଠାକୁର ହରିପଦ ସଙ୍ଗରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ହରିପଦ ପ୍ରତି)—ମହେନ୍ଦ୍ର ମୁଖାର୍ଜୀ କାହିଁକି ଆସେ ନାହିଁ ?

ହରିପଦ—ଠିକ୍ ଜାଣି ନାହିଁ ।

ମାଷ୍ଟର (ସହାସ୍ୟ)—ସେ ଜ୍ଞାନଯୋଗ ସାଧନ କରୁଛନ୍ତି ।

ଶ୍ରୀରାମକୃଷ୍ଣ—ନା, ସେଦିନ ପ୍ରହ୍ଲାଦଚରିତ୍ର ଦେଖାଇବା ପାଇଁ ଗାଡ଼ି ପଠାଇବାକୁ କହିଥିଲା । କିନ୍ତୁ ପଠାଇ ନାହିଁ, ବୋଧହୁଏ ସେଥିପାଇଁ ଆସେ ନାହିଁ ।

ମାଷ୍ଟର—ଦିନେ ମହିମା ଚକ୍ରବର୍ତ୍ତୀଙ୍କ ସଙ୍ଗରେ ଦେଖା ଓ କଥାବାର୍ତ୍ତା ହୋଇଥିଲା । ବୋଧହୁଏ ସେଠାକୁ ଯିବା ଆସିବା କରନ୍ତି ।

ଶ୍ରୀରାମକୃଷ୍ଣ—କାହିଁକି, ମହିମା ତ ଭକ୍ତିର କଥା କହେ । ସେ ତ ବାରମ୍ବାର କହେ, 'ଆରାଧିତୋ ଯଦି ହରିସ୍ତପସା ତତଃ କିମ୍ ।'

ମାଷ୍ଟର (ସହାସ୍ୟ)—ଆପଣ କୁହାନ୍ତି ବୋଲି ସେ କହନ୍ତି ।

ଶ୍ରୀଯୁକ୍ତ ଗିରିଶ ଘୋଷ ଠାକୁରଙ୍କ ନିକଟକୁ ଅଳ୍ପଦିନ ହେବ ଯିବା ଆସିବା କରୁଛନ୍ତି । ଆଜିକାଲି ସେ ସବୁବେଳେ ଠାକୁରଙ୍କ ବିଷୟ ଚର୍ଚ୍ଚା କରନ୍ତି ।

ହରି—ଗିରିଶ ଘୋଷ ଆଜିକାଲି କେତେ କଅଣ ଦେଖନ୍ତି । ଏଠାରୁ ଯିବା ପରଠାରୁ ସର୍ବଦା ଈଶ୍ୱରଙ୍କ ଭାବରେ ରହନ୍ତି ।

ଶ୍ରୀରାମକୃଷ୍ଣ—ହୋଇପାରେ, ଗଙ୍ଗା ପାଖକୁ ଗଲେ ଅନେକ ଜିନିଷ ଦେଖାଯାଏ, ନୌକା, ଜାହାଜ କେତେ କଅଣ ।

ହରି—ଗିରିଶ ଘୋଷ କହନ୍ତି, 'ଏବେ କେବଳ କର୍ମ ନେଇ ରହିବି, ସକାଳେ ଘଣ୍ଟା ଦେଖି ଦୁଆତ-କଲମ ନେଇ ବସିବି ଓ ସାରା ଦିନ ଏହି (ବହିଲେଖା) କାମ କରିବି ।' ଏପରି କହନ୍ତି କିନ୍ତୁ ପାରନ୍ତି ନାହିଁ । ଆମେସବୁ ଗଲେ କେବଳ ଏଠାକାର କଥା । ଆପଣ ନରେନ୍ଦ୍ରଙ୍କୁ ପଠାଇବାକୁ କହିଥିଲେ । ଗିରିଶ ବାବୁ କହିଲେ, 'ନରେନ୍ଦ୍ରକୁ ଗାଡ଼ିରେ ପଠାଇ ଦେବି ।'

ଅପରାହ୍ନ ୫ଟା ବାଜିଛି । ଛୋଟ ନରେନ୍ ଘରକୁ ଯାଉଛନ୍ତି । ଠାକୁର ଉତ୍ତର-ପୂର୍ବ ଲମ୍ବା ବାରଣ୍ଡାରେ ଠିଆ ହୋଇ ଏକାନ୍ତରେ ତାଙ୍କୁ ନାନାବିଧ ଉପଦେଶ ଦେଉଛନ୍ତି । କିଛିକ୍ଷଣ ପରେ ସେ ପ୍ରଣାମାନ୍ତେ ବିଦାୟ ଗ୍ରହଣ କଲେ । ଅନ୍ୟାନ୍ୟ ଭକ୍ତମାନେ ମଧ୍ୟ ଅନେକେ ବିଦାୟ ଗ୍ରହଣ କଲେ ।

ଶ୍ରୀରାମକୃଷ୍ଣ ଛୋଟ ଖଟଟି ଉପରେ ବସି ମୋହିନୀଙ୍କ ସହିତ କଥା କହୁଛନ୍ତି । ତାଙ୍କର ସ୍ତ୍ରୀ ପୁତ୍ରଶୋକରେ ପାଗଳ ପ୍ରାୟ । କେତେବେଳେ ହସନ୍ତି, କେତେବେଳେ କାନ୍ଦନ୍ତି, କିନ୍ତୁ ଦକ୍ଷିଣେଶ୍ୱରରେ ଠାକୁରଙ୍କ ପାଖକୁ ଆସିଲେ ଶାନ୍ତ ହୋଇଯାଆନ୍ତି ।

ଶ୍ରୀରାମକୃଷ୍ଣ—ତୁମ ସ୍ତ୍ରୀ ଏବେ କେମିତି ଅଛନ୍ତି ?

ମୋହିନୀ—ଏଠାକୁ ଆସିଲେ ଶାନ୍ତ ହୁଅନ୍ତି, ସେଠାରେ ମଝିରେ ମଝିରେ ଭାରୀ ଗୋଳମାଳ କରନ୍ତି । ସେଦିନ ଆତ୍ମହତ୍ୟା କରିବାକୁ ବାହାରିଥିଲେ ।

ଠାକୁର ଏହା ଶୁଣି କିଛି ସମୟ ଚିନ୍ତିତ ହୋଇ ରହିଲେ । ମୋହିନୀ ବିନୀତ ଭାବରେ କହୁଛନ୍ତି, ''ଆପଣ ଗୋଟେ ଦୁଇଟା ଉପାୟ କହି ଦିଅନ୍ତୁ ।''

ଶ୍ରୀରାମକୃଷ୍ଣ— ରାନ୍ଧିବାକୁ ଦିଅ ନାହିଁ । ଏଥିରେ ମୁଣ୍ଡ ଆହୁରି-ଗରମ ହେବ । ସବୁବେଳେ ଲୋକବାକ ତାଙ୍କ ପାଖେ ପାଖେ ରଖିବ ।

## (୪)

## ଶ୍ରୀରାମକୃଷ୍ଣଙ୍କର ଅଦ୍ଭୁତ ସନ୍ନ୍ୟାସ ଅବସ୍ଥା—ତାରକ ସମ୍ବାଦ

ସନ୍ଧ୍ୟା ହେଲାରୁ ଦେବାଳୟରେ ଆଳତି ପାଇଁ ବ୍ୟବସ୍ଥା ହେଉଛି । ଶ୍ରୀରାମକୃଷ୍ଣଙ୍କ ଘରେ ଆଲୁଅ ଓ ଝୁଣାଧୂପ ଦିଆଗଲା । ଠାକୁର ଛୋଟ ଖଟ ଉପରେ ବସି ଜଗନ୍ମାତାଙ୍କୁ ପ୍ରଣାମ କରି ମଧୁର ସ୍ୱରରେ ନାମ ନେଉଛନ୍ତି । ଘରେ ଆଉ କେହି ନାହାନ୍ତି । କେବଳ ମାଷ୍ଟର ବସିଛନ୍ତି ।

ଠାକୁର ଉଠିଲେ । ମାଷ୍ଟର ମଧ ଠିଆ ହେଲେ । ଠାକୁର ଘରର ପଶ୍ଚିମ ଓ ଉତ୍ତର ପଟର ଖୋଲା ଦରଜାଗୁଡ଼ିକୁ ଦେଖାଇ ମାଷ୍ଟରଙ୍କୁ କହୁଛନ୍ତି, ''ସେଗୁଡ଼ିକୁ (କବାଟଗୁଡ଼ିକୁ) ବନ୍ଦ କର ।'' ମାଷ୍ଟର କବାଟ ସବୁ ବନ୍ଦ କରି ବାରଣ୍ଡାରେ ଠାକୁରଙ୍କ ପାଖରେ ଆସି ଠିଆ ହେଲେ ।

ଠାକୁର କହୁଛନ୍ତି, ''ଏବେ କାଳୀଘରକୁ ଯିବି ।'' ଏହା କହି ମାଷ୍ଟରଙ୍କ ହାତ ଧରି ତାଙ୍କ ଉପରେ ଭରାଦେଇ କାଳୀଘର ସମ୍ମୁଖସ୍ଥ ଚଟାଣରେ ଯାଇ ବସିଲେ । ବସିବା ପୂର୍ବରୁ କହୁଛନ୍ତି, ''ତୁମେ ବରଂ ତାକୁ ଡାକିଦିଅ ।'' ମାଷ୍ଟର ବାବୁରାମଙ୍କୁ ଡାକିଦେଲେ ।

ଠାକୁର ମା କାଳୀଙ୍କୁ ଦର୍ଶନ କରି ବଡ଼ ଅଗଣା ବାଟେ ନିଜ ଘରକୁ ଫେରୁଛନ୍ତି । ମୁଖରେ କହୁଛନ୍ତି ''ମା ! ମା ! ରାଜରାଜେଶ୍ୱରୀ !''

ଘରକୁ ଆସି ଛୋଟ ଖଟ ଉପରେ ବସିଲେ । ଠାକୁରଙ୍କର ଗୋଟିଏ ଅଦ୍ଭୁତ ଅବସ୍ଥା ହୋଇଛି । କୌଣସି ଧାତୁ-ଦ୍ରବ୍ୟରେ ହାତ ଦେଇପାରୁନାହାନ୍ତି । କହିଥିଲେ, 'ମା, ବୋଧହୁଏ ଐଶ୍ୱର୍ଯ୍ୟ ଭାବଟିକୁ ମନରୁ ଏକାବେଳେକେ କାଢ଼ି ଦେଉଛନ୍ତି ।' ବର୍ତ୍ତମାନ କଦଳୀପତ୍ରରେ ଆହାର କରନ୍ତି । ମାଟିଗ୍ଲାସରେ ପାଣି ପିଅନ୍ତି । ଗଡୁ ଛୁଇଁପାରନ୍ତି ନାହିଁ । ସେଥିପାଇଁ ଭକ୍ତମାନଙ୍କୁ ମାଟିପାତ୍ର ଆଣିବାକୁ କହିଥିଲେ । ଗଡୁ ବା ଥାଳୀରେ ହାତ ଦେଲେ ହାତ ବିନ୍ଧିଉଠେ, ଯେପରି କି ଶିଙ୍ଗିମାଛର କଣ୍ଟା ଫୁଟିଗଲା ।

ପ୍ରସନ୍ନ କେତୋଟି ମାଟିପାତ୍ର ଆଣିଥିଲେ, କିନ୍ତୁ ଖୁବ୍ ଛୋଟ । ଠାକୁର ହସି ହସି କହୁଛନ୍ତି, ''ଏଗୁଡ଼ିକ ଖୁବ୍ ଛୋଟ । କିନ୍ତୁ ପିଲାଟି ବେଶ୍ । ମୁଁ କହିବାରୁ ମୋ ସାମନାରେ ଲଙ୍ଗଳା ହୋଇ ଠିଆ ହେଲା । ଭାରୀ ପିଲାଳିଆ ବୁଦ୍ଧି ।''

### 'ଭକ୍ତ ଓ କାମିନୀ'—'ସାଧୁ ସାବଧାନ'

ବେଲଘରିଆର ତାରକ ଜଣେ ବନ୍ଧୁଙ୍କ ସହ ଆସି ଉପସ୍ଥିତ ହେଲେ ।

ଠାକୁର ଛୋଟ ଖଟ ଉପରେ ବସିଛନ୍ତି । ଘରେ ପ୍ରଦୀପ ଜଳୁଛି । ମାଷ୍ଟର ଓ ଜଣେ ଦୁଇଜଣ ଭକ୍ତ ମଧ ବସିଛନ୍ତି ।

ତାରକ ବିବାହ କରିଛନ୍ତି । ବାପା ମାଆ ଠାକୁରଙ୍କ ପାଖକୁ ଆସିବାକୁ ଅନୁମତି ଦିଅନ୍ତି ନାହିଁ । କଲିକତାରେ ବହୁବଜାର ପାଖରେ ବସାଘର ଅଛି, ଆଜିକାଲି ସେଠାରେ ହିଁ ତାରକ ପ୍ରାୟ ରହନ୍ତି । ତାରକଙ୍କୁ ଠାକୁର ଭାରୀ ଭଲ ପାଆନ୍ତି । ସଙ୍ଗୀ ବାଳକଟି ଟିକିଏ ତମୋଗୁଣୀ । ଧର୍ମ ବିଷୟ ଓ ଠାକୁରଙ୍କ ସମ୍ବନ୍ଧରେ ବ୍ୟଙ୍ଗଭାବ ଦେଖାନ୍ତି । ତାରକଙ୍କ ବୟସ ଅନ୍ଦାଜ କୋଡ଼ିଏ ବର୍ଷ ହେବ । ତାରକ ଆସି ଠାକୁରଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ (ତାରକଙ୍କ ବନ୍ଧୁଙ୍କ ପ୍ରତି)— ଯାଅ ମନ୍ଦିର ସବୁ ଥରେ ଦେଖି ଆସ ।

ବନ୍ଧୁ—ସେସବୁ ଦେଖିଛି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ତାରକ ଯେ ଏଠାକୁ ଅସେ ଏଇଟା କଅଣ ଖରାପ ?

ବନ୍ଧୁ—ସେକଥା ଆପଣ ଜାଣନ୍ତି ।

ଶ୍ରୀରାମକୃଷ୍ଣ—ଇଏ (ମାଷ୍ଟର) ହେଡ଼ ମାଷ୍ଟର ।

ବନ୍ଧୁ—ଓଃ !

ଠାକୁର ତାରକଙ୍କୁ କୁଶଳପ୍ରଶ୍ନ କରୁଛନ୍ତି ଏବଂ ତାଙ୍କୁ ସମ୍ବୋଧନ କରି ବହୁକଥା କହୁଛନ୍ତି । ତାରକ କଥାବାର୍ତ୍ତା ପରେ ବିଦାୟ ଗ୍ରହଣ କରିବାକୁ ଉଦ୍ୟତ ହେଲେ । ଠାକୁର ତାଙ୍କୁ ନାନା ବିଷୟରେ ସାବଧାନ କରି ଦେଉଛନ୍ତି ।

ଶ୍ରୀରାମକୃଷ୍ଣ (ତାରକଙ୍କ ପ୍ରତି)—ସାଧୁ ସାବଧାନ ! କାମିନୀକାଞ୍ଚନ ପ୍ରତି ସାବଧାନ ! ସ୍ତ୍ରୀଲୋକର ମାୟାରେ ଥରେ ପଡ଼ିଲେ ଆଉ ଉଠିବାର ଉପାୟ ନାହିଁ । ବିଶାଳାକ୍ଷୀର ଦହ; ଯେ ଥରେ ପଡ଼ିଛି ସେ ଆଉ ଉଠିପାରେ ନାହିଁ । ଆଚ୍ଛା, ଏଠାକୁ ମଝିରେ ମଝିରେ ଆସିବୁ ।

ତାରକ—ଘରେ ଆସିବାକୁ ଦିଅନ୍ତି ନାହିଁ ।

ଜଣେ ଭକ୍ତ—ଯଦି କାହାର ମା କହନ୍ତି ତୁ ଦକ୍ଷିଣେଶ୍ୱରକୁ ଯିବୁ ନାହିଁ । ଯଦି ରାଣ ପକାଇ କହନ୍ତି ଯେ ଯଦି ଯିବୁ ତାହାହେଲେ ମୋ ମୁଣ୍ଡ ଖାଇବୁ !—

### କେବଳ ଈଶ୍ୱରଙ୍କ ପାଇଁ ଗୁରୁବାକ୍ୟ ଲଙ୍ଘନ

ଶ୍ରୀରାମକୃଷ୍ଣ—ଯେଉଁ ମା ସେପରି କଥା କହନ୍ତି ସେ ମା ନୁହନ୍ତି—**ସେ ଅବିଦ୍ୟା ରୂପିଣୀ** । ସେହିପରି ମାଆର କଥା ନ ଶୁଣିଲେ କୌଣସି ଦୋଷ ନାହିଁ । ସେ ମା ଈଶ୍ୱରଲାଭ ପଥରେ ବିଘ୍ନ କରନ୍ତି । ଈଶ୍ୱରଙ୍କ ପାଇଁ ଗୁରୁଜନଙ୍କ ବାକ୍ୟ ଲଙ୍ଘନରେ ଦୋଷ ନାହିଁ । ଭରତ ରାମଙ୍କ ପାଇଁ କୈକେୟୀଙ୍କ କଥା ଶୁଣିନାହାନ୍ତି । ଗୋପୀମାନେ ଶ୍ରୀକୃଷ୍ଣଙ୍କ ଦର୍ଶନ ପାଇଁ ପତିମାନଙ୍କର ମନା ଶୁଣିନାହାନ୍ତି । ପ୍ରହ୍ଲାଦ ଈଶ୍ୱରଙ୍କ ପାଇଁ ବାପାଙ୍କ କଥା ଶୁଣି ନାହିଁ । ବଳି ଭଗବାନଙ୍କର ପ୍ରୀତି ପାଇଁ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କଥା ଶୁଣିନାହାନ୍ତି । ବିଭୀଷଣ ରାମଙ୍କୁ ପାଇବା ପାଇଁ ଜ୍ୟେଷ୍ଠ ଭାଇ ରାବଣର କଥା ଶୁଣିନାହାନ୍ତି ।

ତେବେ ଈଶ୍ୱରଙ୍କ ପଥରେ ଯାଅ ନାହିଁ, ଏକଥା ବ୍ୟତୀତ ଆଉ ସବୁକଥା ଶୁଣିବୁ ।

ଦେଖ୍ ତୋର ହାତ ଦେଖ୍ ।

ଏହା କହି ଠାକୁର ତାରକଙ୍କ ହାତ କେତେ ଭାରୀ ଦେଖୁଛନ୍ତି ।

ଟିକିଏ ପରେ କହୁଛନ୍ତି, "ଟିକିଏ ବାଙ୍କ ଅଛି—କିନ୍ତୁ ସେ ଟିକକ ଚାଲିଯିବ । ତାଙ୍କୁ ଟିକିଏ ପ୍ରାର୍ଥନା କର, ଆଉ ଏଠାକୁ ଥରେ ଥରେ ଆସ-ସେ ଟିକକ ଚାଲିଯିବ ! କଲିକତାର ବହୁବଜାରରେ ତୁ ବସାଘର ନେଇଛୁ ?

ତାରକ—ଆଜ୍ଞା ନା, ସେମାନେ ନେଇଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ସେମାନେ ନେଇଛନ୍ତି ନା ତୁ ନେଇଛୁ ବାଘ ଭୟରେ ?

ଠାକୁର କାମିନୀକୁ କଅଣ ବାଘ ବୋଲି କହୁଛନ୍ତି ?

ତାରକ ଠାକୁରଙ୍କୁ ପ୍ରଣାମ କରି ବିଦାୟ ନେଲେ ।

ଠାକୁର ଛୋଟ ଖଟଟିରେ ଶୋଇଛନ୍ତି, ଯେପରି ତାରକଙ୍କ ପାଇଁ ଭାବୁଛନ୍ତି । ହଠାତ୍ ମାଷ୍ଟରଙ୍କୁ କହୁଛନ୍ତି—"ଏମାନଙ୍କ ପାଇଁ ମୁଁ ଏତେ ବ୍ୟାକୁଳ କାହିଁକି ?"

ମାଷ୍ଟର ନୀରବ ଅଛନ୍ତି—କଅଣ ଉତ୍ତର ଦେବେ ଭାବୁଛନ୍ତି ।

ଠାକୁର ପୁଣି ପଚାରୁଛନ୍ତି ଓ କହୁଛନ୍ତି, "କୁହ !"

ଏଣେ ମୋହିନୀମୋହନଙ୍କ ସ୍ତ୍ରୀ ଠାକୁରଙ୍କ ଘରକୁ ଆସି ପ୍ରଣାମ କରି ଗୋଟିଏ ପାଖରେ ବସିଛନ୍ତି । ଠାକୁର ତାରକଙ୍କ ସଙ୍ଗୀର କଥା ମାଷ୍ଟରଙ୍କୁ କହୁଛନ୍ତି ।

ଶ୍ରୀରାମକୃଷ୍ଣ—ତାରକ ତାକୁ କାହିଁକି ସାଙ୍ଗରେ ଆଣିଲା ?

ମାଷ୍ଟର—ବୋଧହୁଏ ରାସ୍ତାର ସଙ୍ଗୀ । ବହୁତ ବାଟ, ସେଥିପାଇଁ ଜଣକୁ ସାଙ୍ଗରେ ନେଇ ଆସିଛି ।

ଏହି କଥା ମଝିରେ ଠାକୁର ହଠାତ୍ ମୋହିନୀଙ୍କ ସ୍ତ୍ରୀଙ୍କୁ ସମ୍ବୋଧନ କରି କହୁଛନ୍ତି —"ଅପମୃତ୍ୟୁ ହେଲେ ପ୍ରେତନୀ ହୁଅନ୍ତି ! ସାବଧାନ ! ମନକୁ ବୁଝାଇବ ! ଏତେ ଦେଖି ଶୁଣି ଶେଷକୁ କଅଣ ଏଇୟା ହେଲା ?"

ମୋହିନୀ ଏଥର ବିଦାୟ ଗ୍ରହଣ କରୁଛନ୍ତି । ଠାକୁରଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କରୁଛନ୍ତି । ତାଙ୍କ ସ୍ତ୍ରୀ ମଧ୍ୟ ଠାକୁରଙ୍କୁ ପ୍ରଣାମ କରୁଛନ୍ତି । ଠାକୁର ଘର ଭିତରେ ଉତ୍ତର ପଟ କବାଟ ପାଖରେ ଠିଆ ହୋଇଛନ୍ତି । ସ୍ତ୍ରୀ ଜଣକ ମୁଣ୍ଡରେ ଲୁଗା ଦେଇ ଠାକୁରଙ୍କୁ ଆସ୍ତେ ଆସ୍ତେ କଅଣ କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଏଠାରେ ରହିବ ?

ସ୍ତ୍ରୀ—ଆସି କିଛିଦିନ ରହିବି । ନହବତରେ ମା ଅଛନ୍ତି, ତାଙ୍କ ପାଖରେ ?

ଶ୍ରୀରାମକୃଷ୍ଣ—ଖୁବ୍ ଭଲ । କିନ୍ତୁ ତୁମେ ଯେ କହୁଛ ଆତ୍ମହତ୍ୟାର କଥା—ତେଣୁ ଡର ମାଡ଼େ । ପୁଣି ପାଖରେ ଗଙ୍ଗା !

❖ ❖ ❖

# ଅଷ୍ଟମ ପରିଚ୍ଛେଦ

## (୧)

### ଶ୍ରୀରାମକୃଷ୍ଣଙ୍କର ଭକ୍ତଗୃହକୁ ଆଗମନ ଓ ତାଙ୍କ ସହିତ ଶ୍ରୀଯୁକ୍ତ ନରେନ୍ଦ୍ର, ଗିରିଶ, ବଳରାମ, ଚୁନିଲାଲ, ଲାଟୁ, ମାଷ୍ଟର, ନାରାୟଣ ପ୍ରଭୃତି ଭକ୍ତମାନଙ୍କର କଥୋପକଥନ ଏବଂ ଆନନ୍ଦ

ଫାଲ୍‌ଗୁନ କୃଷ୍ଣ ଦଶମୀ ତିଥି, ପୂର୍ବାଷାଢ଼ା ନକ୍ଷତ୍ର, ୨୯-ଦିନ ଫାଲ୍‌ଗୁନ୍, ବୁଧବାର, ଇଂରାଜୀ ୧୧ ମାର୍ଚ୍ଚ ୧୮୮୫ ଖ୍ରୀଷ୍ଟାବ୍ଦ । ଆଜି ଶ୍ରୀରାମକୃଷ୍ଣ ଭକ୍ତ ବଳରାମ ବସୁଙ୍କ ମନ୍ଦିରରେ ଦିନ ପ୍ରାୟ ୧୦ଟାରେ ଦକ୍ଷିଣେଶ୍ୱରରୁ ଆସି ଶ୍ରୀଶ୍ରୀଜଗନ୍ନାଥଙ୍କର ପ୍ରସାଦ ପାଇଛନ୍ତି । ସଙ୍ଗରେ ଲାଟୁ ଓ ଅନ୍ୟାନ୍ୟ ଭକ୍ତ ।

ଧନ୍ୟ ବଳରାମ ! ଆଜି ତୁମର ଆଳୟ ଠାକୁରଙ୍କର ପ୍ରଧାନ କର୍ମକ୍ଷେତ୍ର ହୋଇଛି । କେତେ ନୂଆ ନୂଆ ଭକ୍ତଙ୍କୁ ଆକର୍ଷଣ କରି ଠାକୁର ପ୍ରେମଡ଼ୋରରେ ବାନ୍ଧିଲେ, ଭକ୍ତଙ୍କ ସଙ୍ଗରେ କେତେ ନାଚିଲେ ଗାଇଲେ ! ଯେପରି ଶ୍ରୀଗୌରାଙ୍ଗ ଶ୍ରୀବାସ ମନ୍ଦିରରେ ପ୍ରେମର ହାଟ ବସାଇଛନ୍ତି !

ଦକ୍ଷିଣେଶ୍ୱର କାଳୀମନ୍ଦିରରେ ସେ ବସି ବସି କାନ୍ଦନ୍ତି; ନିଜର ଅନ୍ତରଙ୍ଗମାନଙ୍କୁ ଦେଖିବେ ବୋଲି ବ୍ୟାକୁଳ । ରାତ୍ରିରେ ନିଦ ନାହିଁ । ମାଆଙ୍କୁ କହନ୍ତି, 'ମା, ତାର ଖୁବ୍ ଭକ୍ତି, ତାକୁ ଟାଣି ଆଣ; ମା ତାକୁ ଏଠାକୁ ଆଣ, ଯଦି ସେ ଆସି ନ ପାରେ ତାହାହେଲେ ମା ମୋତେ ସେଠାକୁ ନେଇଯାଅ, ମୁଁ ଦେଖି ଆସେ ।' ସେଥିପାଇଁ ବଳରାମଙ୍କ ଘରକୁ ଆସନ୍ତି । କିନ୍ତୁ ଲୋକଙ୍କୁ କହନ୍ତି, 'ବଳରାମଙ୍କ ଘରେ ଜଗନ୍ନାଥଙ୍କର ସେବା ଅଛି, ଅତି ଶୁଦ୍ଧ ଅନ୍ନ ।' ଯେତେବେଳେ ଆସନ୍ତି, ସଙ୍ଗେସଙ୍ଗେ ବଳରାମଙ୍କୁ କହନ୍ତି, 'ଯାଅ—ନରେନ୍ଦ୍ର, ଭବନାଥ, ରାଖାଲ ଏମାନଙ୍କୁ ନିମନ୍ତ୍ରଣ କରି ଆସ । ଏମାନଙ୍କୁ ଖୁଆଇଲେ ନରାୟଣଙ୍କୁ ଖୁଆହୁଏ । ଏମାନେ ସାମାନ୍ୟ ନୁହନ୍ତି, ଏମାନେ ଈଶ୍ୱରାଂଶରେ ଜନ୍ମିଛନ୍ତି । ଏମାନଙ୍କୁ ଖୁଆଇଲେ ତୁମର ବହୁତ ମଙ୍ଗଳ ହେବ ।

ବଳରାମଙ୍କ ଘରେ ହିଁ ଶ୍ରୀଯୁକ୍ତ ଗିରିଶ ଘୋଷଙ୍କ ସଙ୍ଗରେ ପ୍ରଥମ ସାକ୍ଷାତ୍ । ଏଠାରେ ରଥ ସମୟରେ କୀର୍ତ୍ତନାନନ୍ଦ ଜମିଯାଏ । ଏଠାରେ ମଧ୍ୟ କେତେଥର 'ପ୍ରେମର ଦରବାରରେ ଆନନ୍ଦର ମେଳା' ବସିଛି ।

### 'ପଶ୍ୟତି ତବ ପନ୍ଥାନମ୍'—ଛୋଟ ନରେନ୍

ମାଷ୍ଟର ନିକଟରେ ଗୋଟିଏ ବିଦ୍ୟାଳୟରେ ପାଠ ପଢ଼ାନ୍ତି । ସେ ଶୁଣିଛନ୍ତି, ଆଜି ଦଶଟା ବେଳେ ଶ୍ରୀରାମକୃଷ୍ଣ ବଳରାମଙ୍କ ଘରକୁ ଆସିବେ । ମଝିରେ ଅଧ୍ୟାପନାରେ

କିଞ୍ଚିତ ଅବସର ପାଇ ସେ ଦୁଇପ୍ରହର ସମୟରେ ଏଠାରେ ଆସି ଉପସ୍ଥିତ ହେଲେ । ଶ୍ରୀରାମକୃଷ୍ଣଙ୍କୁ ପ୍ରଣାମ କଲେ ।

ଠାକୁର ଆହାରାନ୍ତେ ବୈଠକଖାନାରେ ଟିକିଏ ବିଶ୍ରାମ କରୁଛନ୍ତି । ମଝିରେ ମଝିରେ ବଟୁଆରୁ କିଛି ମସଲା ଖାଉଛନ୍ତି । ଅଳ୍ପ ବୟସ୍କ ଭକ୍ତମାନେ ଚାରି ପାଖରେ ଘେରି ବସିଛନ୍ତି ।

ଶ୍ରୀରାମକୃଷ୍ଣ (ସ୍ନେହରେ)—ତୁମେ କିପରି ଆସିଲ ? ସ୍କୁଲ କଅଣ ନାହିଁ ?

ମାଷ୍ଟର—ସ୍କୁଲରୁ ଆସିଲି । ଏବେ ସେଠାରେ ବିଶେଷ କିଛି କାମ ନାହିଁ ।

ଜଣେ ଭକ୍ତ—ଆଜ୍ଞା ନା ! ସେ ସ୍କୁଲରୁ ପଳାଇ ଆସିଛନ୍ତି । (ସମସ୍ତଙ୍କର ହସ)

ମାଷ୍ଟର (ସ୍ୱଗତଃ)—ଆହା ! କିଏ ଯେପରି ଟାଣି ଆଣିଲା !

ଠାକୁର ଯେପରି ଚିନ୍ତିତ ହେଲେ । ପରେ ମାଷ୍ଟରଙ୍କୁ ପାଖରେ ବସାଇ କେତେ କଥା କହିବାକୁ ଲାଗିଲେ । ଆଉ କହିଲେ, ‘‘ମୋର ଗାମୁଛାଟାକୁ ଚିପୁଡ଼ି ଦିଅ ଓ ଜାମାଟାକୁ ଶୁଖାଇ ଦିଅ । ମୋର ପାଦଟା ଟିକିଏ ବ୍ୟଥା ହେଉଛି, ଟିକିଏ ହାତବୁଲାଇ ଦେଇପାର ?’’ ମାଷ୍ଟର ସେବା କରି ଜାଣନ୍ତି ନାହିଁ, ତେଣୁ ଠାକୁର ସେବା କରିବାକୁ ଶିଖାଉଛନ୍ତି । ମାଷ୍ଟର ତରବର ହୋଇ ଗୋଟି ଗୋଟି କରି ଏହି କାମଗୁଡ଼ିକ କରିବାକୁ ଲାଗିଲେ । ସେ ପାଦରେ ହାତ ବୁଲାଇବାକୁ ଲାଗିଲେ ଓ ଶ୍ରୀରାମକୃଷ୍ଣ କଥାଛଳରେ କେତୋଟି ଉପଦେଶ ଦେଲେ ।

## ଶ୍ରୀରାମକୃଷ୍ଣ ଓ ଐଶ୍ୱର୍ଯ୍ୟତ୍ୟାଗର ପରାକାଷ୍ଠା—ଠିକ୍ ସନ୍ନ୍ୟାସୀ

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଆଚ୍ଛା, ମୋର କିଛି ଦିନ ହେଲା ଏପରି ହେଉଛି କାହିଁକି କହିଲ ? କୌଣସି ଧାତୁ ଜିନିଷରେ ହାତ ଦେଇପାରୁନାହିଁ । ଥରେ ଗୋଟାଏ ଗିନାରେ ହାତ ଦେଇଥିଲି—ହାତରେ ଶିଙ୍ଗିମାଛ ମାରିଦେବା ଭଳି ଲାଗିଲା, ହାତ ବିନ୍ଧି ଉଠିଲା । ଗଡୁ ନ ଛୁଇଁଲେ ନଚଳେ, ତେଣୁ ଭାବିଲି, ଗାମୁଛାଟା ଡାଙ୍କି ଦେଖେ, ଉଠାଇ ହେଉଛି କି ନାହିଁ । ହାତ ଦେଉଦେଉ ହାତଟା ବିନ୍ଧି ଉଠିଲା, ଭାରୀ କଷ୍ଟ ହେଲା । ଶେଷରେ ମାଆଙ୍କୁ ପ୍ରାର୍ଥନା କଲି, ‘ମା, ଆଉ ଏପରି କାମ କରିବି ନାହିଁ, ମା ଏଥରକ କ୍ଷମା କରିଦିଅ ।’

‘‘ଆଚ୍ଛା, ଛୋଟ ନରେନ୍ ଯିବା ଆସିବା କରୁଛି, ତାଙ୍କ ଘରେ କ’ଣ କିଛି କହିବେ ? ଅତି ବିଶୁଦ୍ଧ, ସ୍ତ୍ରୀ-ସଙ୍ଗ କେବେହେଲେ ହୋଇ ନାହିଁ ।’’

ମାଷ୍ଟର—ଆଉ ବଡ଼ ଆଧାର !

ଶ୍ରୀରାମକୃଷ୍ଣ—ହଁ, ପୁଣି କହେ ଯେ, ଈଶ୍ୱରୀୟ କଥା ଥରେ ଶୁଣିଲେ ମୋର ମନେ ରହିଯାଏ । କହେ, ‘ପିଲାବେଳେ ମୁଁ କାନ୍ଦୁଥିଲି, ଈଶ୍ୱର ଦେଖାଦେଉ ନାହାନ୍ତି ବୋଲି ।’

ମାଷ୍ଟରଙ୍କ ସହିତ ଛୋଟ ନରେନ୍ ବିଷୟରେ ଏହିପରି ଅନେକ କଥା ହେଲା । ଏପରି ସମୟରେ ଉପସ୍ଥିତ ଭକ୍ତମାନଙ୍କ ମଧ୍ୟରୁ ଜଣେ କେହି କହି ଉଠିଲେ, ‘ମାଷ୍ଟର ମହାଶୟ ! ଆପଣ ସ୍କୁଲକୁ ଯିବେ ନାହିଁ ?’

ଶ୍ରୀରାମକୃଷ୍ଣ—କେତେଟା ବାଜିଛି ?

ଜଣେ ଭକ୍ତ—ଗୋଟାଏ ବାଜିବାକୁ ଦଶ ମିନିଟ୍ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ତୁମେ ଯାଅ, ତୁମର ଡେରି ହେଉଛି । କାମ ଛାଡ଼ି ଆସିଛ । (ଲାଟୁଙ୍କ ପ୍ରତି) ରାଖାଲ କାହିଁ ?

ଲାଟୁ—ଘରକୁ ଚାଲି ଯାଇଛି ।

ଶ୍ରୀରାମକୃଷ୍ଣ—ମୋ ସଙ୍ଗରେ ଦେଖା ନ କରି ?

## (୨)

## ଅପରାହ୍ନରେ ଭକ୍ତମାନଙ୍କ ଗହଣରେ—ଅବତାରବାଦ ଓ ଶ୍ରୀରାମକୃଷ୍ଣ

ସ୍କୁଲ ଛୁଟି ପରେ ମାଷ୍ଟର ଆସି ଦେଖିଲେ—ଠାକୁର ବଳରାମଙ୍କ ବୈଠକଖାନାରେ ଭକ୍ତମାନଙ୍କ ମେଳରେ ବସିଛନ୍ତି । ଠାକୁରଙ୍କ ଶ୍ରୀମୁଖରେ ମଧୁର ହସ । ଏହି ହସ ଭକ୍ତମାନଙ୍କ ମୁହଁରେ ପ୍ରତିବିମ୍ବିତ ହେଉଛି । ମାଷ୍ଟର ଫେରିଆସି ପ୍ରଣାମ କରିବାରୁ ଠାକୁର ତାଙ୍କୁ ନିଜ ପାଖରେ ଆସି ବସିବା ପାଇଁ ଇଙ୍ଗିତ କଲେ । ଶ୍ରୀଯୁକ୍ତ ଗିରିଶ ଘୋଷ, ସୁରେଶ ମିତ୍ର, ବଳରାମ, ଲାଟୁ, ଚୁନିଲାଲ ପ୍ରଭୃତି ଭକ୍ତମାନେ ମଧ୍ୟ ଉପସ୍ଥିତ ଅଛନ୍ତି ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ତୁମେ ଥରେ ନରେନ୍ଦ୍ର ସହିତ ବିଚାର କରି ଦେଖ, ସେ କଅଣ କହୁଛି ।

ଗିରିଶ (ସହାସ୍ୟ)—ନରେନ୍ଦ୍ର କହେ, ଈଶ୍ୱର ଅନନ୍ତ । ଯାହା କିଛି ଆମେ ଦେଖୁ ବା ଶୁଣୁ ଜିନିଷଟାଏ ବା ଜଣେ ବ୍ୟକ୍ତି—ସବୁ କିଛି ଯେ ତାଙ୍କର ଅଂଶ, ଏପରି ମଧ୍ୟ କହିହେବ ନାହିଁ । Infinite (ଅନନ୍ତ)—ତାର ପୁଣି ଅଂଶ କଅଣ ? ଅଂଶ ହୁଏ ନାହିଁ ।

ଶ୍ରୀରାମକୃଷ୍ଣ—ଈଶ୍ୱର ଅନନ୍ତ ହୁଅନ୍ତୁ ବା ଯେତେ ବଡ଼ ହୁଅନ୍ତୁ, ସେ ଇଚ୍ଛା କଲେ, ତାଙ୍କ ଭିତରର ସାର ବସ୍ତୁ ମନୁଷ୍ୟ ଭିତରେ ଆସିପାରେ ଓ ଆସେ । ସେ ଅବତୀର୍ଣ୍ଣ ହୁଅନ୍ତି, ଏହା ଉପମା ଦେଇ ବୁଝାଇ ହୁଏ ନାହିଁ । ଅନୁଭୂତି ହେବା ଦରକାର । ପ୍ରତ୍ୟକ୍ଷ ହେବା ଦରକାର । ଉପମା ଦ୍ୱାରା ସାମାନ୍ୟ ଆଭାସ ମିଳେ । ଗାଈର ଶିଙ୍ଗକୁ ଛୁଇଁଲେ ଗାଈକୁ ଛୁଇଁଲ, ଗୋଡ଼ ବା ଲାଞ୍ଜକୁ ଛୁଇଁଲେ ମଧ୍ୟ ଗାଈକୁ ଛୁଇଁଲ । କିନ୍ତୁ ଆମମାନଙ୍କ ପାଇଁ ଗାଈର ସାର ପଦାର୍ଥ ହେଉଛି କ୍ଷୀର । ଏହି କ୍ଷୀର ଗାଈର ଚିରରୁ ବାହାରେ ।

"ସେହିପରି ପ୍ରେମ, ଭକ୍ତି ଶିଖାଇବା ପାଇଁ ଈଶ୍ୱର ମନୁଷ୍ୟ-ଦେହ ଧାରଣ କରି ବେଳେ ବେଳେ ଅବତୀର୍ଣ୍ଣ ହୁଅନ୍ତି ।"

ଗିରିଶ—ନରେନ୍ଦ୍ର କହେ, ତାଙ୍କର ସବୁ କିଛି କଅଣ ଧାରଣା କରି ହୁଏ ! ସେ ଅନନ୍ତ ।

## ଅନନ୍ତର ପ୍ରତ୍ୟକ୍ଷ*

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ଈଶ୍ୱରଙ୍କର ସବୁ କିଛି କିଏ ଧାରଣା କରିପାରିବ ? ମନୁଷ୍ୟ ତାଙ୍କର ବଡ଼ ଭାବ ଧରିପାରେ ନାହିଁ କିମ୍ବା ଛୋଟ ଭାବକୁ ମଧ୍ୟ ଧରିପାରେ ନାହିଁ । ସବୁ କିଛି ଧାରଣ କରିବା କଅଣ ଦରକାର ? ତାଙ୍କୁ ପ୍ରତ୍ୟକ୍ଷ କରିପାରିଲେ ହେଲା । **ତାଙ୍କର ଅବତାରଙ୍କୁ ଦେଖିଲେ ତାଙ୍କୁ ଦେଖା ହେଲା ।**

''ଯଦି କେହି ଗଙ୍ଗା କୂଳକୁ ଯାଇ ଗଙ୍ଗାଜଳ ସ୍ପର୍ଶ କରେ, ସେ କହେ—ଗଙ୍ଗା ଦର୍ଶନ ସ୍ପର୍ଶନ କରି ଆସିଲି । ହରିଦ୍ୱାରଠାରୁ ଗଙ୍ଗାସାଗର ପର୍ଯ୍ୟନ୍ତ ହାତରେ ଛୁଇଁବା ଦରକାର ନାହିଁ । (ସମସ୍ତଙ୍କର ହସ)

''ତୁମର ପାଦକୁ ଯଦି ଛୁଏଁ, ତାହାହେଲେ ତୁମକୁ ଛୁଇଁବା ହେଲା ।

''ଯଦି ସମୁଦ୍ର ପାଖକୁ ଯାଇ ଟିକିଏ ଜଳ ସ୍ପର୍ଶ କର, ତାହାହେଲେ ସମୁଦ୍ରକୁ ସ୍ପର୍ଶ କରାଗଲା । ଅଗ୍ନିତତ୍ତ୍ୱ ସବୁ ଜାଗାରେ ଅଛି, ତେବେ କାଠରେ ବେଶୀ ।''

ଗିରିଶ (ହସିହସି)—ଯେଉଁଠାରେ ଅଗ୍ନି ପାଇବି, ତାହା ହିଁ ମୋର ଦରକାର ।

ଶ୍ରୀରାମକୃଷ୍ଣ (ହସିହସି)—ଅଗ୍ନିତତ୍ତ୍ୱ କାଠରେ ବେଶୀ । ଈଶ୍ୱରତତ୍ତ୍ୱ ଯଦି ଖୋଜ, ମଣିଷ ଭିତରେ ଖୋଜିବ । ମନୁଷ୍ୟଠାରେ ସେ ବେଶୀ ପ୍ରକାଶିତ । ଯେଉଁ ମନୁଷ୍ୟଠାରେ ଦେଖିବ ଉର୍ଜିତାଭକ୍ତି—ପ୍ରେମଭକ୍ତି ଉଛୁଳି ପଡୁଛି—ଈଶ୍ୱରଙ୍କ ପାଇଁ ପାଗଳ—ତାଙ୍କ ପ୍ରେମରେ ମତୁଆଲା—ସେହି ମନୁଷ୍ୟଠାରେ ନିଶ୍ଚୟ ଜାଣିବ ସେ ଅବତୀର୍ଣ୍ଣ ହୋଇଛନ୍ତି ।

(ମାଷ୍ଟରଙ୍କୁ ଚାହିଁ)—''ସେ ତ ଅଛନ୍ତି, ତେବେ ତାଙ୍କ ଶକ୍ତିର କେଉଁଠାରେ ବେଶୀ ପ୍ରକାଶ, କେଉଁଠାରେ ବା କମ୍ ପ୍ରକାଶ । ଅବତାରଙ୍କ ଭିତରେ ତାଙ୍କର ଶକ୍ତି ବେଶୀ ପ୍ରକାଶିତ, ବେଳେ ବେଳେ ପୂର୍ଣ୍ଣଭାବରେ ଥାଏ । **ଶକ୍ତିର ହିଁ ଅବତାର ।''**

ଗିରିଶ—ନରେନ୍ଦ୍ର କହେ, ସେ ଅବାଙ୍ମାନସଗୋଚରମ୍ ।

ଶ୍ରୀରାମକୃଷ୍ଣ—ନା ; ଏ ମନର ଗୋଚର ନୁହନ୍ତି ସତ, କିନ୍ତୁ ଶୁଦ୍ଧ ମନର ଗୋଚର । ଏ ବୁଦ୍ଧିର ଗୋଚର ନୁହନ୍ତି—କିନ୍ତୁ ଶୁଦ୍ଧ ବୁଦ୍ଧିର ଗୋଚର । କାମିନୀକାଞ୍ଚନରୁ ଆସକ୍ତି ଗଲେ ହିଁ ଶୁଦ୍ଧ ମନ ଓ ଶୁଦ୍ଧ ବୁଦ୍ଧି ହୁଏ । ସେତେବେଳେ ଶୁଦ୍ଧ ମନ ଶୁଦ୍ଧ ବୁଦ୍ଧି ଏକ । ଶୁଦ୍ଧ ମନର ଗୋଚର । ଋଷିମୁନିମାନେ କଅଣ ତାଙ୍କୁ ଦେଖି ନାହାନ୍ତି ? ସେମାନେ ଚୈତନ୍ୟଦ୍ୱାରା ଚୈତନ୍ୟର ସାକ୍ଷାତ୍କାର କରିଥିଲେ ।

ଗିରିଶ (ହସି ହସି)—ନରେନ୍ଦ୍ର ମୋ ସହିତ ତର୍କରେ ହାରିଯାଇଛି ।

ଶ୍ରୀରାମକୃଷ୍ଣ—ନା, ସେ ମୋତେ କହିଛି, 'ଗିରିଶ ଘୋଷଙ୍କର ମନୁଷ୍ୟକୁ ଅବତାର

---

* Compare discussion about the order of perception of the Infinite and of the Finite in Max-Muller's Hibbert Lectures and Gifford Lectures.

ବୋଲି ଏତେ ବିଶ୍ୱାସ, ମୁଁ ଆଉ କଅଣ କହିବି ! ଏପରି ବିଶ୍ୱାସ ଉପରେ କିଛି କହିବା ଠିକ୍ ନୁହେଁ ।'

ଗିରିଶ (ହସି ହସି)—ଆଜ୍ଞା ! ଆମେ ସବୁ ବକର ବକର ହେଉଛୁ, କିନ୍ତୁ ମାଷ୍ଟର ଓଠ ଚିପି ବସିଛି । କଅଣ ଭାବୁଛି ? ଆଜ୍ଞା ! କଅଣ କହନ୍ତୁ !

ଶ୍ରୀରାମକୃଷ୍ଣ (ହସି ହସି)—'ଖରଖରିଆ, ଭିତରନିନ୍ଦା, କାନତୁଳସୀ, ଲମ୍ବା ଓଢ଼ଣା ନାରୀ, ଦଳ-ପୋଖରୀର ଶୀତଳ ପାଣି ଭାରୀ ମନ୍ଦକାରୀ ।' (ସମସ୍ତଙ୍କର ହସ)—କିନ୍ତୁ ଏ ତାହା ନୁହନ୍ତି—ଏ ଗମ୍ଭୀରାତ୍ମା ।'' (ସମସ୍ତଙ୍କର ହସ)

ଗିରିଶ—ଆଜ୍ଞା ! ଏ ଶ୍ଳୋକଟି କଅଣ ଗାଇଲେ ?

ଶ୍ରୀରାମକୃଷ୍ଣ—ଏହି କେତୋଟି ଲୋକଙ୍କ ପ୍ରତି ସାବଧାନ ହେବ ! ପ୍ରଥମ ଖର ଖର ହୋଇ ଯେ କଥା କହେ; ତା'ପରେ ଭିତର ନିନ୍ଦା—ଯାହାର ମନ ଭିତରର କଥାର ଅନ୍ତ ମିଳେ ନାହିଁ; ତା'ପରେ କାନତୁଳସୀ—ଯେ ଭକ୍ତି ଦେଖାଇ ହେବା ପାଇଁ କାନରେ ତୁଳସୀ ଖୋସେ; ଲମ୍ବା ଓଢ଼ଣା ନାରୀ—ଲମ୍ବା ଓଢ଼ଣା ଟାଣିଥିବାରୁ ଲୋକମାନେ ଭାବିବେ ଏ ଭାରୀ ସତୀ, କିନ୍ତୁ ତାହା ନୁହେଁ; ଆଉ ଦଳପୋଖରୀର ପାଣି—ଗାଧୋଇଲେ ସନ୍ନିପାତ ହୁଏ । (ସମସ୍ତଙ୍କର ହସ)

ଚୁନିଲାଲ—ଏହାଙ୍କ (ମାଷ୍ଟରଙ୍କ) ନାମରେ ନିନ୍ଦା ରଟୁଛି । ଛୋଟ ନରେନ୍, ବାବୁରାମ, ନାରାୟଣ, ପଲ୍ଟୁ, ପୂର୍ଣ୍ଣ, ତେଜଚନ୍ଦ୍ର—ଏମାନେ ସବୁ ତାଙ୍କର ଛାତ୍ର । ପ୍ରଚାର ହୋଇଛି ଯେ, ସେ ସେମାନଙ୍କୁ ଏଠାକୁ ଆଣିଛନ୍ତି, ସେମାନଙ୍କର ପାଠପଢ଼ାରେ ଅବହେଳା ହେଉଛି । ଏହାଙ୍କୁ ଦୋଷ ଦେଉଛନ୍ତି ।

ଶ୍ରୀରାମକୃଷ୍ଣ—ସେମାନଙ୍କ କଥା କିଏ ବିଶ୍ୱାସ କରିବ ?

ଏହିପରି କଥାବାର୍ତ୍ତା ହେଉଛି, ଏହି ସମୟରେ ନାରାୟଣ ଆସି ଠାକୁରଙ୍କୁ ପ୍ରଣାମ କଲେ । ନାରାୟଣ ଗୌରବର୍ଣ୍ଣ, ୧୭।୧୮ ବର୍ଷ ବୟସ, ସ୍କୁଲରେ ପଢ଼ନ୍ତି, ଠାକୁର ଶ୍ରୀରାମକୃଷ୍ଣ ତାଙ୍କୁ ଖୁବ୍ ଭଲ ପାଆନ୍ତି । ତାଙ୍କୁ ଦେଖିବା ପାଇଁ ଓ ଖୁଆଇବା ପାଇଁ ବ୍ୟାକୁଳ; ତାଙ୍କ ପାଇଁ ଦକ୍ଷିଣେଶ୍ୱରରେ ବସି ସେ ମଧ୍ୟ କାନ୍ଦନ୍ତି । ନାରାୟଣଙ୍କୁ ସେ ସାକ୍ଷାତ୍ ନାରାୟଣ ବୋଲି ଦେଖନ୍ତି ।

ଗିରିଶ (ନାରାୟଣଙ୍କ ପ୍ରତି)—କିଏ ଖବର ଦେଲେ ? ଦେଖୁଛି ମାଷ୍ଟର ସବୁ ସାରିଲେ । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ (ହସି ହସି)—ରହ । ଚୁପ୍‌ଚାପ୍ ରହ । ଏକେ ତ ଏହାଙ୍କ (ମାଷ୍ଟରଙ୍କ) ନାମରେ ବଦନାମ ଉଠିଛି ।

### ଅନ୍ନଚିନ୍ତା ଚମତ୍କାରା—ବ୍ରାହ୍ମଣର ପ୍ରତିଗ୍ରହ କରିବା ଫଳ

ପୁଣି ନରେନ୍ଦ୍ରଙ୍କ କଥା ପଡ଼ିଲା ।

ଜଣେ ଭକ୍ତ—ବର୍ତ୍ତମାନ ସେତେ ଆସନ୍ତି ନାହିଁ କାହିଁକି ?

ଶ୍ରୀରାମକୃଷ୍ଣ—ଅନ୍ନଚିନ୍ତା ଚମତ୍କାରା ।
କାଳିଦାସ ହୁଏ ବୁଦ୍ଧିହରା । (ସମସ୍ତଙ୍କର ହସ)

ବଳରାମ—ଶିବ ଗୁହଙ୍କ ପୁଅ ଅନ୍ନଦା ଗୁହଙ୍କ ପାଖକୁ ବେଶୀ ଯିବା ଆସିବା କରନ୍ତି ।

ଶ୍ରୀରାମକୃଷ୍ଣ—ହଁ, ଜଣେ ଅଫିସ୍‌ବାଲାଙ୍କ ବସାକୁ ନରେନ୍ଦ୍ର, ଅନ୍ନଦା ଏମାନେ ସବୁ ଯାଆନ୍ତି । ସେଠାରେ ସେମାନେ ବ୍ରାହ୍ମସମାଜ କରନ୍ତି ।

ଜଣେ ଭକ୍ତ—ଅଫିସବାଲାଙ୍କ ନାମ ତାରାପଦ ।

ବଳରାମ (ହସି ହସି)—ବ୍ରାହ୍ମଣମାନେ କହନ୍ତି, ଅନ୍ନଦା ଗୁହଙ୍କର ଭାରୀ ଅହଂକାର ।

ଶ୍ରୀରାମକୃଷ୍ଣ—ବ୍ରାହ୍ମଣମାନଙ୍କର ସେସବୁ କଥା କାହିଁକି ଶୁଣୁଛ ? ସେମାନଙ୍କୁ ତ ଜାଣ, ନ ଦେଲେ ଖରାପ ଲୋକ, ଦେଲେ ଭଲ । (ହସ) ଅନ୍ନଦାକୁ ମୁଁ ଜାଣେ, ଭଲ ଲୋକ ।

## (୩)
## ଭକ୍ତମାନଙ୍କ ଗହଣରେ—ଭଜନାନନ୍ଦ

ଏହି ସମୟରେ ଠାକୁର ଗୀତ ଶୁଣିବା ପାଇଁ ଇଚ୍ଛା ପ୍ରକାଶ କଲେ । ବଳରାମଙ୍କ ବୈଠକଖାନା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଛି । ସମସ୍ତେ ତାଙ୍କ ଆଡ଼କୁ ଚାହିଁ ରହିଛନ୍ତି, ସେ କଅଣ କହିବେ ଶୁଣିବେ ଓ କଅଣ କରିବେ ଦେଖିବେ ।

ତାରାପଦ ଗୀତ ଗାଇଲେ—

କେଶବ କୁରୁ କରୁଣା ଦୀନେ, କୁଞ୍ଜକାନନଚାରୀ ।
ମାଧବ ମନମୋହନ, ମୋହନମୁରଲୀଧାରୀ ।।
(ହରିବୋଲ, ହରିବୋଲ, ହରିବୋଲ, ମନ ମୋର) ।
ବ୍ରଜକିଶୋର, କାଳୀୟହର, କାତରଭୟଭଞ୍ଜନ,
ନୟନ ବଙ୍କା, ବଙ୍କା ଶିଖିପଙ୍ଖା, ରାଧିକାହୃଦରଞ୍ଜନ,
ଗୋବର୍ଦ୍ଧନଧାରଣ, ବନକୁସୁମଭୂଷଣ, ଦାମୋଦର, କଂସଦର୍ପହାରୀ ।
ଶ୍ୟାମ ରାସରସବିହାରୀ । (ହରିବୋଲ ଇତ୍ୟାଦି) ।।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ଆହା, ଗୀତଟି ଭାରି ସୁନ୍ଦର । ତୁମେ କଅଣ ଏହିସବୁ ଗୀତ ଲେଖିଛ ?

ଜଣେ ଭକ୍ତ—ହଁ, ଇଏ ଚୈତନ୍ୟଲୀଳାର ସବୁ ଗୀତ ରଚନା କରିଛନ୍ତି ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ଏ ଗୀତ ଭଲ ହୋଇଛି ।

(ଗାୟକଙ୍କ ପ୍ରତି)—''ନିତାଇଙ୍କ ଗୀତ ଗାଇପାର ?

ପୁଣି ଗୀତ ହେଲା, ନିତାଇ ଗାଇଥିଲେ—

କିଶୋରୀର ପ୍ରେମ ନେବ ଆସରେ,
ପ୍ରେମ ଜୁଆର ବହିଯାଏରେ ।

ବହୁଛି ସେ ପ୍ରେମ ଶତଧାରେ, ଯେ ଯେତେ ଚାହେଁ ସେତେ ପାଏରେ ।
ପ୍ରେମ କିଶୋରୀ ପ୍ରେମ ବିତରଇ ଇଚ୍ଛା କରି, ରାଧା ପ୍ରେମେ ବୋଲରେ ହରି,
ପ୍ରେମ ପ୍ରାଣ ମତ୍ତ କରି, ପ୍ରେମେ ତରଙ୍ଗେ ପ୍ରାଣ ନଚାଏ ,
ରାଧା ପ୍ରେମେ ହରି ବୋଲି, ଆସ ଆସ ଆସରେ ।

ଶ୍ରୀଗୌରାଙ୍ଗଙ୍କର ଗୀତ ହେଲା—

କାହାର ଭାବେ ଗୌର ବେଶେ ଶାନ୍ତ କଲ ପ୍ରାଣ,
ପ୍ରେମ ସାଗରେ ଉଠିଲେ ଚିଢ଼, ରହିବ ନାହିଁ କୁଳ ମାନ ।
(ମନ ମତାଇଲେ ଗୌର ହେ)
ବ୍ରଜର ମଧ୍ୟେ ଗୋପାଳ ସାଜି ଚରାଇଲେ ଗୋଧନ,
କରେ ଧରି ମୋହନବଂଶୀ, ମତାଇଲେ ଗୋପୀଙ୍କ ମନ ।
ଧରି ଗୋବର୍ଦ୍ଧନ ଗୋପାଳେ ବୃନ୍ଦାବନ
ମାନରଖି ଧରି ଗୋପୀଙ୍କୁ ପାଦ , ଭାସିଗଲା ଚାନ୍ଦ ବୟାନ ,
(ମନ ମତାଇଲେ ଗୌର ହେ) ।

ସମସ୍ତେ ମାଷ୍ଟରଙ୍କୁ ଅନୁରୋଧ କରୁଛନ୍ତି, ତୁମେ ଗୋଟିଏ ଗୀତ ଗାଅ । ମାଷ୍ଟର ଲାଜରେ ଆସ୍ତେ ଆସ୍ତେ କ୍ଷମା ମାଗୁଛନ୍ତି ।

ଗିରିଶ (ଠାକୁରଙ୍କ ପ୍ରତି, ସହାସ୍ୟ)— ଆଜ୍ଞା ! ମାଷ୍ଟର କୌଣସି ମତେ ଗୀତ ଗାଉନାହାନ୍ତି ।

ଶ୍ରୀରାମକୃଷ୍ଣ (ବିରକ୍ତ ହୋଇ)—ସେ ସ୍କୁଲରେ ଦାନ୍ତ ବାହାର କରିବେ, ଗୀତ ଗାଇବାକୁ ଯେତେ ଲାଜ ! ମାଷ୍ଟର ମୁହଁ ଶୁଖାଇ କିଛିକ୍ଷଣ ବସି ରହିଲେ ।

ଶ୍ରୀଯୁକ୍ତ ସୁରେଶ ମିତ୍ର ଅଳ୍ପ ଦୂରରେ ବସିଥିଲେ । ଠାକୁର ଶ୍ରୀରାମକୃଷ୍ଣ ତାଙ୍କ ଆଡ଼କୁ ସସ୍ନେହ ଦୃଷ୍ଟିପାତ କରି ଶ୍ରୀଯୁକ୍ତ ଗିରିଶ ଘୋଷଙ୍କୁ ଦେଖାଇ ସହାସ୍ୟ ବଦନରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ତୁମେ କଅଣ ? ଏ (ଗିରିଶ) ତୁମଠୁ ବଳି !

ସୁରେଶ (ହସି ହସି)—ଆଜ୍ଞା ହଁ, ମୋର ବଡ଼ ଭାଇ । (ସମସ୍ତଙ୍କର ହସ)

ଗିରିଶ (ଠାକୁରଙ୍କ ପ୍ରତି)—ଆଜ୍ଞା ! ମୁଁ ପିଲାଦିନରୁ କିଛି ଲେଖାପଢ଼ା ଶିଖି ନାହିଁ, ତଥାପି ଲୋକେ କହନ୍ତି ବିଦ୍ୱାନ୍ !

ଶ୍ରୀରାମକୃଷ୍ଣ—ମହିମା ଚକ୍ରବର୍ତ୍ତୀ ବହୁ ଶାସ୍ତ୍ର ପଢ଼ିଛନ୍ତି । ଭାରୀ ଆଧାର । (ମାଷ୍ଟରଙ୍କ ପ୍ରତି) କଅଣ ହେ ?

ମାଷ୍ଟର—ଆଜ୍ଞା ହଁ ।

ଗିରିଶ—କଅଣ ? ବିଦ୍ୟା ? ସେମିତି ବହୁତ ଦେଖିଛି ! ସେସବୁ ମୋତେ ଆଉ ଭୁଲାଇ ପାରିବ ନାହିଁ ।

ଶ୍ରୀରାମକୃଷ୍ଣ (ହସି ହସି)—ଏଠାକାର ଭାବ କଅଣ ଜାଣ ? **ବହି, ଶାସ୍ତ୍ର** ଏସବୁ

**କେବଳ ଈଶ୍ୱରଙ୍କ ପାଖରେ ପହଞ୍ଚିବାର ପଥ ବତାଇ ଦିଅନ୍ତି ।** ପଥ ଜାଣିଯିବା ପରେ, ଆଉ ବହି ଶାସ୍ତ୍ର କଅଣ ଦରକାର ? ସେତେବେଳେ ନିଜେ ନିଜେ କାମ କରିବାକୁ ହୁଏ ।

ଜଣେ ଖଣ୍ଡେ ଚିଠି ପାଇଥିଲା, ବନ୍ଧୁ ସଙ୍ଖୁଳା କରିବାକୁ ହେବ, କଅଣ ସବୁ ଜିନିଷ ଲେଖାଥିଲା । ଜିନିଷ କିଣିବାକୁ ଗଲା ବେଳକୁ ଚିଠିଟି ମିଳିଲା ନାହିଁ । ଗୃହକର୍ତ୍ତା ଭାରୀ ବ୍ୟସ୍ତ ହୋଇ ଚିଠି ଖୋଜିବାକୁ ଲାଗିଲେ । ବହୁ ସମୟ ଧରି ସବୁ ଲୋକ ମିଶି ଖୋଜି ଖୋଜି ଶେଷରେ ଚିଠିଖଣ୍ଡକ ପାଇଲେ । ସେତେବେଳେ ଆଉ ଆନନ୍ଦର ସୀମା ନାହିଁ । ଘରର ମୁରବୀ ଜଣକ ଚଞ୍ଚଳ ଚିଠିଖଣ୍ଡକ ଅତି ଯତ୍ନରେ ପଢ଼ିବାକୁ ଲାଗିଲେ, କଅଣ ଲେଖା ଅଛି । ଲେଖା ଅଛି ଯେ ପାଞ୍ଚସେର ସନ୍ଦେଶ ପଠାଇବ, ଖଣ୍ଡେ ଲୁଗା ପଠାଇବ, ଆଉ କେତେ କଅଣ । ଆଉ ଚିଠିର ଦରକାର ନାହିଁ । ଚିଠିଟି ପକାଇଦେଇ ସନ୍ଦେଶ, ଲୁଗା ଓ ଅନ୍ୟ ଜିନିଷ ସବୁ ଯୋଗାଡ଼ କରିବାକୁ ବାହାରିଲେ । ସେପର୍ଯ୍ୟନ୍ତ ଚିଠିଟି ଦରକାର, ଯେପର୍ଯ୍ୟନ୍ତ ସନ୍ଦେଶ, ଲୁଗା ଇତ୍ୟାଦି ବିଷୟ ଜଣା ନ ଥାଏ । ତା'ପରେ ଯୋଗାଡ଼ କରିବାର ଚେଷ୍ଟା ।

ତାଙ୍କୁ ପାଇବାର ଉପାୟ କଥା ଶାସ୍ତ୍ରରୁ ଜାଣିବ । କିନ୍ତୁ ସବୁ ଜାଣିବା ପରେ କାମ ଆରମ୍ଭ କରିବାକୁ ହେବ । ତେବେ ତ ବସ୍ତୁଲାଭ ହେବ !

ତୁଚ୍ଛା ପାଣ୍ଡିତ୍ୟରେ କଅଣ ହେବ ? ଅନେକ ଶ୍ଳୋକ, ଅନେକ ଶାସ୍ତ୍ର ପଣ୍ଡିତଙ୍କୁ ଜଣା ଥାଇପାରେ; କିନ୍ତୁ ଯାହାର ସଂସାରରେ ଆସକ୍ତି ଅଛି, ଯିଏ କାମିନୀ-କାଞ୍ଚନକୁ ମନେ ମନେ ଭଲପାଏ, ତାର ଶାସ୍ତ୍ର ଧାରଣା ହୁଏ ନାହିଁ—ତାର ପଢ଼ାପଢ଼ି ସବୁ ବୃଥା । ପାଞ୍ଜିରେ ଲେଖାଅଛି, କୋଡ଼ିଏ ଅଢ଼ା ଜଳ, କିନ୍ତୁ ପାଞ୍ଜିକୁ ଚିପୁଡ଼ିଲେ ଟୋପାଏ ସୁଦ୍ଧା ପାଣି ପଡ଼େ ନାହିଁ । ଟୋପାଏ ହେଲେ ପଡ଼, କିନ୍ତୁ ଟୋପାଏ ବି ପଡ଼େ ନାହିଁ । (ସମସ୍ତଙ୍କର ହସ)

ଗିରିଶ (ସହାସ୍ୟ)— ଆଜ୍ଞା ! ପାଞ୍ଜିକୁ ଚିପୁଡ଼ିଲେ ଟୋପାଏ ବି ପାଣି ପଡ଼େ ନାହିଁ ! (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ (ସହାସ୍ୟ)—ପଣ୍ଡିତ ଖୁବ୍ ଲମ୍ୱା ଲମ୍ୱା କଥା କହନ୍ତି, କିନ୍ତୁ ନଜର କେଉଁଠି ଜାଣ? କାମିନୀ-କାଞ୍ଚନରେ, ଦେହସୁଖ ଓ ଟଙ୍କାରେ ।

ଶାଗୁଣା ଖୁବ୍ ଉଚ୍ଚରେ ଉଡ଼େ, କିନ୍ତୁ ନଜର ମଡ଼ ଉପରେ । (ହସ) କେବଳ ଖୋଜୁଛି, କେଉଁଠି ମଡ଼ କେଉଁଠି ମଶାଣି, କେଉଁଠି ମଡ଼ା, ଶବ ।

(ଗିରିଶଙ୍କ ପ୍ରତି) ନରେନ୍ଦ୍ର ଖୁବ୍ ଭଲ, ଗାଇବା, ବଜାଇବା, ପଢ଼ାପଢ଼ି, ବିଦ୍ୟା, ସବୁଥିରେ; ଏଣେ ଜିତେନ୍ଦ୍ରିୟ, ବିବେକ ବୈରାଗ୍ୟ ଅଛି, ସତ୍ୟବାଦୀ । ବହୁତ ଗୁଣ ।

(ମାଷ୍ଟରଙ୍କ ପ୍ରତି) ''କଅଣ ହେ , କଅଣ ଭାରୀ ଭଲ ନୁହେଁ ?''

ମାଷ୍ଟର—ଆଜ୍ଞା, ହଁ, ଭାରୀ ଭଲ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କୁ)—ଦେଖ, ଏହାର (ଗିରିଶଙ୍କର) ଭାରୀ ଅନୁରାଗ ଓ ବିଶ୍ୱାସ ।

ମାଷ୍ଟର ଅବାକ୍ ହୋଇ ଗିରିଶଙ୍କୁ ଏକଦୃଷ୍ଟିରେ ଦେଖିବାକୁ ଲାଗିଲେ । ଗିରିଶ ଠାକୁରଙ୍କ ପାଖକୁ ଅଳ୍ପ କିଛି ଦିନ ହେଲା ଆସୁଛନ୍ତି । ମାଷ୍ଟର କିନ୍ତୁ ଦେଖିଲେ, ଯେପରି ପୂର୍ବ ପରିଚିତ—ବହୁ ଦିନର ପରିଚିତ—ପରମାତ୍ମୀୟ—ଯେପରି ଏକସୂତ୍ରରେ ଗୁନ୍ଥା ମଣିମାଳାର ଗୋଟିଏ ମଣି ।

ନାରାୟଣ—ଆଜ୍ଞା ! ଆପଣ ଆଜି ଗାଇବେ ନାହିଁ ?

ଶ୍ରୀରାମକୃଷ୍ଣ ମଧୁର କଣ୍ଠରେ ମାଆଙ୍କର ଭଜନ ଗାଉଛନ୍ତି—

ଯତନେ ହୃଦୟେ ରଖ ଆଦରିଣୀ ଶ୍ୟାମ ମା'ରେ ।
ମନ ତୁ ଦେଖ୍ ଆଉ ମୁଁ ଦେଖେ, ଆଉ କେହି ଯେନ ନ ଦେଖେ ।
ଫାଙ୍କି ଦେଇ କାମାଦିରେ, ମନ ଦେଖ ନିରୋଳାରେ ।
ସଙ୍ଗେ ନିଅ ରସନାରେ, ମାଆ ବୋଲି ଡାକିବରେ ।
କୁରୁଚି କୁମନ୍ତ୍ରୀ ଯେତେ, ଆସିବାକୁ ଦିଅନା ପାଶେ ।
ପ୍ରହରୀ ରଖ ଜ୍ଞାନ-ନୟନେ ସଦା ତୁହି ସାବଧାନେ ।

ଠାକୁର ତ୍ରିତାପ-ତାପିତ ସଂସାରୀ ଜୀବର ଭାବ ଆରୋପ କରି ମାଆଙ୍କ ପାଖରେ ଅଭିମାନ କରି ଗାଉଛନ୍ତି—

ଗୋ ଆନନ୍ଦମୟୀ ହୟେ ମା ଆମାୟ ନିରାନନ୍ଦ କରୋ ନା ।
(ଓ ମା ) ଓ ଦୁଟି ଚରଣ ବିନେ ଆମାର ମନ, ଅନ୍ୟ କିଛୁ ଆର ଜାନେ ନା ।।
ତପନତନୟ ଆମାୟ ମନ୍ଦ କୟ, କି ବଲିବ ତାୟ ବଲନା ।
ଭବାନୀ ବଲିୟେ ଭବେ ଯାବ ଚଲେ ମନେଛିଲ ଏଇ ବାସନା ।
ଅକୁଳ ପାଥାରେ ଡୁବାବି ଆମାରେ (ଓମା) ସ୍ୱପନେଓ ତାତୋ ଜାନି ନା ।
ଆମି ଅହର୍ନିଶି, ଶ୍ରୀଦୁର୍ଗା ନାମେ ଭାସି ତବୁ ଦୁଃଖରାଶି ଗେଲ ନା ।
ଏବାର ଯଦି ମରି, ଓ ହର-ସୁନ୍ଦରୀ,ତୋର ଦୁର୍ଗାନାମ କେଉ ଆର ଲବେ ନା ।।

ପୁଣି ନିତ୍ୟାନନ୍ଦମୟୀଙ୍କର ବ୍ରହ୍ମାନନ୍ଦ କଥା ଗାଉଛନ୍ତି—

ଶିବ ସଙ୍ଗେ ସଦାରଙ୍ଗେ ଆନନ୍ଦେ ମଗନା ,
ସୁଧାପାନେ ଢଳ ଢଳ ଢଲେ କିନ୍ତୁ ପଡ଼େ ନା (ମା) ।
ବିପରୀତ ରତାତୁରା, ପଦଭରେ କାମ୍ପେ ଧରା ,
ଉଭୟେ ପାଗଲେର ପାରା ଲଜ୍ଜା ଭୟ ଆର୍ ମାନେନା ।

ଭକ୍ତମାନେ ନିସ୍ତବ୍ଧ ହୋଇ ଗୀତ ଶୁଣୁଛନ୍ତି । ସେମାନେ ଏକଦୃଷ୍ଟିରେ ଠାକୁରଙ୍କ ଅଦ୍ଭୁତ ଆତ୍ମହରା ଭାବ ଦେଖୁଛନ୍ତି ।

ଭଜନ ଶେଷ ହେଲା । କିଛି ସମୟ ପରେ ଠାକୁର ଶ୍ରୀରାମକୃଷ୍ଣ କହୁଛନ୍ତି, ''ଆଜି ଗୀତ ଜମିଲା ନାହିଁ—ସର୍ଦ୍ଦି ହୋଇଛି ।''

## (୪)
## ସନ୍ଧ୍ୟାସମାଗମରେ

କ୍ରମେ ସନ୍ଧ୍ୟା ହେଲା । ସିନ୍ଧୁବକ୍ଷରେ ଯେଉଁଠାରେ ଅନନ୍ତର ନୀଳ ଛାୟା ପଡ଼ିଛି, ନିବିଡ଼ ଅରଣ୍ୟ ମଧ୍ୟରେ, ଅମ୍ବରଚୁମ୍ବିତ ପର୍ବତଶିଖରରେ, ବାୟୁବିକମ୍ପିତ ନଦୀତୀରରେ, ଦିଗ୍‌ଦିଗନ୍ତବ୍ୟାପୀ ପ୍ରାନ୍ତର ମଧ୍ୟରେ କ୍ଷୁଦ୍ରମାନବର ସହଜରେ ଭାବାନ୍ତର ହେଲା । ଏହି ସୂର୍ଯ୍ୟ ଚରାଚର ବିଶ୍ୱକୁ ଆଲୋକିତ କରୁଥିଲେ, କେଉଁଆଡ଼େ ଗଲେ ? ବାଳକ ଭାବୁଛି, ପୁଣି ଭାବୁଛନ୍ତି—ବାଳକସ୍ୱଭାବାପନ୍ନ ମହାପୁରୁଷ । ସନ୍ଧ୍ୟା ହେଲା ! କି ଆଶ୍ଚର୍ଯ୍ୟ ! କିଏ ଏପରି କଲା ? ପକ୍ଷୀମାନେ ପାଦପଶାଖା ଆଶ୍ରୟ କରି କଳରବ କରୁଛନ୍ତି । ମନୁଷ୍ୟଙ୍କ ମଧ୍ୟରେ ଯେଉଁମାନଙ୍କର ଚୈତନ୍ୟ ହୋଇଛି, ସେମାନେ ମଧ୍ୟ ସେହି ଆଦିକବି କାରଣର କାରଣ ପୁରୁଷୋତ୍ତମଙ୍କର ନାମ ଉଚ୍ଚାରଣ କରୁଛନ୍ତି ।

କଥା କହୁ କହୁ ସନ୍ଧ୍ୟା ହେଲା । ଭକ୍ତମାନେ ଯେ ଯେଉଁ ଆସନରେ ବସିଥିଲେ ସେ ସେହି ଆସନରେ ବସି ରହିଲେ । ଶ୍ରୀରାମକୃଷ୍ଣ ମଧୁର ନାମ ଉଚ୍ଚାରଣ କରୁଛନ୍ତି, ସେଥିପାଇଁ ସମସ୍ତେ ଉଦ୍‌ଗ୍ରୀବ ଓ ଉତ୍‌କର୍ଣ୍ଣ ହୋଇ ଶୁଣୁଛନ୍ତି । ଏପରି ମଧୁର ନାମ ସେମାନେ କେବେହେଲେ ଶୁଣି ନାହାନ୍ତି—ଯେପରି ସୁଧାବର୍ଷଣ ହେଉଅଛି । ଏପରି ପ୍ରେମବୋଳା ମାଆ ମାଆ ଡାକ ସେମାନେ କେବେ ଶୁଣି ନାହାନ୍ତି, କେବେ ଦେଖି ନାହାନ୍ତି । ଆକାଶ, ପର୍ବତ, ମହାସାଗର, ପ୍ରାନ୍ତର, ବନ ଆଉ ଦେଖିବା କଅଣ ଦରକାର ? ଗାଈର ଶୃଙ୍ଗ, ପଦାଦି ଓ ଶରୀରର ଅନ୍ୟାନ୍ୟ ଅଂଶ ଦେଖିବା ଆଉ କଅଣ ଦରକାର ? ଦୟାମୟ ଗୁରୁଦେବ ଯେଉଁ ଗାଈଟିର କଥା କହିଲେ, ଏହି ଗୃହ ମଧ୍ୟରେ କଅଣ ତାହା ବିଦ୍ୟମାନ? ସମସ୍ତଙ୍କର ଅଶାନ୍ତ ମନ କିପରି ଶାନ୍ତି ଲାଭ କଲା ? ନିରାନନ୍ଦ ଧରା କିପରି ଆନନ୍ଦରେ ଭାସିଲା ? କାହିଁକି ଭକ୍ତମାନଙ୍କୁ ଶାନ୍ତ ଓ ଆନନ୍ଦମୟ ଦେଖୁଛି ? ଏହି ପ୍ରେମିକ ସନ୍ନ୍ୟାସୀ କଅଣ ସୁନ୍ଦର ରୂପଧାରୀ ଅନନ୍ତ ଈଶ୍ୱର ? ଏହିଠାରେ କଅଣ ଦୁଗ୍‌ଧପାନ-ପିପାସୁର ପିପାସା ତୃପ୍ତ ହେବ ? ଅବତାର ହୁଅନ୍ତୁ ବା ନ ହୁଅନ୍ତୁ ଏହାଙ୍କ ଚରଣପ୍ରାନ୍ତରେ ମନ ବିକା ହୋଇଯାଇଛି, ଆଉ ଫେରିଯିବାର ବାଟ ନାହିଁ । ଏହାଙ୍କୁ ହିଁ ଜୀବନର ଧ୍ରୁବତାରା କରିଛି । ଦେଖେ,ଏହାଙ୍କର ହୃଦୟ-ସରୋବରରେ ସେହି ଆଦି-ପୁରୁଷ କିପରି ପ୍ରତିବିମ୍ବିତ ହୋଇଛନ୍ତି ।

ଭକ୍ତମାନେ କେହି କେହି ଏପରି ଚିନ୍ତା କରୁଛନ୍ତି ଓ ଶ୍ରୀରାମକୃଷ୍ଣଙ୍କର ଶ୍ରୀମୁଖବିଗଳିତ ହରିନାମ ଏବଂ ମାଆଙ୍କ ନାମ ଶ୍ରବଣ କରି କୃତକୃତାର୍ଥ ବୋଧ କରୁଛନ୍ତି । ନାମଗୁଣକୀର୍ତ୍ତନ ପରେ ଠାକୁର ପ୍ରାର୍ଥନା କଲେ । ଯେପରି ସାକ୍ଷାତ୍ ଭଗବାନ ପ୍ରେମର ଦେହ ଧାରଣ କରି ଜୀବକୁ ଶିକ୍ଷା ଦେଉଛନ୍ତି, କିପରି ପ୍ରାର୍ଥନା କରିବାକୁ ହୁଏ । କହିଲେ, **"ମା, ମୁଁ ତୁମର ଶରଣାଗତ ! ତୁମର ଶ୍ରୀପାଦପଦ୍ମରେ ଶରଣ ଗଲି । ମୁଁ ଦେହସୁଖ ଚାହେଁ ନାହିଁ ମା' ! ଲୋକମାନ୍ୟ ଚାହେଁ ନାହିଁ, (ଅଣିମାଦି) ଅଷ୍ଟସିଦ୍ଧି ଚାହେଁ ନାହିଁ । କେବଳ ଏତିକି କର, ଯେପରି ତୁମର ପାଦପଦ୍ମରେ ଶୁଦ୍ଧାଭକ୍ତି ହୁଏ—ନିଷ୍କାମ, ନିର୍ମଳ,**

**ଅହୈତୁକୀ ଭକ୍ତି ହୁଏ । ଆଉ ମା, ଯେପରି ମୁଁ ତୁମର ଭୁବନମୋହିନୀ ମାୟାରେ ମୁଗ୍‌ଧ ନ ହୁଏ—ତୁମର ମାୟା–ସଂସାରରେ, କାମିନୀ–କାଞ୍ଚନରେ ଯେପରି ମୋହିତ ନ ହୁଏ । ମା ! ତୁମ ବ୍ୟତୀତ ମୋର ଆଉ କେହି ନାହାଁନ୍ତି । ମୁଁ ଭଜନହୀନ, ଜ୍ଞାନହୀନ, ଭକ୍ତିହୀନ, କୃପା କରି ଶ୍ରୀପାଦପଦ୍ମରେ ମୋତେ ଭକ୍ତି ଦିଅ !''**

ମଣି ଭାବୁଛନ୍ତି—ଯେ ତ୍ରିସନ୍ଧ୍ୟାରେ ତାଙ୍କର ନାମ କରୁଛନ୍ତି—ଯାହାଙ୍କର ଶ୍ରୀମୁଖନିଃସୃତ ନାମଗଙ୍ଗା ତୈଳଧାରାସଦୃଶ ନିରବଚ୍ଛିନ୍ନା, ତାଙ୍କର ପୁଣି ସନ୍ଧ୍ୟା କଅଣ ? ପରେ ବୁଝିଲେ, ଲୋକଶିକ୍ଷା ପାଇଁ ଠାକୁର ମାନବ ଦେହ ଧାରଣ କରିଛନ୍ତି—

'ହରି ନିଜେ ଆସି, ଯୋଗୀବେଶ ଧରି, କରିଲେ ନାମ ସଂକୀର୍ତ୍ତନ ।'

ଗିରିଶ ଠାକୁରଙ୍କୁ ନିମନ୍ତ୍ରଣ କଲେ । ସେହି ରାତିରେ ହିଁ ଯିବାକୁ ହେବ ।

ଶ୍ରୀରାମକୃଷ୍ଣ—ରାତି ହୋଇଯିବ ନାହିଁ ?

ଗିରିଶ—ନା, ଯେତେବେଳେ ଇଚ୍ଛା ଆପଣ ଯିବେ, ମୋତେ ଆଜି ଥିଏଟର୍‌କୁ ଯିବାକୁ ହେବ; ସେମାନଙ୍କର କଜିଆ ତୁଟାଇବାକୁ ହେବ ।

## (୫)

## ରାଜପଥରେ ଶ୍ରୀରାମକୃଷ୍ଣଙ୍କର ଅଦ୍ଭୁତ ଈଶ୍ୱରାବେଶ

ଗିରିଶଙ୍କର ନିମନ୍ତ୍ରଣ । ରାତିରେ ହିଁ ଯିବାକୁ ହେବ । ବର୍ତ୍ତମାନ ରାତି ୯ଟା ହେବ । ବଳରାମ ଠାକୁରଙ୍କ ପାଇଁ ରାତ୍ରିଭୋଜନ ପ୍ରସ୍ତୁତ କରିଛନ୍ତି । କାଳେ ବଳରାମ ଦୁଃଖ କରିବେ, ତେଣୁ ଠାକୁର ଗିରିଶଙ୍କ ଘରକୁ ଯିବା ବେଳେ କହୁଛନ୍ତି—''ବଳରାମ ! ତୁମେ ମୋ ଖାଇବାଟା ପଠାଇଦିଅ ।''

ଦୁଇମହଲାରୁ ତଳକୁ ଓହ୍ଲାଉ ଓହ୍ଲାଉ ଭଗବତ୍‌ଭାବରେ ବିଭୋର । ଯେପରି ମାତାଲ ! ସଙ୍ଗରେ ନାରାୟଣ, ମାଷ୍ଟର । ପଛରେ ରାମ, ଚୁନି ପ୍ରଭୃତି ଅନେକେ ଅଛନ୍ତି । ଜଣେ ଭକ୍ତ କହୁଛନ୍ତି, କିଏ ସାଙ୍ଗରେ ଯିବ ? ଠାକୁର କହିଲେ, ''ଯେ କେହି ଜଣେ ହେଲେ ହେଲା ।'' ଓହ୍ଲାଉ ଓହ୍ଲାଉ ଭାବରେ ବିଭୋର । ନାରାୟଣ ହାତ ଧରିବାକୁ ଗଲେ, କାଳେ ପଡ଼ିଯିବେ । ଠାକୁର ବିରକ୍ତି ପ୍ରକାଶ କଲେ । ଟିକିଏ ପରେ ନାରାୟଣଙ୍କୁ ସ୍ନେହରେ କହିଲେ, ''ହାତ ଧରିଲେ ଲୋକେ ମାତାଲ ବୋଲି ଭାବିବେ, ମୁଁ ଏମିତି ଚାଲିଯିବି ।''

ବୋଷ୍‌ପଡ଼ାର ତିନିଛକ ପାର ହେଉଛନ୍ତି—ଅଳ୍ପ ଦୂରରେ ଶ୍ରୀଯୁକ୍ତ ଗିରିଶ ଘୋଷଙ୍କ ଘର । ଏତେ ଶୀଘ୍ର ଚାଲୁଛନ୍ତି କାହିଁକି ? ଭକ୍ତମାନେ ପଛରେ ପଡ଼ିଯାଉଛନ୍ତି । କିଏ ଜାଣେ ହୃଦୟ ମଧ୍ୟରେ କି ଅଦ୍ଭୁତ ଦେବଭାବର ଉଦୟ ହୋଇଛି ! ବେଦ ଯାହାଙ୍କୁ ବାକ୍ୟମନର ଅତୀତ ବୋଲି କହିଛନ୍ତି ତାଙ୍କୁ ଚିନ୍ତା କରି କଅଣ ଠାକୁର ପାଗଳପରି ପାଦ ପକାଉଛନ୍ତି ? ଟିକିଏ ଆଗରୁ ବଳରାମଙ୍କ ଘରେ କହିଲେ ଯେ, ସେହି ପୁରୁଷ ବାକ୍ୟମନର ଅତୀତ ନୁହନ୍ତି; ସେ ଶୁଦ୍ଧ ମନର, ଶୁଦ୍ଧ ବୁଦ୍ଧିର, ଶୁଦ୍ଧ ଆତ୍ମାର ଗୋଚର । ବୋଧହୁଏ ସେହି

ପୁରୁଷଙ୍କୁ ସାକ୍ଷାତ୍କାର କରୁଛନ୍ତି । ସେ କଅଣ ଦେଖୁଛନ୍ତି—'ଯୋ କୁଛ୍ ହୈ, ସୋ ତୁହୀ ହୈ !'

ହେଇ ନରେନ୍ଦ୍ର ଆସୁଛନ୍ତି । ପାଗଳ ପରି ଠାକୁର 'ନରେନ୍ଦ୍ର, ନରେନ୍ଦ୍ର' କହୁଛନ୍ତି । ନରେନ୍ଦ୍ର ସମ୍ମୁଖକୁ ଆସିଲେ, କିନ୍ତୁ ଠାକୁର ତ କାହିଁ କଥା କହୁନାହାନ୍ତି ! ଲୋକେ କହନ୍ତି, ଏହାର ନାମ ଭାବ, ଶ୍ରୀଗୌରାଙ୍ଗଙ୍କର କଅଣ ଏହିପରି ହେଉଥିଲା ?

କିଏ ଏ ଭାବ ବୁଝିବ ? ଗିରିଶଙ୍କ ଘରକୁ ଯିବା ଗଳି ସମ୍ମୁଖରେ ଠାକୁର ଆସି ଉପସ୍ଥିତ ହେଲେ । ସଙ୍ଗରେ ଭକ୍ତଗଣ । ଏଥର ନରେନ୍ଦ୍ରଙ୍କୁ ସମ୍ଭାଷଣ କରୁଛନ୍ତି ।

ନରେନ୍ଦ୍ରଙ୍କୁ କହିଲେ, "ବାବା ଭଲ ଅଛ ? ମୁଁ ସେତେବେଳେ କଥା କହିପାରି ନାହିଁ ।" —କଥାର ପ୍ରତିଟି ଅକ୍ଷର ସ୍ନେହପୂର୍ଣ୍ଣ । ସେପର୍ଯ୍ୟନ୍ତ ଦ୍ୱାରଦେଶରେ ପହଞ୍ଚି ନାହାନ୍ତି । ହଠାତ୍ ଛିଡ଼ା ରହିଗଲେ ।

ନରେନ୍ଦ୍ରଙ୍କ ଆଡ଼କୁ ଚାହିଁ କହିଉଠିଲେ, "ଗୋଟିଏ କଥା—ଏ ଗୋଟିଏ (ଦେହୀ?) ସେ ଗୋଟିଏ (ଜଗତ୍ ?) ।"

ଜୀବ ଜଗତ୍ ! ଏସବୁ କଅଣ ଭାବରେ ଦେଖୁଥିଲେ ? ସେ କେବଳ ଜାଣନ୍ତି, ଅବାକ୍ ହୋଇ କଅଣ ଦେଖିଲେ । ଗୋଟିଏ ଦୁଇଟି କଥା ଉଚ୍ଚାରିତ ହେଲା, ଯେପରି ବେଦବାକ୍ୟ —ଯେପରି ଦୈବବାଣୀ—ଅଥବା, ଯେପରି ଅନନ୍ତ ସମୁଦ୍ର କୂଳରେ ଅବାକ୍ ହୋଇ ଠିଆ ହୋଇଛି, ଏବଂ ଅନନ୍ତ-ତରଙ୍ଗମାଳୋତ୍‌ଥିତ ଅନାହତ ଶବ୍ଦର ଗୋଟିଏ-ଦୁଇଟି ଧ୍ୱନି କର୍ଣ୍ଣକୁହରରେ ପ୍ରବେଶ କଲା ।

## (୬)
## ଭକ୍ତମନ୍ଦିରରେ—ସଂବାଦପତ୍ର—ନିତ୍ୟଗୋପାଳ

ଦ୍ୱାରଦେଶରେ ଗିରିଶ; ଠାକୁର ଶ୍ରୀରାମକୃଷ୍ଣଙ୍କୁ ଗୃହ ମଧ୍ୟକୁ ନେଇଯିବାକୁ ଆସିଛନ୍ତି । ଠାକୁର ଭକ୍ତମାନଙ୍କ ସହିତ ଯେତେବେଳେ ନିକଟକୁ ଆସିଲେ, ସଙ୍ଗେ ସଙ୍ଗେ ଗିରିଶ ଦଣ୍ଡ ସଦୃଶ ସାଷ୍ଟାଙ୍ଗ ପ୍ରଣିପାତ ହେଲେ । ଆଜ୍ଞା ପାଇ ଉଠିଲେ, ଠାକୁରଙ୍କ ପଦଧୂଳି ଗ୍ରହଣ କଲେ ଓ ସଙ୍ଗରେ ନେଇ ଦ୍ୱିତଳର ବୈଠକଖାନାରେ ବସାଇଲେ । ଭକ୍ତମାନେ ତରବର ହୋଇ ଆସନ ଗ୍ରହଣ କଲେ—ସମସ୍ତଙ୍କର ଇଚ୍ଛା, ତାଙ୍କ ପାଖରେ ବସିବେ ଓ ତାଙ୍କର ମଧୁର କଥାମୃତ ପାନ କରିବେ ।

ଆସନ ଗ୍ରହଣ କରିବାକୁ ଯାଇ ଠାକୁର ଦେଖିଲେ, ଖଣ୍ଡିଏ ଖବରକାଗଜ ରହିଛି । ଖବରକାଗଜରେ ବିଷୟୀମାନଙ୍କର କଥା, ବିଷୟ କଥା, ପରଚର୍ଚ୍ଚା, ପରନିନ୍ଦା—ସେଥିପାଇଁ ଏହା ତାଙ୍କ ଚକ୍ଷୁରେ ଅପବିତ୍ର ! ସେ ଇଙ୍ଗିତ କଲେ, ତାହା ଯେପରି ସ୍ଥାନାନ୍ତରିତ ହୁଏ ।

କାଗଜଖଣ୍ଡକ ନେଇଯିବା ପରେ ଆସନ ଗ୍ରହଣ କଲେ ।

ନିତ୍ୟଗୋପାଳ ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ (ନିତ୍ୟଗୋପାଳଙ୍କ ପ୍ରତି)—ସେଠାକୁ ?

ନିତ୍ୟ—ଆଜ୍ଞା, ଦକ୍ଷିଣେଶ୍ୱରକୁ ଯାଇନାହିଁ । ଦେହ ଖରାପ, ଘୋଳାବିନ୍ଧା ।

ଶ୍ରୀରାମକୃଷ୍ଣ—କିପରି ଅଛୁ ?

ନିତ୍ୟ—ଭଲ ନାହିଁ ।

ଶ୍ରୀରାମକୃଷ୍ଣ—ଗୋଟିଏ ଦୁଇଟି ଗ୍ରାମ (ସ୍ୱର) ତଳେ ରହ !

ନିତ୍ୟ—ଲୋକମାନଙ୍କ ସଙ୍ଗ ଭଲ ଲାଗୁନାହିଁ । କେତେ କଅଣ କହନ୍ତି—ଡରମାଡ଼େ, ଥରେ ଥରେ ଖୁବ୍ ସାହସ ହୁଏ ।

ଶ୍ରୀରାମକୃଷ୍ଣ—ହଁ ସେପରି ହେବ । ତୋ ସାଙ୍ଗରେ କିଏ ରହୁଛି ?

ନିତ୍ୟ—ତାରକ* । ସେ ସବୁବେଳେ ମୋ ସାଙ୍ଗରେ ରହେ, ତାକୁ ବି ବେଳେ ବେଳେ ଭଲ ଲାଗୁନାହିଁ ।

ଶ୍ରୀରାମକୃଷ୍ଣ—ଲଙ୍ଗଳୀ (ତୋତାପୁରୀ) କହୁଥିଲା, ସେମାନଙ୍କ ମଠରେ ଜଣେ ସିଦ୍ଧ ପୁରୁଷ ଥିଲେ । ସେ ଆକାଶକୁ ଚାହିଁ ଚାହିଁ ଚାଲି ଯାଉଥିଲେ—ଗଣେଶଗର୍ଜୀ—ସଙ୍ଗୀ ଚାଲିଯିବା ପରେ ଭାରୀ ଦୁଃଖ—ଅଧୈର୍ଯ୍ୟ ହୋଇଯାଇଥିଲେ ।

କହୁ କହୁ ଶ୍ରୀରାମକୃଷ୍ଣଙ୍କର ଭାବାନ୍ତର ହେଲା । କେଉଁ ଏକ ଭାବରେ ନିର୍ବାକ୍ ହୋଇ ରହିଲେ । ଟିକିଏ ପରେ କହିଲେ, "ତୁ ଆସିଛୁ ? ମୁଁ ବି ଆସିଛି ।" ଏକଥା କିଏ ବୁଝିବ ? ଏ କଅଣ ଦେବଭାଷା ?

## (୭)
## ପାର୍ଷଦଙ୍କ ଗହଣରେ—ଅବତାର ସମ୍ବନ୍ଧରେ ବିଚାର

ଭକ୍ତମାନେ ଅନେକେ ଉପସ୍ଥିତ—ଶ୍ରୀରାମକୃଷ୍ଣଙ୍କ ପାଖରେ ବସିଛନ୍ତି । ନରେନ୍ଦ୍ର, ଗିରିଶ, ରାମ, ହରିପଦ, ଚୁନି, ବଳରାମ, ମାଷ୍ଟର ପ୍ରଭୃତି ଅଛନ୍ତି ।

ମନୁଷ୍ୟ ରୂପରେ ଈଶ୍ୱର ଯେ ଅବତୀର୍ଣ୍ଣ ହୁଅନ୍ତି ଏକଥା ନରେନ୍ଦ୍ର ମାନନ୍ତି ନାହିଁ । ଏଣେ ଗିରିଶଙ୍କର ଜ୍ୱଳନ୍ତ ବିଶ୍ୱାସ ଯେ, ସେ ଯୁଗେ ଯୁଗେ ଅବତାର ରୂପରେ ଆସନ୍ତି, ମାନବଦେହ ଧାରଣ କରି ମର୍ତ୍ତ୍ୟଲୋକକୁ ଆସନ୍ତି । ଠାକୁରଙ୍କର ଇଚ୍ଛା ଯେ, ଏହି ସମ୍ବନ୍ଧରେ ଏ ଦୁଇଜଣଙ୍କ ମଧ୍ୟରେ ବିଚାର ହେଉ ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ଇଂରାଜୀରେ ଦୁଇଜଣଯାକ ଟିକିଏ ବିଚାର କର, ମୁଁ ଶୁଣିବି ।

ବିଚାର ଆରମ୍ଭ ହେଲା । ଇଂରାଜୀରେ ହେଲା ନାହିଁ—ବଙ୍ଗଳାରେ ହେଲା—ମଝିରେ ମଝିରେ ଗୋଟାଏ ଯୋଡ଼ାଏ ଇଂରାଜି କଥା । ନରେନ୍ଦ୍ର କହିଲେ, "ଈଶ୍ୱର ଅନନ୍ତ । ତାଙ୍କୁ ଧାରଣା କରିବା ଆମର ଅସାଧ୍ୟ । ସମସ୍ତଙ୍କ ଭିତରେ ସେ ଅଛନ୍ତି—କେବଳ ଜଣକ ଭିତରେ ଆସିଛନ୍ତି, ଏପରି ନୁହେଁ ।"

---

*ତାରକନାଥ ଘୋଷାଲ-ସ୍ୱାମୀ ଶିବାନନ୍ଦ

ଶ୍ରୀରାମକୃଷ୍ଣ (ସ୍ନେହରେ)—ତାର ଯାହା ମତ ମୋର ମଧ୍ୟ ସେହି ମତ । ସେ ସର୍ବତ୍ର ରହିଛନ୍ତି । ତେବେ ଗୋଟାଏ କଥା ଅଛି—ଶକ୍ତିବିଶେଷ । କେଉଁଠାରେ ଅବିଦ୍ୟାଶକ୍ତିର ପ୍ରକାଶ, କେଉଁଠାରେ ବା ବିଦ୍ୟାଶକ୍ତିର । କେଉଁ ଆଧାରରେ ଶକ୍ତି ବେଶୀ, କେଉଁ ଆଧାରରେ ଶକ୍ତି କମ୍ । ସେଥିପାଇଁ ସବୁ ମନୁଷ୍ୟ ସମାନ ନୁହନ୍ତି ।

ରାମ—ଏସବୁ ବୃଥା ତର୍କରେ ଲାଭ କଅଣ ?

ଶ୍ରୀରାମକୃଷ୍ଣ (ବିରକ୍ତ ଭାବରେ)—ନା, ନା, ଏହାର ଗୋଟାଏ ମାନେ ଅଛି ।

ଗିରିଶ (ନରେନ୍ଦ୍ରଙ୍କ ପ୍ରତି)—ତୁମେ କିପରି ଜାଣିଲ, ସେ ଦେହ ଧାରଣ କରି ଆସନ୍ତି ନାହିଁ ।

ନରେନ୍ଦ୍ର—ସେ ଅବାଙ୍‌ମନସଗୋଚରମ୍ (ବାକ୍ୟମନର ଅଗୋଚର) ।

ଶ୍ରୀରାମକୃଷ୍ଣ—ନା, ସେ **ଶୁଦ୍ଧ-ବୁଦ୍ଧିର ଗୋଚର** । ଶୁଦ୍ଧ ବୁଦ୍ଧି ଓ ଶୁଦ୍ଧ ଆତ୍ମା ଏକ, ଋଷିମାନେ ଶୁଦ୍ଧ ବୁଦ୍ଧି ଦ୍ୱାରା ଶୁଦ୍ଧ ଆତ୍ମାଙ୍କୁ ସାକ୍ଷାତ୍‌କାର କରିଥିଲେ ।

ଗିରିଶ—(ନରେନ୍ଦ୍ରଙ୍କ ପ୍ରତି) ମନୁଷ୍ୟ ହୋଇ ଅବତାର ନ ହେଲେ କିଏ ବୁଝାଇଦେବେ । ମନୁଷ୍ୟକୁ ଜ୍ଞାନ ଭକ୍ତି ଦେବା ପାଇଁ ସେ ଦେହ ଧାରଣ କରି ଆସନ୍ତି । ନୋହିଲେ କିଏ ଶିକ୍ଷା ଦେବେ ?

ନରେନ୍ଦ୍ର—କାହିଁକି ? ସେ ଅନ୍ତରରେ ରହି ବୁଝାଇ ଦେବେ ।

ଶ୍ରୀରାମକୃଷ୍ଣ—(ସ୍ନେହରେ) ହଁ, ହଁ, ଅନ୍ତର୍ଯ୍ୟାମୀରୂପରେ ସେ ବୁଝାଇ ଦେବେ ।

ତାପରେ ଘୋରତର ତର୍କ ଚାଲିଲା । ଅନନ୍ତ—ତାର କଅଣ ଅଂଶ ହୁଏ ? ହାମିଲ୍‌ଟନ କଅଣ କହିଛନ୍ତି ? ହାର୍ବାଟ୍ ସ୍ପେନ୍‌ସାର୍ କଅଣ କହିଛନ୍ତି ? ଟିଣ୍ଡେଲ୍ ହାକ୍ସଲେ ବା କଅଣ କହିଯାଇଛନ୍ତି, ଏହିସବୁ କଥାର ଆଲୋଚନା ଚାଲିଲା ।

ଶ୍ରୀରାମକୃଷ୍ଣ—(ମାଷ୍ଟରଙ୍କ ପ୍ରତି) ଦେଖ, ଏ ଗୁଡ଼ାକ ମୋତେ ଭଲ ଲାଗୁ ନାହିଁ । ମୁଁ ସବୁ ସମାନ ଦେଖୁଛି । ଆଉ ବିଚାର ବା କଅଣ କରିବି ? ଦେଖୁଛି—ସେ ହିଁ ସବୁ ।

## ରାମାନୁଜ ଓ ବିଶିଷ୍ଟାଦ୍ୱୈତବାଦ

ଶ୍ରୀରାମକୃଷ୍ଣ—ସେ ହିଁ ସବୁ ହୋଇଛନ୍ତି । ଏ ବି ଠିକ୍, ସେ ବି ଠିକ୍ । ଗୋଟିଏ ଅବସ୍ଥାରେ ମନବୁଦ୍ଧି ଅଖଣ୍ଡରେ ହଜିଯାଏ । ନରେନ୍ଦ୍ରକୁ ଦେଖି ମୋର ମନ ଅଖଣ୍ଡରେ ଲୀନ ହୋଇଯାଏ ।

(ଗିରିଶଙ୍କ ପ୍ରତି)—"ଏ ବିଷୟରେ କଅଣ ବୁଝିଲ କହ ତ !"

ଗିରିଶ—(ହସି ହସି) ଏଇଟି ଛଡ଼ା ଆଉସବୁ ପ୍ରାୟ ବୁଝିଯାଇଛି । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ—ପୁଣି ଦୁଇ ଧାପ ତଳକୁ ନ ଖସିଲେ କଥା କହିପାରେ ନାହିଁ ।

"ବେଦାନ୍ତ— ଶଙ୍କର ଯାହା ବୁଝାଇଛନ୍ତି, ତାହା ଅଛି; ପୁଣି ରାମାନୁଜଙ୍କର ବିଶିଷ୍ଟାଦ୍ୱୈତବାଦ ମଧ୍ୟ ଅଛି ।"

ନରେନ୍ଦ୍ର (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ବିଶିଷ୍ଟାଦ୍ୱୈତବାଦ କଅଣ ?

ଶ୍ରୀରାମକୃଷ୍ଣ (ନରେନ୍ଦ୍ରଙ୍କ ପ୍ରତି)—ବିଶିଷ୍ଟାଦ୍ୱୈତବାଦ ରାମାନୁଜଙ୍କର ମତ । କଅଣ ନା, ଜୀବଜଗତ୍‌ବିଶିଷ୍ଟ ବ୍ରହ୍ମ । ସବୁ ମିଶି ଗୋଟିଏ ।

''ଯେପରି ଗୋଟିଏ ବେଲ । ଜଣେ ବେଲର ଖୋଳପା, ମଞ୍ଜି ଓ ଶସକୁ ଅଲଗା ଅଲଗା କରିଦେଇଥିଲା । ବେଲଟି କେତେ ଓଜନର ତାହା ଜାଣିବା ଦରକାର ପଡ଼ିଲା । ଏବେ ଖାଲି ଶସକୁ ଓଜନ କଲେ କଅଣ ବେଲର ଓଜନ ଜଣା ପଡ଼ିବ ? ଖୋଳପା, ମଞ୍ଜି, ଶସ ସବୁକୁ ଏକାଠି ଓଜନ କରିବାକୁ ହେବ । ପ୍ରଥମେ ଖୋଳପା ନୁହେଁ, ମଞ୍ଜି ନୁହେଁ, ଶସଟିକୁ କେବଳ ସାର ପଦାର୍ଥ ବୋଲି ବୋଧହୁଏ । ତା'ପରେ ବିଚାର କଲେ ଦେଖାଯାଏ, ଯେଉଁ ବସ୍ତୁର ଶସ, ସେହି ବସ୍ତୁର ହିଁ ଖୋଳପା ଓ ମଞ୍ଜି । ପ୍ରଥମେ ନେତି ନେତି କରି ଯିବାକୁ ହୁଏ । ଯଥା—ଜୀବ ନେତି, ଜଗତ୍ ନେତି, ଏହିପରି ବିଚାର କରିବାକୁ ହୁଏ; ବ୍ରହ୍ମ ହିଁ ବସ୍ତୁ, ଆଉ ସବୁ ଅବସ୍ତୁ । ତା'ପରେ ଅନୁଭୂତି ହୁଏ, ଯାହାର ଶସ, ତାର ହିଁ ଖୋଳପା ଓ ମଞ୍ଜି, ଯାହାଙ୍କଠାରୁ ବ୍ରହ୍ମ କହୁଛ, ତାଙ୍କଠାରୁ ହିଁ ଜୀବଜଗତ୍ । ନିତ୍ୟ ଯାହାଙ୍କର, ଲୀଳା ବି ତାଙ୍କର । ତେଣୁ ରାମାନୁଜ କହୁଥିଲେ, ଜୀବଜଗତ୍‌ବିଶିଷ୍ଟ ବ୍ରହ୍ମ । ଏହାର ନାମ ବିଶିଷ୍ଟାଦ୍ୱୈତବାଦ ।''

## (୮)

## ଈଶ୍ୱରଦର୍ଶନ—ଅବତାର ପ୍ରତ୍ୟକ୍ଷସିଦ୍ଧ

ଶ୍ରୀରାମକୃଷ୍ଣ—(ମାଷ୍ଟରଙ୍କ ପ୍ରତି) ମୁଁ ତ ଏସବୁ ସାକ୍ଷାତ୍ ଦେଖୁଛି—ଆଉ କ'ଣ ବିଚାର କରିବି ? ମୁଁ ଦେଖୁଛି, ସେ ହିଁ ଏହିସବୁ ହୋଇଛନ୍ତି । ସେ ହିଁ ଜୀବ ଓ ଜଗତ୍ ହୋଇଛନ୍ତି ।

ତେବେ ଚୈତନ୍ୟଲାଭ ନ ହେଲେ ଚୈତନ୍ୟଙ୍କୁ ଜଣାଯାଏ ନାହିଁ । ବିଚାର କେତେ ଦିନ ? ଯେପର୍ଯ୍ୟନ୍ତ ତାଙ୍କୁ ଲାଭକରିନାହଁ, ଖାଲି ମୁହଁରେ କହିଦେଲେ ହେବ ନାହିଁ ଯେ ମୁଁ ସାକ୍ଷାତ୍ ଦେଖୁଛି ସେ ସବୁ ହୋଇଛନ୍ତି । ତାଙ୍କ କୃପାରୁ ଚୈତନ୍ୟଲାଭ ହେବା ଦରକାର । ଚୈତନ୍ୟଲାଭ ହେଲେ ସମାଧି ହୁଏ, ମଝିରେ ମଝିରେ ଦେହ ଭୁଲ ହୋଇଯାଏ, କାମିନୀ-କାଞ୍ଚନ ଉପରେ ଆସକ୍ତି ରହେ ନାହିଁ; ଈଶ୍ୱରୀୟ କଥା ଛଡ଼ା ଆଉ କିଛି ଭଲ ଲାଗେ ନାହିଁ; ବିଷୟ କଥା ଶୁଣିଲେ କଷ୍ଟ ହୁଏ ।

### ପ୍ରତ୍ୟକ୍ଷ—ନରେନ୍ଦ୍ରଙ୍କୁ ଶିକ୍ଷା—କାଳୀ ହିଁ ବ୍ରହ୍ମ

''ଚୈତନ୍ୟଲାଭ ହେଲେ ଯାଇ ଚୈତନ୍ୟକୁ ଜାଣିହୁଏ ।''

ବିଚାରାନ୍ତେ ଠାକୁର ଶ୍ରୀରାମକୃଷ୍ଣ ମାଷ୍ଟରଙ୍କୁ କହୁଛନ୍ତି—

''ଦେଖିଛି, ବିଚାର ଦ୍ୱାରା ଏକ ପ୍ରକାର ଜଣାଯାଏ, ଆଉ ତାଙ୍କୁ ଧ୍ୟାନ କଲେ ଅନ୍ୟ ପ୍ରକାର ଜଣାଯାଏ । ପୁଣି ଯେତେବେଳେ ସେ ଦେଖାଇ ଦିଅନ୍ତି—ତାହା ଆଉ ଗୋଟିଏ

ପ୍ରକାର । ସେ ଯଦି ଦେଖାଇ ଦିଅନ୍ତି—ଏହାର ନାମ ଅବତାର— ସେ ଯଦି ତାଙ୍କର ମନୁଷ୍ୟଲୀଳା ଦେଖାଇ ଦିଅନ୍ତି, ତାହାହେଲେ ଆଉ ବିଚାର କରିବାକୁ ପଡ଼େ ନାହିଁ, କେହି ବୁଝାଇ ଦେବା ଦରକାର ହୁଏ ନାହିଁ । କିପରି ଜାଣ ? ଯେପରି ଅନ୍ଧାରରେ ଦିଆସିଲି ଘଷୁ ଘଷୁ ଦପ୍ କରି ଆଲୁଅ ହୋଇଯାଏ । ସେହିଭଳି ସେ ଯଦି ଦପ୍ କରି ଆଲୁଅ ଦିଅନ୍ତି, ତାହାହେଲେ ସବୁ ସନ୍ଦେହ ତୁଟିଯାଏ । ନଚେତ୍ ଏଭଳି ବିଚାର କରି କଅଣ ତାଙ୍କୁ ଜଣାଯାଏ ?''

ଠାକୁର ନରେନ୍ଦ୍ରଙ୍କୁ ଡାକି ପାଖରେ ବସାଇଲେ ଓ କୁଶଳ ପ୍ରଶ୍ନ ପଚାରି କେତେ ଆଦର କଲେ ।

ନରେନ୍ଦ୍ର (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ତିନି ଚାରି ଦିନ କାଳୀଙ୍କୁ ଧ୍ୟାନ କଲି, କିନ୍ତୁ କାହିଁ କିଛି ତ ହେଲା ନାହିଁ !

ଶ୍ରୀରାମକୃଷ୍ଣ—କ୍ରମେ ହେବ । କାଳୀ ଆଉ କେହି ନୁହନ୍ତି, ଯେ ବ୍ରହ୍ମ ସେ ହିଁ କାଳୀ । କାଳୀ ଆଦ୍ୟାଶକ୍ତି । ଯେତେବେଳେ ନିଷ୍କ୍ରିୟ, ସେତେବେଳେ ବ୍ରହ୍ମ ବୋଲି କହୁ । ଯେତେବେଳେ ସୃଷ୍ଟି, ସ୍ଥିତି ଓ ପ୍ରଳୟ କରନ୍ତି, ସେତେବେଳେ ଶକ୍ତି ବୋଲି କହୁ, କାଳୀ ବୋଲି କହୁ । ଯାହାଙ୍କୁ ତୁମେ ବ୍ରହ୍ମ ବୋଲି କହୁଛ, ତାଙ୍କୁ ମୁଁ କାଳୀ କହୁଛି ।

''ବ୍ରହ୍ମ ଏବଂ କାଳୀ ଅଭେଦ । ଯେପରି ଅଗ୍ନି ଆଉ ଦାହିକାଶକ୍ତି । ଅଗ୍ନିକୁ ଭାବିଲେ ହିଁ ଦାହିକାଶକ୍ତିକୁ ଭାବିବାକୁ ହୁଏ । କାଳୀଙ୍କୁ ମାନିଲେ ବ୍ରହ୍ମଙ୍କୁ ମଧ୍ୟ ମାନିବାକୁ ହୁଏ; ପୁଣି ବ୍ରହ୍ମଙ୍କୁ ମାନିଲେ କାଳୀଙ୍କୁ ବି ମାନିବାକୁ ହୁଏ ।

''ବ୍ରହ୍ମ ଓ ଶକ୍ତି ଅଭେଦ । ମୁଁ ତାଙ୍କୁ ହିଁ ଶକ୍ତି, ତାଙ୍କୁ ହିଁ କାଳୀ ବୋଲି କହେ ।''

ଏଣେ ରାତ୍ରି ହୋଇଯାଇଛି । ଗିରିଶ ହରିପଦଙ୍କୁ କହୁଛନ୍ତି, ଭାଇ ଯଦି ଖଣ୍ଡେ ଗାଡ଼ି ଡାକି ଦିଅନ୍ତ—ଥିଏଟରକୁ ଯିବାକୁ ହେବ ।

ଶ୍ରୀରାମକୃଷ୍ଣ (ହସି ହସି)—ଦେଖ ନିଶ୍ଚୟ ଆଣିବ ! (ସମସ୍ତଙ୍କର ହସ)

ହରିପଦ (ହସି ହସି)—ମୁଁ ଆଣିବାକୁ ଯାଉଛି, ଆଉ ଆଣିବି ନାହିଁ ?

## ଈଶ୍ୱରଲାଭ ଓ କର୍ମ—ରାମ ଓ କାମ

ଗିରିଶ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆପଣଙ୍କୁ ଛାଡ଼ି ପୁଣି ଥିଏଟରକୁ ଯିବାକୁ ହେବ ।

ଶ୍ରୀରାମକୃଷ୍ଣ– ନା, ଏପାଖ ସେ ପାଖ ଦୁଇପାଖ ରଖିବାକୁ ହେବ । ଜନକ ରାଜା ଏପାଖ ସେପାଖ ଦିପାଖ ରଖି ପିଇଥିଲା ଦୁଧବାଟି । (ସମସ୍ତଙ୍କର ହସ)

ଗିରିଶ–ଥିଏଟର ସବୁ ପିଲାଙ୍କ ହାତରେ ଛାଡ଼ି ଦେବି ଭାବୁଛି ।

ଶ୍ରୀରାମକୃଷ୍ଣ—ନା ନା, ଇଏ ଠିକ୍ ଅଛି, ଅନେକଙ୍କର ଉପକାର ହେଉଛି ।

ନରେନ୍ଦ୍ର (ମୃଦୁ ସ୍ୱରରେ)—ଏଆଡ଼େ ଈଶ୍ୱର କହୁଛି, ଅବତାର କହୁଛି; ସେଆଡ଼େ ପୁଣି ଥିଏଟର୍ ଟାଣୁଛି !

## ସମାଧି-ମନ୍ଦିରରେ—ଭାବମତ୍ତ ଶ୍ରୀରାମକୃଷ୍ଣ

ଶ୍ରୀରାମକୃଷ୍ଣ ନରେନ୍ଦ୍ରଙ୍କୁ ପାଖରେ ବସାଇ ଏକ ଦୃଷ୍ଟିରେ ଦେଖୁଛନ୍ତି; ହଠାତ୍ ତାଙ୍କ ପାଖକୁ ଆହୁରି ଲାଗି ବସିଲେ । ନରେନ୍ଦ୍ର ଅବତାର ମାନନ୍ତି ନାହିଁ—ସେଥିରେ କଅଣ ଯାଏ ଆସେ ? ଠାକୁରଙ୍କର ଭଲପାଇବା ଯେପରି ଆହୁରି ଉଚ୍ଛୁଳି ପଡ଼ିଲା । ଦେହରେ ହାତ ମାରି ଶ୍ରୀରାମକୃଷ୍ଣ ନରେନ୍ଦ୍ରଙ୍କୁ କହୁଛନ୍ତି, 'ମାନ କଲୁ ତ କଲୁ, ଆମେ ବି ତ ମାନରେ ଅଛୁ (ରାଧେ) !'

## (୯)

## ବିଚାର ଈଶ୍ୱରଲାଭ ପର୍ଯ୍ୟନ୍ତ

(ନରେନ୍ଦ୍ରଙ୍କ ପ୍ରତି)—ସେପର୍ଯ୍ୟନ୍ତ ବିଚାର, ଯେପର୍ଯ୍ୟନ୍ତ ତାଙ୍କୁ ପାଇନାହଁ । ତୁମେମାନେ ବିଚାର କରୁଥିଲ, ମୋତେ ଭଲ ଲାଗୁ ନଥିଲା ।

ନିମନ୍ତ୍ରଣ ଘରେ ପାଟିତୁଣ୍ଡ କେତେ ସମୟ ? ଯେପର୍ଯ୍ୟନ୍ତ ଲୋକମାନେ ଖାଇବାକୁ ବସି ନାହାନ୍ତି । ଯେତେବେଳେ ଲୁଚି ତରକାରୀ ବଢ଼ାହୁଏ, ସଙ୍ଗେ ସଙ୍ଗେ ବାର ଅଣା ଶବ୍ଦ କମିଯାଏ । (ସମସ୍ତଙ୍କର ହସ) ଅନ୍ୟ ଖାଦ୍ୟ ବଢ଼ାହେଲେ ଆହୁରି କମିଯାଏ । ପତ୍ରରେ ଦହି ପଡ଼ିଲେ କେବଳ ସୁପ୍‌ସାପ୍ ହାପୁଡ଼ା । ଖାଇବା ଶେଷ ହେଲେ ନିଦ୍ରା ।

" ଈଶ୍ୱରଙ୍କୁ ଯେତେ ଲାଭ ହେବ,ସେତେ ବିଚାର କମିଯିବ । ତାଙ୍କୁ ଲାଭ କଲେ ଆଉ ଶବ୍ଦ ବିଚାର ରହେ ନାହିଁ । ସେତେବେଳେ ନିଦ୍ରା- ସମାଧି ।"

ଏହା କହି ନରେନ୍ଦ୍ରଙ୍କ ଦେହରେ ହାତ ବୁଲାଇ,ମୁହଁକୁ ଆଉଁଷି ଆଦର କରୁଛନ୍ତି, ଓ କହୁଛନ୍ତି,"ହରି ଓଁ, ହରି ଓଁ, ହରି ଓଁ ।"

କାହିଁକି ଏପରି କରୁଛନ୍ତି ଓ କହୁଛନ୍ତି ?

ଶ୍ରୀରାମକୃଷ୍ଣ କଅଣ ନରେନ୍ଦ୍ରଙ୍କ ମଧ୍ୟରେ ସାକ୍ଷାତ୍ ନାରାୟଣଙ୍କୁ ଦର୍ଶନ କରୁଛନ୍ତି ? ଏହାରି ନାମ କଅଣ ମନୁଷ୍ୟ ମଧ୍ୟରେ ଈଶ୍ୱର-ଦର୍ଶନ ? କି ଆଶ୍ଚର୍ଯ୍ୟ ! ଦେଖୁ ଦେଖୁ ଠାକୁରଙ୍କର ବାହ୍ୟଜ୍ଞାନ ଲୋପ ପାଉଛି ! ଏଇ ଦେଖ, ବହିର୍ଜଗତ୍‌ର ଚେତା ବୁଡ଼ିଯାଉଛି । ଏହାର ନାମ ବୋଧହୁଏ ଅର୍ଦ୍ଧବାହ୍ୟଦଶା—ଯାହା ଶ୍ରୀଗୌରାଙ୍ଗଙ୍କର ହେଉଥିଲା । ଏବେ ମଧ୍ୟ ନରେନ୍ଦ୍ରଙ୍କ ପାଦ ଉପରେ ହାତ—ଯେପରି ଛଳରେ ନାରାୟଣଙ୍କର ପାଦ ଚିପୁଛନ୍ତି--ପୁଣି ଦେହରେ ହାତ ବୁଲାଉଛନ୍ତି । ଏତେ ଗୋଡ଼ ହାତ ଆଉଁଷିବା କାହିଁକି ? ଏ କଅଣ ନାରାୟଣଙ୍କର ସେବା କରୁଛନ୍ତି, ନା ଶକ୍ତିସଞ୍ଚାର କରୁଛନ୍ତି ?

ଦେଖୁ ଦେଖୁ ଆହୁରି ଭାବାନ୍ତର ହେଉଛି । ନରେନ୍ଦ୍ରଙ୍କୁ ହାତ ଯୋଡ଼ି କଅଣ କହୁଛନ୍ତି । କହୁଛନ୍ତି— "ଗୋଟିଏ, ଗୀତ ଗାଆ—ତାହାହେଲେ ଭଲ ହେବି—ନୋହିଲେ ଉଠିବି କିପରି ! 'ଗୋରାପ୍ରେମେ ଗର୍ଗର ମତୁଆଲା (ନିତାଇ ଆମର)' ।"

ଟିକିଏ ପରେ ପୁଣି ନିର୍ବାକ୍ ଚିତ୍ରପ୍ରତିମା ପରି ଚୁପ୍ ରହିଛନ୍ତି । ପୁଣି ଭାବରେ ଉନ୍ମତ୍ତ ହୋଇ କହୁଛନ୍ତି—

"ଦେଖ ରାଧେ—ଯମୁନାରେ ଯେ ପଡ଼ିଯିବୁ—କୃଷ୍ଣପ୍ରେମ-ଉନ୍ମାଦିନୀ !" ପୁଣି ଭାବରେ ବିଭୋର ! କହୁଛନ୍ତି—

ସଖି ! ସେ ବନ କେତେ ଦୂର ! (ଯେ ବନେ ଆମର ଶ୍ୟାମସୁନ୍ଦର) !
(ଶ୍ରୀକୃଷ୍ଣଙ୍କ ଅଙ୍ଗ-ସୁଗନ୍ଧ ବାସୁଛି) ! (ମୁଁ ଆଉ ଚାଲିପାରୁନାହିଁ)"

ଏବେ ଜଗତଭୁଲ ହୋଇଯାଇଛି—କାହାରି କଥା ମନରେ ନାହିଁ—ଆଗରେ ନରେନ୍ଦ୍ର, କିନ୍ତୁ ତାଙ୍କ କଥା ଆଉ ମନେ ନାହିଁ—କେଉଁଠାରେ ବସିଛନ୍ତି, କିଛି ହେଲେ ହୋସ୍ ନାହିଁ । ବର୍ତ୍ତମାନ ମନପ୍ରାଣ ଈଶ୍ୱରଙ୍କଠାରେ ଗତ ହୋଇଛି । **'ମଦ୍‌ଗତ ଅନ୍ତରାତ୍ମା ।'**

"ଗୋରାପ୍ରେମେ ଗର୍ଗର ମତୁଆଲା !" ଏହି କଥା କହୁ କହୁ ହଠାତ୍ ହୁଙ୍କାର ଦେଇ ଦଣ୍ଡାୟମାନ ! ପୁଣି ବସି କହୁଛନ୍ତି—

"ହେଇ ଗୋଟିଏ ଆଲୁଅ ଆସୁଛି, ଦେଖିପାରୁଛି—କିନ୍ତୁ କେଉଁ ଦିଗରୁ ଆଲୁଅଟା ଆସୁଛି, ଏବେ ବି ବୁଝିପାରୁ ନାହିଁ ।"

ଏଥର ନରେନ୍ଦ୍ର ଗୀତ ଗାଉଛନ୍ତି—

'ସବୁ ଦୁଃଖ ଦୂର କଲ ଦରଶନ ଦେଇ—ମୋହିଲ ମୋ ପ୍ରାଣ ।
ସପ୍ତଲୋକ ଭୁଲେ ଶୋକ, ତୁମକୁ ଲଭିଣ—
କେଉଁଠି ମୁଁ ଅତି ଦୀନ-ହୀନ ॥'

ଗୀତ ଶୁଣୁ ଶୁଣୁ ଶ୍ରୀରାମକୃଷ୍ଣଙ୍କର ବହିର୍ଜଗତ୍ ଭୁଲ୍ ହୋଇଆସୁଛି । ପୁଣି ନିମୀଳିତ ନେତ୍ର ! ଦେହ ସ୍ପନ୍ଦନହୀନ ! ସମାଧିସ୍ଥ !

ସମାଧିଭଙ୍ଗ ପରେ କହୁଛନ୍ତି, "ମୋତେ କିଏ ନେଇଯିବ ?" ସାଙ୍ଗକୁ ନ ଦେଖିଲେ ପିଲା ଯେପରି ଅସହାୟ ବୋଧକରେ ସେହିପରି ।

ରାତି ବେଶୀ ହୋଇଛି । ଫାଲ୍‌ଗୁନ କୃଷ୍ଣା ଦଶମୀ— ଅନ୍ଧକାର ରାତ୍ରି । ଠାକୁର ଦକ୍ଷିଣେଶ୍ୱରର କାଳୀ-ମନ୍ଦିର ଯିବେ । ଗାଡ଼ିରେ ଚଢ଼ିବେ । ଭକ୍ତମାନେ ଗାଡ଼ି ପାଖରେ ଠିଆ ହୋଇଛନ୍ତି । ସେ ଉଠୁଛନ୍ତି—ବହୁ ସନ୍ତର୍ପଣରେ ତାଙ୍କୁ ଚଢ଼ାଇ ଦିଆଯାଉଛି । ଏବେ ମଧ୍ୟ ସମ୍ପୂର୍ଣ୍ଣ ଭାବମତ୍ତ ।

ଗାଡ଼ି ଚାଲିଗଲା । ଭକ୍ତମାନେ ଯେ ଯାହାଙ୍କ ଘରକୁ ଫେରି ଯାଉଛନ୍ତି ।

## (୧୦)
## ସେବକ ହୃଦୟରେ

ମସ୍ତକ ଉପରେ ତାରକାମଣ୍ଡିତ ନୈଶଗଗନ—ହୃଦୟପଟରେ ଅଦ୍ଭୁତ ଶ୍ରୀରାମକୃଷ୍ଣ-ଛବି, ସ୍ମୃତି ମଧ୍ୟରେ ଭକ୍ତଙ୍କର ମଜଲିସ୍—ସୁଖସ୍ୱପ୍ନପରି ନୟନପଥରେ ସେହି ପ୍ରେମର ହାଟ -କଲିକତାର ରାଜପଥରେ ଭକ୍ତମାନେ ଗୃହାଭିମୁଖେ ଯାଉଛନ୍ତି । କେହି ସରସ ବସନ୍ତ-ସମୀରଣ ସେବନ କରି କରି ସେହି ଗୀତଟି ପୁଣି ଗାଇ ଗାଇ ଚାଲିଛନ୍ତି—

'ସବୁ ଦୁଃଖ ଦୂର କଲ ଦରଶନ ଦେଇ—ମୋହିଲ ମୋ ପ୍ରାଣ !'

ମଣି ଭାବି ଭାବି ଯାଉଛନ୍ତି, ''ବାସ୍ତବିକ କଅଣ ଈଶ୍ୱର ମନୁଷ୍ୟଦେହ ଧାରଣ କରି ଆସନ୍ତି ? ଅବତାର କଅଣ ସତ୍ୟ ? ଅନନ୍ତ ଈଶ୍ୱର ଚଉଦପାଆ ମଣିଷ କିପରି ହେବେ ? ଅନନ୍ତ କଅଣ ସାନ୍ତ ହୁଅନ୍ତି ? ଅନେକ ବିଚାର ତ ହେଲା । କଅଣ ବୁଝିଲି ! ବିଚାରଦ୍ୱାରା କିଛି ହେଲେ ବୁଝିପାରିଲି ନାହିଁ ।''

ଠାକୁର ଶ୍ରୀରାମକୃଷ୍ଣ ତ କହିଲେ, 'ଯେପର୍ଯ୍ୟନ୍ତ ବିଚାର ସେପର୍ଯ୍ୟନ୍ତ ବସ୍ତୁଲାଭ ହୋଇ ନାହିଁ, ସେପର୍ଯ୍ୟନ୍ତ ଈଶ୍ୱରଙ୍କୁ ମିଳି ନାହିଁ ।' ଠିକ୍ କଥା ! ବୁଦ୍ଧି ତ ଛଟାଙ୍କିଏ; ଏହାଦ୍ୱାରା ଈଶ୍ୱରଙ୍କର କଥା ଆଉ କଅଣ ବୁଝିବି ! ସେରିକିଆ ବେଲାରେ କଅଣ ଚାରି ସେର ଦୁଧ ଧରେ ? ତାହାହେଲେ ଅବତାରଙ୍କଠାରେ କିପରି ବିଶ୍ୱାସ ହୁଏ ? ଠାକୁର କହିଲେ : ଈଶ୍ୱର ଯଦି ଦପ୍ କରି ଦେଖାଇ ଦିଅନ୍ତି ତାହାହେଲେ ନିମିଷକେ ବୁଝାଯାଏ । Goethe (ଗୋଥେ) ମୃତ୍ୟୁ ଶଯ୍ୟାରେ କହିଥିଲେ, Light ! More light ! ସେ ଯଦି ଦପ୍‌କରି ଆଲୁଅ ଜଳାଇ ଦେଖାଇ ଦିଅନ୍ତି, ତେବେ—'ଛିଦ୍ୟନ୍ତେ ସର୍ବସଂଶୟାଃ ।'

ଯେପରି ପାଲେଷ୍ଟାଇନ୍‌ର ମୂର୍ଖ ଧୀବରମାନେ ଯୀଶୁଖ୍ରୀଷ୍ଟଙ୍କୁ ଅଥବା ଯେପରି ଶ୍ରୀବାସ ପ୍ରଭୃତି ଭକ୍ତବୃନ୍ଦ ଶ୍ରୀଗୌରାଙ୍ଗଙ୍କୁ ପୂର୍ଣ୍ଣାବତାର ବୋଲି ଦେଖିଥିଲେ ।

ସେ ଯଦି ଦପ୍ କରି ଦେଖାଇ ନ ଦିଅନ୍ତି ତେବେ ଉପାୟ କଅଣ ? କାହିଁକି, ଯେହେତୁ ଠାକୁର ଶ୍ରୀରାମକୃଷ୍ଣ ଏକଥା କହୁଛନ୍ତି, ସେହେତୁ ଅବତାରରେ ବିଶ୍ୱାସ କରିବି । ସେ ହିଁ ଶିଖାଇଛନ୍ତି—ବିଶ୍ୱାସ, ବିଶ୍ୱାସ ବିଶ୍ୱାସ ! ଗୁରୁବାକ୍ୟରେ ବିଶ୍ୱାସ ! ଆଉ—

''ତୁମକୁ ମୁଁ କରିଅଛି ଜୀବନର ଧ୍ରୁବତାରା ।
ଏ ସମୁଦ୍ରେ ଆଉ କେବେ ହେବି ନାହିଁ ପଥହରା ।।''

''ମୋର ତାଙ୍କ ବାକ୍ୟରେ—ଈଶ୍ୱରଙ୍କ କୃପାରୁ ବିଶ୍ୱାସ ହୋଇଛି—ମୁଁ ବିଶ୍ୱାସ କରିବି, ଅନ୍ୟମାନେ ଯାହା କରିବାର କରନ୍ତୁ; ମୁଁ ଏହି ଦେବଦୁର୍ଲ୍ଲଭ ବିଶ୍ୱାସ କାହିଁକି ଛାଡ଼ିବି ? ବିଚାର ଥାଉ । ଜ୍ଞାନବିଚାର କରି କଅଣ ଶେଷରେ Faust ହେବି ? ଗଭୀର ରଜନୀରେ ବାତାୟନପଥରେ ଚନ୍ଦ୍ରକିରଣ ଆସିବ, ଆଉ ମୁଁ ଫଷ୍ଟଙ୍କ ପରି କଅଣ ଏକାକୀ ଘର ଭିତରେ 'ହାୟ, କିଛି ଜାଣିପାରିଲି ନାହିଁ, ବିଜ୍ଞାନ, ଦର୍ଶନ ବୃଥା ଅଧ୍ୟୟନ କଲି, ଏହି ଜୀବନକୁ ଧିକ୍ !' ବୋଲି କହି ବିଷ ଶିଶି ନେଇ ଆତ୍ମହତ୍ୟା କରି ବସିବି ? ନା, Alastorଙ୍କ ପରି ଅଜ୍ଞାନବୋଝ ବୋହି ନ ପାରି ପଥରଖଣ୍ଡ ଉପରେ ମୁଣ୍ଡ ରଖି ମୃତ୍ୟୁକୁ ଅପେକ୍ଷା କରି ବସି ରହିବି ! ନା, ମୋର ଏହିସବୁ ମାରାତ୍ମକ ପଣ୍ଡିତମାନଙ୍କ ପରି ଛଟାଙ୍କିଏ ଜ୍ଞାନଦ୍ୱାରା ଏହି ରହସ୍ୟ ଭେଦ କରିବାକୁ ଯିବା ଦରକାର ନାହିଁ । ଆଉ ସେରିକିଆ ବେଲାରେ ଚାରିସେର ଦୁଧ ଧରିଲା ନାହିଁ ବୋଲି ମରିବାକୁ ଯିବା ମଧ ଦରକାର ନାହିଁ । ବେଶ୍ କଥା, ଗୁରୁବାକ୍ୟରେ ବିଶ୍ୱାସ । ହେ ଭଗବାନ, ମୋତେ ଏହି ବିଶ୍ୱାସ ଦିଅ : ଆଉ ବାଟ ଭୁଲାଅ ନାହିଁ । ଯାହା ହେବାର ନୁହେଁ ତାହା ଖୋଜିବାକୁ ଯେପରି ନ ବାହାରେ ! ବରଂ ଠାକୁର

ଯାହା ଶିଖାଇଛନ୍ତି, ତୁମ ପାଦପଦ୍ମରେ ଯେପରି ଶୁଦ୍ଧାଭକ୍ତି ହୁଏ—ଅଚଳା ଅହୈତୁକୀ ଭକ୍ତି—ଆଉ ତୁମର ଭୁବନମୋହିନୀ ମାୟାରେ ଯେପରି ମୁଗ୍ଧ ନ ହୁଏ ! କୃପା କରି ଏହି ଆଶୀର୍ବାଦ କର ।''

ଶ୍ରୀରାମକୃଷ୍ଣଙ୍କର ଅଦୃଷ୍ଟପୂର୍ବ ପ୍ରେମର କଥା ଭାବି ଭାବି ମଣି ସେହି ଘୋର ଅନ୍ଧାର ରାତିରେ ରାଜପଥ ଦେଇ ଘରକୁ ଫେରିଯାଉଛନ୍ତି ଓ ଭାବୁଛନ୍ତି— ''ଗିରିଶଙ୍କ ପ୍ରତି କି ଅଦ୍ଭୁତ ପ୍ରେମ ! ଗିରିଶ ଥିଏଟର୍‌କୁ ଚାଲିଯିବେ, ତଥାପି ତାଙ୍କ ଘରକୁ ଯିବାକୁ ହେବ । କେବଳ ସେତିକି ନୁହେଁ ! ଏପରି କହୁନାହାନ୍ତି ଯେ, 'ତ୍ୟାଗ କର—ମୋ ପାଇଁ ଗୃହ, କୁଟୁମ୍ବ, ବିଷୟ କର୍ମ ସବୁ ତ୍ୟାଗ କରି ସନ୍ନ୍ୟାସ ଅବଲମ୍ବନ କର ।' ବୁଝିଛି—ଏହାର ମାନେ ଏହି ଯେ, ସମୟ ନ ହେଲେ, ତୀବ୍ର ବୈରାଗ୍ୟ ନ ହେଲେ, ଛାଡ଼ିଲେ କଷ୍ଟ ହେବ; ଠାକୁର ଯେପରି ନିଜେ କହନ୍ତି, ଘା' ଶୁଖୁ ନ ଶୁଖୁଣୁ ବକଳାକୁ ଛିଣ୍ଡାଇଦେଲେ ରକ୍ତ ବାହରି କଷ୍ଟ ହୁଏ, କିନ୍ତୁ ଘାଆ ଶୁଖିଗଲେ ବକଳା ନିଜେ ନିଜେ ଖସିପଡ଼େ । ସାଧାରଣ ଲୋକ, ଯାହାଙ୍କର ଅନ୍ତର୍ଦୃଷ୍ଟି ନାହିଁ, ସେମାନେ କହନ୍ତି ଏହିକ୍ଷଣି ସଂସାର ତ୍ୟାଗ କର । କିନ୍ତୁ ଶ୍ରୀରାମକୃଷ୍ଣ ସଦ୍‌ଗୁରୁ, ଅହେତୁକ କୃପାସିନ୍ଧୁ, ପ୍ରେମର ସମୁଦ୍ର, ଜୀବର କିପରି ମଙ୍ଗଳ ହେବ, ଏହି ଚେଷ୍ଟା ଦିନ ରାତି କରୁଛନ୍ତି ।''

ଗିରିଶଙ୍କର କି ବିଶ୍ୱାସ ! ସାମାନ୍ୟ କେତେଥର ଦର୍ଶନପରେ ହିଁ କହିଥିଲେ, 'ପ୍ରଭୁ ତୁମେ ହିଁ ଈଶ୍ୱର, ମନୁଷ୍ୟଦେହ ଧାରଣ କରି ଆସିଛ—ମୋର ପରିତ୍ରାଣ ପାଇଁ ।' ଗିରିଶ ତ ଠିକ୍ କହିଛନ୍ତି, ଈଶ୍ୱର ମନୁଷ୍ୟଦେହ ଧାରଣ ନ କଲେ, ଘର ଲୋକ ପରି କିଏ ଶିକ୍ଷା ଦେବ, କିଏ ଜଣାଇଦେବ ଯେ ଈଶ୍ୱର ହିଁ ବସ୍ତୁ ଆଉ ସବୁ ଅବସ୍ତୁ, କିଏ ଏ ପୃଥିବୀର ପତିତ ଦୁର୍ବଳ ସନ୍ତାନଙ୍କୁ ହାତ ଧରି ଉଠାଇବ ? କିଏ କାମିନୀକାଞ୍ଚନାସକ୍ତ ପାଶବ - ସ୍ୱଭାବପ୍ରାପ୍ତ ମନୁଷ୍ୟଙ୍କୁ ପୁଣି ପୂର୍ବବତ୍ ଅମୃତର ଅଧିକାରୀ କରିବ ? ସେ ମନୁଷ୍ୟ ରୂପରେ ସଙ୍ଗେ ସଙ୍ଗେ ନ ବୁଲିଲେ, ଯେଉଁମାନେ ତଦ୍‌ଗତାନ୍ତରାତ୍ମା, ଯେଉଁମାନଙ୍କୁ ଈଶ୍ୱରଙ୍କ ବ୍ୟତୀତ ଆଉ କିଛି ଭଲ ଲାଗେ ନାହିଁ, ସେମାନେ କିପରି ଦିନ କଟାଇବେ ? ତେଣୁ—

'ପରିତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।'

''ତାଙ୍କର କିପରି ପ୍ରେମ !—ନରେନ୍ଦ୍ର ପାଇଁ ପାଗଳ, ନାରାୟଣ ପାଇଁ କ୍ରନ୍ଦନ ! କହନ୍ତି, ଏମାନେ ଓ ଅନ୍ୟାନ୍ୟ ପିଲାମାନେ—ରାଖାଲ, ଭବନାଥ, ପୂର୍ଣ୍ଣ, ବାବୁରାମ ପ୍ରଭୃତି —ସାକ୍ଷାତ୍ ନାରାୟଣ, ମୋ ପାଇଁ ଦେହ ଧାରଣ କରି ଆସିଛନ୍ତି ।' ଏ ପ୍ରେମ ମନୁଷ୍ୟ-ଜ୍ଞାନରେ ନୁହେଁ, ଏ ପ୍ରେମ ତ ଈଶ୍ୱର-ପ୍ରେମ ! ପିଲାମାନେ ଶୁଦ୍ଧ-ଆତ୍ମା, ସ୍ତ୍ରୀଲୋକଙ୍କୁ ଅନ୍ୟ ଭାବରେ ସ୍ପର୍ଶ କରିନାହାନ୍ତି, ବିଷୟ-କର୍ମ କରି ଏମାନଙ୍କର ଲୋଭ, ଅହଙ୍କାର, ହିଂସା ଇତ୍ୟାଦିର ସ୍ଫୂର୍ତ୍ତି ହୋଇ ନାହିଁ, ତେଣୁ ପିଲାମାନଙ୍କ ଭିତରେ ଈଶ୍ୱରଙ୍କର ଅଧିକତର ପ୍ରକାଶ । କିନ୍ତୁ ଏ ଦୃଷ୍ଟି କାହାର ଅଛି ? ଠାକୁରଙ୍କର ଅନ୍ତଦୃଷ୍ଟି; ସମସ୍ତ ଦେଖିପାରୁଛନ୍ତି—

କିଏ ବିଷୟାସକ୍ତ, କିଏ ସରଳ, ଉଦାର ଓ ଈଶ୍ୱର-ଭକ୍ତ ! ସେଥିପାଇଁ ଏହିପରି ଭକ୍ତଙ୍କୁ ଦେଖିଲାମାତ୍ରେ ସାକ୍ଷାତ୍ ନାରାୟଣ ଜ୍ଞାନରେ ସେବା କରନ୍ତି । ଏମାନଙ୍କୁ ଗାଧୋଇଦିଅନ୍ତି, ଶୁଆଇଦିଅନ୍ତି, ଦେଖିବା ପାଇଁ କାନ୍ଦନ୍ତି, କଲିକତାକୁ ଦୌଡ଼ି ଯାଆନ୍ତି । କଲିକତାରୁ ସେମାନଙ୍କୁ ଗାଡ଼ି କରି ଆଣିବା ପାଇଁ କେତେ ଲୋକଙ୍କୁ ଖୋସାମଦ କରନ୍ତି । ଗୃହସ୍ଥ ଭକ୍ତମାନଙ୍କୁ ବାରମ୍ବାର କହନ୍ତି, ଏମାନଙ୍କୁ ନିମନ୍ତ୍ରଣ କରି ଖୁଆଅ, ତାହାହେଲେ ତୁମମାନଙ୍କର ମଙ୍ଗଳ ହେବ । ଏ କଅଣ ମାୟିକ ସ୍ନେହ ? ନା, ବିଶୁଦ୍ଧ ଈଶ୍ୱରପ୍ରେମ ? ମାଟିର ପ୍ରତିମାରେ ଏତେ ଷୋଡ଼ଶୋପଚାରରେ ଈଶ୍ୱରଙ୍କର ପୂଜା ଓ ସେବା ହୁଏ, ଆଉ ଶୁଦ୍ଧ ନର ଦେହରେ କଅଣ ହୁଏ ନାହିଁ ? ଏହାଛଡ଼ା ଏମାନେ ହିଁ ଭଗବାନଙ୍କର ପ୍ରତ୍ୟେକ ଲୀଳାର ସହାୟକ ! ଜନ୍ମେ ଜନ୍ମେ ଅନ୍ତରଙ୍ଗ।

''ନରେନ୍ଦ୍ରଙ୍କୁ ଦେଖୁ ଦେଖୁ ବାହ୍ୟ ଜଗତ୍ ଭୁଲିଗଲେ; କ୍ରମେ ଦେହୀ ନରେନ୍ଦ୍ରଙ୍କୁ ଭୁଲିଗଲେ, ବାହ୍ୟିକ ମନୁଷ୍ୟକୁ ଭୁଲିଗଲେ, ପ୍ରକୃତ ମନୁଷ୍ୟକୁ ଦର୍ଶନ କରିବାକୁ ଲାଗିଲେ, ଅଖଣ୍ଡ ସଚ୍ଚିଦାନନ୍ଦଙ୍କଠାରେ ମନ ଲୀନ ହେଲା, ଯାହାଙ୍କୁ ଦର୍ଶନ କରି କେତେବେଳେ ଅବାକ୍ ସ୍ପନ୍ଦହୀନ ହୋଇ ରହନ୍ତି, କେତେବେଳେ ବା ଓଁ ଓଁ କହନ୍ତି, କେତେବେଳେ ବା ବାଳକ ପରି ମାଆ ମାଆ ବୋଲି ଡାକନ୍ତି; ନରେନ୍ଦ୍ରଙ୍କ ଭିତରେ ତାଙ୍କର ବେଶୀ ପ୍ରକାଶ ଦେଖନ୍ତି । ନରେନ୍ଦ୍ର ନରେନ୍ଦ୍ର ବୋଲି ପାଗଳ ।''

ନରେନ୍ଦ୍ର ଅବତାର ମାନନ୍ତି ନାହିଁ, ସେଥିରେ କଅଣ ଯାଏ ଆସେ ! ଠାକୁରଙ୍କର ଦିବ୍ୟଚକ୍ଷୁ, ସେ ଦେଖିଲେ ଯେ, ଏହା ଅଭିମାନ ହୋଇପାରେ । ସେ ଯେ ଅତି ଆପଣାର ଲୋକ, ସେ ଯେ ଆପଣାର ମା, ଧରମ-ମା ତ ନୁହନ୍ତି ! ସେ କାହିଁକି ବୁଝାଇ ଦିଅନ୍ତି ନାହିଁ; ସେ କାହିଁକି ଦପ୍ କରି ଆଲୁଅ ଜାଳି ଦେଖାଇ ଦିଅନ୍ତି ନାହିଁ । ତେଣୁ ବୋଧହୁଏ ଠାକୁର କହିଲେ—

'ମାନ କଲ ତ କ'ଣ ହେଲା, ଆମେମାନେ ତୁମ ମାନରେ ତୁମମାନଙ୍କ ସାଥିରେ ଅଛୁ । !'

ଆତ୍ମୀୟଠାରୁ ଯେ ପରମାତ୍ମୀୟ; ତାଙ୍କ ଉପରେ ଅଭିମାନ କରିବା ନାହିଁ ତ କାହା ଉପର କରିବ ! ଧନ୍ୟ ନରେନ୍ଦ୍ରନାଥ, ତୁମ ପ୍ରତି ଏହି ପୁରୁଷୋତ୍ତମଙ୍କର ଏତେ ପ୍ରେମ ! ତୁମକୁ ଦେଖି ଏତେ ସହଜରେ ଈଶ୍ୱରଙ୍କର ଉଦ୍ଦୀପନା !

ଏହିପରି ଚିନ୍ତା କରୁ କରୁ ସେହି ଗଭୀର ରାତିରେ ଶ୍ରୀରାମକୃଷ୍ଣଙ୍କୁ ସ୍ମରଣ କରୁ କରୁ ଭକ୍ତମାନେ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

❖ ❖ ❖

# ନବମ ପରିଚ୍ଛେଦ

## କଲିକତାରେ ଭକ୍ତଙ୍କ ଗୃହରେ ଶ୍ରୀରାମକୃଷ୍ଣ

## (୧)

### ବଳରାମ ବସୁଙ୍କ ଗୃହରେ—ଭକ୍ତମାନଙ୍କ ସଙ୍ଗରେ

କେତେବେଳୁ ତିନିଟା ବାଜିଲାଣି । ଚୈତ୍ର ମାସ, ପ୍ରଚଣ୍ଡ ଖରା । ଶ୍ରୀରାମକୃଷ୍ଣ ଜଣେ ଦୁଇଜଣ ଭକ୍ତଙ୍କ ସଙ୍ଗରେ ବଳରାମଙ୍କ ବୈଠକଖାନାରେ ବସିଛନ୍ତି । ମାଷ୍ଟରଙ୍କ ସହିତ କଥା କହୁଛନ୍ତି ।

ଆଜି ଏପ୍ରିଲ ୬ ସୋମବାର ୧୮୮୫, ଚୈତ୍ର ୨୫ଦିନ, କୃଷ୍ଣା ସପ୍ତମୀ । ଠାକୁର କଲିକତାସ୍ଥିତ ଜଣେ ଭକ୍ତଙ୍କ ଗୃହକୁ ଆସିଛନ୍ତି । ସାଙ୍ଗୋପାଙ୍ଗମାନଙ୍କୁ ଦେଖିବେ ଓ ନିମୁ ଗୋସ୍ୱାମୀ ଗଳିରେ ଥିବା ଦେବେନ୍ଦ୍ରଙ୍କ ଘରକୁ ଯିବେ ।

### ସତ୍ୟକଥା ଓ ଶ୍ରୀରାମକୃଷ୍ଣ—ଛୋଟ ନରେନ୍ଦ୍ର, ବାବୁରାମ, ପୂର୍ଣ୍ଣ

ଠାକୁର ଈଶ୍ୱରପ୍ରେମରେ ଦିବାନିଶି ବିଭୋର ହୋଇ ରହିଛନ୍ତି । ଅନୁକ୍ଷଣ ଭାବାବିଷ୍ଟ ବା ସମାଧିସ୍ଥ । ବହିର୍ଜଗତରେ ମନ ଆଦୌ ନାହିଁ । କେବଳ ଅନ୍ତରଙ୍ଗମାନେ ଯେପର୍ଯ୍ୟନ୍ତ ନିଜକୁ ଜାଣି ପାରିନାହାନ୍ତି, ସେପର୍ଯ୍ୟନ୍ତ ସେମାନଙ୍କ ପାଇଁ ବ୍ୟାକୁଳ—ଯେପରି ବାପା-ମା ଅକ୍ଷମ ସନ୍ତାନମାନଙ୍କ ପାଇଁ ବ୍ୟାକୁଳ ହୁଅନ୍ତି ଓ ଚିନ୍ତା କରନ୍ତି ଯେ ଏମାନେ କିପରି ମଣିଷ ହେବେ । ଅଥବା ପକ୍ଷୀ ଯେପରି ଛୁଆଗୁଡ଼ିକୁ ଲାଳନପାଳନ କରିବାରେ ଲାଗିପଡ଼ିଥାଏ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—କହିଦେଇଛି ତ ତିନିଟା ବେଳେ ଯିବି, ତେଣୁ ଆସିଛି । କିନ୍ତୁ ଭାରୀ ଖରା !

ମାଷ୍ଟର—ଆଜ୍ଞା ହଁ, ଆପଣଙ୍କୁ ଭାରୀ କଷ୍ଟ ହୋଇଛି ।

ଭକ୍ତମାନେ ଠାକୁରଙ୍କୁ ବିଞ୍ଚି ଦେଉଛନ୍ତି ।

ଶ୍ରୀରାମକୃଷ୍ଣ—ଛୋଟ ନରେନ୍ ଓ ବାବୁରାମ ପାଇଁ ଆସିଲି । ପୂର୍ଣ୍ଣକୁ ଆଣିଲନାହିଁ କାହିଁକି ?

ମାଷ୍ଟର—ଏଠାକୁ ଆସିବାକୁ ମଙ୍ଗେ ନାହିଁ, ତା'ର ଡର କାଳେ ଆପଣ ସମସ୍ତଙ୍କ ଆଗରେ ତାର ପ୍ରଶଂସା କରିବେ ଓ ଘରଲୋକମାନେ ଜାଣିଯିବେ ।

### ପଣ୍ଡିତ ଓ ସାଧୁଙ୍କର ଶିକ୍ଷା ଭିନ୍ନ ଭିନ୍ନ—ସାଧୁସଙ୍ଗ

ଶ୍ରୀରାମକୃଷ୍ଣ—ହଁ, ଠିକ୍ କଥା । କାଳେ କହିଦେବି, ନା ଆଉ କହିବି ନାହିଁ । ଆଚ୍ଛା, ପୂର୍ଣ୍ଣକୁ ତୁମେ ଧର୍ମଶିକ୍ଷା ଦେଉଛ, ଖୁବ୍ ଭଲ ।

ମାଷ୍ଟର—ତାହାଛଡ଼ା ବିଦ୍ୟାସାଗରଙ୍କ ବହିରେ (ସଂକଳନରେ) ମଧ୍ୟ ଏସବୁ କଥା* ଅଛି, ଈଶ୍ୱରଙ୍କୁ ଦେହ ମନ ପ୍ରାଣ ଦେଇ ଭଲପାଇବ ।

ଏସବୁ କଥା ଶିଖାଇଲେ ଯଦି ମୁରବୀମାନେ ରାଗନ୍ତି, ତେବେ ଆଉ କଅଣ କରାଯିବ ?

ଶ୍ରୀରାମକୃଷ୍ଣ—ଏମାନଙ୍କ ବହିରେ ବହୁ କଥା ଅଛି ସତ, କିନ୍ତୁ ଯେଉଁମାନେ ବହି ଲେଖିଛନ୍ତି, ସେମାନେ ଧାରଣା କରିପାରନ୍ତି ନାହିଁ । ସାଧୁସଙ୍ଗ ହେଲେ ତେବେ ଧାରଣା ହୁଏ । ଠିକ୍ ଠିକ୍ ତ୍ୟାଗୀ ସାଧୁ ଯଦି ଉପଦେଶ ଦିଅନ୍ତି, ତାହେଲେ ଲୋକମାନେ ସେ କଥା ଶୁଣନ୍ତି । କେବଳ ପଣ୍ଡିତ ଯଦି ବହି ଲେଖନ୍ତି ବା ମୁହଁରେ ଉପଦେଶ ଦିଅନ୍ତି, ସେ କଥା ସେତେ ଧାରଣା କରିହୁଏ ନାହିଁ । ଯାହା ପାଖରେ ଗୁଡ଼ ମାଠିଆ ଅଛି, ସେ ଯଦି ରୋଗୀକୁ କହେ ଗୁଡ଼ ଖାଅ ନାହିଁ, ରୋଗୀ ତା'କଥା ଶୁଣେ ନାହିଁ । ଆଚ୍ଛା ପୂର୍ଣ୍ଣର କଅଣ ଅବସ୍ଥା ? ଭାବଫାବ କଅଣ କିଛି ହୁଏ ?

ମାଷ୍ଟର—କାହିଁ ? ସେମିତି କିଛି ଭାବାବସ୍ଥା ତ ବାହାରକୁ ଜଣା ପଡୁନାହିଁ । ଦିନେ ଆପଣଙ୍କର ସେହି କଥାଟି ତାକୁ କହିଥିଲି ।

ଶ୍ରୀରାମକୃଷ୍ଣ—କେଉଁ କଥା ?

ମାଷ୍ଟର—ଆପଣ ଯାହା କହିଥିଲେ !—ସାମାନ୍ୟ ଆଧାର ହେଲେ ଭାବ ସମ୍ବରଣ କରିପାରେ ନାହିଁ । ବଡ଼ ଆଧାର ହେଲେ ଭିତରେ ଖୁବ୍ ଭାବ ହୁଏ, କିନ୍ତୁ ବାହାରକୁ ଜଣା ପଡ଼େ ନାହିଁ । ଯେପରି ବଡ଼ ଜଳାଶୟରେ ହାତୀ ପଶିଲେ ଜଣାଯାଏ ନାହିଁ, କିନ୍ତୁ ଗାଡ଼ିଆରେ ପଶିଗଲେ ପାଣି ଗୋଳେଇ ଘାଣ୍ଟି ହୋଇଯାଏ ଓ କୂଳକୁ ଉଛୁଳି ପଡ଼େ ।

ଶ୍ରୀରାମକୃଷ୍ଣ—ତା'ର ଭାବ ବାହାରକୁ ତ ଜଣାଯିବ ନାହିଁ । ସେ ଅଲଗା ଆଧାର ! ଅନ୍ୟ ସବୁ ଲକ୍ଷଣ ଭଲ । କଅଣ କହୁଛ ?

ମାଷ୍ଟର—ଆଖି ଦୁଇଟି ଖୁବ୍ ଉଜ୍ଜ୍ୱଳ—ଯେପରି ଠେଲି ବାହାରି ଆସୁଛି ।

ଶ୍ରୀରାମକୃଷ୍ଣ—ଆଖି ଦୁଇଟା ଖାଲି ଉଜ୍ଜ୍ୱଳ ହେଲେ ହୁଏ ନାହିଁ । ଈଶ୍ୱରୀୟ ଚକ୍ଷୁ ଅଲଗା । ଆଚ୍ଛା ତାକୁ କ'ଣ ପଚାରିଥିଲ ତା'ପରେ (ଠାକୁରଙ୍କ ସହିତ ଦେଖା ହେବା ପରେ) କଅଣ ସବୁ ହୋଇଛି ?

ମାଷ୍ଟର—ଆଜ୍ଞା ହଁ, କଥା ଉଠିଥିଲା । କହିଲା, ଚାରି ପାଞ୍ଚ ଦିନ ହେଲା ଈଶ୍ୱରଚିନ୍ତା କରିବାକୁ ଗଲେ କି ତାଙ୍କ ନାମ ନେବାକୁ ବସିଲେ ଆଖିରୁ ଲୁହ ଗଡ଼େ ଓ ରୋମାଞ୍ଚ ହୁଏ ।

ଶ୍ରୀରାମକୃଷ୍ଣ—ତେବେ ଆଉ କଅଣ !

ଠାକୁର ଓ ମାଷ୍ଟର ନୀରବରେ ବସିଛନ୍ତି । ଟିକିଏ ପରେ ମାଷ୍ଟର କହୁଛନ୍ତି, ସେ ଠିଆ ହୋଇଛି—

ଶ୍ରୀରାମକୃଷ୍ଣ—କିଏ ?

---

* With all thy Soul love God above;
and as thyself thy neighbour love.

ମାଷ୍ଟର—ପୂର୍ଣ୍ଣ—ତାଙ୍କ ଘରର କବାଟ ପାଖରେ ହୁଏତ ଠିଆ ହୋଇଛି । ଆମ ଭିତରୁ କେହି ଗଲେ ଦୌଡ଼ି ଆସିବ, ଆସି ନମସ୍କାର କରି ଯିବ ।

ଶ୍ରୀରାମକୃଷ୍ଣ—ଆହା ! ଆହା !

ଠାକୁର ତକିଆରେ ଭରା ଦେଇ ବିଶ୍ରାମ କରୁଛନ୍ତି । ମାଷ୍ଟରଙ୍କ ସହିତ ବାର ବର୍ଷର ପିଲାଟିଏ ଆସିଛି, ମାଷ୍ଟରଙ୍କ ସ୍କୁଲରେ ପଢ଼େ, ନାମ କ୍ଷୀରୋଦ ।

ମାଷ୍ଟର କହୁଛନ୍ତି, ଏହି ପିଲାଟି ବେଶ୍ । ଈଶ୍ୱରଙ୍କ କଥାରେ ଭାରୀ ଆନନ୍ଦ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆଖି ଦୁଇଟି ଯେପରି ହରିଣ-ଆଖି ।

ପିଲାଟି ଠାକୁରଙ୍କ ପାଦରେ ହାତ ଦେଇ ଭୂମିଷ୍ଠ ପ୍ରଣାମ କଲା ଓ ଅତି ଭକ୍ତିଭାବରେ ଠାକୁରଙ୍କ ପଦସେବା କରିବାକୁ ଲାଗିଲା । ଠାକୁର ଭକ୍ତଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କୁ)—ରାଖାଲ ଘରେ ଅଛି । ତାର ଦେହ ଭଲ ନାହିଁ, ବଥ ହୋଇଛି । ବୋଧହୁଏ ତାର ଗୋଟିଏ ପିଲା ହେବ, ଶୁଣିଲି ।

ପଲ୍‌ଟୁ ଓ ବିନୋଦ ଆଗରେ ବସିଛନ୍ତି !

ଶ୍ରୀରାମକୃଷ୍ଣ (ପଲ୍‌ଟୁ ପ୍ରତି, ସହାସ୍ୟ)— ତୁ ତୋର ବାପାଙ୍କୁ କଅଣ କହିଲୁ ? (ମାଷ୍ଟରଙ୍କୁ) ତା' ବାପାଙ୍କୁ କଅଣ ସବୁ କହିଛି, ଏଠାକୁ ଆସିବା ବିଷୟରେ । (ପଲ୍‌ଟୁ ପ୍ରତି) ତୁ କଅଣ କହିଲୁ ?

ପଲ୍‌ଟୁ—କହିଲି, ହଁ ମୁଁ ତାଙ୍କ ପାଖକୁ ଯାଏ, ଏଇଟା କଅଣ ଅନ୍ୟାୟ ? (ଠାକୁର ଓ ମାଷ୍ଟରଙ୍କର ହସ) ଯଦି ଦରକାର ହୁଏ ଆଉ ବେଶୀ କହିବି ।

ଶ୍ରୀରାମକୃଷ୍ଣ (ସହାସ୍ୟ, ମାଷ୍ଟରଙ୍କ ପ୍ରତି)— ନା, କଅଣ ହେ, ଏତେ ଦୂର !

ଶ୍ରୀରାମକୃଷ୍ଣ (ବିନୋଦଙ୍କ ପ୍ରତି)— ତୁ କିପରି ଅଛୁ ? ସେଠାକୁ ଗଲୁ ନାହିଁ ?

ବିନୋଦ—ଆଜ୍ଞା ଯାଉଥିଲି—ପୁଣି ଡରିକରି ରହିଗଲି । ଦେହଟା ଟିକିଏ ଖରାପ, ଭଲ ନାହିଁ ।

ଶ୍ରୀରାମକୃଷ୍ଣ—ସେଠାକୁ ଆସିବୁ, ବଢ଼ିଆ ପବନ, ଭଲ ହୋଇଯିବୁ ।

ଛୋଟ ନରେନ୍ ଆସିଛନ୍ତି । ଠାକୁର ମୁହଁ ଧୋଇବାକୁ ଯାଉଛନ୍ତି । ଛୋଟ ନରେନ୍ ଗାମୁଛା ନେଇ ଠାକୁରଙ୍କୁ ପାଣି ଦେବାକୁ ଗଲେ । ମାଷ୍ଟର ମଧ୍ୟ ସଙ୍ଗେ ସଙ୍ଗେ ଅଛନ୍ତି । ଛୋଟ ନରେନ୍ ପଶ୍ଚିମ ପଟ ବାରଣ୍ଡାର ଉତ୍ତର କୋଣରେ ଠାକୁରଙ୍କ ପାଦ ଧୋଇ ଦେଉଛନ୍ତି, ପାଖରେ ମାଷ୍ଟର ଠିଆ ହୋଇଛନ୍ତି ।

ଶ୍ରୀରାମକୃଷ୍ଣ—ଭାରୀ ଖରା !

ମାଷ୍ଟର—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—ଏଡ଼େ ଟିକିଏ ଜାଗାରେ କେମିତି ରହୁଛ ? ଉପର ଘରେ ଗରମ ହେଉ ନାହିଁ ?

ମାଷ୍ଟର—ଆଜ୍ଞା, ହଁ । ଭାରୀ ଗରମ ହୁଏ ।

ଶ୍ରୀରାମକୃଷ୍ଣ—ସେଥିରେ ସ୍ତ୍ରୀଙ୍କର ମୁଣ୍ଡବେମାରୀ, ଥଣ୍ଡାରେ ରଖିବ।

ମାଷ୍ଟର—ଆଜ୍ଞା, ହଁ। ତଳ ଘରେ ଶୋଇବାକୁ କହି ଦେଇଛି।

ଠାକୁର ବୈଠକଖାନା ଘରେ ପୁଣି ଆସି ବସିଛନ୍ତି ଓ ମାଷ୍ଟରଙ୍କୁ କହୁଛନ୍ତି, "ତୁମେ ଗଲା ରବିବାର ଆସିଲ ନାହିଁ କାହିଁକି ?"

ମାଷ୍ଟର—ଆଜ୍ଞା, ଘରେ ତ ଆଉ କେହି ନାହାନ୍ତି। ସେଥିରେ ପୁଣି (ସ୍ତ୍ରୀଙ୍କର) ମୁଣ୍ଡ-ବେମାରୀ, କେହି ଦେଖିବାକୁ ନାହାନ୍ତି।

ଠାକୁର ଗାଡ଼ିରେ ନିମୁ ଗୋସ୍ୱାମୀ ଗଳିରେ ଦେବେନ୍ଦ୍ରଙ୍କ ଘରକୁ ଯାଉଛନ୍ତି। ସଙ୍ଗରେ ଛୋଟ ନରେନ୍, ମାଷ୍ଟର, ଆଉ ଜଣେ ଦୁଇଜଣ ଭକ୍ତ। ପୂର୍ଣ୍ଣ ବିଷୟରେ କଥା କହୁଛନ୍ତି। ପୂର୍ଣ୍ଣ ପାଇଁ ବ୍ୟାକୁଳ ହେଉଛନ୍ତି।

ଶ୍ରୀରାମକୃଷ୍ଣ—(ମାଷ୍ଟର ପ୍ରତି)—ଭାରୀ ଆଧାର ! ନ ହେଲେ କଅଣ ମିଛରେ ତା'ପାଇଁ ଜପ କରାଇ ନେଲେ ! ସେ ତ ଏସବୁ କଥା ଜାଣେ ନାହିଁ !

ମାଷ୍ଟର ଓ ଭକ୍ତମାନେ ଅବାକ୍ ହୋଇ ଶୁଣୁଛନ୍ତି ଯେ, ଠାକୁର ପୂର୍ଣ୍ଣ ପାଇଁ ବୀଜମନ୍ତ୍ର ଜପ କରିଛନ୍ତି।

ଶ୍ରୀରାମକୃଷ୍ଣ—ଆଜି ତାକୁ ଆଣିଥିଲେ ହୋଇଥାଆନ୍ତା। ଆଣିଲ ନାହିଁ କାହିଁକି ?

ଛୋଟ ନରେନ୍‌ଙ୍କର ହସ ଦେଖି ଠାକୁର ଓ ଭକ୍ତମାନେ ହସୁଛନ୍ତି। ଠାକୁର ଆନନ୍ଦରେ ତାଙ୍କୁ ଦେଖାଇ ମାଷ୍ଟରଙ୍କୁ କହୁଛନ୍ତି—ଦେଖ, ଦେଖ, କିପରି ହସୁଛି ! ସତେ ଯେପରି କିଛି ଜାଣେ ନାହିଁ। ପ୍ରକୃତରେ ତା'ମନ ଭିତରେ କିଛି ନାହିଁ—ମନରେ ତିନୋଟି ଯାକ କିଛି ନାହିଁ—ଜମି, ସ୍ତ୍ରୀ ଓ ଟଙ୍କା। କାମିନୀକାଞ୍ଚନ ମନରୁ ଏକାବେଳକେ ନ ଗଲେ ଈଶ୍ୱରଲାଭ ହୁଏ ନାହିଁ।

ଠାକୁର ଦେବେନ୍ଦ୍ରଙ୍କ ଘରକୁ ଯାଉଛନ୍ତି। ଦକ୍ଷିଣେଶ୍ୱରରେ ଦେବେନ୍ଦ୍ରଙ୍କୁ ଦିନେ କହିଥିଲେ ଭାବୁଛି ତୁମେ ଘରକୁ ଦିନେ ଯିବି। ଦେବେନ୍ଦ୍ର କହିଥିଲେ, ମୁଁ ବି ସେହି କଥା କହିବାକୁ ଆଜି ଆସିଛି, ଏହି ରବିବାର ଦିନ ଯିବେ। ଠାକୁର କହିଲେ, କିନ୍ତୁ ତୁମର ଆୟ କମ୍, ବେଶୀ ଲୋକଙ୍କୁ କହ ନାହିଁ। ଆଉ ଗାଡ଼ିଭଡ଼ାଟା ବହୁତ ବେଶୀ ! ଦେବେନ୍ଦ୍ର ହସି ହସି କହିଥିଲେ, ଆୟ କମ୍ ହେଲେ ହେଉ, 'ଋଣଂ କୃତ୍ୱା ଘୃତଂ ପିବେତ୍' (ଧାର କରି ଘିଅ ଖାଇବ, ଘିଅ ଖାଇବା ଦରକାର)। ଠାକୁର ଏହି କଥା ଶୁଣି ହସିବାକୁ ଲାଗିଲେ, ସେ ହସ ଆଉ ବନ୍ଦ ହେଉନାହିଁ।

ଟିକିଏ ପରେ ଦେବେନ୍ଦ୍ରଙ୍କ ଘରେ ପହଞ୍ଚି ତାଙ୍କୁ କହୁଛନ୍ତି, ଦେବେନ୍ଦ୍ର, ମୋର ଖାଇବା ପାଇଁ କିଛି କରନାହିଁ, ସାମାନ୍ୟଟିକିଏ କଅଣ କରିବ—ମୋର ଦେହ ଭଲ ନାହିଁ।

## (୨)
## ଦେବେନ୍ଦ୍ରଙ୍କ ଘରେ ଭକ୍ତମାନଙ୍କ ଗହଣରେ

ଶ୍ରୀରାମକୃଷ୍ଣ ଦେବେନ୍ଦ୍ରଙ୍କ ବୈଠକଖାନରେ ଭକ୍ତମାନଙ୍କ ମେଳରେ ବସିଛନ୍ତି। ବୈଠକଖାନାଟି ତଳ ମହଲାରେ। ସନ୍ଧ୍ୟା ହୋଇଯାଇଛି। ଘରେ ଆଲୁଅ ଜଳୁଛି। ଛୋଟ

ନରେନ୍, ରାମ, ମାଷ୍ଟର, ଗିରିଶ, ଦେବେନ୍ଦ୍ର, ଅକ୍ଷୟ, ଉପେନ୍ଦ୍ର ଭକ୍ତମାନେ ପାଖରେ ବସିଛନ୍ତି । ଠାକୁର ଜଣେ ବାଳକ ଭକ୍ତକୁ ଦେଖୁଛନ୍ତି ଓ ଆନନ୍ଦରେ ମଗ୍ନ ହେଉଛନ୍ତି । ତାକୁ ଉଦ୍ଦେଶ୍ୟ କରି ଭକ୍ତମାନଙ୍କୁ କହୁଛନ୍ତି, ''ତିନୋଟି ଏହାର ଆଦୌ ନାହିଁ ! ଯାହାକି ସଂସାରରେ ବାନ୍ଧି ରଖେ । ଜମି, ଟଙ୍କା ଆଉ ସ୍ତ୍ରୀ । ଏହି ତିନୋଟି ଉପରେ ମନ ରହିଲେ ଭଗବାନଙ୍କଠାରେ ମନର ଯୋଗ ହୁଏ ନାହିଁ । ଏ ପୁଣି କଅଣ ଦେଖିଥିଲା ?'' (ଭକ୍ତଟି ପ୍ରତି) କହ କଅଣ ଦେଖିଥିଲୁ ?

## କାମିନୀ-କାଞ୍ଚନ-ତ୍ୟାଗ ଓ ବ୍ରହ୍ମାନନ୍ଦ

ଭକ୍ତ (ସହାସ୍ୟ)—ଦେଖିଲି, କେତେଗୁଡ଼ିଏ ବିଷ୍ଠାର ଭାର—କେହି ଭାର ଉପରେ ବସିଛି, କେହି ସାମାନ୍ୟ ଦୂରରେ ବସିଛି ।

ଶ୍ରୀରାମକୃଷ୍ଣ—ଯେଉଁ ସଂସାରୀମାନେ ଈଶ୍ୱରଙ୍କୁ ଭୁଲି ରହିଛନ୍ତି, ସେମାନଙ୍କର ଏପରି ଦଶା ଦେଖୁଛି, ତେଣୁ ମନରୁ ଏସବୁ ତ୍ୟାଗ ହୋଇଯାଉଛି । କାମିନୀ-କାଞ୍ଚନରୁ ମନ ଯଦି ଛାଡ଼ିଯାଏ, ଆଉ ଚିନ୍ତା କଅଣ !

ଓଃ ! କି ଆଶ୍ଚର୍ଯ୍ୟ ! ମୋର ତ କେତେ ଜପ-ଧ୍ୟାନ କରି ବା ପରେ ଦୂର ହୋଇଥିଲା ! ଏହାର ଏତେ ଶୀଘ୍ର କିପରି ମନରୁ ସମ୍ପୂର୍ଣ୍ଣ ଚାଲିଗଲା ! କାମ ଚାଲିଯିବା କଅଣ ସହଜ କଥା ! ମୋର ତ ଛଅ ମାସ ପରେ ଛାତି ଭିତରଟା କଅଣ ହୋଇ ଆସିଥିଲା । ସେତେବେଳେ ଗଛ ତଳେ ପଡ଼ି କାନ୍ଦିବାକୁ ଲାଗିଲି । କହିଲି, ମା ! ଯଦି ତାହା ହୁଏ, ତା' ହେଲେ ବେକରେ ଛୁରି ଚଲେଇ ଦେବି !

(ଭକ୍ତମାନଙ୍କ ପ୍ରତି)—''ମନରୁ ଯଦି କାମିନୀ-କାଞ୍ଚନ ଗଲା, ତେବେ ଆଉ କଅଣ ବାକି ରହିଲା ? ସେତେବେଳେ କେବଳ **ବ୍ରହ୍ମାନନ୍ଦ** ।''

ଶଶୀ ଅଳ୍ପ ଦିନ ହେଲା ଠାକୁରଙ୍କ ପାଖକୁ ଯିବା-ଆସିବା କରୁଛନ୍ତି । ସେ ବିଦ୍ୟାସାଗର କଲେଜରେ ବି.ଏ. ପଢୁଛନ୍ତି । ଠାକୁର ଏଥର ତାଙ୍କ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)— ସେ ଯେଉଁ ପିଲାଟି ଯାଏ, ଦେଖୁଛି କିଛିଦିନ ପାଇଁ ତା' ମନରେ ଥରେ ଅଧେ ଟଙ୍କା କଥା ଉଠିବ । କିନ୍ତୁ କେତେଜଣଙ୍କର ଦେଖୁଛି ଆଦୌ ଉଠିବ ନାହିଁ । କେତେଜଣ ଆଦୌ ବିବାହ କରିବେ ନାହିଁ ।

ଭକ୍ତମାନେ ନିଃଶବ୍ଦରେ ଶୁଣୁଛନ୍ତି ।

## ଅବତାରଙ୍କୁ କିଏ ଚିହ୍ନିପାରେ ?

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)— ମନରୁ କାମିନୀକାଞ୍ଚନ ସମ୍ପୂର୍ଣ୍ଣ ନ ଗଲେ ଅବତାରଙ୍କୁ ଚିହ୍ନିବା ଦୁଃସାଧ । ବାଇଗଣ ବିକାଳିକୁ ହୀରାର ଦାମ୍ ପଚାରିବାରୁ ସେ କହିଲା, ମୁଁ ଏହା ବଦଳରେ ନଅ ସେର ବାଇଗଣ ଦେଇପାରେ, ସେଥିରୁ ଗୋଟିଏ ହେଲେ ବେଶୀ ଦେଇପାରିବି ନାହିଁ । (ସମସ୍ତଙ୍କର ହସ ଓ ଛୋଟ ନରେନ୍ଦ୍ରର ଉଚ୍ଚ ହସ) ।

ଠାକୁର ଦେଖିଲେ, ଛୋଟ ନରେନ୍ କଥାଟିର ମର୍ମ ତତ୍‌କ୍ଷଣାତ୍ ବୁଝିପାରିଛନ୍ତି ।

ଶ୍ରୀରାମକୃଷ୍ଣ— ଏହାର କିପରି ସୂକ୍ଷ୍ମ ବୁଦ୍ଧି ! ଲଙ୍ଗଟି (ତୋତାପୁରୀ) ଏହିପରି ଚଟ୍ କରି ବୁଝି ନେଉଥିଲେ — ଗୀତା, ଭାଗବତ, ଯେଉଁଠି ଯାହା ଏହିପରି ଚଟ୍ କରି ବୁଝି ନେଉଥିଲେ ।

## କୌମାର ବୈରାଗ୍ୟ ଆଶ୍ଚର୍ଯ୍ୟ— ବେଶ୍ୟାର ଉଦ୍ଧାର

ଶ୍ରୀରାମକୃଷ୍ଣ—ପିଲାବେଳୁ କାମିନୀ-କାଞ୍ଚନତ୍ୟାଗ, ଭାରୀ ଆଶ୍ଚର୍ଯ୍ୟ କଥା । ଅତି କମ୍ ଲୋକଙ୍କର ହୁଏ । ତା' ନ ହେଲେ କୁଆପଥର ମାଡ଼ଖିଆ ଆମ୍ବ ଠାକୁର ସେବାରେ ଲାଗେ ନାହିଁ—ନିଜର ବି ଖାଇବାକୁ ଡର ।

ଆଗେ ବହୁତ ପାପ କରିଛି, ତାପରେ ବୁଢ଼ା ବୟସରେ ହରିନାମ କରୁଛି; ଏହା ମନ୍ଦ ଅପେକ୍ଷା ଭଲ ।

ଅମୁକ ମଲ୍ଲିକର ମା, ଖୁବ୍ ବଡ଼ ଘରର ଝିଅ ! ବେଶ୍ୟାମାନଙ୍କ ବିଷୟରେ ପଚାରିଲା, ଏମାନଙ୍କର କଅଣ କୌଣସି ମତେ ଉଦ୍ଧାର ହେବ ନାହିଁ ? ନିଜେ ଆଗେ କଅଣ ସବୁ କରିଛି ତ ! ତେଣୁ ପଚାରିଲା । ମୁଁ କହିଲି—ହଁ ହେବ—ଯଦି ଆନ୍ତରିକ ଭାବରେ ବ୍ୟାକୁଳ ହୋଇ କାନ୍ଦେ ଓ କହେ ଯେ ଆଉ କରିବି ନାହିଁ । ଖାଲି ହରିନାମ କଲେ କଅଣ ହେବ, ଆନ୍ତରିକଭାବେ କାନ୍ଦିବାକୁ ହେବ !''

## (୩)
## କୀର୍ତ୍ତନାନନ୍ଦ ଓ ଠାକୁରଙ୍କର ସମାଧି

ଏଥର ଖୋଳ କରତାଳ ବଜାଇ ସଂକୀର୍ତ୍ତନ ହେଉଛି । କୀର୍ତ୍ତନୀୟା ଗାଉଛନ୍ତି—

''କି ଦେଖିଲିରେ କେଶବ ଭାରତୀ କୁଟୀରେ ।
ଅପରୂପ ଜ୍ୟୋତି ଶ୍ରୀଗୌରାଙ୍ଗ ମୂରତି,
ନୟନୁ ପ୍ରେମ ବହେ ଶତଧାରେ ॥
ଗୌର ମତ୍ତ ମାତଙ୍ଗ ପରି, ପ୍ରେମାବେଗେ ନାଚି ଗାଏ ।
କେବେ ଧରାରେ ଲୋଟଇ, ନୟନ ଜଳେ ଭାସେରେ ।
ବୋଲେ ହରି ଆଉ କାନ୍ଦେ, ସ୍ୱର୍ଗ ମର୍ତ୍ତ୍ୟ ଭେଦ କରେ ସିଂହରବେରେ ।
ପୁଣି ଦନ୍ତରେ ତୃଣ ନିଏ, କୃତାଞ୍ଜଳି ହୁଏ
ଦାସ୍ୟଭକ୍ତି ଯାଚଇ ଦ୍ୱାରେ ଦ୍ୱାରେ ।
ମସ୍ତକେ ଝାମ୍ପୁରା କେଶ, ଧରି ଅଛି ଯୋଗୀ ବେଶ ।
ଦେଖି ଭକ୍ତି ପ୍ରେମାବେଶ, ପ୍ରାଣ କାନ୍ଦି ଉଠେରେ ।
ଜୀବଦୁଃଖେ କାତର ହୋଇ,ଆସିଲେ ସର୍ବସ୍ୱ ତେଜି,
ପ୍ରେମ ବିତରଣେ ରେ ।
ପ୍ରେମଦାସର ବାଞ୍ଛା ମନେ, ଶ୍ରୀଚୈତନ୍ୟ ଚରଣେ
ଦାସ ହୋଇ ବୁଲିବି ଦ୍ୱାରେ ଦ୍ୱାରେ ।''

 

ଠାକୁର ଗୀତ ଶୁଣୁ ଶୁଣୁ ଭାବାବିଷ୍ଟ ହୋଇଛନ୍ତି । କୀର୍ତ୍ତନୀୟା ଶ୍ରୀକୃଷ୍ଣବିରହବିଧୁରା ବ୍ରଜଗୋପୀଙ୍କର ଅବସ୍ଥା ବର୍ଣ୍ଣନା କରୁଛନ୍ତି । ବ୍ରଜଗୋପୀ ମାଧବୀ କୁଞ୍ଜରେ ମାଧବଙ୍କର ଅନ୍ୱେଷଣ କରୁଛନ୍ତି—

ରେ ମାଧବୀ ! ଆମର ମାଧବ ଦେ !
(ଦେ ଦେ ଦେ, ମାଧବ ଦେ !)
ଆମାର ମାଧବ ଆମାୟ ଦେ, ଦିୟେ କିନା ମୂଲ୍ୟେ କିନେ ନେ ।
ମୀନେର ଜୀବନ ଜୀବନ ଯେମନ, ଆମାର ଜୀବନ ମାଧବ ତେମନ ।
(ତୁଇ ଲୁକାଇୟେ ରେଖେଛିସ, ଓ ମାଧବ! )
(ଅବଳା ସରଳା ପେୟେ ! ) (ଆମି ବାଁଚି ନା ବାଁଚି ନା )
(ମାଧବୀ ଓ ମାଧବୀ, ମାଧବ ବିନେ ) (ମାଧବ ଅଦର୍ଶନେ ) ।
ଠାକୁର ଶ୍ରୀରାମକୃଷ୍ଣ ମଝିରେ ମଝିରେ ଆଖର ଦେଉଛନ୍ତି,—
(ସେ ମଥୁରା କେତେ ଦୂର ! ଯେଠାରେ ଆମର ପ୍ରାଣବଲ୍ଲଭ !)

ଠାକୁର ସମାଧିସ୍ଥ ! ସ୍ପନ୍ଦହୀନ ଦେହ ! କିଛି ସମୟ ସ୍ଥିର ହୋଇ ରହିଛନ୍ତି ।

ଠାକୁର କିଞ୍ଚିତ୍ ପ୍ରକୃତିସ୍ଥ; କିନ୍ତୁ ବର୍ତ୍ତମାନ ମଧ୍ୟ ଭାବାବିଷ୍ଟ । ଏହି ଅବସ୍ଥାରେ ଭକ୍ତମାନଙ୍କ ସହିତ କଥା କହୁଛନ୍ତି । ବେଳେବେଳେ ମା'ଙ୍କୁ ମଧ୍ୟ କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଭାବସ୍ଥ)—ମା ! ତାକୁ ଟାଣି ଆଣ, ମୁଁ ଆଉ ଭାବିପାରୁ ନାହିଁ ! (ମାଷ୍ଟରଙ୍କ ପ୍ରତି) ତୁମର ବଡ଼ ଶଳା—ତା ଆଡ଼କୁ ଟିକିଏ ମନ ଅଛି ।

(ଗିରିଶଙ୍କ ପ୍ରତି)— ତୁମେ ଗାଳି ଗୁଲଜ, ଖରାପ କଥା କହୁଛ; ହେଉ ହେଉ, ସେସବୁ ବାହାରି ଯିବା ହିଁ ଭଲ । କାହାର କାହାର ରକ୍ତଦୋଷ ରୋଗ ଅଛି । ଯେତେ ଦୂଷିତ ରକ୍ତ ବାହାରି ଯାଏ, ସେତେ ଭଲ ।

ଉପାଧି ନାଶ ବେଳେ ଶବ୍ଦ ହୁଏ । କାଠ ପୋଡ଼ିବା ବେଳେ ଚଡ଼ ଚଡ଼ ଶବ୍ଦ ହୁଏ । ସବୁ ପୋଡ଼ିଗଲେ ଆଉ ଶବ୍ଦ ହୁଏ ନାହିଁ ।

''ତୁମେ ଦିନକୁ ଦିନ ଶୁଦ୍ଧ ହେବ । ତୁମର ଦିନକୁ ଦିନ ଉନ୍ନତି ହେବ । ଲୋକମାନେ ଦେଖି ଅବାକ୍ ହେବେ । ମୁଁ ବେଶୀ ଆସିପାରିବି ନାହିଁ—ତେବେ ବି ତୁମର ହେବ ।''

ଠାକୁର ଶ୍ରୀରାମକୃଷ୍ଣଙ୍କର ଭାବ ପୁଣି ଘନୀଭୂତ ହେଉଛି । ପୁଣି ମା'ଙ୍କ ସହିତ କଥା କହୁଛନ୍ତି, ''ମା ! ଯିଏ ଭଲ ଅଛି ତାକୁ ଭଲ କରିବାରେ ବାହାଦୁରୀ କଅଣ ? ମା ! ମଲାକୁ ମାରି କଅଣ ହେବ ? ଯିଏ ଠିଆ ହୋଇ ରହିଛି ତାକୁ ମାରିଲେ ସିନା ତୁମର ମହିମା !''

ଠାକୁର ସାମାନ୍ୟ ସ୍ଥିର ହୋଇ ହଠାତ୍ ଟିକିଏ ବଡ଼ ପାଟିରେ କହୁଛନ୍ତି— ''ମୁଁ ଦକ୍ଷିଣେଶ୍ୱରରୁ ଆସିଛି । ଯାଉଛି ମା, ଯାଉଛି !''

ଯେପରି ଗୋଟିଏ ଛୋଟ ପିଲା ଦୂରରୁ ମା'ର ଡାକ ଶୁଣି ଉତ୍ତର ଦେଉଛି ! ଠାକୁର ପୁଣି ନିସ୍ପନ୍ଦ ଦେହ, ସମାଧିସ୍ଥ ହୋଇ ବସିଛନ୍ତି । ଭକ୍ତମାନେ ଅନିମେଷ ନୟନରେ

ନିଃଶବ୍ଦରେ ଦେଖୁଛନ୍ତି ।

ଠାକୁର ପୁଣି ଭାବରେ କହୁଛନ୍ତି, ''ମୁଁ ଆଉ ଲୁଚି ଖାଇବି ନାହିଁ ।''

ପଡ଼ାରୁ ଜଣେ ଦୁଇଜଣ ଗୋସ୍ୱାମୀ ଆସିଥିଲେ—ସେମାନେ ଚାଲିଗଲେ ।

## (୪)

## ଠାକୁର ଶ୍ରୀରାମକୃଷ୍ଣ ଦେବେନ୍ଦ୍ରଙ୍କ ଘରେ ଭକ୍ତମାନଙ୍କ ଗହଣରେ

ଠାକୁର ଭକ୍ତମାନଙ୍କ ସହିତ ଆନନ୍ଦରେ କଥାବାର୍ତ୍ତା କରୁଛନ୍ତି । ଚୈତ୍ରମାସ, ଭାରୀ ଗରମ ପଡ଼ିଛି ! ଦେବେନ୍ଦ୍ର ବରଫ କୁଲ୍‌ଫି ତିଆରି କରିଛନ୍ତି । ଠାକୁର ଓ ଭକ୍ତମାନଙ୍କୁ ଖୁଆଉଛନ୍ତି । ମଣି ଧୀରେ ଧୀରେ କହୁଛନ୍ତି, 'Encore ! Encore !' (ଅର୍ଥାତ୍ ଆହୁରି କୁଲଫି ଦିଅ) ଓ ସମସ୍ତେ ହସୁଛନ୍ତି । କୁଲ୍‌ଫି ଦେଖି ଠାକୁର ପିଲାଙ୍କ ପରି ଆନନ୍ଦିତ ହେଉଛନ୍ତି ।

ଶ୍ରୀରାମକୃଷ୍ଣ— କୀର୍ତ୍ତନ ଭାରୀ ଭଲ ହେଲା । ଗୋପୀମାନଙ୍କର ଅବସ୍ଥା ସୁନ୍ଦର ଭାବରେ କହିଲେ—'ରେ ମାଧବୀ, ମୋତେ ମାଧବ ଦେ ।' ଗୋପୀମାନଙ୍କର ପ୍ରେମାନନ୍ଦ-ଅବସ୍ଥା । ଆଶ୍ଚର୍ଯ୍ୟ ! କୃଷ୍ଣଙ୍କ ପାଇଁ ପାଗଳ !

ଜଣେ ଭକ୍ତ ଆଉ ଜଣଙ୍କୁ ଦେଖାଇ କହୁଛନ୍ତି—ଏହାଙ୍କର ସଖୀ ଭାବ—ଗୋପୀଭାବ ।

ରାମ—ଏହାଙ୍କ ଭିତରେ ଦୁଇଟିଯାକ ଅଛି । ମଧୁର ଭାବ ଅଛି, ପୁଣି ଜ୍ଞାନର କଠୋର ଭାବ ମଧ୍ୟ ଅଛି ।

ଶ୍ରୀରାମକୃଷ୍ଣ—କଅଣ ହେ ?

ଠାକୁର ଏଥର ସୁରେନ୍ଦ୍ରଙ୍କ କଥା କହୁଛନ୍ତି ।

ରାମ—ମୁଁ ଖବର ଦେଇଥିଲି, ଆସିଲା ନାହିଁ ତ !

ଶ୍ରୀରାମକୃଷ୍ଣ—କାମ ଦାମ ଛାଡ଼ି ଆସିପାରେ ନାହିଁ ।

ଜଣେ ଭକ୍ତ—ରାମବାବୁ ଆପଣଙ୍କ କଥା ଲେଖୁଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—କଅଣ ଲେଖିଛି ?

ଭକ୍ତ—'ପରମହଂସଙ୍କର ଭକ୍ତି'—ଏହି ବିଷୟରେ ଲେଖୁଛନ୍ତି— ।

ଶ୍ରୀରାମକୃଷ୍ଣ—ବାଃ ! ତାହେଲେ ତ ରାମର ଖୁବ୍ ନାଆଁ ହେବ ।

ଗିରିଶ (ସହାସ୍ୟ)—ଆପଣଙ୍କର ଚେଲା ବୋଲି ନାଆଁ ହେବ ।

ଶ୍ରୀରାମକୃଷ୍ଣ—ମୋର ଚେଲା-ଫେଲା ନାହାନ୍ତି । ମୁଁ ରାମର ଦାସାନୁଦାସ ।

ପଡ଼ାରୁ କେତେ ଜଣ ଆସିଥିଲେ । କିନ୍ତୁ ସେମାନଙ୍କୁ ଦେଖି ଠାକୁର ଖୁସୀ ହୋଇ ନାହାନ୍ତି । ଠାକୁର କହିଲେ, ''ଏ କିପରି ପଡ଼ା ହେ ! ଏଠାରେ ତ କେହି ନାହାନ୍ତି !''

ଦେବେନ୍ଦ୍ର ଏଥର ଠାକୁରଙ୍କୁ ଘର ଭିତରକୁ ନେଉଛନ୍ତି । ସେଠାରେ ଠାକୁରଙ୍କ ପାଇଁ ଜଳଯୋଗର ଆୟୋଜନ ହୋଇଛି । ଠାକୁର ଭିତରକୁ ଗଲେ ! ସହାସ୍ୟ ବଦନରେ ଠାକୁର ଘର ଭିତରୁ ଫେରି ଆସିଲେ ଓ ପୁଣି ବୈଠକଖାନାରେ ବସିଲେ ।

ଭକ୍ତମାନେ ନିକଟରେ ବସିଛନ୍ତି । ଉପେନ୍ଦ୍ର* ଓ ଅକ୍ଷୟ** ଠାକୁରଙ୍କର ଦୁଇ ପାର୍ଶ୍ୱରେ ବସି ପଦସେବା କରୁଛନ୍ତି । ଠାକୁର ଦେବେନ୍ଦ୍ରଙ୍କ ଘରର ସ୍ତ୍ରୀମାନଙ୍କ କଥା କହୁଛନ୍ତି— ''ଭାରୀ ଭଲ ସ୍ତ୍ରୀଲୋକମାନେ, ମଫସଲରୁ ଆସିଛନ୍ତି ତ । ଭାରୀ ଭକ୍ତି !''

ଠାକୁର ଆତ୍ମାରାମ ? ନିଜ ଖିଆଲରେ ଆନନ୍ଦରେ ଗୀତ ଗାଉଛନ୍ତି ! କେଉଁ ଭାବରେ ଗୀତ ଗାଉଛନ୍ତି ? ନିଜର ଅବସ୍ଥା କଥା ଭାବି ତାଙ୍କର କଅଣ ଭାବୋଲ୍ଲାସ ହେଲା ? ସେଥିପାଇଁ କଅଣ ଏପରି ଗୀତ ଗାଉଛନ୍ତି ?

ଗୀତ—ସହଜ ମାନୁଷ ନା ହେଲେ ସହଜେ ନା ଯାୟ ଚେନା ।

ଗୀତ—ଦରବେଶ ଦାଁଡ଼ାରେ, ସାଧେର କରଓୟା କିସ୍ତିଧାରୀ ।
ଦାଁଡ଼ାରେ, ଓ ତୋର ଭାବ (ରୂପ) ନେହାରି ॥

ଗୀତ—ଏସେଛେନ ଏକ ଭାବେର ଫକିର ।
(ଓ ସେ) ହିନ୍ଦୁର ଠାକୁର, ମୁସଲମାନେର ପୀର ॥

ଗିରିଶ ଠାକୁରଙ୍କୁ ପ୍ରଣାମ କରି ବିଦାୟ ଗ୍ରହଣ କଲେ । ଠାକୁର ମଧ୍ୟ ଗିରିଶଙ୍କୁ ନମସ୍କାର କଲେ ।

ଦେବେନ୍ଦ୍ର ଓ ଅନ୍ୟାନ୍ୟ ଭକ୍ତମାନେ ଠାକୁରଙ୍କୁ ଗାଡ଼ିରେ ବସାଇଦେଲେ ।

ଦେବେନ୍ଦ୍ର ବୈଠକଖାନାର ଦକ୍ଷିଣ ପଟ ଅଗଣାରେ ଦେଖିଲେ ଯେ, ଖଟ ଉପରେ ତାଙ୍କ ପଡ଼ାର ଜଣେ ଲୋକ ଶୋଇଛି । ସେ କହିଲେ, ''ଉଠ, ଉଠ ।'' ଲୋକଟି ଆଖି ମଳି ମଳି କହିଲା, ''ପରମହଂସଦେବ କଅଣ ଆସିଛନ୍ତି ?'' ସମସ୍ତେ ଠୋ ଠୋ ହସି ଉଠିଲେ । ଲୋକଟି ଠାକୁରଙ୍କର ଆସିବା ପୂର୍ବରୁ ତାଙ୍କୁ ଦେଖିବାକୁ ଆସିଥିଲା । ଗରମ ହେବାରୁ ଅଗଣାରେ ପଡ଼ିଥିବା ଖଟ ଉପରେ ମଶିଣା ବିଛାଇ ଗାଢ଼ ନିଦରେ ଶୋଇ ପଡ଼ିଛି । ଠାକୁର ଦକ୍ଷିଣେଶ୍ୱର ଯାଉଛନ୍ତି । ଗାଡ଼ିରେ ବସି ଆନନ୍ଦରେ ମାଷ୍ଟରଙ୍କୁ କହୁଛନ୍ତି —''ବହୁତ କୁଲ୍‌ଫି ଖାଇଛି ! ତୁମେ (ମୋ ପାଇଁ) ଚାରି ପାଞ୍ଚଟା ନେଇ ଆସ ।'' ଠାକୁର ପୁଣି କହୁଛନ୍ତି, ''ଏବେ ଏଇ କେତୋଟି ପିଲାଙ୍କ ପ୍ରତି ମନ ଯାଉଛି—ଛୋଟ ନରେନ୍, ପୂର୍ଣ୍ଣ ଆଉ ତୁମର ଶାଳକ ।''

ମାଷ୍ଟର—ଦ୍ୱିଜ ?

ଶ୍ରୀରାମକୃଷ୍ଣ—ଦ୍ୱିଜ ତ ଅଛି । ତା' ଉପରଟି ପ୍ରତି ମନ ଯାଉଛି ।

ମାଷ୍ଟର—ଓଃ !

ଠାକୁର ଆନନ୍ଦରେ ଗାଡ଼ିରେ ଯାଉଛନ୍ତି ।

❖❖❖

---

* ଉପେନ୍ଦ୍ରନାଥ ମୁଖୋପାଧ୍ୟାୟ, ଠାକୁରଙ୍କର ଭକ୍ତ ଓ 'ବସୁମତୀ'କାଗଜର ସତ୍ୱାଧିକାରୀ !

** ଅକ୍ଷୟ କୁମାର ସେନ, ଠାକୁରଙ୍କର ଭକ୍ତ ଓ କବି । ସେ 'ଶ୍ରୀରାମକୃଷ୍ଣ ପୋଥି'ଲେଖି ଚିରସ୍ମରଣୀୟ ହୋଇଛନ୍ତି । ବାଙ୍କୁଡ଼ା ଜିଲ୍ଲା ଅନ୍ତର୍ଗତ ମୟନାପୁର ଗ୍ରାମ ତାଙ୍କର ଜନ୍ମଭୂମି ।

# ଦଶମ ପରିଚ୍ଛେଦ

## ଠାକୁର ଶ୍ରୀରାମକୃଷ୍ଣ ବଳରାମଙ୍କ ମନ୍ଦିରରେ ଭକ୍ତମାନଙ୍କ ଗହଣରେ

## (୧)

## ଠାକୁରଙ୍କ ଶ୍ରୀମୁଖକଥିତ ସାଧନା-ବିବରଣ

ଠାକୁର ଶ୍ରୀରାମକୃଷ୍ଣ କଲିକତାରେ ଶ୍ରୀଯୁକ୍ତ ବଳରାମଙ୍କ ବୈଠକଖାନରେ ଭକ୍ତମାନଙ୍କ ମେଳରେ ବସିଛନ୍ତି । ଗିରିଶ, ମାଷ୍ଟର, ବଳରାମ—କ୍ରମେ ଛୋଟ ନରେନ୍, ପଲ୍ଟୁ, ଦ୍ୱିଜ, ପୂର୍ଣ୍ଣ, ମହେନ୍ଦ୍ର ମୁଖାର୍ଜୀ ପ୍ରଭୃତି ଅନେକ ଭକ୍ତ ଉପସ୍ଥିତ । କ୍ରମେ ବ୍ରାହ୍ମସମାଜର ଶ୍ରୀଯୁକ୍ତ ତ୍ରୈଲୋକ୍ୟ ସାନ୍ୟାଲ, ଜୟଗୋପାଳ ସେନ୍ ପ୍ରଭୃତି ଅନେକ ଭକ୍ତ ଆସିଲେ । ବହୁ ସ୍ତ୍ରୀଭକ୍ତ ମଧ୍ୟ ଆସିଛନ୍ତି । ସେମାନେ ପରଦା ଆଢୁଆଳରେ ବସି ଠାକୁରଙ୍କୁ ଦର୍ଶନ କରୁଛନ୍ତି । ମୋହିନୀଙ୍କର ସ୍ତ୍ରୀ ମଧ୍ୟ ଆସିଛନ୍ତି—ସେ ପୁତ୍ରଶୋକରେ ଉନ୍ମାଦପ୍ରାୟ । ତାଙ୍କପରି ସନ୍ତପ୍ତା ଆହୁରି ଅନେକ ସ୍ତ୍ରୀଲୋକ ଆସିଛନ୍ତି । ସେମାନଙ୍କର ବିଶ୍ୱାସ ଯେ ଠାକୁରଙ୍କ ପାଖରେ ନିଶ୍ଚୟ ଶାନ୍ତିଲାଭ ହେବ ।

ଆଜି ବୈଶାଖ ୧ ଦିନ, ଚୈତ୍ର କୃଷ୍ଣା ତ୍ରୟୋଦଶୀ, ୧୨ ଏପ୍ରିଲ, ରବିବାର ୧୮୮୫ ଖ୍ରୀଷ୍ଟାବ୍ଦ, ସମୟ ପ୍ରାୟ ଅପରାହ୍ଣ ୩ଟା ହେବ ।

ମାଷ୍ଟର ଆସି ଦେଖିଲେ, ଠାକୁର ଭକ୍ତମେଳରେ ବସିଛନ୍ତି ଓ ନିଜ ସାଧନାର ବିବରଣ ଓ ନାନାବିଧ ଆଧ୍ୟାତ୍ମିକ ଅବସ୍ଥା ବର୍ଣ୍ଣନା କରୁଛନ୍ତି । ମାଷ୍ଟର ଆସି ଠାକୁରଙ୍କୁ ଭୂମିଷ୍ଠ ପ୍ରଣାମ କଲେ ଓ ତାଙ୍କ ଆଦେଶ ପାଇ ତାଙ୍କ ନିକଟରେ ବସିଲେ ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ସେତେବେଳେ (ସାଧନା ସମୟରେ) ଧ୍ୟାନରେ ଦେଖୁଥିଲି, ପ୍ରକୃତରେ ଜଣେ ହାତରେ ତ୍ରିଶୂଳ ଧରି ପାଖରେ ବସିଛି । ଭୟ ଦେଖାଉଛି-ଯଦି ଈଶ୍ୱରଙ୍କ ପାଦପଦ୍ମରେ ମନ ନ ରଖେ ତା'ହେଲେ ତ୍ରିଶୂଳରେ ମୋତେ ମାରିବ । ମନ ଠିକ ନ ରହିଲେ ଛାତି ଫାଟିଯିବ ।

## ନିତ୍ୟ-ଲୀଳାଯୋଗ—ପୁରୁଷ-ପ୍ରକୃତି-ବିବେକଯୋଗ

ମା କେତେବେଳେ ଏପରି ଅବସ୍ଥା କରି ଦେଉଥିଲେ ଯେ, ମନ ନିତ୍ୟରୁ ଲୀଳାକୁ ଖସି ଆସୁଥିଲା । ପୁଣି କେତେବେଳେ ମନ ଲୀଳାରୁ ନିତ୍ୟକୁ ଉଠିଯାଉଥିଲା ।

''ଯେତେବେଳେ ମନ ଲୀଳାକୁ ଖସି ଆସୁଥିଲା, ହୁଏତ ଦିନରାତି ସୀତାରାମଙ୍କୁ ଚିନ୍ତା କରୁଥିଲି । ସୀତାରାମଙ୍କର ରୂପ ସବୁବେଳେ ଦର୍ଶନ ହେଉଥିଲା—ରାମଲାଲାକୁ (ରାମଙ୍କର ଅଷ୍ଟଧାତୁନିର୍ମିତ ଛୋଟ ବିଗ୍ରହ) ନେଇ ଅହରହ ବୁଲୁଥିଲି, କେବେ ଗାଧୋଇ ଦେଉଥିଲି ତ କେବେ ଖୁଆଇ ଦେଉଥିଲି । ପୁଣି କେତେବେଳେ ରାଧାକୃଷ୍ଣଙ୍କ ଭାବରେ

ରହୁଥିଲି । ତାଙ୍କ ରୂପ ସଦାସର୍ବଦା ଦର୍ଶନ ହେଉଥିଲା । ପୁଣି ବେଳେବେଳେ ଗୌରାଙ୍ଗଙ୍କ ଭାବରେ ରହୁଥିଲି, ଦୁଇ ଭାବର ମିଳନ— ପୁରୁଷ ଓ ପ୍ରକୃତି ଭାବର ମିଳନ । ଏହି ଅବସ୍ଥାରେ ସର୍ବଦା ଗୌରାଙ୍ଗଙ୍କର ଦର୍ଶନ ମିଳୁଥିଲା । ପରେ ଅବସ୍ଥା ବଦଳିଗଲା !— ସେତେବେଳେ ଲୀଳା ତ୍ୟାଗ କରି ମନ ନିତ୍ୟକୁ ଉଠିଗଲା ! ସଜନା ଓ ତୁଳସୀ ଏକା ବୋଲି ବୋଧହେଲା । ଈଶ୍ୱରୀୟ ରୂପ ଆଉ ଭଲ ଲାଗିଲା ନାହିଁ । କହିଲି, ''ତୁମମାନଙ୍କର ବିଚ୍ଛେଦ ଅଛି ।'' ସେତେବେଳେ ସେମାନଙ୍କଠାରୁ ଉର୍ଦ୍ଧ୍ୱକୁ ଉଠାଇ ମନକୁ ନେଲି । ଘରେ ଯେତେ ଈଶ୍ୱରୀୟ ଛବି ଥିଲା ସେସବୁଙ୍କୁ ଖୋଲି ଦେଲି । କେବଳ ସେହି ଅଖଣ୍ଡ ସଚ୍ଚିଦାନନ୍ଦ, ସେହି ଆଦି ପୁରୁଷଙ୍କୁ ଚିନ୍ତା କରିବାକୁ ଲାଗିଲି । ନିଜେ ଦାସୀ ଭାବରେ ରହିଲି—**ପୁରୁଷଙ୍କ ଦାସୀ** ।

''ମୁଁ ସବୁ ପ୍ରକାର ସାଧନା କରିଛି । ସାଧନା ତିନି ପ୍ରକାର—ସାତ୍ତ୍ୱିକ, ରାଜସିକ ଓ ତାମସିକ । ସାତ୍ତ୍ୱିକ ସାଧନାରେ ଈଶ୍ୱରଙ୍କୁ ବ୍ୟାକୁଳ ହୋଇ ଡାକିବାକୁ ହୁଏ ବା ତାଙ୍କର ନାମଟିକୁ ନେଇ ରହିବାକୁ ହୁଏ । କୌଣସି ଫଳାକାଙ୍କ୍ଷା ନାହିଁ । ରାଜସିକ ସାଧନାରେ ନାନା ପ୍ରକାର ପ୍ରକ୍ରିୟା—ଏତେଥର ପୁରଶ୍ଚରଣ କରିବାକୁ ହେବ, ଏତେ ତୀର୍ଥ କରିବାକୁ ହେବ, ପଞ୍ଚତପା କରିବାକୁ ହେବ, ଷୋଡ଼ଶୋପଚାରରେ ପୂଜା କରିବାକୁ ହେବ ଇତ୍ୟାଦି । ତାମସିକ ସାଧନ – ତମୋଗୁଣ ଆଶ୍ରୟପୂର୍ବକ ସାଧନ । ଜୟକାଳୀ ! କଅଣ, ତୁ ଦେଖା ଦେବୁ ନାହିଁ । ଯଦି ଦେଖା ନ ଦେବୁ ତେବେ ମୋ ବେକ କାଟିଦେବି । ଏପରି ସାଧନାରେ ଶୁଦ୍ଧାଚାର ନ ଥାଏ —ଯେପରି ତନ୍ତ୍ରମତରେ ସାଧନ ।

''ସେହି ଅବସ୍ଥାରେ (ସାଧନ ଅବସ୍ଥାରେ) ଅଦ୍ଭୁତ ଦର୍ଶନ ସବୁ ହେଉଥାଏ, ଆତ୍ମାର ରମଣ ଦେଖିଲି । ମୋରି ପରି ଜଣେ ମୋ ଦେହ ଭିତରେ ପ୍ରବେଶ କଲା ! ଆଉ ଷଟ୍‌ପଦ୍ମର ପ୍ରତ୍ୟେକ ପଦ୍ମ ସହିତ ରମଣ କରିବାକୁ ଲାଗିଲା । ଷଟ୍‌ପଦ୍ମ ମୁଦ୍ରିତ ହୋଇଥିଲା —ସେ ଯେଉଁ ପଦ୍ମଟିକୁ ରମଣ କରେ ସଙ୍ଗେ ସଙ୍ଗେ ସେହି ପଦ୍ମଟି ପ୍ରସ୍ଫୁଟିତ ହୁଏ—ଆଉ ଉର୍ଦ୍ଧ୍ୱମୁଖ ହୋଇଯାଏ ! ଏହିପରି ମୂଳାଧାର, ସ୍ୱାଧିଷ୍ଠାନ, ଅନାହତ, ବିଶୁଦ୍ଧ, ଆଜ୍ଞାଚକ୍ର, ସହସ୍ରାର ସମସ୍ତ ପଦ୍ମଗୁଡ଼ିକ ଫୁଟିଗଲା । ଅଧୋମୁଖ ହୋଇ ରହିଥିଲା, ଉର୍ଦ୍ଧ୍ୱମୁଖ ହେଲା, ପ୍ରତ୍ୟକ୍ଷ ଦେଖିଲି ।''

### ଧ୍ୟାନଯୋଗ ସାଧନା — 'ନିବାତ ନିଷ୍କମ୍ପମିବ ପ୍ରଦୀପମ୍'

ସାଧନା କାଳରେ ଧ୍ୟାନ କରୁ କରୁ ମୁଁ ପ୍ରଦୀପଶିଖାକୁ ଆରୋପ କରୁଥିଲି— ଯେତେବେଳେ ପବନ ନ ଥାଏ, ଟିକିଏ ହେଲେ ହଲେ ନାହିଁ—ଏହାକୁ ଆରୋପ କରୁଥିଲି ।

ଗଭୀର ଧ୍ୟାନରେ ବାହ୍ୟଜ୍ଞାନ ରହେ ନାହିଁ । ଜଣେ ବ୍ୟାଧ ପକ୍ଷୀ ମାରିବା ପାଇଁ ଲକ୍ଷ୍ୟ ଠିକ୍ କରୁଛି । ପାଖରେ ବର ଯାଉଛି, ସାଙ୍ଗରେ ବରଯାତ୍ରୀଙ୍କ ଗହଳ, କେତେ ଆଲୁଅ, ବାଜା, ଗାଡ଼ି, ଘୋଡ଼ା—ତା' ପାଖଦେଇ ଗଲା । ବ୍ୟାଧର ସେ ଆଡ଼କୁ ଲକ୍ଷ୍ୟ ନାହିଁ । ସେ ଜାଣିପାରିଲା ନାହିଁ ଯେ ତା'ପାଖ ଦେଇ ବର ଚାଲିଗଲା ।

ଜଣେ ଲୋକ ଗୋଟିଏ ପୋଖରୀ କୂଳରେ ଏକୁଟିଆ ବସି ମାଛ ମାରୁଛି । ବହୁତ ସମୟ ପରେ ତେରେଣ୍ଡା ହଲିଲା, ମଝିରେ ମଝିରେ ବୁଡ଼ିବାକୁ ଲାଗିଲା । ସେ ସେତେବେଳେ ବନଶୀକୁ ହାତରେ ଧରି ଖାଞ୍ଚିବାକୁ ଉଦ୍ୟତ ହେଉଛି । ଏତିକିବେଳେ ଜଣେ ବାଟୋଇ ପାଖକୁ ଆସି ପଚାରିଲା, ଆଜ୍ଞା, ଅମୁକ ଲୋକର ଘର କେଉଁଠାରେ କହିପାରିବେ ? କୌଣସି ଉତ୍ତର ନାହିଁ । ଏଣେ ଏହି ବ୍ୟକ୍ତି ବନଶୀ ହାତରେ ଧରି ଖାଞ୍ଚିବାକୁ ଚେଷ୍ଟା କରୁଛି । ବାଟୋଇଜଣକ ବଡ଼ପାଟିରେ କେତେଥର ପଚାରିଲା, ଆଜ୍ଞା, ଅମୁକ ଲୋକର ଘର କେଉଁଠି କହିପାରିବେ କି ? କିନ୍ତୁ ଏହି ଲୋକର ହୋସ୍ ନାହିଁ ; ତାର ହାତ ଥରୁଛି, କେବଳ ତେରଣ୍ଡା ଆଡ଼କୁ ଦୃଷ୍ଟି । ବାଟୋଇ ବିରକ୍ତ ହୋଇ ଚାଲିଗଲା । କିଛି ବାଟ ଚାଲିଗଲାଣି, ଏତିକିବେଳେ ତେରେଣ୍ଡାଟି ବୁଡ଼ିଗଲା, ସଙ୍ଗେ ସଙ୍ଗେ ଲୋକଟି ଖାଞ୍ଚମାରି ମାଛଟାକୁ ଶୁଖିଲା ଜାଗାରେ ପକାଇଲା । ତା'ପରେ ଗାମୁଛାରେ ମୁହଁ ପୋଛି ଜୋର୍‌ରେ ବାଟୋଇକୁ ଡାକିଲା– ହୋ ବାବୁ, ଶୁଣ–ଶୁଣ ! ବାଟୋଇ ପ୍ରଥମେ ଫେରିବାକୁ ଚାହିଁଲା ନାହିଁ, ବହୁତ ଡକାଡକି କରିବାରୁ ଫେରିଲା । ଆସି ପଚାରିଲା କାହିଁକି ଡାକୁଛ ? ସେତେବେଳେ ଲୋକଟି କହିଲା, ତୁମେ ମୋତେ କଅଣ କହୁଥିଲ ? ବୋଟୋଇ କହିଲା, ସେତେବେଳେ ଏତେଥର ପଚାରିଲି ଚୁପ ରହିଲ, ଏବେ ପଚାରୁଛ କଅଣ କହିଲି ! ସେ କହିଲା, ସେତେବେଳେ ଯେ ତେରେଣ୍ଡାଟା ବୁଡୁଥିଲା, ତେଣୁ ମୁଁ କିଛି ହେଲେ ଶୁଣିପାରି ନାହିଁ ।

''ଧ୍ୟାନରେ ଏହିପରି ଏକାଗ୍ରତା ହୁଏ, କିଛି ଦେଖାଯାଏ ନାହିଁ କି ଶୁଣାଯାଏ ନାହିଁ; ସ୍ପର୍ଶବୋଧ ପର୍ଯ୍ୟନ୍ତ ନ ଥାଏ । ସାପ ଦେହ ଉପରେ ଚାଲିଯାଏ, ଜାଣି ହୁଏ ନାହିଁ । ଯେ ଧ୍ୟାନ କରେ ସେ ମଧ୍ୟ ବୁଝିପାରେ ନାହିଁ—ସାପଟା ମଧ୍ୟ ଜାଣିପାରେ ନାହିଁ ।

''ଗଭୀର ଧ୍ୟାନରେ ଇନ୍ଦ୍ରିୟର ସବୁ କାର୍ଯ୍ୟ ବନ୍ଦ ହୋଇଯାଏ । ମନ ବହିର୍ମୁଖ ରହେ ନାହିଁ—ଯେପରି ଭିତରପଟୁ କବାଟ ବନ୍ଦ । ଇନ୍ଦ୍ରିୟର ପାଞ୍ଚୋଟି ବିଷୟ ! ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ—ବାହାରେ ପଡ଼ି ରହନ୍ତି ।

'' ଧ୍ୟାନବେଳେ ପ୍ରଥମେ ଇନ୍ଦ୍ରିୟର ବିଷୟସବୁ ଆଗକୁ ଆସେ—ଧ୍ୟାନ ଗଭୀର ହେଲେ ଆଉ ଆସେ ନାହିଁ—ବାହାରେ ପଡ଼ିରହେ । ଧ୍ୟାନ କରୁ କରୁ ମୋର କେତେ କଅଣ ଦର୍ଶନ ହେଉଥିଲା ! ପ୍ରତ୍ୟକ୍ଷ ଦେଖିଲି—ଆଗରେ ଗଦାଏ ଟଙ୍କା, ଶାଲ, ଥାଳିଏ ସନ୍ଦେଶ, ନୋଥ ପିନ୍ଧିଥିବା ଦୁଇଜଣ ସ୍ତ୍ରୀ । ମନକୁ ପଚାରିଲି—ମନ, ତୁ କଅଣ ଏସବୁ ଚାହୁଁଛୁ ? କଅଣ କିଛି ଭୋଗ କରିବାକୁ ଚାହୁଁଛୁ ? ମନ କହିଲା, 'ନା, କିଛି ଚାହୁଁନାହିଁ । ଈଶ୍ୱରଙ୍କ ପାଦପଦ୍ମ ଛଡ଼ା ଆଉ କିଛି ଲୋଡ଼ା ନାହିଁ ।' ସ୍ତ୍ରୀଲୋକମାନଙ୍କର ବାହର–ଭିତର ସବୁ ଦେଖିବାକୁ ପାଇଲି—ଯେପରି କାଚ ଘରେ ଥିବା ସମସ୍ତ ଜିନିଷ ବାହାରୁ ଦେଖାଯାଏ । ସେମାନଙ୍କ ଭିତରେ ଦେଖିଲି—ନାଡ଼ି, ଅନ୍ତବୁଜୁଳି, ରକ୍ତ, ବିଷ୍ଠା, ମୁତ୍ର, କୃମି, କଫ, ନାଳ, ଏହି ସବୁ !''

## ଅଷ୍ଟସିଦ୍ଧି ଓ ଠାକୁର ଶ୍ରୀରାମକୃଷ୍ଣ—ଗୁରୁଗିରି ଓ ବେଶ୍ୟାବୃତ୍ତି

ଠାକୁରଙ୍କର ନାମ ନେଇ ଶ୍ରୀଯୁକ୍ତ ଗିରିଶ ରୋଗ ଭଲ କରିବେ ବୋଲି ମଝିରେ ମଝିରେ କହୁଥିଲେ ।

ଶ୍ରୀରାମକୃଷ୍ଣ (ଗିରିଶ ଓ ଅନ୍ୟାନ୍ୟ ଭକ୍ତଙ୍କ ପ୍ରତି)— **ଯେଉଁମାନେ ହୀନବୁଦ୍ଧି ସେମାନେ ଅଲୌକିକ ସିଦ୍ଧି ଚାହାଁନ୍ତି ।** ରୋଗ ଭଲ କରିବା, ମକଦ୍ଦମା ଜିତାଇବା, ପାଣି ଉପରେ ଚାଲିଯିବା—ଏହିପରି ସବୁ । ଯେଉଁମାନେ ଶୁଦ୍ଧ ଭକ୍ତ ସେମାନେ ଈଶ୍ୱରଙ୍କ ପାଦପଦ୍ମ ଛଡ଼ା ଆଉ କିଛି ଚାହାଁନ୍ତି ନାହିଁ । ହୃଦୟ ଦିନେ କହିଲା, 'ମାମୁଁ ! ମା'ଙ୍କ ପାଖରୁ କିଛି ଶକ୍ତି ଚାହଁ, ସିଦ୍ଧି ଚାହଁ ।' ମୋର ବାଳକ ସ୍ୱଭାବ—କାଳୀମନ୍ଦିରରେ ଜପ କରିବା ସମୟରେ ମା'ଙ୍କୁ କହିଲି, ମା ହୃଦୟ କିଛି ଶକ୍ତି, କିଛି ଅଲୌକିକ ସିଦ୍ଧି ମାଗିବାକୁ କହୁଛି । ସଙ୍ଗେ ସଙ୍ଗେ ଦେଖାଇଦେଲେ— ଜଣେ ମୋଟୀ ବୁଢ଼ୀ ବେଶ୍ୟା, ବୟସ ଚାଳିଶ ବର୍ଷ ହେବ—ସାମନାରେ ପଛକରି ବସିଲା— କଳାଧଡ଼ିଆ ଲୁଗା ପିନ୍ଧିଥିଲା—ଭଡ୍ ଭଡ୍ କରି ଝାଡ଼ା ଫେରିଲା ! ମା' ଦେଖାଇଦେଲେ ଯେ, ଅଲୌକିକ ସିଦ୍ଧି ହେଉଛି ଏହି ବୁଢ଼ୀ ବେଶ୍ୟାର ବିଷ୍ଠା ! ଫେରି ଯାଇ ହୃଦକୁ ଗାଳିଦେଲି, 'ତୁ କାହିଁକି ମୋତେ ଏପରି କଥା ଶିଖାଇଲୁ ! ତୋ ପାଇଁ ତ ମୋର ଏପରି ହେଲା !'

ଯେଉଁମାନଙ୍କର ସିଦ୍ଧି ହୁଏ ସେମାନଙ୍କର ପ୍ରତିଷ୍ଠା, ଲୋକମାନ୍ୟ ଏହିସବୁ ହୁଏ । ଅନେକଙ୍କର ଗୁରୁ ହେବା ପାଇଁ ଇଚ୍ଛା—ପାଞ୍ଚ ଲୋକେ ମୋତେ ମାନନ୍ତୁ—ଶିଷ୍ୟ ସେବକ ହୁଅନ୍ତୁ, ଲୋକେ କହିବେ, ଗୁରୁଚରଣ ଭାଇର ଏବେ ଖୁବ୍ ଭଲ ବେଳ ପଡ଼ିଛି—କେତେ ଲୋକ ଆସୁଛନ୍ତି, ଯାଉଛନ୍ତି—ବହୁତ ଶିଷ୍ୟ ସେବକ ହୋଇଛନ୍ତି— ଘରେ ପ୍ରଚୁର ଜିନିଷ ପତ୍ର ହେଲାଣି-କେତେଲୋକ କେତେ ଜିନିଷ ଆଣି ଦେଉଛନ୍ତି- ତାର ଏପରି କ୍ଷମତା ହେଲାଣି ଯେ ସେ ଚାହିଁଲେ ଅନେକ ଲୋକଙ୍କୁ ଖୁଆଇ ପାରିବ ।

**ଗୁରୁଗିରି ବେଶ୍ୟାଗିରି ପରି ।**—ସାମାନ୍ୟ ଟଙ୍କା କଉଡ଼ି, ଲୋକମାନ୍ୟ, ଦେହସେବା, ଏହିସବୁ ପାଇଁ ନିଜକୁ ବିକିବା । ଯେଉଁ ଦେହ, ମନ ଓ ଆତ୍ମା ଦ୍ୱାରା ଭଗବାନଙ୍କୁ ଲାଭ କରାଯାଏ, ସେହି ଦେହ, ମନ ଓ ଆତ୍ମାକୁ ସାମାନ୍ୟ ଜିନିଷ ପାଇଁ ବ୍ୟବହାର କରିବା ଭଲ ନୁହେଁ ।* ଜଣେ କହିଥିଲା, ସାବିର ଆଜିକାଲି ଭାରୀ ଭଲ ବେଳ ପଡ଼ିଛି—ଏବେ ତାର ଖୁବ୍ ଉନ୍ନତି ହୋଇଛି — ଗୋଟାଏ ଘର ଭଡ଼ା ନେଇଛି—ଜାଲରେ, ଗୋବରରେ, ଖଟ, ଦିଖଣ୍ଡ ବାସନ, ବିଛଣା, ଶପ, ତକିଆ—ହାତରେ କେତେ ଲୋକ, ଯାଉଛନ୍ତି ଆସୁଛନ୍ତି ! ଅର୍ଥାତ୍ ସାବି ଏବେ ବେଶ୍ୟା ହୋଇଛି, ତେଣୁ ତା' ସୁଖର ସୀମା ନାହିଁ ! ଆଗେ ସେ ଭଦ୍ରଲୋକଙ୍କ ଘରେ ଦାସୀ ଥିଲା, ଏବେ ବେଶ୍ୟା ହୋଇଛି । ସାମାନ୍ୟ ଜିନିଷ ପାଇଁ ନିଜର ସର୍ବନାଶ ।

---

* ଆତ୍ମାନମ୍ ନାବସାଦୟେତ୍ ।— ଗୀତା ୬/୫

## ଶ୍ରୀରାମକୃଷ୍ଣଙ୍କର ସାଧନାରେ ପ୍ରଲୋଭନ—ବ୍ରହ୍ମଜ୍ଞାନ ଓ ଅଭେଦ ବୁଦ୍ଧି—ଶ୍ରୀରାମକୃଷ୍ଣ ଓ ମୁସଲମାନ ଧର୍ମ

"ସାଧନା ସମୟରେ ଧ୍ୟାନ କରୁ କରୁ ମୁଁ ଆହୁରି କେତେ କଅଣ ଦେଖୁଥିଲି । ବେଲଗଛ ତଳେ ଧ୍ୟାନ କରୁଛି, ପାପ-ପୁରୁଷ ଆସି କେତେ ପ୍ରକାର ଲୋଭ ଦେଖାଇବାକୁ ଲାଗିଲା । ଗୋରା ସୈନିକ ରୂପ ଧରି ଆସିଥିଲା । ଟଙ୍କା, ମାନ, ରମଣ-ସୁଖ, ନାନା ପ୍ରକାର ଶକ୍ତି, ଏହିସବୁ ଦେବାକୁ ଚାହିଁଲା । ମୁଁ ମା'ଙ୍କୁ ଡାକିବାକୁ ଲାଗିଲି । ଅତି ଗୁହ୍ୟ କଥା । ମା ଦେଖା ଦେଲେ; ସେତେବେଳେ ମୁଁ କହିଲି, ମା ଏହାକୁ କାଟିପକା । ମା'ଙ୍କର ସେହି ରୂପ—ସେହି ଭୁବନମୋହନ ରୂପ—ମନେ ପଡୁଛି । କୃଷ୍ଣମୟୀର* ରୂପ ।—କିନ୍ତୁ ଚାହାଁଣୀରେ ଜଗତଟା ଯେପରି ଦୋହଲୁଛି ।"

ଠାକୁର ନୀରବ ରହିଲେ । ସେ ପୁଣି କହୁଛନ୍ତି, "ଆଉ କେତେ କଅଣ, କୁହାଇ ଦେଉ ନାହଁ !—ପାଟିକୁ କେହି ଯେପରି ଚାପି ଧରୁଛି ।

ସଜନା ଓ ତୁଳସୀ ଏକାପରି ମନେ ହେଉଥିଲା ! ଭେଦ-ବୁଦ୍ଧି ଦୂର କରିଦେଲେ, ବରଗଛ ମୂଳରେ ଧ୍ୟାନ କରୁଛି, ଦେଖିଲି ଜଣେ ଦାଢ଼ିଆ ମୁସଲମାନ (ମହମ୍ମଦ) ସାନ୍‌କିରେ ଭାତ ନେଇ ଆଗକୁ ଆସିଲା । ସାନ୍‌କିରୁ ମ୍ଳେଚ୍ଛମାନଙ୍କୁ ଖୁଆଇ ମୋତେ କିଛିଟା ଦେଇଗଲା । ମାଆ ଦେଖାଇଲେ ଏକ ବ୍ୟତୀତ ଦୁଇ ନାହିଁ । ସଚ୍ଚିଦାନନ୍ଦ ହିଁ ନାନା ରୂପ ଧରି ରହିଛନ୍ତି । ସେ ହିଁ ଜୀବ, ଜଗତ ସବୁ ହୋଇଛନ୍ତି । ସେ ହିଁ ଅନ୍ନ ହୋଇଛନ୍ତି ।

## ଠାକୁର ଶ୍ରୀରାମକୃଷ୍ଣଙ୍କର ବାଳକ-ଭାବ ଓ ଭାବାବେଶ

(ଗିରିଶ, ମାଷ୍ଟର ପ୍ରଭୃତିଙ୍କ ପ୍ରତି)—"ମୋର ବାଳକ ସ୍ୱଭାବ । ହୃଦୟ କହିଲା, ମାମୁଁ, ମାଆଙ୍କୁ କିଛି ଶକ୍ତି ମାଗ— ସଙ୍ଗେ ସଙ୍ଗେ ମାଆଙ୍କୁ କହିବାକୁ ଗଲି । ଏପରି ଅବସ୍ଥାରେ ରହିଛି ଯେ, ଯେଉଁ ବ୍ୟକ୍ତି ପାଖରେ ରହିବ ତା' କଥା ଶୁଣିବାକୁ ହେବ । ଛୋଟ ପିଲା ପାଖରେ ଲୋକ ନ ଥିଲେ ତାକୁ ଯେପରି ଅନ୍ଧାର ଦିଶେ—ମୋର ମଧ୍ୟ ସେହିପରି ହେଉଥିଲା । ହୃଦୟ ପାଖରେ ନ ରହିଲେ ପ୍ରାଣ ଛାଡ଼ି ଯିବା ଭଳି ଲାଗୁଥିଲା । ଏହି ଦେଖ, ସେଇ ଭାବ ଆସୁଛି । କଥା କହୁ କହୁ ଉଦ୍ଦୀପନ ହେଉଛି ।"

ଏହି କଥା କହୁ କହୁ ଠାକୁର ଭାବାବିଷ୍ଟ ହେଉଛନ୍ତି । ଦେଶ-କାଳ-ବୋଧ ଚାଲିଯାଉଛି । ଅତି କଷ୍ଟରେ ଭାବ ସମ୍ବରଣ କରିବାକୁ ଚେଷ୍ଟା କରୁଛନ୍ତି । ଭାବରେ କହୁଛନ୍ତି, "ଏବେ ମଧ୍ୟ ତୁମମାନଙ୍କୁ ଦେଖୁଛି,—କିନ୍ତୁ ବୋଧ ହେଉଛି ଯେପରି ଚିରକାଳ ତୁମେମାନେ ବସିଛ,- କେତେବେଳେ ଆସିଛ, କେଉଁଠାକୁ ଆସିଛ, ଏସବୁ କିଛି ମନେ ନାହିଁ ।"

ଠାକୁର କିଛି ସମୟ ସ୍ଥିର ହୋଇ ରହିଲେ ।

କିଞ୍ଚିତ୍ ପ୍ରକୃତିସ୍ଥ ହୋଇ କହୁଛନ୍ତି, "ପାଣି ପିଇବି ।" ସମାଧି ଭଙ୍ଗ ପରେ ମନକୁ

---

* ବଳରାମଙ୍କର ବାଳିକା କନ୍ୟା ।

ତଳକୁ ଆଣିବା ପାଇଁ ଠାକୁର ପ୍ରାୟ ଏପରି କଥା କହିଥାଆନ୍ତି । ଗିରିଶ ନୂଆ ହୋଇ ଆସିଛନ୍ତି, ଜାଣନ୍ତି ନାହିଁ, ତେଣୁ ପାଣି ଆଣିବାକୁ ଉଦ୍ୟତ ହେଲେ । ଠାକୁର ମନା କରି କହୁଛନ୍ତି, ''ନାହିଁ ବାବୁ, ଏବେ ପିଇ ପାରିବି ନାହିଁ ।'' ଠାକୁର ଓ ଭକ୍ତମାନେ କିଛି ସମୟ ନୀରବ ଅଛନ୍ତି । ଠାକୁର ପୁଣି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଆଚ୍ଛା, କଅଣ ମୋର ଅପରାଧ ହେଲା ? ଏସବୁ (ଗୁହ୍ୟ) କଥା କହିଲି ବୋଲି ?

ମାଷ୍ଟର କଅଣ କହିବେ, ଚୁପ୍ ରହିଛନ୍ତି । ଠାକୁର ପୁଣି କହୁଛନ୍ତି, ''ନା, ଅପରାଧ କାହିଁକି ହେବ ! ମୁଁ ଲୋକମାନଙ୍କର ବିଶ୍ୱାସ ପାଇଁ କହୁଛି ।'' ଟିକିଏ ପରେ କେତେ ଅନୁନୟ କରି କହୁଛନ୍ତି, ''ସେମାନଙ୍କ ସାଙ୍ଗରେ ଦେଖା କରାଇ ଦେବ ?'' (ଅର୍ଥାତ୍ ପୂର୍ଣ୍ଣ ସାଙ୍ଗରେ)

ମାଷ୍ଟର (ସଙ୍କୁଚିତ ଭାବରେ)—ଆଜ୍ଞା, ସଙ୍ଗେ ସଙ୍ଗେ ଖବର ପଠାଉଛି ।

ଶ୍ରୀରାମକୃଷ୍ଣ (ଆଗ୍ରହରେ)—ସେଠାରେ ଖୁଣ୍ଟି ମିଳୁଛି ।

ଠାକୁର କଅଣ କହୁଛନ୍ତି ଯେ ଅନ୍ତରଙ୍ଗ ଭକ୍ତମାନଙ୍କ ଭିତରେ ପୂର୍ଣ୍ଣ ଶେଷ ଭକ୍ତ, ତାଙ୍କ ପରେ ଆଉ କେହି ନାହାନ୍ତି ?

## (୨)

## ପୂର୍ବ କଥା—ଶ୍ରୀରାମକୃଷ୍ଣଙ୍କର ମହାଭାବ—ବ୍ରାହ୍ମଣୀଙ୍କର ସେବା

ଗିରିଶ, ମାଷ୍ଟର ପ୍ରଭୃତିଙ୍କୁ ସମ୍ବୋଧନ କରି ଠାକୁର ନିଜର ମହାଭାବର ଅବସ୍ଥା ବର୍ଣ୍ଣନା କରୁଛନ୍ତି ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ସେହି ଅବସ୍ଥା ପରେ ଆନନ୍ଦ ଯେପରି, ତା ଆଗରୁ ଯନ୍ତ୍ରଣା ମଧ୍ୟ ସେପରି । ମହାଭାବ ଈଶ୍ୱରଙ୍କ ଭାବ । ଏହା ଦେହମନକୁ ଓଲଟପାଲଟ କରିଦିଏ । ସତେ ଯେପରି ଗୋଟାଏ ବଡ଼ ହାତୀ କୁଡ଼ିଆ ଘରେ ପଶିଛି । ଘର ଓଲଟପାଲଟ ହୋଇଯାଏ ! ହୁଏତ ଭାଙ୍ଗିରୁଜି ଯାଏ ।

''ଈଶ୍ୱରଙ୍କର ବିରହ-ଅଗ୍ନି ସାମାନ୍ୟ ନୁହେଁ । ରୂପ ଓ ସନାତନ ଯେଉଁ ଗଛ ତଳେ ବସି ରହୁଥିଲେ ଏହି ଅବସ୍ଥା ହେଲେ ସେହି ଗଛର ପତ୍ର ସିଝି ଝାଉଁଳି ପଡୁଥିଲା । ମୁଁ ଏହି ଅବସ୍ଥାରେ ତିନିଦିନ ବେହୋସ ହୋଇ ରହିଥିଲି । ହଲଚଲ ହୋଇପାରୁ ନ ଥିଲି, ଗୋଟିଏ ଜାଗାରେ ପଡ଼ି ରହିଥିଲି । ହୋସ ଆସିବାରୁ ବ୍ରାହ୍ମଣୀ ମୋତେ ଧରି ଗାଧୋଇ ଦେବାକୁ ନେଇଗଲା । କିନ୍ତୁ ମୋ ଦେହକୁ ତା' ହାତରେ ଛୁଇଁପାରିଲା ନାହଁ । ଦେହରେ ମୋଟା ଚାଦର ଗୁଡେଇ ହୋଇଥିଲା । ବ୍ରାହ୍ମଣୀ ସେହି ଚାଦରକୁ ଧରି ମୋତେ ନେଇ ଯାଇଥିଲା । ଦେହରେ ଯେଉଁ ମାଟି ଲାଗିଥିଲା, ତାହା ପୋଡ଼ି ଯାଇଥିଲା !

ଯେତେବେଳେ ସେହି ଅବସ୍ଥା ହେଉଥିଲା ସେତେବେଳେ ମେରୁଦଣ୍ଡ ଭିତରେ କିଏ ଯେପରି ଲଙ୍ଗଳ ଲୁହା ଚଳାଇ ଦେଉଥିଲା ! 'ପ୍ରାଣ ଗଲା, ପ୍ରାଣ ଗଲା' ବୋଲି କହୁଥିଲି ।

କିନ୍ତୁ ତାପରେ ଭାରୀ ଆନନ୍ଦ।''

ଭକ୍ତମାନେ ଏହି **ମହାଭାବ ଅବସ୍ଥାର** ବର୍ଣ୍ଣନା ଆଶ୍ଚର୍ଯ୍ୟ ହୋଇ ଶୁଣୁଛନ୍ତି।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ତୁମମାନଙ୍କର ଏତେ କରିବା ଦରକାର ନାହିଁ। ମୋର ଭାବ କେବଳ ଦୃଷ୍ଟାନ୍ତ ରଖିବା ପାଇଁ। ତୁମେ ସବୁ ପାଞ୍ଚଟାକୁ ନେଇ ରହିଛ। ମୁଁ ଗୋଟାକୁ ନେଇ ଅଛି। **ମୋତେ ଈଶ୍ୱରଙ୍କ ଛଡ଼ା ଆଉ କିଛି ଭଲ ଲାଗେ ନାହିଁ।** ତାଙ୍କର ଇଚ୍ଛା। (ସହସ) ଏକଡାଳୀ ଗଛ ଅଛି, ପୁଣି ପାଞ୍ଚଡାଳୀ ଗଛ ମଧ୍ୟ ଅଛି। (ସମସ୍ତଙ୍କର ହସ)

''ମୋର ଅବସ୍ଥା ଦୃଷ୍ଟାନ୍ତ ପାଇଁ। ତୁମେମାନେ ଅନାସକ୍ତ ହୋଇ ସଂସାର କର। ଦେହରେ କାଦୁଅ ଲାଗିବ, କିନ୍ତୁ ଝାଡ଼ି ସଫା କରିଦେବ, ପଙ୍କୁଆ ମାଛପରି। କଳଙ୍କସାଗରରେ ପହଁରିବ—ତଥାପି ଦେହରେ କଳଙ୍କ ଲାଗିବ ନାହିଁ।''

ଗିରିଶ (ସହାସ୍ୟ)—ଆପଣଙ୍କର ତ ବିବାହ ହୋଇଛି। (ହସ)

ଶ୍ରୀରାମକୃଷ୍ଣ (ସହାସ୍ୟ)—ସଂସ୍କାର ପାଇଁ ସିନା ବିବାହ ହୋଇଛି, କିନ୍ତୁ ସଂସାର କିପରି ହେବ! କାନ୍ଧରେ ପଇତା ପିନ୍ଧାଇ ଦିଅନ୍ତି, କିନ୍ତୁ ଖସି ପଡ଼ିଯାଏ—ସମ୍ଭାଳି ପାରେ ନାହିଁ। ଗୋଟିଏ ମତରେ ଅଛି, ଶୁକଦେବଙ୍କର ବିବାହ ହୋଇଥିଲା—ସଂସ୍କାର ପାଇଁ। କନ୍ୟାଟିଏ ବି ହୋଇଥିଲା ନା କଅଣ। (ସମସ୍ତଙ୍କର ହସ)

**କାମିନୀ-କାଞ୍ଚନ ହିଁ ସଂସାର**—ଈଶ୍ୱରଙ୍କୁ ଭୁଲାଇ ଦିଏ।

ଗିରିଶ—କାମିନୀ-କାଞ୍ଚନ କଅଣ ଛାଡୁଛି!

ଶ୍ରୀରାମକୃଷ୍ଣ—ତାଙ୍କୁ ବ୍ୟାକୁଳ ହୋଇ ପ୍ରାର୍ଥନା କର, ବିବେକ ପାଇଁ ପ୍ରାର୍ଥନା କର। ଈଶ୍ୱର ହିଁ ସତ୍ୟ ଆଉ ସବୁ ଅନିତ୍ୟ—ଏହାର ନାମ ବିବେକ! ପାଣିକୁ ଛାଣିବା ଦରକାର ହୁଏ, ଛାଣିଦେଲେ ମଇଳା ଗୋଟିଏ ପାଖରେ ରହିଯାଏ—ଭଲ ପାଣି ଅନ୍ୟ ପଟେ ଜମା ହୁଏ। ବିବେକରୂପକ ଛଣା ଆରୋପ କର। ତୁମେ ସବୁ ତାଙ୍କୁ ଜାଣିବା ପରେ ସଂସାର କର! **ଏହାର ନାମ ବିଦ୍ୟାର ସଂସାର।**

''ଦେଖୁନ, ସ୍ତ୍ରୀଲୋକଙ୍କର କିପରି ମୋହିନୀ ଶକ୍ତି, ଅବିଦ୍ୟାରୂପିଣୀ ସ୍ତ୍ରୀଲୋକଙ୍କର। ପୁରୁଷମାନଙ୍କୁ ଯେପରି ବୋକା ଅପଦାର୍ଥ କରି ରଖିଦିଅନ୍ତି। ଯେତେବେଳେ ଦେଖେ ଯେ ସ୍ତ୍ରୀ-ପୁରୁଷ ଏକାଠି ବସିଛନ୍ତି, ସେତେବେଳେ ଭାବେ ଆହା! ଏମାନେ ଗଲେ। (ମାଷ୍ଟରଙ୍କୁ ଚାହିଁ)—ହାରୁ ଏଡ଼େ ସୁନ୍ଦର ପିଲା, ତାକୁ ପ୍ରେତନୀ ଲାଗିଛି।—'ଆରେ ହାରୁ କୁଆଡ଼େ ଗଲା, ଆରେ ହାରୁ କୁଆଡ଼େ ଗଲା! ସମସ୍ତେ ଯାଇ ଦେଖିଲେ ହାରୁ ବରଗଛ ତଳେ ଚୁପ୍ ହୋଇ ବସିରହିଛି। ପୂର୍ବ ରୂପ, ପୂର୍ବ ତେଜ ଆଉ ନାହିଁ; ସେ ଆନନ୍ଦ ନାହିଁ। ବରଗଛର ପ୍ରେତନୀ ହାରୁକୁ ଲାଗିଛି।

ସ୍ତ୍ରୀ ଯଦି କହେ 'ଅରେ ଯାଅ ତ'—ସଙ୍ଗେ ସଙ୍ଗେ ଉଠି ଛିଡ଼ା ହୁଏ, ପୁଣି 'ବସ ତ' କହିଲେ ସଙ୍ଗେ ସଙ୍ଗେ ବସିପଡ଼େ!

''ଜଣେ ବେକାର ଲୋକ ବଡ଼ବାବୁଙ୍କ ପାଖକୁ ଦଉଡ଼ି ଦଉଡ଼ି ହଇରାଣ ହେଲାଣି, କିନ୍ତୁ ଚାକିରୀ ମିଳୁନାହିଁ । ଅଫିସିର୍ ବଡ଼ବାବୁ । ସେ କହନ୍ତି, 'ଏବେ ଖାଲି ନାହିଁ, ମଝିରେ ମଝିରେ ଆସି ଦେଖା କର ।' ଏହିପରି ବହୁତ ଦିନ ବିତିଗଲା—ବେକାର ଲୋକଟି ହତାଶ ହୋଇଗଲା । ସେ ଦିନେ ଜଣେ ବନ୍ଧୁକୁ ତା'ର ସମସ୍ତ ଦୁଃଖ କହିଲା । ବନ୍ଧୁ କହିଲା, 'ତୋର ଯେମିତି ବୁଦ୍ଧି ! ସେଇଟା ପାଖକୁ ଦଉଡ଼ି ଦଉଡ଼ି ଗୋଡ଼ରେ ବିଣ୍ଡି କାହିଁକି କରୁଛୁ? ତୁ ଗୋଲାପକୁ ଧର, କାଲି ତୋତେ ଚାକିରୀ ମିଳିଯିବ ।' ବେକାର ଲୋକଟି କହିଲା, 'ଆଚ୍ଛା—ମୁଁ ବର୍ତ୍ତମାନ ଚାଲିଲି । ଗୋଲାପ ବଡ଼ବାବୁଙ୍କର ରକ୍ଷିତା ସ୍ତ୍ରୀ । ଲୋକଟି ଦେଖା କରି କହିଲା, 'ମା, ଦୟା ନ କଲେ ସବୁ ଭାସିଯିବ—ମୁଁ ମହା ବିପଦରେ ପଡ଼ିଛି । ବ୍ରାହ୍ମଣ ପିଲା, ଆଉ କେଉଁଠାକୁ ଯିବି ! ମା, ବହୁଦିନ ହେଲା କାମଦାମ ନାହିଁ, ପିଲାପିଲି ନ ଖାଇ ମରିଯିବେ । ତୁମେ ପଦେ କଥା କହିଦେଲେ ମୋତେ ଖଣ୍ଡିଏ କାମ ମିଳିଯିବ ।' ଗୋଲାପ ବ୍ରାହ୍ମଣକୁ କହିଲା, ପୁଅ, କାହାକୁ କହିଲେ ହେବ ? ଆଉ ଭାବିଲା, ଆହା, ବ୍ରାହ୍ମଣ ପିଲା, ଏତେ କଷ୍ଟ ପାଉଛି ! ବେକାର ଲୋକଟି କହିଲା, 'ବଡ଼ବାବୁଙ୍କୁ ପଦେ କହିଦେଲେ ମୋତେ ନିଶ୍ଚୟ ଗୋଟିଏ କାମ ମିଳିଯିବ ।' ଗୋଲାପ କହିଲା, 'ମୁଁ ନିଶ୍ଚୟ ବଡ଼ବାବୁଙ୍କୁ ଆଜି କହି ଠିକ୍ କରିବି ।' ତା'ପରଦିନ ସକାଳେ ବେକାର ଲୋକଟି ପାଖକୁ ଜଣେ ଲୋକ ଯାଇ ହାଜର; ସେ କହିଲା, ତୁମେ ଆଜିଠାରୁ ବଡ଼ବାବୁଙ୍କ ଅଫିସ୍‌କୁ ଯିବ । ବଡ଼ବାବୁ ସାହେବଙ୍କୁ କହିଲେ, 'ଏ ଲୋକଟି ଅତ୍ୟନ୍ତ ଉପଯୁକ୍ତ ଲୋକ । ଏହାକୁ ନିଯୁକ୍ତି ଦିଆଯାଇଛି, ଏହାଦ୍ୱାରା ଅଫିସ୍‌ର ବିଶେଷ ଉପକାର ହେବ ।'

ଏହି କାମିନୀ-କାଞ୍ଚନ ନେଇ ସମସ୍ତେ ଭୁଲି ରହିଛନ୍ତି । ମୋତେ କିନ୍ତୁ ଏସବୁ କିଛି ଭଲ ଲାଗେ ନାହିଁ—ରାଣ ପକାଇ କହୁଛି, **ଈଶ୍ୱରଙ୍କ ଛଡ଼ା ଆଉ କିଛି ଜାଣେ ନାହିଁ ।**

## (୩)

## ସତ୍ୟ କଥା କଳିର ତପସ୍ୟା—ଈଶ୍ୱରକୋଟି ଓ ଜୀବକୋଟି

ଜଣେ ଭକ୍ତ—ଆଜ୍ଞା, ନବ-ହୁଲ୍ଲୋଳ ନାମରେ ଗୋଟିଏ ମତ ବାହାରିଛି । ଶ୍ରୀଯୁକ୍ତ ଲଳିତ ଚାଟର୍ଜି ସେଥିରେ ଅଛନ୍ତି ।

ଶ୍ରୀରାମକୃଷ୍ଣ—ନାନା ପ୍ରକାର ମତ ଅଛି । ମତ ପଥ । ତେବେ ସମସ୍ତେ ଭାବନ୍ତି, କେବଳ ମୋ ମତଟି ଠିକ୍—ମୋ ଘଣ୍ଟାଟି ଠିକ୍ ଚାଲୁଛି ।

ଗିରିଶ (ମାଷ୍ଟରଙ୍କ ପ୍ରତି)—ପୋପ୍ କଅଣ କହନ୍ତି ? It is with our judgemnts ଇତ୍ୟାଦି ।*

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଏହାର ମାନେ କଅଣ ?

ମାଷ୍ଟର—ସମସ୍ତେ ଭାବନ୍ତି, ମୋର ଘଣ୍ଟାଟି ଠିକ୍ ଚାଲୁଛି, କିନ୍ତୁ ଘଣ୍ଟାଗୁଡ଼ିକ ଭିତରେ

---

* It is with our judgements as with our watches.
None goes just alike, yet each believes his own.-Pope.

ପରସ୍ପର ମେଳ ନାହିଁ ।

ଶ୍ରୀରାମକୃଷ୍ଣ—ତେବେ ଅନ୍ୟମାନଙ୍କ ଘଣ୍ଟା ଯେତେ ଭୁଲ୍ ହେଉ ପଛେ, ସୂର୍ଯ୍ୟ କିନ୍ତୁ ଠିକ୍ ଚାଲୁଛି । ସେହି ସୂର୍ଯ୍ୟ ସାଙ୍ଗରେ ମିଳାଇ ନେବାକୁ ହୁଏ ।

ଜଣେ ଭକ୍ତ—ଅମୁକ ବାବୁ ଭାରୀ ମିଛ କଥା କହନ୍ତି ।

ଶ୍ରୀରାମକୃଷ୍ଣ—**ସତ୍ୟ କଥା କଳିର ତପସ୍ୟା**—କଳିରେ ଅନ୍ୟ ତପସ୍ୟା କଠିନ । ସତ୍ୟରେ ଥିଲେ ଭଗବାନଙ୍କୁ ଲାଭ କରାଯାଏ । ତୁଳସୀ ଦାସ କହିଛନ୍ତି, 'ସତ୍ୟ କଥା, ଅଧୀନତା, ପର ସ୍ତ୍ରୀ ମାତୃ ସମାନ—ଐସେ ହରି ନା ମିଲେ ତୁଳସୀ ଝୁଟ୍ ଜବାନ୍ ।'

କେଶବ ସେନ ପିତାଙ୍କର ଋଣ ସ୍ୱୀକାର କରିଥିଲେ; ଅନ୍ୟ ଲୋକ କେବେହେଲେ ମାନି ନ ଥାନ୍ତା, କାରଣ ଲେଖାପଢ଼ା ହୋଇନଥିଲା । ଜୋଡ଼ାଶଙ୍ଖର ଦେବେନ୍ଦ୍ରଙ୍କ ସମାଜକୁ ଯାଇ ଦେଖିଲି, କେଶବ ସେନ ବେଦୀରେ ବସି ଧ୍ୟାନ କରୁଛି । ସେତେବେଳେ ଯୁବକ ବୟସ । ମୁଁ ମଥୁରବାବୁଙ୍କୁ କହିଲି, ଯେତେ ଲୋକ ଧ୍ୟାନ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଏହି ଯୁବକର ତେରେଣ୍ଡା ବୁଡ଼ିଛି—ବନଶୀ ପାଖକୁ ମାଛ ଆସି ଘୂରୁଛି ।

"ଜଣେ ଲୋକ—ତା ନାଆଁ କହିବି ନାହିଁ—ସେ ଦଶ ହଜାର ଟଙ୍କା ପାଇଁ ଅଦାଲତରେ ମିଛ କଥା କହିଥିଲା । ଜିତିବ ବୋଲି, ମୋ ହାତରେ ମା କାଳୀଙ୍କୁ ଅର୍ଘ୍ୟ ଦିଆଇଲା । ମୁଁ ବାଳକବୁଦ୍ଧିରେ ଅର୍ଘ୍ୟ ଦେଲି । କହିଲା, ବାବା, ଏହି ଅର୍ଘ୍ୟଟି ମାଆଙ୍କୁ ଦିଅ ତ !"

ଭକ୍ତ—ଆଚ୍ଛା ଲୋକ ତ !

ଶ୍ରୀରାମକୃଷ୍ଣ—କିନ୍ତୁ କି ବିଶ୍ୱାସ, ମୁଁ ଦେଲେ ମା ନିଶ୍ଚୟ ଶୁଣିବେ !

ଲଳିତ ବାବୁଙ୍କ କଥାରେ ଠାକୁର କହୁଛନ୍ତି—

"ଆହେ, ଅହଙ୍କାର କଅଣ ଯାଏ ! ଜଣେ ଦୁଇଜଣଙ୍କ ଭିତରେ ଦେଖିବାକୁ ମିଳେ ନାହିଁ । ବଳରାମର ଅହଙ୍କାର ନାହିଁ । ଆଉ ଏହାଙ୍କର ନାହିଁ ! ଅନ୍ୟ ଲୋକ ହୋଇଥିଲେ କେତେ ଆଡ଼ମ୍ବର, ଢମ ଦେଖାଯାଆନ୍ତା—ବିଦ୍ୟାର ଅହଂକାର ହୁଅନ୍ତା । ମୋଟା ବ୍ରାହ୍ମଣର ଏବେ ବି ଟିକିଏ ଟିକିଏ ଅଛି । (ମାଷ୍ଟରଙ୍କ ପ୍ରତି) ମହିମା ଚକ୍ରବର୍ତ୍ତୀ ବହୁତ ପଢ଼ିଛି ନା ?"

ମାଷ୍ଟର—ଆଜ୍ଞା ହଁ, ବହୁତ ବହି ପଢ଼ିଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ତା' ସହିତ ଗିରିଶ ଘୋଷର ଥରେ ଦେଖା ହେଲେ ଭଲ ହୁଅନ୍ତା । ତାହେଲେ ଟିକିଏ ତର୍କ ବିଚାର ହୁଅନ୍ତା ।

ଗିରିଶ (ସହାସ୍ୟ)—ବୋଧହୁଏ ସେ କହନ୍ତି ଯେ ସାଧନା କଲେ ସମସ୍ତେ ଶ୍ରୀକୃଷ୍ଣଙ୍କ ପରି ହୋଇପାରିବେ ?

ଶ୍ରୀରାମକୃଷ୍ଣ—ଠିକ୍ ତାହା ନୁହେଁ—ତେବେ ସେହିପରି ଆଭାସ ।

ଭକ୍ତ—ଆଜ୍ଞା, ସମସ୍ତେ କଅଣ ଶ୍ରୀକୃଷ୍ଣଙ୍କ ପରି ହୋଇପାରିବେ ?

ଶ୍ରୀରାମକୃଷ୍ଣ—ଅବତାର ବା ଅବତାରଙ୍କ ଅଂଶ, ଏମାନଙ୍କୁ ଈଶ୍ୱରକୋଟି କହନ୍ତି,

ଆଉ ସାଧାରଣ ଲୋକଙ୍କୁ ଜୀବ ବା ଜୀବକୋଟି କୁହାଯାଏ । ଯେଉଁମାନେ ଜୀବକୋଟି ସେମାନେ ସାଧନା କରି ଈଶ୍ୱରଙ୍କୁ ଲାଭ କରିପାରନ୍ତି; ସେମାନେ ସମାଧିସ୍ଥ ହୋଇ ଆଉ ଫେରନ୍ତି ନାହିଁ ।

''ଯେଉଁମାନେ ଈଶ୍ୱରକୋଟି—ସେମାନେ ଯେପରି ରାଜପୁତ୍ର; ସାତ ମହଲାର ଚାବି ତାଙ୍କ ହାତରେ । ସେମାନେ ସାତ ମହଲା ଉପରକୁ ଉଠନ୍ତି, ପୁଣି ଇଚ୍ଛା ଅନୁସାରେ ଓହ୍ଲାଇ ଆସି ପାରନ୍ତି । ଜୀବକୋଟି ଯେପରି ଛୋଟ କର୍ମଚାରୀ, ସାତମହଲା କୋଠାର ଅଳ୍ପ ବାଟ ପର୍ଯ୍ୟନ୍ତ ଯାଇପାରେ ।''

### ଜ୍ଞାନ ଓ ଭକ୍ତିର ସମନ୍ୱୟ

''ଜନକ ଜ୍ଞାନୀ, ସାଧନା କରି ଜ୍ଞାନ ଲାଭ କରିଥିଲେ; ଶୁକଦେବ ଜ୍ଞାନର ମୂର୍ତ୍ତି ।''

ଗିରିଶ—ଆହା !

ଶ୍ରୀରାମକୃଷ୍ଣ—ଶୁକଦେବ ସାଧନା କରି ଜ୍ଞାନଲାଭ କରି ନାହାନ୍ତି । ନାରଦଙ୍କର ମଧ ଶୁକଦେବଙ୍କ ପରି ବ୍ରହ୍ମଜ୍ଞାନ ହୋଇଥିଲା, କିନ୍ତୁ ଭକ୍ତି ନେଇ ରହିଥିଲେ—ଲୋକଶିକ୍ଷା ପାଇଁ । ପ୍ରହ୍ଲାଦ ବେଳେବେଳେ ସୋଽହଂ ଭାବରେ ରହୁଥିଲେ, ଆଉ ବେଳେବେଳେ ଦାସଭାବରେ —ବେଳେବେଳେ ସନ୍ତାନ ଭାବରେ । ହନୁମାନଙ୍କର ମଧ୍ୟ ଏହି ଅବସ୍ଥା ।

''ଇଚ୍ଛା କଲେ ଏହି ଅବସ୍ଥା ସମସ୍ତଙ୍କର ହୁଏ ନାହିଁ । କେଉଁ ବାଉଁଶର ବଡ଼ ପୋଲ, କେଉଁ ବାଉଁଶର ଛୋଟ କଣା ।''

## (୪)

### କାମିନୀ–କାଞ୍ଚନ ଓ ତୀବ୍ର ବୈରାଗ୍ୟ

ଜଣେ ଭକ୍ତ—ଆପଣଙ୍କର ତ ଏହିସବୁ ଭାବ ଦୃଷ୍ଟାନ୍ତ ପାଇଁ, ଆମମାନଙ୍କୁ ତାହେଲେ କଅଣ କରିବାକୁ ହେବ ?

ଶ୍ରୀରାମକୃଷ୍ଣ—ଭଗବାନଙ୍କୁ ଲାଭ କରିବାକୁ ହେଲେ ତୀବ୍ର ବୈରାଗ୍ୟ ଦରକାର । ଯାହା ଈଶ୍ୱରଙ୍କ ପଥର ବିରୁଦ୍ଧ ବୋଲି ବୋଧ ହେବ, ତତ୍‌କ୍ଷଣାତ୍ ତାହାକୁ ତ୍ୟାଗ କରିବାକୁ ହେବ । ପରେ ହେବ ବୋଲି ପକାଇ ରଖିବା ଉଚିତ ନୁହେଁ । କାମିନୀ–କାଞ୍ଚନ ଈଶ୍ୱରଙ୍କ ପଥରେ ବିଘ୍ନସ୍ୱରୂପ; ସେଥିରୁ ମନକୁ ଦୂରେଇ ରଖିବାକୁ ହେବ ।

''ଢିଲା ଦେଲେ ହେବ ନାହିଁ । ଜଣେ କାନ୍ଧରେ ଗାମୁଛା ପକାଇ ଗାଧୋଇବାକୁ ଯାଉଥିଲା । ସ୍ତ୍ରୀ କହିଲା, ତୁମେ କୌଣସି କାମର ନୁହଁ, ବୟସ ବଢୁଛି, ଏପର୍ଯ୍ୟନ୍ତ ଏସବୁ ତ୍ୟାଗ କରିପାରିଲ ନାହିଁ । ମୋତେ ଛାଡ଼ି ତୁମେ ଦିନେହେଲେ ରହିପାରୁ ନାହଁ । କିନ୍ତୁ ଅମୁକ ଲୋକ କିପରି ତ୍ୟାଗୀ !

ସ୍ୱାମୀ—କାହିଁକି, ସେ କଅଣ କରିଛି ?

ସ୍ତ୍ରୀ— ତା'ର ଷୋଳଜଣ ସ୍ତ୍ରୀ, ସେ ଜଣ ଜଣ କରି ସେମାନଙ୍କୁ ତ୍ୟାଗ କରୁଛି ।

ତୁମେ କେବେହେଲେ ତ୍ୟାଗ କରିପାରିବ ନାହିଁ ।

ସ୍ୱାମୀ—ଗୋଟିଏ ଗୋଟିଏ କରି ତ୍ୟାଗ ! ଆରେ ପାଗଳୀ, ସେ ତ୍ୟାଗ କରିପାରିବ ନାହିଁ । ଯେ ତ୍ୟାଗ କରେ, ସେ କଅଣ ଟିକିଏ ଟିକିଏ କରି ତ୍ୟାଗ କରେ !

ସ୍ତ୍ରୀ (ସହାସ୍ୟ)—ତେବେ ତୁମଠାରୁ ଭଲ ।

ସ୍ୱାମୀ—ପାଗଳୀ, ତୁ ବୁଝୁନାହୁଁ । ତାର କାମ ନୁହେଁ, ମୁଁ ହିଁ ତ୍ୟାଗ କରିପାରିବି, ହେଇ ଦେଖ୍, ମୁଁ ଚାଲିଲି ।

ଏହାର ନାମ ତୀବ୍ର ବୈରାଗ୍ୟ । ବିବେକ ହେଲା ମାତ୍ରେ ସଙ୍ଗେ ସଙ୍ଗେ ତ୍ୟାଗ । ଗାମୁଛା କାନ୍ଧରେ ଅଛି ଚାଲିଗଲା । ସଂସାର ସଜଡ଼ା ସଜଡ଼ି କରିବାକୁ ଆସିଲା ନାହିଁ । ଘର ଆଡ଼କୁ ଥରେ ହେଲେ ଫେରି ଚାହିଁଲା ନାହିଁ ।

ଯେ ତ୍ୟାଗ କରିବ ତାର ଖୁବ୍ ମନୋବଳ ଦରକାର । ଯେପରି ଡକାଏତମାନଙ୍କର । ଡକାଇତି କରିବା ଆଗରୁ ଡକାଏତମାନେ ଯେପରି ଚିତ୍କାର କରନ୍ତି—ମାର ! ହାଣ ! କାଟ !

ତୁମେମାନେ ଆଉ କଅଣ କରିବ ? ତାଙ୍କଠାରେ ଭକ୍ତି, ପ୍ରେମ ଲାଭ କରି ଦିନ କଟାଇବ । କୃଷ୍ଣଙ୍କୁ ନ ଦେଖି ଯଶୋଦା ପାଗଳପ୍ରାୟ ହୋଇ ଶ୍ରୀମତୀଙ୍କ ପାଖକୁ ଗଲେ । ଶ୍ରୀମତୀ ତାଙ୍କର ଦୁଃଖ ଦେଖି ଆଦ୍ୟାଶକ୍ତି ରୂପରେ ଦେଖାଦେଲେ । କହିଲେ, ମା, ମୋ ପାଖରୁ ବର ନିଅ । ଯଶୋଦା କହିଲେ, ମା କଅଣ ଆଉ ବର ନେବି ? ତେବେ ଏତିକି କହ, ଯେପରି କାୟମନୋବାକ୍ୟରେ କୃଷ୍ଣର ସେବା କରିପାରେ । ଏହି ଆଖିରେ ତାର ଭକ୍ତଙ୍କୁ ଦର୍ଶନ— ଯେଉଁ ଯେଉଁ ସ୍ଥାନରେ ତାର ଲୀଳା, ଏହି ପାଦରେ ସେହି ସ୍ଥାନକୁ ଯେପରି ଯାଇପାରେ—ଏହି ହାତରେ ତାର ସେବା ଓ ତାର ଭକ୍ତମାନଙ୍କର ସେବା—ସବୁ ଇନ୍ଦ୍ରିୟ ଯେପରି ତାର କାମ କରେ ।

ଏହି କଥା କହୁ କହୁ ଠାକୁର ଶ୍ରୀରାମକୃଷ୍ଣଙ୍କର ପୁଣି ଭାବାବେଶ ହେଉଅଛି । ହଠାତ୍ ନିଜେ ନିଜେ କହୁଛନ୍ତି, "ସଂହାରମୂର୍ତ୍ତି କାଳୀ !—ନା ନିତ୍ୟକାଳୀ ।"

ଠାକୁର ଅତି କଷ୍ଟରେ ଭାବ ସମ୍ବରଣ କଲେ । ଅଳ୍ପ ପାଣି ପିଇଲେ । ଯଶୋଦାଙ୍କ କଥା ପୁଣି କହୁଛନ୍ତି, ଶ୍ରୀଯୁକ୍ତ ମହେନ୍ଦ୍ର ମୁଖାର୍ଜୀ ଆସି ଉପସ୍ଥିତ । ସେ ଓ ତାଙ୍କର କନିଷ୍ଠ ଭାଇ ଶ୍ରୀଯୁକ୍ତ ପ୍ରିୟ ମୁଖାର୍ଜୀ ଠାକୁରଙ୍କ ପାଖକୁ ନୂଆ ନୂଆ ଯିବା ଆସିବା କରୁଛନ୍ତି । ମହେନ୍ଦ୍ରଙ୍କର ମଇଦା କଳ ଓ ଅନ୍ୟାନ୍ୟ ବ୍ୟବସାୟ ଅଛି । ତାଙ୍କର ଭାଇ ଇଞ୍ଜିନିୟର କାମ କରୁଥିଲେ । ଏମାନଙ୍କର କାମଦାମ କର୍ମଚାରୀମାନେ ଦେଖନ୍ତି, ସୁତରାଂ ଅବସର ବହୁତ ମିଳେ । ମହେନ୍ଦ୍ରଙ୍କ ବୟସ ୩୬, ୩୭ ବର୍ଷ ହେବ; ଭାଇଙ୍କ ବୟସ ପ୍ରାୟ ୩୪, ୩୫ । ଏମାନଙ୍କର ଘର କେଦେଟି ଗ୍ରାମ । କଲିକତା ବାଗ୍‌ବଜାରରେ ମଧ୍ୟ ଗୋଟିଏ ବାସଗୃହ ଅଛି । ସେମାନଙ୍କ ସାଙ୍ଗରେ ଜଣେ ଯୁବକ ଭକ୍ତ ଯିବା-ଆସିବା କରନ୍ତି, ତାଙ୍କ ନାମ ହରି । ତାଙ୍କର ବିବାହ ହୋଇଛି; କିନ୍ତୁ ଠାକୁରଙ୍କୁ ଭାରୀ ଭକ୍ତି କରନ୍ତି । ମହେନ୍ଦ୍ର ବହୁ ଦିନ ହେଲା

ଦକ୍ଷିଣେଶ୍ୱରକୁ ଯାଇ ନାହାଁନ୍ତି । ହରି ମଧ ଯାଇ ନାହାଁନ୍ତି, –ଆଜି ଆସିଛନ୍ତି । ମହେନ୍ଦ୍ର ଗୌରବର୍ଣ୍ଣ ଓ ସଦା ହସ ହସ ମୁଖମଣ୍ଡଳ, ଶରୀର ମଧ୍ୟମ ଧରଣର । ମହେନ୍ଦ୍ର ଭୂମିଷ୍ଠ ହୋଇ ଠାକୁରଙ୍କୁ ପ୍ରଣାମ କଲେ । ହରି ମଧ ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ—କିହେ, ଏତେଦିନ ହେଲା ଦକ୍ଷିଣେଶ୍ୱରକୁ କାହିଁକି ଯାଇନାହିଁ ?

ମହେନ୍ଦ୍ର—ଆଜ୍ଞା, କେଦେଟି ଯାଇଥିଲି, କଲିକତାରେ ନ ଥିଲି ।

ଶ୍ରୀରାମକୃଷ୍ଣ—ଏକେ ତ ପିଲାପିଲି ନାହାନ୍ତି—କାହା ପାଖରେ ଚାକିରୀ ବି କରିନାହିଁ, ତଥାପି ଅବସର ନାହିଁ ! ଭାରୀ ମୁସ୍କିଲ !

ଭକ୍ତମାନେ ନୀରବରେ ବସିଛନ୍ତି । ମହେନ୍ଦ୍ର ଟିକିଏ ଅପ୍ରସ୍ତୁତ ।

ଶ୍ରୀରାମକୃଷ୍ଣ (ମହେନ୍ଦ୍ରଙ୍କ ପ୍ରତି)—ତୁମକୁ କାହିଁକି କହୁଛି—ତୁମେ ସରଳ ଓ ଉଦାର–ତୁମର ଈଶ୍ୱରଙ୍କଠାରେ ଭକ୍ତି ଅଛି ।

ମହେନ୍ଦ୍ର— ଆଜ୍ଞା, ଆପଣ ମୋର ଭଲ ପାଇଁ କହୁଛନ୍ତି ।

## ବିଷୟୀ ଓ ଟଙ୍କାବାଲା ସାଧୁ—ସନ୍ତାନର ମାୟା

ଶ୍ରୀରାମକୃଷ୍ଣ (ସହାସ୍ୟ)—କିନ୍ତୁ ଏଠାକାର ଯାତ୍ରାରେ ମାଗୁଣି ଦେବାକୁ ପଡ଼େନାହିଁ । ଯଦୁର ମା ତେଣୁ କହେ, 'ଅନ୍ୟ ସାଧୁ କେବଳ ଦିଅ ଦିଅ କରନ୍ତି, ବାବା, ତୁମର ସେଇଟି ନାହିଁ ।' ବିଷୟୀ ଲୋକ ଟଙ୍କା ଖର୍ଚ୍ଚ ହେଲେ ବିରକ୍ତ ହୁଏ ।

ଗୋଟିଏ ସ୍ଥାନରେ ଯାତ୍ରା ହେଉଥିଲା । ଜଣେ ଲୋକର ବସି ଶୁଣିବାକୁ ଭାରୀ ଇଚ୍ଛା । ପ୍ରଥମେ ସେ ଉଙ୍କି ମାରି ଦେଖିଲା ଯେ, ଯାତ୍ରାରେ ମାଗୁଣି ପଡୁଛି, ତେଣୁ ସେଠାରୁ ସେ ଧୀରେ ଧୀରେ ପଳାଇଗଲା । ଅନ୍ୟ ଗୋଟିଏ ସ୍ଥାନରେ ଯାତ୍ରା ହେଉଥିଲା, ସେଠାକୁ ଗଲା । ପଚରା ପଚରି କରି ବୁଝିଲା ଯେ, ସେଠାରେ କେହି ମାଗୁଣି ଦେବେ ନାହିଁ । ଭାରୀ ଭିଡ଼ ହୋଇଛି । ସେ ଦୁଇ କହୁଣିରେ ଭିଡ଼ ଠେଲି ମଞ୍ଚ ପାଖକୁ ଗଲା । ସେଠାରେ ଭଲ କରି ବସି ନିଶ ସାଉଁଳି ଶୁଣିବାକୁ ଲାଗିଲା । (ହସ)

ଆଚ୍ଛା, ତୁମର ତ ପିଲାପିଲି ନାହାନ୍ତି ଯେ ମନ ଅନ୍ୟମନସ୍କ ହେବ । ଜଣେ ଡେପୁଟି, ଆଠ ଶହ ଟଙ୍କା ଦରମା, କେଶବ ସେନଙ୍କ ଘରକୁ (ନବ–ବୃନ୍ଦାବନ) ନାଟକ ଦେଖିବାକୁ ଯାଇଥିଲା । ମୁଁ ବି ଯାଇଥିଲି, ମୋ ସାଙ୍ଗରେ ରାଖାଲ ଓ ଆଉ କିଏ ସବୁ ଯାଇଥିଲେ । ନାଟକ ଶୁଣିବା ପାଇଁ ମୁଁ ଯେଉଁଠାରେ ବସିଥିଲି ସେମାନେ ସେହିଠାରେ ମୋ ପାଖରେ ବସିଥିଲେ । ରାଖାଲ ମଝିରେ ଟିକିଏ ଉଠିଯାଇଥିଲା । ଡେପୁଟି ଆସି ସେଠାରେ ବସିଲା । ଆଉ ତାର ଛୋଟ ପୁଅଟିକୁ ରାଖାଲର ଜାଗାରେ ବସାଇଲା । ମୁଁ କହିଲି, ଏଠାରେ ବସିହେବ ନାହିଁ—ମୋର ଏପରି ଅବସ୍ଥା ଯେ, ପାଖରେ ଯିଏ ବସିବ ସେ ଯାହା କହିବ ତାହା ହିଁ କରିବାକୁ ହେବ; ତେଣୁ ରାଖାଲକୁ ପାଖରେ ବସାଇଥିଲି । ଯେତେ ସମୟ ନାଟକ ହେଲା, ଡେପୁଟିର କେବଳ ନିଜ ପୁଅ ସାଙ୍ଗରେ କଥାବାର୍ତ୍ତା । ଶଳା, ଥରେ ହେଲେ

ନାଟକ ଦେଖିଲା ନାହିଁ ! ଆଉ କଅଣ ଶୁଣିଲି ଜାଣ—ସ୍ତ୍ରୀର ବଶ, ଉଠ୍ କହିଲେ ଉଠେ, ବସ୍ କହିଲେ ବସେ—ସେଥିରେ ପୁଣି ଗୋଟାଏ ମେଞ୍ଚଡ଼ ଟୋକା ପାଇଁ ଏପରି... ତୁମେ ଧ୍ୟାନ ଜପ କର ତ ?''

ମହେନ୍ଦ୍ର—ଆଜ୍ଞା, ଅଳ୍ପ କିଛି କରେ ।

ଶ୍ରୀରାମକୃଷ୍ଣ—ମଝିରେ ମଝିରେ ଯିବ ?

ମହେନ୍ଦ୍ର (ସହାସ୍ୟ)—ଆଜ୍ଞା, କେଉଁଠାରେ ଗଣ୍ଠି ରହିଛି ଆପଣ ଜାଣନ୍ତି—ଆପଣ ଦେଖିବେ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆଗେ ଚାଲ । —ତେବେ ତ ଚିପାଚିପି କରି ଦେଖିବି, କେଉଁଠି କି ଗଣ୍ଠି ଅଛି ! ଯାଉ ନାହିଁ କାହିଁକି ?

ମହେନ୍ଦ୍ର— କାମ ଭିଡ଼ରେ ଆସିପାରୁ ନାହିଁ— ପୁଣି କେବେଟି ଘରକୁ ମଝିରେ ମଝିରେ ଯିବାକୁ ହୁଏ ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି, ମହେନ୍ଦ୍ରଙ୍କ ପ୍ରତି)—ଏମାନଙ୍କର କଅଣ ଘରଦ୍ୱାର ନାହିଁ—କାମଦାମ ନାହିଁ ? ଏମାନେ କିପରି ଆସନ୍ତି ?

### ପତ୍ନୀର ବନ୍ଧନ

ଶ୍ରୀରାମକୃଷ୍ଣ (ହରିଙ୍କ ପ୍ରତି)—ତୁ କାହିଁକି ଆସି ନାହୁଁ ? ବୋଧହୁଏ ତୋର ସ୍ତ୍ରୀ ଆସିଛି ?

ହରି—ଆଜ୍ଞା, ନାହିଁ ।

ଶ୍ରୀରାମକୃଷ୍ଣ—ତେବେ କାହିଁକି ଭୁଲିଗଲୁ ?

ହରି—ଆଜ୍ଞା, ଦେହ ଖରାପ ଥିଲା ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କୁ)—ଦୁର୍ବଳ ହୋଇଯାଇଛି, ଏହାର ଭକ୍ତି କିଛି କମ୍ ନୁହେଁ; ଭକ୍ତିର ଦାଉ କିଏ ସମ୍ଭାଳିବ ! ଉତ୍ପାତିଆ ଭକ୍ତି ! (ହସ)

ଠାକୁର ଜଣେ ଭକ୍ତଙ୍କ ସ୍ତ୍ରୀଙ୍କୁ 'ହାବୀର ମା' ବୋଲି ଡାକୁଥିଲେ । ହାବୀର ମା'ଙ୍କ ଭାଇ ଆସିଛନ୍ତି, କଲେଜରେ ପଢ଼ନ୍ତି, ବୟସ ପ୍ରାୟ କୋଡ଼ିଏ ବର୍ଷ । ସେ କ୍ରିକେଟ୍ ଖେଳିବାକୁ ଯିବେ —ସେଥିପାଇଁ ଉଠିଗଲେ । ତାଙ୍କ ଛୋଟ ଭାଇ ମଧ୍ୟ ଠାକୁରଙ୍କର ଭକ୍ତ, ତାଙ୍କ ସହିତ ଗଲେ । ଟିକିଏ ପରେ ଦ୍ୱିଜ ଫେରି ଆସିବାରୁ ଠାକୁର କହିଲେ, ''ତୁ ଗଲୁ ନାହିଁ ?''

ଜଣେ ଭକ୍ତ କହିଲେ, ''ସେ ଗୀତ ଶୁଣିବେ, ସେଥିପାଇଁ ବୋଧହୁଏ ଫେରିଆସିଲେ ।''

ଆଜି ବ୍ରାହ୍ମ-ଭକ୍ତ ଶ୍ରୀଯୁକ୍ତ ତୈଲୋକ୍ୟଙ୍କର ଗୀତ ହେବ । ପଲ୍ଟୁ ଆସି ଉପସ୍ଥିତ । ଠାକୁର କହୁଛନ୍ତି, ଆରେ, ଏହି ଯେ ପଲ୍ଟୁ ଆସିଛି !

ଆଉ ଜଣେ ବାଳକ ଭକ୍ତ (ପୂର୍ଣ୍ଣ) ଆସି ଉପସ୍ଥିତ ହେଲେ । ଠାକୁର ତାଙ୍କୁ ବହୁ କଷ୍ଟରେ ଡକାଇ ଆଣିଛନ୍ତି, ଘରର ଲୋକମାନେ କେବେହେଲେ ଆସିବାକୁ ଦେବେ ନାହିଁ ।

ମାଷ୍ଟର ଯେଉଁ ବିଦ୍ୟାଳୟରେ ପଢ଼ାନ୍ତି, ସେହି ବିଦ୍ୟାଳୟରେ ଏହି ବାଳକ ପଞ୍ଚମ ଶ୍ରେଣୀରେ ପଢ଼ନ୍ତି । ସେ ଆସି ଭୂମିଷ୍ଠ ହୋଇ ପ୍ରଣାମ କଲେ । ଠାକୁର ନିଜ ପାଖରେ ତାଙ୍କୁ ବସାଇ ଆସ୍ତେ ଆସ୍ତେ କଥା କହୁଛନ୍ତି—ମାଷ୍ଟର କେବଳ ପାଖରେ ବସିଛନ୍ତି, ଅନ୍ୟାନ୍ୟ ଭକ୍ତମାନେ ଅନ୍ୟମନସ୍କ ହୋଇଛନ୍ତି । ଗିରିଶ ଗୋଟିଏ ପାଖରେ କେଶବଚରିତ ପଢୁଛନ୍ତି ।

ଶ୍ରୀରାମକୃଷ୍ଣ (ପୂର୍ଣ୍ଣଙ୍କୁ)—ଏଠାକୁ ଆସ ।

ଗରିଶ (ମାଷ୍ଟରଙ୍କ ପ୍ରତି)—ଏହି ପିଲାଟି କିଏ ?

ମାଷ୍ଟର (ବିରକ୍ତ ହୋଇ)—ପିଲାଟିଏ ତ, ଆଉ କିଏ !

ଗିରିଶ (ସହାସ୍ୟ)—It needs no ghost to tell me that.

ମାଷ୍ଟରଙ୍କର ଭୟ କାଳେ ପାଞ୍ଚଜଣ ଜାଣିଲେ ପିଲାଟିର ଘରେ ଗଣ୍ଡଗୋଳ ହେବ ଓ ତାଙ୍କ ଉପରେ ଦୋଷ ପଡ଼ିବ । ତେଣୁ ବାଳକଟି ସଙ୍ଗରେ ଠାକୁର ଆସ୍ତେ ଆସ୍ତେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ସେସବୁ କରୁଛ ?—ଯାହା କହି ଦେଇଥିଲି ?

ବାଳକ—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ—କେବେ କିଛି ସ୍ୱପ୍ନ ଦେଖୁଛ ?—ଅଗ୍ନି-ଶିଖା, ମଶାଲ-ଆଲୁଅ ? ସଧବା ସ୍ତ୍ରୀ ? ମଶାଣି ? ଏସବୁ ଦେଖିଲେ ଖୁବ୍ ଭଲ ।

ବାଳକ—ଆପଣଙ୍କୁ ଦେଖିଛି—ବସିଛନ୍ତି—କଅଣ କହୁଛନ୍ତି ।

ଶ୍ରୀରାମକୃଷ୍ଣ—କଅଣ ? ଉପଦେଶ ?—ଗୋଟିଏ କହିଲ ଦେଖି ।

ବାଳକ—ମନେ ନାହିଁ ।

ଶ୍ରୀରାମକୃଷ୍ଣ— ହଉ ହଉ— ଖୁବ୍ ଭଲ !— ତୁମର ଉନ୍ନତି ହେବ— ମୋ ପ୍ରତି ଆକର୍ଷଣ ଅଛି ତ ?

ଟିକିଏ ପରେ ଠାକୁର କହୁଛନ୍ତି— "କଅଣ ସେଠାକୁ ଯିବ ନାହିଁ ?"— ଅର୍ଥାତ୍ ଦକ୍ଷିଣେଶ୍ୱରକୁ । ବାଳକ-"କହିପାରୁ ନାହିଁ ।"

ଶ୍ରୀରାମକୃଷ୍ଣ- କାହିଁକି, ସେଠାରେ ତୁମର ପରା କିଏ ଆତ୍ମୀୟ ଅଛନ୍ତି ?

ବାଳକ—ଆଜ୍ଞା ହଁ, କିନ୍ତୁ ସେଠାକୁ ଯିବା ପାଇଁ କୌଣସି ସୁବିଧା ହେବ ନାହିଁ

ଗିରିଶ କେଶବଚରିତ ପଢୁଛନ୍ତି । ବ୍ରାହ୍ମ ସମାଜର ଶ୍ରୀଯୁକ୍ତ ତ୍ରୈଲୋକ୍ୟ ଶ୍ରୀଯୁକ୍ତ କେଶବ ସେନଙ୍କର ଏହି ଜୀବନଚରିତ ଲେଖିଛନ୍ତି । ଏହି ପୁସ୍ତକରେ ଲେଖାଅଛି ଯେ ପରମହଂସଦେବ ଆଗରୁ ସଂସାର ଉପରେ ଅତି ବିରକ୍ତ ଥିଲେ, କିନ୍ତୁ କେଶବଙ୍କ ସହିତ ଦେଖା ସାକ୍ଷାତ୍ ହେବା ପରେ ସେ ମତ ବଦଳାଇଛନ୍ତି—ଏବେ ପରମହଂସଦେବ କହନ୍ତି ଯେ, ସଂସାରରେ ମଧ୍ୟ ଧର୍ମ ହୁଏ । ଏହି କଥା ପଢ଼ି କେହି କେହି ଭକ୍ତ ଠାକୁରଙ୍କୁ କହିଛନ୍ତି । ସେମାନଙ୍କର ଇଚ୍ଛା ଯେ ତ୍ରୈଲୋକ୍ୟଙ୍କ ସଙ୍ଗରେ ଆଜି ଏହି ବିଷୟରେ କଥା ହେଉ । ବହି ପଢ଼ି ଠାକୁରଙ୍କୁ ସେହି ସବୁ କଥା ଶୁଣାହେଉଥିଲା ।

### ଠାକୁରଙ୍କ ଅବସ୍ଥା—ଭକ୍ତସଙ୍ଗ ତ୍ୟାଗ

ଗିରିଶଙ୍କ ହାତରେ ବହି ଦେଖି ଠାକୁର ମାଷ୍ଟର, ରାମ ଓ ଅନ୍ୟାନ୍ୟ ଭକ୍ତମାନଙ୍କୁ କହୁଛନ୍ତି—''ସେମାନେ ସେହି ସବୁ ନେଇ ଅଛନ୍ତି, ତେଣୁ 'ସଂସାର ସଂସାର' କରୁଛନ୍ତି ! —କାମିନୀ-କାଞ୍ଚନ ଭିତରେ ରହିଛନ୍ତି । ତାଙ୍କୁ ଲାଭ କଲେ ସେ କଥା କହନ୍ତେ ନାହିଁ । ଈଶ୍ୱରୀୟ ଆନନ୍ଦ ପାଇଲେ ସଂସାର କାକବିଷ୍ଠା ପରି ହୋଇଯାଏ ! —ପୂର୍ବେ ମୁଁ ସବୁ ତ୍ୟାଗ କରି ଦେଇଥିଲି । ବିଷୟୀସଙ୍ଗ ତ ତ୍ୟାଗ କଲି—ପୁଣି ମଝିରେ ଭକ୍ତସଙ୍ଗ ମଧ୍ୟ ତ୍ୟାଗ କରିଥିଲି ! ଦେଖିଲି ଜଣଙ୍କ ପରେ ଜଣେ ମରି ଯାଉଛନ୍ତି, ଏହା ଦେଖି ଛଟପଟ ହେଉଥିଲି । ଆଜିକାଲି ବରଂ ଲୋକଙ୍କ ସାଙ୍ଗରେ କିଛିଟା ରହୁଛି ।''

### (୫)

### ସଂକୀର୍ତ୍ତନ ଆନନ୍ଦ

ଗିରିଶ ଘରକୁ ଚାଲିଗଲେ । ପରେ ଆସିବେ ।

ଶ୍ରୀଯୁକ୍ତ ଜୟଗୋପାଳ ସେନଙ୍କ ସହିତ ତ୍ରୈଲୋକ୍ୟ ଆସି ପହଞ୍ଚିଲେ । ସେମାନେ ଠାକୁରଙ୍କୁ ପ୍ରଣାମ କଲେ ଓ ଆସନ ଗ୍ରହଣ କଲେ ।

ଠାକୁର ସେମାନଙ୍କୁ କୁଶଳ ପ୍ରଶ୍ନ କରୁଛନ୍ତି । ଛୋଟ ନରେନ୍ ଆସି ଠାକୁରଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ । ଠାକୁର କହିଲେ—ତୁ ତ କାହିଁ ଶନିବାର ଦିନ ଆସିଲୁ ନାହିଁ ? ଏଥର ତ୍ରୈଲୋକ୍ୟ ଗୀତ ଗାଇବେ ।

ଶ୍ରୀରାମକୃଷ୍ଣ- ଆହା, ତୁମେ ସେଦିନ ଆନନ୍ଦମୟୀଙ୍କ ଗୀତ ଗାଇଲ- କେତେ ସୁନ୍ଦର ଗୀତ ! ଅନ୍ୟ ସବୁ ଲୋକଙ୍କ ଗୀତ ଅଲଗା ଲାଗେ । ସେଦିନ ନରେନ୍ଦ୍ରର ଗୀତ ମଧ୍ୟ ଭଲ ଲାଗିଲା ନାହିଁ । ସେଇଟି ଟିକିଏ ଏବେ ହୋଇଯାଉ ।

ତ୍ରୈଲୋକ୍ୟ ଗାଉଛନ୍ତି—'ଜୟ ଶଚୀନନ୍ଦନ'।

ଠାକୁର ମୁହଁ ଧୋଇବାକୁ ଯାଉଛନ୍ତି । ସ୍ତ୍ରୀ-ଭକ୍ତମାନେ ପରଦା ଆଢୁଆଳରେ ଉତ୍କଣ୍ଠିତ ଆଗ୍ରହରେ ବସିଛନ୍ତି । ସେମାନଙ୍କ ପାଖକୁ ଯାଇ ଥରେ ଦର୍ଶନ ଦେବେ । ତ୍ରୈଲୋକ୍ୟଙ୍କର ଗୀତ ଚାଲୁଛି ।

ଠାକୁର ଘର ଭିତରକୁ ଫେରି ଆସି ତ୍ରୈଲୋକ୍ୟଙ୍କୁ କହୁଛନ୍ତି—ଟିକିଏ ଆନନ୍ଦମୟୀଙ୍କ ଗୀତ—ତ୍ରୈଲୋକ୍ୟ ଗାଉଛନ୍ତି—

କେତେ ସ୍ନେହ କର ମାଗୋ ମାନବ ସନ୍ତାନେ,
ମନେ ହେଲେ ପ୍ରେମଧାରା ବହେ ଦୁଇ ନୟନେ (ଗୋ ମା) ।
ତବ ପଦେ ଅପରାଧୀ ଅଛି ମୁହିଁ ଜନ୍ମାବଧି ,
ତଥାପି ଚାହିଁଛ ମା ପ୍ରେମ ନୟନେ, ତୋଷିଛ ମଧୁର ବଚନେ
ମନେ ହେଲେ ପ୍ରେମଧାରା ବହେ ଦୁଇ ନୟନେ ।

ତୁମ ପ୍ରେମର ଭାର, ଆଉ ପାରୁନାହିଁ ବହି
ପ୍ରାଣଉଠୁ ଅଛି କାନ୍ଦି ହୃଦୟ ଭେଦି, ତବ ସ୍ନେହ ଦରଶନେ ।
ନେଉଛି ଶରଣ ମା'ଗୋ ତବ ଶ୍ରୀଚରଣେ (ଗୋ ମା)''

ଗୀତ ଶୁଣୁ ଶୁଣୁ ଛୋଟ ନରେନ୍ ଗଭୀର ଧ୍ୟାନରେ ନିମଗ୍ନ ହୋଇଛନ୍ତି, ଯେପରି କାଷ୍ଠବତ୍ ! ଠାକୁର ମାଷ୍ଟରଙ୍କୁ କହୁଛନ୍ତି, ''ଦେଖ, ଦେଖ, କି ଗଭୀର ଧ୍ୟାନ ! ଏକାବେଳକେ ବାହ୍ୟଜ୍ଞାନଶୂନ୍ୟ !

ଗୀତ ସମାପ୍ତ ହେଲା । ଠାକୁର ତ୍ରୈଲୋକ୍ୟଙ୍କୁ ଏହି ଗୀତଟି ଗାଇବାକୁ କହିଲେ ।

'ଦେ ମା ପାଗଲ କରେ, ଆର କାଜ ନାଇ ଜ୍ଞାନ ବିଚାରେ ।'

ରାମ କହୁଛନ୍ତି, କିଛି ହରିନାମ ହେଉ ! ତ୍ରୈଲୋକ୍ୟ ଗାଉଛନ୍ତି—

ମନ ଥରେ ହରିବୋଲ ହରିବୋଲ,
ହରି ହରି ବୋଲି ଭବସିନ୍ଧୁ ପାରେ ଚାଲ ।

ମାଷ୍ଟର ଆସ୍ତେ ଆସ୍ତେ କହୁଛନ୍ତି, 'ଗୌର-ନିତାଇ ତୋମରା ଦୁଭାଇ ।'

ଠାକୁର ମଧ୍ୟ ସେହି ଗୀତଟି ଗାଇବାକୁ କହୁଛନ୍ତି । ତ୍ରୈଲୋକ୍ୟ ଓ ଭକ୍ତମାନେ ସମସ୍ତେ ମିଳି ଗାଉଛନ୍ତି—

ଗୌର-ନିତାଇ ତୁମେ ଦୁଇ ଭାଇ ପରମ ଦୟାଳୁ ହେ ପ୍ରଭୁ !

ଠାକୁର ମଧ୍ୟ ଯୋଗଦାନ କଲେ । ସମାପ୍ତ ହେବାରୁ ଆଉ ଗୋଟିଏ ଧରିଲେ—

ଯାହାଙ୍କର ହରି କହୁ କହୁ ନୟନ ଝରେ, ଆସିଛନ୍ତ ସେହି ଦୁଇଭାଇ ରେ ॥
ମାଡ଼ ଖାଇ ଯିଏ ଯାଚନ୍ତି ପ୍ରେମ, ଆସିଛନ୍ତି ସେହି ଦୁଇଭାଇ ରେ ॥
ଯିଏ ବ୍ରଜର କହ୍ନାଇ ହୋଇଥିଲେ, ଆସିଛନ୍ତି ସେହି ଦୁଇଭାଇ ରେ ॥
ଅଚାଣ୍ଡାଳେ ଯିଏ ଦିଅନ୍ତି କୋଳ, ଆସିଛନ୍ତି ସେହି ଦୁଇଭାଇ ରେ ॥

ଏହି ଗୀତ ପରେ ଠାକୁର ଆଉ ଗୋଟିଏ ଗୀତ ଗାଉଛନ୍ତି—

ନଦେ ଟଲମଲ କରେ ଟଲମଲ

ଠାକୁର ପୁଣି ଗାଇଲେ—

କିଏ ହରିବୋଲ ହରିବୋଲ ବୋଲି ଯାଏରେ
ଥରେ ଯାଇ ମାଧାଇ ଜାଣି ଆ'ରେ ।
ବୋଧେ ଗୌର ଯାଏ ଆଉ ନିତାଇ ଯାଏରେ,
ଯାହାର ସୁନା ନୂପୁର ରଙ୍ଗା ଚରଣେ,
ଯାହାର ମସ୍ତକଲଣ୍ଡିତ କନ୍ଥା ଛିଣ୍ଡାରେ
ଦେଖିବାକୁ ଯିଏ ପାଗଳ ପରିରେ ॥

ଛୋଟ ନରେନ ବିଦାୟ ନେଉଛନ୍ତି—

ଶ୍ରୀରାମକୃଷ୍ଣ—ତୁ ବାପା ମାଆଙ୍କୁ ଖୁବ୍ ଭକ୍ତି କରିବୁ ।—କିନ୍ତୁ ଈଶ୍ୱରଙ୍କ ପଥରେ

ବାଧା ଦେଲେ ମାନିବୁ ନାହିଁ । ଏକଜିଦିଆ ଭାବ ଆଣିବୁ—କିପରି ବାପ !

ଛୋଟ ନରେନ୍—କେଜାଣି, ମୋର କିଛି ଭୟ ହୁଏ ନାହିଁ ।

ଗିରିଶ ଘରୁ ଫେରି ଆସି ଉପସ୍ଥିତ ହେଲେ । ଠାକୁର ତ୍ରୈଲୋକ୍ୟଙ୍କ ସହିତ ପରିଚୟ କରାଇ ଦେଉଛନ୍ତି, ଆଉ କହୁଛନ୍ତି, 'ତୁମେମାନେ ଟିକିଏ ଗପସପ କର ।' ଟିକିଏ ପରେ ତ୍ରୈଲୋକ୍ୟଙ୍କୁ କହୁଛନ୍ତି, 'ସେହି ଗୀତଟି ଆଉଥରେ'—ତ୍ରୈଲୋକ୍ୟ ଗାଉଛନ୍ତି—

ଜୟ ଶଚୀନନ୍ଦନ ଗୌର ଗୁଣାକର, ପ୍ରେମ-ପରଶମଣି ଭବରସ ସାଗର ।
କିବା ସୁନ୍ଦର ମୂରତି ମୋହନ,ନେତ୍ର ରଞ୍ଜନ କନକ କିରଣ ।
କିବା ମୃଣାଳ ନିନ୍ଦିତ ଆଜାନୁଲମ୍ବିତ, ପ୍ରେମ ପ୍ରସାରିତ କୋମଳ ଯୁଗଳ କର ।
କିବା ରୁଚିର ବଦନ-କମଳ, ପ୍ରେମ ରସେ ଢ଼ଳଢ଼ଳ, ଚିକୁର କୁନ୍ତଳ,
ଚାରୁ ଗଣ୍ଡସ୍ଥଳ, ହରି ପ୍ରେମେ ବିହ୍ୱଳ, ଅପରୂପ ମନୋହର ।
ମହାଭାବେ ମଣ୍ଡିତ, ହରିରସେ ରଞ୍ଜିତ, ଆନନ୍ଦେ ପୁଲକିତ ଅଙ୍ଗ,
ପ୍ରମତ୍ତ ମାତଙ୍ଗ ସୁନାର ଗୌରାଙ୍ଗ
ଆବେଶ ବିଭୋର ଅଙ୍ଗ ଅନୁରାଗେ ଜର ଜର ।
ହରିଗୁଣ ଗାୟକ, ପ୍ରେମ ରସ ନାୟକ,
ସାଧୁ ହୃଦ ରଞ୍ଜକ,ଆଲୋକ-ସମାନ, ଭକ୍ତି ସିନ୍ଧୁ ଶ୍ରୀଚୈତନ୍ୟ,
ଆସ ଭାଇ, କହି ଚଣ୍ଡାଳେ ପ୍ରେମଭରେ ନିଏ କୋଳେ
ନାଚଇ ଦ୍ୱିବାହୁ ତୋଳି, ହରିବୋଲ ହରିବୋଲ,
ଅବିରଳ ଝରେ ଜଳ ନୟନେ ନିରନ୍ତର !
କେଣେ ହରି ପ୍ରାଣ ଧନ ବୋଲି କରେ ରୋଦନ ।
ମହାସ୍ୱେଦ କମ୍ପନ ହୁଙ୍କାର ଗର୍ଜନ,
ପୁଲକେ ରୋମାଞ୍ଚିତ, ଶରୀର କଦମ୍ବିତ ।
ଧୂଳିରେ ବିଲୁଣ୍ଠିତ ସୁନ୍ଦର କଳେବର,
ହରି ଲୀଳାରସ-ନିକେତନ ଭକ୍ତି ରସ-ପ୍ରସ୍ରବଣ ।
ଦୀନଜନ ବାନ୍ଧବ ବଙ୍ଗର ଗୌରବ,
କୀର୍ତ୍ତନ-ଧନ୍ୟ ଧନ୍ୟ ଶ୍ରୀଚୈତନ୍ୟ ପ୍ରେମ-ଶଶଧର ।

'ଗୌର ହାସେ କାନ୍ଦେ ନାଚେ ଗାୟ'--ଏହିକଥା ଶୁଣି ଠାକୁରେ ଭାବାବିଷ୍ଟ ହୋଇ ଠିଆ ହୋଇପଡ଼ିଲେ—ସମ୍ପୂର୍ଣ୍ଣ ବାହ୍ୟଜ୍ଞାନଶୂନ୍ୟ !

କିଞ୍ଚିତ୍ ପ୍ରକୃତିସ୍ଥ ହୋଇ—ତ୍ରୈଲୋକ୍ୟଙ୍କୁ ଅନୁନୟ ବିନୟ କରି କହୁଛନ୍ତି, ''ଅରେ ସେହି ଗୀତଟି ! କି ଦେଖିଲିରେ ।''

ତ୍ରୈଲୋକ୍ୟ ଗାଉଛନ୍ତି —

କି ଦେଖିଲାମ ରେ, କେଶବ ଭାରତୀର କୁଟୀରେ
ଅପରୂପ ଜ୍ୟୋତି, ଗୌରାଙ୍ଗ ମୂରତି, ଦୁନୟନେ ପ୍ରେମ ବହେ ଶତଧାରେ ।

ଗୀତ ସମାପ୍ତ ହେଲା । ସନ୍ଧ୍ୟା ହେଲା । ଠାକୁର ଏପର୍ଯ୍ୟନ୍ତ ଭକ୍ତଙ୍କ ସହିତ ବସିଛନ୍ତି ।

ଶ୍ରୀରାମକୃଷ୍ଣ (ରାମଙ୍କ ପ୍ରତି)—ବାଦ୍ୟଯନ୍ତ୍ର ନାହିଁ ! ଭଲ ବାଦଯନ୍ତ୍ର ଥିଲେ, ଗୀତ ଖୁବ୍ ଜମେ । (ସହାସ୍ୟ) ବଳରାମଙ୍କର ଆୟୋଜନ କିପରି ଜାଣ—ବ୍ରାହ୍ମଣର ଗେଡ଼ୀ ଗାଈ, ଖାଇବ ଅଳ୍ପ—ଦୁଧ ଦେବ ବେଶୀ ! (ସମସ୍ତଙ୍କର ହସ) । ବଳରାମଙ୍କର ଭାବ--ଆପଣମାନେ ନିଜେ ଗାଆନ୍ତୁ ନିଜେ ବଜାନ୍ତୁ ! (ସମସ୍ତଙ୍କର ହସ)

## (୬)

## ଶ୍ରୀରାମକୃଷ୍ଣ ଓ ବିଦ୍ୟାର ସଂସାର—ଈଶ୍ୱରଲାଭ ପରେ ସଂସାର

ସନ୍ଧ୍ୟା ହେଲା । ବଳରାମଙ୍କ ବୈଠକଖାନାରେ ଓ ବାରଣ୍ଡାରେ ଆଲୁଅ ଜଳାଗଲା । ଠାକୁର ଶ୍ରୀରାମକୃଷ୍ଣ ଜଗନ୍ମାତଙ୍କୁ ପ୍ରଣାମ କରି, ମୂଳମନ୍ତ୍ର କରରେ ଜପ କରି ମଧୁର ସ୍ୱରରେ ନାମ କରୁଛନ୍ତି । ଭକ୍ତମାନେ ତାଙ୍କୁ ଘେରିବସିଛନ୍ତି ଓ ସେହି ମଧୁର ନାମ ଶୁଣୁଛନ୍ତି । ଗିରିଶ, ମାଷ୍ଟର, ବଳରାମ, ତ୍ରୈଲୋକ୍ୟ ଓ ଅନ୍ୟାନ୍ୟ ଅନେକ ଭକ୍ତ ଏପର୍ଯ୍ୟନ୍ତ ଅଛନ୍ତି । କେଶବଚରିତ ଗ୍ରନ୍ଥରେ ଠାକୁରଙ୍କର ସଂସାର ସମ୍ବନ୍ଧରେ ମତ ପରିବର୍ତ୍ତନର କଥା ଯାହା ଲେଖା ଅଛି, ତ୍ରୈଲୋକ୍ୟଙ୍କ ସମ୍ମୁଖରେ ସେହି କଥା ଉତ୍‌ଥାପନ କରିବେ ବୋଲି ଭକ୍ତମାନେ ଠିକ୍ କରିଛନ୍ତି । ଗିରିଶ କଥା ଆରମ୍ଭ କଲେ ।

ସେ ତ୍ରୈଲୋକ୍ୟଙ୍କୁ କହୁଛନ୍ତି, "ଆପଣ ଯାହା ଲେଖିଛନ୍ତି ଯେ ସଂସାର ସମ୍ବନ୍ଧରେ ଏହାଙ୍କର ମତ ପରିବର୍ତ୍ତନ ହୋଇଛି, ତାହା ବସ୍ତୁତଃ ହୋଇନାହିଁ ।"

ଶ୍ରୀରାମକୃଷ୍ଣ (ତ୍ରୈଲୋକ୍ୟ ଓ ଅନ୍ୟାନ୍ୟ ଭକ୍ତମାନଙ୍କ ପ୍ରତି)—ଏ ଆନନ୍ଦ ପାଇଲେ ସେଇଟା ଭଲ ଲାଗେ ନାହିଁ; ଭଗବାନଙ୍କର ଆନନ୍ଦ ଲାଭ କଲେ ସଂସାର ଅଲଣା ବୋଧହୁଏ । ଶାଲ ପାଇଲେ ଅନ୍ୟ ବସ୍ତ୍ର ଆଉ ଭଲ ଲାଗେ ନାହିଁ ।

ତ୍ରୈଲୋକ୍ୟ—ଯେଉଁମାନେ ସଂସାର କରିବେ ମୁଁ ସେହିମାନଙ୍କ କଥା କହୁଛି—ଯେଉଁମାନେ ତ୍ୟାଗୀ ସେମାନଙ୍କ କଥା କହୁନାହିଁ ।

ଶ୍ରୀରାମକୃଷ୍ଣ—ଏସବୁ ତୁମମାନଙ୍କର କି ପ୍ରକାର କଥା !—ଯେଉଁମାନେ 'ସଂସାରରେ ଧର୍ମ' 'ସଂସାରରେ ଧର୍ମ' ବୋଲି କହୁଛନ୍ତି, ସେମାନେ ଯଦି ଥରେ ଭଗବାନଙ୍କର ଆନନ୍ଦ ପାଆନ୍ତି, ତେବେ ସେମାନଙ୍କୁ ଆଉ କିଛି ଭଲ ଲାଗିବ ନାହିଁ, କାମଦାମର ନିଶା ଖସିଯିବ । କ୍ରମେ ଆନନ୍ଦ ବଢ଼ିଲେ ଆଉ କାମ କରିପାରିବ ନାହିଁ—କେବଳ ସେହି ଆନନ୍ଦକୁ ଖୋଜି ବୁଲିବ ! **ଭଗବାନଙ୍କ ଆନନ୍ଦ ପାଖରେ ବିଷୟାନନ୍ଦ ଆଉ ରମଣାନନ୍ଦ !** ଥରେ ଭଗବାନଙ୍କ ଆନନ୍ଦର ଆସ୍ୱାଦ ପାଇଲେ ମନୁଷ୍ୟ ସେହି ଆନନ୍ଦ ପାଇଁ ପାଗଳ ହୋଇଯାଏ, ସେତେବେଳେ ସଂସାର ରହିଲେ କେତେ ଗଲେ କେତେ !

" ଶୋଷରେ ଚାତକର ଛାତି ଫାଟିଯାଉଛି—ସାତସମୁଦ୍ର, ଯେତେ ନଦୀ ପୁଷ୍କରଣୀ ସବୁ ଭରପୂର ! ତଥାପି ସେ ଏ ସବୁଥିରୁ ପାଣି ପିଇବ ନାହିଁ । ଛାତି ଫାଟି ଯାଉଛି, ତଥାପି ପାଣି ପିଇବ ନାହିଁ ! ସ୍ୱାତୀ ନକ୍ଷତ୍ରର ବର୍ଷାପାଣି ପାଇଁ ଆଁ କରି ରହିଛି ! ସ୍ୱାତୀ

ନକ୍ଷତ୍ରର ପାଣି ବିନା ସବୁ ବୃଥା !

### ଦୁଇଅଣାର ମଦ ଓ ଦୁଇ ଦିଗ ରଖିବା

''କହନ୍ତି, ଦୁଇଦିଗ ରଖିବି । ଦୁଇଅଣାର ମଦ ଖାଇଲେ ମନୁଷ୍ୟ ଦୁଇଦିଗ ରଖିବାକୁ ଚାହେଁ, କିନ୍ତୁ ବେଶୀ ମଦ ଖାଇଲେ ଆଉ କଅଣ ଦୁଇପଟ ରଖିହୁଏ !

ଈଶ୍ୱରଙ୍କର ଆନନ୍ଦ ପାଇଲେ ଆଉ କିଛି ଭଲ ଲାଗେ ନାହିଁ । ସେତେବେଳେ କାମିନୀ-କାଞ୍ଚନ କଥା ହୃଦୟରେ ଆଘାତ ଦିଏ । (ଠାକୁର କୀର୍ତ୍ତନ ସ୍ୱରରେ କହୁଛନ୍ତି) 'ଆନ ଲୋକର ଆନ କଥା, କିଛି ତ ନ ଲାଗେ ଭଲ !' ସେତେବେଳେ ଈଶ୍ୱରଙ୍କ ପାଇଁ ପାଗଳ ହୋଇଯାଏ, ଟଙ୍କା ପଇସା କିଛି ଭଲ ଲାଗେ ନାହିଁ !'

ତ୍ରୈଲୋକ୍ୟ—ସଂସାରରେ ରହିବାକୁ ହେଲେ ଟଙ୍କା ତ ଦରକାର, ସଞ୍ଚୟ ବି ଦରକାର । କିଛି ଦାନଧ୍ୟାନ—

ଶ୍ରୀରାମକୃଷ୍ଣ— **କଅଣ, ଆଗେ ଟଙ୍କା ସଞ୍ଚୟ, ତା'ପରେ ଈଶ୍ୱର !** ଆହା, ଦାନ, ଧ୍ୟାନ, ଦୟା ଯେ କେତେ ! ନିଜ ଝିଅର ବିଭାଘରେ ହଜାର ହଜାର ଟଙ୍କା ଖରଚ-
-ଆଉ ପଡ଼ିଶା ଘରେ ଖାଇବାକୁ ପାଉ ନାହାନ୍ତି । ସେମାନଙ୍କୁ ଗଣ୍ଡେ ଚାଉଳ ଦେବାକୁ କଷ୍ଟ ହୁଏ—ବହୁତ ହିସାବ ପତ୍ର କରି ଦିଆହୁଏ । ଲୋକେ ଖାଇବାକୁ ପାଉ ନାହାନ୍ତି—କଅଣ କରାଯିବ, ସେ ଶଳେ ମରନ୍ତୁ କି ବଞ୍ଚନ୍ତୁ—ମୁଁ ଆଉ ମୋ ଘରର ସମସ୍ତେ ଭଲରେ ରହିଲେ ହେଲା । ମୁହଁରେ କହନ୍ତି ସର୍ବଜୀବେ ଦୟା !

ତ୍ରୈଲୋକ୍ୟ — ସଂସାରରେ ଭଲ ଲୋକ ବି ତ ଅଛନ୍ତି- ପୁଣ୍ଡରୀକ ବିଦ୍ୟାନିଧି, ଚୈତନ୍ୟଦେବଙ୍କ ଭକ୍ତ । ସେ ମଧ୍ୟ ସଂସାରେ ଥିଲେ ।

ଶ୍ରୀରାମକୃଷ୍ଣ—ସେ ତଣ୍ଟି ପର୍ଯ୍ୟନ୍ତ ମଦ ପିଇଥିଲେ, ଆଉ ଟିକିଏ ପିଇଥିଲେ ସଂସାର କରିପାରି ନଥାନ୍ତେ ।

ତ୍ରୈଲୋକ୍ୟ ଚୁପ୍ ରହିଲେ । ମାଷ୍ଟର ଗିରିଶଙ୍କୁ ଏକାନ୍ତରେ କହୁଛନ୍ତି, 'ତା'ହେଲେ ଇଏ ଯାହା ଲେଖିଛନ୍ତି ତାହା ଠିକ୍ ନୁହେଁ ।'

ଗିରିଶ—ତାହାହେଲେ ଆପଣ ଯାହା ଲେଖିଛନ୍ତି ତାହା ଠିକ୍ ନୁହେଁ ?

ତ୍ରୈଲୋକ୍ୟ—କାହିଁକି, ସଂସାରରେ ଯେ ଧର୍ମ ହୁଏ, ଏକଥା କଅଣ ଏ ମାନନ୍ତି ନାହିଁ ?

ଶ୍ରୀରାମକୃଷ୍ଣ—ହୁଏ, କିନ୍ତୁ ଜ୍ଞାନ ଲାଭ କରି ରହିବାକୁ ହୁଏ, **ଭଗବାନଙ୍କୁ ଲାଭ କରି ରହିବାକୁ ହୁଏ ।** ସେତେବେଳେ 'କଳଙ୍କ ସାଗରେ ଭାସେ ତଥାପି କଳଙ୍କ ନ ଲାଗେ ଦେହେ ।' ସେତେବେଳେ ପଙ୍କୁଆ ମାଛ ଭଳି ରହିପାରେ । ଈଶ୍ୱରଲାଭ ପରେ ଯେଉଁ ସଂସାର ତାହା ବିଦ୍ୟାର ସଂସାର । କାମିନୀ-କାଞ୍ଚନ ଏଥିରେ ନ ଥାଏ, କେବଳ ଭକ୍ତି ଭକ୍ତ ଏବଂ ଭଗବାନ । ମୋର ମଧ୍ୟ ସ୍ତ୍ରୀ ଅଛି—ଘରେ ବାସନକୁସନ ବି ଅଛି—ଯାହାକୁ ତାହାକୁ

ଖୁଆଇ ଦିଏ, ପୁଣି ଯେତେବେଳେ ହାବୀର ମା ପ୍ରଭୃତି ଆସନ୍ତି ସେତେବେଳେ ସେମାନଙ୍କ ପାଇଁ ମଧ୍ୟ ଭାବେ ।

## (୭)
## ଠାକୁର ଶ୍ରୀରାମକୃଷ୍ଣ ଓ ଅବତାରତତ୍ତ୍ୱ

ଜଣେ ଭକ୍ତ (ତ୍ରୈଲୋକ୍ୟଙ୍କ ପ୍ରତି)— ଆପଣଙ୍କ ବହିରୁ ଦେଖିଲି ଯେ ଆପଣ ଅବତାର ମାନନ୍ତି ନାହିଁ । ଚୈତନ୍ୟ ଦେବଙ୍କର କଥାରେ ଦେଖିଲି ।

ତ୍ରୈଲୋକ୍ୟ—ସେ ନିଜେ ତ ପ୍ରତିବାଦ କରିଛନ୍ତି—ପୁରୀରେ ଯେତେବେଳେ ଅଦ୍ୱୈତ ଓ ଅନ୍ୟାନ୍ୟ ଭକ୍ତମାନେ 'ସେ ହିଁ ଭଗବାନ' ଏହା କହି ଗୀତ ଗାଇଥିଲେ, ଚୈତନ୍ୟଦେବ ଏହି ଗୀତ ଶୁଣି ଘରର ଦ୍ୱାର ବନ୍ଦ କରି ଦେଇଥିଲେ । ଈଶ୍ୱରଙ୍କର ଅନନ୍ତ ଐଶ୍ୱର୍ଯ୍ୟ । ଇଏ ଯେପରି କହନ୍ତି, ଭକ୍ତ ଈଶ୍ୱରଙ୍କର ବୈଠକଖାନା । ତେବେ ବୈଠକଖାନା ଖୁବ୍ ସଜା ହୋଇଛି ବୋଲି କଅଣ ଆଉ କିଛି ଐଶ୍ୱର୍ଯ୍ୟ ନାହିଁ ?

ଗିରିଶ—**ଇଏ କହନ୍ତି, ପ୍ରେମ ହିଁ ଈଶ୍ୱରଙ୍କର ସାରାଂଶ**—ଯେଉଁ ମନୁଷ୍ୟ ଭିତର ଦେଇ ଈଶ୍ୱରଙ୍କର ପ୍ରେମ ଆସେ ତାଙ୍କୁ ହିଁ ଆମର ଦରକାର । ଇଏ କହନ୍ତି, ଗାଈର ଚେରବାଟେ ଦୁଧ ଆସେ, ଆମର ସେହି ଚେର ଦରକାର । ଗାଈ ଦେହର ଅନ୍ୟ କିଛି ଅଂଶ ଦରକାର ନାହିଁ, ଲାଞ୍ଜ, ଗୋଡ଼ କି ଶିଙ୍ଗ ।

ତ୍ରୈଲୋକ୍ୟ—ଈଶ୍ୱରଙ୍କର ପ୍ରେମ-ଦୁଗ୍ଧ ଅନନ୍ତ ପ୍ରଣାଳୀ ଦେଇ ପଡୁଛି । ସେ ଯେ ଅନନ୍ତଶକ୍ତି ।

ଗିରିଶ—ପ୍ରେମ ସହିତ ଆଉ କୌଣସି ଶକ୍ତିର କଅଣ ତୁଳନା ହୁଏ ?

ତ୍ରୈଲୋକ୍ୟ—ଯାହାଙ୍କର ଶକ୍ତି ସେ ମନେ କଲେ ହେବ । ସବୁ ହିଁ ଈଶ୍ୱରଙ୍କର ଶକ୍ତି ।

ଗିରିଶ—ଅନ୍ୟସବୁ ତାଙ୍କର ଶକ୍ତି ସତ—କିନ୍ତୁ ଅବିଦ୍ୟା ଶକ୍ତି ।

ତ୍ରୈଲୋକ୍ୟ—ଅବିଦ୍ୟା କି ପଦାର୍ଥ ! ଅବିଦ୍ୟା ବୋଲି କଅଣ କିଛି ଅଛି ? ଅବିଦ୍ୟା ଗୋଟିଏ ଅଭାବ । ଯେପରି ଅନ୍ଧକାର ଆଲୋକର ଅଭାବ । ଈଶ୍ୱରଙ୍କ ପ୍ରେମ ଆମମାନଙ୍କ ପକ୍ଷରେ ନିଶ୍ଚୟ ଯଥେଷ୍ଟ । ତାଙ୍କର ବିନ୍ଦୁରେ ଆମମାନଙ୍କର ସିନ୍ଧୁ । କିନ୍ତୁ ଏହିଠାରେ ଶେଷ—ଏ କଥା କହିଲେ ତାଙ୍କୁ ସୀମିତ କରାହେଲା ।

ଶ୍ରୀରାମକୃଷ୍ଣ (ତ୍ରୈଲୋକ୍ୟ ଓ ଅନ୍ୟାନ୍ୟ ଭକ୍ତମାନଙ୍କ ପ୍ରତି)—ହଁ ହଁ, ତାହା ସତ । କିନ୍ତୁ ଅଳ୍ପ ଟିକିଏ ମଦ ଖାଇଲେ ଆମର ନିଶା ହୁଏ । ଶୁଣ୍ଢି ଦୋକାନରେ କେତେ ମଦ ଅଛି, ସେ ହିସାବରେ ଆମମାନଙ୍କର କଅଣ ଦରକାର । ଅନନ୍ତ ଶକ୍ତିର ଖବରରେ ଆମର କଅଣ କାମ ?

ଗିରିଶ (ତ୍ରୈଲୋକ୍ୟଙ୍କ ପ୍ରତି)—ଆପଣ ଅବତାର ମାନନ୍ତି ?

ତ୍ରୈଲୋକ୍ୟ—ଭକ୍ତଙ୍କ ଭିତରେ ଭଗବାନ ଅବତୀର୍ଣ୍ଣ । ଅନନ୍ତ ଶକ୍ତିର ପ୍ରକାଶ ହୁଏ ନାହିଁ—ହୋଇପାରେ ନାହିଁ ।—କୌଣସି ମନୁଷ୍ୟ ଭିତରେ ହୋଇପାରେ ନାହିଁ ।

ଗିରିଶ— ପିଲାମାନଙ୍କୁ 'ବ୍ରହ୍ମଗୋପାଳ' ବୋଲି ସେବା କରିପାରନ୍ତି, ଆଉ ମହାପୁରୁଷଙ୍କୁ ଈଶ୍ୱର ବୋଲି ପୂଜା କରିହେବ ନାହିଁ ?

ଶ୍ରୀରାମକୃଷ୍ଣ (ତ୍ରୈଲୋକ୍ୟଙ୍କ ପ୍ରତି)—ଅନନ୍ତକୁ ଧରିବାକୁ ଚାହୁଁଛ କାହିଁକି ? ତୁମକୁ ଛୁଇଁବାକୁ ହେଲେ କଅଣ ତୁମର ସମସ୍ତ ଦେହଟାକୁ ଛୁଇଁବାକୁ ହେବ ? ଯଦି ଗଙ୍ଗାସ୍ନାନ କରିବା, ତାହାହେଲେ କଅଣ ହରିଦ୍ୱାରଠାରୁ ଗଙ୍ଗାସାଗର ପର୍ଯ୍ୟନ୍ତ ଛୁଇଁବାକୁ ହେବ ? **'ମୁଁ ଗଲେ ଘୁଞ୍ଚିବ ଜଞ୍ଜାଳ ।'** ଯେତେବେଳ ଯାଏ 'ମୁଁ' ଟିକକ ଅଛି ସେତେବେଳ ଯାଏ ଭେଦବୁଦ୍ଧି । 'ମୁଁ' ଗଲେ କଅଣ ରହିଲା ତାହା କେହି ଜାଣିପାରନ୍ତି ନାହିଁ —ମୁହଁରେ କେହି କହିପାରନ୍ତି ନାହିଁ । ଯାହା ଅଛି ତାହା ହିଁ ଅଛି ! ସେତେବେଳେ କିଛିଟା ଏଠାରେ ପ୍ରକାଶିତ, ଆଉ ଅବଶିଷ୍ଟ ସେଠାରେ ପ୍ରକାଶିତ ହୋଇଛି, ଏପରି କଥା କହି ହୁଏ ନାହିଁ । **ସଚ୍ଚିଦାନନ୍ଦ ସାଗର**—ତାହା ଭିତରେ 'ମୁଁ' ରୂପକ ଘଟ । ଯେତେବେଳ ଯାଏ ଘଟ, ସେତେବେଳ ଯାଏ ପାଣି ଯେପରି ଦୁଇଭାଗ—ଘଟ ଭିତରେ ଭାଗେ ବାହାରେ ଆଉ ଭାଗେ, ଘଟ ଭାଙ୍ଗିଗଲେ —ଏକମାତ୍ର ପାଣି । ଏହା ମଧ୍ୟ କହି ହେବ ନାହିଁ – କିଏ କହିବ ?

ବିଚାରାନ୍ତେ ଠାକୁର ତ୍ରୈଲୋକ୍ୟଙ୍କ ସହିତ ମିଷ୍ଟାଳାପ କରୁଛନ୍ତି ।

ଶ୍ରୀରାମକୃଷ୍ଣ—ତୁମେ ତ ଆନନ୍ଦରେ ଅଛ !

ତ୍ରୈଲୋକ୍ୟ—କାହିଁ, ଏଠାରୁ ଉଠିଲାମାତ୍ରେ ଯେପରି ଥିଲି ପୁଣି ସେହିପରି ହୋଇଯିବି ! ବର୍ତ୍ତମାନ ବେଶ୍ ଈଶ୍ୱରଙ୍କର ଉଦ୍ଦୀପନା ହେଉଛି ।

ଶ୍ରୀରାମକୃଷ୍ଣ— ଜୋତା ପିନ୍ଧିଥିଲେ କଣ୍ଟା ବଣରେ ଚାଲିବାକୁ ଭୟ ହୁଏ ନାହିଁ । 'ଈଶ୍ୱର ସତ୍ୟ ଆଉ ସବୁ ଅନିତ୍ୟ' ଏହି ବୋଧ ଥିଲେ କାମିନୀ–କାଞ୍ଚନକୁ ଆଉ ଡର ନାହିଁ ।

ତ୍ରୈଲୋକ୍ୟଙ୍କୁ ଜଳଯୋଗ କରାଇବା ପାଇଁ ବଳରାମ କକ୍ଷାନ୍ତରକୁ ନେଇଗଲେ । ଶ୍ରୀରାମକୃଷ୍ଣ ତ୍ରୈଲୋକ୍ୟ ଓ ତାଙ୍କର ମତାବଲମ୍ବୀ ଲୋକମାନଙ୍କର ଅବସ୍ଥା ଭକ୍ତମାନଙ୍କ ନିକଟରେ ବର୍ଣ୍ଣନା କରୁଛନ୍ତି । ରାତି ନଅଟା ହେଲା ।

## ଅବତାରଙ୍କୁ କଅଣ ସମସ୍ତେ ଚିହ୍ନି ପାରନ୍ତି ?

ଶ୍ରୀରାମକୃଷ୍ଣ (ଗିରିଶ, ମଣି ଓ ଅନ୍ୟାନ୍ୟ ଭକ୍ତମାନଙ୍କ ପ୍ରତି)—ଏମାନେ କିପରି ଜାଣ ? ଯେପରି କୂଅ ଭିତରର ଗୋଟିଏ ବେଙ୍ଗ, କେବେ ହେଲେ ପୃଥିବୀ ଦେଖିନାହିଁ, କେବଳ ସେହି କୂଅଟିକୁ ଜାଣେ, ତେଣୁ ସେ କେବେହେଲେ ବିଶ୍ୱାସ କରିବ ନାହିଁ ଯେ ପୃଥିବୀ ବୋଲି କିଛି ଅଛି । ଈଶ୍ୱରୀୟ ଆନନ୍ଦର ସନ୍ଧାନ ପାଇନାହାନ୍ତି, ସେଥିପାଇଁ 'ସଂସାର ସଂସାର' ହେଉଛନ୍ତି !

(ଗିରିଶଙ୍କ ପ୍ରତି)—''ତାଙ୍କ ସହିତ କାହିଁକି ବୃଥା ବାକ୍ୟାଳାପ କରୁଛ ? ଉଭୟଙ୍କୁ ନେଇ ସେ ଅଛନ୍ତି ? ଭଗବାନଙ୍କ ଆନନ୍ଦର ଆସ୍ୱାଦ ନ ପାଇବା ପର୍ଯ୍ୟନ୍ତ ସେ ଆନନ୍ଦର

କଥା ବୁଝି ହୁଏ ନାହିଁ । ପାଞ୍ଚ ବର୍ଷର ବାଳକକୁ କଅଣ ରମଣ-ସୁଖ ବୁଝାଇ ହୁଏ ? ବିଷୟୀ ଲୋକ ଯେ ଈଶ୍ୱର ଈଶ୍ୱର କହନ୍ତି, ତାହା ଶୁଣା କଥା । ଯେପରି ଖୁଡ଼ୀ ଦେଢେଇ କଳି କରିବା ବେଳେ ତାଙ୍କ ପାଖରୁ ପିଲାମାନେ ଶୁଣି ରଖନ୍ତି, ଆଉ କହନ୍ତି 'ମୋର ଭଗବାନ ଅଛନ୍ତି' 'ତୋତେ ଈଶ୍ୱରଙ୍କ ରାଣ ।'

"ଯାହା ହେଉ, ସେମାନଙ୍କର ଦୋଷ ନାହିଁ । ସମସ୍ତେ କଅଣ ସେହି ଅଖଣ୍ଡ ସଚ୍ଚିଦାନନ୍ଦଙ୍କୁ ପାଇ ପାରନ୍ତି ? ରାମଚନ୍ଦ୍ରଙ୍କୁ କେବଳ ବାରଜଣ ଋଷି ଜାଣିପାରିଥିଲେ । ସମସ୍ତେ ଚିହ୍ନିପାରନ୍ତି ନାହିଁ । କେହି ସାଧାରଣ ମନୁଷ୍ୟ ବୋଲି ଭାବନ୍ତି—କେହି ସାଧୁ ବୋଲି ଭାବନ୍ତି—ଦୁଇ ଚାରିଜଣ ଅବତାର ବୋଲି ଜାଣିପାରନ୍ତି ।

"ଯାହାର ଯେପରି ପୁଞ୍ଜି ସେହିପରି ଜିନିଷର ଦରଦାମ୍ କରନ୍ତି । ଜଣେ ବାବୁ ତାଙ୍କ ଚାକରକୁ କହିଲେ, 'ତୁ ଏହି ହୀରା ଖଣ୍ଡକ ବଜାରକୁ ନେଇ ଯାଆ, ମୋତେ କହିବୁ କିଏ କିପରି ଦର କରିବେ । ଆଗେ ବାଇଗଣବାଲା ପାଖକୁ ଯାଆ' । ଚାକରଟି ପ୍ରଥମେ ବାଇଗଣବାଲା ପାଖକୁ ଗଲା । ସେ ଏପଟ ସେପଟ ଦେଖି କହିଲା—'ଭାଇ, ନଅ ସେର ବାଇଗଣ ମୁଁ ଦେଇପାରେ ।' ଚାକରଟି କହିଲା, 'ଭାଇ, ଆଉ ଟିକିଏ ବଢ଼ାଅ, ନୋହିଲେ ଦଶ ସେର ଦିଅ । ସେ କହିଲା, 'ମୁଁ ବଜାର ଦରଠାରୁ ବେଶୀ କହି ଦେଇଛି, ଏଥିରେ ତୁମକୁ ପୋଷାଇବ ତ ଦେଇଯାଅ ।' ଚାକରଟି ହସି ହସି ହୀରାଟିକୁ ଫେରାଇ ଆଣି ବାବୁଙ୍କ ପାଖରେ କହିଲା, ଆଜ୍ଞା, 'ବାଇଗଣବାଲା ନଅସେର ବାଇଗଣରୁ ଗୋଟାଏ ହେଲେ ବେଶୀ ଦେବ ନାହିଁ ।' ସେ କହିଲା, 'ମୁଁ ବଜାର ଦରଠାରୁ ଅଧିକ କହି ଦେଇଛି !'

"ବାବୁ ହସି ହସି କହିଲେ, ଆଚ୍ଛା, ଏଥର ଲୁଗାବାଲା ପାଖକୁ ନେଇଯାଆ । ଯିଏ ବାଇଗଣ ନେଇ ରହିଛି, ସେ ଆଉ କେତେଦୂର ବୁଝିବ ! ଲୁଗାବାଲାର ପୁଞ୍ଜି କିଛିଟା ବେଶୀ—ଦେଖିବା ସେ କେତେ କହୁଛି । ଚାକରଟି ଲୁଗାବାଲା ପାଖକୁ ଯାଇ କହିଲା, 'ଆଜ୍ଞା, ଏଇଟିକୁ ନେବ ? କେତେ ଦାମ୍ ଦେଇ ପାରିବ ?' ଲୁଗାବାଲା କହିଲା, 'ହଁ, ଜିନିଷଟି ଭଲ, ଏଥିରେ ବେଶ୍ ଗହଣା ହୋଇପାରିବ—ତେବେ ଭାଇ, ମୁଁ ନଅଶହ ଟଙ୍କା ଦେଇପାରେ ।' ଚାକରଟି କହିଲା, 'ଭାଇ, ଆଉ ଟିକିଏ ବଢ଼ାଅ, ତାହାହେଲେ ରଖି ଦେଇ ଯିବି, ନୋହିଲେ ହଜାରେ ଟଙ୍କା ଦିଅ ।' ଲୁଗାବାଲା କହିଲା, 'ଭାଇ, ମୁଁ ବଜାର ଦର ଅପେକ୍ଷା ବେଶୀ କହି ଦେଇଛି, ନଅଶହ ଟଙ୍କାରୁ ଗୋଟିଏ ଟଙ୍କା ବି ବେଶୀ ଦେଇପାରିବି ନାହିଁ ।' ଚାକର ହସି ହସି ଫେରାଇ ଆଣି ମୁନିବ ପାଖକୁ ଫେରି ଆସି କହିଲା, 'ଲୁଗାବାଲା କହିଲା, ନଅଶହ ଟଙ୍କାରୁ ଗୋଟିଏ ଟଙ୍କା ବି ଅଧିକ ଦେଇପାରିବ ନାହିଁ ।' ସେ ଆହୁରି କହିଛି ଯେ ସେ ବଜାର ଦରଠାରୁ ବେଶୀ କହି ଦେଇଛି ।' ସେତେବେଳେ ତାହାର ମୁନିବ ହସି ହସି କହିଲା, 'ଏଥର ଜହୁରୀ ପାଖକୁ ଯାଆ—ଦେଖାଯାଉ ସେ କଅଣ କହୁଛି । ଚାକରଟି ଜହୁରୀ ପାଖକୁ ଗଲା । ଜହୁରୀ ଟିକିଏ ଦେଖିବା ମାତ୍ରକେ କହିଲା, ଏକ ଲକ୍ଷ ଟଙ୍କା ଦେବି !'

## ଈଶ୍ୱରକୋଟୀ ଓ ଜୀବକୋଟି

''ଏମାନେ ସଂସାରରେ ରହି ଧର୍ମ କରିବା କଥା କହୁଛନ୍ତି । ଜଣେ ଘର ଭିତରେ ରହିଛି—ସବୁଆଡୁ ବନ୍ଦ, ଛାତର ଗୋଟିଏ କଣାବାଟେ ଟିକିଏ, ଆଲୁଅ ଆସୁଛି । ମୁଣ୍ଡ ଉପରେ ଛାତ ରହିଲେ ସୂର୍ଯ୍ୟ କଅଣ ଦିଶିବ ? ଟିକିଏ ଆଲୁଅ ଆସିଲେ, କଅଣ ହେବ ? କାମିନୀ-କାଞ୍ଚନ ଛାତ ! ଛାତ କାଢ଼ି ନ ଦେଲେ ସୂର୍ଯ୍ୟ କଅଣ ଦେଖାଯିବ ! ସଂସାରୀ ଲୋକ ଯେପରି ଘର ଭିତରେ ବନ୍ଦୀ ହୋଇ ରହିଚି !''

''ଅବତାରାଦି ଈଶ୍ୱରକୋଟି । ସେମାନେ ଫାଙ୍କା ସ୍ଥାନରେ ବୁଲୁଛନ୍ତି । ସେମାନେ କଦାପି ବଦ୍ଧ ହୁଅନ୍ତି ନାହିଁ—ବନ୍ଦୀ ହୁଅନ୍ତି ନାହିଁ । ସଂସାରୀମାନଙ୍କ ପରି ସେମାନଙ୍କର 'ମୁଁ' ମୋଟା 'ମୁଁ' ନୁହେଁ । ସଂସାରୀ ଲୋକଙ୍କର ଅହଂକାର, ସଂସାରୀ ଲୋକଙ୍କ 'ମୁଁ'—ଯେପରି ଚାରିପଟେ ପାଚେରୀ, ମୁଣ୍ଡ ଉପରେ ଛାତ—ବାହାରର କୌଣସି ଜିନିଷ ଦେଖାଯାଏ ନାହିଁ । ଅବତାରାଦିଙ୍କର 'ମୁଁ' ପତଳା 'ମୁଁ' । 'ମୁଁ' ଭିତର ଦେଇ ଈଶ୍ୱରଙ୍କୁ ସର୍ବଦା ଦେଖାଯାଏ । ଯେପରି ଜଣେ ଲୋକ ପାଚେରୀର ଗୋଟିଏ ପାଖରେ ଠିଆ ହୋଇଛି-ପାଚେରୀର ଦୁଇ ପାଖରେ ଅନନ୍ତ ପଡ଼ିଆ । ସେହି ପାଚେରୀରେ ଯଦି ଛିଦ୍ର ଥାଏ, ତାହା ହେଲେ ପାଚେରୀର ସେ ପାଖ ସବୁ ଦେଖାଯାଏ । ବଡ଼ଛିଦ୍ର ବା ଗଳିବାଟ ହେଲେ ଯିବା ଆସିବା ମଧ୍ୟ ହୁଏ । ଅବତାରାଦିଙ୍କର 'ମୁଁ' ଏହି ଗଳିବାଟ ଥିବା ପାଚେରୀ । ପାଚେରୀର ଏ ପାଖରେ ରହିଲେ ବି ଅନନ୍ତ ପଡ଼ିଆ ଦେଖାଯାଏ, ଏହାର ଅର୍ଥ —ଦେହଧାରଣ କଲେ ମଧ୍ୟ ସେମାନେ ସର୍ବଦା ଯୋଗରେ ରହିଥାଆନ୍ତି ! ପୁଣି ଇଚ୍ଛା ହେଲେ ଗଳିବାଟେ ସେ ପାଖକୁ ଯାଇ ସମାଧିସ୍ଥ ହୁଅନ୍ତି । ବଡ଼ ଗଳି ହେଲେ ସହଜରେ ଯିବା ଆସିବା କରିପାରନ୍ତି; ସମାଧିସ୍ଥ ହେଲେ ମଧ୍ୟ ପୁଣି ଓହ୍ଲାଇ ଆସିପାରନ୍ତି ।''

ଭକ୍ତମାନେ ଅବାକ୍ ହୋଇ ଅବତାରତତ୍ତ୍ୱ ଶୁଣୁଛନ୍ତି ।

❖ ❖ ❖

# ଏକାଦଶ ପରିଚ୍ଛେଦ

## ଶ୍ରୀରାମକୃଷ୍ଣଙ୍କର କଲିକତାର ଭକ୍ତମାନଙ୍କ ଘରକୁ ଆଗମନ
## — ଶ୍ରୀଯୁକ୍ତ ଗିରିଶ ଘୋଷଙ୍କ ଘରେ ଉତ୍ସବ

### (୧)

### ଶ୍ରୀରାମକୃଷ୍ଣ ବଳରାମଙ୍କ ଘରେ ଅନ୍ତରଙ୍ଗମାନଙ୍କ ସାଙ୍ଗରେ

(ନରେନ୍ଦ୍ର, ମାଷ୍ଟର, ଯୋଗୀନ, ବାବୁରାମ, ରାମ, ଭବନାଥ, ବଳରାମ, ଚୁନି)

ଶୁକ୍ରବାର, ବୈଶାଖ ଶୁକ୍ଳ ଦଶମୀ, ୨୪ ଏପ୍ରିଲ ୧୮୮୫ ଖ୍ରୀଷ୍ଟାବ୍ଦ । ଠାକୁର ଶ୍ରୀରାମକୃଷ୍ଣ ଆଜି କଲିକତାକୁ ଆସିଛନ୍ତି ! ମାଷ୍ଟର ପ୍ରାୟ ଦିନ ଗୋଟାଏ ବେଳେ ବଳରାମଙ୍କ ବୈଠକଖାନକୁ ଯାଇ ଦେଖନ୍ତି, ଠାକୁର ନିଦ୍ରିତ ଅଛନ୍ତି । ଜଣେ ଦୁଇଜଣ ଭକ୍ତ ପାଖରେ ବିଶ୍ରାମ କରୁଛନ୍ତି ।

ମାଷ୍ଟର ଏକ ପାର୍ଶ୍ୱରେ ବସି ସେହି ସୁପ୍ତ ବାଳକ-ମୂର୍ତ୍ତିଙ୍କୁ ଦେଖୁଛନ୍ତି ।

ମାଷ୍ଟର ଆସ୍ତେ ଆସ୍ତେ ଖଣ୍ଡିଏ ପଙ୍ଖା ନେଇ ବିଞ୍ଚି ଦେଉଛନ୍ତି । କିଛି ସମୟ ପରେ ଠାକୁର ଶ୍ରୀରାମକୃଷ୍ଣଙ୍କର ନିଦ୍ରା ଭଙ୍ଗ ହେଲା । ସେ ହୋଇ ଉଠି ବସିଲେ । ମାଷ୍ଟର ଭୂମିଷ୍ଠ ହୋଇ ତାଙ୍କୁ ପ୍ରଣାମ କଲେ ଓ ତାଙ୍କର ପଦଧୂଳି ଗ୍ରହଣ କଲେ ।

### ଶ୍ରୀରାମକୃଷ୍ଣଙ୍କ ଦେହରେ ରୋଗର ସୂତ୍ରପାତ—ଏପ୍ରିଲ, ୧୮୮୫

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି ସ୍ନେହରେ)—ଭଲ ଅଛ ? ଜାଣିଛ ବାପ ! ମୋ ଗଳାରେ ଘାଆ ହୋଇଛି । ଶେଷ ରାତିରେ ଭାରୀ କଷ୍ଟ ହୁଏ । କିପରି ଭଲ ହେବ ଜାଣିଛ ? (ଚିନ୍ତିତ ହୋଇ)—ଆମ୍ବ ଖଟା କରିଥିଲେ, ସବୁଥିରୁ ଟିକିଏ ଟିକିଏ ଖାଇଲି । (ମାଷ୍ଟରଙ୍କ ପ୍ରତି) ତୁମର ସ୍ତ୍ରୀ କିପରି ଅଛନ୍ତି ? ସେଦିନ ଦୁର୍ବଳ ଦେଖିଲି—ଟିକିଏ ଟିକିଏ ଥଣ୍ଡା ଜିନିଷ ଦେବ ।

ମାଷ୍ଟର—ଆଜ୍ଞା, ପଇଡ଼ ଦେବି ?

ଶ୍ରୀରାମକୃଷ୍ଣ—ହଁ, ମିଶ୍ରି ସର୍ବତ ଖାଇବା ଭଲ ।

ମାଷ୍ଟର—ମୁଁ ରବିବାର ଦିନ ଘରକୁ ଯାଇଥିଲି ।

ଶ୍ରୀରାମକୃଷ୍ଣ— ବେଶ୍ କରିଛ । ଘରେ ରହିଲେ ତୁମର ସୁବିଧା । ବାପା ପ୍ରଭୃତି ସମସ୍ତେ ଅଛନ୍ତି, ତୁମକୁ ସଂସାର ସମ୍ଭାଳିବାକୁ ସେତେ ପଡ଼ିବ ନାହିଁ ।

କଥା କହୁ କହୁ ଠାକୁରଙ୍କର ମୁହଁ ଶୁଖିବାକୁ ଲାଗିଲା । ସେତେବେଳେ ପିଲାଙ୍କ ପରି ପଚାରୁଛନ୍ତି (ମାଷ୍ଟରଙ୍କ ପ୍ରତି)—''ମୋର ମୁହଁ ଶୁଖୁଛି । ସମସ୍ତଙ୍କର କଅଣ ମୁହଁ ଶୁଖୁଛି ?''

ମାଷ୍ଟର—ଯୋଗୀନ୍ ବାବୁ, ତୁମର କଅଣ ମୁହଁ ଶୁଖୁଛି ?

ଯୋଗୀନ୍ଦ୍ର—ନା, ମନେ ହୁଏ ତାଙ୍କର ଗରମ ହୋଇଛି ।

'ଏଡ଼େଦା'ର ଯୋଗୀନ ଠାକୁରଙ୍କର ଜଣେ ଅନ୍ତରଙ୍ଗ ତ୍ୟାଗୀ ଭକ୍ତ ।

ଠାକୁର ସଜାଡ଼ି ହୋଇ ବସି ନାହାନ୍ତି । ଭକ୍ତମାନେ କେହି କେହି ହସୁଛନ୍ତି ।

ଶ୍ରୀରାମକୃଷ୍ଣ—ଯେପରି ଦୁଧ ଖୁଆଇବାକୁ ବସିଛି । (ସମସ୍ତଙ୍କର ହସ) ଆଚ୍ଛା, ମୁହଁ ଶୁଖିଛି, ତେବେ କଅଣ ନାସପାତି ଖାଇବି ? ନା ଜାମରୁଲ ?

ବାବୁରାମ—ଯାଉଛି ବରଂ ଜାମରୁଲ ନେଇ ଆସିବି ।

ଶ୍ରୀରାମକୃଷ୍ଣ—ନା, ତୋର ଏହି ଖରାରେ ଯିବା ଦରକାର ନାହିଁ ।

ମାଷ୍ଟର ପଙ୍ଖା କରୁଥିଲେ ।

ଶ୍ରୀରାମକୃଷ୍ଣ—ଥାଉ, ତୁମେ ବହୁତ ସମୟ ହେଲା ପଙ୍ଖା କରୁଛ ।

ମାଷ୍ଟର— ଆଜ୍ଞା, କଷ୍ଟ ହେଉ ନାହିଁ ।

ଶ୍ରୀରାମକୃଷ୍ଣ (ସ୍ନେହରେ)—ହେଉ ନାହିଁ ?

ମାଷ୍ଟର ନିକଟବର୍ତ୍ତୀ ଗୋଟିଏ ସ୍କୁଲରେ ଅଧ୍ୟାପନା କାର୍ଯ୍ୟ କରନ୍ତି । ସେ ଗୋଟାଏ ବେଳେ ଅଧ୍ୟାପନାରୁ କିଞ୍ଚିତ ଅବସର ପାଇ ଆସିଥିଲେ । ଏଥର ସ୍କୁଲକୁ ପୁଣି ଯିବା ପାଇଁ ଉଠିଲେ ଓ ଠାକୁରଙ୍କର ପାଦବନ୍ଦନା କଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ବର୍ତ୍ତମାନ ଯିବ ?

ଜଣେ ଭକ୍ତ —ଏ ପର୍ଯ୍ୟନ୍ତ ସ୍କୁଲ ଛୁଟି ହୋଇନାହିଁ । ସେ ମଝିରେ ଥରେ ଆସିଥିଲେ ।
ଶ୍ରୀରାମକୃଷ୍ଣ (ହସି ହସି)—ଯେପରି ଘରଣୀ—ସାତ ଆଠଟି ପିଲାଙ୍କର ମାଆ—ସଂସାରରେ ରାତି ଦିନ କାମ— ପୁଣି ତାହାରି ଭିତରେ ଥରେ ଥରେ ଆସି ସ୍ୱାମୀଙ୍କର ସେବା କରି ଯାଏ । (ସମସ୍ତଙ୍କର ହସ)

## (୨)
## ଅନ୍ତରଙ୍ଗମାନଙ୍କ ଗହଣରେ

ଚାରିଟାପରେ ସ୍କୁଲ ଛୁଟି ହେଲା । ମାଷ୍ଟର ବଳରାମ ବାବୁଙ୍କର ବାହାର ଘରେ ଆସି ଦେଖନ୍ତି, ଠାକୁର ସହାସ୍ୟ ବଦନ ହୋଇ ବସିଛନ୍ତି । ଭକ୍ତଗଣ ସମ୍ବାଦ ପାଇ ଜଣ ଜଣ ହୋଇ ପହଞ୍ଚୁଛନ୍ତି । ଛୋଟ ନରେନ ଓ ରାମ ଆସିଛନ୍ତି । ନରେନ୍ଦ୍ର ମଧ୍ୟ ଆସିଛନ୍ତି । ମାଷ୍ଟର ପ୍ରଣାମ କରି ଆସନ ଗ୍ରହଣ କଲେ ।

ବଳରାମ ଆଳିରେ ଠାକୁରଙ୍କ ପାଇଁ ଘରଭିତରୁ ମୋହନଭୋଗ ପଠାଇଛନ୍ତି, କାରଣ ଠାକୁରଙ୍କ ଗଳାରେ ଘାଆ ହୋଇଛି; ତେଣୁ କଠିନ ଖାଦ୍ୟ ଖାଇପାରିବେ ନାହିଁ ।

ଶ୍ରୀରାମକୃଷ୍ଣ (ମୋହନଭୋଗ ଦେଖି ନରେନ୍ଦ୍ରଙ୍କ ପ୍ରତି)—ଆରେ ମାଲ୍ ଆସିଛି ! ମାଲ୍ ! ମାଲ୍ । ଖା ! ଖା ! (ସମସ୍ତଙ୍କର ହସ)

କ୍ରମେ ବେଳ ଗଡ଼ିଲା । ଠାକୁର ଗିରିଶଙ୍କ ଘରକୁ ଯିବେ, ସେଠାରେ ଆଜି ଉତ୍ସବ, ଠାକୁରଙ୍କୁ ନେଇ ଗିରିଶ ଉତ୍ସବ କରିବେ । ଠାକୁର ବଳରାମଙ୍କର ଦୁଇମହଲା ଘରୁ

ଓହ୍ଲାଉଛନ୍ତି । ସଙ୍ଗରେ ମାଷ୍ଟର, ପଛରେ ଆଉ ଜଣେ ଦୁଇଜଣ ଭକ୍ତ ଅଛନ୍ତି । ସଦର ଦରଜା ପାଖରେ ଆସି ଦେଖନ୍ତି, ଜଣେ ହିନ୍ଦୁସ୍ଥାନୀ ଭିଖାରୀ ଗୀତ ଗାଉଛନ୍ତି । ରାମନାମ ଶୁଣି ଠାକୁର ଠିଆ ହେଲେ । ଦେଖୁ ଦେଖୁ ମନ ଅନ୍ତର୍ମୁଖ ହେଉଅଛି । ଏହିପରି ଭାବରେ କିଛି ସମୟ ଠିଆ ହେଲେ । ମାଷ୍ଟରଙ୍କୁ କହିଲେ, ''ବେଶ୍ ସ୍ୱର !'' ଜଣେ ଭକ୍ତ ଭିକ୍ଷୁକକୁ ଚାରୋଟି ପଇସା ଦେଲେ ।

ଠାକୁର ବସୁପଡ଼ାର ଗଳିରେ ପ୍ରବେଶ କଲେ । ହସି ହସି ମାଷ୍ଟରଙ୍କୁ କହିଲେ, ''ଆଚ୍ଛା, ଏ ଲୋକମାନେ କଅଣ କହନ୍ତି ? 'ପରମହଂସଙ୍କର ଫୌଜ ଆସୁଛି !' ଶଳେ କଅଣ ଯେ କହନ୍ତି !'' (ସମସ୍ତଙ୍କର ହସ)

## (୩)
## ଅବତାର ଓ ସିଦ୍ଧପୁରୁଷଙ୍କର ମଧ୍ୟରେ ପ୍ରଭେଦ

ଭକ୍ତମାନଙ୍କ ଗହଣରେ ଠାକୁର ଗିରିଶଙ୍କର ବାହାର ଘରେ ପ୍ରବେଶ କଲେ । ଗିରିଶ ଅନେକ ଭକ୍ତଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ ଅନେକେ ସମବେତ ହୋଇଛନ୍ତି । ଠାକୁରଙ୍କୁ ଆସିବା ଦେଖି ସମସ୍ତେ ଦଣ୍ଡାୟମାନ ହୋଇ ରହିଲେ । ଠାକୁର ସହାସ୍ୟ ବଦନରେ ଆସନ ଗ୍ରହଣ କଲେ । ଭକ୍ତମାନେ ସମସ୍ତେ ବସିଲେ । ଗିରିଶ, ମହିମାଚରଣ, ରାମ, ଭବନାଥ ପ୍ରଭୃତି ଅନେକ ଭକ୍ତ ବସିଥିଲେ । ଏମାନଙ୍କ ବ୍ୟତୀତ ଠାକୁରଙ୍କ ସଙ୍ଗରେ ଅନେକେ ଆସିଥିଲେ, ବାବୁରାମ, ଯୋଗୀନ, ଦୁଇ ନରେନ୍ଦ୍ର, ଚୁନି, ବଳରାମ ଇତ୍ୟାଦି ।

ଶ୍ରୀରାମକୃଷ୍ଣ (ମହିମାଚରଣଙ୍କ ପ୍ରତି)—ଗିରିଶ ଘୋଷଙ୍କୁ ତୁମ ବିଷୟରେ କହିଥିଲି । ସେ ଭାରୀ ଗଭୀର ତୁମର ମାତ୍ର ଆଣ୍ଠୁଏ ପାଣି । ଆଚ୍ଛା, ଯାହା କହିଛି ଏବେ ମିଳାଇ ଦେଖ ତ । ତୁମେ ଦୁଇଜଣ ବିଚାର କର, କିନ୍ତୁ ସମାଧାନ କର ନାହିଁ । (ସମସ୍ତଙ୍କ ହସ)

ମହିମାଚରଣ ଓ ଗିରିଶଙ୍କର ବିଚାର ହେବାକୁ ଲାଗିଲା । ଟିକିଏ ଆରମ୍ଭ ହେଉ ନ ହେଉଣୁ ରାମ କହିଲେ, ''ଏ ସବୁ ଥାଉ, କୀର୍ତ୍ତନ ହେଉ ।''

ଶ୍ରୀରାମକୃଷ୍ଣ (ରାମଙ୍କ ପ୍ରତି)—ନା, ନା, ଏହାର ଅନେକ ତାତ୍ପର୍ଯ୍ୟ ଅଛି । ଏମାନେ ଇଂଲିଶମ୍ୟାନ୍, ଏମାନେ କଅଣ କହୁଛନ୍ତି ଦେଖିବା ।

ମହିମାଚରଣଙ୍କର ମତ—ସମସ୍ତେ ଶ୍ରୀକୃଷ୍ଣ ହୋଇପାରନ୍ତି, ସାଧନ କରିପାରିଲେ ହେଲା । ଗିରିଶଙ୍କର ମତ—ଶ୍ରୀକୃଷ୍ଣ ଅବତାର, ମନୁଷ୍ୟ ହଜାର ସାଧନ କରୁ, ଅବତାରଙ୍କ ପରି ହୋଇପାରିବ ନାହିଁ ।

ମହିମାଚରଣ—କିପରି ଜାଣ ? ଯେପରି ବେଲଗଛ ମଧ୍ୟ ଆମ୍ବଗଛ ହୋଇପାରେ, ପଥରୁ ପ୍ରତିବନ୍ଧକ ଦୂର ହେଲେ ହେଲା । ଯୋଗର ପ୍ରକ୍ରିୟାଦ୍ୱାରା ପ୍ରତିବନ୍ଧକ ଚାଲିଯାଏ ।

ଗିରିଶ—ଆଜ୍ଞା, ଆପଣ ଯୋଗର ପ୍ରକ୍ରିୟା କହନ୍ତୁ ବା ଯାହା କହନ୍ତୁ, ସେଇଟି ହୋଇପାରେ ନାହିଁ । କୃଷ୍ଣ ହିଁ କୃଷ୍ଣ ହୋଇପାରନ୍ତି । ଯଦି ସେହିସବୁ ଭାବ, ମନେକରନ୍ତୁ ଯଦି

ରାଧାଙ୍କର ଭାବ କାହା ଭିତରେ ଥାଏ, ତେବେ ସେ ବ୍ୟକ୍ତି ସେହି, ଅର୍ଥାତ୍ ସେ ବ୍ୟକ୍ତି ରାଧା ସ୍ୱୟଂ । ଶ୍ରୀକୃଷ୍ଣଙ୍କର ସମସ୍ତ ଭାବ ଯଦି କାହା ଭିତରେ ଦେଖିବାକୁ ମିଳେ, ତେବେ ବୁଝିବାକୁ ହେବ, ଶ୍ରୀକୃଷ୍ଣଙ୍କୁ ହିଁ ଦେଖୁଛି ।

ମହିମାଚରଣ ଆଉ ବେଶୀ ବିଚାର କରିପାରିଲେ ନାହିଁ । ଅବଶେଷରେ ଗିରିଶଙ୍କ କଥାରେ ଏକ ପ୍ରକାର ସହମତ ହେଲେ ।

ମହିମାଚରଣ (ଗିରିଶଙ୍କ ପ୍ରତି)—ହଁ, ଦୁଇ ହିଁ ସତ୍ୟ । ଜ୍ଞାନପଥ ତାଙ୍କର ଇଚ୍ଛା, ପୁଣି ପ୍ରେମ ଭକ୍ତି, ତାହା ମଧ୍ୟ ତାଙ୍କର ଇଚ୍ଛା । ଏ ଯେପରି କହନ୍ତି, ଭିନ୍ନ ପଥ ଦେଇ ଗୋଟିଏ ସ୍ଥାନରେ ପହଞ୍ଚି ହୁଏ ।

ଶ୍ରୀରାମକୃଷ୍ଣ (ମହିମାଚରଣଙ୍କ ପ୍ରତି ଏକାନ୍ତରେ)—କଅଣ, ଠିକ୍ କହିଛି ତ ?

ମହିମା—ଆଜ୍ଞା, ଯାହା କହିଛନ୍ତି ଉଭୟ ସତ୍ୟ ।

ଶ୍ରୀରାମକୃଷ୍ଣ—ଆପଣ ଦେଖିଲେ, ତାର (ଗିରିଶଙ୍କର) କିପରି ବିଶ୍ୱାସ । ପାଣି ପିଇବାକୁ ଭୁଲିଗଲା । ଆପଣ ଯଦି ମାନି ନ ଥାନ୍ତେ, ତାହାହେଲେ ତଣ୍ଟି କାମୁଡ଼ି ଖାଇଥାନ୍ତା, ଯେପରି କୁକୁର ମାଂସ ଖାଏ । ତେବେ ଭଲ ହେଲା । ଦୁଇଜଣଙ୍କର ପରିଚୟ ହେଲା, ମୁଁ ମଧ୍ୟ କେତେ କଥା ଜାଣିଲି ।

## (୪)
## କୀର୍ତ୍ତନାନନ୍ଦରେ ଶ୍ରୀରାମକୃଷ୍ଣ

କୀର୍ତ୍ତନୀୟା ତାଙ୍କର ଦଳ ସହିତ ଉପସ୍ଥିତ । ସେମାନେ ଘର ମଝିରେ ବସିଛନ୍ତି । ଠାକୁରଙ୍କ ଇଙ୍ଗିତ ପାଇଲେ କୀର୍ତ୍ତନ ଆରମ୍ଭ ହେବ । ଠାକୁର ଅନୁମତି ଦେଲେ ।

ରାମ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆପଣ କହନ୍ତୁ, ଏମାନେ କଅଣ ଗାଇବେ ?

ଶ୍ରୀରାମକୃଷ୍ଣ—ମୁଁ କଅଣ କହିବି ?—(ଟିକିଏ ଚିନ୍ତା କରି) ଆଚ୍ଛା, ଅନୁରାଗ ।

କୀର୍ତ୍ତନୀୟା ପୂର୍ବରାଗ ଗାଇଲେ—

ଆରେ ମୋର ଗୋରା ଦ୍ୱିଜମଣୀ ।
ରାଧା ରାଧା ବଲି କାନ୍ଦେ ଲୋଟାୟ ଧରଣୀ ॥
ରାଧା ନାମ ଜପେ ଗୋରା ପରମ ଯତନେ ।
ସୁରଧୁନୀ ଧାରା ବହେ ଅରୁଣ ନୟନେ ॥
କ୍ଷଣେ କ୍ଷଣେ ଗୋରା ଅଙ୍ଗ ଭୂମେ ଗଡ଼ି ଯାୟ ।
ରାଧାନାମ ବଲି କ୍ଷଣେ କ୍ଷଣେ ମୂରଛାୟ ॥
ପୁଲକେ ପୂରଲ ତନୁ ଗଦ ଗଦ ବୋଲ ।
ବାସୁ କହେ ଗୋରା କେନ ଏତ ଉତରୋଲ ॥

କୀର୍ତ୍ତନ ଚାଲିଲା । ଯମୁନା ତଟରେ ପ୍ରଥମ କୃଷ୍ଣଦର୍ଶନ ଅବଧି ଶ୍ରୀମତୀଙ୍କର ଅବସ୍ଥା ସଖୀଗଣ କହୁଛନ୍ତି—

ଘରେର ବାହିରେ, ଦଣ୍ଡେ ଶତବାର, ତିଳେ ତିଳେ ଆଇସେ ଯାୟ ।
ମନ ଉଚ୍ଚାଟନ, ନିଃଶ୍ୱାସେ ସଘନ, କଦମ୍ବ କାନନେ ଚାୟ ॥
(ରାଇ ଏମନ କେନେ ବା ହୈଲ)
ଗୁରୁ ଗୁରୁଜନ, ଭୟ ନାହି ମନ, କୋଥା ବା କି ଦେବ ପାଇଲ ॥
ସଦାଇ ଚଞ୍ଚଳ, ବସନ ଅଞ୍ଚଳ, ସମ୍ବରଣ ନାହିଁ କରେ ।
ବସି ବସି ଥାକି, ଉଠୟେ ଚମକି, ଭୂଷଣ ଖସିୟା ପଡ଼େ ॥
ବୟସେ କିଶୋରୀ, ରାଜାର କୁମାରୀ, ତାହେ କୁଳବଧୂ ବାଳା ।
କିବା ଅଭିଳାଷେ, ଆଛୟେ ଲାଳସେ, ନା ବୁଝି ତାହାର ଛଳା ॥
ତାହାର ଚରିତେ, ହେନ ବୁଝି ଚିତେ, ହାତ ବାଡ଼ାଇଲ ଚାନ୍ଦେ ।
ଚଣ୍ଡୀଦାସ କୟ, କରି ଅନୁନୟ, ଠେକେଛେ କାଲିୟା ଫାନ୍ଦେ ॥
କୀର୍ତ୍ତନ ଚାଲିଲା—ଶ୍ରୀମତୀଙ୍କୁ ସମ୍ବୋଧନ କରି ସଖୀଗଣ କହୁଛନ୍ତି—
କହ କହ ସୁବଦନୀ ରାଧେ ! କି ତୋର ହଇଲ ବିୟାଧେ ॥
କେନ ତୋରେ ଆନମନା ଦେଖି । କାହେ ନଖେ କ୍ଷିତି ତଳେ ଲିଖି ॥
ହେମକାନ୍ତି ଝାମର ହୈଲ । ରାଙ୍ଗାବାସ ଖସିୟା ପଡ଼ିଲ ॥
ଆଁଖିଯୁଗ ଅରୁଣ ହଇଲ । ମୁଖପଦ୍ମ ଶୁକାଇୟା ଗେଲ ॥
ଏମନ ହଇଲ କି ଲାଗିୟା । ନା କହିଲେ ଫାଟି ଯାୟ ହିୟା ॥
ଏତ ଶୁନି କହେ ଧନି ରାଇ । ଶ୍ରୀଯଦୁନନ୍ଦନ ମୁଖ ଚାଇ ॥

କୀର୍ତ୍ତନୀୟା ପୁଣି ଗାଇଲେ—ଶ୍ରୀମତୀ ବଂଶୀଧ୍ୱନି ଶୁଣି ପାଗଳ ପରି ହୋଇଛନ୍ତି । ସଖୀଗଣଙ୍କ ପ୍ରତି ଶ୍ରୀମତୀଙ୍କର ଉକ୍ତି—

କଦମ୍ବେର ବନେ, ଥାକେ କୋନ୍ ଜନେ, କେମନେ ଶବଦ୍ ଆସି ।
ଏକି ଆଚମ୍ବିତେ, ଶ୍ରବଣେର ପଥେ, ମରମେ ରହଲ ପଶି ॥
ସାନ୍ଧାୟେ ମରମେ, ଘୁଚାୟା ଧରମେ, କରିଲ ପାଗଲି ପାରା ।
ଚିତ୍ତ ସ୍ଥିର ନହେ, ଶୋୟାସ ବାରହେ, ନୟନେ ବହୟେ ଧାରା ॥
କି ଜାନି କେମନ, ସେଇ କୋନ୍ ଜନ, ଏମନ ଶବଦ କରେ ।
ନା ଦେଖି ତାହାରେ, ହୃଦୟ ବିଦରେ, ରହିତେ ନା ପାରି ଘରେ ॥
ପରାଣ ନା ଧରେ, କନ କନ କରେ, ରହେ ଦରଶନ ଆଶେ ।
ଯବହୁ ଦେଖିବେ, ପରାଣ ପାଇବେ, କହୟେ ଉଦ୍ଧବ ଦାସେ ॥

ଗୀତ ଚାଲିଲା । କୃଷ୍ଣଦର୍ଶନ ପାଇଁ ଶ୍ରୀମତୀଙ୍କ ପ୍ରାଣ ବ୍ୟାକୁଳ ହୋଇଛି । ଶ୍ରୀମତୀ କହୁଛନ୍ତି :

ପହିଲେ ଶୁନିନୁ, ଅପରୂପ ଧ୍ୱନି, କଦମ୍ବ କାନନ ହୈତେ ।
ତାରପର ଦିନେ, ଭାଟେର ବର୍ଣ୍ଣନେ, ଶୁନି ଚମକିତ ଚିତେ ॥

ଆର ଏକ ଦିନ, ମୋର ପ୍ରାଣ–ସଖୀ, କହିଲେ ଯାହାର ନାମ ।
(ଆହା ସକଳ ମାଧୁର୍ଯ୍ୟମୟ କୃଷ୍ଣ ନାମ)
ଗୁଣିଗଣ ଗାନେ, ଶୁନିଚୁ ଶ୍ରବଣେ, ତାହାର ଏ ଗୁଣଗ୍ରାମ ॥
ସହଜେ ଅବଳା, ତାହେ କୁଳବାଳା, ଗୁରୁଜନ ଜ୍ୱାଳା ଘରେ ।
ସେ ହେନ ନାଗରେ, ଆରତି ବାଢ଼ୟେ, କେମନେ ପରାଣ ଧରେ ॥
ଭାବିୟା ଚିନ୍ତିୟା, ମନେ ଦଢ଼ାଇନୁ, ପରାଣ ରହିବାର ନୟ ।
କହତ ଉପାୟ କୈଛେ ମିଳୟେ, ଦାସ ଉଦ୍ଧବେ କୟ ॥

"ଆହା ସକଳ ମାଧୁର୍ଯ୍ୟମୟ କୃଷ୍ଣ ନାମ ।"ଏହି କଥା ଶୁଣି ଠାକୁର ଆଉ ବସି ପାରିଲେ ନାହିଁ । ଏକାବେଳକେ ବାହ୍ୟଜ୍ଞାନଶୂନ୍ୟ ହୋଇ ଦଣ୍ଡାୟମାନ । ସମାଧିସ୍ଥ ! ତାଙ୍କର ଡାହାଣ ପଟେ ଛୋଟ ନରେନ୍ ଠିଆ ହୋଇଛନ୍ତି । ଟିକିଏ ପ୍ରକୃତିସ୍ଥ ହୋଇ ମଧୁର କଣ୍ଠରେ "କୃଷ୍ଣ" "କୃଷ୍ଣ" ଏହି କଥା ସାଶ୍ରୁନୟନରେ କହିବାକୁ ଲାଗିଲେ ଓ କ୍ରମେ ପୁନର୍ବାର ଆସନ ଗ୍ରହଣ କଲେ ।

କୀର୍ତ୍ତନୀୟା ପୁଣି ଗାଇଲେ । ବିଶାଖା ଦୌଡ଼ିଯାଇ ଖଣ୍ଡେ ଚିତ୍ରପଟ ଆଣି ଶ୍ରୀମତୀଙ୍କ ଆଗରେ ଧରିଲେ । ଚିତ୍ରପଟରେ ସେହି ଭୁବନରଞ୍ଜନ ରୂପ । ଶ୍ରୀମତୀ ଚିତ୍ରପଟ ଦର୍ଶନ କରି କହିଲେ, ଏଇ ଚିତ୍ରପଟରେ ଯାହାଙ୍କୁ ଦେଖୁଛି, ତାଙ୍କୁ ଯମୁନାତଟରେ ଦେଖିବା ଦିନଠାରୁ ମୋର ଏହି ଦଶା ହୋଇଛି ।

କୀର୍ତ୍ତନ–ଶ୍ରୀମତୀଙ୍କର ଉକ୍ତି–

ଯେ ଦେଖିଛି ଯମୁନାତଟେ । ସେଇ ଦେଖି ଏଇ ଚିତ୍ରପଟେ ॥
ଯାର ନାମ କହିଲି ବିଶାଖା । ସେଇ ଏଇ ପଟେ ଅଛି ଲେଖା ॥
ଯାହାର ମୁରଲୀ–ଧ୍ୱନି । ସେଇ ବଟେ ଏଇ ରସିକମଣି ॥
ଭାଟମୁଖେ ଯାର ଗୁଣ ଗାଥା । ଦୂତୀମୁଖେ ଶୂନି ଯାର କଥା ॥
ଏଇ ମୋର ହରିୟାଛେ ପ୍ରାଣ । ଇହା ବିନେ କେହ ନହେ ଆନ ॥
ଏତ କହି ମୂରଛି ପଡ଼ୟେ । ସଖୀଗଣ ଧରିୟା ତୋଲୟେ ॥
ପୁନଃ କହେ ପାଇୟା ଚେତନେ । କି ଦେଖିନୁ ଦେଖାଓ ସେ ଜନେ ॥
ସଖୀଗଣ କରୟେ ଆଶ୍ୱାସ । ଭଣେ ଘନଶ୍ୟାମ ଦାସ ॥

ଠାକୁର ପୁଣି ଉଠିଲେ, ନରେନ୍ଦ୍ରାଦି ସାଙ୍ଗୋପାଙ୍ଗ ନେଇ ଉଚ୍ଚ ସ୍ୱରରେ ସଂକୀର୍ତ୍ତନ କରୁଛନ୍ତି—

(୧)—ଯାହାଙ୍କର ହରି କହୁ କହୁ ନୟନ ଝରେ, ଆସିଛନ୍ତ ସେହି ଦୁଇଭାଇ ରେ ॥
ନିଜେ କାନ୍ଦି ଯିଏ କନ୍ଦାନ୍ତି ଜଗତ, ଆସିଛନ୍ତି ସେହି ଦୁଇଭାଇ ରେ ॥
ମାଡ଼ ଖାଇ ଯିଏ ଯାଚନ୍ତି ପ୍ରେମ, ଆସିଛନ୍ତି ସେହି ଦୁଇଭାଇ ରେ ॥
ଯିଏ ବ୍ରଜର କହ୍ନାଇ ହୋଇଥିଲେ, ଆସିଛନ୍ତି ସେହି ଦୁଇଭାଇ ରେ ॥

ଅଚାଣ୍ଡାଳେ ଯିଏ ଦିଅନ୍ତି କୋଳ, ଆସିଛନ୍ତି ସେହି ଦୁଇଭାଇ ରେ ॥
ନିଜେ ମାତି ଯିଏ ମତାନ୍ତି ଜଗତ, ଆସିଛନ୍ତି ସେହି ଦୁଇଭାଇ ରେ ॥

(୨) ନଦିଆକୁ ଟଳମଳ କରେ ଟଳମଳ କରେ,ଗୌର-ପ୍ରେମର ହଲ୍ଲୋଳ ରେ ।

ଠାକୁର ପୁଣି ସମାଧିସ୍ଥ !

ଭାବ ଉପଶମ ହେଲାରୁ ଠାକୁର ପୁଣି ଆସନ ଗ୍ରହଣ କଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—କେଉଁ ଦିଗକୁ ମୁହଁ କରି ବସିଥିଲି, ଏବେ ମନେ ନାହିଁ ।

## (୪)

### ଶ୍ରୀରାମକୃଷ୍ଣ ଓ ନରେନ୍ଦ୍ର—ହାଜରାଙ୍କ କଥା—ଛଳରୂପୀ ନାରାୟଣ

ଠାକୁର ଭାବ ଉପଶମ ପରେ ଭକ୍ତମାନଙ୍କ ସହିତ କଥା କହୁଛନ୍ତି ।

ନରେନ୍ଦ୍ର (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ହାଜରା ଏବେ ଭଲ ହୋଇଛନ୍ତି ।

ଶ୍ରୀରାମକୃଷ୍ଣ—ତୁ ଜାଣି ନାହୁଁ, ଏପରି ଲୋକ ଅଛନ୍ତି, କାଖରେ ଢେଲା, ମୁହଁରେ ରାମ ରାମ କହନ୍ତି ।

ନରେନ୍ଦ୍ର—ଆଜ୍ଞା ନା, ସମସ୍ତ ପଚାରିଲି; ତଥାପି ସେ କହନ୍ତି, 'ନା' ।

ଶ୍ରୀରାମକୃଷ୍ଣ—ତା'ର ନିଷ୍ଠା ଅଛି, ଟିକିଏ ଜପତପ କରେ । କିନ୍ତୁ ଏପରି ପ୍ରକୃତି ! ଗାଡ଼ିବାଲାକୁ ଭଡ଼ା ଦିଏ ନାହିଁ ।

ନରେନ୍ଦ୍ର—ଆଜ୍ଞା ନା, ସେ ତ ଦେଇଛନ୍ତି ବୋଲି କହିଲେ ।

ଶ୍ରୀରାମକୃଷ୍ଣ—କେଉଁଠାରୁ ଦେବ ?

ନରେନ୍ଦ୍ର—ବୋଧହୁଏ ରାମଲାଲ ବା ଅନ୍ୟ କାହାଠାରୁ ଦେଇଛନ୍ତି ।

ଶ୍ରୀରାମକୃଷ୍ଣ—ତୁ କଅଣ ସବୁ କଥା ପଚାରିଛୁ ?

ମାଆଙ୍କୁ ପ୍ରାର୍ଥନା କରିଥିଲି, ମା, ହାଜରା ଯଦି କପଟୀ ଲୋକ, ତେବେ ତାକୁ ଏଠାରୁ ତଡ଼ିଦିଅ । ତାକୁ ସେହି କଥା କହିଥିଲି । ସେ କିଛିଦିନ ପରେ ଆସି କହିଲା, ଦେଖିଲ, ମୁଁ ଏବେ ବି ସୁଦ୍ଧା ରହିଛି । (ଠାକୁର ଓ ସମସ୍ତଙ୍କର ହସ) । ତାପରେ କିନ୍ତୁ ଚାଲିଗଲା ।

''ହାଜରାର ମା ରାମଲାଲ ହାତରେ କହି ପଠାଇଥିଲେ, 'ରାମଲାଲଙ୍କ କକେଇ ଯେପରି ହାଜରାକୁ ଥରେ ପଠାଇ ଦିଅନ୍ତି । ମୁଁ କାନ୍ଦି କାନ୍ଦି ଆଖିରେ ଦେଖିପାରୁ ନାହିଁ ।' ମୁଁ ହାଜରାକୁ ବହୁତ କରି କହିଲି, ବୁଢ଼ୀ ମା, ଥରେ ଦେଖା କରି ଆ; କିନ୍ତୁ କୌଣସିମତେ ଗଲା ନାହିଁ । ଶେଷରେ ତା'ର ମା କାନ୍ଦି କାନ୍ଦି ମରିଗଲା ।''

ନରେନ୍ଦ୍ର—ଏଥର ଗ୍ରାମକୁ ଯିବେ ।

ଶ୍ରୀରାମକୃଷ୍ଣ—ବର୍ତ୍ତମାନ ଦେଶକୁ ଯିବ, ଶଳା ଢେମଣା ! ଧିକ୍ ତାକୁ ! ତୁ ବୁଝି ନାହୁଁ । ଗୋପାଳ କହିଛି, ହାଜରା ସିଁଥିରେ କିଛି ଦିନ ରହିଥିଲା । ସେମାନେ ଚାଉଳ ଘିଅ

ସବୁ ଜିନିଷ ଦେଉଥିଲେ । ସେ କହିଲା, ଏ ଘିଅ, ଏ ଚାଉଳ କଅଣ ମୁଁ ଖାଏ ? ଈଶାନଙ୍କ ସହିତ ଭାଟପଡ଼ା ଯାଇଥିଲା । ପୋଖରୀପାଣି ପିଇବା ପାଇଁ ପାଣିଢ଼ାଳ ଆଣିବାକୁ ଈଶାନଙ୍କୁ କୁଆଡ଼େ କହିଲା । ଏଥିରେ ବ୍ରାହ୍ମଣମାନେ ସବୁ ରାଗିଯାଇଥିଲେ ।

ନରେନ୍ଦ୍ର— ତାଙ୍କୁ ପଚାରିଥିଲି, ସେ କହିଲେ, ଈଶାନବାବୁ ଆଗେଇ ଦେବାକୁ ଯାଇଥିଲେ । ଆଉ ଭାଟପଡ଼ାରେ ବହୁତ ବ୍ରାହ୍ମଣଙ୍କ ପାଖରୁ ସମ୍ମାନ ମଧ୍ୟ ମିଳିଥିଲା ।

ଶ୍ରୀରାମକୃଷ୍ଣ (ହସି ହସି)—ସେହି ଟିକକ ଜପତପର ଫଳ ।

"ଆଉ କଅଣ ଜାଣ, ଯାହାର ଯାହା ଲକ୍ଷଣ ! ଗେଡ଼ା, ଆଟୁ ଖାଟୁ ଦେହ, ଭଲ ଲକ୍ଷଣ ନୁହେଁ । ବହୁତ ଡେରିରେ ଜ୍ଞାନ ହୁଏ ।"

ଭବନାଥ—ଏସବୁ କଥାରୁ କଅଣ ମିଳିବ, ଥାଉ ।

ଶ୍ରୀରାମକୃଷ୍ଣ—ତାହା ନୁହେଁ । (ନରେନ୍ଦ୍ରଙ୍କ ପ୍ରତି)—ତୁ ପରା ଲୋକ ଚିହ୍ନୁ, ସେଥିପାଇଁ ତୋତେ କହୁଛି । ମୁଁ ହାଜରା ଓ ଅନ୍ୟମାନଙ୍କୁ କେଉଁ ଭାବରେ ଦେଖେ, ଜାଣୁ ? ମୁଁ ଜାଣେ, ଯେପରି ସାଧୁରୂପୀ ନାରାୟଣ, ସେହିପରି ଛଳରୂପୀ ନାରାୟଣ, ଦୁଷ୍ଟରୂପୀ ନାରାୟଣ । (ମହିମାଚରଣଙ୍କ ପ୍ରତି)—ତୁମେ କଅଣ କହୁଛ ? ସମସ୍ତେ ନାରାୟଣ ।

ମହିମାଚରଣ—ଆଜ୍ଞା, ସବୁ ହିଁ ନାରାୟଣ ।

## (୬)

## ଶ୍ରୀରାମକୃଷ୍ଣ ଓ ଗୋପୀପ୍ରେମ

ଗିରିଶ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ମହାଶୟ, ଏକାଙ୍ଗୀ ପ୍ରେମ କାହାକୁ କହନ୍ତି ?

ଶ୍ରୀରାମକୃଷ୍ଣ—ଏକାଙ୍ଗୀ, ଅର୍ଥାତ୍ ଭଲପାଇବାଟା ଗୋଟିଏ ଆଡୁ । ଯେପରି ପାଣି ହଂସକୁ ଚାହେଁ ନାହିଁ, କିନ୍ତୁ ହଂସ ପାଣିକୁ ଭଲପାଏ । ପୁଣି ଅଛି, ସାଧାରଣୀ, ସମଞ୍ଜସା ଓ ସମର୍ଥା । ସାଧାରଣୀ ପ୍ରେମ— ନିଜର ସୁଖ ଚାହେଁ, ତୁମେ ସୁଖୀ ହୁଅ ବା ନ ହୁଅ, ଯେପରି ଚନ୍ଦ୍ରାବଳୀର ଭାବ । ପୁଣି ସମଞ୍ଜସା, ମୋର ସୁଖ ହେଉ, ତୁମର ବି ହେଉ । ଏପରି ଭାବ ଖୁବ୍ ଭଲ ।

ସମସ୍ତଙ୍କଠାରୁ ଉଚ୍ଚ ଭାବ—ସମର୍ଥା । ଯେପରି ଶ୍ରୀମତୀଙ୍କର, କୃଷ୍ଣସୁଖରେ ସୁଖୀ; ତୁମେ ସୁଖୀ ରହ, ମୋର ପଛେ ଯାହା ହେଉ ।

"ଗୋପୀମାନଙ୍କର ଏପରି ଭାବ ଅତି ଉଚ୍ଚ ଭାବ ।"

"ଗୋପୀମାନେ କିଏ ଜାଣେ ? ରାମଚନ୍ଦ୍ର ବଣରେ ବୁଲୁ ବୁଲୁ ଷୋଳ ସହସ୍ର ଋଷିଙ୍କୁ ବସିଥିବାର ଦେଖି ସେମାନଙ୍କ ଆଡ଼କୁ ଥରେ ସ୍ନେହରେ ଚାହିଁଥିଲେ । ସେମାନେ ରାମଚନ୍ଦ୍ରଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇଥିଲେ । ପୁରାଣରେ ଅଛି, ସେହିମାନେ ହିଁ ଗୋପୀ ।

ଜଣେ ଭକ୍ତ – ମହାଶୟ ! ଅନ୍ତରଙ୍ଗ କାହାକୁ କହନ୍ତି ?

ଶ୍ରୀରାମକୃଷ୍ଣ—କିପରି ଜାଣ ? ଯେପରି ନାଟମନ୍ଦିରର ଭିତର ଖମ୍ବ, ଆଉ ବାହାର

ଖମ୍ଭ । ଯେଉଁମାନେ ସର୍ବଦା ପାଖରେ ରହନ୍ତି, ସେମାନେ ହିଁ ଅନ୍ତରଙ୍ଗ ।

**ଜ୍ଞାନଯୋଗ ଓ ଭକ୍ତିଯୋଗର ସମନ୍ୱୟ—ଭରଦ୍ୱାଜାଦି ଓ ରାମ—ପୂର୍ବକଥା—ଅରୂପ ଦର୍ଶନ—ସାକାର ତ୍ୟାଗ—ଦକ୍ଷିଣେଶ୍ୱରରରେ ଶ୍ରୀଶ୍ରୀମା**

ଶ୍ରୀରାମକୃଷ୍ଣ (ମହିମାଚରଣଙ୍କ ପ୍ରତି)—କିନ୍ତୁ ଜ୍ଞାନୀ ରୂପ ଚାହେଁ ନାହିଁ, ଅବତାରଙ୍କୁ ମଧ୍ୟ ଚାହେଁ ନାହିଁ । ରାମଚନ୍ଦ୍ର ବଣରେ ଯାଉ ଯାଉ କେତେଜଣ ଋଷିଙ୍କୁ ଦେଖିଲେ । ସେମାନେ ରାମଙ୍କୁ ଆଦର ଯତ୍ନ କରି ଆଶ୍ରମରେ ବସାଇଲେ । ସେହି ଋଷିମାନେ କହିଲେ, ରାମ, ତୁମକୁ ଆଜି ଆମେମାନେ ଦେଖିଲୁ, ଆମର ଜୀବନ ଧନ୍ୟ ହେଲା । କିନ୍ତୁ ଆମେ ତୁମକୁ ଦଶରଥଙ୍କର ପୁଅ ବୋଲି ଜାଣୁ । ଭରଦ୍ୱାଜାଦି ତୁମକୁ ଅବତାର ବୋଲି କହନ୍ତି, ଆମେ କିନ୍ତୁ ସେକଥା କହୁ ନାହୁଁ; ଆମେ ଅଖଣ୍ଡ ସଚ୍ଚିଦାନନ୍ଦଙ୍କୁ ଚିନ୍ତା କରୁ । ରାମ ପ୍ରସନ୍ନ ହୋଇ ହସିଲେ ।

"ଓଃ!, ମୋର କି ଅବସ୍ଥା ଯେ ଯାଇଛି ! ମନ ଅଖଣ୍ଡରେ ଲୀନ ହୋଇଯାଉଥିଲା ! ଏହିପରି ଅନେକ ଦିନ ! ସବୁ ଭକ୍ତି ଓ ଭକ୍ତ ତ୍ୟାଗ କଲି ! ଜଡ଼ ପରି ହୋଇଗଲି; ଦେଖିଲି, ମନଟା ନିରାକାରରେ ବିଲୀନ, ପ୍ରାଣ ରହିବ କି ଯିବ । ରାମଲାଲର ଖୁଡ଼ୀଙ୍କୁ ଡାକିବି ବୋଲି ଭାବିଲି !

ଘରେ ଯେତେ ଛବି ଥିଲା, ସବୁ କାଢ଼ି ଦେବାକୁ କହିଲି । ପୁଣି ଯେତେବେଳେ ହୋସ୍ ଆସି ମନ ତଳକୁ ଖସୁଥିଲା, ସେତେବେଳେ ପ୍ରାଣ ଆଉଟୁ ପାଉଟୁ ହେଉଥିଲା ! ଶେଷରେ ଭାବିଲି, ତାହାହେଲେ କଅଣ ନେଇ ରହିବି ! ସେତେବେଳେ ଯାଇ ଭକ୍ତି ଓ ଭକ୍ତଙ୍କ ପ୍ରତି ମନ ଆସିଲା ।

"ସେତେବେଳେ ବୁଲି ବୁଲି ଲୋକଙ୍କୁ ପଚାରିବାକୁ ଲାଗିଲି ଯେ ମୋର ଏ କଅଣ ହେଲା ! ସେତେବେଳେ ଭୋଳାନାଥ* କହିଲେ, 'ମହାଭାରତରେ ଅଛି । ସମାଧିସ୍ଥ ଲୋକ ଯେତେବେଳେ ସମାଧିରୁ ଫେରିବେ, ସେତେବେଳେ କଅଣ ନେଇ ରହିବେ ? ସୁତରାଂ ଭକ୍ତି ଓ ଭକ୍ତ ଦରକାର । ତା ନ ହେଲେ ମନ କଅଣ ଆଶ୍ରୟ କରି ରହିବ ?

(୭)

**ସମାଧିସ୍ଥ କଅଣ ଫେରିଆସେ ? ଶ୍ରୀମୁଖ-କଥିତ ଚରିତାମୃତ-କୁୟାର ସିଂହ**

ମହିମାଚରଣ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଆଜ୍ଞା, ସମାଧିସ୍ଥ କଅଣ ଫେରିପାରେ ?

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି ଏକାନ୍ତରେ)—ଏକୁଟିଆ ତୁମକୁ ଖାଲି କହିବି, କେବଳ ତୁମେ ଏକଥା ଶୁଣିବା ପାଇଁ ଉପଯୁକ୍ତ ।

---

* ଭୋଳାନାଥ ମୁଖୋପାଧ୍ୟାୟ ସେତେବେଳେ ରାସମଣିଙ୍କ ଦେବାଳୟର ମୋହରୀର ଥିଲେ । ପରେ ଖାଜାଞ୍ଚି ହୋଇଥିଲେ ।

''କୁୟାର ସିଂହ* ଏହି କଥା ପଚାରିଥିଲା । ଜୀବ ଓ ଈଶ୍ୱର ଭିତରେ ବହୁତ ପାର୍ଥକ୍ୟ ଅଛି । ସାଧନ ଭଜନ କରି ଜୀବର ସମାଧି ପର୍ଯ୍ୟନ୍ତ ହୋଇପାରେ, ଈଶ୍ୱର ଯେତେବେଳେ ଅବତୀର୍ଣ୍ଣ ହୁଅନ୍ତି, ସେ ସମାଧିସ୍ଥ ହୋଇ ମଧ୍ୟ ପୁଣି ଫେରି ପାରନ୍ତି । ଜୀବଶ୍ରେଣୀ, ଏମାନେ ଯେପରି ରାଜାଙ୍କର କର୍ମଚାରୀ, ଏମାନଙ୍କର ଯିବା ଆସିବା ରାଜାଙ୍କର ବାହାର ଘର ପର୍ଯ୍ୟନ୍ତ । ରାଜାଙ୍କର ସାତ ମହଲା କୋଠା, କିନ୍ତୁ ରାଜାଙ୍କ ପୁଅ ସାତମହଲାର ସବୁ ଆଡ଼େ ଯିବାଆସିବା କରିପାରେ, ପୁଣି ବାହାରକୁ ମଧ୍ୟ ଆସିପାରେ । 'ଫେରନ୍ତି ନାହିଁ, ଫେରନ୍ତି ନାହିଁ' ବୋଲି ସବୁ କହୁଛନ୍ତି । ତେବେ ଶଙ୍କରାଚାର୍ଯ୍ୟ, ରାମାନୁଜ, ଏମାନେ ସବୁ କଅଣ ? ଏମାନେ 'ବିଦ୍ୟାର ମୁଁ' ରଖିଥିଲେ ।''

ମହିମାଚରଣ—ଠିକ୍ ତ, ତାହା ନ ହେଲେ ଗ୍ରନ୍ଥ ଲେଖିଲେ କିପରି ?

ଶ୍ରୀରାମକୃଷ୍ଣ—ପୁଣି ଦେଖ, ପ୍ରହ୍ଲାଦ, ନାରଦ, ହନୁମାନ ଏମାନେ ମଧ୍ୟ ସମାଧିପରେ ଭକ୍ତିଭାବ ରଖିଥିଲେ ।

ମହିମାଚରଣ—ଆଜ୍ଞା ହଁ ।

### ଶୁଷ୍କ ଜ୍ଞାନ—ସମାଧିପରେ ଜ୍ଞାନ-ବିଚାର

ଶ୍ରୀରାମକୃଷ୍ଣ—କେହି କେହି ଜ୍ଞାନଚର୍ଚ୍ଚା କରନ୍ତି ବା ଟିକିଏ ବେଦ ପଢ଼ିଛନ୍ତି ବୋଲି ନିଜକୁ ଅତିବଡ଼ ମନେକରନ୍ତି ! କିନ୍ତୁ ଠିକ୍ ଜ୍ଞାନ ହେଲେ ଅହଂକାର ହୁଏ ନାହିଁ; ଅର୍ଥାତ୍ ଯଦି ସମାଧି ହୁଏ, ଆଉ ମନୁଷ୍ୟ ଈଶ୍ୱରଙ୍କ ସଙ୍ଗରେ ଏକ ହୋଇଯାଏ, ତାହାହେଲେ ଆଉ ଅହଂକାର ରହେ ନାହିଁ । ସମାଧି ନ ହେଲେ ଠିକ୍ ଜ୍ଞାନ ହୁଏ ନାହିଁ । ସମାଧି ହେଲେ ତାଙ୍କ ସହିତ ଏକ ହୋଇଯାଆନ୍ତି । ଆଉ ଅହଂ ରହେ ନାହିଁ ।

କିପରି ଜାଣ ? ଠିକ୍ ଦ୍ୱିପହର ବେଳେ ସୂର୍ଯ୍ୟ ଠିକ୍ ମୁଣ୍ଡ ଉପରେ ରହନ୍ତି । ସେତେବେଳେ ମନୁଷ୍ୟ ଚାରିଆଡ଼କୁ ଚାହିଁ ଦେଖେ, ଆଉ ଛାଇ ନାହିଁ । ସେଥିପାଇଁ ଠିକ୍ ଜ୍ଞାନ ହେଲେ—ସମାଧିସ୍ଥ ହେଲେ—ଅହଂରୂପକ ଛାୟା ରହେ ନାହିଁ ।

ଠିକ୍ ଜ୍ଞାନଲାଭ ହେବାପରେ ଯଦି ଅହଂ ରହେ, ତେବେ ତାହା 'ବିଦ୍ୟାର ମୁଁ' 'ଭକ୍ତିର ମୁଁ' 'ଦାସ ମୁଁ' ବୋଲି ଜାଣିବ । ଏହା 'ଅବିଦ୍ୟା ମୁଁ' ନୁହେଁ ।

ପୁଣି ଜ୍ଞାନ ଓ ଭକ୍ତି ଦୁଇଟିଯାକ ଦୁଇଟି ମାର୍ଗ—ଯେଉଁ ମାର୍ଗରେ ଯାଅ, ତାଙ୍କୁ ପାଇବ । ଜ୍ଞାନୀ ତାଙ୍କୁ ଗୋଟିଏ ଭାବରେ ଦେଖେ, ଭକ୍ତ ଅନ୍ୟ ଗୋଟିଏ ଭାବରେ ଦେଖେ । ଜ୍ଞାନୀର ଈଶ୍ୱର ତେଜୋମୟ, ଭକ୍ତର ରସମୟ ।

### ଶ୍ରୀରାମକୃଷ୍ଣ ଓ ମାର୍କଣ୍ଡେୟଚଣ୍ଡୀବର୍ଣ୍ଣିତ ଅସୁରବିନାଶର ଅର୍ଥ

ଭବନାଥ ପାଖରେ ବସିଛନ୍ତି ଓ ସମସ୍ତେ ଶୁଣୁଛନ୍ତି । ଭବନାଥ ନରେନ୍ଦ୍ରଙ୍କର ଖୁବ୍

* କୁୟାର ସିଂହ ସିପାହୀମାନଙ୍କର ହାବିଲଦାର ।

ଅନୁଗତ ଓ ପ୍ରଥମେ ପ୍ରଥମେ ବ୍ରାହ୍ମସମାଜକୁ ଯାଉଥିଲେ ।

ଭବନାଥ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ମୋର ଗୋଟିଏ ପ୍ରଶ୍ନ ଅଛି । ମୁଁ ଚଣ୍ଡୀ ବୁଝିପାରୁ ନାହିଁ । ଚଣ୍ଡୀରେ ଲେଖାଅଛି ଯେ, ସେ ସବୁ ଗୋଟି ଗୋଟି କରି ମାରୁଛନ୍ତି । ଏହାର ମାନେ କଅଣ ?

ଶ୍ରୀରାମକୃଷ୍ଣ— ସେ ସବୁଲୀଳା ! ମୁଁ ମଧ୍ୟ ଏହି କଥା ଭାବୁଥିଲି । ତାହାପରେ ଜାଣିଲି, ସବୁ ହିଁ ମାୟା । ତାଙ୍କର ସୃଷ୍ଟି ମାୟା, ତାଙ୍କର ସଂହାର ମଧ୍ୟ ମାୟା ।

ଘରର ପଶ୍ଚିମ ପଟ ଛାତରେ ପତ୍ର ପଡ଼ିଛି, ଏଥର ଗିରିଶ ଠାକୁରଙ୍କୁ ଓ ଭକ୍ତମାନଙ୍କୁ ଆହ୍ବାନ କରି ନେଇଗଲେ । ବୈଶାଖ ଶୁକ୍ଳା ଦଶମୀ । ଜଗତ୍ ହସୁଛି । ଛାତ ଚନ୍ଦ୍ରକିରଣରେ ଉଦ୍ଭାସିତ । ଠାକୁର ଶ୍ରୀରାମକୃଷ୍ଣଙ୍କୁ ଆଗରେ ବସାଇ ଭକ୍ତମାନେ ପ୍ରସାଦ ପାଇବାକୁ ବସିଛନ୍ତି, ସମସ୍ତେ ଆନନ୍ଦରେ ପରିପୂର୍ଣ୍ଣ ।

ଠାକୁର 'ନରେନ୍ଦ୍ର ନରେନ୍ଦ୍ର' ବୋଲି ପାଗଳ । ନରେନ୍ଦ୍ର ଆଗ ଧାଡ଼ିରେ ଅନ୍ୟାନ୍ୟ ଭକ୍ତଙ୍କ ସହିତ ବସିଛନ୍ତି । ମଝିରେ ମଝିରେ ଠାକୁର ନରେନ୍ଦ୍ରଙ୍କ ଖବର ବୁଝୁଛନ୍ତି । ଖାଇବା ଅଧା ସରିଛି କି ନାହିଁ ଠାକୁର ହଠାତ୍ ନିଜ ପତ୍ରରୁ ଦହି ଓ ତରଭୁଜର ପଣା ନେଇ ନରେନ୍ଦ୍ରଙ୍କ ପାଖକୁ ଯାଇ କହିଲେ, ''ନରେନ୍ଦ୍ର, ତୁ ଏତକ ଖାଆ ।'' ଠାକୁର ପିଲାଙ୍କ ପରି ପୁଣି ଖାଇବା ପତ୍ରରେ ଆସି ବସିଲେ ।

❖ ❖ ❖

# ଦ୍ୱାଦଶ ପରିଚ୍ଛେଦ

## ଶ୍ରୀରାମକୃଷ୍ଣ କଲିକତାରେ ବଳରାମ ବସୁଙ୍କ ମନ୍ଦିରରେ

### (୧)

### ନରେନ୍ଦ୍ର ଓ ହାଜରା ମହାଶୟ

ଠାକୁର ଶ୍ରୀରାମକୃଷ୍ଣ ବଳରାମଙ୍କ ଦୁଇମହଲା ବୈଠକଖାନାରେ ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ସହାସ୍ୟ ବଦନ । ଭକ୍ତଙ୍କ ସଙ୍ଗରେ କଥା କହୁଛନ୍ତି । ନରେନ୍ଦ୍ର, ମାଷ୍ଟର, ଭବନାଥ, ପୂର୍ଣ୍ଣ, ପଲ୍ଟୁ, ଛୋଟ ନରେନ୍, ଗିରିଶ, ରାମବାବୁ, ଦ୍ୱିଜ, ବିନୋଦ, ପ୍ରଭୃତି ଅନେକ ଭକ୍ତ ତାଙ୍କୁ ଘେରି ବସିଛନ୍ତି ।

ଆଜି ଶନିବାର । ଅପରାହ୍ଣ ତିନିଟା । ବୈଶାଖ କୃଷ୍ଣା ଦଶମୀ, ୯ମଇ ୧୮୮୫ ।

ବଳରାମ ଘରେ ନାହାନ୍ତି, ଦେହ ଅସୁସ୍ଥ ଥିବାରୁ ଜଳବାୟୁ ପରିବର୍ତ୍ତନ ପାଇଁ ମୁଙ୍ଗେର ଯାଇଛନ୍ତି । ଜ୍ୟେଷ୍ଠା କନ୍ୟା ଠାକୁର ଓ ଭକ୍ତମାନଙ୍କୁ ନିମନ୍ତ୍ରଣ କରି ମହୋତ୍ସବ କରିଛନ୍ତି । ଠାକୁର ଖାଇସାରି ଟିକିଏ ବିଶ୍ରାମ କରୁଛନ୍ତି ।

ଠାକୁର ମାଷ୍ଟରଙ୍କୁ ବାରମ୍ବାର ପଚାରୁଛନ୍ତି, "ତୁମେ କହ, ମୁଁ କଅଣ ଉଦାର ?" ଭବନାଥ ହସି ହସି କହୁଛନ୍ତି, "ସେ ଆଉ କଅଣ କହିବେ, ଚୁପ୍ କରି ରହିବେ !"

ଜଣେ ହିନ୍ଦୁସ୍ଥାନୀ ଭିଖାରୀ ଗୀତ ଗାଇବାକୁ ଆସିଛନ୍ତି । ଭକ୍ତମାନେ ଗୋଟିଏ ଦୁଇଟି ଗୀତ ଶୁଣିଲେ । ନରେନ୍ଦ୍ରଙ୍କୁ ଗୀତ ଭଲ ଲାଗିଛି । ସେ ଗାୟକଙ୍କୁ କହିଲେ, "ଆଉ ଗାଅ ।"

ଶ୍ରୀରାମକୃଷ୍ଣ—ଥାଉ ଥାଉ, ଆଉ ଦରକାର ନାହିଁ, ପଇସା କାହିଁ ? (ନରେନ୍ଦ୍ରଙ୍କ ପ୍ରତି) ତୁ ତ କହିଲୁ !

ଭକ୍ତ (ସହାସ୍ୟ)—ଆଜ୍ଞା, ଆପଣଙ୍କୁ ଅମୀର ବୋଲି ଧରିନେଇଛି, ଆପଣ ତକିଆ ଭରାଦେଇ ବସିଛନ୍ତି ତ । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ (ହସି ହସି)—ବେମାର ବୋଲି ତ ଭାବିପାରେ ।

ହାଜରାଙ୍କର ଅହଂକାର କଥା ପଡ଼ିଲା । କୌଣସି କାରଣରୁ ଦକ୍ଷିଣେଶ୍ୱର କାଳୀମନ୍ଦିର ଛାଡ଼ି ହାଜରାଙ୍କୁ ଚାଲିଯିବାକୁ ହୋଇଥିଲା ।

ନରେନ୍ଦ୍ର—ହାଜରା ଏବେ ମାନୁଛନ୍ତି ଯେ, ତାଙ୍କର ଅହଂକାର ହୋଇଥିଲା ।

ଶ୍ରୀରାମକୃଷ୍ଣ—ସେ କଥା ବିଶ୍ୱାସ କର ନାହିଁ । ଦକ୍ଷିଣେଶ୍ୱରକୁ ପୁଣି ଆସିବା ପାଇଁ ସେପରି କଥା କହୁଛି ! (ଭକ୍ତମାନଙ୍କୁ) ନରେନ୍ଦ୍ର କେବଳ କହେ, 'ହାଜରା ଭାରୀ ଲୋକ ।'

ନରେନ୍ଦ୍ର—ଏବେ ବି କହୁଛି ।

ଶ୍ରୀରାମକୃଷ୍ଣ—କାହିଁକି ? ଏତେ ସବୁ ଶୁଣିଲୁ !

ନରେନ୍ଦ୍ର—ଦୋଷ ଅଳ୍ପ, କିନ୍ତୁ ଗୁଣ ବହୁତ ।

ଶ୍ରୀରାମକୃଷ୍ଣ—ହଁ, ନିଷ୍ଠା ଅଛି ସତ ।

ସେ ମୋତେ କହେ, ଏବେ ମୁଁ ତୁମକୁ ଗନ୍ଧଉଛି, କିନ୍ତୁ ପରେ ତୁମେ ନିଶ୍ଚୟ ମୋତେ ଖୋଜିବ । ଶ୍ରୀରାମପୁରରୁ ଜଣେ ଗୋସାଇଁ ଆସିଥିଲେ, ଅଦ୍ୱୈତ ବଂଶ । ତାଙ୍କର ଇଚ୍ଛା, ଏଠାରେ ରାତିଏ କି ଦୁଇରାତି ରହନ୍ତେ । ମୁଁ ଆଗ୍ରହରେ ତାଙ୍କୁ ରହିବାକୁ କହିଲି । ହାଜରା କହିଲା, 'ନା, ଖାଜାଞ୍ଚିଙ୍କ ପାଖକୁ ତାଙ୍କୁ ପଠାଅ ।' ଏ କଥାର ଅର୍ଥ କଅଣ ଜାଣ—ଦୁଧଫୁଧ କାଳେ ଚାହିଁବେ, ତାହାହେଲେ ହାଜରାର ଭାଗରୁ କିଛି ଦେବାକୁ ପଡ଼ିବ । ମୁଁ କହିଲି—ଆରେ ଶାଳା ! ବୈଷ୍ଣବ ଗୋସାଇଁ ବୋଲି ମୁଁ ତାଙ୍କୁ ସାଷ୍ଟାଙ୍ଗ ହେଉଛି, ଆଉ ତୁ ସଂସାରରେ ରହି କାମିନୀ-କାଞ୍ଚନ ନେଇ ନାନା କାଣ୍ଡ କରି—ଏବେ ଟିକିଏ ଜପ କରି ଏତେ ଅହଂକାର ହୋଇଛି ! ଲଜ୍ଜା ଲାଗୁନାହିଁ !

ସତ୍ତ୍ୱ-ଗୁଣରେ ଈଶ୍ୱରଲାଭ ହୁଏ, କିନ୍ତୁ ରଜଃ ତମୋଗୁଣ ଈଶ୍ୱରଙ୍କଠାରୁ ଦୂରେଇ ରଖେ । ସତ୍ତ୍ୱଗୁଣକୁ ଧଳା ରଙ୍ଗ ସହିତ ତୁଳନା କରାଯାଇଛି, ରଜୋଗୁଣକୁ ଲାଲରଙ୍ଗ ସହିତ ଏବଂ ତମୋଗୁଣକୁ କଳା ରଙ୍ଗ ସହିତ । ମୁଁ ଦିନେ ହାଜରାକୁ ପଚାରିଲି, 'କହ କାହାର କେତେ ସତ୍ତ୍ୱଗୁଣ ହୋଇଛି ?' ସେ କହିଲା, 'ନରେନ୍ଦ୍ରର ଷୋଳଅଣା; ଆଉ ତା' ନିଜର ଟଙ୍କାଏ ଦୁଇଅଣା ।' ପଚାରିଲି, 'ମୋର କେତେ ହୋଇଛି ?' କହିଲା 'ତୁମର ଏବେ ବି ଟିକିଏ ଲାଲରଙ୍ଗ ରହିଛି—ତୁମର ବାରଅଣା ।' (ସମସ୍ତଙ୍କର ହସ)

ଦକ୍ଷିଣେଶ୍ୱରରେ ବସି ହାଜରା ଜପ କରୁଥାଏ, ଆଉ ତାରି ଭିତରେ ଦଲାଲଗିରିର ଚେଷ୍ଟା କରୁଥାଏ । ଘର ପାଇଁ କେତେ ହଜାର ଟଙ୍କା ଋଣ କରିଛି—ସେହି ଋଣ ଶୁଝିବାକୁ ହେବ । ରାନ୍ଧୁଣି ବ୍ରାହ୍ମଣଙ୍କ ସମ୍ବନ୍ଧରେ କହିଥିଲା, 'ସେସବୁ ଲୋକଙ୍କ ସାଙ୍ଗରେ ଆମେମାନେ କଅଣ କଥା କହୁ ?'

### କାମନା ହେଉଛି ଈଶ୍ୱରଲାଭର ବିଘ୍ନ—ଈଶ୍ୱର ବାଳକ ସ୍ୱଭାବ

କଅଣ ଜାଣ, ସାମାନ୍ୟ ଟିକିଏ କାମନା ଥିଲେ ଭଗବାନ ମିଳନ୍ତି ନାହିଁ । ଧର୍ମର ସୂକ୍ଷ୍ମ ଗତି ! ଛୁଞ୍ଚିରେ ସୂତା ପୂରାଉଛି—କିନ୍ତୁ ସୂତାରେ ଟିକିଏ ଆଁଶୁ ଥିଲେ ଛୁଞ୍ଚି ଭିତରେ ପଶେ ନାହିଁ ।

ତିରିଶ ବର୍ଷ ହେଲା ମାଳା ଜପୁଛି, ତଥାପି କାହିଁକି କିଛି ହେଉ ନାହିଁ ? ପଠା ଘାଆରେ ଗୋବରଲେପ ଦେବାକୁ ହୁଏ । କେବଳ ଔଷଧରେ ଭଲ ହୁଏ ନାହିଁ

କାମନା ଥିଲେ ଯେତେ ସାଧନା କର ନା କାହିଁକି, ସିଦ୍ଧିଲାଭ ହୁଏ ନାହିଁ । ତେବେ ଗୋଟିଏ କଥା ଅଛି—ଈଶ୍ୱରଙ୍କ କୃପା ହେଲେ, ଈଶ୍ୱରଙ୍କ ଦୟା ହେଲେ କ୍ଷଣକେ ସିଦ୍ଧିଲାଭ ହୋଇପାରେ । ଯେପରି ହଜାର ବର୍ଷର ଅନ୍ଧାର ଘର, ହଠାତ୍ କେହି ଯଦି ଦୀପ ଆଣେ, ତାହାହେଲେ ହଠାତ୍ ଆଲୁଅ ହୋଇଯାଏ !

ଗରିବ ଲୋକର ପୁଅ ବଡ଼ଲୋକର ଶୁଭଦୃଷ୍ଟିରେ ପଡ଼ିଯାଇଛି । ନିଜ ଝିଅ ସହିତ ତାକୁ ବିବାହ ଦେଲା । ସଙ୍ଗେ ସଙ୍ଗେ ଗାଡ଼ିଘୋଡ଼ା, ଦାସଦାସୀ, ପୋଷାକ, ଆସବାବପତ୍ର, ଘର ସବୁ ହୋଇଗଲା !

ଜଣେ ଭକ୍ତ—ଆଜ୍ଞା କୃପା କିପରି ହୁଏ ?

ଶ୍ରୀରାମକୃଷ୍ଣ—ଈଶ୍ୱର ବାଳକସ୍ୱଭାବ । ଯେପରି ଛୋଟ ପିଲାଟିଏ ଅଣ୍ଟିରେ ରତ୍ନ ରଖି ବସିଛି । କେତେ ଲୋକ ରାସ୍ତାରେ ଚାଲିଯାଉଛନ୍ତି । କେହି କେହି ତାକୁ ରତ୍ନ ମାଗୁଛନ୍ତି । କିନ୍ତୁ ସେ ହାତରେ ଲୁଗାକୁ ଚାପି ଧରି ମୁହଁ ବୁଲାଇ କହେ—ନା, ମୁଁ ଦେବି ନାହିଁ । ପୁଣି ହୁଏ ଯିଏ ମାଗୁନାହିଁ, ଚାଲିଯାଉଛି, ତା' ପଛରେ ଦୌଡ଼ିଯାଇ ତାକୁ ଯାଚିକରି ଦେଇ ଦିଏ!

### ତ୍ୟାଗରେ ହିଁ ଈଶ୍ୱରଲାଭ । ପୂର୍ବକଥା—ମଥୁରବାବୁଙ୍କର ଭାବ

ଶ୍ରୀରାମକୃଷ୍ଣ—ତ୍ୟାଗ ନ ହେଲେ ଈଶ୍ୱରଙ୍କୁ ଲାଭ କରାଯାଏନାହିଁ

ମୋ କଥା କିଏ ଗ୍ରହଣ କରିବ ? ମୁଁ ସଙ୍ଗୀ ଖୋଜୁଛି—ମୋରି ଭାବର ଲୋକ । କୌଣସି ଭକ୍ତକୁ ଦେଖିଲେ ମୁଁ ଭାବେ ଯେ ବୋଧହୁଏ ମୋର ଭାବ ଏ ନେଇପାରିବ । ପରେ ଦେଖେ, ସେ ଅନ୍ୟ ପ୍ରକାର ହୋଇଯାଏ !

ଗୋଟିଏ ଭୂତ ସଙ୍ଗୀ ଖୋଜୁଥିଲା । ଶନି ମଙ୍ଗଳବାର ଦିନ ଅପମୃତ୍ୟୁ ହେଲେ ଭୂତ ହୁଅନ୍ତି । ଭୂତଟା ଯେତେବେଳେ ଦେଖେ କେହି ଶନି ମଙ୍ଗଳବାର ଦିନ ଏପରି ଭାବରେ ମରିଛି, ସଙ୍ଗେ ସଙ୍ଗେ ସେଠାକୁ ଦୌଡ଼ିଯାଏ । ଭାବିନିଏ ଯେ ଏଥର ବୋଧହୁଏ ମୋତେ ଜଣେ ସଙ୍ଗୀ ମିଳିବ । କିନ୍ତୁ ପାଖକୁ ଯିବା ବେଳକୁ ସେ ଲୋକଟା ବଞ୍ଚିଉଠେ । ହୁଏତ ଛାତରୁ ପଡ଼ି ଅଜ୍ଞାନ ହୋଇଯାଇଥିଲା, ପୁଣି ବଞ୍ଚି ଉଠିଛି ।

ମଥୁରବାବୁଙ୍କର ଥରେ ଭାବ ହେଲା । ସବୁବେଳେ ମାତାଲଙ୍କ ପରି ହେଲେ—କୌଣସି କାମ କରିପାରିଲେ ନାହିଁ । ସେତେବେଳେ ସମସ୍ତେ କହିଲେ, ଏପରି ହେଲେ ବିଷୟ ସମ୍ପତ୍ତି କିଏ ଦେଖିବ ? ଛୋଟ ଭଟ୍ଟାଚାର୍ଯ୍ୟ ନିଶ୍ଚୟ କୌଣସି ମନ୍ତ୍ର କରିଦେଇଛି ।

### ନରେନ୍ଦ୍ର ବେହୋସ ହେବା କଥା—'ଗୁରୁଶିଷ୍ୟ'ବିଷୟରେ ଦୁଇଟି ଗଳ୍ପ

''ନରେନ୍ଦ୍ର ଯେତେବେଳେ ପ୍ରଥମେ ପ୍ରଥମେ ଆସିଲା, ସେତେବେଳେ ତା' ଛାତିରେ ହାତ ଦେବାରୁ ବେହୋସ ହୋଇଗଲା । ପରେ ଚେତା ହେଲାରୁ କାନ୍ଦି କାନ୍ଦି କହିଲା, ଆହେ ମୋତେ ଏପରି କାହିଁକି କଲ ? ମୋର ଯେ ବାପା, ମାଆ ଅଛନ୍ତି ! ଅଜ୍ଞାନ ଯୋଗୁ ସମସ୍ତେ 'ମୋର' 'ମୋର' ହୁଅନ୍ତି ।

''ଗୁରୁ ଶିଷ୍ୟକୁ କହିଲେ, ସଂସାର ମିଥ୍ୟା; ତୁ ମୋ ସଙ୍ଗରେ ଚାଲ । ଶିଷ୍ୟ କହିଲା, ବାବା, ଆତ୍ମୀୟ ସ୍ୱଜନମାନେ ମୋତେ ଖୁବ୍ ଭଲ ପାଆନ୍ତି—ମୋର ବାପ, ମୋର ମା, ମୋର ସ୍ତ୍ରୀ—ଏମାନଙ୍କୁ ଛାଡ଼ି କିପରି ଯିବି ? ଗୁରୁ କହିଲେ, ତୁ 'ମୋର' 'ମୋର' ହେଉଛୁ ସତ, ଆଉ କହୁଛୁ ଯେ ଏମାନେ ଭଲ ପାଆନ୍ତି; କିନ୍ତୁ ଏ ସମସ୍ତ ଭୁଲ । ମୁଁ

ତୋତେ ଗୋଟିଏ ଉପାୟ କହି ଦେଉଛି, ସେଇଟି କର, ତାହାହେଲେ ବୁଝିବୁ ସତରେ ସେମାନେ ତୋତେ ଭଲ ପାଆନ୍ତି କି ନାହିଁ । ଏହା କହି ଔଷଧର ବଟିକାଟିଏ ତା ହାତରେ ଦେଇ କହିଲେ, ଏଇଟିକୁ ଖାଇବୁ, ତାହେଲେ ଶବ ପରି ପଡ଼ିରହିବୁ, କିନ୍ତୁ ଜ୍ଞାନ ଯିବ ନାହିଁ, ସବୁ ଦେଖି ଶୁଣି ପାରିବୁ । ତାପରେ ମୁଁ ଗଲେ ତୋର କ୍ରମେ ପୂର୍ବାବସ୍ଥା ଫେରିଆସିବ ।

''ଶିଷ୍ୟଟି ଠିକ୍ ସେହିପରି କଲା । ଘରେ କାନ୍ଦ ବୋବାଳି ପଡ଼ିଗଲା ମା, ସ୍ତ୍ରୀ, ସମସ୍ତେ ମୁଣ୍ଡ କୋଡ଼ି କଚାଡ଼ି ହୋଇ କାନ୍ଦୁଛନ୍ତି । ଏପରି ସମୟରେ ଜଣେ ବ୍ରାହ୍ମଣ ଆସି ପଚାରିଲେ, 'କଅଣ ହୋଇଛି?' ସେମାନେ କହିଲେ, 'ଏହି ପିଲାଟି ମରିଯାଇଛି । ବ୍ରାହ୍ମଣ ମଲା ଲୋକର ହାତ ଦେଖି କହିଲେ, ତୁମେସବୁ କଅଣ କହୁଛ ! ଇଏତ ମରି ନାହିଁ ! ମୁଁ ଗୋଟିଏ ଔଷଧ ଦେଉଛି, ଖାଇଲେ ଭଲ ହୋଇଯିବ !' ସେତେବେଳେ ଘରର ସମସ୍ତେ ଯେପରି ହାତରେ ସ୍ୱର୍ଗ ପାଇଗଲେ । ବ୍ରାହ୍ମଣ କହିଲେ, 'ତେବେ ଗୋଟିଏ କଥା ଅଛି, ପ୍ରଥମେ ଜଣେ ଔଷଧ ଖାଇବ, ତା'ପରେ ଯାଇ ରୋଗୀକୁ ଖୁଆଇବାକୁ ହେବ । କିନ୍ତୁ ଯେଉଁ ଲୋକ ପ୍ରଥମେ ଖାଇବ, ତା'ର ମୃତ୍ୟୁ ହେବ । ଏହାଙ୍କର ତ ଅନେକ ନିଜ ଲୋକ ଅଛନ୍ତ ବୋଲି ଦେଖିପାରୁଛି, କେହି ନା କେହି ଅବଶ୍ୟ ଖାଇବେ । ମା' କିମ୍ୱା ସ୍ତ୍ରୀ ତ ଖୁବ୍ କାନ୍ଦୁଛନ୍ତି, ଏମାନେ ନିଶ୍ଚୟ ପାରିବେ ।

ଏହା ଶୁଣି ସମସ୍ତେ କାନ୍ଦ ବନ୍ଦ କରି ଚୁପ୍ ରହିଲେ । ମା' କହିଲେ, 'କଅଣ କରାଯିବ ! ଏତେ ବଡ଼ ସଂସାର, ମୁଁ ଗଲେ କିଏ ଏହାକୁ ଦେଖାଶୁଣା କରିବ ।' ଏହା କହି ଭାବିବାକୁ ଲାଗିଲେ । ସ୍ତ୍ରୀ ଟିକିଏ ଆଗରୁ କାନ୍ଦୁଥିଲା—'ଆଲୋ ଅପା, ମୋର କଅଣ ହେଲା ଲୋ ! ସେ କହିଲା, 'କଅଣ କରିବି ! ତାଙ୍କର ତ ଯାହା ହେବାର ହୋଇଯାଇଛି ! ମୋର ଦୁଇ ତିନୋଟି ନାବାଳକ ପୁଅ ଝିଅ—ମୁଁ ଯଦି ଚାଲିଯାଏ, ଏମାନଙ୍କୁ ସବୁ କିଏ ଦେଖିବ !'

''ଶିଷ୍ୟ ସବୁ ଦେଖୁଥିଲା ଓ ଶୁଣୁଥିଲା । ସେ ସେତେବେଳେ ଉଠିପଡ଼ି ଠିଆହେଲା, କହିଲା, ଗୁରୁଦେବ ଚାଲନ୍ତୁ, ମୁଁ ଆପଣଙ୍କ ସଙ୍ଗରେ ଯିବି । (ସମସ୍ତଙ୍କର ହସ)

''ଆଉ ଜଣେ ଶିଷ୍ୟ ଗୁରୁଙ୍କୁ କହିଲା, ମୋ ସ୍ତ୍ରୀ ମୋର ଭାରୀ ଯତ୍ନ ନିଏ, ତେଣୁ ଯାଇ ପାରିବି ନାହିଁ । ଶିଷ୍ୟଟି ହଠଯୋଗ କରୁଥିଲା, ଗୁରୁ ତାକୁ ଗୋଟିଏ ଉପାୟ ଶିଖାଇଦେଲେ । ଦିନେ ତା' ଘରେ ଭାରୀ କାନ୍ଦବୋବାଳି ପଡ଼ିଗଲା ! ସାହିର ଲୋକମାନେ ଆସି ଦେଖିଲେ, ହଠଯୋଗୀ ଘର ଭିତରେ ଆସନରେ ବସିଛି—ଦେହ ବଙ୍କା ଟଙ୍କା ହୋଇଯାଇଛି । ସମସ୍ତେ ବୁଝିପାରିଲେ ଯେ ତାହାର ପ୍ରାଣବାୟୁ ଉଡ଼ି ଯାଇଛି । ସ୍ତ୍ରୀ ମୁଣ୍ଡପିଟି କାନ୍ଦୁଛି, 'ଆଲୋ, ମୋର କଅଣ ହେଲା ଲୋ—ତୁମେ ଆମକୁ କଅଣ କରି ଛାଡ଼ିଗଲ ହେ—ଏପରି ହେବ ବୋଲି କିଏ ଜାଣିଥିଲା ଲୋ ଅପା !' ଏଣେ ଆତ୍ମୀୟ ବନ୍ଧୁମାନେ କୋକେଇ ଆଣି ତାକୁ ଘରୁ ବାହାର କରୁଛନ୍ତି ।

''ହଠାତ୍ ଗୋଟିଏ ଅସୁବିଧା ଦେଖାଗଲା । ଦେହଟା ବଙ୍କା ଟଙ୍କା ହୋଇ ରହିଥିବାରୁ

ଦ୍ୱାର ବାଟେ କାଢ଼ି ହେଉ ନାହିଁ । ତେଣୁ ଜଣେ ପଡ଼ୋଶୀ ଦୌଡ଼ି ଯାଇ ଗୋଟିଏ କଟୁରୀ ଆଣି ଦ୍ୱାରର ଚୌକାଠ ହାଣିବାକୁ ଲାଗିଲା । ସ୍ତ୍ରୀ ଅସ୍ଥିର ହୋଇ କାନ୍ଦୁଥିଲା ସେ ଦୁମ୍ ଦୁମ୍ ଶବ୍ଦ ଶୁଣି ଦୌଡ଼ି ଆସିଲା । ଆସି କାନ୍ଦି କାନ୍ଦି ପଚାରିଲା, ଆହେ, କଅଣ ହୋଇଛି ? ସେମାନେ କହିଲେ, ତାଙ୍କୁ ବାହାର କରିପାରୁନାହୁଁ, ତେଣୁ ଚୌକାଠ କାଟୁଛୁ ।' ଏହା ଶୁଣି ସ୍ତ୍ରୀ କହିଲା, ଆହେ, ଏପରି କାମ କର ନାହିଁ ! ମୁଁ ଏବେ ବିଧବା ହେଲି । ମୋତେ ଆଉ ଦେଖିବାକୁ କେହି ଲୋକ ନାହାନ୍ତି, କେତୋଟି ନାବାଳକ ପିଲାଙ୍କୁ ମଣିଷ କରିବାକୁ ହେବ । ଏ ଦ୍ୱାର ନଷ୍ଟ ହେଲେ ଆଉତ କରିହେବ ନାହିଁ । ତାଙ୍କର ତ ଯାହା ହେବାର ହୋଇଯାଇଛି — ତାଙ୍କର ହାତ ଗୋଡ଼ କାଟି ଦିଅ । ସେତେବେଳେ ହଠଯୋଗୀ ଉଠିପଡ଼ିଲା । ସେତେବେଳକୁ ତାର ଔଷଧର ନିଶା ଚାଲିଯାଇଛି, ଉଠିପଡ଼ି କହିଲା, ଆଲୋ ଶାଳୀ, ମୋର ହାତ ଗୋଡ଼ କାଟିବ ! ଏହା କହି ଘର ଛାଡ଼ି ଗୁରୁଙ୍କ ସଙ୍ଗରେ ଚାଲିଗଲା । (ସମସ୍ତଙ୍କର ହସ)

ଅନେକ ବାହାନା କରି ଶୋକ କରନ୍ତି । କାନ୍ଦିବାକୁ ହେବ ବୋଲି ଜାଣି ଆଗେ ନୋଥ ପ୍ରଭୃତି ଗହଣା ଖୋଲି ବାକ୍ସରେ ଚାବି ଦେଇ ରଖି ଦିଅନ୍ତି । ତାପରେ ଭୂଇଁରେ କଚାଡ଼ି ହୋଇ କାନ୍ଦନ୍ତି, ଅପାଲୋ, କଅଣ ହେଲାଲୋ !

## (୨)

### ଅବତାର ସମ୍ବନ୍ଧରେ ଶ୍ରୀରାମକୃଷ୍ଣଙ୍କ ସମ୍ମୁଖରେ ନରେନ୍ଦ୍ର ପ୍ରଭୃତିଙ୍କର ବିଚାର

ନରେନ୍ଦ୍ର—ପ୍ରମାଣ ନ ପାଇଲେ କିପରି ବିଶ୍ୱାସ କରିବି ଯେ ଈଶ୍ୱର ମନୁଷ୍ୟ ହୋଇ ଆସନ୍ତି ।

ଗିରିଶ—ବିଶ୍ୱାସ ହିଁ ଯଥେଷ୍ଟ ପ୍ରମାଣ । ଗୋଟିଏ ଜିନିଷ ଏଠାରେ ଅଛି, ଏହାର ପ୍ରମାଣ କଅଣ ? ବିଶ୍ୱାସ ହିଁ ପ୍ରମାଣ ।

ଜଣେ ଭକ୍ତ—ବହିର୍ଜଗତ ବାହାରେ ଅଛି ବୋଲି ଦାର୍ଶନିକମାନେ କେହି ପ୍ରମାଣ କରିପାରିଛନ୍ତି କି ? ତେବେ କୁହାଯାଇଛି, ବିଶ୍ୱାସ (Irresistible belief) ।

ଗିରିଶ (ନରେନ୍ଦ୍ରଙ୍କ ପ୍ରତି)—ତୁମେ ଆଗକୁ ଆସିଲେ ବି ବିଶ୍ୱାସ କରିବ ନାହିଁ ହୁଏତ କହିବ, ସେ କହୁଛି ମୁଁ ଈଶ୍ୱର, ମନୁଷ୍ୟ ହୋଇ ଆସିଛି—ଗୋଟାଏ ମିଥ୍ୟାବାଦୀ ଭଣ୍ଡ ।

ଦେବତାମାନେ ଅମର, ଏହି କଥା ପଡ଼ିଲା ।

ନରେନ୍ଦ୍ର—ତାହାର ପ୍ରମାଣ କାହିଁ ?

ଗିରିଶ—ତୁମ ଆଗକୁ ଆସିଲେ ବି ତ ବିଶ୍ୱାସ କରିବ ନାହିଁ ।

ନରେନ୍ଦ୍ର—ଆମର, ଅତୀତରେ ଯେ ଥିଲା ତାର ପ୍ରମାଣ ତ ଦରକାର ।

ମଣି ପଲ୍ଟୁକୁ କିଛି କହୁଛନ୍ତି ।

ପଲ୍ଟୁ (ନରେନ୍ଦ୍ରଙ୍କ ପ୍ରତି, ସହାସ୍ୟ)—ଅନାଦି କଅଣ ଦରକାର ? ଅମର ହେବା ପାଇଁ ଅନନ୍ତ ହେବା ଦରକାର ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ନରେନ୍ଦ୍ର ଓକିଲର ପୁଅ, ପଲ୍ଟୁ ଡେପୁଟୀର ପୁଅ । (ସମସ୍ତଙ୍କର ହସ) ସମସ୍ତେ କିଛିକ୍ଷଣ ନୀରବ ରହିଛନ୍ତି ।

ଯୋଗୀନ (ଗିରିଶାଦି ଭକ୍ତଙ୍କ ପ୍ରତି, ସହାସ୍ୟ)—ନରେନ୍ଦ୍ରଙ୍କ କଥା ଏ (ଠାକୁର) ଆଉ ମାନନ୍ତି ନାହିଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ମୁଁ ଦିନେ କହୁଥିଲି, ଚାତକ ବର୍ଷାପାଣି ଛଡ଼ା ଅନ୍ୟ ପାଣି ପିଏ ନାହିଁ । ନରେନ୍ଦ୍ର କହିଲା, 'ଚାତକ ଅନ୍ୟ ପାଣି ବି ପିଏ ।' ସେତେବେଳେ ମାଆଙ୍କୁ କହିଲି, 'ମା, ଏସବୁ କଥା କଅଣ ମିଛ ହୋଇଗଲା !' ଭାରୀ ଚିନ୍ତାରେ ପଡ଼ିଲି । ଦିନେ ପୁଣି ନରେନ୍ଦ୍ର ଆସିଥାଏ । ଘର ଭିତରେ କେତେଗୁଡ଼ିଏ ଚଢ଼େଇ ଉଡୁଥିବାର ଦେଖି କହିଲା, 'ଦେଖ ! ଦେଖ !' ମୁଁ କହିଲି, 'କଅଣ ?' ସେ କହିଲା, 'ଚାତକ ପକ୍ଷୀ ! ଚାତକ ପକ୍ଷୀ !' ଦେଖିଲି ଗୁଡ଼ିଏ ଚେମେଣି ! ସେହିଦିନଠାରୁ ତା' କଥାକୁ ଗ୍ରହଣ କରେ ନାହିଁ । (ସମସ୍ତଙ୍କର ହସ)

## ଈଶ୍ୱରଙ୍କ ରୂପ ଦର୍ଶନ କଅଣ ମନର ଭୁଲ

ଶ୍ରୀରାମକୃଷ୍ଣ—''ଯଦୁ ମଲ୍ଲିକଙ୍କ ବଗିଚାରେ ନରେନ୍ଦ୍ର କହିଲା, ତୁମେ ଈଶ୍ୱରଙ୍କର ଯେଉଁ ରୂପ ଇତ୍ୟାଦି ଦେଖ, ସେ ସବୁ ମନର ଖିଆଲ । ସେତେବେଳେ ଆଶ୍ଚର୍ଯ୍ୟ ହୋଇ ତାକୁ କହିଲି, ସେ ଯେ କଥା କହନ୍ତି ରେ ! ନରେନ୍ଦ୍ର କହିଲା, ସେପରି ସବୁ ହୁଏ । ସେତେବେଳେ ମାଆଙ୍କ ପାଖକୁ ଯାଇ କାନ୍ଦିବାକୁ ଲାଗିଲି । କହିଲି, ମା ଏ କଅଣ ହେଲା ! ଏସବୁ କଅଣ ମିଛ ? ନରେନ୍ଦ୍ର ଏପରି କଥା କହିଲା ! ସେତେବେଳେ ମା ଦେଖାଇ ଦେଲେ—ଚୈତନ୍ୟ — ଅଖଣ୍ଡ ଚୈତନ୍ୟ—ଚୈତନ୍ୟମୟ ରୂପ । ମା କହିଲେ, ଯଦି 'ମିଛ, ତେବେ ଏସବୁ କଥା ମିଶୁଛି କିପରି !' ସେତେବେଳେ ତାକୁ କହିଲି, 'ଶଳା, ତୁ ମୋର ଅବିଶ୍ୱାସ ଆଣି ଦେଉଥିଲୁ, ତୁ ଆଉ ଆସିବୁ ନାହିଁ ।'

## ଠାକୁର ଶ୍ରୀରାମକୃଷ୍ଣ—ଶାସ୍ତ୍ର ଓ ଈଶ୍ୱରଙ୍କ ବାଣୀ

ପୁଣି ବିଚାର ହେବାକୁ ଲାଗିଲା । ନରେନ୍ଦ୍ର ବିଚାର କରୁଛନ୍ତି ! ନରେନ୍ଦ୍ରଙ୍କର ବୟସ ବର୍ତ୍ତମାନ ୨୨ ବର୍ଷ ଚାରିମାସ ହେବ ।

ନରେନ୍ଦ୍ର (ଗିରିଶ, ମାଷ୍ଟର ପ୍ରଭୃତିଙ୍କୁ)—ଶାସ୍ତ୍ରକୁ ବା କିପରି ବିଶ୍ୱାସ କରିବି ! ମହାନିର୍ବାଣ ତନ୍ତ୍ରରେ ଗୋଟିଏ ଜାଗାରେ ରହିଛି, ବ୍ରହ୍ମଜ୍ଞାନ ନ ହେଲେ ନରକ ହେବ । ପୁଣି ରହିଛି ପାର୍ବତୀଙ୍କର ଉପାସନା ବ୍ୟତୀତ ଅନ୍ୟ ଉପାୟ ନାହିଁ ! ମନୁସଂହିତାରେ ମନୁ ଲେଖିଅଛନ୍ତି ମନୁଙ୍କର କଥା ! ମୋଜେସ୍ ଲେଖିଅଛନ୍ତି ପେଣ୍ଟାଟିଉକ୍—ତାଙ୍କ ନିଜର ମୃତ୍ୟୁ ବର୍ଣ୍ଣନା ।

''ସାଂଖ୍ୟଦର୍ଶନ କହୁଛି, 'ଈଶ୍ୱରାସିଦ୍ଧେଃ—ଈଶ୍ୱର ଅଛନ୍ତି, ଏହା ପ୍ରମାଣ କରାଯାଇ ପାରେ ନାହିଁ । ପୁଣି କହୁଛି ବେଦ ମାନିବାକୁ ହେବ, ବେଦ ନିତ୍ୟ ।''

''ଏସବୁ ନାହିଁ ବୋଲି ମୁଁ କହୁନାହିଁ । ବୁଝିପାରୁ ନାହିଁ, ବୁଝାଇ ଦିଅନ୍ତୁ ! ଯାହାର ମନକୁ ଯାହା ଆସିଛି, ସେ ଶାସ୍ତ୍ରର ଅର୍ଥ ସେହିପରି କରିଛି । ବର୍ତ୍ତମାନ କେଉଁଟା ଗ୍ରହଣ କରିବି? ଧଳା ଆଲୁଅ ନାଲି କାଚ ଭିତର ଦେଇ ଆସିଲେ ନାଲିଆ ଦେଖାଯାଏ, ନୀଳ କାଚ ଦେଇ ଆସିଲେ ନୀଳ ଦେଖାଯାଏ ।''

ଜଣେ ଭକ୍ତ—ଗୀତା ଭଗବାନ କହିଛନ୍ତି ।

ଶ୍ରୀରାମକୃଷ୍ଣ—ଗୀତା ସବୁ ଶାସ୍ତ୍ରର ସାର । ସନ୍ନ୍ୟାସୀ ପାଖରେ ଆଉ କିଛି ନ ଥାଉ, ଖଣ୍ଡିଏ ଛୋଟ ଗୀତା ନିଶ୍ଚୟ ଥିବ ।

ଜଣେ ଭକ୍ତ—ଗୀତା ଶ୍ରୀକୃଷ୍ଣ କହିଛନ୍ତି !

ନରେନ୍ଦ୍ର– ଶ୍ରୀକୃଷ୍ଣ କହିଛନ୍ତି ନା ଇଏ କହିଛନ୍ତି ।

ଠାକୁର ଶ୍ରୀରାମକୃଷ୍ଣ ଅବାକ୍ ହୋଇ ନରେନ୍ଦ୍ରଙ୍କ କଥା ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ—ଏସବୁ ବେଶ୍ କଥା ହେଉଛି ।

ଶାସ୍ତ୍ରର ଦୁଇ ପ୍ରକାର ଅର୍ଥ—ଶବ୍ଦାର୍ଥ ଓ ମର୍ମାର୍ଥ । ମର୍ମାର୍ଥ ଟିକକ ନେବାକୁ ହୁଏ, ଯେଉଁ ଅର୍ଥ ଈଶ୍ୱରଙ୍କ କଥା ସହିତ ମିଶେ । ଚିଠିର କଥା, ଆଉ ଯେଉଁ ବ୍ୟକ୍ତି ଚିଠି ଲେଖିଛି ତାହାର ମୁଖର କଥା—ବହୁତ ତଫାତ୍ । ଶାସ୍ତ୍ର ହେଉଛି ଚିଠିର କଥା, ଈଶ୍ୱରଙ୍କର ବାଣୀ ମୁଖର କଥା । ମୁଁ ମାଆଙ୍କ ମୁଖର କଥା ସହିତ ନ ମିଶିଲେ କିଛି ଗ୍ରହଣ କରେ ନାହିଁ ।''

ପୁଣି ଅବତାରଙ୍କ କଥା ଉଠିଲା ।

ନରେନ୍ଦ୍ର—ଈଶ୍ୱରଙ୍କଠାରେ ବିଶ୍ୱାସ ରହିଲେ ହେଲା । ସେ କେଉଁଠାରେ ଝୁଲୁଛନ୍ତି ବା କଅଣ କରୁଛନ୍ତି ଏସବୁ ମୋର ଦରକାର ନାହିଁ । ଅନନ୍ତ ବ୍ରହ୍ମାଣ୍ଡ । ଅନନ୍ତ ଅବତାର ।

'ଅନନ୍ତ ବ୍ରହ୍ମାଣ୍ଡ' 'ଅନନ୍ତ ଅବତାର' ଶୁଣି ଶ୍ରୀରାମକୃଷ୍ଣ ହାତ ଜୋଡ଼ି ନମସ୍କାର କଲେ ଓ କହିଲେ 'ଆହା !'

ମଣି ଭବନାଥଙ୍କୁ କିଛି କହୁଛନ୍ତି ।

ଭବନାଥ—ଏ କହନ୍ତି, 'ହାତୀ ଯେତେବେଳେ ଦେଖିନାହିଁ, ସେତେବେଳେ ସେ ଛୁଞ୍ଚି ଭିତରେ ଗଳିପାରେ କି ନାହିଁ କିପରି ଜାଣିବି ? ଈଶ୍ୱରଙ୍କୁ ତ ଜାଣେ ନାହିଁ; ତେଣୁ ସେ ମନୁଷ୍ୟ ରୂପରେ ଅବତାର ହୋଇପାରନ୍ତି କି ନାହିଁ ବିଚାରଦ୍ୱାରା କିପରି ବୁଝିବି ?'

ଶ୍ରୀରାମକୃଷ୍ଣ—ସବୁ ସମ୍ଭବ । ସେ ଭେଳିକି ଲଗାଇ ଦିଅନ୍ତି । ବାଜିକର ବେକରେ ଛୁରି ପୂରାଇ ଦିଏ, ପୁଣି ବାହାର କରି ଆଣେ । ଇଟା ପଥର ଗିଳିଦିଏ ।

## (୩)

## ଶ୍ରୀରାମକୃଷ୍ଣ ଓ କର୍ମ—ତାଙ୍କର ବ୍ରହ୍ମଜ୍ଞାନର ଅବସ୍ଥା

ଭକ୍ତ—ବ୍ରାହ୍ମ ସମାଜର ଲୋକମାନେ କହନ୍ତି, ସଂସାରର କର୍ମ ଅବଶ୍ୟ କର୍ତ୍ତବ୍ୟ । ଏ କର୍ମ ତ୍ୟାଗ କଲେ ଚଳିବ ନାହିଁ ।

ଗିରିଶ—ଦେଖିଲି, ସୁଲଭ ସମାଚାରରେ ଏହିପରି ଲେଖାଯାଇଛି । କିନ୍ତୁ ଈଶ୍ୱରଙ୍କୁ

ଜାଣିବା ପାଇଁ ଯେଉଁସବୁ କର୍ମ, ତାହା କରି ହୁଏ ନାହିଁ, ପୁଣି ଅନ୍ୟ କର୍ମ !

ଶ୍ରୀରାମକୃଷ୍ଣ—ଈଷତ୍ ହସି ମାଷ୍ଟରଙ୍କ ଆଡ଼କୁ ଚାହିଁ ଆଖିଠାରି ଇଙ୍ଗିତ କଲେ, 'ସେ ଯାହା କହିଲା, ତାହା ଠିକ୍ ।'

ମାଷ୍ଟର ବୁଝିଲେ, କର୍ମକାଣ୍ଡ ଅତ୍ୟନ୍ତ କଷ୍ଟସାଧ୍ୟ ।

ପୂର୍ଣ୍ଣ ଆସିଛନ୍ତି ।

ଶ୍ରୀରାମକୃଷ୍ଣ—ତୁମକୁ କିଏ ଖବର ଦେଲା ?

ପୂର୍ଣ୍ଣ—ସାରଦା ।

ଶ୍ରୀରାମକୃଷ୍ଣ (ଉପସ୍ଥିତ ସ୍ତ୍ରୀ-ଭକ୍ତମାନଙ୍କ ପ୍ରତି)—ଆହେ, ଏହାକୁ (ପୂର୍ଣ୍ଣକୁ) କିଛି ଜଳଖିଆ ଦିଅ ।

ବର୍ତ୍ତମାନ ନରେନ୍ଦ୍ର ଗୀତ ଗାଇବେ । ଠାକୁର ଶ୍ରୀରାମକୃଷ୍ଣ ଓ ଭକ୍ତମାନେ ଶୁଣିବେ । ନରେନ୍ଦ୍ର ଗାଉଛନ୍ତି :

ଗୀତ—ପର୍ବତ ପଥରରେ,
ବ୍ୟୋମେ ଜାଗେ ରୁଦ୍ର ଉଦ୍ୟତ ତାନ ।
ଦେବ ଦେବ ମହାଦେବ, କାଳ କାଳ ମହାକାଳ,
ଧର୍ମରାଜ ଶଙ୍କର ଶିବ ତାର ହର ପାପ ।

ଗୀତ—ସୁନ୍ଦର ତୁମର ନାମ ଦୀନଶରଣ ହେ,
ଝରୁଛି ଅମୃତଧାର, ତୃପତ ଶ୍ରବଣ, ପ୍ରାଣରମଣ ହେ ।

ଗୀତ—ବିପଦ ଭୟ ବାରଣଯେ କରେ, ଆରେ ମନ
ତାଙ୍କୁ କିମ୍ବା ଡାକନା, ମିଛେ ଭ୍ରମେ ଭୁଲୁ ସଦା
ରହିଛୁ ଭବଘୋର ମଝି, ଏକି ବିଡ଼ମ୍ବନା ।
ଏ ଧନ ଜନ, ନ ରହିବ ଜାଣ, ତାଙ୍କୁ ଯେପରି ଭୁଲନା ।
ଛାଡ଼ି ଅସାର, ଭଜରେ ସାର, ଯିବରେ ତୋ ଯାତନା ।
ଏବେ ହିତ ବଚନ ଶୁଣ, ଯତନେ କରି ଧାରଣା ।
ବଦନେ ଭରି ନାମ ହରି, ସତତ କର ଘୋଷଣା ।
ଯଦି ଏ ଭବ ପାର ହେବ, ଛାଡ଼ ବିଷୟ ବାସନା ।
ସମର୍ପି ତନୁ ହୃଦୟମନ, କର ତାର ସାଧନା ।

ପଲ୍ଟୁ—ଏହି ଗୀତଟି ଗାଇବେ ?

ନରେନ୍ଦ୍ର—କେଉଁଟି ?

ପଲ୍ଟୁ—ଦେଖିଲେ ତୁମରି ସେଇ, ଅତୁଳ ପ୍ରେମ ଆନନ୍ଦେ,
କି ଭୟ ସଂସାର ଶୋକ,ଘୋର ବିପଦ ଶାସନେ ।

ନରେନ୍ଦ୍ର ସେହି ଗୀତଟି ଗାଉଛନ୍ତି—

ଦେଖିଲେ ତୁମରି ସେଇ, ଅତୁଳ ପ୍ରେମ ଆନନ୍ଦେ,
କି ଭୟ ସଂସାର ଶୋକ, ଘୋର ବିପଦ ଶାସନେ ।
ଅରୁଣ ଉଦୟେ ଅନ୍ଧାର ଯେହ୍ନେ,ଯାଏ ଜଗତ ଛାଡ଼ି ।
ସେପରି ଦେବ ତୁମରି ଜ୍ୟୋତି, ମଙ୍ଗଳମୟ ବିରାଜିଲେ ।
ଭକତ ହୃଦୟ ହୁଏ ବୀତଶୋକ, ତୁମରି ମଧୁର ସାନ୍ତ୍ୱନେ ।
ତୁମରି କରୁଣା ତୁମରି ପ୍ରେମ, ହୃଦୟେ ପ୍ରଭୁ ଭାବିଲେ ।
ଉଚ୍ଛଳେ ହୃଦୟ ନୟନେ ବାରି, ରଖିବ କିଏ ବା ନିବାରି ?
ଜୟ କରୁଣାମୟ ଜୟ କରୁଣାମୟ, ତୁମରି ପ୍ରେମ ଗାଇଲେ ।
ଯିବ ଯଦି ଯାଉ ପ୍ରାଣ, ତୁମରି କର୍ମ ସାଧନେ ।"

ମାଷ୍ଟରଙ୍କ ଅନୁରୋଧରେ ପୁଣି ଗାଉଛନ୍ତି । ମାଷ୍ଟର ଓ ଅନେକ ଭକ୍ତ ହାତ ଯୋଡ଼ି ଗୀତ ଶୁଣୁଛନ୍ତି ।

ଗୀତ— ହରି ପ୍ରେମ ଅମୃତ ପିଇ ମମ ମାନସ ମାତରେ,
ବାରେ ମାତ୍ର ଲୋଟି ଅବନୀତଳେ, ହରି ହରି ବୋଲି କାନ୍ଦିରେ ।
(ଗତି କର ବୋଲି) ।
ଗଭୀର ନିନାଦେ ହରିନାମେ ଗଗନ ଛାଅରେ ।
ନାଚ ହରିବୋଲି ଦ୍ୱିବାହୁ ତୋଳି, ହରିନାମ ବିତରରେ ।
(ଲୋକଙ୍କ ଦ୍ୱାରେ ଦ୍ୱାରେ) ।
ହରି ପ୍ରେମାନନ୍ଦ ରସେ ଦିନୁ ଦିନ ଭାସରେ
ଗାଅ ହରିନାମ, ହୁଅ ପୂର୍ଣ୍ଣକାମ ନୀଚ ବାସନା ନାଶରେ ।

ଗୀତ— ଚିନ୍ମୟ ମମ ମାନସ ହରି ଚିଦ୍‌ଘନ ନିରଞ୍ଜନ ।

ଗୀତ— ଚମତ୍କାର ଅପାର ଜଗତ ରଚନା ତୁମର ।

ଗୀତ— ଗଗନର କୋଳେ ରବିଚନ୍ଦ୍ର ଦୀପକ ଜଳେ,
ତାରକା ମଣ୍ଡଳ ଚମକେ ମୋତିରେ ।
ଧୂପ ମଳୟାନିଳ, ପବନ ଚାମର କରେ,
ସକଳ ବନରାଜି ଫୁଟନ୍ତି ଜ୍ୟୋତିରେ ।
କିପରି ଆରତି ହେ ଭବଖଣ୍ଡନ ତବ ଆରତି,
ଅନାହତ ଶବଦ ବାଜଇ ଭେରୀରେ ।

ଗୀତ— ସେଇ ଏକ ପୁରାତନ, ପୁରୁଷ ନିରଞ୍ଜନେ, ଚିତ୍ତ ସମାଧାନ କର ରେ ।

ନାରାୟଣଙ୍କର ଅନୁରୋଧରେ ପୁଣି ନରେନ୍ଦ୍ର ଗାଉଛନ୍ତି ।

ଆସ ମା ଆସ ମା ଏ ହୃଦୟ ରମା, ପରାଣ ପୁତଳି ଗୋ ।
ହୃଦୟ ଆସନେ ହୁଅ ମା ଆସୀନ, ନିରେଖେ ତୁମକୁ ଗୋ ।

ମୁହିଁ ଜନ୍ମାବଧି ତୁମ ମୁଖ ଚାହେଁ,
ଜାଣ ମା ଜନନୀ କି ଦୁଃଖ ମୁଁ ପାଏ,
ବାରେ ହୃଦୟ କମଳ ବିକଶିତ କରି,
ପ୍ରକାଶ ତହିଁରେ ମା' ଆନନ୍ଦମୟୀ ।

**ଶ୍ରୀରାମକୃଷ୍ଣ ସମାଧି-ମନ୍ଦିରରେ—ତାଙ୍କର ବ୍ରହ୍ମଜ୍ଞାନ ଅବସ୍ଥା**

ନରେନ୍ଦ୍ର ନିଜ ମନକୁ ମନ ଗୀତ ଗାଉଛନ୍ତି ।

ନିବିଡ଼ ଅନ୍ଧାରେ ମା ତୋର ଚମକେ ଅରୂପ ରାଶି
ତେଣୁ ଯୋଗୀ ଧ୍ୟାନ କରେ ହୋଇ ଗିରିଗୁହାବାସୀ ॥

ସମାଧିର ଏହି ଗୀତ ଶୁଣୁ ଶୁଣୁ ଠାକୁର ସମାଧିସ୍ଥ ହୋଇଛନ୍ତି ।

ନରେନ୍ଦ୍ର ଆଉ ଥରେ ସେହି ଗୀତଟି ଗାଉଛନ୍ତି—

ହରି ପ୍ରେମ ଅମୃତ ପିଇ ମମ ମାନସ ମାତରେ ।

ଶ୍ରୀରାମକୃଷ୍ଣ ଭାବାବିଷ୍ଟ । ଉତ୍ତରଦିଗକୁ ମୁଖ କରି କାନ୍ଥକୁ ଆଉଜି ଗୋଡ଼ ଝୁଲାଇ ତକିଆ ଉପରେ ବସିଛନ୍ତି । ଭକ୍ତମାନେ ଚାରିପଟେ ବସିଛନ୍ତି ।

ଭାବାବିଷ୍ଟ ହୋଇ ଠାକୁର ମାଆଙ୍କ ସହିତ ଏକାକୀ କଥା କହୁଛନ୍ତି । ଠାକୁର କହୁଛନ୍ତି —"ଏ ଓଳି ଖାଇସାରି ଯିବି । ତୁ ଆସିଲୁ ? ତୁ କଅଣ ବସା ଠିକ୍ କରି ଗଣ୍ଠିଲି ରଖି ଆସିଲୁ ?" ଠାକୁର କଅଣ କହୁଛନ୍ତି, ମା ତୁ କଅଣ ଆସିଲୁ ? ଠାକୁର ଆଉ ମା କଅଣ ଅଭେଦ ?

"ଏବେ ମୋତେ କାହାରିକୁ ଭଲ ଲାଗୁ ନାହିଁ ।"

"ମା, ଗୀତ କାହିଁକି ଶୁଣିବି ? ସେଥିରେ ତ ମନ କିଛିଟା ବାହରକୁ ଚାଲିଯିବ !

ଠାକୁର କ୍ରମେ କ୍ରମେ ଅଧିକ ବାହ୍ୟଜ୍ଞାନ ଲାଭ କରୁଛନ୍ତି । ଭକ୍ତମାନଙ୍କୁ ଚାହିଁ କହୁଛନ୍ତି, "ଆଗେ କଉମାଛ ଜିଆଇ ରଖିବା ଦେଖି ଆଶ୍ଚର୍ଯ୍ୟ ହେଉଥିଲି, ଭାବୁଥିଲି ମଣିଷ କିପରି ନିଷ୍ଠୁର, ଏମାନଙ୍କୁ ଶେଷରେ ହତ୍ୟା କରିବେ ! ଅବସ୍ଥା ଯେତେବେଳେ ବଦଳିଲା, ସେତେବେଳେ ଦେଖିଲି ଯେ, ଦେହଗୁଡ଼ିକ ଖୋଳ ମାତ୍ର ! ରହିଲେ ବା ଗଲେ କିଛି ଯାଏ ଆସେ ନାହିଁ ।"

ଭବନାଥ—ତେବେ ମନୁଷ୍ୟକୁ କଅଣ ହିଂସା କରାଯାଇପାରେ—ମାରି ଦିଆଯାଇ ପାରେ ?

ଶ୍ରୀରାମକୃଷ୍ଣ—ହଁ, ଏପରି ଅବସ୍ଥାରେ କରାଯାଇପାରେ ।* ଏପରି ଅବସ୍ଥା ସମସ୍ତଙ୍କର ହୁଏ ନାହିଁ । ବ୍ରହ୍ମଜ୍ଞାନର ଅବସ୍ଥା ।

ମନ ଟିକିଏ ତଳକୁ ଖସିଲେ ଭକ୍ତି ଓ ଭକ୍ତ ଭଲ ଲାଗେ ।

---

* ନ ହନ୍ୟତେ ହନ୍ୟମାନେ ଶରୀରେ । ଗୀତା, ୨ । ୨୦

''ଈଶ୍ୱରଙ୍କଠାରେ ବିଦ୍ୟା ଅବିଦ୍ୟା ଦୁଇଟିଯାକ ଅଛି । ବିଦ୍ୟା ମାୟା ଈଶ୍ୱରଙ୍କ ଆଡ଼କୁ ନେଇଯାଏ । ଅବିଦ୍ୟା ମାୟା ଈଶ୍ୱରଙ୍କଠାରୁ ମଣିଷକୁ ଅଲଗା କରିଦିଏ । ବିଦ୍ୟାର ଖେଳ ଜ୍ଞାନ, ଭକ୍ତି, ଦୟା ଓ ବୈରାଗ୍ୟ । ଏହି ସବୁକୁ ଆଶ୍ରୟ କଲେ ଈଶ୍ୱରଙ୍କ ପାଖରେ ପହଞ୍ଚ ହୁଏ ।

ଆଉ ଟିକିଏ ଉପରକୁ ଉଠିଲାମାତ୍ରେ ଈଶ୍ୱର-ବ୍ରହ୍ମଜ୍ଞାନ ! ଏହି ଅବସ୍ଥାରେ ଠିକ୍ ବୋଧ ହେଉଛି—ଠିକ ଦେଖୁଛି—ସେ ହିଁ ସବୁ ହୋଇଛନ୍ତି । ତ୍ୟାଜ୍ୟ ଓ ଗ୍ରାହ୍ୟ ରହେ ନାହିଁ ! କାହାରି ଉପରେ ରାଗି ହୁଏ ନାହିଁ !

''ଗାଡ଼ିରେ ବସି ଯାଉଛି, ଦେଖିଲି ବାରଣ୍ଡାରେ ଦୁଇଜଣ ବେଶ୍ୟା ଠିଆହୋଇଛନ୍ତି, ଦେଖିଲି **ସାକ୍ଷାତ୍ ଭଗବତୀ**—ଦେଖି ପ୍ରଣାମ କଲି ।

''ପ୍ରଥମେ ଯେତେବେଳେ ଏହି ଅବସ୍ଥା ହେଲା, ସେତେବେଳେ ମା କାଳୀଙ୍କୁ ଆଉ ପୂଜା ବା ଭୋଗ ଦେଇପାରିଲି ନାହିଁ । ହଳଧାରୀ ଆଉ ହୃଦୁ କହିଲେ, 'ଖାଜାଞ୍ଚୀ କହିଛନ୍ତି, ଭଟ୍ଟାଚାର୍ଯ୍ୟ ଭୋଗ ଦେବେ ନାହିଁ ତ ଆଉ କଅଣ କରିବେ ?' କୁବାକ୍ୟ କହିଛନ୍ତି ଶୁଣି ମୁଁ କେବଳ ହସିବାକୁ ଲାଗିଲି, ଟିକିଏ ହେଲେ କ୍ରୋଧ ଆସିଲା ନାହିଁ ।

ଏହି ବ୍ରହ୍ମଜ୍ଞାନ ଲାଭ କରିବା ପରେ ଲୀଳା ଆସ୍ୱାଦନ କରି ଆନନ୍ଦ କର । ଜଣେ ସାଧୁ ଗୋଟିଏ ସହରକୁ ଆସି ବୁଲି ବୁଲି ସହର ଦେଖୁଛନ୍ତି । ଏତିକିବେଳେ ତାଙ୍କର ଜଣେ ପରିଚିତ ସାଧୁଙ୍କ ସହିତ ଦେଖା ହେଲା । ସେ କହିଲେ, 'ତୁମେ ଯେ ଆନନ୍ଦରେ ବୁଲାବୁଲି କରୁଛ, ଗଣ୍ଠିଲି କାହିଁ ? କେହି ଚୋରି କରି ନେଇଯାଇ ନାହିଁ ତ ?' ପ୍ରଥମ ସାଧୁ କହିଲେ,

'ନା ମହାରାଜ, ଆଗେ ବସା ଠିକ୍‌କରି ଗଣ୍ଠିଲି ରଖି, ତାଲା ଦେଇ ତା'ପରେ ସହରର ରଙ୍ଗ ଦେଖି ବୁଲୁଛି ।' (ସମସ୍ତଙ୍କର ହାସ୍ୟ)

ଭବନାଥ—ଏ ଖୁବ୍ ଉଚ୍ଚ କଥା ।

ମଣି (ସ୍ୱଗତଃ)—ବ୍ରହ୍ମଜ୍ଞାନ ପରେ ଲୀଳା ଆସ୍ୱାଦନ । ସମାଧିପରେ ତଳକୁ ଓହ୍ଲାଇବା !

ଶ୍ରୀରାମକୃଷ୍ଣ (ମାଷ୍ଟାରାଦିଙ୍କ ପ୍ରତି)—ଆହେ, ବ୍ରହ୍ମଜ୍ଞାନ କଅଣ ସହଜରେ ହୁଏ ? ମନର ନାଶ ନ ହେଲେ ହୁଏ ନାହିଁ । ଗୁରୁ ଶିଷ୍ୟକୁ କହିଥିଲେ, ତୁ ମୋତେ ମନ ଦେ, ମୁଁ ତୋତେ ଜ୍ଞାନ ଦେଉଛି । ଲଙ୍ଗୁଳୀ (ତାତୋପୁରୀ) କହୁଥିଲେ, 'ଆରେ ମନକୁ ବାନ୍ଧିଦେବା ଠିକ୍ ନୁହେଁ ।'

## ଆଧ୍ୟାତ୍ମିକ ଜଗତରେ ପ୍ରାକୃତିକ ନିୟମ

ଏହି ଅବସ୍ଥାରେ କେବଳ ହରିକଥା ଭଲ ଲାଗେ, ଆଉ ଭକ୍ତସଙ୍ଗ ।

(ରାମଙ୍କ ପ୍ରତି)—''ତୁମେ ତ ଡାକ୍ତର—ଯେତେବେଳେ ଔଷଧ ରକ୍ତ ସଙ୍ଗରେ ମିଶି ଏକ ହୋଇଯିବ, ସେତେବେଳେ ସିନା କାମ ହେବ । ସେହିପରି ଏ ଅବସ୍ଥା ହେଲେ

ଅନ୍ତରେ ବାହାରେ ଈଶ୍ୱର । ସାଧକ ଦେଖେ ସେ ହିଁ ଦେହ, ମନ ,ପ୍ରାଣ ଓ ଆତ୍ମା ।''

ମଣି (ସ୍ୱଗତଃ)—Assimilation.

ଶ୍ରୀରାମକୃଷ୍ଣ—''ବ୍ରହ୍ମଜ୍ଞାନର ଅବସ୍ଥା । ମନର ନାଶ ହେଲେ ହୁଏ । ମନର ନାଶ ହେଲେ ହିଁ 'ଅହଂ' ନାଶ—ଯେଉଁଟା 'ମୁଁ' 'ମୁଁ' କରୁଛି । ଏହା ଭକ୍ତି-ପଥରେ ମଧ୍ୟ ହୁଏ, ପୁଣି ଜ୍ଞାନପଥରେ ଅର୍ଥାତ୍ ବିଚାର-ପଥରେ ମଧ୍ୟ ହୁଏ । 'ନେତି' 'ନେତି' ଅର୍ଥାତ୍ 'ଏସବୁ ମାୟା, ସ୍ୱପ୍ନବତ୍'ଏହି ବିଚାର ଜ୍ଞାନୀମାନେ କରନ୍ତି । ଏହି ଜଗତ 'ନେତି' 'ନେତି'—ମାୟା, ଯେତେବେଳେ ଜଗତ ଉଡ଼ିଗଲା, ବାକି ରହିଲେ କେତେଗୁଡ଼ିଏ ଜୀବ—'ମୁଁ' ଘଟ ମଧ୍ୟରେ ରହିଛନ୍ତି ।

''ମନେ କର ଦଶଟି ଜଳପୂର୍ଣ୍ଣ ଘଟ ରହିଛି, ସେଥିରେ ସୂର୍ଯ୍ୟର ପ୍ରତିବିମ୍ବ ପଡ଼ିଛି । କେତୋଟି ସୂର୍ଯ୍ୟ ଦେଖା ଯାଉଛି ?

ଭକ୍ତ—ଦଶଟି ପ୍ରତିବିମ୍ବ । ଆଉ ସତ୍ୟ ସୂର୍ଯ୍ୟ ତ ଗୋଟିଏ ଅଛି ।

ଶ୍ରୀରାମକୃଷ୍ଣ—''ମନେକର, ଗୋଟିଏ ଘଟ ଭାଙ୍ଗିଦେଲେ, ବର୍ତ୍ତମାନ କେତୋଟି ସୂର୍ଯ୍ୟ ଦେଖାଯିବ ?

ଭକ୍ତ—ନଅଟି, ଆଉ ସତ୍ୟ ସୂର୍ଯ୍ୟ ଗୋଟିଏ ରହିଛି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ନଅଟି ଘଟ ଭାଙ୍ଗିଦିଆଗଲା, କେତୋଟି ସୂର୍ଯ୍ୟ ଦେଖାଯିବ ?

ଭକ୍ତ—ଗୋଟିଏ ପ୍ରତିବିମ୍ବ ସୂର୍ଯ୍ୟ । ଗୋଟିଏ ସତ୍ୟ ସୂର୍ଯ୍ୟ ।

ଶ୍ରୀରାମକୃଷ୍ଣ (ଗିରିଶଙ୍କ ପ୍ରତି)—ଶେଷ ଘଟଟିକୁ ଭାଙ୍ଗିଦେଲେ କଅଣ ରହିବ ?

ଗିରଶ—ଆଜ୍ଞା, ଏହି ସତ୍ୟ ସୂର୍ଯ୍ୟ ।

ଶ୍ରୀରାମକୃଷ୍ଣ—ନା । କଅଣ ରହିବ ତାହା କଥାରେ କହିଦେବ ନାହିଁ । ଯାହା ଅଛି ତାହା ହିଁ ଅଛି । ପ୍ରତିବିମ୍ବ ସୂର୍ଯ୍ୟ ନ ଥିଲେ ସତ୍ୟ ସୂର୍ଯ୍ୟ ଅଛି ବୋଲି କିପରି ଜାଣିବ ! ସମାଧିସ୍ଥ ହେଲେ ଅହଂ-ତତ୍ତ୍ୱ ନାଶ ହୁଏ । ସମାଧିସ୍ଥ ବ୍ୟକ୍ତିର ମନ ତଳକୁ ଖସିଲେ କଅଣ ଦେଖିଛି ମୁହଁରେ କହିପାରେ ନାହିଁ ।

## (୪)

## ଶ୍ରୀରାମକୃଷ୍ଣଙ୍କର ଭକ୍ତମାନଙ୍କୁ ଆଶ୍ୱାସପ୍ରଦାନ ଓ ଅଙ୍ଗୀକାର

କେତେବେଳୁ ସନ୍ଧ୍ୟା ହେଲାଣି । ବଳରାମଙ୍କ ବୈଠକଖାନାରେ ଦୀପ ଜଳୁଛି । ଠାକୁର ଶ୍ରୀରାମକୃଷ୍ଣ ଏବେ ମଧ୍ୟ ଭାବସ୍ଥ, ଭକ୍ତଜନ ପରିବୃତ ହୋଇ ବସିଛନ୍ତି । ଭାବରେ କହୁଛନ୍ତି—

ଏଠାରେ ଆଉ କେହି ନାହାନ୍ତି; ତେଣୁ ତୁମମାନଙ୍କୁ କହୁଛି—

ଈଶ୍ୱରଙ୍କୁ ଆନ୍ତରିକ ଭାବରେ ଯେ ଜାଣିବାକୁ ଚାହିଁବ, ତାହାର ନିଶ୍ଚୟ ହେବ, ହେବ ହିଁ ହେବ । **ଯେ ବ୍ୟାକୁଳ, ଈଶ୍ୱର ବ୍ୟତୀତ ଆଉ କିଛି ଚାହେଁ ନାହିଁ, ତାହାର ନିଶ୍ଚୟ ହେବ ।**

ଯେଉଁମାନେ ଏଠାର ଲୋକ (ଅନ୍ତରଙ୍ଗ ଭକ୍ତ) ସେମାନେ ସମସ୍ତେ ଆସି ଯାଇଛନ୍ତି; ଆଉ ଏଣିକି ଯେଉଁମାନେ ଆସିବେ, ସେମାନେ ବାହାରର ଲୋକ । ସେମାନେ ମଧ୍ୟ ଏବେ ମଝିରେ ମଝିରେ ଆସିବେ । (ମା) ସେମାନଙ୍କୁ କହିଦେବେ, 'ଏପରି କର, ଏହିପରି ଭାବରେ ଈଶ୍ୱରଙ୍କୁ ଡାକ ।'

## ଈଶ୍ୱର ହିଁ ଗୁରୁ—ଜୀବର ଏକମାତ୍ର ମୁକ୍ତିର ଉପାୟ

ଈଶ୍ୱରଙ୍କ ଆଡ଼କୁ (ଜୀବର) ମନ ଯାଏ ନାହିଁ କାହିଁକି ? ଈଶ୍ୱରଙ୍କଠାରୁ ତାଙ୍କର (ମହାମାୟାଙ୍କର) ବେଶୀ ଜୋର୍ । ଜଜ୍‌ଙ୍କ ଅପେକ୍ଷା ପିଆଦାର ବେଶୀ କ୍ଷମତା । (ସମସ୍ତଙ୍କର ହସ) ।

ନାରଦଙ୍କୁ ରାମ କହିଲେ, 'ନାରଦ, ମୁଁ ତୁମ ସ୍ତବରେ ଅତ୍ୟନ୍ତ ପ୍ରସନ୍ନ ହୋଇଛି, ମୋ ପାଖରୁ କିଛି ବର ମାଗ !' ନାରଦ କହିଲେ, 'ରାମ ! ତୁମ ପାଦପଦ୍ମରେ ଯେପରି ମୋର ଶୁଦ୍ଧାଭକ୍ତି ହୁଏ, ଆଉ ଯେପରି ତୁମର ଭୁବନମୋହିନୀ ମାୟାରେ ମୁଗ୍ଧ ନ ହୁଏ ।' ରାମ କହିଲେ, 'ତଥାସ୍ତୁ, ଆଉ କିଛି ବର ମାଗ ।' ନାରଦ କହିଲେ, 'ରାମ ! ଆଉ କିଛି ବର ଦରକାର ନାହିଁ ।'

ଏହି ଭୁବନମୋହିନୀ ମାୟାରେ ସମସ୍ତେ ମୁଗ୍ଧ । ଈଶ୍ୱର ଦେହଧାରଣ କରିଛନ୍ତି, ସେ ମଧ୍ୟ ମୁଗ୍ଧ ହୁଅନ୍ତି । ରାମ ସୀତାଙ୍କ ପାଇଁ କାନ୍ଦି କାନ୍ଦି ବୁଲିଥିଲେ । ପଞ୍ଚଭୂତର ଫାନ୍ଦେ ବ୍ରହ୍ମ ବି ପଡ଼ି କାନ୍ଦେ ।

ତେବେ ଗୋଟିଏ କଥା ଅଛି—ଈଶ୍ୱର ଚାହିଁଲେ ମୁକ୍ତି ଦେଇଦିଅନ୍ତି !

ଭବନାଥ—ଗାର୍ଡ଼ (ରେଳଗାଡ଼ିର) ନିଜେ ଇଚ୍ଛା କରି ରେଳଗାଡ଼ି ଭିତରେ ନିଜକୁ ବନ୍ଦ କରେ, ପୁଣି ଇଚ୍ଛା କଲେ ଓହ୍ଲାଇ ଆସିପାରେ !

ଶ୍ରୀରାମକୃଷ୍ଣ—ଈଶ୍ୱରକୋଟି—ଯେପରି ଅବତାରାଦି, ଇଚ୍ଛା ମାତ୍ରକେ ମୁକ୍ତ ହୋଇ ପାରନ୍ତି । ଯେଉଁମାନେ ଜୀବକୋଟି ସେମାନେ ପାରନ୍ତି ନାହିଁ । ଜୀବଗଣ କାମିନୀକାଞ୍ଚନରେ ବଦ୍ଧ । ଘରର କବାଟ ଝରକା ସବୁ ସ୍କ୍ରୁଦ୍ୱାରା ଅଣ୍ଟା ଯାଇଛି, ବାହାରିବେ କିପରି ?

ଭବନାଥ (ସହାସ୍ୟ)—ଯେପରି ରେଳର (ତୃତୀୟଶ୍ରେଣୀ ଯାତ୍ରୀ), ଡବାର ଚାବି ବନ୍ଦ; ବାହାରିବାର ଉପାୟ ନାହିଁ ।

ଗିରିଶ—ଜୀବର ଯଦି ଏହିପରି ଗୋଡ଼ହାତ ବନ୍ଧା, ତେବେ ଉପାୟ କଅଣ ?

ଶ୍ରୀରାମକୃଷ୍ଣ—ତେବେ ସ୍ୱୟଂ ଈଶ୍ୱର ଯଦି ଗୁରୁରୂପରେ ମାୟାପାଶ ଛେଦନ କରିଦିଅନ୍ତି, ତାହାହେଲେ ଆଉ ଭୟ ନାହିଁ ।

ଠାକୁର କଅଣ ଇଙ୍ଗିତ କରୁଛନ୍ତି, ଯେ, ସେ ନିଜେ ଜୀବର ମାୟାପାଶ ଛେଦନ କରିବାକୁ ଦେହଧାରଣ କରି ଗୁରୁରୂପରେ ଆସିଛନ୍ତି ?

# ତ୍ରୟୋଦଶ ପରିଚ୍ଛେଦ

## (୧)

### ଶ୍ରୀରାମକୃଷ୍ଣ ରାମଙ୍କ ଗୃହରେ ଭକ୍ତମାନଙ୍କ ଗହଣରେ

ଠାକୁର ଶ୍ରୀରାମକୃଷ୍ଣ ରାମଙ୍କ ଘରକୁ ଆସିଛନ୍ତି । ତଳ ବୈଠକଖାନା ଘରେ ଠାକୁର ଭକ୍ତ ପରିବୃତ ହୋଇ ବସିଛନ୍ତି । ସହାସ୍ୟବଦନ । ଠାକୁର ଭକ୍ତମାନଙ୍କ ସହିତ ଆନନ୍ଦରେ କଥା କହୁଛନ୍ତି ।

ଆଜି ଶନିବାର, ଜ୍ୟେଷ୍ଠ ଶୁକ୍ଳା ଦଶମୀ ତିଥି । ୨୩ ମଇ, ୧୮୮୫ । ସମୟ ଅପରାହ୍ଣ ପ୍ରାୟ ୫ଟା । ଠାକୁରଙ୍କ ସମ୍ମୁଖରେ ଶ୍ରୀଯୁକ୍ତ ମହିମା ବସିଛନ୍ତି । ବାମ ପାଖରେ ମାଷ୍ଟର, ଚାରିପାଖରେ—ପଲ୍‌ଟୁ, ଭବନାଥ, ନିତ୍ୟଗୋପଳ, ହରମୋହନ । ଶ୍ରୀରାମକୃଷ୍ଣ ଆସିବାମାତ୍ରେ ଭକ୍ତମାନଙ୍କର ଖବର ନେଉଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଛୋଟ ନରେନ୍ ଆସିନାହିଁ ?

ଛୋଟ ନରେନ୍ ଟିକିଏ ପରେ ଆସି ଉପସ୍ଥିତ ହେଲେ ।

ଶ୍ରୀରାମକୃଷ୍ଣ—ସେ ଆସିନାହିଁ ?

ମାଷ୍ଟର—ଆଜ୍ଞା ?

ଶ୍ରୀରାମକୃଷ୍ଣ— କିଶୋରୀ ?— ଗିରିଶ ଘୋଷ ଆସିବ ନାହିଁ ?—ନରେନ୍ଦ୍ର ଆସିବ ନାହିଁ ?

ନରେନ୍ଦ୍ର ଟିକିଏ ପରେ ଆସି ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—କେଦାର (ଚାଟାର୍ଜି) ଥିଲେ ଭଲ ହୋଇଥାଆନ୍ତା ! ଗିରିଶ ଘୋଷଙ୍କ ସହିତ ଭଲ ମେଳ । (ମହିମାଙ୍କ ପ୍ରତି ସହାସ୍ୟ) ସେ ମଧ୍ୟ ଏହି କଥା କହେ (ଅବତାର ବୋଲି କହେ) ।

ଘରେ ସଂକୀର୍ତ୍ତନ ହେବାର ଆୟୋଜନ ହୋଇଛି । କୀର୍ତ୍ତନିୟାମାନେ ବଦ୍ଧାଞ୍ଜଳି ହୋଇ ଠାକୁରଙ୍କୁ କହୁଛନ୍ତି, 'ଅନୁମତି ଦେଲେ ସଙ୍ଗୀତ ଆରମ୍ଭ ହେବ ।'

ଠାକୁର କହୁଛନ୍ତି, ଟିକିଏ ପାଣି ପିଇବି ।

ପାଣି ପିଇ ବଟୁଆରୁ ଟିକିଏ ମସଲା ନେଲେ । ମାଷ୍ଟରଙ୍କୁ ବଟୁଆଟି ବନ୍ଦ କରିବାକୁ କହିଲେ ।

ସଂକୀର୍ତ୍ତନ ହେଲା । ଖୋଳ ଶବ୍ଦରେ ଠାକୁରଙ୍କର ଭାବାବସ୍ଥା ହେଉଛି । ଗୌରଚନ୍ଦ୍ରିକା ଶୁଣୁ ଶୁଣୁ ଏକାବେଳକେ ସମାଧିସ୍ଥ । ପାଖରେ ନିତ୍ୟଗୋପାଳ ଥିଲେ, ତାଙ୍କ କୋଳ ଉପରେ ଗୋଡ଼ ଲମ୍ବାଇ ରଖିଲେ । ନିତ୍ୟଗୋପାଳ ମଧ୍ୟ ଭାବରେ କାନ୍ଦୁଛନ୍ତି । ଭକ୍ତମାନେ ସମସ୍ତେ ଅବାକ୍ ହୋଇ ସେହି ସମାଧି ଅବସ୍ଥା ଏକଦୃଷ୍ଟିରେ ଦେଖୁଛନ୍ତି ।

[Yoga, Subjective and Objective, Indentity of God (the Absolute) the soul and the cosmos (ଜଗତ) ]

ଠାକୁର ଟିକିଏ ପ୍ରକୃତିସ୍ଥ ହୋଇ କଥା କହୁଛନ୍ତି—''ନିତ୍ୟରୁ ଲୀଳା, ଲୀଳାରୁ ନିତ୍ୟ । (ନିତ୍ୟଗୋପାଳ ପ୍ରତି) ତୋର ଭାବ କଅଣ ?

ନିତ୍ୟ (ବିନୀତ ଭାବରେ)—ଦୁଇଟିଯାକ ଭଲ ।

ଶ୍ରୀରାମକୃଷ୍ଣ ଆଖି ବୁଜି କହୁଛନ୍ତି—''କେବଳ କଅଣ ଏତିକି ? ଆଖି ବୁଜିଲେ ସେ ଅଛନ୍ତି ଆଉ ଆଖି ଖୋଲିଲେ ନାହାନ୍ତି ! ଯାହାଙ୍କର ନିତ୍ୟ, ତାଙ୍କର ହିଁ ଲୀଳା, ଯାହାଙ୍କର ଲୀଳା, ତାଙ୍କର ହିଁ ନିତ୍ୟ ।

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି)—''ବାବୁ, ତୁମକୁ ଥରେ କହେ ।''

ମହିମାଚରଣ—ଆଜ୍ଞା, ଦୁଇ ହିଁ ଈଶ୍ୱରଙ୍କର ଇଚ୍ଛା

ଶ୍ରୀରାମକୃଷ୍ଣ—କେହି ସାତ ମହଲା ଉପରକୁ ଉଠେ, ଆଉ ଓହ୍ଲାଇପାରେ ନାହିଁ, ଅନ୍ୟ କେହି ଉପର ତଳକୁ ଯିବା ଆସିବା କରିପାରେ ।

''ଉଦ୍ଧବ ଗୋପୀମାନଙ୍କୁ କହିଥିଲେ, ତୁମେମାନେ ଯାହାଙ୍କୁ ତୁମର କୃଷ୍ଣ ବୋଲି କହୁଛ, ସେ ସର୍ବଭୂତରେ ଅଛନ୍ତି, ସେ ହିଁ ଜୀବଜଗତ ହୋଇ ରହିଛନ୍ତି ।

''ତେଣୁ କହୁଛି, ଆଖି ବୁଝିଲେ ଧ୍ୟାନ, ଆଉ ଆଖି ଖୋଲିଲେ କିଛି ନାହିଁ ?''

ମହିମା—ଗୋଟିଏ ପ୍ରଶ୍ନ ଅଛି ।

ଭକ୍ତର ମଧ୍ୟ କୌଣସି ଗୋଟିଏ ସମୟରେ ନିର୍ବାଣର ଆବଶ୍ୟକତା ଅଛି କି ନାହିଁ ?

## ପୂର୍ବ କଥା—ତୋତାପୁରୀଙ୍କର କ୍ରନ୍ଦନ—ନିର୍ବାଣ କଅଣ ଜୀବନର ଶେଷ କଥା

ଶ୍ରୀରାମକୃଷ୍ଣ—ନିର୍ବାଣ ଯେ ଦରକାର ଏପରି କିଛି କଥା ନାହିଁ । ଏପରି ମଧ୍ୟ ଅଛି ଯେ, କୃଷ୍ଣ ମଧ୍ୟ ନିତ୍ୟ ଓ ଭକ୍ତ ମଧ୍ୟ ନିତ୍ୟ । **ଚିନ୍ମୟ ଶ୍ୟାମ, ଚିନ୍ମୟ ଧାମ ।**

''ଯେପରି ଚନ୍ଦ୍ର ଯେଉଁଠାରେ, ତାରାଗଣ ମଧ୍ୟ ସେହିଠାରେ । ନିତ୍ୟକୃଷ୍ଣ ନିତ୍ୟଭକ୍ତ । ତୁମେ ତ କହ, ଅନ୍ତର୍ବହିର୍ଯଦିହରିସ୍ତପସା ତତଃ କିମ୍—ଆଉ ତୁମକୁ ତ କହିଛି ଯେ ବିଷ୍ଣୁ ଅଂଶରେ ଭକ୍ତିର ବୀଜ ଯାଏ ନାହିଁ । ମୁଁ ଜଣେ ଜ୍ଞାନୀଙ୍କ ପାଲରେ ପଡ଼ିଥିଲି, ସେ ଏଗାର ମାସ ବେଦାନ୍ତ ଶୁଣାଇଲେ । କିନ୍ତୁ ଭକ୍ତିର ବୀଜ ଗଲା ନାହିଁ । ଘୂରି ଘୂରି ସେହି 'ମା ! ମା !' ଯେତେବେଳେ ଗୀତ ଗାଉଥିଲି, ଲଙ୍ଗୁଳୀ (ତୋତାପୁରୀ) କାନ୍ଦୁଥିଲା, କହୁଥିଲା—'ଆରେ କ୍ୟାରେ !' ଦେଖ, ଏତେ ବଡ଼ ଜ୍ଞାନୀ କାନ୍ଦି ପକାଉଥିଲା । (ଛୋଟ ନରେନ୍ ପ୍ରଭୃତିଙ୍କ ପ୍ରତି) ଏଇଟି ଜାଣି ରଖ—ଗୋଟିଏ ପ୍ରକାର ଲତାର ପାଣି ପେଟକୁ ଗଲେ ଗଛ ହୁଏ । ଭକ୍ତିର ବୀଜ ଥରେ ପଡ଼ିଲେ ଅବ୍ୟର୍ଥ ହୁଏ, କ୍ରମେ ଗଛ ଫଳ ଫୁଲ ଦେଖାଦେବ ।

''ମୂଷଳଂ କୁଳନାଶନମ୍ ।' ମୂଷଳ ବହୁତ ଘଷା ହେଲା, କ୍ଷୟ ହୋଇ ହୋଇ ସାମାନ୍ୟ ଟିକିଏ ରହିଲା । ସେହି ଟିକକରେ ହିଁ ଯଦୁବଂଶ ଧ୍ୱଂସ ହୋଇଥିଲା । ହଜାର ଜ୍ଞାନ

ବିଚାର କର, ଭିତରେ ଭକ୍ତିର ବୀଜ ଥିଲେ ପୁଣି ତୁଲି ତୁଲି—ହରି ହରି ହରିବୋଲ ।''

ଭକ୍ତମାନେ ଚୁପ୍ ହୋଇ ଶୁଣୁଛନ୍ତି । ଠାକୁର ହସି ହସି ମହିମାଚରଣଙ୍କୁ କହୁଛନ୍ତି, ଆପଣଙ୍କୁ କଅଣ ଭଲ ଲାଗେ ?

ମହିମା (ସହାସ୍ୟ)—କିଛି ନୁହେଁ, ଆମ୍ବ ଭଲ ଲାଗେ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—କଅଣ ଏକା ଏକା ? ନିଜେ ଖାଇବ ନା, ସମସ୍ତଙ୍କୁ ମଧ୍ୟ ଟିକିଏ ଟିକିଏ ଦେବ ?

ମହିମା (ସହାସ୍ୟ)—ଦେବାକୁ ଏତେ ଇଚ୍ଛା ନାହିଁ, ଏକା ହେଲେ ବି ଚଳିବ ।

## ଶ୍ରୀରାମକୃଷ୍ଣଙ୍କର ଠିକ୍ ଭାବ

ଶ୍ରୀରାମକୃଷ୍ଣ—କିନ୍ତୁ ମୋର ଭାବ କଅଣ ଜାଣ ? ଆଖି ଖୋଲିଲେ କଅଣ ସେ ଆଉ ନାହାନ୍ତି ? ମୁଁ ନିତ୍ୟ ଓ ଲୀଳା ଦୁଇଟିଯାକ ନିଏ । ତାଙ୍କୁ ଲାଭ କଲେ ଜଣାଯାଏ ଯେ ସେ ହିଁ ସ୍ୱରାଟ, ସେ ହିଁ ବିରାଟ । ସେ ହିଁ ଅଖଣ୍ଡ ସଚ୍ଚିଦାନନ୍ଦ, ପୁଣି ସେ ହିଁ ଜୀବ ଜଗତ ହୋଇଛନ୍ତି ।

## କେବଳ ଶାସ୍ତ୍ରଜ୍ଞାନ ମିଥ୍ୟା—ସାଧନ କଲେ ପ୍ରତ୍ୟକ୍ଷ ଜ୍ଞାନ ହୁଏ

''ସାଧନା ଦରକାର, ଖାଲି ଶାସ୍ତ୍ର ପଢ଼ିଲେ ହୁଏ ନାହିଁ । ବିଦ୍ୟାସାଗରଙ୍କୁ ଦେଖିଲି, ସେ ବହୁତ ପଢ଼ିଛନ୍ତି, କିନ୍ତୁ ଅନ୍ତରରେ କଅଣ ଅଛି ଦେଖି ନାହାନ୍ତି । ପିଲାମାନଙ୍କୁ ଲେଖାପଢ଼ା ଶିଖାଇ ଆନନ୍ଦ । ଭଗବତ୍-ଆନନ୍ଦର ଆସ୍ୱାଦ ପାଇ ନାହାନ୍ତି । ଖାଲି ପଢ଼ିଲେ କଅଣ ହେବ ? ଧାରଣା କାହିଁ ? ପାଞ୍ଜିରେ ଲେଖା ଅଛି, ଏତେ ଭାଗ ପାଣି, କିନ୍ତୁ ପାଞ୍ଜିକୁ ଚିପୁଡ଼ିଲେ ଟୋପାଏ ହେଲେ ପଡ଼େ ନାହିଁ !''

ମହିମା—ସଂସାରରେ ବହୁତ କାମ, ସାଧନ ପାଇଁ ସମୟ କାହିଁ ?

ଶ୍ରୀରାମକୃଷ୍ଣ—କାହିଁକି, ତୁମେ ପରା କହ ସବୁ ସ୍ୱପ୍ନବତ୍ ?

''ଆଗରେ ସମୁଦ୍ର ଦେଖି ଲକ୍ଷ୍ମଣ ଧନୁଶର ହାତରେ ଧରି କ୍ରୋଧରେ କହିଥିଲେ, ମୁଁ ବରୁଣଙ୍କୁ ବଧ କରିବି, ଏହି ସମୁଦ୍ର ଆମକୁ ଲଙ୍କା ଯିବାକୁ ଦେଉ ନାହିଁ ।' ରାମ ବୁଝାଇଲେ, 'ଲକ୍ଷ୍ମଣ ଏସବୁ ଯାହା କିଛି ଦେଖୁଛ ସମସ୍ତ ସ୍ୱପ୍ନବତ୍, ଅନିତ୍ୟ, ସମୁଦ୍ର ମଧ୍ୟ ଅନିତ୍ୟ— ତୁମର କ୍ରୋଧ ମଧ୍ୟ ଅନିତ୍ୟ । ମିଥ୍ୟାକୁ ମିଥ୍ୟା ଦ୍ୱାରା ବଧ କରିବା ମଧ୍ୟ ମିଥ୍ୟା ।''

ମହିମାଚରଣ ଚୁପ୍ ରହିଲେ ।

## କର୍ମଯୋଗ ନା ଭକ୍ତିଯୋଗ ? ସଦ୍‌ଗୁରୁ କିଏ ?

ମହିମାଚରଣଙ୍କର ସଂସାରରେ ବହୁତ କାମ । ସେ ପୁଣି ଗୋଟିଏ ନୂଆ ସ୍କୁଲ କରିଛନ୍ତି —ପରୋପକାର ପାଇଁ ।

ଠାକୁର ଶ୍ରୀରାମକୃଷ୍ଣ ପୁଣି କଥା କହୁଛନ୍ତି—

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି)—ଶମ୍ଭୁ କହିଲା, 'ମୋର ଇଚ୍ଛା ଯେ, ଏହି ଟଙ୍କାଗୁଡ଼ାକ ସତ୍‌କାର୍ଯ୍ୟରେ ବ୍ୟୟ କରିବି; ସ୍କୁଲ ଡିସ୍‌ପେନସାରୀ କରିଦେବି, ରାସ୍ତା ଘାଟ କରିଦେବି ।' ମୁଁ କହିଲି, 'ନିଷ୍କାମ ଭାବରେ କରିପାର ତ ଭଲ, କିନ୍ତୁ ନିଷ୍କାମ କର୍ମ କରିବା ଅତ୍ୟନ୍ତ କଠିନ; କେଉଁବାଟେ କାମନା ଆସିଯାଏ ! ତେବେ ଗୋଟିଏ କଥା ତୁମକୁ ପଚାରୁଛି, ଯଦି ଈଶ୍ୱର ଦେଖା ଦିଅନ୍ତି, ତାହାହେଲେ ତୁମେ ତାଙ୍କୁ କଅଣ କେତେଗୁଡ଼ିଏ ସ୍କୁଲ, ଡିସ୍‌ପେନସାରୀ, ହାସପାତାଳ ଏହି ସବୁ ମାଗିବ ?'

ଜଣେ ଭକ୍ତ—ଆଜ୍ଞା ! ସଂସାରୀମାନଙ୍କର କଅଣ ଉପାୟ ?

ଶ୍ରୀରାମକୃଷ୍ଣ—ସାଧୁସଙ୍ଗ, ଈଶ୍ୱରୀୟ କଥା ଶୁଣିବା ।

''ସଂସାରୀମାନେ ମାତାଲ ହୋଇ ରହିଛନ୍ତି, କାମିନୀକାଞ୍ଚନରେ ମତ୍ତ । ମାତାଲକୁ ଟିକିଏ ଟିକିଏ ଟିକିଏ ଚାଉଳଧୁଆ ପାଣି ପିଆଉ ପିଆଉ କ୍ରମେ କ୍ରମେ ହୋସ ଆସେ ।

''ଆଉ ସତ୍ ଗୁରୁଙ୍କ ପାଖରୁ ଉପଦେଶ ଶୁଣିବାକୁ ହୁଏ । ସତ୍-ଗୁରୁଙ୍କର ଲକ୍ଷଣ ଅଛି । ଯେଉଁ ଲୋକ କାଶୀ ଯାଇଛି ଆଉ ଦେଖିଛି, ତା'ପାଖରୁ କେବଳ କାଶୀ ବିଷୟରେ ଶୁଣିବାକୁ ହୁଏ । ଖାଲି ପଣ୍ଡିତ ହେଲେ ହୁଏ ନାହିଁ । ଯାହାର ସଂସାର ଅନିତ୍ୟ ବୋଲି ବୋଧ ହୋଇ ନାହିଁ, ସେପରି ପଣ୍ଡିତ ପାଖରୁ ଉପଦେଶ ନେବା ଉଚିତ୍ ନୁହେଁ । ପଣ୍ଡିତର ବିବେକବୈରାଗ୍ୟ ଥିଲେ ସେ ଉପଦେଶ ଦେଇପାରେ ।

''ସମାଧ୍ୟାୟୀ କହିଥିଲେ — ଈଶ୍ୱର ନୀରସ । ଯେ ରସସ୍ୱରୂପ, ତାଙ୍କୁ ନୀରସ କହିଥିଲେ । ଯେପରି ଜଣେ କହିଥିଲା, ମୋର ମାମୁଁଙ୍କ ଘରେ ଗୁହାଳେ ଘୋଡ଼ା ଅଛନ୍ତି ! (ସମସ୍ତଙ୍କର ହସ)

## ଅଜ୍ଞାନ—ମୁଁ ଓ ମୋର—ଜ୍ଞାନ ଓ ବିଜ୍ଞାନ

''ସଂସାରୀମାନେ ମାତାଲ ହୋଇ ରହିଛନ୍ତି । ସବୁବେଳେ ଭାବନ୍ତି, ମୁଁ ଏହିସବୁ କରିଛି । ଏ ଘରଦ୍ୱାର, ସ୍ତ୍ରୀ ସବୁ ମୋର ! ଦାନ୍ତ ଦେଖାଇ କହେ, 'ଏମାନଙ୍କର (ସ୍ତ୍ରୀ ଓ ପିଲାମାନଙ୍କର) କଅଣ ହେବ ! ମୁଁ ନ ଥିଲେ ଏମାନେ କିପରି ଚଳିବେ ! 'ମୋର' ସ୍ତ୍ରୀ ପିଲାପିଲିଙ୍କୁ କିଏ ଦେଖିବ ?' ରାଖାଲ କହିଲା, 'ମୋର ସ୍ତ୍ରୀର କଅଣ ହେବ !''

ହରମୋହନ—ରାଖାଲ ଏହି କଥା କହିଲେ ?

ଶ୍ରୀରାମକୃଷ୍ଣ—ଏପରି କହିବ ନାହିଁ ତ କଅଣ କରିବ ? ଯାହାର ଜ୍ଞାନ ଅଛି ତାହାର ଅଜ୍ଞାନ ମଧ୍ୟ ଅଛି । ଲକ୍ଷ୍ମଣ ରାମଙ୍କୁ କହିଲେ, 'ରାମ, କି ଆଶ୍ଚର୍ଯ୍ୟ ! ସାକ୍ଷାତ୍ ବଶିଷ୍ଠଦେବ —ତାଙ୍କର ପୁଣି ପୁତ୍ରଶୋକ ହେଲା ?' ରାମ କହିଲେ, 'ଭାଇ, ଯାହାର ଜ୍ଞାନ ଅଛି, ତାର ଅଜ୍ଞାନ ମଧ୍ୟ ଅଛି । ଭାଇ ! ଜ୍ଞାନ ଅଜ୍ଞାନର ପର ପାରିକୁ ଯାଅ ।'

''ଧର, କାହାର ପାଦରେ ଗୋଟିଏ କଣ୍ଟା ଫୁଟିଛି, ସେ ଏହି କଣ୍ଟାଟି କାଢ଼ିବା ପାଇଁ ଅନ୍ୟ ଗୋଟିଏ କଣ୍ଟା ଯୋଗାଡ଼ କରେ । ତା'ପରେ ଏ କଣ୍ଟାଦ୍ୱାରା ସେ କଣ୍ଟାଟିକୁ କାଢ଼ି

ଉଭୟ କଣ୍ଟାକୁ ଫୋପାଡ଼ି ଦିଏ ! ଅଜ୍ଞାନ-କଣ୍ଟାକୁ କାଢ଼ିବା ପାଇଁ ଜ୍ଞାନ-କଣ୍ଟା ଯୋଗାଡ଼ କରିବାକୁ ହୁଏ । ତା'ପରେ ଜ୍ଞାନ ଓ ଅଜ୍ଞାନ ଦୁଇ କଣ୍ଟାକୁ ପକାଇ ଦେଲେ, ହୁଏ ବିଜ୍ଞାନ । ଈଶ୍ୱର ଅଛନ୍ତି ଏହିଟି ବୋଧେ ବୋଧ କରି ତାଙ୍କୁ ବିଶେଷ ରୂପେ ଜାଣିବାକୁ ହୁଏ, ତାଙ୍କ ସଙ୍ଗରେ ବିଶେଷ ରୂପେ ଆଳାପ କରିବାକୁ ହୁଏ— ଏହାର ନାମ ବିଜ୍ଞାନ । ତେଣୁ ଭଗବାନ (ଶ୍ରୀକୃଷ୍ଣ) ଅର୍ଜୁନଙ୍କୁ କହିଥିଲେ—ତୁମେ ତ୍ରିଗୁଣାତୀତ ହୁଅ ।

ଏହି ବିଜ୍ଞାନ ଲାଭ କରିବା ପାଇଁ ବିଦ୍ୟାମାୟାକୁ ଆଶ୍ରୟ କରିବାକୁ ହୁଏ । ଈଶ୍ୱର ସତ୍ୟ, ଜଗତ୍ ଅନିତ୍ୟ, ଏହି ବିଚାର—ଅର୍ଥାତ୍ ବିବେକ ଓ ବୈରାଗ୍ୟ । ପୁଣି ତାଙ୍କର ନାମଗୁଣ କୀର୍ତ୍ତନ, ଧ୍ୟାନ, ସାଧୁସଙ୍ଗ, ପ୍ରାର୍ଥନା, ଏସବୁ ବିଦ୍ୟାମାୟାର ଅନ୍ତର୍ଗତ । ବିଦ୍ୟାମାୟା ହେଉଛି ଛାତକୁ ଉଠିବା ପାଇଁ ଯେପରି ଶେଷ କେତୋଟି ପାହାଚ, ଆଉ ଟିକିଏ ଉଠିଲେ ଛାତ । ଛାତକୁ ଉଠିବା ଅର୍ଥ ଈଶ୍ୱରଲାଭ ।

## ସଂସାରୀ ଲୋକ ଓ କାମିନୀକାଞ୍ଚନତ୍ୟାଗୀ ଯୁବକ

"ବିଷୟୀମାନେ ମାତାଲ ହୋଇ ରହିଛନ୍ତି—କାମିନୀ-କାଞ୍ଚନରେ ମତ୍ତ, ହୋସ୍ ନାହିଁ—ସେଥିପାଇଁ ତ ଯୁବକମାନଙ୍କୁ ଭଲ ପାଏ । ସେମାନଙ୍କ ଭିତରେ କାମିନୀ-କାଞ୍ଚନ ଏବେ ମଧ୍ୟ ପ୍ରବେଶ କରି ନାହିଁ । ଆଧାର ଭଲ, ଈଶ୍ୱରଙ୍କ କାମରେ ଲାଗିପାରନ୍ତି । ସଂସାରୀମାନଙ୍କ ଭିତରୁ କଣ୍ଟା ବାଛୁ ବାଛୁ ସବୁ ଶେଷ—ମାଛ ମିଳେ ନାହିଁ !

ଯେପରି କୁଆପଥର ମାଡ଼ ଖାଇଥିବା ଆମ୍ବ—ଗଙ୍ଗାଜଳ ଛିଞ୍ଚି ପବିତ୍ର କରିବାକୁ ହୁଏ । ଦେବସେବାରେ ପ୍ରାୟ ଲାଗେ ନାହିଁ, ବ୍ରହ୍ମଜ୍ଞାନ କରି କାଟିବାକୁ ହୁଏ—ଅର୍ଥାତ୍ ସେ ହିଁ ସମସ୍ତ ହୋଇଛନ୍ତି, ଏହିପରି ମନକୁ ବୁଝାଇବାକୁ ହୁଏ ।"

ଶ୍ରୀଯୁକ୍ତ ଅଶ୍ୱିନୀକୁମାର ଦତ୍ତ ଓ ଶ୍ରୀଯୁକ୍ତ ବିହାରୀ ଭାଦୁଡ଼ିଙ୍କ ପୁଅଙ୍କ ସଙ୍ଗରେ ଜଣେ ଥିୟୋଜଫିଷ୍ଟ ଆସିଛନ୍ତି । ମୁଖାର୍ଜୀ ଭାଇମାନେ ଆସି ଠାକୁରଙ୍କୁ ପ୍ରଣାମ କଲେ । ଅଗଣାରେ ସଂକୀର୍ତ୍ତନର ଆୟୋଜନ ହୋଇଛି । ଖୋଳ ବାଜିବାରୁ ଠାକୁର ସଙ୍ଗେ ସଙ୍ଗେ ଘରୁ ବାହାରି ଅଗଣାରେ ଯାଇ ବସିଲେ । ତାଙ୍କ ପଛେ ପଛେ ଭକ୍ତମାନେ ଯାଇ ଅଗଣାରେ ବସିଲେ ।

ଭବନାଥ ଅଶ୍ୱିନୀଙ୍କର ପରିଚୟ ଦେଉଛନ୍ତି । ଠାକୁର ମାଷ୍ଟରଙ୍କ ସହିତ ଅଶ୍ୱନୀଙ୍କର ପରିଚୟ କରାଇଦେଲେ । ଦୁଇଜଣ କଥା କହୁଛନ୍ତି, ନରେନ୍ଦ୍ର ଅଗଣାକୁ ଆସିଲେ । ଠାକୁର ଅଶ୍ୱିନୀଙ୍କୁ କହୁଛନ୍ତି, "ଏହାର ନାମ ନରେନ୍ଦ୍ର ।"

# ଚତୁର୍ଦ୍ଦଶ ପରିଚ୍ଛେଦ

## ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱରରେ କ୍ୟାପ୍‌ଟେନ୍ ଓ ନରେନ୍ଦ୍ର ପ୍ରଭୃତିଙ୍କ ଗହଣରେ

### (୧)

### ଠାକୁରଙ୍କର ଗଳରୋଗର ସୂତ୍ରପାତ

ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱରର କାଳୀ ମନ୍ଦିରରେ ସେହି ପରିଚିତ ଘରେ ବିଶ୍ରାମ କରୁଛନ୍ତି । ଆଜି ଶନିବାର, ୧୩ ଜୁନ୍ ୧୮୮୫, ଜ୍ୟୈଷ୍ଠ ଶୁକ୍ଳା ପ୍ରତିପଦ, ଜ୍ୟୈଷ୍ଠ ମାସର ସଂକ୍ରାନ୍ତି । ଅପରାହ୍ଣ ତିନିଟା । ଠାକୁର ଖାଇବାପରେ ଛୋଟ ଖଟ ଉପରେ ଟିକିଏ ବିଶ୍ରାମ କରୁଛନ୍ତି ।

ପଣ୍ଡିତଜୀ ଶପ ଉପରେ ତଳେ ବସିଛନ୍ତି । ଜଣେ ଶୋକାତୁରା ବ୍ରାହ୍ମଣୀ ଘରର ଉତ୍ତର ଦ୍ୱାର ପାଖରେ ଠିଆ ହୋଇଛନ୍ତି । କିଶୋରୀ ମଧ୍ୟ ଅଛନ୍ତି । ମାଷ୍ଟର ଆସି ପ୍ରଣାମ କଲେ । ସଙ୍ଗରେ ଦ୍ୱିଜ ପ୍ରଭୃତି ଅଛନ୍ତି । ଅଖିଳବାବୁଙ୍କର ପ୍ରତିବେଶୀ ମଧ୍ୟ ବସିଛନ୍ତି । ତାଙ୍କ ସଙ୍ଗରେ ଜଣେ ଆସାମବାସୀ ଯୁବକ ।

ଠାକୁର ଶ୍ରୀରାମକୃଷ୍ଣ ଟିକିଏ ଅସୁସ୍ଥ ଅଛନ୍ତି । ଗଳା ଦରଜ ଓ ସର୍ଦ୍ଦି ହୋଇଛି । ଗଳ ରୋଗର ଏହି ପ୍ରଥମ ସୂତ୍ରପାତ ।

ବିଶେଷ ଗରମ ଯୋଗୁ ମାଷ୍ଟରଙ୍କର ମଧ୍ୟ ଦେହ ଅସୁସ୍ଥ । ଠାକୁରଙ୍କୁ ସର୍ବଦା ଦର୍ଶନ କରିବାକୁ ଦକ୍ଷିଣେଶ୍ୱରକୁ ଆସି ପାରି ନାହାନ୍ତି ।

ଶ୍ରୀରାମକୃଷ୍ଣ—ବାଃ, ତୁମେ ଆସିଛ ! ତୁମେ ଦେଇଥିବା ବେଲଟି ଭାରୀ ଭଲ । ତୁମେ କିପରି ଅଛ ?

ମାଷ୍ଟର—ଆଜ୍ଞା, ଆଗ ଅପେକ୍ଷା ଟିକିଏ ଭଲ ଅଛି ।

ଶ୍ରୀରାମକୃଷ୍ଣ—ଭାରୀ ଗରମ ପଡ଼ିଛି । ବରଫ ଟିକିଏ ଟିକିଏ ଖାଅ । ଏହି ଗରମରୁ ମୋର ବି ଭାରୀ କଷ୍ଟ । ଗରମରେ କୁଲଫି ବରଫ ଏହିସବୁ ବେଶୀ ଖିଆ ହୋଇଥିଲା । ତେଣୁ ଗଳାରେ ଘାଆ ହୋଇଛି । ଦୁର୍ଗନ୍ଧ ବି ହେଉଛି ।

"ମାଆଙ୍କୁ କହିଛି, ମା ! ଭଲ କରିଦିଅ, ଆଉ କୁଲ୍‌ଫି ଖାଇବି ନାହିଁ ।

ତା'ପରେ ପୁଣି କହିଛି, ବରଫ ବି ଖାଇବି ନାହିଁ ।

### ଶ୍ରୀରାମକୃଷ୍ଣ ଓ ସତ୍ୟକଥା—ତାଙ୍କର ଜ୍ଞାନୀର ଓ ଭକ୍ତର ଅବସ୍ଥା

ଶ୍ରୀରାମକୃଷ୍ଣ—"ମାଆଙ୍କୁ ଯେତେବେଳେ କହିଛି 'ଖାଇବି ନାହିଁ', ଆଉ ଖାଇ ହେବ ନାହିଁ । ତଥାପି ହଠାତ୍ ଭୁଲ ହୋଇଯାଏ । କହିଥିଲି, ରବିବାର ଦିନ ମାଛ ଖାଇବି ନାହିଁ, ଏବେ ଦିନେ ଭୁଲରେ ଖାଇ ଦେଇଛି ।

"କିନ୍ତୁ ଜାଣିଶୁଣି କରିବାର ଉପାୟ ନାହିଁ । ଦିନେ ଜଣକୁ ଗଡୁ ନେଇ ଝାଉଁବଣକୁ ଯିବାକୁ କହିଲି । କିନ୍ତୁ ସେ ଝାଡ଼ା ଯାଇଥିଲା, ସେଥିପାଇଁ ଆଉ ଜଣେ ନେଇ ଆସିଥିଲା । ମୁଁ ଝାଡ଼ା ଫେରି ଆସି ଦେଖିଲି ଯେ, ଆଉ ଜଣେ ଗଡୁ ଧରି ଠିଆ ହୋଇଛି । ସେହି ଗଡୁର ପାଣି ବ୍ୟବହାର କରିପାରିଲି ନାହିଁ । ପ୍ରଥମ ଜଣକ ଆସି ପାଣି ନ ଦେବା ପର୍ଯ୍ୟନ୍ତ ହାତରେ ମାଟି ଲଗାଇ ଠିଆ ହୋଇ ଅପେକ୍ଷା କଲି । କଅଣ କରିବି ?

"ଯେତେବେଳେ ସବୁ ତ୍ୟାଗ କରିବାକୁ ଲାଗିଲି, ସେତେବେଳେ 'ମା'ଙ୍କ ପାଦପଦ୍ମରେ ଫୁଲ ଦେଇ କହିଲି, 'ମା ! ଏଇ ନିଅ ତୁମର ଶୁଚି, ଏଇ ନିଅ ତୁମର ଅଶୁଚି, ଏଇ ନିଅ ତୁମର ଧର୍ମ, ଏଇ ନିଅ ତୁମର ଅଧର୍ମ, ଏଇ ନିଅ ତୁମର ପାପ, ଏଇ ନିଅ ତୁମର ପୁଣ୍ୟ, ଏଇ ନିଅ ତୁମର ଭଲ, ଏଇ ନିଅ ତୁମର ମନ୍ଦ—ମୋତେ ଶୁଦ୍ଧାଭକ୍ତି ଦିଅ ।' କିନ୍ତୁ ଏ କଥା କହିପାରିଲି ନାହିଁ ଯେ—ଏଇ ନିଅ ତୁମର ସତ୍ୟ, ଏଇ ନିଅ ତୁମର ମିଥ୍ୟା ।

ଜଣେ ଭକ୍ତ ବରଫ ଆଣିଛନ୍ତି । ଠାକୁର ବାରମ୍ବାର ମାଷ୍ଟରଙ୍କୁ ପଚାରୁଛନ୍ତି, "ହଇହେ, କଅଣ ଖାଇବି ?"

ଶ୍ରୀରାମକୃଷ୍ଣ ଅବଶେଷରେ ଆଉ ବରଫ ଖାଇଲେ ନାହିଁ ।

ମାଷ୍ଟର ବିନୀତ ଭାବରେ କହୁଛନ୍ତି, "ଆଜ୍ଞା, ତେବେ ମାଆଙ୍କ ସଙ୍ଗରେ ପରାମର୍ଶ ନ କରି ଖାଆନ୍ତୁ ନାହିଁ ।"

ଶ୍ରୀରାମକୃଷ୍ଣ—ଶୁଚି ଅଶୁଚି—ଏହା ଭକ୍ତି ଓ ଭକ୍ତଙ୍କ ପାଇଁ । ଜ୍ଞାନୀ ପାଇଁ ନୁହେଁ । ବିଜୟଙ୍କର ଶାଶୁ କହିଲେ, 'କାହିଁ ମୋର ଆଉ କଅଣ ହୋଇଛି ? ଏବେ ମଧ୍ୟ ସମସ୍ତଙ୍କ ହାତରୁ ଖାଇପାରୁ ନାହିଁ !' ମୁଁ କହିଲି, 'ସମସ୍ତଙ୍କ ହାତରୁ ଖାଇଲେ କଅଣ ଜ୍ଞାନ ହୁଏ ? କୁକ୍କୁର ତ ଯାହା ତାହା ଖାଏ, ସେଥିପାଇଁ କୁକୁର କଅଣ ଜ୍ଞାନୀ ?'

(ମାଷ୍ଟରଙ୍କ ପ୍ରତି) ମୁଁ ପାଞ୍ଚ ପ୍ରକାର ତରକାରୀ ଖାଏ କାହିଁକି ? କାଳେ ଏକ ବାଗିଆ ହେଲେ ଏମାନଙ୍କୁ (ଭକ୍ତମାନଙ୍କୁ) ଛାଡ଼ିବାକୁ ପଡ଼ିବ ।

କେଶବ ସେନ୍‌ଙ୍କୁ କହିଲି, 'ଆଉ ବେଶୀ ଆଗେଇଲେ ତୁମର ଦଳଫଳ ରହିବ ନାହିଁ ! ଜ୍ଞାନୀ ପାଇଁ ଦଳଫଳ ମିଥ୍ୟା—ସ୍ୱପ୍ନବତ୍ ।'

ମାଛ ଛାଡ଼ିଦେଲି । ପ୍ରଥମେ ପ୍ରଥମେ କଷ୍ଟ ହେଉଥିଲା, ପରେ ଆଉ କଷ୍ଟ ହେଲା ନାହିଁ । ଚଢ଼େଇର ବସାକୁ ଯଦି କେହି ପୋଡ଼ି ଦିଏ, ସେ ଆକାଶକୁ ଆଶ୍ରୟ କରି ଉଡ଼ି ଉଡ଼ି ବୁଲେ । ଦେହ, ଜଗତ୍—ଯଦି ଠିକ୍ ମିଥ୍ୟା ବୋଧହୁଏ, ତାହାହେଲେ ଆତ୍ମା ସମାଧିସ୍ଥ ହୁଏ ।

ଆଗେ ଏହିପରି ଜ୍ଞାନୀର ଅବସ୍ଥା ଥିଲା । ଲୋକେ ଭଲ ଲାଗନ୍ତି ନାହିଁ । ହୁଏତ ଶୁଣିଲି ହାଟଖୋଲାରେ ଅମୁକ ଜ୍ଞାନୀ କିମ୍ବା ଭକ୍ତ ଜଣେ ଅଛି; କିନ୍ତୁ କିଛିଦିନ ପରେ ଶୁଣିଲି ଯେ ସେ ଲୋକ ମରିଯାଇଛି । ସେଥିପାଇଁ ଆଉ ଲୋକ ଭଲ ଲାଗୁ ନ ଥିଲେ । ଏହାପରେ ସେ (ମା) ତଳକୁ ମନ ଖସାଇ ଆଣିଲେ, ଭକ୍ତି-ଭକ୍ତରେ ମନକୁ ରଖିଦେଲେ ।"

ମାଷ୍ଟର ଅବାକ୍, ଠାକୁରଙ୍କର ଅବସ୍ଥା ପରିବର୍ତ୍ତନର ବିଷୟ ଶୁଣୁଛନ୍ତି । ଈଶ୍ୱର ମନୁଷ୍ୟ ହୋଇ କାହିଁକି ଅବତାର ହୁଅନ୍ତି, ଏଥର ସେକଥା ଠାକୁର କହୁଛନ୍ତି ।

**ଅବତାର ବା ନରଲୀଳାର ଗୁହ୍ୟ ଅର୍ଥ—ଦ୍ୱିଜ ଓ ପୂର୍ବସଂସ୍କାର**

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—**ମନୁଷ୍ୟ ଲୀଳା କାହିଁକି ଜାଣ ?** ଏହି ମାଧ୍ୟମରେ ତାଙ୍କର କଥା ଶୁଣିବାକୁ ମିଳେ । ଏହା ଭିତରେ ତାଙ୍କର ବିଳାସ, ଏହା ଭିତରେ ସେ ରସାସ୍ୱାଦନ କରନ୍ତି ।

''ଅନ୍ୟ ସବୁ ଭକ୍ତମାନଙ୍କ ଭିତରେ ତାଙ୍କର ସାମାନ୍ୟ ପ୍ରକାଶ ! ଯେପରି ଗୋଟିଏ ଜିନିଷକୁ ବହୁତ ଶୋଷିଲେ ଟିକିଏ ରସ—ଫୁଲ ସବୁ ଶୋଷି ଶୋଷି ଏତେ ଟିକିଏ ମହୁ ! (ମାଷ୍ଟରଙ୍କ ପ୍ରତି) ତୁମେ ଏକଥାଟି ବୁଝିଛ ?

ମାଷ୍ଟର - ଆଜ୍ଞା ହଁ, ଭଲ ଭାବରେ ବୁଝିଛି ।

ଠାକୁର ଦ୍ୱିଜଙ୍କ ସହିତ କଥା କହୁଛନ୍ତି । ଦ୍ୱିଜଙ୍କ ବୟସ ୧୫।୧୬ ବର୍ଷ ହେବ । ଦ୍ୱିଜ ବାପା ଦ୍ୱିତୀୟ ବିବାହ କରିଛନ୍ତି । ଦ୍ୱିଜ ପ୍ରାୟ ମାଷ୍ଟରଙ୍କ ସହିତ ଆସନ୍ତି । ଠାକୁର ତାଙ୍କୁ ସ୍ନେହ କରନ୍ତି । ଦ୍ୱିଜ କହୁଥିଲେ, ତାଙ୍କ ବାପା ତାଙ୍କୁ ଦକ୍ଷିଣେଶ୍ୱର ଆସିବାକୁ ଛାଡ଼ନ୍ତି ନାହିଁ ।

ଶ୍ରୀରାମକୃଷ୍ଣ (ଦ୍ୱିଜଙ୍କ ପ୍ରତି)—ତୋର ଭାଇମାନେ କଅଣ ମୋତେ ଅବଜ୍ଞା କରନ୍ତି ? ଦ୍ୱିଜ ନୀରବ ।

ମାଷ୍ଟର—ଆଉ ଦୁଇ ଚାରି ଥର ସଂସାରର ଧକ୍କା ଖାଇଲେ ଯେଉଁମାନଙ୍କର ଯାହା ଅବଜ୍ଞା ଅଛି, ତାହା ଚାଲିଯିବ ।

ଶ୍ରୀରାମକୃଷ୍ଣ—ବିମାତା ରହିଛି, ଧକ୍କା ତ ଖାଉଛନ୍ତି ।

ସମସ୍ତେ ନୀରବରେ ବସିଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଏହାକୁ (ଦ୍ୱିଜକୁ) ପୂର୍ଣ୍ଣ ସହିତ ଦେଖା କରାଇ ଦିଅ ।

ମାଷ୍ଟର—ଆଜ୍ଞା ହଁ, (ଦ୍ୱିଜଙ୍କ ପ୍ରତି) ପାଣିହାଟୀ ଯାଅ ।

ଶ୍ରୀରାମକୃଷ୍ଣ—ହଁ, ସେଥିପାଇଁ ସମସ୍ତଙ୍କୁ କହୁଛି—ଆକୁ ପଠାଇଦିଅ, ତାକୁ ପଠାଇ ଦିଅ । (ମାଷ୍ଟରଙ୍କ ପ୍ରତି) ତୁମେ ଯିବ ନାହିଁ ?

ଠାକୁର ପାଣିହାଟୀ ମହୋତ୍ସବକୁ ଯିବେ । ସେଥିପାଇଁ ଭକ୍ତମାନଙ୍କୁ ସେଠାକୁ ଯିବା ପାଇଁ କହୁଛନ୍ତି ।

ମାଷ୍ଟର—ଆଜ୍ଞା, ଇଚ୍ଛା ଅଛି ।

ଶ୍ରୀରାମକୃଷ୍ଣ—ବଡ଼ ଡଙ୍ଗା ଯିବ, ଟଳମଳ ହେବ ନାହିଁ । ଗିରିଶ ଘୋଷ ଯିବ କି ନାହିଁ ?

**['ହଁ' 'ନା', "Everlasting yea– Everlasting Nay"]**

ଠାକୁର ଦ୍ୱିଜଙ୍କୁ ଏକ ଲୟରେ ଦେଖୁଛନ୍ତି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ଏତେ ପିଲା ଅଛନ୍ତି, କିନ୍ତୁ ଇଏ ବା କାହିଁକି ଆସେ ? ତୁମେ କହ ତ ! ଅବଶ୍ୟ ଆଗରୁ କିଛି ଅଛି !

ମାଷ୍ଟର—ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ—ସଂସ୍କାର । ପୂର୍ବ ଜନ୍ମରେ କର୍ମ କରାଯାଇଛି । ଶେଷ ଜନ୍ମରେ ସରଳ ହୁଅନ୍ତି । ଶେଷ ଜନ୍ମରେ ପାଗଳାମି ଭାବ ଥାଏ ।

"ତେବେ କଅଣ ଜାଣ ? ତାଙ୍କର ଇଚ୍ଛା । ତାଙ୍କ 'ହଁ'ରେ ଜଗତରେ ସବୁ ହେଉଛି, ତାଙ୍କ 'ନା'ରେ ହେବାଟା ବନ୍ଦ ହେଉଛି । ମଣିଷ ପକ୍ଷରେ ଆଶୀର୍ବାଦ କରିବା ମନା—କାହିଁକି ?

ମଣିଷର ଇଚ୍ଛାରେ କିଛି ହୁଏ ନାହିଁ, ଈଶ୍ୱରଙ୍କ ଇଚ୍ଛାରେ ହୁଏ ଏବଂ ଯାଏ !

ସେଦିନ କ୍ୟାପ୍‌ଟେନ୍ ପାଖକୁ ଗଲି । ଦେଖିଲି ରାସ୍ତାରେ ଯୁବକମାନେ ଯାଉଛନ୍ତି । ସେମାନେ ସମସ୍ତେ ଏକା ପ୍ରକାରର । ଦେଖିଲି ଉଣେଇଶ କୋଡ଼ିଏ ବର୍ଷର ଯୁବକ, ଭାଙ୍ଗ ପକାଇ ମୁଣ୍ଡ କୁଣ୍ଡାଇଛି, ପାଟିରେ ହୁଇସିଲ ମାରି ମାରି ଯାଉଛି । କେହି ନଗେନ୍ଦ୍ର, କ୍ଷୀରୋଦ ଡାକି ଡାକି ଯାଉଛି ।

ଦେଖିଲି, କେହି ଘୋର ତମୋଗୁଣୀ—ବଂଶୀ ବଜାଉଛି—ସେତିକିରେ କିଛିଟା ଅହଂକାର ହୋଇଛି ! (ଦ୍ୱିଜଙ୍କ ପ୍ରତି) ଯାହାର ଜ୍ଞାନ ହୋଇଛି, ତାହାର ପୁଣି ନିନ୍ଦାକୁ କଅଣ ଡର ? ତାର କୂଟସ୍ଥ ବୁଦ୍ଧି—କମାରର ନିହାଇ, ତା' ଉପରେ କେତେ ହାତୁଡ଼ି ପାହାର ପଡୁଛି, କିନ୍ତୁ ତାର କୌଣସି କ୍ଷତି ହେଉନାହିଁ ।

ଶ୍ରୀରାମକୃଷ୍ଣ—ମୁଁ (ଅମୁକର) ବାପକୁ ଦେଖିଲି ରାସ୍ତାରେ ଯାଉଛି ।

ମାଷ୍ଟର—ଲୋକଟି ଭାରୀ ସରଳ ।

ଶ୍ରୀରାମକୃଷ୍ଣ—କିନ୍ତୁ ଆଖି ଲାଲ୍ ।

### କ୍ୟାପ୍‌ଟେନ୍‌ଙ୍କର ଚରିତ୍ର ଓ ଶ୍ରୀରାମକୃଷ୍ଣ—ପୁରୁଷପ୍ରକୃତି ଯୋଗ

ଠାକୁର କ୍ୟାପ୍‌ଟେନ୍‌ଙ୍କ ଘରକୁ ଯାଇଥିଲେ—ସେହି କଥା କହୁଛନ୍ତି । ଯେଉଁସବୁ ପିଲାମାନେ ଠାକୁରଙ୍କ ପାଖକୁ ଆସନ୍ତି, କ୍ୟାପ୍‌ଟେନ୍ ସେମାନଙ୍କର ନିନ୍ଦା କରିଥିଲେ । ବୋଧହୁଏ ହାଜରାଙ୍କ ପାଖରୁ ସେମାନଙ୍କର ନିନ୍ଦା ଶୁଣିଥିଲେ ।

ଶ୍ରୀରାମକୃଷ୍ଣ—କ୍ୟାପ୍‌ଟେନ୍ ସହିତ କଥା ହେଉଥିଲା । ମୁଁ କହିଲି, ପୁରୁଷ ଆଉ ପ୍ରକୃତି ଛଡ଼ା ଅନ୍ୟ କିଛି ନାହିଁ । ନାରଦ କହିଥିଲେ, 'ହେ ରାମ, ଯେତେ ପୁରୁଷ, ସବୁ ତୁମର ଅଂଶ, ଆଉ ଯେତେ ସ୍ତ୍ରୀ, ସବୁ ସୀତାଙ୍କ ଅଂଶ ।'

'କ୍ୟାପ୍‌ଟେନ୍ ଭାରୀ ଖୁସୀ । କହିଲା, 'ଆପଣଙ୍କର ହିଁ ଠିକ୍ ବୋଧ ହୋଇଛି—ସବୁ ପୁରୁଷ ରାମଙ୍କ ଅଂଶରେ ରାମ, ସବୁ ସ୍ତ୍ରୀ ସୀତାଙ୍କ ଅଂଶରେ ସୀତା !'

ଏହିପରି କଥା କହିଲା, କିନ୍ତୁ ଠିକ୍ ତା' ପରେ ପରେ ପିଲାମାନଙ୍କର ନିନ୍ଦା ଆରମ୍ଭ କରିଦେଲା ! କହିଲା, 'ସେମାନେ ଇଂରାଜୀ ପଢ଼ନ୍ତି—ଯାହା ତାହା ଖାଆନ୍ତି, ସେମାନେ

ସବୁବେଳେ ତୁମ ପାଖକୁ ଯାଆନ୍ତି—ଏସବୁ ଭଲ ନୁହେଁ । ସେଥିରେ ତୁମର ଖରାପ ହୋଇପାରେ । ହାଜରା ଜଣେ ଚମତ୍କାର ଲୋକ ! ସେମାନଙ୍କୁ ଏତେ ଆସିବାକୁ ଦେବେ ନାହିଁ ।' ମୁଁ ପ୍ରଥମେ କହିଲି, 'ସେମାନେ ଆସନ୍ତି, ମୁଁ ଆଉ କଅଣ କରିବି ?'

''ତା'ପରେ ତାକୁ ଭଲଭାବରେ ଶୁଣାଇଦେଲି । ତାର ଝିଅ ହସିବାକୁ ଲାଗିଲା । କହିଲି, 'ଯେଉଁ ଲୋକର ବିଷୟ-ବୁଦ୍ଧି ଅଛି, ତାଠାରୁ ଈଶ୍ୱର ବହୁତ ଦୂରରେ । ଯାହାର ବିଷୟ ବୁଦ୍ଧି ନାହିଁ, ଭଗବାନ ସେପରି ଲୋକର ହାତମୁଠାରେ-ଅତି ନିକଟରେ ।' କ୍ୟାପ୍‌ଟେନ୍ ରାଖାଲ ସମ୍ବନ୍ଧରେ କହିଲା ଯେ, ସେ ସମସ୍ତଙ୍କ ଘରେ ଖାଏ । ବୋଧହୁଏ ହାଜରା ପାଖରୁ ଶୁଣିଛି । ସେତେବେଳେ କହିଲି, 'ଲୋକେ ହଜାର ଜପ ତପ କରନ୍ତୁ, ଯଦି ବିଷୟବୁଦ୍ଧି ଥାଏ, ତାହାହେଲେ କିଛି ହେବ ନାହିଁ, ଆଉ ଶୂକର-ମାଂସ ଖାଇ ଯଦି ଜଣେ ଈଶ୍ୱରଙ୍କଠାରେ ମନ ରଖେ, ସେ ବ୍ୟକ୍ତି ଧନ୍ୟ ! ତାହାର ନିଶ୍ଚୟ ଈଶ୍ୱରଲାଭ ହେବ । ହାଜରା ଏତେ ଜପତପ କରେ, କିନ୍ତୁ ତା' ଭିତରେ ଦଲାଲି କରିବା ଚେଷ୍ଟାରେ ଥାଏ ।'

ସେତେବେଳେ କ୍ୟାପ୍‌ଟେନ୍ କହିଲା, 'ହଁ, ତେବେ ଓ ବାତ୍ ଠିକ୍ ହ୍ୟାୟ ।' ତାପରେ ମୁଁ କହିଲି, 'ବର୍ତ୍ତମାନ ତୁମେ କହିଲ, ସବୁ ପୁରୁଷ ରାମଙ୍କ ଅଂଶରେ ରାମ ଓ ସବୁ ସ୍ତ୍ରୀ ସୀତାଙ୍କ ଅଂଶରେ ସୀତା, ପୁଣି ବର୍ତ୍ତମାନ ଏପରି କଥା କହୁଛ !'

କ୍ୟାପ୍‌ଟେନ୍ କହିଲା, ସେ କଥା ଠିକ୍ ଯେ, ତୁମେ ତ ଆଉ ସମସ୍ତଙ୍କୁ ଭଲପାଅ ନାହିଁ ।

ମୁଁ କହିଲି, 'ଆପୋ ନାରାୟଣଃ' ସବୁ ପାଣି ନାରାୟଣ, କିନ୍ତୁ କେଉଁ ପାଣି ପିଆହୁଏ, କେଉଁ ପାଣିରେ ଗାଧୁଆ ହୁଏ, କେଉଁ ପାଣିରେ ଶୌଚକାମ ହୁଏ । ତୁମର ଏହି ଯେଉଁ ସ୍ତ୍ରୀ ଓ କନ୍ୟା ବସିଛନ୍ତି, ମୁଁ ଦେଖୁଛି ସାକ୍ଷାତ୍ ଆନନ୍ଦମୟୀ ! କ୍ୟାପ୍‌ଟେନ୍ ସେତେବେଳେ କହିଲା, 'ହାଁ, ହାଁ, ଓ ଠିକ୍ ହ୍ୟାୟ !' ସେତେବେଳେ ପୁଣି ମୋର ପାଦ ଛୁଇଁବାକୁ ଆସିଲା ।

ଏହା କହି ଠାକୁର ହସିବାକୁ ଲାଗିଲେ । ଏଥର ଠାକୁର କ୍ୟାପ୍‌ଟେନ୍‌ଙ୍କର ଗୁଣ ବିଷୟରେ କହୁଛନ୍ତି ।

ଶ୍ରୀରାମକୃଷ୍ଣ—କ୍ୟାପ୍‌ଟେନ୍‌ଙ୍କର ବହୁତ ଗୁଣ । ପ୍ରତିଦିନ ନିତ୍ୟକର୍ମ—ନିଜେ ଠାକୁର ପୂଜା କରେ—କେତେ ପ୍ରକାର ସ୍ନାନ ମନ୍ତ୍ର ! କ୍ୟାପ୍‌ଟେନ୍ ଜଣେ ବଡ଼ କର୍ମୀ—ପୂଜା, ଜପ, ଆଳତି, ପାଠ ଓ ସ୍ତବ ଏସବୁ ନିତ୍ୟକର୍ମ କରେ ।

### କ୍ୟାପ୍‌ଟେନ୍ ଓ ପାଣ୍ଡିତ୍ୟ—କ୍ୟାପ୍‌ଟେନ୍ ଓ ଠାକୁରଙ୍କର ଅବସ୍ଥା

ମୁଁ କ୍ୟାପ୍‌ଟେନ୍‌କୁ ଗାଳିଦେଲି, କହିଲି, ପଢ଼ାପଢ଼ି କରି ସବୁ ଖରାପ କରିଛ । ଆଉ ପଢ଼ ନାହିଁ ।

କ୍ୟାପ୍‌ଟେନ୍ ମୋର ଅବସ୍ଥା ବିଷୟରେ କହିଲା, ଉଡ୍‌ଡୀୟମାନ ଭାବ ! ଜୀବାତ୍ମା

ଆଉ ପରମାତ୍ମା; ଜୀବାତ୍ମା ଯେପରି ଗୋଟିଏ ପକ୍ଷୀ, ଆଉ ପରମାତ୍ମା ଯେପରି ଆକାଶ —**ଚିଦାକାଶ** । କ୍ୟାପ୍‌ଟେନ୍ କହିଲା, 'ତୁମର ଜୀବାତ୍ମା ଚିଦାକାଶରେ ଉଡ଼େ—ସେଥିପାଇଁ ସମାଧି ।' (ସହାସ୍ୟ) କ୍ୟାପ୍‌ଟେନ୍ ବଙ୍ଗାଳୀମାନଙ୍କର ନିନ୍ଦା କଲା । କହିଲା, 'ବଙ୍ଗାଳୀମାନେ ନିର୍ବୋଧ ! ପାଖରେ ମାଣିକ ରହିଛି, ଚିହ୍ନିଲେ ନାହିଁ !''

## ଗୃହସ୍ଥଭକ୍ତ ଓ ଶ୍ରୀରାମକୃଷ୍ଣ—କର୍ମ କେତେ ଦିନ

କ୍ୟାପ୍‌ଟେନ୍‌ର ବାପ ଭାରୀ ଭକ୍ତ ଥିଲେ । ଇଂରେଜଙ୍କ ଫୌଜରେ ସୁବାଦାର କାମ କରୁଥିଲେ । ଯୁଦ୍ଧ କ୍ଷେତ୍ରରେ ପୂଜା କରୁଥିଲେ— ଗୋଟିଏ ହାତରେ ଶିବପୂଜା, ଅନ୍ୟ ହାତରେ ତରବାରୀ ଓ ବନ୍ଧୁକ !

(ମାଷ୍ଟରଙ୍କ ପ୍ରତି) ''ତେବେ କଅଣ ଜାଣ, ରାତିଦିନ ବିଷୟ କର୍ମ !—ଯେତେବେଳେ ଯାଏ ଦେଖେ ଯେ ସ୍ତ୍ରୀ ଓ ପିଲାମାନେ ଘେରି ରହିଛନ୍ତି ! ପୁଣି ମଝିରେ ମଝିରେ ଲୋକମାନେ ହିସାବ ଖାତା ଆଣନ୍ତି । ଥରେ ଥରେ ଈଶ୍ୱରଙ୍କ ଆଡ଼କୁ ମନ ଯାଏ ! ଯେପରି ବିକାର-ରୋଗୀ, ବିକାରର ନିଶା ଲାଗିରହିଛି, ଥରେ ଥରେ ଚେତା ପଶେ ! ସେତେବେଳେ 'ପାଣି ପିଇବି, ପାଣି ପିଇବି' ବୋଲି ଚିତ୍କାର କରେ; ପୁଣି ପାଣି ଦେବାବେଳେ ଅଜ୍ଞାନ ହୋଇଯାଏ —କିଛି ହୋସ୍ ରହେ ନାହିଁ ! ମୁଁ ତେଣୁ ତାକୁ କହିଲି—ତୁମେ କର୍ମୀ । କ୍ୟାପ୍‌ଟେନ୍ କହିଲା, 'ଆଜ୍ଞା, ମୋର ପୂଜାପୂଜି କରିବାରେ ଆନନ୍ଦ ହୁଏ—ଜୀବର କର୍ମ ଛଡ଼ା ଅନ୍ୟ ଉପାୟ ନାହିଁ ।'

''ମୁଁ କହିଲି, 'କିନ୍ତୁ ଚିରକାଳ କଅଣ କର୍ମ କରିବାକୁ ହେବ ? ମହୁମାଛି କେତେବେଳ ପର୍ଯ୍ୟନ୍ତ ଗୁଣୁ ଗୁଣୁ କରେ ? ଯେପର୍ଯ୍ୟନ୍ତ ଫୁଲରେ ବସି ନଥାଏ । ମଧୁପାନ ବେଳେ ଗୁଣୁ ଗୁଣୁ ବନ୍ଦ ହୋଇଯାଏ ।' କ୍ୟାପ୍‌ଟେନ୍ କହିଲା, 'ଆପଣଙ୍କ ପରି ଆମେ କଅଣ ପୂଜାପୂଜି ଓ ଅନ୍ୟ କର୍ମ ତ୍ୟାଗ କରିପାରିବୁ ?' ତାର କଥାରେ କିନ୍ତୁ ଠିକ୍ ନାହିଁ—କେତେବେଳେ କହେ, 'ଏସବୁ ଜଡ଼', ଆଉ କେତେବେଳେ କହେ, 'ଏସବୁ ଚୈତନ୍ୟ' । ମୁଁ କହେ, ଜଡ଼ ପୁଣି କଅଣ ? ସବୁ କିଛି ଚୈତନ୍ୟ !'

## ପୂର୍ଣ୍ଣ ଓ ମାଷ୍ଟର । ଜୋର୍ କରି ବିବାହ ଓ ଶ୍ରୀରାମକୃଷ୍ଣ

ଠାକୁର ମାଷ୍ଟରଙ୍କୁ ପୂର୍ଣ୍ଣଙ୍କ କଥା ପଚାରୁଛନ୍ତି ।

ଶ୍ରୀରାମକୃଷ୍ଣ—ପୂର୍ଣ୍ଣକୁ ଆଉ ଥରେ ଦେଖିଲେ ମୋର ବ୍ୟାକୁଳତା ଟିକିଏ କମିବ । କିପରି ବୁଦ୍ଧିମାନ ! — ମୋ ପ୍ରତି ଖୁବ୍ ଆକର୍ଷଣ; ସେ କହେ, 'ଆପଣଙ୍କୁ ଦେଖିବା ପାଇଁ ମୋ ଛାତି ଭିତରଟା କଅଣ ହୋଇଯାଏ ।' (ମାଷ୍ଟରଙ୍କ ପ୍ରତି) ''ତୁମ ସ୍କୁଲରୁ ତାକୁ କାଢ଼ି ନେଇଛନ୍ତି, ସେଥିରେ ତୁମର କଅଣ କିଛି କ୍ଷତି ହେବ ?''

ମାଷ୍ଟର— ଯଦି ସେ (ବିଦ୍ୟାସାଗର) କହନ୍ତି, 'ତୁମ ପାଇଁ ତାକୁ ସ୍କୁଲରୁ କାଢ଼ି ନେଇଗଲେ —ତାହାହେଲେ ମୋର ଉତ୍ତର ଅଛି ।'

ଶ୍ରୀରାମକୃଷ୍ଣ—କଅଣ କହିବ ?

ମାଷ୍ଟର—ଏହି କଥା କହିବି ଯେ, ସାଧୁ ସଙ୍ଗରେ ଈଶ୍ୱର-ଚିନ୍ତା ହୁଏ, ଯାହା ଆଦୌ ମନ୍ଦ କାର୍ଯ୍ୟ ନୁହେଁ; ଆଉ ଆପଣମାନେ ଯେଉଁ ବହି ପଢ଼ାଇବାକୁ ଦେଇଛନ୍ତି, ସେଥିରେ ହିଁ ଅଛି—ଈଶ୍ୱରଙ୍କୁ ପ୍ରାଣ ଦେଇ ଭଲ ପାଇବ । (ଠାକୁର ହସୁଛନ୍ତି) ।

ଶ୍ରୀରାମକୃଷ୍ଣ—କ୍ୟାପ୍‌ଟେନ୍ ଘରକୁ ଛୋଟ ନରେନ୍‌କୁ ଡାକିଲି । ପଚାରିଲି, 'ତୋ ଘର କେଉଁଠାରେ ? ଚାଲଯିବା !—ସେ କହିଲା, 'ଆସନ୍ତୁ ।' କିନ୍ତୁ ଡରି ଡରି ସାଙ୍ଗରେ ଗଲା —କାଳେ ବାପା ଜାଣିପାରିବେ । (ସମସ୍ତଙ୍କର ହସ)

(ଅଖିଳବାବୁଙ୍କର ପ୍ରତିବେଶୀଙ୍କୁ) ''ଆଚ୍ଛା, ତୁମେ ଅନେକ ଦିନରୁ ଆସି ନାହଁ ! ସାତ-ଆଠ ମାସ ହେଲାଣି ।''

ପ୍ରତିବେଶୀ—ଆଜ୍ଞା, ବର୍ଷେ ହେବ ।

ଶ୍ରୀରାମକୃଷ୍ଣ—ତୁମ ସହିତ ଆଉ ଜଣେ ବାବୁ ଆସୁଥିଲେ ।

ପ୍ରତିବେଶୀ—ଆଜ୍ଞା, ହଁ, ନୀଳମଣି ବାବୁ ।

ଶ୍ରୀରାମକୃଷ୍ଣ—ସେ କାହିଁକି ଆସୁନାହାନ୍ତି ? ଥରେ ତାଙ୍କୁ ଆସିବାକୁ କହ, ତାଙ୍କ ସହିତ ଦେଖା କରାଇ ଦିଅ । (ପ୍ରତିବେଶୀଙ୍କର ସଙ୍ଗୀ ବାଳକକୁ ଦେଖି) ଏ ପିଲାଟି କିଏ ?

ପ୍ରତିବେଶୀ—ଏ ପିଲାଟିର ଘର ଆସାମରେ ।

ଶ୍ରୀରାମକୃଷ୍ଣ—ଆସାମ କେଉଁଠାରେ ? କେଉଁ ଦିଗରେ ?

ଦ୍ୱିଜ ଆଶୁଙ୍କ କଥା କହୁଛନ୍ତି । ଆଶୁଙ୍କର ପିତା ତାଙ୍କୁ ବିବାହ ଦେବେ କିନ୍ତୁ ତାଙ୍କର ଇଚ୍ଛା ନାହିଁ ।

ଶ୍ରୀରାମକୃଷ୍ଣ—ଦେଖ, ତା'ର ଇଚ୍ଛା ନାହିଁ, ଜୋର୍ କରି ବିବାହ ଦେଉଛନ୍ତି !

ଠାକୁର ଜଣେ ଭକ୍ତଙ୍କୁ ବଡ଼ ଭାଇଙ୍କୁ ଭକ୍ତି କରିବାକୁ କହୁଛନ୍ତି—''ଜ୍ୟେଷ୍ଠ ଭାଇ ପିତା ସମ, ଖୁବ୍ ମାନିବୁ ।''

## (୨)

## ଶ୍ରୀରାମକୃଷ୍ଣ ଓ ଶ୍ରୀରାଧିକାତତ୍ତ୍ୱ—ଜନ୍ମମୃତ୍ୟୁତତ୍ତ୍ୱ

ଜଣେ ପଣ୍ଡିତ ବସିଛନ୍ତି, ସେ ଉତ୍ତର ପଶ୍ଚିମାଞ୍ଚଳର ଲୋକ ।

ଶ୍ରୀରାମକୃଷ୍ଣ (ସହାସ୍ୟ, ମାଷ୍ଟରଙ୍କ ପ୍ରତି)—ଭାଗବତର ଭାରୀ ବଡ଼ ପଣ୍ଡିତ ।

ମାଷ୍ଟର ଓ ଭକ୍ତମାନେ ପଣ୍ଡିତଜୀଙ୍କୁ ଏକ ଲୟରେ ଦେଖୁଛନ୍ତି ।

ଶ୍ରୀରାମକୃଷ୍ଣ (ପଣ୍ଡିତଙ୍କ ପ୍ରତି)—ଆଚ୍ଛା ଜୀ ! ଯୋଗମାୟା କଅଣ ?

ପଣ୍ଡିତଜୀ ଯୋଗମାୟାର ଏକ ପ୍ରକାର ବ୍ୟାଖ୍ୟା କଲେ ।

ଶ୍ରୀରାମକୃଷ୍ଣ—ରାଧିକାଙ୍କୁ କାହିଁକି ଯୋଗମାୟା କହନ୍ତି ନାହିଁ ?

ପଣ୍ଡିତଜୀ ଏହି ପ୍ରଶ୍ନର ଏକ ପ୍ରକାର ଉତ୍ତର ଦେଲେ । ସେତେବେଳେ ଠାକୁର ନିଜେ କହୁଛନ୍ତି—ରାଧିକା ବିଶୁଦ୍ଧ ସତ୍ତ୍ୱ, ପ୍ରେମମୟୀ ! ଯୋଗମାୟାଙ୍କ ଭିତରେ ତିନିଗୁଣ ଅଛି, ସତ୍ତ୍ୱ, ରଜଃ ଓ ତମଃ । ଶ୍ରୀମତୀଙ୍କ ଭିତରେ ବିଶୁଦ୍ଧ ସତ୍ତ୍ୱ ବ୍ୟତୀତ ଆଉ କିଛି ନାହିଁ । (ମାଷ୍ଟରଙ୍କ ପ୍ରତି) ନରେନ୍ଦ୍ର ଏବେ ଶ୍ରୀମତୀଙ୍କୁ ଖୁବ୍ ମାନେ, ସେ କହେ, ସଚ୍ଚିଦାନନ୍ଦଙ୍କୁ ଭଲ ପାଇବା ଯଦି ଶିଖିବାକୁ ହୁଏ, ତାହାହେଲେ ରାଧିକାଙ୍କ ପାଖରୁ ଶିଖିବାକୁ ହେବ ।

"ସଚ୍ଚିଦାନନ୍ଦ ନିଜେ ରସାସ୍ୱାଦନ କରିବା ପାଇଁ ରାଧିକାଙ୍କୁ ସୃଷ୍ଟି କରିଛନ୍ତି । ସଚ୍ଚିଦାନନ୍ଦ କୃଷ୍ଣଙ୍କ ଅଙ୍ଗରୁ ରାଧିକା ବାହାରିଛନ୍ତି । ସଚ୍ଚିଦାନନ୍ଦ କୃଷ୍ଣ ହିଁ 'ଆଧାର' ଆଉ ନିଜେ ଶ୍ରୀମତୀ ରୂପରେ 'ଆଧେୟ'—ନିଜର ରସ ଆସ୍ୱାଦନ କରିବାକୁ ଅର୍ଥାତ୍ ସଚ୍ଚିଦାନନ୍ଦଙ୍କୁ ଭଲପାଇ ଆନନ୍ଦ ସମ୍ଭୋଗ କରିବା ପାଇଁ । ତେଣୁ ବୈଷ୍ଣବ ଗ୍ରନ୍ଥରେ ଅଛି, ରାଧା ଜନ୍ମ ଗ୍ରହଣ କରି ଆଖି ଖୋଲି ନ ଥିଲେ; ଅର୍ଥାତ୍ ଏହି ଭାବ ଯେ—ଏହି ଆଖିରେ ଆଉ କାହାକୁ ଦେଖିବି ? ରାଧିକାଙ୍କୁ ଦେଖିବା ପାଇଁ ଯଶୋଦା ଯେତେବେଳେ କୃଷ୍ଣଙ୍କୁ କୋଳରେ ଧରି ଗଲେ, ସେତେବେଳେ କୃଷ୍ଣଙ୍କୁ ଦେଖିବା ପାଇଁ ରାଧା ଆଖି ଖୋଲିଲେ । କୃଷ୍ଣ ଖେଳ ଛଳରେ ରାଧାଙ୍କ ଆଖିରେ ହାତ ଦେଇଥିଲେ । (ଆସାମର ବାଳକ ପ୍ରତି) କଅଣ ଦେଖୁଛ, ଛୋଟ ପିଲା ଆଖିରେ ହାତ ଦିଏ ?

### ସଂସାରୀ ବ୍ୟକ୍ତି ଓ ଶୁଦ୍ଧାତ୍ମା ବାଳକଙ୍କର ପ୍ରଭେଦ

ପଣ୍ଡିତଜୀ ଠାକୁରଙ୍କ ପାଖରୁ ବିଦାୟ ନେଉଛନ୍ତି ।

ପଣ୍ଡିତ—ମୁଁ ଘରକୁ ଯାଉଛି ।

ଶ୍ରୀରାମକୃଷ୍ଣ (ସ୍ନେହରେ)—କିଛି ହାତରେ ହୋଇଛି ?

ପଣ୍ଡିତ—ବଜାର ବଡ଼ ମାନ୍ଦା । ରୋଜଗାର ନାହିଁ !—

ପଣ୍ଡିତଜୀ ଟିକିଏ ପରେ ଠାକୁରଙ୍କୁ ପ୍ରଣାମ କରି ବିଦାୟ ନେଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—"ଦେଖ, ବିଷୟୀ ଓ ବାଳକ ଭିତରେ କେତେ ପ୍ରଭେଦ । ଏହି ପଣ୍ଡିତ ଦିନ ରାତି ଟଙ୍କା ଟଙ୍କା ହେଉଛି । କଲିକତାକୁ ଆସିଛି, ପେଟ ପାଇଁ—ତାହା ନ ହେଲେ ଘରେ ପିଲାପିଲିଙ୍କ ପେଟ ପୂରିବ ନାହିଁ । ସେଥିପାଇଁ ବାର ଦ୍ୱାର ବୁଲିବାକୁ ହୁଏ । ମନ ଏକାଗ୍ର କରି ଈଶ୍ୱର ଚିନ୍ତା କରିବ କେତେବେଳେ ! କିନ୍ତୁ ପିଲାମାନଙ୍କ ଭିତରେ କାମିନୀ-କାଞ୍ଚନ ନାହିଁ । ଇଚ୍ଛା କଲା ମାତ୍ରେ ଈଶ୍ୱରଙ୍କଠାରେ ମନ ଦେଇପାରିବେ ।

"ପିଲାମାନେ ବିଷୟୀଙ୍କ ସଙ୍ଗ ଭଲପାଇବେ ନାହିଁ । ରାଖାଲ ବେଳେବେଳେ କହୁଥିଲା, 'ବିଷୟୀ ଲୋକକୁ ଆସିବାର ଦେଖିଲେ ଡରମାଡ଼େ ।

"ମୋର ଯେତେବେଳେ ପ୍ରଥମେ ଏହି ଅବସ୍ଥା ହେଲା, ସେତେବେଳେ ବିଷୟୀ ଲୋକ ଆସିବା ଦେଖିଲେ ଘରର ଦ୍ୱାର ବନ୍ଦ କରିଦେଉଥିଲି ।

## ପୁତ୍ରକନ୍ୟା ବିୟୋଗରେ ଶୋକ ଓ ଶ୍ରୀରାମକୃଷ୍ଣ—ପୂର୍ବକଥା

''ଗାଆଁରେ ଶ୍ରୀରାମ ମଲ୍ଲିକକୁ ଏତେ ଭଲ ପାଉଥିଲି, କିନ୍ତୁ ଏଠାକୁ ଯେତେବେଳେ ଆସିଲା, ସେତେବେଳେ ତାକୁ ଛୁଇଁପାରିଲି ନାହିଁ ।

''ଶ୍ରୀରାମ ସହିତ ପିଲାବେଳେ ଖୁବ୍ ଘନିଷ୍ଠତା ଥିଲା । ଦିନରାତି ଏକ ସାଙ୍ଗରେ ରହୁଥିଲୁ, ଏକ ସଙ୍ଗରେ ଶୋଉଥିଲୁ । ସେତେବେଳେ ଷୋଳ ସତର ବର୍ଷ ବୟସ । ଲୋକେ କହୁଥିଲେ, ଏମାନଙ୍କ ଭିତରୁ ଜଣେ ଝିଅ ହୋଇଥିଲେ ଦୁଇଜଣଙ୍କର ବିବାହ ହୁଅନ୍ତା । ତାଙ୍କ ଘରେ ଦୁଇଜଣ ଖେଳୁଥିଲୁ; ସେତେବେଳର ସବୁ କଥା ମନେ ପଡୁଛି । ତାଙ୍କର ବନ୍ଧୁବାନ୍ଧବ ସବୁ ପାଲିଙ୍କି ଚଢ଼ି ଆସୁଥିଲେ, ବେହେରାମାନେ, 'ହାଇଁଲୋ, ହାଇଁଲୋ' ଡାକ ଛାଡ଼ି ଆସୁଥିଲେ ।

''ଶ୍ରୀରାମକୁ ଦେଖିବି ବୋଲି କେତେଥର ଲୋକ ପଠାଇଛି; ଏବେ ଚାନକରେ ଦୋକାନ କରିଛି । ସେଦିନ ଆସିଥିଲା; ଏଠାରେ ଦୁଇଦିନ ଥିଲା ।

''ଶ୍ରୀରାମ କହିଲା—'କିଛି ପିଲାପିଲି ହୋଇନାହାନ୍ତି । ପୁତୁରାକୁ ମଣିଷ କରିଥିଲି, ସେ ମରିଯାଇଛି ।' କହୁ କହୁ ଶ୍ରୀରାମ ଦୀର୍ଘନିଃଶ୍ୱାସ ଛାଡ଼ିଲା, ଆଖିରେ ଲୁହ ଆସିଲା, ପୁତୁରା ପାଇଁ ଖୁବ୍ ଶୋକ ହୋଇଛି ।

ପୁଣି କହିଲା, 'ପୁଅ ନ ଥିବାରୁ ସ୍ତ୍ରୀର ଯେତେ ସ୍ନେହ ଏହି ପୁତୁରା ଉପରେ ଥିଲା, ଏବେ ସେ ଶୋକରେ ଭାଙ୍ଗି ପଡ଼ିଛି । ମୁଁ ତାକୁ କହେ, ପାଗଳୀ ! ଆଉ କାନ୍ଦିଲେ କଅଣ ହେବ ? ତୁ କାଶୀ ଯିବୁ ?'

''ସେ ନିଜ ସ୍ତ୍ରୀକୁ ପାଗଳୀ ବୋଲି କହିଲା । କିନ୍ତୁ ସେ ନିଜେ ପୁତୁରା ବିୟୋଗ ଦୁଃଖରେ —ପୂରା ତରଳି ଯାଇଛି !' ତାକୁ ଛୁଇଁପାରିଲି ନାହିଁ । ଦେଖିଲି ତା' ଭିତରେ ଆଉ କିଛି ସାର ନାହିଁ ।''

ଠାକୁର ଦୁଃଖ ସମ୍ବନ୍ଧରେ ଏହି ସମସ୍ତ କଥା କହୁଛନ୍ତି, ଏଣେ ଘରର ଉତ୍ତରପଟ କବାଟ ପାଖରେ ସେହି ଶୋକାତୁରା ବ୍ରାହ୍ମଣୀ ଠିଆ ହୋଇଛନ୍ତି । ବ୍ରାହ୍ମଣୀ ବିଧବା । ତାଙ୍କର ଏକମାତ୍ର କନ୍ୟାର ବିବାହ ଗୋଟିଏ ବଡ଼ ଘରେ ହୋଇଥିଲା । କନ୍ୟାଟିର ସ୍ୱାମୀ ରାଜା ଉପାଧିଧାରୀ—କଲିକତାନିବାସୀ—ଜମିଦାର । କନ୍ୟାଟି ଯେତେବେଳେ ବାପଘରକୁ ଆସୁଥିଲା, ସେତେବେଳେ ସଙ୍ଗରେ ସିପାହୀମାନେ ଆସୁଥିଲେ—ମାଆର ଛାତି କୁଣ୍ଢେମୋଟ ହୋଇଯାଉଥିଲା । ସେହି ଏକମାତ୍ର କନ୍ୟା କେତେଦିନ ହେଲା ଇହଲୋକ ତ୍ୟାଗ କରିଛି ।

ବ୍ରାହ୍ମଣୀ ଠିଆ ହୋଇ ପୁତୁରାର ମୃତ୍ୟୁ ଯୋଗୁ ଶ୍ରୀରାମ ମଲ୍ଲିକଙ୍କର ଶୋକ ବିଷୟ ଶୁଣିଲେ । ସେ କେତେଦିନ ଧରି ବାଗ୍‌ବଜାରରୁ ଠାକୁର ଶ୍ରୀରାମକୃଷ୍ଣଙ୍କୁ ଦର୍ଶନ କରିବାକୁ ପାଗଳପରି ଧାଇଁ ଆସୁଛନ୍ତି, ଯଦି କୌଣସି ଉପାୟରେ ମନ ଶାନ୍ତ ହୁଏ, ଠାକୁର ଯଦି ଏହି ଦୁର୍ଜ୍ଜେୟ ଶୋକ ନିବାରଣ ପାଇଁ କୌଣସି ବ୍ୟବସ୍ଥା କରିପାରନ୍ତି ! ଠାକୁର ପୁଣି କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ବ୍ରାହ୍ମଣୀ ଓ ଭକ୍ତମାନଙ୍କ ପ୍ରତି)—''ଜଣେ ଲୋକ ଆସିଥିଲା । କିଛି ସମୟ ବସିବା ପରେ କହିଲା, 'ଯାଉଛି ଥରେ ପୁଅର ଚାନ୍ଦ ମୁହଁଟି ଦେଖିଆସେ ।'

''ମୁଁ ଆଉ ରହିପାରିଲି ନାହିଁ । କହିଲି, ତେବେରେ ଶଳା ! ଉଠ୍ ଏଠୁ—ଈଶ୍ୱରଙ୍କ ଚନ୍ଦ୍ରବଦନ ଅପେକ୍ଷା ପୁଅର ଚାନ୍ଦମୁହଁ ?

## ଜନ୍ମମୃତ୍ୟୁ ତତ୍ତ୍ୱ—ବାଜୀକରର ଭେଳିକି

(ମାଷ୍ଟରଙ୍କ ପ୍ରତି)—''କଅଣ ଜାଣ, ଈଶ୍ୱର ହିଁ ସତ୍ୟ ଆଉ ସବୁ ଅନିତ୍ୟ । ଜୀବ, ଜଗତ୍, ଘରଦ୍ୱାର, ପିଲାପିଲି, ଏସବୁ ବାଜିକରର ଭେଳିକି ! ବାଜିକର କାଠି ବାଡ଼େଇ ବାଜା ବଜାଉଛି, ଆଉ କହୁଛି, 'ଲାଗ୍, ଲାଗ୍ ଲାଗ୍ !' ଢାଙ୍କୁଣୀ ଖୋଲି ଦେଖ, ପକ୍ଷୀଗୁଡ଼ିଏ ଆକାଶକୁ ଉଡ଼ିଗଲେ । କିନ୍ତୁ ବାଜିକର ହିଁ ସତ୍ୟ, ଆଉ ସବୁ ଅନିତ୍ୟ । ଏହି ଅଛି, ଏହି ନାହିଁ ।

''କୈଳାସରେ ଶିବ ବସିଛନ୍ତି, ନନ୍ଦୀ ପାଖରେ ଅଛନ୍ତି । ଏତିକିବେଳେ ଗୋଟାଏ ପ୍ରଚଣ୍ଡ ଶବ୍ଦ ହେଲା । ନନ୍ଦୀ ପଚାରିଲେ, 'ପ୍ରଭୁ ! ଏ କଅଣ ଶବ୍ଦ ହେଲା ?' ଶିବ କହିଲେ, 'ରାବଣ ଜନ୍ମଗ୍ରହଣ କଲା, ଏ ସେହି ଶବ୍ଦ ।' ଟିକିଏ ପରେ ପୁଣି ଗୋଟାଏ ଭୀଷଣ ଶବ୍ଦ ହେଲା । ନନ୍ଦୀ ପଚାରିଲେ, 'ଏଥର ଏ ଶବ୍ଦ କଅଣ ?' ଶିବ ହସି ହସି କହିଲେ, 'ଏଥର ରାବଣ ବଧ ହେଲା । ଜନ୍ମ-ମୃତ୍ୟୁ ଏସବୁ ଭେଳିକି ଭଳି । ଏଇ ଅଛି, ଏଇ ନାହିଁ ।' ଈଶ୍ୱର ହିଁ ସତ୍ୟ, ଆଉ ସବୁ ଅନିତ୍ୟ । ପାଣି ହିଁ ସତ୍ୟ, କିନ୍ତୁ ବୁଦ୍‌ବୁଦ—ଏଇ ଅଛି, ଏଇ ନାହିଁ, ପାଣିରେ ମିଳାଇଯାଏ —ଯେଉଁ ପାଣିରୁ ଉତ୍ପତ୍ତି, ସେହି ପାଣିରେ ହିଁ ଲୟ ।

''ଈଶ୍ୱର ଯେପରି ମହାସମୁଦ୍ର, ଜୀବମାନେ ଯେପରି ବୁଦ୍ ବୁଦ, ତାଙ୍କଠାରୁ ଜନ୍ମ, ତାଙ୍କଠାରେ ହିଁ ଲୟ । ପୁତ୍ର କନ୍ୟା—ଯେପରି ଗୋଟାଏ ବଡ଼ ବୁଦ୍‌ବୁଦ ସାଙ୍ଗରେ ପାଞ୍ଚ ଛଅଟା ଛୋଟ ବୁଦ୍‌ବୁଦ ।

ଈଶ୍ୱର ହିଁ ସତ୍ୟ । ତାଙ୍କଠାରେ କିପରି ଭକ୍ତି ହେବ, ତାଙ୍କୁ କିପରି ଲାଭ କରିବ, ଏବେ ସେହି ଚେଷ୍ଟା କର । ଶୋକ କରି କଅଣ ହେବ ?

ସମସ୍ତେ ଚୁପଚାପ୍ ବସିଛନ୍ତି । ବ୍ରାହ୍ମଣୀ କହିଲେ, 'ମୁଁ ତାହାହେଲେ ଆସୁଛି !'

ଶ୍ରୀରାମକୃଷ୍ଣ (ବ୍ରାହ୍ମଣୀଙ୍କ ପ୍ରତି, ସ୍ନେହରେ)—ତୁମେ ବର୍ତ୍ତମାନ ଯିବ ? ଏତେ ଖରା ! —କାହିଁକି ? ଏମାନଙ୍କ ସଙ୍ଗରେ ଗାଡ଼ିରେ ଯିବ !

ଆଜି ଜ୍ୟେଷ୍ଠ ମାସରେ ସଂକ୍ରାନ୍ତି; ଦିନ ପ୍ରାୟ ତିନିଟା କି ଚାରିଟା । ଭାରୀ ଗରମ । ଜଣେ ଭକ୍ତ ଠାକୁରଙ୍କୁ ଖଣ୍ଡିଏ ନୂଆ ଚନ୍ଦନ ପଙ୍ଖା ଆଣି ଦେଲେ । ଠାକୁର ପଙ୍ଖାଟି ପାଇ ଆନନ୍ଦିତ ହୋଇ କହିଲେ, ''ବାଃ ! ବାଃ !'' ''ଓଁଃ ତତ୍-ସତ୍ ! କାଳୀ !'' ଏହା କହି ପ୍ରଥମେ ଦେବବିଗ୍ରହମାନଙ୍କୁ ବିଞ୍ଚୁଛନ୍ତି । ତାପରେ ମାଷ୍ଟରଙ୍କୁ କହୁଛନ୍ତି, 'ଦେଖ ଦେଖ, କେମିତି ପବନ !' ମାଷ୍ଟର ମଧ୍ୟ ଆନନ୍ଦିତ ହୋଇ ଦେଖୁଛନ୍ତି ।

## (୩)
## ପାଚିଲା-ମୁଁ ବା ଦାସ-ମୁଁ

କ୍ୟାପ୍‌ଟେନ୍ ପିଲାମାନଙ୍କୁ ସଙ୍ଗରେ ଧରି ଆସିଛନ୍ତି ।

ଠାକୁର କିଶୋରୀଙ୍କୁ କହିଲେ, ''ଏମାନଙ୍କୁ ସବୁ ବୁଲାଇ ମନ୍ଦିର ଦେଖାଇ ନେଇ ଆସ ।'' ଠାକୁର କ୍ୟାପ୍‌ଟେନ୍‌ଙ୍କ ସହିତ କଥା କହୁଛନ୍ତି ।

ମାଷ୍ଟର, ଦ୍ୱିଜ ପ୍ରଭୃତି ଭକ୍ତମାନେ ତଳେ ବସିଛନ୍ତି । ଦମ୍‌ଦମ୍‌ରୁ ମାଷ୍ଟର ମଧ୍ୟ ଆସିଛନ୍ତି । ଶ୍ରୀରାମକୃଷ୍ଣ ଛୋଟ ଖଟ ଉପରେ ଉତ୍ତରମୁଖ ହୋଇ ବସିଛନ୍ତି । ସେ କ୍ୟାପ୍‌ଟେନ୍‌ଙ୍କୁ ଛୋଟ ଖଟର ଗୋଟିଏ ପାଖରେ ତାଙ୍କ ଆଗରେ ବସିବାକୁ କହିଲେ ।

ଶ୍ରୀରାମକୃଷ୍ଣ—ତୁମ କଥା ଏମାନଙ୍କୁ କହୁଥିଲି—କେତେ ଭକ୍ତି, କେତେ ପୂଜା, କେତେ ପ୍ରକାର ଆଳତି !

କ୍ୟାପ୍‌ଟେନ୍ (ସଲଜ୍ଜ ଭାବରେ)—ମୁଁ କଅଣ ପୂଜା ଆଳତି କରିବି ? ମୁଁ ଛାର କିଏ ?

ଶ୍ରୀରାମକୃଷ୍ଣ—ଯେଉଁ 'ମୁଁ' କାମିନୀ-କାଞ୍ଚନରେ ଆସକ୍ତ, ସେହି 'ମୁଁ'ରେ ଦୋଷ । ମୁଁ ଈଶ୍ୱରଙ୍କର ଦାସ, ଏ 'ମୁଁ'ରେ ଦୋଷ ନାହିଁ । ଆଉ ବାଳକର 'ମୁଁ'—ବାଳକ କୌଣସି ଗୁଣର ବଶ ନୁହେଁ । ବର୍ତ୍ତମାନ କଜିଆ କରୁଛି, କିଛି ସମୟ ପରେ ପୁଣି ସାଙ୍ଗ ! କେତେ ଯତ୍ନରେ ଖେଳ ତିଆରି କଲା, ପୁଣି ସଙ୍ଗେ ସଙ୍ଗେ ଭାଙ୍ଗିପକାଇଲା । ଦାସ 'ମୁଁ' ବାଳକ 'ମୁଁ'—ଏଥିରେ କୌଣସି ଦୋଷ ନାହିଁ । ଏ 'ମୁଁ' 'ମୁଁ' ମଧ୍ୟରେ ନୁହେଁ, ଯେପରି ମିଶ୍ରି ମିଠା ଭିତରେ ନୁହେଁ । ଅନ୍ୟ ମିଠା ଖାଇଲେ ଦେହ ଖରାପ ହୁଏ; କିନ୍ତୁ ମିଶ୍ରିରେ ବରଂ ଅମ୍ଳନାଶ ହୁଏ । ଆଉ ଯେପରି ଓଁକାର ଶବ୍ଦ ମଧ୍ୟରେ ନୁହେଁ ।

ଏହି ଅହଂଦ୍ୱାରା ସଚ୍ଚିଦାନନ୍ଦଙ୍କୁ ଭକ୍ତି ପ୍ରେମ କରାଯାଇପାରେ । ଅହଂ ତ ଯିବ ନାହିଁ —ସେଥିପାଇଁ 'ଦାସ ମୁଁ' 'ଭକ୍ତ ମୁଁ' । ତାହା ନ ହେଲେ ମନୁଷ୍ୟ କଅଣ ନେଇ ରହିବ ! ଗୋପୀମାନଙ୍କର କି ପ୍ରେମ ! (କ୍ୟାପ୍‌ଟେନ୍‌ଙ୍କ ପ୍ରତି) ତୁମେ ଗୋପୀମାନଙ୍କର କଥା କିଛି କୁହ । ତୁମେ ଏତେ ଭାଗବତ ପଢ଼ିଛ !

କ୍ୟାପ୍‌ଟେନ୍—ଯେତେବେଳେ ଶ୍ରୀକୃଷ୍ଣ ବୃନ୍ଦାବନରେ ଥିଲେ, କୌଣସି ଐଶ୍ୱର୍ଯ୍ୟ ନ ଥିଲା, ସେତେବେଳେ ଗୋପୀମାନେ ତାଙ୍କୁ ପ୍ରାଣ ଅପେକ୍ଷା ବେଶୀ ଭଲ ପାଉଥିଲେ । ସେଥିପାଇଁ କୃଷ୍ଣ କହିଥିଲେ, ଯେଉଁ ଗୋପୀମାନେ ମୋତେ ସମସ୍ତ ସମର୍ପଣ କରିଛନ୍ତି—ଦେହ,ମନ ଓ ଚିତ୍ତ—ମୁଁ ସେମାନଙ୍କର ଋଣ କିପରି ଶୁଝିବି ?

ଶ୍ରୀରାମକୃଷ୍ଣ ଭାବରେ ବିଭୋର ହେଉଛନ୍ତି । 'ଗୋବିନ୍ଦ !' 'ଗୋବିନ୍ଦ !' 'ଗୋବିନ୍ଦ !' ଏହା କହୁ କହୁ ଭାବାବିଷ୍ଟ ହେଉଛନ୍ତି, ପ୍ରାୟ ବାହ୍ୟଜ୍ଞାନଶୂନ୍ୟ । କ୍ୟାପ୍‌ଟେନ୍ ବିସ୍ମୟରେ କହୁଛନ୍ତି,'ଧନ୍ୟ,ଧନ୍ୟ !'

କ୍ୟାପ୍‌ଟେନ୍ ଓ ସମବେତ ଭକ୍ତଗଣ ଠାକୁରଙ୍କର ଏହି ଅଦ୍ଭୁତ ପ୍ରେମାବସ୍ଥା ଦେଖୁଛନ୍ତି ।

ଯେପର୍ଯ୍ୟନ୍ତ ସେ ପ୍ରକୃତିସ୍ଥ ନ ହୋଇଛନ୍ତି, ସେପର୍ଯ୍ୟନ୍ତ ସେମାନେ ଚୁପ୍ ହୋଇ ଏକ ଦୃଷ୍ଟିରେ ଦେଖୁଛନ୍ତି ।

ଶ୍ରୀରାମକୃଷ୍ଣ—ତା'ପରେ ?

କ୍ୟାପ୍‌ଟେନ୍—ସେ ଯୋଗୀମାନଙ୍କର ଅଗମ୍ୟ—'ଯୋଗିଭିରଗମ୍ୟମ୍'—ଆପଣଙ୍କ ପରି ଯୋଗୀମାନଙ୍କର ଅଗମ୍ୟ, କିନ୍ତୁ ଗୋପୀମାନଙ୍କର ଗମ୍ୟ । ଯୋଗୀମାନେ ବହୁ ବର୍ଷ ଯୋଗ କରି ଯାହାଙ୍କୁ ପାଇ ନାହାନ୍ତି, ଗୋପୀମାନେ ଅନାୟାସରେ ତାଙ୍କୁ ପାଇଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଗୋପୀମାନଙ୍କ ପାଖରେ ଖାଇବା, ଖେଳିବା, କାନ୍ଦିବା, ଅଳି କରିବା, ଏ ସବୁ ହୋଇଛି ।

## ଶ୍ରୀଯୁକ୍ତ ବଙ୍କିମ ଓ ଶ୍ରୀରାମକୃଷ୍ଣ—ଅବତାରବାଦ

ଜଣେ ଭକ୍ତ କହିଲେ, 'ଶ୍ରୀଯୁକ୍ତ ବଙ୍କିମ କୃଷ୍ଣଚରିତ୍ର ଲେଖିଛନ୍ତି ।'

ଶ୍ରୀରାମକୃଷ୍ଣ—ବଙ୍କିମ ଶ୍ରୀକୃଷ୍ଣଙ୍କୁ ମାନନ୍ତି, ଶ୍ରୀମତୀଙ୍କୁ ମାନନ୍ତି ନାହିଁ ।

କ୍ୟାପ୍‌ଟେନ୍—ବୋଧହୁଏ ଲୀଳା ମାନନ୍ତି ନାହିଁ ।

ଶ୍ରୀରାମକୃଷ୍ଣ—ପୁଣି କହନ୍ତି କଅଣ ନା କାମାଦି—ଏସବୁ ଦରକାର ।

ଦମ୍‌ଦମ୍‌ରୁ ଆସିଥିବା ମାଷ୍ଟର— ନବଜୀବନରେ ବଙ୍କିମ ଲେଖିଛନ୍ତି— ଧର୍ମର ପ୍ରୟୋଜନ ଏହି ଯେ, ଶାରୀରିକ, ମାନସିକ, ଆଧ୍ୟାତ୍ମିକ ପ୍ରଭୃତି ସବୁ ବୃତ୍ତିର ସ୍ଫୁର୍ତ୍ତି ହେବ ।

କ୍ୟାପ୍‌ଟେନ୍—'କାମାଦି ଦରକାର', ତେବେ ଲୀଳା ମାନନ୍ତି ନାହିଁ । ଈଶ୍ୱର ମନୁଷ୍ୟ ହୋଇ ବୃନ୍ଦାବନକୁ ଆସିଥିଲେ, ରାଧାକୃଷ୍ଣଲୀଳା, ତାହା ମାନନ୍ତି ନାହିଁ ?

## ପୂର୍ଣ୍ଣବ୍ରହ୍ମଙ୍କ ଅବତାର—କେବଳ ପାଣ୍ଡିତ୍ୟ ଓ ପ୍ରତ୍ୟକ୍ଷର ପ୍ରଭେଦ

ଶ୍ରୀରାମକୃଷ୍ଣ (ସହାସ୍ୟ)—''ଏହିସବୁ କଥା ତ ଖବର କାଗଜରେ ନାହିଁ—କିପରି ମାନିବେ ?

ଜଣେ ତାଙ୍କର ବନ୍ଧୁଙ୍କୁ ଆସି କହିଲେ, 'ଆହେ ! କାଲି ଅମୁକ ସାହି ବାଟେ ଯାଉଥିଲି, ଦେଖିଲି ଠିକ୍ ସେତିକିବେଳେ ଗୋଟାଏ ଘର ମଡ୍ ମଡ୍ ହୋଇ ଭାଙ୍ଗିଗଲା ।' ବନ୍ଧୁ କହିଲେ, 'ରହ ହେ, ଥରେ ଖବର କାଗଜ ଖଣ୍ଡିକ ଦେଖେ ।' ଦେଖିଲେ ଘରଭାଙ୍ଗିପଡ଼ିବା କଥା ଖବର କାଗଜରେ କିଛି ନାହିଁ ।—ସେତେବେଳେ ସେ କହିଲେ, 'କାହିଁ, ଖବର କାଗଜରେ ତ କିଛି ନାହିଁ । ଏସବୁ କଥା ଠିକ୍ ନୁହେଁ ।' ସେ ଲୋକଟି କହିଲେ, 'ମୁଁ ଯେ ଦେଖି ଆସିଲି !' ସେ କହିଲେ, 'ତାହା ହେଉ, ଯେତେବେଳେ ଖବର କାଗଜରେ ନାହିଁ, ସେତେବେଳେ ସେ କଥା ବିଶ୍ୱାସ କରିବି ନାହିଁ ।' ଈଶ୍ୱର ମନୁଷ୍ୟ ହୋଇ ଲୀଳା କରନ୍ତି, ଏକଥା କିପରି ବିଶ୍ୱାସ କରିବେ ? ଏପରି କଥା ତ ସେମାନଙ୍କର ଇଂରାଜୀ ଲେଖାପଢ଼ା ଭିତରେ ନାହିଁ ! ପୂର୍ଣ୍ଣ ଅବତାର ବୁଝାଇବା କାଠିକର ପାଠ । କଅଣ କହୁଛ ? ଚୌଦ ପାଆ ମନୁଷ୍ୟ ଭିତରେ ଅନନ୍ତ ଆସିବେ !''

କ୍ୟାପ୍‌ଟେନ୍—'କୃଷ୍ଣସ୍ତୁ ଭଗବାନ ସ୍ୱୟଂ !' କହିବା ସମୟରେ ପୂର୍ଣ୍ଣ ଓ ଅଂଶ କହିବାକୁ ହୁଏ ।

ଶ୍ରୀରାମକୃଷ୍ଣ—ପୂର୍ଣ୍ଣ ଓ ଅଂଶ—ଯେପରି ଅଗ୍ନି ଓ ତାହାର ସ୍ଫୁଲିଙ୍ଗ । ଅବତାର ଭକ୍ତଙ୍କ ପାଇଁ—ଜ୍ଞାନୀଙ୍କ ପାଇଁ ନୁହନ୍ତି । ଅଧ୍ୟାତ୍ମରାମାୟଣରେ ଅଛି—ହେ ରାମ ! ତୁମେ ହିଁ ବ୍ୟାପ୍ୟ, ତୁମେ ହିଁ ବ୍ୟାପକ, 'ବାଚ୍ୟବାଚକଭେଦେନ ତ୍ୱମେବ ପରମେଶ୍ୱର ।'

କ୍ୟାପ୍‌ଟେନ୍—'ବାଚ୍ୟ-ବାଚକ' ଅର୍ଥାତ୍ ବ୍ୟାପ୍ୟ—ବ୍ୟାପକ ।

ଶ୍ରୀରାମକୃଷ୍ଣ—'ବ୍ୟାପକ' ଅର୍ଥାତ୍ ଯେପରି ଗୋଟିଏ ଛୋଟରୂପ, ଯେପରି ଅବତାର ମନୁଷ୍ୟରୂପ ହୋଇଛନ୍ତି ।

## (୪)
## ଅହଂକାର ହିଁ ବିନାଶର କାରଣ ଓ ଈଶ୍ୱରଲାଭର ବିଘ୍ନ

ସମସ୍ତେ ବସିଛନ୍ତି । କ୍ୟାପ୍‌ଟେନ୍ ଓ ଭକ୍ତମାନଙ୍କ ସହିତ ଠାକୁର କଥା କହୁଛନ୍ତି । ଏପରି ସମୟରେ ବ୍ରାହ୍ମସମାଜର ଜୟଗୋପାଳ ସେନ ଓ ତ୍ରୈଲୋକ୍ୟ ଆସି ପ୍ରଣାମ କରି ଆସନ ଗ୍ରହଣ କଲେ । ଠାକୁର ହସିହସି ତ୍ରୈଲୋକ୍ୟଙ୍କ ଆଡ଼କୁ ଚାହିଁ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଅହଙ୍କାର ଅଛି ବୋଲି ଈଶ୍ୱରଦର୍ଶନ ହୁଏ ନାହିଁ । ଈଶ୍ୱରଙ୍କ ଘରର ଦ୍ୱାର ଆଗରେ ଏହି ଅହଙ୍କାରରୂପକ ଗଛରେ ଗଣ୍ଡି ପଡ଼ିଛି । ଏହି ଗଣ୍ଡିକୁ ପାରି ନ ହେଲେ ତାଙ୍କ ଘରେ ପ୍ରବେଶ କରିପାରିବ ନାହିଁ ।

''ଜଣେ ଭୂତସିଦ୍ଧ ହୋଇଥିଲା । ସିଦ୍ଧ ହୋଇ ଯହୁଁ ଡାକିଛି, ସଙ୍ଗେ ସଙ୍ଗେ ଭୂତଟି ଆସିଛି । ଆସି କହିଲା, 'କଅଣ କାମ କରିବାକୁ ହେବ କହ । କାମ ଯଦି ନ ଦେଇ ପାରିବ, ସଙ୍ଗେ ସଙ୍ଗେ ତୁମ ବେକ ମୋଡ଼ିବି ।' ଯେତେ ସବୁ କାମ ଦରକାର ଥିଲା, ଲୋକଟି ଭୂତ ଦ୍ୱାରା ସବୁ କ୍ରମେ କ୍ରମେ କରାଇ ନେଲା । ତାପରେ ଆଉ କାମ ପାଇଲା ନାହିଁ । ଭୂତଟି କହିଲା, 'ଏଥର ତୁମର ବେକ ମୋଡ଼ିବି ?' ସେ କହିଲା, 'ଟିକିଏ ରହ, ମୁଁ ଆସୁଛି ।' ଏହା କହି ଗୁରୁଦେବଙ୍କ ପାଖକୁ ଯାଇ କହିଲା, ' ଗୁରୁଦେବ, ଭାରୀ ବିପଦରେ ପଡ଼ିଛି, ଏହିପରି କଥା; ବର୍ତ୍ତମାନ କଅଣ କରିବି ?' ଗୁରୁ ସେତେବେଳେ କହିଲେ, 'ତୁ ଗୋଟିଏ କାମ କର, ତାକୁ ଏହି ବାଳଗୋଛାଟି ସିଧା କରିବାକୁ କହ ।' ଭୂତଟି ଦିନ ରାତି ଏହି କାମ କଲା । ବାଳ କଅଣ ସିଧା ହୁଏ ? ଯେଉଁ ବଙ୍କାକୁ ସେହି ବଙ୍କା ରହିଲା । ସେହିପରି ଅହଙ୍କାର ଟିକିଏ ଯାଏ, ପୁଣି ଆସେ ।

''ଅହଂକାରତ୍ୟାଗ ନ ହେଲେ ଈଶ୍ୱରଙ୍କର କୃପା ହୁଏ ନାହିଁ ।

''ଉତ୍ସବ ବେଳେ ଭଣ୍ଡାର ଘର ଦାୟିତ୍ୱରେ ଯଦି ଜଣଙ୍କୁ ରଖି ଦିଆଯାଏ, ତାହାହେଲେ ସେ ସେଠାରେ ଥିବା ପର୍ଯ୍ୟନ୍ତ ମାଲିକ ଆସେ ନାହିଁ । ଯେତେବେଳେ ସେ ନିଜେ ଇଚ୍ଛା କରି ଭଣ୍ଡାର ଛାଡ଼ି ଚାଲିଯାଏ, ସେତେବେଳେ ମାଲିକ ଘରେ ଚାବି ଦିଏ ଓ ନିଜେ ଭଣ୍ଡାର ବୁଝାବୁଝି କରେ ।

''କେବଳ ନାବାଳକର ଅଭିଭାବକ ଦରକାର । ପିଲାଲୋକ ନିଜେ ବିଷୟ ରକ୍ଷା କରିପାରେ ନାହିଁ, ତେଣୁ ରାଜା ଭାର ନିଅନ୍ତି । **ଅହଂକାର ତ୍ୟାଗ ନ କଲେ ଈଶ୍ୱର ଭାର ନିଅନ୍ତି ନାହିଁ ।**

''ବୈକୁଣ୍ଠରେ ଲକ୍ଷ୍ମୀନାରାୟଣ ବସିଥିଲେ । ହଠାତ୍ ନାରାୟଣ ଉଠି ଠିଆହେଲେ । ଲକ୍ଷ୍ମୀ ପଦସେବା କରୁଥିଲେ, କହିଲେ, 'ପ୍ରଭୁ, କେଉଁଠାକୁ ଯାଉଛନ୍ତି ?' ନାରାୟଣ କହିଲେ, 'ମୋର ଜଣେ ଭକ୍ତ ବିପଦରେ ପଡ଼ିଛି, ତେଣୁ ତାକୁ ରକ୍ଷା କରିବାକୁ ଯାଉଛି !' ଏହା କହି ନାରାୟଣ ବାହାରି ଗଲେ । କିନ୍ତୁ ତତ୍‌କ୍ଷଣାତ୍ ପୁଣି ଫେରିଆସିଲେ । ଲକ୍ଷ୍ମୀ କହିଲେ, 'ପ୍ରଭୁ, ଏତେ ଶୀଘ୍ର ଫେରି ଆସିଲେ ଯେ !' ନାରୟଣ ହସି ହସି କହିଲେ, 'ଭକ୍ତଟି ପ୍ରେମରେ ବିହ୍ୱଳ ହୋଇ ଯାଉଥିଲା, ଧୋବାମାନେ ଲୁଗା ଶୁଖାଇଥିଲେ, ଭକ୍ତଟି ତା'ଉପରେ ଚଢ଼ି ଚାଲିଯାଉଥିଲା । ଏହା ଦେଖି ଧୋବାମାନେ ଠେଙ୍ଗା ନେଇ ତାକୁ ମାରିବାକୁ ଯାଉଥିଲେ । ତେଣୁ ମୁଁ ତାକୁ ରକ୍ଷା କରିବାକୁ ଯାଉଥିଲି ।' ଲକ୍ଷ୍ମୀ ପୁଣି କହିଲେ, 'ଫେରି ଆସିଲେ କାହିଁକି ?' ନାରାୟଣ ହସି ହସି କହିଲେ, 'ସେ ଭକ୍ତଟି ନିଜେ ଧୋବାଙ୍କୁ ମାରିବା ପାଇଁ ଇଟା ଉଠାଇଛି, ଦେଖିଲି । (ସମସ୍ତଙ୍କର ହସ) ସେଥିପାଇଁ ମୁଁ ଆଉ ଗଲି ନାହିଁ ।'

## ପୂର୍ବକଥା—କେଶବ ଓ ଗୌରୀ—ସୋଽହଂ ଅବସ୍ଥା ପରେ ଦାସ୍ୟଭାବ

''କେଶବ ସେନଙ୍କୁ କହିଥିଲି, 'ଅହଂ ତ୍ୟାଗ କରିବାକୁ ହେବ ।' ଏହା ଶୁଣି କେଶବ କହିଲା—'ତାହାହେଲେ ମହାଶୟ, ଦଳ କିପରି ରହିବ ?'

''ମୁଁ କହିଲି, ତୁମର ଇଏ କିପରି ବୁଦ୍ଧି !—ତୁମେ 'କଞ୍ଚା ମୁଁ' ତ୍ୟାଗ କର—ଯେଉଁ ମୁଁ କାମିନୀ-କାଞ୍ଚନରେ ଆସକ୍ତ କରେ; 'କିନ୍ତୁ ପାଚିଲା ମୁଁ', 'ଦାସ ମୁଁ', 'ଭକ୍ତ ମୁଁ'—ତ୍ୟାଗ କରିବାକୁ କହୁନାହିଁ । ମୁଁ ଈଶ୍ୱରଙ୍କର ଦାସ, ମୁଁ ଈଶ୍ୱରଙ୍କର ସନ୍ତାନ—ଏହାର ନାମ 'ପାଚିଲା ମୁଁ' । ଏଥିରେ କୌଣସି ଦୋଷ ନାହିଁ ।

ତ୍ରୈଲୋକ୍ୟ—ଅହଙ୍କାର ଯିବା ଅତ୍ୟନ୍ତ କଷ୍ଟକର । ଲୋକମାନେ ଭାବନ୍ତି, ଅହଂକାର ଚାଲିଯାଇଛି ।

ଶ୍ରୀରାମକୃଷ୍ଣ—କାଳେ ଅହଂକାର ହେବ, ସେଥିପାଇଁ ଗୌରୀ 'ମୁଁ' କହୁ ନ ଥିଲା—କହେ 'ଇଏ' । ମୁଁ ମଧ୍ୟ ତାହାଠାରୁ ଶିଖି କହିଲି, 'ଇଏ'; 'ମୁଁ ଖାଇଛି' ନକହି, କହେ 'ଇଏ ଖାଇଛନ୍ତି ।' ମଥୁର ବାବୁ ଏହା ଦେଖି ଦିନେ କହିଲେ, 'ବାବା, ଏ କଅଣ, ତୁମେ କାହିଁକି ଏପରି କହିବ ? ସେମାନେ ସେଭଳି କହନ୍ତୁ, ସେମାନଙ୍କର ଅହଂକାର ଅଛି । ତୁମର ତ ଅହଂକାର ନାହିଁ, ତୁମର ଏପରି କହିବା କିଛି ଦରକାର ନାହିଁ ।'

''କେଶବଙ୍କୁ କହିଲି, 'ମୁଁ' ତ ଯିବ ନାହିଁ, ତେଣୁ ସେ ଦାସ ଭାବରେ ରହିଥାଉ, ଯେପରି ଦାସ ଥାଏ । ପ୍ରହ୍ଲାଦ ଦୁଇ ଭାବରେ ରହୁଥିଲେ, କେତେବେଳେ ବୋଧ କରୁଥିଲେ, 'ତୁମେ ହିଁ ମୁଁ' 'ମୁଁ ହିଁ ତୁମେ' —ସୋଽହଂ । ଆଉ ଯେତେବେଳେ ଅହଂ-ବୁଦ୍ଧି ଆସେ, ସେତେବେଳେ ଦେଖୁଥିଲେ, 'ମୁଁ ଦାସ, ତୁମେ ପ୍ରଭୁ !' ଥରେ 'ସୋଽହଂ' ଦୃଢ଼ ହୋଇଗଲେ

ତା'ପରେ ଦାସ ଭାବରେ ରହିବା ହୁଏ । ଯେପରି ମୁଁ ଦାସ ।

## ବ୍ରହ୍ମଜ୍ଞାନର ଲକ୍ଷଣ—ଭକ୍ତ ମୁଁ—କର୍ମତ୍ୟାଗ

(କ୍ୟାପ୍‌ଟେନ୍‌ଙ୍କ ପ୍ରତି)—''ବ୍ରହ୍ମଜ୍ଞାନ ହେଲେ କେତେଗୁଡ଼ିଏ ଲକ୍ଷଣରୁ ବୁଝାଯାଏ । ଶ୍ରୀମଦ୍ଭାଗବତରେ ଜ୍ଞାନୀର ଚାରି ପ୍ରକାର ଅବସ୍ଥାର କଥା ଅଛି—(୧) ବାଳକବତ୍, (୨)ଜଡ଼ବତ୍ (୩) ଉନ୍ମାଦବତ୍ (୪) ପିଶାଚବତ୍ । ପାଞ୍ଚବର୍ଷ ବାଳକର ଅବସ୍ଥା ହୁଏ । ପୁଣି କେତେବେଳେ ପାଗଳପରି ବ୍ୟବହାର ମଧ୍ୟ କରେ ।''

ବେଳେ ବେଳେ ଜଡ଼ପରି ମଧ୍ୟ ରହେ । ଏପରି ଅବସ୍ଥାରେ କର୍ମ କରିପାରେ ନାହିଁ; କର୍ମତ୍ୟାଗ ହୁଏ । ତେବେ ଯଦି କହ ଜନକାଦି କର୍ମ କରିଥିଲେ; ତାହା କଅଣ ଜାଣ, ସେ ସମୟରେ ଲୋକମାନେ କର୍ମଚାରୀମାନଙ୍କ ଉପରେ ଭାର ଦେଇ ନିଶ୍ଚିନ୍ତ ରହୁଥିଲେ । ସେତେବେଳେ ଲୋକମାନେ ଅତି ବିଶ୍ୱାସୀ ଥିଲେ ।

ଶ୍ରୀରାମକୃଷ୍ଣ କର୍ମତ୍ୟାଗର କଥା କହୁଛନ୍ତି, ପୁଣି ଯେଉଁମାନଙ୍କର କର୍ମରେ ଆସକ୍ତି ଅଛି, ସେମାନଙ୍କୁ ଅନାସକ୍ତ ହୋଇ କର୍ମ କରିବାକୁ କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଜ୍ଞାନ ହେଲେ ବେଶୀ କର୍ମ କରି ହୁଏ ନାହିଁ ।

ତ୍ରୈଲୋକ୍ୟ—କାହିଁକି ? ପାଓହାରୀ ବାବା ଏପରି ଯୋଗୀ, କିନ୍ତୁ ଲୋକଙ୍କର ଝଗଡ଼ା ଝାଟି ତୁଟାଇ ଦିଅନ୍ତି—ଏପରିକି ମୋକଦ୍ଦମା ନିଷ୍ପତ୍ତି କରନ୍ତି ।

ଶ୍ରୀରାମକୃଷ୍ଣ—ହଁ, ହଁ—ତାହା ଠିକ୍ । ଦୁର୍ଗାଚରଣ ଡାକ୍ତର ଏଡ଼େ ମାତାଲ, ଚବିଶ ଘଣ୍ଟା ମଦ ଖାଇ ରହୁଥିଲେ, କିନ୍ତୁ କାମ କରିବା ବେଳେ ଠିକ୍—ଚିକିତ୍ସା କଲା ବେଳେ ଟିକିଏ ବି ଭୁଲ ହେବ ନାହିଁ । ଭକ୍ତି ଲାଭ କରି କର୍ମ କଲେ ଦୋଷ ନାହିଁ । କିନ୍ତୁ ଏହା ଅତ୍ୟନ୍ତ କଠିନ; କଠୋର ତପସ୍ୟା ଦରକାର ।

''ଈଶ୍ୱର ହିଁ ସବୁ କରୁଛନ୍ତି, ଆମେମାନେ ଯନ୍ତ୍ରସ୍ୱରୂପ । କାଳୀମନ୍ଦିର ଆଗରେ ଶିଖମାନେ କହୁଥିଲେ, 'ଈଶ୍ୱର ଦୟାମୟ' । ମୁଁ କହିଲି, 'କାହା ଉପରେ ଦୟା ?'

ଶିଖମାନେ କହିଲେ, 'କାହିଁକି ମହାରାଜ ! ଆମମାନଙ୍କର ଉପରେ ।'

''ମୁଁ କହିଲି, ଆମେମାନେ ସମସ୍ତେ ତାଙ୍କର ସନ୍ତାନ; ସନ୍ତାନକୁ ପୁଣି ଦୟା କଅଣ ? ସେ ସନ୍ତାନମାନଙ୍କୁ ଦେଖୁଛନ୍ତି, ତେବେ ସେ ଦେଖିବେ ନାହିଁ ତ ବ୍ରାହ୍ମଣପଡ଼ାର ଲୋକମାନେ ଆସି ଦେଖିବେ ? ଆଚ୍ଛା, ଯେଉଁମାନେ 'ଦୟାମୟ' କହନ୍ତି, ସେମାନେ ଏହିଟି ଭାବନ୍ତି ନାହିଁ ଯେ, ଆମେମାନେ କଅଣ ଅନ୍ୟ କାହାର ସନ୍ତାନ ?''

କ୍ୟାପ୍‌ଟେନ୍—ଆଜ୍ଞା ହଁ, ଆପଣାର ବୋଲି ବୋଧ ନ ଥାଏ ।

## ଭକ୍ତ ଓ ପୂଜାଦି—ଈଶ୍ୱର ଭକ୍ତବତ୍ସଳ—ପୂର୍ଣ୍ଣଜ୍ଞାନୀ

ଶ୍ରୀରାମକୃଷ୍ଣ—ତେବେ କଅଣ ଦୟାମୟ କହିବ ନାହିଁ ? ଯେପର୍ଯ୍ୟନ୍ତ ସାଧନାର ଅବସ୍ଥା, ସେପର୍ଯ୍ୟନ୍ତ କହିବ । ତାଙ୍କୁ ଲାଭ କରିବା ପରେ ଠିକ୍ ଆପଣାର ବାପା କିମ୍ବା

ଆପଣାର ମା' ବୋଲି ବୋଧ ହେବ । ଯେପର୍ଯ୍ୟନ୍ତ ଈଶ୍ୱରଲାଭ ନ ହୁଏ, ସେପର୍ଯ୍ୟନ୍ତ ବୋଧ ହୁଏ—ଆମେ ସବୁ ଦୂରର ଲୋକ, ପର ପିଲା ।

ସାଧନାବସ୍ଥାରେ ତାଙ୍କୁ ସବୁ କହିବାକୁ ହୁଏ । ହାଜରା ନରେନ୍ଦ୍ରଙ୍କୁ ଦିନେ କହିଲା, 'ଈଶ୍ୱର ଅନନ୍ତ, ତାଙ୍କର ଐଶ୍ୱର୍ଯ୍ୟ ଅନନ୍ତ । ସେ କଅଣ ଆଉ ସନ୍ଦେଶ କଦଳୀ ଖାଇବେ ? ନା ଗୀତ ଶୁଣିବେ ? ଏସବୁ ମନର ଭୁଲ ।'

''ନରେନ୍ଦ୍ର ଏହିକଥା ଶୁଣିବା ସଙ୍ଗେ ସଙ୍ଗେ ଦଶହାତ ତଳକୁ ଖସି ଆସିଲା । ସେତେବେଳେ ହାଜରାକୁ କହିଲି, ତୁମେ କେଡ଼େ ପାଜୀ ! ସେମାନଙ୍କୁ ଏପରି କଥା କହିଲେ ସେମାନେ କେଉଁଠି ଠିଆ ହେବେ ? ଭକ୍ତି ଗଲେ ମଣିଷ କଅଣ ନେଇ ରହିବ ? ତାଙ୍କର ଅନନ୍ତ ଐଶ୍ୱର୍ଯ୍ୟ, ତଥାପି ସେ ଭକ୍ତାଧୀନ ! ବଡ଼ ଲୋକର ଦରୱାନ ଆସି ବାବୁଙ୍କ ସଭାରେ ଗୋଟିଏ ପାଖରେ ଠିଆ ହୋଇଛି । ହାତରେ କଅଣ ଗୋଟିଏ ଜିନିଷ ଅଛି, ଲୁଗାରେ ଢାଙ୍କି ରଖିଛି, ଅତି ସଙ୍କୋଚ ଭାବରେ ଘୋଡ଼ାଇ ରଖି ଠିଆ ହୋଇଛି । ବାବୁ ପଚାରିଲେ, କଅଣ କିରେ ! ହାତରେ କଅଣ ଧରିଛୁ ? ଦରୱାନ୍ ସଙ୍କୋଚ ଭାବରେ ଗୋଟିଏ ଆତ ବାହାର କରି ବାବୁଙ୍କ ଆଗରେ ରଖିଲା—ଇଚ୍ଛା, ବାବୁ ସେଇଟିକୁ ଖାଇବେ । ବାବୁ ଦରୱାନର ଭକ୍ତିଭାବ ଦେଖି ଆତଟି ଖୁବ୍ ଆଦର କରି ନେଲେ, ଆଉ କହିଲେ, ବାଃ, ବଢ଼ିଆ ଆତ ! କେଉଁଠୁ ଏତେ କଷ୍ଟ କରି ଏଇଟିକୁ ଆଣିଲୁ ?'

''ସେ ଭକ୍ତାଧୀନ ! ଦୁର୍ଯ୍ୟୋଧନ ଏତେ ଆଦର ସମ୍ମାନ ଦେଖାଇଲେ, ଆଉ କହିଲେ, 'ଏଠାରେ ଖିଆପିଆ କରନ୍ତୁ', ପ୍ରଭୁ (ଶ୍ରୀକୃଷ୍ଣ) କିନ୍ତୁ ବିଦୁରଙ୍କ କୁଟୀରକୁ ଗଲେ । ସେ ଭକ୍ତବତ୍ସଳ, ବିଦୁରଙ୍କର ଶାକାନ୍ନ ଅମୃତ ମନେକରି ଖାଇଲେ ।

''ପୂର୍ଣ୍ଣ ଜ୍ଞାନୀର ଆଉ ଗୋଟିଏ ଲକ୍ଷଣ—'ପିଶାଚବତ୍' ! ଖାଇବା ପିଇବାର ବିଚାର ନାହିଁ—ଶୁଚି- ଅଶୁଚିର ବିଚାର ନାହିଁ ! ପୂର୍ଣ୍ଣଜ୍ଞାନୀ ଓ ପୂର୍ଣ୍ଣମୂର୍ଖ, ଦୁଇଜଣଙ୍କର ବାହାରର ଲକ୍ଷଣ ଏକା ପ୍ରକାର ! ପୂର୍ଣ୍ଣଜ୍ଞାନୀ ହୁଏ ତ ଗଙ୍ଗାସ୍ନାନ ବେଳେ ମନ୍ତ୍ରପାଠ କଲେ ନାହିଁ, ଦିଅଁ ପୂଜା କରିବା ବେଳେ ଫୁଲଗୁଡ଼ିକ ଏକାଥରେ ଠାକୁରଙ୍କ ଚରଣରେ ଦେଇ ଚାଲିଆସିଲେ, କୌଣସି ମନ୍ତ୍ର-ତନ୍ତ୍ର ନାହିଁ ।

## କର୍ମ ଓ ଠାକୁର ଶ୍ରୀରାମକୃଷ୍ଣ—କର୍ମ କେତେଦିନ ?

''ଯେତେଦିନ ସଂସାରରେ ଭୋଗର ଇଚ୍ଛା ଥାଏ, ସେତେଦିନ କର୍ମତ୍ୟାଗ ହୋଇପାରେ ନାହିଁ । ଯେପର୍ଯ୍ୟନ୍ତ ଭୋଗର ଆଶା, ସେପର୍ଯ୍ୟନ୍ତ କର୍ମ ।

''ଗୋଟିଏ ପକ୍ଷୀ ଜାହାଜର ମାସ୍ତୁଲରେ ଅନ୍ୟମନସ୍କ ହୋଇ ବସିଥିଲା । ଜାହାଜ ଗଙ୍ଗା ଭିତରେ ଥିଲା, କ୍ରମେ ଆସି ମହାସମୁଦ୍ରରେ ପଡ଼ିଲା । ସେତେବେଳେ ପକ୍ଷୀର ଚେତା ପଶିଲା, ସେ ଦେଖିଲା କୌଣସି ଦିଗରେ ଥଳ କୂଳ ନାହିଁ । ସେତେବେଳେ ସ୍ଥଳଭାଗକୁ ଫେରିଯିବା ପାଇଁ ସେ ଉତ୍ତର ଦିଗକୁ ଉଡ଼ିଗଲା । ବହୁତ ଦୂରକୁ ଯାଇ କ୍ଲାନ୍ତ ହୋଇଗଲା, ତଥାପି ଥଳକୂଳ ଦେଖିବାକୁ ପାଇଲା ନାହିଁ । ସେତେବେଳେ କଅଣ କରିବ, ଫେରିଆସି

ପୁଣି ମାସ୍ତୁଲରେ ବସିଲା ।

କିଛି ସମୟ ପରେ ପକ୍ଷୀଟି ପୁଣି ଉଡ଼ିଗଲା—ଏଥର ପୂର୍ବଦିଗକୁ ଗଲା । ତେଣେ ମଧ୍ୟ କିଛି ଦେଖିବାକୁ ପାଇଲା ନାହିଁ, ଚାରିପଟେ କେବଳ ଅସୀମ ସମୁଦ୍ର । ସେତେବେଳେ ଖୁବ୍ ପରିଶ୍ରାନ୍ତ ହୋଇ ପୁଣି ଜାହାଜ ପାଖକୁ ଫେରିଆସି ମାସ୍ତୁଲ ଉପରେ ବସିଲା । ବେଶୀ ସମୟ ବିଶ୍ରାମ କରି ଏଥର ଦକ୍ଷିଣ ଦିଗକୁ ଗଲା, ସେହିପରି ପୁଣି ପଶ୍ଚିମ ଦିଗକୁ ଗଲା । ଯେତେବେଳେ ଦେଖିଲା କେଉଁଠାରେ ହେଲେ ଥଳକୂଳ ନାହିଁ, ସେତେବେଳେ ସେହି ମାସ୍ତୁଲ ଉପରେ ବସିଲା, ଆଉ ଉଠିଲା ନାହିଁ । ନିଶ୍ଚେଷ୍ଟ ହୋଇ ବସି ରହିଲା । ସେତେବେଳେ ମନରେ ଆଉ କୌଣସି ବ୍ୟସ୍ତଭାବ ବା ଅଶାନ୍ତି ରହିଲା ନାହିଁ । ନିଶ୍ଚିନ୍ତ ହୋଇଛି, ଆଉ କୌଣସି ଚେଷ୍ଟା ମଧ୍ୟ ନାହିଁ ।’’

କ୍ୟାପ୍‌ଟେନ୍—ଆହା କିପରି ଦୃଷ୍ଟାନ୍ତ !

### ଭୋଗାନ୍ତ ହେଲେ ବ୍ୟାକୁଳତା ଓ ଈଶ୍ୱରଲାଭ

ଶ୍ରୀରାମକୃଷ୍ଣ—ସଂସାରୀ ଲୋକମାନେ ଯେତେବେଳେ ସୁଖ ପାଇଁ ଚାରିଆଡ଼େ ଘୂରି ବୁଲନ୍ତି, କିନ୍ତୁ ପାଆନ୍ତି ନାହିଁ ଏବଂ ଶେଷରେ ପରିଶ୍ରାନ୍ତ ହୁଅନ୍ତି, ଯେତେବେଳେ କାମିନୀ-କାଞ୍ଚନରେ ଆସକ୍ତ ହୋଇ କେବଳ ଦୁଃଖ ପାଆନ୍ତି, ସେତେବେଳେ ଯାଇ ବୈରାଗ୍ୟ ଆସେ, ତ୍ୟାଗ ଆସେ । ଭୋଗ ନ କଲେ ଅନେକଙ୍କର ତ୍ୟାଗ ହୁଏ ନାହିଁ । କୁଟିଚକ ଏବଂ ବହୂଦକ । ସାଧକମାନଙ୍କ ଭିତରୁ କେହି କେହି ଅନେକ ତୀର୍ଥ ବୁଲନ୍ତି । ଗୋଟିଏ ଜାଗାରେ ସ୍ଥିର ହୋଇ ବସିପାରନ୍ତି ନାହିଁ, ଅନେକ ତୀର୍ଥର ଉଦକ—କଅଣ ନା ପାଣି ପିଅନ୍ତି । ଯେତେବେଳେ ବୁଲି ବୁଲି ଆଶା ମେଣ୍ଟିଯାଏ, ସେତେବେଳେ ଗୋଟିଏ ଜାଗାରେ କୁଡ଼ିଆ କରି ରହନ୍ତି ଏବଂ ନିଶ୍ଚିନ୍ତ ଓ ଚେଷ୍ଟାଶୂନ୍ୟ ହୋଇ ଭଗବାନଙ୍କୁ ଚିନ୍ତା କରନ୍ତି ।

‘‘କିନ୍ତୁ ସଂସାରରେ କଅଣ ଭୋଗ କରିବ ? କାମିନୀ-କାଞ୍ଚନ ଭୋଗ ? ସେ ତ କ୍ଷଣିକ ଆନନ୍ଦ ! ଏଇ ଅଛି, ଏଇ ନାହିଁ ।

‘‘ପ୍ରାୟ ମେଘ ଓ ବର୍ଷା ଲାଗି ରହିଛି; ସୂର୍ଯ୍ୟ ଦେଖା ଯାଆନ୍ତି ନାହିଁ । ଦୁଃଖର ଭାଗଟା ବେଶୀ । ପୁଣି କାମିନୀକାଞ୍ଚନର ମେଘ ସୂର୍ଯ୍ୟଙ୍କୁ ଦେଖାଇ ଦିଏ ନାହିଁ ।

‘‘କେହି କେହି ମୋତେ ପଚାରନ୍ତି, ‘ଆଜ୍ଞା, ଈଶ୍ୱର କାହିଁକି ଏପରି ସଂସାର କଲେ ? ଆମମାନଙ୍କ ପାଇଁ କଅଣ କିଛି ବାଟ ନାହିଁ ?’

### ଉପାୟ—ବ୍ୟାକୁଳତା, ତ୍ୟାଗ

‘‘ମୁଁ କହେ, ଉପାୟ ନାହିଁ କାହିଁକି ? ତାଙ୍କର ଶରଣାଗତ ହୁଅ ଏବଂ ବ୍ୟାକୁଳ ହୋଇ ପ୍ରାର୍ଥନା କର, ଯେପରି ଅନୁକୂଳ ପବନ ବହିବ—ଯେପରି ଶୁଭଯୋଗ ଘଟିବ । ବ୍ୟାକୁଳ ହୋଇ ଡାକିଲେ ସେ ଅବଶ୍ୟ ଶୁଣିବେ !

''ଜଣେ ଲୋକର ପୁଅଟି ମରିବା ମରିବା ହୋଇଥିଲା । ସେ ବ୍ୟାକୁଳ ହୋଇ ଆଙ୍କ ପାଖରେ ତାଙ୍କ ପାଖରେ ପିଲାକୁ ଭଲ କରିବାର ଉପାୟ ପଚାରି ବୁଲୁଛି । ଜଣେ କହିଲେ, 'ତୁମେ ଯଦି ଏହି କାର୍ଯ୍ୟ କରିପାରିବ ତେବେ ଭଲ ହୋଇଯିବ । ଗୋଟିଏ ମଡ଼ାର ଖପୁରୀରେ ସ୍ୱାତୀ ନକ୍ଷତ୍ରର ଜଳ ପଡ଼ିବ; ସେହି ପାଣିକୁ ଗୋଟିଏ ବେଙ୍ଗ ପିଇବାକୁ ଯିବ, ଏହି ବେଙ୍ଗକୁ ଖାଇବା ପାଇଁ ଗୋଟାଏ ସାପ ଗୋଡ଼ାଇଯିବ, ବେଙ୍ଗକୁ କାମୁଡ଼ିବାକୁ ଯିବାବେଳେ ସାପର ବିଷ ଖପୁରୀରେ ପଡ଼ିବ ଏବଂ ବେଙ୍ଗଟା ପଳାଇଯିବ । ସେହି ବିଷମିଶା ପାଣିରୁ ଟିକିଏ ନେଇ ରୋଗୀକୁ ଖୁଆଇବାକୁ ହେବ ।'

''ଲୋକଟି ବିଶ୍ୱାସରେ ବ୍ୟାକୁଳ ହୋଇ ସେହି ଔଷଧ ଯୋଗାଡ଼ରେ ସ୍ୱାତୀ ନକ୍ଷତ୍ରରେ ବାହାରିଲା । ସେତେବେଳେ ବର୍ଷା ହେଉଛି । ସେ ବ୍ୟାକୁଳ ହୋଇ ଈଶ୍ୱରଙ୍କୁ କହୁଛି, ପ୍ରଭୁ, ଏଥର ମଡ଼ାର ଖପୁରୀ ଜୁଟାଇଦିଅ । ଖୋଜୁ ଖୋଜୁ ଗୋଟିଏ ମଡ଼ାର ଖପୁରୀ ଦେଖିଲା ଓ ସେଥିରେ ସ୍ୱାତୀ ନକ୍ଷତ୍ରର ବର୍ଷାପାଣି ରହିଥିଲା । ସେତେବେଳେ ସେ ବାରମ୍ବାର ପ୍ରାର୍ଥନା କରି କହିଲା, 'ହେ ପ୍ରଭୁ, ତୁମକୁ ଦୁହାଇ ! ଆଉ ବାକି କେତୋଟି ଜୁଟାଇ ଦିଅ —ବେଙ୍ଗ ଓ ସାପ । ତାହାର ବ୍ୟାକୁଳତା ଥିଲା ! ତେଣୁ ସବୁ ଜୁଟିଗଲା । ଦେଖୁ ଦେଖୁ ଗୋଟିଏ ସାପ ବେଙ୍ଗକୁ ଗୋଡ଼ାଇ ଆସୁଛି, ଆଉ କାମୁଡ଼ିବାକୁ ଯିବାବେଳେ ତାହାର ବିଷ ଏହି ଖପୁରୀ ଭିତରେ ପଡ଼ିଗଲା ।

ଈଶ୍ୱରଙ୍କର ଶରଣାଗତ ହୋଇ, ତାଙ୍କୁ ବ୍ୟାକୁଳ ହୋଇ ଡାକିଲେ, ସେ ନିଶ୍ଚୟ ଶୁଣିବେ —ସବୁ ସୁଯୋଗ କରିଦେବେ ।

କ୍ୟାପ୍‌ଟେନ୍—କିପରି ଦୃଷ୍ଟାନ୍ତ !

ଶ୍ରୀରାମକୃଷ୍ଣ—ହଁ, ସେ ସୁଯୋଗ କରାଇ ଦିଅନ୍ତି । ହୁଏତ ବିବାହ ହେଲା ନାହିଁ, ସବୁ ମନ ଈଶ୍ୱରଙ୍କୁ ଦେଇ ପାରିଲା । ହୁଏତ ଭାଇମାନେ ରୋଜଗାର କରିବାକୁ ଲାଗିଲେ ବା ଗୋଟିଏ ପୁଅ ପରିବାରର ଦାୟିତ୍ୱ ନେଲା, ତାହାହେଲେ ତୁମକୁ ଆଉ ସଂସାର ଦେଖିବାକୁ ହେଲା ନାହିଁ । ସେତେବେଳେ ତୁମେ ଅନାୟାସରେ ଷୋଳଅଣା ମନ ଈଶ୍ୱରଙ୍କୁ ଦେଇପାର । ତେବେ କାମିନୀ-କାଞ୍ଚନ ତ୍ୟାଗ ନ ହେଲେ ହେବ ନାହିଁ । ତ୍ୟାଗ ହେଲେ ଯାଇ ଅଜ୍ଞାନ, ଅବିଦ୍ୟା ବିନଷ୍ଟ ହେବ । ଯବ-କାଚ ଉପରେ ସୂର୍ଯ୍ୟକିରଣ ପଡ଼ିଲେ କେତେ ଜିନିଷ ପୋଡ଼ିଯାଏ । କିନ୍ତୁ ଘର ଭିତରେ ଛାଇ, ସେଠାକୁ ଯବକାଚ ନେଇଗଲେ ନିଆଁ ଲାଗେ ନାହିଁ । ଘର ଛାଡ଼ି ବାହାରେ ଆସି ଠିଆ ହେବାକୁ ପଡ଼େ ।

### ଈଶ୍ୱରଲାଭ ପରେ ସଂସାର—ଯେପରି ଜନକାଦିଙ୍କର

''ତେବେ ଜ୍ଞାନଲାଭ ପରେ କେହି ସଂସାରରେ ରହନ୍ତି । ସେମାନେ ଘର ବାହାର ଦୁଇଟିଯାକ ଦେଖି ପାରନ୍ତି । ଜ୍ଞାନର ଆଲୋକ ସଂସାର ଭିତରେ ପଡ଼େ; ସେଥିପାଇଁ ସେମାନେ ଭଲ, ମନ୍ଦ, ନିତ୍ୟ, ଅନିତ୍ୟ, ସବୁକିଛି ସେହି ଜ୍ଞାନ-ଆଲୋକରେ ଦେଖିପାରନ୍ତି ।

"ଯେଉଁମାନେ ଅଜ୍ଞାନ, ଈଶ୍ୱରଙ୍କୁ ମାନନ୍ତି ନାହିଁ, ଅଥଚ ସଂସାରରେ ଅଛନ୍ତି, ସେମାନେ ଯେପରି ମାଟିଘର ଭିତରେ ବାସ କରନ୍ତି । କ୍ଷୀଣ ଆଲୋକରେ କେବଳ ଘରର ଭିତରଟି ଦେଖିପାରନ୍ତି । କିନ୍ତୁ ଯେଉଁମାନେ ଜ୍ଞାନଲାଭ କରିଛନ୍ତି, ଈଶ୍ୱରଙ୍କୁ ଜାଣିଛନ୍ତି, ତା'ପରେ ସଂସାରରେ ଅଛନ୍ତି,ସେମାନେ ଯେପରି କାଚଘର ଭିତରେ ବାସ କରନ୍ତି । ଘର ଭିତରର ଜିନିଷ ଦେଖି ପାରନ୍ତି, ଘର ବାହାରେ ଥିବା ଜିନିଷ ମଧ୍ୟ ଦେଖିପାରନ୍ତି । ଜ୍ଞାନସୂର୍ଯ୍ୟର ଆଲୋକ ଘର ଭିତରେ ଯଥେଷ୍ଟ ପ୍ରବେଶ କରେ । ତେଣୁ ସେମାନେ ଘର ଭିତରର ଜିନିଷ ଅତି ସ୍ପଷ୍ଟଭାବରେ ଦେଖିପାରନ୍ତି—ଜାଣିପାରନ୍ତି କେଉଁଟି ଭଲ, କେଉଁଟି ମନ୍ଦ, କେଉଁଟି ନିତ୍ୟ ଓ କେଉଁଟି ଅନିତ୍ୟ ।

"ଈଶ୍ୱର ହିଁ କର୍ତ୍ତା ଆଉସବୁ ତାଙ୍କର ଯନ୍ତ୍ରସ୍ୱରୂପ ।"

ତେଣୁ ଜ୍ଞାନୀର ମଧ୍ୟ ଅହଂକାର କରିବାର ଜୁ ନାହିଁ । ଯେ ଶିବମହିମ୍ନ-ସ୍ତୋତ୍ର ଲେଖିଥିଲେ, ତାଙ୍କର ଅହଂକାର ହୋଇଥିଲା । ଶିବଙ୍କର ଷଣ୍ଢ ଯେତେବେଳେ ଦାନ୍ତ ବାହାର କରି ଦେଖାଇଲା, ସେତେବେଳେ ତାଙ୍କର ଅହଂକାର ଚୂର୍ଣ୍ଣ ହୋଇଗଲା । ଦେଖିଲେ—ଗୋଟିଏ ଗୋଟିଏ ଦାନ୍ତ ଗୋଟିଏ ଗୋଟିଏ ମନ୍ତ୍ର ! ଏହାର ଅର୍ଥ କଅଣ ଜାଣ ? ଏହିସବୁ ମନ୍ତ୍ର ଅନାଦି କାଳରୁ ଥିଲା । ତୁମେ କେବଳ ଉଦ୍ଧାର କଲ ।

"ଗୁରୁଗିରି କରିବା ଭଲ ନୁହେଁ । ଈଶ୍ୱରଙ୍କର ଆଦେଶ ନ ପାଇଲେ କେହି ଆଚାର୍ଯ୍ୟ ହୋଇପାରନ୍ତି ନାହିଁ । ଯେ ନିଜେ କହନ୍ତି, 'ମୁଁ ଗୁରୁ' ସେ ହୀନବୁଦ୍ଧି । ତରାଜୁ ଦେଖି ନାହିଁ ? ହାଲୁକା ପଟ ଉପରକୁ ରହେ, ଯେଉଁ ବ୍ୟକ୍ତି ନିଜକୁ ଉଚ୍ଚ ବୋଲି ଭାବେ, ସେ ହାଲୁକା । ସମସ୍ତେ ଗୁରୁ ହେବାକୁ ଚାହାଁନ୍ତି !—ଶିଷ୍ୟ ମିଳନ୍ତି ନାହିଁ ।"

ତ୍ରୈଲୋକ୍ୟ ଛୋଟ ଖଟଟିର ଉତ୍ତର ପଟେ ତଳେ ବସିଛନ୍ତି । ସେ ଗୀତ ଗାଇବେ । ଠାକୁର ଶ୍ରୀରାମକୃଷ୍ଣ କହୁଛନ୍ତି, "ଆହା ! ତୁମର କେତେ ସୁନ୍ଦର ଗୀତ !" ତ୍ରୈଲୋକ୍ୟ ତାନପୁରା ନେଇ ଗୀତ ଗାଉଛନ୍ତି—

ଗୀତ—ତୁଝସେ ହମନେ ଦିଲକୋ ଲଗାୟା ଯୋ କୁଛ ହ୍ୟାୟ ସବ ତୁହିଁ ହ୍ୟାୟ ।

ଗୀତ—ତୁମି ସର୍ବସ୍ୱ ଆମାର (ହେ ନାଥ) ପ୍ରାଣାଧାର ସାରାତ୍ସାର ।
ନାହିଁ ତୋମା ବିନେ କେହ ତ୍ରିଭୁବନେ ଆପନାର ବଲିବାର ।

ଗୀତ ଶୁଣି ଠାକୁର ଶ୍ରୀରାମକୃଷ୍ଣ ଭାବରେ ବିହ୍ୱଳ ହୋଇ କହୁଛନ୍ତି, "ଆହା ! ତୁମେ ହିଁ ସବୁ ! ଆହା ! ଆହା !"

ଗୀତ ସରିଲା, ଛଅଟା ବାଜିଲାଣି । ଠାକୁର ମୁହଁ ଧୋଇବାକୁ ଝାଉଁବଣ ଆଡ଼କୁ ଯାଉଛନ୍ତି ! ସଙ୍ଗରେ ମାଷ୍ଟର ।

ଠାକୁର ଚାଲୁଛନ୍ତି ଓ ହସି ହସି କଥା କହୁଛନ୍ତି । ମାଷ୍ଟରଙ୍କୁ ହଠାତ୍ କହିଲେ, "ତୁମେ ସବୁ ତ ଖାଇଲ ନାହିଁ ? ସେମାନେ ବି ତ ଖାଇଲେ ନାହିଁ ?"

ଠାକୁର ଭକ୍ତମାନଙ୍କୁ ପ୍ରସାଦ ଦେବା ପାଇଁ ବ୍ୟସ୍ତ ହେଉଛନ୍ତି ।

## ନରେନ୍ଦ୍ର ଓ ଠାକୁର ଶ୍ରୀରାମକୃଷ୍ଣ

ଆଜି ସନ୍ଧ୍ୟା ପରେ ଠାକୁରଙ୍କର କଲିକତା ଯିବା କଥା । ଝାଉଁବଣ ଆଡୁ ଫେରିବା ସମୟରେ ମାଷ୍ଟରଙ୍କୁ କହୁଛନ୍ତି, ''ଆଚ୍ଛା, କାହା ଗାଡ଼ିରେ ଯିବି ?''

ସନ୍ଧ୍ୟା ହେଲା । ଠାକୁରଙ୍କ ଘରେ ଦୀପ ଜଳାହେଲା ଓ ଝୁଣା ଦିଆ ଗଲା । ଦେବାଳୟର ସବୁ ସ୍ଥାନରେ ଆଲୁଅବାଲା ଆଲୁଅ ଜାଳି ଦେଇ ଗଲା । 'ରୋଶନ ଚୌକି' ବାଜା ବାଜୁଛି । ଏଥର ଦ୍ୱାଦଶ ଶିବ ମନ୍ଦିର, ବିଷ୍ଣୁ ମନ୍ଦିର ଓ କାଳୀ ମନ୍ଦିରରେ ଆଳତି ହେବ ।

ଛୋଟ ଖଟଟିରେ ବସି ଦେବଦେବୀଙ୍କର ନାମ କୀର୍ତ୍ତନାନ୍ତର ଶ୍ରୀରାମକୃଷ୍ଣ ମାଆଙ୍କର ଧ୍ୟାନ କରୁଛନ୍ତି । ଆଳତି ହୋଇଗଲା । କିଛି ସମୟ ପରେ ଠାକୁର ଘର ଭିତରେ ପଦଚାରଣ କରୁଛନ୍ତି ଓ ଭକ୍ତମାନଙ୍କ ସଙ୍ଗରେ ମଝିରେ ମଝିରେ କଥା କହୁଛନ୍ତି ଏବଂ କଲିକତାକୁ ଯିବା ପାଇଁ ମାଷ୍ଟରଙ୍କ ସଙ୍ଗରେ ପରାମର୍ଶ କରୁଛନ୍ତି ।

ଏତିକିବେଳେ ନରେନ୍ଦ୍ର ଆସି ପହଞ୍ଚିଲେ । ସଙ୍ଗରେ ଶରତ ଓ ଆଉ ଜଣେ ଦୁଇଜଣ ଯୁବକ । ସେମାନେ ଆସି ଭୂମିଷ୍ଠ ହୋଇ ପ୍ରଣାମ କଲେ ।

ନରେନ୍ଦ୍ରଙ୍କୁ ଦେଖି ଠାକୁରଙ୍କର ସ୍ନେହ ଉଚ୍ଛୁଳି ପଡ଼ିଲା । ଛୋଟ ପିଲାକୁ ଯେପରି ଆଦର କରନ୍ତି, ଠାକୁର ସେହିପରି ନରେନ୍ଦ୍ରଙ୍କ ମୁହଁରେ ହାତ ଦେଇ ଆଦର କଲେ ଓ ସ୍ନେହପୂର୍ଣ୍ଣ ସ୍ୱରରେ କହିଲେ, ''ତୁମେ ଆସିଛ !''

ଘର ମଝିରେ ପଶ୍ଚିମ ଦିଗକୁ ମୁହଁ କରି ଠାକୁର ଠିଆ ହୋଇଛନ୍ତି । ନରେନ୍ଦ୍ର ଓ ଆଉ କେତେଜଣ ଯୁବକ ଠାକୁରଙ୍କୁ ପ୍ରଣାମ କରି ପୂର୍ବ ଦିଗକୁ ମୁହଁ କରି ତାଙ୍କ ସହିତ କଥା କହୁଛନ୍ତି । ଠାକୁର ମାଷ୍ଟରଙ୍କ ଆଡ଼କୁ ମୁହଁ ବୁଲାଇ କହୁଛନ୍ତି, ''ନରେନ୍ଦ୍ର ଆସିଛି, ଆଉ କଅଣ ଯିବା ହୁଏ ? ଲୋକ ପଠାଇ ନରେନ୍ଦ୍ର ପ୍ରଭୃତିଙ୍କୁ ଡକାଇଥିଲି, ଆଉ କଅଣ ଯିବା ହୁଏ ? କଅଣ କହୁଛ ?''

ମାଷ୍ଟର—ଆଜ୍ଞା, ଆଜି ତେବେ ଥାଉ ।

ଶ୍ରୀରାମକୃଷ୍ଣ—ଆଚ୍ଛା, କାଲି ଯିବି, ହୁଏତ ନୌକାରେ, ନୋହିଲେ ଗାଡ଼ିରେ । (ଅନ୍ୟାନ୍ୟ ଭକ୍ତମାନଙ୍କ ପ୍ରତି) ତୁମେ ସବୁ ତେବେ ଆଜି ଯାଅ, ରାତି ହେଲାଣି !

ଭକ୍ତମାନେ ଜଣ ଜଣ ହୋଇ ପ୍ରଣାମ କରି ବିଦାୟ ଗ୍ରହଣ କଲେ ।

❖ ❖ ❖

# ପଞ୍ଚଦଶ ପରିଚ୍ଛେଦ

## ବଳରାମଙ୍କ ମନ୍ଦିରରେ ଶ୍ରୀଶ୍ରୀରଥଯାତ୍ରା

## (୧)

### ପୂର୍ଣ୍ଣ, ଛୋଟ ନରେନ୍ଦ୍ର, ଗୋପାଳର ମା

ଶ୍ରୀରାମକୃଷ୍ଣ ବଳରାମଙ୍କ ବୈଠକଖାନାରେ ଭକ୍ତଙ୍କ ଗହଣରେ ବସିଛନ୍ତି । ଆଷାଢ଼ ଶୁକ୍ଳ ପ୍ରତିପଦ, ସୋମବାର, ୧୩ ଜୁଲାଇ ୧୮୮୫, ସକାଳ ୯ଟା ।

ଆସନ୍ତା କାଲି ଶ୍ରୀଶ୍ରୀରଥଯାତ୍ରା । ତେଣୁ ବଳରାମ ଠାକୁରଙ୍କୁ ନିମନ୍ତ୍ରଣ କରି ଆଣିଛନ୍ତି । ଘରେ ଶ୍ରୀଶ୍ରୀଜଗନ୍ନାଥ ବିଗ୍ରହଙ୍କର ନିତ୍ୟ ସେବା ହୁଏ । ଖଣ୍ଡେ ଛୋଟ ରଥ ମଧ୍ୟ ଅଛି—ରଥ ଦିନ ବାହାର ବାରଣ୍ଡାରେ ରଥଟଣା ହେବ ।

ଠାକୁର ମାଷ୍ଟରଙ୍କ ସହିତ କଥା କହୁଛନ୍ତି । ପାଖରେ ନାରାୟଣ, ତେଜଚନ୍ଦ୍ର, ବଳରାମ ଓ ଅନ୍ୟାନ୍ୟ ଅନେକ ଭକ୍ତ ରହିଛନ୍ତି । ପୂର୍ଣ୍ଣଙ୍କ ସମ୍ବନ୍ଧରେ କଥା ହେଉଛି । ପୂର୍ଣ୍ଣଙ୍କର ବୟସ ପନ୍ଦର ବର୍ଷ ହେବ । ଠାକୁର ତାଙ୍କୁ ଦେଖିବା ପାଇଁ ବ୍ୟାକୁଳ ହୋଇଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଆଚ୍ଛା, ସେ (ପୂର୍ଣ୍ଣ) କେଉଁ ବାଟେ ଆସି ଦେଖା କରିବ ? ଦ୍ୱିଜ ଓ ପୂର୍ଣ୍ଣ ଏ ଦୁହିଁଙ୍କୁ ତୁମେ ନିଜେ ସାକ୍ଷାତ୍ କରାଇ ଦିଅ । ''ଏକା ସତ୍ତା ଏବଂ ଏକା ବୟସର ଲୋକଙ୍କୁ ମୁଁ ମିଶାଇ ଦିଏ । ଏହାର ତାତ୍ପର୍ଯ୍ୟ ଅଛି । ଦୁଇଜଣଙ୍କର ଉନ୍ନତି ହୁଏ । ପୂର୍ଣ୍ଣର କିପରି ଅନୁରାଗ ଦେଖୁଛ !''

ମାଷ୍ଟର—ଆଜ୍ଞା ହଁ, ମୁଁ ଟ୍ରାମରେ ଯାଉଥିଲି, ସେ ଛାତରେ ଥିଲା, ମୋତେ ଦେଖି ରାସ୍ତା ଆଡ଼କୁ ଦୌଡ଼ି ଆସିଲା ଏବଂ ବ୍ୟାକୁଳ ହୋଇ ସେଠାରୁ ନମସ୍କାର କଲା ।

ଶ୍ରୀରାମକୃଷ୍ଣ (ସାଶ୍ରୁ ନୟନରେ)—ଆହା ! ଆହା !—କାହିଁକି ନା, ଏ ମୋର ପରମାର୍ଥ ଲାଭ ପାଇଁ ଯୋଗାଯୋଗ କରାଇ ଦେଇଛନ୍ତି । ଈଶ୍ୱରଙ୍କ ପାଇଁ ବ୍ୟାକୁଳ ନ ହେଲେ ଏପରି ହୁଏ ନାହିଁ ।

### ପୂର୍ଣ୍ଣର ପୁରୁଷସତ୍ତା, ଦୈବସ୍ୱଭାବ, ତପସ୍ୟା ବଳରେ ନାରାୟଣ ସନ୍ତାନ

ଏ ତିନିଜଣଙ୍କର ପୁରୁଷସତ୍ତା—ନରେନ୍ଦ୍ର, ଛୋଟ ନରେନ୍ ଆଉ ପୂର୍ଣ୍ଣ । ଭବନାଥର ନୁହେଁ—ତାହାର ସ୍ତ୍ରୀ-ଭାବ (ପ୍ରକୃତିଭାବ) ।

ପୂର୍ଣ୍ଣର ଯେପରି ଅବସ୍ଥା, ଏଥିରେ ହୁଏତ ଶୀଘ୍ର ଦେହତ୍ୟାଗ ହେବ—ଈଶ୍ୱର ଲାଭ ତ ହେଲା, ଆଉ କଅଣ ଦରକାର, ବା କିଛିଦିନ ମଧ୍ୟରେ ତା'ର ଅନ୍ତର ସ୍ୱଭାବ ଫୁଟି ବାହାରକୁ ଆସିବ ।

ଦୈବସ୍ୱଭାବ— ଦେବତାଙ୍କର ପ୍ରକୃତି । ଏଥିରେ ଲୋକଭୟ କମ୍ ଥାଏ । ଯଦି ବେକରେ ମାଳା, ଦେହରେ ଚନ୍ଦନ, ଧୂପ ଝୁଣାର ଗନ୍ଧ ଦିଆଯିବ, ତାହାହେଲେ ସମାଧି ହୋଇଯିବ । ଠିକ୍ ବୋଧ ହୋଇଯାଏ ଯେ, ଅନ୍ତରରେ ନାରାୟଣ ଅଛନ୍ତି—ନାରାୟଣ

ଦେହଧାରଣ କରି ଆସିଛନ୍ତି । ମୁଁ ସନ୍ଧାନ ପାଇଛି ।

**ପୂର୍ବକଥା—ସୁଲକ୍ଷଣା ବ୍ରାହ୍ମଣୀର ସମାଧି—ରଣଜିତଙ୍କର ଭଗବତୀ କନ୍ୟା**

"ଦକ୍ଷିଣେଶ୍ୱରରେ ଯେତେବେଳେ ମୋର ପ୍ରଥମେ ଏହିପରି ଅବସ୍ଥା ହେଲା, ତା'ର କିଛି ଦିନ ପରେ ଜଣେ ଭଦ୍ର ବ୍ରାହ୍ମଣ ଘରର ଝିଅଟିଏ ଆସିଥିଲା । ଭାରୀ ସୁଲକ୍ଷଣା । ଯେତେବେଳେ ବେକରେ ମାଳା ଓ ଧୂପ ଝୁଣା ଦିଆହେଲା, ସଙ୍ଗେ ସଙ୍ଗେ ସମାଧିସ୍ଥ । କିଛି ସମୟ ପରେ ଆନନ୍ଦ—ଆନନ୍ଦାଶ୍ରୁ ବହିବାକୁ ଲାଗିଲା । ମୁଁ ସେତେବେଳେ ପ୍ରଣାମ କରି ପଚାରିଲି, 'ମା, ମୋର କ'ଣ ଲାଭ ହେବ ?' ସେ କହିଲା, 'ହଁ !' ପୂର୍ଣ୍ଣକୁ ଆଉଥରେ ଦେଖିବାକୁ ଇଚ୍ଛା, କିନ୍ତୁ ଦେଖିବାର ସୁବିଧା କାହିଁ ?

"କଳା ବୋଲି ବୋଧ ହୁଏ । କି ଆଶ୍ଚର୍ଯ୍ୟ ! ଖାଲି ଅଂଶ ନୁହେଁ କଳା । କି ବୁଦ୍ଧିମାନ ! —ପଢ଼ାରେ ମଧ୍ୟ ଖୁବ୍ ବିଚକ୍ଷଣ ।—ତେବେ ତ ଠିକ୍ ଧରିଛି !

"ତପସ୍ୟା ବଳରେ ନାରାୟଣ ସନ୍ତାନ ହୋଇ ଜନ୍ମଗ୍ରହଣ କରନ୍ତି । କାମାରପୁକୁର ଯିବା ରାସ୍ତାରେ ରଣଜିତ ରାୟଙ୍କର ବିରାଟ ପୁଷ୍କରିଣୀ ଅଛି । ତାଙ୍କ ଘରେ ଭଗବତୀ କନ୍ୟା ହୋଇ ଜନ୍ମିଥିଲେ । ଏବେ ମଧ୍ୟ ଚୈତ୍ର ମାସରେ ମେଳା ହୁଏ । ଆଗେ ସେଠାକୁ ଯିବାକୁ ମୋର ଭାରୀ ଇଚ୍ଛା ହେଉଥିଲା । ଏବେ ଆଉ ହୁଏ ନାହିଁ ।

"ରଣଜିତ୍ ରାୟ ସେଠାକାର ଜମିଦାର ଥିଲେ । ତପସ୍ୟା ବଳରେ ଭଗବତୀଙ୍କୁ କନ୍ୟାରୂପରେ ପାଇଥିଲେ । କନ୍ୟାଟିକୁ ଭାରୀ ସ୍ନେହ କରୁଥିଲେ । ସେହି ସ୍ନେହ ବଶରେ ସେ ଅଟକି ଥିଲେ, ବାପାଙ୍କ ପାଖଛଡ଼ା ପ୍ରାୟ ହେଉ ନ ଥିଲେ । ଦିନେ ବାପା ଜମିଦାରୀ କାମ କରୁଛନ୍ତି, ଭାରୀ ବ୍ୟସ୍ତ; ଝିଅଟି ପିଲାସ୍ୱଭାବ ଯୋଗୁ କେବଳ ପଚାରୁଛି, 'ବାପା, ଏଇଟା କଅଣ, ସେଇଟା କଅଣ ?' ବାପା କେତେଥର ମିଠାକଥାରେ କହିଲେ, 'ମା, ବର୍ତ୍ତମାନ ଯାଆ, ବହୁତ କାମ ଅଛି । ଝିଅ କୌଣସି ମତେ ଗଲା ନାହିଁ । ଶେଷରେ ବାପା ଅନ୍ୟମନସ୍କ ହୋଇ କହିଲେ, 'ତୁ ଏଠାରୁ ପଳା!' ମା ସେତେବେଳେ ଏହି କଥାକୁ ଆଳ କରି ଘରୁ ଚାଲିଗଲେ । ସେତିକିବେଳେ ଜଣେ ଶଙ୍ଖାରୀ ରାସ୍ତାରେ ଯାଉଥିଲା । ତାକୁ ଡାକି ଶଙ୍ଖା ପିନ୍ଧିଲେ । ଦାମ ଦେବା ବିଷୟରେ କହିଲେ, 'ଘରର ଅମୁକ ଠଣାରେ ଟଙ୍କା ଅଛି ନେବ ।' ଏହା କହି ସେଠାରୁ ଚାଲିଗଲେ, ଆଉ ଦେଖା ଗଲେ ନାହିଁ । ଏଣେ ଶଙ୍ଖାରୀ ଟଙ୍କା ପାଇଁ ଡକାଡକି କରୁଛି । ସେତେବେଳ ଝିଅ ଘରେ ନାହିଁ ଦେଖି ସମସ୍ତେ ଦୌଡ଼ି ଆସିଲେ । ରଣଜିତ ରାୟ ବିଭିନ୍ନ ସ୍ଥାନକୁ ଖୋଜିବା ପାଇଁ ଲୋକ ପଠାଇଲେ । ଶଙ୍ଖାରୀର ଟଙ୍କା ଠିକ୍ ସେହି ଠଣାରୁ ମିଳିଲା । ରଣଜିତ ରାୟ କାନ୍ଦି କାନ୍ଦି ବୁଲୁଛନ୍ତି, ଏତିକିବେଳେ ଲୋକମାନେ ଆସି କହିଲେ ଯେ ପୁଷ୍କରିଣୀରେ କଅଣ ଦେଖାଯାଉଛି । ସମସ୍ତେ ସେଠାକୁ ଯାଇ ଦେଖିଲେ ଶଙ୍ଖା ପିନ୍ଧା ହାତଟିକୁ ପାଣି ଉପରକୁ ଟେକିଛନ୍ତି । ତା'ପରେ ଆଉ ଦେଖାଗଲେ ନାହିଁ । ଏବେ ମଧ୍ୟ ଏହି ମେଳା ସମୟରେ—ବାରୁଣୀ ଦିନରେ ଭଗବତୀଙ୍କର ପୂଜା ହୁଏ ।

(ମାଷ୍ଟରଙ୍କୁ)—''ଏସବୁ କଅଣ ସତ ?''

ମାଷ୍ଟର—ଆଜ୍ଞା, ହଁ ।

ଶ୍ରୀରାମକୃଷ୍ଣ—ନରେନ୍ଦ୍ର ଏସବୁ ବିଶ୍ୱାସ କରେ ।

ପୂର୍ଣ୍ଣର ବିଷ୍ଣୁଙ୍କ ଅଂଶରେ ଜନ୍ମ । ମାନସ-ପୂଜାରେ ବେଲପତ୍ର ଦେଇ ପୂଜା କଲି, ହେଲା ନାହିଁ—ତୁଳସୀ ଚନ୍ଦନ ଦେଲି, ସେତେବେଳେ ହେଲା ।

ସେ ନାନାରୂପରେ ଦର୍ଶନ ଦିଅନ୍ତି । କେତେବେଳେ ନରରୂପରେ, କେତେବେଳେ ଚିନ୍ମୟ ଈଶ୍ୱରୀୟ ରୂପରେ । ରୂପ ମାନିବାକୁ ହୁଏ । କଅଣ କହୁଛ ?

ମାଷ୍ଟର—ଆଜ୍ଞା, ହଁ ।

### ଗୋପାଳ ମାଆଙ୍କର ପ୍ରକୃତିଭାବ ଓ ରୂପଦର୍ଶନ

ଶ୍ରୀରାମକୃଷ୍ଣ—କାମାରହାଟୀର ବ୍ରାହ୍ମଣୀ (ଗୋପାଳ ମା') କେତେ କଅଣ ଦେଖେ; ଏକାକୀ ଗଙ୍ଗା କୂଳରେ ଗୋଟିଏ ବଗିଚାରେ ନିର୍ଜନ ଘରେ ରହେ ଓ ଜପ କରେ । ପାଖରେ ଗୋପାଳ ଶୁଏ । (କହୁ କହୁ ଠାକୁର ଚମକି ଉଠିଲେ) । କଳ୍ପନା ନୁହେଁ, ସାକ୍ଷାତ୍ ! ସେ ଦେଖିଲା ଗୋପାଳର ନାଲିଆ ହାତପାପୁଲି ! ଗୋପାଳ ସାଙ୍ଗରେ ବୁଲେ ! ତାଙ୍କଠାରୁ କ୍ଷୀର ପିଏ, କଥା କହେ ! ନରେନ୍ଦ୍ର ଏହିକଥା ଶୁଣି କାନ୍ଦିଲା ।

''ମୁଁ ବି ଆଗେ ବହୁତ ଦେଖୁଥିଲି । ଏବେ ଭାବରେ ଆଉ ସେତେ ଦର୍ଶନ ହୁଏ ନାହିଁ । ଆଜିକାଲି ପ୍ରକୃତିଭାବ କମିଯାଉଛି । ପୁରୁଷଭାବ ଆସୁଛି । ସେଥିପାଇଁ ଭାବ ଅନ୍ତରରେ, ବାହାରେ ସେତେ ପ୍ରକାଶ ନାହିଁ ।

''ଛୋଟ ନରେନ୍‌ର ପୁରୁଷଭାବ—ସେଥିପାଇଁ ମନ ଲୀନ ହୋଇଯାଏ । ଭାବାଦି ନାହିଁ । ନିତ୍ୟଗୋପାଳର ପ୍ରକୃତିଭାବ । ସେଥିପାଇଁ କୋମଳ ଭାବ—ଭାବରେ ତା' ଦେହ ନାଲି ପଡ଼ିଯାଏ ।

## (୨)

### କାମିନୀ-କାଞ୍ଚନ ତ୍ୟାଗ—ପୂର୍ଣ୍ଣ ଓ ଅନ୍ୟାନ୍ୟ ଭକ୍ତ

(ବିନୋଦ, ଦ୍ୱିଜ, ତାରକ, ମୋହିତ, ତେଜଚନ୍ଦ୍ର, ନାରାୟଣ, ବଳରାମ, ଅତୁଳ)

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଆଚ୍ଛା, ଯେଉଁ ଲୋକଙ୍କର ଟିକିଏ ଟିକିଏ ତ୍ୟାଗ ହୁଏ ସେମାନଙ୍କର କଅଣ ଅବସ୍ଥା !

ବିନୋଦ କହିଲା, ''ସ୍ତ୍ରୀ ସଙ୍ଗରେ ଶୋଇବାକୁ ହୁଏ, ମନ ଭାରୀ ଖରାପ ହୁଏ ।'

ଦେଖ, ସଙ୍ଗ ହେଉ ବା ନ ହେଉ, ଏକ ସଙ୍ଗରେ ଶୋଇବା ମଧ୍ୟ ଖରାପ । ଦେହର ଘର୍ଷଣ ଦେହର ଗରମ ।

ଦ୍ୱିଜର କି ଅବସ୍ଥା ! କେବଳ ଦେହ ହଲାଉଥାଏ ଓ ମୋର ମୁହଁକୁ ଚାହିଁ ରହିଥାଏ । ଏ କଅଣ କମ୍ କଥା ? **ଯଦି କେହି ଏକାଗ୍ର ହୋଇ ମୋଠାରେ ମନୋନିବେଶ କଲା, ତାହାହେଲେ ତ ସବୁ ହୋଇଗଲା ।**

## ଠାକୁର ଶ୍ରୀରାମକୃଷ୍ଣ କ'ଣ ଅବତାର

''ମୁଁ ପୁଣି କ'ଣ ?—ସେ । **ମୁଁ ଯନ୍ତ୍ର ସେ ଯନ୍ତ୍ରୀ** । ଏହା (ମୋର) ଭିତରେ ଈଶ୍ୱରଙ୍କର ସତ୍ତା ରହିଛି । ସେଥିପାଇଁ ଲୋକଙ୍କର ଏତେ ଆକର୍ଷଣ ବଢୁଛି । କେବଳ ଛୁଇଁ ଦେଲେ ହେଲା । ଏହି ଟାଣ ଏହି ଆକର୍ଷଣ ଈଶ୍ୱରଙ୍କର ହିଁ ଆକର୍ଷଣ ।

''ତାରକ (ବେଲଘରିଆର) ସେଠାରୁ (ଦକ୍ଷିଣେଶ୍ୱରରୁ) ଘରକୁ ଫେରି ଯାଉଛି ! ଦେଖିଲି, ଏହା ଭିତରୁ ଅଗ୍ନିଶିଖା ପରି ଦପ୍ ଦପ୍ ହୋଇ କ'ଣ ଗୋଟାଏ ବାହାରିଗଲା —ତା' ପଛେ ପଛେ ଗଲା ।

''କିଛିଦିନ ପରେ ତାରକ ପୁଣି ଆସିଲା (ଦକ୍ଷିଣେଶ୍ୱରକୁ) । ସେତେବେଳେ ସମାଧିସ୍ଥ ହୋଇ ତାର ଛାତି ଉପରେ ପାଦ ଦେଲେ—ଏହା ଭିତରେ ଯେ ଅଛନ୍ତି ।

'' ଆଚ୍ଛା,ଏହି ଯୁବକମାନଙ୍କ ପରି ଆଉ କ'ଣ ଯୁବକ ଅଛନ୍ତି ?''

ମାଷ୍ଟର—ମୋହିତ ଭାରୀ ଭଲ । ଆପଣଙ୍କ ପାଖକୁ ଥରେ ଦୁଇ-ଥର ଯାଇଥିଲା । ଦୁଇଟି ପରୀକ୍ଷା ଦେବା ପାଇଁ ପାଠ ପଢୁଛି, ଆଉ ଈଶ୍ୱରଙ୍କଠାରେ ଭାରୀ ଅନୁରାଗ ।

ଶ୍ରୀରାମକୃଷ୍ଣ—ତାହା ହୋଇପାରେ, ତେବେ ଏତେ ଉଚ୍ଚ ଘର ନୁହେଁ । ଦେହର ଲକ୍ଷଣ ସେପରି ଭଲ ନୁହେଁ । ଚେପ୍‌ଟା ମୁହଁ ।

ଏମାନଙ୍କର ଉଚ୍ଚଘର । ତେବେ ଦେହ ଧାରଣ କଲେ ହିଁ ଗୋଳମାଳ । ଅଭିଶାପ ପଡ଼ିଲା ତ ପୁଣି ସାତଥର ଜନ୍ମଗ୍ରହଣ କରିବାକୁ ପଡ଼ିବ । ଖୁବ୍ ସାବଧାନରେ ରହିବାକୁ ହୁଏ । ବାସନା ରହିଲେ ହିଁ ଦେହଧାରଣ ।

ଜଣେ ଭକ୍ତ—ଯେଉଁମାନେ ଅବତାର—ଦେହଧାରଣ କରି ଆସିଛନ୍ତି, ସେମାନଙ୍କର କ'ଣ ବାସନା ଥାଏ ?

ଶ୍ରୀରାମକୃଷ୍ଣ (ସହାସ୍ୟ)—ଦେଖିଛି, ମୋର ସବୁ ବାସନା ଯାଇନାହିଁ । ଜଣେ ସାଧୁର ଶାଲ୍ ଦେଖି ସେହିପରି ପିନ୍ଧିବାକୁ ବାସନା ହୋଇଥିଲା । ଏବେ ମଧ୍ୟ ଅଛି । କିଏ ଜାଣେ , ହୁଏତ ଆଉ ଥରେ ଆସିବାକୁ ହେବ ।

ବଳରାମ (ସହାସ୍ୟ)—ଆପଣଙ୍କର ଜନ୍ମ କ'ଣ ଶାଲ୍ ପାଇଁ ? (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ (ସହାସ୍ୟ)—ଚିନ୍ତା କରୁ କରୁ ଦେହ ତ୍ୟାଗ ହେବ ବୋଲି ଗୋଟିଏ ସତ୍‌କାମନା ରଖିବାକୁ ହୁଏ । ସାଧୁମାନେ ଚାରି ଧାମରୁ ଗୋଟିଏ ଧାମ ବାକି ରଖନ୍ତି । ଅନେକେ ଜଗନ୍ନାଥକ୍ଷେତ୍ର ବାକି ରଖନ୍ତି । ତାହାହେଲେ ଜଗନ୍ନାଥଙ୍କୁ ଚିନ୍ତା କରୁ କରୁ ଦେହତ୍ୟାଗ ହେବ ।

ଗେରୁଆ ବସ୍ତ୍ର ପିନ୍ଧିଥିବା ଜଣେ ବ୍ୟକ୍ତି ଘରେ ପ୍ରବେଶ କରି ଅଭିବାଦନ କଲେ । ସେ ଭିତରେ ଭିତରେ ଠାକୁରଙ୍କ ନିନ୍ଦା କରନ୍ତି, ସେଥିପାଇଁ ବଳରାମ ହସୁଛନ୍ତି । ଠାକୁର ଅନ୍ତର୍ଯ୍ୟାମୀ, ବଳରାମଙ୍କୁ କହୁଛନ୍ତି—''କହୁଥାଉ ଭଣ୍ଡ ବୋଲି—କିଛି ଚିନ୍ତା ନାହିଁ !''

## ତେଜଚନ୍ଦ୍ରଙ୍କ ସଂସାରତ୍ୟାଗ ପ୍ରସ୍ତାବ

ଠାକୁର ତେଜଚନ୍ଦ୍ରଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ତେଜଚନ୍ଦ୍ରଙ୍କ ପ୍ରତି)—ତୋତେ ଏତେ ଡାକି ପଠାଏ, ଆସୁନାହୁଁ କାହିଁକି ? ଆଚ୍ଛା, ଧ୍ୟାନ ଜପ କରୁଛୁ ? ସେତିକି ହେଲେ ମୁଁ ସୁଖୀ ହେବି । ମୁଁ ତୋତେ ନିଜର ବୋଲି ଜାଣେ, ସେଥିପାଇଁ ଡାକେ ।

ତେଜଚନ୍ଦ୍ର—ଆଜ୍ଞା, ଅଫିସ ଯିବାକୁ ହୁଏ, ବହୁତ କାମ ।

ମାଷ୍ଟର (ସହାସ୍ୟ)—ଘରେ ବିଭାଘର, ଦଶଦିନ ଅଫିସରୁ ଛୁଟି ନେଇଥିଲେ ।

ଶ୍ରୀରାମକୃଷ୍ଣ—ତେବେ ! ଅବସର ନାହିଁ, ଅବସର ନାହିଁ ! ବର୍ତ୍ତମାନ କହିଲୁ ଯେ ସଂସାର ତ୍ୟାଗ କରିବୁ !

ନାରାୟଣ—ମାଷ୍ଟର ମହାଶୟ ଦିନେ କହିଥିଲେ—'Wilderness of this world —ସଂସାର ଅରଣ୍ୟ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ତୁମେ ସେଇ ଗପଟା କୁହତ, ଏମାନଙ୍କର ଉପକାର ହେବ । ଶିଷ୍ୟ ଔଷଧ ଖାଇ ଅଜ୍ଞାନ ହୋଇପଡ଼ିଥିଲା । ଗୁରୁ ଆସି କହିଲା, ଇଏ ବଞ୍ଚି ଉଠିବ ଯଦି ଏହି ବଟିକାଟି କେହି ଖାଏ । ଅବଶ୍ୟ ଏ ବଞ୍ଚିବ, କିନ୍ତୁ ଯେ ବଟିକା ଖାଇବ ସେ ମରିଯିବ ।

"ଆଉ ସେ ଗପଟା ମଧ କହ—ବଙ୍କାଟଙ୍କା । ସେହି ହଠଯୋଗୀ, ଯିଏ ଭାବୁଥିଲା ଯେ ସ୍ତ୍ରୀ ପ୍ରଭୃତି ଅତି ଆପଣାର ।

ମଧ୍ୟାହ୍ନରେ ଠାକୁର ଶ୍ରୀଶ୍ରୀଜଗନ୍ନାଥଙ୍କର ପ୍ରସାଦ ପାଇଲେ । ବଳରାମଙ୍କ ଘରେ ଜଗନ୍ନାଥ ମହାପ୍ରଭୁଙ୍କର ସେବା ଅଛି । ତେଣୁ ଠାକୁର କହନ୍ତି, 'ବଳରାମର ଶୁଦ୍ଧ ଅନ୍ନ ।' ଆହାରାନ୍ତେ କିଞ୍ଚିତ୍ ବିଶ୍ରାମ କଲେ ।

ଅପରାହ୍ଣରେ ଠାକୁର ଭକ୍ତଙ୍କ ମେଳରେ ସେହି ଘରେ ବସିଛନ୍ତି । କର୍ତ୍ତାଭଜା ସମ୍ପ୍ରଦାୟର ଚନ୍ଦ୍ରବାବୁ ଓ ରସିକ ବ୍ରାହ୍ମଣ ଜଣକ ମଧ୍ୟ ଅଛନ୍ତି । ବ୍ରାହ୍ମଣଙ୍କର ସ୍ୱଭାବ ଭାଣ୍ଡଙ୍କ ପରି—କଥା କହିଲେ ସମସ୍ତେ ହସନ୍ତି ।

ଠାକୁର କର୍ତ୍ତାଭଜାମାନଙ୍କ ସମ୍ବନ୍ଧରେ କେତେ କଥା କହିଲେ—ରୂପ, ସ୍ୱରୂପ, ରଜଃ-ବୀଜ, ପାକପ୍ରଣାଳୀ ଇତ୍ୟାଦି ।

## ଠାକୁରଙ୍କର ଭାବାବସ୍ଥା—ଅତୁଲ ଓ ତେଜଚନ୍ଦ୍ରଙ୍କ ଭାଇ

ସମୟ ସନ୍ଧ୍ୟା ଛଅଟା । ଗିରିଶଙ୍କ ଭାଇ ଅତୁଳ ଓ ତେଜଚନ୍ଦ୍ରଙ୍କ ଭାଇ ଆସିଛନ୍ତି । ଠାକୁର ଭାବସମାଧିସ୍ଥ ହୋଇଛନ୍ତି । ଟିକିଏ ପରେ ଭାବାବେଶରେ କହୁଛନ୍ତି, "ଚୈତନ୍ୟଙ୍କୁ ଭାବିଲେ କଅଣ ଅଚୈତନ୍ୟ ହୁଅନ୍ତି ? ଈଶ୍ୱରଙ୍କୁ ଚିନ୍ତା କରି କେହି କଅଣ ବେହୋସ୍ ହୁଏ ? ସେ ଯେ ବୋଧସ୍ୱରୂପ, ନିତ୍ୟ, ଶୁଦ୍ଧ, ବୋଧରୂପ !"

ଆଗନ୍ତୁକମାନଙ୍କ ମଧ୍ୟରୁ କେହି କଅଣ ଭାବୁଥିଲେ ଯେ, ବେଶୀ ଈଶ୍ୱରଚିନ୍ତା କରି

ଠାକୁରଙ୍କର ମୁଣ୍ଡ ଖରାପ ହୋଇଯାଇଛି ?

### 'ଆଗେଇ ଯାଅ'—କୃଷ୍ଣଧନଙ୍କ ରସିକତା

ଠାକୁର କୃଷ୍ଣଧନ ନାମକ ଜଣେ ରସିକ ବ୍ରାହ୍ମଣଙ୍କୁ କହୁଛନ୍ତି, "ଐହିକ ବିଷୟ ନେଇ ହସକୌତୁକରେ ତୁମେ ଦିନରାତି ବିତାଇ ଦେଉଛ ! ଏହାକୁ ଈଶ୍ୱରମୁଖୀ କରାଇ ଦିଅ । ଯିଏ ଲୁଣର ହିସାବ କରିପାରେ, ସେ ମିଶ୍ରିର ହିସାବ ମଧ୍ୟ କରିପାରେ ।"

କୃଷ୍ଣଧନ (ସହାସ୍ୟ)—ଆପଣ ଟାଣି ନିଅନ୍ତୁ !

ଶ୍ରୀରାମକୃଷ୍ଣ—ମୁଁ କଅଣ କରିବି, ତୁମ ଚେଷ୍ଟା ଉପରେ ସବୁ ନିର୍ଭର କରୁଛି । 'ଏ ମନ୍ତ୍ର ନୁହେଁ—ଏବେ ମନ ତୋର !'

ସାମାନ୍ୟ ରସିକତା ଛାଡ଼ି ଈଶ୍ୱରଙ୍କ ମାର୍ଗରେ ଆଗେଇ ଯାଅ—ତା'ଠୁ ବଡ଼, ତା'ଠୁ ବେଶୀ—ଅଛି ! ବ୍ରହ୍ମଚାରୀ କାଠୁରିଆକୁ ଆଗେଇ ଯିବାକୁ କହିଥିଲେ । ସେ ଆଗେଇ ଯାଇ ପ୍ରଥମେ ଦେଖିଲା ଚନ୍ଦନ କାଠ—ତା'ପରେ ଦେଖିଲା ରୂପାର ଖଣି—ତା'ପରେ ସୁନାର ଖଣି—ତା'ପରେ ହୀରା ମାଣିକ !"

କୃଷ୍ଣଧନ—ଏ ପଥ'ର ଶେଷ ନାହିଁ !

ଶ୍ରୀରାମକୃଷ୍ଣ—ଯେଉଁଠାରେ ଶାନ୍ତି, ସେହିଠାରେ 'ତିଷ୍ଠ' ।

ଠାକୁର ଜଣେ ଆଗନ୍ତୁକଙ୍କ ସମ୍ବନ୍ଧରେ କହୁଛନ୍ତି—

ତା' ଭିତରେ କିଛି ବସ୍ତୁ ଦେଖିପାରିଲି ନାହିଁ । ଯେପରି ମହାକାଳଫଳ ।

ସନ୍ଧ୍ୟା ହେଲା । ଘରେ ଆଲୁଅ ଜାଳି ଦିଆଗଲା । ଠାକୁର ଜଗନ୍ମାତାଙ୍କର ଚିନ୍ତା ଓ ମଧୁର ସ୍ୱରରେ ନାମ କରୁଛନ୍ତି । ଭକ୍ତମାନେ ଚାରିପଟେ ବସିଛନ୍ତି ।

କାଲି ରଥଯାତ୍ରା । ଠାକୁର ଆଜି ଏହିଠାରେ ରାତ୍ରିବାସ କରିବେ ।

ଅନ୍ତଃପୁରରେ କିଞ୍ଚିତ ଜଳଯୋଗ କରି ପୁଣି ବଡ଼ ଘରକୁ ଫେରିଆସିଲେ । ରାତି ପ୍ରାୟ ଦଶଟା ହେବ । ଠାକୁର ମଣିଙ୍କୁ କହୁଛନ୍ତି, "ଏହି ଘରୁ (ଅର୍ଥାତ୍ ପଶ୍ଚିମ ପାଖ ଛୋଟ ଘରୁ) ଗାମୁଛାଟି ଆଣ ।"

ସେହି ଛୋଟ ଘରଟିରେ ଠାକୁରଙ୍କ ପାଇଁ ଶଯ୍ୟା ପ୍ରସ୍ତୁତ ହୋଇଛି । ରାତି ସାଢ଼େ ଦଶଟା ହେଲା । ଠାକୁର ଶୟନ କଲେ ।

ଗ୍ରୀଷ୍ମକାଳ । ଠାକୁର ମଣିଙ୍କୁ କହୁଛନ୍ତି, "ପଙ୍ଖାଟା ବରଂ ଆଣ ।" ତାଙ୍କୁ ବିଞ୍ଚିବା ପାଇଁ କହିଲେ । ରାତି ବାରଟା ବେଳେ ଠାକୁରଙ୍କର ଟିକିଏ ନିଦ୍ରା ଭଙ୍ଗ ହେଲା । କହିଲେ, "ଥଣ୍ଡା ଲାଗୁଛି, ଆଉ ଦରକାର ନାହିଁ ।"

### (୩)

### ଶ୍ରୀଶ୍ରୀରଥଯାତ୍ରା ଦିନ ଭକ୍ତଙ୍କ ଗହଣରେ ବଳରାମଙ୍କ ମନ୍ଦିରରେ

ଆଜି ଶ୍ରୀଶ୍ରୀରଥଯାତ୍ରା । ମଙ୍ଗଳବାର । ଅତି ପ୍ରତ୍ୟୁଷରେ ଠାକୁର ଉଠି ଏକାକୀ ନୃତ୍ୟ କରୁଛନ୍ତି ଓ ମଧୁର କଣ୍ଠରେ ନାମ କରୁଛନ୍ତି ।

ମାଷ୍ଟର ଆସି ପ୍ରଣାମ କଲେ । କ୍ରମଶଃ ଭକ୍ତମାନେ ଆସି ପ୍ରଣାମ କରି ଠାକୁରଙ୍କ ପାଖରେ ବସିଲେ । ଠାକୁର ପୂର୍ଣ୍ଣଙ୍କ ପାଇଁ ବ୍ୟାକୁଳ, ମାଷ୍ଟରଙ୍କୁ ଦେଖି ତାଙ୍କ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ତୁମେ ପୂର୍ଣ୍ଣକୁ ଦେଖି କିଛି ଉପଦେଶ ଦେଇଛ ?

ମାଷ୍ଟର—ଆଜ୍ଞା, ଚୈତନ୍ୟଚରିତ ପଢ଼ିବାକୁ କହିଥିଲି—ସେ ବହି ବିଷୟରେ ସବୁ କଥା ବେଶ୍ କରିପାରେ । ଆଉ ସତ୍ୟକୁ ଧରି ରଖିବାକୁ ଆପଣ କହିଥିଲେ; ସେହି କଥା ମଧ୍ୟ ତାକୁ କହିଥିଲି ।

ଶ୍ରୀରାମକୃଷ୍ଣ—ଆଚ୍ଛା, 'ଇଏ ଅବତାର'—ଏପରି କଥା ପଚାରିଲେ କଅଣ କହେ ?

ମାଷ୍ଟର—ମୁଁ କହିଥିଲି, ଚୈତନ୍ୟଦେବଙ୍କ ପରି ଜଣକୁ ଯଦି ଦେଖିବ ତେବେ ଆସ ।

ଶ୍ରୀରାମକୃଷ୍ଣ—ଆଉ କିଛି ?

ମାଷ୍ଟର—ଆପଣଙ୍କର ସେହି କଥାଟି । ଛୋଟ ଗାଡ଼ିଆରେ ହାତୀ ପଶିଲେ ପାଣି ଉଛୁଳି ପଡ଼େ; ଆଧାର ଛୋଟ ହେଲେ ଭାବ ଉଛୁଳି ପଡ଼େ ।

ମାଛ ଛାଡ଼ିବା ବିଷୟରେ କହିଲି, କାହିଁକି ଏପରି କଲ ! ଅଯଥା ଅଶାନ୍ତି ହେବ ।

ଶ୍ରୀରାମକୃଷ୍ଣ—ଠିକ୍ କଥା । ନିଜ ଭାବକୁ ଭିତରେ ରଖିବା ହିଁ ଭଲ ।

### ଭୂମିକମ୍ପ ଓ ଶ୍ରୀରାମକୃଷ୍ଣ—ଜ୍ଞାନୀର ଦେହ ଓ ଦେହନାଶ ସମାନ

ସକାଳ ପ୍ରାୟ ସାଢ଼େ ଛଅଟା । ବଳରାମଙ୍କ ଘରୁ ମାଷ୍ଟର ଗଙ୍ଗାସ୍ନାନ କରିବାକୁ ଯାଉଛନ୍ତି । ବାଟରେ ହଠାତ୍ ଭୂମିକମ୍ପ । ସେ ତତ୍‌କ୍ଷଣାତ୍ ଠାକୁରଙ୍କ ଘରକୁ ଫେରି ଆସିଲେ । ଠାକୁର ବୈଠକଖାନା ଘରେ ଠିଆ ହୋଇଛନ୍ତି । ଭକ୍ତମାନେ ମଧ୍ୟ ଠିଆ ହୋଇଛନ୍ତି । ଭୂମିକମ୍ପର କଥା ପଡ଼ିଛି । କମ୍ପନ ଟିକିଏ ବେଶୀ ହୋଇଥିଲା । ଭକ୍ତମାନେ ଅନେକ ଡରି ଯାଇଛନ୍ତି ।

ମାଷ୍ଟର—ଆମେମାନେ ସବୁ ତଳକୁ ଚାଲିଯିବା ଉଚିତ୍ ଥିଲା ।

### ପୂର୍ବକଥା—ଆଶ୍ୱିନ ଝଡ଼ରେ ଶ୍ରୀରାମକୃଷ୍ଣ—
### ୫, ଅକ୍ଟୋବର ୧୮୬୪ ଖ୍ରୀ:

ଶ୍ରୀରାମକୃଷ୍ଣ—ଯେଉଁ ଘରେ ବାସ, ତା'ର ହିଁ ଏହି ଦଶା ! ଏଥିରେ ପୁଣି ଲୋକଙ୍କର ଅହଙ୍କାର ! (ମାଷ୍ଟରଙ୍କୁ) ତୁମର ଆଶ୍ୱିନ ଝଡ଼ କଥା ମନେ ଅଛି ?

ମାଷ୍ଟର—ଆଜ୍ଞା, ହଁ । ସେତେବେଳେ ଖୁବ୍ କମ୍ ବୟସ—ନଅ ଦଶ ବର୍ଷ ବୟସ, ଘରେ ଏକାକୀ ଈଶ୍ୱରଙ୍କୁ ଡାକୁଥିଲି !

ମାଷ୍ଟର ବିସ୍ମିତ ହୋଇ ଭାବୁଛନ୍ତି—ଠାକୁର ହଠାତ୍ ଆଶ୍ୱିନ ଝଡ଼ କଥା କାହିଁକି ପଚାରିଲେ ? ମୁଁ ଯେ ବ୍ୟାକୁଳ ହୋଇ ଏକାକୀ ଗୋଟିଏ ଘରେ ବସି ଈଶ୍ୱରଙ୍କୁ କାନ୍ଦି କାନ୍ଦି ପ୍ରାର୍ଥନା କରିଥିଲି, ଠାକୁର କଅଣ ସବୁ ଜାଣିଛନ୍ତି ଓ ମୋତେ ମନେ ପକାଇ ଦେଉଛନ୍ତି ? ସେ କଅଣ ଜନ୍ମାବଧି ମୋତେ ଗୁରୁ ରୂପରେ ରକ୍ଷା କରୁଛନ୍ତି ?

ଶ୍ରୀରାମକୃଷ୍ଣ—ଦକ୍ଷିଣେଶ୍ୱରରେ ବହୁତ ଡେରିରେ କିଛି ରନ୍ଧାବଢ଼ା ହେଲା । ଗଛସବୁ ଉପୁଡ଼ି ପଡ଼ିଥିଲା । ଦେଖ ଯେଉଁ ଘରେ ବାସ, ତା'ର ହିଁ ଏହି ଦଶା !

''ତେବେ ପୂର୍ଣ୍ଣଜ୍ଞାନ ହେଲେ ମରିବା ମାରିବା ସମାନ ବୋଲି ବୋଧ ହୁଏ । ମଲେ ମଧ୍ୟ କେହି ମରେ ନାହିଁ—ମାରି ପକାଇଲେ ମଧ୍ୟ କେହି ମରେ ନାହିଁ ।* ଯାହାଙ୍କର ଲୀଳା ତାଙ୍କର ହିଁ ନିତ୍ୟ । କେବଳ ସେ ହିଁ ଗୋଟିଏ ରୂପରେ ନିତ୍ୟ, ଅନ୍ୟ ରୂପରେ ଲୀଳା । **ଲୀଳାରୂପ ନଷ୍ଟ ହେଲେ ମଧ୍ୟ ନିତ୍ୟ ଅଛି ।** ସ୍ଥିର ଥିଲେ ବି ପାଣି—ହଲ ଚଲ ହେଲେ ବି ପାଣି । ହଲଚଲ ବନ୍ଦ ହୋଇଗଲେ ବି ସେହି ପାଣି ।''

ଠାକୁର ବୈଠକଖାନା ଘରେ ଭକ୍ତମାନଙ୍କ ସଙ୍ଗରେ ପୁଣି ବସିଛନ୍ତି । ମହେନ୍ଦ୍ର ମୁଖାର୍ଜୀ, ହରିବାବୁ, ଛୋଟ ନରେନ୍ ଓ ଅନ୍ୟାନ୍ୟ କେତେଜଣ ଯୁବକ ଭକ୍ତ ବସିଛନ୍ତି । ହରିବାବୁ ଏକୁଟିଆ ରହନ୍ତି ଓ ବେଦାନ୍ତ ଚର୍ଚ୍ଚା କରନ୍ତି । ବୟସ ୨୩/୨୪ ବର୍ଷ ହେବ । ବିବାହ କରି ନାହାନ୍ତି । ଠାକୁର ତାଙ୍କୁ ଭାରୀ ଭଲ ପାଆନ୍ତି । ତାଙ୍କ ପାଖକୁ ଯିବାକୁ ସବୁବେଳେ କହନ୍ତି । ଏକୁଟିଆ ରହିବାକୁ ଚାହାଁନ୍ତି ବୋଲି ହରିବାବୁ ଠାକୁରଙ୍କ ପାଖକୁ ବେଶୀ ଥର ଆସିପାରନ୍ତି ନାହିଁ ।

ଶ୍ରୀରାମକୃଷ୍ଣ (ହରିବାବୁଙ୍କୁ)—କଅଣ ହେ, ତୁମେ ତ ଅନେକ ଦିନ ହେଲା ଆସି ନାହଁ !

### ହରିବାବୁଙ୍କ ଉପଦେଶ—ଅଦ୍ୱୈତବାଦ ଓ ବିଶିଷ୍ଟାଦ୍ୱୈତବାଦ—ବିଜ୍ଞାନ

''ସେ ଗୋଟିଏ ରୂପରେ ନିତ୍ୟ, ଅନ୍ୟ ରୂପରେ ଲୀଳା । ବେଦାନ୍ତରେ କଅଣ ଅଛି ? —ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା । କିନ୍ତୁ ଯେପର୍ଯ୍ୟନ୍ତ 'ଭକ୍ତ ମୁଁ' ରଖି ଦେଇଛନ୍ତି, ସେପର୍ଯ୍ୟନ୍ତ ଲୀଳା ମଧ୍ୟ ସତ୍ୟ । ସେ ଯେତେବେଳେ 'ମୁଁ'କୁ ପୋଛି ଦେବେ, ସେତେବେଳେ ଯାହା ଅଛି ତାହା ହିଁ ରହିବ । କଥାରେ କହିହୁଏ ନାହିଁ । ଯେପର୍ଯ୍ୟନ୍ତ 'ମୁଁ' ରଖି ଦେଇଛନ୍ତି, ସେପର୍ଯ୍ୟନ୍ତ ସବୁ କିଛି ମାନିବାକୁ ପଡ଼ିବ । କଦଳୀ ଗଛର ପଟୁଆ ଛଡ଼ାଉ ଛଡ଼ାଉ ମଞ୍ଜା ମିଳେ । ସୁତରାଂ ପଟୁଆ ଥିଲେ ମଞ୍ଜା ଅଛି, ମଞ୍ଜା ଥିଲେ ପଟୁଆ ଅଛି । ପଟୁଆର ମଞ୍ଜା, ମଞ୍ଜାର ପଟୁଆ । 'ନିତ୍ୟ'ର କଥା କହିଲେ 'ଲୀଳା' ଅଛି ବୋଲି ବୁଝିବାକୁ ହେବ । ଲୀଳା ମାନିଲେ ନିତ୍ୟକୁ ବି ମାନିବାକୁ ପଡ଼ିବ ।

''ଈଶ୍ୱର ଜୀବଜଗତ୍ ହୋଇଛନ୍ତି, ଚତୁର୍ବିଂଶତି ତତ୍ତ୍ୱ ହୋଇଛନ୍ତି । ଯେତେବେଳେ ନିଷ୍କ୍ରିୟ, ସେତେବେଳେ ତାଙ୍କୁ ବ୍ରହ୍ମ କହନ୍ତି । ଯେତେବେଳେ ସୃଷ୍ଟି କରୁଛନ୍ତି, ପାଳନ କରୁଛନ୍ତି ଓ ସଂହାର କରୁଛନ୍ତି—ସେତେବେଳେ ତାଙ୍କୁ ଶକ୍ତି କହନ୍ତି । ବ୍ରହ୍ମ ଏବଂ ଶକ୍ତି ଅଭେଦ—ପାଣି ସ୍ଥିର ଥିଲେ ବି ପାଣି, ହଲଚଲ ହେଉଥିଲେ ବି ପାଣି ।

---

* 'ନ ହନ୍ୟତେ ହନ୍ୟମାନେ ଶରୀରେ' ।-ଗୀତା ୨/୨୦
'ନାୟଂ ହନ୍ତି ନ ହନ୍ୟତେ ।'-ଗୀତା ୨/୧୯

'ମୁଁ' ବୋଧ ଯାଏ ନାହିଁ । ଯେପର୍ଯ୍ୟନ୍ତ 'ମୁଁ' ବୋଧ ଅଛି, ସେପର୍ଯ୍ୟନ୍ତ ଜୀବଜଗତକୁ ମିଥ୍ୟା ବୋଲି କହିବାର ଉପାୟ ନାହିଁ । ବେଲର ଖୋଳପା ଓ ମଞ୍ଜିଗୁଡ଼ିକୁ ବାଦ ଦେଲେ ସମ୍ପୂର୍ଣ୍ଣ ବେଲଟାର ଓଜନ ମିଳେ ନାହିଁ ।

ଯେଉଁ ଇଟା, ଚୂନ ଓ ସୁରୁକିରେ ଛାତ, ସେହି ଇଟା, ଚୂନ ଓ ସୁର୍କିରେ ହିଁ ପାହାଚ । ଯିଏ ବ୍ରହ୍ମ, ତାଙ୍କରି ସତ୍ତାରୁ ହିଁ ଜୀବଜଗତ୍ ।

"ଭକ୍ତମାନେ—ବିଜ୍ଞାନୀମାନେ—ନିରାକାର ଓ ସାକାର ଦୁଇଟିଯାକ ମାନନ୍ତି—ରୂପ ଓ ଅରୂପ ଉଭୟକୁ ଗ୍ରହଣ କରନ୍ତି । ଭକ୍ତି-ହିମରେ ଏହି ନିରାକାର ସମୁଦ୍ରର କିଛି ଅଂଶ ବରଫ ପାଲଟି ଯାଏ । ପୁଣି ଜ୍ଞାନ-ସୂର୍ଯ୍ୟ ଉଦୟ ହେଲେ ଏହି ବରଫ ତରଳି ପୁଣି ଯେଉଁ ପାଣିକୁ ସେହି ପାଣି ହୋଇଯାଏ ।"

## ବିଚାରାନ୍ତେ ମନର ନାଶ ଓ ବ୍ରହ୍ମଜ୍ଞାନ

ଯେପର୍ଯ୍ୟନ୍ତ ମନଦ୍ୱାରା ବିଚାର, ସେପର୍ଯ୍ୟନ୍ତ ନିତ୍ୟରେ ପହଞ୍ଚି ହୁଏ ନାହିଁ । ମନଦ୍ୱାରା ବିଚାର କରିବାକୁ ଗଲେ ଜଗତକୁ ଛାଡ଼ିବାର ବାଟ ନାହିଁ—ରୂପ, ରସ, ଗନ୍ଧ, ସ୍ପର୍ଶ, ଶବ୍ଦ—ଇନ୍ଦ୍ରିୟର ଏହି ସମସ୍ତ ବିଷୟକୁ ଛାଡ଼ିବାର ଉପାୟ ନାହିଁ । ବିଚାର ବନ୍ଦ ହେଲେ ଯାଇ ବ୍ରହ୍ମଜ୍ଞାନ । ଏହି ମନଦ୍ୱାରା ଆତ୍ମାକୁ ଜଣାଯାଏ ନାହିଁ । ଆତ୍ମାଦ୍ୱାରା ହିଁ ଆତ୍ମାକୁ ଜଣାଯାଏ । ଶୁଦ୍ଧ ମନ, ଶୁଦ୍ଧ ବୁଦ୍ଧି, ଶୁଦ୍ଧ ଆତ୍ମା ଗୋଟିଏ ଜିନିଷ ।"

ଦେଖୁ ନାହଁ, ଗୋଟିଏ ଜିନିଷ ଦେଖିବାକୁ ହେଲେ କେତେଗୁଡ଼ିଏ ଜିନିଷ ଦରକାର —ଆଖି ଦରକାର, ଆଲୁଅ ଦରକାର, ପୁଣି ମନ ଦରକାର । ଏହି ତିନୋଟି ଭିତରୁ ଗୋଟିଏକୁ ବାଦ୍ ଦେଲେ ଜିନିଷଟିକୁ ଦେଖି ହୁଏ ନାହିଁ । ଯେପର୍ଯ୍ୟନ୍ତ ଏହି ମନର କାର୍ଯ୍ୟ ଚାଲୁଛି, ସେପର୍ଯ୍ୟନ୍ତ କିପରି କହିବ ଯେ, ଜଗତ୍ ନାହିଁ କିମ୍ବା 'ମୁଁ' ନାହିଁ ?

ମନର ନାଶ ହେଲେ, ସଂକଳ୍ପ ବିକଳ୍ପ ଚାଲିଗଲେ ସମାଧି ହୁଏ, ବ୍ରହ୍ମଜ୍ଞାନ ହୁଏ । କିନ୍ତୁ ସା, ରେ, ଗା, ମା, ପା, ଧା, ନୀ—ନୀରେ ବେଶୀ ସମୟ ରହି ହୁଏ ନାହିଁ ।

## ଛୋଟ ନରେନଙ୍କୁ ଉପଦେଶ—ଈଶ୍ୱର ଦର୍ଶନ ପରେ ତାଙ୍କ ସଙ୍ଗରେ ଆଳାପ

ଛୋଟ ନରେନ୍ଙ୍କୁ ଚାହିଁ ଠାକୁର କହୁଛନ୍ତି, "ଈଶ୍ୱର ଅଛନ୍ତି, କେବଳ ଏତିକି ବୋଧେ ବୋଧ କଲେ କଅଣ ହେବ ? ଈଶ୍ୱରଦର୍ଶନ ହେଲେ ଯେ ସବୁ ହୋଇଗଲା, ତାହା ନୁହେଁ ।

ତାଙ୍କୁ ଘରକୁ ଆଣିବାକୁ ପଡ଼େ—ଆଳାପ କରିବାକୁ ହୁଏ ।

କେହି ଦୁଧ ଶୁଣିଛି, କେହି ଦୁଧ ଦେଖିଛି, କେହି ଦୁଧ ପିଇଛି ।

ରାଜାଙ୍କୁ କେହି କେହି ଦେଖିଛନ୍ତି । କିନ୍ତୁ ଜଣେ ଦୁଇଜଣ ଘରକୁ ଆଣି ପାରନ୍ତି, ଆଉ ଖୁଆଇ ପିଆଇ ପାରନ୍ତି ।"

ମାଷ୍ଟର ଗଙ୍ଗାସ୍ନାନ କରିବାକୁ ଗଲେ ।

## (୪)
## ପୂର୍ବକଥା—କାଶୀଧାମରେ ଶିବ ଓ ଅନ୍ନପୂର୍ଣ୍ଣା ଦର୍ଶନ, ଏହି ବ୍ରହ୍ମାଣ୍ଡକୁ ଶାଳଗ୍ରାମ ରୂପରେ ଦର୍ଶନ

ଦିନ ଦଶଟା ହେଲା । ଠାକୁର ଭକ୍ତମାନଙ୍କ ସଙ୍ଗରେ କଥା କହୁଛନ୍ତି । ମାଷ୍ଟର ଗଙ୍ଗାସ୍ନାନ ସାରି ଠାକୁରଙ୍କୁ ପ୍ରଣାମ କଲେ ଓ ପାଖରେ ବସିଲେ ।

ଠାକୁର ଭାବରେ ପୂର୍ଣ୍ଣ ହୋଇ କେତେ କଥା କହୁଛନ୍ତି । ମଝିରେ ମଝିରେ ଅତି ଗୁହ୍ୟ ଦର୍ଶନ କଥା କିଛି କିଛି କହୁଛନ୍ତି ।

ଶ୍ରୀରାମକୃଷ୍ଣ—ମଥୁରବାବୁଙ୍କ ସହିତ ଯେତେବେଳେ କାଶୀ ଯାଇଥିଲି, ମଣିକର୍ଣ୍ଣିକା ଘାଟ ପାଖ ଦେଇ ଆମ ଡଙ୍ଗାଟି ଯାଉଥିଲା । **ହଠାତ୍ ଶିବ ଦର୍ଶନ** । ଡଙ୍ଗା କଡ଼କୁ ଆସି ମୁଁ ଠିଆ ହୋଇ ସମାଧିସ୍ଥ ହୋଇଗଲି । ନାଉରୀଆମାନେ ହୃଦୟକୁ କହିଲେ—'ଧର ! ଧର !' କାଳେ ପଡ଼ିଯିବ । ଜଗତର ସମସ୍ତ ଗାମ୍ଭୀର୍ଯ୍ୟ ଧାରଣ କରି ଶିବ ଯେପରି ସେହି ଘାଟରେ ଠିଆ ହୋଇଛନ୍ତି । ପ୍ରଥମେ ଦେଖିଲି ଦୂରରେ ଠିଆ ହୋଇଛନ୍ତି, ତା'ପରେ ପାଖକୁ ଆସିବାର ଦେଖିଲି, ତା'ପରେ ମୋ ଭିତରେ ମିଶିଗଲେ ।

ଭାବରେ ଦେଖିଲି, ଜଣେ ସନ୍ନ୍ୟାସୀ ହାତ ଧରି ନେଇଗଲେ । ଗୋଟିଏ ଦେଉଳ ଭିତରେ ପଶିଲି—ସେଠାରେ **ସୁନାର ଅନ୍ନପୂର୍ଣ୍ଣାଙ୍କର ଦର୍ଶନ ହେଲା ।**

ସେ ହିଁ ଏହିସବୁ ହୋଇଛନ୍ତି—କେଉଁ କେଉଁ ଜିନିଷରେ ବେଶୀ ପ୍ରକାଶ ।

(ମାଷ୍ଟର ପ୍ରଭୃତିଙ୍କ ପ୍ରତି)—ତୁମେ ସବୁ ବୋଧହୁଏ ଶାଳଗ୍ରାମ ମାନ ନାହିଁ—ଇଂଲିଶମ୍ୟାନ୍‌ମାନେ ମାନନ୍ତି ନାହିଁ । ତୁମେମାନେ ମାନ କି ନ ମାନ । ସୁଲକ୍ଷଣ ଶାଳଗ୍ରାମ —ସୁନ୍ଦର ଚକ୍ର ଥିବ—ଗୋମୁଖୀ ଏବଂ ଅନ୍ୟାନ୍ୟ ସବୁ ଲକ୍ଷଣ ଥିବ—ତାହାହେଲେ ଭଗବାନଙ୍କର ପୂଜା ହୁଏ ।

ମାଷ୍ଟର—ଆଜ୍ଞା, ସୁଲକ୍ଷଣଯୁକ୍ତ ମନୁଷ୍ୟ ଭିତରେ ଯେପରି ଈଶ୍ୱରଙ୍କର ବେଶୀ ପ୍ରକାଶ ।

ଶ୍ରୀରାମକୃଷ୍ଣ—ନରେନ୍ଦ୍ର ଆଗେ ଏସବୁକୁ ମନର ଭୁଲ ବୋଲି କହୁଥିଲା, ଏବେ ସବୁ ମାନୁଛି ।

ଈଶ୍ୱର ଦର୍ଶନର କଥା କହୁ କହୁ ଠାକୁରଙ୍କର ଭାବାବସ୍ଥା ହୋଇଛି । ଭାବରେ ସମାଧିସ୍ଥ । ଭକ୍ତମାନେ ଏକ ଦୃଷ୍ଟିରେ ନୀରବରେ ବସି ଦେଖୁଛନ୍ତି । ବହୁ ସମୟ ପରେ ଭାବ ସମ୍ବରଣ କରି କଥା କହିଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ମୁଁ ଦେଖୁଥିଲି, **ବ୍ରହ୍ମାଣ୍ଡ ଗୋଟିଏ ଶାଳଗ୍ରାମ !** ତା' ଭିତରେ ତୁମର ଆଖି ଦୁଇଟିକୁ ଦେଖୁଥିଲି !

ମାଷ୍ଟର ଓ ଭକ୍ତମାନେ ଏହି ଅଦ୍ଭୁତ, ଅଶ୍ରୁତପୂର୍ବ ଦର୍ଶନ କଥା ଅବାକ୍ ହୋଇ ଶୁଣୁଛନ୍ତି । ଏହି ସମୟରେ ସାରଦା ନାମରେ ଆଉ ଜଣେ ଯୁବକ ଭକ୍ତ ଆସିଲେ ଓ ଠାକୁରଙ୍କୁ ପ୍ରଣାମ

କରି ବସିଲେ ।

ଶ୍ରୀରାମକୃଷ୍ଣ (ସାରଦାଙ୍କ ପ୍ରତି)—(ଦକ୍ଷିଣେଶ୍ୱରକୁ) ଯାଉନାହୁଁ କାହିଁକି ? କଲିକତାକୁ ଯେତେବେଳେ ଆସେ, ସେତେବେଳେ ଆସୁନାହୁଁ କାହିଁକି ?

ସାରଦା—ମୁଁ ଜାଣିପାରି ନାହିଁ ।

ଶ୍ରୀରାମକୃଷ୍ଣ—ଏଥର ତୋତେ ଖବର ଦେବି । (ମାଷ୍ଟରଙ୍କୁ, ସହାସ୍ୟ) ଯୁବକମାନଙ୍କର ଗୋଟିଏ ତାଲିକା କର ତ । (ମାଷ୍ଟର ଓ ଭକ୍ତମାନଙ୍କର ହସ)

## ପୂର୍ଣ୍ଣଙ୍କର ସମ୍ବାଦ—ନରେନ୍ଦ୍ରଙ୍କୁ ଦେଖି ଠାକୁରଙ୍କର ଆନନ୍ଦ

ସାରଦା—ବିବାହ କରିଦେବାକୁ ଘରେ ଚାହୁଁଛନ୍ତି । ଏ (ମାଷ୍ଟର) ବିବାହ କଥାରେ ଆମମାନଙ୍କୁ କେତେଥର ମନା କରିଛନ୍ତି ।

ଶ୍ରୀରାମକୃଷ୍ଣ—ଏବେ କାହିଁକି ବିବାହ ? (ମାଷ୍ଟରଙ୍କ ପ୍ରତି) ସାରଦାଙ୍କର ବେଶ୍ ଅବସ୍ଥା ହୋଇଛି । ଆଗେ ସଙ୍କୋଚ ଭାବ ଥିଲା । ଯେପରି ବନ୍‌ଶୀର ଡେରଣ୍ଡାକୁ ଟାଣି ନେଉଥିଲା । ଏବେ ମୁହଁରେ ଆନନ୍ଦଭାବ ।

ଠାକୁର ଜଣେ ଭକ୍ତଙ୍କୁ କହୁଛନ୍ତି, ''ତୁମେ ଥରେ ପୂର୍ଣ୍ଣ ପାଖକୁ ଯିବ ?''

ଏଥର ନରେନ୍ଦ୍ର ଆସିଛନ୍ତି । ଠାକୁର ନରେନ୍ଦ୍ରଙ୍କୁ ଜଳଖିଆ ଦେବା ପାଇଁ କହିଲେ । ନରେନ୍ଦ୍ରଙ୍କୁ ଦେଖି ଭାରୀ ଆନନ୍ଦିତ ହୋଇଛନ୍ତି । ନରେନ୍ଦ୍ରଙ୍କୁ ଖୁଆଇ ଯେପରି ସାକ୍ଷାତ୍ ନାରାୟଣଙ୍କର ସେବା କରୁଛନ୍ତି । ଦେହରେ ହାତ ବୁଲାଇ ଆଦର କରୁଛନ୍ତି, ଯେପରିକି ସୂକ୍ଷ୍ମଭାବରେ ଗୋଡ଼ହାତ ଚିପି ଦେଉଛନ୍ତି ! ଗୋପାଳ ମା (କାମାରହାଟୀର ବ୍ରାହ୍ମଣୀ) ଘର ଭିତରକୁ ଆସିଲେ । ଠାକୁର ବଳରାମଙ୍କୁ କାମାରହାଟୀକୁ ଲୋକ ପଠାଇ ଗୋପାଳ ମାଆଙ୍କୁ ଆଣିବାକୁ କହିଥିଲେ । ସେଥିପାଇଁ ସେ ଆସିଛନ୍ତି । ଗୋପାଳର ମା ଘର ଭିତରକୁ ଆସିବା ମାତ୍ରେ କହୁଛନ୍ତି, ''ଆନନ୍ଦରେ ମୋ ଆଖିରୁ ଲୁହ ବୋହୁଛି !'' ଏହା କହି ଠାକୁରଙ୍କୁ ଭୂମିଷ୍ଠ ହୋଇ ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ—ଇଏ କଅଣ ! ବର୍ତ୍ତମାନ ତୁମେ ମୋତେ ଗୋପାଳ କହୁଛ—ପୁଣି ନମସ୍କାର ।

ଯାଅ, ଘର ଭିତରକୁ ଯାଇ ଗୋଟିଏ ତରକାରୀ ରାନ୍ଧ—ଖୁବ୍ ଫୁଟଣ ଦେବ—ଯେପରି ଏ ପର୍ଯ୍ୟନ୍ତ ଗନ୍ଧ ଆସିବ । (ସମସ୍ତଙ୍କର ହସ)

ଗୋପାଳ ମା—ଏମାନେ (ଏହି ଘରର ଲୋକମାନେ) କଅଣ ଭାବିବେ !

ଗୋପାଳ ମା କଅଣ ଭାବୁଛନ୍ତି ଯେ, ସେ ଏଠାକୁ ତ ନୂଆ ଆସିଛନ୍ତି—ଯଦି ଅଲଗା ରାନ୍ଧିବେ ବୋଲି କହନ୍ତି, ଲୋକମାନେ କାଳେ କିଛି ଭାବିବେ !

ଘର ଭିତରକୁ ଯିବା ଆଗରୁ ସେ ନରେନ୍ଦ୍ରଙ୍କୁ ସମ୍ବୋଧନ କରି କାତର ସ୍ୱରରେ କହୁଛନ୍ତି, ''ବାବା ! ମୋର କିଛି ହୋଇଛି, ନା ବାକି ଅଛି ?''

ଆଜି ରଥଯାତ୍ରା । ଶ୍ରୀଶ୍ରୀଜଗନ୍ନାଥଙ୍କର ଭୋଗରାଗ ଉଠିବାରେ ଟିକିଏ ଡେରି

ହୋଇଯାଇଛି । ଏଥର ଠାକୁରଙ୍କର ସେବା ହେବ । ଘର ଭିତରକୁ ଯାଉଛନ୍ତି । ସ୍ତ୍ରୀ-ଭକ୍ତମାନେ ଉତ୍‌କଣ୍ଠିତ ହୋଇ ରହିଛନ୍ତି—ତାଙ୍କୁ ଦର୍ଶନ ଓ ପ୍ରଣାମ କରିବେ ।

ଠାକୁରଙ୍କର ବହୁତ ସ୍ତ୍ରୀଭକ୍ତ ଥିଲେ । କିନ୍ତୁ ସେମାନଙ୍କର କଥା ସେ ପୁରୁଷ ଭକ୍ତମାନଙ୍କୁ ବେଶୀ କହୁ ନ ଥିଲେ ! କେହି ସ୍ତ୍ରୀ-ଭକ୍ତମାନଙ୍କ ନିକଟକୁ ଯାତାୟାତ କଲେ କହୁଥିଲେ, 'ବେଶୀ ଯାଅନାହିଁ, ପଡ଼ିଯିବୁ !' ବେଳେ ବେଳେ କହୁଥିଲେ, 'ସ୍ତ୍ରୀଲୋକ ଯଦି ଭକ୍ତିରେ ଗଡ଼ିଯାଉଥାଏ, ତଥାପି ତା'ପାଖକୁ ଯିବା ଆସିବା କରିବ ନାହିଁ ।' ସ୍ତ୍ରୀଭକ୍ତମାନେ ଅଲଗା ରହିବେ, ପୁରୁଷ ଭକ୍ତମାନେ ଅଲଗା ରହିବେ । ତାହାହେଲେ ଉଭୟଙ୍କର ମଙ୍ଗଳ । ପୁଣି କହୁଛନ୍ତି, ''ସ୍ତ୍ରୀଭକ୍ତମାନଙ୍କର ଗୋପାଳ-ଭାବ—'ବାତ୍ସଲ୍ୟଭାବ' ବେଶୀ ଭଲ ନୁହେଁ । ଏହି 'ବାତ୍ସଲ୍ୟ'ରୁ ହିଁ ଦିନେ ପୁଣି 'ତାଛଲ୍ୟ' ହୁଏ ।''

## (୫)

## ବଳରାମଙ୍କର ରଥଯାତ୍ରା–ନରେନ୍ଦ୍ରାଦି ଭକ୍ତମାନଙ୍କ ଗହଣରେ–ସଂକୀର୍ତ୍ତନାନନ୍ଦ

ଦିନ ଗୋଟାଏ ହେଲାଣି । ଠାକୁର ଆହାରାନ୍ତେ ପୁଣି ବୈଠକଖାନ ଘରକୁ ଆସି ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ଜଣେ ଭକ୍ତ ପୂର୍ଣ୍ଣଙ୍କୁ ଡାକି ଆଣିଛନ୍ତି । ଠାକୁର ମହାନନ୍ଦରେ ମାଷ୍ଟରଙ୍କୁ କହୁଛନ୍ତି, ''ହେଇ ତ ! ପୂର୍ଣ୍ଣ ଆସିଛି !'' ନରେନ୍ଦ୍ର, ଛୋଟ ନରେନ୍, ନାରାୟଣ, ହରିପଦ ଓ ଅନ୍ୟାନ୍ୟ ଭକ୍ତମାନେ ପାଖରେ ବସିଛନ୍ତି ଓ ଠାକୁରଙ୍କ ସହିତ କଥା କହୁଛନ୍ତି ।

### ଇଚ୍ଛାର ସ୍ୱାଧୀନତା ଓ ଛୋଟ ନରେନ୍—ନରେନ୍ଦ୍ରଙ୍କ ଗୀତ

ଛୋଟ ନରେନ— ଆଚ୍ଛା, ଆମମାନଙ୍କର ସ୍ୱାଧୀନ ଇଚ୍ଛା (ଫ୍ରିଉଇଲ୍) ଅଛି କି ନାହିଁ ?

ଶ୍ରୀରାମକୃଷ୍ଣ—ମୁଁ କିଏ, ଖୋଜି ଦେଖ୍ ତ । 'ମୁଁ' କୁ ଖୋଜୁ ଖୋଜୁ ସେ ବାହାରି ପଡ଼ନ୍ତି ! 'ମୁଁ ଯନ୍ତ୍ର, ତୁମେ ଯନ୍ତ୍ରୀ' । ଚୀନଦେଶରେ କଣ୍ଢେଇ ଦୋକାନକୁ ଚିଠି ନେଇଯାଏ ବୋଲି ଶୁଣିଛ ! ଈଶ୍ୱର ହିଁ କର୍ତ୍ତା । ନିଜକୁ ଅକର୍ତ୍ତା ଜାଣି କର୍ତ୍ତା ପରି କାମ କର ।

ଯେପର୍ଯ୍ୟନ୍ତ ଉପାଧି, ସେପର୍ଯ୍ୟନ୍ତ ଅଜ୍ଞାନ; ମୁଁ ପଣ୍ଡିତ, ମୁଁ ଜ୍ଞାନୀ, ମୁଁ ଧନୀ, ମୁଁ ମାନୀ, ମୁଁ କର୍ତ୍ତା, ବାବା, ଗୁରୁ—ଏସବୁ ଅଜ୍ଞାନରୁ ହୁଏ । 'ମୁଁ ଯନ୍ତ୍ର, ତୁମେ ଯନ୍ତ୍ରୀ'—ଏହା ହିଁ ଜ୍ଞାନ । ଅନ୍ୟ ସବୁ ଉପାଧି ଚାଲିଯାଏ । କାଠିଟି ପୋଡ଼ିଯିବା ପରେ ଆଉ ଶବ୍ଦ ରହେ ନାହିଁ —ଉତ୍ତାପ ମଧ୍ୟ ରହେ ନାହିଁ । ସବୁ ଥଣ୍ଡା !—ଶାନ୍ତିଃ ଶାନ୍ତିଃ ଶାନ୍ତିଃ !''

ଶ୍ରୀରାମକୃଷ୍ଣ (ନରେନ୍ଦ୍ରଙ୍କୁ)—''ଟିକିଏ ଗାଅ !''

ନରେନ୍ଦ୍ର—ଘରକୁ ଯାଉଛି-ବହୁତ କାମ ଅଛି ।

ଶ୍ରୀରାମକୃଷ୍ଣ—ହଁ ବାବା, ଆମ କଥା କାହିଁକି ଶୁଣିବ ? 'ଯାହାର ଅଛି କାନରେ ସୁନା, ତା'ର କଥା ଟଙ୍କା ସୁନା । ଯେ ପିନ୍ଧିଛି ଛିଣ୍ଡା କନା, ତା'ର କଥା କେହି ଶୁଣେନା !' (ସମସ୍ତଙ୍କର ହସ)

ତୁମେ 'ଗୁହ'ଙ୍କ ବଗିଚାକୁ ଯାଇପାର ! ପ୍ରାୟ ଶୁଣେ, ଆଜି କେଉଁଠି, ନା 'ଗୁହ'ଙ୍କ

ବଗିଚାରେ !—ଏ କଥା କହି ନ ଥାନ୍ତି, ତୁମେ ବାଧ କଲ ।

ନରେନ୍ଦ୍ର ଚୁପ ହୋଇ ବସିଛନ୍ତି । ଟିକିଏ ପରେ କହିଲେ, ''ଯନ୍ତ୍ର ନାହିଁ, ଖାଲି ଗୀତ—''

ଶ୍ରୀରାମକୃଷ୍ଣ—ବାବୁ ଆମର ଯେପରି ଅବସ୍ଥା !—ଏଇଥିରେ ପାରିବ ତ ଗାଅ ! ସେଥିରେ ପୁଣି ବଳରାମଙ୍କ ବନ୍ଦୋବସ୍ତ !

''ବଳରାମ କହନ୍ତି, 'ଆପଣ ଡଙ୍ଗାରେ ଆସିବେ—ଯଦି ନ ମିଳିଲା ତେବେ ଗାଡ଼ିରେ ଆସିବେ ।' (ସମସ୍ତଙ୍କ ହସ) । ଭୋଜି ଦେଇଛନ୍ତି । ଆଜି ସେଥିପାଇଁ ଉପରଓଳି ନଚାଇବେ (ହସ) । ଏଠାରୁ ଦିନେ ଗାଡ଼ି ଯୋଗାଡ଼ କରିଦେଇଥିଲେ—ଭଡ଼ା ବାରଅଣା; —ମୁଁ ପଚାରିଲି, ବାରଅଣାରେ ଦକ୍ଷିଣେଶ୍ୱର ଯିବ ? ସେ କହିଲେ, 'ହଁ ହୋଇଯିବ ।' ଗାଡ଼ି ରାସ୍ତାରେ ଯାଉ ଯାଉ ଗୋଟିଏ ପାଖ ଭାଙ୍ଗି ପଡ଼ିଲା (ସମସ୍ତଙ୍କର ଉଚ୍ଚହସ) । ପୁଣି ମଝିରେ ମଝିରେ ଘୋଡ଼ା ପୂରା ରହିଯାଏ । କୌଣସି ମତେ ଯିବ ନାହିଁ; ଗାଡ଼ିବାଲା ଖୁବ୍ ମାରିଲେ କିଛି ବାଟ ଦୌଡ଼ିଯାଏ ! (ଉଚ୍ଚହସ) । ପୁଣି ରାମ ଖୋଳ ବଜାଇବ—ଆଉ ଆମେ ନାଚିବୁ—ରାମର ତାଳଜ୍ଞାନ ନାହିଁ । (ସମସ୍ତଙ୍କର ହସ) । ବଳରାମଙ୍କର ଭାବ ହେଉଛି—ତୁମେ ସବୁ ନିଜେ ଗାଅ, ନାଚ, ଆନନ୍ଦ କର । (ସମସ୍ତଙ୍କର ହସ)

ଭକ୍ତମାନେ ଘର ଭିତରୁ ଖିଆପିଆ କରି କ୍ରମେ ଆସୁଛନ୍ତି ।

ମହେନ୍ଦ୍ର ମୁଖାର୍ଜି ଦୂରରୁ ପ୍ରଣାମ କରୁଥିବାର ଦେଖି ଠାକୁର ତାଙ୍କୁ ପ୍ରଣାମ କରୁଛନ୍ତି —ପୁଣି ସଲାମ୍ କରୁଛନ୍ତି । ପାଖରେ ଥିବା ଜଣେ ଯୁବକ ଭକ୍ତଙ୍କୁ କହୁଛନ୍ତି, ''ତାଙ୍କୁ କୁହ, ମୁଁ ତାଙ୍କୁ ସଲାମ୍ କଲି—ସେ ଭାରୀ ଅଲକଟ୍ ଅଲକଟ୍ କରେ ।'' (ସମସ୍ତଙ୍କର ହସ) । ଗୃହସ୍ଥ ଭକ୍ତମାନଙ୍କ ମଧ୍ୟରୁ ଅନେକେ ଗୃହିଣୀମାନଙ୍କୁ ଆଣିଛନ୍ତି—ସେମାନେ ଶ୍ରୀଶ୍ରୀଠାକୁରଙ୍କୁ ଦର୍ଶନ କରିବେ ଓ ରଥ ସମ୍ମୁଖରେ କୀର୍ତ୍ତନାନନ୍ଦ ଦେଖିବେ । ରାମ, ଗିରିଶ ପ୍ରଭୃତି ଭକ୍ତମାନେ କ୍ରମେ କ୍ରମେ ଆସି ପହଞ୍ଚିଛନ୍ତି । ଯୁବକ ଭକ୍ତମାନେ ଅନେକେ ଆସିଛନ୍ତି ।

ନରେନ୍ଦ୍ର ଗୀତ ଗାଉଛନ୍ତି—

(୧) କେତେ ଦିନେ ହେବ ସେ ପ୍ରେମ ସଞ୍ଚାର ।
ହୋଇ ପୂର୍ଣ୍ଣକାମ ଗାଇବି ହରିନାମ,
ନୟନୁ ବହିବ ପ୍ରେମ-ଅଶ୍ରୁଧାର ।।

(୨) ନିବିଡ଼ ଅନ୍ଧାରେ ମା ତୋର ଚମକେ ରୂପରାଶି ।
ତେଣୁ ଯୋଗୀ ଧ୍ୟାନ କରେ ହୋଇ ଗିରିଗୁହାବାସୀ ।।

ବଳରାମ ଆଜି କୀର୍ତ୍ତନର ବନ୍ଦୋବସ୍ତ କରିଛନ୍ତି । —ବୈଷ୍ଣବଚରଣ ଓ ବେନୋୟାରୀଙ୍କର କୀର୍ତ୍ତନ । ପ୍ରଥମେ ବୈଷ୍ଣବଚରଣ ଗାଉଛନ୍ତି—'ଶ୍ରୀଦୁର୍ଗାନାମ ଜପ ସଦା ରସନା ମୋହର । ଦୁର୍ଗମେ ଶ୍ରୀଦୁର୍ଗା ବିନା କେ କରେ ନିସ୍ତାର ।'

ଗୀତ ଶୁଣୁ ଶୁଣୁ ଠାକୁର ସମାଧିସ୍ଥ ! ଠିଆ ହୋଇ ସମାଧିସ୍ଥ—ଛୋଟ ନରେନ୍

ଧରିଛନ୍ତି । ସହାସ୍ୟବଦନ । କ୍ରମେ ଶରୀର ସମ୍ପୂର୍ଣ୍ଣ ସ୍ଥିର ! ଘରେ ସମସ୍ତ ଭକ୍ତ ଅବାକ୍ ହୋଇ ଦେଖୁଛନ୍ତି । ସ୍ତ୍ରୀ-ଭକ୍ତମାନେ ଆଢୁଆଳରୁ ଦେଖୁଛନ୍ତି । ସାକ୍ଷାତ୍ ନାରାୟଣ କଅଣ ଦେହ ଧାରଣ କରି ଭକ୍ତମାନଙ୍କ ପାଇଁ ଆସିଛନ୍ତି ! କିପରି ଈଶ୍ୱରଙ୍କୁ ଭଲପାଇବାକୁ ହୁଏ, ବୋଧହୁଏ ତାହା ଶିଖାଇବାକୁ ଆସିଛନ୍ତି ।

ନାମ କରୁ କରୁ କିଛି ସମୟ ପରେ ସମାଧି ଭଙ୍ଗ ହେଲା । ଠାକୁର ଆସନ ଗ୍ରହଣ କରିବାରୁ ବୈଷ୍ଣବଚରଣ ପୁଣି ଗୀତ ଗାଇଲେ—

(୧) ହରି ହରି ଗାଅରେ ବୀଣେ ।

(୨) ବିଫଳେ ଦିନ ଯାଏରେ ବୀଣା ଶ୍ରୀହରିଙ୍କ ସାଧନା ବିନା ।

ଏଥର ଆଉ ଜଣେ କୀର୍ତ୍ତନୀୟା, ବେନୋୟାରୀ, ରୂପ-ବର୍ଣ୍ଣନା ଗାଉଛନ୍ତି । କିନ୍ତୁ ଗୀତ ଗାଉ ଗାଉ ସର୍ବଦା 'ଆହା ! ଆହା !' କହି ଭୂମିଷ୍ଠ ହୋଇ ପ୍ରଣାମ କରନ୍ତି । ଏଥିରେ ଶ୍ରୋତାମାନେ କେହି ହସନ୍ତି, କେହି ବିରକ୍ତ ହୁଅନ୍ତି ।

ଅପରାହ୍ଣ ହୋଇଛି । ଇତି ମଧ୍ୟରେ ବାରଣ୍ଡାରେ ଶ୍ରୀଶ୍ରୀଜଗନ୍ନାଥଦେବଙ୍କର ସେହି ଛୋଟ ରଥଖଣ୍ଡିକ ଧ୍ୱଜ ପତାକାଦ୍ୱାରା ସୁସଜ୍ଜିତ କରି ଅଣାଯାଇଛି । ଶ୍ରୀଶ୍ରୀଜଗନ୍ନାଥ, ସୁଭଦ୍ରା ଓ ବଳରାମ ଚନ୍ଦନଚର୍ଚ୍ଚିତ ଏବଂ ବସନଭୂଷଣ ଓ ପୁଷ୍ପମାଳାଦ୍ୱାରା ସୁଶୋଭିତ ହୋଇଛନ୍ତି । ଠାକୁର ବେନୋୟାରୀଙ୍କ କୀର୍ତ୍ତନ ଛାଡ଼ି ବାରଣ୍ଡାରେ ରଥ ଆଗକୁ ଗଲେ—ଭକ୍ତମାନେ ମଧ୍ୟ ସଙ୍ଗେ ସଙ୍ଗେ ଚାଲିଲେ । ରଥର ରଜ୍ଜୁ ଧରି ଟିକିଏ ଟାଣିଲେ—ତା'ପରେ ରଥ ଆଗରେ ଭକ୍ତମାନଙ୍କ ସଙ୍ଗରେ ନୃତ୍ୟ ଓ କୀର୍ତ୍ତନ କରୁଛନ୍ତି । ଅନ୍ୟାନ୍ୟ ଗୀତ ସଙ୍ଗରେ ଠାକୁର ପଦ ଧରିଲେ—

''ହରିବୋଲିଲେ ଯା'ଙ୍କନୟନୁ ନୀର, ଆସିଛନ୍ତି ସେହି ଦୁଇଭାଇ ରେ ॥<br>ମାଡ ଖାଇ ଯିଏ ପ୍ରେମ ପରଷନ୍ତି , ଆସିଛନ୍ତି ସେହି ଦୁଇଭାଇ ରେ ॥'

ପୁଣି—''ନଦେ ଟଳମଳ ଟଳମଳ କରେ, ଗୌର ପ୍ରେମେର ହିଲ୍ଲୋଳେ ରେ ।''

ଛୋଟ ବାରଣ୍ଡାରେ ରଥ ସଙ୍ଗେ ସଙ୍ଗେ କୀର୍ତ୍ତନ ଓ ନୃତ୍ୟ ଚାଲିଛି । ଉଚ୍ଚ ସ୍ୱରରେ ସଂକୀର୍ତ୍ତନ ଓ ଖୋଳର ଶବ୍ଦ ଶୁଣି ବହୁ ଲୋକ ବାହାରୁ ବାରଣ୍ଡାକୁ ଆସିଛନ୍ତି । ଠାକୁର ହରିପ୍ରେମରେ ମତୁଆଲା ! ଭକ୍ତମାନେ ମଧ୍ୟ ତାଙ୍କ ସଙ୍ଗେ ସଙ୍ଗେ ପ୍ରେମୋନ୍ମତ୍ତ ହୋଇ ନାଚୁଛନ୍ତି !

## (୬)

## ନରେନ୍ଦ୍ରଙ୍କର ଗୀତ—ଭାବାବେଶରେ ଠାକୁରଙ୍କ ନୃତ୍ୟ

ରଥ ଆଗରେ କୀର୍ତ୍ତନ ଓ ନୃତ୍ୟ ପରେ ଠାକୁର ଶ୍ରୀରାମକୃଷ୍ଣ ଘର ଭିତରକୁ ଆସି ବସିଛନ୍ତି । ମଣି ପ୍ରଭୃତି ଭକ୍ତମାନେ ତାଙ୍କର ପଦସେବା କରୁଛନ୍ତି ।

ନରେନ୍ଦ୍ର ଭାବପୂର୍ଣ୍ଣ ହୋଇ ତାନପୁରା ଧରି ପୁଣି ଗୀତ ଗାଉଛନ୍ତି—

(୧) ଆସ ମା ଆସ ମା ଏ ହୃଦୟ ରମା, ପରାଣ ପୁତ୍ତଳି ଗୋ ।
ହୃଦୟ ଆସନେ ହୁଅ ମା ଆସୀନ, ନିରେଖେ ତୁମକୁ ଗୋ ।
(୨) ମା ତୁମେ ହିଁ ତାରା, ତୁମେ ତ୍ରିଗୁଣଧରା ପରାତ୍ପରା ।
ତୁମକୁ ଜାଣେ ମୁଁ ଦୀନଦୟାମୟୀ, ତୁମେ ଦୁର୍ଗମରେ ଦୁଃଖହରା ।
ତୁମେ ଜଳେ, ତୁମେ ସ୍ଥଳେ, ତୁମେ ହିଁ ଆଦ୍ୟ ମୂଳେ ଗୋ ମା' ।
ଅଛ ସର୍ବଘଟେ ଅକ୍ଷ ପୁଟେ, ସାକାର ଆକାର ନିରକାରା ॥
ତୁମେ ସନ୍ଧ୍ୟା ତୁମେ ଗାୟତ୍ରୀ, ତୁମେ ଜଗଦ୍ଧାତ୍ରୀ ଗୋ ମା' ।
ତୁମେ ଅକୂଳର ତ୍ରାଣକର୍ତ୍ତ୍ରୀ, ସଦାଶିବଙ୍କ ମନୋହରା ॥
(୩) ତୁମକୁ ହିଁ କରିଅଛି ଜୀବନର ଧ୍ରୁବତାରା,
ଏ ସମୁଦ୍ରେ ଆଉ କେବେ ହେବି ନାହିଁ ପଥହରା ।

ଜଣେ ଭକ୍ତ ନରେନ୍ଦ୍ରଙ୍କୁ କହୁଛନ୍ତି, ''ତୁମେ ଏହି ଗୀତଟି କାହିଁକି ?—ଅନ୍ତରେ ଜାଗିଛ ଗୋ ମା ଅନ୍ତରଯାମିନୀ !''

ଶ୍ରୀରାମକୃଷ୍ଣ—ବର୍ତ୍ତମାନ ! ନା ସେସବୁ ଗୀତ କାହିଁକି ! ଏବେ ଆନନ୍ଦର ଗୀତ— 'ଶ୍ୟାମାସୁଧା-ତରଙ୍ଗିଣୀ ।' ନରେନ୍ଦ୍ର ଗାଉଛନ୍ତି—

'କେବେ କି ରଙ୍ଗେ ଥାଅ ମା, ଶ୍ୟାମା ସୁଧା ତରଙ୍ଗିଣୀ ।
ତୁମେ ରଙ୍ଗେ ଭଙ୍ଗେ ଅପାଙ୍ଗେ ଅନଙ୍ଗେ ଭଙ୍ଗ ଦିଅ ଜନନୀ ॥'

ଭାବୋନ୍ମତ୍ତ ହୋଇ ନରେନ୍ଦ୍ର ବାରମ୍ବାର ଗାଇବାକୁ ଲାଗିଲେ—

'କେବେ କମଳେ କମଳେ ଥାଅ ମା ପୂର୍ଣ୍ଣବ୍ରହ୍ମ ସନାତନୀ ।'

ଠାକୁର ମଧ୍ୟ ପ୍ରେମୋନ୍ମତ୍ତ ହୋଇ ନୃତ୍ୟ କରୁଛନ୍ତି ଓ ଗାଉଛନ୍ତି, ''ଓମା, ପୂର୍ଣ୍ଣ-ବ୍ରହ୍ମସନାତନୀ !'' ବହୁ ସମୟ ନୃତ୍ୟ ପରେ ଠାକୁର ପୁଣି ଆସନ ଗ୍ରହଣ କଲେ । ନରେନ୍ଦ୍ର ଭାବାବିଷ୍ଟ ହୋଇ ସାଶ୍ରୁ ନୟନରେ ଗୀତ ଗାଉଛନ୍ତି ଦେଖି ଠାକୁର ଅତ୍ୟନ୍ତ ଆନନ୍ଦିତ ହେଲେ ।

ରାତ୍ରି ପ୍ରାୟ ନଅଟା ହେବ, ଏ ପର୍ଯ୍ୟନ୍ତ ଭକ୍ତମାନଙ୍କ ସଙ୍ଗରେ ଠାକୁର ବସିଛନ୍ତି । ପୁଣି ବୈଷ୍ଣବଚରଣଙ୍କର ଗୀତ ଶୁଣୁଛନ୍ତି—

(୧) ଶ୍ରୀଗୌରାଙ୍ଗ ସୁନ୍ଦର ନବ ନଟବର ତପତ କାଞ୍ଚନ କାୟ ।
(୨) ଚିହ୍ନିବି କେମନ୍ତେ ମୁଁ ତୁମକୁ ହରି,
ଆହେ ବାଙ୍କବିହାରୀ, ଭୁଲିଛ କି ମଥୁରାର ॥
ହାତୀଚଢ଼ା ଭୁଲିଛକି ଧେନୁ ଚରା ,
କେବେ କି ମନେହୁଏ ତୁମରି ବ୍ରଜର ଲବଣୀ ଚୋରି ।

ରାତ୍ରି ଦଶଟା ଏଗାରଟା ହେବ । ଭକ୍ତମାନେ ପ୍ରଣାମ କରି ବିଦାୟ ନେଉଛନ୍ତି ।

ଶ୍ରୀରାମକୃଷ୍ଣ—ଆଚ୍ଛା, ଆଉ ସମସ୍ତେ ଘରକୁ ଯାଅ । (ନରେନ୍ଦ୍ର ଓ ଛୋଟ ନରେନ୍ଦ୍ରଙ୍କୁ

ଦେଖାଇ) ଏମାନେ ଦୁଇଜଣ ରହିଲେ ହିଁ ହେଲା । (ଗିରିଶଙ୍କ ପ୍ରତି) ତୁମେ କଅଣ ଘରକୁ ଫେରି ଖାଇବ ? ଟିକିଏ ରୁହ । ତମାଖୁ !—କିନ୍ତୁ ବଳରାମଙ୍କର ଚାକର ମଧ ସେହିପରି । ଡାକି ଦେଖ—ଦେବ ନାହିଁ । (ସମସ୍ତଙ୍କର ହସ) । କିନ୍ତୁ ତୁମେ ତମାଖୁ ଖାଇଯାଅ ।

ଶ୍ରୀଯୁକ୍ତ ଗିରିଶଙ୍କ ସାଙ୍ଗରେ ଜଣେ ଚଷମା ପିନ୍ଧା ବନ୍ଧୁ ଆସିଛନ୍ତି । ସେ ସମସ୍ତ ଦେଖି ଶୁଣି ଚାଲିଗଲେ । ଠାକୁର ଗିରିଶଙ୍କୁ କହୁଛନ୍ତି—''ତୁମକୁ ଓ ଅନ୍ୟମାନଙ୍କୁ କହୁଛି, ଜୋର୍ କରି କାହାକୁ ଏଠାକୁ ଆଣନାହିଁ—**ସମୟ ନ ହେଲେ ହୁଏନାହିଁ ।''**

ଜଣେ ଭକ୍ତ ପ୍ରଣାମ କଲେ । ସାଥିରେ ପିଲାଟିଏ । ଠାକୁର ସ୍ନେହରେ କହୁଛନ୍ତି, ''ଏଥର ତୁମେ ଆସ—ଏଇଟି ସଙ୍ଗରେ ଅଛି ।'' ନରେନ୍ଦ୍ର, ଛୋଟ ନରେନ, ଅନ୍ୟ ଜଣେ ଦୁଇଜଣ ଭକ୍ତ, କିଛି ସମୟ ରହି ଘରକୁ ଫେରିଗଲେ ।

## (୭)

## ସୁପ୍ରଭାତ ଓ ଠାକୁର ଶ୍ରୀରାମକୃଷ୍ଣ—ମଧୁର ନୃତ୍ୟ ଓ ନାମକୀର୍ତ୍ତନ

ଶ୍ରୀରାମକୃଷ୍ଣ ବୈଠକଖାନାରେ ପଶ୍ଚିମ ପାଖ ଛୋଟ ଘରେ ଶଯ୍ୟାରେ ଶୟନ କରିଛନ୍ତି, ରାତି ୪ଟା । ଘରର ଦକ୍ଷିଣପଟରେ ବାରଣ୍ଡା, ସେଠାରେ ଖଣ୍ଡିଏ ଷ୍ଟୁଲ୍ ପଡ଼ିଛି । ତା' ଉପରେ ମାଷ୍ଟର ବସିଛନ୍ତି ।

ଟିକିଏ ପରେ ଠାକୁର ବାରଣ୍ଡାକୁ ଆସିଲେ । ମାଷ୍ଟର ଭୂମିଷ୍ଠ ହୋଇ ପ୍ରଣାମ କଲେ । ସଂକ୍ରାନ୍ତି, ବୁଧବାର, ୧୫ ଜୁଲାଇ ୧୮୮୫ ଖ୍ରୀଃ ।

ଶ୍ରୀରାମକୃଷ୍ଣ—ମୁଁ ଆଉ ଥରେ ଉଠିଥିଲି । ଆଚ୍ଛା, ସକାଳ ଓଳି କଅଣ ଯିବି ?

ମାଷ୍ଟର—ଆଜ୍ଞା, ସକାଳ ଓଳି ଢେଉ ଟିକିଏ କମ୍ ଥାଏ ।

ଭୋର ହୋଇଛି—ଏପର୍ଯ୍ୟନ୍ତ ଭକ୍ତମାନେ ଆସି ପହଞ୍ଚି ନାହାନ୍ତି । ଠାକୁର ମୁହଁ ଧୋଇ ମଧୁର ସ୍ୱରରେ ନାମ ନେଉଛନ୍ତି । ପଶ୍ଚିମ ଘରର ଉତ୍ତରପଟ ଦ୍ୱାର ପାଖରେ ଠିଆ ହୋଇ ନାମ କରୁଛନ୍ତି । ପାଖରେ ମାଷ୍ଟର । ଟିକିଏ ପରେ ଅନତିଦୂରରେ ଗୋପାଳ ମା' ଆସି ଠିଆ ହେଲେ । ଅନ୍ତଃପୁର ଦ୍ୱାରର ଅନ୍ତରାଳରେ ଜଣେ ଦୁଇଜଣ ସ୍ତ୍ରୀ-ଭକ୍ତ ଆସି ଠାକୁରଙ୍କୁ ଦେଖୁଛନ୍ତି । ଯେପରି ଶ୍ରୀବୃନ୍ଦାବନର ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରୁଛନ୍ତି । ଅଥବା ନବଦ୍ୱୀପର ମହିଳା ଭକ୍ତଗଣ ପ୍ରେମୋନ୍ମତ୍ତ ଶ୍ରୀଗୌରାଙ୍ଗଙ୍କୁ ଆଢୁଆଳରୁ ଦେଖୁଛନ୍ତି ।

ରାମନାମ ପରେ ଠାକୁର କୃଷ୍ଣ ନାମ ନେଉଛନ୍ତି । କୃଷ୍ଣ କୃଷ୍ଣ ! ଗୋପୀକୃଷ୍ଣ ! ଗୋପୀ ! ଗୋପୀ ! ଗୋପାଳଜୀବନ କୃଷ୍ଣ ! ନନ୍ଦନନ୍ଦନ କୃଷ୍ଣ ! ଗୋବିନ୍ଦ ! ଗୋବିନ୍ଦ !

ପୁଣି ଗୌରାଙ୍ଗଙ୍କ ନାମ ନେଉଛନ୍ତି ।

ଶ୍ରୀକୃଷ୍ଣ ଚୈତନ୍ୟ ପ୍ରଭୁ ନିତ୍ୟାନନ୍ଦ । ହରେକୃଷ୍ଣ ହରେରାମ, ରାଧେ ଗୋବିନ୍ଦ !

ପୁଣି କହୁଛନ୍ତି, ଅଲେଖ ନିରଞ୍ଜନ । ନିରଞ୍ଜନ କହି କାନ୍ଦୁଛନ୍ତି । ତାଙ୍କର କାନ୍ଦ ଦେଖି

ଓ କାତର ସ୍ୱର ଶୁଣି ପାଖରେ ଦଣ୍ଡାୟମାନ ଭକ୍ତମାନେ କାନ୍ଦୁଛନ୍ତି । ସେ କାନ୍ଦୁଛନ୍ତି ଓ କହୁଛନ୍ତି, ''ନିରଞ୍ଜନ ! ଆ'ରେ ବାପ, ନେ'ରେ ଖା'ରେ—କେବେ ତୋତେ ଖୁଆଇ ଜନ୍ମ ସଫଳ କରିବି ! ତୁ ମୋ' ପାଇଁ ଦେହ ଧାରଣ କରି ନରରୂପରେ ଆସିଛୁ ।''

ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛନ୍ତି ।—ଜଗନ୍ନାଥ ! ଜଗବନ୍ଧୁ ! ଦୀନବନ୍ଧୁ ! ମୁଁ ତ ଜଗତଛଡ଼ା ନୁହେଁ ନାଥ, ମୋତେ ଦୟା କର !

ପ୍ରେମୋନ୍ମତ୍ତ ହୋଇ ଗାଉଛନ୍ତି—''ଓଡ଼ିଶା ଜଗନ୍ନାଥ ଭଜ ବିରାଜ ଜୀ !''

ଏଥର ନାରାୟଣଙ୍କର ନାମ କୀର୍ତ୍ତନ କରି କରି ନାଚୁଛନ୍ତି ଓ ଗାଉଛନ୍ତି—ଶ୍ରୀମନ୍ନାରାୟଣ ! ଶ୍ରୀମନ୍ନାରାୟଣ ! ନାରାୟଣ ! ନାରାୟଣ !

ନାଚି ନାଚି ପୁଣି ଗୀତ ଗାଉଛନ୍ତି—

''ହଲାମ ଯାର ଜନ୍ୟ ପାଗଲ, ତାରେ କଇ ପେଲାମ ସଇ ।
ବ୍ରହ୍ମା ପାଗଲ ବିଷ୍ଣୁ ପାଗଲ ଆର ପାଗଲ ଶିବ;
ତିନି ପାଗଲେ ଯୁକ୍ତି କରେ ଭାଙ୍ଗଲେ ନବଦ୍ୱୀପ ।
ଆର ଏକ ପାଗଲ ଦେଖେ ଏଲାମ ବୃନ୍ଦାବନେର ମାଠେ,
ରାଇକେ ରାଜା ସାଜାୟେ, ଆପନି କୋଟାଲ ସାଜେ !''

ଏଥର ଠାକୁର ଭକ୍ତମାନଙ୍କ ଗହଣରେ ଛୋଟ ଖଟଟିରେ ବସିଛନ୍ତି । ଦିଗମ୍ବର ! ଯେପରି ପାଞ୍ଚ ବର୍ଷର ବାଳକ ! ମାଷ୍ଟର, ବଳରାମ ଆଉ ମଧ୍ୟ ଜଣେ ଦୁଇଜଣ ଭକ୍ତ ବସିଛନ୍ତି ।

## ରୂପଦର୍ଶନ କେତେବେଳେ ? ଗୁହ୍ୟ କଥା—
## ଶୁଦ୍ଧାତ୍ମା ଯୁବକଙ୍କଠାରେ ନାରାୟଣ ଦର୍ଶନ

(ରାମଲାଲ, ନିରଞ୍ଜନ, ପୂର୍ଣ୍ଣ, ନରେନ୍ଦ୍ର, ବେଲଘରିଆର ତାରକ, ଛୋଟ ନରେନ୍)

ଶ୍ରୀରାମକୃଷ୍ଣ—ଈଶ୍ୱରୀୟ ରୂପ ଦର୍ଶନ କରାଯାଏ । ଯେତେବେଳେ ସବୁ ଉପାଧି ଚାଲିଯାଏ—ବିଚାର ବନ୍ଦ ହୋଇଯାଏ—ସେତେବେଳେ ଦର୍ଶନ ହୁଏ । ସେତେବେଳେ ମନୁଷ୍ୟ ଅବାକ୍, ସମାଧିସ୍ଥ ହୁଏ । ଥିଏଟରକୁ ଯାଇ ବସି ଲୋକମାନେ କେତେ ଗପନ୍ତି—ଏଣୁତେଣୁ ଗପ । ପର୍ଦ୍ଦା ଉଠିଲେ ସବୁ ଗପସପ ବନ୍ଦ ହୋଇଯାଏ । ଯାହା ଦେଖେ ସେଥିରେ ହିଁ ମଗ୍ନ ହୋଇଯାଏ ।

''ତୁମମାନଙ୍କୁ ଅତି ଗୁହ୍ୟ କଥା କହୁଛି । କାହିଁକି ପୂର୍ଣ୍ଣ, ନରେନ୍ଦ୍ର, ଏମାନଙ୍କୁ ସବୁ ଏତେ ଭଲ ପାଏ ? ଜଗନ୍ନାଥଙ୍କୁ ମଧୁର ଭାବରେ ଆଲିଙ୍ଗନ କରିବାକୁ ଯାଇ ହାତ ଭାଙ୍ଗିଗଲା । ଜଣାଇଦେଲେ, 'ତୁମେ ଶରୀର ଧାରଣ କରିଛ—ବର୍ତ୍ତମାନ ନରରୂପ ସହିତ ସଖ୍ୟ, ବାତ୍ସଲ୍ୟ, ଏହିସବୁ ଭାବ ନେଇ ରହ ।'

''ରାମଲାଲା ପ୍ରତି ଯେଉଁ ଯେଉଁ ଭାବ ହେଉଥିଲା, ପୂର୍ଣ୍ଣ, ନିରଞ୍ଜନ ପ୍ରଭୃତିଙ୍କୁ ଦେଖି ସେହିସବୁ ହେଉଛି ! ରାମଲାଲାକୁ ଗାଧୋଇ ଦେଉଥିଲି, ଖୁଆଇ ଦେଉଥିଲି,

ଶୁଆଇ ଦେଉଥିଲି—ସଙ୍ଗେ ସଙ୍ଗେ ନେଇ ବୁଲୁଥିଲି—ରାମଲାଲା ପାଇଁ ବସି ବସି କାନ୍ଦୁଥିଲି—ଏହି ସବୁ ପିଲାମାନଙ୍କୁ ନେଇ ଠିକ୍ ତାହା ହିଁ ହେଉଛି ! ଦେଖୁନ ନିରଞ୍ଜନ। କୌଣସିଥିରେ ଲିପ୍ତ ନୁହେଁ; ନିଜ ଟଙ୍କା ଖର୍ଚ୍ଚ କରି ଗରିବମାନଙ୍କୁ ଡାକ୍ତରଖାନାକୁ ନେଇଯାଏ। ବିବାହ କଥା ପଡ଼ିଲେ କହେ,'ବାପ୍ ରେ ! ସେ ବିଶାଳାକ୍ଷୀର ଗଣ୍ଡ !' ତାକୁ ଦେଖେ, ସେ ଗୋଟାଏ ଜ୍ୟୋତିଃ ଉପରେ ବସି ରହିଛି !

''ପୂର୍ଣ୍ଣ ଉଚ୍ଚ ଶ୍ରେଣୀର ସାକାର ଆଧାର—ବିଷ୍ଣୁଙ୍କ ଅଂଶରେ ଜନ୍ମ। ଆହା ! କିପରି ଅନୁରାଗ !

(ମାଷ୍ଟରଙ୍କ ପ୍ରତି)—''ଦେଖିଲ ନାହିଁ— ତୁମ ଆଡ଼କୁ ଚାହିଁ ରହିଲା— ଯେପରି ଗୁରୁଭାଇଙ୍କ ପ୍ରତି— ଯେପରି ଏ ମୋର ନିଜର ଲୋକ ! ଆଉ ଥରେ ଦେଖା କରିବ ବୋଲି କହିଛି। କହିଛି, କ୍ୟାପ୍‌ଟେନ୍‌ଙ୍କ ଘରେ ଦେଖା ହେବ।

### ନରେନ୍ଦ୍ରଙ୍କର କେତେ ଗୁଣ—ଛୋଟ ନରେନ୍‌ର ଗୁଣ

ନରେନ୍ଦ୍ର ଭାରୀ ବଡ଼ ଆଧାର—ନିରାକାର ଘରର। ପୁରୁଷ ସତ୍ତା। ଏତେ ଭକ୍ତ ଆସୁଛନ୍ତି, ତା'ପରି ଜଣେ ଆଉ କେହି ନାହିଁ।

ଥରେ ଥରେ ବସି ବସି ବିଚାର କରେ। ଦେଖେ ଅନ୍ୟମାନଙ୍କ ଭିତରେ କିଏ ଦଶଦଳ ପଦ୍ମ, କିଏ ଷୋଡ଼ଶଦଳ, କିଏ ଶତଦଳ; କିନ୍ତୁ ପଦ୍ମମାନଙ୍କ ମଧ୍ୟରେ ନରେନ୍ଦ୍ର ସହସ୍ରଦଳ !'

ଅନ୍ୟମାନେ ଢାଳ, ମାଠିଆ ହୋଇପାରନ୍ତି—ନରେନ୍ଦ୍ର କୋତ !

ଗାଡ଼ିଆ ପୋଖରୀମାନଙ୍କ ଭିତରେ ନରେନ୍ଦ୍ର ବିଶାଳ ସରୋବର—ଯେପରି 'ହାଲଦାର' ପୋଖରୀ।

ମାଛ ଭିତରେ ନରେନ୍ଦ୍ର ନାଲିଆଖିଆ ବଡ଼ ରୋହୀ, ଅନ୍ୟମାନେ ଭିନ୍ନ ପ୍ରକାରର ମାଛ—ପୋହଳା, କେରାଣ୍ଡି ଇତ୍ୟାଦି।

ବିରାଟ ଆଧାର—ବହୁତ ଜିନିଷ ଧରେ। ବଡ଼ ପୋଲ ଥିବା ବାଉଁଶ।

ନରେନ୍ଦ୍ର କୌଣସି କିଛିର ବଶ ନୁହେଁ। ସେ ଆସକ୍ତି, ଇନ୍ଦ୍ରିୟ-ସୁଖରବଶ ନୁହେଁ। ପୁରୁଷ ପାରା। ପୁରୁଷ ପାରାର ଥଣ୍ଟକୁ ଧରିଲେ ଥଣ୍ଟ ଟାଣି କାଢ଼ି ନିଏ—ମାଈ ପାରା ଚୁପ କରି ରହେ।

ନରେନ୍ଦ୍ର ପୁରୁଷ, ତେଣୁ ଗାଡ଼ିରେ ଡାହାଣ ପାଖରେ ବସେ। ଭବନାଥର ପ୍ରକୃତି ଭାବ, ସେଥିପାଇଁ ତାକୁ ଅନ୍ୟ ପଟରେ ବସିବାକୁ ଦିଏ।

ନରେନ୍ଦ୍ର ସଭାରେ ରହିଲେ ମୋର ଖୁବ୍ ବଳ।

ଶ୍ରୀଯୁକ୍ତ ମହେନ୍ଦ୍ର ମୁଖାର୍ଜୀ ଆସି ପ୍ରଣାମ କଲେ। ପ୍ରାୟ ଆଠଟା ବାଜିଛି। ହରିପଦ, ତୁଳସୀରାମ, କ୍ରମେ ଆସି ପ୍ରଣାମ କରି ବସିଲେ। ବାବୁରାମଙ୍କୁ ଜ୍ୱର ହୋଇଛି—ଆସିପାରି ନାହାନ୍ତି।

ଶ୍ରୀରାମକୃଷ୍ଣ (ମାଷ୍ଟର ଓ ଅନ୍ୟମାନଙ୍କ ପ୍ରତି)—ଛୋଟ ନରେନ୍ ଆସିଲା ନାହିଁ ? ଭାବିଛି, ମୁଁ ଚାଲି ଯାଇଛି । (ମୁଖାର୍ଜୀଙ୍କ ପ୍ରତି) କି ଆଶ୍ଚର୍ଯ୍ୟ ! ସେ (ଛୋଟ ନରେନ୍) ପିଲାବେଳେ ସ୍କୁଲ୍‌ରୁ ଆସି ଈଶ୍ୱରଙ୍କ ପାଇଁ କାନ୍ଦୁଥିଲା । (ଈଶ୍ୱରଙ୍କ ପାଇଁ) କାନ୍ଦିବା କଅଣ କମ୍ କଥା !

ପୁଣି ଭାରୀ ବୁଦ୍ଧି ! ବାଉଁଶ ଭିତରେ ବଡ଼ ପୋଲ ଥିବା ବାଉଁଶ !

ଆଉ ସମସ୍ତ ମନଟି ମୋ ଉପରେ । ଗିରିଶ ଘୋଷ କହିଲା, ନବଗୋପାଳଙ୍କ ଘରେ ଯେଉଁଦିନ କୀର୍ତ୍ତନ ହେଉଥିଲା, ସେଦିନ (ଛୋଟ ନରେନ୍) ଯାଇଥିଲା—କିନ୍ତୁ 'ସେ କାହାନ୍ତି' ବୋଲି ପ୍ରାୟ ବେହୋସ୍, କେଉଁଆଡ଼କୁ ନଜର ନାହିଁ—ଲୋକଙ୍କ ଉପରେ ଚଢ଼ି ଚାଲିଗଲା !

ପୁଣି ଭୟ ନାହିଁ ଯେ, ଘରେ ଗାଳିଦେବେ । ଦକ୍ଷିଣେଶ୍ୱରରେ ପୂରା ତିନି ରାତି ରହିଯାଏ ।

## (୮)

## ଭକ୍ତିଯୋଗର ଗୂଢ଼ ରହସ୍ୟ—ଜ୍ଞାନ ଓ ଭକ୍ତିର ସମନ୍ୱୟ

(ମୁଖାର୍ଜୀ, ହରିବାବୁ, ପୂର୍ଣ୍ଣ, ନିରଞ୍ଜନ, ମାଷ୍ଟର, ବଳରାମ)

ମୁଖାର୍ଜୀ—ହରି (ବାଗ୍‌ବଜାରର ହରିବାବୁ) ଗତକାଲି ଆପଣଙ୍କ କଥା ଶୁଣି ଅବାକ୍ । କହିଲା, 'ସାଂଖ୍ୟ ଦର୍ଶନ, ପାତଞ୍ଜଳି ଓ ବେଦାନ୍ତରେ—ଏସବୁ କଥା ଅଛି । ଏ ସାମାନ୍ୟ ନୁହନ୍ତି !'

ଶ୍ରୀରାମକୃଷ୍ଣ—କାହିଁ, ମୁଁ ସାଂଖ୍ୟ, ବେଦାନ୍ତ ତ ପଢ଼ି ନାହିଁ !

''ପୂର୍ଣ୍ଣ ଜ୍ଞାନ ଆଉ ପୂର୍ଣ୍ଣ ଭକ୍ତି ଏକ । 'ନେତି' 'ନେତି' କରି ବିଚାର ଶେଷ ହେଲେ, ବ୍ରହ୍ମଜ୍ଞାନ—ତା'ପରେ ଯାହା ଛାଡ଼ି ଯାଇଥିଲ, ପୁଣି ତାକୁ ଗ୍ରହଣ । ଛାତକୁ ଉଠିବାବେଳେ ସାବଧାନରେ ଉଠିବାକୁ ହୁଏ । ଏହା ପରେ ଦେଖେ ଯେ, ଛାତ ଯେଉଁ ଜିନିଷରେ—ଇଟା, ଚୂନ ଓ ସୁର୍‌କି—ପାହାଚ ମଧ୍ୟ ସେହି ଜିନିଷରେ ତିଆରି ।

''ଯାହାର ଉଚ୍ଚ ବୋଧ ଅଛି, ତାହାର ନୀଚ ବୋଧ ମଧ୍ୟ ଅଛି । ଜ୍ଞାନ ପରେ ଉପର ତଳ ଏକ ବୋଧ ହୁଏ ।

''ପ୍ରହ୍ଲାଦଙ୍କର ଯେତେବେଳେ ତତ୍ତ୍ୱଜ୍ଞାନ ହେଉଥିଲା, 'ସୋଽହଂ' ହୋଇ ରହୁଥିଲେ । ଯେତେବେଳେ ଦେହ-ବୁଦ୍ଧି ଆସୁଥିଲା, 'ଦାସୋଽହଂ', ମୁଁ ତୁମର ଦାସ—ଏହି ଭାବରେ ରହୁଥିଲେ ।

ହନୁମାନଙ୍କର ମଧ୍ୟ କେତେବେଳେ 'ସୋଽହମ୍', କେତେବେଳେ 'ଦାସ ମୁଁ', କେତେବେଳେ 'ମୁଁ ତୁମର ଅଂଶ' ଏହି ଭାବ ଆସୁଥିଲା ।

**କାହିଁକି ଭକ୍ତ ନେଇ ରହନ୍ତି ?—ତାହା ନ ହେଲେ ମନୁଷ୍ୟ କଅଣ ନେଇ ରହିବ ! କଅଣ ନେଇ ଦିନ କଟାଇବ ?**

'ମୁଁ' ତ ଯିବ ନାହିଁ, 'ମୁଁ'–ଘଟ ଥିବା ପର୍ଯ୍ୟନ୍ତ ସୋଽହଂ ହୁଏ ନାହିଁ । ସମାଧିସ୍ଥ ହେଲେ 'ମୁଁ' ଚାଲିଯାଏ—ସେତେବେଳେ ଯାହା ଅଛି ତାହା ହିଁ ରହେ । ରାମପ୍ରସାଦ ଗାଇଛି, 'ତାହା ପରେ ମୁଁ ଭଲ କି ତୁମେ ଭଲ, ତାହା ତୁମେ ଜାଣିବ ।'

ଯେପର୍ଯ୍ୟନ୍ତ 'ମୁଁ' ରହିଛି, ସେପର୍ଯ୍ୟନ୍ତ ଭକ୍ତଙ୍କ ପରି ରହିବା ହିଁ ଭଲ ! 'ମୁଁ ଭଗବାନ' —ଏହା ଭଲ ନୁହେଁ । ହେ ଜୀବ, ଭକ୍ତବତ୍ ନ ଚ କୃଷ୍ଣବତ୍ ।—ତେବେ ସେ ଯଦି ନିଜେ ଟାଣି ନିଅନ୍ତି, ତାହା ହେଲେ ଅଲଗା କଥା । ଯେପରି ମୁନିବ ଚାକରକୁ ଭଲ ପାଇ କହୁଛି, 'ଆ, ଆ, ପାଖରେ ବସ୍, ମୁଁ ଯାହା ତୁ ବି ତାହା ।'

ଗଙ୍ଗାର ହିଁ ଢେଉ, ଢେଉର ଗଙ୍ଗା ହୁଏ ନାହିଁ ।

ଶିବଙ୍କର ଦୁଇଟି ଅବସ୍ଥା । ଯେତେବେଳେ ଆତ୍ମାରାମ,ସେତେବେଳେ ସୋଽହଂ ଅବସ୍ଥା–ଯୋଗରେ ସବୁ ସ୍ଥିର । ଯେତେବେଳେ 'ମୁଁ' ଅଲଗା ବୋଲି ବୋଧ ଥାଏ,ସେତେବେଳେ 'ରାମ ! ରାମ !' କରି ନୃତ୍ୟ ।

ଯାହାଙ୍କର ଅଟଳ ଅଛି,ତାଙ୍କର ଟଳ ମଧ୍ୟ ଅଛି ।

ବର୍ତ୍ତମାନ ତୁମେ ସ୍ଥିର । ପୁଣି ଟିକିଏ ପରେ ତୁମେ କାମ କରିବ ।

ଜ୍ଞାନ ଓ ଭକ୍ତି ଏକା ଜିନିଷ ।—ତେବେ ଜଣେ କହୁଛି 'ପାଣି' ଆଉ ଜଣେ କହୁଛି 'ପାଣିର ଘନୀଭୂତ ରୂପ (ବରଫ ଖଣ୍ଡ) ।'

## ଦୁଇ ପ୍ରକାର ସମାଧି—କାମିନୀକାଞ୍ଚନ ସମାଧିର ପ୍ରତିବନ୍ଧକ

ସମାଧି ମୋଟାମୋଟି ଦୁଇ ପ୍ରକାରର ।—ଜ୍ଞାନପଥରେ ବିଚାର କରୁ କରୁ ଅହଂ ନାଶ ପରେ ଯେଉଁ ସମାଧି ତାକୁ ସ୍ଥିତ ସମାଧି ବା ଜଡ଼ ସମାଧି (ନିର୍ବିକଳ୍ପ ସମାଧି) କହନ୍ତି । ଭକ୍ତିପଥର ସମାଧିକୁ ଭାବସମାଧି କହନ୍ତି । ଏଥିରେ ସମ୍ଭୋଗ ପାଇଁ, ଆସ୍ୱାଦନ ପାଇଁ ରେଖା ପରି ଟିକିଏ ଅହଂ ରହେ । କାମିନୀ–କାଞ୍ଚନରେ ଆସକ୍ତି ରହିଲେ ଏସବୁ ଧାରଣା ହୁଏ ନାହିଁ ।

''କେଦାରକୁ କହିଲି, କାମିନୀ–କାଞ୍ଚନରେ ମନ ଥିଲେ ହେବ ନାହିଁ । ଇଚ୍ଛା ହେଲା, ଥରେ ତା' ଛାତିରେ ହାତ ବୁଲାଇ ଦେବି –କିନ୍ତୁ ପାରିଲି ନାହିଁ । ଭିତରେ ଅନେକ ଗଣ୍ଠି । ଘରେ ବିଷ୍ଠାର ଗନ୍ଧ, ପଶି ପାରିଲି ନାହିଁ । ଯେପରି ସ୍ୱୟମ୍ଭୁ ଲିଙ୍ଗ କାଶୀ ପର୍ଯ୍ୟନ୍ତ ଜଡ଼ । ସଂସାରରେ ଆସକ୍ତି,କାମିନୀ ଓ କାଞ୍ଚନରେ ଆସକ୍ତି ଥିଲେ ହେବ ନାହିଁ ।

''ଏହି ଯୁବକମାନଙ୍କ ଭିତରେ ଏବେ ସୁଦ୍ଧା କାମିନୀ–କାଞ୍ଚନ ପଶି ନାହିଁ, ସେଥିପାଇଁ ତ ସେମାନଙ୍କୁ ଏତେ ଭଲ ପାଏ । ହାଜରା କହେ, 'ଧନୀଘର ପୁଅ, ସୁନ୍ଦର ପିଲା ଦେଖି ତୁମେ ଭଲ ପାଅ ।' ତା ଯଦି ହୋଇଥାଆନ୍ତା, ହରିଶ, ନୋଟୋ, ନରେନ୍ଦ୍ର ଏମାନଙ୍କୁ ଭଲ ପାଉଛି କାହିଁକି ? ନରେନ୍ଦ୍ରକୁ ତ ଭାତ ସହ ଲୁଣ କିଣି ଖାଇବାକୁ ପଇସା ଜୁଟୁ ନାହିଁ ।

ଯୁବକମାନଙ୍କ ଭିତରେ ବିଷୟବୁଦ୍ଧି ଏବେ ସୁଦ୍ଧା ପଶି ନାହିଁ । ସେଥିପାଇଁ ଅନ୍ତର ଏତେ ଶୁଦ୍ଧ ।

ଆଉ କେତେଜଣ ମଧ୍ୟ ନିତ୍ୟସିଦ୍ଧ । ଜନ୍ମରୁ ଈଶ୍ୱରଙ୍କ ପ୍ରତି ଆକର୍ଷଣ । ଯେପରି ଗୋଟିଏ ବଗିଚା କିଣା ହୋଇଛି । ପରିଷ୍କାର କରୁ କରୁ ଗୋଟିଏ ଜାଗାରେ, ପୋତି ହୋଇ ଯାଇଥିବା ପାଣିର କଳ ମିଳିଲା । ପାଣି ଏକାବେଳକେ କଳ କଳ ହୋଇ ବାହାରୁଛି ।

### ପୂର୍ଣ୍ଣ ଓ ନିରଞ୍ଜନ—ମାତୃସେବା—ବୈଷ୍ଣବମାନଙ୍କର ଭାବ

ବଳରାମ—ଆଜ୍ଞା, ସଂସାର ମିଥ୍ୟା, ଏପରି ଦୃଢ଼ ଜ୍ଞାନ ପୂର୍ଣ୍ଣର କିପରି ହେଲା ?

ଶ୍ରୀରାମକୃଷ୍ଣ—ଜନ୍ମାନ୍ତରୀଣ । ପୂର୍ବ ପୂର୍ବ ଜନ୍ମରେ ସବୁ କରାଅଛି । ଦେହ କେବଳ ଛୋଟ ହୁଏ ଓ ବଡ଼ ହୁଏ—ଆତ୍ମା ସେପରି ନୁହେଁ ।

ସେମାନଙ୍କର କଅଣ ଜାଣ— ଆଗେ ଫଳ ତା'ପରେ ଫୁଲ । ଆଗେ ଦର୍ଶନ, ତା'ପରେ ଗୁଣ-ମହିମା ଶ୍ରବଣ, ତା'ପରେ ମିଳନ ।

ନିରଞ୍ଜନକୁ ଦେଖ— ଧାର ଉଧାର ନାହିଁ । ଯେତେବେଳେ ଡାକ ପଡ଼ିବ, ଯାଇ ପାରିବ । **ତେବେ ଯେତେବେଳ ଯାଏ ମା ଅଛନ୍ତି ମାଆଙ୍କୁ ଦେଖିବାକୁ ହେବ ।** ମୁଁ ମାଆଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରୁଥିଲି । ସେହି ଜଗତର ମାଆ ହିଁ ମାଆ ହୋଇ ଆସିଛନ୍ତି । ତେଣୁ କାହାର ଶ୍ରାଦ୍ଧ—ଶେଷରେ ଇଷ୍ଟଙ୍କ ପୂଜା ହୁଏ । କେହି ମରିଗଲେ ବୈଷ୍ଣବମାନଙ୍କର ମହୋତ୍ସବ ହୁଏ, ସେଥିରେ ମଧ୍ୟ ଏହି ଭାବ ।

**"ଯେପର୍ଯ୍ୟନ୍ତ ନିଜ ଦେହର ଖବର ନିଆଯାଉଛି ସେପର୍ଯ୍ୟନ୍ତ ମାଆଙ୍କ ଖବର ନେବାକୁ ହେବ ।** ସେଥିପାଇଁ ହାଜରାକୁ କହେ, ନିଜର କାଶ ହେଲେ ମିଶ୍ରି, ଗୋଲମରିଚ ଓ ଲୁଣ ଯୋଗାଡ଼ କରୁଛ, ଯେତେବେଳଯାଏ ଏସବୁ କରିବାକୁ ହେଉଛି, ସେତେବେଳଯାଏ ମାଆଙ୍କର ଖବର ମଧ୍ୟ ନେବାକୁ ହୁଏ ।

"ତେବେ ଯେତେବେଳେ ନିଜ ଦେହର ଯତ୍ନ ନେଇପାରୁ ନାହିଁ, ସେତେବେଳେ ଅଲଗା କଥା । ସେତେବେଳେ ଈଶ୍ୱର ହିଁ ସବୁ ଭାର ନିଅନ୍ତି ।

"ନାବାଳକ ନିଜର ଭାର ନେଇପାରେ ନାହିଁ । ସେଥିପାଇଁ ତାର ଅଭିଭାବକ ଦରକାର । ନାବାଳକର ଅବସ୍ଥା—ଯେପରି ଚୈତନ୍ୟଦେବଙ୍କର ଅବସ୍ଥା ।"

ମାଷ୍ଟର ଗଙ୍ଗାସ୍ନାନ କରିବାକୁ ଗଲେ ।

## (୯)

### ଶ୍ରୀରାମକୃଷ୍ଣଙ୍କର କୋଷ୍ଠୀ—ପୂର୍ବ କଥା — ଠାକୁରଙ୍କର ଈଶ୍ୱରଦର୍ଶନ ରାମ, ଲକ୍ଷ୍ମଣ ଓ ପାର୍ଥସାରଥି ଦର୍ଶନ— ପରମହଂସ ମୂର୍ତ୍ତି

ଠାକୁର ଶ୍ରୀରାମକୃଷ୍ଣ ସେହି ଛୋଟ ଘରେ ଭକ୍ତମାନଙ୍କ ସହିତ କଥା କହୁଛନ୍ତି । ମହେନ୍ଦ୍ର ମୁଖାର୍ଜୀ, ବଳରାମ, ତୁଳସୀ, ହରିପଦ, ଗିରିଶ ପ୍ରଭୃତି ଭକ୍ତମାନେ ବସିଛନ୍ତି । ଗିରିଶ ଠାକୁରଙ୍କ କୃପା ପାଇ ସାତ ଆଠ ମାସ ହେବ ଯାତାୟାତ କରୁଛନ୍ତି । ମାଷ୍ଟର ଇତି ମଧ୍ୟରେ ଗଙ୍ଗାସ୍ନାନ କରି ଫେରିଛନ୍ତି ଓ ଠାକୁରଙ୍କୁ ପ୍ରଣାମ କରି ତାଙ୍କ ପାଖରେ ବସିଛନ୍ତି । ଠାକୁର ତାଙ୍କର ଅଦ୍ଭୁତ ଈଶ୍ୱରଦର୍ଶନ କଥା କିଛି କିଛି କହୁଛନ୍ତି ।

ଶ୍ରୀରାମକୃଷ୍ଣ—"ଦିନେ କାଳୀମନ୍ଦିରରେ ଲଙ୍ଗ୍ଟୀ (ତୋତାପୁରୀ) ଆଉ ହଳଧାରୀ ଅଧ୍ୟାତ୍ମ (ରାମାୟଣ) ପଢୁଥାଆନ୍ତି । ହଠାତ୍ ଦେଖିଲି ନଦୀ, ତା'ପାଖରେ ବଣ, ସବୁଜ ଗଛପତ୍ର, ଜଙ୍ଘିଆ ପିନ୍ଧି ରାମ ଲକ୍ଷ୍ମଣ ଚାଲିଯାଉଛନ୍ତି ! ଦିନେ କୋଠି ଆଗରେ ଅର୍ଜୁନଙ୍କର ରଥ ଦେଖିଲି !—ସାରଥି ବେଶରେ ଶ୍ରୀକୃଷ୍ଣ ବସିଛନ୍ତି । ତାହା ଏପର୍ଯ୍ୟନ୍ତ ମନେ ରହିଛି ।

"ଆଉ ଦିନେ କାମାରପୁକୁରରେ କୀର୍ତ୍ତନ ହେଉଥିଲା—ଆଗରେ ଗୌରାଙ୍ଗ-ମୂର୍ତ୍ତି !

ଜଣେ ନଗ୍ନ ବ୍ୟକ୍ତି ମୋ ସଙ୍ଗେ ସଙ୍ଗେ ରହୁଥିଲା—ତା' ସହିତ କୌତୁକ କରୁଥିଲି । ସେତେବେଳେ ଖୁବ୍ ହସୁଥିଲି । ଏହି ନଗ୍ନମୂର୍ତ୍ତୀ ମୋ ଭିତରୁ ହିଁ ବାହାରୁ ଥିଲା ପରମହଂସ ମୂର୍ତ୍ତି-ବାଳକ ପରି !

କେତେ ଯେ ଈଶ୍ୱରୀୟ ଦର୍ଶନ ହୋଇଛି, ତାହା କହି ହେବ ନାହିଁ । ସେତେବେଳେ ଖୁବ୍ ପେଟରୋଗ । ଏପରି ଅବସ୍ଥାରେ ପେଟରୋଗ ବହୁତ ବଢ଼ି ଯାଉଥିଲା । ତେଣୁ ରୂପ ଦେଖିଲେ ଶେଷରେ ଛେପ ପିଙ୍ଗୁଥିଲି—କିନ୍ତୁ ଭୂତ ଲାଗିଲା ପରି ପଛରେ ଆସି ପୁଣି ମୋତେ ଧରୁଥିଲା ! ଭାବରେ ବିହ୍ୱଳ ହୋଇ ରହୁଥିଲି । ଦିନ ରାତି କେଉଁବାଟେ ଚାଲି ଯାଉଥିଲା । ତା' ପରଦିନ ସେହି ସବୁ ଭାବ ପେଟ ଧୋଇ ବାହାରୁଥିଲା । (ହସ)

ଗିରିଶ (ସହାସ୍ୟ)—ଆପଣଙ୍କର କୋଷ୍ଠୀ ଦେଖିଛି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଦ୍ୱିତୀୟା ତିଥିରେ ଜନ୍ମ । ଆଉ ରବି, ଚନ୍ଦ୍ର, ବୁଧ—ଏହା ଛଡ଼ା ଆଉ ବେଶୀ କିଛି ନାହିଁ ।

ଗିରିଶ—କୁମ୍ଭରାଶି । କର୍କଟ ଓ ବୃଷରେ ରାମ ଆଉ କୃଷ୍ଣ—ସିଂହରେ ଶ୍ରୀଚୈତନ୍ୟ ଦେବ ।

ଶ୍ରୀରାମକୃଷ୍ଣ—ଦୁଇଟି କାମନା ଥିଲା । ପ୍ରଥମ—ଭକ୍ତଙ୍କର ରାଜା ହେବି, ଦ୍ୱିତୀୟ ଶୁଷ୍କ ସାଧୁ ହେବି ନାହିଁ ।

**ଶ୍ରୀରାମକୃଷ୍ଣଙ୍କର କୋଷ୍ଠୀ—ଠାକୁରଙ୍କର ସାଧନ କାହିଁକି—ବ୍ରହ୍ମଯୋନି ଦର୍ଶନ**

ଗିରିଶ (ସହାସ୍ୟ)—ଆପଣଙ୍କର ସାଧନା କରିବା କଅଣ ଦରକାର ଥିଲା ?

ଶ୍ରୀରାମକୃଷ୍ଣ (ସହାସ୍ୟ)—ଭଗବତୀ ଶିବଙ୍କ ପାଇଁ ବହୁ କଠୋର ସାଧନା କରିଥିଲେ —ପଞ୍ଚତପା, ଶୀତକାଳରେ ପାଣିରେ ଦେହ ବୁଡ଼ାଇ ରହିବା, ସୂର୍ଯ୍ୟଙ୍କ ଆଡ଼କୁ ଏକ ଲୟରେ ଚାହିଁ ରହିବା !

"ସ୍ୱୟଂ କୃଷ୍ଣ ରାଧାଯନ୍ତ୍ର ନେଇ ଅନେକ ସାଧନା କରିଥିଲେ । ଯନ୍ତ୍ର ବ୍ରହ୍ମଯୋନି—ତାଙ୍କର ପୂଜା, ଧ୍ୟାନ ! ଏହି ବ୍ରହ୍ମଯୋନିରୁ କୋଟି କୋଟି ବ୍ରହ୍ମାଣ୍ଡ ଉତ୍ପନ୍ନ ହେଉଛି ।

"ଅତି ଗୁହ୍ୟ କଥା ! ବେଲଗଛ ତଳେ ଦର୍ଶନ ହେଉଥିଲା—ଲକ୍ ଲକ୍ କରୁଥିଲା ।

**ପୂର୍ବକଥା—ବେଲମୂଳରେ ତନ୍ତ୍ର ସାଧନ—ବ୍ରାହ୍ମଣୀଙ୍କର ଯୋଗାଡ଼**

"ବେଲମୂଳରେ ବହୁ ତନ୍ତ୍ର ସାଧନ ହେଉଥିଲା । ବ୍ରହ୍ମଣୀ ମଡ଼ାର ମୁଣ୍ଡ ଓ ଆସନାଦି ଯୋଗାଡ଼ କରୁଥିଲା ।

(ହରିପଦ ଆଡ଼କୁ ଅଗ୍ରସର ହୋଇ)—ସେହି ଅବସ୍ଥାରେ ଛୋଟ ପିଲାମାନଙ୍କର ସୁନାକୁ ଫୁଲ ଚନ୍ଦନ ଦେଇ ପୂଜା ନ କଲେ ରହିପାରୁ ନ ଥିଲି ।

''ଆଉ ଗୋଟିଏ ଅବସ୍ଥା ହେଉଥିଲା । ଯେଉଁଦିନ ଅହଂକାର ଆସୁଥିଲା, ତା' ପରଦିନ ଅସୁସ୍ଥ ହେଉଥିଲି ।''

ମାଷ୍ଟର ଶ୍ରୀମୁଖନିଃସୃତ ଅଶ୍ରୁତପୂର୍ବ ବେଦାନ୍ତବାକ୍ୟ ଶୁଣି ଅବାକ୍ ହୋଇ ଚିତ୍ର-ପ୍ରତିମା ପରି ବସିଛନ୍ତି । ଭକ୍ତମାନେ ଯେପରି ସେହି ପୂତସଲିଳା ପତିତପାବନୀ ଶ୍ରୀମୁଖନିଃସୃତ ଭାଗବତଗଙ୍ଗାରେ ସ୍ନାନ କରି ବସିଛନ୍ତି ।

ସମସ୍ତେ ନୀରବ ରହିଛନ୍ତି ।

ତୁଳସୀ—ଏ ହସନ୍ତି ନାହିଁ ।

ଶ୍ରୀରାମକୃଷ୍ଣ—ଭିତରେ ହସ ଅଛି । ଫଲ୍‌ଗୁନଦୀ ଉପରେ ବାଲି—ଖୋଳିଲେ ପାଣି ପାଇବ ।

(ମାଷ୍ଟରଙ୍କ ପ୍ରତି)—''ତୁମେ ଜିଭ ଛେଲ ନାହିଁ । ପ୍ରତିଦିନ ଜିଭ ଛେଲିବ ।

ବଳରାମ—ଆଚ୍ଛା, ଏହାଙ୍କ (ମାଷ୍ଟରଙ୍କ) ପାଖରୁ ପୂର୍ଣ୍ଣ ଆପଣଙ୍କ ବିଷୟରେ ବହୁ କଥା ଶୁଣିଛନ୍ତି—

ଶ୍ରୀରାମକୃଷ୍ଣ—ପୂର୍ବ କଥା—ଏ ଜାଣନ୍ତି—ମୁଁ ଜାଣେ ନାହିଁ ।

ବଳରାମ—ପୂର୍ଣ୍ଣ ସ୍ୱଭାବସିଦ୍ଧ । ତେବେ ଏମାନେ ?

ଶ୍ରୀରାମକୃଷ୍ଣ—ଏମାନେ ହେତୁ ମାତ୍ର ।

ନଅଟା ବାଜିଛି । ଠାକୁର ଶ୍ରୀରାମକୃଷ୍ଣଙ୍କର ଦକ୍ଷିଣେଶ୍ୱର ଯିବା ପାଇଁ ଉଦ୍‌ଯୋଗ ହେଉଅଛି । ବାଗ୍‌ବଜାରର ଅନ୍ନପୂର୍ଣ୍ଣା ଘାଟରେ ଡଙ୍ଗା ଠିକ୍ ହୋଇଛି । ଠାକୁରଙ୍କୁ ଭକ୍ତମାନେ ଭୂମିଷ୍ଠ ହୋଇ ପ୍ରଣାମ କରୁଛନ୍ତି ।

ଠାକୁର ଜଣେ ଦୁଇଜଣ ଭକ୍ତଙ୍କ ସହିତ ଡଙ୍ଗାରେ ଯାଇ ବସିଲେ । ଗୋପାଳ ମା' ଏହି ଡଙ୍ଗାରେ ଉଠିଲେ—ଦକ୍ଷିଣେଶ୍ୱରରେ କିଞ୍ଚିତ୍ ବିଶ୍ରାମ କରି ଉପରଓଳି ଚାଲି ଚାଲି କାମାରହାଟି ଯିବେ ।

ଠାକୁରଙ୍କ ଦକ୍ଷିଣେଶ୍ୱର ଘରେ ଥିବା କ୍ୟାମ୍ପ ଖଟଟି ମରାମତି ପାଇଁ ଦିଆଯାଇଥିଲା । ସେଇଟିକୁ ଡଙ୍ଗାରେ ରଖି ଦିଆଗଲା । ଏହି ଖଟରେ ଶ୍ରୀଯୁକ୍ତ ରାଖାଲ ପ୍ରାୟ ଶୟନ କରନ୍ତି ।

ଆଜି ମଘା ନକ୍ଷତ୍ର । ଯାତ୍ରା ବଦଳାଇବା ପାଇଁ ଠାକୁର ଶ୍ରୀରାମକୃଷ୍ଣ ଆସନ୍ତା ଶନିବାର ଦିନ ବଳରାମଙ୍କ ଘରକୁ ପୁଣି ଶୁଭାଗମନ କରିବେ ।

❖ ❖ ❖

# ଷୋଡ଼ଶ ପରିଚ୍ଛେଦ

## ଶ୍ରୀରାମକୃଷ୍ଣ କଲିକତା ନଗରୀରେ ଭକ୍ତମାନଙ୍କ ସଙ୍ଗରେ

### (୧)

### ବଳରାମ ମନ୍ଦିରରେ ଶ୍ରୀରାମକୃଷ୍ଣ

ଶ୍ରୀରାମକୃଷ୍ଣ ଭକ୍ତଙ୍କ ସଙ୍ଗରେ ବଳରାମଙ୍କ ବୈଠକଖାନାରେ ବସିଛନ୍ତି । ସହାସ୍ୟ ବଦନ । ଅପରାହ୍ନ ପ୍ରାୟ ତିନିଟା । ବିନୋଦ, ରାଖାଲ, ମାଷ୍ଟର ପ୍ରଭୃତି ପାଖରେ ବସିଛନ୍ତି । ଛୋଟ ନରେନ ମଧ୍ୟ ଆସି ଉପସ୍ଥିତ ହେଲେ ।

ଆଜି ମଙ୍ଗଳବାର, ୨୮ ଜୁଲାଇ, ୧୮୮୫ ଖ୍ରୀଷ୍ଟାବ୍ଦ, ଆଷାଢ଼ କୃଷ୍ଣା ପ୍ରତିପଦ । ଠାକୁର ସକାଳେ ବଳରାମଙ୍କ ଘରକୁ ଆସି ଭକ୍ତମାନଙ୍କ ସଙ୍ଗରେ ଆହାରାଦି କରିଛନ୍ତି । ବଳରାମଙ୍କ ଘରେ ଶ୍ରୀଶ୍ରୀଜଗନ୍ନାଥଦେବଙ୍କର ସେବା ଅଛି । ସେଥିପାଇଁ ଠାକୁର କହନ୍ତି, "ଅତି ଶୁଦ୍ଧ ଅନ୍ନ ।"

ନାରାୟଣ ପ୍ରମୁଖ ଭକ୍ତମାନେ କହିଥିଲେ, ନନ୍ଦ ବସୁଙ୍କ ଘରେ ବହୁ ଈଶ୍ୱରୀୟ ଛବି ଅଛି । ତେଣୁ ଆଜି ଠାକୁର ଅପରାହ୍ନରେ ତାଙ୍କ ଘରକୁ ଯାଇ ଛବି ଦେଖିବେ । ଜଣେ ଭକ୍ତିମତୀ ବ୍ରାହ୍ମଣୀଙ୍କ ଘର ନନ୍ଦ ବସୁଙ୍କ ଘର ପାଖରେ, ସେଠାକୁ ମଧ୍ୟ ଯିବେ । ବ୍ରାହ୍ମଣୀ କନ୍ୟା-ଶୋକରେ ସନ୍ତପ୍ତା, ଶ୍ରୀରାମକୃଷ୍ଣଙ୍କୁ ଦର୍ଶନ କରିବାକୁ ପ୍ରାୟ ଦକ୍ଷିଣେଶ୍ୱରକୁ ଯାଆନ୍ତି । ସେ ଅତିଶୟ ବ୍ୟାକୁଳ ହୋଇ ଠାକୁରଙ୍କୁ ଆମନ୍ତ୍ରଣ କରିଛନ୍ତି । ତାଙ୍କ ଘରକୁ ଯିବାକୁ ହେବ ଓ ଆଉ ଜଣେ ସ୍ତ୍ରୀଭକ୍ତ 'ଗଣୁ ମା'ଙ୍କ ଘରକୁ ଯିବାକୁ ହେବ ।

ଠାକୁର ବଳରାମଙ୍କ ଘରକୁ ଆସିବାମାତ୍ରେ ଯୁବକ ଭକ୍ତମାନଙ୍କୁ ଡକାଇ ପଠାନ୍ତି । ଛୋଟ ନରେନ୍ ଥରେ କହିଥିଲେ, "ବହୁତ କାମ ଥିବାରୁ ସବୁବେଳେ ଆସିପାରୁ ନାହିଁ, ପରୀକ୍ଷା ପାଇଁ ପଢ଼ିବାକୁ ହେଉଛି"—ଇତ୍ୟାଦି । ଛୋଟ ନରେନ ଆସିବାରୁ ଠାକୁର ତାଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଛୋଟ ନରେନ୍‌ଙ୍କୁ)—ତୋତେ ଡାକି ପଠାଇ ନାହିଁ ।

ଛୋଟ ନରେନ (ହସି ହସି)—ହଁ ଯେ, ହେଲେ କଅଣ ହେବ ?

ଶ୍ରୀରାମକୃଷ୍ଣ—ହଁ ବାବୁ, ତୋର କ୍ଷତି ହେବ; ଅବସର ପାଇଲେ ଚାଲି ଆସିବୁ । ଠାକୁର ଯେପରି ଅଭିମାନ କରି ଏହି କଥାଗୁଡ଼ିକ କହିଲେ ।

ପାଲିଙ୍କି ଆସିଛି । ଠାକୁର ଶ୍ରୀଯୁକ୍ତ ନନ୍ଦ ବସୁଙ୍କ ଘରକୁ ଯିବେ ।

ଈଶ୍ୱରଙ୍କର ନାମ କରି କରି ଠାକୁର ପାଲିଙ୍କିରେ ଉଠୁଛନ୍ତି । ପାଦରେ କଳା ବାର୍ଣ୍ଣିସ କରା ଜୋତା, ଚଉଡ଼ା ନାଲି ଧଡ଼ିଆ ଲୁଗା ପିନ୍ଧିଛନ୍ତି, ଉତ୍ତରୀୟ ନାହିଁ । ମଣି ଜୋତା ହଳକୁ ପାଲିଙ୍କିର ଗୋଟିଏ ପାଖରେ ରଖିଲେ । ପାଲିଙ୍କି ସଙ୍ଗେ ସଙ୍ଗେ ମାଷ୍ଟର ଯାଉଛନ୍ତି ।

କ୍ରମେ ପରେଶ ଆସି ଜୁଟିଲେ । ନନ୍ଦ ବସୁଙ୍କ ଫାଟକ ଭିତରେ ପାଲିଙ୍କି ପ୍ରବେଶ କଲା । କ୍ରମେ ଘର ସମ୍ମୁଖସ୍ଥ ପ୍ରଶସ୍ତ ଭୂମି ପାର ହୋଇ ପାଲିଙ୍କିକୁ ଘର ପାଖକୁ ଅଣାଗଲା ।

ଗୃହସ୍ୱାମୀଙ୍କ ଆତ୍ମୀୟଗଣ ଆସି ଠାକୁରଙ୍କୁ ପ୍ରଣାମ କଲେ । ଠାକୁର ମାଷ୍ଟରଙ୍କୁ ଜୋତା ହଳକ ଆଣିବା ପାଇଁ କହିଲେ; ପାଲିଙ୍କିରୁ ଓହ୍ଲାଇ ଉପରର ହଲ୍ ଘରେ ଉପସ୍ଥିତ ହେଲେ । ହଲ୍ ଘରଟି ଅତି ଦୀର୍ଘ ଓ ପ୍ରଶସ୍ତ । ଘର ଭିତରେ ଚତୁର୍ଦ୍ଦିଗରେ ଦେବଦେବୀଙ୍କର ଛବି ।

ଗୃହସ୍ୱାମୀ ଓ ତାଙ୍କର ଭ୍ରାତା ପଶୁପତି ଠାକୁରଙ୍କୁ ସମ୍ଭାଷଣ କଲେ । କ୍ରମେ ପାଲିଙ୍କିର ପଛେ ପଛେ ଆସି ଭକ୍ତମାନେ ଏହି ହଲ୍ ଘରେ ଜମା ହେଲେ । ଗିରିଶଙ୍କ ଭାଇ ଅତୁଳ ଆସିଛନ୍ତି । ପ୍ରସନ୍ନଙ୍କ ପିତା ଶ୍ରୀଯୁକ୍ତ ନନ୍ଦ ବସୁଙ୍କ ଘରକୁ ସର୍ବଦା ଯାତାୟାତ କରନ୍ତି । ସେ ମଧ୍ୟ ଉପସ୍ଥିତ ଅଛନ୍ତି ।

## (୨)

## ଶ୍ରୀଯୁକ୍ତ ନନ୍ଦ ବସୁଙ୍କ ଘରକୁ ଶୁଭାଗମନ

ଠାକୁର ଶ୍ରୀରାମକୃଷ୍ଣ ଏଥର ଛବି ଦେଖିବାକୁ ଉଠିଲେ । ସଙ୍ଗରେ ମାଷ୍ଟର ଓ ଅନ୍ୟ କେତେଜଣ ଭକ୍ତ । ଗୃହସ୍ୱାମୀଙ୍କର ଭ୍ରାତା ଶ୍ରୀଯୁକ୍ତ ପଶୁପତି ମଧ୍ୟ ସଙ୍ଗେ ସଙ୍ଗେ ରହି ଛବିଗୁଡ଼ିକୁ ଦେଖାଉଛନ୍ତି ।

ଠାକୁର ସର୍ବପ୍ରଥମେ ଚତୁର୍ଭୁଜ ବିଷ୍ଣୁ–ମୂର୍ତ୍ତି ଦର୍ଶନ କରୁଛନ୍ତି । ଦେଖିବାମାତ୍ରେ ଭାବରେ ବିହ୍ୱଳ ହୋଇଗଲେ । ଠିଆ ହୋଇଥିଲେ, ବସିପଡ଼ିଲେ । କିଛି ସମୟ ଭାବରେ ଆବିଷ୍ଟ ହୋଇ ରହିଲେ ।

ହନୁମାନଙ୍କ ଶିରରେ ହାତ ଦେଇ ଶ୍ରୀରାମଚନ୍ଦ୍ର ଆଶୀର୍ବାଦ କରୁଛନ୍ତି । ଶ୍ରୀରାମଙ୍କ ପାଦପଦ୍ମରେ ହନୁମାନଙ୍କର ଦୃଷ୍ଟି ନିବଦ୍ଧ । ଠାକୁର ଶ୍ରୀରାମକୃଷ୍ଣ ବହୁ ସମୟ ଧରି ଏହି ଛବି ଦେଖୁଛନ୍ତି । ଭାବରେ କହୁଛନ୍ତି, ''ଆହା ! ଆହା !''

ତୃତୀୟ ଛବି, ବଂଶୀବଦନ ଶ୍ରୀକୃଷ୍ଣ କଦମ୍ବତଳେ ଠିଆ ହୋଇଛନ୍ତି ।

ଚତୁର୍ଥ, ବାମନାବତାର । ଛତା ଧରି ବଳିଙ୍କ ଯଜ୍ଞକୁ ଯାଉଛନ୍ତି । ଶ୍ରୀରାମକୃଷ୍ଣ କହୁଛନ୍ତି, ''ବାମନ !'' ଏବଂ ଏକ ଦୃଷ୍ଟିରେ ଦେଖୁଛନ୍ତି ।

ଏଥର ନୃସିଂହମୂର୍ତ୍ତି ଦର୍ଶନ କରିସାରି ଠାକୁର ଗୋଷ୍ଠର ଛବି ଦର୍ଶନ କରୁଛନ୍ତି । ଶ୍ରୀକୃଷ୍ଣ ଗୋପାଳମାନଙ୍କ ସହିତ ବତ୍ସଗଣକୁ ଚରାଉଛନ୍ତି । ଶ୍ରୀବୃନ୍ଦାବନ ଓ ଯମୁନା–ପୁଳିନ !

ମଣି କହି ଉଠିଲେ—ଚମତ୍କାର ଛବି !

ସପ୍ତମ ଛବି ଦେଖି ଠାକୁର କହୁଛନ୍ତି—''ଧୂମାବତୀ !'' ଅଷ୍ଟମ—ଷୋଡ଼ଶୀ; ନବମ —ଭୁବନେଶ୍ୱରୀ; ଦଶମ—ତାରା; ଏକାଦଶ—କାଳୀ । ଏହି ସମସ୍ତ ମୂର୍ତ୍ତିଙ୍କୁ ଦେଖି ଠାକୁର କହୁଛନ୍ତି—''ଏ ସବୁ ଉଗ୍ରମୂର୍ତ୍ତି ! ଏସବୁ ମୂର୍ତ୍ତି ଘରେ ରଖିବା ଉଚିତ୍

ନୁହେଁ । ଏହି ମୂର୍ତ୍ତି ଘରେ ରଖିଲେ ପୂଜା କରିବାକୁ ହୁଏ ! ତେବେ ଆପଣମାନଙ୍କର ଅଦୃଷ୍ଟର ଜୋର୍ ଅଛି ବୋଲି ଆପଣମାନେ ରଖିଛନ୍ତି ।''

ଶ୍ରୀଶ୍ରୀଅନ୍ନପୂର୍ଣ୍ଣାଙ୍କୁ ଦର୍ଶନ କରି ଠାକୁର ଭାବରେ କହୁଛନ୍ତି,''ବାଃ ! ବାଃ !''

ତା'ପରେ ରାଜା ବେଶରେ ରାଧିକା । ନିକୁଞ୍ଜ ବନରେ ସଖିପରିବୃତା ହୋଇ ସିଂହାସନରେ ବସିଛନ୍ତି । ଶ୍ରୀକୃଷ୍ଣ କୁଞ୍ଜଦ୍ୱାରରେ ଦ୍ୱାରପାଳ ବେଶରେ ବସିଛନ୍ତି ।

ତା'ପରେ ଦୋଳର ଛବି । ଠାକୁର ବହୁ ସମୟଧରି ଏହାର ପରବର୍ତ୍ତୀ ମୂର୍ତ୍ତିଙ୍କୁ ଦେଖୁଛନ୍ତି । କାଚବାକ୍ସ ଭିତରେ ବୀଣାପାଣିଙ୍କର ମୂର୍ତ୍ତି; ଦେବୀ ବୀଣାହସ୍ତରେ ଉନ୍ମନା ହୋଇ ରାଗରାଗିଣୀ ଆଳାପ କରୁଛନ୍ତି ।

ଛବିଦେଖା ସମାପ୍ତ ହେଲା । ଠାକୁର ପୁଣି ଗୃହସ୍ୱାମୀଙ୍କ ପାଖରେ ଆସି ଉପସ୍ଥିତ ହେଲେ । ଠିଆହୋଇ ଗୃହସ୍ୱାମୀଙ୍କୁ କହୁଛନ୍ତି-'' ଆଜି ଖୁବ୍ ଆନନ୍ଦ ହେଲା । ବାଃ ! ଆପଣ ତ ଖାଣ୍ଟି ହିନ୍ଦୁ ! ଇଂରାଜୀ ଛବି ନ ରଖି ଯେ ଏହି ସବୁ ଛବି ରଖିଛନ୍ତି-ଭାରୀ ଆଶ୍ଚର୍ଯ୍ୟ !''

ଶ୍ରୀଯୁକ୍ତ ନନ୍ଦ ବସୁ ବସିଛନ୍ତି । ସେ ଠାକୁରଙ୍କୁ ଆହ୍ୱାନ କରି କହୁଛନ୍ତି—'' ବସନ୍ତୁ ! ଠିଆ ହୋଇ ରହିଲେ କାହିଁକି ?''

ଶ୍ରୀରାମକୃଷ୍ଣ (ବସି) – ଏ ଫଟୋଗୁଡ଼ିକ ଖୁବ୍ ବଡ଼ ବଡ଼ । ତୁମେ ଖାଣ୍ଟି ହିନ୍ଦୁ ।

ନନ୍ଦ ବସୁ –ଇଂରାଜୀ ଛବି ମଧ୍ୟ ଅଛି ।

ଶ୍ରୀରାମକୃଷ୍ଣ (ସହାସ୍ୟ)– ସେସବୁ ଏପରି କିଛି ନୁହେଁ । ଇଂରେଜଙ୍କ ଆଡ଼କୁ ତୁମର ସେତେ ନଜର ନାହିଁ ।

ଘର କାନ୍ଥରେ ଶ୍ରୀଯୁକ୍ତ କେଶବ ସେନଙ୍କର ନବବିଧାନର ଛବି ଟଙ୍ଗା ହୋଇଥିଲା । ଶ୍ରୀଯୁକ୍ତ ସୁରେଶ ମିତ୍ର ଏହି ଛବି କରାଇଥିଲେ । ସେ ଠାକୁରଙ୍କର ଜଣେ ପ୍ରିୟ ଭକ୍ତ । ଏହି ଛବିରେ ପରମହଂସଦେବ କେଶବଙ୍କୁ ଦେଖାଇ ଦେଉଛନ୍ତି, ଭିନ୍ନ ଭିନ୍ନ ପଥ ଦେଇ ସବୁ ଧର୍ମାବଲମ୍ବୀମାନେ ଈଶ୍ୱରଙ୍କ ଆଡ଼କୁ ଯାଉଛନ୍ତି । ଗନ୍ତବ୍ୟ ସ୍ଥାନ ଏକ, କେବଳ ପଥ ଅଲଗା ।

ଶ୍ରୀରାମକୃଷ୍ଣ – ଏଇତ ସୁରେନ୍ଦ୍ରର ଛବି ।

ପ୍ରସନ୍ନଙ୍କ ପିତା (ସହାସ୍ୟ) – ଆପଣ ବି ଏ ଛବି ଭିତରେ ଅଛନ୍ତି ।

ଶ୍ରୀରାମକୃଷ୍ଣ ( ସହାସ୍ୟ) – ଏ ବି ଗୋଟେ ପ୍ରକାର ; ଏହା ଭିତରେ ସବୁ ଅଛି ! – ଇଦାନୀଂ ଭାବ !

ଏହି କଥା କହୁ କହୁ ହଠାତ୍ ଠାକୁର ଭାବମଗ୍ନ ହେଉଛନ୍ତି । ଠାକୁର ଜଗନ୍ମାତାଙ୍କ ସହିତ କଥା କହୁଛନ୍ତି ।

ଟିକିଏ ପରେ ମାତାଲଙ୍କ ପରି କହୁଛନ୍ତି,–'' ମୁଁ ବେହୋସ୍ ହୋଇନାହିଁ । '' ଘର ଆଡ଼କୁ ଚାହିଁ କହୁଛନ୍ତି,''ବଡ଼ ଘର । ଏଥିରେ କଅଣ ଅଛି ? ଇଟା, କାଠ ଓ ମାଟି !''

ଟିକିଏ ପରେ ପୁଣି କହୁଛନ୍ତି– ''ଈଶ୍ୱରୀୟ ମୂର୍ତ୍ତିଗୁଡ଼ିକୁ ଦେଖି ମୋର ଭାରୀ ଆନନ୍ଦ ହେଲା !'' ପୁଣି କହୁଛନ୍ତି–''ଉଗ୍ରମୂର୍ତ୍ତି,କାଳୀ,ତାରା (ଶିବ ଶିବା ମଧ୍ୟରେ ଶ୍ମଶାନବାସିନୀ)

ରଖିବା ଭଲ ନୁହେଁ; ରଖିଲେ ପୂଜା ଦେବାକୁ ହୁଏ ।''

ପଶୁପତି ( ସହାସ୍ୟ)- ତେବେ ସେ ଯେତେଦିନ ଚଳାଇ ନେବେ, ସେତେଦିନ ଚାଲିବ ।

ଶ୍ରୀରାମକୃଷ୍ଣ—ତାହା ସତ ; କିନ୍ତୁ ଈଶ୍ୱରଙ୍କଠାରେ ମନ ରଖିବା ଭଲ; ତାଙ୍କୁ ଭୁଲି ରହିବା ଭଲ ନୁହେଁ ।

ନନ୍ଦ ବସୁ—ତାଙ୍କଠାରେ ମତି ହେଉଛି କେଉଁଠି ?

ଶ୍ରୀରାମକୃଷ୍ଣ—ତାଙ୍କର କୃପା ହେଲେ ହେବ ।

ନନ୍ଦ ବସୁ—ତାଙ୍କର କୃପା ହେଉଛି କେଉଁଠି ? ତାଙ୍କର କଅଣ କୃପା କରିବାର ଶକ୍ତି ଅଛି ?

## ଈଶ୍ୱର କର୍ତ୍ତା ନା କର୍ମ ହିଁ ଈଶ୍ୱର

ଶ୍ରୀରାମକୃଷ୍ଣ (ସହାସ୍ୟ)—ବୁଝିଛି, ତୁମର ପଣ୍ଡିତମାନଙ୍କର ମତ, 'ଯେ ଯେପରି କର୍ମ କରିବ ସେ ସେପରି ଫଳ ପାଇବ'; ଏଗୁଡ଼ାକ ଛାଡ଼ି ଦିଅ । ଈଶ୍ୱରଙ୍କ ଶରଣାଗତ ହେଲେ କର୍ମକ୍ଷୟ ହୁଏ । ମୁଁ ମାଆଙ୍କ ପାଖରେ ହାତରେ ଫୁଲ ଧରି କହିଥିଲି—'ମା ! ଏଇ ନିଅ ତୁମର ପାପ, ଏଇ ନିଅ ତୁମର ପୁଣ୍ୟ, ମୁଁ କିଛି ଚାହେଁ ନାହିଁ, ତୁମେ ମୋତେ ଶୁଦ୍ଧା ଭକ୍ତି ଦିଅ । ଏଇ ନିଅ ତୁମର ଭଲ, ଏଇ ନିଅ ତୁମର ମନ୍ଦ, ମୁଁ ଭଲମନ୍ଦ କିଛି ଚାହେଁ ନାହିଁ, ମୋତେ ଶୁଦ୍ଧାଭକ୍ତି ଦିଅ । ଏଇ ନିଅ ତୁମର ଧର୍ମ, ଏଇ ନିଅ ତୁମର ଅଧର୍ମ, ମୁଁ ଧର୍ମାଧର୍ମ କିଛି ଚାହେଁ ନାହିଁ,ମୋତେ ଶୁଦ୍ଧାଭକ୍ତି ଦିଅ । ଏଇ ନିଅ ତୁମର ଜ୍ଞାନ, ଏଇ ନିଅ ତୁମର ଅଜ୍ଞାନ, ମୁଁ ଜ୍ଞାନାଜ୍ଞାନ କିଛି ଚାହେଁ ନାହିଁ, ମୋତେ ଶୁଦ୍ଧାଭକ୍ତି ଦିଅ । ଏଇ ନିଅ ତୁମର ଶୁଚି, ଏଇ ନିଅ ତୁମର ଅଶୁଚି, ମୋତେ ଶୁଦ୍ଧାଭକ୍ତି ଦିଅ ।''

ନନ୍ଦ ବସୁ—ସେ କଅଣ ଆଇନ ଲଘିଁ ପାରନ୍ତି ?

ଶ୍ରୀରାମକୃଷ୍ଣ—କଅଣ କହୁଛ ! ସେ ଯେ ଈଶ୍ୱର, ସେ ସବୁ ପାରନ୍ତି, ଯେ ଆଇନ୍ କରିଛନ୍ତି, ସେ ଆଇନ୍ ବଦଳାଇ ପାରନ୍ତି ।

## ଚୈତନ୍ୟଲାଭ ଭୋଗାନ୍ତେ, ନା ତାଙ୍କ କୃପାରେ

''ତେବେ ସେ କଥା ତୁମେ କହିପାର । କାହିଁକି ନା ତୁମର ଭୋଗ କରିବାର ଇଚ୍ଛା ଅଛି, ସେଥିପାଇଁ ତୁମେ ଏପରି କଥା କହୁଛ । ଅବଶ୍ୟ ଏପରି ଏକ ମତ ଅଛି, ଯେ ଭୋଗଶାନ୍ତି ନ ହେଲେ ଚୈତନ୍ୟ ହୁଏ ନାହିଁ । ତେବେ କଅଣ ବା ଭୋଗ କରିବ ? କାମିନୀ-କାଞ୍ଚନର ସୁଖ—ଏଇ ଅଛି, ଏଇ ନାହିଁ, କ୍ଷଣିକ ! କାମିନୀ-କାଞ୍ଚନ ଭିତରେ ଅଛି କଅଣ ?

ଆମ୍ବଡ଼ା, କେବଳ ଟାକୁଆ ଆଉ ଚୋପା, ଖାଇଲେ ଅମ୍ଳଶୂଳ ହୁଏ । ସନ୍ଦେଶ, ଗିଳି ସାରିଲା ପରେ ଗଲା, ଆଉ ନାହିଁ !''

**ଈଶ୍ୱର କଅଣ ପକ୍ଷପାତୀ ? ଅବିଦ୍ୟା କାହିଁକି ? ତାଙ୍କ ଖୁସି**

ନନ୍ଦ ବସୁ ନୀରବରେ ବସିଛନ୍ତି, ଟିକିଏ ପରେ ସେ କହୁଛନ୍ତି—ଏପରି କଥା ତ କହନ୍ତି ! ଈଶ୍ୱର କଅଣ ପକ୍ଷପାତୀ ? ତାଙ୍କ କୃପାରେ ଯଦି ହୁଏ, ତାହା ହେଲେ କହିବାକୁ ହେବ ଈଶ୍ୱର ପକ୍ଷପାତୀ !

ଶ୍ରୀରାମକୃଷ୍ଣ—ସେ ନିଜେ ହିଁ ସବୁ, ଈଶ୍ୱର ନିଜେ ହିଁ ସମସ୍ତ ଜୀବଜଗତ୍ ହୋଇଛନ୍ତି । ଯେତେବେଳେ ପୂର୍ଣ୍ଣ ଜ୍ଞାନ ହେବ, ସେତେବେଳେ ଏହି ବୋଧ ହେବ । ସେ ହିଁ ମନ ବୁଦ୍ଧି ଦେହ—ଚତୁର୍ବିଂଶତି ତତ୍ତ୍ୱ ସବୁ ହୋଇଛନ୍ତି । ତେବେ ସେ କାହା ପ୍ରତି ପକ୍ଷପାତ କରିବେ ?

ନନ୍ଦ ବସୁ—ସେ କାହିଁକି ନାନା ରୂପ ହୋଇଛନ୍ତି ? କେଉଁଠାରେ ଜ୍ଞାନ, କେଉଁଠାରେ ଅଜ୍ଞାନ ?

ଶ୍ରୀରାମକୃଷ୍ଣ—ତାଙ୍କର ଖୁସି ।

ଅତୁଳ—କେଦାର ବାବୁ (ଚାଟାର୍ଜୀ) ବେଶ୍ କହିଛନ୍ତି । ଜଣେ ପଚାରିଥିଲେ ଯେ, ଈଶ୍ୱର କାହିଁକି ସୃଷ୍ଟି କଲେ ? ତା' ଉତ୍ତରରେ ସେ କହିଥିଲେ ଯେ, ଯେଉଁ ମିଟିଙ୍ଗ୍‌ରେ ସେ ସୃଷ୍ଟିର ମତଲବ କରିଥିଲେ, ସେ ମିଟିଙ୍ଗ୍‌ରେ ମୁଁ ନ ଥିଲି । (ସମସ୍ତଙ୍କର ହାସ୍ୟ)

ଶ୍ରୀରାମକୃଷ୍ଣ—ତାଙ୍କର ଖୁସି । ଏହା କହି ଠାକୁର ଗୀତ ଗାଉଛନ୍ତି—

ସକଳ ତୁମରି ଇଚ୍ଛା ତାରା ତୁମେ ଇଚ୍ଛାମୟୀ
ତୁମ କର୍ମ ତୁମେ କର ମା ଲୋକ କହେ କରେ ମୁହିଁ ।
ପଙ୍କେ ବଦ୍ଧ କର କରୀ, ପଙ୍ଗୁକୁ ଲଙ୍ଘାଉ ଗିରି,
କାହାକୁ ଦିଅ ମା ବ୍ରହ୍ମପଦ, କାହାକୁ କର ଅଧୋଗାମୀ ।
ମୁଁ ଯନ୍ତ୍ର ତୁମେ ଯନ୍ତ୍ରୀ, ମୁଁ ଘର ତୁମେ ଘରଣୀ,
ମୁଁ ରଥ ତୁମେ ରଥୀ, ଯେପରି ଚଳାଅ ସେପରି ଚଳି ।

"ସେ ଆନନ୍ଦମୟୀ ! ଏହି ସୃଷ୍ଟି-ସ୍ଥିତି ଓ ପ୍ରଳୟର ଲୀଳା କରୁଛନ୍ତି । ଅସଂଖ୍ୟ ଜୀବ, ତା' ମଧ୍ୟରୁ ଜଣେ ଦୁଇଜଣ ମୁକ୍ତ ହୋଇଯାଉଛନ୍ତି—ସେଥିରେ କି ଆନନ୍ଦ । 'ଗୁଡ଼ି ଲକ୍ଷକେ ଗୋଟାଏ ଦୁଇଟି କଟେ, ହସି ଦିଅ ମା ହାତତାଳି ।' ସଂସାରରେ କେହି ବଦ୍ଧ ହେଉଛି, କେହି ମୁକ୍ତ ହେଉଛି ।

"ଭବସିନ୍ଧୁ ମଝିରେ ମନ ଉଠେ ବୁଡ଼େ କେତେ ତରୀ !"

ନନ୍ଦ ବସୁ—ତାଙ୍କର ଖୁସି, ଆମେମାନେ ଯେ ମରୁଛୁ ।

ଶ୍ରୀରାମକୃଷ୍ଣ—ତୁମେମାନେ କେଉଁଠାରେ ? କେବଳ ସେ ହିଁ ସବୁ ହୋଇଛନ୍ତି । ଯେପର୍ଯ୍ୟନ୍ତ ତାଙ୍କୁ ଜାଣି ନ ପାରିଛ, ସେପର୍ଯ୍ୟନ୍ତ 'ମୁଁ' 'ମୁଁ' କରୁଛ !

"ସମସ୍ତେ ତାଙ୍କୁ ଜାଣିପାରିବେ—ସମସ୍ତେ ହିଁ ଉଦ୍ଧାର ହେବେ, ତେବେ କେହି ସକାଳୁ ସକାଳୁ ଖାଇବାକୁ ପାଆନ୍ତି, କେହି ଦ୍ୱିପ୍ରହର ସମୟରେ, କେହି ବା ସନ୍ଧ୍ୟାବେଳେ; କିନ୍ତୁ କେହି ଅଭୁକ୍ତ ରହିବେ ନାହିଁ ! ସମସ୍ତେ ହିଁ ନିଜ ନିଜ ସ୍ୱରୂପକୁ ଜାଣି ପାରିବେ ।"

ପଶୁପତି—ଆଜ୍ଞା ହଁ, ସେ ହିଁ ସବୁ ହୋଇଛନ୍ତି ବୋଲି ବୋଧହୁଏ ।

ଶ୍ରୀରାମକୃଷ୍ଣ—ମୁଁ କଅଣ ଖୋଜି ଦେଖ ତ ! ମୁଁ କଅଣ ହାଡ଼, ନା ମାଂସ, ନା ରକ୍ତ, ନା ଅନ୍ତପିତ୍ତ ? 'ମୁଁ'କୁ ଖୋଜୁ ଖୋଜୁ 'ତୁମେ' ଆସି ଯାଏ, ଅର୍ଥାତ୍, ଅନ୍ତରରେ ଈଶ୍ୱରଙ୍କର ଶକ୍ତି ଛଡ଼ା ଆଉ କିଛି ନାହିଁ । 'ମୁଁ' ନାହିଁ !—ସେ ! ତୁମର ଏତେ ଐଶ୍ୱର୍ଯ୍ୟ, କିନ୍ତୁ ଅଭିମାନ ନାହିଁ ! 'ମୁଁ' ସମ୍ପୂର୍ଣ୍ଣ ଯାଏ ନାହିଁ; ତେଣୁ ଯଦି ନ ଯିବ, ତେବେ ଥାଉ ଶଳା ଈଶ୍ୱରଙ୍କର ଦାସ ହୋଇ । (ସମସ୍ତଙ୍କର ହସ) ଈଶ୍ୱରଙ୍କର ଭକ୍ତ, ଈଶ୍ୱରଙ୍କର ସନ୍ତାନ, ଈଶ୍ୱରଙ୍କର ଦାସ ଏହିପରି ଅଭିମାନ ଭଲ । ଯେଉଁ 'ମୁଁ' କାମିନୀ-କାଞ୍ଚନରେ ଆସକ୍ତ ହୁଏ, ସେହି 'ମୁଁ' କଞ୍ଚା 'ମୁଁ'; ସେହି 'ମୁଁ'କୁ ତ୍ୟାଗ କରିବାକୁ ହୁଏ ।

ଅହଙ୍କାରର ଏପରି ବ୍ୟାଖ୍ୟା ଶୁଣି ଗୃହସ୍ୱାମୀ ଓ ଅନ୍ୟାନ୍ୟ ସମସ୍ତେ ଅତ୍ୟନ୍ତ ଆନନ୍ଦିତ ହୋଇଛନ୍ତି ।

## ଐଶ୍ୱର୍ଯ୍ୟର ଅହଙ୍କାର ଓ ମତ୍ତତା

ଶ୍ରୀରାମକୃଷ୍ଣ—ଜ୍ଞାନର ଦୁଇଟି ଲକ୍ଷଣ, ପ୍ରଥମ ଅଭିମାନ ରହିବ ନାହିଁ, ଦ୍ୱିତୀୟ ଶାନ୍ତ ସ୍ୱଭାବ । ତୁମର ଦୁଇଟିଯାକ ଲକ୍ଷଣ ଅଛି । ଅତଏବ ତୁମ ଉପରେ ଈଶ୍ୱରଙ୍କର ଅନୁଗ୍ରହ ଅଛି ।

ଶ୍ରୀରାମକୃଷ୍ଣ—"ବେଶୀ ଐଶ୍ୱର୍ଯ୍ୟ ହେଲେ ଈଶ୍ୱରଙ୍କୁ ଭୁଲି ହୋଇଯାଏ; ଐଶ୍ୱର୍ଯ୍ୟର ଏହା ହିଁ ସ୍ୱଭାବ । ଯଦୁ ମଲ୍ଲିକର ବେଶୀ ଐଶ୍ୱର୍ଯ୍ୟ ହୋଇଛି; ସେ ଆଜିକାଲି ଈଶ୍ୱରୀୟ କଥା କହେ ନାହିଁ । ଆଗେ ବେଶ୍ ଈଶ୍ୱରଙ୍କ କଥା କହୁଥିଲା ।

"କାମିନୀ-କାଞ୍ଚନ ଏକ ପ୍ରକାର ମଦ । ଜଣେ ଅଧିକ ମଦ ଖାଇଲେ କକା-ଦାଦା ବୋଧ ରହେ ନାହିଁ, ସେମାନଙ୍କୁ ବଂଶ ଧରି ଗାଳି ଦିଏ; ମାତାଲର ଗୁରୁ-ଲଘୁ ବୋଧ ରହେ ନାହିଁ ।"

ନନ୍ଦ ବସୁ—ତାହା ସତ ।

## ଥିଓସଫି—କ୍ଷଣକ ଯୋଗରେ ମୁକ୍ତି—ଶୁଦ୍ଧାଭକ୍ତି ସାଧନ

ପଶୁପତି— ଆଜ୍ଞା ! ଏଗୁଡ଼ାକ କଅଣ ସତ୍ୟ— ସ୍ପିରିଚ୍ୟୁଆଲିଜ୍ମ , ଥିଓସଫି ? ସୂର୍ଯ୍ୟଲୋକ, ଚନ୍ଦ୍ରଲୋକ ? ନକ୍ଷତ୍ରଲୋକ ?

ଶ୍ରୀରାମକୃଷ୍ଣ—ବାବୁ ! ମୁଁ ଏସବୁ ଜାଣିନି । ଏତେ ହିସାବ କାହିଁକି ? ଆମ୍ବ ଖାଅ, କେତେ ଆମ୍ବଗଛ, କେତେ ଲକ୍ଷ ଡାଳ, କେତେ କୋଟି ପତ୍ର, ଏ ହିସାବରେ ମୋର କଅଣ ଦରକାର ? ମୁଁ ବଗିଚାକୁ ଆମ୍ବ ଖାଇବାକୁ ଆସିଛି, ଯେତେ ପାରେ ଖାଇଚାଲିଯିବି ।

"ଯଦି ଥରେ ଚୈତନ୍ୟ ହୁଏ, ଯଦି ଥରେ ଈଶ୍ୱରଙ୍କୁ କେହି ଜାଣିପାରେ, ତାହାହେଲେ ଏଣୁତେଣୁ ବିଷୟ ଜାଣିବାର ତାର ଆଦୌ ଇଚ୍ଛା ହୁଏ ନାହିଁ । ବିକାର ଥିଲା ବେଳେ କେତେ କଅଣ କହେ—'ଆରେ, ମୁଁ ପାଞ୍ଚ ସେର ଚାଉଳର ଭାତ ଖାଇବି !'—'ଆରେ,

ମୁଁ ହଣ୍ଡାଏ ପାଣି ପିଇବି !'—ବୈଦ୍ୟ କହେ, ''ଖାଇବୁ ? ହଉ ଖାଇବୁ !' —ଏହା କହି ବୈଦ୍ୟ ହୁକ୍କା ଟାଣେ । ବିକାର ଯିବାପରେ ଯାହା କହେ, ତାହା ଶୁଣିବାକୁ ହୁଏ ।''

ପଶୁପତି—ବୋଧହୁଏ , ଆମମାନଙ୍କର ବିକାର ଚିରକାଳ ରହିବ ।

ଶ୍ରୀରାମକୃଷ୍ଣ—କାହିଁକି, ଈଶ୍ୱରଙ୍କଠାରେ ମନ ରଖ, ଚୈତନ୍ୟ ହେବ ।

ପଶୁପତି (ସହାସ୍ୟ)—ଆମମାନଙ୍କର ଈଶ୍ୱରଙ୍କ ସଙ୍ଗରେ ଯୋଗ କ୍ଷଣିକ । ହୁକ୍କା ଟାଣିବାକୁ ଯେତିକି ସମୟ ଲାଗେ । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ—ସେତିକି ହେଉ, କ୍ଷଣକ ପାଇଁ ତାଙ୍କ ସଙ୍ଗରେ ଯୋଗ ହେଲେ ହିଁ ମୁକ୍ତି ।

''ଅହଲ୍ୟା କହିଲେ, 'ରାମ ! ଶୂକରଯୋନିରେ ଜନ୍ମ ହେଉ କିମ୍ବା ଅନ୍ୟ ଯେଉଁଠାରେ ହେଉ ପଛକେ, ତୁମ ପାଦପଦ୍ମରେ ଯେପରି ମନ ରହେ । ତୁମ ପାଦପଦ୍ମରେ ଯେପରି ଶୁଦ୍ଧାଭକ୍ତି ହୁଏ ।'

''ନାରଦ କହିଲେ—ରାମ ! ତୁମକୁ ଅନ୍ୟ କୌଣସି ବର ମାଗୁନାହିଁ । ମୋତେ ଶୁଦ୍ଧାଭକ୍ତି ଦିଅ, ଆଉ ଆଶୀର୍ବାଦ କର ଯେପରି ତୁମର ଭୁବନମୋହିନୀ ମାୟାରେ ମୁଗ୍ଧ ନ ହୁଏ । ତାଙ୍କୁ ଆନ୍ତରିକ ପ୍ରାର୍ଥନା କଲେ ତାଙ୍କଠାରେ ମନ ଲାଗେ—ଈଶ୍ୱରଙ୍କ ପାଦପଦ୍ମରେ ଶୁଦ୍ଧାଭକ୍ତି ହୁଏ ।

### ପାପ ଓ ପରଲୋକ—ମୃତ୍ୟୁକାଳରେ ଈଶ୍ୱରଚିନ୍ତା—ଭରତ ରାଜା

''ଆମମାନଙ୍କର କଅଣ ବିକାର ଯିବ ! —'ଆମମାନଙ୍କର ଆଉ କଅଣ ହେବ'- -'ଆମେମାନେ ପାପୀ' ଏସବୁ ବୁଦ୍ଧି ତ୍ୟାଗ କର । (ନନ୍ଦବସୁଙ୍କ ପ୍ରତି) ବରଂ ଏପରି ଦରକାର —'ଥରେ ରାମ କହିଛି, ମୋର ପୁଣି ପାପ !''

ନନ୍ଦ ବସୁ—ପରଲୋକ କଅଣ ଅଛି ? ପାପର ଶାସ୍ତି ?

ଶ୍ରୀରାମକୃଷ୍ଣ—ତୁମେ ଆମ୍ବ ଖାଅ ! ତୁମର ସେସବୁ ହିସାବରେ କଅଣ ଦରକାର ? ପରଲୋକ ଅଛି କି ନାହିଁ—ସେଥିରେ କଅଣ ପ୍ରୟୋଜନ !

'' ଆମ୍ବ ଖାଅ ! 'ଆମ୍ବ' ଦରକାର—ତାଙ୍କଠାରେ ଭକ୍ତି ଦରକାର ।''

ନନ୍ଦ ବସୁ—ଆମ୍ବଗଛ କେଉଁଠାରେ ? ଆମ୍ବ ବା କେଉଁଠୁ ପାଇବୁ ?

ଶ୍ରୀରାମକୃଷ୍ଣ—ଗଛ ! ସେ ଅନାଦି ଓ ଅନନ୍ତ ବ୍ରହ୍ମ ! ସେ ନିଶ୍ଚୟ ଅଛନ୍ତି, ସେ ନିତ୍ୟ, ତେବେ ଗୋଟିଏ କଥା ଅଛି—ସେ 'କଳ୍ପତରୁ—'

''କାଳୀ କଳ୍ପତରୁ ମୂଳରେ, ମନ, ଚାରିଫଳ ଖୋଜି ପାଇବୁ !

କଳ୍ପତରୁ ପାଖକୁ ଯାଇ ପ୍ରାର୍ଥନା କରିବାକୁ ହୁଏ ! ତେବେ ଫଳ ମିଳେ—ତେବେ ଗଛମୂଳରେ ଫଳ ପଡ଼େ—ସେତେବେଳେ ଗୋଟାଇ ନେଇପାରିବ । ଚାରି ଫଳ—ଧର୍ମ, ଅର୍ଥ, କାମ ଓ ମୋକ୍ଷ ।

''ଜ୍ଞାନୀମାନେ ମୁକ୍ତି (ମୋକ୍ଷ ଫଳ) ଚାହାଁନ୍ତି, ଭକ୍ତମାନେ ଭକ୍ତି ଚାହାଁନ୍ତି—ଅହୈତୁକୀ

ଭକ୍ତି । ସେମାନେ ଧର୍ମ, ଅର୍ଥ , କାମ ଚାହାଁନ୍ତି ନାହିଁ ।

ପରଲୋକ କଥା କହୁଛ ! ଗୀତାରେ ଅଛି—ମଲାବେଳେ ଯାହା ଭାବିବ, ତାହା ହିଁ ହେବ । ଭରତ ରାଜା 'ହରିଣ' 'ହରିଣ' ଭାବି ଶୋକରେ ପ୍ରାଣତ୍ୟାଗ କରିଥିଲେ । ସେଥିପାଇଁ ତାଙ୍କୁ ହରିଣ ହୋଇ ଜନ୍ମିବାକୁ ହେଲା । ସେଥିପାଇଁ ଜପ, ଧ୍ୟାନ ଓ ପୂଜା ଏସବୁ ରାତିଦିନ ଅଭ୍ୟାସ କରିବାକୁ ହୁଏ—ତାହାହେଲେ ମୃତ୍ୟୁକାଳରେ ଈଶ୍ୱରଚିନ୍ତା ଆସେ—ଅଭ୍ୟାସ ଗୁଣରେ । ଏହିପରି ମୃତ୍ୟୁ ହେଲେ ଈଶ୍ୱରଙ୍କର ସ୍ୱରୂପ ପ୍ରାପ୍ତ ହୁଏ ।

''କେଶବ ସେନ୍ ମଧ ପରଲୋକ କଥା ପଚାରିଥିଲେ । ମୁଁ କେଶବଙ୍କୁ କହିଲି, 'ଏସବୁ ହିସାବରେ ତୁମର କଅଣ ଦରକାର ?' ତାପରେ ପୁଣି କହିଲି, ଯେତେବେଳ ଯାଏ ଈଶ୍ୱରଲାଭ ହୋଇ ନାହିଁ, ସେପର୍ଯ୍ୟନ୍ତ ପୁନଃ ପୁନଃ ସଂସାରରେ ଆତଯାତ ହେବ । କୁମ୍ଭାରମାନେ ହାଣ୍ଡି, ସରା ଖରାରେ ଶୁଖାଇଥାଆନ୍ତି; ଛେଳିଗୋରୁ ଚଢ଼ିଗଲେ ଯଦି ଭାଙ୍ଗିଯାଏ, ତାହାହେଲେ ପୋଡ଼ା ହୋଇଥିବା ନାଲି ହାଣ୍ଡିଗୁଡ଼ାକ ଫିଙ୍ଗି ଦିଅନ୍ତି । କିନ୍ତୁ କଞ୍ଚାଗୁଡ଼ିକୁ ଆଉଥରେ ଚକଟା ମାଟି ସଙ୍ଗରେ ମିଶାଇ ଚକରେ ଥୋଇ ଗଢ଼ନ୍ତି ।''

## (୩)

## ଶ୍ରୀରାମକୃଷ୍ଣ ଓ ଗୃହସ୍ଥର ମଙ୍ଗଳ କାମନା—ରଜୋଗୁଣର ଲକ୍ଷଣ

ଏପର୍ଯ୍ୟନ୍ତ ଗୃହସ୍ୱାମୀ ଠାକୁରଙ୍କୁ କିଛି ମିଷ୍ଟାନ୍ନ ଖୁଆଇବାର କୌଣସି ଚେଷ୍ଟା କରି ନାହାନ୍ତି । ଠାକୁର ସ୍ୱତଃପ୍ରବୃତ୍ତ ହୋଇ ଗୃହସ୍ୱାମୀଙ୍କୁ କହୁଛନ୍ତି—''ସାମାନ୍ୟ କିଛି ଖାଇବାକୁ ହୁଏ । ଯଦୁର ମାଆକୁ ସେଥିପାଇଁ ସେଦିନ କହିଲି—'ଆହେ, କିଛି (ଖାଇବାକୁ) ଦିଅ !' ତା' ନ ହେଲେ କାଳେ ଗୃହସ୍ଥର ଅମଙ୍ଗଳ ହେବ ।''

ଗୃହସ୍ୱାମୀ କିଛି ମିଠା ମଗାଇ ଠାକୁରଙ୍କୁ ଦେଲେ । ଠାକୁର ଖାଉଛନ୍ତି । ନନ୍ଦ ବସୁ ଓ ଅନ୍ୟାନ୍ୟ ସମସ୍ତେ ଠାକୁରଙ୍କ ଆଡ଼କୁ ଏକଦୃଷ୍ଟିରେ ଚାହିଁଛନ୍ତି, ତାଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କରୁଛନ୍ତି ।

ଠାକୁର ହାତ ଧୋଇବେ, ଚାଦର ଉପରେ ଥାଳିଆ ରଖି ସେଥିରେ ମିଠା ଦିଆ ହୋଇଥିଲା; ସେଠାରେ ହାତ ଧୂଆ ହେବ ନାହିଁ । ହାତ ଧୋଇବା ପାଇଁ ଜଣେ ଚାକର ପିକଦାନି ଆଣି ରଖିଲା ।

ପିକଦାନି ରଜୋଗୁଣର ଚିହ୍ନ । ଠାକୁର ଦେଖି କହି ଉଠିଲେ, ''ନେଇ ଯାଅ, ନେଇ ଯାଅ ।'' ଗୃହସ୍ୱାମୀ କହୁଛନ୍ତି, 'ହାତ ଧୁଅନ୍ତୁ !'

ଠାକୁର ଅନ୍ୟମନସ୍କ । କହିଲେ, ''କଅଣ ?—ହାତ ଧୋଇବି ?''

ଠାକୁର ଦକ୍ଷିଣ ବାରଣ୍ଡାକୁ ଉଠିଗଲେ । ମଣିଙ୍କୁ କହିଲେ, ''ହାତ ଧୋଇବା ପାଇଁ ପାଣି ଢାଳି ଦିଅ ।'' ମଣି ଗଡୁରୁ ପାଣି ଗଡ଼େଇ ଦେଲେ ! ଠାକୁର ନିଜ ଲୁଗାରେ ହାତ ପୋଛି ପୁଣି ବସିବା ସ୍ଥାନକୁ ଫେରି ଆସିଲେ । ଭଦ୍ରଲୋକଙ୍କ ପାଇଁ ଥାଳିଆରେ ପାନ ଅଣା ହୋଇଥିଲା । ସେହି ଥାଳିଆର ପାନ ଠାକୁରଙ୍କ ପାଖକୁ ନିଆଗଲା; ସେ ସେହି

ପାନକୁ ଗ୍ରହଣ କଲେ ନାହିଁ ।

## ଇଷ୍ଟଦେବତାଙ୍କୁ ନିବେଦନ—ଜ୍ଞାନଭକ୍ତି ଓ ଶୁଦ୍ଧାଭକ୍ତି

ନନ୍ଦ ବସୁ—(ଶ୍ରୀରାମକୃଷ୍ଣଙ୍କ ପ୍ରତି)—ଗୋଟିଏ କଥା କହିବି ?

ଶ୍ରୀରାମକୃଷ୍ଣ (ସହାସ୍ୟ)—କଅଣ ?

ନନ୍ଦ ବସୁ—ପାନ ଖାଇଲେ ନାହିଁ କାହିଁକି ? ସବୁ ଠିକ୍ ହେଲା, କିନ୍ତୁ ଏଇଟା ଅନ୍ୟାୟ ହୋଇଛି !

ଶ୍ରୀରାମକୃଷ୍ଣ—ଇଷ୍ଟଙ୍କୁ ଦେଇ ଖାଏ—ଏହି ଭାବଟି ରହିଛି ।

ନନ୍ଦ ବସୁ—ତାହା ତ ଇଷ୍ଟଙ୍କଠାରେ ପଡ଼ିଥାଆନ୍ତା ।

ଶ୍ରୀରାମକୃଷ୍ଣ—ଜ୍ଞାନ-ପଥ ଗୋଟିଏ ଅଛି, ଆଉ ଭକ୍ତି-ପଥ ଗୋଟିଏ ଅଛି । ଜ୍ଞାନୀଙ୍କ ମତରେ ସବୁ ଜିନିଷ ବ୍ରହ୍ମଜ୍ଞାନରେ ଗ୍ରହଣ କରାଯାଏ । ଭକ୍ତିପଥରେ ସାମାନ୍ୟ ଭେଦବୁଦ୍ଧି ରହେ ।

ନନ୍ଦ ବସୁ—ସେଇଟି ଦୋଷ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ସେହିପରି ମୋର ଗୋଟିଏ ଭାବ ଅଛି । ତୁମେ ଯାହା କହୁଛ ତାହା ବି ଠିକ୍—ସେପରି ମଧ୍ୟ ଅଛି ।

ଠାକୁର ଗୃହସ୍ୱାମୀଙ୍କୁ ଖୋସାମଦିଆମାନଙ୍କ ପ୍ରତି ସାବଧାନ କରାଇ ଦେଉଛନ୍ତି ।

ଶ୍ରୀରାମକୃଷ୍ଣ—ଆଉ ଗୋଟିଏ କଥା ପ୍ରତି ସାବଧାନ ! ଖୋସାମଦିଆମାନେ ସ୍ୱାର୍ଥ ଖୋଜି ବୁଲନ୍ତି । (ପ୍ରସନ୍ନଙ୍କ ପିତାଙ୍କୁ) ଆପଣ କଅଣ ଏଠାରେ ରହନ୍ତି ?

ପ୍ରସନ୍ନଙ୍କ ପିତା—ଆଜ୍ଞା, ନା, ଏହି ପଡ଼ାରେ ରହେ । ଟିକିଏ ହୁକ୍କା ଟାଣନ୍ତୁ ।

ଶ୍ରୀରାମକୃଷ୍ଣ (ଅତି ବିନୀତ ଭାବରେ)—ନାହିଁ ଆଉ, ଆପଣ ଟାଣନ୍ତୁ; ମୋର ଏବେ ଇଚ୍ଛା ନାହିଁ ।

ନନ୍ଦ ବସୁଙ୍କ ଘରଟି ଖୁବ୍ ବଡ଼, ସେଥିପାଇଁ କହୁଛନ୍ତି—''ଯଦୁର ଘର ଏତେ ବଡ଼ ନୁହେଁ; ତେଣୁ ତାକୁ ସେଦିନ ଏହି ବିଷୟ କହିଲି ।''

ନନ୍ଦ ବସୁ—ହଁ, ସେ ଯୋଡ଼ାଶଙ୍ଖଠାରେ ନୂଆ ଘର କରିଛନ୍ତି ।

ଠାକୁର ନନ୍ଦବସୁଙ୍କୁ ଉତ୍ସାହ ଦେଉଛନ୍ତି ।

ଶ୍ରୀରାମକୃଷ୍ଣ (ନନ୍ଦ ବସୁଙ୍କ ପ୍ରତି)—ତୁମେ ସଂସାରରେ ରହି ଈଶ୍ୱରଙ୍କଠାରେ ମନ ରଖିଛ, ଏ କଅଣ କମ୍ କଥା ? ଯେ ସଂସାର-ତ୍ୟାଗୀ, ସେ ତ ନିଶ୍ଚୟ ଈଶ୍ୱରଙ୍କୁ ଡାକିବ । ସେଥିରେ ଆଉ ବାହାଦୁରୀ କଅଣ ? ସଂସାରରେ ରହି ଯେ ଡାକେ, ସେ ହିଁ ଧନ୍ୟ ! ସେ ବ୍ୟକ୍ତି ଯେପରି କୋଡ଼ିଏ ମହଣ ପଥରକୁ ଘୁଞ୍ଚାଇ ଦେଖେ ।

''ଗୋଟିଏ ଭାବ ଆଶ୍ରୟ କରି ତାଙ୍କୁ ଡାକିବାକୁ ହୁଏ । ହନୁମାନଙ୍କର ଜ୍ଞାନଭକ୍ତି, ନାରଦଙ୍କର ଶୁଦ୍ଧାଭକ୍ତି ।

''ରାମ ପଚାରିଲେ, 'ହନୁମାନ ! ତୁମେ ମୋତେ କି ଭାବରେ ଅର୍ଚ୍ଚନା କର ?' ହନୁମାନ କହିଲେ, 'କେତେବେଳେ ଦେଖେ, ତୁମେ ପୂର୍ଣ୍ଣ ମୁଁ ଅଂଶ; କେତେବେଳେ ଦେଖେ, ତୁମେ ପ୍ରଭୁ ମୁଁ ଦାସ; ଆଉ ରାମ, ଯେତେବେଳେ ତତ୍ତ୍ୱଜ୍ଞାନ ହୁଏ, ସେତେବେଳେ ଦେଖେ, ତୁମେ ହିଁ ମୁଁ—ମୁଁ ହିଁ ତୁମେ !'

''ରାମ ନାରଦଙ୍କୁ କହିଲେ, 'ତୁମେ ବର ମାଗ ।' ନାରଦ କହିଲେ, 'ରାମ ! ଏହି ବର ଦିଅ, ଯେପରି ତୁମ ପାଦପଦ୍ମରେ ଶୁଦ୍ଧା ଭକ୍ତି ହୁଏ, ଆଉ ଯେପରି ତୁମର ଭୁବନମୋହିନୀ ମାୟାରେ ମୁଗ୍ଧ ନ ହୁଏ !''

ଠାକୁର ବର୍ତ୍ତମାନ ତାଙ୍କ ଘରୁ ବିଦାୟ ନେବେ ।

ଶ୍ରୀରାମକୃଷ୍ଣ (ନନ୍ଦ ବସୁଙ୍କ ପ୍ରତି)—ଗୀତାର ମତ ହେଉଛି—ଯାହାଙ୍କୁ ଅନେକେ ମାନନ୍ତି ଓ ସମ୍ମାନ ଦେଖାନ୍ତି, ତାଙ୍କଠାରେ ଈଶ୍ୱରଙ୍କର ବିଶେଷ ଶକ୍ତି ଅଛି । ତୁମଠାରେ ଈଶ୍ୱରଙ୍କର ଶକ୍ତି ଅଛି ।

ନନ୍ଦ ବସୁ—ସବୁ ମଣିଷଙ୍କଠାରେ ସମାନ ଶକ୍ତି ।

ଶ୍ରୀରାମକୃଷ୍ଣ (ବିରକ୍ତ ହୋଇ)—ତୁମମାନଙ୍କର ସେହି ଗୋଟିଏ କଥା—ସବୁ ଲୋକଙ୍କର ଶକ୍ତି କଅଣ ସମାନ ହୋଇପାରେ ? ବିଭୁ ରୂପରେ ସେ ସର୍ବଭୂତରେ ଏକ ହୋଇ ରହିଛନ୍ତି ସତ, କିନ୍ତୁ ଶକ୍ତିବିଶେଷ ।

'' ବିଦ୍ୟାସାଗର ମଧ୍ୟ ଏହି କଥା କହିଥିଲେ—'ସେ କଅଣ କାହାକୁ ବେଶୀ ଶକ୍ତି ଓ କାହାକୁ କମ୍ ଶକ୍ତି ଦେଇଛନ୍ତି ?' ସେତେବେଳେ ମୁଁ କହିଲି—'ଯଦି ଶକ୍ତି କମ୍ ବେଶୀ ନ ଥାନ୍ତା, ତାହାହେଲେ ତୁମକୁ ଦେଖିବାକୁ କାହିଁକି ଆମେ ଆସିଛୁ ? ତୁମ ମୁଣ୍ଡରେ କଅଣ ଦୁଇଟା ଶିଙ୍ଗ ବାହାରିଛି ?''

ଠାକୁର ବିଦାୟ ନେଲେ । ଭକ୍ତମାନେ ମଧ୍ୟ ତାଙ୍କ ସଙ୍ଗେ ଉଠିଲେ । ପଶୁପତି ପଛେ ପଛେ ଅନୁଗମନ କରି ଦ୍ୱାରଦେଶରେ ପହଞ୍ଚାଇଦେଲେ ।

❖ ❖ ❖

# ସପ୍ତଦଶ ପରିଚ୍ଛେଦ

## ଭକ୍ତମନ୍ଦିରରେ ଶ୍ରୀରାମକୃଷ୍ଣ

### (୧)

### ଶୋକାତୁରା ବ୍ରାହ୍ମଣୀଙ୍କ ଘରେ ଶ୍ରୀରାମକୃଷ୍ଣ

ଠାକୁର ବାଗବଜାରର ଜଣେ ଶୋକାତୁରା ବ୍ରାହ୍ମଣୀଙ୍କ ଘରକୁ ଆସିଛନ୍ତି । ଘରଟି ପୁରାତନ, ଇଟାରେ ତିଆରି । ଘରକୁ ପଶିଲା ବେଳେ ବାମ ପଟେ ଗୁହାଳ । ଛାତ ଉପରେ ବସିବାର ଆୟୋଜନ ହୋଇଛି । ଛାତରେ ଲୋକମାନେ ଦଳ ଦଳ ହୋଇ ଠିଆହୋଇଛନ୍ତି, କେହି କେହି ବସିଛନ୍ତି । ସମସ୍ତେ ଉତ୍ସୁକ—କେତେବେଳେ ଠାକୁରଙ୍କୁ ଦେଖିବେ ।

ବ୍ରାହ୍ମଣୀ ଓ ତାଙ୍କର ଭଉଣୀ, ଦୁଇଜଣ ଯାକ ବିଧବା । ଘରେ ଏମାନଙ୍କ ଭାଇମାନେ ସପରିବାର ରହନ୍ତି । ବ୍ରାହ୍ମଣୀଙ୍କର ଏକମାତ୍ର କନ୍ୟା ଦେହତ୍ୟାଗ କରିବାରୁ ସେ ଅତିଶୟ ଶୋକାତୁରା ହୋଇପଡ଼ିଛନ୍ତି । ଆଜି ଠାକୁର ଗୃହରେ ପଦାର୍ପଣ କରିବେ ବୋଲି ସେ ସାରା ଦିନ ସେଥିପାଇଁ ବନ୍ଦୋବସ୍ତ କରୁଛନ୍ତି । ଯେତେବେଳେ ଠାକୁର ଶ୍ରୀଯୁକ୍ତ ନନ୍ଦ ବସୁଙ୍କ ଘରେ ଥିଲେ, ସେତେବେଳେ ବ୍ରାହ୍ମଣୀ କେବଳ ଭିତର ବାହାର ହେଉଥିଲେ—କେତେବେଳେ ଠାକୁର ଆସିବେ । ଠାକୁର କହି ଦେଇଥିଲେ ଯେ, ସେ ନନ୍ଦ ବସୁଙ୍କ ଘର ହୋଇ ଆସିବେ । ଡେରି ହେବାରୁ ସେ ଭାବୁଥିଲେ, ଠାକୁର ତେବେ କଅଣ ଆଉ ଆସିବେ ନାହିଁ ?

ଠାକୁର ଭକ୍ତମାନଙ୍କ ସଙ୍ଗରେ ଆସି ଛାତ ଉପରେ ବସିବା ସ୍ଥାନରେ ଆସନ ଗ୍ରହଣ କଲେ । ପାଖରେ ମଣିଣା ଉପରେ ମାଷ୍ଟର, ନାରାୟଣ, ଯୋଗୀନ ସେନ୍, ଦେବେନ୍ଦ୍ର ଓ ଯୋଗୀନ । ଟିକିଏ ପରେ ଛୋଟ ନରେନ୍ ପ୍ରମୁଖ ବହୁ ଭକ୍ତ ଆସି ପହଞ୍ଚିଲେ । ବ୍ରାହ୍ମଣୀଙ୍କର ଭଉଣୀ ଛାତ ଉପରକୁ ଆସି ଠାକୁରଙ୍କୁ ପ୍ରଣାମ କରି କହୁଛନ୍ତି—"ଅପା ଏବେ ନନ୍ଦ ବସୁଙ୍କ ଘରକୁ କାହିଁକି ଏତେ ଡେରି ହେଉଛି ବୋଲି ଖବର ନେବାକୁ ଗଲେ—ସଙ୍ଗେ ସଙ୍ଗେ ଫେରିବେ ।"

ତଳେ ଶବ୍ଦ ହେବାରୁ ସେ ପୁଣି କହୁଛନ୍ତି, "ହେଇ ଅପା ଆସୁଛନ୍ତି !" ଏହା କହି ସେ ଦେଖିବାକୁ ଲାଗିଲେ । କିନ୍ତୁ ସେ ଏ ପର୍ଯ୍ୟନ୍ତ ଆସି ପହଞ୍ଚିନାହାନ୍ତି ।

ଠାକୁର ସହାସ୍ୟବଦନ, ଭକ୍ତପରିବୃତ ହୋଇ ବସିଛନ୍ତି ।

ମାଷ୍ଟର (ଦେବେନ୍ଦ୍ରଙ୍କ ପ୍ରତି)—କି ଚମତ୍କାର ଦୃଶ୍ୟ ! ପିଲା-ବୁଢ଼ା, ସ୍ତ୍ରୀ-ପୁରୁଷ, ଦଳ ଦଳ ହୋଇ ଠିଆ ହୋଇ ରହିଛନ୍ତି । ସମସ୍ତେ କେତେ ଉତ୍ସୁକ— ତାଙ୍କୁ ଦେଖିବା ପାଇଁ ! ଆଉ ତାଙ୍କ କଥା ଶୁଣିବା ପାଇଁ ।

ଦେବେନ୍ଦ୍ର (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ମାଷ୍ଟର ମହାଶୟ କହୁଛନ୍ତି ଯେ, ଏ ଜାଗାଟି

ନନ୍ଦ ବସୁଙ୍କ ଜାଗା ଅପେକ୍ଷା ଭଲ—ଏମାନଙ୍କର କିପରି ଭକ୍ତି !

ଠାକୁର ହସୁଛନ୍ତି ।

ଏଥର ବ୍ରାହ୍ମଣୀଙ୍କର ଭଉଣୀ କହୁଛନ୍ତି, ‘‘ଏଇ ଅପା ଆସୁଛନ୍ତି !’’

ବ୍ରାହ୍ମଣୀ ଆସି ଠାକୁରଙ୍କୁ ପ୍ରଣାମ କରି କଅଣ କହିବେ, କଅଣ କରିବେ, କିଛି ଠିକ୍ କରିପାରୁନାହାନ୍ତି ।

ବ୍ରାହ୍ମଣୀ ଅଧୀର ହୋଇ କହୁଛନ୍ତି, ‘‘ଆହା, ଏତେ ଆନନ୍ଦରେ ମୁଁ ଯେ ମରିଯିବି ! —ତୁମେ ସବୁ କୁହ ମୁଁ କିପରି ବଞ୍ଚିବି ! ମୋର ଚଣ୍ଡୀ (ବ୍ରାହ୍ମଣୀଙ୍କ ଝିଅ)ଯେତେବେଳେ ଆସିଥିଲା—ସିପାହୀ ସୈନ୍ୟ ସଙ୍ଗରେ ନେଇ—ଆଉ ରାସ୍ତାରେ ସେମାନେ ପହରା ଦେଉଥିଲେ—ସେତେବେଳେ ମଧ୍ୟ ମୋର ଏତେ ଆନନ୍ଦ ହୋଇନାହିଁ । ଚଣ୍ଡୀର ଶୋକ ଏବେ ଟିକିଏ ହେଲେ ମୋର ନାହିଁ ! ଭାବିଥିଲି ସେ ଯେତେବେଳେ ଆସିଲେ ନାହିଁ, ଯାହା ଆୟୋଜନ କରିଛି, ସବୁ ଗଙ୍ଗାରେ ପକାଇ ଦେବି—ଆଉ ତାଙ୍କ (ଠାକୁରଙ୍କ ) ସହିତ କଥା କହିବି ନାହିଁ ଯେଉଁଠାକୁ ଆସିବେ ଥରେ ଯିବି, ଦୂରରୁ ଦେଖିବି, ଦେଖି ଚାଲି ଆସିବି !

ଯାଉଛି—ସମସ୍ତଙ୍କୁ କହିବି, ଆସ ଆସ, ମୋର ଆନନ୍ଦ ଦେଖିଯାଅ ! ଯାଉଛି—ଯୋଗୀନଙ୍କୁ କହିବି, ମୋର ଭାଗ୍ୟ ଦେଖିଯାଅ !’’

ବ୍ରାହ୍ମଣୀ ପୁଣି ଆନନ୍ଦରେ ଅଧୀର ହୋଇ କହୁଛନ୍ତି, ‘‘ଜଣେ ଲଟେରିରେ ଗୋଟିଏ ଟଙ୍କା ଦେଇ ଲକ୍ଷେ ଟଙ୍କା ପାଇଥିଲା; ସେ ଯେତେବେଳେ ଶୁଣିଲା ଏକ ଲକ୍ଷ ଟଙ୍କା ପାଇଛି, ସଙ୍ଗେ ସଙ୍ଗେ ଅତି ଖୁସି ହୋଇ ମରିଗଲା —ସତକୁ ସତ ମରିଗଲା ! —ଆହା, ମୋର ଯେ ସେପରି ହେବ ! —ତୁମେ ସବୁ ଆଶୀର୍ବାଦ କର, ନୋହିଲେ ମୁଁ ସତକୁ ସତ ମରିଯିବି ।’’

ମଣି ବ୍ରାହ୍ମଣୀଙ୍କର ଆନନ୍ଦ ଓ ଭାବ ଦେଖି ମୋହିତ ହୋଇ ଯାଇଛନ୍ତି । ସେ ତାଙ୍କର ପଦଧୂଳି ନେବାକୁ ଗଲେ । ବ୍ରାହ୍ମଣୀ କହୁଛନ୍ତି, ‘ଏ କି କଥା !’ ସେ ମଣିଙ୍କୁ ପ୍ରତି- ପ୍ରଣାମ କଲେ ।

ଭକ୍ତମାନେ ଆସିଛନ୍ତି ଦେଖି ବ୍ରାହ୍ମଣୀ ଅତ୍ୟନ୍ତ ଆନନ୍ଦିତ ହୋଇ କହୁଛନ୍ତି—‘‘ତୁମେମାନେ ସବୁ ଆସିଛ—ଛୋଟ ନରେନ୍ଦ୍ରଙ୍କୁ ଆଣିଛି, ତା ନ ହେଲେ ହସିବ କିଏ !’’ ବ୍ରାହ୍ମଣୀ ଏହିପରି କଥାବାର୍ତ୍ତା କରୁଛନ୍ତି । ତାଙ୍କ ଭଉଣୀ ଆସି ବ୍ୟସ୍ତ ହୋଇ କହୁଛନ୍ତି, ‘‘ଅପା ଆସ ! ତୁମେ ଏଠି ଠିଆ ହୋଇ ରହିଲେ କିପରି ହେବ ? ତଳକୁ ଆସ ! ଆମେ କଅଣ ଏକୁଟିଆ ପାରିବୁ !’’

ବ୍ରାହ୍ମଣୀ ଆନନ୍ଦରେ ବିହ୍ୱଳ ! ଠାକୁର ଓ ଭକ୍ତମାନଙ୍କୁ ଦେଖୁଛନ୍ତି । ସେମାନଙ୍କୁ ଛାଡ଼ି ଯାଇପାରୁ ନାହାନ୍ତି ।

ଏହିପରି କଥାବାର୍ତ୍ତା ପରେ ବ୍ରାହ୍ମଣୀ ଅତିଶୟ ଭକ୍ତି ସହକାରେ ଠାକୁରଙ୍କୁ ଅନ୍ୟ ଘରକୁ ନେଇ ଯାଇ ମିଷ୍ଟାନ୍ନାଦି ନିବେଦନ କଲେ । ଭକ୍ତମାନେ ମଧ୍ୟ ଛାତରେ ବସି

ସମସ୍ତେ ମିଷ୍ଟାନ୍ନ ଖାଇଲେ ।

ରାତି ପ୍ରାୟ ଆଠଟା ହେଲା, ଠାକୁର ବିଦାୟ ନେଉଛନ୍ତି । ତଳ ମହଲାରେ ଘର ପାଖରେ ବାରଣ୍ଡା , ବାରଣ୍ଡା ଦେଇ ପଶ୍ଚିମକୁ ଗଲେ ଅଗଣା । ତା'ପରେ ଗୁହାଳକୁ ଡାହାଣ ପଟେ ରଖି ଆସିଲେ ସଦର ଫାଟକ । ଠାକୁର ଯେତେବେଳେ ବାରଣ୍ଡା ବାଟେ ଭକ୍ତମାନଙ୍କ ସଙ୍ଗରେ ସଦର ଫାଟକ ଆଡ଼କୁ ଆସୁଛନ୍ତି, ସେତେବେଳେ ବ୍ରାହ୍ମଣୀ ବଡ଼ ପାଟିରେ ଡାକୁଛନ୍ତି, 'ଏ ବୋହୂ, ଶୀଘ୍ର ପଦଧୂଳି ନେବୁ ଆ !' ବୋହୂ ଆସି ପ୍ରଣାମ କଲେ । ବ୍ରାହ୍ମଣୀଙ୍କର ଜଣେ ଭାଇ ମଧ୍ୟ ଆସି ପ୍ରଣାମ କଲେ ।

ବ୍ରାହ୍ମଣୀ ଠାକୁରଙ୍କୁ କହୁଛନ୍ତି, ''ଇଏ ଆଉ ଗୋଟିଏ ଭାଇ—ମୂର୍ଖ ।''

ଶ୍ରୀରାମକୃଷ୍ଣ କହୁଛନ୍ତି, ''ନା, ନା, ସମସ୍ତେ ଭଲ ।''

ଜଣେ ଦୀପଟିଏ ଧରି ସଙ୍ଗେ ସଙ୍ଗେ ଆସୁଛନ୍ତି, ଆସୁ ଆସୁ ଗୋଟିଏ ଜାଗାରେ ସେପରି ଆଲୁଅ ହେଲା ନାହିଁ ।

ଛୋଟ ନରେନ୍ ବଡ଼ ପାଟିରେ କହୁଛନ୍ତି, ''ଆଲୁଅ ଦେଖା, ଆଲୁଅ ଦେଖା, ଭାବ ନାହିଁ ଯେ ଆଲୁଅ ଦେଖା ସରିଗଲା ।'' (ସମସ୍ତଙ୍କର ହସ)

ଗୁହାଳଘର ନିକଟରେ ବ୍ରାହ୍ମଣୀ ଠାକୁରଙ୍କୁ କହୁଛନ୍ତି, 'ଏଇଟି ମୋର ଗୁହାଳ ।' ଠାକୁର ଗୁହାଳ ସାମ୍ନାରେ ଟିକିଏ ଠିଆ ହେଲେ, ଚାରିପଟେ ଭକ୍ତମାନେ ବେଢ଼ିଛନ୍ତି । ମଣି ଭୂମିଷ୍ଠ ହୋଇ ଠାକୁରଙ୍କୁ ପ୍ରଣାମ କରୁଛନ୍ତି ଓ ପଦଧୂଳି ନେଉଛନ୍ତି ।

ଏଥର ଠାକୁର ଗଣୁ ମାଆଙ୍କ ଘରକୁ ଯିବେ ।

## (୨)

## ଗଣୁ ମାଆଙ୍କ ଘରେ ଠାକୁର ଶ୍ରୀରାମକୃଷ୍ଣ

ଗଣୁ ମାଆଙ୍କ ଘର ବୈଠକଖାନାରେ ଠାକୁର ଶ୍ରୀରାମକୃଷ୍ଣ ବସିଛନ୍ତି । ଏକ ମହଲା ଘର, ଠିକ୍ ରାସ୍ତା ଉପରେ । ଘର ଭିତରେ ଐକ୍ୟତାନ ବାଦ୍ୟର (କନସର୍ଟ) ବ୍ୟବସ୍ଥା ଅଛି । ଯୁବକମାନେ ଠାକୁରଙ୍କ ଆନନ୍ଦ ପାଇଁ ମଝିରେ ମଝିରେ ବାଦ୍ୟଯନ୍ତ୍ର ବଜାଉଥିଲେ ।

ରାତି ସାଢ଼େ ଆଠଟା । ଆଜି ଆଷାଢ଼ ମାସର କୃଷ୍ଣା ପ୍ରତିପଦ । ଚନ୍ଦ୍ର ଆଲୁଅରେ ଆକାଶ, ଗୃହ, ରାଜପଥ ସବୁ ଯେପରି ପ୍ଲାବିତ ହୋଇଛି । ଠାକୁରଙ୍କ ସଙ୍ଗରେ ଭକ୍ତମାନେ ଆସି ଏହି ଘରେ ବସିଛନ୍ତି ।

ବ୍ରାହ୍ମଣୀ ମଧ୍ୟ ସଙ୍ଗରେ ଆସିଛନ୍ତି । ସେ ଥରେ ଥରେ ଘର ଭିତରକୁ ଯାଉଛନ୍ତି, ପୁଣି ବାହାରକୁ ଆସି ବୈଠକଖାନା ଦ୍ୱାର ପାଖରେ ଠିଆ ହେଉଛନ୍ତି । ପଡ଼ାର କେତେକ ଯୁବକ ବୈଠକଖାନାର ଝରକା ଉପରକୁ ଉଠି ଠାକୁରଙ୍କୁ ଦେଖୁଛନ୍ତି । ପଡ଼ାର ବାଳବୃଦ୍ଧ ସମସ୍ତେ ଠାକୁରଙ୍କ ଆଗମନ ସମ୍ବାଦ ଶୁଣି ବ୍ୟଗ୍ର ହୋଇ ମହାପୁରୁଷଙ୍କୁ ଦର୍ଶନ କରିବାକୁ ଆସିଛନ୍ତି ।

ଝରକା ଉପରକୁ ଯୁବକମାନେ ଉଠୁଥିବାର ଦେଖି ଛୋଟ ନରେନ୍ କହୁଛନ୍ତି— ଆରେ, ତୁମେମାନେ ସେଠାରେ କାହିଁକି ? ଯାଅ, ଯାଅ, ଘରକୁ ଯାଅ । ଠାକୁର ଶ୍ରୀରାମକୃଷ୍ଣ

ସ୍ନେହରେ କହୁଛନ୍ତି, ''ନା ରହନ୍ତୁ !''

ଠାକୁର ମଝିରେ ମଝିରେ କହୁଛନ୍ତି, **''ହରି ଓଁ ! ହରି ଓଁ !''**

ସତରଞ୍ଜି ଉପରେ ଖଣ୍ଡେ ଆସନ ଦିଆହୋଇଛି, ତା'ଉପରେ ଶ୍ରୀରାମକୃଷ୍ଣ ବସିଛନ୍ତି । ଐକ୍ୟତାନ ବାଦ୍ୟବଜାଉଥିବା ଯୁବକମାନଙ୍କୁ ଗୀତ ଗାଇବାକୁ କୁହାଗଲା । ସେମାନଙ୍କର ବସିବାକୁ ସୁବିଧା ହେଉନାହିଁ; ଠାକୁର ତାଙ୍କ ନିକଟରେ ସତରଞ୍ଜିରେ ବସିବା ପାଇଁ ସେମାନଙ୍କୁ ଆହ୍ୱାନ କଲେ ।

ଠାକୁର କହୁଛନ୍ତି, ''ଏହା ଉପରେ ବସ । ଆଚ୍ଛା, ମୁଁ ନେଇ ଯାଉଛି !'' ଏହା କହି ଆସନକୁ ଗୁଡ଼ାଇ ଦେଲେ । ଯୁବକମାନେ ଗୀତ ଗାଉଛନ୍ତି—

କେଶବ କୁରୁ କରୁଣା ଦୀନେ; କୁଞ୍ଜକାନନଚାରୀ ।
ମାଧବ-ମନମୋହନ ମୋହନମୁରଲୀଧାରୀ ।
(ହରିବୋଲ ହରିବୋଲ ହରିବୋଲ ! ମନ ଆମାର ।)
ବ୍ରଜକିଶୋର କାଳୀୟହର କାତରଭୟଭଞ୍ଜନ,
ନୟନ ବାଁକା, ବାଁକା ଶିଖିପାଖା, ରାଧିକା-ହୃଦିରଞ୍ଜନ,
ଗୋବର୍ଦ୍ଧନ ଧାରଣ, ବନକୁସୁମଭୂଷଣ, ଦାମୋଦର କଂସଦର୍ପହାରୀ ।
ଶ୍ୟାମ ରାସ-ରସବିହାରୀ ।
(ହରିବୋଲ, ହରିବୋଲ, ହରିବୋଲ, ମନ ଆମାର ।)

ଗୀତ—ଏସ ମା ଜୀବନ ଉମା—ଇତ୍ୟାଦି ।

ଶ୍ରୀରାମକୃଷ୍ଣ— ଆହା ! ସୁନ୍ଦର ଗୀତ ! କିପରି ବେହେଲା !— କିପରି ଯନ୍ତ୍ର ସଙ୍ଗୀତ !

ଜଣେ ଯୁବକ ବଂଶୀ ବଜାଉଥିଲେ, ତାଙ୍କ ଆଡ଼କୁ ଓ ଅନ୍ୟ ଜଣେ ଯୁବକଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହୁଛନ୍ତି, ''ଇଏ ଯେପରି ତାଙ୍କର ଯୋଡ଼ି !''

ବର୍ତ୍ତମାନ କେବଳ କନସର୍ଟ ସଙ୍ଗୀତ ହେବାକୁ ଲାଗିଲା । ବାଜଣା ପରେ ଠାକୁର ଆନନ୍ଦିତ ହୋଇ କହୁଛନ୍ତି—''ବାଃ ! ଖୁବ୍ ଚମତ୍କାର !''

ଜଣେ ଯୁବକଙ୍କୁ ନିର୍ଦ୍ଦେଶ କରି କହୁଛନ୍ତି, ''ଏହାଙ୍କୁ ସବୁ ବାଦ୍ୟ ବଜାଇବା ବାଜଣା ଜଣା ଅଛି ।''

ମାଷ୍ଟରଙ୍କୁ କହୁଛନ୍ତି—''ଏମାନେ ସବୁ ବେଶ୍ ଲୋକ ।''

ଗୀତ ବାଦ୍ୟ ପରେ ଯୁବକମାନେ ଭକ୍ତମାନଙ୍କୁ କହୁଛନ୍ତି—''ଆପଣମାନେ କିଛି ଗାଆନ୍ତୁ ।'' ବ୍ରାହ୍ମଣୀ ଠିଆ ହୋଇଛନ୍ତି । ସେ ଦ୍ୱାର ପାଖରୁ କହିଲେ—ଏମାନେ କେହି ଗୀତ ଜାଣନ୍ତି ନାହିଁ; ବୋଧହୁଏ କେବଳ ମହିମବାବୁ ଜାଣନ୍ତି ; କିନ୍ତୁ ସେ ଏହାଙ୍କ ସାମନାରେ ଗାଇବେ ନାହିଁ ।

ଜଣେ ଯୁବକ—କାହିଁକି ? ମୁଁ ବାପାଙ୍କ ଆଗରେ ଗାଇପାରେ ।

ଛୋଟ ନରେନ୍ (ଉଚ୍ଚ ହାସ୍ୟ କରି)—ସେ ଏତେଦୂର ଆଗେଇ ନାହାନ୍ତି । ସମସ୍ତେ ହସୁଛନ୍ତି । ଟିକିଏ ପରେ ବ୍ରାହ୍ମଣୀ ଆସି କହୁଛନ୍ତି—''ଆପଣ ଭିତରକୁ ଆସନ୍ତୁ ।'' ଶ୍ରୀରାମକୃଷ୍ଣ କହୁଛନ୍ତି, ''କାହିଁକି ହେ !''

ବ୍ରାହ୍ମଣୀ —ସେଠାରେ ଜଳଖିଆର ବନ୍ଦୋବସ୍ତ ହୋଇଛି, ଯିବେ ?

ଶ୍ରୀରାମକୃଷ୍ଣ —ଏଠାକୁ ନେଇ ଆସ ।

ବ୍ରାହ୍ମଣୀ—ଗୁଣୁ ମା' କହୁଛନ୍ତି, ଘର ଭିତରେ ଥରେ ପଦଧୂଳି ଦିଅନ୍ତୁ, ତାହେଲେ ଘର କାଶୀ ହୋଇଯିବ —ଘରେ ମରିଗଲେ ବି କିଛି ଗଣ୍ଡଗୋଳ ନ ଥିବ ।

ଠାକୁର ଶ୍ରୀରାମକୃଷ୍ଣ, ବ୍ରାହ୍ମଣୀ ଓ ଘରର ପିଲାମାନଙ୍କ ସହିତ ଅନ୍ତଃପୁରକୁ ଗଲେ । ଭକ୍ତମାନେ ଚନ୍ଦ୍ର-ଆଲୋକରେ ବୁଲିବାକୁ ଲାଗିଲେ । ମାଷ୍ଟର ଓ ବିନୋଦ ଘରର ଦକ୍ଷିଣପଟ ସଦର ରାସ୍ତା ଉପରେ ଗପୁଛନ୍ତି ଓ ପଦଚାରଣ କରୁଛନ୍ତି ।

## (୩)
## ଗୁହ୍ୟ କଥା—'ତିନି ଜଣ ହିଁ ଏକ'

ବଳରାମଙ୍କ ଘରର ବୈଠକଖାନାର ପଶ୍ଚିମପଟ ଘରେ ଠାକୁର ବିଶ୍ରାମ କରୁଛନ୍ତି; ନିଦ୍ରା ଯିବେ । ଗଣୁ ମାଆଙ୍କ ଘରୁ ଫେରୁ ଫେରୁ ବହୁତ ରାତି ହୋଇ ଯାଇଛି । ରାତ୍ରି ପ୍ରାୟ ଏଗାରଟା ହେବ ।

ଠାକୁର କହୁଛନ୍ତି, ''ଯୋଗୀନ୍, ପାଦରେ ଟିକିଏ ହାତ ବୁଲାଇ ଦେ ତ !'' ପାଖରେ ମଣି ବସିଛନ୍ତି ।

ଯୋଗୀନ ପାଦରେ ହାତ ବୁଲାଇ ଦେଉଛନ୍ତି । ଠାକୁର କହୁଛନ୍ତି, ''ମୋତେ ଭୋକ ହେଉଛି, ଟିକିଏ ସୁଜି ଖାଇବି ।''

ବ୍ରାହ୍ମଣୀ ଠାକୁରଙ୍କ ସଙ୍ଗରେ ଏଠାକୁ ମଧ୍ୟ ଆସିଛନ୍ତି । ବ୍ରାହ୍ମଣୀଙ୍କ ଭାଇଟି ତବଲା ଭଲ ବଜାଇପାରନ୍ତି । ଠାକୁର ବ୍ରାହ୍ମଣୀଙ୍କୁ ପୁଣି ଦେଖି କହୁଛନ୍ତି, ''ଏଥର ନରେନ୍ଦ୍ର ଆସିଲେ କି ଆଉ କେହି ଗାୟକ ଆସିଲେ, ଏହାଙ୍କ ଭାଇଙ୍କୁ ଡାକି ଆଣିଲେ ହେବ ।''

ଠାକୁର ଟିକିଏ ସୁଜି ଖାଇଲେ । କ୍ରମେ ଯୋଗୀନ୍ ଓ ଭକ୍ତମାନେ ଘର ଭିତରୁ ଚାଲିଗଲେ । ମଣି ଠାକୁରଙ୍କ ପାଦରେ ହାତ ବୁଲାଉଛନ୍ତି, ଠାକୁର ତାଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଆହା ! ଏମାନଙ୍କର (ବ୍ରାହ୍ମଣୀ ପ୍ରଭୃତିଙ୍କର) କି ଆନନ୍ଦ !

ମଣି —ଭାରୀ ଆଶ୍ଚର୍ଯ୍ୟ, ଯୀଶୁଖ୍ରୀଷ୍ଟଙ୍କ ବେଳେ ଠିକ୍ ଏହିପରି ହୋଇଥିଲା ! ସେମାନେ ମଧ୍ୟ ଦୁଇଜଣ ସ୍ତ୍ରୀ-ଭକ୍ତ, ଦୁଇ ଭଉଣୀ—ମାର୍ଥା ଓ ମେରୀ ।

ଶ୍ରୀରାମକୃଷ୍ଣ (ଉତ୍ସୁକ ହୋଇ)—କଅଣ ସେ କଥା ଟିକିଏ କହିଲ ।

ମଣି—ଯୀଶୁଖ୍ରୀଷ୍ଟ ସେମାନଙ୍କ ଘରକୁ ଭକ୍ତମାନଙ୍କ ସହିତ ଏହିପରି ଭାବରେ

ଯାଇଥିଲେ ଜଣେ ଭଉଣୀ ତାଙ୍କୁ ଦେଖି ଭାବୋଲ୍ଲାସରେ ପରିପୂର୍ଣ୍ଣ ହୋଇଥିଲେ । ଯେପରି ଗୌରଙ୍କ ଗୀତରେ ଅଛି —'ବୁଡ଼ିଲା ନୟନ ନଇଲା ଫେରି, ଗୌର ରୂପସାଗରେ ତଳେଇଗଲା ମୋହର ମନ ପହଁରା ଭୁଲି ।'

ଆଉ ଗୋଟିଏ ଭଉଣୀ ଏକା ଏକା ଖିଆ ପିଆର ବ୍ୟବସ୍ଥା କରୁଥିଲେ । ସେ ବ୍ୟତିବ୍ୟସ୍ତ ହୋଇ ଯୀଶୁଙ୍କ ପାଖରେ ନାଲିସ୍ କଲା, 'ପ୍ରଭୁ, ଦେଖନ୍ତୁ—ଅପାଙ୍କର କି ଅନ୍ୟାୟ ! ସେ ଏଠାରେ ଚୁପଚାପ ବସିଛନ୍ତି, ଆଉ ମୋତେ ଏକୁଟିଆ ସବୁ କରିବାକୁ ହେଉଛି !'

ସେତେବେଳେ ଯୀଶୁ କହିଲେ, 'ତୁମର ଅପା ହିଁ ଧନ୍ୟ, କାରଣ ମନୁଷ୍ୟ-ଜୀବନର ଯାହା ପ୍ରୟୋଜନ (ଅର୍ଥାତ୍ ଈଶ୍ୱରଙ୍କୁ ଭଲପାଇବା) ତାହା ତାଙ୍କର ହୋଇଛି !'

ଶ୍ରୀରାମକୃଷ୍ଣ —ଆଚ୍ଛା, ତୁମର ଏସବୁ ଦେଖି କଅଣ ମନେ ହୁଏ ?

ମଣି—ମୋର ମନେ ହୁଏ, ତିନିଜଣଯାକ ହିଁ ଜଣେ ।—**ଯୀଶୁଖ୍ରୀଷ୍ଟ, ଚୈତନ୍ୟ ଦେବ ଓ ଆପଣ —ଏକ ବ୍ୟକ୍ତି !**

ଶ୍ରୀରାମକୃଷ୍ଣ—ଏକ ଏକ ! ନିଶ୍ଚୟ ଏକ । ଦେଖୁନାହଁ—ସେ (ଈଶ୍ୱର)—ଯେପରି ଏହାକୁ ଅବଲମ୍ବନ କରି ଏପରି ଭାବରେ ରହିଛନ୍ତି !

ଏହା କହି ଠାକୁର ନିଜ ଦେହକୁ ଅଙ୍ଗୁଳି ନିର୍ଦ୍ଦେଶ କଲେ—ଯେପରି କହୁଛନ୍ତି, ଈଶ୍ୱର ତାଙ୍କ ଶରୀର ଧାରଣ କରି ଅବତୀର୍ଣ୍ଣ ହୋଇ ରହିଛନ୍ତି ।

ମଣି—ସେଦିନ ଆପଣ ଏହି ଅବତୀର୍ଣ୍ଣ ହେବାର କଥାଟି ବେଶ୍ ବୁଝାଇ ଦେଇଥିଲେ ।

ଶ୍ରୀରାମକୃଷ୍ଣ—କଅଣ କହିଲ ।

ମଣି—ଯେପରି ଦିଗଦିଗନ୍ତବ୍ୟାପୀ ପ୍ରାନ୍ତର ବିସ୍ତୀର୍ଣ୍ଣ ହୋଇ ରହିଛି ! ସମ୍ମୁଖରେ ପ୍ରାଚୀର ରହିଥିବାରୁ ମୁଁ ଦେଖିପାରୁନାହିଁ—ସେହି ପ୍ରାଚୀର ମଧ୍ୟରେ କେବଳ ଗୋଟିଏ କଣା—ସେହି କଣା ବାଟେ ପ୍ରାନ୍ତରର କିଛିଟା ଦେଖାଯାଏ !

ଶ୍ରୀରାମକୃଷ୍ଣ—କହିଲ ଦେଖି ସେ କଣାଟି କଅଣ ?

ମଣି—ସେହି କଣାଟି ଆପଣ । ଆପଣଙ୍କ ଭିତର ଦେଇ ସବୁ ଦେଖାଯାଏ—ସେହି ଦିଗଦିଗନ୍ତବ୍ୟାପୀ ପ୍ରାନ୍ତର ଦେଖାଯାଏ !

ଶ୍ରୀରାମକୃଷ୍ଣ ଅତିଶୟ ସନ୍ତୁଷ୍ଟ ହୋଇ ମଣିଙ୍କର ଦେହ ଚାପୁଡ଼ାଇବାକୁ ଲାଗିଲେ । ଆଉ କହିଲେ, "ତୁମେ ଯେ ଏତକ ବୁଝିଯାଇଛ ! ବେଶ୍ ହୋଇଛି !"

ମଣି—ବୁଝିବା ତ ଦୁଃସାଧ; ପୂର୍ଣ୍ଣବ୍ରହ୍ମ ହୋଇ ଏହି ଟିକକ ଭିତରେ କିପରି ରହନ୍ତି, ଏହା ବୁଝାଯାଏ ନାହିଁ ।

ଶ୍ରୀରାମକୃଷ୍ଣ— 'ତାରେ କେଉ ଚିନଲି ନା ରେ ! ଓ ସେ ପାଗଲେର ବେଶେ (ଦୀନହୀନ କାଙ୍ଗାଲେର ବେଶେ) ଫିରଛେ ଜୀବେର ଘରେ ଘରେ ।'

ମଣି—ଆଉ ଆପଣ କହିଥିଲେ, ଯୀଶୁଙ୍କ କଥା ।

ଶ୍ରୀରାମକୃଷ୍ଣ—କଅଣ କହିଥିଲି ?

ମଣି—ଯଦୁ ମଲ୍ଲିକଙ୍କର ଉଦ୍ୟାନ-ଗୃହରେ ଯୀଶୁଙ୍କର ଛବି ଦେଖି ଭାବ ସମାଧି ହୋଇଥିଲା । ଆପଣ ଦେଖିଥିଲେ ଯେ, ଛବିରୁ ବାହାରି ଯୀଶୁଖ୍ରୀଷ୍ଟ ଆପଣଙ୍କ ଭିତରେ ମିଶିଗଲେ ।

ଠାକୁର ନୀରବ ଅଛନ୍ତି ! ଟିକିଏ ପରେ ପୁଣି ମଣିଙ୍କୁ କହୁଛନ୍ତି—''ତଣ୍ଟି ଭିତରେ ଏଇଟା ଯେ ହୋଇଛି, ଏହାର ହୁଏତ କିଛି ଅର୍ଥ ଅଛି—କାଳେ ଲୋକଙ୍କ ପାଖରେ ହାଲୁକାମି କରିବି । ନୋହିଲେ ସବୁ ସ୍ଥାନରେ ନାଚିବା ଗାଇବା ତ ହୋଇଯାଆନ୍ତା ।''

ଠାକୁରେ ଦ୍ୱିଜଙ୍କ କଥା କହୁଛନ୍ତି । କହୁଛନ୍ତି, ''ଦ୍ୱିଜ ଆସିଲା ନାହିଁ ?''

ମଣି—କହିଥିଲି ଆସିବାକୁ । ଆଜି ଆସିବା କଥା ଥିଲା, କିନ୍ତୁ କାହିଁକି ଆସିଲା ନାହିଁ, କହିପାରୁ ନାହିଁ ।

ଶ୍ରୀରାମକୃଷ୍ଣ—ତା'ର ଭାରୀ ଅନୁରାଗ । ଆଚ୍ଛା, ସେ ଏଠାର କେହି ଜଣେ ହେବ (ଅର୍ଥାତ୍ ସାଙ୍ଗୋପାଙ୍ଗ ମଧ୍ୟରେ ଜଣେ ହେବ) ନା ?

ମଣି—ଆଜ୍ଞା ହଁ, ତାହା ହେବ, ତାହା ନ ହେଲେ ଏତେ ଅନୁରାଗ !

ମଣି ମଶାରି ଭିତରକୁ ଯାଇ ଠାକୁରଙ୍କୁ ବିଞ୍ଚି ଦେଉଛନ୍ତି ।

ଠାକୁର କଡ଼ ଲେଉଟାଇ ପୁଣି କଥା କହୁଛନ୍ତି । ମନୁଷ୍ୟ ଭିତରେ ସେ ଅବତୀର୍ଣ୍ଣ ହୋଇ ଲୀଳା କରନ୍ତି, ଏହି କଥା ହେଉଛି ।

ଶ୍ରୀରାମକୃଷ୍ଣ—ତୁମର ଏହି ଘର । ମୋର ଆଗେ ରୂପ ଦର୍ଶନ ହେଉ ନ ଥିଲା, ଏପରି ଅବସ୍ଥା ଯାଇଛି ! ବର୍ତ୍ତମାନ ଦେଖୁନାହିଁ, ପୁଣି ରୂପ କମିଯାଉଛି ।

ମଣି—ଲୀଳା ମଧ୍ୟରେ ନରଲୀଳା ବେଶ୍ ଭଲ ଲାଗେ ।

ଶ୍ରୀରାମକୃଷ୍ଣ—ତାହାହେଲେ ହେଲା—ଆଉ ମୋତେ ତ ଦେଖୁଛ !

ଠାକୁର ଶ୍ରୀରାମକୃଷ୍ଣ କଅଣ କହୁଛନ୍ତି ଯେ, ମୋ ଭିତରେ ଈଶ୍ୱର ନରରୂପରେ ଅବତୀର୍ଣ୍ଣ ହୋଇ ଲୀଳା କରୁଛନ୍ତି ?

❖ ❖ ❖

# ଅଷ୍ଟାଦଶ ପରିଚ୍ଛେଦ

## ଦକ୍ଷିଣେଶ୍ୱରରେ ରାଖାଲ, ମାଷ୍ଟର, ମହିମାଚରଣ ପ୍ରଭୃତି ଭକ୍ତମାନଙ୍କ ଗହଣରେ

### (୧)

### ଦ୍ୱିଜ, ଦ୍ୱିଜଙ୍କ ପିତା ଓ ଠାକୁର ଶ୍ରୀରାମକୃଷ୍ଣ—ମାତୃଋଣ ଓ ପିତୃଋଣ

ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱରର ସେହି ପୂର୍ବପରିଚିତ ଘରେ ରାଖାଲ ଓ ମାଷ୍ଟର ପ୍ରଭୃତି ଭକ୍ତମାନଙ୍କ ସଙ୍ଗରେ ବସିଛନ୍ତି । ଅପରାହ୍ଣ ତିନିଟା କି ଚାରିଟା ହେବ ।

ଠାକୁରଙ୍କର ଗଳରୋଗର ସୂତ୍ରପାତ ହୋଇଛି । ତଥାପି ସାରାଦିନ କେବଳ ଭକ୍ତମାନଙ୍କର ମଙ୍ଗଳଚିନ୍ତା କରୁଛନ୍ତି—କିପରି ସେମାନେ ସଂସାରରେ ବଦ୍ଧ ନ ହେବେ—କିପରି ସେମାନଙ୍କର ଜ୍ଞାନଭକ୍ତି ଲାଭ ହେବ—ଈଶ୍ୱରଲାଭ ହେବ ।

ଗତ ୨୮ ତାରିଖ ଜୁଲାଇ ମଙ୍ଗଳବାର ଦିନ ସେ କଲିକତାର ଶ୍ରୀଯୁକ୍ତ ନନ୍ଦ ବସୁଙ୍କ ଘରେ ଦେବଦେବୀମାନଙ୍କର ଛବି ଦେଖିବାକୁ ଆସି ବଳରାମ ଓ ଅନ୍ୟାନ୍ୟ ଭକ୍ତମାନଙ୍କର ଘରକୁ ଶୁଭାଗମନ କରିଥିଲେ ।

ଶ୍ରୀଯୁକ୍ତ ରାଖାଲ ବୃନ୍ଦାବନରୁ ଆସି କିଛି ଦିନ ଘରେ ଥିଲେ । ଆଜିକାଲି ସେ, ଲାଟୁ, ହରିଶ ଓ ରାମଲାଲ ଠାକୁରଙ୍କ ପାଖରେ ରହୁଛନ୍ତି ।

ଶ୍ରୀଶ୍ରୀମା କେତେ ମାସ ହେଲା ଠାକୁରଙ୍କ ସେବାପାଇଁ ଗ୍ରାମରୁ ଶୁଭାଗମନ କରିଛନ୍ତି । ସେ ନହବତରେ ଅଛନ୍ତି । 'ଶୋକାତୁରା ବ୍ରାହ୍ମଣୀ' ଆସି କିଛି ଦିନ ହେଲା ତାଙ୍କ ପାଖରେ ଅଛନ୍ତି ।

ଠାକୁରଙ୍କ ପାଖରେ ଦ୍ୱିଜ, ତାଙ୍କର ପିତା, ଭାଇମାନେ ଓ ମାଷ୍ଟର ପ୍ରଭୃତି ବସିଛନ୍ତି; ଆଜି ୯ ଅଗଷ୍ଟ ୧୮୮୫ ଖ୍ରୀଃ ।

ଦ୍ୱିଜଙ୍କର ବୟସ ଷୋଳ ବର୍ଷ ହେବ । ତାଙ୍କ ମାତାଙ୍କର ପରଲୋକ ପ୍ରାପ୍ତି ପରେ ପିତା ଦ୍ୱିତୀୟ ବିବାହ କରିଛନ୍ତି । ଦ୍ୱିଜ ମାଷ୍ଟରଙ୍କ ସହିତ ପ୍ରାୟ ଠାକୁରଙ୍କ ପାଖକୁ ଆସନ୍ତି—ତାଙ୍କ ପିତା ସେଥିରେ ଭାରୀ ଅସନ୍ତୁଷ୍ଟ ।

ଦ୍ୱିଜଙ୍କର ପିତା ଠାକୁରଙ୍କୁ ଦର୍ଶନ କରିବାକୁ ଆସିବେ ବୋଲି ବହୁଥର କହିଥିଲେ । ସେଥିପାଇଁ ଆଜି ଆସିଛନ୍ତି । କଲିକତାରେ ଗୋଟିଏ ବ୍ୟବସାୟ ଫାର୍ମରେ ସେ ଜଣେ କର୍ମଚାରୀ ମ୍ୟାନେଜର ସେ ହିନ୍ଦୁ କଲେଜରେ ଡି.ଏଲ. ରିଚାର୍ଡ଼ସନଙ୍କ ପାଖରେ ପଢ଼ିଥିଲେ ଓ ଓକିଲାତି ପାସ୍ କରିଥିଲେ ।

ଶ୍ରୀରାମକୃଷ୍ଣ (ଦ୍ୱିଜ ପିତାଙ୍କ ପ୍ରତି)—ଆପଣଙ୍କର ପିଲାମାନେ ଏଠାକୁ ଆସନ୍ତି, ସେଥିପାଇଁ କିଛି ମନେ କରିବେ ନାହିଁ ।

''ମୁଁ କହେ—ଚୈତନ୍ୟଲାଭ ପରେ ସଂସାରରେ ଯାଇ ରହ । ବହୁ ପରିଶ୍ରମ କରି ଯଦି କେହି ସୁନା ପାଏ, ସେ ତାକୁ ମାଟି ଭିତରେ ରଖିପାରେ, ବାକ୍ସ ଭିତରେ ରଖିପାରେ,

ପାଣି ଭିତରେ ମଧ୍ୟ ରଖିପାରେ—ସୁନାର କିଛି ହୁଏ ନାହିଁ ।

"ମୁଁ କହେ ଅନାସକ୍ତ ହୋଇ ସଂସାର କର । ହାତରେ ତେଲ ଲଗାଇ ପଣସ ଭାଙ୍ଗ—ତାହାହେଲେ ହାତରେ ଅଠା ଲାଗିବ ନାହିଁ ।

"କଞ୍ଚା ମନକୁ ସଂସାରରେ ରଖିଦେଲେ ମନ ମଳିନ ହୋଇଯାଏ, ଜ୍ଞାନ ଲାଭ କରି ତେବେ ସଂସାରରେ ରହିବାକୁ ହୁଏ ।

ପାଣିରେ ଦୁଧ ରଖିଲେ ଦୁଧ ନଷ୍ଟ ହୋଇଯାଏ । କିନ୍ତୁ ଲହୁଣୀ ବାହାର କରି ପାଣିରେ ରଖିଲେ ଆଉ ନଷ୍ଟ ହେବାର ଆଶଙ୍କା ନ ଥାଏ ।

ଦ୍ୱିଜଙ୍କର ପିତା—ଆଜ୍ଞା ହଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆପଣ ଯେ ଏମାନଙ୍କୁ ଗାଳି ଦିଅନ୍ତି, ତାର ତାତ୍ପର୍ଯ୍ୟ ବୁଝିଛି । ଆପଣ ଭୟ ଦେଖାନ୍ତି । ବ୍ରହ୍ମଚାରୀ ସାପକୁ କହିଲେ, "ତୁ ବଡ଼ ବୋକା ! ତୋତେ ମୁଁ କାମୁଡ଼ିବାକୁ ମନା କରିଥିଲି । ଫଁ କରିବାକୁ ମନା କରିନାହିଁ । ତୁ ଯଦି ଫଁ କରିଥାଆନ୍ତୁ, ତାହାହେଲେ ତୋର ଶତ୍ରୁମାନେ ତୋତେ ମାରିପାରି ନ ଥାନ୍ତେ ।" ଆପଣ ପିଲାମାନଙ୍କୁ ଗାଳି ଦିଅନ୍ତି—ତା' ମାନେ କେବଳ ଫଁ କରନ୍ତି । (ଦ୍ୱିଜଙ୍କର ପିତା ହସୁଛନ୍ତି)

ଭଲ ପୁଅ ହେବା ପିତାର ପୁଣ୍ୟର ଚିହ୍ନ । ପୋଖରୀରେ ପାଣି ଭଲ ହେଲେ—ତାହା ପୋଖରୀ ମାଲିକଙ୍କର ପୁଣ୍ୟର ଚିହ୍ନ ।

ପୁଅକୁ ଆତ୍ମଜ କହନ୍ତି । ତୁମେ ଆଉ ତୁମ ପୁଅ ଅଲଗା ନୁହେଁ । ତୁମେ ହିଁ ଗୋଟିଏ ରୂପରେ ପୁଅ ହୋଇଛ । ଗୋଟିଏ ରୂପରେ ତୁମେ ବିଷୟୀ, ଅଫିସର କାର୍ଯ୍ୟ କରୁଛ, ସଂସାରରେ ଭୋଗ କରୁଛ—ଆଉ ଗୋଟିଏ ରୂପରେ ତୁମେ ହିଁ ଭକ୍ତ ହୋଇଛ—ତୁମର ସନ୍ତାନରୂପରେ । ଶୁଣିଥିଲି, ଆପଣ କୁଆଡ଼େ ଘୋର ବିଷୟୀ । ତାହା ତ ନୁହେଁ । (ସହାସ୍ୟ) ଏସବୁ ତ ଆପଣ ଜାଣନ୍ତି । ତେବେ ଆପଣ ସହଜ ଲୋକ ନୁହଁନ୍ତି, ଏଥିରେ ମଧ୍ୟ ହଁ ମାରି ଯାଉଛନ୍ତି । ଦ୍ୱିଜଙ୍କ ପିତା ଈଷତ୍ ହସୁଛନ୍ତି ।

ଏଠାକୁ ଆସିଲେ, ଆପଣ ଯେ କି ବସ୍ତୁ, ଏମାନେ ତାହା ଜାଣିପାରିବେ । ବାପ କେତେ ବଡ଼ ବସ୍ତୁ ! **ବାପମାଆଙ୍କୁ ଫାଙ୍କି ଦେଇ ଯେ ଧର୍ମ କରିବ ତାର କିଛି ହେବ ନାହିଁ ।**

## ପୂର୍ବକଥା—ବୃନ୍ଦାବନରେ ଶ୍ରୀରାମକୃଷ୍ଣଙ୍କର ମାଆଙ୍କ ପାଇଁ ଚିନ୍ତା

"ମନୁଷ୍ୟର ଅନେକଗୁଡ଼ିଏ ଋଣ ଅଛି । ପିତୃଋଣ, ଦେବଋଣ, ଋଷିଋଣ । ଏହା ବ୍ୟତୀତ ମାତୃଋଣ ମଧ୍ୟ ଅଛି । ପୁଣି ସ୍ତ୍ରୀ ନିକଟରେ ମଧ୍ୟ ଋଣ ଅଛି—ପ୍ରତିପାଳନ କରିବାକୁ ହେବ । ସତୀ ହେଲେ, ମରିବା ପୂର୍ବରୁ ତାହା ପାଇଁ କିଛି ସଂସ୍ଥାନ କରିଯିବାକୁ ହେବ ।

"ମୁଁ ମାଆ ପାଇଁ ବୃନ୍ଦାବନରେ ରହିପାରିଲି ନାହିଁ । ଯେତେବେଳେ ମନେ ପଡ଼ିଲା—ମା ଦକ୍ଷିଣେଶ୍ୱର 'କାଳୀବାଡ଼ି'ରେ ଅଛନ୍ତି, ଆଉ ଦଣ୍ଡେ ହେଲେ ବୃନ୍ଦାବନରେ ରହିବାକୁ ଇଚ୍ଛା ହେଲା ନାହିଁ ।

''ମୁଁ ଏମାନଙ୍କୁ କହେ, ସଂସାର କର, ପୁଣି ଭଗବାନଙ୍କଠାରେ ମଧ ମନ ରଖ । ସଂସାର ଛାଡ଼ିବାକୁ କହୁନାହିଁ—ଏପଟେ କର, ସେପଟେ ବି କର ।

ପିତା—ମୁଁ କହେ, ପଢ଼ାଶୁଣା ତ ଦରକାର—ଆପଣଙ୍କ ପାଖକୁ ଆସିବା ପାଇଁ ମନା କରୁ ନାହିଁ । ତେବେ ପିଲାଙ୍କ ସଙ୍ଗରେ ଆଡ୍‌ଡ଼ା ମାରି ଯେପରି ସମୟ ନ କଟେ ।

ଶ୍ରୀରାମକୃଷ୍ଣ—ଏହାର (ଦ୍ୱିଜର) ଅବଶ୍ୟ ସଂସ୍କାର ଥିଲା । ଏ ଦୁଇ ଭାଇଙ୍କର ହେଲା ନାହିଁ କାହିଁକି ? ଆଉ ଏହାର ବା ହେଲା କାହିଁକି ?

''ଜୋର୍ କରି ଆପଣ କଅଣ ମନା କରିପାରିବେ ? ଯାହାର ଯାହା (ସଂସ୍କାର) ଅଛି, ତାହା ହିଁ ହେବ ।''

ପିତା—ହଁ, ସେ କଥା ଠିକ୍ ।

ଠାକୁର ଦ୍ୱିଜଙ୍କ ପିତାଙ୍କ ନିକଟକୁ ଆସି ଶପ ଉପରେ ବସିଛନ୍ତି । କଥା କହୁ କହୁ ଥରେ ଥରେ ତାଙ୍କ ଦେହରେ ହାତ ବୁଲାଉଛନ୍ତି ।

''ସନ୍ଧ୍ୟା ଆଗତ ପ୍ରାୟ । ଠାକୁର ମାଷ୍ଟର ଓ ଅନ୍ୟମାନଙ୍କୁ କହୁଛନ୍ତି, ''ଏମାନଙ୍କୁ ସବୁ ମନ୍ଦିର ଦେଖାଇ ଆଣ—ମୁଁ ଭଲ ଥିଲେ ସଙ୍ଗରେ ଯାଇଥାଆନ୍ତି ।''

''ପିଲାମାନଙ୍କୁ ସନ୍ଦେଶ ଦେବାକୁ କହିଲେ । ଦ୍ୱିଜଙ୍କ ପିତାଙ୍କୁ କହିଲେ, ''ଏମାନେ ଟିକିଏ ଖାଇବେ; ଟିକିଏ ମୁହଁ ମିଠା କରିବାକୁ ହୁଏ ।''

ଦ୍ୱିଜଙ୍କର ପିତା ଦେବାଳୟ ଓ ଦେବଦେବୀଙ୍କୁ ଦର୍ଶନ କରି ବଗିଚାରେ ଟିକିଏ ବୁଲୁଛନ୍ତି । ଠାକୁର ଶ୍ରୀରାମକୃଷ୍ଣ ନିଜ ଘରର ଦକ୍ଷିଣପୂର୍ବ ବାରଣ୍ଡାରେ ଭୂପେନ,ଦ୍ୱିଜ,ମାଷ୍ଟର ପ୍ରଭୃତିଙ୍କ ସହିତ ଆନନ୍ଦରେ କଥା କହୁଛନ୍ତି । କୌତୁକରେ ଭୂପେନ ଓ ମାଷ୍ଟରଙ୍କ ପିଠିରେ ହାତ ଥାପୁଡ଼ାଇଲେ । ଦ୍ୱିଜଙ୍କୁ ହସି ହସି କହୁଛନ୍ତି —''ତୋର ବାପକୁ କିପରି କହିଲି !''

ସନ୍ଧ୍ୟାପରେ ଦ୍ୱିଜଙ୍କର ପିତା ପୁଣି ଠାକୁରଙ୍କ ଘରକୁ ଆସିଲେ । ଟିକିଏ ପରେ ବିଦାୟ ନେବେ ।

ଦ୍ୱିଜଙ୍କ ପିତାଙ୍କୁ ଗରମ ଲାଗୁଛି—ଠାକୁର ନିଜେ ହାତରେ ପଙ୍ଖା ଧରି ବିଞ୍ଚି ଦେଉଛନ୍ତି ।

ପିତା ବିଦାୟ ନେଲେ—ଠାକୁର ନିଜେ ଉଠି ଠିଆ ହେଲେ ।

## (୨)

## ଠାକୁର ମୁକ୍ତକଣ୍ଠ—ଶ୍ରୀରାମକୃଷ୍ଣ କଅଣ ସିଦ୍ଧପୁରୁଷ ନା ଅବତାର

ରାତି ଆଠଟା ହୋଇଛି । ଠାକୁର ମହିମାଚରଣଙ୍କ ସହିତ କଥା କହୁଛନ୍ତି । ଘରେ ରାଖାଲ, ମାଷ୍ଟର ଓ ମହିମାଚରଣଙ୍କର ଜଣେ ଦୁଇଜଣ ସଙ୍ଗୀ ଅଛନ୍ତି ।

ମହିମାଚରଣ ଆଜି ରାତିରେ ରହିବେ ।

ଶ୍ରୀରାମକୃଷ୍ଣ—ଆଚ୍ଛା, କେଦାରଙ୍କୁ କିପରି ଦେଖୁଛ ?—ଦୁଧ ଦେଖିଛନ୍ତି ନା ପିଇଛନ୍ତି ?

ମହିମା—ହଁ, ଆନନ୍ଦ ଭୋଗ କରୁଛନ୍ତି ।

ଶ୍ରୀରାମକୃଷ୍ଣ—ନିତ୍ୟଗୋପାଳ ?

ମହିମା—ଖୁବ୍ !—ବେଶ୍ ଅବସ୍ଥା ।

ଶ୍ରୀରାମକୃଷ୍ଣ—ହଁ । ଆଚ୍ଛା, ଗିରିଶ ଘୋଷ କିପରି ହୋଇଛି ?

ମହିମା—ବେଶ୍ ହୋଇଛି । କିନ୍ତୁ ସେମାନଙ୍କର ସ୍ତର ଅଲଗା ।

ଶ୍ରୀରାମକୃଷ୍ଣ—ନରେନ୍ଦ୍ର ?

ମହିମା—ମୁଁ ପନ୍ଦର ବର୍ଷ ପୂର୍ବେ ଯାହା ଥିଲି, ସେହି ଅବସ୍ଥା ।

ଶ୍ରୀରାମକୃଷ୍ଣ—ଛୋଟ ନରେନ୍ ? କିପରି ସରଳ ?

ମହିମା—ହଁ, ଅତି ସରଳ ।

ଶ୍ରୀରାମକୃଷ୍ଣ—ଠିକ୍ କହିଛ । (ଚିନ୍ତା କରି) ଆଉ କିଏ ଅଛି !

ଯେଉଁ ଯୁବକମାନେ ଏଠାକୁ ଆସୁଛନ୍ତି, ସେମାନଙ୍କର ଦୁଇଟି ଜିନିଷ ଜାଣିଲେ ହେଲା । ତାହାହେଲେ ଆଉ ବେଶୀ ସାଧନଭଜନ କରିବାକୁ ପଡ଼ିବ ନାହିଁ । ପ୍ରଥମ, ମୁଁ କିଏ—ତା'ପରେ ସେମାନେ କିଏ । ଯୁବକମାନଙ୍କ ଭିତରୁ ଅନେକେ ହିଁ ଅନ୍ତରଙ୍ଗ ।

**ଯେଉଁମାନେ ଅନ୍ତରଙ୍ଗ, ସେମାନଙ୍କର ମୁକ୍ତି ହେବ ନାହିଁ । ବାୟୁକୋଣରେ ଆଉ ଥରେ (ମୋର) ଶରୀରଧାରଣ ହେବ ।**

ଯୁବକମାନଙ୍କୁ ଦେଖି ମୋର ପ୍ରାଣ ଶୀତଳ ହୁଏ । ଆଉ ଯେଉଁମାନଙ୍କର ପିଲାପିଲି ହେଲେଣି, ମାମଲା ମୋକଦ୍ଦମା କରି ବୁଲୁଛନ୍ତି—କାମିନୀ-କାଞ୍ଚନ ନେଇ ରହିଛନ୍ତି—ସେମାନଙ୍କୁ ଦେଖିଲେ କିପରି ଆନନ୍ଦ ହେବ ? ଶୁଦ୍ଧ-ଆତ୍ମା ନ ଦେଖିଲେ କିପରି ରହିବି !

ମହିମାଚରଣ ଶାସ୍ତ୍ରର ଶ୍ଳୋକ ଆବୃତ୍ତି କରି ଶୁଣାଉଛନ୍ତି—ଆଉ ତନ୍ତ୍ରୋକ୍ତ ଭୂଚରୀ, ଖେଚରୀ ଓ ଶାମ୍ଭବୀ ପ୍ରଭୃତି ନାନା ମୁଦ୍ରାର କଥା କହୁଛନ୍ତି ।

**ଠାକୁରଙ୍କର ପାଞ୍ଚପ୍ରକାର ସମାଧି—ଷଟ୍‌ଚକ୍ରଭେଦ—ଯୋଗତତ୍ତ୍ୱ—କୁଣ୍ଡଳିନୀ**

ଶ୍ରୀରାମକୃଷ୍ଣ—ଆଚ୍ଛା, ମୋର ଆତ୍ମା ସମାଧି ଅବସ୍ଥାରେ ମହାକାଶରେ ପକ୍ଷୀ ପରି ଉଡ଼ି ବୁଲେ, ଏହିପରି କେହି କେହି କହନ୍ତି ।

''ହୃଷିକେଶର ସାଧୁ ଆସିଥିଲେ । ସେ କହିଲେ ଯେ ସମାଧି ପାଞ୍ଚ ପ୍ରକାର—ତୁମର ଯେ ସବୁପ୍ରକାର ହେଉଛି, ଦେଖୁଛି । ପିପୀଲିକାବତ୍, ମୀନବତ୍, କପିବତ୍, ପକ୍ଷୀବତ୍, ତିର୍ଯ୍ୟକବତ୍ ।

''କେତେବେଳେ ବାୟୁ ଉଠେ ପିମ୍ପୁଡ଼ିପରି ସର ସର ହୋଇ—କେତେବେଳେ ସମାଧି ଅବସ୍ଥାରେ ଭାବ-ସମୁଦ୍ର ଭିତରେ ଆତ୍ମା-ମୀନ ଆନନ୍ଦରେ ଖେଳିବୁଲେ ।

''କେତେବେଳେ କଡ଼ ବୁଲାଇ ରହିଛି, ମହାବାୟୁ ମର୍କଟପରି ମୋତେ ଠେଲି—ଆମୋଦ କରେ ! ମୁଁ ଚୁପ୍‌ଚାପ୍ ରହିଥାଏ । ସେହି ବାୟୁ ହଠାତ୍ ମର୍କଟପରି ଡେଇଁ ସହସ୍ରାରକୁ ଉଠିଯାଏ ! ସେଥିପାଇଁ ତ ମୁଁ ଧଡ୍ କରି ଲମ୍ଫ ଦେଇ ଉଠେ ।

''ପୁଣି କେତେବେଳେ ପକ୍ଷୀଭଳି ଏ ଡାଳରୁ ସେ ଡାଳ, ସେ ଡାଳରୁ ଏ ଡାଳ—ମହାବାୟୁ ଉଠୁଥାଏ ! ଯେଉଁ ଡାଳରେ ବସେ, ସେ ସ୍ଥାନଟି ନିଆଁ ଭଳି ଲାଗେ । ହୁଏତ ମୂଳାଧାରରୁ ସ୍ୱାଧିଷ୍ଠାନ, ସ୍ୱାଧିଷ୍ଠାନରୁ ହୃଦୟ, ଏହିପରି କ୍ରମେ ମୁଣ୍ଡକୁ ଉଠେ !

କେତେବେଳେ ମହାବାୟୁ ତିର୍ଯ୍ୟକ-ଗତିରେ ଚାଲେ—ବଙ୍କେଇ ଚାଲେ ! ଏହିପରି ଯାଉ ଯାଉ ଶେଷରେମସ୍ତକକୁ ଆସିଲେ ସମାଧି ହୁଏ ।

### ପୂର୍ବକଥା –୨୨–୨୩ ବର୍ଷ ବୟସରେ ପ୍ରଥମ ଉନ୍ମାଦ, ୧୮୫୮ ଖ୍ରୀ. –ଷଟ୍‌ଚକ୍ରଭେଦ

### କୁଳକୁଣ୍ଡଳିନୀ ଜାଗ୍ରତ ନ ହେଲେ ଚୈତନ୍ୟ ହୁଏ ନାହିଁ ।

"ମୂଳାଧାରରେ କୁଳକୁଣ୍ଡଳିନୀ । ଚୈତନ୍ୟ ହେଲେ ସେ ସୁଷୁମ୍ନା ନାଡ଼ୀ ମଧ୍ୟ ଦେଇ ସ୍ୱାଧିଷ୍ଠାନ, ମଣିପୁର ଏହିସବୁ ଚକ୍ର ଭେଦ କରି, ଶେଷରେ ମସ୍ତକରେ ଯାଇ ପହଞ୍ଚନ୍ତି । ଏହାରି ନାମ ମହାବାୟୁର ଗତି—ତେବେ ଯାଇ ଶେଷରେ ସମାଧି ହୁଏ ।

ଖାଲି ପୋଥି ପଢ଼ିଲେ ଚୈତନ୍ୟ ହୁଏ ନାହିଁ—ତାଙ୍କୁ ଡାକିବାକୁ ହୁଏ । ବ୍ୟାକୁଳ ହେଲେ ଯାଇ କୁଳକୁଣ୍ଡଳିନୀ ଜାଗନ୍ତି । ଶୁଣି ବା ବହି ପଢ଼ି ଜ୍ଞାନର କଥା ! ସେଥିରେ କଅଣ ହେବ !

ଏହି ଅବସ୍ଥା ଯେତେବେଳେ ହେଲା, ତାହାର ଠିକ୍ ଆଗରୁ ମୋତେ ଦେଖାଇ ଦେଲେ—କିପରି କୁଳକୁଣ୍ଡଳିନୀ ଶକ୍ତିର ଜାଗରଣ ହୁଏ । କ୍ରମେ କ୍ରମେ ସବୁ ପଦ୍ମଗୁଡ଼ିକ ଫୁଟିବାକୁ ଲାଗିଲା, ଆଉ ସମାଧି ହେଲା । ଏ ଅତି ଗୁହ୍ୟ କଥା । ଦେଖିଲି, ଠିକ୍ ମୋରି ପରି ବାଇଶ ତେଇଶ ବର୍ଷର ଯୁବକ, ସୁଷୁମ୍ନା ନାଡ଼ୀ ଭିତରକୁ ଯାଇ ଜିହ୍ୱା ଦ୍ୱାରା ଯୋନିରୂପକ ପଦ୍ମ ସହିତ ରମଣ କରୁଛି ! ପ୍ରଥମେ ଗୁହ୍ୟ, ଲିଙ୍ଗ, ନାଭି । ଚତୁର୍ଦ୍ଦଳ, ଷଡ଼ଦଳ, ଦଶଦଳ ପଦ୍ମ ସବୁ ଅଧୋମୁଖ ହୋଇଥିଲା—ଊର୍ଦ୍ଧ୍ୱମୁଖ ହେଲା ।

ହୃଦୟକୁ ଯେତେବେଳେ ଆସିଲା—ବେଶ୍ ମନେ ପଡୁଛି—ଜିହ୍ୱା ଦ୍ୱାରା ରମଣ କରିବା ପରେ ଦ୍ୱାଦଶଦଳ ଅଧୋମୁଖ ପଦ୍ମ ଊର୍ଦ୍ଧ୍ୱମୁଖ ହେଲା—ଆଉ ପ୍ରସ୍ଫୁଟିତ ହେଲା । ତା'ପରେ କଣ୍ଠରେ ଷୋଡ଼ଶଦଳ, ଆଉ କପାଳରେ ଦ୍ୱିଦଳ । ଶେଷରେ ସହସ୍ରଦଳ ପଦ୍ମ ପ୍ରସ୍ଫୁଟିତ ହେଲା ! ସେହିଦିନଠାରୁ ମୋର ଏହି ଅବସ୍ଥା ।

## (୩)

### ପୂର୍ବକଥା–ଠାକୁର ମୁକ୍ତକଣ୍ଠ–ଠାକୁର ସିଦ୍ଧପୁରୁଷ ନା ଅବତାର

(ଈଶ୍ୱରଙ୍କ ସଙ୍ଗରେ କଥା—ମାୟା ଦର୍ଶନ—ଭକ୍ତମାନେ ଆସିବା ଆଗରୁ ସେମାନଙ୍କର ଦର୍ଶନ—କେଶବ ସେନଙ୍କୁ ଭାବାବେଶରେ ଦର୍ଶନ—ଅଖଣ୍ଡ ସଚ୍ଚିଦାନନ୍ଦ ଦର୍ଶନ, ନରେନ୍ଦ୍ର ଓ କେଦାର—ପ୍ରଥମ ଉନ୍ମାଦରେ ଜ୍ୟୋତିର୍ମୟ ଦେହ—ବାପାଙ୍କର ସ୍ୱପ୍ନ—ଲଙ୍ଗୁଳୀ ଓ ତିନି ଦିନରେ ସମାଧି— ମଥୁରଙ୍କର ୧୪ ବର୍ଷ ସେବା ୧୮୫୮–୭୧— କୋଠି ଉପରେ ଭକ୍ତମାନଙ୍କ ପାଇଁ ବ୍ୟାକୁଳତା—ଅବିରତ ସମାଧି । ସବୁ ପ୍ରକାର ସାଧନ ।)

ଠାକୁର ଏହି କଥା କହୁ କହୁ ଓହ୍ଲାଇ ଆସି ତଳେ ମହିମାଚରଣଙ୍କ ନିକଟରେ ବସିଲେ । ପାଖରେ ମାଷ୍ଟର ଓ ଆଉ ଜଣେ ଦୁଇଜଣ ଭକ୍ତ । ଘରେ ରାଖାଲ ମଧ୍ୟ ଅଛନ୍ତି ।

ଶ୍ରୀରାମକୃଷ୍ଣ (ମହିମାଙ୍କ ପ୍ରତି)—ବହୁ ଦିନରୁ ଆପଣଙ୍କୁ କହିବାର ଇଚ୍ଛା ଥିଲା,

କହିପାରି ନାହିଁ—ଆଜି କହିବାକୁ ଇଚ୍ଛା ହେଉଛି ।

"ମୋର ଯେଉଁ ଅବସ୍ଥା—ଆପଣ କହନ୍ତି, ସାଧନା କଲେ ହିଁ ସେପରି ହୁଏ, ତାହା ନୁହେଁ । ଏଥିରେ (ମୋଠାରେ) ବିଶେଷ କିଛି ଅଛି ।

ମାଷ୍ଟର, ରାଖାଲ, ପ୍ରଭୃତି ଭକ୍ତମାନେ ଅବାକ୍ ହୋଇ ଠାକୁର କଅଣ କହିବେ ଉତ୍ସୁକ ହୋଇ ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ— କଥା କହିଛନ୍ତି !—କେବଳ ଦର୍ଶନ ନୁହେଁ— କଥା କହିଛନ୍ତି ! ବରଗଛତଳେ ଦେଖିଲି ଗଙ୍ଗା ଭିତରୁ ଉଠି ଆସିଲେ—ତା'ପରେ କେତେ ହସ ! ଖେଳ ଛଳରେ ଆଙ୍ଗୁଠି ଫୁଟା ହେଲା । ତା'ପରେ କଥା ।—କଥା କହିଛନ୍ତି ।

"ତିନିଦିନ ଲେଖାଏଁ କାନ୍ଦିଛି, ଆଉ ବେଦ ପୁରାଣ ତନ୍ତ୍ର—ଏସବୁ ଶାସ୍ତ୍ରରେ କଅଣ ଅଛି—(ସେ) ସବୁ ଦେଖାଇ ଦେଇଛନ୍ତି !

"ମହାମାୟାଙ୍କର ମାୟା ଯେ କଅଣ ତାହା ଦିନେ ଦେଖାଇଲେ । ଘର ଭିତରେ ଛୋଟ ଜ୍ୟୋତି କ୍ରମେ ବଢ଼ିବାକୁ ଲାଗିଲା । ଆଉ ଜଗତକୁ ଘୋଡ଼ାଇ ପକାଇଲା ।

"ପୁଣି ଦେଖାଇଦେଲେ—ଯେପରି ମସ୍ତବଡ଼ ପୁଷ୍କରିଣୀ, ଦଳରେ ଢଙ୍କା ହୋଇଛି ! ପବନରେ ଦଳ ଟିକିଏ ଆଡ଼େଇ ହୋଇଗଲା—ସଙ୍ଗେ ସଙ୍ଗେ ପାଣି ଦେଖାଗଲା । କିନ୍ତୁ ଚାହୁଁ ଚାହୁଁ ଚାରିଆଡୁ ଦଳ ନାଚି ନାଚି ଆସି ପୁଣି ଘୋଡ଼ାଇ ପକାଇଲା ! ଦେଖାଇ ଦେଲେ ଏହି ପାଣି ଯେପରି ସଚ୍ଚିଦାନନ୍ଦ, ଆଉ ଦଳ ଯେପରି ମାୟା । ମାୟା ଯୋଗୁ ସଚ୍ଚିଦାନନ୍ଦଙ୍କୁ ଦେଖା ଯାଏ ନାହିଁ-ଯଦିବା ଥରେ ଅଧେ ବିଜୁଳି ପରି ଦେଖାଯାଏ, ତଥାପି ପୁଣି ମାୟାରେ ଢାଙ୍କି ହୋଇଯାଏ ।

କେଉଁ ଭାବର ଲୋକମାନେ (ଭକ୍ତ) ଏଠାକୁ ଆସିବେ, ଆସିବା ଆଗରୁ ଦେଖାଇ ଦିଅନ୍ତି । ବରଗଛତଳରୁ ବକୁଳଗଛତଳ ପର୍ଯ୍ୟନ୍ତ ଚୈତନ୍ୟଦେବଙ୍କ ସଂକୀର୍ତ୍ତନ ଦଳ ଦେଖାଇ ଦେଲେ । ସେଥିରେ ବଳରାମଙ୍କୁ ଦେଖିଲି, ନୋହିଲେ ମିଶ୍ରି ଇତ୍ୟାଦି ଦେବ କିଏ ? ଆଉ ଏହାଙ୍କୁ (ମାଷ୍ଟରଙ୍କୁ) ଦେଖିଥିଲି ।

## ଶ୍ରୀରାମକୃଷ୍ଣ, କେଶବ ସେନ ଓ ତାଙ୍କ ସମାଜରେ ହରିନାମ ଓ ମାଆଙ୍କର ନାମ କୀର୍ତ୍ତନ

"କେଶବ ସେନଙ୍କ ସଙ୍ଗରେ ଦେଖା ହେବା ଆଗରୁ ତାଙ୍କୁ ଦେଖିଥିଲି ! ସମାଧି ଅବସ୍ଥାରେ ଦେଖିଲି, କେଶବ ସେନ ଆଉ ତାଙ୍କର ଦଳ । ଘରଭର୍ତ୍ତି ଲୋକ ମୋ ଆଗରେ ବସିଛନ୍ତି । କେଶବ ଦେଖା ଯାଉଛନ୍ତି ଯେପରି ଗୋଟିଏ ମୟୂର ତା'ର ପୁଚ୍ଛ ବିସ୍ତାର କରି ବସିରହିଛି ! ପୁଚ୍ଛ ଅର୍ଥାତ୍ ଦଳବଳ । କେଶବଙ୍କ ମୁଣ୍ଡରେ ଦେଖିଲି ଲାଲରଙ୍ଗର ମଣି । ସେଇଟି ରଜୋଗୁଣର ଚିହ୍ନ । କେଶବ ଶିଷ୍ୟମାନଙ୍କୁ କହୁଛନ୍ତି— 'ଏ କଅଣ କହୁଛନ୍ତି, ତୁମେମାନେସବୁ ଶୁଣ ।' ମାଆଙ୍କୁ କହିଲି, 'ମା ! ଏମାନଙ୍କର ଇଂରାଜୀ ମତ—ଏମାନଙ୍କୁ କାହିଁକି କହିବି !' ତାହାପରେ ମା ବୁଝାଇଦେଲେ ଯେ, କଳିଯୁଗରେ ଏହିପରି ହେବ ।

ସେତେବେଳେ ଏଠାରୁ ହରିନାମ ଓ ମାଆଙ୍କର ନାମ ସେମାନେ ନେଇଗଲେ । ସେଥିପାଇଁ ମା କେଶବଙ୍କ ଦଳରୁ ବିଜୟଙ୍କୁ ନେଇଗଲେ । କିନ୍ତୁ ଆଦିସମାଜକୁ ବିଜୟ ଗଲେ ନାହିଁ ।

(ନିଜକୁ ଦେଖାଇ) ''ଏହା (ମୋ) ଭିତରେ ଗୋଟାଏ କିଛି ଅଛି । ଗୋପାଳ ସେନ ବୋଲି ଗୋଟିଏ ପିଲା ବହୁ ଦିନ ଧରି ଆସୁଥିଲା—ବହୁଦିନ ତଳେ । ଏହା ଭିତରେ ଯେ ଅଛନ୍ତି, ଗୋପାଳ ଛାତିରେ ପାଦ ଦେଲେ । ସେ ଭାବରେ କହିଲା, 'ତୁମର ଏବେ ଡେରି ଅଛି ।' ମୁଁ ସଂସାରୀମାନଙ୍କ ସଙ୍ଗରେ ରହିପାରୁ ନାହିଁ—ତା'ପରେ 'ଯାଉଛି' କହି ଘରକୁ ଚାଲିଗଲା । ପରେ ଶୁଣିଲି ଯେ ସେ ଦେହତ୍ୟାଗ କରିଛି । ସେହି ବୋଧହୁଏ ନିତ୍ୟ ଗୋପାଳ !

''ଆଶ୍ଚର୍ଯ୍ୟ ଦର୍ଶନ ସବୁ ହୋଇଛି । ଅଖଣ୍ଡ ସଚ୍ଚିଦାନନ୍ଦ ଦର୍ଶନ । ତା'ଭିତରେ ପୁଣି ମଝିରେ ବାଡ଼ ଦିଆହୋଇ ଦୁଇଶ୍ରେଣୀରେ ବିଭକ୍ତ । ଗୋଟିଏ ପାଖରେ କେଦାର, ଚୁନୀ ପ୍ରଭୃତି ଅନେକ ସାକାରବାଦୀ ଭକ୍ତ । ବାଡ଼ର ଆର ପାଖରେ ଟୋପା ଲାଲ ସୁରକି ଗଦା ପରି ଜ୍ୟୋତି ! ତା' ମଧ୍ୟରେ ନରେନ୍ଦ୍ର ବସି ସମାଧିସ୍ଥ !

ଧ୍ୟାନସ୍ଥ ଦେଖି କହିଲି, 'ହେ ନରେନ୍ଦ୍ର !' ସେ ଟିକିଏ ଆଖି ଖୋଲି ଚାହିଁଲା । —ବୁଝିଲି ସେ ହିଁ ଗୋଟିଏ ରୂପରେ ସିମୁଳିଆରେ କାୟସ୍ଥ ଘରେ ପୁଅ ହୋଇ ଜନ୍ମିଛି ! —ସେତେବେଳେ କହିଲି, 'ମା, ଏହାକୁ ମାୟାରେ ବନ୍ଧ କର ।—ତାହା ନ ହେଲେ ସମାଧିସ୍ଥ ହୋଇ ଦେହ ତ୍ୟାଗ କରିବ !'—କେଦାର ସାକାରବାଦୀ, ଉଙ୍କିମାରି ଦେଖିଲା ଓ ଶିହରି ଉଠି ପଳାଇଲା ।

''ସେଥିପାଇଁ ଭାବୁଛି, ଏହା(ନିଜ) ଭିତରେ ମା ସ୍ୱୟଂ ଭକ୍ତଙ୍କୁ ନେଇ ଲୀଳା କରୁଛନ୍ତି । ଯେତେବେଳେ ପ୍ରଥମେ ଏହି ଅବସ୍ଥା ହେଲା ସେତେବେଳେ ଜ୍ୟୋତିରେ ଦେହ ଉଜ୍ଜ୍ୱଳ ହୋଇଥିଲା । ଛାତି ଲାଲ ହୋଇଯାଉଥିଲା । ସେତେବେଳେ କହିଲି, 'ମା ବାହାରେ ପ୍ରକାଶିତ ହୁଅ ନାହିଁ, ଭିତରକୁ ପଶି ଯାଅ । ପଶି ଯାଅ ।' ସେଥିପାଇଁ ଏବେ ଏହି ହୀନ ଦେହ ।

''ତାହା ନ ହେଲେ ଲୋକମାନେ ଜଳେଇ ପୋଡ଼େଇ ମାରୁଥାଆନ୍ତେ । ଲୋକଙ୍କର ଭିଡ଼ ଲାଗି ଯାଇଥାଆନ୍ତା—ସେଭଳି ଜ୍ୟୋତିର୍ମୟ ଦେହ ଥିଲେ ! ଏବେ ବାହାରେ ପ୍ରକାଶ ନାହିଁ । ଏଥିରେ ବାଲୁଙ୍ଗା ବାଛି ହୋଇଯିବେ— **ଶୁଦ୍ଧଭକ୍ତ ଯେଉଁମାନେ କେବଳ ସେହିମାନେ ରହିବେ ।** ଏହି ରୋଗ ହୋଇଛି କାହିଁକି ?—ଏହାର କାରଣ ଅଛି । ଯେଉଁମାନଙ୍କର ସକାମ ଭକ୍ତି, ସେମାନେ ରୋଗ ଅବସ୍ଥା ଦେଖିଲେ ଚାଲିଯିବେ ।

''(ମୋର ଗୋଟିଏ)ଇଚ୍ଛା ଥିଲା—(ମୁଁ) ମାଆଙ୍କୁ କହିଥିଲି, **'ମା (ମୁଁ) ଭକ୍ତଙ୍କର ରାଜା ହେବି ।'**

''ପୁଣି ମନରେ ଉଠିଲା, **'ଯେ ଆନ୍ତରିକ ଈଶ୍ୱରଙ୍କୁ ଡାକିବ ସେ ଏଠାକୁ ଆସିବ ହିଁ ଆସିବ ! ଆସିବାକୁ ହିଁ ହେବ !** ଦେଖ, ତାହା ହିଁ ହେଉଛି— ସେହି ସବୁ ଲୋକ ଆସୁଛନ୍ତି ।

''ଏହା ଭିତରେ କିଏ ଅଛନ୍ତି, ମୋର ବାପା ଜାଣିଥିଲେ । ବାପା ଗୟାରେ ସ୍ୱପ୍ନ ଦେଖିଥିଲେ—ରଘୁବୀର କହୁଛନ୍ତି, 'ମୁଁ ତୁମର ପୁଅ ହେବି ।'

''ଏହା ଭିତରେ କେବଳ ସେ ହିଁ ଅଛନ୍ତି । କାମିନୀ-କାଞ୍ଚନ ତ୍ୟାଗ ! ଏ କଅଣ ମୋର କାମ ! ସ୍ତ୍ରୀ-ସମ୍ଭୋଗ ସ୍ୱପ୍ନରେ ମଧ୍ୟ ହେଲା ନାହିଁ !

''ଲଙ୍ଗୁଳି (ତୋତାପୁରୀ) ବେଦାନ୍ତର ଉପଦେଶ ଦେଲେ । ତିନି ଦିନରେ ସମାଧି । ମାଧବୀଲତା ତଳେ ଏପରି ସମାଧି ଅବସ୍ଥା ଦେଖି ସେ ହତବୁଦ୍ଧି ହୋଇ କହିଲେ, 'ଆରେ ଏ କ୍ୟାରେ !' ପରେ ସେ ବୁଝିପାରିଲେ—ଏହା ଭିତରେ କିଏ ଅଛି । ସେତେବେଳେ ମୋତେ କହିଲେ, 'ତୁମେ ମୋତେ ଛାଡ଼ିଦିଅ ।' ସେକଥା ଶୁଣି ମୋର ଭାବାବସ୍ଥା ହୋଇଗଲା—ମୁଁ ସେହି ଅବସ୍ଥାରେ କହିଲି, 'ବେଦାନ୍ତ ବୋଧ ନ ହେଲେ ତୁମେ ଯାଇ ପାରିବ ନାହିଁ ।'

''ସେତେବେଳେ ରାତିଦିନ ତାଙ୍କରି ପାଖରେ । କେବଳ ବେଦାନ୍ତ ! ବ୍ରାହ୍ମଣୀ କହୁଥିଲେ, ''ବାବା, ବେଦାନ୍ତ ଶୁଣ ନାହିଁ ।—ସେଥିରେ ଭକ୍ତିର ହାନି ହେବ ।''

''ମାଆଙ୍କୁ ଯାଇ କହିଲି, 'ମା ଏ ଦେହ କିପରି ରକ୍ଷା ହେବ, ଆଉ ସାଧୁ ଭକ୍ତ ନେଇ କିପରି ରହିବି !— ଜଣେ ବଡ଼ ଲୋକ ଜୁଟାଇ ଦିଅ ! ସେଥିପାଇଁ ମଥୁରବାବୁ ଚଉଦ ବର୍ଷ ଧରି ସେବା କଲେ ।

''ଏହା ଭିତରେ ଯେ ଅଛନ୍ତି, ସେ ଆଗରୁ ଜଣାଇ ଦିଅନ୍ତି, କେଉଁ ଶ୍ରେଣୀର ଭକ୍ତ ଆସିବେ । ଯେତେବେଳେ ଦେଖେ ଗୌରାଙ୍ଗ ରୂପ, ସଙ୍ଗେ ସଙ୍ଗେ ବୁଝିପାରେ ଗୌରଭକ୍ତ ଆସୁଛନ୍ତି । ଯଦି ଶାକ୍ତ ଆସିବେ, ତାହାହେଲେ ଶକ୍ତିରୂପ—କାଳୀରୂପ—ଦର୍ଶନ ହେଉଥିଲା ।

''କୋଠି ଘର ଛାତ ଉପରୁ ଆଳତି ବେଳେ ଚିତ୍କାର କରୁଥିଲି, 'ଆରେ ତୁମେ ସବୁ କିଏ କେଉଁଠି ଅଛ ଆସରେ ।' ଦେଖୁଛ, ଏବେ ସମସ୍ତେ କ୍ରମେ କ୍ରମେ ଆସି ଜୁଟୁଛନ୍ତି ।

''ଏହା ଭିତରେ ସେ ନିଜେ ରହିଛନ୍ତି—ଯେପରି ନିଜେ ଏହିସବୁ ଭକ୍ତମାନଙ୍କୁ ନେଇ କାର୍ଯ୍ୟ କରୁଛନ୍ତି ।

''ଜଣେ ଜଣେ ଭକ୍ତଙ୍କର ଅଦ୍ଭୁତ ଅବସ୍ଥା ! ଛୋଟ ନରେନ୍—ଛାଏଁ ଛାଏଁ ତାର କୁମ୍ଭକ ହୁଏ ! ପୁଣି ସମାଧି ! ଥରେ ଥରେ କେତେବେଳେ ଅଢ଼େଇ ଘଣ୍ଟା ! କେତେବେଳେ ଆହୁରି ବେଶୀ । କି ଆଶ୍ଚର୍ଯ୍ୟ !

''ସବୁ ପ୍ରକାର ସାଧନ ଏଠାରେ ହୋଇଯାଇଛି- ଜ୍ଞାନଯୋଗ, ଭକ୍ତିଯୋଗ, କର୍ମଯୋଗ । ହଠଯୋଗ ପର୍ଯ୍ୟନ୍ତ-ଆୟୁ ବଢ଼ାଇବା ପାଇଁ । ଏହା ଭିତରେ ଜଣେ ଅଛି । ତାହା ନ ହେଲେ ସମାଧି ପରେ ଭକ୍ତି ଭକ୍ତ ନେଇ କିପରି ଅଛି ! କୋୟାର ସିଂ କହୁଥିଲା, 'ସମାଧି ପରେ ଫେରି ଆସିବା ଲୋକ କେବେହେଲେ ଦେଖି ନାହିଁ ।—ତୁମେ ହିଁ ନାନକ ।'

## ପୂର୍ବକଥା—କେଶବ, ପ୍ରତାପ ଓ କୁକ୍‌ଙ୍କ ସଙ୍ଗରେ ଜାହାଜରେ, ୧୮୮୧

ଚାରିପଟେ ସଂସାରୀ ଲୋକ—ଚାରିପଟେ କାମିନୀ-କାଞ୍ଚନ—ଏହା ଭିତରେ ରହି ଏପରି ଅବସ୍ଥା !—ସମାଧି, ଭାବ ଲାଗି ରହିଛି । ସେଥିପାଇଁ ପ୍ରତାପ (ବ୍ରାହ୍ମସମାଜର ଶ୍ରୀପ୍ରତାପଚନ୍ଦ୍ର ମଜୁମଦାର)—କୁକ୍ ସାହେବ ଯେତେବେଳେ ଆସିଥିଲେ—ଜାହାଜରେ ମୋର ଅବସ୍ଥା (ସମାଧି ଅବସ୍ଥା) ଦେଖି କହିଲେ, 'ବାବାରେ ! ଯେପରି ଭୂତ ଲାଗି ରହିଛି !'

ରାଖାଲ, ମାଷ୍ଟର ପ୍ରଭୃତି ଅବାକ୍ ହୋଇ ଠାକୁର ଶ୍ରୀରାମକୃଷ୍ଣଙ୍କର ଶ୍ରୀମୁଖରୁ ଏହି ସମସ୍ତ ଆଶ୍ଚର୍ଯ୍ୟ କଥା ଶୁଣୁଛନ୍ତି ।

ମହିମାଚରଣ କଅଣ ଠାକୁରଙ୍କର ଇଙ୍ଗିତ ବୁଝିଲେ ? ଏହି ସମସ୍ତ କଥା ଶୁଣି ମଧ୍ୟ ସେ କହୁଛନ୍ତି, ''ଆଜ୍ଞା, ଆପଣଙ୍କର ପ୍ରାରବ୍ଧବଶତଃ ଏପରି ସବୁ ହୋଇଛି ।'' ତାଙ୍କ ମନର ଭାବ—ଠାକୁର ଜଣେ ସାଧୁ ବା ଭକ୍ତ । ଠାକୁର ତାଙ୍କ କଥାରେ ସହମତ ହୋଇ କହୁଛନ୍ତି, ''ହଁ, ପୂର୍ବର ସଂସ୍କାର ! ଯେପରି ବାବୁଙ୍କର ବହୁତ ଘର ଅଛି—ଏଠାରେ ବି ଗୋଟିଏ ବୈଠକଖାନା । ଭକ୍ତ ତାଙ୍କର ବୈଠକଖାନା ।''

## (୪)

## ମହିମାଚରଣଙ୍କର ବ୍ରହ୍ମଚକ୍ର । ପୂର୍ବକଥା—ତୋତାପୁରୀଙ୍କ ଉପଦେଶ

### [ସ୍ୱପ୍ନରେ ଦର୍ଶନ କଅଣ କମ୍ ? ନରେନ୍ଦ୍ରଙ୍କର ଈଶ୍ୱରୀୟ ରୂପ ଦର୍ଶନ]

ରାତି ନଅଟା ହେଲା । ଠାକୁର ଛୋଟ ଖଟଟି ଉପରେ ବସିଛନ୍ତି । ମହିମାଚରଣଙ୍କ ଇଚ୍ଛା— ଘର ଭିତରେ ଠାକୁର ରହିବେ— ବ୍ରହ୍ମଚକ୍ର ରଚନା କରିବେ । ସେ ରାଖାଲ, ମାଷ୍ଟର କିଶୋରୀ ଓ ଆଉ ଜଣେ ଦୁଇଜଣ ଭକ୍ତଙ୍କୁ ନେଇ ତଳେ ଚକ୍ର କଲେ । ସମସ୍ତଙ୍କୁ ଧ୍ୟାନ କରିବାକୁ କହିଲେ । ରାଖାଲଙ୍କର ଭାବାବସ୍ଥା ହୋଇଛି । ଠାକୁର ଓହ୍ଲାଇ ଆସି ତାଙ୍କ ଛାତିରେ ହାତ ଦେଇ ମାଆଙ୍କର ନାମ ଜପିବାକୁ ଲାଗିଲେ । ରାଖାଲଙ୍କର ଭାବ ସମ୍ବରଣ ହେଲା ।

ରାତି ଗୋଟାଏ ହେବ । ଆଜି କୃଷ୍ଣପକ୍ଷର ଚତୁର୍ଦ୍ଦଶୀ ତିଥି । ଚତୁର୍ଦ୍ଦିଗ ଘୋର ଅନ୍ଧକାର । ଜଣେ ଦୁଇଜଣ ଭକ୍ତ ଗଙ୍ଗାନଦୀ ତୀରରେ ଏକାକୀ ଭ୍ରମଣ କରୁଛନ୍ତି । ଠାକୁର ଶ୍ରୀରାମକୃଷ୍ଣ ଉଠିଛନ୍ତି । ସେ ବାହାରକୁ ଆସି ଭକ୍ତମାନଙ୍କୁ କହୁଛନ୍ତି, ''ଲଙ୍ଗ୍‌ଳି (ତୋତାପୁରୀ) କହୁଥିଲେ, 'ଏହି ସମୟରେ—ଏହି ଗଭୀର ରାତିରେ—**ଅନାହତ ଶବ୍ଦ ଶୁଣାଯାଏ**' !''

ଶେଷ ରାତିରେ ମହିମାଚରଣ ଓ ମାଷ୍ଟର ଠାକୁରଙ୍କ ଘରେ ତଳେ ଶୋଇଛନ୍ତି । ରାଖାଲ କ୍ୟାମ୍ପ୍ ଖଟରେ ଶୋଇଛନ୍ତି ।

ଠାକୁର ପାଞ୍ଚ ବର୍ଷର ପିଲା ପରି ଦିଗମ୍ବର ହୋଇ ମଝିରେ ମଝିରେ ଘର ଭିତରେ ପଦଚାରଣ କରୁଛନ୍ତି ।

ପ୍ରତ୍ୟୁଷ ହେଲା । ଠାକୁର ମାଆଙ୍କର ନାମ ଗାନ କରୁଛନ୍ତି । ପଶ୍ଚିମ ବାରଣ୍ଡାକୁ ଯାଇ ଗଙ୍ଗା ଦର୍ଶନ କଲେ । ଘର ଭିତରେ ଯେତେ ଦେବଦେବୀଙ୍କର ଛବି ଥିଲା, ସେମାନଙ୍କ ପାଖକୁ ଯାଇ ନମସ୍କାର କଲେ । ଭକ୍ତମାନେ ଶଯ୍ୟାରୁ ଉଠି ପ୍ରଣାମାଦି ସାରି ପ୍ରାତଃକୃତ୍ୟ କରିବାକୁ ଗଲେ ।

ଠାକୁର ପଞ୍ଚବଟୀରେ ଜଣେ ଭକ୍ତଙ୍କ ସଙ୍ଗରେ କଥା କହୁଛନ୍ତି । ସେ ସ୍ୱପ୍ନରେ ଚୈତନ୍ୟଦେବଙ୍କୁ ଦର୍ଶନ କରିଥିଲେ ।

ଶ୍ରୀରାମକୃଷ୍ଣ (ଭାବାବିଷ୍ଟ ହୋଇ)—ଆହା ! ଆହା !

ଭକ୍ତ—ଆଜ୍ଞା, ସେ ତ ସ୍ୱପ୍ନରେ ।

ଶ୍ରୀରାମକୃଷ୍ଣ—ସ୍ୱପ୍ନ କଅଣ କମ୍ !

ଠାକୁରଙ୍କ ଆଖିରେ ଲୁହ । ଗଦ୍‌ଗଦ ସ୍ୱର ।

ଜଣେ ଭକ୍ତର ଜାଗରଣ ଅବସ୍ଥାରେ ଦର୍ଶନ କଥା ଶୁଣି କହୁଛନ୍ତି—"ସେଥିରେ ଆଶ୍ଚର୍ଯ୍ୟ ଆଉ କଅଣ ! ଆଜି କାଲି ନରେନ୍ଦ୍ର ମଧ୍ୟ ଈଶ୍ୱରୀୟ ରୂପ ଦେଖେ ।"

ମହିମାଚରଣ ପ୍ରାତଃକୃତ୍ୟ ସମାପନ କରି, ବେଢ଼ା ଭିତରେ ଅଗଣାର ପଶ୍ଚିମପଟ ଶିବମନ୍ଦିରକୁ ଯାଇ ନିର୍ଜନରେ ବେଦମନ୍ତ୍ର ଉଚ୍ଚାରଣ କରୁଛନ୍ତି ।

ସକାଳ ଆଠଟା । ମଣି ଗଙ୍ଗାସ୍ନାନ ସାରି ଠାକୁରଙ୍କ ପାଖକୁ ଆସିଲେ । ଶୋକାତୁରା ବ୍ରାହ୍ମଣୀ ମଧ୍ୟ ଦର୍ଶନ କରିବାକୁ ଆସିଛନ୍ତି ।

ଶ୍ରୀରାମକୃଷ୍ଣ (ବ୍ରାହ୍ମଣୀଙ୍କ ପ୍ରତି)—ଏହାଙ୍କୁ କିଛି ପ୍ରସାଦ ଖାଇବାକୁ ଦିଅ ତ; ଲୁଚି ଆଦି ପ୍ରସାଦ ଥାକ ଉପରେ ଅଛି ।

ବ୍ରାହ୍ମଣୀ—ଆପଣ ଆଗେ ଖାଆନ୍ତୁ । ତାପରେ ସେ ପ୍ରସାଦ ପାଇବେ ।

ଶ୍ରୀରାମକୃଷ୍ଣ—ତୁମେ ଆଗେ ଜଗନ୍ନାଥଙ୍କର ନିର୍ମାଲ୍ୟ ପାଅ, ତା'ପରେ ପ୍ରସାଦ ।

ପ୍ରସାଦ ପାଇ ମଣି ଶିବମନ୍ଦିରରେ ଶିବଙ୍କୁ ଦର୍ଶନ କରି ଠାକୁରଙ୍କ ପାଖକୁ ଫେରି ଆସିଲେ ଓ ପ୍ରଣାମ କରି ବିଦାୟ ଗ୍ରହଣ କରୁଛନ୍ତି ।

ଶ୍ରୀରାମକୃଷ୍ଣ (ସ୍ନେହରେ)—ତୁମେ ଯାଅ । ତୁମକୁ କାମରେ ଯୋଗ ଦେବାକୁ ହେବ ।

❖ ❖ ❖

# ଊନବିଂଶ ପରିଚ୍ଛେଦ

## ( ୧ )

## ମୌନାବଲମ୍ବୀ ଶ୍ରୀରାମକୃଷ୍ଣ ଓ ମାୟାଦର୍ଶନ

ଠାକୁର ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ସକାଳ ୮ଟାରୁ ଦିନ ୩ଟା ପର୍ଯ୍ୟନ୍ତ ମୌନ ଅବଲମ୍ବନ କରି ରହିଛନ୍ତି । ଆଜି ମଙ୍ଗଳବାର, ୧୧ ଅଗଷ୍ଟ, ୧୮୮୫ ଖ୍ରୀଃ, ୨୭ ଦିନ ଶ୍ରାବଣ, ଗତକାଲି ସୋମବାର ଅମାବାସ୍ୟା ଯାଇଛି ।

ଶ୍ରୀରାମକୃଷ୍ଣଙ୍କର ଗଳରୋଗ ଆରମ୍ଭ ହୋଇଛି । ସେ କଅଣ ଜାଣିପାରିଛନ୍ତି ଯେ ଶୀଘ୍ର ସେ ଇହଲୋକ ପରିତ୍ୟାଗ କରିବେ ? ଜଗନ୍ମାତାଙ୍କ କ୍ରୋଡ଼ରେ ପୁଣି ଯାଇ ବସିବେ ? ସେଥିପାଇଁ କଅଣ ମୌନାବଲମ୍ବନ କରି ରହିଛନ୍ତି ? ସେ କଥା କହୁନାହାନ୍ତି ଦେଖି ଶ୍ରୀଶ୍ରୀମା କାନ୍ଦୁଛନ୍ତି । ରାଖାଲ ଓ ଲାଟୁ କାନ୍ଦୁଛନ୍ତି । ବାଗବଜାରର ବ୍ରାହ୍ମଣୀ ମଧ୍ୟ ଏହି ସମୟରେ ଆସିଥିଲେ, ସେ ମଧ୍ୟ କାନ୍ଦୁଛନ୍ତି । ଭକ୍ତମାନେ ମଝିରେ ମଝିରେ ପଚାରୁଛନ୍ତି, ଆପଣ କଅଣ ପୂରାପୂରି ଚୁପ୍ ହୋଇ ରହିବେ ?

ଶ୍ରୀରାମକୃଷ୍ଣ ଇଙ୍ଗିତ କରି କହୁଛନ୍ତି, 'ନା' ।

ନାରାୟଣ ଆସିଛନ୍ତି । ଅପରାହ୍ନ ତିନିଟା ବେଳେ ଠାକୁର ନାରାୟଣଙ୍କୁ କହୁଛନ୍ତି, "ମା ତୋର ଭଲ କରିବେ ।"

ନାରାୟଣ ଆନନ୍ଦରେ ଭକ୍ତମାନଙ୍କୁ ସମ୍ବାଦ ଦେଲେ, 'ଠାକୁର ଏବେ କଥା କହିଛନ୍ତି ।' ରାଖାଲ ପ୍ରଭୃତି ଭକ୍ତଙ୍କ ଛାତିରୁ ଯେପରି ଖଣ୍ଡେ ପଥର ଖସିଗଲା । ସେମାନେ ସମସ୍ତେ ଠାକୁରଙ୍କ ପାଖରେ ଆସି ବସିଲେ ।

ଶ୍ରୀରାମକୃଷ୍ଣ (ରାଖାଲ ପ୍ରଭୃତି ଭକ୍ତମାନଙ୍କ ପ୍ରତି)—'ମା' ଦେଖାଇଦେଉଥିଲେ ଯେ, ସବୁ ହିଁ ମାୟା ! ସେ ହିଁ ସତ୍ୟ, ଆଉ ଯାହା କିଛି ସବୁ ମାୟାର ଐଶ୍ୱର୍ଯ୍ୟ ।

ଆଉ ଗୋଟିଏ କଥା ଦେଖିଲି, ଭକ୍ତମାନଙ୍କର କାହାର କେତେ ଦୂର ହୋଇଛି ।"

ନାରାୟଣ ପ୍ରଭୃତି ଭକ୍ତଗଣ—ଆଚ୍ଛା, କାହାର କେତେ ଦୂର ହୋଇଛି ?

ଶ୍ରୀରାମକୃଷ୍ଣ—ଏମାନଙ୍କୁ ସବୁ ଦେଖିଲି—ନିତ୍ୟଗୋପାଳ, ରାଖାଲ, ନାରାୟଣ, ପୂର୍ଣ୍ଣ, ମହିମା ଚକ୍ରବର୍ତ୍ତୀ ପ୍ରଭୃତି ।

## (୨)

## ଶ୍ରୀରାମକୃଷ୍ଣ, ଗିରିଶ, ଶଶଧର ପଣ୍ଡିତ ପ୍ରଭୃତି ଭକ୍ତମାନଙ୍କ ଗହଣରେ

ଠାକୁରଙ୍କ ଅସୁସ୍ଥତାର ସମ୍ବାଦ କଲିକତାର ଭକ୍ତମାନେ ଜାଣିପାରିଲେ । ଗଳାରେ ରୋଗ ହୋଇଛି ବୋଲି ସମସ୍ତେ କହୁଛନ୍ତି ।

ରବିବାର, ୧୬ ଅଗଷ୍ଟ, ଭାଦ୍ର ୧ମ ଦିନ, ଅନେକ ଭକ୍ତ ତାଙ୍କୁ ଦର୍ଶନ କରିବାକୁ ଆସିଛନ୍ତି—ଗିରିଶ, ରାମ, ନିତ୍ୟଗୋପାଳ, ମହିମା ଚକ୍ରବର୍ତ୍ତୀ, କିଶୋରୀ (ଗୁପ୍ତ), ପଣ୍ଡିତ ଶଶଧର ତର୍କଚୂଡ଼ାମଣି ପ୍ରଭୃତି ।

ଠାକୁର ପୂର୍ବପରି ଆନନ୍ଦମୟ, ଭକ୍ତମାନଙ୍କ ସଙ୍ଗରେ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ- ରୋଗ କଥା ମାଆଙ୍କୁ କହିପାରେ ନାହିଁ । କହିବାକୁ ଲାଜ ମାଡ଼େ ।

ଗିରିଶ- ନାରାୟଣ ଭଲ କରିଦେବେ ।

ରାମ- ଭଲ ହୋଇଯିବ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ହଁ, ଏହି ଆଶୀର୍ବାଦ କର । (ସମସ୍ତଙ୍କର ହସ)

ଗିରିଶ ନୂଆ ନୂଆ ଆସୁଛନ୍ତି । ଠାକୁର ତାଙ୍କୁ କହୁଛନ୍ତି, ''ତୁମକୁ ନାନା ଅଡୁଆ ଭିତରେ ରହିବାକୁ ହୁଏ, ବହୁତ କାମ; ତୁମେ ଆଉ ତିନିଥର ଆସ ।'' ଏଥର ଶଶଧରଙ୍କ ସହିତ କଥା କହୁଛନ୍ତି ।

## ଶଶଧର ପଣ୍ଡିତଙ୍କୁ ଉପଦେଶ—ବ୍ରହ୍ମ ଓ ଆଦ୍ୟାଶକ୍ତି ଅଭେଦ

ଶ୍ରୀରାମକୃଷ୍ଣ (ଶଶଧରଙ୍କ ପ୍ରତି)—ତୁମେ ଆଦ୍ୟାଶକ୍ତିଙ୍କ ବିଷୟରେ କିଛି କହ ।

ଶଶଧର—ମୁଁ କଅଣ ଜାଣେ !

ଶ୍ରୀରାମକୃଷ୍ଣ (ସହାସ୍ୟ)—ଜଣେ ଲୋକ ଆଉ ଜଣଙ୍କୁ ଭାରୀ ଭକ୍ତି କରନ୍ତି । ସେହି ଭକ୍ତକୁ ଉକ୍ତ ବ୍ୟକ୍ତି ହୁକ୍କା ପାଇଁ ନିଆଁ ଆଣିବାକୁ କହିଲେ; ଭକ୍ତଟି କହିଲା, ମୁଁ କଅଣ ଆପଣଙ୍କ ପାଇଁ ନିଆଁ ଆଣିବାକୁ ଯୋଗ୍ୟ ? ଆଉ ନିଆଁ ବି ଆଣିଲା ନାହିଁ । (ସମସ୍ତଙ୍କର ହସ) ।

ଶଶଧର—ଆଜ୍ଞା, କେବଳ ସେ ହିଁ ନିମିତ୍ତ କାରଣ, ସେ ମଧ୍ୟ ଉପାଦାନ କାରଣ । ସେ ହିଁ ଜୀବଜଗତ୍ ସୃଷ୍ଟି କରିଛନ୍ତି, ପୁଣି ସେ ହିଁ ଜୀବଜଗତ୍ ହୋଇ ରହିଛନ୍ତି; ଯେପରି ବୁଢ଼ିଆଣୀ ନିଜେ ଜାଲ ତିଆରି କରେ (ନିମିତ୍ତ କାରଣ) ଏବଂ ସେହି ଜାଲ ନିଜ ଭିତରୁ ହିଁ ବାହାର କରେ । (ଉପାଦାନ କାରଣ)

ଶ୍ରୀରାମକୃଷ୍ଣ—ଆଉ ଅଛି, ଯେ ପୁରୁଷ ସେ ହିଁ ପ୍ରକୃତି, ଯେ ବ୍ରହ୍ମ ସେ ହିଁ ଶକ୍ତି । ଯେତେବେଳେ ନିଷ୍କ୍ରିୟ, ସୃଷ୍ଟି ଓ ସ୍ଥିତି ପ୍ରଳୟ କରୁ ନାହାନ୍ତି, ସେତେବେଳେ ତାଙ୍କୁ ବ୍ରହ୍ମ କୁହାଯାଏ, ପୁରୁଷ କୁହାଯାଏ ଏବଂ ଯେତେବେଳେ ଏହି ସବୁ କାର୍ଯ୍ୟ କରନ୍ତି, ସେତେବେଳେ ତାଙ୍କୁ ଶକ୍ତି କୁହାଯାଏ, ପ୍ରକୃତି କୁହାଯାଏ । କିନ୍ତୁ ଯେ ବ୍ରହ୍ମ ସେ ହିଁ ଶକ୍ତି, ଯେ ପୁରୁଷ ସେ ହିଁ ପ୍ରକୃତି ହୋଇ ରହିଛନ୍ତି । ପାଣି ସ୍ଥିର ଥିଲେ ବି ପାଣି ଆଉ ଢେଉ ଖେଳୁଥିଲେ ବି ପାଣି । ସାପ ଅଙ୍କେଇ ବଙ୍କେଇ ଚାଲିଲେ ବି ସାପ ପୁଣି ଚୁପ୍ କରି କୁଣ୍ଡଳି ପକାଇ ରହିଥିଲେ ବି ସାପ ।

## ଶ୍ରୀରାମକୃଷ୍ଣ ବ୍ରହ୍ମଜ୍ଞାନ କଥାରେ ସମାଧିସ୍ଥ—ଭୋଗ ଓ କର୍ମ

" ବ୍ରହ୍ମ କଅଣ ତାହା କଥାରେ କହିହୁଏ ନାହିଁ, ପାଟି ବନ୍ଦ ହୋଇଯାଏ । ନିତାଇ ମୋର ମତ୍ତ ହାତୀ । ନିତାଇ ମୋର ମତ୍ତ ହାତୀ । ଏହି କଥା କହୁ କହୁ ଶେଷରେ ଆଉ କିଛି କହିପାରେ ନାହିଁ; କେବଳ କହେ 'ହାତୀ' ! ପୁଣି 'ହାତୀ' 'ହାତୀ' କହୁ କହୁ 'ହା' ! ଶେଷରେ ତାହା ମଧ୍ୟ କହିପାରେ ନାହିଁ, ବାହ୍ୟଜ୍ଞାନଶୂନ୍ୟ ।"

ଏହି କଥା କହୁ କହୁ ଠାକୁର ସମାଧିସ୍ଥ । ଠିଆ ଅବସ୍ଥାରେ ସମାଧିସ୍ଥ ।

ସମାଧିଭଙ୍ଗର କିଛି ସମୟ ପରେ କହୁଛନ୍ତି—'କ୍ଷର'-'ଅକ୍ଷର' ପରେ କଅଣ ଅଛି କଥାରେ କହିହୁଏ ନାହିଁ ।

ସମସ୍ତେ ନୀରବ ହୋଇ ଅଛନ୍ତି; ଠାକୁର ପୁଣି କହୁଛନ୍ତି, "ଯେପର୍ଯ୍ୟନ୍ତ କିଛି ଭୋଗ ବାକି ଥାଏ, କିମ୍ବା କର୍ମ ବାକି ଥାଏ, ସେପର୍ଯ୍ୟନ୍ତ ସମାଧି ହୁଏ ନାହିଁ ।*

(ଶଶଧରଙ୍କ ପ୍ରତି)—ଈଶ୍ୱର ଏବେ ତୁମ ଦ୍ୱାରା କର୍ମ କରାଉଛନ୍ତି, ଲେକ୍‌ଚର ଦେବା ଇତ୍ୟାଦି; ଏବେ ତୁମକୁ ଏସବୁ କରିବାକୁ ହେବ ।

କର୍ମ ଟିକକ ଶେଷ ହୋଇଗଲେ ଗଲା । ଗୃହିଣୀ ଘରର କାମଦାମ ସବୁ ସାରି ଗାଧୋଇବାକୁ ବାହାରି ଗଲେ ଯେତେ ଡାକିଲେ ବି ସେ ଆଉ ଫେରେ ନାହିଁ ।"

### ( ୩ )

## ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ରାଖାଲ, ମାଷ୍ଟର, ପଣ୍ଡିତ ଶ୍ୟାମାପଦ ପ୍ରଭୃତି ଭକ୍ତମାନଙ୍କ ଗହଣରେ

### [ସମାଧି ମନ୍ଦିରରେ—ପଣ୍ଡିତ ଶ୍ୟାମାପଦଙ୍କ ପ୍ରତି କୃପା]

ଶ୍ରୀରାମକୃଷ୍ଣ ଜଣେ ଦୁଇଜଣ ଭକ୍ତଙ୍କ ସହିତ ଘରେ ବସିଛନ୍ତି । ଅପରାହ୍ଣ ପାଞ୍ଚଟା, ଗୁରୁବାର, ଭାଦ୍ର ୧୨ ଦିନ, ଶ୍ରାବଣ କୃଷ୍ଣା ଦ୍ୱିତୀୟା, ୨୭ ଅଗଷ୍ଟ ୧୮୮୫ ।

ଠାକୁରଙ୍କର ଗଳାରୋଗ ଦେଖା ଦେଇଛି । ତଥାପି ଭକ୍ତମାନେ କେହି ଆସିଲେ ଦେହର ଅସୁସ୍ଥତା ଭୁଲି ଯାଉଛନ୍ତି । ହୁଏତ ସାରାଦିନ ସେମାନଙ୍କ ସହିତ କଥା କହୁଛନ୍ତି —ବେଳେବେଳେ ଗୀତ ମଧ୍ୟ ଗାଉଛନ୍ତି ।

ଶ୍ରୀଯୁକ୍ତ ମଧୁ ଡାକ୍ତର ପ୍ରାୟ ଡଙ୍ଗା କରି ଆସନ୍ତି—ଠାକୁରଙ୍କ ଚିକିତ୍ସା ପାଇଁ । ଭକ୍ତମାନେ ଅତ୍ୟନ୍ତ ଚିନ୍ତିତ ହୋଇ ପଡ଼ିଛନ୍ତି । ସେମାନଙ୍କର ଇଚ୍ଛା, ମଧୁ ଡାକ୍ତର ଯେପରି ପ୍ରତ୍ୟହ ଆସି ଦେଖନ୍ତି । ମାଷ୍ଟର ଠାକୁରଙ୍କୁ କହୁଛନ୍ତି, 'ଏ ଅଭିଜ୍ଞ ଲୋକ, ଏ ପ୍ରତିଦିନ ଦେଖିଲେ ଭଲ ହୁଅନ୍ତା ।'

---

* ଭୋଗୈଶ୍ୱର୍ଯ୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ ।
ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ॥ ଗୀତା, ୨। ୪୪

ପଣ୍ଡିତ ଶ୍ୟାମାପଦ ଭଟ୍ଟାଚାର୍ଯ୍ୟ ଆସି ଠାକୁରଙ୍କୁ ଦର୍ଶନ କଲେ । ଆଣ୍ଟପୁର ଗ୍ରାମରେ ଏହାଙ୍କ ନିବାସ । ସନ୍ଧ୍ୟା ଆଗତ ପ୍ରାୟ ଦେଖି ପଣ୍ଡିତେ 'ସନ୍ଧ୍ୟା କରିବାକୁ ଯାଉଛି' କହି ଗଙ୍ଗାକୂଳ ଚାନ୍ଦିନୀ ଘାଟକୁ ଗଲେ ।

ସନ୍ଧ୍ୟା କରୁ କରୁ ପଣ୍ଡିତଙ୍କର ଅଦ୍ଭୁତ କଅଣ ଦର୍ଶନ ହେଲା । ସନ୍ଧ୍ୟା ସାରି ଠାକୁରଙ୍କ ଘରକୁ ଆସି ତଳେ ବସିଲେ । ଠାକୁର ମାଆଙ୍କର ନାମ ଓ ଚିନ୍ତା କରିବା ପରେ ନିଜ ଆସନରେ ବସିଛନ୍ତି । ପାପୋଛ ଉପରେ ମାଷ୍ଟର । ରାଖାଲ, ଲାଟୁ ପ୍ରଭୃତି ଘରେ ଯାତାୟାତ କରୁଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି, ପଣ୍ଡିତଙ୍କୁ ଦେଖାଇ)—ଏ ଜଣେ ବେଶ୍ ଲୋକ । (ପଣ୍ଡିତଙ୍କ ପ୍ରତି)'ନେତି' 'ନେତି' କରି ଯେଉଁଠାରେ ମନର ଶାନ୍ତି ହୁଏ, ସେହିଠାରେ ହିଁ ସେ ।

## ଈଶ୍ୱରଦର୍ଶନର ଲକ୍ଷଣ ଓ ପଣ୍ଡିତ ଶ୍ୟାମାପଦ— 'ସମାଧି ଅବସ୍ଥାରେ'

ସାତଟା ଦ୍ୱାର ପରେ ରାଜା ରହିଛନ୍ତି । ପ୍ରଥମ ଦ୍ୱାର ଡେଇଁ ଦେଖେ ଯେ, ଜଣେ ଐଶ୍ୱର୍ଯ୍ୟବାନ୍ ପୁରୁଷ ବହୁ ଲୋକବାକ ନେଇ ବସିଛନ୍ତି, ଖୁବ୍ ଜାକଜମକ ! ଯିଏ ରାଜାଙ୍କୁ ଦେଖିବାକୁ ଯାଇଛି, ସେ ସଙ୍ଗୀକୁ ପଚାରିଲା 'ଇଏ କଅଣ ରାଜା ?' ସଙ୍ଗୀ ସାମାନ୍ୟ ହସି କହିଲା, 'ନା ।'

''ଦ୍ୱିତୀୟ ଦ୍ୱାର ଓ ଅନ୍ୟାନ୍ୟ ଦ୍ୱାର ପାଖରେ ମଧ୍ୟ ଏହିପରି କହିଲା । ଦେଖେ, ଯେତେ ଆଗେଇ ଯାଏ, ସେତେ ବେଶୀ ବେଶୀ ଐଶ୍ୱର୍ଯ୍ୟ ଆଉ ଜାକଜମକ ! ସାତ ଦ୍ୱାର ପାର ହୋଇ ଯେତେବେଳେ ଦେଖିଲା, ସେତେବେଳେ ଆଉ ସଙ୍ଗୀକୁ ପଚାରିଲା ନାହିଁ ! — ରାଜାଙ୍କର ଅତୁଳ ଐଶ୍ୱର୍ଯ୍ୟ ଦର୍ଶନ କରି ଅବାକ୍ ହୋଇ ଠିଆ ହେଲା !— ବୁଝିଲା ଏ ରାଜା —ଏ ବିଷୟରେ ଆଉ କୌଣସି ସନ୍ଦେହ ନାହିଁ !''

## ଈଶ୍ୱର, ମାୟା, ଜୀବଜଗତ୍—ଅଧ୍ୟାତ୍ମରାମାୟଣ—ଯାମଳାର୍ଜ୍ଜୁନର ସ୍ତବ

ପଣ୍ଡିତ—ମାୟାର ରାଜ୍ୟ ଛାଡ଼ି ଗଲେ ତାଙ୍କୁ ଦେଖା ମିଳେ ।

ଶ୍ରୀରାମକୃଷ୍ଣ— ତାଙ୍କର ସାକ୍ଷାତ୍କାର ପରେ ପୁଣି ଦେଖେ, ସେ ହିଁ ଏହି ସବୁ ଜୀବଜଗତ୍ ହୋଇଛନ୍ତି ! ଯେତେବେଳେ 'ନେତି' 'ନେତି' ବିଚାର କରେ, ସେତେବେଳେ ଏ ସଂସାର 'ଧୋକାର ଟାଟୀ', ସ୍ୱପ୍ନବତ୍ ବୋଧହୁଏ । ତାଙ୍କର ଦର୍ଶନ ପରେ ପୁଣି 'ଏ ସଂସାର ମଜାର କୋଠୀ !'

'' କେବଳ ଶାସ୍ତ୍ର ପଢ଼ିଲେ କଅଣ ହେବ ? ପଣ୍ଡିତମାନେ କେବଳ ବିଚାର କରନ୍ତି ।''

ପଣ୍ଡିତ— ମୋତେ କେହି ପଣ୍ଡିତ କହିଲେ ମୋର ଘୃଣା ହୁଏ ।

ଶ୍ରୀରାମକୃଷ୍ଣ—ଏଇଟି ତାଙ୍କର କୃପା ! ପଣ୍ଡିତମାନେ କେବଳ ବିଚାର କରନ୍ତି । କିନ୍ତୁ କେହି ଦୁଧ ଶୁଣିଛି, କେହି ଦୁଧ ଦେଖିଛି । ସାକ୍ଷାତ୍‌କାର ପରେ ସବୁ ନାରାୟଣ ଦେଖିବ—**ନାରାୟଣ ହିଁ ସବୁ ହୋଇଛନ୍ତି ।**

ପଣ୍ଡିତ ନାରାୟଣଙ୍କର ସ୍ତବ ଶୁଣାଉଛନ୍ତି । ଠାକୁର ଆନନ୍ଦରେ ବିଭୋର ।

ପଣ୍ଡିତ—

ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।
ଈକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ॥

ଶ୍ରୀରାମକୃଷ୍ଣ—ଆପଣଙ୍କର ଅଧ୍ୟାତ୍ମ (ରାମାୟଣ) ଦେଖାଅଛି ?

ପଣ୍ଡିତ—ଆଜ୍ଞା ହଁ, ଟିକିଏ ଦେଖାଅଛି ।

ଶ୍ରୀରାମକୃଷ୍ଣ—ସେଥିରେ ଜ୍ଞାନ ଓ ଭକ୍ତି ପରିପୂର୍ଣ୍ଣ । ଶବରୀ ଉପାଖ୍ୟାନ, ଅହଲ୍ୟାଙ୍କର ସ୍ତବ, ସବୁ ଭକ୍ତିରେ ପରିପୂର୍ଣ୍ଣ !

''ତେବେ ଗୋଟିଏ କଥା ଅଛି । ସେ ବିଷୟବୁଦ୍ଧିରୁ ବହୁତ ଦୂରରେ ।''

ପଣ୍ଡିତ—ଯେଉଁଠାରେ ବିଷୟବୁଦ୍ଧି, ସେ 'ସୁଦୂରମ୍'—ଆଉ ଯେଉଁଠାରେ ତାହା ନାହିଁ, ସେଠାରେ ସେ 'ଅଦୂରମ୍' । ଉତ୍ତରପଡ଼ାର ଜଣେ ଜମିଦାର ମୁଖାର୍ଜୀଙ୍କୁ ଦେଖି ଆସିଲି—ବୟସ ହୋଇଛି—କେବଳ ନଭେଲର ଗଳ୍ପ ଶୁଣୁଛନ୍ତି ।

ଶ୍ରୀରାମକୃଷ୍ଣ—ଅଧ୍ୟାତ୍ମରେ ଆଉ ଗୋଟିଏ କଥା କୁହାଯାଇଛି ଯେ, ସେ ହିଁ ଜୀବ-ଜଗତ୍ ।

ପଣ୍ଡିତେ ଆନନ୍ଦିତ ହୋଇ ଯାମଳାର୍ଜ୍ଜୁନର ଏହି ଭାବର ସ୍ତବ ଶ୍ରୀମଦ୍‌ଭାଗବତର ଦଶମ ସ୍କନ୍ଧରୁ ଆବୃତ୍ତି କରୁଛନ୍ତି—

'କୃଷ୍ଣ କୃଷ୍ଣ ମହାଯୋଗିନ୍ ତ୍ୱମାଦ୍ୟଃ ପୁରୁଷଃ ପରଃ ।
ବ୍ୟକ୍ତାବ୍ୟକ୍ତମିଦଂ ବିଶ୍ୱଂ ରୂପଂ ତେ ବ୍ରହ୍ମଣୋ ବିଦୁଃ ।
ତ୍ୱମେକଃ ସର୍ବଭୂତାନଂ ଦେହସ୍ୱାତ୍ମେନ୍ଦ୍ରିୟେଶ୍ୱରଃ ।
ତ୍ୱମେବ କାଳୋ ଭଗବାନ ବିଷ୍ଣୁରବ୍ୟୟ ଈଶ୍ୱରଃ ॥
ତ୍ୱଂ ମହାନ୍ ପ୍ରକୃତି ସୂକ୍ଷ୍ମା ରଜଃସତ୍ତ୍ୱତମୋମୟୀ ।
ତ୍ୱମେବ ପୁରୁଷୋଽଧ୍ୟକ୍ଷଃ ସର୍ବକ୍ଷେତ୍ରବିଚାରବିତ୍ ॥

### ଶ୍ରୀରାମକୃଷ୍ଣ ସମାଧିସ୍ଥ—ଆନ୍ତରିକ ଧ୍ୟାନ ଜପ କଲେ ଆସିବାକୁ ହିଁ ହେବ

ଠାକୁର ସ୍ତବ ଶୁଣି ସମାଧିସ୍ଥ । ଠିଆ ହୋଇଛନ୍ତି । ପଣ୍ଡିତେ ବସିଛନ୍ତି । ପଣ୍ଡିତଙ୍କର କୋଳରେ ଓ ବକ୍ଷରେ ଗୋଟିଏ ପାଦ ରଖି ଠାକୁର ହସୁଛନ୍ତି ।

ପଣ୍ଡିତେ ଶ୍ରୀଚରଣକୁ ଧାରଣ କରି କହୁଛନ୍ତି, 'ଗୁରୋ ଚୈତନ୍ୟଂ ଦେହି !' ଠାକୁର ଛୋଟ ଖଟ ପାଖରେ ପୂର୍ବାଭିମୁଖ ହୋଇ ଠିଆ ହୋଇଛନ୍ତି ।

ପଣ୍ଡିତେ ଘରୁ ଚାଲିଗଲାରୁ ଠାକୁର ମାଷ୍ଟରଙ୍କୁ କହୁଛନ୍ତି—''ମୁଁ ଯାହା କହୁଛି ତାହା

ସତ ହେଉଛିନା ? **ଯେଉଁମାନେ ଆନ୍ତରିକ ଧ୍ୟାନ ଜପ କରିଛନ୍ତି, ସେମାନଙ୍କୁ ଏଠାକୁ ଆସିବାକୁ ହିଁ ହେବ ।''**

ରାତି ଦଶଟା ହେଲାଣି । ଠାକୁର ଟିକିଏ ସୁଜିକ୍ଷୀରି ଖାଇ ବିଶ୍ରାମ କରୁଛନ୍ତି । ମଣିଙ୍କୁ କହୁଛନ୍ତି, ''ପାଦରେ ଟିକିଏ ହାତ ବୁଲାଇ ଦିଅ ।''

ଟିକିଏ ପରେ ଦେହରେ ଓ ଛାତିରେ ହାତ ବୁଲାଇଦେବାକୁ କହୁଛନ୍ତି ।

ସାମାନ୍ୟ ନିଦ୍ରା ପରେ ମଣିଙ୍କୁ କହୁଛନ୍ତି, ''ତୁମେ ଯାଇ, ଶୁଅ—ଦେଖେ ଏକା ରହିଲେ ଯଦି ନିଦ ହୁଏ ।'' ଠାକୁର ରାମଲାଲଙ୍କୁ କହୁଛନ୍ତି, ''ଘର ଭିତରେ ଏ (ମଣି) ଆଉ ରାଖାଲ ଶୋଇଲେ ଚଳିବ ।''

## (୪)
## ଠାକୁର ଶ୍ରୀରାମକୃଷ୍ଣ ଓ ଯୀଶୁଖ୍ରୀଷ୍ଟ

ପ୍ରତ୍ୟୁଷ ହେଲା । ଠାକୁର ଉଠି କରି ମାଆଙ୍କ ଚିନ୍ତା କରୁଛନ୍ତି । ଅସୁସ୍ଥ ଥିବାରୁ ଭକ୍ତମାନେ ଶ୍ରୀମୁଖରୁ ସେହି ମଧୁର ନାମ ଶୁଣିବାକୁ ପାଇଲେ ନାହିଁ । ଠାକୁର ପ୍ରାତଃକୃତ୍ୟ ସମାପନ କରି ଘରେ ନିଜ ଆସନରେ ଆସି ବସିଛନ୍ତି । ମଣିଙ୍କୁ କହୁଛନ୍ତି, ''ଆଚ୍ଛା ରୋଗ କାହିଁକି ହେଲା ?''

ମଣି—ଆଜ୍ଞା, ମନୁଷ୍ୟ ପରି ସବୁ ନ ହେଲେ ଜୀବର ସାହସ ହେବ ନାହିଁ । ସେମାନେ ଦେଖୁଛନ୍ତି ଯେ, ଏହି ଦେହର ଏପରି ରୋଗ, ତଥାପି ଆପଣ ଈଶ୍ୱର ବ୍ୟତୀତ ଆଉ କିଛି ଜାଣନ୍ତି ନାହିଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ବଳରାମ ମଧ୍ୟ କହେ, 'ଆପଣଙ୍କର ତ ଏପରି, ତେବେ ଆମମାନଙ୍କର ଆଉ ହେବ ନାହିଁ କାହିଁକି ?'

''ସୀତାଙ୍କ ଶୋକରେ ରାମ ଧନୁ ଉଠାଇ ନ ପାରିବାରୁ ଲକ୍ଷ୍ମଣ ଆଶ୍ଚର୍ଯ୍ୟ ହୋଇଗଲେ । **ପଞ୍ଚ ଭୂତର ଫାନ୍ଦେ ବ୍ରହ୍ମ ବି ପଡ଼ି କାନ୍ଦେ ।''**

ମଣି—ଭକ୍ତଙ୍କର ଦୁଃଖ ଦେଖି ଯୀଶୁଖ୍ରୀଷ୍ଟ ମଧ୍ୟ ଅନ୍ୟ ଲୋକଙ୍କ ଭଳି କାନ୍ଦିଥିଲେ ।

ଶ୍ରୀରାମକୃଷ୍ଣ—କଅଣ ହୋଇଥିଲା ?

ମଣି—ମାର୍ଥା, ମେରୀ ଦୁଇ ଭଉଣୀ, ଆଉ ଲ୍ୟାଜେରାସ ଭାଇ—ତିନିଜଣଯାକ ଯୀଶୁଖ୍ରୀଷ୍ଟଙ୍କର ଭକ୍ତ । ଲ୍ୟାଜେରାସର ମୃତ୍ୟୁ ହେଲା । ଯୀଶୁ ତାଙ୍କ ଘରକୁ ଆସିଥିଲେ । ବାଟରେ ଜଣେ ଭଉଣୀ (ମେରୀ) ଦୌଡ଼ି ଯାଇ ପାଦତଳେ ପଡ଼ି କାନ୍ଦି କାନ୍ଦି କହିଲା, 'ପ୍ରଭୁ, ତୁମେ ଯଦି ଆସିଥାଆନ୍ତ, ତାହାହେଲେ ସେ ମରି ନ ଥାନ୍ତା !' ଯୀଶୁ ତାର କାନ୍ଦ ଦେଖି କାନ୍ଦିଥିଲେ ।

### ଶ୍ରୀରାମକୃଷ୍ଣ ଓ ଯୋଗସିଦ୍ଧି

ତାପରେ ସେ କବର ପାଖକୁ ଯାଇ ନାଆଁ ଧରି ଡାକିଲେ । ସଙ୍ଗେ ସଙ୍ଗେ ଲ୍ୟାଜେରାସ ବଞ୍ଚି ଉଠି ବାହାରି ଆସିଲା !

ଶ୍ରୀରାମକୃଷ୍ଣ—ମୋର କିନ୍ତୁ ସେଗୁଡ଼ାକ ହୁଏ ନାହିଁ ।

ମଣି—ସେସବୁ ଆପଣ ଇଚ୍ଛା କରି କରନ୍ତି ନାହିଁ । ସେସବୁ ଯୋଗସିଦ୍ଧି (miracles), ସେଥିପାଇଁ ଆପଣ କରନ୍ତି ନାହିଁ । ସେସବୁ କଲେ ଲୋକମାନଙ୍କର ଦେହ ଆଡ଼କୁ ମନ ଯିବ—ଶୁଦ୍ଧାଭକ୍ତି ପ୍ରତି ମନ ଯିବ ନାହିଁ । ତେଣୁ ଆପଣ କରନ୍ତି ନାହିଁ ।

"ଆପଣଙ୍କ ସଙ୍ଗରେ ଯୀଶୁଖ୍ରୀଷ୍ଟଙ୍କର ଅନେକ ମେଳ ଅଛି !"

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆଉ କଅଣ ସବୁ ମେଳ ଅଛି ?

ମଣି—ଆପଣ ଭକ୍ତମାନଙ୍କୁ ଉପବାସ କରିବାକୁ କିମ୍ବା କୌଣସି କଠୋରତା କରିବାକୁ କହନ୍ତି ନାହିଁ—ଖାଇବା ପିଇବା ସମ୍ବନ୍ଧରେ କୌଣସି କଟକଣା ନାହିଁ । ଯୀଶୁଖ୍ରୀଷ୍ଟଙ୍କର ଶିଷ୍ୟମାନେ ରବିବାର ଦିନ ନିୟମ ନ ପାଳି ଖାଇଥିଲେ; ସେଥିପାଇଁ ଯେଉଁମାନେ ଶାସ୍ତ୍ର ମାନି ଚଳୁଥିଲେ, ସେମାନେ ତିରସ୍କାର କରିଥିଲେ । ଯୀଶୁ କହିଲେ, 'ସେମାନେ ଖାଇବେ; ଯେପର୍ଯ୍ୟନ୍ତ ବରଯାତ୍ରୀମାନେ ବର ସାଙ୍ଗରେ ରହିଛନ୍ତି, ସେପର୍ଯ୍ୟନ୍ତ ଆନନ୍ଦ କରିବେ ।'

ଶ୍ରୀରାମକୃଷ୍ଣ—ଏହାର ଅର୍ଥ କଅଣ ?

ମଣି—ଅର୍ଥାତ୍ ଯେତେଦିନ ଅବତାରଙ୍କ ସଙ୍ଗରେ ରହିଛନ୍ତି, ସାଙ୍ଗୋପାଙ୍ଗଗଣ କେବଳ ଆନନ୍ଦ କରିବେ—କାହିଁକି ନିରାନନ୍ଦ ହେବେ ? ସେ ଯେତେବେଳେ ସ୍ୱଧାମକୁ ଚାଲିଯିବେ, ସେତେବେଳେ ସେମାନଙ୍କର ନିରାନନ୍ଦର ଦିନ ଆସିବ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆଉ କିଛି ମେଳ ଅଛି ?

ମଣି—ଆଜ୍ଞା, ଆପଣ ଯେପରି କହନ୍ତି—'ଯୁବକ ଭକ୍ତଙ୍କ ଭିତରେ କାମିନୀ-କାଞ୍ଚନ ପଶି ନାହିଁ, ସେମାନେ ଉପଦେଶ ଧାରଣା କରିପାରିବେ—ଯେପରି ନୂଆ ହାଣ୍ଡିରେ ଦୁଧ ରଖାଯାଏ, ଦହି ପକା ହାଣ୍ଡିରେ ରଖିଲେ ନଷ୍ଟ ହୋଇଯାଏ । ସେ ମଧ୍ୟ ସେହିପରି କହୁଥିଲେ ।

ଶ୍ରୀରାମକୃଷ୍ଣ—କଅଣ କହୁଥିଲେ ?

ମଣି—'ପୁରୁଣା ବୋତଲରେ ନୂଆ ମଦ ରଖିଲେ ବୋତଲ ଫାଟି ଯାଇପାରେ । ଆଉ ପୁରୁଣା ଲୁଗାରେ ଯଦି ନୂଆ ତାଳି ପକାଯାଏ, ତେବେ ଶୀଘ୍ର ଛିଣ୍ଡିଯାଏ ।'

ଆପଣ ଯେପରି କହନ୍ତି, 'ମା ଆଉ ଆପଣ ଏକ', ସେ ମଧ୍ୟ ସେହିପରି କହୁଥିଲେ, 'ପିତା ଆଉ ମୁଁ ଏକ !'

ଶ୍ରୀରାମକୃଷ୍ଣ (ସହାସ୍ୟ)—ଆଉ କିଛି ?

ମଣି—ଆପଣ ଯେପରି କହନ୍ତି, 'ବ୍ୟାକୁଳ ହୋଇ ଡାକିଲେ ସେ ଶୁଣିବେ ହିଁ ଶୁଣିବେ ।' ସେ ମଧ୍ୟ କହୁଥିଲେ, 'ବ୍ୟାକୁଳ ହୋଇ କବାଟରେ ଧକ୍କା ମାର, କବାଟ ଖୋଲା ହେବ !' (Knock and it shall be opened unto you.)

ଶ୍ରୀରାମକୃଷ୍ଣ—ଆଚ୍ଛା, ଯଦି ଅବତାର ହୁଏ, ତେବେ ପୂର୍ଣ୍ଣ, ନା ଅଂଶ, ନା କଳା ? କେହି କେହି କହନ୍ତି ପୂର୍ଣ୍ଣ ।

ମଣି—ଆଜ୍ଞା, ପୂର୍ଣ୍ଣ କି ଅଂଶ କି କଳା ଏସବୁ ମୁଁ ଭଲ ବୁଝିପାରୁ ନାହିଁ । ତେବେ ଆପଣ ଯାହା କହିଥିଲେ, ସେକଥା ଖୁବ୍ ଭଲ ବୁଝିଛି । ପାଚେରୀ ଭିତରେ ଗୋଲ କଣା ।

ଶ୍ରୀରାମକୃଷ୍ଣ— କଅଣ କୁହ ?

ମଣି —ପାଚେରୀ ଭିତରେ ଗୋଟିଏ ଗୋଲ କଣା —ସେହି କଣାବାଟେ ପାଚେରୀ ସେପାଖ ପଡ଼ିଆର କିଛିଟା ଦେଖାଯାଉଛି ! ସେହିପରି ଆପଣଙ୍କ ଭିତର ଦେଇ ଅନନ୍ତ ଈଶ୍ୱରଙ୍କୁ ଦେଖାଯାଏ ।

ଶ୍ରୀରାମକୃଷ୍ଣ—ହଁ, ଏକାବେଳେକେ ଦୁଇ ତିନି କୋଶ ପର୍ଯ୍ୟନ୍ତ ଦେଖାଯାଉଛି !

ମଣି ଚାନ୍ଦିନୀ ଘାଟରେ ଗଙ୍ଗାସ୍ନାନ ସାରି ଠାକୁରଙ୍କ ପାଖକୁ ଫେରି ଆସିଲେ । ସମୟ ସକାଳ ଆଠଟା ।

ମଣି ଲାଟୁଙ୍କ ପାଖରୁ ନିର୍ମାଲ୍ୟ ମାଗୁଛନ୍ତି—ଶ୍ରୀଶ୍ରୀଜଗନ୍ନାଥଙ୍କର ନିର୍ମାଲ୍ୟ ।

ଶ୍ରୀରାମକୃଷ୍ଣ ପାଖକୁ ଆସି ମଣିଙ୍କୁ କହୁଛନ୍ତି, ‘‘ତୁମେ ସେଇଟି (ନିର୍ମାଲ୍ୟ) ଗ୍ରହଣ କର—ଯେଉଁମାନେ ଭକ୍ତ, ପ୍ରସାଦ ନ ହେଲେ ଖାଇପାରନ୍ତି ନାହିଁ ।’’

ମଣି—ଆଜ୍ଞା, ମୁଁ କାଲିଠାରୁ ବଳରାମ ବାବୁଙ୍କ ଘରୁ ଜଗନ୍ନାଥଙ୍କର ନିର୍ମାଲ୍ୟ ଆଣିଛି —ସେଥିରୁ ପ୍ରତିଦିନ ଟିକିଏ ଗ୍ରହଣ କରେ ।

ମଣି ଭୂମିଷ୍ଠ ହୋଇ ଠାକୁରଙ୍କୁ ପ୍ରଣାମ କରୁଛନ୍ତି ଓ ବିଦାୟ ଗ୍ରହଣ କରୁଛନ୍ତି । ଠାକୁର ସ୍ନେହରେ କହୁଛନ୍ତି, ତୁମେ ସକାଳୁ ସକାଳୁ ଚାଲିଯାଅ—ଭାଦ୍ରବ ମାସର ଖରା—ଭାରୀ ଖରାପ ।

❖ ❖ ❖

# ବିଂଶ ପରିଚ୍ଛେଦ

## ଦକ୍ଷିଣେଶ୍ୱର ମନ୍ଦିରରେ ଜନ୍ମାଷ୍ଟମୀ ଦିନ ଭକ୍ତମାନଙ୍କ ଗହଣରେ

### (୧)

### ସୁବୋଧଙ୍କର ଆଗମନ—ପୂର୍ଣ୍ଣ, ମାଷ୍ଟର, ଗଙ୍ଗାଧର, କ୍ଷୀରୋଦ, ନିତାଇ

ଶ୍ରୀରାମକୃଷ୍ଣ ସେହି ପୂର୍ବ ପରିଚିତ ଘରେ ବିଶ୍ରାମ କରୁଛନ୍ତି । ରାତି ଆଠଟା, ସୋମବାର, ଭାଦ୍ର ୧୬ ଦିନ, ଶ୍ରାବଣ କୃଷ୍ଣା ଷଷ୍ଠୀ, ୩୧ ଅଗଷ୍ଟ ୧୮୮୫ ଖ୍ରୀଷ୍ଟାବ୍ଦ ।

ଠାକୁର ଅସୁସ୍ଥ—ଗଳାରେ ବ୍ୟାଧି ଦେଖା ଦେଇଛି । କିନ୍ତୁ ରାତିଦିନ ଗୋଟିଏ ଚିନ୍ତା, କିପରି ଭକ୍ତମାନଙ୍କର ମଙ୍ଗଳ ହେବ । ବେଳେ ବେଳେ ପିଲାଙ୍କ ପରି ରୋଗ ପାଇଁ କାତର । ପର ମୁହୂର୍ତ୍ତରେ ସବୁ ଭୁଲି ଯାଇ ଈଶ୍ୱରଙ୍କ ପ୍ରେମରେ ବିଭୋର ଏବଂ ଭକ୍ତଙ୍କ ପ୍ରତି ସ୍ନେହ ଓ ବାତ୍ସଲ୍ୟରେ ଉନ୍ମତ୍ତପ୍ରାୟ ।

ଦୁଇଦିନ ହେଲାଣି—ଗତ ଶନିବାର ରାତିରେ—ଶ୍ରୀଯୁକ୍ତ ପୂର୍ଣ୍ଣ ଚିଠି ଲେଖିଛନ୍ତି—'ମୋର ଖୁବ୍ ଆନନ୍ଦ ହୁଏ । ଦିନେ ଦିନେ ରାତିରେ ଆନନ୍ଦରେ ନିଦ ହୁଏ ନାହିଁ !'

ଠାକୁର ଚିଠି ପଢ଼ା ଶୁଣି କହିଲେ—"ମୋ ଦେହରେ ରୋମାଞ୍ଚ ହେଉଛି ! ତାର ଏହି ଆନନ୍ଦର ଅବସ୍ଥା ପରେ ରହିଯିବ; ଚିଠିଟା ଦେଖେ ।"

ଚିଠିଟିକୁ ମୋଡ଼ି ହାତମୁଠାରେ ଧରି କହୁଛନ୍ତି—"ଅନ୍ୟମାନଙ୍କର ଚିଠି ମୁଁ ଛୁଇଁପାରେ ନାହିଁ, ଏହାର ଖୁବ୍ ଭଲ ଚିଠି ।"

ସେହି ରାତିରେ ଅଳ୍ପ ସମୟ ପାଇଁ ଶୋଇଛନ୍ତି । ହଠାତ୍ ଦେହରୁ ଝାଳ ବୋହିଲା—ଶେଯରୁ ଉଠିପଡ଼ି କହୁଛନ୍ତି—"ମୋର ମନେ ହେଉଛି, ଏ ରୋଗ ଭଲ ହେବ ନାହିଁ ।"

ଏହି କଥା ଶୁଣି ଭକ୍ତମାନେ ସମସ୍ତେ ଚିନ୍ତିତ ହେଲେ ।

ଶ୍ରୀଶ୍ରୀମା ଠାକୁରଙ୍କ ସେବା କରିବା ପାଇଁ ଆସିଛନ୍ତି ଓ ଅତି ନିଭୃତରେ ନହବତରେ ବାସ କରନ୍ତି । ସେ ଯେ ନହବତରେ ରହୁଛନ୍ତି, ଏକଥା ଭକ୍ତମାନେ ପ୍ରାୟ କେହି ଜାଣି ନାହାନ୍ତି । ଜଣେ ଭକ୍ତ ସ୍ତ୍ରୀଲୋକ ମଧ୍ୟ କେତେଦିନ ହେଲା ନହବତରେ ଅଛନ୍ତି । ସେ ଠାକୁରଙ୍କ ଘରକୁ ପ୍ରାୟ ଆସନ୍ତି ଓ ଦର୍ଶନ କରନ୍ତି ।

ଠାକୁର ତାଙ୍କୁ ତା'ପର ରବିବାର ଦିନ କହୁଛନ୍ତି—"ତୁମେ ବହୁତ ଦିନ ହେଲା ଏଠାରେ ଅଛ, ଲୋକମାନେ କଅଣ ଭାବିବେ ? ବରଂ ତୁମେ ଯାଇ ଘରେ ଦଶଦିନ ରହ ।" ମାଷ୍ଟର ଏହି ସମସ୍ତ କଥା ଶୁଣିଥିଲେ ।

ଆଜି ସୋମବାର । ଠାକୁର ଅସୁସ୍ଥ ଅଛନ୍ତି । ରାତି ପ୍ରାୟ ଆଠଟା; ଠାକୁର ଛୋଟ ଖଟଟି ଉପରେ ଘରଆଡ଼କୁ ପଛକରି ଦକ୍ଷିଣ ଦିଗକୁ ମୁଣ୍ଡ କରି ଶୋଇଛନ୍ତି । ଗଙ୍ଗାଧର ସନ୍ଧ୍ୟା ପରେ କଲିକତାରୁ ମାଷ୍ଟରଙ୍କ ସହିତ ଆସିଛନ୍ତି । ସେ ତାଙ୍କ ପାଦତଳେ ବସିଛନ୍ତି,

ଠାକୁର ମାଷ୍ଟରଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ— ଦୁଇଜଣ ପିଲା ଆସିଥିଲେ । ଶଙ୍କର ଘୋଷଙ୍କ ନାତିର ପୁଅ (ସୁବୋଧ), ଆଉ ଗୋଟିଏ ତାଙ୍କ ପଡ଼ାର ପିଲା (କ୍ଷୀରୋଦ) । ଭଲ ପିଲା ଯୋଡ଼ିଏ । ସେମାନଙ୍କୁ କହିଲି, ମୋର ଏବେ ବେମାରି—ତୁମ ପାଖକୁ ଯାଇ ଉପଦେଶ ନେବାକୁ କହିଲି । ତୁମେ ଟିକିଏ ଯତ୍ନ କର ।

ମାଷ୍ଟର—ଆଜ୍ଞା ହଁ, ଆମ ପଡ଼ାରେ ସେମାନଙ୍କର ଘର ।

**ରୋଗର ସୂତ୍ରପାତ—ଭଗବାନଡାକ୍ତର—ନିତାଇ ଡାକ୍ତର**

ଶ୍ରୀରାମକୃଷ୍ଣ—ସେଦିନ ପୁଣି ଦେହରୁ ଝାଳ ବୋହି ନିଦ ଭାଙ୍ଗିଗଲା । ଏ ରୋଗଟା କଅଣ ହେଲା !

ମାଷ୍ଟର—ଆଜ୍ଞା, ଥରେ ଭଗବାନ ରୁଦ୍ରଙ୍କୁ ଦେଖାଇବାକୁ ଆମେ ଠିକ୍ କରିଛୁ । ଏମ୍.ଡ଼ି. ପାଶ୍ କରିଛନ୍ତି । ଖୁବ୍ ଭଲ ଡାକ୍ତର ।

ଶ୍ରୀରାମକୃଷ୍ଣ— କେତେ ନେବେ ?

ମାଷ୍ଟର — ଅନ୍ୟମାନଙ୍କଠାରୁ କୋଡ଼ିଏ ପଚିଶ ଟଙ୍କା ନିଅନ୍ତି ।

ଶ୍ରୀରାମକୃଷ୍ଣ— ତେବେ ଥାଉ ।

ମାଷ୍ଟର— ଆଜ୍ଞା, ଆମେ ଖୁବ୍ ବେଶୀ ହେଲେ ଚାରି ପାଞ୍ଚ ଟଙ୍କା ଦେବୁ ।

ଶ୍ରୀରାମକୃଷ୍ଣ—ଆଚ୍ଛା, ଏପରି ଭାବରେ ଯଦି ଥରେ କହ, 'ଦୟାକରି ତାଙ୍କୁ ଟିକିଏ ଦେଖିବେ ଚାଲନ୍ତୁ ।' ଏଠାକାର କଥା କିଛି ଶୁଣି ନାହାନ୍ତି ?

ମାଷ୍ଟର—ବୋଧହୁଏ ଶୁଣିଛନ୍ତି । ଏକ ପ୍ରକାର କିଛି ନେବେ ନାହିଁ ବୋଲି କହିଛନ୍ତି, ତେବେ ଆମେ ଦେବୁ; କାହିଁକି ନା, ତାହାହେଲେ ପୁଣି ଆସିବେ ।

ଶ୍ରୀରାମକୃଷ୍ଣ—ନିତାଇ ଡାକ୍ତରଙ୍କୁ ଆଣିବ ତ, ସେ ବରଂ ଭଲ । ଆଉ ଡାକ୍ତରମାନେ ଆସି କଅଣ ବା କରୁଛନ୍ତି ? କେବଳ ଚିପାଚିପି କରି ରୋଗ ବଢ଼ାଇ ଦେଉଛନ୍ତି ।

ରାତି ନଅଟା । ଠାକୁର ଟିକିଏ ସୁଜିକ୍ଷୀରି ଖାଇବାକୁ ବସିଲେ । ଖାଇବାରେ କୌଣସି କଷ୍ଟ ହେଲା ନାହିଁ । ସେଥିପାଇଁ ଆନନ୍ଦରେ ମାଷ୍ଟରଙ୍କୁ କହୁଛନ୍ତି—''ଟିକିଏ ଖାଇ ପାରିଲି, ମନରେ ବେଶ୍ ଆନନ୍ଦ ହେଲା ।''

**(୨)**

**ଜନ୍ମାଷ୍ଟମୀ ଦିନ ନରେନ୍ଦ୍ର, ରାମ, ଗିରିଶ ପ୍ରଭୃତି ଭକ୍ତମାନଙ୍କ ଗହଣରେ**

ଆଜି ଜନ୍ମାଷ୍ଟମୀ, ମଙ୍ଗଳବାର । ଭାଦ୍ର ୧୭ ଦିନ, ୧ ସେପ୍‌ଟେମ୍ବର, ୧୮୮୫ । ଠାକୁର ସ୍ନାନ କରିବେ । ଜଣେ ଭକ୍ତ ତେଲ ଲଗାଇ ଦେଉଛନ୍ତି । ଠାକୁର ଦକ୍ଷିଣ ବାରଣ୍ଡାରେ ବସି ତେଲ ଲଗାଉଛନ୍ତି । ମାଷ୍ଟର ଗଙ୍ଗାସ୍ନାନ କରି ଆସି ଠାକୁରଙ୍କୁ ପ୍ରଣାମ କଲେ ।

ସ୍ନାନାନ୍ତେ ଠାକୁର ଗାମୁଛା ପିନ୍ଧି ଦକ୍ଷିଣମୁଖ ହୋଇ ସେହି ବାରଣ୍ଡାରୁ ଦେବଦେବୀମାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରୁଛନ୍ତି । ଦେହ ଅସୁସ୍ଥ ଥିବାରୁ କାଳୀ ମନ୍ଦିରକୁ

ବା ବିଷ୍ଣୁମନ୍ଦିରକୁ ଯାଇପାରିଲେ ନାହିଁ ।

ଆଜି ଜନ୍ମାଷ୍ଟମୀ— ରାମ ଓ ଅନ୍ୟାନ୍ୟ ଭକ୍ତମାନେ ଠାକୁରଙ୍କ ପାଇଁ ନବ ବସ୍ତ୍ର ଆଣିଛନ୍ତି । ଠାକୁର ନବବସ୍ତ୍ର ପରିଧାନ କରିଛନ୍ତି—ବୃନ୍ଦାବନୀ ଲୁଗା ଓ ଦେହରେ ଲାଲ ଚଦର । ତାଙ୍କର ଶୁଦ୍ଧ ଅପାପବିଦ୍ଧ ଦେହ ନବବସ୍ତ୍ରରେ ଶୋଭା ପାଇଲା । ନବ ବସ୍ତ୍ର ପରିଧାନ କରି ସେ ଦିଅଁଙ୍କୁ ପ୍ରଣାମ କଲେ ।

ଆଜି ଜନ୍ମାଷ୍ଟମୀ । ଗୋପାଳ ମା ଗୋପାଳ ପାଇଁ କିଛି ଖାଇବା ଜିନିଷ ତିଆରି କରି କାମାରହାଟିରୁ ଆଣିଛନ୍ତି । ସେ ଆସି ଦୁଃଖ କରି ଠାକୁରଙ୍କୁ କହୁଛନ୍ତି—'ତୁମେ ତ ଖାଇବ ନାହିଁ !''

ଶ୍ରୀରାମକୃଷ୍ଣ—ହେଇ ଦେଖ, ବେମାରି ହୋଇଛି ।

ଗୋପାଳ ମା—ମୋର ଅଦୃଷ୍ଟ !— ଟିକିଏ ହାତରେ ନିଅ ।

ଶ୍ରୀରାମକୃଷ୍ଣ—ତୁମେ ଆଶୀର୍ବାଦ କର ।

ଗୋପାଳ ମା ଠାକୁରଙ୍କୁ ହିଁ ଗୋପାଳ ବୋଲି ସେବା କରନ୍ତି । ଭକ୍ତମାନେ ମିଶ୍ରି ଆଣିଛନ୍ତି । ଗୋପାଳ ମା କହୁଛନ୍ତି, 'ଏ ମିଶ୍ରି ନହବତକୁ ନେଇ ଯାଉଛି ।' ଶ୍ରୀରାମକୃଷ୍ଣ କହୁଛନ୍ତି, ''ଏଠାରେ ଭକ୍ତମାନଙ୍କୁ ଦେବାକୁ ହୁଏ । କିଏ ଶହେ ଥର ମାଗିବ, ଏଠାରେ ଥାଉ ।''

ପୂର୍ବାହ୍ନ ଏଗାରଟା । କଲିକତାରୁ ଭକ୍ତମାନେ କ୍ରମେ କ୍ରମେ ଆସୁଛନ୍ତି । ଶ୍ରୀଯୁକ୍ତ ବଳରାମ, ନରେନ୍ଦ୍ର,ଛୋଟ ନରେନ, ନବ ଗୋପାଳ, କାଟୁଆରୁ ଜଣେ ବୈଷ୍ଣବ କ୍ରମେ କ୍ରମେ ଆସି ପହଞ୍ଚିଲେ । ରାଖାଲ, ଲାଟୁ ଆଜିକାଲି ଏଠାରେ ରହନ୍ତି । ଜଣେ ପଞ୍ଜାବୀ ସାଧୁ ପଞ୍ଚବଟୀରେ କିଛିଦିନ ହେଲା ରହିଛନ୍ତି ।

ଛୋଟ ନରେନ୍‌ଙ୍କ କପାଳରେ ଗୋଟିଏ ଆବୁ ଅଛି । ଠାକୁର ପଞ୍ଚବଟୀରେ ବୁଲୁ ବୁଲୁ କହୁଛନ୍ତି, ''ତୁ ଆବୁଟାକୁ କାଟି ପକାନା, ଏଇଟା ତ ବେକରେ ନୁହେଁ—ମୁଣ୍ଡରେ । ଏଥିରେ କ୍ଷତି କଅଣ ?—ଲୋକମାନେ ଏକଶିରା କାଟୁଛନ୍ତି ।'' (ହାସ୍ୟ)

ପଞ୍ଜାବୀ ସାଧୁଜଣକ ବଗିଚା ବାଟେ ଯାଉଛନ୍ତି । ଠାକୁର କହୁଛନ୍ତି—''ମୁଁ ତାକୁ ଟାଣେ ନାହିଁ । ଜ୍ଞାନୀର ଭାବ । ଦେଖେ ଯେପରି ଶୁଖିଲା କାଠ !''

ଠାକୁର ଘରକୁ ଫେରି ଆସିଛନ୍ତି । ଶ୍ୟାମପଦ ଭଟ୍ଟାଚାର୍ଯ୍ୟଙ୍କର କଥା ପଡ଼ିଛି ।

ବଳରାମ— ସେ କହିଛନ୍ତି ଯେ, ନରେନ୍ଦ୍ରଙ୍କର ଯେପରି ଛାତିରେ ପାଦ ଦେଇ (ଭାବାବେଶ) ହୋଇଥିଲା, ମୋର ତ କାହିଁ ତାହା ହେଲା ନାହିଁ !

ଶ୍ରୀରାମକୃଷ୍ଣ— କଅଣ ଜାଣ, **କାମିନୀକାଞ୍ଚନରେ ମନ ଥିଲେ ବିକ୍ଷିପ୍ତ ମନକୁ ଏକାଗ୍ର କରିବା କଷ୍ଟକର ।** କହିଛି ତାର ସାଲିସ କରିବାକୁ ପଡ଼େ । ପୁଣି ଘରେ ପିଲାପିଲିଙ୍କ କଥା ଭାବିବାକୁ ହୁଏ । ନରେନ୍ଦ୍ର ପ୍ରଭୃତିଙ୍କର ମନ ତ ବିକ୍ଷିପ୍ତ ନୁହେଁ—ସେମାନଙ୍କ ଭିତରେ

ଏପର୍ଯ୍ୟନ୍ତ କାମିନୀକାଞ୍ଚନ ଭାବ ପଶି ନାହିଁ ।

"କିନ୍ତୁ (ଶ୍ୟାମାପଦ) ଉତ୍ତମ ଲୋକ ।"

କାଟୁଆର ବୈଷ୍ଣବ ଠାକୁରଙ୍କୁ ପ୍ରଶ୍ନ ପଚାରୁଛନ୍ତି । ବୈଷ୍ଣବ ଟିକିଏ ଟେରା ।

### ଜନ୍ମାନ୍ତରର କଥା—ଭକ୍ତିଲାଭ ପାଇଁ ମନୁଷ୍ୟଜନ୍ମ

ବୈଷ୍ଣବ—ଆଜ୍ଞା, ପୁନର୍ଜନ୍ମ କଅଣ ହୁଏ ?

ଶ୍ରୀରାମକୃଷ୍ଣ—ଗୀତାରେ ଅଛି, ମୃତ୍ୟୁ ସମୟରେ ଯେ ଯାହା ଚିନ୍ତା କରି ଦେହତ୍ୟାଗ କରେ, ତାହାକୁ ସେହି ଭାବ ନେଇ ଜନ୍ମଗ୍ରହଣ କରିବାକୁ ହୁଏ । ହରିଣକୁ ଚିନ୍ତା କରି ଭରତ ରାଜାଙ୍କର ହରିଣ-ଜନ୍ମ ହୋଇଥିଲା ।

ବୈଷ୍ଣବ—ଏହା ଯେ ହୁଏ, କେହି ଆଖିରେ ଦେଖି କହିଲେ ସିନା ବିଶ୍ୱାସ ହେବ ।

ଶ୍ରୀରାମକୃଷ୍ଣ—ସେକଥା ବାବୁ ମୁଁ ଜାଣିନାହିଁ । ମୁଁ ନିଜର ରୋଗ ଭଲ କରିପାରୁ ନାହିଁ-ପୁଣି ମୃତ୍ୟୁପରେ କଅଣ ହୁଏ !

ତୁମେ ଯାହା କହୁଛ ଏସବୁ ହୀନବୁଦ୍ଧିର କଥା । ଈଶ୍ୱରଙ୍କଠାରେ କିପରି ଭକ୍ତି ହେବ, ସେହି ଚେଷ୍ଟା କର । **ଭକ୍ତିଲାଭ ପାଇଁ ମନୁଷ୍ୟ ହୋଇ ଜନ୍ମ ଗ୍ରହଣ କରିଛ** । ଆମ୍ବ ଖାଇବାକୁ ବଗିଚାକୁ ଆସିଛ, କେତେ ହଜାର ଡାଳ, କେତେ ଲକ୍ଷ ପତ୍ର, ଏସବୁ ଖବରରେ କଅଣ କାମ ? ଜନ୍ମଜନ୍ମାନ୍ତରର କଥା !

### ଗିରିଶ ଘୋଷ ଓ ଅବତାରବାଦ । ପବିତ୍ର କିଏ ?
### ଯାହାର ବିଶ୍ୱାସ ଓ ଭକ୍ତି ଅଛି

ଶ୍ରୀଯୁକ୍ତ ଗିରିଶ ଘୋଷ ଜଣେ ଦୁଇଜଣ ବନ୍ଧୁଙ୍କ ସହିତ ଗାଡ଼ିରେ ଆସି ଉପସ୍ଥିତ । ସେ ମଦ ପିଇକରି ଆସିଛନ୍ତି ! କାନ୍ଦି କାନ୍ଦି ଆସୁଛନ୍ତି । ସେ ଠାକୁରଙ୍କ ପାଦରେ ମୁଣ୍ଡ ରଖି କାନ୍ଦୁଛନ୍ତି ।

ଶ୍ରୀରାମକୃଷ୍ଣ ସ୍ନେହରେ ତାଙ୍କୁ ଆପୁଡ଼ାଇବାକୁ ଲାଗିଲେ । ଜଣେ ଭକ୍ତଙ୍କୁ ଡାକି କହୁଛନ୍ତି, 'ଆରେ, ଏହାକୁ ହୁକ୍କା ଦିଅ ।'

ଗିରିଶ ମୁଣ୍ଡ ଟେକି ହାତ ଯୋଡ଼ି କହୁଛନ୍ତି— **ତୁମେ ହିଁ ପୂର୍ଣ୍ଣ ବ୍ରହ୍ମ ! ତାହା ଯଦି ନ ହୁଏ, ସବୁ ମିଥ୍ୟା ।**

"ଦୁଃଖ ରହିଗଲା, ତୁମର ସେବା କରିପାରିଲି ନାହିଁ । (ଏହି କଥାଗୁଡ଼ିକ ଏପରି ସ୍ୱରରେ କହୁଛନ୍ତି ଯେ, ଜଣେ ଦୁଇଜଣ ଭକ୍ତ କାନ୍ଦୁଛନ୍ତି !)

" ବର ଦିଅ ଭଗବାନ, ବର୍ଷଟିଏ ତୁମର ସେବା କରିବି । ମୁକ୍ତିର ତ ହରିଲୁଟ୍— ତା' ଉପରେ ପରିସ୍ରା କରେ । କୁହ ପ୍ରଭୁ ବର୍ଷଟିଏ ସେବା କରିବି !"

ଶ୍ରୀରାମକୃଷ୍ଣ—ଏଠାକାର ଲୋକ ଭଲ ନୁହନ୍ତି— କେହି କିଛି କହିବେ !

ଗିରିଶ—ସେସବୁ କଥା ଛାଡ଼, ତୁମେ କୁହ—

ଶ୍ରୀରାମକୃଷ୍ଣ—ଆଚ୍ଛା, ତୁମ ଘରକୁ ଯେତେବେଳେ ଯିବି—

ଗିରିଶ—ନା, ନା । ଏହିଠାରେ କରିବି ।

ଶ୍ରୀରାମକୃଷ୍ଣ (ଜିଦ୍ ଦେଖି)—ଆଚ୍ଛା, ସେ ଈଶ୍ୱରଙ୍କ ଇଚ୍ଛା ।

ଠାକୁରଙ୍କ ଗଳାରେ ବ୍ୟାଧି । ଗିରିଶ ପୁଣି କଥା କହୁଛନ୍ତି—''କୁହ ଭଲ ହୋଇଯାଉ ! — ଆଚ୍ଛା, ମୁଁ ଝାଡ଼ିଦେବି । କାଳୀ ! କାଳୀ !''

ଶ୍ରୀରାମକୃଷ୍ଣ—ମୋର ଯନ୍ତ୍ରଣା ହେବ !

ଗିରିଶ—ଭଲ ହୋଇ ଯା ! (ଫୁଁ) । ଭଲ ଯଦି ନ ହୋଇଥାଏ ତ—ଯଦି ମୋର ଏହି ପାଦରେ କିଛି ଭକ୍ତି ଥାଏ, ତେବେ ଅବଶ୍ୟ ଭଲ ହେବ ! କୁହ ଭଲ ହୋଇଯାଇଛି ।

ଶ୍ରୀରାମକୃଷ୍ଣ (ବିରକ୍ତ ହୋଇ)—ନାଇଁ ବାବା, ମୁଁ ଏସବୁ କହିପାରିବି ନାହିଁ । ରୋଗ ଭଲ ହେବାର କଥା ମାଆଙ୍କୁ କହିପାରିବି ନାହିଁ । ଆଚ୍ଛା, ଈଶ୍ୱରଙ୍କ ଇଚ୍ଛାରେ ହେବ ।

ଗିରିଶ—ମୋତେ ଭୁଲାଉଛ ! ତୁମ ଇଚ୍ଛାରେ ସବୁ !

ଶ୍ରୀରାମକୃଷ୍ଣ—ଛିଃ, ଏପରି କଥା ମୁହଁରେ ଧର ନାହିଁ । **ଭଗବଦ୍ ନ ଚ କୃଷ୍ଣବଦ୍ ।** ତୁମେ ଯାହା ଭାବୁଛ ଭାବିପାର । ନିଜର ଗୁରୁ ତ ଭଗବାନ—ତଥାପି ଏସବୁ କଥା କହିବା ଅପରାଧ—ଏ କଥା ମୁହଁରେ ଧରନ୍ତି ନାହିଁ ।

ଗିରିଶ—କୁହ ଭଲ ହୋଇଯିବ ।

ଶ୍ରୀରାମକୃଷ୍ଣ—ଆଚ୍ଛା, ଯାହା ହୋଇଛି ତାହା ଯିବ ।

ଗିରିଶ ନିଜ ଭାବରେ ମଝିରେ ମଝିରେ ଠାକୁରଙ୍କୁ ସମ୍ବୋଧନ କରି କହୁଛନ୍ତି—''ଆଚ୍ଛା ଏଥର ରୂପ ଧରି କାହିଁକି ଆସିନ ?'' ଟିକିଏ ପରେ ପୁଣି କହୁଛନ୍ତି—''ଏଥର ବୋଧହୁଏ ବଙ୍ଗଳା ଉଦ୍ଧାର !''

କେହି କେହି ଭକ୍ତ ଭାବୁଛନ୍ତି, ବଙ୍ଗଳା ଉଦ୍ଧାର, ସମସ୍ତ ଜଗତ ଉଦ୍ଧାର !

ଗିରିଶ ପୁଣି କହୁଛନ୍ତି, ''ଏ ଏଠାରେ କାହିଁକି ରହିଛନ୍ତି, କେହି ବୁଝିଛ ! ଜୀବମାନଙ୍କର ଦୁଃଖରେ କାତର ହୋଇ ଆସିଛନ୍ତି, ସେମାନଙ୍କୁ ଉଦ୍ଧାର କରିବା ପାଇଁ ।''

ଗାଡ଼ିବାଲା ଡାକୁଥିଲା । ଗିରିଶ ଉଠି ତା'ପାଖକୁ ଯାଉଛନ୍ତି । ଶ୍ରୀରାମକୃଷ୍ଣ ମାଷ୍ଟରଙ୍କୁ କହୁଛନ୍ତି, ''ଦେଖ କୁଆଡ଼େ ଯାଉଛି—ମାରିବ ନାହିଁ ତ !'' ମାଷ୍ଟର ମଧ୍ୟ ସଙ୍ଗେ ସଙ୍ଗେ ଗଲେ ।

ଗିରିଶ ଫେରିଆସି ଠାକୁରଙ୍କୁ ସ୍ତବ କରୁଛନ୍ତି—''ଭଗବାନ, ମୋତେ ପବିତ୍ରତା ଦିଅ, ଯେପରି କେବେହେଲେ କିଛି ପାପଚିନ୍ତା ନହେଉ !''

ଶ୍ରୀରାମକୃଷ୍ଣ—ତୁମେ ତ ପବିତ୍ର ଅଛ ! ତୁମର ଯେପରି ବିଶ୍ୱାସ- ଭକ୍ତି ! ତୁମେ ତ ଆନନ୍ଦରେ ଅଛ !

ଗିରିଶ—ଆଜ୍ଞା ନା । ମନ ଖରାପ—ଅଶାନ୍ତି—ସେଥିପାଇଁ ଖୁବ୍ ମଦ ପିଇଲି ।

ଟିକିଏ ପରେ ଗିରିଶ ପୁଣି କହୁଛନ୍ତି—"ଭଗବାନ, ଆଶ୍ଚର୍ଯ୍ୟ ହେଉଛି ଯେ, ପୂର୍ଣ୍ଣବ୍ରହ୍ମ ଭଗବାନଙ୍କର ସେବା କରୁଛି ! ଏପରି କଅଣ ତପସ୍ୟା କରିଛି ଯେ, ଏହି ସେବାର ଅଧିକାରୀ ହୋଇଛି !"

ଠାକୁର ମଧ୍ୟାହ୍ନ ସେବା କଲେ । ରୋଗ ଯୋଗୁ ସାମାନ୍ୟ ଟିକିଏ ଆହାର କଲେ ।

ଠାକୁରଙ୍କର ସର୍ବଦା ହିଁ ଭାବାବସ୍ଥା—ଜୋର୍ କରି ଦେହ ଉପରେ ମନକୁ ଆଣୁଛନ୍ତି । କିନ୍ତୁ ଶରୀର ରକ୍ଷା କରିବା ପାଇଁ ବାଳକ ପରି ଅକ୍ଷମ । ବାଳକ ପରି ଭକ୍ତମାନଙ୍କୁ କହୁଛନ୍ତି —"ଏବେ ଟିକିଏ ଖାଇଲି—ଟିକିଏ ଶୋଇବି । ତୁମେମାନେ ଟିକିଏ ବାହାରେ ଯାଇ ବସ ।"

ଠାକୁର ଟିକିଏ ବିଶ୍ରାମ କଲେ । ଭକ୍ତମାନେ ପୁଣି ଘରେ ଆସି ବସିଛନ୍ତି ।

## ଗିରିଶ ଘୋଷ—ଗୁରୁ ହିଁ ଇଷ୍ଟ—ଦ୍ୱିବିଧ ଭକ୍ତ

ଗିରିଶ—ଆଚ୍ଛା, ଗୁରୁ ଆଉ ଇଷ୍ଟ—ଗୁରୁରୂପଟି ବେଶ୍ ଲାଗେ—ଡର ମାଡ଼େ ନାହିଁ-—ଏପରି କାହିଁକି ହୁଏ ! ଭାବ ଦେଖିଲେ ଦଶହାତ ଘୁଞ୍ଚିଯାଏ । ଡର ମାଡ଼େ ।

ଶ୍ରୀରାମକୃଷ୍ଣ—ଯିଏ ଇଷ୍ଟ, ସେ ହିଁ ଗୁରୁରୂପ ଧରି ଆସନ୍ତି । ଶବସାଧନ ପରେ ଯେତେବେଳେ ଇଷ୍ଟ-ଦର୍ଶନ ହୁଏ, ଗୁରୁ ହିଁ ଆସି ଶିଷ୍ୟକୁ କହନ୍ତି—ଏ (ଶିଷ୍ୟ) ଏଇ (ତୋର ଇଷ୍ଟ) ! ଏହି କଥା କହି ସେ ଇଷ୍ଟରୂପରେ ଲୀନ ହୋଇଯାଆନ୍ତି । ଶିଷ୍ୟ, ଆଉ ଗୁରୁଙ୍କୁ ଦେଖିପାରେ ନାହିଁ । ଯେତେବେଳେ ପୂର୍ଣ୍ଣଜ୍ଞାନ ହୁଏ, ସେତେବେଳେ କିଏ ବା ଗୁରୁ କିଏ ବା ଶିଷ୍ୟ ! 'ସେ ବଡ଼ କଠିନ ଠାଇଁ, ଗୁରୁ ଶିଷ୍ୟେ ଦେଖା ନାହିଁ ।'

ଜଣେ ଭକ୍ତ—ଗୁରୁଙ୍କ ମୁଣ୍ଡ ଶିଷ୍ୟର ପାଦ ।

ଗିରିଶ (ଆନନ୍ଦରେ)—ହଁ ।

ନବଗୋପାଳ—ତା' ମାନେ ଶୁଣ । ଶିଷ୍ୟର ମୁଣ୍ଡଟି ଗୁରୁଙ୍କର, ଆଉ ଗୁରୁଙ୍କର ପାଦ ଦୁଇଟି ଶିଷ୍ୟର । ଶୁଣିଲ !

ଗିରିଶ—ନା, ଏ ଅର୍ଥ ନୁହେଁ । ବାପ କାନ୍ଧରେ ପୁଅ କଅଣ ଚଢ଼େ ନାହିଁ ? ସେଥିପାଇଁ ଶିଷ୍ୟର ପାଦ ।

ନବଗୋପାଳ—ସେ ସେପରି ଛୋଟିଆ ପିଲା ହୋଇଥିଲେ ସିନା ଚଢ଼ିବ !

## ପୂର୍ବକଥା—ଶିଖଭକ୍ତ—ଦୁଇଶ୍ରେଣୀର ଭକ୍ତ—<br>ମାଙ୍କଡ଼ଛୁଆ ଓ ବିରାଡ଼ିଛୁଆ

ଶ୍ରୀରାମକୃଷ୍ଣ—ଦୁଇ ଶ୍ରେଣୀର ଭକ୍ତ ଅଛନ୍ତି । ଗୋଟିଏ ଶ୍ରେଣୀର ବିରାଡ଼ିଛୁଆର ସ୍ୱଭାବ । ମା ଉପରେ ପୂରା ନିର୍ଭର—ମା ଯାହା କରେ । ବିରାଡ଼ିଛୁଆ କେବଳ ମ୍ୟାଉଁ

ମ୍ୟାଉଁ ହୁଏ। କୁଆଡ଼େ ଯିବ, କଅଣ କରିବ—କିଛି ଜାଣେ ନାହିଁ । ମାଆ କେତେବେଳେ ହାଣ୍ଡିଶାଳରେ ରଖୁଛି ତ କେତେବେଳେ ବିଛଣା ଉପରେ ରଖୁଛି । ଏହିପରି ଭକ୍ତ ସବୁ ଈଶ୍ୱରଙ୍କ ଉପରେ ଛାଡ଼ିଦିଏ—**ମୋକ୍ତାରନାମା ଦେଇ ନିଶ୍ଚିନ୍ତ !**

"ଶିଖମାନେ କହିଥିଲେ—ଈଶ୍ୱର ଦୟାଳୁ । ମୁଁ କହିଲି, ସେ ଆମମାନଙ୍କର ବାପ-ମା, ସେ ପୁଣି ଦୟାଳୁ କଅଣ ? ପିଲାମାନଙ୍କୁ ଜନ୍ମଦେଇ ବାପ- ମା ଲାଳନ ପାଳନ କରିବେ ନାହିଁ ତ ଆଉ କଅଣ ବ୍ରାହ୍ମଣ ସାହିରୁ ଲୋକେ ଆସି କରିବେ ? ଏପରି ଭକ୍ତଙ୍କର ଠିକ୍ ଠିକ୍ ବିଶ୍ୱାସ—ସେ ନିଜର ମା, ନିଜର ବାପ ।

"ଆଉ ଗୋଟିଏ ଶ୍ରେଣୀର ଭକ୍ତ ଅଛନ୍ତି, ସେମାନଙ୍କର ମାଙ୍କଡ଼ଛୁଆ ସ୍ୱଭାବ । ମାଙ୍କଡ଼ଛୁଆ ନିଜ ଚେଷ୍ଟାରେ ମାଆକୁ ଯାପଟି ଧରେ । ଏମାନଙ୍କର ଟିକିଏ କର୍ତ୍ତୃତ୍ୱ-ବୋଧ ଅଛି । ମୋତେ ତୀର୍ଥ କରିବାକୁ ହେବ, ଜପ ତପ କରିବାକୁ ହେବ, ଷୋଡ଼ଶୋପଚାରରେ ପୂଜା କରିବାକୁ ହେବ, ତା'ହେଲେ ମୁଁ ଈଶ୍ୱରଙ୍କୁ ଧରିପାରିବି—ଏମାନଙ୍କର ଏହିପରି ଭାବ ।

" ଦୁଇଜଣ ହିଁ ଭକ୍ତ (ଭକ୍ତମାନଙ୍କ ପ୍ରତି)—ଯେତେ ଆଗେଇବ, ସେତେ ଦେଖିବ, **ସେ ହିଁ ସବୁହୋଇଛନ୍ତି—ସେ ହିଁ ସବୁ କରୁଛନ୍ତି । ସେ ଗୁରୁ, ସେ ହିଁ ଇଷ୍ଟ । ସେ ହିଁ** ଜ୍ଞାନ ଭକ୍ତି ସବୁ ଦେଉଛନ୍ତି ।

## ପୂର୍ବକଥା—କେଶବ ସେନଙ୍କୁ ଉପଦେଶ, 'ଆଗେଇ ଯାଅ'

ଯେତେ ଆଗେଇବ, ଦେଖିବ, ଚନ୍ଦନ କାଠ ପରେ ମଧ୍ୟ ଅଛି—ରୂପାର ଖଣି—ସୁନାର ଖଣି—ହୀରା, ମାଣିକ ! ତେଣୁ ଆଗେଇ ଯାଅ !

ଆଉ 'ଆଗେଇ ଯାଅ'—ଏ କଥାଟି ବା କିପରି କହିବି ! **ସଂସାରୀ ଲୋକ ବେଶୀ ଆଗେଇ ଗଲେ ସଂସାର ଯେ ଗୋଲ୍ ହୋଇଯିବ ।** କେଶବ ସେନ ଉପାସନା କରୁଥିଲା— କହିଲା, 'ହେ ଈଶ୍ୱର, ତୁମର ଭକ୍ତିନଦୀରେ ଯେପରି ବୁଡ଼ିଯାଏ ।' ସବୁ ସରିଲା ପରେ ମୁଁ କେଶବକୁ କହିଲି, 'ଆହେ, ତୁମେ ଭକ୍ତିନଦୀରେ ବୁଡ଼ିଯିବ କିପରି ? ବୁଡ଼ିଗଲେ ପରଦା ଆଢୁଆଳରେ ଯେଉଁମାନେ ଅଛନ୍ତି, ସେମାନଙ୍କର କଅଣ ହେବ ! ତେବେ ଗୋଟିଏ କାମ କର— ମଝିରେ ମଝିରେ ବୁଡ଼ ମାରିବ, ଆଉ ଥରେ ଥରେ ଉପରକୁ ଉଠିବ ।' (ସମସ୍ତଙ୍କର ହସ)

## ବୈଷ୍ଣବଙ୍କର 'ଛେଁ ଛାଁ ଶବ୍ଦ'—'ଧାରଣା କର'—ସତ୍ୟକଥା କଳିର ତପସ୍ୟା

କାପ୍ତୁଆର ବୈଷ୍ଣବ ତର୍କ କରୁଥିଲେ । ଠାକୁର ତାଙ୍କୁ କହୁଛନ୍ତି—"ତୁମେ 'ଛେଁ ଛାଁ ଶବ୍ଦ' ଛାଡ଼ । ଘିଅ କଞ୍ଚା ଥିଲେ ଚଡ଼୍ ଚଡ଼୍ ହୁଏ ।

ଥରେ ତାଙ୍କ ଆନନ୍ଦ ପାଇଲେ ବିଚାରବୁଦ୍ଧି ପଳାଇଯାଏ । ମଧୁପାନର ଆନନ୍ଦ ପାଇଲେ ଆଉ ଗୁଣୁ ଗୁଣୁ ଶବ୍ଦ ରହେ ନାହିଁ ।

ବହି ପଢ଼ି କେତେଗୁଡ଼ିଏ କଥା କହିପାରିଲେ କଅଣ ହେବ ? ପଣ୍ଡିତମାନେ ଶ୍ଳୋକ ପଢ଼ନ୍ତି—'ଶୀର୍ଣ୍ଣା ଗୋକୁଳମଣ୍ଡଳୀ !'—ଏହିସବୁ ।

''ଭାଙ୍ଗ ଭାଙ୍ଗ ମୁହଁରେ କହିଲେ କଅଣ ହେବ ? କୁଳୁକୁଞ୍ଚା କଲେ ମଧ୍ୟ କିଛି ହେବ ନାହିଁ । ପେଟକୁ ଯିବା ଦରକାର ! ତେବେ ନିଶା ହେବ । ଈଶ୍ୱରଙ୍କୁ ନିର୍ଜନରେ ଗୋପନରେ ବ୍ୟାକୁଳ ହୋଇ ନ ଡାକିଲେ ଏସବୁ କଥା ଧାରଣା ହୁଏ ନାହିଁ ।

ଡାକ୍ତର ରାଖାଲ ଠାକୁରଙ୍କୁ ଦେଖିବାକୁ ଆସିଛନ୍ତି । ସେ ବ୍ୟସ୍ତ ହୋଇ କହୁଛନ୍ତି—''ଆସ ହେ ଆସ, ବସ !'' ବୈଷ୍ଣବଙ୍କ ସହିତ କଥା ଚାଲିଛି ।

ଶ୍ରୀରାମକୃଷ୍ଣ—ମନୁଷ୍ୟ ଆଉ 'ମନ-ହୋସ୍' । ଯାହାର ଚୈତନ୍ୟ ହୋଇଛି, ସେହି 'ମନ-ହୋସ୍' ! **ଚୈତନ୍ୟ ନ ହେଲେ ମନୁଷ୍ୟ-ଜୀବନ ବୃଥା !**

**ପୂର୍ବକଥା—କାମାରପୁକୁରରେ ଧାର୍ମିକ ସତ୍ୟବାଦୀ ମଧ୍ୟସ୍ଥି**

ଆମ ଦେଶରେ ପେଟା ଓ ନିଶୁଆ ବହୁତ ଲୋକ ଅଛନ୍ତି । ତଥାପି ଦଶକୋଶ ଦୂରରୁ ଭଲ ଲୋକଙ୍କୁ ପାଲିଙ୍କିରେ ବସାଇ କାହିଁକି ଆଣନ୍ତି—ସେମାନଙ୍କୁ ଧାର୍ମିକ ଓ ସତ୍ୟବାଦୀ ଦେଖି । ସେମାନେ ବିବାଦ ସମାଧାନ କରିଦେବେ ତୁଟାଇବେ । ଯେଉଁମାନେ ଖାଲି ପଣ୍ଡିତ, ସେମାନଙ୍କୁ ଆଣନ୍ତି ନାହିଁ ।

**ସତ୍ୟକଥା କଳିର ତପସ୍ୟା ।** 'ସତ୍ୟକଥା, ଅଧୀନତା, ପର ସ୍ତ୍ରୀ ମାତୃ ସମାନ ।'

ଠାକୁର ବାଳକ ପରି ଡାକ୍ତରଙ୍କୁ କହୁଛନ୍ତି—''ବାବୁ, ମୋର ଏଇଟାକୁ ଭଲ କରିଦିଅ ।''

ଡାକ୍ତର—ମୁଁ ଭଲ କରିବି ?

ଶ୍ରୀରାମକୃଷ୍ଣ (ସହାସ୍ୟ)—ଡାକ୍ତର ନାରାୟଣ । ମୁଁ ସବୁ ମାନେ ।

## ଈଶ୍ୱର ହିଁ ମାହୁନ୍ତ ନାରାୟଣ

[Reconciliation of free will and God's will-of liberty and Necessity]

ଯଦି କୁହ ସବୁ ନାରାୟଣ, ତେବେ ଚୁପ୍ ରହିଲେ ହେଲା; ମୁଁ କିନ୍ତୁ ମାହୁନ୍ତ ନାରାୟଣ ମାନେ ।

ଶୁଦ୍ଧ ମନ ଓ ଶୁଦ୍ଧ ଆତ୍ମା ଏକ ! ଶୁଦ୍ଧ ମନରେ ଯାହା ଉଠେ, ତାହା ତାଙ୍କରି ହିଁ କଥା । ସେ ମଧ୍ୟ ମାହୁନ୍ତ ନାରାୟଣ ।

ତାଙ୍କ କଥା ଶୁଣିବି ନାହିଁ କାହିଁକି ? ସେ ଯେ କର୍ତ୍ତା । ଯେପର୍ଯ୍ୟନ୍ତ 'ମୁଁ' ରଖି ଦେଇଛନ୍ତି, ସେପର୍ଯ୍ୟନ୍ତ ତାଙ୍କ ଆଦେଶ ମାନି କାମ କରିବି ।''

ଏଥର ଡାକ୍ତର ଠାକୁରଙ୍କ ଗଳାରୋଗ ପରୀକ୍ଷା କରିବେ । ଠାକୁର କହୁଛନ୍ତି—"ମହେନ୍ଦ୍ର ସରକାର ଜିଭକୁ ଚିପିଥିଲା, ଗାଈ ଜିଭକୁ ଚିପିଲା ଭଳି !"

ଠାକୁର ପୁଣି ପିଲାଙ୍କ ପରି ଡାକ୍ତରଙ୍କ ଜାମାକୁ ବାରମ୍ବାର ଧରୁଛନ୍ତି ଓ କହୁଛନ୍ତି—"ବାବୁ ! ବାବୁ ! ତୁମେ ଏଇଟା ଭଲ କରିଦିଅ !"

ଲାରିଞ୍ଜୋସ୍କୋପ (Laryngoscope) ଦେଖି ଠାକୁର ହସି ହସି କହୁଛନ୍ତି—"ବୁଝିଛି, ଏଥିରେ ଛାଇ ପଡ଼ିବ ।"

ନରେନ୍ଦ୍ର ଗୀତ ଗାଇଲେ । ଠାକୁର ଅସୁସ୍ଥ ବୋଲି ବେଶୀ ଗୀତ ହେଲା ନାହିଁ ।

## (୩)

## ଡାକ୍ତର ଶ୍ରୀଯୁକ୍ତ ଭଗବାନ ରୁଦ୍ର ଓ ଠାକୁର ଶ୍ରୀରାମକୃଷ୍ଣ

ଠାକୁର ଶ୍ରୀରାମକୃଷ୍ଣ ମଧ୍ୟାହ୍ନ ଭୋଜନ ସାରି ନିଜ ଆସନରେ ବସିଛନ୍ତି । ଡାକ୍ତର ଭଗବାନ୍ ରୁଦ୍ର ଓ ମାଷ୍ଟରଙ୍କ ସହିତ କଥା କହୁଛନ୍ତି । ରାଖାଲ, ଲାଟୁ ପ୍ରଭୃତି ଭକ୍ତମାନେ ଘରେ ଅଛନ୍ତି ।

ଆଜି ବୁଧବାର, ନନ୍ଦୋତ୍ସବ, ଭାଦ୍ର ୧୮ ଦିନ, ଶ୍ରାବଣ ଅଷ୍ଟମୀ ନବମୀ ତିଥି, ୨ ସେପ୍ଟେମ୍ବର, ୧୮୮୫ ଖ୍ରୀଷ୍ଟାବ୍ଦ । ଡାକ୍ତର ଠାକୁରଙ୍କ ରୋଗ ବିଷୟ ସବୁ ଶୁଣିଲେ । ଠାକୁର ତଳକୁ ଆସି ମେଜିଆରେ ଡାକ୍ତରଙ୍କ ପାଖରେ ବସିଛନ୍ତି ।

ଶ୍ରୀରାମକୃଷ୍ଣ—ଦେଖୁଛ, ଔଷଧ ଦେହରେ ଯାଉ ନାହିଁ ! ଦେହ ଅଲଗା ଧାତୁରେ ଗଢ଼ା ।

### ଟଙ୍କା ସ୍ପର୍ଶ, ଗଣ୍ଠି ପକାଇବା, ସଞ୍ଚୟ—ଏସବୁ ଠାକୁରଙ୍କ ଦ୍ୱାରା ଅସମ୍ଭବ

"ଆଚ୍ଛା, ଏଥିରେ ତୁମର କଅଣ ମନେହୁଏ ? ଟଙ୍କା ଛୁଇଁଲେ ହାତ ବଙ୍କା ଟଙ୍କା ହୋଇଯାଏ । ନିଃଶ୍ୱାସ ବନ୍ଦ ହୋଇଯାଏ । ଆଉ ଯଦି ମୁଁ ଗଣ୍ଠି ପକାଏ, ଯେପର୍ଯ୍ୟନ୍ତ ଗଣ୍ଠି ଖୋଲା ନ ଯାଇଛି, ସେପର୍ଯ୍ୟନ୍ତ ନିଃଶ୍ୱାସ ବନ୍ଦ ହୋଇ ରହିବ ।

ଏହା କହି ଗୋଟିଏ ଟଙ୍କା ଆଣିବାକୁ କହିଲେ । ଡାକ୍ତର ଦେଖି ଅବାକ୍ ଯେ, ହାତରେ ଟଙ୍କା ରଖିବାରୁ ହାତ ବଙ୍କା ହୋଇଗଲା, ଆଉ ନିଃଶ୍ୱାସ ବନ୍ଦ ହୋଇଗଲା ! ଟଙ୍କାଟି କାଢ଼ି ନେବା ପରେ କ୍ରମେ କ୍ରମେ ତିନି ଥର ଦୀର୍ଘ ନିଃଶ୍ୱାସ ଛାଡ଼ିଲେ ଓ ହାତ ପୁଣି ଶିଥିଳ ହେଲା ।

ଡାକ୍ତର ମାଷ୍ଟରଙ୍କୁ କହୁଛନ୍ତି, Action on the nerves (ସ୍ନାୟୁ ଉପରେ କ୍ରିୟା) ।

## ପୂର୍ବକଥା—ଶମ୍ଭୁ ମଲ୍ଲିକଙ୍କ ଉଦ୍ୟାନରେ ଅଫିମ ସଞ୍ଚୟ—କାମାରପୁକୁରରେ ଆମ୍ବ ତୋଳା—ସଞ୍ଚୟ ଅସମ୍ଭବ

ଠାକୁର ପୁଣି ଡାକ୍ତରଙ୍କୁ କହୁଛନ୍ତି—''ଆଉ ଗୋଟିଏ ଅବସ୍ଥା ଅଛି । କିଛି ସଞ୍ଚୟ କରିବା ଅସମ୍ଭବ ! ଦିନେ ଶମ୍ଭୁ ମଲ୍ଲିକଙ୍କ ବଗିଚାକୁ ଯାଇଥିଲି । ସେତେବେଳେ ଭୀଷଣ ପେଟ ଖରାପ । ଶମ୍ଭୁ କହିଲେ—ଟିକିଏ ଅଫିମ ଖାଅ, ତାହାହେଲେ କମିଯିବ । ମୋର ଲୁଗାକାନିରେ ଟିକିଏ ଅଫିମ ବାନ୍ଧି ଦେଲେ । ଫେରି ଆସିବା ବେଳେ, କେଜାଣି କାହିଁକି ଏଣେ ତେଣେ ଖାଲି ବୁଲିଲି, ଯେପରି ବାଟ ଖୋଜି ପାଉନାହିଁ । ତା'ପରେ ଯେତେବେଳେ ଅଫିମଟକ ଖୋଲି ପକାଇ ଦେଲି ସେତେବେଳେ ପୁଣି ସହଜରେ ବଗିଚାରୁ ଫେରି ଆସିଲି !

''କାମାରପୁକୁରରେ ଆମ୍ବ ତୋଳି ନେଇ ଆସୁଛି—ଆଉ ଚାଲିପାରିଲି ନାହିଁ; ଠିଆ ହୋଇ ପଡ଼ିଲି ! ତା'ପରେ ସେଗୁଡ଼ିକୁ ଗୋଟିଏ ଖାଲୁଆ ଜାଗାରେ ରଖିବାକୁ ହେଲା—ତେବେ ଯାଇ ଆସିପାରିଲି ! ଆଚ୍ଛା, ଏଇଟା କଅଣ ?''

ଡାକ୍ତର—ଏହା ପଛରେ ଅନ୍ୟ ଗୋଟିଏ ଶକ୍ତି ଅଛି, ମନର ଶକ୍ତି ।

ମଣି—ଏ କହୁଛନ୍ତି ଏଇଟି ଈଶ୍ୱରଙ୍କ ଶକ୍ତି, ଆପଣ କହୁଛନ୍ତି ମନ ଶକ୍ତି ।

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କ ପ୍ରତି)—ପୁଣି ଏପରି ଅବସ୍ଥା, ଯଦି କେହି କହେ, 'କମି ଯାଇଛି', ତାହାହେଲେ ସଙ୍ଗେ ସଙ୍ଗେ କମିଯାଏ । ସେଦିନ ବ୍ରାହ୍ମଣୀ କହିଲେ, ' ଆଠ ଅଣା କମି ଯାଇଛି'-ସଙ୍ଗେ ସଙ୍ଗେ ନାଚିବାକୁ ଲାଗିଲି ।

ଠାକୁର ଡାକ୍ତରଙ୍କ ସ୍ୱଭାବ ଦେଖି ସନ୍ତୁଷ୍ଟ ହୋଇଛନ୍ତି । ସେ ଡାକ୍ତରଙ୍କୁ କହୁଛନ୍ତି, ''ତୁମର ଚମତ୍କାର ସ୍ୱଭାବ । ଜ୍ଞାନର ଦୁଇଟି ଲକ୍ଷଣ—ଶାନ୍ତ ସ୍ୱଭାବ, ଆଉ ଅଭିମାନ ରହିବ ନାହିଁ ।''

ମଣି—ଏହାଙ୍କର (ଡାକ୍ତରଙ୍କର) ସ୍ତ୍ରୀ-ବିୟୋଗ ହୋଇଛି ।

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କ ପ୍ରତି)—ମୁଁ କହେ, ତିନି ଟାଣ ଏକାଠି ହେଲେ ଭଗବାନଙ୍କୁ ଲାଭ କରାଯାଏ । ମାଆର ପୁଅ ପ୍ରତି ଟାଣ, ସତୀର ପତି ପ୍ରତି ଓ ଟାଣ,ବିଷୟୀର ବିଷୟ ପ୍ରତି ଟାଣ ।

''ଯାହା ହେଉ, ବାବୁ ମୋର ଏଇଟିକୁ ଭଲ କରିଦିଅ ।''

ଡାକ୍ତର ଏଥର ରୋଗର ସ୍ଥାନଟିକୁ ଦେଖିବେ । ଗୋଲ ବାରଣ୍ଡାରେ ଖଣ୍ଡେ ଚୌକିରେ ଠାକୁର ବସିଲେ । ଠାକୁର ପ୍ରଥମେ ଡାକ୍ତର ସରକାରଙ୍କ କଥା କହୁଛନ୍ତି—''ଶାଳା, ମୋ ଜିଭକୁ ଗୋରୁଜିଭ ଚିପିଲା ପରି ଚିପିଲା !''

ଭଗବାନ—ବୋଧହୁଏ ସେ ଇଚ୍ଛା କରି ସେପରି କରି ନାହାନ୍ତି ।

ଶ୍ରୀରାମକୃଷ୍ଣ—ନା, ତାହା ନୁହେଁ, ଖୁବ୍ ଭଲ କରି ଦେଖିବେ ବୋଲି ଚିପୁଥିଲେ ।

## (୪)

## ଅସୁସ୍ଥ ଶ୍ରୀରାମକୃଷ୍ଣ ଓ ରାଖାଲ ଡାକ୍ତର—ଭକ୍ତଙ୍କ ସଙ୍ଗରେ ନୃତ୍ୟ

ଶ୍ରୀରାମକୃଷ୍ଣ ଦକ୍ଷିଣେଶ୍ୱର ମନ୍ଦିରରେ ଭକ୍ତଙ୍କ ଗହଣରେ ନିଜ ଘରେ ବସିଛନ୍ତି । ରବିବାର, ୨୦ ସେପ୍ଟେମ୍ବର, ୧୮୮୫ ଖ୍ରୀଷ୍ଟାବ୍ଦ, ଆଶ୍ୱିନ ୫ ଦିନ, ଶୁକ୍ଳ ଏକାଦଶୀ । ନବଗୋପାଳ, ହିନ୍ଦୁ ସ୍କୁଲର ଶିକ୍ଷକ ହରଲାଲ, ରାଖାଲ, ଲାଟୁ ପ୍ରଭୃତି, କୀର୍ତ୍ତନୀୟା ଗୋସ୍ୱାମୀ, ଅନେକେ ଉପସ୍ଥିତ ।

ବହୁବଜାରର ରାଖାଲ ଡାକ୍ତରଙ୍କୁ ସଙ୍ଗରେ ଆଣି ମାଷ୍ଟର ଉପସ୍ଥିତ ହେଲେ । ଡାକ୍ତରଙ୍କୁ ଠାକୁରଙ୍କର ବେମାରି ଦେଖାଇବେ ।

ଡାକ୍ତର ଠାକୁରଙ୍କର ଗଳାରେ କଅଣ ରୋଗ ହୋଇଛି, ଦେଖୁଛନ୍ତି । ସେ ଟିକିଏ ସ୍ଥୂଳକାୟ, ଆଙ୍ଗୁଠିଗୁଡ଼ିକ ମୋଟାମୋଟା ।

ଶ୍ରୀରାମକୃଷ୍ଣ (ସହାସ୍ୟ, ଡାକ୍ତରଙ୍କ ପ୍ରତି)—ଯେଉଁମାନେ ଏହିପରି କରନ୍ତି (ଅର୍ଥାତ୍, କୁସ୍ତି କରନ୍ତି) ସେମାନଙ୍କ ପରି ତୁମର ଆଙ୍ଗୁଠି । ମହେନ୍ଦ୍ର ସରକାର ଦେଖିଥିଲା; କିନ୍ତୁ ଜିଭକୁ ଏମିତି ଜୋରରେ ଚିପିଲା ଯେ ଭାରୀ ଯନ୍ତ୍ରଣା ହୋଇଥିଲା, ଯେପରି ଗୋରୁର ଜିଭକୁ ଚିପି ଧରନ୍ତି ।

ରାଖାଲ ଡାକ୍ତର—ଆଜ୍ଞା, ମୁଁ ଦେଖୁଛି, ଆପଣଙ୍କୁ ଟିକିଏ ବି କାଟିବ ନାହିଁ ।

ଡାକ୍ତର ଦେଖିବା ପରେ ଶ୍ରୀରାମକୃଷ୍ଣ ପୁଣି କଥା କହୁଛନ୍ତି ।

### ଶ୍ରୀରାମକୃଷ୍ଣଙ୍କର ରୋଗ କାହିଁକି

ଶ୍ରୀରାମକୃଷ୍ଣ (ଭକ୍ତମାନଙ୍କ ପ୍ରତି)—ଆଚ୍ଛା, ଲୋକମାନେ କହନ୍ତି, ଏ ଯଦି ଏତେ ବଡ଼ ସାଧୁ, ତେବେ ରୋଗ କାହିଁକି ହେଲା ?

ତାରକ— ଭଗବାନ ଦାସ ବାବାଜୀ ବହୁ ଦିନ ଧରି ରୋଗରେ ଶଯ୍ୟାଶାୟୀ ହୋଇଥିଲେ ।

ଶ୍ରୀରାମକୃଷ୍ଣ—ମଧୁ ଡାକ୍ତର, ଷାଠିଏ ବର୍ଷ ବୟସରେ ବିଧବା (ରକ୍ଷିତା ସ୍ତ୍ରୀ) ପାଇଁ ତା' ବସାକୁ ଭାତ ନେଇଯିବ, ଅଥଚ ନିଜର କୌଣସି ରୋଗ ନାହିଁ !

ଗୋସ୍ୱାମୀ— ଆଜ୍ଞା, ଆପଣଙ୍କର ଯେଉଁ ରୋଗ ତାହା ଅନ୍ୟମାନଙ୍କ ପାଇଁ; ଯେଉଁମାନେ ଆପଣଙ୍କ ପାଖକୁ ଆସନ୍ତି, ସେମାନଙ୍କର ଅପରାଧ ଆପଣଙ୍କୁ ନେବାକୁ ହୁଏ; ସେହି ସମସ୍ତ ଅପରାଧ, ପାପ ନେବାରୁ ଆପଣଙ୍କର ରୋଗ ହେଉଛି ।

ଜଣେ ଭକ୍ତ—ଆପଣ ଯଦି ମାଆଙ୍କୁ କହିବେ, ମା ଏହି ରୋଗଟି ଭଲ କରି ଦିଅ, ତାହା ହେଲେ ଶୀଘ୍ର ଭଲ ହୋଇଯିବ ।

## ସେବ୍ୟ ସେବକଭାବ କମ୍—'ମୁଁ' ଖୋଜି ପାଉ ନାହିଁ

ଶ୍ରୀରାମକୃଷ୍ଣ—ରୋଗ ଭଲ କରିବା କଥା କହିପାରିବି ନାହିଁ; ପୁଣି ଇଦାନୀଂ ସେବ୍ୟ-ସେବକଭାବ କମି ଯାଉଛି । ଥରେ ଥରେ କହେ, 'ମା ଖଣ୍ଡାର ଖୋଳଟା ଟିକିଏ ମରାମତି କରିଦିଅ, କିନ୍ତୁ ଏପରି ପ୍ରାର୍ଥନା କମି ଯାଉଛି; **ଆଜିକାଲି 'ମୁଁ' କୁ ଖୋଜି ପାଉନାହିଁ ।** ଦେଖୁଛି ସେ ହିଁ ଏହି ଖୋଳ ଭିତରେ ରହିଛନ୍ତି ।

କୀର୍ତ୍ତନ ପାଇଁ ଗୋସ୍ୱାମୀଙ୍କୁ ଅଣା ହୋଇଛି । ଜଣେ ଭକ୍ତ ପଚାରୁଛନ୍ତି, 'କୀର୍ତ୍ତନ କଅଣ ହେବ ?' ଶ୍ରୀରାମକୃଷ୍ଣ ଅସୁସ୍ଥ, କୀର୍ତ୍ତନ ହେଲେ କାଳେ ସେଥିରେ ମାତିଯିବେ, ଏପରି ଭୟ ସମସ୍ତେ କରୁଛନ୍ତି ।

ଶ୍ରୀରାମକୃଷ୍ଣ କହୁଛନ୍ତି, ''ଟିକିଏ ହେଉ । କୀର୍ତ୍ତନ ହେଲେ ମୋର ଭାବ ହୁଏ, ସେଥିପାଇଁ ଡର । ଭାବ ହେଲେ ତଣ୍ଟିର ଏହି ଜାଗାରେ କଷ୍ଟ ହୁଏ ।''

କୀର୍ତ୍ତନ ଶୁଣୁ ଶୁଣୁ ଠାକୁର ଭାବ ସମ୍ବରଣ କରିପାରିଲେ ନାହିଁ, ଠିଆ ହୋଇ ପଡ଼ିଲେ ଓ ଭକ୍ତମାନଙ୍କ ସହିତ ନାଚିବାକୁ ଲାଗିଲେ ।

ଡାକ୍ତର ରାଖାଲ ସମସ୍ତ ଦେଖିଲେ, ତାଙ୍କର ଭଡ଼ା ଗାଡ଼ିଟି ଠିଆ ହୋଇଛି; ସେ ଓ ମାଷ୍ଟର ଉଠିଲେ, କଲିକତାକୁ ଫେରିଯିବେ । ଠାକୁର ଶ୍ରୀରାମକୃଷ୍ଣଙ୍କୁ ଉଭୟେ ପ୍ରଣାମ କଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି ସ୍ନେହରେ)—ତୁମେ କଅଣ ଖାଇଛ ?

## ମାଷ୍ଟରଙ୍କ ପ୍ରତି ଆତ୍ମଜ୍ଞାନର ଉପଦେଶ—ଦେହଟା ଖୋଳମାତ୍ର

ଗୁରୁବାର, ୨୪ ସେପ୍‌ଟେମ୍ବର, ପୂର୍ଣ୍ଣିମା ଦିନ ରାତିରେ ଶ୍ରୀରାମକୃଷ୍ଣ ତାଙ୍କ ଘରେ ଛୋଟ ଖଟ ଉପରେ ବସିଛନ୍ତି । ଗଳା-ରୋଗ ଯୋଗୁ କାତର ହୋଇଛନ୍ତି । ମାଷ୍ଟର ଓ ଅନ୍ୟାନ୍ୟ ଭକ୍ତମାନେ ତଳେ ବସିଛନ୍ତି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କ ପ୍ରତି)—ଥରେ ଥରେ ଭାବେ, ଦେହଟା ଖୋଳମାତ୍ର, **ସେହି ଅଖଣ୍ଡ (ସଚ୍ଚିଦାନନ୍ଦ) ବ୍ୟତୀତ ଆଉ କିଛି ନାହିଁ ।**

''ଭାବାବେଶ ହେଲେ ଗଳାରୋଗଟା ଗୋଟିଏ ପାଖରେ ପଡ଼ିରହେ । ବର୍ତ୍ତମାନ ଏହି ଭାବଟି ଟିକିଏ ଟିକିଏ ଆସୁଛି, ଆଉ ହସ ଲାଗୁଛି ।''

ଦ୍ୱିଜଙ୍କର ଭଗିନୀ ଓ କନିଷ୍ଠ ମାତାମହୀ ଠାକୁରଙ୍କର ରୋଗ କଥା ଶୁଣି ଦେଖିବାକୁ ଆସିଛନ୍ତି; ସେମାନେ ପ୍ରଣାମ କରି ଘରର ଗୋଟିଏ ପାଖରେ ବସିଲେ । ଦ୍ୱିଜଙ୍କର ମାତାମହୀଙ୍କୁ ଦେଖି ଠାକୁର କହୁଛନ୍ତି, ''ଏ କିଏ ?—ଯିଏ ଦ୍ୱିଜକୁ ମଣିଷ କରିଛନ୍ତି ? ଆଚ୍ଛା, ଦ୍ୱିଜ ସେଇଟା (ଏକତାରା) କାହିଁକି କିଣିଛି ?''

ମାଷ୍ଟର—ଆଜ୍ଞା, ସେଥିରେ ଦୁଇଟି ତାର ଅଛି ।

ଶ୍ରୀରାମକୃଷ୍ଣ—ଏକେତ ତା' ପିତା ତାର ବିରୁଦ୍ଧ; ଅନ୍ୟମାନେ ବା କଅଣ କହିବେ ? ତା' ପକ୍ଷରେ ଗୋପନରେ (ଈଶ୍ୱରଙ୍କୁ) ଡାକିବା ହିଁ ଭଲ ।

ଶ୍ରୀରାମକୃଷ୍ଣଙ୍କ ଘରେ କାନ୍ଥରେ ଗୌର ନିତାଇଙ୍କର ଦୁଇଟି ଛବି ଥିଲା; ଗୌର ନିତାଇ ସାଙ୍ଗୋପାଙ୍ଗ ନେଇ ନବଦ୍ୱୀପରେ ସଂକୀର୍ତ୍ତନ କରୁଛନ୍ତି—ଏହି ଛବି ।

ରାମଲାଲ (ଶ୍ରୀରାମକୃଷ୍ଣଙ୍କ ପ୍ରତି)—ତାହାହେଲେ ଏହାଙ୍କୁ (ମାଷ୍ଟରଙ୍କୁ) ଏହି ଛବି ଖଣ୍ଡିକ ଦେଉଛି ?

ଶ୍ରୀରାମକୃଷ୍ଣ—ଆଚ୍ଛା, ଭଲ କଥା ।

## ଶ୍ରୀରାମକୃଷ୍ଣ ଓ ହରିଶ୍‌ଙ୍କର ସେବା

ଠାକୁର କେତେଦିନ ହେଲା ପ୍ରତାପଙ୍କର ଔଷଧ ଖାଉଛନ୍ତି । ଗଭୀର ରାତିରେ ନିଦରୁ ଉଠିପଡ଼ିଛନ୍ତି, ପ୍ରାଣ ଆଟୁପାଟୁ ହେଉଛି । ହରିଶ୍ ସେବା କରନ୍ତି, ଏହି ଘରେ ଥିଲେ; ରାଖାଲ ମଧ୍ୟ ଅଛନ୍ତି; ଶ୍ରୀଯୁକ୍ତ ରାମଲାଲ ବାହାର ବାରଣ୍ଡାରେ ଶୋଇଛନ୍ତି । ଠାକୁର ପରେ କହିଲେ, ''ପ୍ରାଣ ଆଟୁପାଟୁ ହେବାରୁ ହରିଶ୍‌କୁ କୁଣ୍ଢାଇ ଧରିବାକୁ ଇଚ୍ଛା ହେଲା; ମଧ୍ୟମ ନାରାୟଣ ତେଲ ଲଗାଇବାରୁ ଭଲ ହେଲା; ସେତେବେଳେ ନାଚିବାକୁ ଲାଗିଲି ।''

# ଏକବିଂଶ ପରିଚ୍ଛେଦ

## ଠାକୁର ଶ୍ରୀରାମକୃଷ୍ଣ ଶ୍ୟାମାପୁକୁର ଘରେ ଭକ୍ତମାନଙ୍କ ଗହଣରେ
## (୧)

ଶ୍ରୀଶ୍ରୀ ବିଜୟା ଦଶମୀ । ୧୮ ଅକ୍ଟୋବର, ୧୮୮୫ ଖ୍ରୀଷ୍ଟାବ୍ଦ । ଠାକୁର ଶ୍ରୀରାମକୃଷ୍ଣ ଶ୍ୟାମପୁକୁର ଘରେ ଅଛନ୍ତି । ଦେହ ଅସୁସ୍ଥ—କଲିକତାକୁ ଚିକିତ୍ସା କରିବାକୁ ଆସିଛନ୍ତି । ଭକ୍ତମାନେ ସବୁବେଳେ ସେଠାରେ ରହନ୍ତି, ଠାକୁରଙ୍କର ସେବା କରନ୍ତି । ଭକ୍ତମାନଙ୍କ ମଧ୍ୟରୁ କେହି ଏ ପର୍ଯ୍ୟନ୍ତ ସଂସାର ତ୍ୟାଗ କରି ନାହାନ୍ତି—ସେମାନେ ନିଜ ନିଜ ଘରୁ ଯିବା ଆସିବା କରନ୍ତି ।

### ସୁରେନ୍ଦ୍ରଙ୍କ ଭକ୍ତି—'ମା ହୃଦୟରେ ରହନ୍ତୁ'

ଶୀତକାଳ; ସକାଳ ସମୟ ଆଠଟା । ଠାକୁର ଅସୁସ୍ଥ, ବିଛଣା ଉପରେ ବସିଛନ୍ତି । କିନ୍ତୁ ପାଞ୍ଚବର୍ଷର ବାଳକ ପରି ମାଆଙ୍କ ଛଡ଼ା ଆଉ କିଛି ଜାଣନ୍ତି ନାହିଁ । ସୁରେନ୍ଦ୍ର ଆସି ବସିଲେ । ନବଗୋପାଳ, ମାଷ୍ଟର ଓ ଆଉ ଜଣେ ଦୁଇଜଣ ଉପସ୍ଥିତ ଅଛନ୍ତି । ସୁରେନ୍ଦ୍ରଙ୍କ ଘରେ ଦୁର୍ଗାପୂଜା ହୋଇଥିଲା । ଠାକୁର ଯାଇପାରି ନାହାନ୍ତି, ଭକ୍ତମାନଙ୍କୁ ପ୍ରତିମା ଦର୍ଶନ କରିବାକୁ ପଠାଇଥିଲେ । ଆଜି ବିଜୟା ଦଶମୀ, ସେଥିପାଇଁ ସୁରେନ୍ଦ୍ରଙ୍କ ମନ ଖରାପ ।

ସୁରେନ୍ଦ୍ର– ଘରୁ ପଳାଇ ଆସିଲି ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କୁ)—ସେଥିରେ କ୍ଷତି କଅଣ ! ମା ହୃଦୟରେ ରହନ୍ତୁ !

ସୁରେନ୍ଦ୍ର 'ମା, ମା' ହୋଇ ପରମେଶ୍ୱରୀଙ୍କ ଉଦ୍ଦେଶ୍ୟରେ କେତେ କଥା କହିବାକୁ ଲାଗିଲେ । ଠାକୁର ସୁରେନ୍ଦ୍ରଙ୍କୁ ଦେଖି ଦେଖି ଅଶ୍ରୁ ବିସର୍ଜନ କରୁଛନ୍ତି । ମାଷ୍ଟରଙ୍କ ଆଡ଼କୁ ଚାହିଁ ଗଦ୍‌ଗଦ ସ୍ୱରରେ କହୁଛନ୍ତି "କିପରି ଭକ୍ତି ! ଆହା, ଏହାର ଗଭୀର ଭକ୍ତି ଅଛି !"

ଶ୍ରୀରାମକୃଷ୍ଣ—କାଲି ସାତଟା ସାଢ଼େ ସାତଟା ବେଳେ ଭାବରେ ତୁମର ପୂଜାମଣ୍ଡପ ଦେଖିଲି । ଦେବୀଙ୍କର ପ୍ରତିମା ରହିଛନ୍ତି, ଦେଖିଲି ସବୁ ଜ୍ୟୋତିର୍ମୟ । ସେହି ସ୍ଥାନଟି ଏ ସ୍ଥାନ ସହିତ ଏକ ହୋଇଯାଇଛି ! ଯେପରି ଗୋଟାଏ ଆଲୁଅର ସ୍ରୋତ ଦୁଇ ସ୍ଥାନର ମଝିରେ ବୋହି ଯାଉଛି ! —ଏ ଘର ଆଉ ତୁମର ସେ ଘର !

ସୁରେନ୍ଦ୍ର—ମୁଁ ସେତେବେଳେ ପୂଜାମଣ୍ଡପରେ 'ମା ମା' ବୋଲି ଡାକୁଛି; ଭାଇମାନେ ମୋତେ ଛାଡ଼ି ଉପରକୁ ଚାଲି ଯାଇଛନ୍ତି ! ମନରେ ଉଠିଲା, ମା କହିଲେ, 'ମୁଁ ପୁଣି ଆସିବି ।'

### ଠାକୁର ଶ୍ରୀରାମକୃଷ୍ଣ ଓ ଭଗବଦ୍‌ଗୀତା

ସମୟ ପୂର୍ବାହ୍ନ ଏଗାରଟା ହେବ । ଠାକୁର ପଥ୍ୟ ଖାଇଲେ । ମୁହଁ ଧୋଇବା ପାଇଁ

ମଣି ପାଣି ଗଡ଼ାଇ ଦେଉଛନ୍ତି ।

ଶ୍ରୀରାମକୃଷ୍ଣ (ମଣିଙ୍କ ପ୍ରତି)—ଝୁଟ ଡାଲି ଖାଇ ରାଖାଲର ଦେହ ଖରାପ ହୋଇଛି । ସାତ୍ତ୍ୱିକ ଆହାର କରିବା ଭଲ । ତୁମେ ଗୀତା ପଢ଼ି ନାହଁ ? ତୁମେ ଗୀତା ପଢ଼ ତ ?

ମଣି—ଆଜ୍ଞା ହଁ, 'ଯୁକ୍ତାହାର' କଥା ରହିଛି । ସାତ୍ତ୍ୱିକ ଆହାର, ରାଜସିକ ଆହାର, ତାମସିକ ଆହାର । ପୁଣି ସାତ୍ତ୍ୱିକ ଦୟା, ରାଜସିକ ଦୟା, ତାମସିକ ଦୟା । ସାତ୍ତ୍ୱିକ ଅହଂ ଇତ୍ୟାଦି ସବୁ ଅଛି ।

ଶ୍ରୀରାମକୃଷ୍ଣ—ତୁମର ଗୀତା ଅଛି ?

ମଣି—ଆଜ୍ଞା, ଅଛି ।

ଶ୍ରୀରାମକୃଷ୍ଣ—ସେଥିରେ ସର୍ବଶାସ୍ତ୍ରର ସାର ଅଛି ।

ମଣି—ଆଜ୍ଞା, ଈଶ୍ୱରଙ୍କୁ ନାନା ଉପାୟରେ ଦେଖିବାର କଥା ରହିଛି; ଆପଣ ଯେପରି କହନ୍ତି, ବିଭିନ୍ନ ପଥ ଦେଇ ତାଙ୍କ ପାଖକୁ ଯିବା—ଜ୍ଞାନ, ଭକ୍ତି, କର୍ମ, ଧ୍ୟାନ ।

ଶ୍ରୀରାମକୃଷ୍ଣ—କର୍ମଯୋଗର ମାନେ କଅଣ ଜାଣ ? ସମସ୍ତ କର୍ମର ଫଳ ଭଗବାନଙ୍କୁ ସମର୍ପଣ କରିବା ।

ମଣି—ଆଜ୍ଞା, ଏକଥା ସେଥିରେ ଅଛି, ଦେଖିଛି । ପୁଣି ଅଛି ତିନି ଭାବରେ କର୍ମ କରାଯାଇପାରେ ।

ଶ୍ରୀରାମକୃଷ୍ଣ—କେଉଁ ଭାବରେ ?

ମଣି—ପ୍ରଥମ, ଜ୍ଞାନ ପାଇଁ । ଦ୍ୱିତୀୟ, ଲୋକଶିକ୍ଷା ପାଇଁ । ତୃତୀୟ, ସ୍ୱଭାବବଶତଃ ।

ଠାକୁର ମୁହଁ ଧୋଇବା ପରେ ପାନ ଖାଉଛନ୍ତି । ମଣିଙ୍କୁ ପାନ-ପ୍ରସାଦ ଦେଲେ ।

## (୨)

## ଶ୍ରୀରାମକୃଷ୍ଣ, ସାର୍ ହଂଫ୍ରେ ଡେଭି ଓ ଅବତାରବାଦ

ଠାକୁର ମାଷ୍ଟରଙ୍କୁ ଡାକ୍ତର ସରକାରଙ୍କ ବିଷୟ ପଚାରୁଛନ୍ତି । ପୂର୍ବଦିନ ମାଷ୍ଟର ଠାକୁରଙ୍କ ସମ୍ବାଦ ନେଇ ଡାକ୍ତରଙ୍କ ପାଖକୁ ଯାଇଥିଲେ ।

ଶ୍ରୀରାମକୃଷ୍ଣ—ତୁମ ସଙ୍ଗରେ କଅଣ ସବୁ କଥାବାର୍ତ୍ତା ହେଲା ?

ମାଷ୍ଟର—ଡାକ୍ତରଙ୍କ ଘରେ ଅନେକ ବହି ଅଛି । ମୁଁ ସେଠାରେ ବସି ଖଣ୍ଡେ ବହି ପଢୁଥିଲି । ପୁଣି ସେହି ବହିର କିଛି ଅଂଶ ପଢ଼ି ଡାକ୍ତରଙ୍କୁ ଶୁଣାଇଲି । ସାର ହଂଫ୍ରେ ଡେଭିଙ୍କର ବହି । ସେଥିରେ ଅବତାରଙ୍କ ପ୍ରୟୋଜନ କଥା ରହିଛି ।

ଶ୍ରୀରାମକୃଷ୍ଣ—ସତରେ ? ତୁମେ କଅଣ କହିଲ ?

ମାଷ୍ଟର—ସେଥିରେ ଲେଖା ଅଛି, ଈଶ୍ୱରଙ୍କର ବାଣୀ ମନୁଷ୍ୟ ଭିତର ଦେଇ ନ ଆସିଲେ ମଣିଷ ବୁଝିପାରେ ନାହିଁ । (Divine Truth must be made human Truth to be appreciated by us.) ସେଥିପାଇଁ ଅବତାରାଦିଙ୍କର ପ୍ରୟୋଜନ ।

ଶ୍ରୀରାମକୃଷ୍ଣ—ବାଃ, ଏ ତ ଖୁବ୍ ଭଲ କଥା !

ମାଷ୍ଟର—ସାହେବ ଉଦାହରଣ ଦେଇଛନ୍ତି, ଯେପରି ସୂର୍ଯ୍ୟଙ୍କ ଆଡ଼କୁ ଚାହିଁ ହୁଏ ନାହିଁ, କିନ୍ତୁ ସୂର୍ଯ୍ୟଙ୍କ ଆଲୁଅ ଯେଉଁଠାରେ ପଡ଼େ, ସେଠାକୁ ଚାହିଁ ହୁଏ ।

ଶ୍ରୀରାମକୃଷ୍ଣ—ବେଶ୍ କଥା, ଆଉ କିଛି ଅଛି ?

ମାଷ୍ଟର—ଆଉ ଗୋଟିଏ ଜାଗାରେ ଥିଲା, ଯଥାର୍ଥ ଜ୍ଞାନ ହେଉଛି ବିଶ୍ୱାସ ।

ଶ୍ରୀରାମକୃଷ୍ଣ—ଏ ତ ଖୁବ୍ ଭଲ କଥା । ବିଶ୍ୱାସ ହେଲା ତ ସବୁ ହୋଇଗଲା ।

ମାଷ୍ଟର—ସାହେବ ପୁଣି ସ୍ୱପ୍ନ ଦେଖିଥିଲେ—ରୋମାନ୍‌ମାନଙ୍କର ଦେବଦେବୀ !

ଶ୍ରୀରାମକୃଷ୍ଣ—ଏପରି ସବୁ ବହି ହୋଇଛି ? ସେ (ଈଶ୍ୱର) ହିଁ ଏସବୁ କାମ କରୁଛନ୍ତି; ଆଉ କିଛି କଥା ହେଲା ?

## ଶ୍ରୀରାମକୃଷ୍ଣ ଓ 'ଜଗତର ଉପକାର' ବା କର୍ମଯୋଗ

ମାଷ୍ଟର—ଜଗତର ଉପକାର କରିବା କଥା ସେମାନେ କହନ୍ତି । ସେଥିପାଇଁ ମୁଁ ଆପଣଙ୍କ କଥା କହିଲି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—କେଉଁ କଥା ?

ମାଷ୍ଟର—ଶମ୍ଭୁ ମଲ୍ଲିକଙ୍କର କଥା । ସେ ଆପଣଙ୍କୁ କହିଥିଲେ, 'ମୋର ଇଚ୍ଛା ଯେ, ଟଙ୍କା ଦେଇ କେତେଗୁଡ଼ିଏ ହାସ୍‌ପାତାଳ, ଡିସ୍‌ପେନ୍‌ସାରୀ, ସ୍କୁଲ, ଏହିସବୁ କରି ଦେବି; ତା'ହେଲେ ଅନେକଙ୍କର ଉପକାର ହେବ ।' ଆପଣ ତାଙ୍କୁ ଯାହା କହିଥିଲେ ସେକଥା କହିଲି, 'ଯଦି ଈଶ୍ୱର ତୁମକୁ ଦେଖା ଦିଅନ୍ତି, ତେବେ ତୁମେ କଅଣ କହିବ, ମୋତେ କେତେଗୁଡ଼ିଏ ହାସ୍‌ପାତାଳ, ଡିସ୍‌ପେନସାରୀ, ସ୍କୁଲ କରିଦିଅନ୍ତୁ !' ଆଉ ଗୋଟିଏ କଥା କହିଲି ।

ଶ୍ରୀରାମକୃଷ୍ଣ—ହଁ, ଯେଉଁମାନେ କର୍ମ କରିବାକୁ ଆସନ୍ତି, ସେମାନଙ୍କର ଅଲଗା ଥାକ; ଆଉ କଅଣ କଥା ହେଲା ?

ମାଷ୍ଟର—କହିଲି, ଯଦି କାଳୀ-ଦର୍ଶନ ଉଦ୍ଦେଶ୍ୟ ହୁଏ, ତେବେ ରାସ୍ତାରେ କେବଳ ଦରିଦ୍ର-ଭୋଜନ କରାଇଲେ କଅଣ ହେବ ? ବରଂ ଯେମିତି ହେଲେ ଥରେ କାଳୀଙ୍କୁ ଦର୍ଶନ କରି ଆସ—ତାପରେ ଯେତେ ଇଚ୍ଛା ଦରିଦ୍ର ଭୋଜନ କରାଅ ।

ଶ୍ରୀରାମକୃଷ୍ଣ—ଆଉ କିଛି କଥା ହେଲା ?

## ଠାକୁର ଶ୍ରୀରାମକୃଷ୍ଣଙ୍କର ଭକ୍ତ ଓ କାମଜୟ

ମାଷ୍ଟର—ଆପଣଙ୍କ ପାଖକୁ ଯେଉଁମାନେ ଆସନ୍ତି, ସେମାନଙ୍କ ମଧ୍ୟରୁ ଅନେକେ କାମଜୟ କରିଛନ୍ତି, ଏହି କଥା ହେଲା । ଡାକ୍ତର ସେତେବେଳେ କହିଲେ, 'ମୋର ମଧ୍ୟ କାମଭାବ ଚାଲିଯାଇଛି, ଜାଣ ?' ମୁଁ କହିଲି, 'ଆପଣ ତ ବିରାଟ ଲୋକ ! ଆପଣ ଯେ କାମ ଜୟ କରିଛନ୍ତି, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କ୍ଷୁଦ୍ର ପ୍ରାଣୀଙ୍କର ଯେ ତାଙ୍କ

ପାଖରେ ରହି ଇନ୍ଦ୍ରିୟଜୟ ହେଉଛି, ଏହା ହିଁ ଆଶ୍ଚର୍ଯ୍ୟ !' ତା'ପରେ ମୁଁ କହିଲି, ଆପଣ ଯାହା ଗିରିଶ ଘୋଷଙ୍କୁ କହିଥିଲେ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—କଅଣ କହିଥିଲି ?

ମାଷ୍ଟର—ଆପଣ ଗିରିଶ ଘୋଷଙ୍କୁ କହିଥିଲେ, 'ଡାକ୍ତର ତୁମକୁ ଟପିପାରିନାହାନ୍ତି ।' ସେହି ଅବତାରଙ୍କ କଥା ।

ଶ୍ରୀରାମକୃଷ୍ଣ—ତୁମେ ଅବତାର ବିଷୟ ତାଙ୍କୁ (ଡାକ୍ତରଙ୍କୁ) କହିବ । **ଅବତାର, ଯେ ତାରଣ କରନ୍ତି ।** ତେବେ ଦଶ ଅବତାର ଅଛି, ଚବିଶ ଅବତାର ଅଛି, ପୁଣି ଅସଂଖ୍ୟ ଅବତାରଙ୍କ କଥା ମଧ ଅଛି ।

## ମଦ୍ୟପାନ କ୍ରମେ କ୍ରମେ ସଂପୂର୍ଣ୍ଣ ତ୍ୟାଗ

ମାଷ୍ଟର—ଗିରିଶ ଘୋଷଙ୍କର ବହୁତ ଖବର ରଖିଛନ୍ତି । କେବଳ ପଚାରନ୍ତି, ଗିରିଶ ଘୋଷ କଅଣ ମଦ ପୂରା ଛାଡ଼ିଦେଇଛନ୍ତି ? ତାଙ୍କ ଉପରେ ଭାରୀ ନଜର ।

ଶ୍ରୀରାମକୃଷ୍ଣ—ତୁମେ ଗିରିଶ ଘୋଷକୁ ସେ କଥା କହିଥିଲ ?

ମାଷ୍ଟର—ଆଜ୍ଞା ହଁ, କହିଥିଲି । ଆଉ, ମଦ ଛାଡ଼ିବା କଥା ବି ।

ଶ୍ରୀରାମକୃଷ୍ଣ—ସେ କଅଣ କହିଲା ?

ମାଷ୍ଟର—ସେ କହିଲେ, ଯେହେତୁ ତୁମେମାନେ କହୁଛ, ତେଣୁ ଠାକୁରଙ୍କ କଥା ବୋଲି ମାନୁଛି—କିନ୍ତୁ ଜୋର୍ କରି କୌଣସି କଥା କହିବି ନାହିଁ ।

ଶ୍ରୀରାମକୃଷ୍ଣ (ଆନନ୍ଦ ସହକାରେ)—କାଳୀପଦ କହିଛି, ସେ ପୂରାପୂରି ସବୁ ଛାଡ଼ିଦେଇଛି ।

## (୩)

## ନିତ୍ୟ ଲୀଳା ଯୋଗ

## [Identity of the Absolute or Universal Ego and the Phenomenal World]

ଅପରାହ୍ନ ହୋଇଛି, ଡାକ୍ତର ଆସିଛନ୍ତି । ଅମୃତ (ଡାକ୍ତରଙ୍କ ପୁଅ) ଓ ହେମ ଡାକ୍ତରଙ୍କ ସଙ୍ଗରେ ଆସିଛନ୍ତି । ନରେନ୍ଦ୍ର ପ୍ରଭୃତି ଭକ୍ତଗଣ ଉପସ୍ଥିତ ଅଛନ୍ତି । ଠାକୁର ନିଭୃତରେ ଅମୃତଙ୍କ ସହିତ କଥା କହୁଛନ୍ତି । ପଚାରୁଛନ୍ତି, ''ତୁମର କଅଣ ଧ୍ୟାନ ହୁଏ ?'' ଆଉ କହୁଛନ୍ତି— ''ଧ୍ୟାନ ଅବସ୍ଥା କିପରି ଜାଣ ? ମନଟି ତୈଳଧାରା ପରି ହୋଇଯାଏ । ଗୋଟିଏ ଚିନ୍ତା, ଈଶ୍ୱରଙ୍କ ଚିନ୍ତା, ଅନ୍ୟ କୌଣସି ଚିନ୍ତା ତା' ଭିତରେ ଆସିବ ନାହିଁ ।'' ଏଥର ଠାକୁର ସମସ୍ତଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କ ପ୍ରତି)— ତୁମ ପୁଅ ଅବତାର ମାନେ ନାହିଁ । ଭଲ କଥା । ନ ମାନିଲେ କିଛି କ୍ଷତି ନାହିଁ ।

''ତୁମ ପୁଅଟି ଭାରୀ ଭଲ । ହେବ ନାହିଁ କାହିଁକି ? ବମ୍ବେଇ ଆମ୍ବ ଗଛରେ କ'ଅଣ ଖଟା ଆମ୍ବ ହୁଏ ? ଈଶ୍ୱରଙ୍କଠାରେ ତାର କିପରି ବିଶ୍ୱାସ ! ଈଶ୍ୱରଙ୍କଠାରେ ଯାହାର ମନ, ସେହି ତ ମଣିଷ । ମନୁଷ୍ୟ—ଆଉ ମନହୋସ୍ । ଯାହାର ହୋସ୍ ଅଛି, ଚୈତନ୍ୟ ଅଛି, ଯେ ନିଶ୍ଚିତ ଭାବରେ ଜାଣେ ଯେ, ଈଶ୍ୱର ସତ୍ୟ ଓ ଆଉସବୁ ଅନିତ୍ୟ—ସେହି ମନହୋସ୍ । ତେବେ ଅବତାର ମାନେ ନାହିଁ, ସେଥିରେ ଦୋଷ କଅଣ ?

''ଈଶ୍ୱର, ଆଉ ଏହିସବୁ ଜୀବ ଜଗତ୍ ତାଙ୍କର ଐଶ୍ୱର୍ଯ୍ୟ । ଏତିକି ମାନିଲେ ହେଲା । ଯେପରି ବଡ଼ ଲୋକ ଏବଂ ତାଙ୍କର ବଗିଚା ।

''ଏପରି ଅଛି, ଦଶ ଅବତାର—ଚବିଶ ଅବତାର—ପୁଣି ଅସଂଖ୍ୟ ଅବତାର । ଯେଉଁଠାରେ ତାଙ୍କ ଶକ୍ତିର ବିଶେଷ ପ୍ରକାଶ, ସେହିଠାରେ ହିଁ ଅବତାର । ମୋର ତ ଏହି ମତ ।

ଆଉ ମଧ୍ୟ ଅଛି—ଯାହା କିଛି ଦେଖୁଛ ଏସବୁ ସେ ହିଁ ହୋଇଛନ୍ତି । ଯେପରି ବେଲ—ମଞ୍ଜି, ଖୋଳପା, ଶସ ତିନିକୁ ନେଇ ବେଲ । ଯାହାଙ୍କର ନିତ୍ୟ, ତାଙ୍କରି ହିଁ ଲୀଳା, ଯାହାଙ୍କର ଲୀଳା, ତାଙ୍କରି ହିଁ ନିତ୍ୟ । ନିତ୍ୟକୁ ଛାଡ଼ି ଖାଲି ଲୀଳା ବୁଝାଯାଏ ନାହିଁ । ଲୀଳା ଅଛି ବୋଲି, ତାହାକୁ ଧରି ଧରି ନିତ୍ୟରେ ପହଞ୍ଚି ହୁଏ ।

''ଯେପର୍ଯ୍ୟନ୍ତ ଅହଂ ବୁଦ୍ଧି ଥାଏ, ସେପର୍ଯ୍ୟନ୍ତ ଲୀଳାକୁ ଛାଡ଼ିବାର ବାଟ ନାହିଁ । ନେତି ନେତି କରି ଧ୍ୟାନଯୋଗ ମାଧ୍ୟମରେ ନିତ୍ୟରେ ପହଞ୍ଚି ହୁଏ । କିନ୍ତୁ କିଛି ବାଦ ଦେବାର ଉପାୟ ନାହିଁ । ଯେପରି କହିଲି—ବେଲ ।''

ଡାକ୍ତର—ଠିକ୍ କଥା ।

ଶ୍ରୀରାମକୃଷ୍ଣ—କଚ ନିର୍ବିକଳ୍ପ ସମାଧିରେ ରହିଥିଲେ । ଯେତେବେଳେ ସମାଧିଭଙ୍ଗ ହେଲା, ଜଣେ ପଚାରିଲେ, ତୁମେ ଏବେ କଅଣ ଦେଖୁଛ ? କଚ କହିଲେ, ଦେଖୁଛି ଯେ, ଜଗତ୍ ଯେପରି ତାଙ୍କଠାରେ ଜଡ଼ି ରହିଛି । ସେ ହିଁ ପରିପୂର୍ଣ୍ଣ ! ଯାହା କିଛି ଦେଖୁଛି ସେ ହିଁ ସବୁ ହୋଇଛନ୍ତି । ଏହା ଭିତରୁ କାହାକୁ ଛାଡ଼ିବି କାହାକୁ ରଖିବି, ଠିକ୍ କରିପାରୁ ନାହିଁ ।

''କଅଣ ଜାଣ—ନିତ୍ୟ ଏବଂ ଲୀଳା ଦର୍ଶନ କରି, ଦାସ ଭାବରେ ରହିବାକୁ ହୁଏ । ହନୁମାନ ସାକାର ଓ  ନିରାକାର ଉଭୟ ସାକ୍ଷାତ୍କାର କରିଥିଲେ । ତା'ପରେ ଦାସ ଭାବରେ ଭକ୍ତ ଭାବରେ ଥିଲେ ।''

ମଣି (ସ୍ୱଗତଃ)—ନିତ୍ୟ ଓ ଲୀଳା ଉଭୟ ନେବାକୁ ହେବ ! ଜର୍ମାନୀକୁ ବେଦାନ୍ତ ଯିବା ଦିନଠାରୁ ୟୁରୋପୀୟ ପଣ୍ଡିତମାନଙ୍କର କାହାର କାହାର ମଧ୍ୟ ଏହି ମତ । କିନ୍ତୁ ଠାକୁର କହିଛନ୍ତି, ସବୁ ତ୍ୟାଗ—କାମିନୀ-କାଞ୍ଚନ ତ୍ୟାଗ—ତା' ନ ହେଲେ ନିତ୍ୟ ଲୀଳାର ସାକ୍ଷାତ୍କାର ହୁଏ ନାହିଁ । ଠିକ୍ ଠିକ୍ ତ୍ୟାଗୀ, ସମ୍ପୂର୍ଣ୍ଣ ଅନାସକ୍ତ ହେବା ପ୍ରୟୋଜନ । ଏ ବିଷୟରେ ହେଗେଲଙ୍କ ଭଳି ପଣ୍ଡିତମାନଙ୍କ ସଙ୍ଗରେ ବିଶେଷ ପାର୍ଥକ୍ୟ ଦେଖୁଛି ।

## (୪)
## ଠାକୁର ଶ୍ରୀରାମକୃଷ୍ଣ ଓ ଅବତାର ବାଦ
## [Reconciliation of Free will and Predestination]

ଡାକ୍ତର କହୁଛନ୍ତି, ଈଶ୍ୱର ଆମମାନଙ୍କୁ ସୃଷ୍ଟି କରିଛନ୍ତି, ଆଉ ଆମ ସମସ୍ତଙ୍କର ଆତ୍ମା ଅନନ୍ତ ଉନ୍ନତି କରିବେ । ଜଣେ ଆଉ ଜଣଙ୍କ ଅପେକ୍ଷା ବଡ଼, ଏକଥା ସେ ମାନିବାକୁ ଚାହୁଁନାହାନ୍ତି । ସେଥିପାଇଁ ଅବତାର ମାନୁନାହାନ୍ତି ।

ଡାକ୍ତର—ଅନନ୍ତ ଉନ୍ନତି ! ତାହା ଯଦି ନ ହେଲା ତାହାହେଲେ ପାଞ୍ଚ ସାତବର୍ଷ ବଞ୍ଚିବା କଅଣ ହେବ ! ବେକରେ ଦଉଡ଼ି ଦେବି ।

ଅବତାର ପୁଣି କଅଣ ! ଯେଉଁ ମଣିଷ ହଗେ ମୂତେ ତାର ପଦାନତ ହେବି ! ହଁ, ତେବେ ଈଶ୍ୱରଙ୍କ ଜ୍ୟୋତି ମଣିଷ ଭିତରେ ପ୍ରକାଶିତ ହୁଏ—ଏକଥା ମାନିବି ।

ଗିରିଶ (ସହାସ୍ୟ)—ଆପଣ ଈଶ୍ୱରଙ୍କ ଜ୍ୟୋତି ଦେଖିନାହାନ୍ତି—

ଡାକ୍ତର ଉତ୍ତର ଦେବା ପୂର୍ବରୁ ଟିକିଏ ଇତଃସ୍ତତଃ କରୁଛନ୍ତି । ପାଖରେ ଜଣେ ବନ୍ଧୁ ବସିଥିଲେ—ଆସ୍ତେ ଆସ୍ତେ କଅଣ କହିଲେ ।

ଡାକ୍ତର—ଆପଣ ମଧ୍ୟ ପ୍ରତିବିମ୍ବ ଛଡ଼ା ଆଉ କିଛି ଦେଖିନାହାନ୍ତି ।

ଗିରିଶ— I see It ! I see the Light ! ଶ୍ରୀକୃଷ୍ଣ ଯେ ଅବତାର ପ୍ରମାଣ କରିବି—ତାହା ନ ହେଲେ ଜିଭ କାଟିଦେବି ।

### ବିକାର ରୋଗୀର ବିଚାର—ପୂର୍ଣ୍ଣଜ୍ଞାନରେ ବିଚାର ବନ୍ଦ ହୁଏ

ଶ୍ରୀରାମକୃଷ୍ଣ—ଏସବୁ ଯାହା କଥା ହେଉଛି, ତାହା କିଛି ନୁହେଁ ।

ଏ ସବୁ ବିକାର-ରୋଗୀର ଖିଆଲ । ବିକାର-ରୋଗୀ କହିଥିଲା—ମାଠିଆଏ ପାଣି ପିଇବି, ହାଣ୍ଡିଏ ଭାତ ଖାଇବି ! ବୈଦ୍ୟ କହିଲେ, ଆଚ୍ଛା ହେଉ ଖାଇବୁ ! ପଥି ଖାଇ ସାରିଲେ ଯାହା କହିବୁ କରାଯିବ ।

ଯେପର୍ଯ୍ୟନ୍ତ ଘିଅ କଞ୍ଚା ରହିଛି, ସେପର୍ଯ୍ୟନ୍ତ କଡ଼ କଡ଼ ଶବ୍ଦ ଶୁଣାଯାଏ । ତାତି ପାଚିଗଲେ ଆଉ ଶବ୍ଦ ହୁଏ ନାହିଁ । ଯାହାର ଯେପରି ମନ, ସେ ଈଶ୍ୱରଙ୍କୁ ସେପରି ଦେଖେ । ମୁଁ ଦେଖିଛି, ବଡ଼ ଲୋକଙ୍କ ଘରେ ରାଣୀଙ୍କର ଛବି, ଆଉ ଭକ୍ତଙ୍କ ଘରେ ଦେବଦେବୀଙ୍କର ଛବି !

ଲକ୍ଷ୍ମଣ କହିଥିଲେ, ରାମ, ଯେ ସ୍ୱୟଂ ବଶିଷ୍ଠଦେବ, ତାଙ୍କର ପୁଣି ପୁତ୍ରଶୋକ ! ରାମ କହିଲେ, ଭାଇ ଯାହାର ଜ୍ଞାନ ଅଛି, ତାହାର ଅଜ୍ଞାନ ମଧ୍ୟ ଅଛି । ଯାହାର ଆଲୁଅବୋଧ ଅଛି, ତାହାର ଅନ୍ଧକାର-ବୋଧ ମଧ୍ୟ ଅଛି । ସେଥିପାଇଁ ଜ୍ଞାନ-ଅଜ୍ଞାନର ପରପାରିକୁ ଯାଅ । ଈଶ୍ୱରଙ୍କୁ ବିଶେଷ ରୂପରେ ଜାଣିଲେ ସେହି ଅବସ୍ଥା ହୁଏ । ଏହାରି ନାମ ବିଜ୍ଞାନ ।

''ପାଦରେ କଣ୍ଟା ଫୁଟିଲେ ଆଉ ଗୋଟିଏ କଣ୍ଟା ଯୋଗାଡ଼ କରିବାକୁ ହୁଏ । ଏ

କଣ୍ଟାରେ ସେହି କଣ୍ଟାଟିକୁ କାଢ଼ିବାକୁ ହୁଏ । କାଢ଼ିବା ପରେ ଉଭୟ କଣ୍ଟାକୁ ଫିଙ୍ଗି ଦିଅନ୍ତି, ଜ୍ଞାନ-କଣ୍ଟା ଦ୍ୱାରା ଅଜ୍ଞାନ-କଣ୍ଟାକୁ କାଢ଼ି, ଜ୍ଞାନ ଅଜ୍ଞାନ ଉଭୟ କଣ୍ଟାକୁ ପକାଇ ଦେବାକୁ ହୁଏ ।''

''ପୂର୍ଣ୍ଣଜ୍ଞାନର ଲକ୍ଷଣ ଅଛି । ବିଚାର ବନ୍ଦ ହୋଇଯାଏ । ଯାହା କହିଲି, ଘିଅ କଞ୍ଚା ଥିଲେ କଡ଼ କଡ଼ ଶବ୍ଦ !''

ଡାକ୍ତର—ପୂର୍ଣ୍ଣଜ୍ଞାନ ହେଉଛି କେଉଁଠି ? ସବୁ ଈଶ୍ୱର ! ତେବେ ତୁମେ ପରମହଂସଗିରି କରୁଛ କାହିଁକି ? ଆଉ ଏମାନେ ଆସି ତୁମର ସେବା କରୁଛନ୍ତି ବା କାହିଁକି ? ନୀରବ ରହୁନାହଁ କାହିଁକି ?

ଶ୍ରୀରାମକୃଷ୍ଣ (ସହାସ୍ୟ)—ପାଣି ସ୍ଥିର ଥିଲେ ବି ପାଣି, ହଲୁଥିଲେ ବି ପାଣି, ଢେଉ ଖେଳିଲେ ବି ପାଣି ।

## ଈଶ୍ୱରଙ୍କ ବାଣୀ ବା ବିବେକ—ମାହୁନ୍ତ ନାରାୟଣ

ଆଉ ଗୋଟିଏ କଥା । ମାହୁନ୍ତ-ନାରାୟଣର କଥା ବା ଶୁଣିବି ନାହିଁ କାହିଁକି ? ଗୁରୁ ଶିଷ୍ୟକୁ କହିଦେଇଥିଲେ, ସବୁ ନାରାୟଣ । ପାଗଳା ହାତୀ ଆସୁଥିଲା । ଶିଷ୍ୟ ଗୁରୁ-ବାକ୍ୟରେ ବିଶ୍ୱାସ କରି ସେଠାରୁ ହଟିଲା ନାହିଁ । ହାତୀ ମଧ୍ୟ ନାରାୟଣ । ମାହୁନ୍ତ କିନ୍ତୁ ଚିତ୍କାର କରି କହୁଥିଲା, ସମସ୍ତେ ହଟିଯାଅ, ଘୁଞ୍ଚି ଯାଅ, ଶିଷ୍ୟଟି ଘୁଞ୍ଚିଲା ନାହିଁ । ହାତୀ ତାକୁ କଚାଡ଼ି ଦେଇ ଚାଲିଗଲା ।

''ପ୍ରାଣ ଯାଇନାହିଁ, ପାଟିରେ ମୁହଁରେ ପାଣିଦେବାରୁ ଜ୍ଞାନ ହେଲା । ଯେତେବେଳେ ପଚରାଗଲା, ତୁମେ କାହିଁକି ହଟିଲ ନାହିଁ, ସେ କହିଲା, 'କାହିଁକି, ଗୁରୁଦେବ ତ କହିଛନ୍ତି—ସବୁ ନାରାୟଣ !' ଗୁରୁ କହିଲେ, 'ବାବା, ମାହୁନ୍ତ-ନାରାୟଣଙ୍କର କଥା ତେବେ ଶୁଣିଲ ନାହିଁ କାହିଁକି ?' ସେ ହିଁ ଶୁଦ୍ଧ ମନ ଶୁଦ୍ଧ ବୁଦ୍ଧି ହୋଇ ଭିତରେ ରହିଛନ୍ତି । ମୁଁ ଯନ୍ତ୍ର, ସେ ଯନ୍ତ୍ରୀ । ମୁଁ ଘର, ସେ ଘରଣୀ; ସେ ହିଁ ମାହୁନ୍ତ-ନାରାୟଣ ।''

ଡାକ୍ତର—ଆଚ୍ଛା, ଆଉ ଗୋଟାଏ କଥା; ତେବେ କାହିଁକି କହୁଛ, ଏଇଟା ଭଲ କରିଦିଅ ?

ଶ୍ରୀରାମକୃଷ୍ଣ—ଯେପର୍ଯ୍ୟନ୍ତ ମୁଁ-ଘଟ ରହିଛି, ସେପର୍ଯ୍ୟନ୍ତ ଏପରି ହେଉଛି । ମନେକର ମହାସମୁଦ୍ର—ଅଧଃ ଊର୍ଦ୍ଧ୍ୱ ପରିପୂର୍ଣ୍ଣ । ତା' ଭିତରେ ଗୋଟିଏ ଘଟ ରହିଛି, ଘଟ ଭିତରେ ଓ ବାହାରେ ପାଣି । କିନ୍ତୁ ଭାଙ୍ଗି ନ ଗଲା ପର୍ଯ୍ୟନ୍ତ ଠିକ୍ ଏକାକାର ହେଉ ନାହିଁ । ସେ ହିଁ ଏହି ମୁଁ-ଘଟକୁ ରଖି ଦେଇଛନ୍ତି ।

## ମୁଁ କିଏ

ଡାକ୍ତର—ତେବେ ଏହି 'ମୁଁ' ବୋଲି ଯାହା କହୁଛ, ସେଇଟା କଅଣ ? ଏହାର ଅର୍ଥ ତ କହିବା ଦରକାର । ସେ କଅଣ ଆମ ସଙ୍ଗରେ ଚାଲାକି ଖେଳୁଛନ୍ତି ?

ଗିରିଶ—ମହାଶୟ, କିପରି ଜାଣିଲେ, ଚାଲାକି ନୁହେଁ ?

ଶ୍ରୀରାମକୃଷ୍ଣ (ସହାସ୍ୟ)—ସେ ହିଁ ଏହି 'ମୁଁ' ରଖିଦେଇଛନ୍ତି । ତାଙ୍କର ଖେଳ—ତାଙ୍କର ଲୀଳା ! ଜଣେ ରାଜାଙ୍କର ଚାରି ପୁଅ । ରାଜାଙ୍କ ପୁଅ—କିନ୍ତୁ ଖେଳୁଛନ୍ତି—କେହି ମନ୍ତ୍ରୀ, କେହି କଟୁଆଳ ହୋଇଛି,ଏହିପରି; ରାଜାଙ୍କ ପୁଅ ହୋଇ କଟୁଆଳ ଖେଳ ଖେଳୁଛନ୍ତି !

(ଡାକ୍ତରଙ୍କ ପ୍ରତି)—''ଶୁଣ ! ତୁମେ ଯେତେବେଳେ ଆତ୍ମାଙ୍କୁ ସାକ୍ଷାତ୍‌କାର କରିବ, ସେତେବେଳେ ଏହିସବୁ ମାନିବ । ତାଙ୍କର ଦର୍ଶନ ହେଲେ ସବୁ ସଂଶୟ ଚାଲିଯାଏ ।''

## ପୁତ୍ରତ୍ୱ ଏବଂ ପିତା—ଜ୍ଞାନଯୋଗ ଓ ଶ୍ରୀରାମକୃଷ୍ଣ

ଡାକ୍ତର—ସବୁ ସନ୍ଦେହ କଅଣ ଯାଉଛି ?

ଶ୍ରୀରାମକୃଷ୍ଣ—ମୋ ପାଖରୁ ଏତିକି ଶୁଣିଥାଅ । ଏଥିରୁ ବେଶୀ କିଛି ଶୁଣିବାକୁ ଚାହଁ ତ, ଈଶ୍ୱରଙ୍କୁ ଏକା ଏକା କହିବ । ତାଙ୍କୁ ପଚାରିବ, କାହିଁକି ସେ ଏପରି କରିଛନ୍ତି ।

''ଛୋଟ ପିଲା ଭିକାରୀକୁ କୁଞ୍ଚାଏ ଚାଉଳ ଦେଇପାରେ । ରେଳଭଡ଼ା ଦରକାର ତ ମାଲିକଙ୍କୁ ଜଣାଇବାକୁ ହେବ ।'' (ଡାକ୍ତର ଚୁପ୍ ରହିଛନ୍ତି)

ଶ୍ରୀରାମକୃଷ୍ଣ—''ଆଚ୍ଛା, ତୁମେ ବିଚାର କରିବାକୁ ଭଲପାଅ । କିଛି ବିଚାର କରୁଛି, ଶୁଣ । ଜ୍ଞାନୀଙ୍କ ମତରେ ଅବତାର ନାହିଁ । କୃଷ୍ଣ ଅର୍ଜୁନଙ୍କୁ କହିଥିଲେ—ତୁମେ ମୋତେ ଅବତାର ଅବତାର ବୋଲି କହୁଛ, ତୁମକୁ ଗୋଟିଏ ଜିନିଷ ଦେଖାଉଛି—ଆସ ଦେଖିବ । ଅର୍ଜୁନ ସଙ୍ଗେ ସଙ୍ଗେ ଗଲେ । କିଛି ବାଟ ଯାଇ ଅର୍ଜୁନଙ୍କୁ କହିଲେ, 'କଅଣ ଦେଖୁଛ ?' ଅର୍ଜୁନ କହିଲେ, 'ଗୋଟିଏ ବିରାଟ ଗଛ, କଳା ଜାମୁକୋଳି ପେନ୍ଥା ପେନ୍ଥା ହୋଇ ଝୁଲୁଛି ।'' ଶ୍ରୀକୃଷ୍ଣ କହିଲେ, 'ତାହା କଳା ଜାମୁ ନୁହେଁ । ଆଉ ଟିକିଏ ଆଗେଇ ଯାଇ ଦେଖ ।' ସେତେବେଳେ ଅର୍ଜୁନ ଦେଖିଲେ, 'ପେନ୍ଥା ପେନ୍ଥା କୃଷ୍ଣ ଫଳିଛି ।' କୃଷ୍ଣ କହିଲେ, 'ଏବେ ଦେଖିଲ ? ମୋ ପରି କେତେ କୃଷ୍ଣ ଫଳି ରହିଛନ୍ତି !'

''କବୀର ଦାସ ଶ୍ରୀକୃଷ୍ଣଙ୍କ କଥାରେ କହିଥିଲେ, 'ତୁମେ ଗୋପୀମାନଙ୍କ ହାତତାଳିରେ ମାଙ୍କଡ଼ନାଚ ନାଚିଥିଲ !'

''ଯେତେ ଆଗେଇ ଯିବ, ଭଗବାନଙ୍କର ଉପାଧି ସେତେ କମ୍ ଦେଖିବାକୁ ପାଇବ । ଭକ୍ତ ପ୍ରଥମେ ଦର୍ଶନ କଲା ଦଶଭୁଜା । ଆଉ ଟିକିଏ ଆଗେଇ ଯାଇ ଦେଖିଲା ଷଡ଼ଭୁଜ । ଆହୁରି ଆଗେଇ ଯାଇ ଦେଖିଲା, ଦ୍ୱିଭୁଜ ଗୋପାଳ ! ଯେତିକି ଆଗେଇ ଯାଉଛି, ସେତିକି ଐଶ୍ୱର୍ଯ୍ୟ କମି କମି ଯାଉଛି । ଆହୁରି ଆଗେଇ ଗଲା, ସେତେବେଳେ କେବଳ ଜ୍ୟୋତି ଦର୍ଶନ—କୌଣସି ଉପାଧି ନାହିଁ ।

''କିଛି ବେଦାନ୍ତର ବିଚାର ଶୁଣ । ଜଣେ ରାଜାଙ୍କ ଆଗରେ ଜଣେ ଭେଳିକି ଦେଖାଇବାକୁ ଆସିଥିଲା । ସେ ଟିକିଏ ହଟିଯିବାରୁ ରାଜା ଦେଖିଲେ, ଜଣେ ଘୋଡ଼ାସୱାର

ଆସୁଛି । ଘୋଡ଼ା ଉପରେ ଚଢ଼ିଛି, ଖୁବ୍ ସଜାସଜି, ହାତରେ ଅସ୍ତ୍ରଶସ୍ତ୍ର । ସଭାର ସମସ୍ତ ଲୋକ ଓ ରାଜା ବିଚାର କରୁଛନ୍ତି, ଏହା ଭିତରେ କେଉଁଟି ସତ୍ୟ ? ଘୋଡ଼ା ତ ସତ୍ୟ ନୁହେଁ, ସାଜସଜା ଓ ଅସ୍ତ୍ରଶସ୍ତ୍ର ମଧ୍ୟ ସତ୍ୟ ନୁହେଁ । ଶେଷରେ ସତକୁ ସତ ଦେଖିଲେ ଯେ, ସୱାର ଏକା ଠିଆ ହୋଇ ରହିଛି !'' କଅଣ ନା, **ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା**—ବିଚାର କରି ବସିଲେ କିଛି ତିଷ୍ଠେ ନାହିଁ ।

ଡାକ୍ତର—ଏଥିରେ ମୋର ଆପତ୍ତି ନାହିଁ ।

**ସଂସାର ଏବଂ ପାଳ – ମଣିଷ**

ଶ୍ରୀରାମକୃଷ୍ଣ— ତେବେ ଏହି ଭ୍ରମ ସହଜରେ ଯାଏ ନାହିଁ । ଜ୍ଞାନ ପରେ ମଧ୍ୟ ରହେ । ସ୍ୱପ୍ନରେ ଜଣେ ବାଘ ଦେଖିଲା, ସ୍ୱପ୍ନ ଭାଙ୍ଗିଗଲା, ତଥାପି ଛାତି ଧଡ୍ ଧଡ୍ ହେଉଛି !

''ଚୋରଦଳ କ୍ଷେତକୁ ଚୋରି କରିବାକୁ ଆସିଛନ୍ତି । ନଡ଼ାରେ ମଣିଷ ମୂର୍ତ୍ତି କରି ରଖି ଦିଆଯାଇଛି—ଭୟ ଦେଖାଇବା ପାଇଁ । ଚୋରମାନେ କୌଣସିମତେ ପଶିପାରୁ ନାହାନ୍ତି । ଜଣେ ପାଖକୁ ଯାଇ ଦେଖିଲା ପାଳ-ମଣିଷ । ସେ ଆସି ଅନ୍ୟମାନଙ୍କୁ କହିଲା--ଭୟ ନାହିଁ । ତଥାପି ସେମାନେ ଆସିବାକୁ ଚାହୁଁ ନାହାନ୍ତି—କହୁଛନ୍ତି, ଛାତି ଥରୁଛି । ସେତେବେଳେ ଚୋରଟି ମୂର୍ତ୍ତିଟିକୁ ମାଟିରେ ପକାଇ ଦେଲା, ଆଉ କହିଲା, ଏ କିଛି ନୁହେଁ, କିଛି ନୁହେଁ, 'ନେତି' 'ନେତି' ।''

ଡାକ୍ତର—ଏ ସବୁ ବେଶ୍ କଥା ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ହଁ ! କିପରି କଥା ?

ଡାକ୍ତର—ବେଶ୍ ।

ଶ୍ରୀରାମକୃଷ୍ଣ—ଗୋଟାଏ 'ଥ୍ୟାଙ୍କ୍ ୟୁ' ଦିଅ ।

ଡାକ୍ତର—ତୁମେ କଅଣ ମନର ଭାବ ବୁଝୁନାହଁ ? ପୁଣି କେତେ କଷ୍ଟ କରି ଏଠାରେ ତୁମକୁ ଦେଖିବାକୁ ଆସୁଛି !

ଶ୍ରୀରାମକୃଷ୍ଣ (ସହାସ୍ୟ)—ନାହିଁ ହେ, ମୂର୍ଖ ପାଇଁ କିଛି କହ । ବିଭୀଷଣ ଲଙ୍କାର ରାଜା ହେବାକୁ ଚାହିଁ ନ ଥିଲେ—କହିଲେ, ରାମ ତୁମକୁ ପାଇଛି, ପୁଣି ରାଜା ହୋଇ କଅଣ ହେବ ! ରାମ କହିଲେ, 'ବିଭୀଷଣ ! ତୁମେ ଏ ମୂର୍ଖମାନଙ୍କ ପାଇଁ ରାଜା ହୁଅ । ଯେଉଁମାନେ କହୁଛନ୍ତି, ତୁମେ ରାମଙ୍କର ଏତେ ସେବା କଲ, ତୁମର କଅଣ ଐଶ୍ୱର୍ଯ୍ୟ ହେଲା ? ସେମାନଙ୍କର ଶିକ୍ଷା ପାଇଁ ରାଜା ହୁଅ ।'

ଡାକ୍ତର—ଏଠାରେ ସେପରି ମୂର୍ଖ କାହାନ୍ତି ?

ଶ୍ରୀରାମକୃଷ୍ଣ (ସହାସ୍ୟ) ନାହିଁ ହେ, ଶଙ୍ଖ ବି ଅଛି, ପୁଣି ଗେଣ୍ଡା ଶାମୁକା ବି ଅଛି । (ସମସ୍ତଙ୍କର ହସ)

## (୫)
## ପୁରୁଷ-ପ୍ରକୃତି—ଅଧିକାରୀ

ଡାକ୍ତର ଠାକୁରଙ୍କ ପାଇଁ ଔଷଧ ଭାବରେ ଦୁଇଟି ବଟିକା ଦେଇ କହୁଛନ୍ତି, ଦୁଇଟି ବଟିକା ଦେଲି—ପୁରୁଷ ଆଉ ପ୍ରକୃତି । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ (ସହାସ୍ୟ)—ହଁ, ସେମାନେ ଏକ ସଙ୍ଗରେ ରହନ୍ତି । ପାରାଙ୍କୁ ଦେଖି ନାହିଁ, ଅଲଗା ରହିପାରନ୍ତି ନାହିଁ । ଯେଉଁଠାରେ ପୁରୁଷ ସେହିଠାରେ ହିଁ ପ୍ରକୃତି ଯେଉଁଠାରେ ପ୍ରକୃତି ସେହିଠାରେ ହିଁ ପୁରୁଷ ।

ଆଜି ବିଜୟା ଦଶମୀ । ଠାକୁର ଡାକ୍ତରଙ୍କୁ ମୁହଁ ମିଠା କରିବାକୁ କହିଲେ । ଭକ୍ତମାନେ ମିଷ୍ଟାନ୍ନ ଆଣି ଦେଉଛନ୍ତି ।

ଡାକ୍ତର (ଖାଉ ଖାଉ)—ଖୁଆଇଲ ବୋଲି 'ଥ୍ୟାଙ୍କ୍ ୟୁ' ଦେଉଛି । ତୁମେ ଯେ ଏପରି ଉପଦେଶ ଦେଲ ସେଥିପାଇଁ ନୁହେଁ । ସେ 'ଥ୍ୟାଙ୍କ୍ ୟୁ' ମୁହଁରେ କାହିଁକି କହିବି ?

ଶ୍ରୀରାମକୃଷ୍ଣ (ସହାସ୍ୟ)—ଈଶ୍ୱରଙ୍କଠାରେ ମନ ରଖିବ । ଆଉ କଅଣ କହିବି ? ଆଉ ଟିକିଏ ଧ୍ୟାନ କରିବ । (ଛୋଟ ନରେନ୍‌କୁ ଦେଖାଇ) ଦେଖ ଦେଖ, ଏହାର ମନ ଈଶ୍ୱରଙ୍କଠାରେ ଏକାବେଳକେ ଲୀନ ହୋଇଯାଏ ! ଯେଉଁସବୁ କଥା ତୁମକୁ କହୁଥିଲି -

ଡାକ୍ତର—ସେମାନଙ୍କୁ ସବୁ କହ ।

ଶ୍ରୀରାମକୃଷ୍ଣ—ଯାହା ପେଟରେ ଯାହା ସହେ । ସେସବୁ କଥା କଅଣ ସମସ୍ତେ ନେଇ ପାରନ୍ତି ? ତୁମକୁ କହିଲି, ସେ ଗୋଟାଏ ପ୍ରକାର । ମା ଘରକୁ ମାଛ ଆଣିଛନ୍ତି, ସମସ୍ତଙ୍କର ପେଟ ସମାନ ନୁହେଁ । କାହାପାଇଁ ପଲାଉ କରି ଦେଲେ ତ କାହାପାଇଁ ପୁଣି ମାଛର ଝୋଳ, କାରଣ ପେଟ ଭଲ ନୁହେଁ ! (ସମସ୍ତଙ୍କର ହସ)

ଡାକ୍ତର ଚାଲିଗଲେ । ଆଜି ବିଜୟା, ଭକ୍ତମାନେ ସମସ୍ତେ ଠାକୁର ଶ୍ରୀରାମକୃଷ୍ଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କର ପଦଧୂଳି ଗ୍ରହଣ କଲେ । ତାପରେ ପରସ୍ପର ଆଲିଙ୍ଗନାଦି କରିବାକୁ ଲାଗିଲେ । ଆନନ୍ଦର ସୀମା ନାହିଁ । ଠାକୁରଙ୍କର ଏତେ ବେମାରି, ସବୁ ଭୁଲିଯାଇଛନ୍ତି ! ପ୍ରେମାଲିଙ୍ଗନ ଓ ମିଷ୍ଟାନ୍ନ ଭକ୍ଷଣ ବହୁ ସମୟ ଧରି ଚାଲିଛି । ଠାକୁରଙ୍କ ପାଖରେ ଛୋଟ ନରେନ୍, ମାଷ୍ଟର ଓ ତିନି ଚାରିଜଣ ଭକ୍ତ ବସିଛନ୍ତି । ଠାକୁର ଆନନ୍ଦରେ କଥା କହୁଛନ୍ତି, ଡାକ୍ତରଙ୍କ କଥା ପଡ଼ିଲା ।

ଶ୍ରୀରାମକୃଷ୍ଣ—ଡାକ୍ତରଙ୍କୁ ଆଉ ବେଶୀ କିଛି କହିବା ଦରକାର ହେବ ନାହିଁ ।

''ଗଛକଟା ଶେଷ ହୋଇଆସିଲେ, ଯେଉଁ ଲୋକଟି କାଟୁଥାଏ, ସେ ଟିକିଏ ଦୂରେଇ ଠିଆ ହୁଏ । ଟିକିଏ ପରେ ଗଛଟା ଆପେ ଆପେ ପଡ଼ିଯାଏ ।''

ଛୋଟ ନରେନ୍ (ସହାସ୍ୟ)—ସବୁ କିଛି ନିୟମ ଅନୁଯାୟୀ !

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କୁ) ଡାକ୍ତର ବହୁତ ବଦଳି ଯାଇଛନ୍ତି, ନା ?

ମାଷ୍ଟର—ଆଜ୍ଞା ହଁ । ଏଠାକୁ ଆସିଲେ ହତବୁଦ୍ଧି ହୋଇଯାଆନ୍ତି । କଅଣ ଔଷଧ ଦେବାକୁ ହେବ ସେକଥା ଆଦୌ ଉଠାନ୍ତି ନାହିଁ । ଆମେ ମନେ ପକାଇଦେଲେ କହନ୍ତି, ହଁ ହଁ, ଔଷଧ ଦେବାକୁ ହେବ ।

ବୈଠକଖାନା ଘରେ ଭକ୍ତମାନେ କେହି କେହି ଗୀତ ଗାଉଥିଲେ । ଠାକୁର ଯେଉଁ ଘରେ ଅଛନ୍ତି, ସେହି ଘରକୁ ସେମାନେ ଫେରି ଆସିବା ପରେ ଠାକୁର କହୁଛନ୍ତି— "ତୁମେମାନେ ଗୀତ ଗାଉଥିଲ—ତାଳ ଠିକ୍ ହେଉ ନ ଥିଲା କାହିଁକି ? କିଏ ଜଣେ ବେତାଳସିଦ୍ଧ ଥିଲା—ଏ ମଧ୍ୟ ସେହିପରି ।" (ସମସ୍ତଙ୍କର ହସ)

ଛୋଟ ନରେନ୍ଙ୍କର ଆତ୍ମୀୟ ଯୁବକମାନେ ଆସିଛନ୍ତି । ଖୁବ୍ ଫିଟ୍‌ଫାଟ୍, ଆଉ ଆଖିରେ ଚଶମା ! ଠାକୁର ଛୋଟ ନରେନ୍ଙ୍କ ସହିତ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ—ଦେଖ, ଏହି ରାସ୍ତାରେ ଜଣେ ଯୁବକ ଯାଉଥିଲା, ପ୍ଲେଟ୍‌ବସା ଜାମା ପିନ୍ଧିଥିଲା । ଚାଲିବାର ଯେଉଁ ଢଙ୍ଗ ! ପ୍ଲେଟଟାକୁ ଆଗରେ ରଖି ସେ ଜାଗାରୁ ଚାଦରକୁ ଖୋଲିଦିଏ—ପୁଣି ଏପଟ ସେପଟ ଚାହେଁ—କେହି ଦେଖୁଛନ୍ତି କି ନାହିଁ । ଚାଲିବାବେଳେ କଙ୍କାଳ-ଭଙ୍ଗା ଚାଲି, (ସମସ୍ତଙ୍କର ହସ) ଥରେ ଦେଖ ନା ।

"ମୟୂର ତାର ପୁଚ୍ଛ ମେଲାଏ, କିନ୍ତୁ ପାଦଗୁଡ଼ାକ ଭାରୀ ମଇଳା ! (ସମସ୍ତଙ୍କର ହସ) । ଓଟ ଭାରୀ କୁତ୍ସିତ—ତାର ସବୁ କୁତ୍ସିତ ।"

ନରେନ୍ଙ୍କର ଆତ୍ମୀୟ—କିନ୍ତୁ ଆଚରଣ ଭଲ ।

ଶ୍ରୀରାମକୃଷ୍ଣ—ଭଲ, ତେବେ କଣ୍ଟାଘାସ ଖାଏ—ମୁହଁରୁ ରକ୍ତ ପଡ଼େ, ତଥାପି ଖାଏ ! ସଂସାରୀ, ଅଳ୍ପଦିନ ପୂର୍ବରୁ ପୁଅ ମରିଗଲା, ପୁଣି ପୁଅ ପୁଅ ହୁଏ !

❖ ❖ ❖

# ଦ୍ୱାବିଂଶ ପରିଚ୍ଛେଦ

## ଶ୍ରୀରାମକୃଷ୍ଣ, ଈଶାନ, ଡାକ୍ତର ସରକାର, ଗିରିଶ ପ୍ରଭୃତି ଭକ୍ତମାନଙ୍କ ଗହଣରେ—ଶ୍ୟାମପୁକୁର ଘରେ ଆନନ୍ଦ ଓ କଥୋପକଥନ

### (୧)

### ଗୃହସ୍ଥାଶ୍ରମ କଥା ପ୍ରସଙ୍ଗରେ

ଆଶ୍ୱିନ ଶୁକ୍ଳା ଚତୁର୍ଦ୍ଦଶୀ । ସପ୍ତମୀ, ଅଷ୍ଟମୀ ଓ ନବମୀ ତିନି ଦିନ ଧରି ମହାମାୟାଙ୍କର ପୂଜା ମହୋତ୍ସବ ହୋଇଯାଇଛି । ଦଶମୀରେ ବିଜୟା; ତଦୁପଲକ୍ଷେ ପରସ୍ପର ପ୍ରେମାଲିଙ୍ଗନ ଆଦି ସମ୍ପନ୍ନ ହୋଇଯାଇଛି । ଭଗବାନ ଶ୍ରୀରାମକୃଷ୍ଣ ଭକ୍ତମାନଙ୍କ ସହିତ କଲିକତା ଅନ୍ତର୍ବର୍ତ୍ତୀ ସେହି ଶ୍ୟାମପୁକୁର ନାମକ ପଲ୍ଲୀରେ ବାସ କରୁଛନ୍ତି । ଦେହରେ କଠିନ ବ୍ୟାଧି, ଗଳାରେ କ୍ୟାନ୍‌ସର । ବଳରାମଙ୍କ ଘରେ ଯେତେବେଳେ ଥିଲେ, କବିରାଜ ଗଙ୍ଗାପ୍ରସାଦ ଦେଖିବାକୁ ଆସିଥିଲେ । ଠାକୁର ତାଙ୍କୁ ପଚାରିଥିଲେ, ଏହି ରୋଗ ସାଧ୍ୟ ନା ଅସାଧ୍ୟ । କବିରାଜ ଏ ପ୍ରଶ୍ନର ଉତ୍ତର ନ ଦେଇ ଚୁପ୍ ରହିଥିଲେ । ଇଂରାଜୀ ଡାକ୍ତରମାନେ ମଧ୍ୟ ରୋଗଟି ଅସାଧ୍ୟ, ଏହି କଥା ଇଙ୍ଗିତ କରିଥିଲେ ! ଏବେ ଡାକ୍ତର ସରକାର ଚିକିତ୍ସା କରୁଛନ୍ତି ।

ଆଜି ଗୁରୁବାର, ୨୨ ଅକ୍ଟୋବର, ୧୮୮୫ ଖ୍ରୀଷ୍ଟାବ୍ଦ । ଶ୍ୟାମପୁକୁରସ୍ଥିତ ଗୋଟିଏ ଦ୍ୱିତଳ ଗୃହ ମଧ୍ୟରେ ଠାକୁର ଶ୍ରୀରାମକୃଷ୍ଣ—ସେହି ଦ୍ୱିତଳ ଘର ମଧ୍ୟରେ ଶଯ୍ୟା ରଚନା କରାଯାଇଛି—ସେଥିରେ ସେ ବସିଛନ୍ତି । ଡାକ୍ତର ସରକାର, ଶ୍ରୀଯୁକ୍ତ ଈଶାନଚନ୍ଦ୍ର ମୁଖୋପାଧ୍ୟାୟ ଓ ଅନ୍ୟାନ୍ୟ ଭକ୍ତଗଣ ସମ୍ମୁଖରେ ଓ ଚାରିଦିଗରେ ବସିଛନ୍ତି । ଈଶାନ ବଡ଼ ଦାନୀ, ପେନ୍‌ସନ୍ ପାଇବା ପରେ ମଧ୍ୟ ଦାନ କରନ୍ତି, ଋଣ କରି ଦାନ କରନ୍ତି ଏବଂ ସର୍ବଦା ଈଶ୍ୱର ଚିନ୍ତାରେ ମଗ୍ନ ରହିଥାଆନ୍ତି । ରୋଗକଥା ଶୁଣି ସେ ଦେଖିବାକୁ ଆସିଛନ୍ତି । ଡାକ୍ତର ସରକାର ଚିକିତ୍ସା କରିବାକୁ ଆସି ଛଅ ସାତଘଣ୍ଟା ପର୍ଯ୍ୟନ୍ତ ରହନ୍ତି, ଶ୍ରୀରାମକୃଷ୍ଣଙ୍କୁ ସେ ଭାରୀ ଭକ୍ତି ଓ ଶ୍ରଦ୍ଧା କରନ୍ତି ଓ ଭକ୍ତମାନଙ୍କ ସହିତ ପରମ ଆତ୍ମୀୟଙ୍କ ପରି ବ୍ୟବହାର କରନ୍ତି ।

ସନ୍ଧ୍ୟା ପ୍ରାୟ ୭ଟା । ବାହାରେ ଜ୍ୟୋତ୍ସ୍ନା, ପୂର୍ଣ୍ଣାବୟବ ଚନ୍ଦ୍ର ଯେପରି ଚାରିଦିଗରେ ସୁଧା ଢାଳୁଛନ୍ତି । ଭିତରେ ଦୀପାଲୋକ, ଘର ଭିତରେ ଅନେକ ଲୋକ; ଅନେକେ ମହାପୁରୁଷଙ୍କୁ ଦର୍ଶନ କରିବାକୁ ଆସିଛନ୍ତି । ସମସ୍ତେ ହିଁ ଏକ ଦୃଷ୍ଟିରେ ତାଙ୍କ ଆଡ଼କୁ ଚାହିଁରହିଛନ୍ତି, ସେ କଅଣ କହୁଛନ୍ତି ଶୁଣିବେ ଓ ସେ କଅଣ କରନ୍ତି ଦେଖିବେ । ଈଶାନଙ୍କୁ ଦେଖି ଠାକୁର ଶ୍ରୀରାମକୃଷ୍ଣ କହୁଛନ୍ତି —

### ନିର୍ଲିପ୍ତ ସଂସାରୀ—ନିର୍ଲିପ୍ତ ହେବାର ଉପାୟ

''ଯେଉଁ ସଂସାରୀ ଈଶ୍ୱରଙ୍କ ପାଦପଦ୍ମରେ ଭକ୍ତି ରଖି ସଂସାର କରେ, ସେ ଧନ୍ୟ,

ସେ ବୀର ପୁରୁଷ ! ଯେପରି କାହା ମୁଣ୍ଡରେ ଦୁଇ ମହଣ ବୋଝ ଅଛି, ଆଉ ବର ଯାଉଛି । ମୁଣ୍ଡରେ ବୋଝ, ତଥାପି ସେ ବର ଦେଖୁଛି । ଖୁବ୍ ଶକ୍ତି ନ ଥିଲେ ହୁଏ ନାହିଁ । ଯେପରି ପଙ୍କୁଆ ମାଛ ପଙ୍କରେ ରହେ, କିନ୍ତୁ ଦେହରେ ଟିକିଏ ହେଲେ ପଙ୍କ ନାହିଁ । ପାଣିକୁଆ ସବୁବେଳେ ପାଣିରେ ବୁଡୁଥାଏ, କିନ୍ତୁ ଥରେ ପକ୍ଷୀ ଝାଡ଼ିଦେଲେ ଆଉ ଦେହରେ ପାଣି ରହେ ନାହିଁ ।

''କିନ୍ତୁ ସଂସାରରେ ନିର୍ଲିପ୍ତ ଭାବରେ ରହିବାକୁ ହେଲେ କିଛି ସାଧନା କରିବା ଦରକାର । କିଛି ଦିନ ନିର୍ଜନରେ ରହିବା ଦରକାର, ଏହା ବର୍ଷେ ହେଉ, ଛଅ ମାସ ହେଉ, ତିନିମାସ ହେଉ ବା ଏକ ମାସ ହେଉ । ସେହି ନିର୍ଜନରେ ଈଶ୍ୱରଚିନ୍ତା କରିବାକୁ ହୁଏ । ସର୍ବଦା ତାଙ୍କୁ ବ୍ୟାକୁଳ ହୋଇ ଭକ୍ତିଲାଭ ପାଇଁ ପ୍ରାର୍ଥନା କରିବାକୁ ହୁଏ । ଆଉ ମନେ ମନେ କହିବାକୁ ହୁଏ, 'ମୋର ଏହି ସଂସାରରେ କେହି ନାହିଁ, ଯେଉଁମାନଙ୍କୁ ଆପଣାର ବୋଲି କହୁଛି, ସେମାନେ ଦୁଇଦିନ ପାଇଁ । ଭଗବାନ ମୋର ଏକମାତ୍ର ଆପଣାର ଲୋକ, କେବଳ ସେ ମୋର ସର୍ବସ୍ୱ; ହାୟ ! କିପରି ତାଙ୍କୁ ପାଇବି !'

''ଭକ୍ତିଲାଭ ପରେ ସଂସାର କରାଯାଇପାରେ । ଯେପରି ହାତରେ ତେଲ ଲଗାଇ ପଣସ ଭାଙ୍ଗିଲେ ହାତରେ ଅଠା ଲାଗେ ନାହିଁ । ସଂସାର ପାଣି ଭଳି ଓ ମଣିଷର ମନଟି ଯେପରି ଦୁଧ । ପାଣିରେ ଯଦି ଦୁଧକୁ ରଖିଦେବ, ତେବେ ଦୁଧ ଓ ପାଣି ଏକ ହୋଇଯିବ । ତେଣୁ ନିର୍ଜନ ସ୍ଥାନରେ ଦହି ବସାଇବାକୁ ହୁଏ । ଦହିରୁ ଲହୁଣୀ ବାହାର କରିବାକୁ ହୁଏ । ଲହୁଣୀ ବାହାର କରି ଯଦି ପାଣିରେ ରଖ, ତେବେ ତାହା ଆଉ ପାଣିରେ ମିଶିବ ନାହିଁ, ନିର୍ଲିପ୍ତ ହୋଇ ଭାସିବ ।

''ବ୍ରହ୍ମଜ୍ଞାନୀମାନେ ମୋତେ କହିଥିଲେ, 'ଆଜ୍ଞା ! ଆମମାନଙ୍କର ଜନକ ରାଜାଙ୍କ ମତ । ତାଙ୍କର ମତ ଆମେ ନିର୍ଲିପ୍ତ ଭାବରେ ସଂସାର କରିବୁ ।' ମୁଁ କହିଲି, 'ନିର୍ଲିପ୍ତଭାବରେ ସଂସାର କରିବା ଅତି କଠିନ । କଥାରେ କହିଦେଲେ ଜନକରାଜା ହୁଅନ୍ତି ନାହିଁ । ଜନକ ରାଜା ଉର୍ଦ୍ଧ୍ୱପଦ ହୋଇ କେତେ ତପସ୍ୟା କରିଥିଲେ; ତୁମମାନଙ୍କୁ ଉର୍ଦ୍ଧ୍ୱପଦ ହେବାକୁ ପଡ଼ିବ ନାହିଁ, କିନ୍ତୁ ସାଧନ ଦରକାର, ନିର୍ଜନବାସ ଦରକାର ! ନିର୍ଜନରେ ଜ୍ଞାନଲାଭ, ଭକ୍ତିଲାଭ କଲେ ତେବେ ଯାଇ ସଂସାର କରିବାକୁ ହୁଏ । ନିରୋଳାରେ ଦହି ବସାଇବାକୁ ହୁଏ । ଠେଲାଠେଲି ହଲାହଲି କଲେ ଦହି ବସେ ନାହିଁ ।'

ଜନକ ନିର୍ଲିପ୍ତ ବୋଲି ତାଙ୍କର ଗୋଟିଏ ନାମ ବିଦେହ—ତାର ମାନେ, ତାଙ୍କର ଦେହବୁଦ୍ଧି ନ ଥିଲା । ସଂସାରରେ ରହି ମଧ୍ୟ ଜୀବନ୍ମୁକ୍ତ ହୋଇ ବୁଲୁଥିଲେ । କିନ୍ତୁ ଦେହବୁଦ୍ଧି ଯିବା ବହୁ ଦୂରର କଥା ! ଖୁବ୍ ସାଧନା ଦରକାର !

ଜନକ ଭାରୀ ବୀର ପୁରୁଷ । ଦୁଇଖଣ୍ଡ ତରବାରି ଘୂରାଉଥିଲେ । ଖଣ୍ଡେ ଜ୍ଞାନର, ଖଣ୍ଡେ କର୍ମର ।

## ସଂସାର-ଆଶ୍ରମର ଜ୍ଞାନ ଓ ସନ୍ନ୍ୟାସ-ଆଶ୍ରମର ଜ୍ଞାନ

''ଯଦି କହ, ସଂସାର-ଆଶ୍ରମର ଜ୍ଞାନୀ ଏବଂ ସନ୍ନ୍ୟାସୀ-ଆଶ୍ରମର ଜ୍ଞାନୀ, ଏ ଦୁହିଁଙ୍କ ଭିତରେ ପାର୍ଥକ୍ୟ ଅଛି କି ନାହିଁ ? ତାର ଉତ୍ତର ଏହି ଯେ ଦୁଇଟି ଏକା ଜିନିଷ । ଏ ବି ଜ୍ଞାନୀ, ସେ ମଧ୍ୟ ଜ୍ଞାନୀ—ଗୋଟିଏ ଜିନିଷ । ତେବେ ସଂସାରରେ ଜ୍ଞାନୀର ମଧ୍ୟ ଭୟ ଅଛି । କାମିନୀକାଞ୍ଚନ ଭିତରେ ରହିଲେ ହିଁ ଟିକିଏ ନା ଟିକିଏ ଭୟ ରହେ । ଅଳନ୍ଧୁଘରେ ରହିଲେ ଯେତେ ସାବଧାନ ହୁଅନା କାହିଁକି ଟିକିଏ ନା ଟିକିଏ କଳାଦାଗ ଦେହରେ ନିଶ୍ଚୟ ଲାଗିବ ।

''ଲହୁଣୀ ବାହାର କରି ଯଦି ନୂଆ ହାଣ୍ଡିରେ ରଖ, ଲହୁଣୀ ନଷ୍ଟ ହେବାର ସମ୍ଭାବନା ନ ଥାଏ । ଯଦି ଦହିହାଣ୍ଡିରେ ରଖ, ସନ୍ଦେହ ହୁଏ । (ସମସ୍ତଙ୍କର ହସ)

''ଲିଆ ଯେତେବେଳେ ଭଜା ହୁଏ, ଦୁଇ ଚାରିଟା ଲିଆ ହାଣ୍ଡିରୁ ଫୁଟ୍‌ଫାଟ୍ ହୋଇ ଛିଟିକି ପଡ଼େ । ସେଗୁଡ଼ିକ ମଲ୍ଲି ଫୁଲ ପରି, ଟିକିଏ ହେଲେ ଦାଗ ନ ଥାଏ । ହାଣ୍ଡିରେ ଯେଉଁସବୁ ଖଇ ରହେ, ସେସବୁ ବି ବେଶ୍ ଖଇ, ତେବେ ଏତେଟା ଫୁଲ ପରି ହୁଏ ନାହିଁ, ଟିକିଏ ହେଲେ ଦାଗ ଥାଏ । ସଂସାରତ୍ୟାଗୀ ସନ୍ନ୍ୟାସୀ ଯଦି ଜ୍ଞାନ ଲାଭ କରନ୍ତି, ତେବେ ଠିକ୍ ଏହି ମଲ୍ଲିଫୁଲ ପରି ଦାଗଶୂନ୍ୟ ହୁଅନ୍ତି ! କିନ୍ତୁ ଜ୍ଞାନଲାଭ ପରେ ସଂସାରରୂପକ ଭଜାହାଣ୍ଡିରେ ରହିଲେ ଦେହରେ ଟିକିଏ ହେଲେ ନାଲିଆ ଦାଗ ରହିପାରେ । (ସମସ୍ତଙ୍କର ହସ)

''ଜନକ ରାଜାଙ୍କର ସଭାକୁ ଜଣେ ଭୈରବୀ ଆସିଥିଲେ । ସ୍ତ୍ରୀ-ଲୋକ ଦେଖି ଜନକ ରାଜା ମୁହଁ ତଳକୁ ପୋତି ରହିଲେ । ଭୈରବୀ ଏହା ଦେଖି କହିଲେ, 'ହେ ଜନକ ! ତୁମର ଏବେ ମଧ୍ୟ ସ୍ତ୍ରୀ-ଲୋକଙ୍କୁ ଦେଖିଲେ ଭୟ !' ପୂର୍ଣ୍ଣଜ୍ଞାନ ହେଲେ ପାଞ୍ଚ ବର୍ଷ ବାଳକର ସ୍ୱଭାବ ହୁଏ—ସେତେବେଳେ ସ୍ତ୍ରୀ-ପୁରୁଷ ଭେଦ-ବୁଦ୍ଧି ରହେ ନାହିଁ ।

''ଯାହା ହେଉ, ଯଦିଓ ସଂସାରୀ ଜ୍ଞାନୀ ଦେହରେ ଦାଗ ରହିପାରେ, ସେ ଦାଗରେ କୌଣସି କ୍ଷତି ହୁଏ ନାହିଁ । ଚନ୍ଦ୍ରଙ୍କ ଠାରେ କଳଙ୍କ ଅଛି ସତ, କିନ୍ତୁ ଆଲୋକରେ ବ୍ୟାଘାତ ହୁଏ ନାହିଁ ।

## ଜ୍ଞାନଲାଭ ପରେ କର୍ମ—ଲୋକସଂଗ୍ରହାର୍ଥ

କେହି କେହି ଜ୍ଞାନଲାଭ ପରେ ଲୋକଶିକ୍ଷା ପାଇଁ କର୍ମ କରନ୍ତି, ଯେପରି ଜନକ ଓ ନାରଦ ପ୍ରଭୃତି । ଲୋକଶିକ୍ଷା ପାଇଁ ଶକ୍ତି ଥିବା ଦରକାର । ଋଷିମାନେ ନିଜ ନିଜର ଜ୍ଞାନ ଥିବାରୁ ଘୂରି ବୁଲୁଥିଲେ । ସେମାନେ ବୀର ପୁରୁଷ ।

ହାଲୁକା କାଠ ଯେତେବେଳେ ଭାସି ଯାଉଥାଏ, ଚଢ଼େଇଟିଏ ବସିପଡ଼ିଲେ ବୁଡ଼ିଯାଏ; କିନ୍ତୁ ଭାରୀ କାଠ ଯେତେବେଳେ ଭାସି ଭାସିଯାଏ, ସେତେବେଳେ ଗୋରୁ, ମଣିଷ, ଏପରି କି ହାତୀ ମଧ୍ୟ ତା' ଉପରେ ଯାଇପାରନ୍ତି । ଷ୍ଟୀମବୋଟ୍ ନିଜେ ପାରି ହୋଇଯାଏ, ପୁଣି କେତେ ମଣିଷଙ୍କୁ ମଧ୍ୟ ପାରି କରେ ।

ନାରଦାଦି ଆଚାର୍ଯ୍ୟ ଭାରୀ କାଠ ପରି, ଷ୍ଟୀମ୍‌ବୋଟ୍ ପରି ।

କେହି କେହି ଖାଇସାରି ଗାମୁଛାରେ ମୁହଁ ପୋଛି ବସି ରହନ୍ତି, କାଳେ କିଏ ଟେର୍ ପାଇବ । (ସମସ୍ତଙ୍କର ହସ) । ଆଉ କେହି କେହି ଗୋଟିଏ ଆମ୍ବ ପାଇଲେ ତାକୁ କାଟି ଟିକିଏ ଟିକିଏ ସମସ୍ତଙ୍କୁ ଦିଏ, ଆଉ ନିଜେ ମଧ୍ୟ ଖାଏ ।

ନାରଦାଦି ଆଚାର୍ଯ୍ୟ ସମସ୍ତଙ୍କର ମଙ୍ଗଳ ପାଇଁ ଜ୍ଞାନଲାଭ ପରେ ମଧ୍ୟ ଭକ୍ତି ନେଇ ରହିଥିଲେ ।

## (୨)

## ଯୁଗଧର୍ମକଥା ପ୍ରସଙ୍ଗରେ—ଜ୍ଞାନଯୋଗ ଓ ଭକ୍ତିଯୋଗ

ଡାକ୍ତର—ଜ୍ଞାନ ହେଲେ ମନୁଷ୍ୟ ଅବାକ୍ ହୋଇଯାଏ, ଆଖି ବନ୍ଦ ହୋଇଯାଏ ଓ ଲୁହ ଗଡ଼େ । ସେତେବେଳେ ଭକ୍ତି ଦରକାର ହୁଏ ।

ଶ୍ରୀରାମକୃଷ୍ଣ—ଭକ୍ତି ସ୍ତ୍ରୀଲୋକ, ତେଣୁ ଅନ୍ତଃପୁର ପର୍ଯ୍ୟନ୍ତ ଯାଇପାରେ । ଜ୍ଞାନ ବାହାର ଘର ପର୍ଯ୍ୟନ୍ତ ଯାଏ । (ସମସ୍ତଙ୍କର ହସ)

ଡାକ୍ତର—କିନ୍ତୁ ଅନ୍ତଃପୁରରେ ଯିଏ ସିଏ ପଶି ପାରନ୍ତି ନାହିଁ । ବେଶ୍ୟାମାନେ ଯାଇପାରନ୍ତି ନାହିଁ । ଜ୍ଞାନ ଦରକାର ।

ଶ୍ରୀରାମକୃଷ୍ଣ—ଠିକ୍ ରାସ୍ତା ଜଣା ନାହିଁ, କିନ୍ତୁ ଈଶ୍ୱରଙ୍କଠାରେ ଭକ୍ତି ଅଛି, ତାଙ୍କୁ ଜାଣିବା ପାଇଁ ଇଚ୍ଛା ଅଛି—ଏପରି ଲୋକ କେବଳ ଭକ୍ତି ବଳରେ ଈଶ୍ୱରଙ୍କୁ ଲାଭ କରେ । ଜଣେ ବଡ଼ ଭକ୍ତ ଜଗନ୍ନାଥ ଦର୍ଶନ କରିବାକୁ ବାହାରିଥିଲା; ସେ ପୁରୀକୁ ଯିବା ବାଟ ଜାଣି ନ ଥିଲା, ଦକ୍ଷିଣ ଦିଗକୁ ନଯାଇ ପଶ୍ଚିମ ଦିଗକୁ ଯାଉଥିଲା । ବାଟ ଭୁଲିଥିଲା ସତ, କିନ୍ତୁ ବ୍ୟାକୁଳ ହୋଇ ଲୋକମାନଙ୍କୁ ପଚାରୁଥିଲା । ସେମାନେ କହିଦେଲେ, ଏ ବାଟ ନୁହେଁ, ସେ ରାସ୍ତାରେ ଯାଅ । ଭକ୍ତଟି ଶେଷରେ ପୁରୀକୁ ଯାଇ ଜଗନ୍ନାଥଙ୍କୁ ଦର୍ଶନ କଲା । ଦେଖ, ନ ଜାଣିଲେ ମଧ୍ୟ କେହି ନା କେହି କହିଦିଅନ୍ତି ।

ଡାକ୍ତର—ସେ ଭୁଲ ବାଟରେ ତ ଯାଉଥିଲା !

ଶ୍ରୀରାମକୃଷ୍ଣ—ହଁ, ସେକଥା ସତ, କିନ୍ତୁ ଶେଷରେ ପାଏ ।

ଜଣେ ପଚାରିଲେ, **'ଈଶ୍ୱର ସାକାର ନା ନିରାକାର ?'**

ଶ୍ରୀରାମକୃଷ୍ଣ—ସେ ସାକାର ପୁଣି ନିରାକାର । ଜଣେ ସନ୍ନ୍ୟାସୀ ଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ । ଜଗନ୍ନାଥଙ୍କୁ ଦର୍ଶନ କରି ସନ୍ଦେହ ହେଲା, ଈଶ୍ୱର ସାକାର ନା ନିରାକାର । ହାତରେ ଦଣ୍ଡ ଥିଲା, ସେହି ଦଣ୍ଡଦ୍ୱାରା ଦେଖିବାକୁ ଲାଗିଲେ ଜଗନ୍ନାଥଙ୍କ ଦେହରେ ବାଜୁଛି କି ନାହିଁ । ଥରେ ଦଣ୍ଡଟିକୁ ଏପାଖରୁ ସେପାଖକୁ ନେଲାବେଳେ ଦେଖିଲେ ଯେ, ଜଗନ୍ନାଥଙ୍କ ଦେହରେ ବାଜିଲା ନାହିଁ—ଦେଖିଲେ ଯେ ସେଠାରେ ଦିଅଁଙ୍କର ମୂର୍ତ୍ତି ନାହିଁ । ପୁଣି ଦଣ୍ଡଟିକୁ ସେପାଖରୁ ଏ ପାଖକୁ ଆଣିବା ବେଳେ ବିଗ୍ରହଙ୍କ ଦେହରେ ବାଜିଲା । ସେତେବେଳେ ସନ୍ନ୍ୟାସୀ ବୁଝିଲେ ଯେ ଈଶ୍ୱର ନିରାକାର, ପୁଣି ସାକାର !

କିନ୍ତୁ ଏକଥା ଧାରଣା କରିବା ଅତ୍ୟନ୍ତ କଠିନ । ଯେ ନିରାକାର, ସେ ପୁଣି ସାକାର କିପରି ହେବେ ? ଏ ସନ୍ଦେହ ମନରେ ଉଠେ । ଆଉ ମଧ୍ୟ ସାକାର ହେଲେ ବି ବିଭିନ୍ନ ରୂପ କାହିଁକି ?

ଡାକ୍ତର—ଯେ ଆକା ର ଗଢ଼ିଛନ୍ତି, ସେ ସାକାର । ସେ ପୁଣି ମନ କରିଛନ୍ତି, ସେଥିପାଇଁ ସେ ନିରାକାର । ସେ ସବୁ ହୋଇପାରନ୍ତି ।

ଶ୍ରୀରାମକୃଷ୍ଣ—ଈଶ୍ୱରଙ୍କୁ ଲାଭ ନ କଲେ ଏସବୁ ବୁଝାଯାଏ ନାହିଁ । ସାଧକ ପାଇଁ ସେ ନାନାଭାବରେ ନାନାରୂପରେ ଦେଖା ଦିଅନ୍ତି । ଜଣକର ଗୋଟାଏ ଗାମଲାରେ ରଙ୍ଗ ଥିଲା । ଅନେକେ ତା' ପାଖକୁ ଲୁଗା ରଙ୍ଗ କରିବାକୁ ଆସନ୍ତି । ସେ ଲୋକଟି ପଚାରେ, 'ତୁମେ କେଉଁ ରଙ୍ଗରେ ରଙ୍ଗାଇବାକୁ ଚାହଁ ?' ଜଣେ ହୁଏତ କହିଲା, 'ମୁଁ ଲାଲ ରଙ୍ଗରେ ରଙ୍ଗାଇବାକୁ ଚାହେଁ ।' ସଙ୍ଗେ ସଙ୍ଗେ ସେହି ଲୋକଟି ଗାମଲାର ରଙ୍ଗରେ ସେହି ଲୁଗା ଖଣ୍ଡିକ ବୁଡ଼ାଇ ଆଣି କହିଲା, 'ହେଇ ନିଅ ତୁମର ଲାଲ ରଙ୍ଗରେ ରଙ୍ଗା ହୋଇଥିବା ଲୁଗା ।' ଆଉ ଜଣେ ହୁଏତ କହିଲା, 'ମୋର ହଳଦିଆ ରଙ୍ଗ ଦରକାର ।' ସଙ୍ଗେ ସଙ୍ଗେ ସେହି ଲୋକଟି ସେହି ଗାମଲାରେ ଲୁଗା ଖଣ୍ଡିକ ବୁଡ଼ାଇ କହିଲା, 'ହେଇ ନିଅ ତୁମର ହଳଦିଆ ଲୁଗା ।' ନୀଳ ରଙ୍ଗରେ ରଙ୍ଗାଇବାକୁ ଚାହିଁଲେ, ପୁଣି ସେହି ଏକା ଗାମଲାରେ ବୁଡ଼ାଇ ସେହି କଥା, 'ଏଇ ନିଅ ତୁମର ନୀଳ ରଙ୍ଗରେ ରଙ୍ଗା ହୋଇଥିବା ଲୁଗା ।' ଏହିପରି ଯେ ଯେଉଁ ରଙ୍ଗରେ ରଙ୍ଗାଇବାକୁ ଚାହୁଁଥିଲା, ସେହି ଗୋଟିଏ ଗାମଲାରେ ବୁଡ଼ାଇ ସେ ସେହି ରଙ୍ଗର ଲୁଗା କାଢ଼ି ଦେଉଥିଲା । ଜଣେ ଲୋକ ଏହି ଆଶ୍ଚର୍ଯ୍ୟ ଘଟଣା ଦେଖୁଥିଲା । ଯାହାର ଗାମଲା ସେ ପଚାରିଲା, 'କଅଣ ହେ ! ତୁମର କି ରଙ୍ଗ ଦରକାର ?' ସେତେବେଳେ ସେ କହିଲା, 'ଭାଇ ! ତୁମେ ଯେଉଁ ରଙ୍ଗରେ ରଞ୍ଜିତ, ମୋତେ ସେହି ରଙ୍ଗ ଦିଅ ।' (ସମସ୍ତଙ୍କର ହସ)

''ଜଣେ ଝାଡ଼ା ଯାଇଥିଲା—ଦେଖିଲା ଗଛରେ ଗୋଟିଏ ସୁନ୍ଦର ଜନ୍ତୁ ରହିଛି । ସେ କ୍ରମେ ଆଉ ଜଣକୁ କହିଲା, 'ଭାଇ ! ଅମୁକ ଗଛରେ ମୁଁ ଗୋଟିଏ ନାଲି ରଙ୍ଗର ଜନ୍ତୁ ଦେଖି ଆସିଲି ।' ସେ ଲୋକଟି କହିଲା, 'ମୁଁ ମଧ୍ୟ ଦେଖିଛି, ତେବେ ସେ ନାଲି ରଙ୍ଗ ହେବ କାହିଁକି ? ସେ ତ ଶାଗୁଆ ରଙ୍ଗ !' ଆଉ ଜଣେ କହିଲା, 'ନା , ନା, ସେ ଶାଗୁଆ ହେବ କାହିଁକି, ସେ ତ ହଳଦିଆ !' ଏହିପରି ଆଉ କେହି କେହି କହିଲେ, ବାଇଗଣି, ନୀଳ, କଳା, ଇତ୍ୟାଦି । ସେତେବେଳେ ସେମାନେ ଗଛ ପାଖକୁ ଯାଇ ଦେଖିଲେ ଯେ ଜଣେ ଲୋକ ବସିଛି । ପଚାରିବାରୁ ସେ କହିଲା, 'ମୁଁ ଏହି ଗଛମୂଳେ ରହିଥାଏ, ମୁଁ ସେ ଜନ୍ତୁଟିକୁ ଭଲ ଭାବରେ ଜାଣେ । ତୁମେମାନେ ଯାହା ଯାହା କହୁଛ, ସବୁ ଠିକ୍, ସେ କେତେବେଳେ ନାଲି, କେତେବେଳେ ଶାଗୁଆ, କେତେବେଳେ ହଳଦିଆ, କେତେବେଳେ ନୀଳ, ଆହୁରି ବି କେତେ କଅଣ ରଙ୍ଗ ହୁଏ । ପୁଣି ବେଳେ ବେଳେ ଦେଖେ କୌଣସି ରଙ୍ଗ ନାହିଁ ।'

''ଯେଉଁ ବ୍ୟକ୍ତି ସର୍ବଦା ଈଶ୍ୱର ଚିନ୍ତା କରେ, ସେ ଠିକ୍ ଜାଣିପାରେ ତାଙ୍କର ସ୍ୱରୂପ

କଅଣ । ସେହି ବ୍ୟକ୍ତି ହିଁ ଜାଣେ ଯେ ଈଶ୍ୱର ନାନା ରୂପରେ ଦେଖା ଦିଅନ୍ତି, ନାନା ଭାବରେ ଦେଖା ଦିଅନ୍ତି । ସେ ସଗୁଣ ଏବଂ ନିର୍ଗୁଣ । ଗଛମୂଳେ ଯେ ଥାଏ, ସେ କେବଳ ଜାଣେ ଯେ ବହୁରୂପୀର ନାନା ରଙ୍ଗ, ପୁଣି କେବେ କେବେ କୌଣସି ରଙ୍ଗ ମଧ୍ୟ ରହେ ନାହିଁ । ଅନ୍ୟ ଲୋକମାନେ କେବଳ ତର୍କ ଝଗଡ଼ା କରି କଷ୍ଟ ପାଆନ୍ତି ।

''ସେ ସାକାର, ସେ ନିରାକାର । କିପରି ଜାଣ ? ଯେପରି ସଚ୍ଚିଦାନନ୍ଦ ସମୁଦ୍ର । ଥଳ-କୂଳ ନାହିଁ । ଭକ୍ତି-ହିମରେ ସେହି ସମୁଦ୍ରର ସ୍ଥାନେ ସ୍ଥାନେ ଜଳ ବରଫ ପାଲଟି ଯାଏ । ଗୋଟିଏ ଆକାରରେ ଜମାଟ ବାନ୍ଧେ; ଅର୍ଥାତ୍ ଭକ୍ତ ନିକଟରେ ସେ ବେଳେବେଳେ ସାକାର ରୂପ ଧାରଣ କରି ଦେଖା ଦିଅନ୍ତି । ପୁଣି ଜ୍ଞାନସୂର୍ଯ୍ୟ ଉଠିଲେ ସେହି ବରଫ ତରଳିଯାଏ !

ଡାକ୍ତର—ସୂର୍ଯ୍ୟ ଉଠିଲେ ବରଫ ତରଳି ପାଣି ହୁଏ; ପୁଣି ଜାଣନ୍ତି, ପାଣି ପୁଣି ନିରାକାର ବାଷ୍ପ ହୁଏ ?

ଶ୍ରୀରାମକୃଷ୍ଣ—ଅର୍ଥାତ୍ 'ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା'—ଏହି ବିଚାର ପରେ ସମାଧି ହେଲେ ସବୁ ରୂପ ଜୁଆଡ଼େ ଉଡ଼ିଯାଏ । ସେତେବେଳେ ଆଉ ଈଶ୍ୱରଙ୍କୁ ବ୍ୟକ୍ତି ବୋଲି ବୋଧ ହୁଏ ନାହିଁ । ସେ ଯେ କଅଣ ତାହା ମୁହଁରେ କହିହୁଏ ନାହିଁ, କିଏ କହିବ ? ଯେ କହିବେ, ସେ ତ ନାହାଁନ୍ତି ! ସେ ତାଙ୍କର 'ମୁଁ'କୁ ଆଉ ଖୋଜି ପାଆନ୍ତି ନାହିଁ, ସେତେବେଳେ ବ୍ରହ୍ମ ନିର୍ଗୁଣ । ସେତେବେଳେ ସେ କେବଳ ବୋଧ ରୂପରେ ବୋଧ ହୁଅନ୍ତି । ମନ, ବୁଦ୍ଧି ଦ୍ୱାରା ତାଙ୍କୁ ଧରି ହୁଏ ନାହିଁ । (Unknown and Unknowable)

ସେଥିପାଇଁ କହନ୍ତି, ଭକ୍ତି-ଚନ୍ଦ୍ର, ଜ୍ଞାନ-ସୂର୍ଯ୍ୟ । ଶୁଣିଛି, ଉତ୍ତରମେରୁ ଓ ଦକ୍ଷିଣମେରୁରେ ସମୁଦ୍ର ଅଛି । ସେଠାରେ ଏତେ ଥଣ୍ଡା ଯେ ପାଣି ଜମି ମଝିରେ ମଝିରେ ବରଫର ଟାପୁ ହୋଇଯାଏ । ଜାହାଜ ଚାଲିପାରେ ନାହିଁ, ସେଠାରେ ଅଟକି ଯାଏ ।''

ଡାକ୍ତର—ଭକ୍ତିପଥରେ ମନୁଷ୍ୟ ଅଟକି ଯାଏ ।

ଶ୍ରୀରାମକୃଷ୍ଣ—ହଁ ତାହା ହୁଏ ସତ, କିନ୍ତୁ ସେଥିରେ କ୍ଷତି ହୁଏ ନାହିଁ; ସେହି ସଚ୍ଚିଦାନନ୍ଦ ସାଗରର ପାଣି ହିଁ ଜମାଟ ବାନ୍ଧି ବରଫ ହୋଇଛି । ଯଦି ଆହୁରି ବିଚାର କରିବାକୁ ଚାହଁ, ଯଦି 'ବ୍ରହ୍ମ ସତ୍ୟ ଜଗତ୍ ମିଥ୍ୟା' ଏହି ବିଚାର କର, ସେଥିରେ ମଧ୍ୟ କ୍ଷତି ନାହିଁ । ଜ୍ଞାନ-ସୂର୍ଯ୍ୟରେ ବରଫ ତରଳି ଯିବ, ତଥାପି ସେହି ସଚ୍ଚିଦାନନ୍ଦ ସାଗର ହିଁ ରହିଲା ।

### କଞ୍ଚା ମୁଁ ଓ ପାଚିଲା ମୁଁ—ଭକ୍ତିର ମୁଁ—ବାଳକର ମୁଁ

ଜ୍ଞାନ-ବିଚାର ଶେଷରେ ସମାଧି ହେଲେ ମୁଁ-ଫୁଁ କିଛି ରହେ ନାହିଁ । କିନ୍ତୁ ସମାଧି ହେବା ଅତି କଠିନ । 'ମୁଁ' କୌଣସି ମତେ ଯିବାକୁ ଚାହେଁ ନାହିଁ । ଆଉ ଯିବାକୁ ଚାହେଁ ନାହିଁ ବୋଲି ପୁଣି ଏହି ସଂସାରକୁ ଫେରି ଆସିବାକୁ ହୁଏ ।

ଗୋରୁ ହମ୍ବା ହମ୍ବା (ମୁଁ, ମୁଁ) କରେ, ସେଥିପାଇଁ ଏତେ ଦୁଃଖ । ସାରା ଦିନ ହଳ ବୁଲାଇବାକୁ ହୁଏ—ଖରା ନାହିଁ ବର୍ଷା ନାହିଁ । ନୋହିଲେ ତାକୁ କଂସେଇ କାଟନ୍ତି । ସେତିକିରେ

ବି ରକ୍ଷା ନାହିଁ । ମୋଚିମାନେ ସେ ଚମଡ଼ାରେ ଜୋତା ତିଆରି କରନ୍ତି ! ଅବଶେଷରେ ନାଡ଼ୀରୁ ତନ୍ତ ହୁଏ । ଭିଣାଳି ହାତରେ ପଡ଼ି ଯେତେବେଳେ ତୁହୁଁ ତୁହୁଁ (ତୁମେ ତୁମେ) ଡାକେ, ସେତେବେଳେ ନିସ୍ତାର ପାଏ ।

ଯେତେବେଳେ ଜୀବ କହେ, 'ନାହିଁ ନାହିଁ', ମୁଁ କେହି ନୁହେଁ, ହେ ଈଶ୍ୱର ! ତୁମେ କର୍ତ୍ତା, ମୁଁ ଦାସ, ତୁମେ ପ୍ରଭୁ—ସେତେବେଳେ ନିସ୍ତାର, ସେତେବେଳେ ଯାଇ ମୁକ୍ତି ।''

ଡାକ୍ତର—କିନ୍ତୁ ଭିଣାଳି ହାତରେ ପଡ଼ିବା ଦରକାର । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ—ଯଦି କୌଣସିମତେ 'ମୁଁ' ନ ଯାଉଛି, ତାହାହେଲେ ଥାଉ ଶାଳା, 'ଦାସ ମୁଁ' ହୋଇ । (ସମସ୍ତଙ୍କର ହସ)

ସମାଧି ପରେ କାହାରି କାହାରି 'ମୁଁ' ମଧ୍ୟ ରହେ—'ଦାସ ମୁଁ' 'ଭକ୍ତ ମୁଁ' । ଶଙ୍କରାଚାର୍ଯ୍ୟ 'ବିଦ୍ୟାର ମୁଁ' ଲୋକଶିକ୍ଷା ପାଇଁ ରଖିଦେଇଥିଲେ । 'ଦାସ ମୁଁ', 'ବିଦ୍ୟାର ମୁଁ', 'ଭକ୍ତର ମୁଁ' —ଏହାର ନାମ 'ପାଚିଲା ମୁଁ' । 'କଞ୍ଚା ମୁଁ' କଅଣ ଜାଣ ? ମୁଁ କର୍ତ୍ତା, ମୁଁ ଏତେ ବଡ଼ ଲୋକର ପୁଅ, ବିଦ୍ୱାନ, ମୁଁ ଧନବାନ୍, ମୋତେ ଏପରି କଥା କହିଲା ! —ଏହି ସବୁ ଭାବ । ଘରୁ ଚୋରି କରୁଥିବା ଚୋରକୁ ଯଦି ଧରିପାରେ, ତେବେ ପ୍ରଥମେ ସେ ତା ପାଖରୁ ସବୁ ଜିନିଷପତ୍ର କାଢ଼ିନିଏ, ତାହାପରେ ଉତ୍ତମ ମଧ୍ୟମ ମାରେ, ତାପରେ ପୋଲିସରେ ଦିଏ । କହେ, 'କଅଣ ଜାଣେ ନା, କାହାର ଚୋରି କରିଛି !'

ଈଶ୍ୱରଲାଭ ହେଲେ ପାଞ୍ଚ ବର୍ଷ ବାଳକର ସ୍ୱଭାବ ହୁଏ । 'ବାଳକର ମୁଁ' ଆଉ 'ପାଚିଲା ମୁଁ' । ବାଳକ କୌଣସି ଗୁଣରେ ବଶ ନୁହେଁ । ତ୍ରିଗୁଣାତୀତ—ସତ୍ତ୍ୱ, ରଜଃ ଓ ତମଃ କୌଣସି ଗୁଣର ବଶ ନୁହେଁ । ଦେଖ, ବାଳକ ତମୋଗୁଣର ବଶ ନୁହେଁ । ବର୍ତ୍ତମାନ ଜଣକ ସହିତ ଝଗଡ଼ା ଓ ଲଢ଼େଇ କଲା, ପୁଣି ସଙ୍ଗେ ସଙ୍ଗେ ତାକୁ କୁଣ୍ଢାଇ କେତେ ଭାବ କେତେ ଖେଳ ! ରଜୋଗୁଣର ମଧ୍ୟ ବଶ ନୁହେଁ । ହୁଏତ ଖେଳ-ଘର ତିଆରି କଲା, କେତେ ବନ୍ଦୋବସ୍ତ, ପୁଣି ଟିକିଏ ପରେ ସବୁ ପଡ଼ି ରହିଲା, ମାଆ ପାଖକୁ ଦୌଡ଼ିଲା ! ହୁଏତ ଖଣ୍ଡେ ସୁନ୍ଦର ଲୁଗା ପିନ୍ଧି ବୁଲୁଛି । କିଛି ସମୟ ପରେ ଲୁଗା ଖୋଲି ପଡ଼ିଗଲାଣି ! ହୁଏତ ଲୁଗାର କଥା ପୂରାପୂରି ଭୁଲିଗଲା-ନୋହିଲେ କାଖରେ ଜାକି ବୁଲୁଛି ! (ହସ)

ଯଦି ପିଲାଟିକୁ କହ, 'ଏହି ଲୁଗାଟା ଭାରୀ ସୁନ୍ଦର, ଏଇଟା କାହାର କିରେ ?' ସେ କହେ 'ମୋର ଲୁଗା, ମୋ ବାପା ଦେଇଛି !' ଯଦି କହ 'ସୁନାପିଲାଟା, ମୋତେ ଲୁଗାଟା ଦିଅ ।' ସେ କହେ 'ନା, ମୋର ଲୁଗା, ମୋ ବାପା ଦେଇଛନ୍ତି, ମୁଁ ଦେବିନାହିଁ ।' ତାହାପରେ ତାକୁ ଭୁଲେଇ ଭାଲେଇ ଗୋଟିଏ କଣ୍ଢେଇ କିମ୍ବା ଗୋଟିଏ ବଂଶୀ ଯଦି ହାତରେ ଧରେଇ ଦବ, ତାହା ହେଲେ ପାଞ୍ଚ ଟଙ୍କା ଦାମର ଲୁଗା ଖଣ୍ଡକ ତୁମକୁ ସେ ଦେଇ ଚାଲିଯିବ । ପୁଣି ପାଞ୍ଚ ବର୍ଷ ବାଳକଠାରେ ସତ୍ତ୍ୱଗୁଣର ମଧ୍ୟ ଆଣ୍ଟ ନାହିଁ । ଏହି ପଡ଼ାର ପିଲାଙ୍କ ସାଙ୍ଗରେ କେତେ ସ୍ନେହ ପ୍ରେମଭାବ, ଦଣ୍ଡେ ନ ଦେଖିଲେ ରହିପାରେ ନାହିଁ । କିନ୍ତୁ ବାପାମାଆଙ୍କ ସଙ୍ଗରେ ଯେତେବେଳେ ଅନ୍ୟ ଜାଗାକୁ ଚାଲିଗଲା, ସେତେବେଳେ ନୂଆ ନୂଆ ଖେଳାଳୀ

ହେଲେ । ସେମାନଙ୍କୁ ପୂର୍ଣ୍ଣପ୍ରାଣରେ ସ୍ନେହ କଲା, ପୁରୁଣା ଖେଳାଳୀମାନଙ୍କୁ ସମ୍ପୂର୍ଣ୍ଣ ଭୁଲିଗଲା । ପୁଣି ଜାତି ଅଭିମାନ ନାହିଁ । ମା କହି ଦେଇଛି, ସେ ହେଉଛି ତୋର ଭାଇ; ସେଥିପାଇଁ ସେ ଷୋଳଅଣା ଜାଣେ ଯେ, ଏ ମୋର ପ୍ରକୃତ ଭାଇ । ଏମାନଙ୍କ ମଧ୍ୟରୁ ଜଣେ ଯଦି ବ୍ରାହ୍ମଣର ପୁଅ ଓ ଆଉ ଜଣେ ଯଦି କମାରର ପୁଅ ହୁଏ, ତଥାପି ଗୋଟିଏ ପତ୍ରରେ ବସି ଭାତ ଖାଇବେ । ଆଉ ଶୁଚି-ଅଶୁଚି ନାହିଁ, ହୁଏତ ଝାଡ଼ା ଫେରିବା ପରେ ଶୌଚ ନହୋଇ ଖାଇବ । ପୁଣି ଲୋକ ଲଜ୍ଜା ନାହିଁ, ଶୌଚ ହେବା ପରେ ଯାହାକୁ ତାହାକୁ ପଛ ଦେଖାଇ କହେ—ଦେଖ ତ ମୋର ଶୌଚ ହୋଇଛି କି ନାହିଁ ?

ପୁଣି 'ବୁଢ଼ାର ମୁଁ' ଅଛି । (ଡାକ୍ତରଙ୍କର ହସ) । ବୃଦ୍ଧର ବହୁତଗୁଡ଼ିଏ ପାଶ । ଜାତି, ଅଭିମାନ, ଲଜ୍ଜା, ଘୃଣା, ଭୟ, ବିଷୟ-ବୁଦ୍ଧି, ହିସାବୀପଣିଆ, କପଟତା । ଯଦି କାହା ଉପରେ ଆକ୍ରୋଶ ଥାଏ, ସହଜରେ ଯାଏ ନାହିଁ— ହୁଏତ ଯେତେଦିନ ବଞ୍ଚେ, ସେତେଦିନ ପର୍ଯ୍ୟନ୍ତ ରହେ । ତାପରେ ପାଣ୍ଡିତ୍ୟର ଅହଙ୍କାର, ଧନର ଅହଙ୍କାର । 'ବୁଢ଼ାର ମୁଁ' କଞ୍ଚା ମୁଁ ।

## କେଉଁମାନଙ୍କର ଜ୍ଞାନ ହୁଏ ନାହିଁ

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କ ପ୍ରତି)—ଚାରି ପାଞ୍ଚ ଜଣଙ୍କର ଜ୍ଞାନ ହୁଏ ନାହିଁ । **ଯାହାର ବିଦ୍ୟାର ଅହଙ୍କାର, ଯାହାର ପାଣ୍ଡିତ୍ୟର ଅହଙ୍କାର, ଯାହାର ଧନର ଅହଙ୍କାର, ସେମାନଙ୍କର ଜ୍ଞାନ ହୁଏ ନାହିଁ ।** ଏସବୁ ଲୋକଙ୍କୁ ଯଦି କୁହାଯାଏ ଯେ ଅମୁକ ଜାଗାରେ ଜଣେ ଭଲ ସାଧୁ ଅଛନ୍ତି, ଦେଖିବାକୁ ଯିବ ? ସଙ୍ଗେ ସଙ୍ଗେ ନାନା ଆଳ ଦେଖାଇ କହନ୍ତି, 'ଯାଇପାରିବି ନାହିଁ ।' ଆଉ ମନେ ମନେ କହନ୍ତି, 'ମୁଁ ଏତେ ବଡ଼ ଲୋକ, ମୁଁ ଯିବି ?'

## ତିନିଗୁଣ—ସତ୍ତ୍ୱଗୁଣରେ ଈଶ୍ୱରଲାଭ—ଇନ୍ଦ୍ରିୟସଂଯମର ଉପାୟ

ତମୋଗୁଣର ସ୍ୱଭାବ ଅହଙ୍କାର । ଅହଙ୍କାର ଅଜ୍ଞାନରୁ ହୁଏ, ତମୋଗୁଣରୁ ହୁଏ ।

ପୁରାଣରେ ଅଛି, ରାବଣର ରଜୋଗୁଣ, କୁମ୍ଭକର୍ଣ୍ଣର ତମୋଗୁଣ, ବିଭୀଷଣର ସତ୍ତ୍ୱଗୁଣ । ସେଥିପାଇଁ ବିଭୀଷଣ ରାମଚନ୍ଦ୍ରଙ୍କୁ ଲାଭ କରିଥିଲେ । ତମୋଗୁଣର ଆଉ ଗୋଟିଏ ଲକ୍ଷଣ—କ୍ରୋଧ । କ୍ରୋଧରେ ହିତାହିତ ଜ୍ଞାନ ରହେ ନାହିଁ; ହନୁମାନ ଲଙ୍କା ପୋଡ଼ିଲେ, ଏ ଜ୍ଞାନ ନାହିଁ ଯେ ସୀତାଙ୍କର କୁଟୀର ପୋଡ଼ିଯିବ ।

"ପୁଣି ତମୋଗୁଣର ଆଉ ଗୋଟିଏ ଲକ୍ଷଣ—କାମ । ପାଥୁରିଆଘାଟାରେ ଗିରିନ୍ଦ୍ର ଘୋଷ କହିଥିଲେ, କାମକ୍ରୋଧାଦି ରିପୁ ଏମାନେ ତ ଯିବେ ନାହିଁ, ଏମାନଙ୍କର ଦିଗ ପରିବର୍ତ୍ତନ କରିଦିଅ । ଈଶ୍ୱରଙ୍କୁ କାମନା କର । ସଚ୍ଚିଦାନନ୍ଦଙ୍କ ସହିତ ରମଣ କର । କ୍ରୋଧ ଯଦି ନ ଯାଏ, ଭକ୍ତିର ତମଃ ଆଣ । କଅଣ ! ମୁଁ ଦୁର୍ଗାନାମ କରିଛି, ଉଦ୍ଧାର ହେବି ନାହିଁ ? ମୋର ପୁଣି ପାପ କଅଣ ? ବନ୍ଧନ କଅଣ ? ତାପରେ ଈଶ୍ୱରଲାଭ ପାଇଁ ଲୋଭ କର । ଈଶ୍ୱରଙ୍କ ରୂପରେ ମୁଗ୍ଧ ହୁଅ । ମୁଁ ଈଶ୍ୱରଙ୍କର ଦାସ, ମୁଁ ଈଶ୍ୱରଙ୍କର

ସନ୍ତାନ, ଯଦି ଅହଙ୍କାର କରିବାକୁ ହୁଏ, ତେବେ ଏହିପରି ଅହଙ୍କାର କର । ଏହିପରି ଛଅ ରିପୁଙ୍କର ଦିଗ ପରିବର୍ତ୍ତନ କରିଦେବାକୁ ହୁଏ ।''

ଡାକ୍ତର— ଇନ୍ଦ୍ରିୟସଂଯମ କରିବା ଭାରୀ କଠିନ । ଘୋଡ଼ା ଆଖିରେ ଦୁଇପଟେ ଢାଙ୍କୁଣି ଦେବାକୁ ହୁଏ । କେଉଁ କେଉଁ ଘୋଡ଼ାର ଆଖିକୁ ପୂରା ବନ୍ଦ କରିବାକୁ ପଡ଼େ ।

ଶ୍ରୀରାମକୃଷ୍ଣ—ତାଙ୍କର ଯଦି ଥରେ କୃପା ହୁଏ, ଯଦି ଥରେ ଈଶ୍ୱରଦର୍ଶନ ହୁଏ, ଯଦି ଥରେ ଆତ୍ମସାକ୍ଷାତ୍କାର ହୁଏ, ତାହାହେଲେ ଆଉ କୌଣସି ଭୟ ନାହିଁ—ସେତେବେଳେ ଷଡ଼ରିପୁ ଆଉ କିଛି କରିପାରନ୍ତି ନାହିଁ ।

''ନାରଦ ପ୍ରହ୍ଲାଦଙ୍କ ପରି ନିତ୍ୟସିଦ୍ଧ ମହାପୁରୁଷମାନଙ୍କ ଆଖିରେ ଢାଙ୍କୁଣୀ ଦେବାକୁ ହୁଏ ନାହିଁ ! ଯେଉଁ ପିଲା ନିଜେ ବାପର ହାତ ଧରି କ୍ଷେତ ହିଡ଼ରେ ଚାଲୁଛି, ସେ ବରଂ ଅସାବଧାନ ହୋଇ ବାପର ହାତ ଛାଡ଼ି ଦେଲେ ଖାଲରେ ପଡ଼ିପାରେ; କିନ୍ତୁ ବାପ ଯେଉଁ ପିଲାର ହାତ ଧରେ, ସେ କେବେହେଲେ ଖାଲରେ ପଡ଼େ ନାହିଁ ।''

ଡାକ୍ତର—କିନ୍ତୁ ବାପ ପୁଅର ହାତ ଧରିବା ଭଲ ନୁହେଁ ।

ଶ୍ରୀରାମକୃଷ୍ଣ—ତାହା ନୁହେଁ । ମହାପୁରୁଷମାନଙ୍କର ବାଳକ ସ୍ୱଭାବ । ଈଶ୍ୱରଙ୍କ ପାଖରେ ସେମାନେ ସର୍ବଦା ହିଁ ବାଳକ, ସେମାନଙ୍କର ଅହଙ୍କାର ନ ଥାଏ । ସେମାନଙ୍କର ସବୁ ଶକ୍ତି ଈଶ୍ୱରଙ୍କର ଶକ୍ତି, ବାପର ଶକ୍ତି, ନିଜର କିଛି ନୁହେଁ । ଏଥିରେ ସେମାନଙ୍କର ଦୃଢ଼ ବିଶ୍ୱାସ ।

### ବିଚାରପଥ ଓ ଆନନ୍ଦପଥ—ଜ୍ଞାନଯୋଗ ଓ ଭକ୍ତିଯୋଗ

ଡାକ୍ତର—ପ୍ରଥମେ ଘୋଡ଼ା ଆଖିରେ ଦୁଇପଟେ ଢାଙ୍କୁଣୀ ନ ଦେଲେ ଘୋଡ଼ା କଅଣ ଆଗେଇବାକୁ ଚାହେଁ ? ରିପୁ ବଶ ନ ହେଲେ କଅଣ ଈଶ୍ୱରଙ୍କୁ ପାଇ ହୁଏ ?

ଶ୍ରୀରାମକୃଷ୍ଣ—ତୁମେ ଯାହା କହୁଛ, ତାହାକୁ ବିଚାରପଥ କହନ୍ତି—ଜ୍ଞାନଯୋଗ କହନ୍ତି । ସେ ପଥରେ ମଧ୍ୟ ଈଶ୍ୱରଙ୍କୁ ଲାଭ କରାଯାଏ । ଜ୍ଞାନୀମାନେ କହନ୍ତି, ପ୍ରଥମେ ଚିତ୍ତ-ଶୁଦ୍ଧି ହେବା ଦରକାର । ଆଗେ ସାଧନା ଦରକାର, ତେବେ ଜ୍ଞାନ ହେବ ।

ଭକ୍ତିପଥରେ ମଧ୍ୟ ତାଙ୍କୁ ଲାଭ କରାଯାଏ । ଯଦି ଈଶ୍ୱରଙ୍କ ପାଦପଦ୍ମରେ ଥରେ ଭକ୍ତି ହୁଏ, ଯଦି ତାଙ୍କର ନାମଗୁଣମାନ କରିବାକୁ ଭଲ ଲାଗେ, ତାହାହେଲେ ଇନ୍ଦ୍ରିୟସଂଯମ ପାଇଁ ଆଉ ଚେଷ୍ଟା କରିବାକୁ ପଡ଼େ ନାହିଁ । ରିପୁମାନେ ଆପେ ଆପେ ବଶ ହୋଇଯାଆନ୍ତି ।

ଯଦି କାହାର ପୁତ୍ରଶୋକ ହୁଏ, ସେଦିନ ସେ କଅଣ ଆଉ ଲୋକଙ୍କ ସହିତ ଝଗଡ଼ା କରିପାରେ ନା ନିମନ୍ତ୍ରଣରେ ଯାଇ ଖାଇପାରେ ? ସେ କଅଣ ଲୋକଙ୍କ ଆଗରେ ଅହଙ୍କାର କରି ବୁଲିପାରେ, ନା ସୁଖ-ସମ୍ଭୋଗ କରିପାରେ ?

ଦିଆଲି ପୋକ ଯଦି ଥରେ ଆଲୁଅ ଦେଖେ, ତାହାହେଲେ କଅଣ ସେ ଆଉ ଅନ୍ଧକାରରେ ରହେ ?

ଡାକ୍ତର (ସହାସ୍ୟ)—ସେ ପଛକେ ପୋଡ଼ି ମରୁ, ଆଲୁଅ ପାଖକୁ ଯିବ ।

ଶ୍ରୀରାମକୃଷ୍ଣ—ନାହିଁ ହେ ! ଭକ୍ତ କିନ୍ତୁ ଦିଆଲି ପୋକ ପରି ପୋଡ଼ି ହୋଇ ମରେ ନାହିଁ । ଭକ୍ତ ଯେଉଁ ଆଲୁଅ ଦେଖି ଛୁଟିଯାଏ, ସେ ତ ମଣିର ଆଲୁଅ ! ମଣିର ଆଲୁଅ ଖୁବ୍ ଉଜ୍ଜ୍ୱଳ ସତ, କିନ୍ତୁ ସ୍ନିଗ୍ଧ ଆଉ ଶୀତଳ । ଏ ଆଲୁଅରେ ଦେହ ପୋଡ଼େ ନାହିଁ, ଏ ଆଲୁଅରେ ଶାନ୍ତି ହୁଏ, ଆନନ୍ଦ ହୁଏ !

## ଜ୍ଞାନଯୋଗ କଷ୍ଟସାଧ

ବିଚାରପଥରେ, ଜ୍ଞାନଯୋଗ-ପଥରେ ତାଙ୍କୁ ଲାଭ କରାଯାଏ ସତ; କିନ୍ତୁ ଏହି ପଥ ଅତି କଠିନ । ମୁଁ ଶରୀର ନୁହେଁ, ମନ ନୁହେଁ, ବୁଦ୍ଧି ନୁହେଁ, ମୋର ରୋଗ ନାହିଁ, ଶୋକ ନାହିଁ, ଅଶାନ୍ତି ନାହିଁ, ମୁଁ ସଚ୍ଚିଦାନନ୍ଦସ୍ୱରୂପ, ମୁଁ ସୁଖଦୁଃଖର ଅତୀତ, ମୁଁ ଇନ୍ଦ୍ରିୟର ବଶ ନୁହେଁ—ଏସବୁ କଥା ମୁହଁରେ କହିବା ଭାରୀ ସହଜ; କିନ୍ତୁ କାମରେ କରିବା ବା ଧାରଣା କରିବା ଭାରୀ କଠିନ । କଣ୍ଟାରେ ହାତ କଟିଯାଇଛି, ଝରଝର ହୋଇ ରକ୍ତ ବୋହିଯାଉଛି, ଅଥଚ କହୁଛି, କାହିଁ କଣ୍ଟାରେ ତ ମୋର ହାତ କଟିନାହିଁ, ମୁଁ ବେଶ୍ ଅଛି । ଏପରି କହିବା ଶୋଭା ପାଏ ନାହିଁ । ଆଗେ ଏହି କଣ୍ଟାଟିକୁ ଜ୍ଞାନାଗ୍ନିରେ ପୋଡ଼ିବାକୁ ହେବ ।

## ବହିପଢ଼ା ଜ୍ଞାନ ବା ପଣ୍ଡିତ—ଠାକୁରଙ୍କର ଶିକ୍ଷାପ୍ରଣାଳୀ

ଅନେକେ ଭାବନ୍ତି, ବହି ନ ପଢ଼ିଲେ ବୋଧହୁଏ ଜ୍ଞାନ ହୁଏ ନାହିଁ, ବିଦ୍ୟା ହୁଏ ନାହିଁ କିନ୍ତୁ ପଢ଼ିବା ଅପେକ୍ଷା ଶୁଣିବା ଭଲ, ଶୁଣିବା ଅପେକ୍ଷା ଦେଖିବା ଭଲ । କାଶୀ ସମ୍ବନ୍ଧରେ ପଢ଼ିବା, କାଶୀ ବିଷୟରେ ଶୁଣିବା, ଆଉ କାଶୀ ଦର୍ଶନ କରିବା ଭିତରେ ବହୁତ ପାର୍ଥକ୍ୟ ।

" ପୁଣି ଯେଉଁମାନେ ନିଜେ ସତରଞ୍ଚ ଖେଳ ଖେଳନ୍ତି, ସେମାନେ ଗୋଟି ଚାଳନା ସେତେ ବୁଝିପାରନ୍ତି ନାହିଁ, କିନ୍ତୁ ଯେଉଁମାନେ ଖେଳନ୍ତି ନାହିଁ, ସେମାନେ ଭବିଷ୍ୟତ ପାଇଁ ଚାଲ୍ କହି ଦିଅନ୍ତି; ସେମାନଙ୍କର ଗୋଟି ଚାଳନା ଏମାନଙ୍କ ଅପେକ୍ଷା ବେଶୀ ଠିକ୍ ହୁଏ । ସଂସାରୀ ଲୋକେ ଭାବନ୍ତି ଯେ, ସେମାନେ ଭାରୀ ବୁଦ୍ଧିମାନ, କିନ୍ତୁ ସେମାନେ ବିଷୟାସକ୍ତ । ନିଜେ ଖେଳୁଛନ୍ତି । ନିଜର ଗୋଟିଚଲା ଠିକ୍ ବୁଝିପାରନ୍ତି ନାହିଁ । କିନ୍ତୁ ସଂସାର ତ୍ୟାଗୀ ସାଧୁମାନେ ବିଷୟରେ ଅନାସକ୍ତ । ସେମାନେ ସଂସାରୀମାନଙ୍କ ଅପେକ୍ଷା ବୁଦ୍ଧିମାନ । ନିଜେ ଖେଳନ୍ତି ନାହିଁ, ତେଣୁ କେଉଁ ଗୋଟି ଚଳେଇବାକୁ ହେବ ତାହା ଠିକ୍ ଠିକ୍ ବତାଇ ଦେଇପାରନ୍ତି ।"

ଡାକ୍ତର (ଭକ୍ତମାନଙ୍କୁ)—ବହି ପଢ଼ିଲେ ଏହାଙ୍କର (ପରମହଂସଦେବଙ୍କର) ଏତେ ଜ୍ଞାନ ହୋଇ ନ ଥାଆନ୍ତା । Faraday communed with Nature ଫ୍ୟାରେଡ଼େ ପ୍ରକୃତିକୁ ନିଜେ ପର୍ଯ୍ୟବେକ୍ଷଣ କରୁଥିଲେ, ସେଥିପାଇଁ ଏତେ scientific truth discover କରିପାରିଥିଲେ । ବହି ପଢ଼ା ବିଦ୍ୟା ହେଲେ ଏତେ ଜ୍ଞାନ ହୋଇ ନ ଥାଆନ୍ତା । Mathematical formulae only throw the brain into confusion-original inquiry-ପଥରେ ବିରାଟ ବାଧା ସୃଷ୍ଟି କରେ ।

## ଈଶ୍ୱରପ୍ରଦତ୍ତ ଜ୍ଞାନ ଏବଂ ପୋଥିଗତ ବିଦ୍ୟା

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କୁ)—ଯେତେବେଳେ ପଞ୍ଚବଟୀରେ ଭୂଇଁରେ ଲୋଟି ମାଆଙ୍କୁ ଡାକୁଥିଲି, ମୁଁ ମାଆଙ୍କୁ କହିଥିଲି, 'ମା ! ମୋତେ ଦେଖାଇ ଦିଅ କର୍ମୀମାନେ କର୍ମ କରି ଯାହା ପାଇଛନ୍ତି, ଯୋଗୀମାନେ ଯୋଗ କରି ଯାହା ଦେଖିଛନ୍ତି, ଜ୍ଞାନୀମାନେ ବିଚାର କରି ଯାହା ଜାଣିଛନ୍ତି !' ଆହୁରି ଯେ କେତେ କଅଣ ତାହା କଅଣ କହିବି !

"ଆହା ! କି ଅବସ୍ଥା ଯେ ଯାଇଛି ! ନିଦ ହେଉ ନ ଥିଲା ।" ଏହା କହି ପରମହଂସଦେବ ଗୀତ ଗାଇଲେ—

"ଭାଙ୍ଗିଛି ମୋ ନିଦ ଆଉ କି ମୁଁ ଶୁଏ, ଯୋଗେ-ଯାଗେ ଜାଗିଅଛି ।
ଏବେ ଯୋଗନିଦ୍ରା ତୋତେ ଦେଇ ମାଗୋ, ନିଦକୁ ମୁଁ ଶୁଆଇଛି ।"

"ମୁଁ ତ ବହିପତ୍ର କିଛି ପଢ଼ି ନାହିଁ, କିନ୍ତୁ ଦେଖ, ମାଆଙ୍କର ନାଆଁ ନିଏ ବୋଲି ମୋତେ ସମସ୍ତେ ମାନନ୍ତି । ଶମ୍ଭୁ ମଲ୍ଲିକ ମୋତେ କହିଥିଲା, 'ଢାଲ ନାହିଁ କି ତରବାରି ନାହିଁ, ଶାନ୍ତିରାମ ସିଂ !" (ସମସ୍ତଙ୍କର ହସ)

ଶ୍ରୀଯୁକ୍ତ ଗିରିଶଚନ୍ଦ୍ର ଘୋଷଙ୍କ ବୁଦ୍ଧଦେବ ଚରିତ ଅଭିନୟ କଥା ପଡ଼ିଲା । ସେ ଡାକ୍ତରଙ୍କୁ ନିମନ୍ତ୍ରଣ କରି ଏହି ଅଭିନୟ ଦେଖାଇଥିଲେ । ଡାକ୍ତର ତାହା ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।

ଡାକ୍ତର (ଗିରିଶଙ୍କ ପ୍ରତି)—ତୁମେ ଭାରୀ ଖରାପ ଲୋକ ! ମୋତେ କଅଣ ପ୍ରତିଦିନ ଥିଏଟର ଯିବାକୁ ହେବ ?

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କୁ)—କଅଣ କହୁଛନ୍ତି, ମୁଁ ବୁଝିପାରୁ ନାହିଁ ।

ମାଷ୍ଟର—ତାଙ୍କୁ ଥିଏଟର ଖୁବ୍ ଭଲ ଲାଗିଛି ।

## (୩)

## ଅବତାର କଥା ପ୍ରସଙ୍ଗରେ—ଅବତାର ଓ ଜୀବ

ଶ୍ରୀରାମକୃଷ୍ଣ (ଈଶାନଙ୍କ ପ୍ରତି)—ତୁମେ କିଛି କୁହ ନା; ଏ (ଡାକ୍ତର) ଅବତାର ମାନନ୍ତି ନାହିଁ ।

ଈଶାନ—ଆଜ୍ଞା, କଅଣ ଆଉ ବିଚାର କରିବି ! ବିଚାର ଆଉ ଭଲ ଲାଗୁ ନାହିଁ

ଶ୍ରୀରାମକୃଷ୍ଣ (ବିରକ୍ତ ହୋଇ)—କାହିଁକି ? ବିଚାର ସଙ୍ଗତ କଥା କହିବନାହିଁ ?

ଈଶାନ (ଡାକ୍ତରଙ୍କ ପ୍ରତି)—ଅହଂକାର ଯୋଗୁଁ ଆମମାନଙ୍କର ବିଶ୍ୱାସ କମ୍ । କାକଭୂଷଣ୍ଡୀ ରାମଚନ୍ଦ୍ରଙ୍କୁ ପ୍ରଥମେ ଅବତାର ବୋଲି ମାନି ନ ଥିଲା । ଶେଷରେ ଯେତେବେଳେ ଚନ୍ଦ୍ରଲୋକ, ଦେବଲୋକ, କୈଳାସ ଭ୍ରମଣ କରି ଦେଖିଲା ଯେ ରାମଙ୍କ ହାତରୁ କୌଣସି ପ୍ରକାରେ ନିସ୍ତାର ନାହିଁ, ସେତେବେଳେ ନିଜେ ଧରା ଦେଲା, ରାମଙ୍କର ଶରଣାଗତ ହେଲା । ରାମ ସେତେବେଳେ ତାକୁ ଧରି ପାଟି ଭିତରେ ପୁରାଇ ଗିଳିଦେଲେ । ଭୂଷଣ୍ଡୀ ସେତେବେଳେ ଦେଖିଲା ଯେ, ସେ ତା' ଗଛରେ ବସି ରହିଛି । ଅହଂକାର ଚୂର୍ଣ୍ଣ ହେବାରୁ

କାକଭୂଷଣ୍ଡୀ ଜାଣିପାରିଲା ଯେ, ରାମଚନ୍ଦ୍ର ଦେଖିବାକୁ ଆମପରି ମଣିଷ ସତ, କିନ୍ତୁ ତାଙ୍କ ଉଦରରେ ବ୍ରହ୍ମାଣ୍ଡ ରହିଛି । ତାଙ୍କ ଉଦର ଭିତରେ ଆକାଶ, ଚନ୍ଦ୍ର, ସୂର୍ଯ୍ୟ, ନକ୍ଷତ୍ର, ସମୁଦ୍ର, ପର୍ବତ, ଜୀବ, ଜନ୍ତୁ, ଗଛ, ଇତ୍ୟାଦି ସବୁ କିଛି ରହିଛି ।

## ଜୀବର କ୍ଷୁଦ୍ର ବୁଦ୍ଧି

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କ ପ୍ରତି)—ଏତକ ବୁଝିବା କଷ୍ଟକର ଯେ, ସେ ହିଁ ସ୍ୱରାଟ୍, ସେ ହିଁ ବିରାଟ । ଯାହାଙ୍କର ନିତ୍ୟ, ତାଙ୍କରି ହିଁ ଲୀଳା । ସେ କଦାପି ମନୁଷ୍ୟ ହୋଇ ନ ପାରନ୍ତି, ଏ କଥା ଜୋର୍ କରି ଆମେ ଆମର କ୍ଷୁଦ୍ର ବୁଦ୍ଧିରେ କଅଣ କହିପାରୁ ? ଆମମାନଙ୍କର କ୍ଷୁଦ୍ର ବୁଦ୍ଧିରେ ଏସବୁ କଥା କଅଣ ଧାରଣା ହୋଇପାରେ ? ସେରିକିଆ ଘଡ଼ିରେ କଅଣ ଚାରି ସେର ଦୁଧ ଧରେ ?

ସେଥିପାଇଁ ସାଧୁ ଓ ମହାତ୍ମା, ଯେଉଁମାନେ ଈଶ୍ୱର ଲାଭ କରିଛନ୍ତି, ସେମାନଙ୍କର କଥା ବିଶ୍ୱାସ କରିବାକୁ ହୁଏ । ସାଧୁମାନେ ଈଶ୍ୱରଚିନ୍ତା ନେଇ ରହନ୍ତି; ଯେପରି ଓକିଲମାନେ ମକଦ୍ଦମା ନେଇ ଥାଆନ୍ତି । ତୁମର କାକଭୂଷଣ୍ଡୀ କଥା କଅଣ ବିଶ୍ୱାସ ହୁଏ ?

ଡାକ୍ତର—ଯେଉଁ ଟିକକ ଭଲ, ବିଶ୍ୱାସ କଲି । ଧରା ଦେଲେ ତ ସରିଯାଆନ୍ତା, କିଛି ଗଣ୍ଡଗୋଳ ରହନ୍ତା ନାହିଁ । ରାମଙ୍କୁ ଅବତାର ବୋଲି କିପରି କହିବି ? ପ୍ରଥମେ ଦେଖ ବାଳୀ-ବଧ ! ଚୋର ଭଳି ଲୁଚିକରି ବାଣ ମାରି ତାକୁ ମାରିଲେ । ଏ ତ ମଣିଷର କାମ, ଈଶ୍ୱରଙ୍କର ନୁହେଁ ।

ଗିରିଶ ଘୋଷ—ମହାଶୟ, ଏପରି କାର୍ଯ୍ୟ ଈଶ୍ୱର ହିଁ ପାରନ୍ତି ।

ଡାକ୍ତର—ପୁଣି ଦେଖ ସୀତାବର୍ଜନ ।

ଗରିଶ—ମହାଶୟ, ଏ କାମ ମଧ୍ୟ ଈଶ୍ୱର ହିଁ ପାରନ୍ତି, ମଣିଷ ପାରେ ନାହିଁ ।

## ବିଜ୍ଞାନ ନା ମହାପୁରୁଷଙ୍କର ବାକ୍ୟ

ଈଶାନ (ଡାକ୍ତରଙ୍କ ପ୍ରତି)—ଆପଣ ଅବତାର ମାନୁ ନାହାନ୍ତି କାହିଁକି ? ଏବେ କହିଲେ –ଯେ ଆକାର କରିଛନ୍ତି ସେ ସାକାର, ଯେ ମନ କରିଛନ୍ତି ସେ ନିରାକାର । ଆହୁରି ବି ଆପଣ କହିଲେ ଯେ ଈଶ୍ୱରଙ୍କର କାଣ୍ଡ ସବୁ କିଛି ହୋଇପାରେ ।

ଶ୍ରୀରାମକୃଷ୍ଣ (ହସି ହସି)—ଈଶ୍ୱର ଯେ ଅବତାର ହୋଇପାରନ୍ତି, ଏକଥା ତ ତାଙ୍କର ସାଇନ୍ସରେ (ବିଜ୍ଞାନଶାସ୍ତ୍ରରେ) ନାହିଁ । ତେବେ ସେଥିରେ କିପରି ବିଶ୍ୱାସ ହେବ ? (ସମସ୍ତଙ୍କର ହସ)

ଗୋଟିଏ ଗଳ୍ପ ଶୁଣ । ଜଣେ ଆସି କହିଲା, ଆହେ ! ସେ ପଡ଼ାରେ ଦେଖି ଆସିଲି, ଅମୁକର ଘର ହଠାତ୍ ମଡ୍ ମଡ୍ କରି ଭାଙ୍ଗିପଡ଼ିଲା । ଯାହାକୁ ସେ ଏ କଥା କହିଲା, ସେ ଇଂରାଜୀ ଲେଖାପଢ଼ା ଜାଣେ । ସେ କହିଲା, ରହ, ଥରେ ଖବରକାଗଜଟା ଦେଖେ । ଖବରକାଗଜ ପଢ଼ି ଦେଖିଲା ଯେ, ଘରଭଙ୍ଗା କଥା କିଛି ନାହିଁ । ସେତେବେଳେ ସେ

କହିଲା, ତୁମ କଥା ମୁଁ ବିଶ୍ୱାସ କରୁ ନାହିଁ । ଘରଭଙ୍ଗା କଥା ତ କାହିଁ ଖବରକାଗଜରେ ଲେଖା ନାହିଁ । ଏସବୁ ମିଛ କଥା ।'' (ସମସ୍ତଙ୍କର ହସ)

ଗିରିଶ—(ଡାକ୍ତରଙ୍କ ପ୍ରତି)—ଶ୍ରୀକୃଷ୍ଣଙ୍କୁ ଈଶ୍ୱର ବୋଲି ଆପଣଙ୍କୁ ମାନିବାକୁ ହେବ । ତାଙ୍କୁ ମନୁଷ୍ୟ ବୋଲି ମାନିବାକୁ ଦେବି ନାହିଁ । କହିବାକୁ ହେବ Demon or God (ହୁଏତ ସଇତାନ ନୋହିଲେ ଈଶ୍ୱର) ।

## ସରଳତା ଓ ଈଶ୍ୱରଙ୍କଠାରେ ବିଶ୍ୱାସ

ଶ୍ରୀରାମକୃଷ୍ଣ—ସରଳ ନ ହେଲେ ଈଶ୍ୱରଙ୍କ ପ୍ରତି ହଠାତ୍ ବିଶ୍ୱାସ ହୁଏ ନାହିଁ ।

ଈଶ୍ୱର ବିଷୟବୁଦ୍ଧିରୁ ବହୁ ଦୂରରେ । ବିଷୟବୁଦ୍ଧି ଥିଲେ ନାନା ସଂଶୟ ଉପସ୍ଥିତ ହୁଏ ଏବଂ ନାନା ପ୍ରକାର ଅହଙ୍କାର ଆସିଥାଏ—ପାଣ୍ଡିତ୍ୟର ଅହଂକାର, ଧନର ଅହଂକାର, ଏହିସବୁ । ଏ (ଡାକ୍ତର) କିନ୍ତୁ ସରଳ ।

ଗିରିଶ (ଡାକ୍ତରଙ୍କୁ)—ମହାଶୟ, କଅଣ କହୁଛନ୍ତି ? କୁଟିଳ ଲୋକର କଅଣ ଜ୍ଞାନ ହୁଏ ?

ଡାକ୍ତର—ରାମ କହ ! ତାହା କଅଣ କେବେ ହେଲାଣି !

ଶ୍ରୀରାମକୃଷ୍ଣ—କେଶବ ସେନ କିପରି ସରଳ ଥିଲା ! ଦିନେ ସେଠାକୁ (ରାସମଣିଙ୍କର 'କାଳୀବାଡ଼ି'କୁ) ଯାଇଥିଲା । ଅତିଥିଶାଳା ଦେଖି ଅପରାହ୍ନ ଚାରିଟା ବେଳେ କହିଲା, ହଇ ହେ ! ଅତିଥି-କାଙ୍ଗାଳମାନଙ୍କର ଭୋଜନ କେତେବେଳେ ହେବ ?

''ବିଶ୍ୱାସ ଯେତେ ବଢ଼ିବ, ଜ୍ଞାନ ମଧ୍ୟ ସେତେ ବଢ଼ିବ । ଯେଉଁ ଗାଇ ବାଛି ବାଛି ଖାଏ, ସେ ଟିକିଏ ଟିକିଏ କରି ଦୁଧ ଦିଏ । କିନ୍ତୁ ଯେଉଁ ଗାଇ ଶାଗପତ୍ର, ଚୋପା, ଭୁସୀ, ଯାହା ଦିଅ, ଚଟାପଟ ଖାଏ, ସେ ବେଶୀ ବେଶୀ ଦୁଧ ଦିଏ । (ସମସ୍ତଙ୍କର ହସ)

ପିଲାଙ୍କପରି ବିଶ୍ୱାସ ନ ହେଲେ ଈଶ୍ୱରଲାଭ ହୁଏ ନାହିଁ । ମା କହି ଦେଇଛି, 'ସେ ତୋର ଭାଇ', ପିଲାଟିର ଦୃଢ଼ ବିଶ୍ୱାସ ଯେ, ସେ ମୋର ଷୋଳଅଣା ଭାଇ । ମା କହିଛି, 'ଭ ଅଛି ।' ଷୋଳଅଣା ବିଶ୍ୱାସ ଯେ ସେ ଘରେ ଭ ଅଛି । ଏପ୍ରକାର ପିଲାଙ୍କ ପରି ବିଶ୍ୱାସ ଦେଖିଲେ ଈଶ୍ୱରଙ୍କର ଦୟା ହୁଏ । ସାଂସାରିକ ବୁଦ୍ଧିରେ ଈଶ୍ୱର ମିଳନ୍ତି ନାହିଁ ।

ଡାକ୍ତର (ଭକ୍ତମାନଙ୍କ ପ୍ରତି)—କିନ୍ତୁ ଯାହା ତାହା ଖାଇ ଗାଇର ବେଶୀ ଦୁଧ ହେବା ଭଲ ନୁହେଁ । ମୋର ଗୋଟିଏ ଗାଇକୁ ଏହିପରି ଯାହା ତାହା ଖାଇବାକୁ ଦେଉଥିଲେ । ଶେଷରେ ମୋର ଦେହ ଭାରୀ ଖରାପ ହେଲା ! ସେତେବେଳେ ଭାବିଲି, ଏହାର କାରଣ କଅଣ ? ବହୁ ଅନୁସନ୍ଧାନ କରି ଜାଣିଲି ଯେ, ଗାଇଟି ଖୁଦ ଓ ଏଣୁ ତେଣୁ କଅଣ ସବୁ ଖାଇଥିଲା । ତାପରେ ମହା ମୁସ୍କିଲ । ଲକ୍ଷ୍ନୌ ଯିବାକୁ ହେଲା । ଶେଷରେ ବାର ହଜାର ଟଙ୍କା ଖର୍ଚ୍ଚ ! (ସମସ୍ତଙ୍କର ହସ)

କେଉଁଥିରେ କଅଣ ହୁଏ କହିହେବ ନାହିଁ । ପାଇକପଡ଼ା ବାବୁଙ୍କ ଘରେ ସାତ ମାସର ଝିଅ ଦେହ ଖରାପ ହୋଇଥିଲା—ହୁପିଙ୍ଗ୍ କାଶ (Whooping Cough)—ମୁଁ ଦେଖିବାକୁ

ଯାଇଥିଲି । କୌଣସି ମତେ ରୋଗର କାରଣ ଠିକ୍ କରିପାରିଲି ନାହିଁ । ଶେଷରେ ଜାଣିପାରିଲି ଯେ ଗଧ ତିନ୍ତିଥିଲା, ସେହି ଗଧର ଦୁଧ ସେ ଝିଅଟି ଖାଉଥିଲା । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ—କଅଣ କହୁଛ ହେ ! ତେନ୍ତୁଳି ଗଛ ତଳେ ମୋର ଗାଡ଼ି ଯାଉଥିଲା, ସେଥିପାଇଁ ମୋର ଅମ୍ଳ ହୋଇଛି ! (ସମସ୍ତଙ୍କର ହସ)

ଡାକ୍ତର (ହସି ହସି)— ଜାହାଜର କ୍ୟାପଟେନଙ୍କର ମୁଣ୍ଡ ଭୀଷଣ ବିନ୍ଧୁଥିଲା । ସେଥିପାଇଁ ଡାକ୍ତରମାନେ ପରାମର୍ଶ କରି ଜାହାଜରେ ବେଲେସ୍ତରା (blister) ଲଗାଇ ଦେଲେ । (ସମସ୍ତଙ୍କର ହସ)

## ସାଧୁସଙ୍ଗ ଓ ଭୋଗବିଳାସ ତ୍ୟାଗ

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କୁ)— ସବୁବେଳେ ସାଧୁସଙ୍ଗ ଦରକାର ! ରୋଗ ତ ଲାଗିରହିଛି । ସାଧୁମାନେ ଯାହା କହନ୍ତି, ତାହା ମାନିବାକୁ ହୁଏ । କେବଳ ଶୁଣିଲେ କଅଣ ହେବ ? ଔଷଧ ଖାଇବାକୁ ହେବ; ଖାଇବାର କଟକଣା କରିବାକୁ ହେବ, ପୁଣି ପଥ୍ୟ ମଧ୍ୟ ଦରକାର ।

ଡାକ୍ତର—ପଥ୍ୟରେ ହିଁ ଭଲ ହୁଏ ।

ଶ୍ରୀରାମକୃଷ୍ଣ—ତିନି ପ୍ରକାରର ବୈଦ୍ୟ ଅଛନ୍ତି—ଉତ୍ତମ ବୈଦ୍ୟ, ମଧ୍ୟମ ବୈଦ୍ୟ, ଅଧମ ବୈଦ୍ୟ । ଯେଉଁ ବୈଦ୍ୟ ଆସି ନାଡ଼ୀ ଦେଖି 'ଔଷଧ ଖାଅ' ବୋଲି କହି ଚାଲିଯାଏ, ସେ ଅଧମ ବୈଦ୍ୟ—ରୋଗୀ ଔଷଧ ଖାଇଲା କି ନାହିଁ, ଏକଥା ସେ ବୁଝେ ନାହିଁ । ଆଉ ଯେଉଁ ବୈଦ୍ୟ ରୋଗୀକୁ ଔଷଧ ଖାଇବାକୁ ବହୁତ ବୁଝାଏ, ମିଠା କଥାରେ କହେ, 'ଆରେ ଔଷଧ ନ ଖାଇଲେ, କିପରି ଭଲ ହେବ ? ସୁନାଟା ପରା ଖାଅ, ମୁଁ ନିଜେ ଔଷଧ ଖୁଆଇ ଦେଉଛି, ଖାଅ—ସେ ମଧ୍ୟମ ବୈଦ୍ୟ । ଆଉ ଯେଉଁ ବୈଦ୍ୟ, ରୋଗୀ କୌଣସିମତେ ଔଷଧ ଖାଇଲା ନାହିଁ ଦେଖି, ତା' ଛାତିରେ ଆଣ୍ଠୁ ଦେଇ ଜୋର୍‌କରି ଖୁଆଇଦିଏ, ସେ ଉତ୍ତମ ବୈଦ୍ୟ !

ଡାକ୍ତର—ପୁଣି ଏପରି ଔଷଧ ଅଛି, ଯେଉଁଥିରେ ଛାତିରେ ଆଣ୍ଠୁ ଦେବାକୁ ପଡ଼େନାହିଁ ଯେପରି ହୋମିଓପ୍ୟାଥି ।

ଶ୍ରୀରାମକୃଷ୍ଣ—ଉତ୍ତମ ବୈଦ୍ୟ ଛାତିରେ ଆଣ୍ଠୁଦେଲେ କୌଣସି ଡର ନାହିଁ ।

ବୈଦ୍ୟଙ୍କ ପରି ଆଚାର୍ଯ୍ୟ ମଧ୍ୟ ତିନି ଶ୍ରେଣୀର । ଯେ ଧର୍ମ ଉପଦେଶ ଦେଇସାରି ଶିଷ୍ୟମାନଙ୍କର ଆଉ କୌଣସି ଖବର ରଖନ୍ତି ନାହିଁ, ସେ ଅଧମ ଆଚାର୍ଯ୍ୟ । ଶିଷ୍ୟମାନଙ୍କର ମଙ୍ଗଳ ପାଇଁ ଯେଉଁ ଆଚାର୍ଯ୍ୟ ସେମାନଙ୍କୁ ଥରକୁ ଥର ବୁଝାନ୍ତି, ଯେପରି ସେମାନେ ଉପଦେଶ ଧାରଣା କରିପାରିବେ, ସେଥିପାଇଁ ଅନୁନୟ ବିନୟ କରନ୍ତି, ସ୍ନେହ ଦେଖାନ୍ତି —ସେ ମଧ୍ୟମ ଆଚାର୍ଯ୍ୟ । ଆଉ ଶିଷ୍ୟମାନେ କୌଣସି ମତେ ଶୁଣୁ ନାହାନ୍ତି ଦେଖି, ଯେଉଁ ଆଚାର୍ଯ୍ୟ ଜୋର୍ କରନ୍ତି, ତାଙ୍କୁ କୁହାଯାଏ ଉତ୍ତମ ଆଚାର୍ଯ୍ୟ ।

## ସ୍ତ୍ରୀଲୋକ ଓ ସନ୍ୟାସୀ—ସନ୍ୟାସୀଙ୍କର କଠିନ ନିୟମ

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କୁ)—ସନ୍ୟାସୀଙ୍କ ପକ୍ଷରେ କାମିନୀ-କାଞ୍ଚନ ତ୍ୟାଗ । ସ୍ତ୍ରୀଲୋକର ଛବି ମଧ୍ୟ ସନ୍ୟାସୀ ଦେଖିବେ ନାହିଁ । ସ୍ତ୍ରୀଲୋକ କିପରି ଜାଣ ? ଯେପରି ତେନ୍ତୁଳି ଆଚାର ! ମନେ ପଡ଼ିଗଲେ ଜିଭରୁ ଲାଳ ବାହାରେ, ଆଖି ଆଗକୁ ଆଣିବା ଦରକାର ହୁଏ ନାହିଁ ।

କିନ୍ତୁ ଏକଥା ଆପଣମାନଙ୍କ ପାଇଁ ନୁହେଁ—ଏହା ସନ୍ୟାସୀମାନଙ୍କ ପାଇଁ । ଆପଣମାନେ ଯେତେଦୂର ପାରନ୍ତି ସ୍ତ୍ରୀଲୋକଙ୍କ ସଙ୍ଗରେ ଅନାସକ୍ତ ହୋଇ ରହିବେ । ମଝିରେ ମଝିରେ ନିର୍ଜନ ସ୍ଥାନକୁ ଯାଇ ଈଶ୍ୱରଚିନ୍ତା କରିବେ । ସେଠାରେ ଯେପରି ସେମାନେ କେହି ନ ଥାଆନ୍ତି । ଈଶ୍ୱରଙ୍କଠାରେ ବିଶ୍ୱାସ ଭକ୍ତି ଆସିଲେ, ଅନେକାଂଶରେ ଅନାସକ୍ତ ହୋଇ ରହିପାରିବ । ଗୋଟିଏ ଦୁଇଟି ପିଲା ହେଲେ ସ୍ତ୍ରୀପୁରୁଷ ଦୁଇଜଣ ଭାଇଭଉଣୀ ଭଳି ଚଳିବେ, ଆଉ ଈଶ୍ୱରଙ୍କୁ ସର୍ବଦା ପ୍ରାର୍ଥନା କରିବେ ଯେପରି ଇନ୍ଦ୍ରିୟସୁଖ ଆଡ଼କୁ ମନ ନ ଯାଏ, ଆଉ ଯେପରି ପିଲାପିଲି ନ ହୁଅନ୍ତି ।

ଗିରିଶ (ସହାସ୍ୟ ଡାକ୍ତରଙ୍କୁ)—ଆପଣ ଏଠାରେ ତିନି ଚାରି ଘଣ୍ଟା ହେଲା ରହିଛନ୍ତି; କଅଣ ରୋଗୀ ଦେଖିବାକୁ ଯିବେ ନାହିଁ ?

ଡାକ୍ତର—ଆଉ ଡାକ୍ତରୀ, ଆଉ ରୋଗୀ ! ଯେଉଁ ପରମହଂସ ହୋଇଛନ୍ତି ନା, ମୋର ସବୁ ଗଲା । (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ—ଶୁଣ, 'କର୍ମନାଶା' ବୋଲି ଗୋଟିଏ ନଦୀ ଅଛି । ସେ ନଦୀରେ ବୁଡ଼ ପକାଇଲେ ମହାବିପଦ । ଯେ ବୁଡ଼ ପକାଏ, ତାର କର୍ମନାଶ ହୋଇଯାଏ—ସେ ଆଉ କୌଣସି କାମ କରିପାରେ ନାହିଁ । (ଡାକ୍ତର ଓ ସମସ୍ତଙ୍କର ହସ)

ଡାକ୍ତର (ମାଷ୍ଟର, ଗିରିଶ ଓ ଅନ୍ୟାନ୍ୟ ଭକ୍ତମାନଙ୍କୁ)—ଦେଖ ମୁଁ ତୁମମାନଙ୍କ ଭିତରେ ଜଣେ ହୋଇ ରହିଲି । ଯଦି ରୋଗ ପାଇଁ ବୋଲି ଭାବ, ତାହାହେଲେ ନୁହଁ ! ଯଦି ଆପଣାର ଲୋକ ବୋଲି ଭାବ ତେବେ ମୁଁ ତୁମମାନଙ୍କ ଭିତରେ ଜଣେ ।

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କ ପ୍ରତି)—ଆଉ ଗୋଟିଏ ଅଛି, **ଅହୈତୁକୀ ଭକ୍ତି** । ଏହିଟି ଯଦି ହୁଏ, ତାହାହେଲେ ଖୁବ୍ ଭଲ । ପ୍ରହ୍ଲାଦଙ୍କର ଅହୈତୁକୀ ଭକ୍ତି ଥିଲା । ସେପରି ଭକ୍ତ କହେ, ହେ ଈଶ୍ୱର ! ମୁଁ ଧନ, ମାନ, ଦେହସୁଖ ଏସବୁ କିଛି ଚାହେଁ ନାହିଁ ! ଏତିକି କର, ଯେପରି ତୁମ ପାଦପଦ୍ମରେ ମୋର ଶୁଦ୍ଧା ଭକ୍ତି ହୁଏ ।

ଡାକ୍ତର—ହଁ, କାଳୀଙ୍କୁ ଲୋକେ ମୁଣ୍ଡିଆ ମାରନ୍ତି, ଦେଖିଛି; ଭିତରେ କେବଳ କାମନା —ମୋର ଚାକିରୀ କରିଦିଅ, ମୋର ରୋଗ ଭଲ କରିଦିଅ—ଏହିସବୁ ।

(ଶ୍ରୀରାମକୃଷ୍ଣଙ୍କୁ)—''ତୁମର ଯେଉଁ ରୋଗ ହୋଇଛି, ସେଥିରେ ଲୋକଙ୍କ ସଙ୍ଗରେ କଥା କହିବା ଚଳିବ ନାହିଁ । ତେବେ ମୁଁ ଯେତେବେଳେ ଆସିବି, କେବଳ ମୋ ସହିତ କଥା କହିବ ।'' (ସମସ୍ତଙ୍କର ହସ)

ଶ୍ରୀରାମକୃଷ୍ଣ—ଏ ରୋଗଟାକୁ ଭଲ କରିଦିଅ; ତାଙ୍କ ନାମଗୁଣଗାନ କରିପାରୁ ନାହିଁ !

ଡାକ୍ତର—ଧ୍ୟାନ କଲେ ହେଲା !

ଶ୍ରୀରାମକୃଷ୍ଣ—ଇଏ କିପରି କଥା ! ମୁଁ କାହିଁକି ଏକବାଗିଆ ହେବି ? ମୁଁ ପାଞ୍ଚ ପ୍ରକାର କରି ମାଛ ଖାଏ । କେତେବେଳେ ଝୋଳ, କେତେବେଳେ ବେସର, ଖଟା, କେତେବେଳେ ବା ଭଜା । ମୁଁ କେତେବେଳେ ପୂଜା, କେତେବେଳେ ଜପ, କେତେବେଳେ ଧ୍ୟାନ, କେତେବେଳେ ବା ତାଙ୍କର ନାମ-ଗୁଣ-କୀର୍ତ୍ତନ କରେ, କେତେବେଳେ ବା ତାଙ୍କର ଗୀତ ଗାଇ ନାଚେ ।

ଡାକ୍ତର—ମୁଁ ମଧ୍ୟ ଏକବାଗିଆ ନୁହେଁ ।

## ଅବତାର ନ ମାନିଲେ କଅଣ ଦୋଷ ଅଛି

ଶ୍ରୀରାମକୃଷ୍ଣ—ତୁମ ପୁଅ ଅମୃତ ଅବତାର ମାନେ ନାହିଁ । ସେଥିରେ କଅଣ ଦୋଷ ? ଈଶ୍ୱରଙ୍କୁ ନିରାକାର ବୋଲି ବିଶ୍ୱାସ କଲେ ବି ତାଙ୍କୁ ଲାଭ କରାଯାଏ । ପୁଣି ସାକାର ବୋଲି ବିଶ୍ୱାସ କଲେ ବି ତାଙ୍କୁ ଲାଭ କରାଯାଏ । ତାଙ୍କଠାରେ ବିଶ୍ୱାସ ହେବା ଓ ତାଙ୍କର ଶରଣାଗତ ହେବା, ଏହି ଦୁଇଟି ଦରକାର ।

ମଣିଷ ତ ଅଜ୍ଞାନ, ଭୁଲ ହୋଇପାରେ । ସେରିକିଆ ଠେକିରେ କଅଣ ଚାରି ସେର ଦୁଧ ଧରେ ? ତେବେ ଯେଉଁ ପଥରେ ଥାଅ ନା କାହିଁକି, ବ୍ୟାକୁଳ ହୋଇ ତାଙ୍କୁ ଡାକିବା ଦରକାର । ସେ ତ ଅନ୍ତର୍ଯ୍ୟାମୀ—ସେ ଆନ୍ତରିକ ଡାକ ଶୁଣିବେ ହିଁ ଶୁଣିବେ । ବ୍ୟାକୁଳ ହୋଇ ସାକାରବାଦୀଙ୍କ ପଥରେ ଯାଅ, କିମ୍ବା ନିରାକାରବାଦୀଙ୍କ ପଥରେ ଯାଅ, ତାଙ୍କୁ ହିଁ (ଈଶ୍ୱରଙ୍କୁ ହିଁ) ପାଇବ ।

ମିଶ୍ରିର ରୁଟି ସିଧା କରି ଖାଅ, କି ମୋଡ଼ି କରି ଖାଅ, ମିଠା ଲାଗିବ । ତୁମର ପୁଅ ଅମୃତଟି ବେଶ୍ !

ଡାକ୍ତର—ସେ ତୁମର ଚେଲା ।

ଶ୍ରୀରାମକୃଷ୍ଣ—(ସହାସ୍ୟ ଡାକ୍ତରଙ୍କ ପ୍ରତି)—ମୋର କେହି ଶାଳା ଚେଲା ନାହିଁ ! ମୁଁ ସମସ୍ତଙ୍କର ଚେଲା । ସମସ୍ତେ ଈଶ୍ୱରଙ୍କର ସନ୍ତାନ, ଈଶ୍ୱରଙ୍କର ଦାସ—ମୁଁ ମଧ୍ୟ ଈଶ୍ୱରଙ୍କର ସନ୍ତାନ, ଈଶ୍ୱରଙ୍କର ଦାସ ।

''ଜହ୍ନମାମୁଁ ସମସ୍ତଙ୍କର ହିଁ ମାମୁଁ ।'' (ସମସ୍ତଙ୍କର ଆନନ୍ଦ ଓ ହସ)

❖ ❖ ❖

# ତ୍ରୟୋବିଂଶ ପରିଚ୍ଛେଦ

## ଶ୍ୟାମପୁକୁର ଘରେ ଡାକ୍ତର ସରକାର, ନରେନ୍ଦ୍ର, ଶଶୀ, ଶରତ୍, ମାଷ୍ଟର, ଗିରିଶ ପ୍ରଭୃତି ଭକ୍ତମାନଙ୍କ ଗହଣରେ

### (୧)

### ପୂର୍ବକଥା—ଉନ୍ମାଦାବସ୍ଥାରେ ଦେହରେ ଯେପରି ହୋମାଗ୍ନି ଜ୍ୱଳନ । ପଣ୍ଡିତ ପଦ୍ମଲୋଚନଙ୍କର ବିଶ୍ୱାସ ଓ ମୃତ୍ୟୁ

ଠାକୁର ଶ୍ରୀରାମକୃଷ୍ଣ ଶ୍ୟାମପୁକୁର ଘରେ ଚିକିତ୍ସାର୍ଥ ଭକ୍ତମାନଙ୍କ ସଙ୍ଗରେ ବାସ କରୁଛନ୍ତି । ଆଜି କୁମାରପୂର୍ଣ୍ଣିମା, ଶୁକ୍ରବାର । ୨୩ ଅକ୍ଟୋବର, ୧୮୮୫, ପୂର୍ବାହ୍ନ ୧୦ଟା । ଠାକୁର ମାଷ୍ଟରଙ୍କ ସହିତ କଥା କହୁଛନ୍ତି ।

ମାଷ୍ଟର ତାଙ୍କ ପାଦରେ ମୋଜା ପିନ୍ଧାଇ ଦେଉଛନ୍ତି ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ମଫ୍‌ଲର୍ କାଟି ପାଦରେ ପିନ୍ଧିଲେ ହୁଅନ୍ତା ନାହିଁ ? ବେଶ୍ ଗରମ । (ମାଷ୍ଟର ହସୁଛନ୍ତି)

ଗତକାଲି ଗୁରୁବାର ଦିନ ରାତିରେ ଡାକ୍ତର ସରକାରଙ୍କ ସହିତ ବହୁତ କଥାବାର୍ତ୍ତା ହୋଇଥିଲା । ଠାକୁର ସେହି ପ୍ରସଙ୍ଗ ଉଲ୍ଲେଖ କରି ମାଷ୍ଟରଙ୍କୁ ହସି ହସି କହୁଛନ୍ତି—"କାଲି କିପରି 'ତୁହୁଁ ତୁହୁଁ' କହିଲି !"

ଠାକୁର କାଲି କହିଥିଲେ—ଜୀବମାନେ ତ୍ରିତାପରେ ଜଳୁଛନ୍ତି, ତଥାପି କହନ୍ତି ବେଶ୍ ଅଛୁ । କଣ୍ଟାରେ ହାତ କଟିଯାଇଛି, ଧାର ଧାର ରକ୍ତ ବୋହୁଛି—ତେବେ ବି କହୁଛି, 'ମୋ ହାତରେ କିଛି ହୋଇନାହିଁ ।' ଜ୍ଞାନାଗ୍ନିରେ ଏ କଣ୍ଟାକୁ ତ ପୋଡ଼ିବାକୁ ହେବ ।

ଛୋଟ ନରେନ୍ ଏହି କଥା ମନେ ପକାଇ କହୁଛନ୍ତି—'କାଲିର ସେହି କଣ୍ଟା କଥାଟି ଚମତ୍କାର ! ଜ୍ଞାନାଗ୍ନିରେ ଜାଳି ଦେବା ।'

ଶ୍ରୀରାମକୃଷ୍ଣ—ମୋର ଏହିସବୁ ଅବସ୍ଥା ପ୍ରତ୍ୟକ୍ଷ ହେଉଥିଲା ।

କୋଠୀଘର ପଛପଟେ ଯାଉ ଯାଉ ଦେହରେ ଯେପରି ହୋମାଗ୍ନି ଜଳି ଉଠିଲା ।

ପଦ୍ମଲୋଚନ କହିଥିଲା—'ତୁମର ଅବସ୍ଥା ବିଷୟରେ ସଭା ଡାକି ଲୋକମାନଙ୍କୁ କହିବି !' ତା'ପରେ କିନ୍ତୁ ତାର ମୃତ୍ୟୁ ହେଲା "

ଦିନ ଏଗାରଟା ବେଳେ ଡାକ୍ତର ସରକାରଙ୍କ ଘରକୁ ମଣି ଠାକୁରଙ୍କ ସମ୍ବାଦ ନେଇ ଆସିଛନ୍ତି ।

ଡାକ୍ତର ଠାକୁରଙ୍କର ଖବର ଶୁଣି ତାଙ୍କ ବିଷୟରେ କଥାବାର୍ତ୍ତା କରୁଛନ୍ତି—ତାଙ୍କ କଥା ଶୁଣିବାକୁ ଔତ୍ସୁକ୍ୟ ପ୍ରକାଶ କରୁଛନ୍ତି ।

ଡାକ୍ତର (ସହାସ୍ୟ)—କାଲି କିପରି ମୁଁ କହିଲି, 'ତୁହୁଁ ତୁହୁଁ' କହିବାକୁ ହେଲେ

ସେହିପରି ଭିଣାଳି ହାତରେ ପଡ଼ିବା ଦରକାର !

ମଣି—ଆଜ୍ଞା ହଁ, ସେପରି ଗୁରୁଙ୍କ ହାତରେ ନ ପଡ଼ିଲେ ଅହଙ୍କାର ଯାଏ ନାହିଁ।

କାଲି କିପରି ଭକ୍ତି କଥା କହିଲେ ! ଭକ୍ତି ସ୍ତ୍ରୀଲୋକ, ଅନ୍ତଃପୁରକୁ ମଧ୍ୟ ଯାଇପାରେ।

ଡାକ୍ତର—ହଁ, ଚମତ୍କାର କଥାଟିଏ, କିନ୍ତୁ ତା' ବୋଲି ଜ୍ଞାନକୁ ତ ଆଉ ଛାଡ଼ିଦିଆ ଯାଇ ନ ପାରେ।

ମଣି—ପରମହଂସଦେବ ସେକଥା ତ କହନ୍ତି ନାହିଁ। ସେ ଜ୍ଞାନ ଓ ଭକ୍ତି ଉଭୟ ନିଅନ୍ତି ନିରାକାର, ସାକାର। ସେ କହନ୍ତି, ଭକ୍ତିରୂପକ ଥଣ୍ଡାରେ ପାଣିର କିଛି ଅଂଶ ବରଫ ହେଲା, ପୁଣି ଜ୍ଞାନସୂର୍ଯ୍ୟ ଉଦୟ ହେବାରୁ ବରଫ ତରଳିଗଲା। ଅର୍ଥାତ୍ ଭକ୍ତିଯୋଗରେ ସାକାର, ଜ୍ଞାନଯୋଗରେ ନିରାକାର।

ଆଉ ଦେଖନ୍ତୁ, ସେ ଈଶ୍ୱରଙ୍କୁ ଏତେ ପାଖରେ ଦେଖୁଛନ୍ତି ଯେ ତାଙ୍କ ସଙ୍ଗରେ ସବୁବେଳେ କଥା କହୁଛନ୍ତି। ଛୋଟ ପିଲା ଭଳି କହୁଛନ୍ତି—'ମା ଭାରୀ କାଟୁଛି !'

ଆଉ କିପରି ଅବ୍‌ଜର୍‌ଭେସନ୍ (ଦର୍ଶନ) ! ମ୍ୟୁଜିୟମରେ (ଯାଦୁଘରେ) ଫସିଲ୍ (ଜୀବଜନ୍ତୁ ପଥର ପାଲଟି ଯାଇଛି) ଦେଖିଥିଲେ। ସଙ୍ଗେ ସଙ୍ଗେ ସାଧୁସଙ୍ଗର ଉପମା ମିଳିଗଲା ! ପଥର ପାଖରେ ରହି ରହି ପଥର ପାଲଟି ଯାଇଛି, ସେହିପରି ସାଧୁସଙ୍ଗରେ ରହି ରହି ସାଧୁ ହୋଇଯାଆନ୍ତି।''

ଡାକ୍ତର—ଈଶାନ ବାବୁ କାଲି ଅବତାର କଥା କହୁଥିଲେ। ଅବତାର ପୁଣି କଅଣ ! ମନୁଷ୍ୟକୁ ଈଶ୍ୱର ବୋଲି କହିବ !

ମଣି—ଯାହାର ଯେପରି ବିଶ୍ୱାସ, ସେଥିରେ ଇଣ୍ଟରଫିୟର୍ (ହସ୍ତକ୍ଷେପ) କରି କଅଣ ହେବ ?

ଡାକ୍ତର—ହଁ, କଅଣ ଦରକାର !

ମଣି—ପୁଣି ସେହି କଥାଟିରେ କିପରି ହସାଇଥିଲେ !—'ଜଣେ ଦେଖିଗଲା, ଗୋଟିଏ ଘର ଭାଙ୍ଗି ପଡ଼ିଛି, କିନ୍ତୁ ଖବରକାଗଜରେ ସେକଥା ବାହାରି ନାହିଁ। ତେଣୁ ସେଥିରେ ବିଶ୍ୱାସ କରାଯିବ ନାହିଁ।'

ଡାକ୍ତର ଚୁପ୍ ହୋଇ ରହିଛନ୍ତି—କାରଣ ଠାକୁର କହିଥିଲେ, 'ତୁମର ସାଇନ୍‌ସରେ ଅବତାର କଥା ନାହିଁ, ଅତଏବ ଅବତାର ନାହିଁ।'

ଦ୍ୱିପ୍ରହର ହେଲା। ଡାକ୍ତର ମଣିଙ୍କୁ ନେଇ ଗାଡ଼ିରେ ଉଠିଲେ। ଅନ୍ୟାନ୍ୟ ରୋଗୀଙ୍କୁ ଦେଖି ଅବଶେଷରେ ଠାକୁର ଶ୍ରୀରାମକୃଷ୍ଣଙ୍କୁ ଦେଖିବାକୁ ଯିବେ।

ଡାକ୍ତର ସେଦିନ ଗିରିଶଙ୍କର ଆମନ୍ତ୍ରଣ କ୍ରମେ 'ବୁଦ୍ଧଲୀଳା' ଅଭିନୟ ଦେଖିବାକୁ ଯାଇଥିଲେ। ସେ ଗାଡ଼ିରେ ବସି ମଣିଙ୍କୁ କହୁଛନ୍ତି—''ବୁଦ୍ଧଙ୍କୁ ଦୟାର ଅବତାର କହିଥିଲେ ଭଲ ହୋଇଥାଆନ୍ତା—ବିଷ୍ଣୁଙ୍କର ଅବତାର ବୋଲି କାହିଁକି କହିଲେ ?''

ଡାକ୍ତର ମଣିଙ୍କୁ ହେଦୁଆ ଛକରେ ଓହ୍ଲାଇ ଦେଲେ।

( ୨ )

## ଠାକୁରଙ୍କର ପରମହଂସ ଅବସ୍ଥା—ଚତୁର୍ଦ୍ଦିଗରେ ଆନନ୍ଦର କୁହୁଡ଼ି ଦର୍ଶନ—ଭଗବତୀଙ୍କର ରୂପ ଦର୍ଶନ—ଯେପରି କହୁଛନ୍ତି, 'ଲାଗ୍ ଭେଲିକି'

ଅପରାହ୍ନ ତିନିଟା । ଠାକୁରଙ୍କ ପାଖରେ ଜଣେ ଦୁଇଜଣ ଭକ୍ତ ବସିଛନ୍ତି । ସେ ବାଳକ ପରି ଅଧୈର୍ଯ୍ୟ ହୋଇ ବାରମ୍ବାର ପଚାରୁଛନ୍ତି, ''ଡାକ୍ତର କେତେବେଳେ ଆସିବେ'', ''କେତେଟା ବାଜିଛି'' । ଡାକ୍ତର ଆଜି ସନ୍ଧ୍ୟାପରେ ଆସିବେ ।

ହଠାତ୍ ଠାକୁରଙ୍କର ବାଳକ ପରି ଅବସ୍ଥା ହୋଇଛି । ତକିଆ କୋଳରେ ରଖି ଯେପରି ବାତ୍ସଲ୍ୟରସରେ ଆପ୍ଲୁତ ହୋଇ ସନ୍ତାନକୁ ଦୁଧ ଦେଉଛନ୍ତି ! ଭାବାବିଷ୍ଟ ! ବାଳକ ପରି ହସୁଛନ୍ତି—ଅନ୍ୟ ଏକ ଢଙ୍ଗରେ ଲୁଗା ପିନ୍ଧୁଛନ୍ତି !

ମଣି ପ୍ରଭୃତି ଅବାକ୍ ହୋଇ ଦେଖୁଛନ୍ତି । କିଛିକ୍ଷଣ ପରେ ଭାବର ଉପଶମ ହେଲା । ଠାକୁରଙ୍କର ଖାଇବା ବେଳ ହୋଇଛି, ସେ ଟିକିଏ ସୁଜିକ୍ଷୀରି ଖାଇଲେ ।

ମଣିଙ୍କ ପାଖରେ ନିଭୃତରେ ଅତିଗୁହ୍ୟ କଥା କହୁଛନ୍ତି ।

ଶ୍ରୀରାମକୃଷ୍ଣ (ମଣିଙ୍କ ପ୍ରତି, ଏକାନ୍ତରେ)—ଭାବାବସ୍ଥାରେ ଏତେ ସମୟ ଧରି କଅଣ ଦେଖୁଥିଲି ଜାଣ ?—ସିଓଡ଼କୁ ଯିବା ରାସ୍ତାରେ ତିନି ଚାରି କ୍ରୋଶ ବ୍ୟାପୀ ଗୋଟିଏ ପଡ଼ିଆ, ସେହି ପଡ଼ିଆ ମଝିରେ ମୁଁ ଏକାକୀ !—ସେହି ଯେ ପନ୍ଦର ଷୋଳ ବର୍ଷର ବାଳକ ପରି ଜଣେ ପରମହଂସଙ୍କୁ ବରଗଛ ମୂଳେ ଦେଖିଥିଲି, ପୁଣି ଠିକ୍ ସେହିପରି ଦେଖିଲି !

ଚତୁର୍ଦ୍ଦିଗରେ ଆନନ୍ଦର କୁହୁଡ଼ି ।—ତା' ଭିତରୁ ୧୩/୧୪ ବର୍ଷର ଜଣେ ବାଳକ ବାହାରିଲା, ମୁହଁଟି ଦେଖା ଯାଉଛି ! ପୂର୍ଣ୍ଣର ଚେହେରା । ଦୁଇଜଣଯାକ ଦିଗମ୍ବର ! —ତାପରେ ପଡ଼ିଆରେ ଦୁଇଜଣଯାକ ଆନନ୍ଦରେ ଦୌଡ଼ାଦୌଡ଼ି ହୋଇ ଖେଳିଲେ !

ଦୌଡ଼ାଦୌଡ଼ି କରି ପୂର୍ଣ୍ଣକୁ ଶୋଷ ହେଲା । ସେ ଗୋଟିଏ ଗ୍ଲାସ୍‌ରେ ପାଣି ପିଇଲା । ପାଣି ପିଇସାରି ମୋତେ ଦେବାକୁ ଆଣିଲା । ମୁଁ କହିଲି, 'ଭାଇ, ତୋ ଅଇଁଠା ପିଇପାରିବି ନାହିଁ ।' ସେତେବେଳେ ସେ ହସି ହସି ଯାଇ ଗ୍ଲାସ୍‌ଟିକୁ ଧୋଇ ଆଉ ଏକ ଗ୍ଲାସ ପାଣି ଆଣି ଦେଲା ।

### 'ଭୟଙ୍କରା କାଳ-କାମିନୀ'—ଦେଖାଉଛନ୍ତି— ସବୁ ଭେଲିକି

ଠାକୁର ପୁଣି ସମାଧିସ୍ଥ । ଟିକିଏ ପରେ ପ୍ରକୃତିସ୍ଥ ହୋଇ ପୁଣି ମଣିଙ୍କୁ କହୁଛନ୍ତି—

''ଅବସ୍ଥା ପୁଣି ବଦଳି ଯାଉଛି !—ପ୍ରସାଦଖିଆ ଉଠିଗଲା !—ସତ୍ୟ ମିଥ୍ୟା ଏକ ହୋଇଯାଉଛି !—ପୁଣି କଅଣ ଦେଖୁଥିଲି ଜାଣ ! ଈଶ୍ୱରୀୟ ରୂପ ! ଭଗବତୀ ମୂର୍ତ୍ତି—ଗର୍ଭରେ ସନ୍ତାନ—ତାକୁ ବାହାର କରି ପୁଣି ଗିଳି ପକାଉଛି—ଭିତରକୁ ଯେତିକି ଯାଉଛି, ତାହା ଶୂନ୍ୟ ହୋଇ ଯାଉଛି । ମୋତେ ଦେଖାଉଛି ଯେ, ସବୁ ଶୂନ୍ୟ ।''

''ଯେପରି କହୁଛି, ଲାଗ୍ ! ଲାଗ୍ ! ଲାଗ୍ ଭେଲିକି ! ଲାଗ୍ !''

ମଣି ଠାକୁରଙ୍କ କଥା ଭାବୁଛନ୍ତି—'ବାଜିକର ହିଁ ସତ୍ୟ, ଆଉ ସବୁ ମିଥ୍ୟା ।'

## ଯୋଗସିଦ୍ଧି ଭଲ ନୁହେଁ—ସିଦ୍ଧି ନୀଚ ଆଧାରର

ଶ୍ରୀରାମକୃଷ୍ଣ—ଆଚ୍ଛା, ସେତେବେଳେ ପୂର୍ଣ୍ଣଙ୍କୁ ଆକର୍ଷଣ କଲି, କିନ୍ତୁ ହେଲା ନାହିଁ କାହିଁକି ? ଏଥିରେ ଟିକିଏ ବିଶ୍ୱାସ କମିଯାଉଛି !

ମଣି—ସେସବୁ ତ ସିଦ୍ଧି।

ଶ୍ରୀରାମକୃଷ୍ଣ—ହଁ ! ଘୋର ଅପସିଦ୍ଧି !

ମଣି—ସେଦିନ ଅଧର ସେନଙ୍କ ଘରୁ ଗାଡ଼ିରେ ବସି ଆପଣଙ୍କ ସଙ୍ଗରେ ଆମେମାନେ ଯେତେବେଳେ ଦକ୍ଷିଣେଶ୍ୱରକୁ ଆସୁଥିଲୁ—ବୋତଲ ଭାଙ୍ଗିଗଲା। ଜଣେ କହିଲେ ଯେ, ଏଥିରେ କଅଣ ହାନି ଘଟିବ, ଆପଣ ଟିକିଏ ଦେଖନ୍ତୁ। ଆପଣ କହିଲେ, ମୋର ଗରଜ ପଡ଼ିଛି—ସେସବୁ ତ ସିଦ୍ଧି !

ଶ୍ରୀରାମକୃଷ୍ଣ—ହରିନାମ କୀର୍ତ୍ତନ ବେଳେ ଏପରି ଗୁହାରି ପଡ଼ିଥିବା ପିଲା !—ରୋଗ ଭଲ କରିଦେବା—ଏସବୁ ସିଦ୍ଧି। **ଯେଉଁମାନେ ଅତି ଛୋଟ ଆଧାର, ସେହିମାନେ ହିଁ ରୋଗ ଭଲ କରିବା ପାଇଁ ଈଶ୍ୱରଙ୍କୁ ଡାକନ୍ତି !**

## (୩)

## ପୂର୍ଣ୍ଣଜ୍ଞାନ—ଦେହ ଓ ଆତ୍ମା ଅଲଗା—ଶ୍ରୀମୁଖକଥିତ ଚରିତାମୃତ

ସନ୍ଧ୍ୟା ହେଲା। ଶ୍ରୀରାମକୃଷ୍ଣ ଶଯ୍ୟାରେ ବସି ମାଆଙ୍କର ଚିନ୍ତା ଓ ନାମ କରୁଛନ୍ତି। ଭକ୍ତମାନେ ତାଙ୍କ ପାଖରେ ନିଃଶବ୍ଦରେ ବସିଛନ୍ତି।

କିଛି ସମୟ ପରେ ଡାକ୍ତର ସରକାର ଆସି ଉପସ୍ଥିତ ହେଲେ। ଘରେ ଲାଟୁ, ଶଶୀ, ଶରତ୍, ଛୋଟ ନରେନ୍, ପଲ୍ଟୁ, ଭୂପତି, ଗିରିଶ ପ୍ରଭୃତି ଅନେକ ଭକ୍ତ ବସିଛନ୍ତି। ଗିରିଶଙ୍କ ସହିତ ଥିଏଟର୍‌ର ଶ୍ରୀଯୁକ୍ତ ରାମତାରଣ ଆସିଛନ୍ତି—ଗୀତ ଗାଇବେ।

ଡାକ୍ତର (ଶ୍ରୀରାମକୃଷ୍ଣଙ୍କ ପ୍ରତି)—କାଲି ରାତି ତିନିଟା ବେଳେ ମୁଁ ତୁମ ପାଇଁ ଖୁବ୍ ଭାବିଥିଲି। ବର୍ଷା ହେଲା—ଭାବିଲି ଦ୍ୱାର ଝରକା ଖୋଲା ରଖିଛନ୍ତି ନା କଅଣ କରିଛନ୍ତି, କିଏ ଜାଣେ !

ଶ୍ରୀରାମକୃଷ୍ଣ ଡାକ୍ତରଙ୍କର ମମତା ଦେଖି ପ୍ରସନ୍ନ ହୋଇଛନ୍ତି। ଆଉ କହୁଛନ୍ତି, 'କଅଣ କହୁଛ !'

''ଯେପର୍ଯ୍ୟନ୍ତ ଦେହଟା ଅଛି, ସେପର୍ଯ୍ୟନ୍ତ ଯତ୍ନ କରିବାକୁ ହୁଏ।''

କିନ୍ତୁ ଦେଖୁଛି ଯେ ଏଇଟା ଅଲଗା। କାମିନୀ-କାଞ୍ଚନ ଉପରୁ ଯଦି ଆସକ୍ତି ଏକାବେଳକେ ଚାଲିଯାଏ, ତାହାହେଲେ ଠିକ୍ ବୋଧହୁଏ ଯେ ଦେହ ଆଉ ଆତ୍ମା ଅଲଗା। ନଡ଼ିଆରୁ ପାଣି ସବୁ ଶୁଖିଗଲେ ସଢ଼େଇରୁ ଶସ ଅଲଗା ହୋଇଯାଏ। ସେତେବେଳେ ଶସଟା ଜଣାପଡ଼େ—ଖଡ଼ ଖଡ଼ ହୁଏ। ଯେପରି ଖୋଳ ଓ ଖଣ୍ଡା—ଖୋଳ ଅଲଗା, ଖଣ୍ଡା ଅଲଗା। ତେଣୁ ଦେହରେ ବ୍ୟାଧି ହେଲେ ତାଙ୍କୁ ବେଶୀ କହିପାରେ ନାହିଁ।

ଗିରିଶ—ପଣ୍ଡିତ ଶଶଧର କହିଥିଲେ, 'ଆପଣ ସମାଧି ଅବସ୍ଥାରେ ଦେହ ଉପରେ ମନଟାକୁ ରଖିବେ—ତାହାହେଲେ ରୋଗ ଭଲ ହୋଇଯିବ।' ଇଏ ଭାବରେ ଦେଖିଲେ

ଯେ, ଦେହଟା ଯେପରି ହାଡ଼ ଓ ମାଂସର ଖୋଳ ।

## ପୂର୍ବକଥା—ମିଉଜିଅମ୍ ଦର୍ଶନ ଓ ପୀଡ଼ା ସମୟରେ ପ୍ରାର୍ଥନା

ଶ୍ରୀରାମକୃଷ୍ଣ— ବହୁତ ଦିନ ହେଲାଣି— ମୋର ସେତେବେଳ ଖୁବ୍ ବେମାରି । କାଳୀମନ୍ଦିରରେ ବସିଥିଲି—ମାଆଙ୍କ ପାଖରେ ପ୍ରାର୍ଥନା କରିବାକୁ ଇଚ୍ଛା ହେଲା ! କିନ୍ତୁ ଠିକ୍ ମୁଁ ଚାହୁଁଛି ବୋଲି କହିପାରିଲି ନାହିଁ । କହିଲି—ମା, ହୃଦୁ କହୁଛି, ତୁମକୁ ବେମାରି କଥା ଜଣାଇବାକୁ । ଆଉ ବେଶୀ କହିପାରିଲି ନାହିଁ—କହୁ କହୁ ହଠାତ୍ ସୋସାଇଟି କଥା ମନେ ପଡ଼ିଲା (Asiatic Society's Museum) । ସେଠାରେ ତାରରେ ବନ୍ଧା ହୋଇ ରଖାଯାଇଥିବା ମନୁଷ୍ୟର କଙ୍କାଳ (Skeleton) । ତେଣୁ କହିଲି—'ମା, ତୁମର ନାମଗୁଣ କୀର୍ତ୍ତନ କରି ବୁଲିବି —ସେଇଟା ଭଳି ଦେହଟାକୁ ଟିକିଏ ତାର ଦେଇ ବାନ୍ଧିଦିଅ ।' ସିଦ୍ଧି ମାଗିବାର ଉପାୟ ନାହିଁ ।

ପ୍ରଥମେ ପ୍ରଥମେ ହୃଦୁ କହିଥିଲା – ହୃଦୁର ଅଧୀନରେ ଥିଲି ତ—ମାଆଙ୍କଠାରୁ ଟିକିଏ ସିଦ୍ଧି ମାଗ ।' କାଳୀମନ୍ଦିରରେ ସିଦ୍ଧି ମାଗିବାକୁ ଯାଇ ଦେଖିଲି—ତିରିଶ ପଇଁତିରିଶ ବର୍ଷର ବେଶ୍ୟା— ଲୁଗା ଟେକି ଝାଡ଼ା ଫେରୁଛି ! ସେତେବେଳେ ହୃଦୁ ଉପରେ ରାଗ ହେଲା—କାହିଁକି ସେ ସିଦ୍ଧି ମାଗିବାକୁ ଶିଖାଇଦେଲା ।

## ଶ୍ରୀଯୁକ୍ତ ରାମତାରଣଙ୍କର ଗୀତ—ଠାକୁରଙ୍କର ଭାବାବସ୍ଥା

ଏଥର ରାମତାରଣ ଗୀତ ଗାଉଛନ୍ତି—

ଆମାର ଏଇ ସାଧେର ବୀଣେ, ଯତ୍ନେ ଗାଁଥା ତାରେର ହାର ।
ଯେ ଯତ୍ନ ଜାନେ, ବାଜାୟ ବୀଣେ, ଉଠେ ସୁଧା ଅନିବାର ।।
ତାନେମାନେ ବାଁଧଲେ ଡୁରୀ, ଶତଧାରେ ବୟ ମାଧୁରୀ ।
ବାଜେ ନା ଅଲଗା ତାରେ, ଟାନେ ଛିଡ଼େ କୋମଳ ତାର ।।

ଡାକ୍ତର (ଗିରିଶଙ୍କ ପ୍ରତି)—ଏହି ସବୁ ଗୀତ କଅଣ ଅରିଜିନାଲ (ନୂଆ) ?

ଗିରିଶ—ନା, ଏଡ୍‌ୱଇନ୍ ଆର୍ଣ୍ଣଲ୍ଡଙ୍କର ଭାବ ନେଇ ରଚିତ ।

ରାମତାରଣ ପ୍ରଥମେ ବୁଦ୍ଧଚରିତରୁ ଗୀତ ଗାଉଛନ୍ତି ।—

ପ୍ରାଣର ଜ୍ୱାଳା କିଏ ଦେବ ଶାନ୍ତ କରି, କେଉଁଠାରୁ ଆସି ଯାଏ ଭାସି କାହିଁ !
କେତେ କାନ୍ଦି ହସି ଆସେ ମୁଁ ଯେ ଫେରି, କାହାର ଖେଳରେ ଅବା ଖେଳୁଅଛି ମୁହିଁ !
ଯା'ର ଅଛି ଚେତା ହୁଅ ସଚେତନ, କେତେଦିନେ ଆଉ ଭାଙ୍ଗିବ ସ୍ୱପନ ?
ନଶୁଅ ହେ ଆଉ ଚେତା ଅଛି ଯା'ର, ଦାରୁଣ ଏ ଘୋର ନିବିଡ଼ ଅନ୍ଧାର ।
ତମସା ବିଦାରି ହୁଅ ହେ ଉଦୟ, ତୁମ ବିନା ଆଉ ନାହିଁ ମୋ ଉପାୟ,
ଶରଣ ପଶୁଛି ତେଣୁ ପଦେ ତୁମରି ।।

ଏହି ଗୀତ ଶୁଣୁଶୁଣୁ ଠାକୁର ଭାବାବିଷ୍ଟ ହୋଇଛନ୍ତି ।

ଗୀତ—କୋଁ କୋଁ କୋଁ ବହରେ ଝଡ଼ ।

ଏହି ଗୀତଟି ସରିବା ପରେ ଠାକୁର କହୁଛନ୍ତି— "ଏ କଅଣ କଲ !—ପାଏସ ପରେ ନିମ-ଝୋଳ !

ଯେତେବେଳେ ଗାଇଲ—'କର ତମୋ ନାଶ', ହଠାତ୍ ଦେଖିଲି ସୂର୍ଯ୍ୟ !—ଉଦୟ ହେବା ମାତ୍ରେ ଚାରିଦିଗର ଅନ୍ଧକାର ଦୂର ହୋଇଗଲା ! ଆଉ ସେହି ସୂର୍ଯ୍ୟଙ୍କ ପାଦତଳେ ସମସ୍ତେ ଶରଣାଗତ ହେଉଛନ୍ତି !"

ରାମତାରଣ ପୁଣି ଗାଉଛନ୍ତି—

(୧) ଦୀନତାରିଣୀ ଦୁରିତବାରିଣୀ, ସତ୍ତ୍ୱରଜଃତମଃ ତ୍ରିଗୁଣଧାରିଣୀ,
ସୃଜନ-ପାଳନ-ନିଧନକାରିଣୀ, ସଗୁଣା ନିର୍ଗୁଣା ସର୍ବସ୍ୱରୂପିଣୀ !

(୨) ଧରମ କରମ ସକଲି ଗେଲ, ଶ୍ୟାମାପୂଜା ବୁଝି ହଲୋ ନା !
ମନ ନିବାରିତେ ନାରି କୋନମତେ, ଛି, ଛି, କି ଜ୍ୱାଳା ବଲ ନା ॥

ଏହି ଗୀତ ଶୁଣି ଠାକୁର ପୁଣି ଭାବାବିଷ୍ଟ ହେଲେ ।

(୩) ରାଙ୍ଗା ଜବା କେ ଦିଲେ ତୋର ପାୟେ ମୁଠୋ ମୁଠୋ ॥

## (୪)

## ଛୋଟ ନରେନ୍ଦ୍ର ଆଦିଙ୍କର ଭାବାବସ୍ଥା, ସନ୍ୟାସୀ ଓ ଗୃହସ୍ଥର କର୍ତ୍ତବ୍ୟ

ଗୀତ ସମାପ୍ତ ହେଲା । ଭକ୍ତମାନେ ଅନେକେ ଭାବାବିଷ୍ଟ । ନିସ୍ତବ୍ଧ ହୋଇ ବସିଛନ୍ତି । ଛୋଟ ନରେନ୍ ଧ୍ୟାନମଗ୍ନ । କାଷ୍ଠ ପରି ବସିଛନ୍ତି ।

ଶ୍ରୀରାମକୃଷ୍ଣ (ଛୋଟ ନରେନ୍‌ଙ୍କୁ ଦେଖାଇ, ଡାକ୍ତରଙ୍କୁ)—ଏ ଅତି ଶୁଦ୍ଧ ! ଏହା ଭିତରେ ବିଷୟବୁଦ୍ଧିର ଲେଶ ମାତ୍ର ନାହିଁ ।

ଡାକ୍ତର ନରେନ୍‌ଙ୍କୁ ଦେଖୁଛନ୍ତି । ଏପର୍ଯ୍ୟନ୍ତ ଧ୍ୟାନଭଙ୍ଗ ହୋଇ ନାହିଁ ।

ମନୋମୋହନ (ଡାକ୍ତରଙ୍କ ପ୍ରତି ସହାସ୍ୟ)—ଆପଣଙ୍କ ପୁଅ ବିଷୟରେ କହିଲେ —'ପୁଅକୁ ଯଦି ପାଏ, ବାପର ଦରକାର ନାହିଁ ।'

ଡାକ୍ତର—ସେଇ ତ ! ସେଥିପାଇଁ ତ କହେ, ତୁମେମାନେ ପୁଅଙ୍କୁ ନେଇ ଭୁଲି ରହୁଛ ! ( ଅର୍ଥାତ୍ ଈଶ୍ୱରଙ୍କୁ ଛାଡ଼ି ଅବତାର ବା ଭକ୍ତଙ୍କୁ ନେଇ ଭୁଲି ରହୁଛ ।)

ଶ୍ରୀରାମକୃଷ୍ଣ (ସହାସ୍ୟ)—ବାପାଙ୍କର ଦରକାର ନାହିଁ—ଏକଥା କହୁନାହିଁ ।

ଡାକ୍ତର— ସେକଥା ବୁଝିଛି ! ଏପରି ଗୋଟେଅଧେ କଥା ନ କହିଲେ କିପରି ଚଳିବ ?

ଶ୍ରୀରାମକୃଷ୍ଣ—ତୁମର ପୁଅଟି ବେଶ୍ ସରଳ । ଶମ୍ଭୁ ମୁହଁ ଲାଲ୍ କରି କହିଥିଲା— **'ସରଳ ଭାବରେ ଡାକିଲେ ସେ ଶୁଣିବେ ହିଁ ଶୁଣିବେ ।'** ଯୁବକମାନଙ୍କୁ ଏତେ ଭଲପାଏ କାହିଁକି ଜାଣ ? ସେମାନେ ଖାଣ୍ଟି ଦୁଧ, ଖାଲି ଟିକିଏ ଫୁଟେଇ ନେଲେ ହେଲା—ଦିଅଁଙ୍କ ସେବାରେ ଲାଗେ । ପାଣିଆ ଦୁଧକୁ ବହୁତ ଆଉଟିବାକୁ ହୁଏ, ଅନେକ କାଠ ପୋଡ଼ିଯାଏ ।

ଯୁବକମାନେ ଯେପରି ନୂଆ ହାଣ୍ଡି, ଭଲ ପାତ୍ର—ନିଶ୍ଚିନ୍ତ ହୋଇ ଦୁଧ ରଖାଯାଏ । ସେମାନଙ୍କୁ ଜ୍ଞାନୋପଦେଶ ଦେଲେ ଶୀଘ୍ର ଚୈତନ୍ୟ ହୁଏ । ବିଷୟୀ ଲୋକମାନଙ୍କର ଶୀଘ୍ର

ହୁଏ ନାହିଁ । ଦହିପକା ହାଣ୍ଡିରେ ଦୁଧ ରଖିବାକୁ ଡର, କାଳେ ଛିଣ୍ଡିଯିବ ।

ତୁମ ପୁଅ ଭିତରେ ବିଷୟବୁଦ୍ଧି—କାମିନୀ-କାଞ୍ଚନ ପଶି ନାହିଁ ।

ଡାକ୍ତର- ବାପର ଖାଉଛନ୍ତି ତ, ସେଥିପାଇଁ !

'' ନିଜକୁ କରିବାକୁ ପଡୁଥିଲି ଦେଖନ୍ତି, ବିଷୟବୁଦ୍ଧି ପଶେ କି ନାହିଁ !''

### ସନ୍ନ୍ୟାସୀ ଓ ନାରୀତ୍ୟାଗ— ସନ୍ନ୍ୟାସୀ ଓ କାଞ୍ଚନତ୍ୟାଗ

ଶ୍ରୀରାମକୃଷ୍ଣ—ତା' ସତ । ତେବେ କଅଣ ଜାଣ, ଭଗବାନ ବିଷୟବୁଦ୍ଧିରୁ ବହୁତ ଦୂରରେ, ତା' ନ ହେଲେ ହାତମୁଠାରେ । (ସରକାର ଓ ଡାକ୍ତର ଦୋକଡ଼ିଙ୍କ ପ୍ରତି) କାମିନୀ-କାଞ୍ଚନ ତ୍ୟାଗ ଆପଣମାନଙ୍କ ପକ୍ଷରେ ନୁହେଁ । ଆପଣମାନେ ମନରେ ତ୍ୟାଗ କରିବେ । ଗୋସ୍ୱାମୀମାନଙ୍କୁ ସେଥିପାଇଁ କହିଲି—ତୁମେମାନେ କାହିଁକି ତ୍ୟାଗର କଥା କହୁଛ ?—ତୁମେମାନେ ତ୍ୟାଗ କଲେ ଚଳିବ ନାହିଁ—ଶ୍ୟାମସୁନ୍ଦରଙ୍କର ସେବା ରହିଛି ।

ସନ୍ନ୍ୟାସୀ ପକ୍ଷରେ ତ୍ୟାଗ । ସେମାନେ ସ୍ତ୍ରୀଲୋକର ଛବି ମଧ୍ୟ ଦେଖିବେ ନାହିଁ । ସ୍ତ୍ରୀଲୋକ ସେମାନଙ୍କ ପାଇଁ ବିଷବତ୍ । ଅନ୍ତତଃ ଦଶ ହାତ ଦୂରରେ ଅତି କମ୍‌ରେ ଏକହାତ ଦୂରରେ ରହିବେ । ସ୍ତ୍ରୀଲୋକ ହଜାରେ ଭକ୍ତ ହେଲେ ବି ସେମାନଙ୍କ ସହିତ ବେଶୀ ଗପିବେ ନାହିଁ । ସନ୍ନ୍ୟାସୀ ଏପରି ସ୍ଥାନରେ ରହିବା ଉଚିତ୍, ଯେଉଁଠାରେ ସ୍ତ୍ରୀଲୋକଙ୍କ ମୁହଁ ଦେଖାଯାଏ ନାହିଁ—ବା କ୍ୱଚିତ୍ ପରେ ଦେଖାଯାଏ ।

ଟଙ୍କା ମଧ୍ୟ ସନ୍ନ୍ୟାସୀ ପାଇଁ ବିଷ । ପାଖରେ ଟଙ୍କା ରହିଲେ ହିଁ ଚିନ୍ତା—ଅହଙ୍କାର, ଦେହସୁଖର ଚେଷ୍ଟା, କ୍ରୋଧ—ଏହିସବୁ ଆସିଯାଏ । ରଜୋଗୁଣ ବୃଦ୍ଧି କରେ, ପୁଣି ରଜୋଗୁଣ ରହିଲେ ହିଁ ତମୋଗୁଣ । ସେଥିପାଇଁ ସନ୍ନ୍ୟାସୀ କାଞ୍ଚନ ସ୍ପର୍ଶ କରେ ନାହିଁ । କାମିନୀ-କାଞ୍ଚନ ଈଶ୍ୱରଙ୍କୁ ଭୁଲାଇଦିଏ ।

### ଡାକ୍ତରଙ୍କୁ ଉପଦେଶ—ଟଙ୍କାର ସଦ୍‌ବ୍ୟବହାର—ଗୃହସ୍ଥ ପକ୍ଷରେ ସ୍ୱଦାରା

''ତୁମେମାନେ ଜାଣିବ ଯେ, ଟଙ୍କାରେ ଡାଲିଭାତ ହୁଏ, ପିନ୍ଧିବା ପାଇଁ ଲୁଗା, ରହିବା ପାଇଁ ଗୋଟିଏ ଜାଗା ହୁଏ—ଦିଅଁ ସେବା, ସାଧୁଭକ୍ତଙ୍କର ସେବା ହୁଏ ।

''ସଞ୍ଚିବାର ଚେଷ୍ଟା ବୃଥା । ମହୁମାଛି ବହୁ କଷ୍ଟରେ ମହୁଫେଣା ତିଆରି କରେ—ଆଉ ଜଣେ ଆସି ଭାଙ୍ଗି ନେଇଯାଏ ।''

ଡାକ୍ତର—ସଞ୍ଚୁଛନ୍ତି କାହାପାଇଁ ?—ନା, ଗୋଟିଏ କୁପୁତ୍ର ପାଇଁ !

ଶ୍ରୀରାମକୃଷ୍ଣ—ଖାଲି କୁପୁତ୍ର !— ହୁଏତ ସ୍ତ୍ରୀଟା ନଷ୍ଟା—ଉପପତି କରେ !—ହୁଏତ ତୁମରି ଘଡ଼ି, ତୁମରି ଚେନ୍ ତାକୁ ଦେବ !

''ତୁମମାନଙ୍କ ପକ୍ଷରେ ସ୍ତ୍ରୀଲୋକ ସମ୍ପୂର୍ଣ୍ଣ ତ୍ୟାଗ ଦରକାର ନାହିଁ । ସ୍ୱଦାରା-ଗମନ ଦୋଷର ନୁହେଁ । **ତେବେ ପିଲାପିଲି ହୋଇଗଲେ, ଭାଇ ଭଉଣୀପରି ଚଳିବାକୁ ହୁଏ** । କାମିନୀ-କାଞ୍ଚନରେ ଆସକ୍ତି ରହିଲେ ବିଦ୍ୟାର ଅହଙ୍କାର, ଟଙ୍କାର ଅହଙ୍କାର, ଉଚ୍ଚ ପଦର ଅହଙ୍କାର—ଏହିସବୁ ହୁଏ ।''

## (୫)

## ଡାକ୍ତର ସରକାରଙ୍କୁ ଉପଦେଶ—ଅହଙ୍କାର ଭଲ ନୁହେଁ, 'ବିଦ୍ୟାର ମୁଁ' ଭଲ—ତେବେ ଲୋକଶିକ୍ଷା ହୁଏ

ଶ୍ରୀରାମକୃଷ୍ଣ—ଅହଙ୍କାର ନ ଗଲେ ଜ୍ଞାନଲାଭ ହୁଏ ନାହିଁ । ଢିପ ଜାଗାରେ ପାଣି ଜମେ ନାହିଁ । ଖାଲ ଜମିକୁ ଚାରିଆଡ଼ର ପାଣି ମାଡ଼ିଆସେ ।

ଡାକ୍ତର—କିନ୍ତୁ ଖାଲ ଜମିକୁ ଚାରିଆଡୁ ଯେଉଁ ପାଣି ଆସେ, ତା' ଭିତରେ ଭଲ ପାଣି ଅଛି, ଖରାପ ପାଣି ବି ଅଛି—ଗୋଳିଆପାଣି, ମଇଳା ପାଣି, ଏସବୁ ବି ଅଛି । ପାହାଡ଼ ଉପରେ ମଧ ଖାଲ ଜମି ଅଛି । ନୈନିତାଲ ମାନସରୋବର—ଯେଉଁଠାରେ କେବଳ ଆକାଶର ବିଶୁଦ୍ଧ ଜଳ ।

ଶ୍ରୀରାମକୃଷ୍ଣ—କେବଳ ଆକାଶର ବିଶୁଦ୍ଧ ଜଳ—ବେଶ୍ ।

ଡାକ୍ତର—ଆଉ ଉଚ୍ଚ ଜାଗାର ପାଣି ଚାରିଆଡ଼କୁ ଦିଆଯାଇପାରେ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ଜଣେ ସିଦ୍ଧ ମନ୍ତ୍ର ପାଇଥିଲା । ସେ ପାହାଡ଼ ଉପରେ ଠିଆ ହୋଇ ଚିତ୍କାର କରି କହିଦେଲା—ତୁମେମାନେ ଏହି ମନ୍ତ୍ର ଜପ କଲେ ଈଶ୍ୱରଙ୍କୁ ଲାଭ କରିବ ।

ଡାକ୍ତର—ହଁ ।

ଶ୍ରୀରାମକୃଷ୍ଣ—ତେବେ ଗୋଟିଏ କଥା ଅଛି, ଯେତେବେଳେ ଈଶ୍ୱରଙ୍କ ପାଇଁ ପ୍ରାଣ ବ୍ୟାକୁଳ ହୁଏ, ସେତେବେଳେ ସଫା ପାଣି, ମଇଳା ପାଣି—ଏସବୁ ହିସାବ ରହେ ନାହିଁ । ତାଙ୍କୁ ଜାଣିବା ପାଇଁ କେତେବେଳେ ଭଲ ଲୋକ ପାଖକୁ ଯାଏ ତ କେତେବେଳେ କଞ୍ଚା ଲୋକ ପାଖକୁ ଯାଏ । କିନ୍ତୁ ତାଙ୍କର କୃପା ହେଲେ ମଇଳା ପାଣିରେ କିଛି କ୍ଷତି ହୁଏ ନାହିଁ । ଯେତେବେଳେ ସେ ଜ୍ଞାନ ଦିଅନ୍ତି, କେଉଁଟି ଭଲ, କେଉଁଟି ମନ୍ଦ, ସବୁ ଜଣାଇ ଦିଅନ୍ତି ।

''ପାହାଡ଼ ଉପରେ ଖାଲ ଜମି ଥାଇପାରେ, କିନ୍ତୁ ବଜ୍ଜାତ-ମୁଁ-ରୂପକ ପାହାଡ଼ରେ ନ ଥାଏ । ବିଦ୍ୟାର ମୁଁ, ଭକ୍ତର ମୁଁ ଯଦି ହୁଏ, ତେବେ ଆକାଶର ବିଶୁଦ୍ଧ ଜଳ ଆସି ଜମେ ।

''ଉଚ୍ଚ ଜାଗାରେ ଜମିଥିବା ପାଣିକୁ ଚାରିଆଡ଼କୁ ଦିଆଯାଇପାରେ ସତ; ତାହା ବିଦ୍ୟାର ମୁଁ-ରୂପକ ପାହାଡ଼ରୁ ହୋଇପାରେ ।

''ତାଙ୍କର ଆଦେଶ ନ ପାଇଲେ ଲୋକଶିକ୍ଷା ହୁଏ ନାହିଁ । ଶଙ୍କରାଚାର୍ଯ୍ୟ ଜ୍ଞାନଲାଭ ପରେ 'ବିଦ୍ୟାର ମୁଁ' ରଖିଥିଲେ—ଲୋକଶିକ୍ଷା ପାଇଁ । ତାଙ୍କୁ ଲାଭ ନ କରି ଲେକ୍‌ଚର୍ ! ସେଥିରେ ଲୋକଙ୍କର କଅଣ ଉପକାର ହେବ ?

## ପୂର୍ବକଥା—ସମାଧାୟୀଙ୍କର ଲେକ୍‌ଚର୍—ନନ୍ଦନ ଉଦ୍ୟାନ ସମାଜ ଦର୍ଶନ

ନନ୍ଦନ ଉଦ୍ୟାନରେ ବ୍ରାହ୍ମ ସମାଜକୁ ଯାଇଥିଲି । ସେଠାରେ ଉପାସନା ପରେ ସମାଧାୟୀ ବେଦୀ ଉପରେ ବସି ଲେକ୍‌ଚର ଦେଲେ । ଲେଖି ଆଣିଥିଲେ ! ପଢ଼ିବା ବେଳେ ପୁଣି ଚାରିଆଡ଼କୁ ଚାହୁଁଥିଲେ— ଧ୍ୟାନ କରୁଛନ୍ତି, ତା'ମଝିରେ ପୁଣି ଥରେ ଥରେ ଚାହୁଁଛନ୍ତି ।

ଯେ ଈଶ୍ୱରଦର୍ଶନ କରି ନାହିଁ, ତାର ଉପଦେଶ ଠିକ୍ ହୁଏ ନାହିଁ । ଗୋଟିଏ କଥା ଠିକ୍ ହେଲା ତ ଆଉ ଗୋଟିଏ ଗୋଳମାଳିଆ ହୋଇଯାଏ ।

ସମାଧ୍ୟାୟୀ ଲେକ୍‌ଚର୍ ଦେଇ କହିଲେ—ଈଶ୍ୱର ବାକ୍ୟମନର ଅତୀତ—ତାଙ୍କଠାରେ କୌଣସି ରସ ନାହିଁ—ତୁମେମାନେ ପ୍ରେମ-ଭକ୍ତିରୂପକ ରସ ଦେଇ ତାଙ୍କୁ ଭଜନା କର । ଦେଖ, **ଯେ ରସସ୍ୱରୂପ, ଆନନ୍ଦସ୍ୱରୂପ,** ତାଙ୍କୁ ଏହିପରି କହୁଛନ୍ତି । ଏ ଲେକ୍‌ଚରରେ କଅଣ ହେବ ? ଏଥିରେ କଅଣ ଲୋକଶିକ୍ଷା ହୁଏ ?

ଜଣେ କହିଥିଲା—ମୋର ମାମୁଁ ଘରେ ଗୁହାଳେ ଘୋଡ଼ା ଅଛନ୍ତି । ଗୁହାଳରେ ପୁଣି ଘୋଡ଼ା ! (ସମସ୍ତଙ୍କର ହସ) ସେଥିରୁ ବୁଝିବାକୁ ହେବ ଘୋଡ଼ା ନାହିଁ !

ଡାକ୍ତର (ସହାସ୍ୟ)—ଗୋରୁ ମଧ ନାହିଁ । (ସମସ୍ତଙ୍କର ହସ)

ଭକ୍ତମାନଙ୍କ ମଧରେ ଯେଉଁମାନେ ଭାବାବିଷ୍ଟ ହୋଇଥିଲେ,ସମସ୍ତେ ପ୍ରକୃତିସ୍ଥ ହୋଇଛନ୍ତି । ଭକ୍ତମାନଙ୍କୁ ଦେଖି ଡାକ୍ତର ଆନନ୍ଦିତ ହେଉଛନ୍ତି । ମାଷ୍ଟରଙ୍କୁ ପଚାରୁଛନ୍ତି, 'ଏ କିଏ' 'ଏ କିଏ' ? ପଲ୍ଟୁ, ଛୋଟ ନରେନ୍, ଭୂପତି, ଶରତ୍, ଶଶୀ ପ୍ରଭୃତି ଯୁବକ ଭକ୍ତମାନଙ୍କୁ ମାଷ୍ଟର ଜଣ ଜଣ କରି ଦେଖାଇ ଡାକ୍ତରଙ୍କ ସହିତ ପରିଚୟ କରାଇ ଦେଉଛନ୍ତି ।

ଶ୍ରୀଯୁକ୍ତ ଶଶୀଙ୍କ ସମ୍ବନ୍ଧରେ ମାଷ୍ଟର କହୁଛନ୍ତି—'ଏ ବି. ଏ. ପରୀକ୍ଷା ଦେବେ ।' ଡାକ୍ତର ଟିକିଏ ଅନ୍ୟମନସ୍କ ହୋଇଥିଲେ ।

ଶ୍ରୀରାମକୃଷ୍ଣ (ଡାକ୍ତରଙ୍କୁ)—ଦେଖ ହେ ! ଏ କଅଣ କହୁଛନ୍ତି । ଡାକ୍ତର ଶଶୀଙ୍କର ପରିଚୟ ଶୁଣିଲେ ।

ଶ୍ରୀରାମକୃଷ୍ଣ (ମାଷ୍ଟରଙ୍କୁ ଦେଖାଇ, ଡାକ୍ତରଙ୍କ ପ୍ରତି)—ଏ ସ୍କୁଲ ପିଲାମାନଙ୍କୁ ଉପଦେଶ ଦିଅନ୍ତି ।

ଡାକ୍ତର—ମୁଁ ସେକଥା ଶୁଣିଛି ।

ଶ୍ରୀରାମକୃଷ୍ଣ—କି ଆଶ୍ଚର୍ଯ୍ୟ, ମୁଁ ମୂର୍ଖ !—ତଥାପି ଶିକ୍ଷିତ ଲୋକମାନେ ଏଠାକୁ ଆସନ୍ତି, ଆଶ୍ଚର୍ଯ୍ୟ କଥା ! ସୁତରାଂ କହିବାକୁ ହେବ ଯେ ଏସବୁ ଈଶ୍ୱରଙ୍କ ଲୀଳା !

ଆଜି କୁମାରପୂର୍ଣ୍ଣିମା । ରାତି ପ୍ରାୟ ନଅଟା, ଡାକ୍ତର ଛଅଟା ବେଳୁ ବସିଛନ୍ତି ଓ ଏହି ସବୁ କାଣ୍ଡ ଦେଖୁଛନ୍ତି ।

ଗିରିଶ (ଡାକ୍ତରଙ୍କୁ)—ଆଚ୍ଛା ମହାଶୟ, ଆପଣଙ୍କର କ'ଣ ଏପରି ହୁଏ ?—ଏଠାକୁ ଆସିବି ନାହିଁ ଆସିବି ନାହିଁ ଭାବୁଛି—ଯେପରି କିଏ ଟାଣି ଆଣେ !—ମୋର ଏପରି ହୋଇଛି ବୋଲି କହୁଛି ।

ଡାକ୍ତର—ଠିକ୍ ଏପରି ହୁଏତ ବୋଧ ହେଉନାହିଁ । ତେବେ ହୃଦୟର କଥା ହୃଦୟ ହିଁ ଜାଣେ । (ଶ୍ରୀରାମକୃଷ୍ଣଙ୍କ ପ୍ରତି) ଆଉ ଏସବୁ ବିଷୟ କହିବା କଅଣ ଦରକାର !

❖ ❖ ❖

# ଚତୁର୍ବିଂଶ ପରିଚ୍ଛେଦ

## ଶ୍ୟାମପୁକୁର ଘରେ ନରେନ୍ଦ୍ର, ଡାକ୍ତର ସରକାର ଆଦିଙ୍କ ଗହଣରେ

## (୧)

### ଡାକ୍ତର ସରକାର ଓ ସର୍ବଧର୍ମ ପରୀକ୍ଷା

ଠାକୁର ଶ୍ରୀରାମକୃଷ୍ଣ ନରେନ୍ଦ୍ର, ମହିମାଚରଣ, ମାଷ୍ଟର, ଡାକ୍ତର ସରକାର ପ୍ରଭୃତି ଭକ୍ତମାନଙ୍କ ଗହଣରେ ଶ୍ୟାମପୁକୁର ଘରେ ଦୁଇମହଲାରେ ବସିଛନ୍ତି । ଦିନ ପ୍ରାୟ ଗୋଟାଏ । ୨୪ ଅକ୍ଟୋବର ୧୮୮୫, କାର୍ତ୍ତିକ ୯ ଦିନ ।

ଶ୍ରୀରାମକୃଷ୍ଣ—ତୁମର ଏ (ହୋମିଓପାଥି) ଚିକିତ୍ସା ଭଲ ।

ଡାକ୍ତର—ଏଥିରେ ରୋଗୀର ଅବସ୍ଥା ବହି ସହିତ ମିଳାଇବାକୁ ହୁଏ । ଯେପରି ଇଂରାଜୀ ସଂଗୀତ—ଦେଖି ପଢ଼ି ଗାଇବାକୁ ହୁଏ ।

ଗିରିଶ ଘୋଷ କାହିଁ ? —ଥାଉ ଥାଉ କାଲି ରାତି-ଅନିଦ୍ରା ହୋଇଥିଲା ।

ଶ୍ରୀରାମକୃଷ୍ଣ—ଆଚ୍ଛା, ଭାଙ୍ଗ ଖାଇ ନିଶା ହେଲା ଭଳି ଭାବାବସ୍ଥାରେ କାହିଁକି ହୁଏ ?

ଡାକ୍ତର (ମାଷ୍ଟରଙ୍କୁ)—Nervous centre–action ବନ୍ଦ ହୋଇଯାଏ, ସେଥିପାଇଁ ଅଚେତନ—ଏଆଡ଼େ ଗୋଡ଼ ଠିକ୍ ପଡ଼େ ନାହିଁ, ଯେତେ energies brain ଆଡ଼କୁ ଯାଏ । ଏହି nervous system ନେଇ life । ବେକ ପଛରେ ଅଛି—Medulla oblongata; ତାର କ୍ଷତି ହେଲେ life extint ହୋଇଯାଇପାରେ ।

ଶ୍ରୀଯୁକ୍ତ ମହିମା ଚକ୍ରବର୍ତ୍ତୀ ସୁଷୁମ୍ନା ନାଡ଼ୀ ଭିତରେ କୁଳକୁଣ୍ଡଳିନୀ ଶକ୍ତି ବିଷୟରେ କହୁଛନ୍ତି—''ସ୍ପାଇନାଲ୍ କର୍ଡ଼ ଭିତରେ ସୁଷମ୍ନା ସୂକ୍ଷ୍ମଭାବରେ ରହିଛି—କେହି ଦେଖିପାରନ୍ତି ନାହିଁ । ମହାଦେବଙ୍କର ବାକ୍ୟ ।

ଡାକ୍ତର—ମହାଦେବ man in maturityକୁ examine କରିଛନ୍ତି । ୟୁରୋପୀୟମାନେ embryoରୁ maturity ପର୍ଯ୍ୟନ୍ତ ସମସ୍ତ stage ଦେଖିଛନ୍ତି ! Comparative History ସମସ୍ତ ଜାଣିବା ଭଲ । ସାନ୍ତାଳମାନଙ୍କର ଇତିହାସ ପଢ଼ି ଜଣାଯାଇଛି ଯେ, କାଳୀ ଜଣେ ସାନ୍ତାଳୀ ସ୍ତ୍ରୀଲୋକ ଥିଲେ—ବହୁତ ଲଢ଼େଇ କରିଥିଲେ । (ସମସ୍ତଙ୍କର ହସ)

''ଏ ହସିବା କଥା ନୁହେଁ । Comparative anatomyରେ କେତେ ଉପକାର ହୋଇଛି, ଶୁଣ । ପ୍ରଥମେ pancreatic juice ଓ ପିତ୍ତ ଭିତରେ କ୍ରିୟାର ତଫାତ୍ ଜଣାପଡୁ ନ ଥିଲା । ତାପରେ କ୍ଲାଉଡ଼ ବର୍ଣ୍ଣାଡ଼ ଠେକୁଆର stomach, liver ପ୍ରଭୃତି ପରୀକ୍ଷା କରି ଦେଖାଇଲେ ଯେ ପିତ୍ତର କ୍ରିୟା ଓ ସେହି juiceର କ୍ରିୟା ଅଲଗା ।

ତାହାହେଲେ ଜଣାଗଲା ଯେ lower animalଙ୍କୁ ମଧ୍ୟ ଆମର ଦେଖିବା ଉଚିତ –

–କେବଳ ମଣିଷଙ୍କୁ ଦେଖିଲେ ହେବ ନାହିଁ ।

ସେହିପରି Comparative Religionରେ ବିଶେଷ ଉପକାର ! ଇଏ (ପରମହଂସଦେବ) ଯାହା କହନ୍ତି, ସେସବୁ ଏତେ ପ୍ରାଣକୁ ଛୁଏଁ କାହିଁକି ? ଇଏ ସବୁ ଧର୍ମ ଦେଖିଛନ୍ତି—ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଶାକ୍ତ, ବୈଷ୍ଣବ—ଏସବୁ ଇଏ ନିଜେ କରି ଦେଖିଛନ୍ତି । ମହୁମାଛି ନାନାପ୍ରକାର ଫୁଲରୁ ମହୁ ଆଣିଲେ ମହୁଫେଣାଟି ବଡ଼ିଆ ହୁଏ ।''

ମାଷ୍ଟର (ଡାକ୍ତରଙ୍କୁ)—ଇଏ (ମହିମା) ଖୁବ ସାଇନ୍‌ସ ପଢ଼ିଛନ୍ତି ।

ଡାକ୍ତର (ସହାସ୍ୟ)—କଅଣ Maxmuller's Science of Religion ?

ମହିମା (ଶ୍ରୀରାମକୃଷ୍ଣଙ୍କୁ)—ଆପଣଙ୍କର ବେମାରି, ଡାକ୍ତରମାନେ କଅଣ କରିବେ ? ଯେତେବେଳେ ଶୁଣିଲି ଯେ ଆପଣଙ୍କର ବେମାରି ହୋଇଛି, ସେତେବେଳେ ଭାବିଲି ଯେ ଡାକ୍ତରମାନଙ୍କର ଅହଙ୍କାର ବଢ଼ାଉଛନ୍ତି ।

ଶ୍ରୀରାମକୃଷ୍ଣ—ଇଏ ଖୁବ୍ ଭଲ ଡାକ୍ତର । ବହୁତ ବିଦ୍ୟା ।

ମହିମାଚରଣ—ଆଜ୍ଞା ହଁ, ଇଏ ଜାହାଜ, ଆଉ ଆମେ ସବୁ ଛୋଟ ଡଙ୍ଗା ।

ଡାକ୍ତର ବିନୀତ ଭାବରେ ହାତ ଯୋଡୁଛନ୍ତି ।

ମହିମା—ତେବେ ଏଠାରେ (ଶ୍ରୀରାମକୃଷ୍ଣଙ୍କ ପାଖରେ) ସମସ୍ତେ ସମାନ ।

ଠାକୁର ନରେନ୍ଦ୍ରକୁ ଗୀତ ଗାଇବାକୁ କହୁଛନ୍ତି । ନରେନ୍ଦ୍ରଙ୍କର ଗୀତ—

(୧) ତୁମକୁ ମୁଁ କରିଅଛି ଜୀବନର ଧ୍ରୁବତାରା ।

(୨) ଅହଙ୍କାରେ ମତ୍ତ ସଦା ଅପାର ବାସନା ।

(୩) ଚମତ୍କାର ଅପାର, ଜଗତ୍ ରଚନା ତୁମର ।

(୪) ମହାସିଂହାସନେ ବସି ଶୁଣୁଛ ହେ ବିଶ୍ୱପିତଃ ।
ତୁମରି ରଚିତ ଛନ୍ଦ ମହାନ୍ ବିଶ୍ୱର ଗୀତ ।
ମର୍ତ୍ତ୍ୟର ମୃତ୍ତିକା ହୋଇ, କ୍ଷୁଦ୍ର ଏହି କଣ୍ଠ ନେଇ,
ତୁମରି ଦୁଆରେ ପ୍ରଭୁ, ହୋଇଛି ମୁଁ ଉପନୀତ ।
ଆଉ କିଛି ଲୋଡ଼ା ନାହିଁ, ଆସିଛି ଦର୍ଶନ ପାଇଁ,
ଶୁଣାଇବି ଗୀତ ଗାଇ, ଆସିଛି ସେଇଥିପାଇଁ ।
ଗାଏ ଯଥା ରବି ଶଶୀ, ସେହି ସଭା ମଧ୍ୟେ ବସି,
ଏକାନ୍ତରେ ଗାଇବାକୁ ଚାହେଁ ଏ ଭକତ ଚିତ୍ତ ।

(୫) ଆହେ ରାଜରାଜେଶ୍ୱର ଦେଖାଦିଅ !
କରୁଣା–ଭିକାରୀ ମୁଁ ଯେ କରୁଣା–କଟାକ୍ଷେ ଚାହଁ !

(୬) ହରି–ରସ–ମଦିରା ପିଇ ମନ ମାନସ ମାତରେ !
ଲୋଟି ଏ ଅବନୀ ତଳେ ହରି ହରି ବୋଲି କାନ୍ଦରେ ।।

ଶ୍ରୀରାମକୃଷ୍ଣ—ଆଉ 'ଯୋ କୁଛ ହୈ ସୋ ତୁ ହୀ ହୈ ।'

ଡାକ୍ତର—ଆହା !

ଗୀତ ସରିଲା । ଡାକ୍ତର ମୁଗ୍ଧ ହୋଇଯାଇଛନ୍ତି । କିଛି ସମୟ ପରେ ଡାକ୍ତର ଅତ୍ୟନ୍ତ ଭକ୍ତି ସହକାରେ ହାତ ଯୋଡ଼ି ଠାକୁରଙ୍କୁ କହୁଛନ୍ତି, ''ତେବେ ଆଜି ଯାଉଛି—ପୁଣି ଆସିବି ।''

ଶ୍ରୀରାମକୃଷ୍ଣ—ଆଉ ଟିକିଏ ରହ ! ଗିରିଶ ଘୋଷକୁ ଖବର ଦିଆ ହୋଇଛି । (ମହିମାଙ୍କୁ ଦେଖାଇ) ଇଏ ବିଦ୍ୱାନ୍, ହରିନାମରେ ନାଚନ୍ତି, ଅହଙ୍କାର ନାହିଁ । କୋନ୍ନଗରକୁ ଯାଇଥିଲେ —ଆମେ ଯାଇଥିଲୁ ବୋଲି; ପୁଣି ସ୍ୱାଧୀନ, ଧନବାନ୍, କାହାରି ଅଧୀନରେ ଚାକିରୀ କରନ୍ତି ନାହିଁ ! (ନରେନ୍ଦ୍ରଙ୍କୁ ଦେଖାଇ) ଇଏ କିପରି ?

ଡାକ୍ତର—ଭାରୀ ଭଲ !

ଶ୍ରୀରାମକୃଷ୍ଣ—ଆଉ ଇଏ—

ଡାକ୍ତର—ଆହା !

ମହିମାଚରଣ—ହିନ୍ଦୁ ଦର୍ଶନ ନ ପଢ଼ିଲେ ଦର୍ଶନ ପଢ଼ା ହୁଏ ନାହିଁ । ସାଂଖ୍ୟର ଚତୁର୍ବିଂଶତି ତତ୍ତ୍ୱ ୟୁରୋପ ଜାଣେ ନାହିଁ—ବୁଝି ମଧ୍ୟ ପାରେ ନାହିଁ ।

ଶ୍ରୀରାମକୃଷ୍ଣ (ସହାସ୍ୟ)—ତିନିଟା ପଥ କଅଣ କଅଣ ଟିକେ କହିଲ ।

ମହିମା—ସତ୍‌ପଥ—ଜ୍ଞାନର ପଥ । ଚିତ୍‌ପଥ—ଯୋଗର । କର୍ମଯୋଗ । ତେଣୁ ଚାରି ଆଶ୍ରମର କ୍ରିୟା, କଅଣ କଅଣ କର୍ତ୍ତବ୍ୟ ଏହାରି ଭିତରେ ଯାଉଛି । ଆନନ୍ଦପଥ—ଭକ୍ତିପ୍ରେମର ପଥ ।—ଆପଣଙ୍କଠାରେ ତିନୋଟିଯାକ ବାଟର ଖବର ଅଛି—ଆପଣ ତିନୋଟିଯାକ ରାସ୍ତାର ଖବର ବତେଇଦିଅନ୍ତି । (ଠାକୁର ହସୁଛନ୍ତି)

''ମୁଁ ଆଉ କଅଣ କହିବି ? ଜନକ ବକ୍ତା, ଶୁକଦେବ ଶ୍ରୋତା''

ଡାକ୍ତର ବିଦାୟ ଗ୍ରହଣ କଲେ ।

### ସନ୍ଧ୍ୟା ପରେ ସମାଧିସ୍ଥ—ନିତ୍ୟଗୋପାଳ ଓ ନରେନ୍ଦ୍ର—'ଜପାତ୍ ସିଦ୍ଧି'

ସନ୍ଧ୍ୟାପରେ ଚନ୍ଦ୍ର ଉଇଁଛନ୍ତି । ଆଜି କୁମାରପୂର୍ଣ୍ଣିମାର ପରଦିନ । ଶନିବାର, କାର୍ତ୍ତିକ ୯ ଦିନ । ଠାକୁର ସମାଧିସ୍ଥ । ଠିଆ ହୋଇଛନ୍ତି । ନିତ୍ୟଗୋପାଳ ମଧ୍ୟ ତାଙ୍କ ପାଖରେ ଭକ୍ତିଭାବରେ ଠିଆ ହୋଇଛନ୍ତି ।

ଠାକୁର ଉପବିଷ୍ଟ ହୋଇଛନ୍ତି—ନିତ୍ୟଗୋପାଳ ପଦସେବା କରୁଛନ୍ତି । ଦେବେନ୍ଦ୍ର କାଳୀପଦ ପ୍ରଭୃତି ଅନେକେ ପାଖରେ ବସିଛନ୍ତି ।

ଶ୍ରୀରାମକୃଷ୍ଣ (ଦେବେନ୍ଦ୍ର ପ୍ରଭୃତିଙ୍କ ପ୍ରତି)—ମନରେ ଏକଥା ଉଠୁଛି ଯେ ନିତ୍ୟଗୋପାଳର ବର୍ତ୍ତମାନର ଅବସ୍ଥା ଚାଲିଯିବ—ତାର ସମସ୍ତ ମନଟା ମୋ ଠାରେ ଲଗ୍ନ ହେବ—ଯିଏ ଏହା ଭିତରେ ଅଛନ୍ତି, ତାଙ୍କଠାରେ ।

ନରେନ୍ଦ୍ରକୁ ଦେଖୁନାହିଁ ? ତାର ସମସ୍ତ ମନଟାକୁ ସେ ମୋ ଉପରେ ଦେଉଛି !

ଭକ୍ତମାନେ ଅନେକେ ବିଦାୟ ନେଉଛନ୍ତି । ଠାକୁର ଠିଆ ହୋଇଛନ୍ତି । ଜଣେ ଭକ୍ତକୁ ଜପ କଥା କହୁଛନ୍ତି—"ଜପ କରିବା ଅର୍ଥ ନିର୍ଜନରେ ନିଃଶବ୍ଦରେ ତାଙ୍କର ନାମ ନେବା । ଏକାଗ୍ରଭାବରେ ନାମ କରୁ କରୁ—ଜପ କରୁ କରୁ—ତାଙ୍କର ରୂପ ଦର୍ଶନ ହୁଏ—ତାଙ୍କର ସାକ୍ଷାତ୍‌କାର ହୁଏ । ଭାରୀ କାଠଗଡ଼ ଶିକୁଳିରେ ବନ୍ଧା ହୋଇ ଗଙ୍ଗାଗର୍ଭରେ ରଖାହୋଇଛି - ଶିକୁଳିର ଆର ମୁଣ୍ଡଟା କୂଳରେ ବନ୍ଧା ହୋଇଛି । ଶିକୁଳିର ଗୋଟିଏ ଗୋଟିଏ କଡ଼ିକୁ (ଲିଙ୍କ୍‌କୁ) ଧରି ଧରି ଯାଇ କ୍ରମେ ସେହି ଶିକୁଳି ସାହାଯ୍ୟରେ ପାଣିରେ ବୁଡ଼ି କାଠଗଡ଼କୁ ଛୁଇଁ ହୁଏ । ଠିକ୍ ସେହିପରି ଜପ କରୁ କରୁ ମଗ୍ନ ହୋଇଗଲେ କ୍ରମେ ଭଗବାନଙ୍କର ସାକ୍ଷାତ୍‌କାର ହୁଏ ।"

କାଳୀପଦ (ସହାସ୍ୟ, ଭକ୍ତମାନଙ୍କୁ)—ଇଏ ଆମର ବଢ଼ିଆ ଠାକୁର !—ଜପ ଧ୍ୟାନ ତପସ୍ୟା କରିବାକୁ ହୁଏ ନାହିଁ !

ଏତିକିବେଳେ ଠାକୁର ହଠାତ୍ କହୁଛନ୍ତି—"ଏଇଟା କେମିତି ହେଉଛି !"

ଠାକୁରଙ୍କ ଗଳଦେଶରେ ବ୍ୟାଧିକଷ୍ଟ । ଦେବେନ୍ଦ୍ର କହୁଛନ୍ତି—"ସେ କଥାରେ ଆଉ ଭୁଲୁ ନାହୁଁ ।" ଦେବେନ୍ଦ୍ରଙ୍କ ମନର ଭାବ ଏହି ଯେ ଠାକୁର କେବଳ ଭକ୍ତମାନଙ୍କୁ ଭୁଲାଇବା ପାଇଁ ବେମାରି ଦେଖାଉଛନ୍ତି ।

ଭକ୍ତମାନେ ବିଦାୟ ଗ୍ରହଣ କଲେ । କେତେଜଣ ଯୁବକ ଭକ୍ତ ପାଳି କରି ରାତିରେ ରହିବେ । ଆଜି ମାଷ୍ଟର ମଧ୍ୟ ରାତିରେ ରହିବେ ।

❖ ❖ ❖